# ମୋ ଜୀବନ ସଂଗ୍ରାମ

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

Digitized by PPRACHIN, SOA

# ମୋ ଜୀବନ ସଂଗ୍ରାମ

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

ଆଶା ପୁସ୍ତକାଳୟ

Digitized by PPRACHIN, SOA

# ମୋ ଜୀବନ ସଂଗ୍ରାମ

**ଡକ୍ଟର ସତ୍ୟନାରାୟଣ ରାଜଗୁରୁ**

ପ୍ରକାଶକ :
**ଶ୍ରୀ ବଳଭଦ୍ର ରଥ**
**ଆଶା ପୁସ୍ତକାଳୟ**
ବାରକସ୍, ବ୍ରହ୍ମପୁର—୭୬୦୦୦୧
ପ୍ରଥମ ସଂସ୍କରଣ—୧୯୯୪
ପ୍ରଚ୍ଛଦ :
**ଶଶିକାନ୍ତ ରାଉତ**
ମୁଦ୍ରଣ :
ଆନନ୍ଦ ପ୍ରେସ୍
ପିଠାପୁର, କଟକ-୧
ମୂଲ୍ୟ :
ସାଦା—ଟ ୬୫-୦୦
ବନ୍ଧାଇ—ଟ ୭୦-୦୦

# MO JEEBANA SANGRAM

**Dr. Satyanarayan Rajguru**

Publisher :
**Sri Balabhadra Rath**
Asha Pustakalaya
Barracks, Berhampur – 760001
1st Edition—1994
Cover Design :
**Sashikanta Rout**
Printer :
**Anand Press**
Pithapur, Cuttack-1
Price :
**Popular Rs. 65-00**
**Deluxe Rs. 70.00**

ISBN 81-86/89-01-7

Digitized by PPRACHIN, SOA

# ମୁଖବନ୍ଧ

ମୋର ଜନ୍ମ ବିଂଶ ଶତାବ୍ଦୀ ପ୍ରାରମ୍ଭରେ । ଜୀବନର ଅନୁଭୂତି ଏବେ ଶତାବ୍ଦୀର ଶେଷ ଦଶକରେ ସ୍ମରଣ କଲେ ଆଶ୍ଚର୍ଯ୍ୟ ଲାଗେ, ସତରେ ମଣିଷ ନିଜର ଜୀବନକାଳ ମଧ୍ୟରେ କେତେ ଅଙ୍କାବଙ୍କା ବନ୍ଧୁର-ଉତ୍‌ଥାନ ପତନ ରାସ୍ତା ଅତିକ୍ରମ କରେ ! ଏ ଶତାବ୍ଦୀଟି ଓଡ଼ିଶା ଓ ଓଡ଼ିଆ ଜାତି ପାଇଁ ଥିଲା ଗୁରୁତ୍ୱପୂର୍ଣ୍ଣ । ମୋର ଜନ୍ମ ତଥା ବାସସ୍ଥାନ ପାରଳାଖେମୁଣ୍ଡି—ପ୍ରାକୃତିକ ଓଡ଼ିଶାର ଏକ ଐତିହାସିକ ସହର ଏବଂ ସ୍ୱନାମଧନ୍ୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସେଇଠାରୁ ଓଡ଼ିଆ ଆନ୍ଦୋଳନ ନିୟନ୍ତ୍ରିତ କରୁଥିବାବେଳେ ମୁଁ ତାଙ୍କର ସହଯୋଗୀ ଭାବେ ଘଟଣା ବହୁଳ ଜୀବନ ଅତିବାହିତ କରିଛି । ସେତେବେଳେ ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଯେଉଁସବୁ ସ୍ମାରକପତ୍ର ପ୍ରସ୍ତୁତ କରାଯାଉଥିଲା ସେଥି ପାଇଁ ଐତିହାସିକ ତଥ୍ୟ ଯୋଗାଉଥିଲି ମୁଁ ନିଜେ । ଗଜପତି କୃଷ୍ଣଚନ୍ଦ୍ର ଦେବ ଓଡ଼ିଶା ପ୍ରଦେଶ ଗଠନ ଦାବୀ କରିବା ପାଇଁ ଯେଉଁ ଉପାଦାନ ଚାହୁଁଥିଲେ—ତାହା ଐତିହ୍ୟ ସମ୍ପନ୍ନ ଏ ଓଡ଼ିଆ ଜାତିର ଅତୀତକୁ ଖୋଳତାଡ଼ ବାହାର କରି ଯୋଗାଇ ଦେବା ଏବଂ ସେ ସେହି ତଥ୍ୟକୁ ଭିତ୍ତି କରି ବିଶ୍ୱଦରବାରରେ ଓଡ଼ିଆଙ୍କ ପ୍ରତିନିଧି ଭାବେ ଏ ଜାତିର ନ୍ୟାଯ୍ୟ ଅଧିକାର ହାସଲ କରୁଥିବା ଯୋଗୁଁ ମୁଁ କେତେ ଯେ ଆନନ୍ଦ ପାଇଛି, ସେଇଟି ବାସ୍ତବରେ ବର୍ଣ୍ଣନାତୀତ ।

ଆଜିକୁ ପ୍ରାୟ କୋଡ଼ିଏ ବର୍ଷ ପୂର୍ବେ ମୋର କେତେଜଣ ସାହିତ୍ୟିକ ବନ୍ଧୁଙ୍କ ଅନୁରୋଧ କ୍ରମେ 'ମୋ ଜୀବନ ସଂଗ୍ରାମ' ଆତ୍ମଜୀବନୀ ପୁସ୍ତକ ଲେଖିବା ଆରମ୍ଭ କରିଥିଲି । ଧାରାବାହିକ ରୂପେ ୧୯୧୨ ସାଲରୁ ମୁଁ ନିଜର ଡାଏରୀରେ ଦୈନିକ କାର୍ଯ୍ୟାବଳୀ ଲିପିବଦ୍ଧ କରିଥିବାରୁ ଆତ୍ମଜୀବନୀ ଲେଖିବାକୁ ମୋତେ ସୁବିଧା ହୋଇଥିଲା । ମୋ ପରି ଜଣେ ବସ୍ତୁନିଷ୍ଠ ଗବେଷକ, ଲେଖକ ତଥା ସମାଜସେବୀର ଜୀବନ ଉତ୍‌ଥାନ ପତନ ତଥା କଠିନ ସଂଗ୍ରାମ ମଧ୍ୟରେ ପ୍ରବାହିତ ହୋଇଥିବା ଯୋଗୁଁ ଯୁବସମାଜ ଓ ପରବର୍ତ୍ତୀ ପିଢ଼ି ମୋର ଏସବୁ ଅନୁଭୂତିରୁ କିଛି ପ୍ରେରଣା ପାଇବେ ଭାବି ଏ ପୁସ୍ତକ ରଚନା କରିଥିଲି । କଳେବର ବୃଦ୍ଧି ତଥା ଅଧିକ ମୂଲ୍ୟ ହୋଇଯିବା ଆଶଙ୍କା କରି ଏଗ୍ରନ୍ଥକୁ ଦୁଇଭାଗରେ ପ୍ରକାଶ କରାଇବା ନିଷ୍ପତ୍ତି ନେଲି । ସମଗ୍ର ଦେଶ ପାଇଁ ଖ୍ରୀ: ୧୯୪୭ ରାଜନୈତିକ ଓ ସାଂସ୍କୃତିକ ପୃଥକୀକରଣ ତଥା ଦେଶ ଓ କାଳର ବିଭାଜକ ରେଖା ଭାବେ ଇତିହାସ

Digitized by PPRACHIN, SOA

ପ୍ରସିଦ୍ଧ । ଠିକ୍ ସେତିକିବେଳେ ମୋ ଜୀବନର ମଧ୍ୟାହ୍ନ । ଏଣୁ 'ମୋ ଜୀବନ ସଂଗ୍ରାମ'ର ଏହି ପ୍ରଥମ ଭାଗରେ ୧୯୪୭ ଯାଏଁ ଘଟଣାବଳୀର ଉପସ୍ଥାପନ କଲି ଏବଂ ସ୍ୱାଧୀନତା ପରବର୍ତ୍ତୀ ମୋର ଜୀବନ ବୃତ୍ତାନ୍ତ ଓ ଇତିହାସ ଗବେଷଣାର ଧାରାବିବରଣୀ ଦ୍ୱିତୀୟ ଭାଗରେ ଖୁବ୍ ଶୀଘ୍ର ପ୍ରକାଶ ପାଇବ ।

କିଛିବର୍ଷ ପୂର୍ବେ ଚକଟିର ଶ୍ରୀ ନରସିଂହ ଦେଓଙ୍କ ସଂପାଦନାରେ ପ୍ରକାଶ ପାଉଥିବା ଏକ ସାହିତ୍ୟ ପତ୍ରିକାର କେତୋଟି ସଂଖ୍ୟାରେ ଏ ଗ୍ରନ୍ଥର କିଛି ଅଂଶ ଧାରାବାହିକ ଭାବେ ପ୍ରକାଶ ପାଇଥିଲା । କିନ୍ତୁ ସମ୍ପୂର୍ଣ୍ଣ ପାଣ୍ଡୁଲିପି ଗ୍ରନ୍ଥାକାରରେ ପ୍ରକାଶିତ ହୋଇ ନ ପାରି ବହୁବର୍ଷ ମୋ ପାଖରେ ରହିଗଲା । ବ୍ରହ୍ମପୁରର ଆଇନଜୀବୀ ତଥା ନିଷ୍ଠାପର ସାହିତ୍ୟିକ ଶ୍ରୀ ପଦ୍ମ ଚରଣ ସାହୁ, ତାଙ୍କ ଦ୍ୱାରା ରଚିତ ପାରଳା ମହାରାଜାଙ୍କ ଜୀବନୀ 'ଶତାବ୍ଦୀ ପୁରୁଷ କୃଷ୍ଣଚନ୍ଦ୍ର ଗଜପତି' ଗ୍ରନ୍ଥର ମୁଖବନ୍ଧ - ଲେଖାଇବା ପାଇଁ ୧୯୯୬ ଏପ୍ରିଲ ମଧ୍ୟ ଭାଗରେ ମୋ ପାଖକୁ ପୁରୀ ଆସିଲେ । ସେ କାର୍ଯ୍ୟ ସମାପନ ପରେ ଶ୍ରୀଯୁକ୍ତ ସାହୁ ମୋ ସହିତ ମୋର ଆତ୍ମଜୀବନୀ ପ୍ରସଙ୍ଗ ଆଲୋଚନା କଲେ ଏବଂ କୌଣସି ପ୍ରକାଶକଙ୍କ ସହିତ ଯୋଗାଯୋଗ କରି ପ୍ରକାଶନ ବ୍ୟବସ୍ଥା କରାଇବା ପାଇଁ 'ମୋ ଜୀବନ ସଂଗ୍ରାମ'ର ପାଣ୍ଡୁଲିପି ନେଲେ । ତାହା ନ ହୋଇ ଥିଲେ ଆହୁରି କେତେବର୍ଷ ଯାଏଁ ଏହା ଅପ୍ରକାଶିତ ରହି ଥାଆନ୍ତା—କହି ହେଉ ନାହିଁ ।

ଏ ଗ୍ରନ୍ଥର ପ୍ରକାଶନ ଅବସରରେ ସୁସାହିତ୍ୟିକ ଶ୍ରୀଯୁକ୍ତ ପଦ୍ମ ଚରଣ ସାହୁଙ୍କ ସମେତ ଆଶା ପୁସ୍ତକାଳୟ କର୍ତ୍ତୃପକ୍ଷ ପ୍ରକାଶକ ଶ୍ରୀ ବଳଭଦ୍ର ରଥ ଏବଂ ଶ୍ରୀରଥଙ୍କ ଦୁଇ ପୁତ୍ର ଗୋପୀନାଥ ଓ ବିଷ୍ଣୁପ୍ରସାଦଙ୍କ ପ୍ରତି ମୁଁ ସାଧୁବାଦ ଜ୍ଞାପନ କରୁଛି । ଏଥିରେ ସନ୍ନିବେଶିତ 'ମୋ ଜୀବନ ସଂଗ୍ରାମ'ର ଇତିବୃତ୍ତ ଓଡ଼ିଶା ଇତିହାସର ଗବେଷକ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟରତ ସୁଧୀବର୍ଗଙ୍କ ଉପକାରରେ ଲାଗିଲେ ନିଜକୁ ଗୌରବାନ୍ୱିତ ମନେ କରିବି ।

ଶ୍ରୀ ଗୁଣ୍ଡିଚା—୧୯୯୮
ଶ୍ରୀବିହାର, ପୁରୀ

Digitized by PPRACHIN, SOA

# ମୋ ଜୀବନ ସଂଗ୍ରାମ

ବହୁକାଳରୁ ମୁଁ ଭାବୁଥାଏ ଆତ୍ମକାହାଣୀ ସଙ୍ଗେ ସାହିତ୍ୟର କି ସମ୍ପର୍କ ? କେତେକ ଇଂରାଜୀ କବି, ବୈଜ୍ଞାନିକ, ରାଜନୈତିକ ନେତା ତଥା ଅନ୍ୟାନ୍ୟ ମନୀଷିଙ୍କର ଜୀବନ କାହାଣୀ ମୁଁ ପଢ଼ିଛି । ସେଥିରୁ ଅନ୍ତତଃ ଏତିକି ବୁଝିପାରିଥିଲି ଯେ, ଜୀବନରେ କେତେ ଘାତ-ପ୍ରତିଘାତ, କେତେ ଦୁଃଖ କଷ୍ଟ ଭିତର ଦେଇ ସେମାନେ ମନୁଷ୍ୟର ମଙ୍ଗଳପାଇଁ ଯେଉଁ କୃତି ଅର୍ଜନ କରିଥିଲେ, ସେଥିରୁ ପ୍ରତ୍ୟେକରେ କିଛି କିଛି ଶିକ୍ଷା କରିବା ଉପାଦାନ ରହିଛି । ପୃଥିବୀରେ ଅତି ଉଚ୍ଚତମ ସ୍ଥାନ ଓ ପ୍ରତିଷ୍ଠା ଯେଉଁମାନେ ପାଇଛନ୍ତି ତାଙ୍କର ଶୈଶବ ଓ ଯୌବନର ଘଟଣାବଳୀ ଜଣେ ଯେ କେହି ସାଧାରଣ ମନୁଷ୍ୟର ସେଇ ସେଇ ସମୟର ଘଟଣା ସଙ୍ଗେ ପ୍ରାୟ ସମାନ କହିଲେ ଚଳେ । ତଥାପି ମଣିଷ ମଣିଷ ଭିତରେ ଯେଉଁ ତାରତମ୍ୟ ତାହା କେବଳ ଶିକ୍ଷା ଓ ବୁଦ୍ଧିର ବିକାଶ ଉପଲବ୍ଧ ନୁହେଁ ବରଂ ପାରିପାର୍ଶ୍ୱିକ ଅବସ୍ଥା ଓ ସଙ୍ଗ ସୁବିଧା ହେତୁ, ଅଧିକାଂଶ କ୍ଷେତ୍ରରେ ଜଣେ ବରେଣ୍ୟ ମନୀଷିରେ ପରିଣତ ହେଉଥିବାବେଳେ ଅନ୍ୟଜଣେ ଅବହେଳିତ ଓ ଘୃଣିତ ଜୀବନ ଯାପନ କରେ । ଏଣୁ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଲି ଯେ ମନୁଷ୍ୟର ଶିକ୍ଷା ଓ ପ୍ରତିଷ୍ଠା ଉନ୍ନତି ପଥର ଏକ ପଞ୍ଚମାଂଶ ଆଧାର ଯୋଗାଉଥିବାବେଳେ ଅଧିକାଂଶ ପାରିପାର୍ଶ୍ୱିକ ଅବସ୍ଥା ତାକୁ ଉନ୍ନତ କିମ୍ବା ଅବନତ କରିଥାନ୍ତି । ଏ ଦୃଷ୍ଟିରୁ ବିଚାର କଲେ ମଣିଷର ଆତ୍ମକାହାଣୀରୁ ପ୍ରଚୁର ଅନୁଭୂତ ଓ ଶିକ୍ଷଣୀୟ ତଥ୍ୟ ଉପଲବ୍ଧ ହୋଇପାରେ । ଯେଉଁଥିରୁ ମଣିଷର ଶିକ୍ଷଣୀୟ ବିଷୟ ଆତ୍ମପ୍ରକାଶ କରୁଛି ତାକୁ ଆମେ ସାହିତ୍ୟ ଆଖ୍ୟା ନ ଦେବା କିପରି ?

ମୋର ଅନେକ ବନ୍ଧୁଙ୍କର ଅନୁରୋଧକ୍ରମେ ବର୍ତ୍ତମାନ ଯେଉଁ ଆତ୍ମକାହାଣୀ ୭୨ ବର୍ଷ ବୟସରେ * ଲେଖିବାକୁ ଯାଉଛି ତାହା ଅଧ୍ୟାପକ କିଶୋର ଚନ୍ଦ୍ର ଦାସଙ୍କ ସାହାଯ୍ୟରେ ହିଁ ସଫଳ ହୋଇ ପାରିଛି । କାରଣ ବର୍ତ୍ତମାନ ବହୁ ଜଞ୍ଜାଳ ଭିତରେ ପଡ଼ି ମୁଁ ନିଜେ ଏପରି ଗୋଟିଏ ବିରାଟ ଆତ୍ମକାହାଣୀ ଲେଖିବାକୁ ସମର୍ଥ ହୁଅନ୍ତି

---

* ୧୯୭୫ରେ 'ମୋ ଜୀବନ ସଂଗ୍ରାମ' ଲେଖିବା ଆରମ୍ଭ ହୋଇଥିଲା । ସେତେବେଳକୁ ମୋର ବୟସ ଥିଲା ୭୨ ବର୍ଷ ।

Digitized by PPRACHIN, SOA

ନାହିଁ । ପ୍ରଥମତଃ କଲମ ଧରି ଲେଖିଲାବେଳେ ମୋର ହାତରେ ବେଦନା ଅନୁଭବ କରେ । ପୁଣି ପାରିବାରିକ ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟରେ ମାନସିକ ଦୁର୍ବଳତା ଏତେ ଦୂର ବଢ଼ିଯାଇଛି ଯେ, ମୁଁ ଇଚ୍ଛା କଲେ ମଧ୍ୟ ଏହା ଲେଖିବାକୁ ସମର୍ଥ ହୋଇ ପାରନ୍ତି ନାହିଁ । ତେଣୁ ଏ ପୁସ୍ତକର ଯଶ ମୁଁ ଉପରୋକ୍ତ ଅଧ୍ୟାପକଙ୍କ ଠାରେ ଦେଉଛି ।

କେତେକ ବର୍ଷ ପୂର୍ବେ ମୁଁ ଅନୁଭବ କଲି ଯେ ଓଡ଼ିଶାର ଇତିହାସ ଲେଖିବାକୁ ହେଲେ କେବଳ ରାଜବଂଶ ଓ କେତେକ ରାଜନୈତିକ ଘଟଣାବଳୀ ଆଲୋଚନା କରି ସେଥିର ପରିସମାପ୍ତି କରି ହୁଏ ନାହିଁ ବରଂ ଦେଶରେ ଯେଉଁ ବୁଦ୍ଧିଜୀବୀ ଓ ଶାରୀରିକ ପରାକ୍ରମଶାଳୀ ଲୋକଙ୍କ ସାହଚର୍ଯ୍ୟରେ ରାଷ୍ଟ୍ରର ଅଭ୍ୟୁଦୟ କିମ୍ବା କ୍ଷୟ ସମ୍ଭବ ହୋଇଥାଏ, ସେମାନଙ୍କର ଯଥା ସମ୍ଭବ ପରିଚୟ ଦେବା ଆବଶ୍ୟକ । ବାସ୍ତବ କ୍ଷେତ୍ରରେ ରାଜାମାନେ ପୂର୍ବକାଳରୁ ବୁଦ୍ଧିଜୀବୀ ତଥା ବଳିଷ୍ଠ ସାମରିକ ଶକ୍ତି ସାହାଯ୍ୟରେ ଶାସନ ବିସ୍ତାର କରୁଥିଲେ । ଯେଉଁ ଅଶୋକ, ଖାରବେଳଙ୍କୁ ଆମେ ଉତ୍ତମ ରାଜା ରୂପେ ଓଡ଼ିଶା ଇତିହାସରେ ଚର୍ଚ୍ଚିତ କରୁ ସେମାନେ ତତ୍କାଳୀନ ଜାତିର କାର୍ଯ୍ୟସଫଳତାର ପ୍ରତୀକ । ଚାଣକ୍ୟଙ୍କ ପରି କୂଟନୀତିଜ୍ଞ ଯଦି ଜନ୍ମ ଲାଭ କରି ନ ଥାନ୍ତେ ତା' ହେଲେ ଭାରତର ମୌର୍ଯ୍ୟବଂଶ ସ୍ଥାପିତ ହୁଅନ୍ତା କିପରି ? କାଳିଦାସଙ୍କ ପରି କବି ଓ ପଣ୍ଡିତ ଯଦି ସହଯୋଗ କରି ନ ଥାନ୍ତେ, ଗୁପ୍ତବଂଶର ପ୍ରତିଭା ବିକାଶ ହୁଅନ୍ତା ନାହିଁ । ବାଣଭଟ୍ଟଙ୍କ ହେତୁ ଆଜି ହର୍ଷବର୍ଦ୍ଧନଙ୍କ ବୀରତ୍ୱ ଭାରତ ଇତିହାସରେ ସ୍ଥାନ ପାଇଛି । ହୁଏନ୍‌ସାଂ ଯଦି ଭାରତ ଭ୍ରମଣ କରି ନଥାନ୍ତେ ଏ ଦେଶର ଇତିହାସରୁ ବହୁ ଅଂଶ ଲୁପ୍ତ ହୋଇ ରହନ୍ତା । ଏଣୁ ମନୀଷିମାନଙ୍କ ସମ୍ବନ୍ଧରେ ଯଥାସମ୍ଭବ ଇତିହାସ ରଚନା କରିବା ଆବଶ୍ୟକ । ତେବେ ଏପରି ଧାରାବାହିକ ଇତିହାସ ପାଇଁ ଉପଯୁକ୍ତ ପ୍ରମାଣ ଏବଂ ଉପାଦାନ ଆମ୍ଭେ ପାଉନାହୁଁ ।

ଓଡ଼ିଶାରେ ଆର୍ଯ୍ୟଯୁଗର ଆରମ୍ଭ କାଳରୁ ରାଜନୀତି କ୍ଷେତ୍ରରେ ବୁଦ୍ଧିଜୀବୀ ବ୍ରାହ୍ମଣ ଏବଂ ଉଚ୍ଚ କାୟସ୍ଥ ସମ୍ପ୍ରଦାୟଙ୍କର ଅବଦାନ ଯଥେଷ୍ଟ ପରିମାଣରେ ଦେଖିବାକୁ ମିଳେ । ବିଭିନ୍ନ ଦେଶରୁ ଆହୃତ ହୋଇ ରାଜାମାନଙ୍କ ସାହଚର୍ଯ୍ୟରେ ଯେଉଁ ପଣ୍ଡିତ, କବି ଓ ଗୁଣବାନ୍ ବ୍ୟକ୍ତିମାନେ ଏ ଦେଶରେ ବସବାସ କଲେ ସେମାନଙ୍କର ସଂସ୍କୃତି, ସାହିତ୍ୟ, କଳା ଓ ବିଜ୍ଞାନ ଏ ଦେଶବାସୀଙ୍କୁ ଜମୋନ୍ନତି ପଥରେ ଉନ୍ନିତ କରିଛି । ଉଦାହରଣ ସ୍ୱରୂପ -ପଶ୍ଚିମ ଓଡ଼ିଶାର ସୋମବଂଶୀୟ ରାଜାମାନେ ଉତ୍ତର ଭାରତରୁ ବ୍ରାହ୍ମଣ ପଣ୍ଡିତଙ୍କୁ ଆଣି ଶାସନ ଦାନ କରିଥିଲେ । ମଧ୍ୟଯୁଗରେ ଭୌମବଂଶୀୟ ରାଜାମାନେ ପୂର୍ବ ଭାରତରୁ ସେହିପରି ବୌଦ୍ଧଧର୍ମାବଲମ୍ବୀ ପଣ୍ଡିତମାନଙ୍କୁ ଅଣାଇ ଏ ରାଜ୍ୟରେ ସ୍ଥାନ ଦେଇଥିଲେ । ସେହିପରି ଦକ୍ଷିଣ ଭାରତର ବହୁ ବ୍ରାହ୍ମଣ ପଣ୍ଡିତ ଗଙ୍ଗ ବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରେ ଓଡ଼ିଶାରେ ସ୍ଥାୟୀ ଭାବେ ବାସ କରିଥିବା

Digitized by PPRACHIN, SOA

ପ୍ରସଙ୍ଗ ଅଭିଲେଖମାନଙ୍କରୁ ପ୍ରକଟିତ ହୁଏ । ଫାହିୟାନ ତାଙ୍କର ଭ୍ରମଣ ବୃତ୍ତାନ୍ତରେ ଲେଖିଛନ୍ତି ଯେ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରେ ବା ତତ୍ପୂର୍ବରୁ କୌଣ୍ଡିନ୍ୟ ବଂଶୀୟ ଜଣେ ବ୍ରାହ୍ମଣ ଇଣ୍ଡୋନେସିଆରେ ଗୋଟିଏ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ତାଙ୍କର ବାସ ସ୍ଥାନ ଥିଲା କଳିଙ୍ଗ ଦେଶ । ସୁତରାଂ କଳିଙ୍ଗରେ ଆଜକୁ ପ୍ରାୟ ୧୪ଶ ବର୍ଷ ପୂର୍ବେ କୌଣ୍ଡିନ୍ୟ ବଂଶୀୟ ବ୍ରାହ୍ମଣମାନେ ଅବସ୍ଥାନ କରୁଥିବା ଏଥିରୁ ପ୍ରମାଣିତ ହୁଏ । ଫାହିୟାନଙ୍କ ଲିଖିତ ଗ୍ରନ୍ଥ ପାଠ କଲାବେଳେ ମୁଁ ମନେ କଲି ସତେ କ'ଣ ଆମର ବଂଶ ଏ ଦେଶରେ ସେହି କାଳରୁ ଅବସ୍ଥାନ କରୁଥିଲେ ? ମୋର ଏ ବିସ୍ମୟର କାରଣ ହେଉଛି ଆମ ପରିବାର କୌଣ୍ଡିନ୍ୟ ବଂଶୀୟ ଓ ସାମବେଦାନ୍ତର୍ଗତ କୁଥୁମ ଶାଖାଧ୍ୟାୟୀ ବ୍ରାହ୍ମଣ । ତେବେ ସୋମବଂଶୀୟ ପ୍ରାଚୀନ ରାଜାମାନଙ୍କ ଦ୍ୱାରା ଶାସିତ କଳିଙ୍ଗ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରୁ ଆରମ୍ଭ କରି ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଯେଉଁ ଯେଉଁ ଅଞ୍ଚଳରେ ଶାସନ ବିସ୍ତାର କରିଥିଲେ ସେଇ ସେଇ ଅଞ୍ଚଳରେ ଏହି ସମ୍ପ୍ରଦାୟର ବ୍ରାହ୍ମଣ ଅଧିକାଂଶ ଦେଖାଯାନ୍ତି । ଖ୍ରୀଷ୍ଟୀୟ ୧୨ଶ ଶତାବ୍ଦୀରେ ଯେତେବେଳେ ମହାରାଜ ଚୋଡ଼ଗଙ୍ଗ ଓଡ଼ିଶା ଅଧିକାର କରି ମୁଖଲିଙ୍ଗଠାରୁ ତାଙ୍କର ରାଜଧାନୀ ଉଠାଇ ନେଇ କଟକରେ ସ୍ଥାପନ କଲେ ସେତେବେଳୁ ପୁରୀ ଅନ୍ତର୍ଗତ ପିଲିପିଲା ଶାସନରେ ଆମର ପୂର୍ବପୁରୁଷ ରହୁଥିବାର କିମ୍ବଦନ୍ତୀ ଅଛି । ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଗଙ୍ଗବଂଶୀୟ ଶାସନ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିଥିଲା । ସେ ବଂଶର ଶେଷ ରାଜା ଚତୁର୍ଥଭାନୁ ଓରଫ ନିଶଙ୍କ ଭାନୁ ବିତାଡ଼ିତ ହୋଇ ଦକ୍ଷିଣକୁ ପଳାୟନ କରିଥିବା କିମ୍ବଦନ୍ତୀରୁ ସୂଚିତ ହୁଏ । ସେତେବେଳେ ତାଙ୍କ ସଙ୍ଗେ ତାଙ୍କର ପୁରୋହିତ, ମନ୍ତ୍ରୀ ଏବଂ ଅନ୍ୟାନ୍ୟ ରାଜକର୍ମଚାରୀ ଦକ୍ଷିଣରେ କୌଣସି ପାର୍ବତୀୟ ରାଜ୍ୟରେ ବସତି ସ୍ଥାପନ କଲେ । ବର୍ତ୍ତମାନ କୋରାପୁଟ ଜିଲ୍ଲାରେ ଥିବା ବିଷମକଟକ ତାଙ୍କର ପ୍ରଧାନ ଦୁର୍ଗ ଥିଲା । ସେଠାରୁ ଚନ୍ଦକୋଟର ନାଗ-ବଂଶୀୟ ରାଜାମାନଙ୍କ ଦ୍ୱାରା ଘନଘନ ଆକ୍ରାନ୍ତ ହୋଇ ସେମାନେ ଆଧୁନିକ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାରେ ଥିବା ପୁରୁଣା ପାଟଣାରେ ରାଜଧାନୀ ସ୍ଥାପନ କଲେ । ତାଙ୍କ ସଙ୍ଗେ ସମ୍ଭବତଃ ଆମର କେହି ପୂର୍ବପୁରୁଷ ଏଠାକୁ ଆସିଥିଲେ । ତେବେ ସେ ବଂଶର ଗୋଟିଏ ଶାଖା ଶ୍ୱେତକ ଗଙ୍ଗମାନଙ୍କ ସମୟରୁ ବ୍ରହ୍ମପୁର ସନ୍ନିକଟ ରଙ୍ଗୀପୁର ଶାସନରେ ଅବସ୍ଥାନ କରୁଥିଲେ । ଖ୍ରୀଷ୍ଟ ୧୦ମ ଶତାବ୍ଦୀ ଠାରୁ ଖେମୁଣ୍ଡି ଗୋଟିଏ ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହୋଇଥିବା ଇତିହାସରୁ ଜଣାଯାଏ । ସେଠାରେ ଏହି ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ ବିସ୍ତାର କରି କାଳକ୍ରମେ ପାରଲାଖେମୁଣ୍ଡି, ବଡ଼ ଖେମୁଣ୍ଡି ଓ ସାନ ଖେମୁଣ୍ଡି ଏପରି ତିନୋଟି ଭାଗରେ ବିଭକ୍ତ କଲେ । ପାରଲାଖେମୁଣ୍ଡିରେ ଯେଉଁ ରାଜଗୁରୁ ବଂଶ ପୌରହିତ୍ୟ କରୁଥିଲେ ତାଙ୍କର କେହି ଜଣେ ପୂର୍ବପୁରୁଷ ଅପୁତ୍ରିକ ହେବାରୁ ସ୍ୱୀୟ ବଂଶୀୟ ରଙ୍ଗୀପୁରଠାରୁ ମଧୁ ତ୍ରିପାଠୀ ନାମକ ଜଣେ ପୁତ୍ର ଲାଭ କରି କୌଣ୍ଡିନ୍ୟ ବଂଶ ଏଠାରେ ସ୍ଥାପନ କଲେ । ମୁଖ୍ୟତଃ ସେମାନଙ୍କ ସଂଜ୍ଞା ଥିଲା ତ୍ରିପାଠୀ

Digitized by PPRACHIN, SOA

ଏବଂ ରାଜଗୁରୁ ଗୋଟିଏ ଉପାଧି ମାତ୍ର । ଆମ ବଂଶ ସମ୍ବନ୍ଧରେ ଯେଉଁ ବଂଶାବଳୀ, ମୁଁ ସଂଗ୍ରହ କରିଥିଲି ତାହା ମୋର 'History of the Gangas' Part-II, page 170 A ରେ ପ୍ରକାଶ କରିଛି । ତାହା ଏଠାରେ ପୁନରାବୃତ୍ତି କରିବା ନିଷ୍ପ୍ରୟୋଜନ । ଏହି ବଂଶରେ ବହୁ ପଣ୍ଡିତ ଓ କବି ଜନ୍ମଲାଭ କରିଥିଲେ । ତାଙ୍କ ମଧ୍ୟରୁ ଖ୍ରୀଷ୍ଟ ଅଷ୍ଟାଦଶ ଶତାବ୍ଦୀର କବି ଲୋକନାଥ ତ୍ରିପାଠୀଙ୍କର ରଚିତ 'କବିକଣ୍ଠହାର' ନାମକ ସଂସ୍କୃତ ଅଳଙ୍କାର ଗ୍ରନ୍ଥ ଏବଂ ଚୈତନ୍ୟ ରାଜଗୁରୁଙ୍କ ରଚିତ 'ଗୌରଭାଷିଣୀ' ଓ 'ନାଟକ ପ୍ରଦୀପ' ନାମକ ଗ୍ରନ୍ଥ ଉଲ୍ଲେଖଯୋଗ୍ୟ । ତାଙ୍କ ଭ୍ରାତା ଗୋପୀନାଥ ତ୍ରିପାଠୀଙ୍କର ରଚିତ 'କାଳିକାର୍ଚ୍ଚନ ପ୍ରକାଶିକା'ରେ ନିମ୍ନୋକ୍ତ ପ୍ରକାରେ ନିଜର ପରିଚୟ ଦେଇ ଅଛନ୍ତି ।

"କୌଣ୍ଡିନ୍ୟ ବଂଶୋ-ଦ୍ଭବ ଗୋପୀନାଥ
ତ୍ରିପାଠୀ ନାମା ଭୁବି ଭୂ ସୁରେଣ
କାଳିକାର୍ଚ୍ଚନ ପ୍ରକାଶ ନିକୃତା
... ... ... ... ... "

ଆମ ପରିବାରର ଇଷ୍ଟ ଦେବୀ ଦକ୍ଷିଣକାଳିକାଙ୍କୁ ବନ୍ଦନା କରି ସେ ଲେଖି ଅଛନ୍ତି—

"ତ୍ରିପାଠୀ ବଂଶୋ-ଦ୍ଭବ ଗୋପୀନାଥ
ଦେବ୍ୟାର୍ଚ୍ଚନେ ଶୁଦ୍ଧ ଚେତଃ ସମସ୍ତାଃ ।"

ଏମାନଙ୍କର ପାଣ୍ଡିତ୍ୟ ହେତୁ ପାରିତୋଷିକ ରୂପେ ଗଙ୍ଗ ବଂଶୀୟ ରାଜାମାନେ ବହୁ ଗୋଦାନ କରିଥିଲେ । ତେଣୁ ସେମାନଙ୍କର ଅଭାବ ଅବୌ ନଥିଲା ଓ ସ୍ଥିର ଚିତ୍ତରେ ସେମାନେ ଗ୍ରନ୍ଥ ରଚନା କରିବାରେ ଆତ୍ମନିଯୋଗ କରିଥିଲେ ।

କେବଳ ତ୍ରିମୂର୍ତ୍ତି ରାଜ୍ୟରେ କାହିଁକି ପ୍ରାଚୀନ କାଳରୁ ଆରମ୍ଭ କରି ବ୍ରିଟିଶ ଆଗମନ ପର୍ଯ୍ୟନ୍ତ ଗଡ଼ଜାତ ରାଜାମାନେ ଏପରି ଉଚ୍ଚ ଶ୍ରେଣୀସ୍ଥ ବୁଦ୍ଧିଜୀବୀମାନଙ୍କୁ ପ୍ରଚୁର ଭୂସଂପଦ ଦାନ କରି ସେମାନଙ୍କର ଜ୍ଞାନ ଚର୍ଚ୍ଚା ପାଇଁ ସବୁବିଧ ସୁବିଧା କରାଇ ଦେଉଥିଲେ । ଏହା ଫଳରେ ମଧ୍ୟଯୁଗରେ ଯେଉଁ ସାହିତ୍ୟ ସଙ୍ଗୀତ ଓ ବିଜ୍ଞାନ ପ୍ରଭୃତି ଓଡ଼ିଶାରେ ରଚିତ ହୋଇଛି ତାହା ତତ୍କାଳୀନ ସାମାଜିକ ପରିସ୍ଥିତିର ସୁଫଳ କହିଲେ ଅଯୁକ୍ତ ହେବ ନାହିଁ ।

ପୁରୁଣା ପାଟଣାରୁ ରାଜଧାନୀ ଉଠାଇ ଆଣି ପାରଳାଖେମୁଣ୍ଡିରେ ତାହା ସ୍ଥାପିତ ହେଲାବେଳେ ମହାରାଜ ନରହରି ନାରାୟଣ ଦେବଙ୍କ ସମୟରେ ଅର୍ଥାତ ଖ୍ରୀଷ୍ଟ ୧୭ଶ ଶତାବ୍ଦୀରେ ମଧୁ ତ୍ରିପାଠୀ ତାଙ୍କର ପୌରୋହିତ୍ୟ କରି ରାଜଗୁରୁ ଉପାଧି ଲାଭ କରିଥିଲେ । କିମ୍ବଦନ୍ତୀ ଅଛି—ସେ ସେ ଏକ ସମୟରେ ଗୋଟିଏ ବାଳିକାର ହସ୍ତରେଖା ଦେଖି ତାକୁ କହିଥିଲେ ଯେ ତାର ସ୍ୱାମୀ ମନ୍ତ୍ରୀ ହେବ; କିନ୍ତୁ ସେ ବାଳିକାର ସ୍ୱାମୀ ରାଜାଙ୍କର

Digitized by PPRACHIN, SOA

ଗୋଟିଏ ନମ୍ରତମ ଚାକର ଥିଲା । ତାର ନାମ ପରଶୁ ପାଢ଼ । ଦିନେ ରାଜା ଓ ରାଣୀ ପ୍ରାସାଦରେ ବସି ବାହାରକୁ ରାସ୍ତା ଆଡ଼େ ଚାହିଁଥିଲେ, ସେତେବେଳେ ମନ୍ତ୍ରୀ ସବାରିରେ ବସି ପ୍ରାସାଦକୁ ସେଇ ରାସ୍ତାରେ ଆସୁଥିବାର ଦେଖାଗଲା । ବହୁ ଲୋକ ତାଙ୍କର ସବାରି ପଛରେ ଗୋଡ଼ାଇ ଥାନ୍ତି । ଏ ଦୃଶ୍ୟ ଦେଖି ରାଣୀ ଟିକିଏ ବ୍ୟଙ୍ଗ ଛଳରେ ହସି ଦେଇ ରାଜାଙ୍କୁ କହିଲେ ଦେଖ ତୁମର ମନ୍ତ୍ରୀ ପଛରେ କେତେ ଲୋକ ଗୋଡ଼ାଇଛନ୍ତି । ତମେ ତ ପାରିଧିକି ଗଲାବେଳେ ଏପରି ଲୋକ ଗୋଡ଼ାଇବା ଦେଖାଯାଏନି । ରାଜା ମନରେ ଟିକିଏ ରୁଷ୍ଟ ହୋଇ କହିଲେ, ତୁମେ କ'ଣ କହୁଛ ? ଆମଠାରୁ ମନ୍ତ୍ରୀଙ୍କର କ୍ଷମତା କ'ଣ ବେଶୀ ? ରାଣୀ ଉତ୍ତର ଦେଲେ ତା' ନୁହେଁ ତ ଆଉ କ'ଣ ? ତୁମେ କାଷ୍ଠ ପ୍ରତିମା, ସେ ହେଉଛନ୍ତି ଚଳନ୍ତି ପ୍ରତିମା । ରାଜା କହିଲେ ଏହି ମନ୍ତ୍ରୀଙ୍କୁ ଆମେ ଶାଢ଼ୀ ଶିରୋପା ଦେଇଛୁ । ତେଣୁ ସେ ଯେଉଁ କ୍ଷମତା ପାଇଛନ୍ତି ତାହା ଆମରି ଦାନ । ରାଣୀ ପଚାରିଲେ—ତୁମେ ଦାନ ଦେଇପାର; କିନ୍ତୁ ତାହା ହରଣକରିବା ଶକ୍ତି ତୁମଠାରେ ନାହିଁ । ରାଜା ଅତ୍ୟନ୍ତ କ୍ରୁଦ୍ଧ ସ୍ୱରରେ ଡାକିଲେ କିଏ ଅଛରେ ! ସେତେବେଳକୁ ପରଶୁପାଢ଼ ବାହାରେ ଠିଆ ହୋଇଥିଲା । ଧାଇଁ ଆସିଲା ରାଜାଙ୍କ ସମୀପକୁ । ରାଜା ରାଣୀଙ୍କୁ ଚାହିଁ କହିଲେ ଦେଖ ମୁଁ କ'ଣ କରିପାରେ । ଏହା କହି ସେ ନିଜ ହସ୍ତରେ ଗୋଟିଏ ଶାଢ଼ୀ ଶିରୋପା ପରଶୁପାଢ଼ ମୁଣ୍ଡରେ ଗୁଡ଼ାଇ ଦେଇ କହିଲେ ଆଜିଠାରୁ ତୁ ଆମର ମନ୍ତ୍ରୀ । ଯାଅ ସିଂହଦ୍ୱାରରେ ଜଗୁଆଳିଙ୍କୁ କହିଦେବୁ ମନ୍ତ୍ରୀଙ୍କୁ ପ୍ରାସାଦ ଭିତରକୁ ଯିବା ମନା ହୋଇଛି । ଏହାହିଁ ହେଲା । ସେଦିନ ସନ୍ଧ୍ୟାବେଳେ ବାଦ୍ୟ ଘୋଷ ଓ ଦୀପ ଦହୁଡ଼ିଧରି ସବାରିରେ ବସି ପରଶୁପାଢ଼ ଓରଫ ମନ୍ତ୍ରୀ ପର୍ଶୁରାମ ପାଢ଼ ନିଜ କୁଟୀରକୁ ଆସୁଥାନ୍ତି । ସେତେବେଳେ ତାଙ୍କର ସ୍ତ୍ରୀ ଶାଶୁଙ୍କୁ ଚାହିଁ କହିଲେ ଆଜି ଯେଉଁ ବୃଦ୍ଧ ବ୍ରାହ୍ମଣ ମୋର ହାତ ଦେଖି କହିଲେ ତୋର ସ୍ୱାମୀ ମନ୍ତ୍ରୀ ହେବେ ତାହା ଯଥାର୍ଥରେ ଫଳିଛି । ତେଣୁ ସେ ବ୍ରାହ୍ମଣଙ୍କୁ ଆମେ ରାଜଗୁରୁ କରାଇଦେବା ।

ସେହି ରାଜଗୁରୁ ବଂଶରେ ତଦବଧି ରାଜଗୁରୁ ଗୋଟିଏ ସଂଜ୍ଞା ରୂପେ ବ୍ୟବହୃତ ହୋଇ ଆସୁଛି । ମୋର ପିତାମହ ପଣ୍ଡିତ ମଧୁସୂଦନ ରାଜଗୁରୁ ଜଣେ ଉତ୍କଳ ବିଖ୍ୟାତ ପଣ୍ଡିତ ଓ ବୈଷ୍ଣବ ଧର୍ମାବଲମ୍ବୀ ଭକ୍ତରୂପେ ପରିଚିତ ହୋଇଥିଲେ । ତାଙ୍କ ସମୟର ପୁରୀ ମୁକ୍ତିମଣ୍ଡପ ସଭାର ଶ୍ରେଷ୍ଠ ପଣ୍ଡିତ ମଧୁସୂଦନ ତର୍କ ବାଚସ୍ପତି ଥିଲେ ଜଣେ ଅତି ନୈଷ୍ଠିକ ଏବଂ ସ୍ମାର୍ତ୍ତ ପଣ୍ଡିତ । ମଧୁସୂଦନ ରାଜଗୁରୁ ପ୍ରତିବର୍ଷ ଚନ୍ଦନ ଯାତ୍ରା ସମୟରେ ପୁରୀରେ ଏକମାସ ଅବସ୍ଥାନ କରନ୍ତି । ସେତେବେଳେ ତର୍କ ବାଚସ୍ପତି ଏବଂ କାଶୀର ସୁପ୍ରସିଦ୍ଧ ଉତ୍କଳୀୟ ପଣ୍ଡିତ ଶ୍ରୀକର ଶାସ୍ତ୍ରୀଙ୍କ ମଧ୍ୟରେ ବେଦାନ୍ତ ଆଲୋଚନା ହୁଏ । ମଧୁସୂଦନ ନିଜେ ବୈଷ୍ଣବ ହୋଇଥିବାରୁ ସେ ପରମାର୍ଥ ଧର୍ମର ବ୍ୟାଖ୍ୟାନ କରନ୍ତି; ପୁଣି ତର୍କ ବାଚସ୍ପତି ଶଙ୍କର ଭାଷ୍ୟକୁ ଅବଲମ୍ବନ କରି ସ୍ମାର୍ତ୍ତ ପଦ୍ଧତିର ଉତ୍କର୍ଷ ବିଷୟରେ ତର୍କ କରନ୍ତି । ଏ ଦୁହିଙ୍କ ମଧ୍ୟରେ ସମାଧାନ କରିବାକୁ ଶ୍ରୀକର ଶାସ୍ତ୍ରୀ ଚେଷ୍ଟା କରୁଥାନ୍ତି ।

Digitized by PPRACHIN, SOA

ଏପରି ବେଦାନ୍ତ ଚର୍ଚ୍ଚାରେ ଗୋଟିଏ ମାତ୍ର ସେମାନଙ୍କ ମଧ୍ୟରେ ସୁଖରେ କଟିଯାଏ । ଥରେ କାଶୀଠାରେ ଭାରତୀୟ ପଣ୍ଡିତମାନଙ୍କର ଗୋଟିଏ ମହାସଭା ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କର ଉଦ୍ୟୋଗରେ ଆହୂତ ହୋଇଥିଲା । ସେଥିରେ ସଭାପତିତ୍ୱ କରିଥିଲେ ଭାରତ ମାର୍ତ୍ତଣ୍ଡ ଉପାଧିଧାରୀ ଜଣେ ସୁପ୍ରସିଦ୍ଧ ଦାକ୍ଷିଣାତ୍ୟ ପଣ୍ଡିତ । ପ୍ରତ୍ୟେକ ରାଜ୍ୟରୁ ପଣ୍ଡିତମାନେ ସେଥିରେ ଯୋଗ ଦେଇଥିଲେ । ଉତ୍କଳର ସୁପ୍ରସିଦ୍ଧ ପୁରୁଷୋତ୍ତମ କ୍ଷେତ୍ରରୁ ପ୍ରତିନିଧି ରୂପେ ମଧୁସୂଦନ ରାଜଗୁରୁଙ୍କୁ ସେଥିରେ ଯୋଗଦେବାକୁ ଅନୁରୋଧ କରାଗଲା । ସେ ଯେଉଁ ଗୋବିନ୍ଦ ଭାଷ୍ୟର ବ୍ୟାଖ୍ୟା କରି ସରଳ ସଂସ୍କୃତ ଭାଷାରେ ଭାଷଣ ଦେଇଥିଲେ ସେଥିରେ ତତ୍କାଳୀନ ବୈଷ୍ଣବ ପଣ୍ଡିତମାନେ ତାଙ୍କୁ ଅନୁରୋଧ କରି ବୃନ୍ଦାବନ ଧାମକୁ ନେଇଥିଲେ । ସାର୍ଦ୍ଧବର୍ଷ ଧରି ସେଠାରେ ଗୌଡ଼ୀୟ ବୈଷ୍ଣବମାନଙ୍କ ସାହଚର୍ଯ୍ୟରେ ତାଙ୍କ ସମୟ ଅତିବାହିତ ହୋଇଥିଲା । ସେହି ପୁଣ୍ୟ କ୍ଷେତ୍ରରେ ତାଙ୍କର ଇଷ୍ଟଦେବ ରାଧାଗୋବିନ୍ଦଙ୍କର ଦାରୁମୂର୍ତ୍ତି ସ୍ଥାପନ ଉଦ୍ଦେଶ୍ୟରେ ବହୁ ଅର୍ଥ ବ୍ୟୟ କରି କାଙ୍ଗାଳ ମନ୍ଦିରରେ ଯେଉଁ ଅଂଶ କ୍ରୟ କରିଥିଲେ, ଅଦ୍ୟାପି ସେହି ଗୋପୀନାଥ ମୂର୍ତ୍ତି ପ୍ରତିଷ୍ଠିତ ହୋଇଅଛନ୍ତି । ଏ ସମ୍ବନ୍ଧରେ ମୋର Invocatory verses from Inscriptions, Vol. I Introduction page LXIXରେ ଲେଖିଛୁ—"The latest motif of the yugala (pair) image of Radhakrushna is well represented in the temple of Radhagobinda, as illustrated upon the cover page. It comes from the author's family temple at Parlakhemundi (Orissa). A duplicate of the same image has been installed in Kangali-mandira at Sri Vrindavana dham (U. P.) by author's grand father, Pandit Madhusudan Rajaguru during the first decade of the current century."

ମଧୁସୂଦନ ରାଜଗୁରୁଙ୍କ ସମୟରେ ପାରଳାଖେମୁଣ୍ଡି ମହାରାଜ ଗୌରଚନ୍ଦ୍ର ଗଜପତିଙ୍କ ଅଧୀନରେ ଶ୍ୟାମସୁନ୍ଦର ରାଜଗୁରୁ ପାରଳାଖେମୁଣ୍ଡିର ପ୍ରଥମ ନଗରପାଳ ଥିଲେ । ତାଙ୍କ ସମୟରେ ଏ ସହରର ଶ୍ରୀବୃଦ୍ଧି ସଙ୍ଗେ ଶିକ୍ଷା ଓ ସ୍ୱାସ୍ଥ୍ୟର ଯଥେଷ୍ଟ ଉନ୍ନତି ହୋଇଥିଲା । ସେ ଥିଲେ ଗଞ୍ଜାମର ପ୍ରଥମ ଗ୍ରାଜୁଏଟ ଏବଂ ସମାଜ ସଂସ୍କାରକ । ତାଙ୍କର ସାହିତ୍ୟ ଚର୍ଚ୍ଚା ଏବଂ ରାଜନୀତିରେ ଯୋଗଦାନ ଅତି ଉନ୍ନତ ସ୍ତରରେ ଥିଲା । ବ୍ରାହ୍ମଣମାନେ ସେ ସମୟରେ ନିଶ ରଖିବା ଗୋଟିଏ ଅସାମାଜିକ ବିଷୟ ଥିଲା । କିନ୍ତୁ ଶ୍ୟାମସୁନ୍ଦର ରାଜଗୁରୁ ସେହି କୁସଂସ୍କାର ବିରୁଦ୍ଧରେ ଲଢ଼ିବାକୁ ଯାଇ ନିଜେ ମୁଛି ରଖିଥିଲେ । ତାହା ମଧ୍ୟ ତାଙ୍କ ମୁଖର ଶୋଭା ବର୍ଦ୍ଧନ କରୁଥିଲା । ତାଙ୍କର ଏପରି ଚରିତ୍ରଗତ ପ୍ରଥା ଓ ଅସ୍ପୃଶ୍ୟ ବହିର୍ଭୂତ କାର୍ଯ୍ୟକଳାପ ହେତୁ ତାଙ୍କର ଜ୍ଞାତିଭାଇ

Digitized by PPRACHIN, SOA

ରକ୍ଷଣଶୀଳ ପଣ୍ଡିତ ମଧୁସୂଦନ ରାଜଗୁରୁ ଏତେଦୂର କ୍ଷୁବ୍ଧ ହୋଇଥିଲେ ଯେ ସେ ତାଙ୍କର ମୁଖ ପର୍ଯ୍ୟନ୍ତ ଦର୍ଶନ କରିବାକୁ କୁଣ୍ଠାବୋଧ କରୁଥିଲେ, ଯଦିଚ ଭାଇଙ୍କ ପ୍ରତି ତାଙ୍କର ସ୍ୱାଭାବିକ ସ୍ନେହ, ସହାନୁଭୂତିପୂର୍ବ ରହିଥିଲା । ଶ୍ୟାମସୁନ୍ଦର ରାଜଗୁରୁ ମଧ୍ୟ ତାଙ୍କୁ ଜ୍ୟେଷ୍ଠଭ୍ରାତା ରୂପେ ମାନ୍ୟ କରୁଥିଲେ ସତ୍ୟ ; କିନ୍ତୁ ତାଙ୍କର ଉପସ୍ଥିତିରେ କେବେ ଆମ ଘରକୁ ଆସିବା ମୁଁ ଦେଖିନାହିଁ । ମଧୁସୂଦନଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ ଓଡ଼ିଶା ଭାଷାତତ୍ତ୍ୱ ଓ ଅଭିଧାନ ପ୍ରଣେତା ଗୋପୀନାଥ ନନ୍ଦ । ନନ୍ଦ ଭାଷାତତ୍ତ୍ୱ ଲେଖିଲାବେଳେ. ଯେତେବେଳେ କଠିନ ସମସ୍ୟାର ସମ୍ମୁଖୀନ ହୁଅନ୍ତି ସେତେବେଳେ ସେ ମଧୁସୂଦନଙ୍କର ପରାମର୍ଶ ଲୋଡ଼ୁଥିବା ମୁଁ ପିଲାଦିନେ ଲକ୍ଷ୍ୟ କରିଛି ।

ମଧୁସୂଦନଙ୍କର ପାଣ୍ଡିତ୍ୟ ଓ ସ୍ମୃତିଶକ୍ତି ଏପରି ତୀକ୍ଷ୍ଣ ଥିଲା ଯେ ସେ ଯେଉଁ ପୁସ୍ତକ ଥରେ ପାଠ କରନ୍ତି ତାହା ତାଙ୍କ ମନରେ ବଦ୍ଧମୂଳ ହୋଇଯାଏ । ଏଣୁ ଲୋକେ କହୁଥିଲେ ଯେ ନୀଳ ସରସ୍ୱତୀ ସାଧନା ବଳରେ ସେ ସମସ୍ତ ଶାସ୍ତ୍ରରେ ପ୍ରବୀଣତା ଲାଭ କରିଛନ୍ତି । କେବଳ ଧର୍ମଶାସ୍ତ୍ର ଓ ସଂସ୍କୃତ ସାହିତ୍ୟ ବ୍ୟାକରଣ ସଙ୍ଗେ ଷଡ଼ଦର୍ଶନ ନୁହେଁ, ପରନ୍ତୁ ତାଙ୍କର ଜ୍ୟୋତିଷ, କର୍ମକାଣ୍ଡ ଏପରିକି କବିରାଜଶାସ୍ତ୍ରରେ ମଧ୍ୟ ପାରଦର୍ଶିତା ଥିଲା । ସେ ସମୟରେ ଯେ କୌଣସି ଶାସ୍ତ୍ରଗତ ସମସ୍ୟା ଉପୁଜିଲେ ପୁରୀରୁ ମଧ୍ୟ ବ୍ୟବସ୍ଥା ପାଇଁ ଅର୍ଥାତ ସେଥିର ସମାଧାନ ନିମନ୍ତେ ତାଙ୍କୁ ଅନୁରୋଧ କରାଯାଉଥିଲା ।

ତାଙ୍କର ଘରପୁଅଙ୍କର ସଂସ୍କୃତ ଶିକ୍ଷା ନିମନ୍ତେ ନିଜ ଗୃହଠାରେ ଗୋଟିଏ ଶ୍ରେଷ୍ଠ ସଂସ୍କୃତ ଟୋଲ ସେ ସ୍ଥାପନ କଲେ । ଆଠଗଡ଼ର ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ରଙ୍କୁ ଅଣାଇ ସେଥିରେ ନିଯୁକ୍ତ କରିଥିଲେ । କ୍ରମେ ସେହି ସଂସ୍କୃତ ଟୋଲଟି ଉନ୍ନତି ଲାଭ କରି ମାନ୍ଦ୍ରାଜ ସରକାରଙ୍କର ଶିକ୍ଷା ବିଭାଗର ଦୃଷ୍ଟିକୁ ଆକର୍ଷଣ କଲା । ସଂସ୍କୃତ ଶିକ୍ଷା ବିଭାଗୀୟ ଇନସ୍‌ପେକ୍ଟର ମାନ୍ଦ୍ରାଜରୁ ଯେତେବେଳେ ଏଇ ଟୋଲଟି ପରିଦର୍ଶନ କରିବାକୁ ଆସିଥିଲେ ସେତେବେଳେ ମଧୁସୂଦନ ରାଜଗୁରୁଙ୍କ ପାଣ୍ଡିତ୍ୟରେ ଅଭିଭୂତ ହୋଇ ଏବଂ ଆର୍ତ୍ତତ୍ରାଣ ମିଶ୍ରଙ୍କ ସାହିତ୍ୟ ଓ ବ୍ୟାକରଣ ଜ୍ଞାନରେ ଛାତ୍ରମାନଙ୍କର ଉନ୍ନତି ଦେଖି, ସେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନିକଟରେ ଅନୁରୋଧ କରି ଏହି ଟୋଲ ପାଇଁ ସ୍ୱତନ୍ତ୍ର ସ୍କୁଲ ଘର ବ୍ୟବସ୍ଥା କରିବାକୁ ପ୍ରସ୍ତାବ କଲେ । ଆହୁ ମଧ୍ୟ ପ୍ରତିଶ୍ରୁତି ଦେଲେ ଟୋଲଟି ଯଦି ନିୟମିତ ଭାବରେ ମହାରାଜାଙ୍କ ଦ୍ୱାରା ପରିଚାଳିତ ହୁଏ ତା' ହେଲେ ମାନ୍ଦ୍ରାଜ ସରକାର ସେଥିପାଇଁ ଯଥେଷ୍ଟ ଗ୍ରାଣ୍ଟ ବ୍ୟବସ୍ଥା କରିବାକୁ ପ୍ରସ୍ତୁତ ଅଛନ୍ତି । ଲାଗ ଲାଗ ଦୁଇବର୍ଷ ତାଙ୍କର ଆଗମନ ପରେ ନବୀନ ଗାଦି ପ୍ରାପ୍ତ ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେବ ଗୋଟିଏ ସଂସ୍କୃତ ସ୍କୁଲ, ଯାହାକି ବର୍ତ୍ତମାନର ମହାରାଜ ବାଳିକ ବିଦ୍ୟାଳୟର ଛାତ୍ରାବାସ ରୂପେ ବ୍ୟବହୃତ ହେଉଛି

Digitized by PPRACHIN, SOA

ସେଠାରେ ସ୍ଥାପନ କଲେ । ସେ ସଂସ୍କୃତ ସ୍କୁଲର ହେଡ଼ ପଣ୍ଡିତ ରୂପେ ଆର୍ତ୍ତତ୍ରାଣ ମିଶ୍ର ତାଙ୍କର ବୃଦ୍ଧ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ । ଏହାପରେ ସେହି ସ୍କୁଲରେ ପଣ୍ଡିତ ଗୋପବନ୍ଧୁ ବିଦ୍ୟାଭୂଷଣ ( ମଧୁସୂଦନ ରାଜଗୁରୁଙ୍କ ସମ୍ପର୍କୀୟ ଶାଳକ ) ଏବଂ ଉପେନ୍ଦ୍ର ମିଶ୍ର ପ୍ରମୁଖ କେତେଜଣ ପୁରୁଖା ପଣ୍ଡିତ ତର୍କ ନ୍ୟାୟ ଏବଂ ଅଳଙ୍କାର ବିଭାଗରେ ନିଯୁକ୍ତ ହେଲେ । କାଳକ୍ରମେ ମହାରାଜାଙ୍କର ଦ୍ଵାରା ଉତ୍ସାହିତ ହୋଇ ଯେତେବେଳେ ସେହି ସ୍କୁଲର ଉତ୍ତରୋତ୍ତର ଉନ୍ନତି ସାଧିତ ହେଲା ଏବଂ ଗରିବ ଛାତ୍ରମାନେ ମହାରାଜାଙ୍କଠାରୁ ବୃତ୍ତିପାଇ ଅଧିକ ସଂଖ୍ୟାରେ ନାମ ଲେଖାଇଲେ, ସେତେବେଳେ ସ୍କୁଲଟି ଗୋଟିଏ ମହାବିଦ୍ୟାଳୟରେ ପରିଣତ ହେଲା ଏବଂ ସେଥିରେ ପ୍ରିନ୍‌ସିପାଲ୍ ରୂପେ ସଂସ୍କୃତ ଗ୍ରାଜୁଏଟ୍ ବନମାଳୀ ମିଶ୍ର, ମଧୁସୂଦନ ମହାପାତ୍ର ପ୍ରଭୃତି ଆଦର୍ଶ ଶିକ୍ଷାବିତ୍‌ମାନେ ନିଯୁକ୍ତ ହୋଇଥିଲେ ।

ମଧୁସୂଦନଙ୍କର କୃଷ୍ଣଭକ୍ତି ଏବଂ ନିୟମାନୁବର୍ତ୍ତିତା ଗୋଟିଏ ଆଦର୍ଶସ୍ଥାନ ଲାଭ କରିଥିଲା । ସେ ସର୍ବଦା ତୁଳସୀମାଳ ଓ ଝୁଲି ଧରି ନାମ ଜପ କରିବାରେ ଲାଗିଥାନ୍ତି ଏବଂ ରାଧାକୃଷ୍ଣ ବିଷୟକ ତଥ୍ୟ ସଂକଳନ କରି ପ୍ରତ୍ୟହ ଭାଗବତ ଚର୍ଚ୍ଚା କରୁଥାନ୍ତି । ଗୋସ୍ୱାମୀ ଗ୍ରନ୍ଥରେ ତାଙ୍କର ପ୍ରବୀଣତା ଦୁର୍ଲଭ କହିଲେ ଚଳେ । ମୋର ବିବାହ କାଳ ପର୍ଯ୍ୟନ୍ତ ଅର୍ଥାତ୍ ୧୯୧୮ ପର୍ଯ୍ୟନ୍ତ ସେ ଜୀବିତ ଥିଲେ । ମୋର ଠିକ୍ ମନେଅଛି ୧୯୧୯ ମସିହାରେ ଚନ୍ଦନଯାତ୍ରା ଦେଖିବାକୁ ସେ ନିଜ ପତ୍ନୀ ଓ ଜଣେ ବିଧବା କନ୍ୟାଙ୍କ ସହିତ ପୁରୀ ଯାତ୍ରା କରିଥିଲେ । ଦକ୍ଷିଣଦ୍ୱାର ସନ୍ନିକଟ ଗୋଟିଏ ଭଡ଼ା ଘରେ ରହି ସେ ତାଙ୍କର ଧର୍ମ-ଚର୍ଚ୍ଚାରେ ଲାଗିଥାନ୍ତି । ସେ ବର୍ଷ କାର୍ତ୍ତିକ କେଜାଣି ରଥଯାତ୍ରା ପର୍ଯ୍ୟନ୍ତ ପୁରୀରେ ଅବସ୍ଥାନ କରିଥିଲେ । ସେଦିନ ଶ୍ରୀଗୁଣ୍ଡିଚା ରଥ ଉପରକୁ ଯାଇ ସେ ମହାପ୍ରଭୁଙ୍କ ସ୍ଥାନରେ କର ଯୋଡ଼ି ଜଣାଇଲେ, "ହେ ପ୍ରଭୁ ! ଆଉ କେତେକାଳ ମୋତେ ଏଠାରେ ରଖିବ ? ଅନୁଗ୍ରହ କରି ତୁମ୍ଭ ପାଦରେ ସ୍ଥାନ ଦିଅ ।" ତାଙ୍କ ପଛରେ ପଣ୍ଡା ଦାଶରଥି ମହାପାତ୍ର ଯେ କି ପିତୃତୁଲ୍ୟ ଭକ୍ତି କରନ୍ତି ମଧୁସୂଦନଙ୍କୁ, ତାଙ୍କୁ ଲାଗି ଠିଆ ହୋଇଥିଲେ । ଧୀରେ ଧୀରେ ରଥ ଉପରୁ ଓହ୍ଲାଇ ଦେଇ ସେ ତାଙ୍କୁ ବସାକୁ ଆଣିଲେ । ସେଇଦିନୁ ତାଙ୍କର ସାମାନ୍ୟ ଜ୍ୱର ହେଲା । କିନ୍ତୁ ତାଙ୍କ ନିତ୍ୟ ନୈମିତ୍ତିକ ବ୍ୟବହାରେ କିମ୍ବା ଜପ ତପରେ ତାହା ବ୍ୟାଘାତ ଦେଇ ନଥିଲା । ବାହୁଡ଼ା ଯାତ୍ରା ଏକାଦଶୀ ପରେ ଦ୍ଵାଦଶୀ ଦିନ ରଥରେ ମହାପ୍ରଭୁଙ୍କର ସୁନାବେଶ ସକାଳୁ ସ୍ନାନ କରି ସାରି ଜପମାଳା ଧରି ପଚ୍ଛଦସ୍ଥ ପିଣ୍ଡି ଗୋଟିଏ ଆସନରେ ବସିଛନ୍ତି ତାଙ୍କର ହଠାତ୍ ମନେପଡ଼ିଲା ମହାପ୍ରଭୁଙ୍କର ଅଧରପଣା । ପଣ୍ଡାଙ୍କୁ ଡକାଇ ତାହା ଆଣାଇଲେ । ପତ୍ନୀଙ୍କୁ କହିଲେ ଅଧରପଣା ଟିକିଏ ପ୍ରସାଦ ସେବା କରିବାକୁ ଦିଅ । ମହାପ୍ରସାଦ ସେବା କରୁ କରୁ ହଠାତ୍ ହାକୃଷ୍ଣ କହି ଦେହ ତ୍ୟାଗ କଲେ । ଆମେ ପାରଳାଖେମୁଣ୍ଡିରେ ଟେଲିଗ୍ରାମ ପାଇଲୁ । ସଙ୍ଗେ ସଙ୍ଗେ ତାଙ୍କର ଦୁଇପୁଅ ଗାଡ଼ିରେ ପୁରୀ ଯାତ୍ରାକଲେ । ସେତେବେଳକୁ ସ୍ୱର୍ଗଦ୍ଵାରଠାରେ ତାଙ୍କର ମର ଶରୀର ଭସ୍ମରେ ପରିଣତ ହୋଇଯାଇଥିଲା ।

Digitized by PPRACHIN, SOA

ମଧୁସୂଦନଙ୍କର ଜ୍ୟେଷ୍ଠପୁତ୍ର ହରିକୃଷ୍ଣ ରାଜଗୁରୁ ମୋର ପିତା। ଯୌବନ ସମୟରେ ସେ ରାଜା ଗୌରଚନ୍ଦ୍ର ଗଜପତିଙ୍କର ସହଯୋଗୀ ଓ ସହକର୍ମୀ ରୂପେ ରହୁଥାନ୍ତି। ଗୌରଚନ୍ଦ୍ର ଦେବ ଜଣେ ଉଚ୍ଚକୋଟୀର ଶିକାରୀ ଥିଲେ। କଥିତ ଅଛି ଯେ ସେ ଜୀବନରେ ୧୦୮ଟି ମହାବଳ ବାଘ ମାରିବାକୁ ସଂକଳ୍ପ କରିଥିଲେ। କିନ୍ତୁ ୭୦ଟି ପର୍ଯ୍ୟନ୍ତ ଶ୍ରେଷ୍ଠବଡ଼ ବାଘ ସେ ମାରିଥିଲେ। ତାଙ୍କର ଲକ୍ଷ ଏପରି ଅବ୍ୟର୍ଥ ଯେ ଦ୍ୱିତୀୟବାର ବନ୍ଧୁକରୁ ଗୁଳି ଛଡ଼ାଯାଉ ନ ଥିଲା। ତାଙ୍କର ସହଯୋଗୀ ରୂପେ ମୋର ପିତା ଶିକାର୍ ପ୍ରିୟ ଥିଲେ। ଏଥିପାଇଁ ସେ ବହୁ ସମୟ ରାଜପ୍ରାସାଦରେ ରହୁଥିବାରୁ ମଧୁସୂଦନଙ୍କର ଅପ୍ରିୟ ହୋଇ ପଡ଼ିଥିଲେ। କାରଣ ବୈଷ୍ଣବ ପଣ୍ଡିତ ମଧୁସୂଦନ ଇଚ୍ଛା କରୁଥିଲେ ଯେ ତାଙ୍କର ପୁତ୍ର ତାଙ୍କ ପରି ପଣ୍ଡିତ ଓ ଧର୍ମଶୀଳ ହେବା ଆବଶ୍ୟକ। କ୍ଷତ୍ରୀୟ ଜାତି ପରି ବ୍ୟାଧକର୍ମ ବ୍ରାହ୍ମଣର କର୍ତ୍ତବ୍ୟ ନୁହେଁ। ଏଣୁ ମଧୁସୂଦନଙ୍କର ଉପସ୍ଥିତିରେ ମୋର ପିତା ଘରକୁ ପ୍ରାୟ ଆସୁ ନଥିଲେ। ଶ୍ୟାମସୁନ୍ଦର ରାଜଗୁରୁ ଓ ମୋର ପିତାଙ୍କ ମଧ୍ୟରେ ଯଥେଷ୍ଟ ସ୍ନେହ ସୌହାର୍ଦ୍ଦ୍ୟ ରହୁଥିଲା। ମୋର ମା ସୁନାମଣି ଦେବୀ ତତ୍କାଳୀନ ରୀତି ଅନୁସାରେ ହାଣ୍ଡିଶାଳରେ ଆବଦ୍ଧ ହୋଇ ଶାଶୁ ଶ୍ୱଶୁରଙ୍କର ଚର୍ଚ୍ଚାରେ ଆତ୍ମନିଯୋଗ କରିଥାନ୍ତି। ବହୁକାଳ ପର୍ଯ୍ୟନ୍ତ ତାଙ୍କର ପୁତ୍ର ସନ୍ତାନ ନ ହେବାରୁ ଶାଶୁ ଶ୍ୱଶୁରଙ୍କର ମନରେ ଘୋର ଚିନ୍ତା। ଦିନେ ଆମର କୁଳ ପୁରୋହିତ ନାରାୟଣ କର ମୋର ଜେଜେ ବାପା ମଧୁସୂଦନଙ୍କର ପାଖକୁ ଆସି କହିଲେ—"ଆଜ୍ଞା! ଆପଣଙ୍କୁ ମୁଁ ଉପଦେଶ ଦେବା ଭଳି ସମର୍ଥ ନୁହେଁ; କିନ୍ତୁ ମୁଁ ଜାଣେ ସତ୍ୟ ନାରାୟଣ ମହାପ୍ରଭୁଙ୍କ ନିୟମିତ ଆରାଧନା କଲେ ନିଶ୍ଚୟ ପୁତ୍ର ସନ୍ତାନ ପ୍ରାପ୍ତି ହେବ।" ପୁରୋହିତଙ୍କ କଥାରେ ମଧୁସୂଦନ ସ୍ୱୀକୃତ ହୋଇ ସତ୍ୟନାରାୟଣ ବ୍ରତ ବିଧିପୂର୍ବକ ହୋମ ସହିତ ଆରମ୍ଭ କଲେ। କଥିତ ଅଛି ଯେ ଏଥିର ଅଳ୍ପକାଳ ପରେ ମୁଁ ମାତୃ ଗର୍ଭରେ ରହିଥିଲି। ମୋର ଜନ୍ମ ୧୯୦୩ ମସିହା ଭାଦ୍ରପଦ କୃଷ୍ଣ ଏକାଦଶୀ ବୁଧବାର ଦିନ। ସେ ଦିନ ଆମ ଗୃହରେ କି ଆନନ୍ଦ ଉତ୍ସବ! କିନ୍ତୁ ଏଥିର ସାତ ଦିନ ପରେ ମୋର ମାଙ୍କର ଅକାଳ ବିୟୋଗ ସେହି ଆନନ୍ଦକୁ ନିରାନନ୍ଦରେ ପରିଣତ କଲା। ମୁଁ ମାତୃସ୍ତନ ହେଲି; କିନ୍ତୁ ମୋର ପିତାମହୀ ଏବଂ ତାଙ୍କର ବିଧବା କନ୍ୟା ବିମଳାଙ୍କର ଯତ୍ନରେ ମୋର ଶୈଶବ କାଳ ନିରାପଦରେ ଅତିବାହିତ ହେଲା। ଗୋଟିଏ ଶୂଦ୍ରାଧାଈ ମୋତେ ନିତ୍ୟ ନିୟମିତ ପ୍ରକାରେ କ୍ଷୀର ପାନ କରାଉଥିଲେ।

ମନୁଷ୍ୟ ଜୀବନରେ ଯେଉଁ ଉତ୍ଥାନ ପତନର, ବିପଦ ସମ୍ପଦର ଲୀଳା ଚାଲିଛି ସେଥିରୁ ମୋର୍ ଧାରଣା ହୁଏ ଯେ କୌଣସି ଅଜ୍ଞାତ ଶକ୍ତିର ଗୋଟିଏ ଶୃଙ୍ଖଳିତ ନୀତିରେ ତାହା ନିୟନ୍ତ୍ରିତ ହୋଇଥାଏ। ମୃତ୍ୟୁ ଓ ଜୀବନ ଯେପରିକି ସେହି ଅଜ୍ଞାତ ଯୋଜନାର ଗୋଟିଏ ଅଂଶ। ତେଣୁ ଅପଦ ବିପଦ ବେଳେ ମନୁଷ୍ୟର ଚେଷ୍ଟା ଅପେକ୍ଷା ଦୈବୀପ୍ରଭାବ ହିଁ ବିଶେଷ ପରିମାଣରେ ଦାୟୀ। ବିଜ୍ଞାନର ଆଧୁନିକ ଧାରା ଯେତେ ଉଚ୍ଚସ୍ତରକୁ

Digitized by PPRACHIN, SOA

ଯାଉପଛେ ସେହି ଅଦ୍ଭୁତ ଦୈବୀଶକ୍ତିର ନିୟନ୍ତ୍ରଣରୁ ଆମ୍ଭେ ଅନ୍ତର ହୋଇ ନ ପାରୁ । ମୋର ଶୈଶବ କାଳରେ ସଂଘଟିତ ଚମକର ଘଟଣା ଏଠାରେ ବିବୃତ କରିଲେ ବୋଧହୁଏ ଅସଙ୍ଗତ ହେବ ନାହିଁ । ସେତେବେଳେ ମୋର ବୟସ ମାତ୍ର ୧୦ ମାସ । ଆମ ଗୃହର ପଛ ଭାଗର ଗୋଟିଏ ବର୍ଗାଟ ଅଙ୍ଗନକୁ ଲଗିଥିବା ବାରଣ୍ଡାରେ ମୋତେ କୋଳରେ ଧରି ମୋର ପ୍ରପିତାମହୀ ବୃନ୍ଦା ନିଆଁରେ ସେକ ଦେଉଥିଲେ ଓ ତେଲ ଲଗାଇ ଦେଉଥିଲେ । ସେତିକିବେଳେ ବାଡ଼ ପଛଆଡ଼ୁ ସକାଳୁ ଲୁଚିଥିବା ଗୋଟିଏ ମଣିଷଖିଆ ଚିତାବାଘ ଘର ଅଗଣା ଭିତରକୁ ଗୋଟିଏ ବାଛୁରୀ ପଛରେ ଆସି ମୋର ଓ ବୁଢ଼ୀଙ୍କର ମୁଣ୍ଡ ଉପର ଦେଇ ଡେଇଁ ବାଛୁରୀକୁ ଧରିବା ଉଦ୍ଦେଶ୍ୟରେ ପଳାଇଲା । ମୋର ପିତୃବ୍ୟ ଗୋପୀନାଥ ରାଜଗୁରୁ ସେତେବେଳେ ସେହି ଅଗଣାରେ ଥିବା ଗୋଟିଏ କଳସ ବୁଦାରୁ ପତ୍ର ତୋଳୁଥାନ୍ତି । ବାଘକୁ ଦେଖି ସେ ପାଟିକଲେ । ହଠାତ୍ ପାଖରେ ଥିବା ଗୋଟିଏ କୋଠରି ଭିତରେ ମୋତେ ଧରି ବୁଢ଼ୀ ମା ଲୁଚି ରହିଲେ । ସବୁଆଡ଼ୁ ଦ୍ୱାରଗୁଡ଼ିକ ବନ୍ଦ କରି ଦିଆଗଲା । ବାଘ ଆମ ଘରର ପଶ୍ଚିମ ପଟ ବାଡ଼ରୁ ଆସି ପୂର୍ବ ଆଡ଼ ବାଡ଼ ଭିତରେ ବାଛୁରୀଟିକୁ ଖୋଜି ଖୋଜି ଗୋଟିଏ ବଡ଼ କୋଠରି ଭିତରେ ପଶି ବେଶ୍ ଆରାମରେ ଶୋଇ ରହିଲା । ଇଆଡ଼େ ସାଇର ଲୋକମାନେ ଓ ଆମର ଚାକରମାନେ ସମସ୍ତେ ଠେଙ୍ଗା ବାଡ଼ି ଧରି ବାଘଟିକୁ ଖୋଜିଲେ, କେଉଁଠି ତାର ସନ୍ଧାନ ମିଳୁନାହିଁ । ସେତିକିବେଳେ ଚନ୍ଦ୍ରା ବେହେରା ନାମକ ଆମ ଘରର ଗୌଡ଼ ଚାକର ବାଘ ଥିବା କୋଠରି ଭିତରକୁ ଉଙ୍କି ମାରି ଗୁହିଁଲକ୍ଷଣି ବାଘ ଗର୍ଜନ କରି ତା ଉପରକୁ ମାଡ଼ି ଆସିଲା । ସମସ୍ତେ ଅସ୍ତ-ବ୍ୟସ୍ତ ହୋଇ ଯେ ଯେଉଁଠାରେ ପାରିଲେ ଚାରିଆଡ଼େ ଦ୍ୱାର ବନ୍ଦ କରିଦେଇ ବାଘ ଓ ମଣିଷ ଭିତରେ ଲଢ଼େଇ ଓ ଗର୍ଜନ ଶୁଣିବାକୁ ଲାଗିଲେ । ଚନ୍ଦ୍ରା ଜଣେ ଅତି ବଳିଷ୍ଠ ଜୁଆନ । ଯଥା ସାଧ୍ୟ ସେ ଆତ୍ମରକ୍ଷା କରିବାକୁ ଦୁଇ ହାତରେ ନିଜର ବେକଟି ଘୋଡ଼ାଇ ରଖିଛି । ବାଘ ତା ଉପରେ ମାଡ଼ି ବସି ଦେହସାରା ବିଦୀର୍ଣ୍ଣ କରିଗଲାଣି । ସେତିକିବେଳେ ମୋର କକେଇ ଗୋଟିଏ ଝରକା ଖୋଲି ଦେଇ ଘଣ୍ଟା ବଜାଇବାରୁ ବାଘ ସେ ଶବ୍ଦରେ ଝରକା ଆଡ଼କୁ ଚମକି ଆସିଲା । ସମସ୍ତ ଦେଖି ଅତିକଷ୍ଟରେ ଚନ୍ଦ୍ରା ସେଠାରୁ ବାଡ଼ କାନ୍ଥ ଡେଇଁ ବାହାରକୁ ପଳାଇ ଆସିଲା । ପରେ ବହୁଦିନ ହସ୍ପିଟାଲରେ ଚିକିତ୍ସିତ ହୋଇ ସେ ଭଲ ହୋଇଥିଲା । ମହାରାଜା ଗୌରଚନ୍ଦ୍ର ଦେବଙ୍କୁ ଖବର ଗଲା । ସଙ୍ଗେ ସଙ୍ଗେ ସେ ଘୋଡ଼ା ଗାଡ଼ିରେ ବସି ରାଜଗୁରୁଙ୍କ ଘରକୁ ଗଲେ । ଦେଖିଲେ ବାଘ ପୁଣି ସେଇ କୋଠରି ଭିତରେ ପଶି ଝରକା ଆଡ଼କୁ ମୁହଁ କରି ଆରାମରେ ଶୋଇଛି । ସୁବିଖ୍ୟାତ ଶିକାରୀ ଗଜପତି ମହାରାଜା ତାକୁ ସେଇଠାରେ ବନ୍ଧୁକରେ ମାରିଥିଲେ ।

ଯେଉଁ ମଣିଷଖିଆ ଚିତାବାଘ ମୋର ମୁଣ୍ଡ ଦେଇ ଡେଇଁ ପଳାଇଲା ସେ ତ ଅନାୟାସରେ ମୋର ବୁଢ଼ୀ ମା ସଙ୍ଗେ ମୋତେ ଗର୍ଭସାତ କରି ପାରିଥାନ୍ତା । କିନ୍ତୁ

Digitized by PPRACHIN, SOA

ସେପରି ସେ କଳ୍ପନାରୁ କାହିଁକି ? ଏହା କ'ଣ ସେହି ଦୈବୀ ଶକ୍ତିର ଯୋଜନାର ପରିଣାମ ନୁହେଁ ? କିମ୍ବା ଏହାକୁ ଗୋଟିଏ ଆକସ୍ମିକ ବ୍ୟାପାର ବୋଲି ଆମେ କଥନ କରିବା ।

ମୁଁ ଅନେକ ସମୟରେ ଚିନ୍ତାକରେ ଜଣେ ଲୋକର କେତେ ବୟସ ଠାରୁ ସ୍ମୃତି ଶକ୍ତିର ଅଭ୍ୟୁଦୟ ହେବା ସମ୍ଭବ ମୋର ପରି ଜଣେ ୭୨ ବର୍ଷ ବୟସର ବୃଦ୍ଧ ତା' ଜୀବନର କେତେଦୂର ପର୍ଯ୍ୟନ୍ତ ଘଟଣାବଳୀ ମନେ ରଖିପାରେ । ମୁଁ ବହୁ ସମୟ ଚିନ୍ତା କରି ମୋର ବାଲ୍ୟଜୀବନର ଅଳ୍ପ କେତୋଟି ମାତ୍ର ସ୍ମୃତି ମନେପକାଇ ପାରୁଛି । ତା' ମଧ୍ୟରୁ କେତୋଟି ଶ୍ରେଷ୍ଠ ଘଟଣା ଆଉ କେତେକ ବିଶେଷ ଘଟଣା । ସମୟେ ସମୟେ ଅତି କ୍ଷୁଦ୍ର ଅନାବଶ୍ୟକ ଘଟଣା ମଧ୍ୟ ମନ ଭିତରେ ଏପରି ଲାଗି ରହିଥାଏ ଯେ ତାହା କାଳର ଦୀର୍ଘତା ଭିତରେ ନିମଜ୍ଜିତ ହେବାର ନୁହେଁ । ଆଜି ଦୀର୍ଘ ୭୦ ବର୍ଷ ପୂର୍ବର ସେପରି ଗୋଟିଏ କ୍ଷୁଦ୍ର ଘଟଣା ମୋର ମନେପଡ଼ୁଛି । ହୁଏତ ତାହା ମନର କୌଣସି ଏପରି ଗୋଟିଏ ତନ୍ତ୍ରୀ ଭିତରେ ପଶିଛି ଯାହାକି ବିସ୍ମୃତିର ଉର୍ଦ୍ଧ୍ୱରେ ଲାଗିଛି ପାରିନି । ଆମର ଗୋଟିଏ ଘୋଡ଼ା ଗାଡ଼ି ଥାଏ । ଘୋଡ଼ାଟି ବେଶ୍ ମଜଭୁତ, ସୁନ୍ଦର କଳା ରଙ୍ଗରେ ଚକ୍‌ଚକ୍ ଦିଶୁଥାଏ । ତାହାର ଜାଗତ ନେବାକୁ ଜଣେ ଶୈଶ ମଧ୍ୟ ନିଯୁକ୍ତ ହୋଇଥାନ୍ତି । ମୋର ବୟସ ସେତେବେଳେ ହୁଏତ ଅଢ଼େଇ ବର୍ଷ । ମୁଁ ପ୍ରତିଦିନ ଜଣେ କମା ବ୍ରାହ୍ମଣଙ୍କ ଘରକୁ ଯିବା ଆସିବା କରେ, ତାଙ୍କର ନାମ ହେଉଛି କି. ଶିବଶଙ୍କର ରାଓ, ମହାରାଜାଙ୍କ ସମସ୍ଥାନ କଚେରୀର ଜଣେ ଉଚ୍ଚ କର୍ମଚାରୀ । ଏ ସମ୍ପର୍କରେ ମୋ ପିତାଙ୍କ ସଙ୍ଗେ ତାଙ୍କର ଘନିଷ୍ଠ ସୌହାର୍ଦ୍ଦ୍ୟ ଥିଲା । ତାଙ୍କର ସ୍ତ୍ରୀଙ୍କଠାରୁ ଠିକ୍ ମୁଁ ଜନ୍ମ ହେବା ସମୟରେ ଗୋଟିଏ ପୁତ୍ର ସନ୍ତାନ ଜନ୍ମି ଥିଲେ । ତେଣୁ ସେହି ଶିଶୁ ପୁତ୍ର ଓ ମୋ ମଧ୍ୟରେ ସଙ୍ଗାତ (ଧର୍ମ ଭ୍ରାତା) ସମ୍ପର୍କ ପ୍ରତିଷ୍ଠା କରି ଶିବଶଙ୍କର ରାଓଙ୍କ ଜଣେ ଅଡ଼ର୍ଲି ସତ୍ୟବାଦୀ ବେହେରା ନାମକ ଭଣ୍ଡାରି ମୋତେ ମାତୃ କ୍ଷୀର ପିଆଇବା ଉଦ୍ଦେଶ୍ୟରେ ସେହି କମାବ୍ରାହ୍ମଣଙ୍କ ଘରକୁ କାଖେକରି ନେଉଥାନ୍ତି । ସନ୍ଧ୍ୟାବେଳେ ଘରକୁ ମୋତେ ଫେରାଇ ଆଣନ୍ତି । ମୁଁ ସେଇଠାରେ ଶିବଶଙ୍କର ରାଓଙ୍କ ସହଧର୍ମିଣୀଙ୍କଠାରୁ ନିଜ ମା' ପରି ସ୍ନେହ ଓ ସୌହାର୍ଦ୍ଦ୍ୟ ପାଇ ପୁଣି ତାଙ୍କର ଶିଶୁପୁତ୍ର ମୋର ସଙ୍ଗାତ ରାମଚନ୍ଦ୍ର ରାଓଙ୍କ ନିଜ ଭାଇ ପରି ଜ୍ଞାନ କରି ତାଙ୍କ ସଙ୍ଗରେ ଖେଳିବୁଲି ସୁଖରେ ଦିନ ଯାପନ କରୁଥିଲି । ଦିନେ ଆମ ଘରର ଶୈଶକୁ କହିଲି ମୁଁ ଏ ଘୋଡ଼ା ଉପରେ ବସିବି । ଅନ୍ୟ ସତ୍ୟବାଦୀକୁ ମନା କରିଦିଅ ମୋତେ କାଖେଇ ନେବାକୁ । ଶଇଶ ମୋତେ ମନା କରି କହିଲା, "ବାବୁ ଏ ଘୋଡ଼ା ଭାରି ଦୁଷ୍ଟ । ତୁମେ ବସିଲେ ସେ ଡେଇଁବ ।" କିନ୍ତୁ ତା' କଥାରେ ମୁଁ ବିଶ୍ୱାସ ନ କରି କାନ୍ଦିବାକୁ ଲାଗିଲି । ଆମ ବିଶାଳ ସଂସାରରେ ମୁଁ ଏକମାତ୍ର ପୁତ୍ର । ତେଣୁ ସମସ୍ତଙ୍କର ସ୍ନେହର ପାତ୍ର । ମୋର କାନ୍ଦ ଶୁଣି ଜେଜେମା ଘର ଭିତରୁ ଆସି ଶଇଶକୁ କହିଲେ, ପିଲାଟାକୁ କନ୍ଦାଉଛୁ

Digitized by PPRACHIN, SOA

କାହିଁକି ? ଥିକଏ ବସାଇ ଦେଇ ବୋଧକର ! ଶଇଶ ମଧ୍ୟ ବୋଧହୁଏ ଭାବୁଥିଲ ଯେ ପିଲାକୁ ଏ ଘୋଡ଼ା ଉପରେ ବସାଇଲେ ସେ ସମ୍ଭାଳିବ କି ନାହିଁ ପରୀକ୍ଷା କରି ଦେଖିବା । ଜେଜେମାଙ୍କ କଥାରେ ସେ ଉତ୍ସାହିତ ହୋଇ ମୋତେ ଅତି ସାବଧାନ ସହକାରେ ଘୋଡ଼ାରେ ବସାଇ ଧୀରେ ଧୀରେ ତାକୁ ରାସ୍ତାରେ ଚଲାଇଲା । ମୁଁ ଖୁବ ମଜା ପାଇଲି । ଘୋଡ଼ସବାରବାଲାମାନେ ଯେମିତି ଦୁଇ ହାତ ଟେକି ଘୋଡ଼ାକୁ ଗୁଞ୍ଚ ମାରନ୍ତି ସେପରି କରିବାକୁ ମୋର ମନ ହେଲା । ଶଇଶ ହାତରୁ ଘୋଡ଼ାର ଗୁଞ୍ଚ ଯେମିତି ମୁଁ ଧରିବାକୁ ଯାଇଛି ଘୋଡ଼ା ଚମକିପଡ଼ି ମୋତେ ତଳେ ପକାଇ ଦେଲା । ମୁଁ ବେହୋସ ହୋଇଗଲି । ତା'ପରେ କ'ଣ ହେଲା କେଜାଣି, ଯେତେବେଳେ ମୋର ଜ୍ଞାନ ଆସିଲା ଦେଖିଲି ଗୋଟିଏ ଖଟ ଉପରେ ଘରେ ଶୋଇଛି । ମୋ ଚାରିଆଡ଼େ ଆତୁର ହୋଇ ଜେଜେମା, ଆଉ ଅନ୍ୟମାନେ ଠିଆ ହୋଇଛନ୍ତି । କେତେଦିନ ମୁଁ ଶଯ୍ୟାଶାୟୀ ହେଲି । ସେଇଦିନୁ ମୋର ମନେ ହେଲା ଯେ ସାନହୋଇ ବଡ଼ ବଡ଼ କାମ କରିବାକୁ ଯିବା ଉଚିତ ନୁହେଁ । ହୁଏତ ଈଶ୍ୱରଙ୍କର ଏହା ଗୋଟିଏ ସ୍ୱାଭାବିକ ଶିକ୍ଷାଗତ ବିଷୟ । ମଣିଷ ଯେତେବେଳେ ତଳେ ପଡ଼ିଯାଏ, ତା'ର ଆଘାତ ଲାଗି କଷ୍ଟ ହୁଏ । ଏ କଷ୍ଟରେ ସମ୍ଭବତଃ ପ୍ରକୃତି ମଣିଷକୁ ଚେତାଇଦିଏ ଯେ ଏ କାମ କରିବା ତୁମ ପକ୍ଷରେ ଅନୁଚିତ ।

ଯେଉଁ ସଙ୍ଗୀତ ରାମଚନ୍ଦ୍ର ରାଓଙ୍କ କଥା ମୁଁ କହିଲି ତାଙ୍କର ଟିକିଏ ପରିଚୟ ଦେବା ଏଠାରେ ଆବଶ୍ୟକ । ତାଙ୍କର ପୈତୃକ ଗୃହ ଆନ୍ଧ୍ର ପ୍ରଦେଶସ୍ଥ ପୂର୍ବ ଗୋଦାବରୀ ଜିଲ୍ଲାର କକନଡ଼ା । ସେ ଜଣେ ନୈଷ୍ଠିକ ପରିବାରରେ ଜନ୍ମଲାଭ କରିଥିଲେ । ଉଚ୍ଚଶିକ୍ଷା ପାଇ ପିଠାପୁର କଲେଜରେ ପ୍ରଥମେ ସେ ବିଜ୍ଞାନ ଅଧ୍ୟାପକ ରୂପେ କାର୍ଯ୍ୟ କରିଥିଲେ । ତା'ପରେ ବନ୍ଦର କଲେଜରେ ସେ ଅଧ୍ୟାପକ ରୂପେ ନିଯୁକ୍ତ ହୋଇଥିଲାବେଳେ କଂଗ୍ରେସ ଆନ୍ଦୋଳନରେ ଯୋଗଦାନ କରି ମହାତ୍ମା ଗାନ୍ଧିଙ୍କର 'ଓ୍ୱାର୍ଦ୍ଧା' ସେବାଶ୍ରମରେ ବହୁ ସମୟ ଅତିବାହିତ କରିଥିଲେ । ମହାତ୍ମାଙ୍କର ଜଣେ ଅତିନିଷ୍ଠାପର ସହକର୍ମୀ ରୂପେ ସେ ସୁନାମ ଅର୍ଜନ କରିଅଛନ୍ତି । ପରେ ଗାନ୍ଧିଙ୍କର ଆଦେଶ କ୍ରମେ ଆନ୍ଧ୍ର ଦେଶରେ ସମାଜ ସଂସ୍କାର କାର୍ଯ୍ୟରେ ଯେଉଁ ବୈପ୍ଳବିକ ଆନ୍ଦୋଳନ ସେ ସୃଷ୍ଟି କରିଥିଲେ ତାହା ଆଜି ତାଙ୍କୁ ଅମର କରି ରଖିଛି । ରାଜନୀତିରେ ଯୋଗ ଦେଲାବେଳୁ ତାଙ୍କର ନାମ ରାମଚନ୍ଦ୍ର ରାଓ ପରିବର୍ତ୍ତେ ଗୋରା ହୋଇଥିଲା । ମୁଁ ଥରେ ତାଙ୍କୁ ପଚାରିଲି ଯେ ଗୋରା ଶବ୍ଦଟି ତୁମେ କେଉଁଠୁ ପାଇଲ ? ବ୍ୟଙ୍ଗ ଛଳରେ ତାଙ୍କୁ ମୁଁ କହିଲି—ଚୈତନ୍ୟଙ୍କର ନାମ ଗୋରା ବୋଲି ତାଙ୍କର ମା ଓ ଭକ୍ତମାନେ କହୁଥିଲେ । ବୋଧହୁଏ ସେଇ ନାମଟି ମହାକବି ରବି ଠାକୁରଙ୍କୁ ମଧ୍ୟ ଅନୁପ୍ରାଣିତ କରିଥିଲା । ତେଣୁ ସେ ଗୋରା ନାମରେ ଗୋଟିଏ ସୁନ୍ଦର ଉପନ୍ୟାସ ଲେଖିଛନ୍ତି । ଏହା ଭିତରୁ ତୁମେ କେଉଁ ଗୋରା ଶ୍ରେଣୀସ୍ଥ ସଙ୍ଗାତେ ? ସେ ହସିଲେ । ଉତ୍ତର ଦେଲେ ଯେ ରବି ଠାକୁରଙ୍କ ଗୋରା

Digitized by PPRACHIN, SOA

ତାଙ୍କର ସେହି ପୁସ୍ତକର ନାୟକ । ସେ ଜଣେ ଖ୍ରୀଷ୍ଟିୟାନ ଇଉରୋପୀୟ ମହିଳାଙ୍କର ଗର୍ଭରୁ ଜନ୍ମଲାଭ କରି ହସପିଟାଲରେ ନର୍ସମାନଙ୍କ ଅସାବଧାନତା ହେତୁ ବଦଳ ହୋଇ ଜଣେ ଭାରତୀୟ ବ୍ରାହ୍ମଣଙ୍କର ପୁତ୍ର ରୂପେ ପରିଚିତ ହେଲେ । ନୈଷ୍ଠିକ ବ୍ରାହ୍ମଣ ପରିବାରରେ ବଢ଼ିଲେ ସତ; କିନ୍ତୁ ତାଙ୍କର ସ୍ୱାଭାବିକ ରକ୍ତଗତ ତେଜ, ଉତ୍ସାହ ଓ ଜ୍ଞାନ ବଳରେ ପ୍ରାଚୀନ କୁସଂସ୍କାରକୁ ପଦାଘାତ କରି ଜଣେ ନୈଷ୍ଠିକ ସମାଜ ସଂସ୍କାରକ ରୂପେ ଜୀବନ ଅତିବାହିତ କଲେ । ମୁଁ ଆଜି ସେହି ଗୋରାଙ୍କର ପଥ ଅନୁସରଣ କରିବାକୁ ଯାଉଛି । ମୁଁ ହସିଦେଇ କହିଲି ଯାହାହେଉ ତୁମର ମା ବାପା ଅତି ନୈଷ୍ଠିକ, ତୁମେ ଅତି ସଂସ୍କାରକ । ଏ ଉଭୟବିଧ ଦ୍ୱନ୍ଦ୍ୱ ଭିତରେ ଏକା ଗୃହରେ ଚଳି ପାରିବ ତ ? ସେ କହିଲେ—ସେହିକଥା ମୁଁ ଅନେକ ଦିନରୁ ଭାବି ସ୍ଥିର କରିଛି ଯେ ଗୋଟିଏ କ୍ଷୁଦ୍ର କୁଟୀରରେ ମୁଁ ବାସ କରିବି । ଆଉ ଦେଶ ପାଇଁ, ଜାତି ପାଇଁ ମୋର ଯାହା ସମସ୍ତ ଶକ୍ତି ଉତ୍ସର୍ଗ କରିବି । ତାଙ୍କର କଥା ଅତି ସରଳ ଓ ଭାବମୂଳକ । ସେ ଯାହା କହୁଥିଲେ ତାହା ନିଷ୍ଠସ୍ଥ କାର୍ଯ୍ୟରେ ପରିଣତ କରୁଥିଲେ । ଏ ଘଟଣାର ଅଳ୍ପଦିନ ପରେ ସେ ତାଙ୍କର କଟକନଡ଼ାରେ ଥିବା ବିରାଟ ପ୍ରାସାଦ ପରିତ୍ୟାଗ କରି ବେଳୋଓ୍ୱାଡ଼ାରେ ହରିଜନମାନଙ୍କର ବସତି ଧାତାମାତା ନାମକ ସ୍ଥାନରେ ରହି ସମାଜ ସେବାରେ ଲାଗିଗଲେ । ତାଙ୍କ ସଙ୍ଗେ ମୋର କେତେକ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଯେଉଁ ଦେଖାସାକ୍ଷାତମାନ ହୋଇଛି ତାହା ପରେ ବର୍ଣ୍ଣନା କରାଯିବ ।

ଠିକ୍ ପାଞ୍ଚ ବର୍ଷ ବୟସରେ ମୋର ବିଦ୍ୟାରମ୍ଭ ହୋଇଥିଲା । ସେତେବେଳେ ମୋର ଜେଜେବାପାଙ୍କର ଆଦେଶକ୍ରମେ ବୈଦିକ ରୀତି ଅନୁସାରେ କର୍ଣ୍ଣବେଧ ମଧ୍ୟ ହୋଇଥିଲା । ନରସିଂହ ମିଶ୍ର ନାମକ ଜଣେ ଶିକ୍ଷକ ମୋତେ ବର୍ଣ୍ଣବୋଧ ପଢ଼ାଇବାକୁ ଲାଗିଲେ । ଆମ ଗୃହର ଅଳ୍ପ ଦୂରରେ ଗୋଟିଏ ଉଚ୍ଚ ପ୍ରାଥମିକ ସ୍କୁଲ (ଆଧୁନିକ ଶ୍ୟାମସୁନ୍ଦର ରାଜଗୁରୁ ଉଚ୍ଚପ୍ରାଥମିକ ବିଦ୍ୟାଳୟ)ରେ ମୋର ନାମ ଲେଖା ହେଲା । ଶ୍ରୀ ନରସିଂହ ମିଶ୍ର ସେହି ସ୍କୁଲର ଜଣେ ଶିକ୍ଷକ ଏବଂ ପ୍ରତ୍ୟହ ରାତି ଠିକ୍ ୭ଟା ବେଳେ ଆମ ଘରକୁ ଆସି ସେ ମୋତେ ଓ ମୋ ସଙ୍ଗେ ଜଣେ ଗରିବ ଛାତ୍ରକୁ ମିଶାଇ ପଢ଼ାଉଥାନ୍ତି । ଏଠାରେ ଗୋଟିଏ ଅତି କୌତୂହଳ ବିଷୟ ଉଲ୍ଲେଖ ନ କରି ମୁଁ ରହିପାରୁ ନାହିଁ । ଯେଉଁ ଗରିବ ଛାତ୍ରଟି ମୋ ସଙ୍ଗରେ ପଢ଼ିବାକୁ ଆସନ୍ତି ତାଙ୍କୁ ମାସିକ କିଛି କିଛି ପାରିଶ୍ରମିକ ଦିଆଯାଉଥିଲା । କେବଳ ସେତିକି ନୁହେଁ, ମୋର ଜେଜେମା, ପର୍ବପର୍ବାଣୀବେଳେ ଯେତେସବୁ ଖଜା ପିଠା ହୁଏ, ସେଥିରୁ କିଛି କିଛି ସେ ପିଲାଟିକୁ ଦିଅନ୍ତି । ଜେଜେମାଙ୍କର ଶ୍ରଦ୍ଧା ତା' ପ୍ରତି କାହିଁକି ଏତେ ହୋଇଥିଲା ସେଥିର ତଥ୍ୟ ସେତେବେଳେ ମୁଁ କିଛି ବୁଝିପାରି ନଥିଲି । କିନ୍ତୁ ବହୁ ବର୍ଷ ପରେ କଳାହାଣ୍ଡିରେ ମୁଁ ଗୋଟିଏ ସମ୍ବାଦ ପାଇ ତାହାର ମର୍ମ ବୁଝି ପାରିଛି । ଆମେ ପଢ଼ିଲାବେଳେ ଯେତେବେଳେ କିଛି ଦୁଷ୍ଟାମି କରୁ

Digitized by PPRACHIN, SOA

କିମ୍ବା ପଢ଼ାରେ ଭୁଲଭାଲ ହୁଏ, ସେତେବେଳେ ମୋ ପିଠିରେ ବେତ୍ରାଘାତ ନ ହୋଇ ନରସିଂହ ମିଶ୍ରଙ୍କ ବେତ ସେହି ଗରିବ ଛାତ୍ରର ପିଠିରେ ଦାଗ ଦେଇଥାଏ । ମୋ ସାଥି ପିଲାଟି ସେତେବେଳେ କାନ୍ଦ କାନ୍ଦ କହେ ଆଉ ମୁଁ କେବେ ଏମିତି କରିବନି, ମୋତେ ମାରନ୍ତୁ; କିମ୍ବା ମୋ ଦୋଷରୁ ଯଦି ସେ ମାଡ଼ ଖାଇଥାଏ କହେ ଆଜ୍ଞା ମୁଁ ଜାଣିନି । ବାବୁ କରିଛନ୍ତି । ( ସେ ମୋତେ ବାବୁ ବୋଲି ଡାକେ ) ହାୟ ! କି ନିର୍ମମ ବିଧାନ ସେ ! ମୁଁ ଦୋଷ କଲି ଅଥଚ ଅନ୍ୟ ଜଣେ ନିର୍ଦ୍ଦୋଷ ଶିଶୁ ମାଡ଼ ଖାଇ ମୋତେ ଚେତାଇ ଦିଆଯାଉଛି ଦୁଷ୍ଟାମି ନ କରିବାକୁ । କଲାହାଣ୍ଡିରେ ଯେଉଁ ସମ୍ବାଦଟି ମୁଁ ପାଇଥିଲି ତାହା ହେଉଛି ଗଡ଼ଜାତ ରାଜାମାନଙ୍କର ପିଲମାନେ ଯେତେବେଳେ ପାଠ ପଢ଼ିବାକୁ ଯାଆନ୍ତି ତାଙ୍କ ସହିତ କେତୋଟି ଏପରି ନିଯୁକ୍ତ ବେତନଭୋଗୀ ଛାତ୍ରଙ୍କୁ ପଠାଇ ଦିଆଯାଏ । ରାଜକୁମାରଙ୍କ ଦୁଷ୍ଟାମି ହେତୁ ଯେଉଁ ଶାସ୍ତି ଦିଆଯାଏ ତାହା ସେହି ଗରିବ ଛାତ୍ରଙ୍କୁ ମିଳେ । ଅର୍ଥାତ ଦୁଷ୍ଟାମି କଲେ ଯେଉଁ ଦଣ୍ଡ ତାହା ରାଜକୁମାରମାନଙ୍କ ସମ୍ମୁଖରେ ଆଦର୍ଶ ରୂପେ ଦେଖାଇ ଦିଆଯାଏ । ଅଥଚ ରାଜକୁମାରଙ୍କର ଶାରୀରିକ କଷ୍ଟ ହୁଏ ନାହିଁ । ଠିକ୍ ସେଇ ଜାତରେ ମୋ ସାଙ୍ଗ ପିଲାଟି ମଧ୍ୟ ନିଯୁକ୍ତ ହୋଇଥିବାର ଜଣାଯାଏ । ତେଣୁ ମୋର ଜେଜେମା ସେଥିର କ୍ଷତିପୂରଣ ରୂପେ ସେ ପିଲାଟିକୁ ସନ୍ତୋଷ କରିବାକୁ ଜାମା, ଲୁଗାପଟା ଓ ଖଜାପିଠା ଦେଇ ସ୍ନେହ କରନ୍ତି ।

ଦିନେ ସେହି ଗରିବ ଛାତ୍ରକୁ ବେତ୍ରାଘାତ ହେଲା ଯାହାକି ତା ପକ୍ଷରେ ଅସମ୍ଭାଳ । ପରଦିନ ସକାଳୁ ସେ କାନ୍ଦ କାନ୍ଦ ମୋ ପାଖକୁ ଆସି କହିଲା ବାବୁ ! ଏ ମାଷ୍ଟ୍ରଟା ବଡ଼ ଦୁଷ୍ଟ । ଏହାକୁ ଏଥର ଛଡ଼ଦେବା । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି କିପରି ? ସେ କହିଲା ଦେଖ । ସେ ପାଠ ପଢ଼ାଉଥିବେ ସେତିକିବେଳକୁ ମୁଁ ଦୀପଟା ଫୁଙ୍କି ଦେବି, ଅନ୍ଧାର ହେଲେ ତୁମେ ତାର ଆଙ୍ଗୁଠି କାମୁଡ଼ି ଦେବ । ମୁଁ ଟିକିଏ ଚମକି ପଡ଼ିଲି । ଏହା କିପରି ସମ୍ଭବ ? ସେ କହିଲା ନରସିଂହ ମିଶ୍ର ପର୍ଶୁରାମ ପୁର ଗାଁରୁ ଆସି ପାରଳାଖେମୁଣ୍ଡିରେ ପିଲାମାନଙ୍କୁ ବାଡ଼େଉଛି । ଆମେ ସବୁ ପିଲାଏ ଏକଥା ବିଚାର କରିଛୁ । ଏହାକୁ ଏଠାରୁ ଘଉଡ଼ି ଦେବା । ସେ ଦିନ ରାତିରେ ଠିକ୍ ଆମର ମସୁଧା ଅନୁସାରେ ଦୀପ ଲିଭିଲା ଓ ନରସିଂହ ମିଶ୍ରର ହାତର କାଣି ଆଙ୍ଗୁଠିରେ ମୋର ଗ୍ରେଟ ବସିଲା । ଶିକ୍ଷକ ଅବାକ୍ । ଅପ୍ରତ୍ୟାଶିତ ଘଟଣାରେ ସେ ଆମକୁ ମାରିବେ କଣ, ଦଉଡ଼ି ଘରକୁ ପଳାଇଗଲେ । ସେଇଦିନୁ ସେ ଆମଘରକୁ ପାଠ ପଢ଼ାଇବାକୁ ଆସିଲେ ନାହିଁ କି ସେ ଗରିବ ପିଲାର ଦେଖା ମଧ୍ୟ ମିଳିଲା ନାହିଁ ।

ପିଲାଦିନେ ମୋର ଦୁଷ୍ଟାମି ବଢ଼ିବାକୁ ଲାଗିଲା; କିନ୍ତୁ ସେଥିର ସଂଯମ ପାଇଁ ଯେଉଁ ଶିକ୍ଷା ଓ ଶାସନ ଆବଶ୍ୟକ ତାହା ମୁଁ ପାଇ ନ ଥିଲି । ମୋ ପରି ଧନୀ ପରିବାରର

Digitized by PPRACHIN, SOA

ବହୁ ଛାତ୍ର ଏ ଅବସ୍ଥା ଭୋଗିଥାନ୍ତି । ଏଥିର ପ୍ରଧାନ କାରଣ ହେଉଛି ସାମାଜିକ ଅବସ୍ଥା । ଶୃଙ୍ଖଳାବଦ୍ଧତା ଆମ ଦେଶରେ ପ୍ରାଚୀନ କାଳରେ ଯେଉଁ ସ୍ତରରେ ଥିଲା ତାହା ମଧ୍ୟଯୁଗରେ ଏବଂ ଆଧୁନିକ ଯୁଗରେ ବହୁ ପରିମାଣରେ ଖର୍ବ ହୋଇ ଯାଇଛି । ଧନୀ, ଦରିଦ୍ରର ତାରତମ୍ୟ ଏଥିର ମୂଳ କାରଣ । କିନ୍ତୁ ଆମ ସମାଜର ପ୍ରାଚୀନ ଐତିହ୍ୟ ଅନୁଶୀଳନ କଲେ ସ୍ପଷ୍ଟ ଜଣାଯିବ ଯେ ବୁଦ୍ଧିଜୀବୀ ସମାଜ ଗରିବ ଜୀବନ ଯାପନ କରୁଥିଲେ । ଅଧ୍ୟାପକ ଉପାଧ୍ୟାୟମାନଙ୍କର କୁଟୀରରେ ରହି ଯେଉଁ ଛାତ୍ରମାନେ ସଂସ୍କୃତ ଅଧ୍ୟୟନ କରୁଥିଲେ ସେମାନେ ଗ୍ରାମରେ ମୁଷ୍ଟିଭିକ୍ଷା କରି ନିଜେ ଓ ଅଧ୍ୟାପକଙ୍କୁ ଦେଇ ଜୀବନ ନିର୍ବାହ କରୁଥାନ୍ତି । ମଧ୍ୟ ଯୁଗରେ ଏ ପ୍ରଥା ଅର୍ଥାତ୍ ଭିକ୍ଷାବୃତ୍ତି ବୁଦ୍ଧିଜୀବୀମାନଙ୍କଠାରୁ ଛଡ଼ାଇ ନେବାକୁ ତତ୍କାଳୀନ ରାଜାମାନେ ଭୂମିଦାନ କରି ଗୁରୁ ଓ ଛାତ୍ରମାନଙ୍କର ଭରଣ ପୋଷଣର ବ୍ୟବସ୍ଥା କଲେ । ଏଥିର ଐତିହାସିକ ଉଦାହରଣ ରୂପେ ବହୁତଗୁଡ଼ିଏ ତାମ୍ରଶାସନ ଆମ୍ଭେ ଓଡ଼ିଶାରେ ପାଇ ପାରିଛୁ ।* ଏହାପରେ ଗୁରୁକୁଳଗୁଡ଼ିକ ଗୋଟିଏ ଗୋଟିଏ ମଠରେ ପରିଣତ ହୋଇ ପ୍ରଚୁର ବିଭବର କେନ୍ଦ୍ରସ୍ଥଳୀରେ ପରିଣତ ହେଲା । ସେଠାରେ ଗୁରୁସ୍ଥାନରେ ଗୋଟିଏ ଗୋଟିଏ ମହନ୍ତ ନିଯୁକ୍ତ ହୋଇ ଛାତ୍ରମାନଙ୍କୁ ବିଭିନ୍ନ ବିଭାଗରେ ସଂସ୍କୃତ ଶିକ୍ଷା ଦାନ କରିବାକୁ ଲାଗିଲେ । କ୍ରମେ ସେହି ପ୍ରଥା ମଧ୍ୟ ଲୁପ୍ତ ହୋଇ ତା ସ୍ଥାନରେ ବିଳାସ ଓ ବ୍ୟଭିଚାର ବଢ଼ିବାକୁ ଲାଗିଲା । ସଂକ୍ଷେପରେ କହିବାକୁ ଗଲେ ପ୍ରାଚୀନ ବୌଦ୍ଧ ଓ ଜୈନ ତଥା ବୈଦିକ ଯୁଗରୁ ଆରମ୍ଭ କରି ଯେଉଁ ଗୁରୁକୁଳ ପ୍ରଥା ଆମ ଦେଶରେ ରହି ଆସିଥିଲା, ପରିଣାମରେ ତାହା ମାରାତ୍ମକ ସାମାଜିକ ବ୍ୟଭି-ଚାରର କେନ୍ଦ୍ରସ୍ଥଳୀରେ ପରିଣତ ହେଲା । ବ୍ରିଟିଶ ଯୁଗରେ ତାହା ଗୋଟିଏ ଗୋଟିଏ ଧର୍ମ ଅନୁଷ୍ଠାନ ରୂପେ ରହି ଆଜି ସ୍ୱତନ୍ତ୍ର ପର୍ଯ୍ୟାୟର ସୃଷ୍ଟି କରିଛି ।

ପିଲାଦିନେ ମୋର ଦୁଷ୍ଟାମି ଦେଖି ଦିନେ ମୋର ଜେଜେମା ତାଙ୍କର ସ୍ୱାମୀଙ୍କୁ ପରାମର୍ଶ ଦେଲେ ଯେ ପିଲାକୁ ଏଥର ବ୍ରତ ନ କଲେ ତାର ଦୁଷ୍ଟାମି ଯିବ ନାହିଁ । ଜେଜେ-ବାପା ଏଥିରେ ଟିକିଏ ବିଚଳିତ ହୋଇ କହିଲେ—ହଁ ଆଠ ବର୍ଷରେ ବ୍ରତ ହେବାର କଥା । କିନ୍ତୁ ଏ କ'ଣ ଗାୟତ୍ରୀମନ୍ତ୍ର ଉଚ୍ଚାରଣ କରି ପାରିବ ? ଜେଜେମା ପ୍ରତିବାଦ କରି କହିଲେ—ତୁମେ ଶିଖାଇଲେ ସେ ନିଶ୍ଚୟ କରିବ । ମୋ ଆଗରେ ସେ ତ ରାମାୟଣ, ମହାଭାରତ ପରି ପୁରାଣ ପଢ଼ି ପାରୁଛି ! ଗାୟତ୍ରୀ ବି ନ କରିବ କାହିଁକି ? ଜେଜେ ବାପା ତାଙ୍କ କଥାରେ ହସିଦେଇ କହିଲେ, ପୁରାଣ ପଢ଼ିବା ଆଉ ସଂସ୍କୃତ ଶ୍ଳୋକ ଉଚ୍ଚାରଣ କରିବା ଏକା କଥା ନୁହେଁ । ସେ ଯାହାହେଉ ତୁମେ ଯେତେବେଳେ ମନ କଲଣି ବ୍ରତଟା କରିଦେବା ।

---

* 'Insicriptions of Orissa Vol ·II Page.

Digitized by PPRACHIN, SOA

ଦିନେ ସକାଳୁ ଜେଜେମାଙ୍କଠାରୁ ଖବର ପାଇ ପୁରୋହିତ ନାରାୟଣ କର ଗୋଟିଏ ପାଟ ପିନ୍ଧି ଛତା ପଇତା ହୋଇ, ପାଞ୍ଜି ବିଡ଼ା କାଖରେ ଯାକି ଆମ ଘରକୁ ଆସି ସ୍ୱସ୍ତି ବାଚନ କଲେ । ହୁଳହୁଳି ଧ୍ୱନିରେ ଆମର ବିରାଟ ଗୃହ ସଂସାର ଉଚ୍ଛୁଳି ପଡ଼ିଲା । ମୁଁ ମଧ୍ୟ ବ୍ରତର ମର୍ମ କିଛି ଜାଣି ନଥିଲେ ସୁଦ୍ଧା କିଛି ଗୋଟାଏ ବଡ଼ ଉତ୍ସବ ଅପେକ୍ଷାରେ ଆନନ୍ଦିତ ହେଲି । ପୁରୋହିତ ପାଞ୍ଜି ଫିଟାଇ ଦିନ ବାର ଠିକ୍ କରିଗଲେ । ଆଉ ୧୫।୧୬ ଦିନ ମାତ୍ର ବାକି । ସମସ୍ତ ଆୟୋଜନ କରିବାକୁ ହେବ । ଆମର ହଳିଆ-ମାନେ ପ୍ରାୟ ୫୦।୬୦ ଜଣ ଦିନରାତି ଲାଗି ଗୋଟିଏ ବଡ଼ ଗୁମୁଡ଼ିଆ ତିଆରି କଲେ । ବାଡ଼ି ଆଡ଼େ ଖିଆଶାଳ । ଦାଣ୍ଡରେ ମଣ୍ଡପକୁ ଲାଗି ଦୁଇପାଖ ବିରାଟ ଆକାରରେ ଗୁମୁଡ଼ିଆ ପଡ଼ିଲା । ମୋ ନନାଙ୍କର ଇଚ୍ଛା ଅନୁସାରେ ବିଜୟ ନଗରରୁ ବ୍ୟାଣ୍ଡବାଜା ଓ ବେଶ୍ୟାମେଳ ଆସିଲେ । ସେତେବେଳେ ପାରଳାଖେମୁଣ୍ଡିରେ ବ୍ୟାଣ୍ଡବାଜା କ'ଣ କେହି ଜାଣି ନଥିଲେ । ଏହାହିଁ ପ୍ରଥମ । ତେଣୁ ବିଭିନ୍ନ ସ୍ଥାନରୁ ଏପରିକି ଗ୍ରାମାଞ୍ଚଳରୁ ମଧ୍ୟ ଲୋକେ ଦଉଡ଼ି ଆସିଲେ ବ୍ୟାଣ୍ଡବାଜା ଦେଖିବାକୁ । କଟକରୁ ହାବଇବାଣ ନୂଆରେ ଅଣା ହୋଇ ଥିଲା । ଏ ସବୁ ଉତ୍ସବ ମଧ୍ୟରେ ଷୋଳ ଶାସନ ବ୍ରାହ୍ମଣଙ୍କ ଉପସ୍ଥିତିରେ ମୋର ବ୍ରତ ସଂପୂର୍ଣ୍ଣ ହେଲା । ଏଠାରେ କହି ରଖିବା ଉଚିତ ଯେ, ଆମ ପରିବାରରେ ଏପରି ବିବାହ ଓ ବ୍ରତ ଉତ୍ସବରେ ଷୋଳ ଶାସନର ବ୍ରାହ୍ମଣମାନେ ଆଶୀର୍ବାଦ କରିବାକୁ ଯୋଗ ଦିଅନ୍ତି । ସେଇ ନିୟମ ବହୁକାଳ ପର୍ଯ୍ୟନ୍ତ ରହିଥିଲା ।

ମୋର ମନେ ଅଛି ବ୍ରତ-ବେଶରେ ଅର୍ଥାତ୍ ମୁଣ୍ଡରେ ମକୁଟ ପିନ୍ଧି ହଳଦିଆ ପାଟ ଓ ସାର୍ଦ୍ଧଦଣ୍ଡ ଧରି ସେତେବେଳେ ମୁଁ ଭୁଷାଣି ଗଲି, ଠିକ୍ ସେଇ ବେଶରେ ରାଜ-ନବରକୁ ମୋତେ ନେବାକୁ ଜେଜେବାପା ପ୍ରସ୍ତାବ କଲେ । ବୋଧେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଜେଜେବାପା ପ୍ରତାପରୁଦ୍ର ଦେବଙ୍କ ଇଚ୍ଛାକ୍ରମେ ଏ ପ୍ରସ୍ତାବ ହୋଇଥିଲା । ଯଥା ସମୟରେ ଜେଜେବାପାଙ୍କ ସଙ୍ଗେ ମୁଁ ନଅରକୁ ଯାଇ ସେତେବେଳେ ବୃଦ୍ଧରାଜା ପ୍ରତାପରୁଦ୍ରଙ୍କର ସମ୍ମୁଖରେ ଉପସ୍ଥିତ ହେଲି ସେତେବେଳେ ସେ ଜପରୁ ଉଠି ମୋତେ ଲକ୍ଷ୍ୟ କରି ଜେଜେବାପାଙ୍କୁ ପଚାରିଲେ ମୁକୁଟର ତାତ୍ପର୍ଯ୍ୟ କ'ଣ ? ରାଜାମାନେ ସିନା ମୁକୁଟ ପିନ୍ଧନ୍ତି ? ବ୍ରାହ୍ମଣମାନଙ୍କର ମୁକୁଟରେ କି ଅଧିକାର ? ଜେଜେବାପା ଉତ୍ତର ଦେଇ କହିଲେ, ରାଜାଙ୍କ ମୁକୁଟ ରତ୍ନମଣ୍ଡିତ । କାରଣ ସେ ରାଜବିଭବର ଅଧିକାରୀ; କିନ୍ତୁ ବ୍ରାହ୍ମଣର ମୁକୁଟ ତାଳପତ୍ର, ଯେହେତୁ ସେ ପୋଥିର ଅଧିକାରୀ । ଯେ ଯେଉଁ ବିଷୟରେ ପାରଙ୍ଗମ ତା'ର ସେହି ବିଷୟ ହିଁ ପ୍ରତୀକ ରୂପେ ଚିହ୍ନିତ ହୁଏ । ଏହାପରେ ରାଜା ପଚାରିଲେ ବ୍ରାହ୍ମଣର ଯଜ୍ଞୋପବିତ ଏବଂ ବ୍ରହ୍ମଗଣ୍ଠିର ତାତ୍ପର୍ଯ୍ୟ କଣ ? ଜେଜେବାପା ଉତ୍ତର ଦେଲେ ବ୍ରତ ଶବ୍ଦର ମୂଳ ଅର୍ଥ ହେଉଛି ବ୍ରହ୍ମଚର୍ଯ୍ୟ ରକ୍ଷା । ଏଥିର ସୁରକ୍ଷା ପାଇଁ ନେଉଁ ସଂକଳ୍ପ ତାହାହିଁ ବ୍ରହ୍ମଗଣ୍ଠି ଅର୍ଥାତ ଆଜିଠାରୁ ବାଳକ ପ୍ରତିଜ୍ଞା କରୁଛି ଯେ ,ସେ କୌଣସିମତେ ବ୍ରହ୍ମଚର୍ଯ୍ୟ ଦୀକ୍ଷାରୁ ସ୍ଖଳିତ ହେବନାହିଁ । ଏହି ବ୍ରତ ପାଳନ ହିଁ ବ୍ରାହ୍ମଣ-

Digitized by PPRACHIN, SOA

ମାନଙ୍କ ବ୍ରତର ମୂଳ ମନ୍ତ୍ର । ରାଜା ପଚାରିଲେ —ଦଣ୍ଡ ଧାରଣ ଓ ବଲ୍‌କଲ ପିନ୍ଧିବାର ଉଦ୍ଦେଶ୍ୟ କ'ଣ ? ଜେଜେବାପା ଉତ୍ତର ଦେଲେ—ପୂର୍ବେ ଦଣ୍ଡୀ ଭିକ୍ଷୁ ଓ ସନ୍ନ୍ୟାସୀମାନେ ଲଣ୍ଡିତ ମସ୍ତକରେ ଦଣ୍ଡଧାରଣ କରି ଯେପରି ଯାତ୍ରା କରୁଥିଲେ, ସେଥିର ଅନୁକରଣରେ ବର୍ତ୍ତମାନ ଏ ବାଳକ ଗୁରୁଗୃହକୁ ପ୍ରେରିତ ହେବାର ଏ ନିଦର୍ଶନ । ରାଜା ଅତି ଆନନ୍ଦରେ ପଚାରିଲେ—ଏ ତ ଗୁରୁଗୃହକୁ ଯାଉଛି; କିନ୍ତୁ ଫେରି ନିଜ ଗୃହକୁ ନେଉଛ କିପରି ? ଏଠାରେ ଜେଜେ ବାପା ଟିକିଏ ହସିଦେଇ କହିଲେ—ପୂର୍ବର ସେ କଥା ପୁରାଣରେ ଲୁଚି ଗଲାଣି । ଯେଉଁ ପ୍ରାଚୀନ ପ୍ରଥାର ଏହା ଗୋଟିଏ ଧ୍ୱଜ ମାତ୍ର । ଏବେ ପିଲାର ମାମୁଁ ତାକୁ ଫେରାଇବାକୁ ଦଉଡ଼ି ଯାଇ ଘରକୁ ନେଇଆସିବା ପ୍ରଥା ସମାଜରେ ନୂଆରେ ଯୋଡ଼ି ଦିଆଯାଇଛି । ଏଇ ପ୍ରଥାକୁ ଆମେ ରୁଷାଣି କହୁ । ରାଜା ଥିଲେ ଜଣେ ନୈଷ୍ଠିକ ଶିବ ଭକ୍ତ ଓ ପଣ୍ଡିତ । ସେ ଟିକିଏ ବିରସ ହୋଇ କହିଲେ, ଆହା ! କେଡ଼େ ଉନ୍ନତ ଯୁଗଟି ଆମ ଦେଶରୁ ଚାଲିଗଲା ?

ବ୍ରତ ପରେ ମଧ୍ୟ ମୋର ସ୍ୱାଭାବିକ ଦୁଷ୍ଟାମି କମିବା ପରିବର୍ତ୍ତେ ଆହୁରି ବଢ଼ିବାକୁ ଲାଗିଲା । ଜେଜେମା କହିଲେ ବୋଧହୁଏ ମୋର ବାଳ କାଟିବା ପାଇଁ ମାନାଝୁଲାଠାରେ ସଂଅଣିକ ଥିଲା; ତାହା ଶେଷ ନ କରିବାରୁ ଏମିତି ପିଲାର ସ୍ୱଭାବ ହେଉଛି । ଏଣୁ ମାନାଝୁଲାକୁ ଯିବାର ଆୟୋଜନ କରି ବହୁ ଚାକରବାକରଙ୍କୁ ନେଇ ପାଞ୍ଚଖଣ୍ଡ ବଳଦଗାଡ଼ି ଠିକ୍ କରାଗଲା । ସେତେବେଳେ ରେଳ ମୋଟର କିଛି ନଥିଲା । ଗୁମ୍ମପୁର ବାଟେ ମାନାଝୁଲା ଯିବାକୁ ହେଲେ ପାରଳାଖେମୁଣ୍ଡିରୁ ପ୍ରାୟ ତିନି ଚାରିଦିନ ଲାଗୁଥିଲା । ମୋର ନନା ଓ କେକେଇ ମଧ୍ୟ ମୋ ସାଙ୍ଗରେ ଯାତ୍ରା କଲେ । ସମସ୍ତେ ଭଲଦିନଟିଏ ଦେଖି ପାରଳାଖେମୁଣ୍ଡିରୁ ବାହାରିଲୁ । ଦୁଇ ଦିନ ପରେ ଗୁମ୍ମପୁର ଦେଇ ବନ୍ଧମପୁର ଗ୍ରାମରେ ମୋର ମାଉସୀ ଘରେ ଦିନଟିଏ ରହିଲୁ । ମୋର ଆଜି ମନେ ପଡୁଛି ମାଉସୀ ମା ମୋତେ ଆଦର କରି ସର ଗୁଡ଼ ଖୁଆଇଥିଲେ । ତାଙ୍କର ସେହି ସ୍ନେହ ଓ ଆଦର ମୁଁ ଜୀବନରେ ଆଦୌ ଭୁଲି ପାରିନାହିଁ । ଆମେ ସନ୍ଧ୍ୟାରେ ଗୁଡ଼ାରି ଅତିକ୍ରମ କରି ଯେତେବେଳେ ମାନାଝୁଲାର ସମୀପବର୍ତ୍ତୀ ହେଲୁ ଦେଖାଗଲା ଚାରିଆଡ଼େ ଘୋର ଅରଣ୍ୟ । ହାତୀ, ବାଘ ପ୍ରଭୃତି ଶ୍ୱାପଦ ଜନ୍ତୁମାନଙ୍କର ଲୀଳାସ୍ଥଳୀ । ଶିବରାତ୍ରି ଦିନ ସେଠାରେ ଗୋଟିଏ ବଡ଼ ମେଳା ହୁଏ । ସେତେବେଳେ ବିଭିନ୍ନ ଅଞ୍ଚଳରୁ ବହୁ ଯାତ୍ରୀଙ୍କର ସମାବେଶ ହେତୁରୁ ବାଘ ଭୟ ନ ଥାଏ । ଜଣେ ଆଦିବାସୀ ଶବରର ଘର ସେଇଠାରେ ଥିଲା । ଆମେ ତା' ଘରକୁ ଯାଇ ପଚାରିଲୁ ଚାଉଳ କିଛି ବିକି କରି ପାରିବ କି ? ସେ ହସି ହସି କହିଲା—ତୁମେ ବ୍ରାହ୍ମଣ । ମୁଁ ଆଦିବାସୀ ଶବର । ତୁମଠାରୁ ଟଙ୍କା ନେଇ ମୁଁ ଚାଉଳ ଦେବି ? ନା, କଦାପି ନୁହେଁ । ତମର କେତେ ଲୋକ ଆସିଛ କହ, ମୁଁ ତୁମକୁ ସେତିକି ଚାଉଳ ଓ ଡାଲି ଦାନ କରିବି । ଆମେ ସବୁ ପନ୍ଦର ଜଣ । ଆମର ଶେଷେ ଆମେ ତା' ଠାରୁ ଦୁଇ ଅଡ଼ା ମାତ୍ର ଅତି ସରୁ ଚାଉଳ (ପ୍ରାୟ ଦୁଇ କଳେରୁ

Digitized by PPRACHIN, SOA

ଟଙ୍କାଏ କମ୍) ଆଣିବାରୁ ମୋର ନନା ବିରକ୍ତ ହୋଇ କହିଲେ—ପନ୍ଦର ଜଣ ଖାଇବେ; ଏତିକ ଚାଉଳ କ'ଣ ହେବ ? ଏହା ଶୁଣି ଶଉରୀ ହସି ହସି କହିଲା—ଗୋସେଇଁ, ତୁମେ ଆଗ ଏ ଚାଉଳ ରାନ୍ଧ । ନଅଣ୍ଟ ହେଲେ ଫେର୍ ମୁଁ ଦେବି ନା କି ? ପୁରୁଷିଆ ମୁହଁକୁ ଚାହିଁ କହିଲା, ଏ ବ୍ରାହ୍ମଣ, ତୁମର ଛଅ ଅଡ଼ା ଚାଉଳରେ ଯେତିକ ପାଣି ଦେଉ ସେତିକ ପାଣି ଦେଇଥିବୁ । ଏହା ଶୁଣି ଆମେ ସମସ୍ତେ ଆଶ୍ଚର୍ଯ୍ୟ ହେଲୁ । ସତକୁ ସତ ରୋଷେଇ କଲାବେଳକୁ ଦେଖାଗଲା ଯେ ପନ୍ଦର ଜଣ କାହିଁକି ଆଉ ଦୁଇ ଜଣର ଖାଦ୍ୟ ସାମଗ୍ରୀ ମଧ୍ୟ ବଳି ପଡ଼ିଛି ।

ତା' ପର ଦିନ ମୀନାକ୍ଷୁଲ୍ଠାରେ ଆମେ ସମସ୍ତେ ବଂଶଧାରା ନଦୀରେ ସ୍ନାନ କରି ମହାପ୍ରଭୁଙ୍କର ଦର୍ଶନ କରିବାକୁ ଗଲୁ ; କିନ୍ତୁ ତିନୋଟି ଶାଖାନଦୀର ସମ୍ମିଶ୍ରଣସ୍ଥଳରେ ଯେଉଁ ବିଶାଳ ଗିରିବର ମସ୍ତକ ଉତ୍ତୋଳନ କରି ଦଣ୍ଡାୟମାନ ତା'ର ପାଦଦେଶରେ ଗୋଟିଏ ବିଶାଳ ପ୍ରସ୍ତର ଖୋଲରେ ମହାଦେବଙ୍କର ଲିଙ୍ଗ ଜଳମଗ୍ନ ହୋଇ ରହିଛି । ଏକଆଡ଼େ ନିବିଡ଼ ବନମାଳା ଓ ବିଶାଳ ପର୍ବତ ଶ୍ରେଣୀ, ଅନ୍ୟ ଆଡ଼େ ସ୍ୱଚ୍ଛ ନୀର । ତ୍ରିବେଣୀ ଧାରା ସେହି ପବିତ୍ର ସ୍ଥାନକୁ ଗୋଟିଏ ରମଣୀୟ ପ୍ରାକୃତିକ ଦୃଶ୍ୟରେ ପରିଣତ କରିଛି । ଏହି ତିନ ଧାରାକୁ ସ୍ଥାନୀୟ ଲୋକେ ନାମକରଣ କରିଛନ୍ତି ଚାଉଳଧୂଆ, ଫଳଫଳିଆ ଓ ବଂଶଧାରା । କିମ୍ବଦନ୍ତୀ ଅଛି ଯେ, ରାମ, ଲକ୍ଷ୍ମଣ, ସୀତା ବନବାସ-ବେଳେ ଏଇଠାରେ କିଛି କାଳ ଅବସ୍ଥାନ କରିଥିଲେ । ସୀତା ଯେଉଁ ଧାରାରେ ଚାଉଳ ଧୋଇଥିଲେ ସେଇ ଧାରାର ବର୍ଣ୍ଣ ଅଦ୍ୟାପି ଧୂସର ଦେଖାଯାଏ । ପୁଣି ଯେଉଁଠାରେ ସେ ଫଳମୂଳ ଧୋଇଥିଲେ ସେଥିର ବର୍ଣ୍ଣ ଅଳ୍ପ ଶାଗୁଆ ଦେଖାଯାଏ । ସେ ଯାହାହେଉ ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯିବ ଯେ ମଧ୍ୟଭାରତରୁ ଦାକ୍ଷିଣାତ୍ୟକୁ ଯାତ୍ରା କରିବା ପାଇଁ ଯେଉଁ ପ୍ରଶସ୍ତ ରାଜପଥ ଥିଲା ସେଥିର ଗୋଟିଏ ଘାଟ ରୂପେ ମୀନାକ୍ଷୁଲ୍ ଅଦ୍ୟାପି ସେଇ ପ୍ରାଚୀନ ସ୍ମୃତି ଆଣି ଦେଉଛି । ହୁଏତ ରାମାୟଣ ଯୁଗରେ ରାମଚନ୍ଦ୍ର ଏହିବାଟେ ପଞ୍ଚବଟୀକୁ ଯାତ୍ରା କରିଥିଲେ । ଗୋଦାବରୀ ତଟବର୍ତ୍ତୀ ପଞ୍ଚବଟୀର ମୂଳ ସ୍ଥାନ ଆଧୁନିକ କୋରାପୁଟ ଜିଲ୍ଲାର ମାଲକାନଗିରି ସନ୍ନିକଟ ଭଦ୍ରାଚଳମ୍ ବୋଲି ନିର୍ଣ୍ଣୟ କରାଯାଏ । ତା' ହେଲେ ଏହି ପଥଟି ଯେ ସିଧା ଉତ୍ତର କୋଶଳ ସଙ୍ଗେ ସଂଯୁକ୍ତ ରାଜପଥରେ ଗୋଟିଏ ମାଇଲ ଷ୍ଟୋନ୍ ଏଥିରେ ସନ୍ଦେହର ଅବକାଶ ନାହିଁ । ତାହା ହୋଇ ନ ଥିଲେ ଏପରି ଏକ ଅଜ୍ଞାତ ଆଦିବାସୀବହୁଳ ଅଞ୍ଚଳ ଗୋଟିଏ ପୁଣ୍ୟତୀର୍ଥ ରୂପରେ ଲୋକରେ କାହିଁକି ବା ପରିଚିତ ହୁଅନ୍ତା !

ମୋର ବୟସ ଯେତେବେଳେ ନଅବର୍ଷ ସେତେବେଳେ ମୋ ନିଜର ଦୁଷ୍ଟାମିର ଫଳସ୍ୱରୂପ ବାମ ଗୋଡ଼ର ଆଣ୍ଠୁରେ ଗୋଟିଏ ଆଘାତ ପାଇଥିଲି । ଲୁଗା ଶୁଖାଇବା ପାଇଁ ଯେଉଁ ଅଲଗୁଣି ବାଉଁଶ ବାରଣ୍ଡା କଡ଼ରେ ବନ୍ଧା ହୋଇଥାଏ ସେଥିରେ

Digitized by PPRACHIN, SOA

ଗୋଟିଏ ଲୁଗାକୁ ମୋଡ଼ି ମୋଡ଼ି ଦୋଳି ଖେଳିଲାବେଳେ ସେ ବାଉଁଶଟି ଛୁଟିଯାଇ ଏପରି ଜୋରରେ ଆଘାତ ହେଲା ଯେ ମୁଁ କିଛି ସମୟ ବେହୋସ ହୋଇ ପଡ଼ିଗଲି । ପରେ ମୋତେ ସଚେତ କରାଇ ଗୋଡ଼ର ଫୁଲା ବଢ଼ିବାରୁ କେତେ କୁଅଡ଼ୁ ଦେଶୀୟ ଉପଚାରମାନ କରାଗଲା । ମୁଁ ଚାଲି ପାରୁ ନ ଥିଲି । ଦେଡ଼ମାସ ଶଯ୍ୟାଶାୟୀ ହେଲା ପରେ ଟିକିଏ ଟିକିଏ ଖୋଟେଇ ଚାଲିବାକୁ ଲାଗିଲି । ଜେଜେମା ବ୍ୟାକୁଳ ହୋଇ ଜେଜେବାପାଙ୍କୁ କହିଲେ, "ପିଲାଟାକୁ କ'ଣ ଖୋଟା କରିଦେବା ? ଡାକ୍ତର ଦେଖାଇବା ନାହିଁ ?" ଜେଜେବାପା ବ୍ୟସ୍ତ ହୋଇ କହିଲେ, "ଡାକ୍ତର ଦେଖାଇବା ଅର୍ଥ ଗୋଡ଼କୁ କାଟି ପକାଇବା । ମୁଁ ଏହା କରିବାକୁ ଦେବିନାହିଁ । ବରଂ ପିଲା ଖୋଟା ହୋଇ ରହିବା ଭଲ ।" ଏଥିରେ ଜେଜେମାଙ୍କର ମନ ଫିକା ପଡ଼ିଗଲା । କିନ୍ତୁ କ'ଣ କରିବେ ସେ ? ମାଇପି ଲୋକ ଚୁପ୍‌ଚାପ ରହିଲେ । କେତେକଙ୍କ ପରାମର୍ଶରେ ମୋତେ ସୀମାଚଳ ପର୍ବତର ଜଳଧାରାରେ ଗୋଡ଼ ଧୋଇ ଭଲ କରିବାକୁ ଚେଷ୍ଟା କରାଗଲା । ଉରୁପଠ ଜଳପ୍ରପାତରେ ମଧ୍ୟ ସେପରି ଚେଷ୍ଟା କରାଗଲା । କିନ୍ତୁ ଫଳ କିଛି ହେଲାନି । କିଛି ଦିନ ପରେ ମୋ ଜେଜେବାପା ତୀର୍ଥଯିବା ଉଦ୍ଦେଶ୍ୟରେ ବୃନ୍ଦାବନ ଚାଲିଗଲେ । ସେତିକବେଳେ ଜେଜେମା ସୁବିଧା ପାଇ ତାଙ୍କର ଦେବର ଶ୍ୟାମ ସୁନ୍ଦର ରାଜଗୁରୁଙ୍କୁ ଡକାଇଲେ । କହିଲେ, "ବାପା ! ପିଲାର ଅବସ୍ଥା ଦେଖିଛୁ ? ଯେତେ ପଇସା ଲାଗୁ ଦେବାକୁ ପ୍ରସ୍ତୁତ ଅଛି । ତମେ ବଡ଼ ଡାକ୍ତରଙ୍କୁ ଡକାଇ ପିଲାର ଗୋଡ଼ ଭଲ କରାଅ ।" ଶ୍ୟାମ ସୁନ୍ଦର ରାଜଗୁରୁ ନିଜେ ପୁତ୍ରହୀନ ଥିବାରୁ ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ । ମୋର ମନେଅଛି, ସେ ପ୍ରତିଦିନ ମୁନସିପାଲ୍ ଅଫିସରୁ ଛତା ଧରି ଆମ ଘର ବାଟେ ଗଲାବେଳେ ମୁଁ ଆମ ଦାଣ୍ଡପିଣ୍ଡାରେ ତାଙ୍କ ଅପେକ୍ଷାରେ ରହୁଥାଏ । ତାଙ୍କଠାରୁ ଟିକିଏ ଗେହ୍ଲା ଓ ଚୁମ୍ବନ ପାଇବା ଆଶାରେ । ସେ ମଧ୍ୟ ମୋ ପାଇଁ କଣ୍ଢେଇ କମ୍ବା କିଛି ଖେଳନା ପ୍ରତିଦିନ ଦେଉଥାନ୍ତି । ମୁଁ ତାଙ୍କୁ "କାଳିଆ-ବାପା" ବୋଲି ଡାକେ । କାରଣ ତାଙ୍କର ବର୍ଣ୍ଣ ଟିକିଏ ଧୂସର । କାଳିଆ ବାପା ଚେୟାରମ୍ୟାନ ଥିବାରୁ ଏବଂ ସେତେବେଳେ ପାରଳାଖେମୁଣ୍ଡିର ଜଣେ ମାନ୍ୟଗଣ୍ୟବ୍ୟକ୍ତି ହୋଇ-ଥିବାରୁ ତାଙ୍କର କଥା ସମସ୍ତେ ପାଳନ କରୁଥିଲେ । ସେତେବେଳେ ମ୍ୟୁନସିପାଲିଟି ଦ୍ୱାରା ପରିଚାଳିତ ବର୍ତ୍ତମାନର ସରକାରୀ ହସ୍‌ପିଟାଲରେ ଡଃ ପେରିରା ଥିଲେ ଜଣେ ଇଙ୍ଗ୍ଲେସିଆନ ଡକ୍ଟର । ତାଙ୍କୁ ଡାକିଆଣି କାଳିଆ ବାପା ମୋର ଗୋଡ଼ ଅପରେସନ କରାଇଲେ ।-ସେତେବେଳେ କ୍ଲୋରଫର୍ମ ବ୍ୟବହୃତ ହେଉଥିଲା । ଅପରେସନଟି ଦୀର୍ଘ ଅଧ-ଘଣ୍ଟାଏ ବା ଘଣ୍ଟାଏ ଲାଗିଥିଲା । ମୋତେ ବେହୋସ କରାଇ ଯେତେବେଳେ ଅପରେସନ ଆରମ୍ଭ ହୁଏ ମୋର ଜେଜେମା ଓ ଅନ୍ୟାନ୍ୟ ପାରିବାରିକ ଲୋକେ ଆତୁର ହୋଇ ରହିଥାନ୍ତି । କେତେ କ'ଣ ଦିଅଁ ଦେବତାଙ୍କୁ ସହସ୍ରିକ ହେଉଥାଏ । ଅପରେସନ ସରିଲା । ମୋର ଜ୍ଞାନ ହେଲାପରେ ଉତ୍କଟ ଯନ୍ତ୍ରଣାରେ ମୁଁ ଅସ୍ଥିର ହୋଇପଡ଼ିଲି । ବ୍ରଣ

Digitized by PPRACHIN, SOA

ଶୁଖିବାକୁ ପ୍ରାୟ ମାସେ ଖଣ୍ଡେ ଲଗିଲା । ପ୍ରତିଦିନ ଡ୍ରେସିଂ ହୁଏ । ସେତେବେଳେ ଯେଉଁ କଷ୍ଟ ତାହା ଅନୁଭବ ବିନା ଅନ୍ୟ କେହି ଜାଣିପାରିବେ ନାହିଁ । ବ୍ରଣ ପ୍ରାୟ ଶୁଖିବା ବେଳକୁ ମୋର ଜେଜେବାପା ତୀର୍ଥ ଯାତ୍ରାରୁ ଫେରି ଆସିଲେ । ଅପରେସନ କଥା ଶୁଣି ସେ ପ୍ରଥମେ ଘୋର ବିରକ୍ତ ପ୍ରକାଶ କଲେ ; କିନ୍ତୁ ଗୋଡ଼ ଭଲ ହେବା ଦେଖି ତାଙ୍କର ସେ ଭାବ ଉଭେଇ ଗଲା ।

ପିଲାଦିନେ ମୁଁ ହାତରେ ଖାଇବା ଶିଖି ନ ଥିଲି । ମୋର ବିଧବା ପିଉସୀ ନାନୀ ପ୍ରତିଦିନ ମୋତେ ଖୁଆଇ ଦିଅନ୍ତି । ସେତେବେଳେ ସେ ମୋତେ ରାମାୟଣ, ମହାଭାରତରୁ ଆଖ୍ୟାନଗୁଡ଼ିକ ଗଳ୍ପଛଳରେ କହନ୍ତି । ତା' ଶୁଣିବାକୁ ମୋର ଆଗ୍ରହ ଦିନୁଦିନ ବଢ଼ିବାକୁ ଲଗିଲା । ମୁଁ ନିଜେ ଆମ ଘରେ ଥିବା ତାଳପତ୍ର ପୋଥି ଟିକାଇ ରାମାୟଣ ପଢ଼ିବାକୁ ଆରମ୍ଭ କଲି । ଜେଜେବାପା ଏଥିରେ ମୋତେ ଉତ୍ସାହିତ କଲେ । କ୍ରମେ ତାଳପତ୍ର ପୋଥି ପଢ଼ିବା ଅଭ୍ୟାସ ମୋର ବଢ଼ିବାକୁ ଲଗିଲା । ମୋର ପୁରାଣ ପଢ଼ିବା ଦେଖି ଜେଜେମା ଓ ପିଉସୀନାନୀମାନେ ଆଗ୍ରହରେ ମହାଭାରତ ପଢ଼ିବାକୁ ମୋତେ କହିଲେ । ମୁଁ ମଧ୍ୟ ସ୍କୁଲ ପାଠ ପଢ଼ିବା ଓ ଟିଉସନ ମାଷ୍ଟରଙ୍କ ଘରକୁ ନିୟମିତ ଭାବରେ ଯିବାରେ ଅବହେଳା କଲି । ଏଥିରେ ଟିଉସନ ମାଷ୍ଟର ବିରକ୍ତ ହୋଇ ମୋର ନନାଙ୍କୁ ଏ କଥା କହିଲେ । ମୋତେ ସାବଧାନ କରାଇଦେଲେ । ତଥାପି ପୁରାଣ ପାଠରୁ ମୁଁ ନିବୃତ୍ତ ହେଲି ନାହିଁ । ସେତିକବେଳେ ବ୍ରହ୍ମପୁରର ଦାସକାଠିଆମାନେ ଆମ ସାହି ପାଖରେ ରହି ପୁରାଣ ଆଖ୍ୟାନ ଶୁଣାଉଥାନ୍ତି । ସେମାନଙ୍କର ବସାରେ ଆମର ବୈଠକ । ମୁଁ ଦାସକାଠିଆଙ୍କୁ ଆଗ୍ରହ ଓ ଶ୍ରଦ୍ଧା କରୁଥିବା ଦେଖି ମୋଠାରୁ ଯଥାସମ୍ଭବ ସେମାନେ ଟଙ୍କା ପଇସା ଓ ଲୁଗାପଟା ପାଇବା ଉଦ୍ଦେଶ୍ୟରେ ମୋତେ ପ୍ରରୋଚିତ କରୁଥିଲେ । ତାଙ୍କର ପ୍ରରୋଚନା ଏତେଦୂର ଥିଲା ଯେ ଆମ ପିଲାମାନଙ୍କୁ ମନ୍ତ୍ର ସିନ୍ଦୂର ଦେଇ ପରୀକ୍ଷାରେ ପାଶ୍ କରାଇଦେବେ ବୋଲି ସେମାନେ କହିବାରୁ ବହୁ ଟଙ୍କା ପଇସା ଦେଇ ତାଙ୍କଠାରୁ ସିନ୍ଦୂର ନେଇ ମୁଣ୍ଡରେ ଲଗାଇ ପରୀକ୍ଷାକୁ ଯାଉଥିଲୁ । କିନ୍ତୁ ପରୀକ୍ଷା ଫଳ ବାହାରିଲା ବେଳକୁ ସେମାନେ ଯାହାକିଛି ଆମଠାରୁ ସଂଗ୍ରହ କରିବା କଥା ସେସବୁ କରିସାରି ବ୍ରହ୍ମପୁରକୁ ଚାଲିଯାଇଥାନ୍ତି । ସେବର୍ଷ ପରୀକ୍ଷାରେ ମୁଁ ଫେଲ ମାରିଲି ; କିନ୍ତୁ ପୁରାଣ ପଢ଼ିବା ଓ ସାଙ୍ଗ ପିଲାମାନଙ୍କ ସଙ୍ଗେ ଫୁଟ୍‌ବଲ ଖେଳିବା ମୋର ନିତ୍ୟନୈମିତ୍ତିକ ବ୍ୟାପାର ଥିଲା ।

ମୋର ମନେଅଛି ୧୯୧୪ ମସିହାରେ ପ୍ରଥମ ଜର୍ମାନଯୁଦ୍ଧ ଆରମ୍ଭ ହେଲା । ସେ ବର୍ଷ ପାରଳାଖେମୁଣ୍ଡି ମହାରାଜାଙ୍କ ଉଦ୍ୟମରେ ପାରଳାରେ ଉତ୍କଳ-ସମ୍ମିଳନୀର ଦଶମ ଅଧିବେଶନ ଅନୁଷ୍ଠିତ ହେଲା । ଆମେ ଛାତ୍ରମାନେ ଭଲେଣ୍ଟିୟର ହୋଇ ଆଗନ୍ତୁକ ବିଶିଷ୍ଟ ଅତିଥିମାନଙ୍କର ପରିଚର୍ଯ୍ୟାରେ ନିଯୁକ୍ତ ହେଲୁ । ମୋ ଭାଗରେ ପଡ଼ିଲେ ଉତ୍କଳମଣି ଗୋପବନ୍ଧୁ ଦାସ । ଅବଶ୍ୟ ତାଙ୍କର ମହତ୍ତ୍ୱ ଓ ସୁନାମ ଆଜିର ପରି ଏତେ

Digitized by PPRACHIN, SOA

ସୁବିଖ୍ୟାତ ହୋଇ ନ ଥିଲା । କାରଣ ସେତେବେଳେ ମିଷ୍ଟର ଦାସ, ସଙ୍ଗୀତ ମୋହନ ସେନାପତି, ପ୍ରଭୃତି ବଡ଼ ବଡ଼ ନେତାମାନଙ୍କର ପ୍ରତିଭା ଓଡ଼ିଶାରେ ଅଧିକ ଖ୍ୟାତି-ସମ୍ପନ୍ନ ଥିଲା । ଏହି ସମ୍ମିଳନୀର ଯାବତୀୟ ବ୍ୟୟଭାର ପାରଳାର ନବୀନ ରାଜା ବହନ କରିଥିଲେ । ସେ ନିଜେ ପ୍ରତ୍ୟେକ ଟିକିନିଖି ବିଷୟ ବିଚାର କରି ଆଗନ୍ତୁକ ନେତାମାନଙ୍କ ସମସ୍ତ ସୁବିଧା କରି ଦେଉଥିଲେ । ଏଥିରେ ମିଷ୍ଟର ଦାସ ସମ୍ମିଳନୀ ଗୃହରେ ତାଙ୍କ ଭାଷଣରେ ମଧ୍ୟ ଯୁବକ ରାଜା କୃଷ୍ଣଚନ୍ଦ୍ରଙ୍କ ଉଚ୍ଚ ପ୍ରଶଂସା କରିଥିଲେ । ବାସ୍ତବରେ କୁଳବୃଦ୍ଧ ମିଷ୍ଟର ଦାସଙ୍କ ପରେ ଓଡ଼ିଶାରେ ଜଣେ ସୁଦକ୍ଷ ସେନାପତି ତୁଲ୍ୟ ନେତାଙ୍କର ଅଭାବ ଥିଲା । ତାରକାସୁରକୁ ନିହତ କରିବାକୁ ଚିନ୍ତା କଲାବେଳେ ବୃହସ୍ପତି କହିଥିଲେ ।

ଗୋପ୍ତାରଂ ସୁରସୈନ୍ୟାନାଂ ଯଂ ପୁରସ୍କୃତ ଗୋତ୍ରଭିତ୍
ପ୍ରତ୍ୟାନେଷ୍ୟନ୍ତି ଶତ୍ରୁଭ୍ୟୋ ବନ୍ଦୀମିବ ଜୟଶ୍ରିୟମ୍ ॥ *

ବାସ୍ତବରେ ଓଡ଼ିଆମାନେ ଚତୁର୍ଦ୍ଦିଗରୁ ଆକ୍ରାନ୍ତ ହୋଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ପାଇବାକୁ ଯେତେବେଳେ ଘୋର ସଂଘର୍ଷର ସମ୍ମୁଖୀନ ହେଲେ ସେତିକିବେଳେ କାର୍ତ୍ତିକେୟଙ୍କ ପରି ପାରଳାର କୃଷ୍ଣଚନ୍ଦ୍ର ଗଜପତିହିଁ ନେତୃତ୍ୱ ନେଇ ଥିଲେ । ମୋର ମନେପଡ଼ୁଛି, ଗୋପବନ୍ଧୁ ଦାସ ଗୋଟିଏ ମଜିଲୀରେ ବସି ମୋତେ ପଚାରିଲେ, "ତୁମର ନାମ କଣ ?" ମୁଁ କହିଲି, "ସତ୍ୟନାରାୟଣ ରାଜଗୁରୁ ।" ସେ ଟିକିଏ ବିସ୍ମୟ ପ୍ରକାଶ କରି ପଚାରିଲେ –"ତମେ 'ରାଜଗୁରୁ' ହେଲ କିପରି ? ତୁମର ବାପ ଅଛନ୍ତି ତ ?" ମୁଁ କହିଲି, "ହଁ ! ଆମେ ସମସ୍ତେ ରାଜଗୁରୁ ।" ସେ ହସି ହସି ପଚାରିଲେ, "ତୁମର ଆଉ କିଛି ସଂଜ୍ଞା ନାହିଁ ?" ମୁଁ କହିଲି, "ଅଛି । ଆମର ମୂଳ ସାଙ୍ଗିଆ ତ୍ରିପାଠୀ ।" ସେ କହିଲେ, "ତା' ହେଲେ ତୁମେ ସତ୍ୟନାରାୟଣ ତ୍ରିପାଠୀ ?" ଏହା ଶୁଣି ମୋତେ ଟିକିଏ ଲାଜ ମାଡ଼ିଲା । କାରଣ 'ରାଜଗୁରୁ' ସଂଜ୍ଞା ଅପେକ୍ଷା 'ତ୍ରିପାଠୀ' ସଂଜ୍ଞା ସତେ ଯେପରି ଅତି ନିମ୍ନସ୍ତରର । ସେ ମୋ ମୁହଁକୁ ଚାହିଁ ରହସ୍ୟ ଛଳରେ କହିଲେ—"ହଉ, ତୁମେ ରାଜଗୁରୁ ହୁଅ ବା ତ୍ରିପାଠୀ ହୁଅ ସେଥିରେ କିଛି ଯାଏ ଆସେ ନାହିଁ । ତୁମ ନିଜର ଶକ୍ତି ଓ ପ୍ରତିଭା ତୁମକୁ ଯଥାର୍ଥ ସଂଜ୍ଞା ଦେବ ।" ସେତେବେଳେ ମୁଁ ତାଙ୍କର ସେହି କଥାର ମର୍ମ ବୁଝିପାରି ନଥିଲି । କିନ୍ତୁ ବହୁଦିନ ପରେ ଯେତେବେଳେ ଗୋପବନ୍ଧୁଙ୍କର ସେହି କଥା ମୋର ମନେପଡ଼େ ମୁଁ ଭାବିଲି ଯେ କୌଳିକ ସଂଜ୍ଞା ଯେଉଁ ଅର୍ଥରେ ବ୍ୟବହୃତ ହେଉନା କାହିଁକି ସେଥିର ପ୍ରକୃତ ଅଧିକାରୀ ଯେଉଁ ବ୍ୟକ୍ତି ସେ ହିଁ ତାହା ବ୍ୟବହାର କରିବାକୁ ଯୋଗ୍ୟ । ନଚେତ ସେପରି ସଂଜ୍ଞାଗୁଡ଼ିକ ଆମ ଦେଶରେ ଅର୍ଥହୀନ ହୋଇ-ପଡ଼ିବ । ଉଦାହରଣ ସ୍ୱରୂପ—'ସେନାପତି' ସଂଜ୍ଞା ବ୍ୟବହାର କରି ଜଣେ ଦୁର୍ବଳ ରୋଗୀ

* କୁମାର ସମ୍ଭବ, ୨ୟ ସର୍ଗ ଶ୍ଳୋ ୫୨

Digitized by PPRACHIN, SOA

ଆମ୍ଭ ଆଗରେ ଠିଆହେଲେ ଯେଉଁ ଭାବ ଆମେ ମନରେ ପୋଷଣ କରୁ ସେହିପରି ଜଣେ ମୂର୍ଖ-ଉଚ୍ଛୃଙ୍ଖଳ ମୋ ପରି ବାଳକ ପକ୍ଷରେ 'ତ୍ରିପାଠୀ' ଅର୍ଥାତ୍ ତିନି ବେଦ ପାଠ କରିବା ବ୍ୟକ୍ତିରୂପେ କିମ୍ବା 'ରାଜଗୁରୁ' ସଂଜ୍ଞା ଧାରଣ କରି ସମାଜରେ ପରିଚିତ ହେବା ନିତାନ୍ତ ଅର୍ଥହୀନ ।

ସେହି ବର୍ଷ (୧୯୧୩) ଜାନୁୟାରି ମାସ ୨୮ ତାରିଖ ଦିନ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ଖରସୁଆଁରେ ସେଠା ରାଜ କୁମାରୀଙ୍କ ସହ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଜେଜେବାପାଙ୍କ ସଙ୍ଗେ ମୁଁ ଗୋଟିଏ ସ୍ୱତନ୍ତ୍ର ସେଲୁନରେ ଖରସୁଆଁ ଯାତ୍ରା କଲି । ଦୀର୍ଘ ପଥ; ଦୁଇ ଦିନରେ ଆମେ ଖରସୁଆଁରେ ପହଞ୍ଚିଲୁ । ସେଠାରେ ସ୍ୱର୍ଗୀୟ କୃଷ୍ଣଚନ୍ଦ୍ର ଆଗ୍ରୟଣୀଙ୍କର ସଙ୍ଗେ ମୋର ପ୍ରଥମ ସାକ୍ଷାତ ହୁଏ । ତାଙ୍କ ଘରେ ମୋତେ ରହିବାକୁ କହି ଜେଜେବାପା ବିବାହର ଆୟୋଜନରେ ଯାଇଥାନ୍ତି । ସେ ଯେଉଁ ରୋଷଣି ଉତ୍ସବ ହୋଇଥିଲା ତାହା ଆଜିସୁଦ୍ଧା ମୋ ମନରୁ ଲିଭି ନାହିଁ । ପୁରୀ ରଥଯାତ୍ରାରେ ଲୋକ ସମାବେଶ ପରି ଖରସୁଆଁର ରାଜଦାଣ୍ଡରେ ଗହଳି ଲାଗିଥାଏ । ମହାରାଜା ହାତୀ ଉପରେ ବସି ଯେତେବେଳେ ରାଜଦାଣ୍ଡରେ ବରବେଶ ହୋଇ ଯାଉ-ଥାନ୍ତି, ସେଥିର ଶୋଭା, ପୁଣି ରୋଷଣି ଉତ୍ସବ ଦେଖିବାକୁ ବହୁଦେଶରୁ ଲୋକ ଆସି ଖରସୁଆଁରେ ସେଦିନ ରୁଣ୍ଡ ହୋଇଥିଲେ । ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ରଙ୍କର ସଙ୍ଗେ ମୁଁ ରାଜନଅରରେ ପହଞ୍ଚିଲି । ଜେଜେବାପା ଯେତେବେଳେ ବେଦୀରେ ବସି ବରକନ୍ୟାଙ୍କର ହସ୍ତଗ୍ରନ୍ଥି ବିଧାନ କରୁଥିଲେ । ମୋତେ ଗୋଟିଏ ସୁନ୍ଦର ମଖମଲ୍ ଜରି ପୋଷାକ ଉପହାର ମିଳିଥିଲା । ମହାରାଜାଙ୍କ ସଙ୍ଗେ ଯେତେବେଳେ ଆମେ ପାରଳାଖେମୁଣ୍ଡି ଫେରି-ଆସୁ (ଫେବୃୟାରି ୬ ତାରିଖ ଦିନ) ଏଠାରେ ଉତ୍ସବ ଓ ଲୋକ ସମାଗମ ଅଦ୍ୱିତୀୟ କହିଲେ ଚଳେ । ସେହି ଉପଲକ୍ଷରେ ଗୋପବନ୍ଧୁଙ୍କର ପ୍ରତିଷ୍ଠିତ ସାକ୍ଷୀ ଗୋପାଳର ବନବିଦ୍ୟାଳୟ ପାଇଁ ପ୍ରଚୁର ଧନ ଦାନ କରାଯାଇଥିଲା । ଜେଜେବାପାଙ୍କ ଉପଦେଶମତେ ପୁରୀର 'ବ୍ରାହ୍ମଣ-ସମିତି' ଏବଂ କଟକରେ 'ସାହିତ୍ୟ-ସମାଜ'କୁ ମଧ୍ୟ ସେହିପରି ଦାନ କରାଯାଇଥିଲା । ମହାରାଜା ସଙ୍କଳ୍ପ କଲେ ଯେ, ମହେନ୍ଦ୍ର ତନୟା ତଟରେ ଗୋଟିଏ ସୁରମ୍ୟ ପ୍ରାସାଦ ନିର୍ମିତ ହେବ । ଏଥିପାଇଁ ବିରାଟ ଆୟୋଜନ ହେଲା । ବୃନ୍ଦାବନ ତୋଟାର ପୁରୁଣା ଗଛଗୁଡ଼ିକ କଟା ହୋଇ ସେଠାରେ ଆଧୁନିକ ଢାଞ୍ଚାରେ କେତେକ ଇଉରୋପିୟାନ ଇଞ୍ଜିନିୟରଙ୍କ ପରାମର୍ଶ କ୍ରମେ ଗୋଟିଏ ମର୍ମର ପ୍ରାସାଦ ଗଢ଼ା ହେଲା । ତାହା ଆଜି 'ବସନ୍ତ-ନିବାସ' ନାମରେ ପରିଚିତ । ଭାରତର ଅଳ୍ପ କେତୋଟି ସିମେଣ୍ଟ ରିନ୍‌ଫୋର୍ସ କଂକ୍ରିଟ (R. C. C.) ଢାଞ୍ଚାରେ ନିର୍ମିତ ହୋଇଥିବା ପ୍ରାଚୀନ ପ୍ରାସାଦ ମଧ୍ୟରୁ ଏହା ଗୋଟିଏ । ସେଠାରେ ଯେଉଁ କେତୋଟି ମର୍ମର ପ୍ରସ୍ତର ନିର୍ମିତ ପାଶ୍ଚାତ୍ୟ କାରୁକାର୍ଯ୍ୟ ସମ୍ପନ୍ନ ବିଗ୍ରହ ସ୍ଥାପିତ ହୋଇଥିଲା, ସେଥିମଧ୍ୟରୁ ଗୋଟିଏ ପ୍ରସ୍ତର ମୂର୍ତ୍ତି ବର୍ତ୍ତମାନ ଭୁବନେଶ୍ୱରର ଓଡ଼ିଶା ସଂଗ୍ରହାଳୟର ମଧ୍ୟଭାଗରେ ସ୍ଥାପିତ ହୋଇଅଛି ।

Digitized by PPRACHIN, SOA

ସେହି ମୂର୍ତ୍ତିଟି ଉଠାଇ ନେବା ପାଇଁ ୧୯୫୭ ସାଲରେ ମୋତେ ସରକାରଙ୍କ ପକ୍ଷରୁ ଆଦେଶ ମିଳିଥିଲା । କାରଣ ସେତେବେଳକୁ ବୃନ୍ଦାବନତୋଟା ପ୍ରାସାଦ ଓଡ଼ିଶା ସରକାରଙ୍କର ହାତକୁ ଚାଲିଯାଇ ଥାଏ । ତାହା କିଛିକାଳ ଓଡ଼ିଶା ମିଲିଟାରୀ ପୋଲିସ୍‌ଙ୍କ ଅବସ୍ଥାନ ସ୍ଥଳୀରେ ପରିଣତ ହୋଇ ଜୋତା ଧୂଳି-ମଳିରେ ପୂର୍ଣ୍ଣ ହୋଇ ଥିଲା । କିନ୍ତୁ ସ୍ଥାନୀୟ କଲେଜ ଛାତ୍ରମାନଙ୍କ ଆପତ୍ତି ଅଭିଯୋଗ କ୍ରମେ ସେହି ବିରାଟ ପ୍ରାସାଦଟି ଏବେ ଛାତ୍ରାବାସରେ ପରିଣତ ହୋଇଅଛି । ସେପରି ଖଲ୍ଲିକୋଟ ରାଜପ୍ରାସାଦର ଦୂରବସ୍ଥା ବିଷୟ ତା ୧-୨-୧୯୭୮ 'ସମାଜ'ର ଅଗ୍ରଲେଖାରୁ ଜଣାପଡ଼ିବ ।

ଇଂରାଜୀ ପଢ଼ିବା ପାଇଁ ମୋର ସେତେବେଳେ ହାଇସ୍କୁଲରେ ନାମ ଲେଖାଇ-ବାକୁ ନନା ପ୍ରସ୍ତାବ କଲେ, ଜେଜେବାପାଙ୍କର ମନକୁ ତାହା ସୁଖ ଲାଗିଲା ନାହିଁ । ସେ ଚାହୁଁଥିଲେ ମୁଁ ସଂସ୍କୃତ ଜ୍ୟୋତିଷ ଓ କର୍ମକାଣ୍ଡରେ ବିଦ୍‌ବତ୍ତା ଅର୍ଜ୍ଜନ କରନ୍ତି । କାରଣ ମୁଁ ତାଙ୍କର ଜ୍ୟେଷ୍ଠ ପୁତ୍ରଙ୍କର ଜ୍ୟେଷ୍ଠ ପୁତ୍ର ହୋଇଥିବାରୁ ରାଜଭବନରେ ରାଜଗୁରୁ କାମ ତୁଲାଇବାକୁ ପଡ଼ିବ । ଏଣୁ ଜେଜେବାପା ପ୍ରଥମେ ମନାକଲେ ସତ; କିନ୍ତୁ ପରେ ସେ ବୁଝିଲେ ଯେ ଇଂରାଜୀ ଶାସନରେ ଟିକିଏ ତାଙ୍କର ଭାଷା ଜାଣିବା ମଧ୍ୟ ଆବଶ୍ୟକ । ଚିଠିପତ୍ର ଲେଖିବା ପାଇଁ ଅନ୍ତତଃ ଟେଲିଗ୍ରାମ ପଢ଼ି ବୁଝିବାକୁ ହେଲେ ଯେତିକି ଇଂରାଜୀ ଭାଷା ଜାଣିବା ଦରକାର ସେତିକି ପର୍ଯ୍ୟନ୍ତ ମୋତେ ପଢ଼ାଇବାକୁ ସେ ରାଜିହେଲେ । ମୁଁ ଆମର ଜଣେ ପିଉସୀ ପୁଅ ଭାଇଙ୍କ ସାଥିରେ ହାଇସ୍କୁଲରେ ନାମ ଲେଖାଇଲି । ଆମେ ଦୁହେଁ ସାଙ୍ଗ ହୋଇ ଘରେ ଟିଉସନ ମାଷ୍ଟରଙ୍କ ପାଖରେ ରାତିରେ ପଢ଼ିଲାବେଳେ ଜେଜେବାପା କେତେଥର ସେ ଘରକୁ ଆସି ଉତ୍ସାହ ଦିଅନ୍ତି । ଜେଜେମା ଘରେ ସତ୍ୟନାରାୟଣ ବ୍ରତ ପ୍ରତିମାସରେ ଅନୁଷ୍ଠାନ କରି ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଆମ ଟିଉସନ ମାଷ୍ଟରଙ୍କୁ ଖୁଆଇ ଆପ୍ୟାୟିତ କରନ୍ତି । କାରଣ ଗୁରୁ ସନ୍ତୁଷ୍ଟ ହେଲେ ତାଙ୍କର ନାତିମାନଙ୍କର ବିଦ୍ୟା ଭଲ ହେବ । କିନ୍ତୁ ଏହା ପରିବର୍ତ୍ତେ ଆମେ ଦିହେଁ ମିଶି ସେ ଦାସକାଠିଆଙ୍କୁ ଟଙ୍କା ଦେଇ ତାଙ୍କଠାରୁ ମନ୍ତ୍ର ସିନ୍ଦୂର ଆଣି ପରୀକ୍ଷାରେ ପାଶ୍ କରିବା କଳ୍ପନା କରି ସାରିଛୁ, ସେ କଥା କେହି ଜାଣି ନଥିଲେ ।

ଦିନେ ଜେଜେବାପା ଆମ ଦିହିଙ୍କୁ ଡାକି ପାଖରେ ବସାଇ ଆଶ୍ୱାସନା କରି କହିଲେ, "ବାବୁ ! ତୁମେ ତ ଇଂରାଜୀ ଶିଖିଲଣି; ଦୁହେଁ ସେହି ଶାସ୍ତ୍ରରେ ବାଦ ବିବାଦ କର ତ, ଟିକିଏ ଶୁଣିବା ।" ସେ ଭାବିଥିଲେ ବୋଧହୁଏ ପଣ୍ଡିତମାନେ ନ୍ୟାୟ, ତର୍କ, ବେଦାନ୍ତ ପ୍ରଭୃତି ଶାସ୍ତ୍ରରେ ଯେପରି ବାଦ କରିଥାନ୍ତି ଇଂରାଜୀ ଶାସ୍ତ୍ରରେ ମଧ୍ୟ ଆମେ ସେପରି କିଛି କରିବୁ । ଆମେ ଏକଥା ଶୁଣି ତାଙ୍କଠାରୁ କିଛି ପୁରସ୍କାର ପାଇବା ଆଶାରେ ଇଂରାଜୀ ଶାସ୍ତ୍ରରେ ବାଦ ଲଗାଇବାକୁ ଆସନରେ ବସିଗଲୁ । ମୁଁ ପ୍ରଥମେ ଆରମ୍ଭ କଲି—"What is your name ?" ମୋର ଭାଇ ଉତ୍ତର ଦେଲେ— "My name is Madhusudan Mishra." ଫେର ମୁଁ ପଚାରିଲି —"How

Digitized by PPRACHIN, SOA

old are you ?" ସେ କହିଲେ—"I am eleven years old" ଏମିତ ସବୁ ପ୍ରଶ୍ନ ଏବଂ ଉତ୍ତର କୋର୍ଟରେ ଓକିଲମାନେ ଟେବୁଲ ବାଡ଼େଇ କହିବା ଭଙ୍ଗୀରେ ଆମେ ଇଂରାଜୀ ଶାସ୍ତ୍ରର ବାଦ କେତେଜଣଙ୍କ ଶୁଣାଇଲୁ । ଅଳ୍ପ ବୟସର ପିଲମାନଙ୍କର ମୁହଁରୁ ସେହି ଇଂରାଜୀ ଭାଷା ଶୁଣି ସେ ଭାରି ଖୁସି ହେଲେ ଏବଂ ଆମ-ମାନଙ୍କୁ ଟଙ୍କାଟିଏ ପୁରସ୍କାର ମିଳିଲା । ଯାହାକି ଦାସକାଠିଆଙ୍କ ସିନ୍ଦୂର ଖର୍ଚ୍ଚ ପାଇଁ ତାଙ୍କ ମୁଣିରେ ଭର୍ତ୍ତିହେଲା ।

୧୯୧୮ ମସିହାରେ ମୋତେ ଯେତେବେଳେ ୧୫ ବର୍ଷ ବୟସ ମୋର ଜେଜେ-ମାଆଙ୍କର ଅନୁରୋଧକ୍ରମେ ମୋର ବିବାହ ଅତି ଆଡ଼ମ୍ବର ସହକାରେ ସମ୍ପନ୍ନ ହେଲା । ପାରଳାଖେମୁଣ୍ଡିର ପ୍ରାୟ ଦୁଇ ମାଇଲ ଦୂରରେ ଗୃହୀଙ୍କ ଶାସନ ପୂର୍ବରୁ ଗୋଟିଏ ପ୍ରସିଦ୍ଧ ବ୍ରାହ୍ମଣ ବସତି ହୋଇଥିଲା । ସେଠାରେ ଗୋଟିଏ ଉଚ୍ଚଶ୍ରେଣୀସ୍ଥ ବ୍ରାହ୍ମଣ ପରିବାର ବାସ କରୁଥିଲେ । ମୁଁ ଯେଉଁ ସମୟର କଥା କହୁଛି ସେତେବେଳେ ବୈଦିକ ବ୍ରାହ୍ମଣମାନଙ୍କର କୌଳିକ ସମ୍ମାନ ପ୍ରତି ବିଶେଷ ଦୃଷ୍ଟି ଦିଆ ଯାଉଥିଲା । ଏହା ଜାତୀୟ ସମାଜରେ ବିଭିନ୍ନ ସ୍ତର ଯେଉଁ ଐତିହାସିକ ଭିତ୍ତିରେ ସ୍ଥାପିତ ହୋଇଥିଲା ସେ ସମ୍ବନ୍ଧରେ ଥରେ ମୁଁ ଅନୁଶୀଳନ କରି 'ଉତ୍କଳରେ ବ୍ରାହ୍ମଣ ସମସ୍ୟା' ଶୀର୍ଷକ ଗୋଟିଏ ପ୍ରବନ୍ଧରେ ସ୍ୱତନ୍ତ୍ର ଭାବରେ ଆଲୋଚନା କରିଛି । * ବର୍ତ୍ତମାନ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିଛି ଯେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଆରମ୍ଭ କରି ଅଶୋକ ଓ ଖାରବେଳଙ୍କର ରାଜତ୍ୱ କାଳରେ ଯେଉଁ ବ୍ରାହ୍ମଣ ସଂପ୍ରଦାୟ କଳିଙ୍ଗରେ ବାସ କରୁଥିଲେ ସେମାନେ ପରବର୍ତ୍ତୀ ମଧ୍ୟଯୁଗର ମାଠର ଓ ଗଙ୍ଗବଂଶୀୟ ରାଜାମାନଙ୍କ ଦ୍ୱାରା ସମ୍ମାନିତ ନବାଗତ ବ୍ରାହ୍ମଣମାନଙ୍କ ଦୃଷ୍ଟିରେ ନିମ୍ନଶ୍ରେଣୀସ୍ଥ ବୋଲି ପରିଚିତ ହୁଅନ୍ତି । ଏହାପରେ ଓଡ଼ିଶାରେ ଶୈଳୋଦ୍ଭବ, ସୋମବଂଶ, ଭୌମକର ବଂଶ, ଭଞ୍ଜବଂଶ ପ୍ରଭୃତି ପରବର୍ତ୍ତୀ-କାଳର ରାଜାମାନେ ଭାରତର ବିଭିନ୍ନ ପ୍ରଦେଶରୁ ବ୍ରାହ୍ମଣମାନଙ୍କୁ ଅଣାଇ ସେମାନଙ୍କ ହସ୍ତରେ ଯାଗଯଜ୍ଞାଦି କର୍ମ ଅନୁଷ୍ଠାନ କରନ୍ତି । ସେତେବେଳେ ସେହି ଯାଜ୍ଞିକ ବ୍ରାହ୍ମଣମାନେ ପ୍ରାଚୀନ ଅଧିବାସୀ ବ୍ରାହ୍ମଣମାନଙ୍କଠାରୁ ଉଚ୍ଚତର ସ୍ଥାନ ଅଧିକାର କରିଥିଲେ । ଏହାପରେ ଗଙ୍ଗ ଓ ସୂର୍ଯ୍ୟବଂଶୀୟ ରାଜାମାନେ ଯେଉଁ ବ୍ରାହ୍ମଣମାନଙ୍କୁ ତାଙ୍କ ପୌରୋହିତ୍ୟ କାର୍ଯ୍ୟରେ ନିଯୁକ୍ତ କଲେ, ସେମାନେ ଆହୁରି ଅଧିକ ସ୍ତରକୁ ଉନ୍ନିତ ହୋଇଥିଲେ । ଏହିପରି ବିଭିନ୍ନ ସମୟରେ ବିଭିନ୍ନ ଯୁଗରେ ବିଭିନ୍ନ ପ୍ରଦେଶରୁ ସମାଗତ ବ୍ରାହ୍ମଣମାନଙ୍କର ଯେଉଁ ସମାଜ ଓଡ଼ିଶାରେ ପ୍ରତିଷ୍ଠା ଲାଭ କଲା, ସେଥିରେ ନିମ୍ନଠାରୁ ଉଚ୍ଚତମ ଶ୍ରେଣୀସ୍ଥ ବିଭିନ୍ନ ସ୍ତର ବହୁକାଳ ପର୍ଯ୍ୟନ୍ତ ରହିଥିଲା । ନିମ୍ନସ୍ତରର ବ୍ରାହ୍ମଣମାନେ

* 'ଉତ୍କଳ ସାହିତ୍ୟ' ପତ୍ରିକାରେ ମାର୍ଚ୍ଚମାସ, ୧୯୨୯ ମସିହାରେ ପ୍ରକାଶିତ ସଂଖ୍ୟା ଦେଖ ।

Digitized by PPRACHIN, SOA

ଉଚ୍ଚସ୍ତରକୁ ଯିବାକୁ ହେଲେ ସେମାନେ ନିର୍ଦ୍ଦିଷ୍ଟ ପଣି ଦେଇ ଉଚ୍ଚ କୁଳୀନ ବ୍ରାହ୍ମଣଙ୍କ ଘରେ ବୈବାହିକ ସମ୍ବନ୍ଧ ସ୍ଥାପନ କରନ୍ତି । ଏ ଦୃଷ୍ଟିରୁ ବିଚାର କଲେ ଆମେ ତ୍ରିପାଠୀ ସଙ୍ଗିକ ବ୍ରାହ୍ମଣ ନିମ୍ନସ୍ତରର ଏବଂ ମୁଁ ଯେଉଁ ପରିବାରରେ ବିବାହ କଲି ସେ କୌଶିକ ଗୋତ୍ରୀୟ ମିଶ୍ର ସଙ୍ଗାଧାରୀ ବ୍ରାହ୍ମଣ ଉଚ୍ଚସ୍ତରର ବୋଲି ବିବେଚିତ ହେବାରୁ ମୋର ଜେଜେବାପା ତାଙ୍କୁ କୁଳୀନ ପଣ ରୂପେ ସୁନିଶ୍ଚିତ ଟଙ୍କା ଦେଇ ସମ୍ବନ୍ଧ ସ୍ଥିର କରିଥିଲେ । ସେ ଯାହାହେଉ ମୋର ଶ୍ୱଶୁରଙ୍କର ପରିବାର ଗୋଟିଏ ପ୍ରସିଦ୍ଧ ଉଚ୍ଚଶିକ୍ଷିତ କୁଟୁମ୍ବ ରୂପେ ସମଗ୍ର ଓଡ଼ିଶାରେ ପରିଚିତ । ମୋ ଶ୍ୱଶୁର ସେତେବେଳେ ଜୀବିତ ନ ଥିଲେ; କିନ୍ତୁ ତାଙ୍କର ଶିକ୍ଷା ଓ ଚାରିତ୍ରିକ ଗୁଣ ଅତି ଉଚ୍ଚକୋଟୀର ଥିଲା ବୋଲି ଗଞ୍ଜାମରେ ସର୍ବତ୍ର ଶୁଣାଯାଏ । ସେ ପାରଳାଖେମୁଣ୍ଡିର ଦ୍ୱିତୀୟ ଗ୍ରାଜୁଏଟ ଭିକାରୀ ମିଶ୍ର । ମଞ୍ଜୁଷା ରାଜାଙ୍କର ଅହ୍ୱାନକ୍ରମେ ଟେଠୋବାଠ ହାଇସ୍କୁଲରେ ହେଡ୍‌-ମାଷ୍ଟର ଥିଲାବେଳେ ତାଙ୍କର ଟାଇଫଏଡ଼ ଜ୍ୱରରେ ଅକାଳ ବିୟୋଗ ଘଟିଥିଲା । ତାଙ୍କର ଭ୍ରାତା ଡଃ ବଳଭଦ୍ର ମିଶ୍ରଙ୍କୁ ଓଡ଼ିଶାରେ ପ୍ରାୟ ସମସ୍ତେ ଜାଣନ୍ତି । ସେ ଗଞ୍ଜାମର ଓଡ଼ିଆମାନଙ୍କ ମଧ୍ୟରେ ଥିଲେ M B.B.S. ପାସ୍ କରିଥିବା ଦ୍ୱିତୀୟ ଡାକ୍ତର । ମୋର ଏକମାତ୍ର ଶାଳକ ଜଷ୍ଟିସ୍ ଅଭିମନ୍ୟୁ ମିଶ୍ର ଯେ କି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ଥିଲେ ସେ ମଧ୍ୟ ଓଡ଼ିଶାରେ ସର୍ବଜନ ସୁପରିଚିତ ହୋଇ ବର୍ତ୍ତମାନ ବ୍ରହ୍ମପୁରରେ ଅବସ୍ଥାନ କରୁଅଛନ୍ତି । ସେହି ପରିବାରର ବହୁ ଗଣ୍ୟମାନ୍ୟ ଶିକ୍ଷିତ ବ୍ୟକ୍ତି ବିଭିନ୍ନ ସରକାରୀ ଚାକିରିରେ ନିଯୁକ୍ତ ହୋଇ ବଂଶର ମର୍ଯ୍ୟାଦା ରକ୍ଷା କରିଅଛନ୍ତି; କିନ୍ତୁ ସେମାନଙ୍କର ଜନ୍ମଭୂମି ତଥା ପାରଳାଖେମୁଣ୍ଡିର ପଞ୍ଚ ବ୍ରାହ୍ମଣ ଶାସନ ଗୁଡ଼ିକର ଦୁର୍ଦ୍ଦଶା ବର୍ତ୍ତମାନ ଓଡ଼ିଶା ପ୍ରଦେଶ ଗଠନ ପରେ ଅତି ଶୋଚନୀୟ ଅବସ୍ଥାରେ ଅନ୍ଧ୍ର ସରକାରଙ୍କର ଶାସନାଧୀନରେ ରହିଅଛି । ପବିତ୍ର ମହେନ୍ଦ୍ର ତନୟାର ଦୀର୍ଘ ବାଲୁକା ଶଯ୍ୟାରେ ଆମର ବରପକ୍ଷର ନୃତ୍ୟାବାସଗୁଡ଼ିକ ସ୍ଥାପିତ ହେଲା । ବହୁ ଗଣ୍ୟମାନ୍ୟ ବ୍ୟକ୍ତି ନିମନ୍ତ୍ରିତ ହୋଇ ବରଯାତ୍ରାରେ ଯୋଗ ଦେଇ ଥିଲେ । ମୁଁ ବିବାହର ତାତ୍ପର୍ଯ୍ୟ କିଛି ଜାଣି ନ ଥିଲେ ସୁଦ୍ଧା ବେଶଭୂଷା, ଆଡ଼ମ୍ବର, ବାଦ୍ୟ ବାଜା, ବେଶ୍ୟାନାଚ, ବାଣଫୁଟିବା, ହୋକଟିତ ଇତ୍ୟାଦି ଆଡ଼ମ୍ବରରେ ବିଭୋର ହୋଇଥିଲି । ଆଜି ମୋର ମନେ ହେଉଛି ସେହି କନ୍ୟାଙ୍କ ପରି ବିବାହର ଉଦ୍ଦେଶ୍ୟ ଯାହା ହେଉନା କାହିଁକି ସେ ସମୟର ସେହି ପ୍ରଥା ଯେ ବହୁ ଉଚ୍ଚ ଧନୀ ପରିବାରକୁ ସର୍ବସ୍ୱାନ୍ତ କରି ଦେଇଥିଲା ଏଥିରେ ଆଦୌ ସନ୍ଦେହ ନାହିଁ । ମୋର ବିବାହରେ ଯେତେ ଟଙ୍କା ଖର୍ଚ୍ଚ ହୋଇଥିବ ସେଥିରେ ଦୁଇଜଣ ଛାତ୍ର ଅନାୟାସରେ ଭାରତରୁ ଅକ୍ସଫୋର୍ଡ଼ ଯାଇ ସେଠାରୁ ଉଚ୍ଚ ଶିକ୍ଷା ପାଇ ଫେରି ଆସନ୍ତେ । ସେହି ନିର୍ମମ ଅନାଦୀୟ ଯୁଗ ଆଜି ନାହିଁ କହିଲେ ଚଳେ । ତଥାପି ଏବେ ଯେଉଁ ବରପଣ ପ୍ରଥା ଅନେକସ୍ଥାନରେ ପ୍ରଚଳିତ ଅଛି ତାହା କନ୍ୟାପକ୍ଷର ନିରୀହ ଲୋକଙ୍କୁ ଯେ ସର୍ବସ୍ୱାନ୍ତ କରୁଛି ଏକଥା କିଏ ନ ଜାଣେ ?

Digitized by PPRACHIN, SOA

ମୋର ୧୫ ବର୍ଷ ବୟସରେ ବିବାହ ପରେ ମୁଁ ମନେ କଲି ଯେପରି ହଠାତ୍ ମୁଁ ଜୀବନର ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ଚାଲି ଯାଇଛୁ । ମୋର ମନରେ ପ୍ରୌଢ଼ତ୍ୱ ଖେଳାକଲା । ସେତିକବେଳେ ମୁଁ ଶ୍ରେଷ୍ଠ ଶ୍ରେଷ୍ଠ ପଦ୍ୟ ଲେଖି ତାହା ପତ୍ରିକାରେ ଛପାଇବାକୁ ମନସ୍ଥ କଲି । ମୋର ସ୍ମରଣ ହେଉଛି ହାଇସ୍କୁଲରେ ଥାର୍ଡ଼ ଫର୍ମରୁ ଉତ୍ତୀର୍ଣ୍ଣ ହୋଇ ସେତେବେଳେ ଇଂରାଜୀ ସିଲେକସନ ଟେଷ୍ଟ ମୋତେ ପଢ଼ିବାକୁ ହେଲା ସେଥିରେ ଗୋଟିଏ ପଦ୍ୟ ମୋର ଆଗ୍ରହ ସୃଷ୍ଟି କଲା । ସେ ପଦ୍ୟଟି ହେଉଛି ସରୋଜିନୀ ନାଇଡୁଙ୍କର 'The Palaguin Bearer' ଏଥିର ଅନୁବାଦ କରି 'ପାଲିଙ୍କି ବାହକ' ନାମରେ ଗୋଟିଏ ପଦ୍ୟ ମୁଁ ଲେଖିଲି । କ୍ଲାସରେ ବସି ପଦ୍ୟ ଲେଖିବା ଠିକ୍ ନୁହେଁ । ଏକଥା ମୋତେ କ୍ଲାସଟିଚର ସ୍ମରଣ କରାଇ ଦେଲେ । ମୁଁ ଏଥିରେ ଲଜ୍ଜିତ ହୋଇ କାଗଜଟି ଚିରି ଦେବାକୁ ଗଲାବେଳେ ମୋ ପାଖରେ ବସିଥିବା ସାଙ୍ଗ ଗ୍ରୁପଟି ତାହା ମୋ ହାତରୁ ଛିଣ୍ଡି ନେଇଗଲା । ପରେ ସେ ପଦ୍ୟଟି ପଢ଼ି ସେ ମୋତେ କହିଲା, "ଖୁବ ସୁନ୍ଦର ଭାଷାରେ ଲେଖା ହୋଇଛି । ତମେ ଏଇଟା ପତ୍ରିକାକୁ ଦିଅ । ନିଶ୍ଚୟ ଛପିବେ ।" ମୁଁ କେଜାଣି କାହିଁକି ତା' କଥାରେ ବିଶ୍ୱାସ କରି ବ୍ରହ୍ମପୁରରୁ ପ୍ରକାଶ ପାଉଥିବା ଶଶୀ ରଥଙ୍କ ସମ୍ପାଦିତ 'ପ୍ରଦୀପ'ନାମକ ମାସିକ ସାହିତ୍ୟ ପତ୍ରିକାକୁ ପଠାଇଦେଲି । ତା'ପର ମାସରେ ପଦ୍ୟଟି ସେଇ ପତ୍ରିକାରେ ଛପା ଅକ୍ଷରରେ ବାହାରିବା ଦେଖି ମୋ ଆନନ୍ଦର ସୀମା ରହିଲା ନାହିଁ । ଏହାପରେ ଆଉ କେତୋଟି ଶ୍ରେଷ୍ଠ ଶ୍ରେଷ୍ଠ କବିତା ଲେଖି ଶଶୀଭୂଷଣ ରଥଙ୍କ 'ଆଶା' ଛାପାଖାନାରୁ ପ୍ରକାଶିତ ପତ୍ରିକାରେ ପ୍ରକାଶ କରିଛୁ । ପ୍ରାୟ ୫୦ବର୍ଷ ପୂର୍ବର କଥା ମୋର ମନେପଡ଼ୁଛି 'ସ୍ୱପନେ ଚୁମ୍ବନ' ଶୀର୍ଷକ ଯେଉଁ କବିତାଟି ମୁଁ ଶ୍ରୀ ରଥଙ୍କର ସାହିତ୍ୟ ପତ୍ରିକାରେ ପ୍ରକାଶ କରାଇଥିଲି, ତାହା ପଢ଼ି ଶଶୀ ରଥେ (ମୋର ସମ୍ପର୍କୀୟ ଅଜା), ଅର୍ଥାତ ଡଃ ବଳଭଦ୍ର ମିଶ୍ରଙ୍କର ଶ୍ୱଶୁର) ମୋତେ ଥଟ୍ଟା କରି କହିଲେ, "ଆମ ନାତୁଣୀ କ'ଣ ତୁମ ସ୍ୱପ୍ନର ଅଧିକାରିଣୀ ହୁଅନ୍ତି ?" ମୁଁ ଟିକିଏ ଅପ୍ରତିଭ ହୋଇ ତାଙ୍କୁ କହିଲି—"ଏ ମୋର ନିଜର ଲେଖା ନୁହେଁ । ଆପଣମାନଙ୍କ ପରି ସୁବିଖ୍ୟାତ କବି ଓ ଲେଖକମାନଙ୍କର ଲେଖାର ଅନୁବାଦ ମାତ୍ର । ମୁଁ ତ ଆପଣଙ୍କ ନାତୁଣୀଙ୍କ ମୁଖ ଆଜିଯାଏ ଅବଲୋକନ କରିନାହିଁ । ସ୍ୱପ୍ନରେ ଦେଖିବାର ପ୍ରଶ୍ନ କେଉଁଠାରେ ?"

ଆମ ସାହି ନିକଟରେ ରାଜଗୁରୁ ସାହିକୁ ଲାଗି ଆପନ୍ନା ପଣ୍ଡିତଙ୍କର ରସିକରାଜ-ମଠ ଅବସ୍ଥିତ । ସେଠାରେ ସ୍ୱର୍ଗୀୟ ଆପନ୍ନା ପଣ୍ଡା ନିଜେ ଏକ ପୁସ୍ତକାଳୟ ସ୍ଥାପନ କରିଥିଲେ । ତାଙ୍କ ମଠରେ ଓଡ଼ିଆ ସାହିତ୍ୟ, ନାଟକ, ସଙ୍ଗୀତ ଠାରୁ ଆରମ୍ଭ କରି ଧର୍ମଚର୍ଚ୍ଚା ସଙ୍ଗେ ରାଜନୀତି ଓ ସାମ୍ପ୍ରତିକ ବିଷୟରେ ପ୍ରତ୍ୟହ ସନ୍ଧ୍ୟା ସମୟରେ ଆଲୋଚନା ହେଉଥିଲା । ଶିକ୍ଷିତ ଓଡ଼ିଆମାନଙ୍କ ମଧ୍ୟରେ ଏ ମଠଟି ଥିଲା ଏକ ମୁଖ୍ୟ ମିଳନପୀଠ । ଆପନା ପଣ୍ଡାଙ୍କ ପୁତୁରା ସୀମାଦ୍ରି ପଣ୍ଡା ସେତେବେଳେ ଏକ ଉଚ୍ଚ ପ୍ରାଥମିକ ସ୍କୁଲର ହେଡ଼ମାଷ୍ଟର କାମ କରୁଥିଲେ । ତାଙ୍କ ମଠର ସେହି ପୁସ୍ତକାଗାରରେ

Digitized by PPRACHIN, SOA

ବହୁ ସଂଖ୍ୟାରେ ବଙ୍ଗଳା ଭାଷାରେ ନାଟକ ଓ ଉପନ୍ୟାସମାନ ରଚିତ ଥାଏ । ସେଥିରୁ ଟଡ୍ ସାହେବଙ୍କ ଲିଖିତ ରାଜସ୍ଥାନର ଐତିହାସିକ ବିଷୟବସ୍ତୁ ଉପରେ ନିର୍ଭର କରି 'ହମୀର' ନାମକ ଗୋଟିଏ ନାଟକ ଓଡ଼ିଆରେ ସେ ଲେଖି ଥିଲେ । ତାହା ସେହି ଉଚ୍ଚ ପ୍ରାଥମିକ ସ୍କୁଲରେ ଅନୁଷ୍ଠିତ ବିନାୟକ ଚତୁର୍ଥୀ ଉତ୍ସବ ଉପଲକ୍ଷେ ଅଭିନୟ କରିବାକୁ ଆମେ ସ୍ଥିର କଲୁ । ମୋତେ ସେଥିର ନାୟକ ପାର୍ଟି ଦିଆଗଲା । ଯଥା ସମୟରେ ନାଟକ ଖେଳା ହେଲା । ଲୋକଙ୍କଠାରୁ ଉଚ୍ଚ ପ୍ରଶଂସା ମଧ୍ୟ ଆମକୁ ମିଳିଲା । ତଦବଧି ମୋର ମନେ ହେଲା ନାଟକ ମାଧ୍ୟମରେ ସାମାଜିକ ଏବଂ ଐତିହାସିକ ବିଷୟର ଶିକ୍ଷା ଅନାୟାସରେ ଲୋକଙ୍କୁ ଦିଆଯାଇପାରେ । କେବଳ ସେତିକି ନୁହେଁ, ଏଥିରେ ସାହିତ୍ୟ ଓ ସଙ୍ଗୀତର ଉନ୍ନତି ମଧ୍ୟ ସାଧିତ ହୋଇପାରେ । ଏହି ବିଷୟରେ ମୁଁ କବିତା ଲେଖିବା ଛାଡ଼ି ନାଟକ ଲେଖିବାକୁ ଆରମ୍ଭ କଲି ।

ଆଜି ମୋର ସ୍ମରଣ ହେଉଛି, ବନ୍ଧୁ ସୀମାଦ୍ରି ପରିଚ୍ଛା ଯେଉଁ ରାଜସ୍ଥାନ ପୁସ୍ତକରୁ ଐତିହାସିକ ବିଷୟ ସଂଗ୍ରହ କରି 'ହମୀର' ନାଟକ ଲେଖିଥିଲେ, ସେହି ପୁସ୍ତକରୁ ଅନ୍ୟ କୌଣସି ଉପାଖ୍ୟାନ ସହାୟରେ ମୁଁ ଗୋଟିଏ ନାଟକ ଲେଖିଥିଲି । ତେଣୁ ମୁଁ ବଙ୍ଗଳାଭାଷା ଅଭ୍ୟାସ କରିବାକୁ ଯାଇ ଅଳ୍ପକାଳ ମଧ୍ୟରେ ତାହା ଶିକ୍ଷାକରି ସେ ଭାଷାରେ ଅନୁଦିତ ଟଡ୍‌ଙ୍କ 'ରାଜସ୍ଥାନ' ଆମୂଳଚୂଳ ପାଠ କଲି । ସେଥିରୁ ଉପାଦାନ ସଂଗ୍ରହ କରି 'ରଣୋଚଣ୍ଡ' ନାମକ ଗୋଟିଏ ନାଟକ ଲେଖିଲି । କିନ୍ତୁ ଏହାପରେ କ'ଣ ହେଲା କେଜାଣି, ତାହା ସମ୍ପୂର୍ଣ୍ଣ ହୋଇ ନ ଥିଲା । ପାଣ୍ଡୁଲିପିଟି କେଉଁଠି ହଜିଗଲା । ପରେ ବହୁ ଅନୁସନ୍ଧାନ କରି ତାହା ପାଇଲି ନାହିଁ ।

ବଙ୍ଗଳା ଭାଷାରେ ଲିଖିତ ନାଟକ, ଉପନ୍ୟାସ ଇତ୍ୟାଦି ପଢ଼ିଲାବେଳେ ମୋର ମନରେ ଟିକିଏ ଈର୍ଷା ହେଲା । ଆମ ଓଡ଼ିଆ ଭାଷା ଓ ସାହିତ୍ୟରେ କାହିଁକି ସେପରି ସୁନ୍ଦର ଲେଖା କାହାରୁ ନାହିଁ । ମୁଁ ଅନୁସନ୍ଧାନ କରି ଜାଣି ପାରିଲି ଯେ, ଫକୀର ମୋହନଙ୍କର ମାମୁଁ, ଲଛମା, ଛ ମାଣ-ଆଠଗୁଣ୍ଠ ପ୍ରଭୃତି ଉପନ୍ୟାସ ବଙ୍କିମ ଚନ୍ଦ୍ରଙ୍କର 'ଦୁର୍ଗେଶ ନନ୍ଦିନୀ', 'ଆନନ୍ଦ ମଠ'ରୁ ପ୍ରଭୃତି ଉପନ୍ୟାସର ସମତୁଲ । ତେଣୁ ଓଡ଼ିଆରେ ସେତେବେଳେ ପ୍ରକାଶିତ ସବୁଗୁଡ଼ିକ ଉପନ୍ୟାସ ଓ ନାଟକ ଆଣି ମୋ ନିଜର ଗୋଟିଏ ଛୋଟ ଗ୍ରନ୍ଥାଗାର ସୃଷ୍ଟି କଲି । ଓଡ଼ିଶା-ଇତିହାସରୁ ବିଷୟବସ୍ତୁ ନେଇ ନାଟକ ଓ ଉପନ୍ୟାସ ଲେଖିବାକୁ ମୁଁ ସଙ୍କଳ୍ପ କଲି । ଏହା କରିବାକୁହେଲେ ଓଡ଼ିଶାର ଇତିହାସର ଟିକି ନିଖି ବିବରଣୀମାନ ଆଲୋଚନା କରିବାକୁ ପଡ଼ିବ । କାରଣ ନାଟକ ବା ଉପନ୍ୟାସରେ ଯେଉଁ କଥାବସ୍ତୁର ଅବତାରଣା କରାଯାଏ, ସେ ସମୁଦାୟ ଇତିହାସରୁ ମିଳେ ନାହିଁ । ଏଣୁ ଐତିହାସିକ ନାଟକରେ କେତେକ କାଳ୍ପନିକ ଅଂଶ ମିଶାଇ ଲେଖିବାକୁହିଁ ହେବ । ତଥାପି ଅତୀତର ସାମାଜିକ ଆଚାର-ବ୍ୟବହାର ସମ୍ପର୍କିତ ତଥ୍ୟ ଯଥାସମ୍ଭବ ଐତିହାସିକ ବିଷୟବସ୍ତୁରୁହିଁ ସଂଗ୍ରହ କରିବାକୁ ହେବ । ଏଣୁ ସାଧାରଣ

Digitized by PPRACHIN, SOA

ଇତହାସ ପୁସ୍ତକଟିଏ ପଢ଼ିଲେ ଏ କାମ ଚଳିବ ନାହିଁ । ବହୁ ତଥ୍ୟ ଅନୁସନ୍ଧାନ କରିବା ଆବଶ୍ୟକ । ଏ ବିଷୟରେ ମୁଁ ଯେତେବେଳେ ପ୍ରବୃତ୍ତ ହେଲି, ମୋ ଆଗରେ ଦେଖାଗଲା ଗୋଟିଏ ବିରାଟ ସମସ୍ୟା—ପୁସ୍ତକର ଅଭାବ । ପାରଳା ମହାରାଜାଙ୍କ ପ୍ରାସାଦରେ ଥିବା ପ୍ରାଇଭେଟ ଲାଇବ୍ରେରୀ ଅନୁସନ୍ଧାନ କରିବାକୁ ଲାଗିଲି । ସର୍ବସାଧାରଣଙ୍କ ପାଇଁ ପେଲେସ୍ ଲାଇବ୍ରେରି ଉଦ୍ଦିଷ୍ଟ ନ ଥିଲେ ମଧ୍ୟ ମୋ ପକ୍ଷେ ସେଠାକୁ ଯାଇ ବହି ଆଣିବା କଷ୍ଟକର ନୁହେଁ । ସେଥିରୁ ହଣ୍ଟରଙ୍କର 'History of Orissa' ଓ ରାଜେନ୍ଦ୍ର ଲାଲ ମିତ୍ରଙ୍କର Antiquities of Orissa' ନାମକ ଦୁଇଖଣ୍ଡି ପୁସ୍ତକ ମାତ୍ର ସଂଗ୍ରହ କରି ସେଥିରୁ ମହାରାଜ ଖାରବେଳଙ୍କ ଜୀବନ ଚରିତ ସଂଗ୍ରହ କରିବାକୁ ଚେଷ୍ଟା କଲି । କିନ୍ତୁ ହାୟ ! ହଣ୍ଟରଙ୍କର ଭାଷା ମୋର ବୋଧଗମ୍ୟ ନୁହେଁ । ମୁଁ ଯେତେବେଳେ ଫୋର୍ଥ ଫର୍ମ (ଆଧୁନିକ ନବମ ଶ୍ରେଣୀ) ମାତ୍ର ପଢ଼ୁଥିଲି । ତେଣୁ ମୋର ଆଶା ଆକାଶ କୁସୁମରେ ପରିଣତ ହେବାର ଉପକ୍ରମ ହେଲା । ସେହିକ ବେଳେ ସମ୍ବଲପୁରର ଜଣେ କବିଙ୍କର ଲିଖିତ 'ଖାରବେଳ' ନାମକ କାବ୍ୟ ମୋର ଦୃଷ୍ଟି ଆକର୍ଷଣ କଲା । ସେଥିରୁ କେତେଗୁଡ଼ିଏ ବିଷୟ ନେଇ ମୁଁ ଗୋଟିଏ ନାଟକୀୟ ରୂପରେ ତାହା ପକାଇବାକୁ ଚେଷ୍ଟା କଲି । କିନ୍ତୁ ଯେତେବେଳର ସେଇ ଚେଷ୍ଟା ମୋର ପୂର୍ଣ୍ଣତା ଲାଭ କରି ନ ଥିଲା । ଏ ଘଟଣାର ପ୍ରାୟ ୧୬ ବର୍ଷ ପରେ ଯେତେବେଳେ ମୁଁ ସ୍କୁଲରୁ ବିଦାୟ ନେଇ ନିଜ ଗୃହରେ ଅଧ୍ୟୟନ କରିବାକୁ ଆରମ୍ଭ କଲି ସେତେବେଳେ ମୋର କଳ୍ପିତ 'ଖାରବେଳ' ନାଟକ ଲେଖା ପୂର୍ଣ୍ଣ ହୋଇ ପାରିଥିଲା । ଏବେ ସେ ପାଣ୍ଡୁଲିପି କୁଆଡ଼େ ହଜି ଗଲାଣି ମାହିନାହିଁ ।

୧୯୧୯ ମସିହାରେ ମୋର କେଳେଜୋପାଙ୍କର ମୃତ୍ୟୁ ହୁଏ । ତା ପରେ ମୋର ନନା ଗୃହର ମୁରବି । ୮ ବର୍ଷ ବୟସରେ ମୋର ଆଶୀର୍ବାଦ ସମ୍ପନ୍ନ ହେଲା । ମୋର ସ୍ତ୍ରୀ ସଙ୍ଗେ ସେତେବେଳେ ମୋର ପ୍ରଥମ ପରିଚୟ । ତାଙ୍କର ବୟସ ୮ ବର୍ଷ ମାତ୍ର । ସେତେବେଳକୁ ମୁଁ ଦଶମ ଶ୍ରେଣୀର ଛାତ୍ର । ଛାତ୍ର ସମାଜରେ ମୋର ସୁନାମ ଥାଏ । କେବଳ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟରେ ନୁହେଁ, ବରଂ ସଭାମାନଙ୍କରେ ବକ୍ତୃତା ଦେବା, ପୁଣି ନାଟକ ସେବା କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରିବା ମୋର ଗୋଟିଏ ଝୁଙ୍କ ଥିଲା । ସ୍କୁଲରେ ପଢ଼ିଲାବେଳେ ଆମର ଓଡ଼ିଆ ଅଧ୍ୟାପକ ଥିଲେ ବୃନ୍ଦାବନ ମାସ୍ଟ୍ର । ଥରେ ଗୋଟିଏ ରଚନା ଲେଖିବାକୁ ଯାଇ ମୁଁ ଶବ୍ଦାଡ଼ମ୍ବର ସହ ଗୋଟିଏ ସ୍ତ୍ରୀର କଣ୍ଠ ବର୍ଣ୍ଣନା କରିବାକୁ ଯାଇ ଲେଖିଥିଲି—"ବୀଣାବିନିନ୍ଦିତ ସ୍ୱର" । ଓଡ଼ିଆ ଅଧ୍ୟାପକ ଏହି ଶବ୍ଦଯୋଜନାର ତାତ୍ପର୍ଯ୍ୟ ଭଲ ଭାବେ ହୃଦୟଙ୍ଗମ କରି ନପାରି ଖାତାଟି ଧରି ସିନିୟର ଓଡ଼ିଆ ଅଧ୍ୟାପକ ଗୋପୀନାଥ ନନ୍ଦଙ୍କ କ୍ଲାସକୁ ଗଲେ । ନନ୍ଦେ ମୋ ଲେଖାର ଅଂଶଟି ଦେଖି ମୋତେ ଡାକି ପଚାରିଲେ—"କିହୋ ! ତୁ ତ ବଡ଼ ବଡ଼ ସମସ୍ତ ଶବ୍ଦ ଲେଖି ପାରୁଛୁ । କହ ଏଥିରୁ ବୀଣାବିନିନ୍ଦିତ ସ୍ୱରର ଅର୍ଥ କ'ଣ ?" ମୁଁ ଉତ୍ତର ଦେଲି ବୀଣାର ସୁମଧୁର

Digitized by PPRACHIN, SOA

ସ୍ୱରକୁ ଯେ ନିନ୍ଦା କରେ । ସେ କ୍ରୁଦ୍ଧ ହୋଇ ମୋ ଆଡ଼କୁ କଟମଟ କରି ଚାହିଁଲେ । କହିଲେ, "କେଉଁଠୁ ଏ ପାଠ ପଢ଼ିଛୁ ? ବୀଣାକୁ ଯେ ନିନ୍ଦାକରେ ସେ ବୀଣା ବନ୍ଦିତ ହେବ ନା ବୀଣା ଦ୍ୱାରା ନିନ୍ଦିତ ଯେଉଁ ସ୍ୱର ସେ ବୀଣା ବନ୍ଦିତ ହେବ କହିଲୁ ?" ମୁଁ ଦର୍ପର ସହିତ ତାଙ୍କୁ ଉତ୍ତର ଦେଲି, "ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରି ଜଣେ ସୁବିଖ୍ୟାତ ଲେଖକ ଯେଉଁ ଶବ୍ଦକୁ ବ୍ୟବହାର କରିଛନ୍ତି ତାହାହିଁ ମୁଁ ପ୍ରକାଶ କରିଛି ।" ସେ ଆହୁରି ଟିକିଏ ରାଗିଯାଇ କହିଲେ, "ଖାଲି ମିଛକଥା । ଏପରି ସେ କେବେ ଭୁଲ୍ କରି ନଥିବେ । ଯାଆ, ଆଜି ତୋତେ କ୍ଷମା ଦେଲି । ଆଉ କେବେ ତୁ ଏପରି ମିଛ କହିବୁ ନାହିଁ ।" ମୁଁ ସେଠାରୁ ଫେରି ଆସିଲି ମୋ କ୍ଲାସକୁ । କିନ୍ତୁ ମନରେ ଘୋର ଆଘାତ ଲାଗିଲା । ସେଦିନ ରାତି ସାରା ବସି ବଙ୍କିମ ଗ୍ରନ୍ଥାବଳୀରୁ ଖୋଜି ଖୋଜି ବାହାର କଲି ସେ ଶବ୍ଦଟି ଚିହ୍ନ ଦେଇ ତା ପରଦିନ ସ୍କୁଲରେ ଗ୍ରନ୍ଥାବଳୀ ଧରି ସିଧା ନନ୍ଦଙ୍କର କ୍ଲାସରେ ପହଞ୍ଚିଲି । ସେ କ'ଣ ଲେଖୁଥିଲେ । ମୋତେ ଚାହିଁ ପଚାରିଲେ—"କୁଆଡ଼େ ?" ମୁଁ ସଗର୍ବେ ବଙ୍କିମ ଗ୍ରନ୍ଥାବଳୀଟି ତାଙ୍କ ଆଗରେ ଥୋଇ ଦେଇ ଚିହ୍ନ ଦେଇଥିବା ଅଂଶ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କଲି । ସେ ଗମ୍ଭୀର ହୋଇ କିଛି କ୍ଷଣ ବଙ୍ଗଳା ପୁସ୍ତକର ସେଇ ଅଂଶଟି ପଢ଼ିଲେ; ତା ପରେ ତାଙ୍କର ମୁଖ କ୍ରୋଧରେ ଲାଲ୍ ପଡ଼ିଗଲା । ଗୋଟିଏ ପେନ୍‌ସିଲ୍ ଧରି ସେ ଏତେ ଜୋରରେ ସେ ଅଂଶଟି ଦାଗ ଦେବାକୁ ଲାଗିଲେ ଯେ ପୁସ୍ତକର ଦୁଇ ତିନୋଟି ପତ୍ର ଛିଣ୍ଡି ନଷ୍ଟ ହୋଇଗଲା । ମୁଁ ବ୍ୟସ୍ତ ହୋଇ ତାଙ୍କ ହାତରୁ ପୁସ୍ତକଟି ନେଇ କ୍ଲାସକୁ ଫେରିଗଲି । ଖାଲି ଏତିକି ମାତ୍ର ମୁଁ କହିଲି—"ମହାଜନୋ ଯେନ ଗତ ସ ପନ୍ଥାଃ ।"

ସେତେବେଳେ ପାରଳାଖେମୁଣ୍ଡିରେ ଓଡ଼ିଆ ଛାତ୍ରମାନଙ୍କର ପକ୍ଷରୁ 'ଉତ୍କଳ ଭାଷା ବିବର୍ଦ୍ଧିନୀ ସମାଜ' ନାମରେ ଗୋଟିଏ ସଭା ଗଢ଼ା ହୋଇଥିଲା । ଏହାକୁ ଦୁଇଟି ଭାଗରେ ବିଭକ୍ତ କରି କଲେଜ ଛାତ୍ରମାନଙ୍କ ପାଇଁ ସିନିୟର ଭାଗ ଓ ହାଇସ୍କୁଲ ଛାତ୍ରମାନଙ୍କ ପାଇଁ ଜୁନିୟର ଭାଗ କରାଯାଇଥିଲା । ସିନିୟର ଭାଗର ସମ୍ପାଦକ ରୂପେ ସ୍ୱର୍ଗୀୟ ଶଶୀଭୂଷଣ ରଥଙ୍କ ଭାଇ ଶରତଚନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଥିଲେ ଏବଂ ଜୁନିୟର ଭାଗର ଭାର ମୋ ଉପରେ ପଡ଼ିଥିଲା । ଆମେ ପ୍ରତି ସପ୍ତାହରେ ଥରେ କଲେଜରେ ସଭା କରି ଓଡ଼ିଆ ସାହିତ୍ୟ, ସମାଜ ସେବା ଏବଂ ଓଡ଼ିଆମାନଙ୍କର ସ୍ୱାର୍ଥ-ରକ୍ଷା ବିଷୟକ ଆଲୋଚନା କରୁଥାଉ । ମୋର ସ୍ମରଣ ହେଉଛି ଥରେ ଏପରି ଆଲୋଚନା ସଭାରେ ଆମ୍ଭେମାନେ ସ୍ଥିର କଲୁ ଯେ—ଓଡ଼ିଆମାନଙ୍କର ନିରକ୍ଷରତା ଦୂର କରିବାକୁ ଗୋଟିଏ ରାତ୍ରି ସ୍କୁଲ କରିବୁ । ଏଥିପାଇଁ ସ୍ଥାନୀୟ ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କୁ ଅନୁରୋଧ କରି ତେଲିସାହିରେ ଥିବା ଉଚ୍ଚ ପ୍ରାଥମିକ ସ୍କୁଲ ଗୃହଟି ଠିକ୍ କରାଗଲା । ମୁଁ, ଶ୍ରୀ ନନ୍ଦକିଶୋର ମିଶ୍ର (ବର୍ତ୍ତମାନ ଆଡ଼ଭୋକେଟ), ବିଷ୍ଣୁପ୍ରସାଦ ସିଂହ (ଜଣେ ସମ୍ବଲପୁରର ରାଜ ପରିବାରର ସମ୍ପର୍କୀୟ ଲୋକ) ଓ ଶରତ

Digitized by PPRACHIN, SOA

ଚନ୍ଦ୍ର ମହାପାତ୍ର ପାଳକର ରାତି ୭ଟାରୁ ୯ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ସ୍ଥାନୀୟ ଓଡ଼ିଆ ପ୍ରୌଢ଼ ନିରକ୍ଷରମାନଙ୍କୁ ଏଠାରେ ଅକ୍ଷର ଓ ଅଙ୍କ ଶିଖାଇବାକୁ ସ୍ୱେଚ୍ଛାସେବକ ରୂପେ ନିଯୁକ୍ତ ହେଲୁ । ୧୫।୨୦ ଜଣ ମୂଲିଆ ଶ୍ରେଣୀର ଗରିବ ପ୍ରୌଢ଼ ବ୍ୟକ୍ତି ଆମ ଆହ୍ୱାନ କ୍ରମେ କ୍ଲାସରେ ଯୋଗଦେଲେ । ସେମାନଙ୍କୁ ଶିକ୍ଷା ଦେଲାବେଳେ ଆମେ ଅତି ନିଷ୍ଠାପର ଭାବେ ସମାଜ ସେବା କାର୍ଯ୍ୟରେ ଆତ୍ମନିବେଶ କରୁଥିବାରୁ ମନରେ ମଧ୍ୟ ଟିକିଏ ଜାତୀୟ ଚେତନା ଜାଗ୍ରତ ହେଉଥିଲା । ଆମର ସେ ଛାତ୍ରମାନେ ମଧ୍ୟ ଅକ୍ଷର ଶିକ୍ଷା କରି ଶ୍ଲେଟ ଶ୍ଲେଟ ପୁରାଣ ପଢ଼ିପାରି ଉତ୍ସାହିତ ହେଲେ । ଦୁଇବର୍ଷ ଆମର ଏହି ଭଲେଣ୍ଟିୟରର କାମ ଚାଲୁ ହେଲା ପରେ ମ୍ୟୁନିସିପାଲିଟି ପକ୍ଷରୁ ଜଣେ ବେତନଭୋଗୀ ଶିକ୍ଷକ ସେଥିରେ ନିଯୁକ୍ତ ହେବାରୁ ଆମର ସେହି କାର୍ଯ୍ୟ ଆଉ ଦରକାର ହେଲା ନାହିଁ । ଏଠାରେ କହି ରଖିବା ଉଚିତ ଯେ ପାଇଡ଼ିଗନ୍ତମ ସୀତାରାମ ସ୍ୱାମୀ ନାମକ ଜଣେ ତେଲଗୁ ବ୍ରାହ୍ମଣ ସେତେବେଳେ ପାରଳାଖେମୁଣ୍ଡିର ଚେୟାରମ୍ୟାନ ଥିଲେ । ସେ ଏଇଠାର ଜଣେ ଅତି ଉନ୍ନତ ଭଦ୍ର ପରିବାରର ବ୍ୟକ୍ତି । ତାଙ୍କର ମଧୁର ବ୍ୟବହାର ଏବଂ ନିଷ୍ଠାପର କର୍ତ୍ତବ୍ୟ-ପରାୟଣତା ଅଦ୍ୟାପି ଆମ ମନରୁ ପାଶୁରି ହୋଇ ନାହିଁ । ମୋ ନନାଙ୍କର ସେ ଜଣେ ଅତି ଅନ୍ତରଙ୍ଗ ବନ୍ଧୁ । ତାଙ୍କ ଘରେ ପ୍ରତିଦିନ ନନାଙ୍କର ବୈଠକ ଓ କାଫି ଖିଆ ହୁଏ । ସନ୍ଧ୍ୟାବେଳେ ସେଠାରେ ପାରଳାଖେମୁଣ୍ଡିର ପ୍ରାୟ ସବୁ ଉଚ୍ଚପଦସ୍ଥ ଲୋକେ ଜୁଣ୍ଡ ହୁଅନ୍ତି । ତାଙ୍କର ପିଲାମାନଙ୍କ ସଙ୍ଗେ ମୋତେ ମିଶାଇ ଟିଉସନ ପଢ଼ିବା ସକାଶେ ଗାଦି ଶ୍ରୀନିବାସ ରାଓ ନାମକ ଜଣେ ହାଇସ୍କୁଲ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଥିଲା । ସୁତରାଂ ମୁଁ ପ୍ରତିଦିନ ସେହି ଚେୟାରମ୍ୟାନଙ୍କର ଗୃହରେ ଟିଉସନ ପଢ଼ୁଥିଲି । ଏଣୁ ଦରକାରବେଳେ ଚେୟାରମ୍ୟାନ ଓ ହେଡ଼ମାଷ୍ଟରଙ୍କୁ ଓଡ଼ିଆ ପିଲାମାନଙ୍କର ସୁବିଧା ଅସୁବିଧା କଥା କହିବା ସୁଯୋଗ ମିଳୁଥିଲା । କେବଳ ସେତିକି ନୁହେଁ ସମୟେ ସମୟେ ମହାରାଜାଙ୍କର ସଙ୍ଗେ ମଧ୍ୟ ଆମର ଆଳାପ ହେଉଥିଲା । କାରଣ ମହାରାଜାଙ୍କର ଦୂର ସମ୍ପର୍କୀୟ ଜଣେ କ୍ଷତ୍ରିୟ ବାଳକ ମଦନ ପ୍ରତାପ ସିଂହ (ବଲାଙ୍ଗିର ଜିଲ୍ଲାର ଚକୁଲି ଗ୍ରାମର ଜମିଦାର) ମୋ ସଙ୍ଗେ ମିଶି ସ୍କୁଲରେ ପଢ଼ୁଥାନ୍ତି ଓ ତାଙ୍କ ସହିତ ରାଜନବରରେ ସନ୍ଧ୍ୟାବେଳେ ମୁଁ ଫୁଟ୍‌ବଲ ଖେଳିବାକୁ ଯାଏ । ପାଲେସର ମଝିରେ ଗୋଟିଏ ବଡ଼ ଅଗଣା । ସେଠାରେ ଆମର ଖେଳ ହୁଏ । ସନ୍ଧ୍ୟାବେଳେ କେବେ କେବେ ମହାରାଜା ଦୋତାଲା ବାରଣ୍ଡାରେ ଠିଆ ହୋଇ ଆମର ଖେଳ ଦେଖନ୍ତି । ପୁଣି ଆମକୁ କେତେକ ପରାମର୍ଶ ଦିଅନ୍ତି । ଏଣୁ ସୁବିଧା ହେଲେ ଛାତ୍ରମାନଙ୍କ ସୁବିଧା ଅସୁବିଧା କଥା ସେଠାରେ ମହାରାଜାଙ୍କୁହିଁ ଜଣାଇ ଦେଉଥାଏ । ଏ ଦୃଷ୍ଟିରୁ ଚେୟାରମ୍ୟାନଙ୍କ ଘରେ ଏବଂ ସ୍କୁଲରେ ଶିକ୍ଷକମାନଙ୍କ ମଧ୍ୟରେ ମୋ ପ୍ରତି ଟିକିଏ ସ୍ୱତନ୍ତ୍ର ବ୍ୟବହାର ମିଳେ ।

ଦିନେ ଆମର ଛାତ୍ର ସମାଜରେ ପ୍ରସ୍ତାବ ହେଲା ଯେ ଓଡ଼ିଆ ପିଲାମାନେ ବିଶେଷ ଭାବରେ ଗରିବ ଶ୍ରେଣୀୟ । ତେଣୁ ସେମାନଙ୍କ ପକ୍ଷରେ ସ୍କୁଲର ୟୁନିଫର୍ମ ସ୍ୱରୂପ

Digitized by PPRACHIN, SOA

ଶିରସ୍ତ୍ରାଣ ଅର୍ଥାତ କ୍ୟାପ୍ ପିନ୍ଧି ସ୍କୁଲକୁ ଯିବାର ବାଧ୍ୟତାରୁ ଅବ୍ୟାହତ ମିଳିବା ଉଚିତ୍ । ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ଅର୍ଥାତ ପୁରୀ, କଟକ, ବାଲେଶ୍ୱର ପ୍ରଭୃତି ସ୍ଥାନରେ ସ୍କୁଲ ଛାତ୍ରମାନଙ୍କ ଏପରି କଟକଣା ଦିଆଯାଉ ନାହିଁ । ଏ ଦୃଷ୍ଟିରୁ ବିଶେଷତଃ ଓଡ଼ିଆ-ମାନଙ୍କର ଜାତୀୟ ଶିରୋପା ସମ୍ବନ୍ଧରେ ମିଷ୍ଟର ମଧୁସୂଦନ ଦାସଙ୍କ ପ୍ରସ୍ତାବ କ୍ରମେ ନାଲି ବା କଳାରଙ୍ଗର ପାଗ ଉତ୍କଳ ସମ୍ମିଳନୀରେ ବ୍ୟବହାର ହେଉଥିବା ଦୃଷ୍ଟିରୁ ଆମ୍ଭମାନଙ୍କ ଅନୁକରଣରେ ଟୋପିର ବ୍ୟବହାର ସ୍କୁଲରେ ଆମେ ନିଶ୍ଚୟ ବର୍ଜନ କରିବୁ । ଏହା ନିର୍ଦ୍ଧାରଣ କଲାପରେ ଆମେ ୭ ଜଣ ଛାତ୍ର ଠିଆ ହୋଇ ପ୍ରତିଜ୍ଞା କଲୁ ଯେ ଆନାଜୀ ରାଓଙ୍କ ଇତିହାସ କ୍ଲାସରେ ଆମେ ବିନା ଶିରସ୍ତ୍ରାଣରେ ପ୍ରବେଶ କରିବୁ । ଏଠାରେ କହିରଖିବା ଉଚିତ ଯେ ସେତେବେଳେ କଲେଜର ପ୍ରିନ୍ସିପାଲ ଥିଲେ ସଚ୍ଚିଦାନନ୍ଦ ରାଓ । ସେ କଟକର ସେବା ରାଓଙ୍କର ପୁତ୍ର ଓ କବି ମଧୁସୂଦନ ରାଓଙ୍କର ନାତି । ତାଙ୍କର ହୃଦୟରେ ଓଡ଼ିଆ ଜାତୀୟ ପ୍ରେମ ଉଦ୍ଦୀପ୍ତ ଥିଲା ସତ; କିନ୍ତୁ ଏଠାର ଆନ୍ଧ୍ର-ପ୍ରଭାବ ହେତୁ ତାହା ପ୍ରକାଶ ପାଉ ନଥିଲା । ହାଇସ୍କୁଲର ହେଡ଼ମାଷ୍ଟର ଥିଲେ ଆସ୍ତିକାନ୍ତକା ଚଲମ୍ । ଜଣେ ପୃଥୁଳକାୟ କୃଷ୍ଣବର୍ଣ୍ଣର ବିଶାଳ ମୂର୍ତ୍ତି । ଦେଖିଲେ ଭୟମାଡ଼େ । ସ୍କୁଲ ଶୃଙ୍ଖଳା ରକ୍ଷା କରିବାରେ ଛାତ୍ରମାନଙ୍କର ମଧ୍ୟରେ ତାଙ୍କର ପ୍ରଭାବ ଅରଣ୍ୟରେ ମହାବଳ ବ୍ୟାଘ୍ରର ପ୍ରତୀକ ।

ପରଦିନ ଆମେ ପ୍ରତିଜ୍ଞା କରିଥିବା ୭ ଜଣ ଛାତ୍ର ଖାଲି ମୁଣ୍ଡରେ ଆନାଜୀ ରାଓଙ୍କ କ୍ଲାସରେ ପ୍ରବିଷ୍ଟ ହେଲୁ । ସେ ତାଙ୍କ ଆସନରେ ବସି ଗୋଟି ଗୋଟି କରି ଆମ ଆଡ଼କୁ ଚାହିଁଲେ । ଇଂରାଜୀରେ କହିଲେ, I find some of the students here are not properly dressed. They should go out of the class.” ଏହାଶୁଣି ଆମେ ଗୌରବଦର୍ପରେ ଠିଆହୋଇ ଅବଜ୍ଞାର ସହ ବାହାର ବାରଣ୍ଡାକୁ ଚାଲିଗଲୁ । ସେଠାରୁ ସିଧା ପ୍ରିନ୍ସପାଲ ଏସ୍ ରାଓଙ୍କ ଅଫିସ୍‌ରେ ହାଜର ହୋଇ କହିଲୁ “ଆଜ୍ଞା, ଆମେ ଓଡ଼ିଆ ପିଲାମାନେ କି ଅପରାଧ କରିଛୁ ? କଲେଜର ଛାପା ନିୟମରେ ଲେଖାଅଛି ‘ The students are to be properly dressed. ସେଥିରେ ତ ଲେଖାନାହିଁ ଯେ ଆମେ ମୁଣ୍ଡରେ ଟୋପି ଲଗାଇ କ୍ଲାସକୁ ଯିବୁ । ଆଜି ଆମ କ୍ଲାସ୍ ଟିଚର ଟୋପି ନ ଥିବାରୁ ଆମକୁ ବାହାରକୁ ଯିବାକୁ କହିଲେ । ଆପଣ ଦୟାକରି ଆମକୁ ନ୍ୟାୟ ଦିଅନ୍ତୁ ।” ପ୍ରିନ୍ସପାଲ କହିଲେ, “ଅଚ୍ଛା ବୁଝିବା, ତୁମେ ସବୁ କ୍ଲାସକୁ ଯାଅ । ମୁଁ କହୁଛି ବୋଲି ଟିଚରଙ୍କୁ କହି କ୍ଲାସରେ ବସ ।” ଆମେ ପ୍ରଫୁଲ୍ଲ ମନରେ ବିଜୟ ଗର୍ବରେ କ୍ଲାସ ଭିତରକୁ ଗଲୁ । କହିଲୁ, ଆଜ୍ଞା ! ପ୍ରିନ୍ସପାଲଙ୍କ ଆଦେଶ ଆମେ କ୍ଲାସରେ ବସିବୁ ।” ଆତ୍ମ ସମ୍ମାନରେ ଆଞ୍ଚ ଆସିଥିବାରୁ ଆମ କ୍ଲାସଟିଚର ଗମ୍ଭୀର ହୋଇ ଟେବୁଲକୁ ଚାହିଁ ଚୁପ୍‌ଚାପ ବସି ରହିଲେ । ଆମ ସାଙ୍ଗରେ ଥିବା ତେଲୁଗୁ ଛାତ୍ରମାନେ ମଧ୍ୟ ତାଙ୍କପରି ଗମ୍ଭୀର ହୋଇ ଆମ ଆଡ଼େ ଚାହିଁଥାନ୍ତି ।

Digitized by PPRACHIN, SOA

ସେତିକିବେଳେ ସ୍କୁଲ ଚପରାସୀ ଗୋଟିଏ ସର୍କୁଲର ଆଣି କ୍ଲାସ ଟିଚରଙ୍କ ହାତକୁ ବଢ଼ାଇଦେଲା । ପ୍ରିନ୍ସିପାଲଙ୍କ ଦସ୍ତଖତରେ ସେଥିରେ ଲେଖାଥିଲା—'Those students who are unwilling to wear head dress are also allowed to sit in the class.' ଟିଚର ଏହା ପଢ଼ି ଆମକୁ ଶୁଣାଇ ଦେଲେ । ଆମେ ଗର୍ବୋତ୍ଫୁଲ୍ଲ ହବେ ନାଚ ଉଠିଲୁ ।

ଏ ଘଟଣାଟି ଏତିକିରେ ଶେଷ ହେଲନାହିଁ । ସନ୍ଧ୍ୟାରେ ହେଡ୍‌ମାଷ୍ଟର ମହାରାଜାଙ୍କୁ ସାକ୍ଷାତ କରି କହିଲେ, "ଆଜ୍ଞା ! ସ୍କୁଲରେ ଛାତ୍ରମାନଙ୍କ ଶୃଙ୍ଖଳା ଛିଣ୍ଡି ଯାଉଛି । ସ୍କୁଲ ୟୁନିଫର୍ମ ବନ୍ଧୁ ଉନକୁ ଗୋଟିଏ ପ୍ରଚଳିତ ପ୍ରଥା ରୂପେ ପାଳିତ ହେଉଥିଲା । କେବେହେଲେ ଏଥିରେ କୌଣସି ଆପତ୍ତି ଉଠି ନଥିଲା । ବର୍ତ୍ତମାନ ପ୍ରିନ୍ସିପାଲ ମହୋଦୟଙ୍କଠାରୁ ଉତ୍ସାହ ପାଇ ମୁଷ୍ଟିମେୟ ଦୁର୍ଦ୍ଦାନ୍ତ ଓଡ଼ିଆ ଛାତ୍ର ଆନ୍ଦୋଳନ ସୃଷ୍ଟି କରିଛନ୍ତି । ଫଳେ ଏହା ବିଷମ ପରିସ୍ଥିତି ସୃଷ୍ଟି କରିବ, ଯାହାକି ଆମ ପକ୍ଷରେ ସମ୍ଭାଳିବା କଷ୍ଟକର ହୋଇ ପଡ଼ିବ । ଆପଣ ଶୀଘ୍ର ଏଥିର ପ୍ରତିକାର କରନ୍ତୁ ।
ମହାରାଜା ତାଙ୍କ କଥାରେ ରୁଷ୍ଟ ହୋଇ ମୋତେ ଓ ମଦନ ପ୍ରତାପ ସିଂହଙ୍କୁ ତାଙ୍କ ମ୍ୟାନେଜର ନିତ୍ୟାନନ୍ଦ ପଟ୍ଟନାୟକଙ୍କ ହାତରେ ଡକାଇ ଦେଇ ପଚାରିଲେ, "ତୁମେ ଏପରି ଉଚ୍ଛୃଙ୍ଖଳ ହେବା କି ଆବଶ୍ୟକ ।" ଆମେ କହିଲୁ, "ସତ୍ୟ ଓ ନ୍ୟାୟ ପାଇଁ ଆମେ ଲଢ଼ିବାକୁ ଯିବା ଉଚ୍ଛୃଙ୍ଖଳତାର ନିଦର୍ଶନ ନୁହେଁ । ଟୋପି ବ୍ୟବହାର କରିବାକୁ ହେଲେ ଯେଉଁ ଗରିବ ଓଡ଼ିଆ ପିଲାଙ୍କ ମା' ବାପଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁଛି ତାହା ମୋଟା ବେତନ ପାଉଥିବା ହେଡ୍‌ମାଷ୍ଟର କମ୍ବା ସ୍କୁଲ ଅଧିକାରୀମାନେ ବୁଝିବେ କୁଆଡ଼ୁ ? ଆପଣ ଦେଖିଲେ ଆଶ୍ଚର୍ଯ୍ୟ ହେବେ କେତେକ ପିଲାଙ୍କ ମୁଣ୍ଡର ଟୋପିରେ ଇଞ୍ଚେ ବହଳରେ ମଇଳା ଜମିଥାଏ । ଆମେ ତାଙ୍କ ପାଖରେ ସେଥିର ଦୁର୍ଗନ୍ଧରେ ବସିପାରୁ ନାହୁଁ । ଏପରି ହେବା କ'ଣ ଛାତ୍ର ଶୃଙ୍ଖଳାର ପରି-ଚାୟକ ?" ଆମେ ଏଇ କଥା କହିଲାବେଳେ ଯେପରି ଅନ୍ତଃସ୍ଥଳରୁ ଗଦ୍‌ଗଦ୍ କଣ୍ଠରେ ତାହା ନିର୍ଗତ ହେଉଥିଲା । ବୋଧହୁଏ ପାଖ କୋଠରିରୁ ମହାରାଜା ଆମକଥା ଶୁଣି ପାରୁଥିଲେ । କାରଣ ନିତ୍ୟାନନ୍ଦ ପଟ୍ଟନାୟକଙ୍କ କଚେରୀ ପାଖରେ ହିଁ ମହାରାଜାଙ୍କ ପଢ଼ିବା ବାରଣ୍ଡା । ଏହାପରେ ମହାରାଜାଙ୍କର ପକ୍ଷରୁ ଗୋଟିଏ ସୁଚିନ୍ତିତ ପ୍ରସ୍ତାବ ପ୍ରିନ୍ସିପାଲଙ୍କ ଅଫିସରେ ପହଞ୍ଚିଲା । ତାହା ହେଉଛି ଯେଉଁ ଓଡ଼ିଆ ପିଲାମାନେ ଇଚ୍ଛା କରିବେ ସେମାନେ ତାଙ୍କର ଜାତୀୟ ଉତ୍କଳ ସମ୍ମିଳନୀ ସମର୍ଥିତ ନାଲି ପାଗ ପିନ୍ଧି କ୍ଲାସକୁ ଯାଇ ପାରିବେ । ଏଥିରେ ଉଭୟ ପକ୍ଷ ସନ୍ତୁଷ୍ଟ ହେଲେ । ଆମେ ଓଡ଼ିଆ ପିଲା ଯେତେ ଥିଲୁ ସମସ୍ତେ ଖଣ୍ଡିଏ ଖଣ୍ଡିଏ ରଙ୍ଗ କନାର ପାଗ ମୁଣ୍ଡରେ ଗୁଡ଼ାଇଦେଇ ସ୍କୁଲକୁ ଗଲୁ । ସେ ଦିନର ସେ ଦୃଶ୍ୟଟି ଆଜି ମଧ୍ୟ ମୋର ମନରୁ ଲିଭି ନାହିଁ । ବଜାରରେ ରଙ୍ଗ କନା ଦୋକାନରୁ ସବୁ ସରି ଯାଇଥିଲା । ଏ ଘଟଣା ପରେ ଧୀରେ ଧୀରେ ମୁଣ୍ଡରେ

Digitized by PPRACHIN, SOA

ପାଗ ଗୁଡ଼ାଇବା ପ୍ରଥା ମଧ୍ଯ ଲୋପ ହେଲା ।*ଆଉ ଶିକ୍ଷକମାନଙ୍କର ବକ୍ର ଦୃଷ୍ଟିରେ ଆମେ ପଡ଼ିଲୁ । କେବଳ ମହାରାଜାଙ୍କର ସମୟେ ସମୟେ ଅମ ପ୍ରତି ଦୟା ପ୍ରକାଶ ହେଉଥିବାରୁ ଆମେ ତିଷ୍ଠି ପାରିଥିଲୁ କହିଲେ ଚଳେ । ମୋର ମନେ ପଡୁଛି, ଦିନେ ମହାରାଜା ନିଜେ ଆମ କ୍ଲାସକୁ ପଶି ଆସିଲେ । ଅତି ଅପ୍ରତ୍ୟାଶିତ ଭାବେ ତାଙ୍କର ଆଗମନ ସ୍କୁଲରେ ଗୋଟିଏ ଚହଳ ପକାଇ ଦେଲା । ଟିଚରମାନେ ସମସ୍ତେ ଯେ ଯାହା କ୍ଲାସରେ ରହି ସତର୍କ ହୋଇଗଲେ । ଆମ କ୍ଲାସରେ ମହାରାଜା ପାଦ ଦେବାକ୍ଷଣି ଆମେ ସବୁ ପିଲାମାନେ ଠିଆ ହୋଇ ତାଙ୍କୁ ଅଭିନନ୍ଦନ କଲୁ । ମୋ ପାଖରେ ସେତେବେଳେ ଗୋଟିଏ ଧୋବା ପିଲା ବସିଥାଏ । ତା'ର ବାପା ମହାରାଜାଙ୍କ କଚେରୀରେ ରେଭିନ୍ୟୁ ଇନ୍‌ସପେକ୍ଟର ହୋଇଥିବାରୁ ମହାରାଜା ତାକୁ ଚିହ୍ନିଥିଲେ । ସେତେବେଳେ ଧୋବା ଗୋଟିଏ ଅସ୍ପୃଶ୍ୟ ଜାତି ରୂପେ ପରିଗଣିତ ହେଉଥିଲା । ମୋତେ ସେହି ଧୋବା ପିଲାର ପାଖରେ ବସିବା ଦେଖି ମହାରାଜା ଟିକିଏ ମୁରୁକି ହସିଦେଇ ଆମର ଅଭିବାଦନ ଗ୍ରହଣ କଲେ । ଏ କଥା ତାଙ୍କର ସ୍ମୃତିପଟରୁ ବହୁକାଳ ପର୍ଯ୍ୟନ୍ତ ଲିଭି ନ ଥିଲା ; କାରଣ ଓଡ଼ିଶା ପ୍ରଦେଶ ଗଠନ ପରେ ସେ ଯେତେବେଳେ ପ୍ରଧାନମନ୍ତ୍ରୀ ହୋଇ ଉତ୍କଳ ୟୁନିଭରସିଟି ବିଲ୍ ବିଧାନସଭାରେ ଆଗତ କରି ଗୋଟିଏ ବକ୍ତୃତା ଦେଇଥିଲେ, ସେଥିରେ ସେ ଦୃଢ଼ କଣ୍ଠରେ କହିଥିଲେ, "ଧାରକୋଟେମୁଣ୍ଡି କଲେଜରେ ଆମେ ଜାତିଆଣ ଭେଦ ରଖିନାହୁଁ । ଏକା ଆସନରେ ମୋ ରାଜଗୁରୁଙ୍କ ପୁତ୍ର ସଙ୍ଗେ ଗୋଟିଏ ତଥାକଥିତ ଅସ୍ପୃଶ୍ୟ ଧୋବା ପିଲା ବସି ପଢ଼ିବା ମୁଁ ନିଜେ ଦେଖିଛି ।" ×

ମନୁଷ୍ୟ ଜୀବନ ତା'ର ଯୋଜନାର ଅନୁବର୍ତ୍ତୀ ନୁହେଁ । ସେ ଯାହା କଳ୍ପନା କରେ ତାହା ଠିକ୍ ସମୟରେ ପାଇ ନ ଥାଏ । ମୁଁ ସଂକଳ୍ପ କରିଥିଲି, ଯେତେ ଦୁଃଖ କଷ୍ଟ ହେଉପଛେ ଅନ୍ତତଃ ମୁଁ ବି. ଏ. କି ଏମ୍. ଏ. ନିଶ୍ଚୟ ପଢ଼ିବି । ମୋର ଜେଜେ-ବାପାଙ୍କ ସ୍ମୃତି ସଙ୍ଗେ କାଳିଆ ବାପାଙ୍କ ପ୍ରତିଭା ଓ ସମ୍ମାନ ମୋତେ ଏ କଥା ବାରମ୍ବାର

---

* ଏ ବିଷୟର ସୂଚନା ମୁଁ ଶ୍ରୀ ସୂର୍ଯ୍ୟ ନାରାୟଣ ଦାସଙ୍କ ସଙ୍କଳିତ 'ଯୁଗପୁରୁଷ ଗୋପବନ୍ଧୁ ଦାସ' ଶୀର୍ଷକ ପୁସ୍ତକରେ ପ୍ରକାଶିତ 'ଗୋପବନ୍ଧୁ ଯୁଗର ଓଡ଼ିଆ ଛାତ୍ର' ନାମକ ପ୍ରବନ୍ଧରେ ଲେଖିଥିଲି ।

× "I might state here that my 'Purohitas's son and my washerman's son, I have seen with my own eyes, were sitting together in common seats and were receving instructions in the class" (Vide History of the Gangas part II, P. 286)

Digitized by PPRACHIN, SOA

ସ୍ମରଣ କରାଇ ଦେଉଥିଲା । ଅବଶ୍ୟ ସ୍ୱୀକାର କରିବା ଲାଲସା ମୋର କମ୍ବା ମୋର ପରିବାରରେ କାହାର ନ ଥିଲା । କାରଣ ଆମର ଭୂସମ୍ପତ୍ତି ଏତେ ପ୍ରଚୁର ଯେ ଅଭାବ କ'ଣ ଆମେ ଜାଣି ନ ଥିଲୁ । ପୁଣି ଆମ ପରିବାରର ରାଜକୀୟ ସମ୍ମାନ ହେତୁ ସମାଜରେ ଯଥେଷ୍ଟ ପରିମାଣରେ ପ୍ରତିପତ୍ତି ରହିଥିଲା । ଏପରି ଅବସ୍ଥାରେ ମୋର ଚରିତ୍ର ଓ ମାନସିକ କ୍ରିୟାକଳାପ ଏପରି ଗୋଟିଏ ସ୍ତରରେ ପହଞ୍ଚିଥିଲା । ଯାହାହେଉ ମୁଁ ଭାବୁଥାଏ ଏପରି କିଛି ଗୋଟିଏ କର୍ମକ୍ଷେତ୍ରରେ ମୁଁ ଅବତୀର୍ଣ୍ଣ ହେବି ଯାହା ଫଳରେ ସର୍ବସାଧାରଣଙ୍କର ସେବା ସଙ୍ଗେ ମୋ ଜୀବନର ସାଫଲ୍ୟ ଜଡ଼ିତ ହୋଇ ରହିବ । ଏଣୁ ସାହିତ୍ୟ କ୍ଷେତ୍ରରେ, ରାଜନୀତି କ୍ଷେତ୍ରରେ ଏବଂ ସାଂସ୍କୃତିକ ବ୍ୟାପାରରେ ବିଶେଷ ଅଂଶ ଗ୍ରହଣ କରିବାକୁ ମୁଁ ସ୍ୱତଃପ୍ରଣୋଦିତ ହୋଇ କାର୍ଯ୍ୟ କରୁଥିଲି । ତଥାପି ଆତ୍ମସମ୍ମାନ ଓ ଜାତୀୟ ମମତା ଅନେକ ସମୟରେ ମୋତେ ଅଥୟ କରି ଦେଉଥିଲା ।

୧୯୨୭ ମସିହାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ପାଇଁ ବିହାର ଓଡ଼ିଶା ବିଧାନସଭାରେ ଗୋଟିଏ ପ୍ରସ୍ତାବ ଆଗତ କରାଗଲା । ତା ଫଳରେ ୧୯୨୪ ମସିହାରେ **C. L. Phillip** ଓ **A. C. Duff** ନାମକ ଦୁଇଜଣ **I. C. S.** ଅଫିସରଙ୍କୁ ନିଯୁକ୍ତ କରି ମାନ୍ଦ୍ରାଜ ଓଡ଼ିଆମାନଙ୍କର ଦେଶ ମିଶ୍ରଣ ସମ୍ପର୍କରେ ମତ ପଚରାଗଲା । ସେହି କମିଟି ବିଶାଖାପାଟଣା ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଜମିଦାରୀ ଅଞ୍ଚଳ ଗସ୍ତ କଲାବେଳେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ରାଜ୍ୟ ଜମିଦାରମାନଙ୍କ-ଠାରୁ ସାକ୍ଷ୍ୟ ଗ୍ରହଣ କରିଥିଲେ । ସେତେବେଳେ ଆମେ ପାରଳାଖେମୁଣ୍ଡିରେ ଓଡ଼ିଆ ଯୁବ ସମସ୍ତେ ମିଶି ଆମର **U. J. B. B.** ସମାଜ ପକ୍ଷରୁ ମଫସଲରେ ବୁଲି ଲୋକମାନଙ୍କୁ ବୁଝାଇବାକୁ ଲାଗିଲୁ କିପରି ଓଡ଼ିଶାରେ ମିଶିବା ସପକ୍ଷରେ ସେମାନେ ଅନୁକୂଳ ମତ ଦିଅନ୍ତି । ପାର୍ବତୀୟ ଅଞ୍ଚଳରେ ଠାଏ ଠାଏ କନ୍ଧ ସୌରା ପଲ୍ଲୀ ଭିତରେ ପଶି ସେମାନଙ୍କୁ ଏକଥା ଭଲକରି ବୁଝାଇବାକୁ ପଡ଼େ । ମୋ ଭାଗରେ ସେପରି ଗୋଟିଏ ଅଞ୍ଚଳ ପଡ଼ିଥିଲା । ଆମ୍ବାଜେଣ୍ଠାରୁ ଗୁମା ପର୍ଯ୍ୟନ୍ତ ଶବର ପଲ୍ଲୀଗୁଡ଼ିକ ମୋ ଭାଗରେ ଥାଏ । ସେତେବେଳେ ସେ ଭିତରକୁ ଯିବାପାଇଁ ଭଲ ରାସ୍ତା ନଥିଲା । ତଥାପି କମିସନଙ୍କ ଗାଡ଼ି ଆମ୍ବାଜେଣ ପର୍ଯ୍ୟନ୍ତ ଯାଇ ସେଠାର ଅଶିକ୍ଷିତ ଶବର-ମାନଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଗଲା । **Phillip** ସାହେବ ଓଡ଼ିଶାର କମିସନର ଥିବାରୁ ଭଙ୍ଗା ଭଙ୍ଗା ଓଡ଼ିଆ କହି ପାରୁଥିଲେ । ମୁଁ ସେତେବେଳେ ଆମ୍ବାଜେଣ ଶବରମାନଙ୍କୁ ଏକାଠି କରି ରାସ୍ତା କଡ଼ରେ ଠିଆ ହୋଇଥିଲି । ସାହେବ ସେଠାରେ ଗାଡ଼ି ଅଟକାଇ ସଉରାମାନଙ୍କୁ ପଚାରିଲେ—ତୁମେ ଓଡ଼ିଶାକୁ ଯିବାକୁ ଚାହଁ କି ? ଗୋଟିଏ ବୁଢ଼ା ଶବର ଉତ୍ତର ଦେଲା, "ବାବୁ ! ଆମେ ସଉରା ଲୋକ । ବଣ ଜଙ୍ଗଲରେ ରହୁଛୁ । ଆମେ ଆଉ କୁଆଡ଼େ କାହିଁକି ଯିବୁ । ଆମର ଏ ଗାଆଁଟି ଯୋଉଠି ଅଛି ସେଇଠି ରହୁ । ତାହା ଓଡ଼ିଶାକୁ ନେଇଯିବା ଦରକାର ନାହିଁ ।"

Digitized by PPRACHIN, SOA

ଏଥିରୁ ସାହେବ ବୁଝିଲେ ଯେ ଓଡ଼ିଶା ସଙ୍ଗେ ମିଶିବାକୁ ଇଚ୍ଛା କରୁନାହିଁ । ମୁଁ ଆଗକୁ ଆସି ସାହେବଙ୍କୁ କହିଲି—"ସେ କହୁଛନ୍ତି ତାଙ୍କର ଗାଁଟି ଘରଦ୍ୱାର ସଙ୍ଗେ ଖୋଳି ତାଡ଼ି ତାହା ଉଠାଇ ଗାଡ଼ିରେ ଓଡ଼ିଶା ରାଜ୍ୟକୁ ନେଇଯିବ । ଏଥିରେ ତାର ଘୋର ଆପତ୍ତି ।" ଏହା ଶୁଣି Phillip ଖୁବ୍ ହସିଲେ । କହିଲେ ତୁମ ଘର ଯେଉଁଠି ଅଛି ସେଇଠି ରହିବ । ଖାଲି ତୁମର ଶାସନ କାର୍ଯ୍ୟ ମାନ୍ଦ୍ରାଜରୁ ଉଠାଇ ଓଡ଼ିଶା ରାଜ୍ୟରେ ରଖାଯିବ । ଏଥିରେ ତୁମେ ରାଜି ତ ! ସଉରା କିଛି ବୁଝି ନ ପାରି ମୋ ମୁହଁକୁ ଚାହିଁଲା । ମୁଁ ତାକୁ ସରଳ କରି କହିଲି— "ଆମ ରଜା ଯେଉଁଠି ରହିବେ ସେଇଠି ତୁମେ ରହିବ କି ନାହିଁ ସାହେବ ପଚାରୁଛନ୍ତି ।" ଏହା ଶୁଣି ସେ ହସି ହସି କହିଲା, "ହଁ ଆଜ୍ଞା ! ଆମ ରଜା ଯେଉଁଠି ଆମେ ସେଇଠି । ସେ ଯଦି ଓଡ଼ିଶା ସାଙ୍ଗରେ ମିଶିକରି ରହିବେ, ଆମେ ମଧ୍ୟ ସେମିତି ରହିବୁ ।" Phillip ସାହେବ ଆନନ୍ଦରେ ତାହା ପିଠିରେ ହାତମାରି ସେଠାରୁ ଚାଲିଗଲେ । ମହାରାଜାଙ୍କର ମତ ନେବାରୁ ସେ କହିଲେ ଓଡ଼ିଆଭାଷୀ ସବୁ ଅଞ୍ଚଳ-ଗୁଡ଼ିକ ମିଶାଇ ଗୋଟିଏ ପ୍ରଦେଶ ଗଢ଼ିବା ଆବଶ୍ୟକ । ଏହାହିଁ Phillip Duff କମିଶନର ସୁପାରିଶରେ ବଳବତ୍ତର ଯୁକ୍ତି ଓ ସୁପାରିଶ ରୂପେ ଗୃହୀତ ହୋଇଥିଲା ।

ପ୍ରଥମେ ମୁଁ କହିଛି ଯେ, ଓଡ଼ିଆ ଛାତ୍ରମାନଙ୍କ ମଧ୍ୟରେ ନେତୃତ୍ୱ ନେବାରୁ ତେଲଗୁ ଶିକ୍ଷକମାନଙ୍କ ବିଷ ଦୃଷ୍ଟିର ମୁଁ ଶରବ୍ୟ ହୋଇଥିଲି । ତେଣୁ କେବେ ପ୍ରତ୍ୟକ୍ଷରେ ଓ କେବେ ପରୋକ୍ଷରେ ମୋତେ ସ୍କୁଲରୁ ତଡ଼ିବାକୁ ସେମାନେ ଚାହୁଁଥିଲେ । ଯେ ବର୍ଷ ମାଟ୍ରିକ ସିଲେକ୍‌ସନ ପରୀକ୍ଷା ଫଳ ବାହାରିଲାବେଳେ ମୁଁ ଆଶ୍ଚର୍ଯ୍ୟ ହୋଇ ବୁଝିଲି ଯେ କେତୋଟି ପରୀକ୍ଷାରେ ମୁଁ ଫେଲ ହୋଇଛି । ମୁଁ ଆଶ୍ଚର୍ଯ୍ୟ ହେଲି କାରଣ ଅଙ୍କ ଓ ଇତିହାସରେ ମଧ୍ୟ ମୁଁ ପାଶ୍ ନମ୍ବର ରଖିନାହିଁ । ଏହା କିପରି ସମ୍ଭବ ? ପ୍ରାୟ ୧୦ଟି ପ୍ରଶ୍ନରୁ ଅଙ୍କରେ ମୁଁ ନଅଟି ଠିକ୍ କରିଥିଲି । ପଛେ ଫଳ ମିଳାଇ ମୁଁ ଏକଥା ଜାଣିପାରିଥିଲି ଯେ ଅନ୍ତତଃ ସେଥିରେ ଶତକଡ଼ା ନବେ ନମ୍ବର ମୁଁ ପାଇବି । ପୁଣି ଇତିହାସରେ ମୋର ଯଥେଷ୍ଟ ପ୍ରବେଶ ଥିଲା । ବ୍ରିଟିଶ ଇତିହାସର ବଡ଼ ବଡ଼ ପୁସ୍ତକ ମଧ୍ୟ ମୁଁ ଅଣାଇ ପଢ଼ିଥିଲି, ଯାହା ଫଳରେ ମାସିକ ପରୀକ୍ଷାମାନଙ୍କରେ ଅନ୍ୟାନ୍ୟ ପିଲାଙ୍କଠାରୁ ମୁଁ ହାଇଏଷ୍ଟ ନମ୍ବର ରଖେ । ଏପରି ସ୍ଥଳେ ଯେ ଦୁଇ ବିଷୟରେ ମୋର ଫେଲ୍ ହେବା କଥା ମୋତେ ବଡ଼ ବିସ୍ମିତ ଓ ବିବ୍ରତ କରିଦେଲା । ମୁଁ ଏଥିର ପ୍ରତିବାଦ କଲି । ନନାଙ୍କୁ କହିଲି, "ମୋର ସେ ଦୁଇଟି ପେପର ଆଣି ସମୀକ୍ଷା କରିବାକୁ ହେବ ।" ନନା ବିରକ୍ତ ହୋଇ କହିଲେ, "ଆଉ କାହିଁକି ? ଯାହା ହେବାର ହେଉ । ତୁ ପରୀକ୍ଷା ଦେବା ଦରକାର ନାହିଁ କି ସ୍କୁଲରେ ପଢ଼ିବା ମଧ୍ୟ ଦରକାର ନାହିଁ । ସଂସ୍କୃତ ପଢ଼ିବା ତୋ ପକ୍ଷରେ ଆବଶ୍ୟକ । ତେଣୁ ବିଦ୍ୟାଭୂଷଣ (ଗୋପବନ୍ଧୁ ବିଦ୍ୟାଭୂଷଣ) ମାମୁଙ୍କୁ କହିଛି ସେ ତୋତେ 'ସିଦ୍ଧାନ୍ତ ଚନ୍ଦ୍ରିକା' ବ୍ୟାକରଣ ଶିଖାଇବେ ।" ମୋର ମନ ମାନିଲାନାହିଁ ।

Digitized by PPRACHIN, SOA

ମୋ ପ୍ରତି ଗୁରୁଆଜ୍ଞା ଅନ୍ୟାୟ କରାଯାଉଛି । ମୁଁ ଖାଲିକ ପାରଳା ଛାଡ଼ି ବଙ୍ଗଳା ବରହମପୁର କଲେଜରେ ମୁଁ ବି. ଏ. ପଢ଼ିବାକୁ ଗଲି । ମୋର ଜଣେ ଭଣଜା ବାସୁଦେବ ମିଶ୍ର (ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ରଙ୍କ ପୁତ୍ର) ଓ ମୁଁ ମସୁଧା କଲୁ ଯେ ବଙ୍ଗଳା ବ୍ରହ୍ମପୁରଠାରେ କଲେଜରେ ଜଏନ କରିବୁ । ଆମର ସଙ୍କଳ୍ପ ନନାଙ୍କୁ କହିଲି । କିନ୍ତୁ ତାଙ୍କଠାରୁ ସମର୍ଥନ ପାଇଲି ନାହିଁ । ମୋର ମନେପଡ଼ୁଛି; ଯେବେ ମୋର ଶ୍ୱଶୁରାଳୟରେ ଡଃ ବଳଭଦ୍ର ମିଶ୍ରଙ୍କୁ ନେଇ ମୋର ନନା ମୋତେ ଏହି ସଙ୍କଳ୍ପରୁ ନିବୃତ୍ତ ହେବାକୁ ପ୍ରାଣପଣେ ଚେଷ୍ଟା କଲେ । ଗୁରୁଜନଙ୍କ ବାକ୍ୟ ଲଙ୍ଘନ କରି ନପାରି ମୁଁ ହତାଶ ହେଲି । ମୋର ଭଣଜା ବାସୁଦେବ ମିଶ୍ର ବ୍ରହ୍ମପୁର ଗୁଲିଗଲେ । କିନ୍ତୁ ମୋର କଲେଜ ଶିକ୍ଷାରେ ଡୋରି ବନ୍ଧା ହେଲା । ଏହା ପରେ ବହୁ ଦିନ ଧରି ମୁଁ ଚିନ୍ତାମଗ୍ନ ହୋଇ ରହିଲି । କ୍ରମେ ଦେହ ଦୁର୍ବଳ ହେବାକୁ ଲଗିଲା । ତା ପରେ ହଠାତ୍ ମୁଁ ୨୦ ବର୍ଷ ବୟସରେ ଥରେ ଟାଇଫଏଡ ଜ୍ୱରରେ ଶଯ୍ୟାଶାୟୀ ହେଲି । ଯେଉଁ ସମୟର କଥା ମୁଁ କହୁଛି ସେତେବେଳେ କବିରାଜମାନେ ଟାଇଫଏଡକୁ ବିଷମ ସନ୍ନିପାତକ ଜ୍ୱର ବୋଲି ଅଭିହିତ କରୁଥାନ୍ତି । ଏଲୋପାଥିରେ ମଧ୍ୟ ସେଥିର ଔଷଧ ଆବିଷ୍କୃତ ହୋଇ ନଥିଲା । କେବଳ ଖାଦ୍ୟପେୟରେ ନିୟନ୍ତ୍ରଣ କରି ଉତ୍ତାପକୁ ପ୍ରଶମନ କରିବା ଚିକିତ୍ସାହିଁ ସେ ରୋଗର ପ୍ରଧାନ ଉପାୟ ବୋଲି ଡାକ୍ତରମାନେ କହୁଥିଲେ । ଏଠାରେ କହିରଖିବା ଆବଶ୍ୟକ ଯେ ଡଃ ବୈକୁଣ୍ଠମ୍ ନାମକ ଜଣେ ପୁରୁଣା ଡାକ୍ତରଙ୍କ ସଙ୍ଗେ ମୋର ସ୍ନେହ ସୌହାର୍ଦ୍ଦ୍ୟ ଥିଲା । ସେ ମୋତେ ଖୁବ ଭଲ ପାଉଥିଲେ । କାରଣ ବ୍ରହ୍ମପୁରରୁ ଆସି ସେ ଯେତେବେଳେ ଏଠାରେ ତାଙ୍କର ବ୍ୟବସାୟ ଚଳାଇଲେ ସେତେବେଳେ ତାଙ୍କୁ ମୁଁ ବହୁବିଧ ସାହାଯ୍ୟ ଦେଇ ଲୋକମାନଙ୍କ ମଧ୍ୟରେ ତାଙ୍କର ସମ୍ମାନ ବଢ଼ାଇଥିଲି । ଆମ ଗୃହର ପୁରୁଣା କବିରାଜ ହେଉଛନ୍ତି ରାଜବୈଦ୍ୟ ଲବଣ୍ୟ ପାତ୍ର । ସେ ଅମୃତ-ହସ୍ତା ବୋଲି ଏଠାରେ ସୁପରିଚିତ । ତାଙ୍କୁ ଡକାଇ ପ୍ରଥମେ ମୋର ଚିକିତ୍ସା କରାଗଲା, ନନା ତାଙ୍କୁ ପଚାରିବାରେ ରୋଗର ଲକ୍ଷଣ ବୁଝାଇବାକୁ ଯାଇ ସେ କହିଲେ, "ଏହା ସହଜରେ ଭଲ ହେବା ରୋଗ ନୁହେଁ । ଏଣୁ କିଛି ଦୈବୀ ଆରାଧନା କରନ୍ତୁ ।" ମୁଁ ଶେଯରେ ଶୋଇ ତାଙ୍କର ଏକଥା ଶୁଣିଲି । ଖାଲି କବିରାଜଙ୍କ ଶାସ୍ତ୍ରରେ ଯଦି ଏହା ଦୁରାରୋଗ୍ୟ ତେବେ ଡାକ୍ତର ଚିକିତ୍ସାରେ ମଧ୍ୟ ସେପରି କୁଏ କି ନୁହେଁ ଜାଣିବା ଆବଶ୍ୟକ । ମୋର ଗୋଟିଏ ସାଙ୍ଗ ପିଲାକୁ ଡକାଇ ଡଃ ବୈକୁଣ୍ଠମ୍‌ଙ୍କ ପାଖକୁ ପଠାଇଲି । ଖବର ପାଇବାକ୍ଷଣି ସେ ମୋତେ ଦେଖିବାକୁ ଆସିଲେ । ହାତ ଦେଖି ଟେମ୍ପରେଚର ପରୀକ୍ଷା କରି ପଚାରିଲେ, "କେତେଦିନ ହେଲା ଜ୍ୱର ?" ନନା କହିଲେ, "ଦ୍ୱିତୀୟ ସପ୍ତାହ ଗୁଲିଛି । କିନ୍ତୁ ଜ୍ୱର ଆଦୌ ଓହ୍ଲାଉ ନାହିଁ ।" ଡାକ୍ତର ଟିକିଏ ଗମ୍ଭୀର ହୋଇ ଚିନ୍ତାକଲେ ଓ କିଛି ଔଷଧ ଦେଇ ଖାଦ୍ୟରେ ଜାଗ୍ରତ ନେବାକୁ ପରାମର୍ଶ ଦେଇ ଗୁଲି-ଗଲେ । ତା'ପରଦିନ ଜ୍ୱରର ତାପମାତ୍ରା ୧୦୫ ଡିଗ୍ରୀକୁ ଉଠିଲା । ଖବର ପାଇ ସେ ଆସିଲେ । ମୋତେ ଗୋଟିଏ ପଟାଖଟରେ ଶୁଆଇଦେଇ ପ୍ରାୟ ଅଧଘଣ୍ଟାଏ ଥଣ୍ଡା

Digitized by PPRACHIN, SOA

ପାଣିରେ ସ୍ନାନ କରାଇଲେ । ଏମନ୍ତ ଚିକିତ୍ସା ଏହା ପୂର୍ବରୁ ମାଗଲାଙ୍କୋମୁଣ୍ଡିରେ କେହି ଜାଣି ନଥିବାରୁ ଏଥିରେ ଆମ ଘରର ସମସ୍ତେ ଉଦ୍‌ବିଗ୍ନ ହେଉଥାନ୍ତି । "ଏ ଡାକ୍ତର କ'ଣ କରୁଛି । ପିଲାଟାକୁ ମାରିଦେବ ପରା । ସନ୍ନିପାତ ରୋଗୀକୁ ପାଣିରେ ଭିଜାଉଛି ।" ଏମିତି ସବୁ ମନ୍ତବ୍ୟ ଦେଇ ସେମାନେ ଡାକ୍ତରଙ୍କ କାର୍ଯ୍ୟକୁ ନାପସନ୍ଦ କରୁଥିଲେ । ସ୍ନାନ ପରେ ମୋର ଦେହର ଉତ୍ତାପ ଯଥେଷ୍ଟ କମିଗଲା । ମୋତେ ମଧ୍ୟ ଆରାମ ବୋଧ ହେଲା । ଏପରି ଚିକିତ୍ସା ମୁଁ କେତେକ ବଙ୍ଗଳା ଉପନ୍ୟାସରେ ପଢ଼ିଥିବାରୁ ଏଥିରେ ମୋର ବିସ୍ମୟ ଜାତ ହେଲା ନାହିଁ । ବୈକୁଣ୍ଠମ୍ ବାବୁଙ୍କ ପ୍ରତି ମୋର ପୂର୍ଣ୍ଣ ବିଶ୍ୱାସ ଥାଏ । ତେଣୁ ତାଙ୍କର ଉପଦେଶକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ଗଲି । ସେଦିନ ଡକ୍ଟର ଚାଲିଗଲା ପରେ ପଣ୍ଡିତ ଗୋପୀନାଥ ନନ୍ଦ ଓ ତାଙ୍କର ଭାଇ ମଦନ ମୋହନ ନନ୍ଦ, ଯେ କି ଜଣେ କବିରାଜ, ମୋତେ ଦେଖିବାକୁ ଆସିଲେ । ନନାଙ୍କୁ ପରାମର୍ଶ ଦେଲେ, "ବିଷାସ୍ତନ ବଟିକା ପ୍ରୟୋଗ ନ କଲେ ପିଲା ଆଦୌ ବଞ୍ଚି ପାରିବ ନାହିଁ ।" ଏହା କହି ସେ ଦୁଇଟି ବିଷାସ୍ତନ ମାତ୍ରା ନନାଙ୍କ ହାତରେ ଦେଲେ ମୋତେ ଖୁଆଇ ଦେବାକୁ । ତାଙ୍କର ପରାମର୍ଶ ମୋ କାନରେ ବାଜୁଥାଏ । ମୁଁ ଭାବିଲି ଯେ ଏପରି କେତେ ରୋଗୀଙ୍କୁ ଏମାନେ ବିଷ ଦେଇ ମାରିଥିବେ କେଜାଣି ? ମୋତେ ବି ହତ୍ୟା କରିବାକୁ ଆସିଛନ୍ତି । ଏହା ମନେ ମନେ ଚିନ୍ତା କଲି । କିନ୍ତୁ ମୁହଁ ଫିଟାଇ ନନାଙ୍କୁ କିଛି କହିଲି ନାହିଁ । ମାତ୍ରା ଦୁଇଟି ତାଙ୍କ ହାତରୁ ନେଇ ମୁଁ ଖାଇବାର ଅଭିନୟ କଲି ସତ; କିନ୍ତୁ ଗାଲରୁ ତଳେ ତାହା ଲୁଚାଇ ରଖିଦେଲି । ପରଦିନ ଡାକ୍ତର ଆସିଲେ । ତାଙ୍କୁ ଏ ସବୁ କଥା କହି ସେହି ବିଷାସ୍ତନ ମାତ୍ରା ଦୁଇଟି ବାହାର କରି ଦେଖାଇଲି । ଡାକ୍ତର ବାବୁ ରାଗରେ ପ୍ରଜ୍ଜ୍ୱଳିତ ହେଲେ । ନନାଙ୍କୁ ପଚାରିଲେ, "ଯେଉଁ କବିରାଜ ଆପଣଙ୍କୁ ଏ ପ୍ରେସ୍କ୍ରିପସନ୍ ଦେଇଛି ତାର ନାମ କୁହନ୍ତୁ ମୁଁ ପୋଲିସରେ ରିପୋର୍ଟ ଦେଇ ତାଙ୍କର ଏ ନରହତ୍ୟା କାମ ବନ୍ଦ କରିବି । ଆପଣମାନେ ମୂର୍ଖ । ଜାଣନ୍ତି ନାହିଁ ଚିକିତ୍ସା ଶାସ୍ତ୍ରରେ ଟାଇଫଏଡ଼ ରୋଗୀକୁ କିପରି ଚିକିତ୍ସା କରିବା ଆବଶ୍ୟକ । ଏହା ପେଟରେ ଏବଂ ଅନ୍ତ୍ର-ନାଳୀରେ ବ୍ରଣ ହୋଇଥିବାରୁ ଜ୍ୱର ଉପଶମ ହେଉନାହିଁ । ୨୧ ଦିନରେ ଏହା ଆପେ ଆପେ ଛାଡ଼ିଯିବ । କୌଣସି ପ୍ରକାର ଔଷଧ ନ ଦେଇ କେବଳ ଖାଦ୍ୟ ପେୟରେ ଜାଗ୍ରତ ନେବା ଆବଶ୍ୟକ ।" ତଦବଧି ମୋର ଚିକିତ୍ସା ଏଲୋପାଥିକ ନିୟମରେ ଚାଲିଲା । ପ୍ରାୟ ୪୨ ଦିନ ମୁଁ ଶଯ୍ୟାରୁ ଉଠିନଥିଲି । ମୋର ବନ୍ଧୁ ସୀମାଦ୍ରି ପରିଚ୍ଛା ଓ ତାଙ୍କର ଭାଇ ବୃନ୍ଦାବନ ପରିଚ୍ଛା ଶଯ୍ୟା ନିକଟରେ ରାତିଦିନ ପାଳିକରି ଜଗିଥାନ୍ତି । ସେମାନଙ୍କର ନିଷ୍ଠାପର ସେବା ଏବଂ ଡାକ୍ତରଙ୍କର ନିପୁଣତା ହେତୁ ମୁଁ କ୍ରମେ ଆରୋଗ୍ୟ ଲାଭ କଲି । ଯେଉଁଦିନ ମୋର ଦେହର ଉତ୍ତାପ ସ୍ୱାଭାବିକ ଅବସ୍ଥାକୁ ଆସିଲା, ସେଇ ଦିନ ରୁଷିକୁଲ୍ୟା ଶାସନରେ ମୋର ପ୍ରଥମ ପୁତ୍ରର ଜନ୍ମବାର୍ତ୍ତା ଆମ ଗୃହରେ ଆନନ୍ଦ ସୃଷ୍ଟି କଲା ।

ପୁତ୍ର ଜନ୍ମରେ ଯେତେବେଳେ ଆମ ପରିବାରର ଲୋକେ ଆନନ୍ଦରେ ବିହ୍ୱଳ ହେଉଥିଲେ ବୋଧହୁଏ ତାଙ୍କର ସେହି ଭାବ ଲକ୍ଷ୍ୟ କରି ନିୟତି ପ୍ରଚ୍ଛନ୍ନରେ ହାସ୍ୟ କରୁ

Digitized by PPRACHIN, SOA

ଥିଲି । ଏଠାରେ ମୋର "ମନୋରମା" କାବ୍ୟର ନିମ୍ନଲିଖିତ ଦୁଇ ଗୁଚ୍ଛେଟି ପଦ ସ୍ମରଣ ନ କରି ମୁଁ ରହି ପାରୁନାହିଁ ।

"ଜ୍ୟୋତି ପରେ ଅନ୍ଧକାର, ଦିବାଗ୍ରନ୍ଥି ପରି
ନର ଭାଗ୍ୟ ଚକ୍ରେ ସୁଖ ଦୁଃଖ ଯାଏ ଘୂରି
ଆଗତ ତମିରେ ଗୁପ୍ତ ଅଦୃଷ୍ଟର କଥା
କିମ୍ବା ଏ ଜଗତେ ସତେ ହେଲି ଏ' ବ୍ୟବସ୍ଥା ?
ମନୁଷ୍ୟ ବୁଝନ୍ତା ଯେବେ ଭବିଷ୍ୟର ଭାଷା
ଥାନ୍ତି କି ରହନ୍ତା ପ୍ରାଣେ ନିର୍ମମ ନିରାଶା
ଭାଗ୍ୟର କନ୍ଦୁକ କ୍ରୀଡ଼ା କରେ ନିରନ୍ତରେ
ତମିସ୍ର ଆଶ୍ରିତ ନିତ୍ୟ ନିସ୍ପୃହ ହୃଦରେ ।
ସୁଦିନ-ସନ୍ଧ୍ୟେ ବାସ କରଇ ଦୁର୍ଦ୍ଦିନ;
ହାୟ-ହାୟ ! ବର୍ଧାତା କି ନିର୍ଦ୍ଦୟ କଠିନ ।" *

ଏହି ନବାଗତ ଶିଶୁର ପାଇଁ ମୋ ଜୀବନରେ ଦୀର୍ଘ ୨୫ ବର୍ଷ ଧରି ଯେଉଁ ଯାତନା ଓ ମନସ୍ତାପ ସେ କଥା ମୁଁ ପରେ ବର୍ଣ୍ଣନା କରିବ ।

ଏଠାରେ କହିବାକୁ ଭୁଲିଯାଇଛି, ୧୯୨୧ ମସିହାରେ ଯେତେବେଳେ ମୁଁ ଫୋର୍ଥ ଫର୍ମ କ୍ଳାସରେ ପଢ଼ୁଥିଲି, ସେତେବେଳେ ମହାତ୍ମା ଗାନ୍ଧିଙ୍କର ଭାରତବ୍ୟାପୀ ସ୍ୱାଧୀନତା ଆନ୍ଦୋଳନର ଢେଉ ଦେଶଯାକ ଖେଳା କଲା । ପାରଳାଖେମୁଣ୍ଡିରେ ମଧ୍ୟ ସେଥିର ପ୍ରଭାବ ପଡ଼ିଥିଲା । ସମ୍ବଲପୁର ଆଡ଼ୁ ଜଣେ ଉତ୍ତମ ବକ୍ତା (ତାଙ୍କର ନାମ ମୋର ମନେ ପଡ଼ୁନାହିଁ) ଏଠାରେ ଗୋଟିଏ ସଭା କରି ଓଡ଼ିଆରେ ଯେଉଁ ବକ୍ତୃତା ଦେଇଥିଲେ ତାହା ବହୁ ଯୁବକ ଛାତ୍ରଙ୍କୁ ପ୍ରଭାବିତ କଲା । ସ୍କୁଲ କଲେଜ ଛାଡ଼ି ଅନେକେ କଂଗ୍ରେସ ପତାକା ତଳେ ସମବେତ ହେଲେ । ଏଠାରେ ଅସହଯୋଗ ଆନ୍ଦୋଳନ ତୀବ୍ରତର ହେଲା । ଠିକ୍ ସେ ବର୍ଷ ମହାତ୍ମା ଗାନ୍ଧି ନିଜେ ତାଙ୍କର ପ୍ରଚାର ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ଆସିଥିଲେ । ସେତେବେଳେ ବ୍ରିଟିଶ ସରକାରଙ୍କର କଟକଣା ହେତୁ ସଭା କରିବାକୁ ସ୍ଥାନ ମିଳିଲା ନାହିଁ । ଆମେ ଛାତ୍ରମାନେ ଜୋର କରି ପୁରୁଣା ମାର୍କେଟ ପଡ଼ିଆରେ (ଏବେ ଯେଉଁଠାରେ ମ୍ୟୁନିସିପାଲ ଶପିଙ୍ଗ ରୁମ ନିର୍ମିତ ହୋଇଛି) ସଭା କରିବାକୁ ସ୍ଥିର କଲୁ । ହଜାର ହଜାର ଲୋକ ମହାତ୍ମାଙ୍କର ବକ୍ତୃତା ଶୁଣିବାକୁ ଆସୁଥାନ୍ତି । ଲୋକ ଗହଳି ଏତେ ଅଧିକ ହେଲା ଯେ ପୋଲିସ ସମ୍ଭାଳିବାକୁ ଅସମର୍ଥ ହେଲେ । ଆମେ କେତେଜଣ ଛାତ୍ର ଚକ୍ରାକାରରେ ଘେରି କରି ହାତକୁ ହାତ ଛନ୍ଦି ମଝିରେ ମହାତ୍ମାଙ୍କୁ ରଖି ସେହି ଜନଗହଳି ଭିତର ଦେଇ ମଞ୍ଚ ଉପରକୁ ନେବାକୁ

* ମୋର ପ୍ରଣିତ "ମନୋରମା" (କାବ୍ୟ, ପୃ-୨୧ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଚେଷ୍ଟା କଲି । ମୁଁ ଠିକ୍ ତାଙ୍କର ପଛପଟେ ଚାଲୁଥାଏ । ମୋ ସାଙ୍ଗକୁ ଆଉ ଦୁଇଜଣ ପିଲା ମଧ୍ୟ ହାତକୁ ହାତ ଛନ୍ଦି ଥିଲେ । କିନ୍ତୁ ଜନତାର ଚାପ ଏତେ ପରିମାଣରେ ଆମ ପଛଆଡ଼୍କୁ ପଡ଼ିଲା ଯେ ମୁଁ ଆଉ ସମ୍ଭାଳି ନ ପାରି ମହାତ୍ମାଙ୍କର ପିଠି ଆଡ଼କୁ ଠେଲି ହୋଇଗଲି । ସେ ମୋ ଆଡ଼େ ବୁଲି ସ୍ମିତ ହାସ୍ୟ କରି ହିନ୍ଦୀରେ କହିଲେ—"ଛୋକରା ! ତୁ ନିଜକୁ ନିଜେ ତ ସମ୍ଭାଳି ପାରୁନାହୁଁ । ମୋତେ ସମ୍ଭାଳିବୁ କିପରି ?" ଏହା କହି ସେ ଆମ ଘେର ଭିତରୁ ବାହାରି ପଡ଼ି କି ଉପାୟରେ କେଜାଣି ଜନତା ଭିତରେ ଗଳି ଗଳି ମଞ୍ଚ ଉପରକୁ ଉଠିଲେ ତାହା ଆମେ ଜାଣି ପାରିଲୁ ନାହିଁ । ସେ ଦିନ ସେ ଯେଉଁ ନାତିଦୀର୍ଘ ଭାଷଣରେ ଜାତୀୟତାର ବୀଜ ଆମମାନଙ୍କ ହୃଦୟରେ ରୋପଣ କଲେ ତାହା କାଳକ୍ରମେ ଅଙ୍କୁରିତ ହୋଇ ତାଙ୍କର ଆଶୀର୍ବାଦ ରୂପୀ ଆମକୁ ଯଥେଷ୍ଟ ପ୍ରଭାବିତ କଲା କହିଲେ ଚଳେ । ସଭାରୁ ଫେରି ଆସି ମୁଁ କଂଗ୍ରେସରେ ଯୋଗଦେବାକୁ ମନସ୍ଥ କଲି । ସ୍କୁଲରୁ ନାମ କାଟି କଂଗ୍ରେସ ରାଜନୀତିରେ ମାତିଲି । ଏହା ନାନାଙ୍କର ଆଦୌ ସହ୍ୟ ହେଲାନାହିଁ । ସେ ମହାରାଜାଙ୍କର ଆଦେଶରେ ଆମ୍ଭମାନଙ୍କୁ ଏହି ପନ୍ଥାରୁ ନିବୃତ୍ତ କଲେ ଆଉ କହିଲେ, "ମନୁଷ୍ୟର ଜ୍ଞାନ ଓ କର୍ମ ଏକାଧାରରେ ରହିବା ଆବଶ୍ୟକ । ତୁମର ଜ୍ଞାନ ପରିପକ୍ୱ ହେଲେ ଦେଶପାଇଁ କର୍ମ କରିବାକୁ ଶକ୍ତି ପାଇବ । ସେତେବେଳଯାଏ ତୁମେ ଅପେକ୍ଷା କରିବା ଆବଶ୍ୟକ ।" ପିତାଙ୍କର ଏହି ଆଦେଶ ଲଙ୍ଘନ କରିବାକୁ ମୁଁ ସମର୍ଥ ହେଲି ନାହିଁ । କିନ୍ତୁ ଚିନ୍ତାପରେ ମୁଁ ସ୍ଥିର କଲି ଯେ ଭାରତୀୟ ରାଜନୀତିରେ ଯୋଗ ଦେବାକୁ ହେଲେ ପ୍ରଥମେ ନିଜେ ଓ ନିଜର ଜନ୍ମଭୂମି ଉତ୍କଳକୁ ବଳିଷ୍ଠ କରି ଗଢ଼ିବା ପ୍ରୟୋଜନ । ସେତେବେଳେ ଉତ୍କଳ ସମ୍ମିଳନୀର ନେତୃବର୍ଗ ଓଡ଼ିଆଭାଷୀମାନଙ୍କର ଏକତ୍ରିକରଣ ପାଇଁ ଯେଉଁ ଡାକ ଦେଇଥାନ୍ତି ସେଥିରେ ଅନୁପ୍ରାଣିତ ହୋଇ ମୁଁ ସ୍ଥିର କଲି ଯେ, ମୋ ଜୀବନର ପ୍ରଥମ ଲକ୍ଷ୍ୟ ଉତ୍କଳମାତାର ସେବା । ଭାରତମାତା ମୋର ପିତାମହୀ; କିନ୍ତୁ ଉତ୍କଳ ମୋର ଜନନୀ, ଉଭୟଙ୍କର ସେବା ମୋର କର୍ତ୍ତବ୍ୟ । କିନ୍ତୁ ସେଥିମଧ୍ୟରୁ ପ୍ରଥମ କର୍ତ୍ତବ୍ୟଟି ହେଉଛି ଜନ୍ମଭୂମି ମା'ଙ୍କର ସେବା । ଏହିକଥା ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଏବଂ ଅନ୍ୟାନ୍ୟ ନେତୃବର୍ଗଙ୍କ ଭାଷଣରେ ପ୍ରକଟିତ ହୋଇଛି । ତାକୁ ମୁଁ ଅନୁସରଣ କରିବା ଉଚିତ । ଏପରି ସ୍ଥିର କରି ମୋ ଜୀବନର ଲକ୍ଷ୍ୟ ସାଧନ ପଥରେ ଅଗ୍ରସର ହେବାକୁ ଲାଗିଲି ।

ଗୋଟିଏ ଦିନର କଥା ଆଜି ମୋର ସ୍ମରଣ ହେଉଛି । ଆମ ଗୃହ ବାରଣ୍ଡାରେ କେତେଜଣ ଗୁରୁଙ୍କ ସଙ୍ଗେ ମୁଁ ବସି ଗପସପ କରୁଥାଏ । ସେତିକିବେଳେ ଗୋଟିଏ ଭିକାରି ବାଳକ ଛିଣ୍ଡାଲୁଗା ଖଣ୍ଡିଏ ପିନ୍ଧି ମଇଳା ଝୁଲୁଗୁଟିଏ ଧରି ଆମ ନିକଟକୁ ଆସିଲା, ବୋଧେ କିଛି ଭିକ୍ଷା ଆମଠାରୁ ପାଇବା ଆଶାରେ । ପିଲାଟି ଗୌରବର୍ଣ୍ଣ, ସୁସ୍ଥସବଳ; କିନ୍ତୁ ତା'ର ମୁହଁ ଅନାହାରକ୍ଳିଷ୍ଟ ଓ ଶୁଷ୍କ । ତାକୁ ଦେଖି କେଜାଣି କାହିଁକି ମୋ

Digitized by PPRACHIN, SOA

ମନରେ କୌତୂହଳ ହେଲା; ପଚାରିଲି—"ଘର ତୁମର କେଉଁଠି ?" ସେ କହିଲା, "ଖଲ୍ଲିକୋଟ ।"

ମୁଁ—"ନାମ ?"
ସେ—"ବ୍ରହ୍ମଗୃଷ୍ଣ ମୁଦ୍ଦି ।"
ମୁଁ—"ବାପା ମା କିଏ ଅଛନ୍ତି ?"
ସେ—"ମୋର କେହି ନାହାନ୍ତି । ବୃଢ଼ୀ ମା ଥିଲେ, ମରିଗଲେ ।"
ମୁଁ—"ଅନାଥ ଭିକାରି ।"
ମୁଁ "ତୁମ ବୟସ ?"
ସେ—"ବାର ବର୍ଷ ।"
ମୁଁ—"ଆଚ୍ଛା ଆମେ ଯଦି ସବୁପ୍ରକାର ସାହାଯ୍ୟ କରୁ ତୁମେ ପାଠ ପଢ଼ିବ ?"

ଏହା ଶୁଣି ତାର ମୁହଁ ଉତ୍‌ଫୁଲ୍ଲ ଦେଖାଗଲା । କିନ୍ତୁ ଅଳ୍ପକ୍ଷଣ ପରେ ସେ ମୁଣ୍ଡ ନୁଆଇଁ କହିଲା, 'ବାବୁ ମୁଁ ତ ଖାଇବାକୁ ପାଉନାହିଁ, ଟଙ୍କା ଦେଇ ପଢ଼ିବ କେମିତି ? ବହିପତ୍ର, ଲୁଗାପଟା ପାଇବି କୁଆଡ଼ୁ ?"

ଏକଥା ଶୁଣି ମୁଁ ଆମର ସଙ୍ଗୀମାନଙ୍କୁ ଗୃହି ଉତ୍ତେଜିତ ସ୍ୱରରେ କହିଲି,"ଆସ ! ଆମେ ସମସ୍ତେ ମିଶି ଏ ପିଲାଟିକୁ ଚାନ୍ଦା କରି ପଢ଼ାଇବା । ଯଦି ଗୋଟିଏ ଗରିବ ଛାତ୍ରକୁ ମଣିଷ କରିଇ ପାରିବା ତେବେ ଆମମାନଙ୍କର ଦାନ ସାର୍ଥକ ହେବ ।" ଏହାଶୁଣି ମୋର ସଙ୍ଗୀମାନେ ସମସ୍ତେ ଉତ୍ସାହିତ ହେଲେ । କିଏ ବହିପତ୍ର ଦେଲା ତ କିଏ ଜାମାଲୁଗା ତା'ପାଇଁ ଆଣିଦେଲା । ମୁଁ ତା'ର ଖିଆପିଆର ବନ୍ଦୋବସ୍ତ କରିଦେଲି— ରାଧାକାନ୍ତ ମଠର ମହନ୍ତଙ୍କୁ ଅନୁରୋଧ କରି । ଆଉ ତା'ର ଦରମାପାଇଁ ସ୍କୁଲର ଫିସ୍ ମଧ୍ୟ ବନ୍ଦୋବସ୍ତ କଲି । ଏଠାରେ କହିରଖିବା ଆବଶ୍ୟକ ଯେ, ମହାରାଜାଙ୍କ ଅନୁଗ୍ରହରୁ ଓଡ଼ିଆ ଛାତ୍ରମାନେ ସମସ୍ତେ ଅଧା ସ୍କୁଲଫିସ୍ ଦେଇଥାନ୍ତି । ପୁଣି ମେଧାବୀ ଗରିବ ଛାତ୍ରମାନଙ୍କୁ ସ୍କୁଲ ଫିସ୍ ଦେବା ଛାଡ଼ ହୋଇଥାଏ । ଏପରି ଗରିବ ଛାତ୍ରମାନଙ୍କୁ ଫ୍ରି ସ୍କଲରସିପ ଦେବା ବିଷୟରେ ଯେଉଁ ଶ୍ରେଷ୍ଠ ବିଗ୍ୟରକ ମଣ୍ଡଳୀ ମହାରାଜା ଗଢ଼ିଥିଲେ ସେଥିରେ ମୋର ନନା ଥିଲେ ଜଣେ ସଭ୍ୟ । ତାଙ୍କୁ କହି ବ୍ରହ୍ମଗୃଷ୍ଣ ପାଇଁ ଗୋଟିଏ ଅବୈତନିକ ସ୍ଥାନ ଯୋଗାଡ଼ କଲି । ଯଥା ସମୟରେ ସେ ସ୍କୁଲରେ ଭର୍ତ୍ତି ହେଲା ଆଉ ପଢ଼ିବା ଆରମ୍ଭ କରିଦେଲା । କଠିନ ଅଧ୍ୟବସାୟ ବଳରେ ସେ ଅଳ୍ପକାଳ ମଧ୍ୟରେ ଥାର୍ଡ଼ ଫର୍ମ ପାଶ୍ କରିଥିଲା । ସେତେବେଳକୁ ଭାରତରେ ଦ୍ୱିତୀୟ ପୃଥିବୀ ମହାସମର ପୂର୍ବରୁ ଗୋଟିଏ ଗୋଟିଏ ଇଣ୍ଡିଆନ ବେଟାଲିୟନ ଭାରତର ପ୍ରତି ଅଞ୍ଚଳରେ ଗଢ଼ିବା ନିୟମ ଥାଏ । ମାନ୍ଦ୍ରାଜର ପ୍ରତି ଜିଲ୍ଲାରୁ ସୁସ୍ଥସବଳ ଲୋକଙ୍କୁ ବାଛି ସେଥିରେ ନାମ ଲେଖାଇବା କାର୍ଯ୍ୟ ଚାଲିଥାଏ । ମହାରାଜାଙ୍କ ଉପରେ ଭାର ଦିଆଗଲା ଗଞ୍ଜାମରୁ

Digitized by PPRACHIN, SOA

ବାଳକମାନଙ୍କୁ ବାଛୁ ଯୁଦ୍ଧ ଶିକ୍ଷା କରିବାକୁ ପଠାଇବା ପାଇଁ । ଥରେ କଲେଜରେ ଗୋଟିଏ ବକ୍ତୃତା ସଭାରେ ମହାରାଜା ଭାଷଣ ଦେଇ ଆହ୍ୱାନ କଲେ,"ଯେଉଁ ଛାତ୍ରମାନେ ସମର ଶିକ୍ଷା କରିବାକୁ ଇଚ୍ଛା କରନ୍ତି ସେମାନେ ଠିଆ ହୁଅନ୍ତୁ । ମୁଁ ତାଙ୍କୁ ସରକାରଙ୍କ ଠାରେ ସୁପାରିଶ ପତ୍ର ଦେଇ ମାନ୍ଦ୍ରାଜ ପଠାଇ ଦେବି ।" ଯୁଦ୍ଧର ନାମ ଶୁଣି କେହି ଛାତ୍ର ମହାରାଜାଙ୍କ ଆହ୍ୱାନର ଉତ୍ତର ଦେଲେ ନାହିଁ । ଆମେ ସମସ୍ତେ ପରସ୍ପର ମୁହଁକୁ ଚାହାଁଚାହିଁ ହେଲୁ । ସେତିକିବେଳେ ଦେଖାଗଲା ଯେ—ଟିକିଏ ଦୂରରେ ଗୋଟିଏ ଗୌରବର୍ଣ୍ଣ ସୁସ୍ଥସବଳ ବାଳକ ମହାରାଜାଙ୍କ ଆଡ଼କୁ ଚାହିଁ ଠିଆ ହୋଇଛୁ । ସେ ହେଉଛୁ ଆମର ଅନୁଗୃହୀତ ବ୍ରହ୍ମଗିରି ମୁଦ୍ଧି । ଆମେ ସବୁ ହାହାକାର କଲୁ । ପିଲାଟା କ୍ଲାସ୍‌ରେ ଭଲ ପଢୁଥିଲା । ଆମର ସାଥୀ ହୋଇ ଯେତେସବୁ କାମ କରୁଥିଲା । ଆମର ଅନୁଗତ ହୋଇ ରହିଥିଲା । ସେ ଆଜ ଯୁଦ୍ଧ ଶିକ୍ଷା କରିବାକୁ ଯିବ ? ମହାରାଜା ଆନନ୍ଦରେ ହସି ହସି ତାକୁ ପାଖକୁ ଡାକ ନେଇ ସବୁକଥା ପଚାରିଲେ । ପରଦିନ ଗୋଟିଏ ସାର୍ଟିଫିକେଟ ଦେଇ ତାକୁ ମାନ୍ଦ୍ରାଜ ପଠାଇଲେ । ଏହାର କେତେବର୍ଷ ପରେ ଦ୍ୱିତୀୟ ପୃଥିବୀ ମହାସମର ଲାଗିଲା । ମୋର ମନେ ପଡୁଛି ୧୯୪୩ ମସିହାରେ ପୁରୀରୁ ମୁଁ ପାରଳାଖେମୁଣ୍ଡି ଫେରୁଥାଏ । ଖୋର୍ଦ୍ଧା ଷ୍ଟେସନରେ ମାନ୍ଦ୍ରାଜ ମେଲକୁ ମୁଁ ଅପେକ୍ଷା କରିଥାଏ । ସେତେବେଳେ ଗୋଟିଏ ସ୍ପେଶାଲ ମିଲିଟାରୀ ଗାଡ଼ି ମାନ୍ଦ୍ରାଜ ଆଡ଼ୁ ଆସି ଖୋର୍ଦ୍ଧାରେ ପହଞ୍ଚିଲା । ପ୍ଲାଟଫର୍ମରେ ମୁଁ ଛିଡ଼ା ହୋଇଛୁ । ହଠାତ୍ ସେ ଗାଡ଼ିର ଗୋଟିଏ ସ୍ୱତନ୍ତ୍ର କାମେରାରୁ ଜଣେ ସାହେବ ଓହ୍ଲାଇ ମୋ ଆଡ଼କୁ ଆସିଲେ । ମୁଁ ବାଟରୁ ଟିକିଏ ଆଡ଼େଇ ହୋଇ ଯାଉଛୁ । ମୋର ହାତ ଦୁଇଟି ସେ ଧରି ପକାଇ ନମସ୍କାର କଲେ । ମୁଁ ଅବାକ୍ ! ଏ କିଏ ? ମୋତେ କାହିଁକି ଅଭିନନ୍ଦନ କରୁଛନ୍ତି ? ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁଥାଏ । ମିଲିଟାରୀ ଡ୍ରେସ ମଣ୍ଡିତ ଜଣେ ଉଚ୍ଚ କର୍ମଚାରୀ ସେ । ଗୋରା ତକ୍‌ତକ୍ ସୁସ୍ଥ ସବଳକାୟ । ସେ ହ୍ୟାଟ ଖଣ୍ଡିକ ବାହାର କରି ସ୍ପଷ୍ଟ ଓଡ଼ିଆରେ କହିଲେ—"ଚିହ୍ନି ପାରୁନ ? ମୁଁ ସେହି ତମର ସେହି ସହପାଠୀ ବ୍ରହ୍ମଗିରି ମୁଦ୍ଧି । ତୁମର କରୁଣାରୁ ମୁଁ ଆଜି ଏହି ଲେଫ୍‌ଟେନାଣ୍ଟ ପଦବୀରେ ବରିତ ହୋଇ ପାରିଛି ।" ମୁଁ ଆଶ୍ଚର୍ଯ୍ୟ ହେଲି । ସତେ ଯେପରି ଗୋଟିଏ ନଗଣ୍ୟ ଭିକାରି ଆଜି ଦେଶ ମାତୃକାର ସେବାରେ ଉଚ୍ଚତମ ସ୍ଥାନ ଅଧିକାର କରିଛି । ମୋ ମନରେ ଟିକିଏ ଗର୍ବ ସଞ୍ଚାର ହେଲା । ସତେ ସେଦିନ ମୋର କୌତୂହଳ ଯୋଗୁଁ ଯେଉଁ ପିଲାଟି ସ୍କୁଲରେ ନାମ ଲେଖାଇ ପାରିଥିଲା, ଆଜି ସେ ଭାଗ୍ୟବଳରେ କେତେ ଉଚ୍ଚକୁ ଉଠିପାରିଛି । ତେଣୁ ସୁବିଧା ଓ ପାରିପାର୍ଶ୍ୱିକ ଅବସ୍ଥା ହିଁ ମନୁଷ୍ୟକୁ ଉଚ୍ଚ କିମ୍ବା ନୀଚ କରିବାକୁ ସମର୍ଥ ହୁଏ ।

ପ୍ରଥମ ପୁତ୍ରର ଜନ୍ମ ପରେ ମୋର ଗୃହ ସଂସାର କିଛିଦିନ ସୁଖ ଓ ସୁବିଧାରେ କଟିଗଲା । କିନ୍ତୁ ଆମ ପରିବାର ଭିତରେ ଗୋଟିଏ, ଅନିବାର୍ଯ୍ୟ ଦୁଃଖଦାୟକ ଘଟଣା ହେତୁ ମୋ ଜୀବନର ଆନନ୍ଦ ପ୍ରାୟ ନିଃଶେଷ ହେଲା କହିଲେ ଚଳେ । ମୁଁ କହିବାକୁ

Digitized by PPRACHIN, SOA

ଭୁଲି ଯାଇଥିଲି ଯେ, ମୋର ମାତୃବିୟୋଗ ପରେ ଜେଜେବାପା ଖଲ୍ଲିକୋଟ ବାଟ ଗାଁର ଜଣେ ଗରିବ ବ୍ରାହ୍ମଣଙ୍କର କନ୍ୟା ସ୍ଥିର କରି ମୋର ନନାଙ୍କର ସଙ୍ଗେ ଦ୍ୱିତୀୟ ବିବାହ କରାଇଥିଲେ । ତାଙ୍କୁ ମୁଁ 'କନିଆ ମା' ବୋଲି ଡାକେ । ସେ ମଧ୍ୟ ମୋତେ ଅତି ଆଦର କରନ୍ତି । କିନ୍ତୁ ତାଙ୍କର ପ୍ରକୃତି ଏହା ଯେ ସେ ବଡ଼ ଅସହିଷ୍ଣୁ ଓ ବଦ୍‌ରାଗୀ । ଏହି ଗୁଣ ହେତୁ ନନା ତାଙ୍କ ପ୍ରତି ରୁଷ୍ଟ ହୋଇଥାନ୍ତି । ଦିନେ ତାଙ୍କର ଦୁଷ୍ଟାମି ଦେଖି ନନା ତାଙ୍କୁ ଶାସନ କରିବାକୁ ଚେଷ୍ଟା କଲେ । ସେଦିନ ସେ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଗୋଟିଏ କୂଅ ଭିତରକୁ ଝାମ୍ପ ଦେଲେ । ପରେ ତାଙ୍କୁ ସେଥିରୁ ଉଦ୍ଧାର କରାଗଲା । ସେହିଦିନଠୁ ନନା ତାଙ୍କୁ ଆଉ କିଛି କହିଲେ ନାହିଁ । କ୍ରମେ ନନାଙ୍କ ସ୍ୱଭାବ ମଧ୍ୟ ବଦଳିବାକୁ ଲାଗିଲା ଓ କନ୍ୟାମାଙ୍କ ଅନୁଗତ ହୋଇ ସେ ଜୀବନର ଶେଷ କାଳ ପର୍ଯ୍ୟନ୍ତ ରହିଲେ । ବିମାତାଙ୍କର ରାଗ ତ ମୋ ଉପରେ ପଡ଼ି ନ ଥିଲା, କିନ୍ତୁ ମୋ ସ୍ତ୍ରୀ ତାଙ୍କର ଶରବ୍ୟ ହେଲେ । ଏଣୁ କେବେ କେବେ ସେ ଦହିଙ୍କ ମଧ୍ୟରେ ମନାନ୍ତର ହୋଇ ଆମ ସୁଖର ସଂସାରରେ ବିଷାଦର ଛାୟା ସୃଷ୍ଟି କରୁଥିଲା । ମୁଁ ଏଥିରେ ମନୋକଷ୍ଟ ପାଉଥିଲି ଏବଂ ନିଜ ସ୍ତ୍ରୀଙ୍କୁ ବୋଧକରି ଦିନ କଟାଉଥିଲି । ଦିନେ ଦିନେ ଏପରି ମନାନ୍ତର ଓ ବାକ୍‌ଯୁଦ୍ଧ ଏତେ ତୀବ୍ର ହୁଏ ଯେ ମୋର ସ୍ତ୍ରୀ ତାଙ୍କ ଜେଜେବାପାଙ୍କୁ ପତ୍ର ଲେଖି ମା ଘରକୁ ପଳାଇଯାନ୍ତି । ସେଠାରେ ବହୁଦିନ ରହି ଫେରି ଆସନ୍ତି । ଏପରି ଘନ ଘନ ତାଙ୍କର ଯିବାଆସିବା ଭିତରେ ମୁଁ ଅବଶ୍ୟ ଦୁଃଖ ଅନୁଭବ କରେ; କିନ୍ତୁ ସେଥିରୁ ଗୋଟିଏ ଲାଭ ପାଉଥାଏ । ତାହା ହେଉଛି ନିରୋଳାରେ ବହି ପଢ଼ାପଢ଼ି କରିବା ଓ ପ୍ରବନ୍ଧମାନ ଲେଖିବା । ସତେ ଯେପରି ବିଧି ନିର୍ଦ୍ଦେଶରେ ମୋର ଜୀବନଧାରା ଏପରି ସୁବିଧା ସୁଯୋଗ ମିଳୁଥିଲା ଯାହାହେତୁ ମୁଁ ବହୁତ କିଛି ପୁସ୍ତକ ପଢ଼ି ପାରିଥିଲି ଏବଂ ପ୍ରବନ୍ଧମାନ ଲେଖି ପାରିଥିଲି । କଠିନ ଅଧ୍ୟବସାୟ ବଳରେ ମୁଁ ନିଜେ ନିଜେ ଇଂରାଜୀ ଓ ସଂସ୍କୃତ ସଙ୍ଗେ ବଙ୍ଗଳା ଓ ହିନ୍ଦୀ ମଧ୍ୟ ପଢ଼ିବାକୁ ଲାଗିଲି । ଏସବୁ ମୋର ପରବର୍ତ୍ତୀ ଜୀବନର ଉଦ୍ଦେଶ୍ୟ ସାଧନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କଲା । ପ୍ରାଚୀନ ଅଭିଲେଖ ପାଠ କରିବା ସକାଶେ ଏବଂ ସେହି ଅଭିଲେଖମାନ ଗବେଷଣା-ମୂଳକ ପତ୍ରିକାରେ ପ୍ରକାଶ କରିବା ସକାଶେ ଯେତିକି ପରିମାଣରେ ଇଂରାଜୀ ଓ ସଂସ୍କୃତ ଜ୍ଞାନ ରହିବା ଆବଶ୍ୟକ, ତାହା ମୋର ସେହି ଅବସର କାଳରେ କଠିନ ପରିଶ୍ରମ ହେତୁ ସଫଳ ହୋଇଥିଲା ।

୧୯୨୮ ମସିହାରେ ପ୍ରଥମେ ମୁଁ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହେଲି । ଥରକୁଥର ଜ୍ୱର ହେବାରୁ ଶାରୀରିକ ଦୁର୍ବଳତା ବଢ଼ିଲା । ମୋର ବନ୍ଧୁ ଡଃ ବୈକୁଣ୍ଠମୂର୍ତ୍ତିଙ୍କର ଚିକିତ୍ସାରେ ଭଲ ହୁଏ । ଫେରି କମ୍ପ ଜ୍ୱର ହୁଏ । ଏପରି ବାରମ୍ବାର ଶଯ୍ୟାଶାୟୀ ହେଉଥିଲି । ନନାଙ୍କ ପ୍ରସ୍ତାବକ୍ରମେ ଉତ୍ତର ଭାରତକୁ ତୀର୍ଥ ଯାତ୍ରା କରିବା ଉଦ୍ଦେଶ୍ୟରେ ମୁଁ ବାହାରିଲି । ଏହା ମୋର ଦ୍ୱିତୀୟ ବାର ଉତ୍ତର ଭାରତକୁ ଯାତ୍ରା । ପ୍ରଥମ ଯାତ୍ରାଟି

Digitized by PPRACHIN, SOA

୧୯୧୭ ମସିହାରେ ସମ୍ପନ୍ନ ହୋଇଥିଲା । ସେତେବେଳେ ମୋର କକେଇ ଗୋପୀନାଥ ରାଜଗୁରୁ କାଶୀରେ ଓଡ଼ିଆ ପଣ୍ଡିତ ଶ୍ରୀକର ଶାସ୍ତ୍ରୀଙ୍କ ନିକଟରେ ସାଂଖ୍ୟ ଦର୍ଶନ ଶିକ୍ଷା କରୁଥାନ୍ତି । ତାଙ୍କ ସଙ୍ଗେ ମୁଁ ସେଠାରେ କିଛି ଦିନ ରହିଥିଲି । ସେତେବେଳେ ମୋର ବୟସ ମାତ୍ର ୧୪ ବର୍ଷ । ମୋର ସେହି ଯାତ୍ରା ଧର୍ମ ପ୍ରଣୋଦିତ ହୋଇ ନଥିଲା; ବରଂ ବାଲ୍ୟଚପଳତା ଓ କୌତୂହଳ ଚରିତାର୍ଥ ପାଇଁ ଉଦ୍ଦିଷ୍ଟ ଥିଲା । ସେ ଯାହାହେଉ ଜୀବନରେ ଗୋଟିଏ ଅତି ଉତ୍ତମ ଦର୍ଶନ ମୁଁ ପାଇ ପାରିଥିଲି ସେତେବେଳେ ଦଶାଶ୍ୱମେଧ ଘାଟ ନିକଟରେ ଗୋଟିଏ ସାଧାରଣ ଧର୍ମସଭା ଦେଖିବାକୁ ଯାଇ ସେଠାରେ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ ଓ ମଦନ ମୋହନ ମାଳବ୍ୟଙ୍କୁ ଦର୍ଶନ କଲି । ତିଳକଙ୍କର ସେହି ଉଚ୍ଚ, ବିଶାଳ, ଗୌରମୂର୍ତ୍ତି ଓ ପକ୍ୱକେଶ ଏବଂ ମାଳବ୍ୟଙ୍କର ପୃଥୁଳ କିନ୍ତୁ ଖର୍ବକାୟ ଶରୀର ଅଦ୍ୟାପି ମୋର ମନରୁ ପାଶୋର ହୋଇ ନାହିଁ । ସେ ଦିନ ସେଇ ସଭାରେ ତିଳକ ସଭା-ପତିତ୍ୱ କରିଥିଲେ ଓ ମାଳବ୍ୟ ଗୀତାର 'ରାଜ-ଯୋଗ' ବ୍ୟାଖ୍ୟାନ କରି ହିନ୍ଦୀରେ ଭାଷଣ ଦେଉଥିଲେ । ମୁଁ କକେଇଙ୍କ ସଙ୍ଗେ ସେଠାରେ ବସି ତାଙ୍କ ଭାଷଣର କିଛି ମର୍ମ ତ ବୁଝିଲି ନାହିଁ; କିନ୍ତୁ ତାଙ୍କ ପରି ମହାନ୍ ବ୍ୟକ୍ତିଙ୍କର ଶାରୀରିକ ସୌଷ୍ଠବ ଦେଖି ମୁଁ ଆତ୍ମହରା ହୋଇ ପଡ଼ିଲି । ଏଥିର କାରଣ ହେଉଛି ପାରଳାଖେମୁଣ୍ଡି ସଂସ୍କୃତ କଲେଜର ପ୍ରିନ୍ସି-ପାଲ ବନମାଳୀ ମିଶ୍ର ମୋର କିଛିଦିନ ଟିଉସନ ଶିକ୍ଷକ ରୂପେ ନିଯୁକ୍ତ ହୋଇ ମୋତେ ପଢ଼ାଉଥିଲାବେଳେ ଅନେକ ସମୟରେ ତତ୍କାଳୀନ ଭାରତର ମହାପୁରୁଷମାନଙ୍କ ସମ୍ବନ୍ଧରେ ଏବଂ ତାଙ୍କର ଭ୍ରମଣ ଇତ୍ୟାଦି ବର୍ଣ୍ଣନା କରିଥାନ୍ତି । ତାଙ୍କର ମତରେ ସେତେବେଳେ ଭାରତର ଜୀବିତ ନେତାମାନଙ୍କ ମଧ୍ୟରେ ବାଳ ଗଙ୍ଗାଧର ତିଳକ ସର୍ବଶ୍ରେଷ୍ଠ । ପୁଣି ମଦନ ମୋହନ ମାଳବ୍ୟ ଜଣେ ଉଚ୍ଚକୋଟିର ପଣ୍ଡିତ ଓ ଶିକ୍ଷାନୁବିତ୍ । ସେହିପରି ତାଙ୍କ ମତରେ ସୁରେନ୍ଦ୍ର ନାଥ ବାନାର୍ଜିଙ୍କର ଅଗ୍ନିମୟୀ ଭାଷଣ ଓ ବିପିନ୍ ଚନ୍ଦ୍ର ପାଲଙ୍କ ତୀକ୍ଷ୍ଣ ବୁଦ୍ଧିମତ୍ତା ଓ ନିୟମ କାନୁନର ଅନୁବର୍ତ୍ତିତା ଭାରତରେ ଅଦ୍ୱିତୀୟ । ଶେଷୋକ୍ତ ଦୁଇଜଣ ୧୯୧୭ ମସିହାବେଳକୁ ଜୀବିତ ନ ଥିଲେ । ତେଣୁ ପ୍ରଥମୋକ୍ତ ଦୁଇ ମହାପୁରୁଷଙ୍କୁ ମୁଁ କାଶୀରେ ସ୍ୱ ଶରୀରରେ ଦେଖିବାକୁ ପାଇ ଅପ୍ୟାୟିତ ହୋଇଥିଲି ।

ଦ୍ୱିତୀୟବାର ମୁଁ ସେତେବେଳେ ନନା ଓ ମୋର ବିମାତା (ନନ୍ୟାମା) ପୁଣି ପିଉସୀନାନୀଙ୍କ ସଙ୍ଗେ ଉତ୍ତର ଭାରତର ତୀର୍ଥଗୁଡ଼ିକ ହରଦ୍ୱାର ଠାରୁ ପୁରୀ ପର୍ଯ୍ୟନ୍ତ ଭ୍ରମଣ କଲି ସେତେବେଳେ ମୋର ମନରେ ଗୋଟିଏ ପରିବର୍ତ୍ତନ ଆସିଲା; ଯାହାଫଳରେ ମୁଁ ଅଳ୍ପ ବୟସରେ ମଧ୍ୟ ଗୀତା ପାରାୟଣ କରିବାକୁ ଏବଂ ପୂଜା ଅର୍ଚ୍ଚନାଦି କରିବାକୁ ପ୍ରବୃତ୍ତ ହେଲି । ମନୁଷ୍ୟ ମନରେ ପ୍ରସୁପ୍ତ ହୋଇ ଅବଚେତନ ରାଜ୍ୟରୁ ଯେଉଁ ପ୍ରଭାବ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ପଡ଼ିଥାଏ, ତାହା ତାର ଜୀବନକୁ ଭବିଷ୍ୟତ ପାଇଁ ସଚେତନ କରିଦିଏ । ପର୍ଯ୍ୟାୟକ୍ରମେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୋଇ ମୁଁ ଯେଉଁ ଅବସ୍ଥାରେ ପଡ଼ିଥିଲି, ସେଥିରୁ ମୋର ମନେ ହେଲା ଯେପରିକି ସଂସାରର ବହୁ ତରଙ୍ଗା-

Digitized by PPRACHIN, SOA

ପାତରେ ମୁଁ ଏକାକୀ ଓତପ୍ରୋତଃ ଭାବେ ଇତସ୍ତତଃ ଭାସି ଯାଉଛି । ଯେପରି ମୋତେ ସାହାଯ୍ୟ କରିବାକୁ କିଛି ସମ୍ବଳ ନାହିଁ । ଏଣୁ ଏକମାତ୍ର ଗୀତାର ପ୍ରବଚନ ମୋର ଗନ୍ତ-ପଥକୁ ନିର୍ଦ୍ଦିଷ୍ଟ କରିପାରିବ ଏଇ ଭାବନାରେ ମୁଁ ପ୍ରତ୍ୟହ ନିୟମିତ ରୂପେ ଗୀତା ପାରାୟଣ କରୁଥିଲି । ଯେତେବେଳେ ମନରେ ମୋର ଦୁଃଖ ଓ ଆଘାତ ଲାଗେ ସେତେ-ବେଳେ ମଣିଷ ମା ଓ ବାପାଙ୍କୁ ସ୍ମରଣ କରିଥାନ୍ତି । କିନ୍ତୁ ମୋ ପକ୍ଷରେ ସ୍ମରଣ କରିବାକୁ ଏକମାତ୍ର ଆମର ଇଷ୍ଟ ଦେବତା ରାଧା ଗୋବିନ୍ଦହିଁ ରହିଥିଲେ । ମହାକବି ସେକ୍ସପିୟର ତାଙ୍କର 'As you like it' ରେ ଲେଖିଛନ୍ତି : ···"all men and women merely players. They have their exits and their entrances. And one man is his time plays many parts. His acts being seven stages.At first the infant, mewling and puking in the nurses arm " ତୀର୍ଥ ଭ୍ରମଣରେ ଆଲହାବାଦରେ ତ୍ରିବେଣୀ ସ୍ନାନ କରି ଆସି ମୁଁ କମ୍ପ ଜ୍ୱରରେ ଶାସ୍ତି ହେଲି । ନନା ସେଠାରୁ ଅଯୋଧ୍ୟା ଯିବା ପ୍ରୋଗ୍ରାମ ବନ୍ଦକରି ମୋର ଚିକିତ୍ସା କରାଇଲେ । କିଛି ଦିନ ପରେ ଜ୍ୱର କମିବାରୁ ଆମେ କାଶୀ, ଗୟା ଓ ନବଦ୍ୱୀପ ଦେଇ ପୁରୀକୁ ଫେରି ଆସିଲୁ । ପୁରୀରେ କିଛିଦିନ ଅବସ୍ଥାନ କଲାବେଳେ ମୋର ବିଧବା ପିଉସୀ ନାନୀଙ୍କ ସଙ୍ଗେ ଶ୍ରୀମନ୍ଦିରକୁ ପ୍ରତ୍ୟହ ଯିବା ଆସିବା କରୁଥାଏ । ଆମେ ବସା କରିଥିଲୁ ନରେନ୍ଦ୍ର ପୋଖରୀ ନିକଟସ୍ଥ ଗୋଟିଏ ଭଡ଼ା ଘରେ । ସେଠାରୁ ଶ୍ରୀମନ୍ଦିର ପ୍ରାୟ ମାଇଲିଏ ବାଟ । ମୋର ମନେ ପଡୁଛି । ସେଦିନ ଏକାଦଶୀ । ପିଉସୀ-ନାନୀଙ୍କ ସାଥିରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କର ଦର୍ଶନ କରି ଫେରିଲାବେଳକୁ ପ୍ରାୟ ଦିନ ବାରଟା ହୋଇଥାଏ । ନାନୀଙ୍କର ନିର୍ଜଳ ଉପବାସ । ମୁଁ ମଧ୍ୟ କିଛି ଖାଇ ନଥାଏ । ଫେରିଲାବେଳେ ନାନୀ ଗୋଟିଏ ଦୋକାନରୁ କିଛି ନିମ୍‌କି କିଣି ତାକୁ ଟଙ୍କାଟିଏ ଦେଲେ । ନିମ୍‌କିର ଖରଚ ମାତ୍ର ଦୁଇଅଣା । ସେ କିନ୍ତୁ ଭୁଲରେ ନାନୀଙ୍କ ହାତରେ ପନ୍ଦର ଅଣା ଫେରାଇ ଦେଲା । ଦ୍ୱିପ୍ରହରିଆ ଖରା । ରାସ୍ତାର ବାଲି ତାତିଛି, ନାନୀ ତା ଠାରୁ ଟେରିକା ପଇସା ନେଇ ନଗଣି ଲୁଗାକାନିରେ ବାନ୍ଧିଲେ ଓ ମୋ ହାତ ଧରି ଚାଲିଲ ବସାକୁ ଫେରିବାକୁ ଲାଗିଲେ । ବସାରେ ପହଞ୍ଚିଲା ପରେ ସେ ଲୁଗାକାନିରୁ ପଇସା ଫିଟାଇ ଗୋଟିଏ ପଇସା ଭିକାରୀକୁ ଦେବା ଆଗରୁ ଗଣିଲେ ଯେ ପନ୍ଦର ଅଣା ସେଥିରେ ଅଛି । ଏଥିରେ ସେ ନିତାନ୍ତ ବିଚଳିତ ହୋଇ କାତର କଣ୍ଠରେ ମୋତେ ଡାକିଲେ କହିଲେ, "ବାବୁ ! ସେ ଲୋକଟା ମୋତେ ଅଧିକ ସ୍ତର ପଇସା ଦେଇ ପକାଇଛି । ଚିଳକଏ ଚାଲ ଯିବା ! ତାକୁ ଫେରାଇ ଆସିବା ।" ମୁଁ ହସି ହସି କହିଲି, "ସେ ତ ତୁମକୁ ଠକି ନାହିଁ; ବରଂ ନିଜେ ଠକି ହୋଇଛି । ତୁମେ କାହିଁକି ଏପରି କାତର ହେଉଛ ?" ସେ ବ୍ୟସ୍ତ ହୋଇ କହିଲେ, "ନା ନା ମୋତେ ସେ ଋଣରେ ରଖି ଦେଇଛି । ତାକୁ ମୁଁ ଏହା ନିଶ୍ଚୟ ଫେରାଇବାକୁ ପଡ଼ିବ ।" ତାଙ୍କର ବ୍ୟାକୁଳ ଦେଖି

Digitized by PPRACHIN, SOA

ମୁଁ ଆଉ କିଛି କହିଲି ନାହିଁ । ତାଙ୍କ ସାଥିରେ ସେହି ନିର୍ଧୂମ ଖରାରେ ଚାଲିଲି ମନ୍ଦିର ଆଡ଼କୁ । ନାନୀ ସେ ଲୋକଟିକୁ ଦେଖି ରାଗରେ କହିଲେ, "ତୁ ମୋତେ ଆଜ ଏକାଦଶୀ ଉପାସରେ କେତେ କଷ୍ଟ ଦେଲୁ ଜାଣୁ ?" ଦୋକାନୀ କିଛି ବୁଝି ନ ପାରି ତାଙ୍କ ମୁହଁକୁ ଚାହିଁଥାଏ । ସେ ଅଣ୍ଟାରୁ ଚାରୋଟି ପଇସା ବାହାର କରି ତାକୁ ଦେଇ କହିଲେ, "ଦି' ଅଣାର ନିର୍ମାଲ୍ୟ ଦେଇ ତୁ ଅଣାଟିଏ ନେଇଛୁ, ଏମିତି ଭୁଲ କରି ମୋତେ ନରକରେ ପକାଇଥାନ୍ତୁ ଆଜକପରା ଦିନରେ । ନେ ଏ ପଇସା । ଆଉ କେବେ ଏମିତି କରିବୁନି ।" ନାନୀଙ୍କ କଥାରେ ଦୋକାନୀ ଅପ୍ରତିଭ ହେଲା । ମୁଁ ହସି ପକାଇଲି ; କିନ୍ତୁ ତାଙ୍କର ସେ ଦିନର ସେହି ଆତୁରତା ଓ ସତ୍ୟ ପରାୟଣତା ଆଜି ସୁଦ୍ଧା ମୋ ମନରେ ଖେଳା କରୁଛି । ହାୟ ! କି ଅନ୍ଧବିଶ୍ୱାସ । କିନ୍ତୁ ସେହି ବିଶ୍ୱାସ ମୂଳରେ କି ସୁନ୍ଦର ନୈତିକ ନିର୍ଦ୍ଦେଶ ବହିଯାଉଛି ? ଆଜି ଏ ସମାଜ ଭିତରେ ଆମେ ସେପରି ନିର୍ମଳ ବିଶ୍ୱାସ ହରାଇ ଦେଇଛୁ କିନା !

ଆମ ପରିବାର କ୍ରମେ ବୃଦ୍ଧିଲାଭ କଲା । ମୋର ଜେଜେଇ ତିନିଜଣଙ୍କର ସନ୍ତାନ ସନ୍ତତି ଏବଂ ପିଉସୀନାନୀମାନଙ୍କର କୁଟୁମ୍ବ ମିଶି ସର୍ବମୋଟ ପ୍ରାୟ ୪୦ ରୁ ୫୦ ଜଣ ପ୍ରତ୍ୟହ ଆମ ଘରେ ରହି ଖିଆପିଆ କରୁଥାନ୍ତି । ନନା ଓ ତାଙ୍କ ଭାଇମାନଙ୍କ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ଅତୁଟ ରହିଥାଏ । କିନ୍ତୁ ମୋର ବିମାତା ଏବଂ ଖୁଡ଼ୀମାନଙ୍କର ମନରେ ପରସ୍ପର ଈର୍ଷା ଓ ତିକ୍ତତା କ୍ରମେ ବୃଦ୍ଧି ଲାଭ କରିବା ଦେଖାଗଲା । ଏହା ଫଳରେ ଆମର ସେହି ବିଶାଳ ଏକାନ୍ନବର୍ତ୍ତୀ ପରିବାରଟି ଚାରିଭାଗରେ ବିଭକ୍ତ ହୋଇଗଲା । ପରିବାର ମଧ୍ୟରେ ମୋ ପ୍ରତି ସମସ୍ତଙ୍କର ବିଶ୍ୱାସ ଥିବା ହେତୁ ଭ୍ରାତୃବିଭାଗ ସମ୍ପତ୍ତି ବଣ୍ଟନ ବେଳେ ମୁଁ ନିଜେ ତାହା ସମାନ ବଣ୍ଟାରେ ଭାଗ ଭାଗ କରିବାକୁ ଯୋଗସୂତ୍ର ରୂପେ କାମ କରିଥିଲି । ଜଣେ ମଧ୍ୟସ୍ଥ ରୂପେ ସ୍ଥାନୀୟ ଚେୟାରମ୍ୟାନ ଦାମୋଦର ପାଢ଼ୀ ନାମକୁ ମାତ୍ର ନିଯୁକ୍ତ ହୋଇଥିଲେ । ବିଷୟ ସମ୍ପତ୍ତି, ଜମିବାଡ଼ ସମାନ ଚାରି ଭାଗରେ ବିଭକ୍ତ ହେଲା ପରେ ଆମ ଗୃହର ସମ୍ମୁଖରେ ଶ୍ରୀ ରାଧାଗୋବିନ୍ଦ ମହାପ୍ରଭୁଙ୍କ ନିକଟରେ ଜାଗଦଳା ମଠ ଗୋସ୍ୱାମୀଙ୍କର ମଧ୍ୟସ୍ଥତାରେ ଚାରୋଟି ଗୁଳା ନମ୍ବର ଦେଇ ପ୍ରସ୍ତୁତ କରାଗଲା । ସେଇ ଚାରୋଟି ନମ୍ବର ମହନ୍ତ ମହାରାଜା ମହାପ୍ରଭୁଙ୍କ ପାଦ ସ୍ପର୍ଶ କରି ଚାରିଭାଇଙ୍କ ହାତରେ ବାଣ୍ଟିଦେଲେ । ତାହା ଫିଟାଇଲାବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯେ, ପ୍ରଥମ ଭ୍ରାତା ପହିଲି ନମ୍ବର ପାଇଛନ୍ତି, ଦ୍ୱିତୀୟ ଭ୍ରାତା ଦୁଇ, ତୃତୀୟ ଭ୍ରାତା ତିନି ଓ ଚତୁର୍ଥ ଭ୍ରାତା ଚାରି । ଏହିପରି କ୍ରମାନୁସାରେ ନମ୍ବରଗୁଡ଼ିକ ମିଳିଛି । ଏଠାରେ କହି ରଖିବା ଆବଶ୍ୟକ ଯେ, ଆମର ଗୃହ ଦେବତା ରାଧାଗୋବିନ୍ଦଙ୍କର ଦାରୁମୂର୍ତ୍ତି ସାଧାରଣ ମନୁଷ୍ୟ ଉଚ୍ଚତାରେ ଗଠିତ । ତାଙ୍କ ସାଙ୍ଗକୁ ସେପରି ଆଉ ଆଠଗୋଟି ମୂର୍ତ୍ତି ଆମ ଗୃହର ଗୋଟିଏ ବଡ଼ କୋଠରୀରେ ସ୍ଥାପିତ ହୋଇ ନିତ୍ୟ ବିଧି ପ୍ରକାରେ ପୂଜିତ ହୁଅନ୍ତି । ମହାପ୍ରଭୁଙ୍କର ପୂଜା ନ ହେଲେ କେହି ଆମ

Digitized by PPRACHIN, SOA

ପରିବାରରେ ନିତାନ୍ତ ଶିଶୁ ଓ ବାଳକମାନଙ୍କୁ ଛାଡ଼ି ଅନ୍ୟମାନେ ଭୋଜନ କରୁ ନଥିଲେ । ସେହି ଅର୍ଚ୍ଚିତ ମୂର୍ତ୍ତିମାନଙ୍କୁ ଗୋଟିଏ ସ୍ୱତନ୍ତ୍ର ମଠରେ ସ୍ଥାପନ କରିବା ଏହି ପରିବାରର ଭାଇମାନେ ବିଚାର କରି ଗୃହ ସମ୍ମୁଖରେ ଥିବା ଗୋଟିଏ ଖାଲି ଜାଗା କ୍ରୟ କରି ସେଥିରେ କ୍ଷୁଦ୍ର ମନ୍ଦିରଟିଏ ନିର୍ମାଣ କଲେ । '୧୬' ମସିହାରେ ତାହା ପୂର୍ଣ୍ଣ ହେବାରୁ ଗୃହଦେବତାଙ୍କୁ ସେଥିରେ ପ୍ରତିଷ୍ଠାକରି ତା'ପରେ ଆମର ପାରିବାରିକ ବଣ୍ଟନ କ୍ରିୟା ସମାପ୍ତ ହେଲା । ଜଣେ ପୂଜାରି ମନ୍ଦିର କାର୍ଯ୍ୟରେ ନିଯୁକ୍ତ ହେଲେ ।

ମୋର ଦ୍ୱିତୀୟ କକେଇ ରାଧାଗୋବିନ୍ଦ ରାଜଗୁରୁ ଜଣେ ଉଚ୍ଚକୋଟିର ପଣ୍ଡିତ ଏବଂ ଭାଗବତ ପାରାୟଣ କରିବାରେ ତାଙ୍କର ଅଗାଧ ଜ୍ଞାନ ଥିଲା । ବୈଷ୍ଣବ ସାହିତ୍ୟ ତଥା ଗୋସ୍ୱାମୀ ଗ୍ରନ୍ଥଗୁଡ଼ିକ ଅଧ୍ୟୟନ କରି ସେ ପାରଳାଖେମୁଣ୍ଡିର ସର୍ବତ୍ର ସୁନାମ ଅର୍ଜନ କରିଥିଲେ । କେବଳ ବୈଷ୍ଣବଶାସ୍ତ୍ର ନୁହେଁ, ସେଥି ସଙ୍ଗେ ସଙ୍ଗୀତ ଶାସ୍ତ୍ରରେ ମଧ୍ୟ ତାଙ୍କର ଯଥେଷ୍ଟ ଜ୍ଞାନ ଥିଲା । ତେଣୁ ବୀଣା ଓ ବେହେଲା ଇତ୍ୟାଦି ବାଦ୍ୟଯନ୍ତ୍ର ରଖି ପ୍ରତ୍ୟହ ଅଭ୍ୟାସ କରିବା ଗୋଟିଏ ନିତ୍ୟ ନୈମିତ୍ତିକ ବ୍ୟାପାରରେ ପରିଣତ ହୋଇ-ଥିଲା । ତାଙ୍କର ପ୍ରିୟବନ୍ଧୁ ରୂପେ ଓଡ଼ିଶାର ସୁବିଖ୍ୟାତ ଅନ୍ଧ ଗାୟକ ଆପନ୍ନା ପାଣିଗ୍ରାହୀ ପ୍ରତ୍ୟହ ଆମ ଘରକୁ ଆସି ସଙ୍ଗୀତ ଅଭ୍ୟାସ କରନ୍ତି । ଉଭୟଙ୍କ ମଧ୍ୟରେ ସେଥି ସମ୍ବନ୍ଧରେ ବହୁ ଆଲୋଚନା ହୁଏ । ଏଥିର ସୁଯୋଗ ପାଇ ମୁଁ କେବେ କେବେ ତାଙ୍କର ସଙ୍ଗୀତ ବୈଠକରେ ଯୋଗ ଦେଇଥାଏ । ଆପନ୍ନା ପାଣିଗ୍ରାହୀ ଅନ୍ଧ ହୋଇଥିବାରୁ ମୋତେ ଅନୁରୋଧ କରନ୍ତି ଗୋପାଳକୃଷ୍ଣ ଓ ଗୌରହରି ପରିଚ୍ଛାଙ୍କର ପ୍ରକାଶିତ ପୁସ୍ତକରୁ କେତୋଟି ଗୀତ ତାଙ୍କୁ ଶୁଣାଇବାକୁ । ମୁଁ ଥରେ ବା ଦୁଇଥର ଗୀତଟିଏ ଆବୃତ୍ତି କଲାମାତ୍ରେ ସେ ତାହା ସୁନ୍ଦର ଲଳିତ କଣ୍ଠରେ ଗାନ କରି ଆଉ ଭୁଲନ୍ତି ନାହିଁ । ତାଙ୍କର ତୀକ୍ଷ୍ଣ ମେଧାଶକ୍ତି ହେତୁ ମୁଁ ଉତ୍ସାହିତ ହୋଇ କବିସୂର୍ଯ୍ୟ ଓ ଦୀନକୃଷ୍ଣଙ୍କର ରଚିତ ଚମ୍ପୂ ଏବଂ ଛାନ୍ଦ ତାଙ୍କୁ ଗାଇବାକୁ ଅନୁରୋଧ କରେ । କର୍ଣ୍ଣାଟି ସଙ୍ଗୀତର ସଙ୍ଗେ ସେହି ଛାନ୍ଦମାନଙ୍କର ସ୍ୱର ନିରୂପଣ କରି ସେ ଅତି ସୁନ୍ଦର ଭାବେ ତାହା ଗାନ କରିଥାନ୍ତି ।

ଦିନେ ରେଭେନ୍‌ସା କଲେଜର ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚୌଧୁରୀ ମୋତେ କଟକଠାରେ କହିଲେ, "ଭାରତର ସବୁ ଅଞ୍ଚଳର ସଙ୍ଗୀତ ଗାୟକମାନଙ୍କୁ ନେଇ ଆଲାହାବାଦରେ ଗୋଟିଏ ବିରାଟ ସମ୍ମିଳନୀ ଅନୁଷ୍ଠିତ ହେବ । ସେଥିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଏକମାତ୍ର ଅନ୍ଧଗାୟକ ଉପଯୁକ୍ତ ବୋଲି ଆମ୍ଭେ ସ୍ଥିର କରୁଛୁ । ଆପଣ ଦୟାକରି ତାଙ୍କୁ ପାରଳାଖେମୁଣ୍ଡିରୁ ପଠାଇ ପାରିବେ କି ?" ମୁଁ କହିଲି, "ସେ ଅନ୍ଧ । ବିନା ସାହାଯ୍ୟରେ ଏତେ ଦୂର ବାଟ କିପରି ଯିବେ ? ତେଣୁ ଆପଣ ଯଦି ଉତ୍କଳ-ସମାଜ ପକ୍ଷରୁ ଦୁଇଜଣଙ୍କ ପାଇଁ ଗସ୍ତଖର୍ଚ୍ଚ ଦେଇ ପାରିବେ, ତାହେଲେ ମୁଁ ତାଙ୍କୁ ନିଶ୍ଚୟ ଅନୁରୋଧ କରି ପଠାଇ ପାରିବି ।" ମୋ କଥାରେ ସେ ସ୍ୱୀକୃତ ହେବାରୁ ପାରଳା-

Digitized by PPRACHIN, SOA

ଖେମୁଣ୍ଡିରେ ମୁଁ ଆପଣଙ୍କୁ ଏକଥା କହିଲି । ସେ ପ୍ରଥମେ ଇତସ୍ତତଃ ହେଲେ; କିନ୍ତୁ ମୋ କକେଇ ରାଧାଗୋବିନ୍ଦ ରାଜଗୁରୁଙ୍କ ଅନୁରୋଧକ୍ରମେ ସେ କହିଲେ, "ହଉ ତେବେ, ଶିବା, ଗାଈଦୁହାଁ ଦୁଧପିଆ ଏକଘାଟରେ ହେବ ।" ଅର୍ଥାତ ତାଙ୍କ କହିବା ତାତ୍ପର୍ଯ୍ୟ ହେଉଛି, ତ୍ରିବେଣୀ ସ୍ନାନ ଓ ସଙ୍ଗୀତ ସମ୍ମିଳନୀରେ ଯୋଗଦାନ ଏକ ସମୟରେ ହୋଇ ପାରିବ । ଯଥା ସମୟରେ ସେ ତାଙ୍କର ଜ୍ୱାଇଁକୁ ସଙ୍ଗରେ ଧରି ଆଲହାବାଦ ଯାତ୍ରା କଲେ । ସେଠାରୁ ସେ ଫେରିଲାପରେ ମୁଁ ଅନୁସନ୍ଧାନ କରି ଜାଣି-ପାରିଲି ଯେ ସେହି ସଙ୍ଗୀତ ସଭାରେ ଓଡ଼ିଆ ଗାୟକଙ୍କ ପାଇଁ ମାତ୍ର ୧୦ ମିନିଟ୍ ସମୟ ଧାର୍ଯ୍ୟ ହୋଇଥିଲା । ବିଭିନ୍ନ ଅଞ୍ଚଳରୁ ବଡ଼ବଡ଼ ନାମଯାଦା ଗାୟକମାନେ ସେଥିରେ ଯୋଗ ଦେଇଥିବାରୁ ପ୍ରତ୍ୟେକଙ୍କର ପାଇଁ ପ୍ରତିଭା ଦୃଷ୍ଟିରୁ ସମୟ ଧାର୍ଯ୍ୟ ହୋଇଥିଲା । ଅନ୍ଧ ଗାୟକ ଯେତେବେଳେ ତାଙ୍କର ବୀଣାଟି ଧରି ସଭା ମଞ୍ଚ ଉପରେ ବସିଲେ ଦର୍ଶକ ଗ୍ୟାଲେରୀରୁ ବହୁତ ଲୋକ ବାହାରକୁ ଚାଲିଯିବାର ଦେଖାଗଲା । କାରଣ ସେମାନେ ଭାବିଥିଲେ ଯେ ଓଡ଼ିଆ ଗାୟକଙ୍କର କଣ୍ଠରୁ ବିଶେଷ କିଛି ସ୍ୱର, ରାଗ ଶୁଣିବାକୁ ମିଳିବ ନାହିଁ । କିନ୍ତୁ ଶ୍ରୀଯୁକ୍ତ ପଣିଗ୍ରାହୀ ଯେତେବେଳେ ତାଙ୍କର ବୀଣାରେ ସ୍ୱର ପକାଇ ଗୀତ ଗୋବିନ୍ଦର 'ଲଳିତ ଲବଙ୍ଗଲତା ପରିଶୀଳନ କୋମଳ ମଳୟ ସମୀରେ' ଶୀର୍ଷକ ଗାନ ଅତି ଲଳିତ କଣ୍ଠରେ ଶୁଣାଇଲେ ସେତେବେଳେ ବାହାରକୁ ଉଠି ଯାଇଥିବା ସମସ୍ତେ ହଲ ଭିତରକୁ ଆସି ଯାଇଥାନ୍ତି । ତାଙ୍କ କଣ୍ଠର ମାଧୁର୍ଯ୍ୟ ସଙ୍ଗେ ଜୟଦେବଙ୍କର ଲଳିତ ପଦାବଳୀ ଏପରି ଗୋଟିଏ ପରିସ୍ଥିତି ସୃଷ୍ଟି କଲା ଯେ ସଭାପତି ନିଜେ ତାଙ୍କର ନିର୍ଦ୍ଦିଷ୍ଟ ୧୦ ମିନିଟ୍ କଥା ଭୁଲି ଯାଇଥିଲେ । ପ୍ରାୟ ୪୦ ମିନିଟ୍ ଯାଏ ସଙ୍ଗୀତ ଆଲାପନ ସହିତ ସେହି ଗୀତଟି ସେ ଗାନ କରିଥିଲେ । ଏହା ପରେ ଯେତେବେଳେ ସେ ବସାକୁ ଫେରି ଆସନ୍ତି, ବହୁ ଗ୍ରାମୋଫୋନ କମ୍ପାନୀବାଲା ତାଙ୍କ ପଛରେ ଗୋଡ଼ାଇ ଆସି ଗ୍ରାମୋଫୋନ ରେକର୍ଡ଼ରେ କେତୋଟି ସଙ୍ଗୀତ ପରିବେଷିତ କରିବା ପାଇଁ ତାଙ୍କୁ ନିବେଦନ କଲେ । ବମ୍ବେ, ଦିଲ୍ଲୀ, କଲିକତା ପ୍ରଭୃତି ସହରର ଗ୍ରାମୋଫୋନ କମ୍ପାନୀବାଲା ଏକ ପ୍ରକାର ନିଲାମ ଡାକିଲେ । ପ୍ରତି ଗୀତ ରେକର୍ଡ଼ କରିବାକୁ କିଏ ଶହେ ଟଙ୍କା କହିଲା ତ କିଏ ଦୁଇଶହ ଏପରି ନିଲାମ ଡାକି ଶେଷରେ କଲିକତା କମ୍ପାନୀ ଶ୍ରେଷ୍ଠ ବିବେଚିତ ହେଲା । ଯେତେବେଳେ ପ୍ରତିଗାନ ପାଇଁ ସେ ଚାରିଶ ଟଙ୍କା ଦେବାକୁ ସ୍ୱୀକାର କଲା, କିନ୍ତୁ ଅନ୍ଧ ଗାୟକ ତାହାଙ୍କୁ କଥା ନଦେଇ ଶେଷରେ କଲିକତା କମ୍ପାନୀକୁ କହିଲେ, "ମୁଁ ପାରଳା ଫେରିଗଲା ପରେ ବିଚାର କରି ଆପଣଙ୍କୁ ଜଣାଇବି ।" ଏହା ପରେ ସେ ଘରକୁ ଫେରି ଆସିଲେ । ଆମ ମନରେ ଗର୍ବ ସଞ୍ଚାରିତ ହେଲା । ଓଡ଼ିଆ ଗାୟକ ବିଶେଷତଃ ପାରଳାଖେମୁଣ୍ଡିର ଜଣେ ଅନ୍ଧ ସଙ୍ଗୀତଜ୍ଞ ଆଜି ଭାରତର ଜଣେ ଗଣ୍ୟମାନ୍ୟ ସଙ୍ଗୀତଜ୍ଞ ରୂପେ ପରିଚିତ । ଏହା ଆମ ପକ୍ଷରେ କମ୍ ଗୌରବର କଥା ନୁହେଁ । ଯେତେବେଳେ ସେ କକେଇଙ୍କର କୋଠରିକୁ ଆସି ତାଙ୍କ

Digitized by PPRACHIN, SOA

ପ୍ରସ୍ତୁତଯାବା କଥା କହିଲେ ମୁଁ ପ୍ରସ୍ତାବ କଲି,"ଆପଣ୍ଣା ! ତୁମେ ଗୀତ ଗୋବିନ୍ଦ ପରି ସଂସ୍କୃତ ଭାଷାରେ ରେକର୍ଡ଼୍‌କୁ ଦିଅ ନାହିଁ । ଆମେ ଖାଣ୍ଟି ଓଡ଼ିଆ ଭାଷା ଅବଜ୍ଞାତ ହୋଇ ରହିଛୁ । ଆମ ଦେଶର କବିମାନେ ଏ ପର୍ଯ୍ୟନ୍ତ ଭାରତରେ ଅପରିଚିତ ଅଛନ୍ତି । ତାଙ୍କୁ ଗୌରବାନ୍ୱିତ କରିବାକୁ ହେଲେ ଆଜି ସବ ଭାରତୀୟ ସ୍ତରରେ ଆମ ସମସ୍ତଙ୍କୁ କିଛି କିଛି ଦାନ କରିବାକୁ ହେବ । ତୁମେ ଓଡ଼ିଆ ସଙ୍ଗୀତ ଓଡ଼ିଆ ଛନ୍ଦରେ ରେକର୍ଡ଼ରେ ଦେବାକୁ ପଡ଼ିବ ।" ସେ ହସି ଦେଇ ଉତ୍ତର ଦେଲେ, "ବାପା ମୁଁ ତ ମୂଳରୁ ଗ୍ରାମୋଫୋନରେ ଗାଇବାକୁ ଯିବିନାହିଁ । ତୁମେ ଏ ସବୁ କହୁଛ କାହିଁକି ?" ମୁଁ ଆଶ୍ଚର୍ଯ୍ୟ ହେଲି । ପଚାରିଲି,"କାହିଁକି ଯିବନାହିଁ ?" ସେ କହିଲେ, "ଆରେ ଜାଣୁନା; ମୋର କଣ୍ଠଟା ସେମାନେ ନେବାକୁ ଏତେ ସବୁ ଟଙ୍କା ଦେବାକୁ ଲୋଭ ଦେଖାଉଛନ୍ତି । ତାଙ୍କର ଫିକର କଣ ମୁଁ ଜାଣି ପାରୁ ନାହିଁ ? କଣ୍ଠଟା ନେଇଯିବେ ।" ଏହା ଶୁଣି ମୋତେ ହସ ମାଡ଼ିଲା । ମୁଁ କହିଲି, "ଅରେ ମୋ ଜେଜେବାପାଙ୍କୁ ଫଟୋ ନେବାପାଇଁ ମୁଁ ପ୍ରସ୍ତାବ କରିଥିଲି । ସେ ମନାକରି କହିଲେ ଦେହର କଳା ଗୁଳିଯିବ । ମୁଁ ଯେତେ ବୁଝାଇଲି ସେ ଆଦୌ ବୁଝିଲେ ନାହିଁ । ତେଣୁ ତାଙ୍କର ଫଟୋଟିଏ ମଧ୍ୟ ରହିଲା ନାହିଁ । ତୁମେ ଆଜି ସେପରି କହୁଛ, ରେକର୍ଡ଼ରେ ତୁମର କଣ୍ଠଟା ବାନ୍ଧି ହୋଇଯିବ । ଏ ବିଜ୍ଞାନ ଯୁଗରେ ତୁମ କଥା ଶୁଣିଲେ ଲୋକେ ହସିବେ ସିନା ।" କହେଇ ମଧ୍ୟ ତାଙ୍କୁ ବହୁତ ବୁଝାଇଲେ । ସେ ହଠାତ୍ ବୁଝି ନ ଥିଲେ; କିନ୍ତୁ ତାଙ୍କର ଜଣେ ବନ୍ଧୁ ପ୍ରକାଶ ଚନ୍ଦ୍ର ପାଢ଼ୀ ଯେ କି କେନ୍ଦ୍ର ସରକାରଙ୍କର ପକ୍ଷରୁ ଗୋଟିଏ ଉଚ୍ଚ ଚାକିରିରେ ନିଯୁକ୍ତ ହୋଇ କଲିକତାରେ ରହୁଥାନ୍ତି, ସେ ବହୁତ ବୁଝାଇ କହିବାରୁ ଶେଷରେ ଅନିଚ୍ଛାସତ୍ତ୍ୱେ କେତୋଟି ଗୀତ ରେକର୍ଡ଼ କରିବାକୁ ସ୍ଥିର କଲେ । ପ୍ରକାଶ ଚନ୍ଦ୍ର ପାଢ଼ୀଙ୍କ ବସାରେ ରହି ସେ ଯେଉଁ କେତୋଟି ଗୀତ ଗ୍ରାମୋଫୋନରେ ରେକର୍ଡ଼ କରିଛନ୍ତି ତାହାହିଁ ଆଜି ଏତେ ଦିନ ପରେ ତାଙ୍କର ଅମର ସ୍ମୃତି ହୋଇ ରହିଛି । ଅତି ଦୁଃଖର କଥା ତାଙ୍କ ପରି ଜଣେ ପ୍ରତିଭାବାନ୍ ସଙ୍ଗୀତଜ୍ଞ ଯେତେବେଳେ କଲିକତାରୁ ଫେରି ଆସି ନିଜ ଗ୍ରାମରେ ସାଧାରଣ ଜ୍ୱରରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ହୋଇଥାନ୍ତି, ସେତେବେଳେ ଚିକିତ୍ସା ଅଭାବରୁ ସେ ମୃତ୍ୟୁବରଣ କରିଥିଲେ । ତାଙ୍କର ବୟସ ସେତେବେଳେ ୫୦ କି ୫୫ରୁ ଉର୍ଦ୍ଧ୍ୱ ନ ଥିଲା । ତାଙ୍କ ଜ୍ୱର ହେବା ସମ୍ବାଦ ପାଇ ନ ଥିବାରୁ ଆମ୍ଭେମାନେ ବଡ଼ ଆଘାତ ପାଇଲୁ । ତାଙ୍କର ପୁତ୍ର କେହି ନଥିଲେ । ଗୋଟିଏ ମାତ୍ର କନ୍ୟା । ତାଙ୍କର ଜ୍ୱାଇଁ ଗୁଣୁପୁରରେ ଶିକ୍ଷକ କାମ କରୁଥାନ୍ତି । ଏ ଅବସ୍ଥାରେ ନିଃସହାୟ ଭାବେ ତାଙ୍କର ଯେଉଁ ମୃତ୍ୟୁ ହେଲା ତାହା ଓଡ଼ିଆ ଜାତିର ମହାନ୍ କ୍ଷତି ସାଧନ କରିଥିଲା କହିଲେ ଚଳେ ।

ଏଠାରେ କହିବାକୁ ମୁଁ ଭୁଲି ଯାଇଛି ଯେ ଆମ ପରିବାରର ଭାଗବଣ୍ଟା ପୂର୍ବରୁ ଗୋଟିଏ ଜମି ଖରିଦ କରିବାକୁ ତେର ହଜାର ଟଙ୍କା ମହାରାଜାଙ୍କଠାରୁ ଋଣ ଅଣାଯାଇଥିଲା । ଆମର ବହୁତ ଜମି ବିଭିନ୍ନ ମୌଜାରେ ଥାଏ ; କିନ୍ତୁ ଗୋଟିଏ ମୌଜାର

Digitized by PPRACHIN, SOA

ଅଧେ ଜମି ଆମର୍ ଆଉ ଅଧେ ଟିକିଲିର ଜଣେ ତେଲେଙ୍ଗାଙ୍କ ହାତରେ ଥାଏ । ସେ ତାହା ବିକି କରିବାକୁ ଗଲାବେଳେ ମୋ ନନା କିଣିବାକୁ ଚାହିଁଲେ, ଫଳରେ ସମୁଦାୟ ମୌଜାଟି ( ନାଇଡ଼ୁପେଟ୍‌ର ଗ୍ରାମ, ଯାହାକି ବର୍ତ୍ତମାନ ଆନ୍ଧ୍ରରେ ରହିଛି ) ଆମର ହୋଇଯିବ । ମୋର ସେତେବେଳେ ମନେପଡ଼ୁଛି ଯେଉଁ ଅଂଶଟି ଆମେ ଋଣ କରି କିଣିଲୁ ସେଥିରେ ଗୋଟିଏ ବଡ଼ ଆମ୍ବ ଗଛ ପାହାଡ଼ ତଳେ ଥାଏ । ଏକା ଗଛରୁ ଆମ୍ବ ଫଳିଲାବେଳେ ପ୍ରାୟ ସେରକିଆ ଓଜନର ଆମ୍ବ ଦୁଇ କି ତିନି ଶଗଡ଼ ଆମ୍ଭେ ପାଉ । ସେପରି ଆମ୍ବ ମୁଁ ଅନ୍ୟ କେଉଁଠାରେ ଆଜି ପର୍ଯ୍ୟନ୍ତ ଦେଖିନାହିଁ । ରସାଳ କିନ୍ତୁ ଟେରୁଆ । ରସଗୁଡ଼ିକ ଚିପୁଡ଼ିଲେ ଗୋଟିଏ ବଡ଼ ଗ୍ଲାସରେ ଭରିଯାଏ । ଠିକ୍ ସର୍ବତ ପରି ପତଳା ଚୁଚିକରି ଦୋରୁଅ । ଆମର ସେତେବେଳେ ବହୁତଗୁଡ଼ିଏ ଆମ୍ବ ବଗିଚା ଥାଏ । ବିଭିନ୍ନ କିସମର ଆମ୍ବ ଆମେ ପାଉ; କିନ୍ତୁ ଏଇ ଗୋଟିଏ ଗଛରୁ ଯାହା ଆସେ ସେଥିରେ ବ୍ରାହ୍ମଣ ଭୋଜନ ଓ ସମୁଦାୟ ପରିବାରର ବ୍ୟବହାର ପାଇଁ ତାହା ସ୍ୱତନ୍ତ୍ର ଭାବରେ ରଖାଯାଏ । ଆଜି କାଲି ଓଡ଼ିଶାରୁ ଆମର ପୁରୁଣା ଦେଶୀ ଆମ୍ବ ଗଛଗୁଡ଼ିକ ଭାଙ୍ଗିଗଲାଣି । ସେଥିରୁ ବଛା ବଛା ଗଛରେ ଯଦି କଲମୀ କରିଯାଇ ପାରନ୍ତା ତା'ହେଲେ ଓଡ଼ିଶାର କେତେ ପଲ୍ଲୀରେ ତାହା ନୂଆ ବ୍ୟବସାୟ ରୂପେ ଆର୍ଥିକ ଉନ୍ନତିର ପଥ ପରିଷ୍କାର କରନ୍ତା । ଆଜି ଆନ୍ଧ୍ରଦେଶର ଗୁଣ୍ଟୁରୁ ବେଜୱାଡ଼ା ଓ ଗୋଦାବରୀ ଜିଲ୍ଲା-ମାନଙ୍କରେ ଏପରି ବ୍ୟବସାୟର ପ୍ରସାର ହେତୁ ବହୁ ଫଳ ବ୍ୟବସାୟୀ ଲାଭବାନ ହୋଇ ପାରିଛନ୍ତି । ମୋର ମନେପଡ଼ୁଛି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାବେଳେ ସେଠାରେ ଜଗନ୍ନାଥ ଦେ ନାମକ ଜଣେ କୃଷି ବିଭାଗୀୟ ନିର୍ଦ୍ଦେଶକ ନିଯୁକ୍ତ ହୋଇଥିଲେ । ତାଙ୍କୁ ଏପରି ନୂଆ କିସମ୍‌ର କଲମୀ ଆମ୍ବ ଓଡ଼ିଶାରେ ଚାଷ ପକାଇବା ବ୍ୟବସାୟ ପ୍ରବର୍ତ୍ତନ କରିବାକୁ ଅନୁରୋଧ କରିଥିଲି ; କିନ୍ତୁ ମୋର ପ୍ରସ୍ତାବ ଏ ପର୍ଯ୍ୟନ୍ତ କୃଷି ବିଭାଗ ପକ୍ଷରୁ କାର୍ଯ୍ୟରେ ପରିଣତ ହେଲାନାହିଁ । ସେ ଯାହାହେଉ ନାଇଡ଼ୁପେଟ୍‌ରେ ଯେଉଁ ବୁଢ଼ା ଆମ୍ବଗଛଟି ଥିଲା ତାକୁ ଉଦ୍ଦେଶ୍ୟ କରି ମୁଁ ଗୋଟିଏ ଛୋଟ ପଦ୍ୟ ଲେଖିଥିଲି । ଜାଣେ ନାହିଁ, ତାହା କେଉଁ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିବ ।

ଆମେ ମହାରାଜାଙ୍କ କଚେରୀରୁ ଯେଉଁ ତେର ହଜାର ଟଙ୍କା କରଜ କରି ଜମି ଖରିଦ୍ କରିଥିଲୁ ସେହି ଋଣର ସୁଧ ସମେତ ପ୍ରାୟ ଷୋଳ ହଜାର ଟଙ୍କା ଆମର ପାରିବାରିକ ବଣ୍ଟନବେଳେ ରହିଥିବାରୁ ନନାଙ୍କ ଉପରେ ସେଥିର ଗୋଟିଏ ବଡ଼ ଅଂଶ ଋଣ ଭାର ପଡ଼ିଲା । ଆମର ବଣ୍ଟନ ପୂର୍ବରୁ ଯେଉଁ ବାର୍ଷିକ ଆୟ ହେଉଥାଏ, ସେଥିରେ ଅତି ସ୍ୱଚ୍ଛଳ ଭାବେ ଖର୍ଚ୍ଚ ଚଳୁଥାଏ । ନନା ଟିକିଏ ସୌଖୀନ ବଡ଼ଖର୍ଚ୍ଚୀ ଥିଲେ । ତାଙ୍କର ଗୋଟିଏ ବଡ଼ ଝୁଙ୍କ ଯେ, ଲୋକଙ୍କୁ ଖୁଆଇ ଯେପରିକି ସେ ଅପାର ଆନନ୍ଦ ଅନୁଭବ କରନ୍ତି । କିଏ ବେଶୀ କେତେ ଖାଇ ପାରିବେ, ତାହା ଦେଖିବାକୁ ସେ ଭାରି ଆଗ୍ରହ

Digitized by PPRACHIN, SOA

କରନ୍ତି । ମୋର ଜଣେ ପିଉସା ନରସିଂହ ମିଶ୍ର ଅର୍ଥାତ୍ ନନାଙ୍କ ସାନଶଳା ବେଶୀ ଖାଇପାରିବା ଲୋକ ବୋଲି ସବୁଠାରେ ତାଙ୍କର ପରିଚୟ ଥିଲା । ଏପରିକି ମହାରାଜା ମଧ୍ୟ ତାଙ୍କୁ ଡକାଇ ନେଇ ପ୍ରଚୁର ପରିମାଣରେ ଖାଇବାକୁ ଦିଅନ୍ତି । ଥରେ ମହାରାଜା ଶିକାରକୁ ଦଳବଳ ସହିତ ଯାଇଥିଲେ । ନନା ତାଙ୍କ ସାନଶଳାକୁ ମଧ୍ୟ ସାଙ୍ଗରେ ନେଇଥାନ୍ତି । ଗୋଟିଏ ଗଉଡ଼ ଗାଁଆରେ ବସ୍ତାବାସ ପଡ଼ିଲା । ସେଠାରେ ମହାରାଜା ଓ ତାଙ୍କର ଶିକାରୀ ଦଳ ରହି ଶିକାରକୁ ଗଲେ । ସେ ଦିନ ଗଉଡ଼ ଗାଁଆରୁ ବହୁତ-ଗୁଡ଼ିଏ ଦେହାରେ ଛେନା ଉପଢୌକନ ମିଳିଥାଏ । ମହାରାଜାଙ୍କ ଆଦେଶ କ୍ରମେ ଗୁଡ଼ିଆ ବଡ଼ ବଡ଼ ମଣ୍ଡାକିଆ ରସଗୋଲା ଦୁଇ କଡ଼େଇ ତିଆରି କରିଥିଲେ । ଇଆଡ଼େ ଶିକାରୀ ଦଳ ସେଦିନ ଦୁଇଟା ବଡ଼ ବାରହା ମାରି ଆଣିଥାନ୍ତି । ମହାରାଜାଙ୍କ ସୁଆର ବିଭିନ୍ନ ପ୍ରକାର ତରକାରି, ପଲଉ, ମାଂସ କରିଥାନ୍ତି । କିଏ କେତେ ଖାଇପାରିବେ, ଏଥର ପରୀକ୍ଷା ଚାଲିଲା । ନରସିଂହ ମିଶ୍ରେ ଲୋଭରେ ବହୁତ କିଛି ପଲଉ ଓ ମାଂସ ଖାଇସାରିଲା ପରେ ଛେନା ରସଗୋଲା ଆସିଲା । ମହାରାଜା ଚୌକିରେ ବସି ତାଙ୍କୁ ଦୁଇ ଚାରିଗଣ୍ଡା ରସଗୋଲା ଖାଇବାକୁ ଦେଲେ । ସେତିକିବେଳେ ନନା କହିଲେ ଆଉ ଦି' ଚାରିଟା ଖାଅ ତା'ହେଲେ ଟଙ୍କାଟିଏ ପାଇବ । ପେଟରେ ତ ଥାନ ନ ଥାଏ । କିନ୍ତୁ ଲୋଭରେ ସେ ଗରିବ ବ୍ରାହ୍ମଣ ସେତିକ ଖାଇ ଟଙ୍କାଟିଏ ପାଇଲେ । ତା'ପରେ ମହାରାଜାଙ୍କର ଆଦେଶ ହେଲା ଆଉ ଗଣ୍ଡାଏ ଯଦି ଖାଇପାରି ଗୋଟିଏ ଭଲ ସୂତା ଯଥା ପାଇବ । ବିଚରା କ'ଣ କରିବେ କିଛି ବୁଦ୍ଧି ସ୍ଫୁରିଲା ନାହିଁ । ଭଲ ସୂତା ଯଥାର ଲୋଭରେ ଅତିକଷ୍ଟରେ ଆଉ ଚାରୋଟି ଆଖିକାନ ବୁଜି ଗିଳି ପକାଇଲେ । ଏମିତି ସେ ସମୟର ସାମାଜିକ ବ୍ୟବସ୍ଥା ଓ ଲୋକଙ୍କର ପରସ୍ପର ପ୍ରତି ସ୍ନେହସୌହାର୍ଦ୍ଦ୍ୟ, ହସ କୌତୁକ ଭିତରେ ଜୀବନ କଟୁଥିଲା । ନନାଙ୍କର ସେ ସବୁ ଅଭ୍ୟାସ ମୃତ୍ୟୁକାଳ ପର୍ଯ୍ୟନ୍ତ ରହିଥିଲା କହିଲେ ଚଳେ । ତେଣୁ ଆମ ପରିବାରର ଯାହାକିଛି ଆୟ ସେଥିରୁ ସଞ୍ଚିତ ହୋଇ କିଛି ନ ରହିବାରୁ ଋଣ ଭାର କ୍ରମେ ବୃଦ୍ଧି ଲାଭ କଲା । ବହୁଦିନ ପରେ ମୂଳ ସୁଧ ମିଶି ଯେତେବେଳେ ମହାରାଜାଙ୍କର ଦେୟ ପାଖାପାଖି ୧୦ ହଜାରକୁ ଟପିଲା ସେତେବେଳେ ନିଜେ ମହାରାଜା ମୋଠାକୁ ଖବର ଦେଇ କହିଲେ, ତୁମ ନନାଙ୍କର ଏହି ଋଣ ତୁମ ଉପରେ ପଡ଼ିବ, ସେ ଏଥିର ପରିଶୋଧ କରିବାକୁ ଚେଷ୍ଟିତ ନୁହନ୍ତି । ମହାରାଜାଙ୍କଠାରୁ ଏପରି ଖବର ପାଇ ମୋ ନିଜ ଆତ୍ମସମ୍ମାନରେ ଟିକିଏ ଆଘାତ ଲାଗିଲା । ତାଙ୍କୁ ଖବର ପଠାଇଲି ଯେ ସାତଦିନ ମଧ୍ୟରେ ସମୁଦାୟ ଋଣ ପରିଶୋଧ କରାଯିବ । ଏହାପରେ ମୁଁ ନିଜେ ପ୍ରବୃତ୍ତ ହୋଇ ଆମର ଯେତେ ସୁନା ଅଳଙ୍କାର ମୋର ସ୍ତ୍ରୀ ଏବଂ ପିଲାମାନଙ୍କ ଦେହରେ ଥିଲା, ସେ ସବୁ ବିକ୍ରି କରିଦେଲି । ତା'ପରେ ଆମ ଘରକୁ ସେ ବର୍ଷ ଯେତେ ଧାନ ଆୟ ହୋଇଥିଲା ତାହା ମଧ୍ୟ ବିକ୍ରି କଲି । ଅଳ୍ପକିଛି ନିଅଣ୍ଟ ହେବାରୁ ବାହାରୁ ଦୁଇ ତିନିଜଣଙ୍କଠାରୁ କରଜ କରି ମହାରାଜାଙ୍କ

Digitized by PPRACHIN, SOA

କଟେଶ୍ୱରେ ସମୁଦାୟ ଟଙ୍କା ଦେଇ ଋଣ ପରିଶୋଧ କଲି । ଏହାପରେ ସେ ବର୍ଷ ନନା ଓ କନ୍ୟାମା ତୀର୍ଥଯାତ୍ରା କଲେ । ଘରେ କିଛି ସମ୍ବଳ ନାହିଁ । ଏପରି ଅବସ୍ଥାରେ ମୁଁ ଏକାକୀ ମୋର ବିପଦର ସମ୍ମୁଖୀନ ହେଲି । ଗୀତା ପାରାୟଣ ପରେ ମୁଁ ଟିକିଏ ଜପ କରୁଛି । ସେଦିନ ମହାରାଜାଙ୍କଠାରୁ ଜଣେ ଆସି କହିଲା, ଗ୍ରହଯାଗ କାଲିଠାରୁ ରାମସ୍ୱାମୀ ମଠରେ ହେବ । ନନାତ ନାହାନ୍ତି ତୁମେ ଏ ଯାଗ କରିବ, ମହାରାଜାଙ୍କର ଆଦେଶ । ଏହାଶୁଣି ମୁଁ ଗୋଟିଏ ବଡ଼ ପରୀକ୍ଷା ଭିତରେ ପଡ଼ିଲି । କାରଣ ଗ୍ରହଯାଗ କିପରି କରାଯାଏ, ସେଥିପାଇଁ କ'ଣ ସବୁ ଆୟୋଜନ କରିବାକୁ ହୁଏ, କେଉଁ ମନ୍ତ୍ର ପାଠ କରିବାକୁ ପଡ଼େ ତାହା ମୁଁ ସେ ପର୍ଯ୍ୟନ୍ତ ଶିଖି ନଥିଲି । ଆମ ଘରେ ଥିବା ତାଳପତ୍ର ପୋଥିଗୁଡ଼ିକ ଖୋଜି ଏ ସମ୍ପର୍କୀୟ ଗ୍ରହଯାଗ ପୋଥିଟି ବାହାର କଲି; ରାତି ସାରା ବସି ସେଥିର ପ୍ରଥମ ଉନ୍ମେଷ ପଢ଼ିବାକୁ ଲାଗିଲି । ମନ୍ତ୍ରଗୁଡ଼ିକରୁ କେତେ ମୁଁ ଆଗରୁ ଅନ୍ୟ ପୂଜା, ଶ୍ରାଦ୍ଧ କର୍ମ ପାଇଁ ମୁଖସ୍ଥ କରିଥାଏ । ଅଳ୍ପ କେତୋଟି ମନ୍ତ୍ର ମାତ୍ର ମୁଖସ୍ଥ କରିବାକୁ ପଡ଼ିଲା । ଯାଗକାରିକାଗୁଡ଼ିକ ସହଜ ଥିଲା । ତେଣୁ ସାତଦିନ ବ୍ୟାପୀ ଯେଉଁ ଯାଗ ଅନୁଷ୍ଠାନ କରାଗଲା ସେଥିରେ ପ୍ରଥମ ଦିବସର କର୍ମ ମୁଁ କରି ପାରିବି ଏହା ମୋର ହୃଦୟଙ୍ଗମ ହେବାରୁ ପରଦିନ ଯଥାରୀତି ସ୍ନାନ ନିତ୍ୟ କର୍ମାଦି ସାରି ରାମସ୍ୱାମୀ ମଠକୁ ଗଲି । ଏପରି ଯାଗ କର୍ମର ନିୟମାନୁସାରେ ପୁସ୍ତକାଚାର୍ଯ୍ୟ ସ୍ୱର୍ଗୀୟ ନୀଳମଣି ରଥ ମଧ୍ୟ ନିଯୁକ୍ତ ହୋଇଥାନ୍ତି । ମୁଁ ଆଚାର୍ଯ୍ୟ ଆସନରେ ବସିଲାବେଳେ ଶ୍ରୀଯୁକ୍ତ ରଥ (ଭୂତପୂର୍ବ ବ୍ରହ୍ମପୁର ୟୁନିଭରସିଟିର କୁଳପତି ଗୋବିନ୍ଦ ରଥଙ୍କ ପିତା ) ମୋତେ ସବୁ ବିଧିଗୁଡ଼ିକ କିପରି କରିବାକୁ ହୁଏ, ତାହା ଶିଖାଇ ଦେଲେ । ମୁଁ ତ ଆଗରୁ ପୋଥି ପଢ଼ି ସେଥିର ଆବଶ୍ୟକୀୟ ବିଷୟ ପ୍ରଣିଧାନ କରିଥିଲି । ବେଶୀ କିଛି କଷ୍ଟ ହେଲା ନାହିଁ । ସେ ଦିନର କାର୍ଯ୍ୟ ସୁରୁଖୁରୁରେ ତୁଲିଲା । ପ୍ରାୟ ୨୦ ଟଙ୍କା ଦକ୍ଷିଣା ପାଇବାରୁ ମୋର ଗୃହ ଖର୍ଚ୍ଚ ମଧ୍ୟ ସୁରୁଖୁରୁରେ ଚଳିଲା । ଏପରି ସାତ ଦିନରେ ପ୍ରତ୍ୟହ ୨୦ ଟଙ୍କା ଏବଂ କିଛି କିଛି ଚାଉଳ ଇତ୍ୟାଦି ସଞ୍ଚା ପାଇ ମୁଁ ଆଶ୍ୱସ୍ତ ହେଲି ଯେ ଭଗବାନଙ୍କ କୃପାରୁ ମୋର ଆର୍ଥିକ ଦୁର୍ଦ୍ଦଶା ତିରୋହିତ ହୋଇଛି । ତେବେ ଧାନସବୁ ବିକ୍ରି ହୋଇଥିବାରୁ ସେ ବର୍ଷ ଗୁଜୁରାଣ ଚଳାଇବାକୁ ଅଭାବ କଷ୍ଟସ୍ଥ ହେବ । ଏହା ଚିନ୍ତାକରି ମୁଁ ସେତେବେଳର ଏଗ୍ରିକଲ୍ଚର ଡାଇରେକ୍ଟର ଜଗନ୍ନାଥ ଦେଓଙ୍କ ଗୋଟିଏ ପତ୍ର ଲେଖି ଜଣାଇଲି ଯଦି ତୁମଠାରେ ଏ ବର୍ଷର କିଛି ମଞ୍ଜିଧାନ ବିକ୍ରି କରିବାକୁ ବଳି ଯାଇଥାଏ, ତାହା ମୋତେ ପଠାଇ ପାରିବ କି ? ଶ୍ରୀ ଦେଓଙ୍କର ମୋ ଉପରେ ଅଗାଧ ବିଶ୍ୱାସ ଥିଲା । କାରଣ ସେ ଜାଣିଥିଲେ ଯେ ମହାରାଜାଙ୍କ ପାଖରେ ରହି ମୋର ପ୍ରଭାବ ଓ ପ୍ରତିପତ୍ତି ଓଡ଼ିଶା ସରକାରରେ ଯଥେଷ୍ଟ ପରିମାଣରେ ରହିଛି । ସେ ମୋର ପତ୍ରଟି ପାଇବାକ୍ଷଣି ବାଙ୍କୋଇ ନାମକ ଅତି ସରୁ କିସମର ଧାନ ପ୍ରାୟ ୩୦ ବସ୍ତା ହେଲା, ଗାଡ଼ିରେ ମୋ-ନିକଟକୁ ପଠାଇଦେଲେ । ସେଥିର ମୂଲ୍ୟ ପରେ ମୁଁ ସେହି ଧାନରୁ କିଛି ବିକ୍ରି କରି ଦେଇ ତାଙ୍କୁ ପଠାଇଥିଲି । ସେ

Digitized by PPRACHIN, SOA

ଏକ ପ୍ରକାର ବ୍ୟବସାୟ କହିଲେ ଚଳେ । ୫୦ ବସ୍ତା ଧାନର ମୂଲ୍ୟ ପୁରୀ ଜିଲ୍ଲାରେ ଯାହା ସେଥିର ମାର୍କେଟ ମୂଲ୍ୟ ପାରଳାଖେମୁଣ୍ଡିରେ ସେତେବେଳେ ପ୍ରାୟ ୨ ଗୁଣ ହୋଇଥିଲା । ଏଣୁ ମୁଁ ପାଇଥିବା ଧାନର ଅଧେ ବିକ୍ରି କରି ଦେବାରୁ ସରକାରୀ ଟଙ୍କା ସମୁଦାୟ ପଠାଇବାକୁ ସମର୍ଥ ହେଲି ।

ଉପରେ ଯେଉଁ ପ୍ରସଙ୍ଗ ଉଲ୍ଲେଖ କରାଗଲା, ତାହା ମହାରାଜାଙ୍କ ଋଣ ସୁଝିବା କାଳର ବହୁ ପରବର୍ତ୍ତୀ ଘଟଣା । କେବଳ ପ୍ରସଙ୍ଗର ସାମଞ୍ଜସ୍ୟ ରକ୍ଷା କରିବାକୁ ଏହା ଉଲ୍ଲେଖ କରାଗଲା ।

୧୯୨୩ ମସିହାରେ ସର୍ବ ପ୍ରଥମେ ମୋର ଅଭିଲେଖ ପାଠ ଆରମ୍ଭ ହୋଇଥିଲା । କିନ୍ତୁ ସେତେବେଳେ ତାହା ଗବେଷଣାତ୍ମକ ପତ୍ରିକାମାନଙ୍କରେ ପ୍ରକାଶ କରିବାକୁ ସାହସ ହେଉ ନଥିଲା । ଏଥି ପାଇଁ ମୁଁ ଜଣେ ତେଲୁଗୁ ଗବେଷକଙ୍କର ସାହାଯ୍ୟ ପାଇବାକୁ ଚେଷ୍ଟା କଲି । ସେପରି ସୁବିଧା ମଧ୍ୟ ମୋତେ ହଠାତ୍ ମିଳିଗଲା । ଦିନେ ଅଧ୍ୟାପକ ଗିଡୁଗୁ ସୀତାପତିଙ୍କ ସଙ୍ଗେ ତାଙ୍କ ଗୃହକୁ ଯାଇଥିଲି । ତାଙ୍କର ପିତା ବୃଦ୍ଧ ଅଧ୍ୟାପକ ଗିଡୁଗୁ ରାମ ମୂର୍ତ୍ତି ଆନ୍ଧ୍ର ଦେଶର କାହିଁକି ସମଗ୍ର ଭାରତର ଜଣେ ପ୍ରଖ୍ୟାତନାମା ଐତିହାସିକ ଏବଂ ଗବେଷକ । ସେତେବେଳେ ସେ ଶବର ଭାଷାର ଅଭିଧାନ ଓ ବ୍ୟାକରଣ ପୁସ୍ତକାକାରରେ ଲେଖିବାକୁ ପ୍ରବୃତ୍ତ ହୋଇଥାନ୍ତି । ତାଙ୍କର ଓଡ଼ିଆ ଭାଷା ଶିଖିବାକୁ ବଳବତ୍ତର ଇଚ୍ଛାଥାଏ । ସେ ମୋତେ ଦେଖି ପାଖକୁ ଡାକି ନେଇ କହିଲେ, "ରାଜଗୁରୁ ! ତୁ ମୋତେ ଓଡ଼ିଆ ଶିଖାଇ ପାରିବୁ ?" ତାଙ୍କୁ ମୁଁ ଯଥେଷ୍ଟ ଭକ୍ତି ଓ ସମ୍ମାନ କରେ । ତେଣୁ କହିଲି—ପ୍ରତିଦିନ ଘଣ୍ଟାଏ କରି ମୁଁ ଆପଣଙ୍କ ଘରକୁ ଆସିପାରିବି । କିନ୍ତୁ ଆପଣ ମୋତେ ଏପିଗ୍ରାଫି ଶିଖାଇ ଦେବେ ।" ସେ ମୋ କଥାରେ ହସି କହିଲେ, "ଅତି ଉତ୍ତମ ପ୍ରସ୍ତାବ । ମୁଁ ତୋଠାରୁ ଓଡ଼ିଆ ଶିଖିବି ତୁ ମୋ'ଠାରୁ ଏପିଗ୍ରାଫି ଶିଖିବୁ । କିଏ କାହାକୁ କିଛି ପାରିଶ୍ରମିକ ଦେବାକୁ ପଡ଼ିବ ନାହିଁ ।" ଏହାପରେ ମୁଁ ପ୍ରାୟ ପ୍ରତିଦିନ ସନ୍ଧ୍ୟାରେ ତାଙ୍କ ଘରକୁ ଯାଏ । ତାଙ୍କ ସ୍ତ୍ରୀ ଆଦର କରି କଫି ଦିଅନ୍ତି । ଆମେ ଦିହେଁ ଗୋଟିଏ ନିରୋଳା କୋଠରିରେ ବସି ସେ ଯାହାର ଶିକ୍ଷା କରୁ । ତାଙ୍କରି ଘରେ ସର୍ବପ୍ରଥମେ 'ଏପିଗ୍ରାଫି ଇଣ୍ଡିକା' ନାମକ ଜର୍ଣ୍ଣାଲଟି ମୁଁ ଦେଖିଲି । ସେଥିର ଚତୁର୍ଥ ଭାଗରେ ତାଙ୍କ ଦ୍ୱାରା ପ୍ରକାଶିତ ମହାରାଜ ବଜ୍ରହସ୍ତଙ୍କ ତାମ୍ରଶାସନ ସର୍ବପ୍ରଥମେ ମୁଁ ପଢ଼ିବାକୁ ଆରମ୍ଭ କଲି । ସେଇ ତାମ୍ରଶାସନର ପ୍ରତିଛବିରୁ ପ୍ରାଚୀନ ଅକ୍ଷରଗୁଡ଼ିକ ସେ ପାଠ କରି ମୋତେ ଶିଖାଇ ଦେଲେ । ତଦବଧି ପ୍ରାଚୀନ ଅକ୍ଷର ପଢ଼ିବାକୁ ମୋର ଆଗ୍ରହ ସୃଷ୍ଟି ହେଲା । ଏ ଘଟଣାର କିଛି କାଳ ପରେ ସ୍ଥାନୀୟ ସଂସ୍କୃତ କଲେଜର ଇଂରାଜୀ ଅଧ୍ୟାପକ ହରିଦାସ ପଟ୍ଟନାୟକ ଗୋଟିଏ ତାମ୍ରଶାସନ ଗୁଚ୍ଛ ଆଣି ମୋ ହାତରେ ଦେଲେ । କହିଲେ ଆପଣ ଏପିଗ୍ରାଫି ଶିଖୁଛନ୍ତି ପରା ! ଏହା ପାଠ କରନ୍ତୁ । ମୁଁ ଅତି ଆନନ୍ଦ ସହକାରେ ସେହି ତାମ୍ରଶାସନ ଧୋଇ ପରିଷ୍କାର କରି ବହୁଦିନ ଲାଗି ପଢ଼ିବାକୁ

Digitized by PPRACHIN, SOA

ଚେଷ୍ଟା କଲି । ମୋର ଚେଷ୍ଟା ସଫଳ ହେଲା ଯେତେବେଳେ ଡଃ ଫ୍ଲିଟଙ୍କର କେତୋଟି ପ୍ରକାଶିତ ପ୍ରବନ୍ଧ ଓ ତାମ୍ରଲିପି ପଢ଼ିବା ସୁବିଧା ମୋତେ ମିଳିଲା । ଏହା ମଧ୍ୟ ସେହି ଗିଡ଼ୁଗୁ ରାମମୂର୍ତ୍ତିଙ୍କ ଗୃହ ଲାଇବ୍ରେରୀରୁ ମୁଁ ସଂଗ୍ରହ କରିଥିଲି । ଏହି ତାମ୍ରଶାସନର ଆବିଷ୍କାର ସମ୍ବନ୍ଧରେ ହରିଦାସ ପଟ୍ଟନାୟକଙ୍କଠାରୁ ମୁଁ ଖବର ପାଇଲି । 'ଖରସଣ୍ଡା' ନାମକ ପାରଳାଖେମୁଣ୍ଡିର ଗୋଟିଏ ମୌଜାରେ ଜମି ଚାଷ କଲାବେଳେ ସେଠାର ଗୋଟିଏ ଚାଷୀ ମୂଲିଆ ଏହା ଜମିରୁ ପାଇଥିଲେ । ଏହି ତାମ୍ରଶାସନଟି ମାଠର ବଂଶୀୟ ରାଜା ବିଶାଖବର୍ମା, ବିଷ୍ଣୁଶର୍ମା ପ୍ରଭୃତି କେତେକ ବ୍ରାହ୍ମଣଙ୍କୁ କୋରସୋଡ଼କ ନାମକ ଜିଲ୍ଲାରେ ତଫେଂସ୍ୱକ ଗ୍ରାମଟି ତାଙ୍କର ରାଜତ୍ୱର ସପ୍ତମ ବର୍ଷରେ ହେମନ୍ତ ସାତଦିନରେ ଦାନ କରିଥିବା ପ୍ରସଙ୍ଗ ଉଲ୍ଲେଖ ଅଛି । ଲିପିତତ୍ତ୍ୱ ଦୃଷ୍ଟିରୁ ଏଥିର କାଳ ଖ୍ରୀଷ୍ଟୀୟ ତୃତୀୟ ବା ଚତୁର୍ଥ ଶତାବ୍ଦୀର ବୋଲି କୁହାଯାଇପାରେ । ଯେଉଁ କୋରସୋଡ଼କ ଜିଲ୍ଲାର ନାମକରଣ ଏଥିରେ କରାଯାଇଛି, ତାହା ଯେ ବର୍ତ୍ତମାନ 'କୋରସଣ୍ଡା' ନାମରେ ପରିଚିତ ଏଥିରେ ଆଦୌ ସନ୍ଦେହ ନାହିଁ । ମୁଁ ଏହି ତାମ୍ରଶାସନକୁ ଗୋଟିଏ କ୍ଷୁଦ୍ର ପ୍ରବନ୍ଧରେ ଚର୍ଚ୍ଚିତ କରି ତାହା . ବିହାର ଓଡ଼ିଶା ରିସର୍ଚ୍ଚ ଜର୍ଣ୍ଣାଲର ଚତୁର୍ଦ୍ଦଶ ଭାଗ ୨୮୨ ପୃଷ୍ଠାରେ ପ୍ରକାଶ କଲି । କିଛିକାଳ ପରେ ଏଇ ତାମ୍ରଶାସନଟି ପୁନଃପ୍ରକାଶ କରିବାପାଇଁ ଜି. ରାମଦାସ ପାନ୍ତୁଲୁ ମୋତେ ଅନୁରୋଧ କଲେ । ମୋଠାରୁ ଅନୁମତି ନେଇ ସେ ତାହା ଏପିଗ୍ରାଫି ଇଣ୍ଡିକାର ୨୧ ଭାଗ ୨୩ ଠାରୁ ୨୫ ପୃଷ୍ଠାରେ ପୁନଃ ପ୍ରକାଶ କଲେ । ମହାରାଜା ବିଶାଖବର୍ମା କଳିଙ୍ଗରେ ମାଠର ବଂଶର ପ୍ରଥମ ରାଜା ବୋଲି ମୋର **Inscriptions of Orissa Vol-I Part-II Page 61-62**ରେ ଏବଂ **66**ରେ ନିର୍ଦ୍ଦେଶ କରିଛି ।

ଏପିଗ୍ରାଫି ଶିକ୍ଷା କଲାବେଳେ ତାହା ମୋର ଆଗ୍ରହ ଏତେଦୂର ବଢ଼ାଇଲା ଯେ, ଯେଉଁଠାକୁ ମୁଁ ଯାଏ ବା ଯେଉଁ ଲୋକଙ୍କ ସଙ୍ଗେ ମୁଁ ପରିଚିତ ହୁଏ, ତାଙ୍କୁ ପ୍ରଥମେ ପଚାରିଥାଏ ଯେ, ସେ ତାମ୍ରଶାସନ ବା ଶିଳାଲିପି କେଉଁଠାରେ ଥିବାର ଜାଣନ୍ତି କି ନାହିଁ । ଏପରି ଓଡ଼ିଶା ସାରା ଅନୁସନ୍ଧାନ କରିବା ସୁବିଧା ମୋତେ ମିଳି ନ ଥିଲେ ସୁଦ୍ଧା ଅଥବା କୌଣସି ଅନୁଷ୍ଠାନ ପକ୍ଷରୁ ଓଡ଼ିଶାରେ ସେ ପର୍ଯ୍ୟନ୍ତ ଏ ଦିଗରେ ଉଦ୍ୟମ ହୋଇ ନ ଥିଲେ ସୁଦ୍ଧା ମୋର ବ୍ୟକ୍ତିଗତ ଆଗ୍ରହ ଏବଂ ଉତ୍ସାହ ଯଥେଷ୍ଟ ପରିମାଣରେ ଫଳପ୍ରଦ ହୋଇ ଥିବାର ଜଣାଯାଏ । କାରଣ ମୁଁ ଏପରି ଅନୁସନ୍ଧାନ କରି ମୋଟରେ ଯେତେ ପ୍ରାଚୀନ ଅଭିଲେଖ ଆବିଷ୍କାର କରିଥିଲି, ଯେ ସବୁ ମିଶାଇ ଗୋଟିଏ ସୁନ୍ଦର ମ୍ୟୁଜିୟମ ବି କରି ହୁଅନ୍ତା ।

ଥରେ ବଡ଼ଖେମୁଣ୍ଡି ପୁଡ଼ାମାରିର ଜଣେ କଂଗ୍ରେସ କର୍ମୀ ମୋତେ ଚିଠି ଲେଖି ଜଣାଇଲେ ସେଠାରେ ବହୁତଗୁଡ଼ିଏ ତାମ୍ରଶାସନ ଭୂମି ଭିତରୁ ମିଳିଛି । ତାହା ସେଠାର ଜଣେ କୃଷକ ଘରେ ଅଛି । ସେ ତାମ୍ରମୂଲ୍ୟରେ ବିକି କରି ଦେବାକୁ ଚାହେଁ ।

Digitized by PPRACHIN, SOA

ଆପଣ ଶୀଘ୍ର ଆସିଲେ, ତାହା ଉଦ୍ଧାର କରିବେ । ଚିଠି ପାଇବା କ୍ଷଣି ମୁଁ ବ୍ରହ୍ମପୁର ଗଲି । ସେଠାରେ ମୋର ଶାଳକ ଅଭିମନ୍ୟୁ ମିଶ୍ର ଓକିଲାତି କରୁଥାନ୍ତି ଲିଙ୍ଗରାଜ ପାଣିଗ୍ରାହୀଙ୍କ ପାଖରେ ଜୁନିୟର ଓକିଲ ରୂପେ । ମୁଁ ତାଙ୍କ ଘରେ ଦିନଟିଏ ରହି ବଡ଼ଖେମୁଣ୍ଡି ଗଲି । ସେଠାର କଂଗ୍ରେସ କର୍ମୀଙ୍କ ସଙ୍ଗେ ମିଶି ପାଲଝାଡ଼ି ନାମକ ଗୋଟିଏ ଗ୍ରାମରେ ରହି ତାମ୍ରଶାସନଗୁଡ଼ିକ ପରୀକ୍ଷା କଲି । ନଅଟି ଫଳକ ତାମ୍ରଶାସନ ସେହି କୃଷକଙ୍କଠାରେ ଥିଲା । ସେ ନିକଟସ୍ଥ ଗୋଟିଏ ପଡ଼ିଆ ଜମିରେ ମାଟି ଖୋଳୁ ଖୋଳୁ ଗୋଟିଏ ବଡ଼ ହାଣ୍ଡି ଭିତରେ ସେ ସବୁ ଥିବାର ଦେଖିଲା । ସେହି ଆଦିବାସୀ ଗ୍ରାମରେ ଦୁଇଦିନ ରହି ତାଙ୍କଠାରୁ ମୁଁ ଯେତେବେଳେ ସେହି ତାମ୍ରଶାସନଗୁଡ଼ିକ କିଣି ଆଣିଲି ବ୍ରହ୍ମପୁର ଫେରି ଭୀଷଣ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହେଲି । ପ୍ରାୟ ୨୮ ଦିନ ଜ୍ୱରରେ ଶଯ୍ୟାଶାୟୀ ହେଲାପରେ ମୋର ଯେତେବେଳେ ଟିକିଏ ବଳ ପାଇଲି ସେ ସବୁ ଉଦ୍ଧୃତ ତମ୍ବାପଟା ଧରି ପାରଳାଖେମୁଣ୍ଡି ଫେରି ଆସିଲି । ଯଥାବିହିତ ପ୍ରକାରେ ତାହା ନିର୍ମଳ କରି ପଢ଼ିବାକୁ ଲାଗିଲି । ମୋର ଏତେ ଆନନ୍ଦ ହେଲା ଯେପରିକି ଓଡ଼ିଶା ଇତିହାସର ଗୋଟିଏ ଅଜ୍ଞାତ ଅନ୍ଧକାର ପ୍ରକୋଷ୍ଠ ମୁଁ ଫିଟାଇ ଦେବାକୁ ସମର୍ଥ ହୋଇଛି । ସେହି ତାମ୍ରଶାସନଗୁଡ଼ିକ ଶ୍ୱେତକ ଗଙ୍ଗବଂଶୀୟ ରାଜାମାନଙ୍କ ସମୟରେ ବ୍ରାହ୍ମଣମାନଙ୍କୁ ଭୂମିଦାନ କରାଯାଇଥିବା ପ୍ରସଙ୍ଗରେ ପରିପୂର୍ଣ୍ଣ । ଗୋଟିଏ ଧାରାବାହିକ ବଂଶବୃକ୍ଷ ଶ୍ୱେତକ ଗଙ୍ଗମାନଙ୍କ ସମ୍ବନ୍ଧରେ ପ୍ରଣୟନ କରିବାକୁ ଏଥିରେ ଯଥେଷ୍ଟ ଆଧାର ମିଳିଥିଲା । ସେଥିମଧ୍ୟରୁ ଗୋଟିଏ ତାମ୍ରଶାସନ ଅତି ମୂଲ୍ୟବାନ ବୋଲି ମୁଁ ବୁଝିପାରିଲି । କାରଣ ତାହା ଗଙ୍ଗବଂଶୀୟ ଜୟବର୍ମ ନାମକ ରାଜାଙ୍କ ସମୟରେ ବିରଜାରେ ରାଜଧାନୀ ସ୍ଥାପନ କରିଥିବା ଭୌମକର ବଂଶୀୟ ପ୍ରଥମରାଜା ଉନ୍ମତ କେଶରୀଙ୍କଠାରୁ ଅନୁଜ୍ଞା ପାଇ କୋଙ୍ଗଦ ରାଜ୍ୟର ବର୍ତ୍ତିନୀ ନାମକ ଗ୍ରାମ ବ୍ରାହ୍ମଣଙ୍କୁ ଦାନ କରିଥିଲେ । ଗଙ୍ଗ ଜୟବର୍ମାଙ୍କର ସମସାମୟିକ ଭୌମକର ବଂଶୀୟ ପ୍ରଥମ ରାଜାଙ୍କ ନାମ ସଙ୍ଗେ ଭୌମ ସମ୍ବତ୍ ମଧ୍ୟ ସେଥିରେ ଖୋଦିତ ହୋଇଥିବାରୁ ସେ ତାମ୍ରଶାସନଟି ଅତି ମୂଲ୍ୟବାନ ବୋଲି ମୁଁ ବିଚାର କଲି । ସେତେବେଳେ ଓଡ଼ିଶାରେ ଏହି ଉପାଦାନଗୁଡ଼ିକ ସଂରକ୍ଷଣ କରିବା ଅନୁଷ୍ଠାନ ଗଠିତ ହୋଇ ନ ଥିଲା । କେବଳ ମୟୂରଭଞ୍ଜ ମହାରାଜାଙ୍କ ଉଦ୍ୟମରେ ରମା ପ୍ରସାଦ ଚନ୍ଦ ଓ ପରମାନନ୍ଦ ଆଚାର୍ଯ୍ୟଙ୍କ ଜରିଆରେ ଗୋଟିଏ ପ୍ରତ୍ନତତ୍ତ୍ୱଶାଳା ଗଠିତ ହୋଇଥିଲା । ସେଠାରେ ସୁରକ୍ଷା ନିମନ୍ତେ ଏହି ନିର୍ଦ୍ଦିଷ୍ଟ ତାମ୍ରଶାସନଟି ମୁଁ ପଠାଇବାରୁ ପରମାନନ୍ଦ ଆଚାର୍ଯ୍ୟ ସେଥିର ମୂଲ୍ୟ ରୂପେ ମୋତେ ୧୫୦ ଟଙ୍କା ଏବଂ ଗୌରୀ ଶଙ୍କର ଓଝାଙ୍କ ପ୍ରଣିତ 'ଭାରତୀୟ ପ୍ରାଚୀନ ଲିପିତତ୍ତ୍ୱ' ନାମକ ପୁସ୍ତକ ମୋତେ ଦେଇଥିଲେ । ଏହି ପୁସ୍ତକଟି ମୋ ଲିପିତତ୍ତ୍ୱ ଜ୍ଞାନକୁ ଉତ୍ତରୋତ୍ତର ସମ୍ମାର୍ଜିତ କଲା କହିଲେ ଚଳେ । ଅନ୍ୟ ତାମ୍ରଶାସନଗୁଡ଼ିକ ମୁଁ କଲିକତା ମ୍ୟୁଜିୟମକୁ ପଠାଇ ଦେଇଥିଲି । କାରଣ ସେତେବେଳେ ବହି କିଣିବାକୁ ମୋର ଟଙ୍କା ଦରକାର ପଡ଼ୁଥିଲା । ପାରଳାଖେମୁଣ୍ଡି ଲାଇବ୍ରେରୀରେ ମୋର ଅଧ୍ୟୟନ ପାଇଁ ବହିର

Digitized by PPRACHIN, SOA

ଅଭାବ ହେତୁ ଗବେଷଣା କ୍ଷେତ୍ରରେ ମୁଁ ବେଶୀ କିଛି ସୁବିଧା ପାଉ ନ ଥିଲି । କେବେ କେବେ ପ୍ରାଚୀନ ତାମ୍ରଶାସନ ଓ ମୁଦ୍ରା ସଂଗ୍ରହ କରି ତାହା ପତ୍ରିକାମାନଙ୍କରେ ପ୍ରକାଶ କଲାପରେ କୌଣସି ନା କୌଣସି ମ୍ୟୁଜିୟମକୁ ପଠାଇଦେଇ ସେଥିର ଲବ୍ଧ ଧନରେ ଆବଶ୍ୟକୀୟ ପୁସ୍ତକ କିଣୁଥିଲି ।

୧୯୬୫ ମସିହାରେ ଦିନେ ମୁଁ ଓ ନନା ରାତିରେ ଭୋଜନ କରୁଥିଲୁ । ନନାଙ୍କ ପାଖରେ ମୋର ୫ ବର୍ଷ ବୟସର ପୁଅ ରାଧାଶ୍ୟାମ ବସି ଖାଉଥିଲା । ହଠାତ୍ ତା' ଦେହ ସାରା କୁଣ୍ଡିଆ ହୋଇ ଫଳ ଫଳ ( Allergy ) ହେବାରୁ ମୁଁ ତାକୁ ଗୋଟିଏ ଖଟରେ ନେଇ ଶୁଆଇଦେଲି । ରାତିରେ ତାକୁ ଜ୍ୱର ହେଲା । ପରଦିନ ଡଃ ବୈକୁଣ୍ଠମ ଆସି ପରୀକ୍ଷା କଲେ । ଚିକିତ୍ସା କିଛିଦିନ ନିୟମିତ ରୂପେ ଚଲାଇଲୁ । ପ୍ରାୟ ୭ଦିନ ପରେ ଜ୍ୱର ଉପଶମ ହେଲା ସତ; କିନ୍ତୁ ଡାକ୍ତରଙ୍କର ବିରସ ମୁଖରୁ ମୁଁ ବୁଝିଲି ଯେ କିଛି ଗୋଟିଏ ଅଶୁଭ ଲକ୍ଷଣ ଦେଖାଯାଇଛି । ସେଦିନ ସନ୍ଧ୍ୟାରେ ଡାକ୍ତର ମୋତେ ତାଙ୍କ ଘରକୁ ଡାକିନେଇ କହିଲେ,"ଏ ପିଲାଟିର ଆଶା ତୁମେ ରଖ ନାହିଁ ।" ମୁଁ ହଠାତ୍ ଏପରି କଥା ତାଙ୍କଠାରୁ ଶୁଣି ଆଶ୍ଚର୍ଯ୍ୟ ହେଲି, "କହିଲି ରୋଗ ତ ଭଲ ହୋଇ ଯାଇଛି । କାହିଁକି ତୁମେ ଏତେ ବଡ଼ କଥା କହିଲ ?" ସେ କିଛିଏ ଚୁପ୍ ରହି ଗମ୍ଭୀର କଣ୍ଠରେ କହିଲେ, "ପିଲାକୁ ର୍ୟୁମାଟିକ୍ ଫିଭର ହୋଇ ତା'ର କଲିଜା ଭିତରେ ଯେଉଁ ରାଇଟ୍ ଭେଣ୍ଟ୍ରିକଲ ପତଳା ଚମଡ଼ାଟି ରହିଛି, ତାହା ଡ୍ୟାମେଜ ହୋଇଯାଇଛି । ତେଣୁ ପିଲା ଯେତେ ବଢ଼ିବ ସେହି ପରିମାଣରେ ତା'ର କଲିଜାର ଡ୍ୟାମେଜ ମଧ୍ୟ ବଢ଼ିବ । ଏହା ଫଳରେ ଥରକୁ ଥର ସେ ଶଯ୍ୟାଶାୟୀ ହେବ । ଭାରି କଷ୍ଟ ପାଇବ ।" ଶେଷକୁ ସତ ତାହାହିଁ ହେଲା । ମାସେ ଦୁଇ ମାସ ଛଡ଼ାରେ ତା'ର ହୃଦ୍‌ସ୍ପନ୍ଦନର ବେଗ ବଢ଼ିଯାଏ । ଜ୍ୱର ହୋଇ ତାହା ଭୀଷଣ ଆକାରରେ କଷ୍ଟଦାୟକ ହୁଏ । ପୂର୍ଣ୍ଣ ବିଶ୍ରାମ ଦେବା ଏ ରୋଗର ପ୍ରଧାନ ଚିକିତ୍ସା । ତଥାପି ତା'ର ଚଞ୍ଚଳ ମନ ଓ ଅସ୍ଥିରତାକୁ ରୋକାଯାଇ ପାରୁ ନ ଥିଲା । ଫଳରେ ବାରମ୍ବାର ସେ ଶଯ୍ୟାଶାୟୀ ହେଉଥିଲା ଓ ଆମ ସମସ୍ତଙ୍କୁ ସେଥିରେ ବିଷାଦଗ୍ରସ୍ତ କରି ଦେଉଥିଲା । ଯେତେବେଳେ ହୃଦ୍‌ଯନ୍ତ୍ରଣା ଅସହ୍ୟ ହୁଏ, କୋରାମିନ୍ ପ୍ରଭୃତି ବିଷାକ୍ତ ଔଷଧ ଦେଇ ତାକୁ ଚିକିତ୍ସା କରାଯାଉଥିଲା । ସମୟେ ସମୟେ ଏପରି ଉତ୍କଟ ଯନ୍ତ୍ରଣା ସହି ନ ପାରି ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଛି ଓ ତାକୁ ବହୁ କଷ୍ଟରେ ସମ୍ଭାଳି ସେଥିରୁ ନିବୃତ୍ତ କରାଯାଇଛି । ଦିନ ବା ରାତି ଯେ କୌଣସି ସମୟରେ ହଠାତ୍ ପେର୍‌ପିଟେସନ ଜାତ ହୁଏ, ଜୀବନ ମରଣ ସମସ୍ୟା । ଏଥିରୁ ତାକୁ ରକ୍ଷା କରିବାପାଇଁ କେତେଥର କେତେ ଡାକ୍ତରଙ୍କୁ ଯେ ସମୟ ଅସମୟରେ ଡାକିଆଣି ଚିକିତ୍ସା କରାଯାଇଛି, ତାହା ଆଜି ସ୍ମରଣ କଲେ ମୋର ଛାତି ଥରିଯାଏ । ଏମିତି ବହୁ ଆଘାତର ସମ୍ମୁଖୀନ ହୋଇ ତାକୁ ମୁଁ ୧୯୫୬ ସାଲରେ ଅର୍ଥାତ୍ ତା'ର ବୟସ ୩୦ ବର୍ଷ ହେବାଯାଏ ବଞ୍ଚାଇ ରଖିପାରିଥିଲି । ଏଥିପାଇଁ ତାକୁ ମଧ୍ୟ ବିବାହ

Digitized by PPRACHIN, SOA

ହୋଇପାରି ନ ଥିଲା । ସେ କିନ୍ତୁ ଯୌବନରେ ରାଜନୈତିକ କ୍ଷେତ୍ରରେ ଏବଂ ସାମାଜିକ ସେବାରେ ଆତ୍ମନିୟୋଗ କରିଥାଏ । ଭାରତ ବିଖ୍ୟାତ ସମାଜବାଦୀ ନେତା ଡାକ୍ତର ରାମ ମନୋହର ଲୋହିଆଙ୍କର ସେ ପରମଭକ୍ତ ହୋଇଥିବାରୁ ଥରେ ଲୋହିଆ ପାରଳାଖେମୁଣ୍ଡି ଆସି ତା'ର ସହଯୋଗରେ ଗୋଟିଏ ବଡ଼ ସଭା ଏଠାରେ କରିଥିଲେ ଓ କମ୍ୟୁନିଷ୍ଟ ପାର୍ଟିର ଗୋଟିଏ ଶାଖା ମଧ୍ୟ ଏଠାରେ ସ୍ଥାପନ କରିଥିଲେ । ଡାକ୍ତର ଲୋହିଆଙ୍କ ସଙ୍ଗେ ତା'ର ଗ୍ରୁପ ଫଟୋଟି ଅଦ୍ୟାପି ଆମ ଘରେ ରହିଛି ।

ମୋର ମନେପଡ଼ୁଛି ରାଧାନାଥ ରାୟ ତାଙ୍କର କବିତାରେ ଲେଖିଛନ୍ତି, ଲୋକେ ଭାବନ୍ତି ଅମୁକେ ଉଚ୍ଚ ବ୍ୟକ୍ତିର ଶକ୍ତି ଅଛି; କିନ୍ତୁ ସେଥିରେ ସେ ନିୟୋଗ ନ କରୁଛି କାହିଁକି ? କିନ୍ତୁ ତାର ଗୋଡ଼ରେ ଯେଉଁ ଶୃଙ୍ଖଳ ବନ୍ଧା ହୋଇଛି ତାହା ସେମାନେ ଦେଖି ପାରନ୍ତି ନାହିଁ । ଏହା କଠୋର ସତକଥା । ମୁଁ ସାହିତ୍ୟ ଓ ଐତିହାସିକ ଗବେଷଣାମୂଳକ ପ୍ରବନ୍ଧ-ମାନ ଲେଖିବାକୁ ଗଲାବେଳେ ହୁଏତ ହଠାତ୍ ମୋ ପୁଅର ସେହି ହୁଦ୍‌ରୋଗ ଦେଖା ଦେଉଥାଏ । ସେତେବେଳେ ମୋର ଚିନ୍ତାଧାରା ଛିନ୍ନ ହୋଇଯାଏ । ମୁଁ ସେହି ଆଲୋଚନାରୁ ନିବୃତ୍ତ ହେବାକୁ ବାଧ୍ୟହୁଏ । ଭଗବାନଙ୍କର ଏଥିରେ କି ନିର୍ଦ୍ଦେଶ କେଜାଣି ମୁଁ ଆଉ ସେହି ଅର୍ଦ୍ଧଲିଖିତ ପ୍ରବନ୍ଧ ପୂର୍ଣ୍ଣ କରିପାରେ ନାହିଁ । ଏମିତି କେତେ ଯେ ଅସମାପ୍ତ ଲେଖା ମୋର ନଷ୍ଟ ହୋଇଯାଇଛି ସେଥିର ସଂଖ୍ୟା କହିପାରିବ ନାହିଁ । କେବଳ ଅଦୃଷ୍ଟ ଭବିତବ୍ୟତା ହିଁ ସୃଷ୍ଟି ପଥରେ ଜାଗ୍ରତ ହୁଏ, ଯାଥାର୍ଥରେ କବି ସେହି ଜଟିଳତା ଭିତରେ ବୁଡ଼ିଯାଇ ପ୍ରଶ୍ନ କରିଥିଲେ—

"In the light of the sun, who is that shines ?
In the gloom of the night, who is that darkness ?
Up up above the mount, who is that soars ?
Up up above the clouds, who is that roars ?"

ଥରେ ମାନ୍ଦ୍ରାଜର ତତ୍କାଳୀନ ମନ୍ତ୍ରୀ ସାର୍. ପର୍ଶୁରାମ ପାତ୍ର ପାରଳାଖେମୁଣ୍ଡି ଆସିଥିଲେ । ସେ ବ୍ରହ୍ମପୁରରେ ଓଁକିଲାତି କରିବା ସମୟରୁ ନନାଙ୍କର ଅତି ପରିଚିତ ବନ୍ଧୁ ଥିଲେ । ତେଣୁ ନନାଙ୍କୁ ଦେଖିବା ପାଇଁ ସେ ଆମ ଘରକୁ ଆସିଥାନ୍ତି । ତାଙ୍କର ସତ୍କାର କାର୍ଯ୍ୟରେ ମୁଁ ଓ ମୋର ଭଣଜାଇ ବାସୁଦେବ ମିଶ୍ରେ ଲାଗିଥାଉ । ସେତେବେଳକୁ ବାସୁଦେବ ମିଶ୍ରେ ବଙ୍ଗଳା ବରହମପୁରରୁ ବି. ଏ. ପାଶ୍ କରି ପାରଳାଖେମୁଣ୍ଡି ଫେରିଥାନ୍ତି । ଆମ ଦୁହିଁଙ୍କୁ ଦେଖି ସାର୍ ପାତ୍ର ନନାଙ୍କୁ କହିଲେ—"ତମ ପୁଅଙ୍କୁ ବେକାର କରି ରଖିବ କାହିଁକି ? ମୁଁ ଗୋଟିଏ ସବ୍ ରେଜିଷ୍ଟର ଚାକିରି ଦେବି । ସେ କାମ କରନ୍ତୁ ।" ଏଠାରେ କହି ରଖିବା ଆବଶ୍ୟକ ଯେ ମାନ୍ଦ୍ରାଜ ସରକାରରେ ସେତେ-

Digitized by PPRACHIN, SOA

ବେଳେ ମନ୍ତ୍ରୀମାନଙ୍କର କ୍ଷମତା ବହୁତ ବେଶୀ ଥିଲା । କର୍ମଚାରୀ ନିଯୁକ୍ତି ପାଇଁ ସରକାରୀ ଦପ୍ତରରେ ପରାମର୍ଶ ଦରକାର ପଡ଼ୁ ନଥିଲା । ମନ୍ତ୍ରୀ ଇଚ୍ଛାକଲେ ଯେ କୌଣସି ଲୋକଙ୍କୁ ସରକାରୀ କାର୍ଯ୍ୟରେ ନିଯୁକ୍ତ କରି ପାରୁଥିଲେ । ସାର୍‌ ପାତ୍ରଙ୍କର ପୋର୍ଟଫୋଲିଓ ଥିଲା ରେଜିଷ୍ଟ୍ରେସନ ଓ କୋଅପରେଟିଭ୍‌ । ତାଙ୍କ ପ୍ରସ୍ତାବ କ୍ରମେ ନନା ମୋ ଆଡ଼କୁ ଚାହିଁଲେ । ମୁଁ ଅତି ଭଦ୍ରତାର ସହିତ ସାର୍‌ ପାତ୍ରଙ୍କୁ କହିଲି, "ଯଦି ସରକାରୀ ଚାକିରିରେ ମୋତେ ଆପଣ ନିଯୁକ୍ତ କରିବେ, ତା' ହେଲେ ଅବଶ୍ୟ ମୁଁ ସୁଖରେ ଜୀବନ ଯାପନ କରିପାରେ; କିନ୍ତୁ ଆମ ପରିବାରର ସେଉଁ କର୍ତ୍ତବ୍ୟ ରାଜନଗରରେ ପୁଣି ମହାରାଜାଙ୍କ ପାଖରେ ରହିଛି, ତାହାଁ କିଏ ତୁଲାଇବ ?" ସାର୍‌ ପାତ୍ର ହସିଦେଇ ନନାଙ୍କୁ ପଚାରିଲେ, "ଆଉ ପିଲାଟି କିଏ ?" ନନା କହିଲେ, "ସେ ମୋର ଭାଇଙ୍କ ଜ୍ୱାଇଁ ପଣ୍ଡିତ ଆତ୍ମାରାମ ମିଶ୍ରଙ୍କ ପୁତ୍ର । ନୂଆ ବି. ଏ. ପାଶ୍‌ କରିଛନ୍ତି । ଆପଣ ଯଦି ତାଙ୍କୁ ସେ କାର୍ଯ୍ୟରେ ନିଯୁକ୍ତ କରିଦିଅନ୍ତି ଉତ୍ତମ ହେବ ।" ତାହାହିଁ ହେଲା । ଅଳ୍ପଦିନ ଭିତରେ ତାଙ୍କର ନିଯୁକ୍ତି ପତ୍ର ଆସିଲା । ମୋର ବନ୍ଧୁ ବାସୁଦେବ ମିଶ୍ର ସବ୍‌ରେଜିଷ୍ଟ୍ରିରେ ପୂର୍ବ ଗୋଦାବରୀ ଜିଲ୍ଲା ପେଦାପୁର ଠାରେ ପ୍ରଥମେ କାମ କରିବାକୁ ଲାଗିଲେ ।

ପାରଳାଖେମୁଣ୍ଡିରେ ମହାରାଜାଙ୍କ କକେଇ ପଦ୍ମନାଭ ଦେବ ଜଣେ ଉଚ୍ଚକୋଟିର ସାହିତ୍ୟିକ ଓ ସଙ୍ଗୀତ ପ୍ରେମୀ ଥିଲେ । ତାଙ୍କର ଅକାଳ ବିୟୋଗ ପରେ ସ୍ମୃତି ରକ୍ଷା ସକାଶେ ତାଙ୍କ ନାମରେ ଗୋଟିଏ ଥିଏଟର ଗୃହ ନିର୍ମିତ ହେଲା । ମହାରାଜା ଏଥିର ଉନ୍ନତି ନିମନ୍ତେ ଗୋଟିଏ ଶ୍ରେଷ୍ଠ କାର୍ଯ୍ୟକାରୀ-ସମିତି ଗଢ଼ି ପିଲ୍ଲ-ମାନଙ୍କୁ ସଙ୍ଗୀତ ଓ ନାଟକ ଶିକ୍ଷା ଦେବାର ବ୍ୟବସ୍ଥା କଲେ । ବହୁ ଗରିବ ଛାତ୍ର ଅବୈତନିକ ଶିକ୍ଷା ସଙ୍ଗେ, ରହିବା ଓ ଖାଦ୍ୟପେୟ ଇତ୍ୟାଦି ସକାଶେ ସାହାଯ୍ୟ ପାଇ ସେହି ନାଟକ ଦଳରେ ଯୋଗ ଦେଇଥାନ୍ତି । ମୋର ଜଣେ ସମ୍ପର୍କୀୟ ଦିଦେଇ ଚନ୍ଦ୍ରଶେଖର ରାଜଗୁରୁ ସେତେବେଳେ ରଙ୍ଗାଳୟର ମ୍ୟାନେଜର ପଦରେ ନିଯୁକ୍ତ ହୋଇଥାନ୍ତି । ଏଣୁ ସେଥିର ସୁବିଧା ନେଇ ମୁଁ କେବେ କେବେ ସେଠାକୁ ଯାଇ ପିଲ୍ଲ-ମାନଙ୍କର ଦ୍ୱାରା ମୋର 'କଳଙ୍କ-ବିଜୟ' ନାମକ ଗୋଟିଏ ନାଟକ ଅଭିନୟ କରିବାକୁ ଚେଷ୍ଟାକଲି । ଦିଦେଇ ମଧ୍ୟ ଏଥିରେ ମୋତେ ଉତ୍ସାହିତ କଲେ । ଯଥା ସମୟରେ ନାଟକଟି ଶିକ୍ଷା କରାଗଲା ଓ ମହାରାଜାଙ୍କ ନିର୍ଦ୍ଦେଶମତେ ବସନ୍ତ-ନିବାସରେ ତାହା ଅଭିନୀତ ହେଲା । ନାଟକଟି ଗଙ୍ଗବଂଶୀୟ ମହାରାଜା ରାଜରାଜ ଦେବଙ୍କ ସମୟର ଐତିହାସିକ ଘଟଣାକୁ ନେଇ ଲେଖା ଯାଇଥିଲା । ଶୈଳବଂଶୀୟ ରାଜା ରାଜେନ୍ଦ୍ର ଶୈଳ କିପରି କଳିଙ୍ଗର ଗଙ୍ଗବଂଶୀୟ ରାଜାଙ୍କ ଦ୍ୱାରା ପରାସ୍ତ ହୋଇ ତାଙ୍କ କନ୍ୟା ରାଜସୁନ୍ଦରୀଙ୍କୁ ରାଜରାଜଙ୍କ ହସ୍ତରେ ଅର୍ପଣ କରିଥିଲେ ସେଥିର ବିଶଦ ବିବରଣୀ ଏହି ନାଟକରେ ପ୍ରକାଶ କରାଯାଇଥିଲା । ମହାରାଜା ନିଜେ ସମୁଦାୟ ନାଟକଟି ଅଭିନୀତ ହେବାର ଦେଖି ବଡ଼ ସନ୍ତୁଷ୍ଟ ହେଲେ । ପରଦିନ ମୋତେ ଡକାଇ ନେଇ ସେ କହିଲେ, "ଆମ ବଂଶରେ

Digitized by PPRACHIN, SOA

ଏପରି ବୀର ରାଜାମାନେ ଥିଲେ ତାହାତ ଆମେ ଜାଣି ନ ଥିଲୁ । ଆପଣ ଏ ସବୁ କଥା କେଉଁଠାରୁ ପାଇଲେ ?" ମୁଁ କହିଲି, "ଇତିହାସର ଠିକ ତଥ୍ୟ ବିବରଣୀ ଜାଣିବାକୁ ହେଲେ ବହୁତ କିଛି ପୁସ୍ତକ ପଢ଼ିବା ଦରକାର । ମୁଁ ଯେତେ ପାରୁଛି ପ୍ୟାଲେସ୍-ଲାଇବ୍ରେରୀ ଓ କଲେଜ-ଲାଇବ୍ରେରୀରୁ ସଂଗ୍ରହ କରି ପାରୁଛି ।" ମହାରାଜା କହିଲେ, "ତୁମେ ଆମ ବଂଶର ଇତିହାସ ଲେଖ । ସେଥିପାଇଁ ମୁଁ ତୁମର ସବୁ ଖର୍ଚ୍ଚ ଦେଇ କଲିକତା ଇମ୍ପିରିୟାଲ-ଲାଇବ୍ରେରୀକୁ ପଠାଇବି । ସେଠାରେ ତୁମେ ଦୁଇମାସ ରହି ଆବଶ୍ୟକ ପ୍ରକାରେ ଇତିହାସ ସଙ୍କଳନ କରିବ ।" ମହାରାଜାଙ୍କର କଥା ଯାହା କାର୍ଯ୍ୟ ମଧ୍ୟ ତଦନୁରୂପ ହୋଇଥାଏ । ସେ ଦୃଢ଼ପ୍ରତିଜ୍ଞ ଓ ବଡ଼ ଉଦାରଚେତା । କଲେଜର ଇତିହାସ ଅଧ୍ୟାପକ (ପରେ ମୋର ବନ୍ଧୁ) ପ୍ରଭାତ ମୁଖାର୍ଜୀଙ୍କୁ ମଧ୍ୟ ମୋ ସାଥିରେ କଲିକତା ପଠାଗଲା । ଆମ ଭିତରେ ଏହା ଠିକ୍ ହେଲା ଯେ ପ୍ରାଚୀନ ଓ ମଧ୍ୟଯୁଗ ବିଷୟ ମୁଁ ଲେଖିବି, ପୁଣି ଆଧୁନିକ ଯୁଗର ଇତିହାସ ମୁଖାର୍ଜୀବାବୁ ଲେଖିବେ । ତା' ହେଲେ ଅବିଳମ୍ବେ ପୁସ୍ତକଟି ପୂର୍ଣ୍ଣ ହୋଇ ପାରିବ । ଏପରି ମସୁଧା କରି ଆମେ ଦୁହେଁ ମହାରାଜାଙ୍କଠାରୁ ଖଣ୍ଡିଏ ସ୍ୱତନ୍ତ୍ର ପରିଚୟ-ପତ୍ର ନେଇ କଲିକତା ଗଲୁ । ସେତେବେଳେ ନ୍ୟାସନାଲ୍-ଲାଇବ୍ରେରୀର ନାମ ଥିଲା ଇମ୍ପିରିୟାଲ-ଲାଇବ୍ରେରୀ । ତାହା ଚୌରଙ୍ଗୀର ମଧ୍ୟ ସ୍ଥଳରେ ଗୋଟିଏ ବିରାଟ ଗୃହରେ ସ୍ଥାପିତ ହୋଇଥିଲା । ମୁଁ ଗୋଟିଏ ତାମିଲ୍ ହୋଟେଲରେ ବସା ନେଲି । ଶ୍ରୀ ମୁଖାର୍ଜୀ ତାଙ୍କର ଜଣେ ବନ୍ଧୁଙ୍କ ଘରେ ରହିଲେ । ଆମର କାମ ନିୟମିତ ରୂପେ କିଛିଦିନ ଚାଲିଲା । ସେତେବେଳେ ଦିନେ ଗୋଟିଏ ପାର୍କରେ ହଠାତ୍ ଜଣେ ବୃଦ୍ଧଙ୍କ ସଙ୍ଗେ ମୋର ଓ ମୁଖାର୍ଜୀଙ୍କର ସାକ୍ଷାତ ହୁଏ । ସେ ବୃଦ୍ଧ ହେଉଛନ୍ତି ଢାକା ୟୁନିଭରସିଟିର ଭୂତପୂର୍ବ ଭାଇସ୍-ଚ୍ୟାନସେଲର ଡକ୍ଟର ରମେଶ ଚନ୍ଦ୍ର ମଜୁମଦାର * । ସେତେବେଳେ କଲିକତା ୟୁନିଭରସିଟିର ବହୁ ଅଧ୍ୟାପକ ଓ ଗ୍ରୁପ ତାଙ୍କ ଅଧୀନରେ ପି. ଏଚ୍. ଡି. ପାଇଁ ଇତିହାସ ଗବେଷଣାରେ ଲାଗିଥାନ୍ତି । ଶ୍ରୀ ମୁଖାର୍ଜୀ ତାଙ୍କୁ ନମସ୍କାର କରି ମୋ ସଙ୍ଗେ ପରିଚୟ କରାଇଦେଲେ । ସେତେବେଳକୁ ବିହାର ଓଡ଼ିଶା ଗବେଷଣା ପତ୍ରିକାରେ ଏବଂ ଆନ୍ଧ୍ର ପତ୍ରିକାରେ ମୋର କେତୋଟି ପ୍ରବନ୍ଧ ପ୍ରକାଶିତ ହୋଇ ସାରିଥାଏ । ତେଣୁ ଡକ୍ଟର ମଜୁମଦାରଙ୍କଠାରେ ମୁଁ ଅପରିଚିତ ନ ଥିଲି । ସେ ମୋତେ ନିତାନ୍ତ ଯୁବକ ଦେଖି କୁଣ୍ଢାଇ ପକାଇଲେ । କହିଲେ, "ତୁମ ସଙ୍ଗେ ବହୁ ଦିନରୁ ମୁଁ ଦେଖା କରିବାକୁ ଇଚ୍ଛା କରିଥିଲି । ତୁମେ ଏତେ ଅଳ୍ପ ବୟସରେ ଯେଉଁ ତାମ୍ର ଶାସନଗୁଡ଼ିକ ପ୍ରକାଶ କରିଛ, ତାହା ଆମମାନଙ୍କୁ ବହୁତ କିଛି ନୂଆ ତଥ୍ୟ ଯୋଗାଇ ଦେଇଛି । ତୁମେ ଯଦି ଏପରି କେତୋଟି ଲେଖା ମୋତେ ଦିଅନ୍ତ ମୁଁ ତାହା

---

* ଡା ମଜୁମ୍‌ଦାରଙ୍କ ଦେହାନ୍ତ ଫେବୃୟାରି, ୧୯୮୦ ମସିହାରେ କଲିକତାଠାରେ ହୋଇଅଛି ।

Digitized by PPRACHIN, SOA

ଆମର ବଙ୍ଗଳା ପତ୍ରିକାମାନଙ୍କରେ ବଙ୍ଗ ଭାଷାରେ ପ୍ରକାଶ କରି ଦେଉନ୍ତି ।" ମୁଁ ମନେ ମନେ ବିଚାରିଲି, କେଡ଼େ ଉନ୍ନତ ପ୍ରାଣ ଏ ! ଡକ୍ଟର ମଜୁମଦାର । ଯାହାଙ୍କର ଦେଖା-ସାକ୍ଷାତ ମିଳିବା ଭାରତର ବଡ଼ ବଡ଼ ପଣ୍ଡିତମାନେ ମଧ୍ୟ ଭାଗ୍ୟ ବୋଲି ମନେ କରିଥାନ୍ତି, କି ସରଳ ଓ ସ୍ୱଚ୍ଛ ବ୍ୟବହାର ତାଙ୍କର । ଅନେକ ବଙ୍ଗାଳୀ ପଣ୍ଡିତଙ୍କୁ ମୁଁ ଜାଣିଛି । ଓଡ଼ିଆ ଦେଖିଲେ ସେମାନେ ନାକ ଟେକନ୍ତି । କିନ୍ତୁ ଏଠାରେ ସେଥିରେ ଆଦୌ କିଛି ଲକ୍ଷଣ ନାହିଁ । ସେଇ ଦିନୁ ପ୍ରତ୍ୟହ ସନ୍ଧ୍ୟାରେ ସେହି ପାର୍କରେ ତାଙ୍କ ସଙ୍ଗେ ମୋର ଦେଖାସାକ୍ଷାତ ହୁଏ । ସେତେବେଳେ ବୋଧହୁଏ ତାଙ୍କର ବିରାଟ ଗ୍ରନ୍ଥ 'History of Bengal' ଯାହାକି ଢାକା ୟୁନିଭରସିଟି ପକ୍ଷରୁ ପ୍ରକାଶ କରାଯାଇଥିଲା, ସେଥିର ଗୋଟିଏ ସଂଶୋଧିତ ଏଡ଼ିସନ୍ କରିବାକୁ ସେ ଲାଗିଥାନ୍ତି । ତାଙ୍କ କାର୍ଯ୍ୟରେ କଲିକତାର ବହୁ ଇତିହାସ ଛାତ୍ର ସାହଚର୍ଯ୍ୟ କରୁଥାନ୍ତି । ମୁଁ ଦିନେ ତାଙ୍କର ସେହି ଅଫିସକୁ ଯାଇ ଆଶ୍ଚର୍ଯ୍ୟ ହୋଇ ଦେଖିଲି ଯେ ତାହା ଗୋଟିଏ ବିରାଟ ବ୍ୟବସ୍ଥା । କେତେଗୁଡ଼ିଏ ଟେବୁଲ ଓ ଚେୟାର ଶ୍ରେଣୀବଦ୍ଧ ହୋଇ ହଲ୍ ଭିତରେ ପଡ଼ିଛି । ପ୍ରତ୍ୟେକଟିରେ ଜଣେ ଜଣେ ଅଧ୍ୟାପକ ବା ଛାତ୍ର କାମ କରୁଛନ୍ତି । କେତୋଟି ଆଲମୀରାରେ ବହିପତ୍ର ସଜା ହୋଇ ରହିଛି । ଏ ସବୁ କରିବାକୁ ଡକ୍ଟର ମଜୁମ୍‌ଦାରଙ୍କ ହାତରୁ ବୋଧହୁଏ ଖର୍ଚ୍ଚ କରିବାକୁ ପଡୁ ନଥିଲା । ମୁଁ ଅନୁମାନ କଲି ହୁଏତ କଲିକତା ବିଶ୍ୱବିଦ୍ୟାଳୟ ଅଥବା ବାହାର ପ୍ରକାଶକ-ମଣ୍ଡଳୀ ସେଥିର ଖର୍ଚ୍ଚ ବହନ କରିଥିବେ । ଓଡ଼ିଶାରେ ଆଜିଯାଏ ଏପରି ଗୋଟିଏ ସୁନ୍ଦର ଅନୁଷ୍ଠାନ ଗଢ଼ା ହୋଇପାରି ନାହିଁ । ସରକାରଙ୍କ ପକ୍ଷରୁ ଏଯାବତ୍ ଯାହା କିଛି ଉଦ୍ୟମ ହୋଇଛି,ସେ ସବୁ ଏ ପର୍ଯ୍ୟନ୍ତ ଶୃଙ୍ଖଳିତ ନୁହେଁ । କେବେ ଯେ ଭଗବାନ ଏ ଜାତିର ଅତୀତ ବୈଭବ ଓ ଗୌରବ ସତ୍ୟମୂଳକ ବୈଜ୍ଞାନିକ ଉପାୟରେ ଇତିହାସ ପୃଷ୍ଠାରେ ପ୍ରକାଶ କରାଇବେ, ତାହା ସେଇହିଁ ଜାଣନ୍ତି । ମୁଁ ଦୁଇମାସ ସେଠାରେ ରହି ଯାହା କିଛି ସଂଗ୍ରହ କରିବା କଥା ଇମ୍ପିରିୟାଲ-ଲାଇବ୍ରେରୀରୁ ସଂଗ୍ରହ କରି ଘରକୁ ଫେରି ଆସିଲି । କିନ୍ତୁ ପ୍ରକୃତ ବାବୁଙ୍କର ନିର୍ଦ୍ଦିଷ୍ଟ ବିଷୟ ସଂଗ୍ରହ କରିବାରେ ବୋଧହୁଏ ଅବହେଳା କରିଥିଲେ । ତେଣୁ 'History of the Gangas' ଲେଖିବା ସେତେବେଳେ ସମ୍ଭବ ହେଲା ନାହିଁ । ଏଥିର ବହୁ ବର୍ଷ ପରେ ମହାରାଜାଙ୍କର ଅନୁରୋଧକ୍ରମେ ମୁଁ ମାନ୍ଦ୍ରାଜର କ୍ୟାନେମେରା-ଲାଇବ୍ରେରୀରେ ପ୍ରାୟ ମାସେ କାମ କରି ସେହି ଗ୍ରନ୍ଥର ଅସଂପୂର୍ଣ୍ଣ ଅଂଶ ପୂର୍ଣ୍ଣ କରି ପାରିଥିଲି । ମୁଁ ଯାହା ସଂଗ୍ରହ କରିଥିଲି, ସେ ସବୁ Notes ଆକାରରେ ଥିଲା । ତାକୁ ସଜାଇ ଇଂରାଜୀରେ ଇତିହାସ ଲେଖିବା ପାଇଁ ୧୯୫୧ ମସିହାରେ ମୁଁ ସମର୍ଥ ହେଲି । ସେତେବେଳକୁ ଓଡ଼ିଶା ମ୍ୟୁଜିୟମରେ ମୁଁ କ୍ୟୁରେଟର ରୂପେ ନିଯୁକ୍ତ ହୋଇଥାଏ । ମହାରାଜାଙ୍କ ଅନୁରୋଧକ୍ରମେ ତିନି ମାସ ପାଇଁ ଓଡ଼ିଶା ସରକାର ମୋତେ ଛୁଟି ମଞ୍ଜୁର କରିଥିଲେ । ସେଇ କାଳ ମଧ୍ୟରେ ମହାରାଜାଙ୍କ ଦ୍ୱାରା ନିଯୁକ୍ତ ଜଣେ

Digitized by PPRACHIN, SOA

ମାନ୍ଦ୍ରାଜର ଗ୍ରାଜୁଏଟ୍ ଷ୍ଟେନୋଗ୍ରାଫର ନିଯୁକ୍ତ ହେବାରୁ ପ୍ରାୟ ୫୦୦ ପୃଷ୍ଠା ବ୍ୟାପୀ ଦୁଇଖଣ୍ଡ ଗଙ୍ଗ ଇତିହାସ ଡାକି ଦେବାକୁ ମୁଁ ସମର୍ଥ ହେଲି ଓ ତାହା ମଧ୍ୟ ଯଥା-ସମୟରେ ସଂପୂର୍ଣ୍ଣ ହୋଇ ପାରିଥିଲା । ଏହା ପୂର୍ବରୁ "ନାଗ ଇତିହାସ" ନାମକ ପୁସ୍ତକ କଳାହାଣ୍ଡି ମହାରାଜାଙ୍କର (ପ୍ରତାପ କେଶରୀ ଦେବ) ଙ୍କ ଅନୁରୋଧକ୍ରମେ ମୁଁ ଲେଖି ସାରିଥିଲି ୧୯୫୦ ମସିହା ସେପ୍ଟେମ୍ବର ମାସଠାରୁ ନଭେମ୍ବର ପର୍ଯ୍ୟନ୍ତ ।-ଶ୍ରୀ ପ୍ରତାପ କେଶରୀ ଦେବଙ୍କୁ ତା ୨୧-୮-୫୧ରେ ମୁଁ ଲେଖିଥିବା ପତ୍ର ଓ ତାଙ୍କଠାରୁ ପାଇଥିବା ଉତ୍ତର ମୋଠାରେ ଅଦ୍ୟାପି ଅଛି । କଳାହାଣ୍ଡି ମହାରାଜା ମୋଠାରୁ "ନାଗ ଇତିହାସ"ର ପାଣ୍ଡୁଲିପି ପାଇଲା ପରେ ତା ୩୧-୬-୫୧ରେ ଦେଇଥିବା ପତ୍ର ମଧ୍ୟ ମୁଁ ଏଥିସଙ୍ଗେ ଯୋଗ କରିଛି ।

ଦିନେ ମୁଁ ଖବର ପାଇଲି ଯେ ପୁରୀ ଉତ୍ତର-ପାର୍ଶ୍ୱ ମଠରେ ଗୋଟିଏ ଅପ୍ରକାଶିତ ତାମ୍ରଲିପି ରକ୍ଷିତ ଅଛି । ସଙ୍ଗେ ସଙ୍ଗେ ପୁରୀ ଯାଇ ଉତ୍ତର-ପାର୍ଶ୍ୱ ମହନ୍ତଙ୍କୁ ଅନୁରୋଧ କରି ସେହି ତାମ୍ରଶାସନର ଗୋଟିଏ ଛାପା ନିଜେ ବାହାର କଲି । ତାହା ପଢ଼ିବାରୁ ଜଣାଗଲା ଯେ କୋଙ୍ଗଦର ଶୈଳୋଦ୍ଭବ ବଂଶୀୟ ମହାରାଜା ଧର୍ମରାଜ କେତେକ ବ୍ରାହ୍ମଣଙ୍କୁ ଭୂମିଦାନ କରିଅଛନ୍ତି । ସେଥିରେ ଗୋଟିଏ ସମ୍ବତ୍ ଥିବାରୁ ତାହା ଶକାବ୍ଦ ସଙ୍ଗେ ସମାନ କରି ମୁଁ ଗୋଟିଏ ଦୀର୍ଘ ପ୍ରବନ୍ଧ ଲେଖି ବିହାର ଓଡ଼ିଶା ରିସର୍ଚ୍ଚ ପତ୍ରିକାରେ ପ୍ରକାଶ କଲି । * ଏଥିର ବିଷୟ ଆଲୋଚନା କଲାବେଳେ ମୁଁ ଭୁଲ୍‌ରେ ସମ୍ବତ୍ ୫୧୨ ପାଠକରି ତାହା ଶକାବ୍ଦ ବୋଲି ଲେଖିଥିବାରୁ ଐତିହାସିକ ପଣ୍ଡିତମାନଙ୍କ ମଧ୍ୟରେ ଏହା ଗୋଟିଏ ବିବାଦୀୟ ପ୍ରଶ୍ନ ହୋଇଥିଲା । ଡ଼ାଃ ବେଙ୍କୋବା ରାଓ ଓ ଡକ୍ଟର ଏମ୍. ପି. ଚକ୍ରବର୍ତ୍ତୀଙ୍କ ପରି ପଣ୍ଡିତ ମଧ୍ୟ ବିଭ୍ରାନ୍ତ ହୋଇଥିଲେ । ସେତେବେଳେ ଏ ବିଷୟ ନେଇ ଓଡ଼ିଶାର ଇତିହାସ ଲେଖକ ରାଖାଲ ଦାସ ବାନାର୍ଜି ଏବଂ ମୋ ମଧ୍ୟରେ କେତେକ ପତ୍ର ବିନିମୟ ହୋଇଥିଲା । ସେତେବେଳେ ସେ ବନାରସ ହିନ୍ଦୁ ୟୁନିଭରସିଟିର ଇତିହାସ ବିଭାଗରେ ପ୍ରଧାନ ଅଧ୍ୟାପକ ରୂପେ ନିଯୁକ୍ତ ହୋଇଥାନ୍ତି । କିନ୍ତୁ ଯେଉଁ ଶେଷ ପତ୍ରଟି ମୁଁ ତାଙ୍କଠାରୁ ପାଇଲି ସେଥିରେ ସେ ଲେଖିଥିଲେ,"ଆପଣଙ୍କ ପ୍ରଶ୍ନର ଉତ୍ତର ବର୍ତ୍ତମାନ ମୁଁ ଦେଇ ପାରୁନାହିଁ; କାରଣ ରକ୍ତଚାପ ହେତୁ ମୁଁ ଶଯ୍ୟାଶାୟୀ । ଆଉ କିଛି ଦିନ ପରେ ମୁଁ ରୋଗମୁକ୍ତ ହେଲେ ଆପଣଙ୍କୁ ଲେଖିବି ।" କିନ୍ତୁ ତାହା ତାଙ୍କର ଶେଷ ପତ୍ର । ସେଇ ରୋଗଶଯ୍ୟା ତାଙ୍କର ମୃତ୍ୟୁ ଶଯ୍ୟାରେ ପରିଣତ ହେଲା । ତାଙ୍କ ଇତିହାସରେ ଅବଶ୍ୟ ତାଙ୍କ ମୋ ମଧ୍ୟରେ ଥିବା ମତଭେଦ ମଧ୍ୟ ଉଲ୍ଲେଖ କରି ଅଛନ୍ତି । କିନ୍ତୁ ମୁଁ ତାଙ୍କୁ ଯେଉଁ ପ୍ରଶ୍ନ କରିଥିଲି ସେଥିର ସମାଧାନ ଉତ୍ତର

---

* J. B. & O. R. S. Vol-XVI P. P. 176-88.

Digitized by PPRACHIN, SOA

ଦେବାକୁ ତାଙ୍କର ଜୀବନକାଳ ଆଉ କିଛି ବଢ଼ିଥିଲେ ସେହି ଇତିହାସରେ ଅଧିକ କିଛି ଲେଖା ରହିଥାନ୍ତା ବୋଲି ମୁଁ ମନେକରେ ।

କେବଳ ସାହିତ୍ୟ ଏବଂ ଇତିହାସ ଲେଖିବାରେ ତ ମୋର ସମସ୍ତ ଅତିବାହିତ ହେଉ ନଥିଲା । ଦେଶର ରାଜନୈତିକ କଥା ମଧ୍ୟ ମୋତେ ଜାଗ୍ରତ କରି ରଖିଥିଲା । ୧୯୨୯ ସାଲରେ ଭାରତର ଶାସନ ସଂସ୍କାର ନିମନ୍ତେ ସୁପାରିଶ କରିବାକୁ ଯେଉଁ ସାଇମନ କମିଶନ ଗଠିତ ହେଲା ସେଥିରେ ମହାତ୍ମା ଗାନ୍ଧିଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ନେତାମାନେ ଅସହଯୋଗ କରୁଥିଲେ । କିନ୍ତୁ ଓଡ଼ିଶାର ନେତାମାନଙ୍କ ପକ୍ଷରେ ସେହି ନିର୍ଦ୍ଦେଶ ଗୋଟିଏ ମାରାତ୍ମକ ଅବସ୍ଥା ସୃଷ୍ଟି କରିବ ବୋଲି ଆମେ ଭାବିଲୁ । ଓଡ଼ିଆଭାଷୀ ଲୋକେ ସ୍ୱରୋଟି ବିଭିନ୍ନ ପ୍ରଦେଶରେ ରହିଥିବାରୁ ଯେଉଁ ଘୋର ଅବହେଳା ତାଙ୍କ ପ୍ରତି ପ୍ରଦର୍ଶିତ ହେଉଛି, ସେଥିର ନିରାକରଣ କରିବାକୁ ହେଲେ ସାଇମନ କମିଶନଙ୍କ ଆଗରେ ଆମକୁ ସାକ୍ଷ୍ୟ ଦେବାକୁ ହିଁ ପଡ଼ିବ । ପାରଳାଖେମୁଣ୍ଡି ମହାରାଜାଙ୍କୁ ଅଗ୍ରଣୀ କରି ସ୍ଥାନୀୟ ଉତ୍କଳ-ହିତୈଷିଣୀ-ସମାଜ ପକ୍ଷରୁ ଆମେ କେତେଜଣ କର୍ମୀ ମାନ୍ଦ୍ରାଜ-ଠାରେ ସାଇମନଙ୍କୁ ସ୍ମାରକପତ୍ର ଦେବାକୁ ସ୍ଥିର କଲୁ । ମୋର ମନେ ଅଛି, ସେଦିନ ସନ୍ଧ୍ୟାରେ ଦୀର୍ଘ ସମୟ ଧରି ମହାରାଜାଙ୍କ ସଙ୍ଗେ ଆମର ଏ ବିଷୟରେ ଆଲୋଚନା ହେଲା ।

ମହାରାଜା ଆମକୁ ଉତ୍ସାହ ଦେଇ କହିଲେ,"ଡେପୁଟେସନ ଯିବା ଅପେକ୍ଷା ଜଣେ ମୁଖପାତ୍ର କମିଶନଙ୍କ ଆଗରେ ସାକ୍ଷ୍ୟ ଦେବା ବିଧିସଙ୍ଗତ ।" ଆମେ ଜାଣିଥିଲୁ ଯେ ଇଂରେଜମାନଙ୍କ ଚରିତ୍ର ଓ ନୀତି ନିୟମ ମହାରାଜା ଭଲରୂପେ ଅବଗତ ଅଛନ୍ତି । କାରଣ ସେ ଏଗ୍ରିକଲଚର ରୟାଲ କମିଶନରେ ରହି ଏ ସବୁ ଅଭିଜ୍ଞତା ଲାଭ କରି ଅଛନ୍ତି । ତେଣୁ ଆମେ ତାଙ୍କୁ ଅନୁରୋଧ କଲୁ ଯେ –ଆମ ପକ୍ଷରୁ ଅର୍ଥାତ୍ ଓଡ଼ିଆମାନଙ୍କ ପକ୍ଷରୁ ମାନ୍ଦ୍ରାଜରେ ଯେଉଁ ଘୋର ଅସୁବିଧା ସୃଷ୍ଟି ହୋଇଛି ସେ ସବୁ ବ୍ୟାଖ୍ୟାନ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାକୁ ଅନୁରୋଧ କରନ୍ତୁ । ମହାରାଜା ମଧ୍ୟ ଏଥିରେ ସ୍ୱୀକୃତ ହୋଇ କହିଲେ,"ମୋତେ ପଏଣ୍ଟସ୍ (ଟିପ୍ପଣୀ) ସବୁ ଲେଖିଦିଅ । ମୁଁ ନିଜେ ସାଇମନଙ୍କଠାରେ ସେ ସବୁ ଉପସ୍ଥାପିତ କରିବ ।" ଆମେ ଉତ୍ସାହିତ ହୋଇ ବିଷୟ ସଂଗ୍ରହ କରିବାରେ ଲାଗିଗଲୁ । ଏଥିରେ ବେଶୀ ଭାର ମୋ ଉପରେ ହିଁ ପଡ଼ିଲା । ପୁଣି ସଂଗୃହୀତ ବିଷୟକୁ ସଜ୍ଜିତ କରି ଇଂରାଜୀରେ ଲେଖିବା ଭାର ଦିଆଗଲା ମହାରାଜାଙ୍କର ପ୍ରାଇଭେଟ ସେକ୍ରେଟାରୀ ଶ୍ୟାମସୁନ୍ଦର ଗନ୍ତାୟତଙ୍କୁ । ଏହି କାର୍ଯ୍ୟ ଚାରି ପାଞ୍ଚ ଦିନରେ ଶେଷ କରିବାକୁ ପଡ଼ିଲା । କାରଣ ସେ ବର୍ଷ ମେ ମାସରେ ସାଇମନ ମାନ୍ଦ୍ରାଜରେ ଅବସ୍ଥାନ କରିବା ପ୍ରୋଗ୍ରାମ କରିଥିଲେ । ମହାରାଜା ଯଥା ସମୟରେ କମିଶନଙ୍କ ସମ୍ମୁଖରେ ଓଡ଼ିଆମାନଙ୍କ ଦାବୀ ଦୃଢ଼ ଭାବରେ ଉପସ୍ଥାପିତ କଲେ । ସେଦିନ ବ୍ରହ୍ମପୁରର ଯୁବକ ଓଡ଼ିଆ ଭୁବନେଶ୍ୱର ରଥ ମଧ୍ୟ ସାଇମନଙ୍କୁ ମାନ୍ଦ୍ରାଜଠାରେ ଦେଖା କରି

Digitized by PPRACHIN, SOA

ଓଡ଼ିଆଙ୍କ ସ୍ୱତନ୍ତ୍ର ପ୍ରଦେଶ କଥା କହୁଥିଲେ । ମାନ୍ଦ୍ରାଜରୁ ଯେତେବେଳେ କମିଶନ ବିହାରର ପାଟନାକୁ ଯାଇଥାନ୍ତି, ସେତେବେଳେ ବ୍ରଜସୁନ୍ଦର ଦାସଙ୍କ ନେତୃତ୍ୱରେ କେତେଜଣ କଟକର ନେତା ସାକ୍ଷ୍ୟ ଦେଇ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବୀ କରିଥିଲେ । ଓଡ଼ିଆମାନଙ୍କର ଏ ସବୁ ସାକ୍ଷ୍ୟଦାନ ବିଷୟ ଷ୍ଟେଟ୍‌ସ୍‌ମ୍ୟାନ ପ୍ରଭୃତି ଇଂରାଜୀ ପତ୍ରିକାରେ ଅଗ୍ରସ୍ଥାନ ଅଧିକାର କଲା;କାରଣ ଭାରତର ବହୁ ଅଞ୍ଚଳରେ ତାଙ୍କ ପ୍ରତି କଳା-ପତାକା ଦେଖାଇବାଠାରୁ ସ୍ଲୋଗାନ କରି "ସାଇମନ ଫେରିଯାଅ" ବୋଲି କଂଗ୍ରେସ-ପନ୍ଥୀ ଲୋକମାନେ ବର୍ଜନ କରୁଥିଲେ । ଓଡ଼ିଆମାନଙ୍କର ସହଯୋଗ ପ୍ରସଙ୍ଗ ପତ୍ରିକାରେ ପ୍ରକାଶିତ ହେଲାପରେ ଭାରତର ନେତୃବର୍ଗ ଓଡ଼ିଆଙ୍କ ପ୍ରତି ତାଚ୍ଛଲ୍ୟ ଭାବ ପ୍ରଦର୍ଶନ କଲେ । ଏହା କଲିକତା କଂଗ୍ରେସରେ ମଧ୍ୟ ଆଲୋଚିତ ହୋଇଥିଲା । ସେଠାରେ ବଙ୍ଗଳାର ପ୍ରସିଦ୍ଧ ନେତା ଚିତ୍ତରଞ୍ଜନ ଦାସଙ୍କ ସଭାପତିତ୍ୱରେ କଂଗ୍ରେସ ଅଧିବେଶନ ହୋଇଥିଲା । ସେଥିରେ ମୋତିଲାଲ ନେହେରୁ ଓଡ଼ିଆଙ୍କ ପ୍ରତି କଟୂକ୍ତି ପ୍ରୟୋଗ କରିବାରୁ ପଣ୍ଡିତ ନୀଳକଣ୍ଠ ଦାସ, ଦିବାକର ପଟ୍ଟନାୟକ ପ୍ରଭୃତି କେତେକ ଓଡ଼ିଆ ନେତା କଂଗ୍ରେସରୁ ବାହାରି ଆସିଥିଲେ । ଏହାପରେ ମୋତିଲାଲ ଦୁଃଖ ପ୍ରକାଶ କଲେ ଓ ବିଧାନଚନ୍ଦ୍ର ରାୟ ସେମାନଙ୍କୁ ବୁଝାବୋଲ କରି ଫେର୍ କଂଗ୍ରେସ ଭିତରକୁ ନେଇଥିଲେ ।

ପାରଳାଖେମୁଣ୍ଡି ଜମିଦାରୀର ଅଧିକାଂଶ ଗ୍ରାମରେ ତେଲେଙ୍ଗା ଅଧିବାସୀ ଥିବାରୁ ମହାରାଜା ଓଡ଼ିଆମାନଙ୍କ ପରି ସେମାନଙ୍କ ପ୍ରତି ମଧ୍ୟ ସମ ପରିମାଣ ଶ୍ରଦ୍ଧା ଓ ସାହାଯ୍ୟ ଦେଉଥାନ୍ତି । ଥରେ ମହାରାଜାଙ୍କର ହାତପାଣ୍ଠିରେ ଗଚ୍ଛିତ ପ୍ରାୟ ୧୦।୧୫ ହଜାର ଟଙ୍କା ବଳକା ହୋଇଥିବା କଥା ଶୁଣିପାରି ମୁଁ ମହାରାଜାଙ୍କୁ ଅନୁରୋଧ କଲି ଯେ, "ପାରଳାଖେମୁଣ୍ଡିରେ ଗୋଟିଏ ଟାଉନହଲ ଓ ରିଡ଼ିଙ୍ଗ ରୁମ୍‌ର ଅଭାବ ରହିଛି । ତେଣୁ ଯେଉଁଠାରେ ପୁରୁଣା ବଜାର ବସିଥିଲା ତାହା ମ୍ୟୁନିସିପାଲିଟିର ଗୋଟିଏ ପଡ଼ିଆ ପଡ଼ିଛି । ସେଠାରେ ଯଦି ରିଡ଼ିଙ୍ଗରୁମ ଘର ପ୍ରସ୍ତୁତ ହୁଏ, ତା' ହେଲେ ତାକୁ ଆମେ ଆପଣଙ୍କ ପିତା ସ୍ୱର୍ଗୀୟ ଗୌରଚନ୍ଦ୍ର ଗଜପତିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବ୍ୟବହାର କରି ପାରନ୍ତୁ; କାରଣ କୌଣସି ଅନୁଷ୍ଠାନରେ ତାଙ୍କର ସ୍ମୃତି ପାରଳାଖେମୁଣ୍ଡିରେ ଏ ପର୍ଯ୍ୟନ୍ତ ରହିନାହିଁ ।" ଏ ପ୍ରସ୍ତାବରେ ମହାରାଜା ଉତ୍ସାହିତ ହୋଇ କହିଲେ, "ଚେୟାରମ୍ୟାନ ଦାମୋଦର ପାତ୍ରୀଙ୍କୁ ମୋ ପାଖକୁ ପଠାଇ ଦିଅ । ତାଙ୍କ ସଙ୍ଗେ ଏ ବିଷୟରେ ପରାମର୍ଶ କରିବ ।" ମୁଁ ସେତେବେଳେ ମ୍ୟୁନିସିପାଲିଟିର ଜଣେ କାଉନସିଲର ଥାଏ । ଶ୍ରୀଯୁକ୍ତ ପାତ୍ରୀଙ୍କୁ ମୁଁ ଆନନ୍ଦ ସହକାରେ ଏ କଥା କହିଲି । କିନ୍ତୁ ସେ ଏ ପ୍ରସ୍ତାବର ଘୋର ପ୍ରତିବାଦ କରି କହିଲେ, "ମ୍ୟୁନିସିପାଲିଟିର ଅର୍ଥାଗମ ବାଟ ବନ୍ଦ କରିବାକୁ କ'ଣ ଚେଷ୍ଟା କରୁଛ ? ଯେଉଁ ପଡ଼ିଆ ଜମି କଥା କହିଲ, ସେଥିରେ ଶ୍ରେଣୀ ଶ୍ରେଣୀ ଦୋକାନଘର କରି ଭଡ଼ା ଆଦାୟ କରାଯିବା ଚିନ୍ତା ମୁଁ କରୁଛି । ତୁମେ କହୁଛ ରିଡ଼ିଙ୍ଗରୁମ୍ କରି ବହିପତ୍ର, ପତ୍ରିକା, ଏ ସବୁ କିଣି ସେଥିରେ ଲୋକ ନିଯୁକ୍ତ କରି

Digitized by PPRACHIN, SOA

ଖର୍ଚ୍ଚାନ୍ତ ହେବାକୁ ? ଏପରି ବ୍ୟୟସାପେକ୍ଷ ବ୍ୟବସାୟ କରିବାକୁ ମୁଁ କଦାପି ଦେବି ନାହିଁ ।” ତାଙ୍କ କଥାରେ ମୁଁ ନିତାନ୍ତ ଦୁଃଖିତ ହେଲି । ସେ କେବଳ ଟଙ୍କା ପଇସା କଥା ଭାବୁଥାନ୍ତି । ପ୍ରକୃତରେ ଭାରି କଞ୍ଜୁସ୍ ଥିଲେ ସେ । ସାମାଜିକ ଉନ୍ନତିର ସୋପାନ ସ୍ୱରୂପ ରଙ୍ଗଭୂମି ଗୋଟିଏ ଅନୁଷ୍ଠାନ, ଏହା ତାଙ୍କର ମନଭିତରେ ପଶୁନାହିଁ । କି ଆଶ୍ଚର୍ଯ୍ୟ ! ବାସ୍ତବରେ ସେଦିନ ସନ୍ଧ୍ୟାରେ ସେ ମହାରାଜାଙ୍କ ପାଖକୁ ଯାଇ କହିଲେ, “ଆଜ୍ଞା ! ରାଜଗୁରୁଙ୍କର ପ୍ରସ୍ତାବ ଆମର ମନକୁ ପାଉ ନାହିଁ । ଗରିବ ମ୍ୟୁନିସପାଲିଟି କିପରି ଦୁଇ ପଇସା ଲାଭ କରିବ ସେ କଥା ଆମେ ଭାବିଲାବେଳକୁ ସେ କ'ଣ ନା ଖର୍ଚ୍ଚ କିପରି ହେବ ତାହା ବତାଉଛନ୍ତି । ଆପଣ ସିନା ଆମକୁ ହାତୀ ଦାନ କରିବେ, ତାକୁ ତ ପୋଷିବା ଭାର ଆମ ଉପରେ ।” ଏହା ଶୁଣି ମହାରାଜା ସେହି ଦାନରୁ ନିରସ୍ତ ହେଲେ, କିନ୍ତୁ ଆନ୍ଧ୍ରମାନେ କିପରି କେଉଁ ଉପାୟରେ ଏ ପ୍ରସଙ୍ଗ ଶୁଣି ଶ୍ରୀକାକୁଲମ୍ ଚେୟାରମ୍ୟାନଙ୍କ ଜରିଆରେ ମହାରାଜାଙ୍କୁ ଅନୁରୋଧ କରି ସେହି ସହିତ ବଳକା ଟଙ୍କା ନେଇ ସେଠାରେ ଗୋଟିଏ ସୁନ୍ଦର ରଙ୍ଗ ଭୂମି ଗଢ଼ିଲେ ।

ମୋ ମନରେ ଈର୍ଷା ହେଲା ଯେ, ଆମର ଓଡ଼ିଆ ମହାରାଜାଙ୍କୁ ଆନ୍ଧ୍ରମାନେ ଠକି ତାଙ୍କଠାରୁ ଧନ ଆଦାୟ କରିଛନ୍ତି । ସେତିକବେଳେ ଶୁଣାଗଲା ଯେ ଆନ୍ଧ୍ର ବିଶ୍ୱ-ବିଦ୍ୟାଳୟକୁ ଜୟପୁରର ଓଡ଼ିଆ ମହାରାଜା ବିକ୍ରମ ଦେବ ବର୍ମା ବାର୍ଷିକ ଲକ୍ଷେଟଙ୍କା କରି ଦାନ କରିବାକୁ ପ୍ରତିଶ୍ରୁତ ହୋଇଛନ୍ତି । ଏଥିରେ ଆମେ ସମସ୍ତେ ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଲୁ । ଜୟପୁର ମହାରାଜାଙ୍କ ଦେବାନ ରୂପେ ପୁଲ୍ଲା ରେଡ୍ଡି ନାମକ ଜଣେ ଆନ୍ଧ୍ର ଭଦ୍ରବ୍ୟକ୍ତି ନିଯୁକ୍ତ ହୋଇଥାନ୍ତି । ତାଙ୍କରି ଉପଦେଶ କ୍ରମେ ଆନ୍ଧ୍ର ୟୁନିଭରସିଟିକୁ ଓଡ଼ିଆ ରାଜାଙ୍କର ସେହି ଦାନ ସମଗ୍ର ଓଡ଼ିଶାରେ ଚହଲ ପକାଇଦେଲା । 'ଆଶା' ପତ୍ରିକାରେ ମଧ୍ୟ ଏଥିର ପ୍ରତିବାଦ ହେଲା; କିନ୍ତୁ ତା'ଫଳରେ ଆନ୍ଧ୍ରମାନଙ୍କ ପକ୍ଷରୁ ଓଡ଼ିଆ ଜମିଦାରମାନଙ୍କୁ କୌଶଳକ୍ରମେ ଆୟତ୍ତ କରିବା ଚେଷ୍ଟା ବଳବତ୍ତର ହେବାକୁ ଲାଗିଲା । ପାରଳାଖେମୁଣ୍ଡି ମହାରାଜାଙ୍କୁ ସେମାନେ କବଳିତ କରିବାକୁ ଚେଷ୍ଟା କରୁଥାନ୍ତି । ଦିନେ ସ୍ଥାନୀୟ କଲେଜର ଇତିହାସ ଅଧ୍ୟାପକ ଜି. ବି. ସୀତାପତି ମହାରାଜାଙ୍କୁ ଅନୁରୋଧ କଲେ ଯେ, “ଆନ୍ଧ୍ର ଅଞ୍ଚଳର ସମସ୍ତ ଐତିହାସିକ ସ୍ଥାନ ଅପେକ୍ଷା ମୁଖଲିଙ୍ଗମ୍‌ର ପ୍ରାଧାନ୍ୟ ଅତ୍ୟନ୍ତ ବେଶୀ । ଏଣୁ ଆନ୍ଧ୍ର ଇତିହାସ ଗବେଷକମାନଙ୍କ ପକ୍ଷରୁ ସେଠାରେ ଗୋଟିଏ ବଡ଼ ଧରଣର ସଭା କରିବାକୁ ଆମେ ଚେଷ୍ଟା କରୁଛୁ । ରାଜ-ମହେନ୍ଦ୍ରର ଅଧ୍ୟାପକ ଆର. ସୁବାରାଓ ଏବଂ ତାଙ୍କ ସଙ୍ଗେ ଅନ୍ୟାନ୍ୟ ଅଞ୍ଚଳର ଅଧ୍ୟାପକମାନେ ଏଥିରେ ଅଗ୍ରଣୀ ହୋଇଅଛନ୍ତି । ମହାରାଜାଙ୍କର ଅନୁଜ୍ଞା ହେଲେ ଏହି ସଭା ମୁଖଲିଙ୍ଗମ୍‌ରେ ଅନୁଷ୍ଠିତ ହେବ ।” ଏଠାରେ କହିରଖିବା ଉଚିତ ଯେ, ବର୍ତ୍ତମାନ ଶ୍ରୀକାକୁଲମ୍ ଜିଲ୍ଲାରେ ମୁଖଲିଙ୍ଗମ୍ ରହିଛି; ତାହା ପାରଳାଖେମୁଣ୍ଡି ମହାରାଜାଙ୍କ ଜମିଦାରୀର ଗୋଟିଏ ଅଂଶ ଥିଲା । ସେଠାର ମନ୍ଦିର ମହାରାଜାଙ୍କ ଅଧୀନରେ ପରିଚାଳିତ

Digitized by PPRACHIN, SOA

ହୋଉଥିଲା । ପ୍ରତିବର୍ଷ ଶିବରାତ୍ରିବେଳେ ସେଠାରେ ତିନିଦିନ ବ୍ୟାପୀ ଗୋଟିଏ ବଡ଼ ଯାତ୍ରା ହୁଏ । କେବେ କେବେ ମହାରାଜା ସେଠାକୁ ଯାଇ ଦିନେ ଦୁଇଦିନ ରହୁଥାନ୍ତି । ରାଣୀମାନେ ମଧ୍ୟ ସମୟେ ସମୟେ ସେଠାକୁ ଯାଉଥାନ୍ତି । ଏଣୁ ମହାରାଜାଙ୍କର ଗୋଟିଏ ବଡ଼ କୋଠାଘର ସେଠାରେ ନିର୍ମିତ ହୋଇଥିଲା । ସୀତାପତିଙ୍କ ପ୍ରସ୍ତାବ କ୍ରମେ ମହାରାଜା ଅତି ଆନନ୍ଦରେ ସେହି ଘରମାନଙ୍କରେ ଆଗନ୍ତୁକ ଅଧ୍ୟାପକ ଓ ପଣ୍ଡିତମାନଙ୍କର ରହିବାର ବ୍ୟବସ୍ଥା କରିବାକୁ ଅନୁମତି ଦେଲେ । ଯଥା ସମୟରେ ମାନ୍ଦ୍ରାଜର ପତ୍ରିକାମାନଙ୍କରେ ପ୍ରକାଶିତ ହେଲା ଯେ, ଆନ୍ଧ୍ରଦେଶର ଗୋଟିଏ ସୁପ୍ରସିଦ୍ଧ ଐତିହାସିକ ସ୍ଥାନ କଳିଙ୍ଗର ରାଜଧାନୀ ମୁଖଲିଙ୍ଗମ୍‌ରେ ଆନ୍ଧ୍ର ଐତିହାସିକ ଅନୁଷ୍ଠାନ ପକ୍ଷରୁ ସଭା ଆହୂତ ହୋଇଛି । ସେଥିରେ କେବଳ ଆନ୍ଧ୍ରଦେଶର ନୁହେଁ ଓଡ଼ିଶାରୁ ମଧ୍ୟ ବହୁ ବିଦ୍ୱାନ ପଣ୍ଡିତ ଯୋଗଦେବେ । ଆଶାର ସମ୍ପାଦକ ଶଶୀଭୂଷଣ ରଥ ଆନ୍ଧ୍ରମାନଙ୍କର ସେହି ଛଦ୍ମ ରାଜନୀତିକ ଉଦ୍ଦେଶ୍ୟ ବୁଝିପାରି ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଡାକି ଆଣିଲେ ସେଥିରେ ଯୋଗ ଦେବାକୁ । କାରଣ ଆନ୍ଧ୍ରମାନେ ଦାବୀ କରୁଥିଲେ ଯେ ଯେଉଁ ପ୍ରାଚୀନ ଦନ୍ତପୁରଠାରେ କଳିଙ୍ଗର ପ୍ରାଚୀନ ରାଜଧାନୀ ସ୍ଥାପିତ ହୋଇ ବୌଦ୍ଧଧର୍ମ ପ୍ରସାର ଲାଭ କରିଥିଲା, ତାହା ବର୍ତ୍ତମାନର ଆନ୍ଧ୍ର ଅଞ୍ଚଳରେ ଅବସ୍ଥିତ । କେବଳ ସେତିକି ନୁହେଁ ସମୁଦାୟ କଳିଙ୍ଗ ରାଷ୍ଟ୍ର ଆନ୍ଧ୍ରମାନଙ୍କର ଗୋଟିଏ ପ୍ରଧାନ ବାସ ଭୂମି । ଏହା ପ୍ରମାଣିତ କଲେ ଓଡ଼ିଆମାନେ ଯେଉଁ ଅଞ୍ଚଳ ସେତେବେଳେ ମାନ୍ଦ୍ରାଜରୁ ଓଡ଼ିଶାକୁ ନେବାପାଇଁ ଦାବୀ କରୁଥିଲେ, ତାହା ସଫଳ ହୋଇ ପାରିବ ନାହିଁ । ଅନ୍ୟତଃ ଇତିହାସ ଦୃଷ୍ଟିରୁ ତାହା ଆନ୍ଧ୍ର ଅଞ୍ଚଳ ବୋଲି ସାବ୍ୟସ୍ତ ହେବ । ଏଥିରୁ ଗୋଟିଏ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ସେହି ବିରାଟ ସଭାର ଆୟୋଜନ ହୋଇଥିବା ଅନୁମାନ କରି ଶଶୀଭୂଷ ରଥ ପାରଳାଖେମୁଣ୍ଡି ଆସି ଆମ୍ଭମାନଙ୍କୁ ସେଠାକୁ ଡାକି ନେଲେ । ଆମ୍ଭ ଭିତରେ ଭଲଭାବରେ ଇଂରାଜୀ ବକ୍ତୃତା ଦେବା ଏବଂ ଐତିହାସିକ ବିବରଣୀ ସମୀକ୍ଷା କରିବା କାର୍ଯ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ବ୍ୟତୀତ ଅନ୍ୟ କେହି ସମର୍ଥ ହୋଇ ନ ପାରନ୍ତି । ଏଣୁ ତାଙ୍କର ଉପସ୍ଥିତି ନିତାନ୍ତ ଆବଶ୍ୟକ । ମୁଁ ଯଥାସମ୍ଭବ ଐତିହାସିକ ତଥ୍ୟ, ତାଙ୍କୁ ଯୋଗାଇବାକୁ ଲାଗିପଡ଼ିଲି । ନିଜେ ମଧ୍ୟ **Odhras and their pridominancy'** * ଶୀର୍ଷକ ଗୋଟିଏ ପ୍ରବନ୍ଧ ଲେଖି ତାଙ୍କର ପ୍ରକାଶିତ ଗ୍ରନ୍ଥରେ ଛପାଇଲି । ଇଂରାଜୀରୁ ତାହା ତେଲେଙ୍ଗୀ ଭାଷାରେ ଅନୁବାଦ କରି କଳିଙ୍ଗ 'ସଞ୍ଚିକା' ନାମକ ବିରାଟ ଗ୍ରନ୍ଥରେ ଆନ୍ଧ୍ର ଐତିହାସିକ ସମିତି ପକ୍ଷରୁ ସେ ପ୍ରବନ୍ଧଟି ପ୍ରକାଶ ପାଇଲା । ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର ବକ୍ତୃତାରେ ସାବ୍ୟସ୍ତ କରିବାକୁ

---

* ପୃ ୩ ପ୍ରବନ୍ଧଟି "The Prachi" ନାମକ କଟକର ଇଂରାଜୀ ପତ୍ରିକାରେ ପ୍ରକାଶିତ ହୋଇଛି ।

Digitized by PPRACHIN, SOA

ଚେଷ୍ଟା କଲେ ଯେ ପ୍ରାଚୀନ ଦନ୍ତପୁର ଆଧୁନିକ ପୁଷ୍ଟ ଜିଲ୍ଲାର ପାଲୁର । କାରଣ ଦନ୍ତ ଅର୍ଥାତ୍ ତେଲେଙ୍ଗୁ ଭାଷାରେ—'ପାଉଁଲୁ', ଏଥିର ପ୍ରଯୁଜ୍ୟ ଶବ୍ଦ ହେବାରୁ ସେହି ସ୍ଥାନ ହିନେ ସଂସ୍କୃତରେ 'ଦନ୍ତପୁର' କୁହା ଯାଉଥିଲା, ତାହାହିଁ ମେଗାସ୍ଥିନିସଙ୍କ ସମୟରେ 'ପାଲୁର' ନାମରେ ଦ୍ରାବିଡ଼ୀୟ ଭାଷା ଅନୁଯାୟୀ ବ୍ୟବହୃତ ହେଲା । ଏପରି ବ୍ୟାଖ୍ୟାନ ସେହି ପଣ୍ଡିତ ସଭାରେ ପ୍ରତିବାଦ କରିବାକୁ କେହି ସମର୍ଥ ହୋଇ ନ ଥିଲେ ସତ କିନ୍ତୁ ତାଙ୍କର ଯେଉଁ ମୂଳ ଲକ୍ଷ୍ୟ ରହିଥିଲା, ତାହା ସେହିଠାରେ ଶେଷ ହେଲନାହିଁ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭାଷଣଟି ପରେ '**Andhrsa Historical Research Journal**'ର ପ୍ରଥମ ସଂଖ୍ୟାରେ ପ୍ରକାଶିତ ହେଲା ।

ଏହାପରେ ଆନ୍ଧ୍ରମାନେ ଚେଷ୍ଟାକଲେ ତାହାକୁ ହାତଦ୍ୱାରା ଅସ୍ୱୀକୃତ କରିବାକୁ ହେବ । ଏଣୁ ବିଜୟନଗରର ମହାରାଜାଙ୍କୁ କହି ତାଙ୍କ ଜମିଦାରୀର ଭୀମଲିପଟ୍ଟମ୍‌ଠାରେ ସମୁଦ୍ରକୂଳରେ ଗୋଟିଏ ବିରାଟ ସଭାର ଆୟୋଜନ କଲେ । ଏଥିରେ ବିଜୟନଗର ମହାରାଜା ଅଭ୍ୟର୍ଥନା ସମିତିର ପ୍ରଧାନ ଅଧ୍ୟକ୍ଷ ହୋଇଥାନ୍ତି । ପାରଳାଖେମୁଣ୍ଡି ମହାରାଜାଙ୍କୁ ନିମନ୍ତ୍ରଣ କରି ସେଥିରେ ସଭାପତିତ୍ୱ କରିବାକୁ ଦିଆଗଲା । ମହାରାଜା ସେହି ନିମନ୍ତ୍ରଣ ରକ୍ଷାକରି ସଦଳବଳ ବିଜୟନଗର ମହାରାଜାଙ୍କର ଆତିଥ୍ୟ ଗ୍ରହଣ କରିବାକୁ ନିଜର '**Rolls roys**' ରେ ଯାତ୍ରାକଲେ । ମୁଁ ମଧ୍ୟ ମହାରାଜାଙ୍କ ସେକ୍ରେଟେରୀ ଶ୍ୟାମସୁନ୍ଦର ଗନ୍ତାୟତ, ପ୍ୟାଲେସ କଣ୍ଟ୍ରୋଲର ଯୁଗଲ କିଶୋର ପାଣିଗ୍ରାହୀ ଏବଂ ଅଧ୍ୟାପକ ହୀରାଲାଲ ବର୍ଦ୍ଧନଙ୍କ ସଙ୍ଗେ ମିଶି ରେଳଗାଡ଼ିରେ ବିଜୟନଗର ଗଲି । ମହାରାଜାଙ୍କୁ ଗୋଟିଏ ରମଣୀୟ ପାହାଡ଼ ଉପରେ ବିଶାଳ ପ୍ରାସାଦରେ ରଖା ଯାଇଥିଲା । ବିଜୟନଗର ମହାରାଜାଙ୍କର ଅତିଥିସତ୍କାର ଅତି ଉଚ୍ଚକୋଟିର । ଆମେ ସେଦିନ ସେଠାରେ ରହି ଭାବିଲୁ ଏଥର ଆମ ମହାରାଜା ଆନ୍ଧ୍ରମାନଙ୍କର ସମ୍ପୂର୍ଣ୍ଣ କବଳିତ ହୋଇଯିବେ । ଜୟପୁର ମହାରାଜାଙ୍କୁ ଯେପରି ସେମାନେ ଆୟତ୍ତ କରି ସାରିଛନ୍ତି, ଏଠାରେ ମଧ୍ୟ ସେପରି ଚେଷ୍ଟା ଚାଲିଛି । ପାରଳା ମହାରାଜାଙ୍କଠାରୁ କିଛି ଗୋଟିଏ ବଡ଼ ଦାନର ପ୍ରତିଶ୍ରୁତି ପାଇ ସେମାନେ ତାଙ୍କର ଐତିହାସିକ ଅନୁଷ୍ଠାନ ଗଢ଼ିବାକୁ ଚେଷ୍ଟା ଲଗାଇଛନ୍ତି । ଶ୍ୟାମସୁନ୍ଦର ବାବୁ ଓ ମୋ ଭିତରେ ଏ ସମ୍ବନ୍ଧରେ ରାତି ଗୋଟାଏ ବା ଦୁଇଟା ପର୍ଯ୍ୟନ୍ତ ଏହି ବିଚାର ଚାଲିଥିଲା । ପରଦିନ ପ୍ରଭାତରୁ ବିଜୟନଗର କଲେଜର ଇତିହାସ ଅଧ୍ୟାପକ ଡଃ ଶେଷଗିରି ରାଓ ଆମ ବସାକୁ ଆସି ମୋତେ ଡାକନେଲେ ସଭାମଣ୍ଡପଟି ଦେଖି ନେବାକୁ । କାରଣ ପୂର୍ବାହ୍ଣ ଦଶଟାବେଳେ ଯେଉଁ ସଭା ହେବ ସେଥିରେ ଓଡ଼ିଆ ଗଜପତି ରାଜାଙ୍କୁ କିପରି ମର୍ଯ୍ୟାଦା କରିବାକୁ ହେବ ସେଥିର ଠିକନଖି ବିବରଣୀ ଜାଣିବାକୁ ସେ ବ୍ୟାକୁଳ ହୋଇଥାନ୍ତି । ମୁଁ ତାଙ୍କ ସଙ୍ଗେ ସଭାମଣ୍ଡପକୁ ଯାଇ ଦେଖିଲି ଯେ ସାଜସଜ୍ଜା ଅତି ଉତ୍କୃଷ୍ଟ ଧରଣର ହୋଇଛି । ବିଜୟନଗର ମହାରାଜାଙ୍କର ପ୍ୟାଲେସରୁ ରାଜକୀୟ ସୁବର୍ଣ୍ଣ ଷ୍ଟୈକ ଦୁଇଟି ଗୋଟିଏ ସୁନ୍ଦର ମଖମଲ କନାରେ ସମାବୃତ ଟେବୁଲ

Digitized by PPRACHIN, SOA

ସମ୍ମୁଖରେ ସ୍ଥାପିତ ହୋଇଛି । ଗୋଟିଏ ଚୌକିରେ ପାରଳାଖେମୁଣ୍ଡି ମହାରାଜା ଏବଂ ଅନ୍ୟଟିରେ ବିଜୟନଗର ମହାରାଜାଙ୍କ ବସିବା ପାଇଁ ତାହା ଉଦ୍ଦିଷ୍ଟ । ସେଦିନର ପ୍ରୋଗ୍ରାମ କାଗଜ ବା ଏଜେଣ୍ଡା ସଭାପତିଙ୍କ ଆସନ ଆଗରେ ଥୁଆ ହୋଇ ତା ଉପରେ ଗୋଟିଏ ପେପରଓ୍ୱେଟ ରଖାଯାଇଛି । ସ୍ୱର୍ଣ୍ଣ ନିର୍ମିତ କାରୁକାର୍ଯ୍ୟ ସମ୍ପନ୍ନ ଫୁଲଦାନୀରେ ବିଭିନ୍ନ ପ୍ରକାର ପୁଷ୍ପସମ୍ଭାର ସେଠାରେ ମହକୁଛି । ଡକ୍ଟର ରାଓ ମୋତେ ବୁଝାଉଥାନ୍ତି କେଉଁ ବାଟଦେଇ ମହାରାଜା ପେଣ୍ଡାଲ ଭିତରକୁ ଯିବେ । କିଏ କିପରି କେଉଁଠାରେ ତାଙ୍କ ଗଳାରେ ଖଦ୍ଦରର ମାଳ ଲମ୍ବାଇଦେବେ, କେଉଁଠି ତାଙ୍କୁ ଫୁଲତୋଡ଼ା ଦିଆଯିବ, ନମସ୍କାର କଲାବେଳେ ମୁଣ୍ଡ କେତେ ଦୂର ନୁଆଁଇବାକୁ ହେବ ଇତ୍ୟାଦି ଇତ୍ୟାଦି । ମୁଁ ସବୁ ତାଙ୍କଠାରୁ ଶୁଣି ନୀରବରେ ବୁଲୁଥାଏ ମଞ୍ଚଉପରକୁ ଯେଉଁଠି ଜରିର କାରୁକାର୍ଯ୍ୟ ପୂର୍ଣ୍ଣ ମଖମଲ ଟେବୁଲ କ୍ଲଥ ଉପରେ ଏଜେଣ୍ଡା କାଗଜଟି ଥୁଆ ହୋଇଛି । ଅତି ଅଜ୍ଞାତ ଓ ସନ୍ତର୍ପଣ ଭାବେ ସେହି କାଗଜଟି ଡାହାଣରୁ ବାମପାଖ ଚେୟାର ସମ୍ମୁଖକୁ ଘୁଞ୍ଚାଇ ଦେଇ ମୋର କାମ ଶେଷ କଲି । ଏଥିପ୍ରତି ଡକ୍ଟର ରାଓଙ୍କର ଧ୍ୟାନ ଆଦୌ ନ ଥିଲା କହିଲେ ଚଳେ । ମୁଁ ଏପରି କରିବାର ଯେଉଁ ଉଦ୍ଦେଶ୍ୟ ଥିଲା ତାହା ହେଉଛି, ମୋର ମାମୁ ଅଜା ପଣ୍ଡିତ ଗୋପବନ୍ଧୁ ବିଦ୍ୟାଭୂଷଣଙ୍କଠାରୁ ଶୁଣିଥିଲି ଯେ ଗଜପତି ରାଜବଂଶରେ ଏପରି ଗୋଟିଏ ନିୟମ ପୂର୍ବରୁ ରହିଛି, ତାଙ୍କର ଆସନ ଅନ୍ୟ କାହାରି ବାମ ଭାଗରେ ରହିବ ନାହିଁ; ଅର୍ଥାତ୍ ଗଜପତି ରାଜବଂଶ ମଧ୍ୟରେ ଯେ ଶ୍ରେଷ୍ଠ ଓ ଜ୍ୟେଷ୍ଠ ସେ କେବଳ ଡାହାଣ ଭାଗରେ ବସିପାରିବେ ଓ କନିଷ୍ଠ ବାମ ଭାଗରେ ଆସନ ଗ୍ରହଣ କରିବେ । ଏଣୁ ମୁଁ ସେହି ଏଜେଣ୍ଡା କାଗଜଟି ପେପରଓ୍ୱେଟ ସହ ଯେଉଁ ଚଉକି ଆଗକୁ ଘୁଞ୍ଚାଇ ରଖିଲି, ସେଥିରେ ସଭାର ସଭାପତିଙ୍କୁ ବସିବାକୁ ଦିଆଯିବ । ତାହାହେଲେ ଅନ୍ୟ ଚଉକିଟିରେ ବିଜୟନଗର ମହାରାଜା ବସିବେ । ଏହାଦ୍ୱାରା ପାରଳାଖେମୁଣ୍ଡିର ଆସନ ବାମ ଭାଗକୁ ଏବଂ ବିଜୟ-ନଗରର ଆସନ ଦକ୍ଷିଣ ଭାଗକୁ ପଡ଼ିବ । ଏହାର ଫଳ କ'ଣ ହେଉଛି ଦେଖିବାକୁ ମୁଁ ଅପେକ୍ଷା କଲି । ଏକଥା କାହାରିକୁ କହି ନ ଥାଏ । କେବଳ ମୋର ମନେ ମନେ ବିବ୍ରତଟି ରହିଥିଲି । କାରଣ ମୁଁ ଓ ମୋର ସଙ୍ଗେ ଓଡ଼ିଆମାନେ ସମସ୍ତେ ମହାରାଜାଙ୍କ ଯୋଗଦାନ ହେତୁ ଆମର ସମୂହ କ୍ଷତି ସାଧନ ଆଶଙ୍କାରେ ଚିନ୍ତିତ ଥିଲୁ ।

ଯଥା ସମୟରେ ଠିକ୍ ପୂର୍ବାହ୍ଣ ୧୦ ଘଣ୍ଟା ବେଳେ ଗୋଟିଏ ସୁନ୍ଦର **Rolls roys** ରେ ବସି ବିଜୟ ନଗର ମହାରାଜା ଆମ ବଙ୍ଗଳାକୁ ଆସିଲେ । ମହାରାଜାଙ୍କର ସଙ୍ଗେ ତାଙ୍କର ସାକ୍ଷାତ ହେଲା । ଏ'ମଧ୍ୟ ତାଙ୍କର ପୋଷାକ ପିନ୍ଧି ସଭାକୁ ଯିବା ପାଇଁ ପ୍ରସ୍ତୁତ ହୋଇଥାନ୍ତି । ଦୁହେଁ ମିଶି ସଭାକୁ ଗଲେ । ଆଡ଼ମ୍ବର ସହକାରେ ମହାରାଜାଙ୍କୁ ଅଭ୍ୟର୍ଥନା ଦିଆଗଲା । କିନ୍ତୁ ବିଜୟ ନଗର ମହାରାଜାଙ୍କ ବାମ ଭାଗରେ ସ୍ଥାନ ପାଇ ଥିବାରୁ ତାଙ୍କ ଆତ୍ମସମ୍ମାନରେ ଘୋର ଆଘାତ ଲାଗିଲା । ସେତେବେଳେ ମୁଁ ତାଙ୍କୁ ଲକ୍ଷ୍ୟ କରିଥାଏ । ମୁଖର ପରିବର୍ତ୍ତିତ ଆକାର ପ୍ରକାର କିପରି କ'ଣ ହେଉଛି । ସେ

Digitized by PPRACHIN, SOA

ରାଗିଗଲେ ହଠାତ୍ ମୁଖ ଲାଲ ପଡ଼ିଯାଏ ଓ ହାତରେ ବେକମୂଳ ଘଷିଥାନ୍ତି । ଏହା ତାଙ୍କର ରାଗର ଲକ୍ଷଣ, ମୁଁ ଆଗରୁ ଜାଣିଥିଲି । ଠିକ୍ ସେହି ଲକ୍ଷଣ ସେଠାରେ ପ୍ରକାଶ ପାଇଲା । ଅଳ୍ପକିଛି ଚୁମ୍ବକରେ ତାଙ୍କର ଭାଷଣ ଶେଷକରି ସେ ବସାକୁ ଫେରି ଆସିଲେ । ଏହା ଆମ୍ଭମାନେ ଆଦୌ ଆଶା କରି ନ ଥିଲେ । ବସାକୁ ଫେରି ଆସି ଯୁଗଲ କିଶୋର ପାଣିଗ୍ରାହୀଙ୍କୁ କହି ବିଜୟନଗର ମହାରାଜାଙ୍କଠାକୁ ଖବର ପଠାଇଲେ ଯେ ତାଙ୍କର ଦେହ ଅସୁସ୍ଥ । ସେ ପାରଳାଖେମୁଣ୍ଡି ଚାଲି ଯାଉଛନ୍ତି । ଏହା ପରେ ସେ ନିଜ କାର୍‌ରେ ଭିମଲିପଟ୍ଟମ୍‌ରୁ ସିଧା ପାରଳାଖେମୁଣ୍ଡି ଫେରିଗଲେ । ଆମକୁ ମଧ୍ୟ କହିଲେ ଯେ ସନ୍ଧ୍ୟା ଗାଡ଼ିରେ ଯେପରି ବସା ଭାଙ୍ଗିଦେଇ ଆମେ ସମସ୍ତେ ଚାଲିଯାଉ । ତାହାହିଁ ହେଲା । ପରଦିନ ପାରଳାଖେମୁଣ୍ଡିରେ ପ୍ରାଇଭେଟ ସେକ୍ରେଟାରୀ ଶ୍ୟାମ ସୁନ୍ଦର ଗନ୍ତାୟତଙ୍କୁ ଡକାଇ କହିଲେ—"କଲେଜ ପ୍ରିନ୍‌ସିପାଲ୍‌ଙ୍କୁ କହ, ଅଧ୍ୟାପକ ସୀତାପତିଙ୍କୁ ତତ୍କାଳ ତାଙ୍କ ଚାକିରିରୁ ବରଖାସ୍ତ କରିବାକୁ ହେବ ।" କେହି କିଛି ବୁଝି ପାରୁନଥିଲେ । କାହିଁକି ଏପରି ସବୁ ହେଲା । ପାଣ୍ଡବମାନଙ୍କର ଅଜ୍ଞାତ ବନବାସ କଥା ଯେପରି ଏକା କୃଷ୍ଣ ଓ ବିଦୁରଙ୍କୁ ଜ୍ଞାତ ଥାଏ, ସେପରି ଆମର ସେ କୌଶଳଟି ମୁଁ ଓ ଶ୍ୟାମ ସୁନ୍ଦର ଗନ୍ତାୟତ ଏକା ଜାଣିଥାଉଁ । ଏଠାରେ କହି ରଖିବା ଉଚିତ ମହାରାଜାଙ୍କର ସ୍ୱଭାବ ଯେ ଅନୁଧ୍ୟାନ କରିଛି ସେ ନିଶ୍ଚୟ ଜାଣେ ଯେ ବଂଶଗତ ଅଭିମାନ ଓ ରାଜକୀୟ ସମ୍ମାନ ଜ୍ଞାନ ତାଙ୍କର ଅତି ଉତ୍କଟ ଥିଲା । ସେ ବଦ୍‌ରାଗୀ, ରାଗ ସମୟରେ ହିତାହିତ ଜ୍ଞାନ ହରାଇଥାନ୍ତି । ଏହି ଗୁଣ ହେତୁ ତାଙ୍କ ନିଜର କେତେ ସମୟରେ କ୍ଷତି ହୋଇଛି; କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେ ସମ୍ମାନ ଲାଭ କରିଛନ୍ତି । ବିଚରା ଅଧ୍ୟାପକ ସୀତାପତିଙ୍କ ଉପରେ ତାଙ୍କର ସମସ୍ତ ରାଗ ପଡ଼ିଲା । ସେ ଅଧ୍ୟାପକ ପଦରୁ ତଡ଼ା ହେଲେ । ଏହି ଅନ୍ୟାୟର ପ୍ରତିଶୋଧ ନେବାକୁ ଯାଇ ସେ ଗୋଟିଏ ପତ୍ରିକାରେ ଗଙ୍ଗବଂଶୀୟ ରାଜାମାନଙ୍କର ସମ୍ବନ୍ଧେ ଲେଖିଲେ ଯେ, ସେମାନେ ଦାକ୍ଷିଣାତ୍ୟର ଅସ୍ପୃଶ୍ୟ 'ଗାଙ୍ଗୁଲୁ' ଜାତି (ବାସୁଆ ବଳଦଆ) ସଙ୍ଗେ ସମାନ । ଏହା ଫଳରେ ମହାରାଜାଙ୍କ କ୍ରୋଧ ଆହୁରି ବଢ଼ିଗଲା । ଏଥର ସେ ଆନ୍ଧ୍ର ଜାତିକୁ ଘୃଣା କରିବାକୁ ଲାଗିଲେ । ସେ ବୁଝିପାରିଲେ ତାଙ୍କର ମାମୁ ଜୟପୁର ମହାରାଜା ବିକ୍ରମଦେବଙ୍କୁ ଯେପରି ଏମାନେ ଖାପଚୁରେ ପକାଇଲେ ସେପରି ତାଙ୍କୁ ମଧ୍ୟ କରିବାକୁ ଚେଷ୍ଟିତ । ଓଡ଼ିଆମାନେ ଅଧିକାଂଶ କ୍ଷେତ୍ରରେ ସେହି ବଳିଷ୍ଠଜାତି ସଙ୍ଗେ ମାନ୍ଦ୍ରାଜରେ ରହି ଲଢ଼େଇ କରିବାକୁ ଅସମର୍ଥ । ଏଣୁ ସେମାନଙ୍କର ଯାହା ନିଜ ଦାବୀ ସେଥିର ଉଚିତ ନ୍ୟାୟ ସେମାନେ ମାନ୍ଦ୍ରାଜରୁ ପାଇ ପାରୁନାହାନ୍ତି । ଏଣୁ ତାଙ୍କର ପାଇଁ ଯାହାକିଛି କରିବା ଆବଶ୍ୟକ ସେଥିର ପ୍ରତିକାର କେବଳ ପୃଷ୍ଠ-ପୋଷକ ଓଡ଼ିଆ ରାଜା ଓ ଜମିଦାରମାନଙ୍କ ଦ୍ୱାରା ହିଁ ସମ୍ଭବ ହେବ । ଏହି ଚିନ୍ତାରେ ସେ ତତ୍କାଳୀନ ମଞ୍ଜୁଷା, ଚିକିଟି, ଖଲ୍ଲିକୋଟ, ଧରାକୋଟ ପ୍ରଭୃତି ଜମିଦାରମାନଙ୍କୁ ପ୍ରବର୍ତ୍ତାଇ ଏକକାଳୀନ ଓଡ଼ିଆ ଆନ୍ଦୋଳନ ଚଲାଇବାକୁ ଚେଷ୍ଟା କଲେ । ଏହାପରେ

Digitized by PPRACHIN, SOA

ଓଡ଼ିଆ ଜାତି ପ୍ରତି ତାଙ୍କ ଅବଦାନ ଯାହା ସର୍ବସ୍ୱୀକୃତ ହୋଇଛି ସେଥିର ବିଶଦ ବିବରଣୀ ଉଲ୍ଲେଖ କରିବା ବର୍ତ୍ତମାନ ନିଷ୍ପ୍ରୟୋଜନ ।

ଆଗରୁ କହିଛି ଯେ ମୋର ପ୍ରଥମ ପୁଅର ହୃଦ୍‌ରୋଗ ମୋତେ ବହୁ ସମୟରେ ବିଷାଦଗ୍ରସ୍ତ କରୁଥିଲା । ତା' ସାଙ୍ଗକୁ ମୋ ସ୍ତ୍ରୀର ସ୍ୱାସ୍ଥ୍ୟଗତ ଦୁର୍ବଳତା ହେତୁ ହିଷ୍ଟିରିଆ ରୋଗ ଦୀର୍ଘକାଳ ଧରି ମୋତେ ବିବ୍ରତ କରିଥିଲା । ପାରିବାରିକ ଦୁଃଖ କଷ୍ଟ ମଧ୍ୟରେ ପଡ଼ି ମୋର ବହୁ ମୂଲ୍ୟବାନ ସମୟ ଅଯଥା ନଷ୍ଟ ହେବା ହେତୁ ମୁଁ ଚିନ୍ତିତ ଥିଲି । କିନ୍ତୁ ଏହା ଫଳରେ ମଧ୍ୟ ମୋର ଗୋଟିଏ ଲାଭ ହୋଇଥିଲା; କାରଣ ଗୃହ ଜଞ୍ଜାଳ ଏଡ଼ାଇବାକୁ ଅଧିକାଂଶ ସମୟ ମୁଁ ସାଂସ୍କୃତିକ କାର୍ଯ୍ୟରେ ମନୋନିବେଶ କରୁଥିଲି । ଯେତେବେଳେ ପଦ୍ମନାଭ ରଙ୍ଗାଳୟର ପରିଚାଳନା ଭାର ମୋ ଉପରେ ପଡ଼ିଲା ସେତେବେଳେ କେବଳ ଯେ ମୁଁ ନାଟକ ଲେଖିବାରେ ଏବଂ ସଂଗୀତ ଶିକ୍ଷା କରିବାରେ ବ୍ରତୀ ହେଲି ତାହା ନୁହେଁ ବରଂ ଓଡ଼ିଶାର ବହୁ ଗଣ୍ୟମାନ୍ୟ ନାଟ୍ୟକାରଙ୍କର ସଙ୍ଗେ ପରିଚିତ ହେବା ସୁବିଧା ମଧ୍ୟ ପାଇଲି । ନାଟକ ଲେଖିବାକୁ ହେଲେ ନିଜେ ଅଭିନୟ କାର୍ଯ୍ୟରେ ତାଲିମ ପାଇବା ଏବଂ ସୁନ୍ଦର ଗାଇପାରିବା ଆବଶ୍ୟକ । ତେଣୁ ସମୟେ ସମୟେ ମୁଁ ନିଜେ କେତେକ ନାଟକରେ ହିରୋ ପାର୍ଟ ନେଉଥାଏ ପୁଣି ସୁନ୍ଦର ଭାବେ ଗାନ ଗାଇଥାଏ । ୧୯୩୫ ମସିହା ପର୍ଯ୍ୟନ୍ତ ମୁଁ ଭଲ ଗାଇ ପାରୁଥିଲି ଏବଂ ଶ୍ରୋତାମାନଙ୍କଠାରୁ ପ୍ରଶଂସା ପାଉଥିଲି । ନିଜେ ମଧ୍ୟ ହାରମୋନିୟମ ବଜାଇ ନାଟକ ଅଭିନୀତ ହେଲାବେଳେ ସାଇଡ୍‌ରେ ସଂଳାପ କରି ପାରୁଥିଲି । କିନ୍ତୁ ୧୯୩୫ ପରେ ରାଜମହଲରେ କିଛି ସମୟ ବ୍ୟସ୍ତ କରିବାକୁ ପଡ଼ିଲା । ତେଣୁ ମୋର ସଂଗୀତ ଅଭ୍ୟାସ ଧୀରେ ଧୀରେ ଶେଷ ହୋଇଗଲା । ବର୍ତ୍ତମାନ ମୁଁ ଆଦୌ ଗୀତ ଗାଇବାକୁ ସମର୍ଥ ନୁହେଁ । ଅଭ୍ୟାସହିଁ ମନୁଷ୍ୟର ଦ୍ୱିତୀୟ ପ୍ରକୃତି (Habit is the second nature of man) ଯାହା କୁହାଯାଏ ସେଥିର ସତ୍ୟତା ନିଶ୍ଚୟ ଏଥିରୁ ଅନୁଭୂତ ହେବ ।

୧୯୨୯ ଓ ୩୦ ସାଲ ମଧ୍ୟରେ ମୋର ବହୁତଗୁଡ଼ିଏ ଓଡ଼ିଆ ପ୍ରବନ୍ଧ ଏବଂ ଗବେଷଣାମୂଳକ ଇଂରାଜୀ ପ୍ରବନ୍ଧ ବିଭିନ୍ନ ପତ୍ରିକାରେ ପ୍ରକାଶିତ ହେଲା । ସେତେବେଳେ ମୁଖଲିଙ୍ଗମ୍ ନାମକ ଇତିହାସ ପ୍ରସିଦ୍ଧ ସ୍ଥାନରେ ଯେଉଁ ପ୍ରାଚୀନ ମନ୍ଦିରଗୁଡ଼ିକ ରହିଛି ସେଥିର କାନ୍ଥିଗାତ୍ରରେ ଶତାଧିକ ଶିଳାଲେଖ ଥାଏ । ଏହା ଛଡ଼ା ବର୍ତ୍ତମାନ ଆନ୍ଧ୍ର ପ୍ରଦେଶରେ ରହିଥିବା ଶ୍ରୀକୂର୍ମ ମନ୍ଦିର ଓ ସୀମାଚଳ ମନ୍ଦିରରେ ମଧ୍ୟ ସେପରି ଶହ ଶହ ଶିଳାଲିପି ଅଛି । ସେ ସମସ୍ତ ଓଡ଼ିଶାର ଗଙ୍ଗବଂଶୀୟ ରାଜାମାନଙ୍କ ସମୟରେ ଖୋଦିତ ହୋଇଥିଲା । ପୁଣି ସେହି ରାଜବଂଶର ଇତିହାସ ପ୍ରଣୟନ କରିବାକୁ ତାହା ନିତାନ୍ତ ଆବଶ୍ୟକୀୟ ବୋଲି ମୁଁ ମନେକଲି । ଭାରତର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସେହି ଲିପି-ଗୁଡ଼ିକ ମାନ୍ଦ୍ରାଜର ଆନ୍ଧ୍ର ପଣ୍ଡିତମାନଙ୍କୁ ଦେଇ ପାଠ କରାଯାଇଥିଲା ଓ ସେ ସମସ୍ତ 'South Indian Inscriptions' ନାମକ ଗ୍ରନ୍ଥମାଳାରେ ପର୍ଯ୍ୟାୟ କ୍ରମେ ତେଲୁଗୁ

Digitized by PPRACHIN, SOA

ଅକ୍ଷରରେ ଛପା ହୋଇଥିଲା । ସେ ସବୁ ପାଠ କରିବାକୁ ମୋର ମାମୁଁ ଥିଲା ପଣ୍ଡିତ ଗୋପବନ୍ଧୁ ବିଦ୍ୟାଭୂଷଣଙ୍କ ସାହାଯ୍ୟରେ ମୁଁ ତେଲୁଗୁ ଶିକ୍ଷା କଲି । ଲିପିଗୁଡ଼ିକ ସ୍ୱତନ୍ତ୍ର ପୁସ୍ତକରେ ଉଦ୍ଧାର କରି ଯେତେବେଳେ ସେଥିର ବିଷୟ ଆଲୋଚନା କରିବାକୁ ଚେଷ୍ଟା କରୁଥିଲି, ଦେଖାଗଲା ସେ ଅଧିକାଂଶ ଲିପି ବିଶେଷତଃ ଓଡ଼ିଆ ଭାଷାର ଓ ସେଥିର ପ୍ରାଚୀନ ପର୍ଯ୍ୟାୟ ସଂପର୍କରେ ଲେଖାଥିବା ଅନୁଶାସନଗୁଡ଼ିକ ବିକୃତ ଭାବରେ ପାଠକରି ଛପାଯାଇଛି । ଏଣୁ ସେଥିର ପ୍ରକୃତ ଅର୍ଥ ବୋଧଗମ୍ୟ ନୁହେଁ । ଏ ବିଷୟ ଚିନ୍ତା କରିବାରୁ ମୁଁ ସ୍ଥିର କଲି ଯେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର Director Generalଙ୍କୁ ପତ୍ର ଲେଖି ସେଗୁଡ଼ିକ ସଂଶୋଧନ କରାଇ ଗୋଟିଏ ସ୍ୱତନ୍ତ୍ର ପୁସ୍ତକରେ ଛପାଇବି । କାର୍ଯ୍ୟତଃ ମୁଁ ପତ୍ର ଲେଖିଲି । କିନ୍ତୁ ସେଥିର ଫଳ କିଛି ହେଲାନାହିଁ । ସୁତରାଂ ପତ୍ରିକା-ମାନଙ୍କରେ ମଧ୍ୟ ଏଥିର ପ୍ରତିବାଦ କରି ତାଙ୍କୁ ଜଣାଇଲି । ତଥାପି କିଛି ଫଳ ପାଇଲି ନାହିଁ । ଏ ଘଟଣାର ବହୁକାଳ ପରେ ଯେତେବେଳେ ୧୯୫୦ ମସିହାରେ ଓଡ଼ିଶାର ଐତିହାସିକ ଗବେଷଣା ନିମନ୍ତେ ଭୁବନେଶ୍ୱରଠାରେ State Musuem ଗଠିତ ହୋଇ ସରକାରଙ୍କ ପକ୍ଷରୁ ଗବେଷଣା କାର୍ଯ୍ୟ ଆରମ୍ଭ ହେଲା ଏବଂ ସେଥିରେ Apigraphist Curator ରୂପେ ମୁଁ ନିଯୁକ୍ତ ହେଲି, ସେତେବେଳେ ମୋର କଳ୍ପିତ ଆଶା ପୂର୍ଣ୍ଣ ହୋଇ ପାରିଥିଲା । ୧୯୫୦ ମସିହାରେ ପରମାନନ୍ଦ ଆଚାର୍ଯ୍ୟ ମ୍ୟୁଜିୟମର ସୁପରିନ୍‌ଟେଣ୍ଡେଣ୍ଟ ରୂପେ କାମ କରୁଥାନ୍ତି । ତାଙ୍କୁ ଏକଥା କହିବାରୁ ଓଡ଼ିଶା ସରକାରଙ୍କ ଦ୍ୱାରା ତତ୍କାଳୀନ ଅନ୍ଧ୍ର ସରକାରଙ୍କୁ ଜଣାଇ ସେହି ପ୍ରାଚୀନ ମନ୍ଦିର-ଗୁଡ଼ିକରେ ଥିବା ଶିଳାଲିପି ସମୂହ ପରୀକ୍ଷା କରି ସଂଶୋଧିତ ଆକାରରେ ପ୍ରକାଶ କରିବାର ବ୍ୟବସ୍ଥା ହୋଇ ପାରିଥିଲା । ମୋ ଉପରେ ସେ ଭାର ପଡ଼ିଲା । ଅସଂଖ୍ୟ ଶିଳାଲେଖ ପ୍ରତ୍ୟେକଟି ଭଲଭାବରେ ପରୀକ୍ଷା କରି ସେଥିର ଶୁଦ୍ଧତା ରକ୍ଷା କରିବାକୁ ମୁଁ ଯଥାସମ୍ଭବ ଚେଷ୍ଟା କଲି ଏବଂ ସେ ସମସ୍ତ ବର୍ତ୍ତମାନ ମୋ ଦ୍ୱାରା ମୁଁ ସଂକଳିତ "Inscriptions of Orissa" Vol—III ଓ Vol—V ରେ ପ୍ରକାଶ ପାଇଛି ।

୧୯୬୨ରେ ସ୍ଥାନୀୟ ପଦ୍ମନାଭ ରଙ୍ଗାଳୟର ପରିଚାଳନା ଭାର ମୁଁ ଗ୍ରହଣ କରିଥିବା ପ୍ରସଙ୍ଗ ଉପରେ ଉଲ୍ଲେଖ କରାଯାଇଛି । ଯେତେବେଳେ ବ୍ରହ୍ମପୁରରେ ମୋର ବନ୍ଧୁ ସାରଥି ସାହୁଙ୍କ ଦ୍ୱାରା 'ନାଟ୍ୟ-ମନ୍ଦିର' ନାମକ ଗୋଟିଏ ସଂଘ ଗଢ଼ାଯାଇଥିଲା । ସେଥିରେ କଟକର ସୁପ୍ରସିଦ୍ଧ ନାଟ୍ୟକାରମାନେ ଯଥା କୃଷ୍ଣ ପ୍ରସାଦ ବସୁ, ମାଣିଆ ପ୍ରଭୃତି ଅଭିନେତା ଯୋଗ ଦେଇଥାନ୍ତି । ମୋର ଅନୁରୋଧ କ୍ରମେ ସାରଥି ସାହୁ ତାଙ୍କର ଦଳ ନେଇ ପାରଳାଖେମୁଣ୍ଡିରେ କେତୋଟି ନାଟକ ଅଭିନୟ କରିବାକୁ ଆସିଲେ । ମୁଁ ଏକଥା ମହାରାଜାଙ୍କୁ କହି ଭଡ଼ାରେ ପଦ୍ମନାଭ ଥିଏଟରର ରଙ୍ଗମଞ୍ଚ, ତାଙ୍କୁ ଦିଆଇଲି । ସେମାନେ ଏଠାରେ 'କଳାପାହାଡ଼' 'କୃଷ୍ଣ ଚରିତ', 'ହରିଶ୍ଚନ୍ଦ୍ର',

Digitized by PPRACHIN, SOA

'ବିଲ୍ୱମଙ୍ଗଳ' ପ୍ରଭୃତି କେତେଗୋଟି ନାଟକ ଅଭିନୟ କରି ଲୋକରେ ପ୍ରଶଂସା ପାଇବାରୁ ମହାରାଜାଙ୍କ ଆଦେଶ ମତେ ରାଜ ପ୍ରାସାଦରେ ମଧ୍ୟ କେତୋଟି ନାଟକ ଅଭିନୟ କରିଥିଲେ । ସେତେବେଳେ ମୋର ପ୍ରଣୀତ 'କର୍ଣ୍ଣାଟ କୁମାରୀ' ନାଟକଟି ମଧ୍ୟ ସେମାନେ ଖେଳିବାକୁ ଇଚ୍ଛାକଲେ । କିନ୍ତୁ ଆମେ ପ୍ରଥମେ ଏହି ନାଟକ ପାରଳାଖେମୁଣ୍ଡିରେ ଅଭିନୟ କରିବାକୁ ଇଚ୍ଛା କରିବାରୁ ତାହା କାର୍ଯ୍ୟରେ ପରିଣତ ହେଲନାହିଁ । ପରବର୍ତ୍ତି ବଲ୍ଲଭ ନାରାୟଣ ପଟ୍ଟନାୟକ ନାମକ ଜଣେ ମ୍ୟୁନିସିପାଲ କାଉନ୍‌ସିଲର ଏବଂ ଉତ୍ସାହୀ ଯୁବକଙ୍କ ଚେଷ୍ଟାରେ ସେଇ ସାହି ପର୍ବତର ପାଦଦେଶରେ ଗୋଟିଏ ସିନେମା ଘର ନିର୍ମିତ ହେଲ । ତାହା ମହାରାଜାଙ୍କ ଆନୁକୂଲ୍ୟରେ ଶୁଭଦଆ ଯାତ୍ରା ମଧ୍ୟ ସମସ୍ତରେ ପ୍ରତିଷ୍ଠିତା ଲଭ କଲ । ସେଠାରେ ପଦ୍ମନାଭ ରଙ୍ଗାଳୟର ଅଭିନେତାମାନଙ୍କ ସଙ୍ଗେ ମୋର 'କର୍ଣ୍ଣାଟ କୁମାରୀ' ଅତି ସୁନ୍ଦର ଭାବରେ ଅଭିନୀତ ହୋଇଥିଲ । ବହୁ ଦର୍ଶକ ସେଦିନ ସେଥିରେ ଯୋଗ ଦେଇଥିଲେ । ନାଟକର କଥାବସ୍ତୁ ଥିଲ କର୍ଣ୍ଣାଟରାଜ କୃଷ୍ଣ ଦେବରାୟ ଏବଂ ଓଡ଼ିଶାର ସୂର୍ଯ୍ୟବଂଶର ଶେଷରାଜା ପ୍ରତାପରୁଦ୍ର ଦେବଙ୍କ ଯୁଦ୍ଧ ଏବଂ ଉତ୍କଳ ରାଜାଙ୍କ କନ୍ୟା ସଙ୍ଗେ କୃଷ୍ଣଦେବରାୟଙ୍କ ବିବାହ । କର୍ଣ୍ଣାଟରାଜାଙ୍କ ମନ୍ତ୍ରୀ ତିମ୍ମରସର କ୍ରୂରତା ଓ ହୀନ ଆଚରଣ ସେଥିରେ ପ୍ରକାଶ କରାଯାଇଥିବାରୁ ସ୍ଥାନୀୟ ତେଲଗୁମାନଙ୍କର ମନରେ ସେଥିର ପ୍ରତିକ୍ରିୟା ହେଲ । ଏହା ଫଳରେ ସେମାନେ ଏ ଘଟଣାର ବହୁ ଦିନପରେ 'ତିମ୍ମରସୁ' ନାମକ ଗୋଟିଏ ସିନେମା ପ୍ରସ୍ତୁତ କରି ସେଥିରେ ଓଡ଼ିଆମାନଙ୍କୁ ଅପଦସ୍ତ କରିବାକୁ ଚେଷ୍ଟା କରନ୍ତି । ଓଡ଼ିଶା ପ୍ରଦେଶ ଗଠିତ ହେଲ ପରେ ସେତେବେଳେ ସେହି ତେଲୁଗୁ ଛବିଟି ଏଠାରେ ପ୍ରଦର୍ଶିତ ହୁଏ ସେତେବେଳେ ଓଡ଼ିଆ ଯୁବକମାନଙ୍କର ଘୋର ଆପତ୍ତି ହେତୁ ତାହା ସେମାନେ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ସେହି ଛବିଟି ଭାରତୀୟ ସରକାରୀ ସେନସର୍‌ର ବହିର୍ଭୂତ ହୋଇ ନ ଥିଲ । ଏଣୁ ତା'ର ଉତ୍ତର ଦେବାକୁ ୧୯୪୫ ମସିହାରେ 'ମନୋରମା' ନାମକ ଗୋଟିଏ ଐତିହାସିକ କାବ୍ୟ ଲେଖି ମୁଁ ତାହା ଛପାଇଥିଲି । ଅନ୍ଧ୍ରଦେଶରେ କୃଷ୍ଣଦେବରାୟ ଓ ପ୍ରତାପରୁଦ୍ର ଦେବଙ୍କ ମଧ୍ୟରେ ଯେଉଁ ରାଜନୈତିକ ସମ୍ପର୍କ ରହିଥିଲ ତାକୁ ଆଧାର କରି ବହୁ କିମ୍ବଦନ୍ତୀ ସୃଷ୍ଟି ହୋଇଛି । ସେଇ କିମ୍ବଦନ୍ତୀମାନଙ୍କୁ ଆଧାର କରି ମୋର 'କର୍ଣ୍ଣାଟ କୁମାରୀ' ନାଟକ ଏବଂ 'ମନୋରମା' କାବ୍ୟ ରଚିତ ହୋଇଅଛି । ଅତି ଦୁଃଖର ସହିତ ମୁଁ ଏଠାରେ ପ୍ରକାଶ କରୁଛି ଯେ 'କର୍ଣ୍ଣାଟ କୁମାରୀ' ନାଟକ ଦୁଇଥର ପାରଳାଖେମୁଣ୍ଡିରେ ଅଭିନୀତ ହୋଇଥିଲେ ସୁଦ୍ଧା ସେଥିର ପାଣ୍ଡୁଲିପିଟି କେଉଁଠାରେ ହଜି ଯାଇଛି, ଆଜିଯାଏ ତାହା ମୁଁ ପାଇ ନାହିଁ । କିନ୍ତୁ 'ମନୋରମା' ଛପା ହୋଇଥିବାରୁ ରହିଗଲ ।

ଥରେ ମାନ୍ଦ୍ରାଜ କ୍ୟାନମେରା ଲାଇବ୍ରେରୀରେ ମୁଁ କାମ କରୁଥିବାବେଳେ ସେଠାର ଅଭିଲେଖ ଓ ପାଣ୍ଡୁଲିପି ବିଭାଗର ମୁଖ୍ୟକର୍ତ୍ତା ବେଙ୍କଟ୍ରୂର ପ୍ରଭାକର ଶାସ୍ତ୍ରୀ

Digitized by PPRACHIN, SOA

ମୋତେ କହିଲେ, "ତମ ଗଞ୍ଜାମର ମଞ୍ଜୁଷା ରାଜ ପ୍ରାସାଦରେ ଯେତେ ତାଳପତ୍ର ପୋଥି ଅଛି, ସେପରି ପ୍ରଚୁର ସଂଖ୍ୟାରେ ପୋଥି ମୁଁ ଅନ୍ୟ କେଉଁଠାରେ ଦେଖି ନାହିଁ। ବହୁତଗୁଡ଼ିଏ ଅପ୍ରକାଶିତ ଗ୍ରନ୍ଥ ବିଭିନ୍ନ ବିଷୟରେ ଲେଖା ହୋଇ ସେହି ରାଜକୀୟ ଲାଇବ୍ରେରୀରେ ଗଚ୍ଛିତ ଅଛି। କିନ୍ତୁ ସେ ସବୁ ଓଡ଼ିଆ ଲିପିରେ ଲେଖାଥିବାରୁ ତାହା ଅନୁଶୀଳନ କରିବା ମୋ ପକ୍ଷରେ ସମ୍ଭବ ନୁହେଁ। ଏଣୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି, ସେହି ମୂଲ୍ୟବାନ ଗ୍ରନ୍ଥଗୁଡ଼ିକ ସଂକଳନ କରନ୍ତୁ। ଓଡ଼ିଶାର ତଥା ଭାରତର ବହୁ ସଂସ୍କୃତ ସାହିତ୍ୟ ଅଦ୍ୟାପି ଲୁପ୍ତ ହୋଇ ରହିଛି। ଆପଣ ଏ ବିଷୟରେ କିଛି ଚେଷ୍ଟାକଲେ ସୁଫଳ ମିଳିପାରେ।" ମାନ୍ଦ୍ରାଜରୁ ଫେରି ଆସି ମୁଁ ନନାଙ୍କୁ ଏକଥା କହିଲି। ସେ ଥରେ ମଞ୍ଜୁଷା ଗଲବେଳେ ତାଙ୍କୁ ଅଭିଥରେ ସ୍ମରଣ କରାଇ ଦେଇଥିଲି। ମଞ୍ଜୁଷା ରାଜା ଜଣେ ବଡ ଶିକାରୀ ଓ ସୌଖୀନ ଥିଲେ। ସେଠାରେ ତାଙ୍କ ପୂର୍ବରୁ ଅନେକ ପଣ୍ଡିତ ଉପଢୌକନ ପାଇ ରାଜାଙ୍କୁ ଗ୍ରନ୍ଥଗୁଡ଼ିକ ଦେଉଥିଲେ। ତାଙ୍କର ଦେବାନ ରାମକୃଷ୍ଣ ଦେଓଙ୍କ ସଙ୍ଗେ ନନା ଏ ବିଷୟରେ କଥା ହୋଇ ମୋତେ କହିଲେ, "ଯଦି ତୁ ଇଚ୍ଛାକରୁ, ମଞ୍ଜୁଷା ରାଜପ୍ରାସାଦରେ ଯେତେଗୁଡ଼ିକ ପୋଥି ଅଛି, ତାହା ସେ ମୋତେ ଦେଖିବାକୁ ଦେବେ। ମୁଁ ତାଙ୍କୁ ଏକଥା କହି ଆସିଛି।" ମୁଁ କାଳବିଳମ୍ବ ନ କରି ସେଠାକୁ ଗଲି। ଦେଖିଲି ରାଜପ୍ରାସାଦର ଗୋଟିଏ ଅପରିଷ୍କୃତ କୋଠରୀରେ ଅସଂଖ୍ୟ ତାଳପତ୍ର ପୋଥି ଅଯତ୍ନ ହୋଇ ପଡ଼ିରହିଛି। ସେଥିରୁ କେତୋଟିର ଦଉଡ଼ି ଛିଣ୍ଡିଗଲାଣି ତ ଆଉ କେତେକ କୀଟ ଦ୍ରଷ୍ଟ ହୋଇ ନଷ୍ଟ ହେବା ଉପରେ। ଏ ଅବସ୍ଥା ଦେଖି ମୋର ମନରେ ଘୋର ଦୁଃଖ ହେଲା। ହାୟ! ଓଡ଼ିଶାର ସେଉଁ ପଣ୍ଡିତ-ମାନେ କେତେ ଦୁଃଖକଷ୍ଟରେ ସେ ଗ୍ରନ୍ଥମାନ ଲେଖିଥିଲେ ବା କପି କରିଥିଲେ, ତାହା ଆଜ ଏପରି ଧୂଳି ଧୂସରିତ ଭାବେ ଗୋଟିଏ ଅନ୍ଧକାର କୋଠରୀରେ କୁଢ଼ ହୋଇଛି। ଯତ୍ନ ନେବାକୁ କାହାରି ପ୍ରବୃତ୍ତି ହେଉନାହିଁ। ଆମ ଜାତିର ଜ୍ଞାନ ବୈଭବ କିପରି ଏଥି ଦ୍ୱାରା ନଷ୍ଟ ଭ୍ରଷ୍ଟ ହେଉଛି ସେଥିର ଜ୍ୱଳନ୍ତ ଉଦାହରଣ ଏଇଠାରେ ଦେଖିବାକୁ ମିଳେ। ମୁଁ ସେହି ଗ୍ରନ୍ଥମାନଙ୍କ ଭିତରୁ ଅଳ୍ପ କେତୋଟି ମାତ୍ର ଫିଟାଇ ଦେଖିଲି ତାହା ଅତି ସୁନ୍ଦର ଅକ୍ଷରରେ ଲେଖା ହୋଇଛି। ସେତେବେଳେ ତାଳପତ୍ର ପଢ଼ିବାର ଅଭ୍ୟାସ ମୋର ଥିଲା। ତେଣୁ ଅଳ୍ପ କାଳ ମଧ୍ୟରେ ମୁଁ କେତୋଟି ଭଲ ଭଲ ଗ୍ରନ୍ଥ ବାଛି ସେଥିର ନକଲ କରାଇବାକୁ ଶ୍ରୀ ରାମକୃଷ୍ଣ ଦେବଙ୍କୁ ଅନୁରୋଧ କଲି। କିନ୍ତୁ ମୋର ଅନୁରୋଧର ଫଳ କିଛି ହେଲା ନାହିଁ। ମୋତେ ସନ୍ତୁଷ୍ଟ କରିବାକୁ ସେ ହଁ କରିଥିଲେ; କିନ୍ତୁ କାର୍ଯ୍ୟରେ ତାହା କରି ନଥିଲେ। ବୋଧହୁଏ ସେ ଭାବିଥିବେ ଯେ ଏତେ ପଇସା ଖର୍ଚ୍ଚ କରି ସେ ସବୁ ଲେଖାଇବା ମୂର୍ଖତାର ପରିଚୟ ମାତ୍ର। ବହୁଦିନ ପରେ ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଲା ଓ ଷ୍ଟେଟ ମ୍ୟୁଜିୟମ ସ୍ଥାପିତ ହେଲା ସେତେବେଳେ ମୁଁ ସେକଥା ସ୍ମରଣ କରି ତତ୍କାଳୀନ ଶିକ୍ଷା ବିଭାଗୀୟ ଡିରେକ୍ଟରଙ୍କ ଦୃଷ୍ଟି

Digitized by PPRACHIN, SOA

ପ୍ରସାଦଙ୍କୁ ଏକଥା କହିଲି । ସେ ଜଣେ ବିଚକ୍ଷଣ ପଣ୍ଡିତ ଓ ବିଦ୍ୟାନୁରାଗୀ । ସଙ୍ଗେ ସଙ୍ଗେ ଲୋକ ପଠାଇଲେ ମଞ୍ଜୁଷା ଲାଇବ୍ରେରୀର ଖବର ନେବାକୁ । କିନ୍ତୁ ହାୟ ! ସେତେବେଳକୁ ସେ ଲାଇବ୍ରେରୀଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି; କାରଣ ଯେଉଁ ଘରେ ପୋଥିଗୁଡ଼ିକ ଗୁଡ଼ା ହୋଇଥିଲା ସେଥିରେ ପାଣିଗଳି ସେ ସବୁ ଗୋଟିଏ ମାଟି ଢିପାରେ ପରିଣତ ହୋଇ ଗଲାଣି । ଏହା ଶୁଣି ମୋର ଅନ୍ତସ୍ଥଳରୁ ଗୋଟିଏ ଦୀର୍ଘ ନିଃଶ୍ୱାସ ବାହାରିଲା । ଆଖି ଲୋତକ ପୂର୍ଣ୍ଣ ହେଲା । ଓଡ଼ିଶାର ମୂଲ୍ୟବାନ ସମ୍ପଦ କେତେ ଯେ ଆମେ ହରାଇ ଦେଇଛୁ, ସେଥିର କଳନା କିଏ କରିବ ? ମ୍ୟୁଜିୟମର ସୁପରିନ୍‌ଟେଣ୍ଡେଣ୍ଟ ପରମାନନ୍ଦ ଆଚାର୍ଯ୍ୟ ମଧ ମୋ ସଙ୍ଗେ ସମବେଦନା ପ୍ରକାଶ କଲେ । ତାଙ୍କର ଚେଷ୍ଟାରେ ଗୋଟିଏ ତାଳପତ୍ର ପୋଥି ଗ୍ରନ୍ଥାଗାର ସ୍ୱତନ୍ତ୍ର ଭାବେ ସେହି ମ୍ୟୁଜିୟମରେ ସ୍ଥାପିତ ହେଲା । ଏପର୍ଯ୍ୟନ୍ତ ପ୍ରାୟ ୩୦ ହଜାର ପୋଥି ଓଡ଼ିଶାରୁ ସଂଗୃହୀତ ହୋଇ ସେଥିରେ ରକ୍ଷିତ ହେଲାଣି ସତ, ତଥାପି ଯଦି ୧୦।୧୫ ବର୍ଷ ଆଗରୁ ଏପରି ସଙ୍କଳନ କାର୍ଯ୍ୟ ହୋଇଥାନ୍ତା ତା ହେଲେ ଲକ୍ଷାଧିକ ଅମୂଲ୍ୟ ଗ୍ରନ୍ଥ ଆମେ ସଞ୍ଚୟ କରି ପାରିଥାନ୍ତୁ ଏବଂ ପୃଥିବୀର ଗୋଟିଏ ଉତ୍କୃଷ୍ଟ ଗ୍ରନ୍ଥାଗାର ବୋଲି ଏହା ପରିଚୟ ଲାଭ କରନ୍ତା ।"

ରାଜମହେନ୍ଦ୍ରୀ କଲେଜର ପ୍ରଧାନ ଇତିହାସ ଅଧ୍ୟାପକ ରାଲବାର୍ଣ୍ଣି ସୁବାରାଓଙ୍କ ଉଦ୍ୟମରେ ସେଠାରେ ଆନ୍ଧ୍ର ଐତିହାସିକ ରିସର୍ଚ୍ଚ ସଂଘ ଗଠିତ ହୋଇ ଗୋଟିଏ ଇଂରାଜୀ ତ୍ରୈମାସିକ ପତ୍ରିକା ପ୍ରକାଶିତ ହେଲା । ସେଥିରେ କେତେବର୍ଷ ମୁଁ ନିୟମିତ ରୂପେ ପ୍ରବନ୍ଧମାନ ଯୋଗାଉଥିଲି । ଏଣୁ ଅଧ୍ୟାପକ ସୁବାରାଓଙ୍କ ସମେତ ମାନ୍ଦ୍ରାଜର ବହୁ ଗବେଷକ ପଣ୍ଡିତମାନେ ମୋର ବନ୍ଧୁ ହୋଇ ପାରିଥିଲେ । ଥରେ ଅଧ୍ୟାପକ ସୁବାରାଓ ଶ୍ରୀକାକୁଲମ୍ ଜିଲ୍ଲାର ଚଡ଼ିବଲସା ନାମକ ଗୋଟିଏ ଗ୍ରାମରୁ ତାମ୍ର ଶାସନଟିଏ ଆବିଷ୍କାର କରି ତାହା ତାଙ୍କ ସମ୍ପାଦିତ ରିସର୍ଚ୍ଚ ପତ୍ରିକାରେ ପ୍ରକାଶ କଲାବେଳେ ସେଥିର ଉପାଦେୟତା ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଲେ ଯେ ଏଠାରେ ଯେଉଁ ଓଡ଼ିଆ ବ୍ରାହ୍ମଣମାନେ ବାସ କରନ୍ତି, ସେମାନଙ୍କର ମୂଳ ନିବାସ ସ୍ଥଳ ବଙ୍ଗ ଦେଶ; କାରଣ ଅଭିଲେଖ ବର୍ଣ୍ଣିତ ପ୍ରତିଗ୍ରହିତା ନିଜକୁ 'ଗୋଜାଦାକ୍ଷିତ ବଙ୍ଗଜେଭ୍ୟଃ' ବୋଲି ଉଲ୍ଲେଖ କରି ଅଛନ୍ତି । ଏଥିର ଅର୍ଥ ହେଉଛି ବଙ୍ଗ ଦେଶରେ ଜନ୍ମଲାଭ କରିଥିବା ଗୋଜାଶ୍ରେଣୀୟ ଦୀକ୍ଷିତ ଉପାଧ୍ୟାୟୀ ବ୍ରାହ୍ମଣ । ତାଙ୍କର ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ଚଡ଼ିବଲସା ଗ୍ରାମଠାରୁ ସମୁଦ୍ରର ଦୂରତା ପ୍ରାୟ ଦୁଇ ମାଇଲ ଏବଂ ସମୁଦ୍ରତଟରେ କଳିଙ୍ଗ ପାଟଣା ବନ୍ଦର ଅବସ୍ଥିତ । କିନ୍ତୁ ଏହି ତାମ୍ରଶାସନର ବର୍ଣ୍ଣନା ଅନୁଯାୟୀ ଚଡ଼ିବଲସା ଗ୍ରାମର ଦକ୍ଷିଣ-ସୀମା ଶିଳା ଓ ସମୁଦ୍ର ସୂଚିତ କରୁଥିବାରୁ ସେଥିରେ 'ଦକ୍ଷିଣତଃ ଶିଳା-ସମୁଦ୍ର' ବୋଲି ଲେଖା ଅଛି । ଏଣୁ ସେଥିର ମଧ୍ୟବର୍ତ୍ତୀ କଳିଙ୍ଗ ପାଟଣା ବନ୍ଦର ସେତେବେଳେ ନଥିବାର ପ୍ରମାଣ ମିଳେ । ବର୍ତ୍ତମାନ ସମୁଦ୍ର ଦକ୍ଷିଣକୁ ପ୍ରାୟ ଦୁଇ ମାଇଲ ଘୁଞ୍ଚିଯିବାରୁ

Digitized by PPRACHIN, SOA

ପରବର୍ତ୍ତୀ କାଳରେ କଳିଙ୍ଗ ବନ୍ଦର ସ୍ଥାପିତ ହେବା ସମ୍ଭବ । ଏ ଦୁଇଟି ବିଷୟରେ ମୋର ଘୋର ସନ୍ଦେହ ଜାତ ହେଲା । ଏଣୁ ନିଜର କୌତୂହଳ ଚରିତାର୍ଥ କରିବାକୁ ମୂଳ ତାମ୍ର ଶାସନଟି ନିଜେ ପରୀକ୍ଷା କରିବାକୁ ଚେଷ୍ଟା କଲି । କିନ୍ତୁ ତାହା ମାନ୍ଦ୍ରାଜ ମ୍ୟୁଜିୟମରେ ଗୋଟିଏ ବାକ୍ସରେ ରଖାଯାଇଛି । ତେଣୁ ସେଠାର କ୍ୟୁରେଟରଙ୍କ ବିନା ଅନୁମତିରେ ତାହା ପାଇବା ସମ୍ଭବ ନୁହେଁ । ମୁଁ ଅନ୍ୟ କାର୍ଯ୍ୟରେ ମାନ୍ଦ୍ରାଜ ଗଲାବେଳେ ମ୍ୟୁଜିୟମକୁ ଯାଇ ତତ୍କାଳୀନ ଟି. ରାମଚନ୍ଦ୍ରନ୍ (ମ୍ୟୁଜିୟମ କ୍ୟୁରେଟର)ଙ୍କୁ ନିଜର ପରିଚୟ ଦେଲି । ସେ ମୋର କେତୋଟି ପ୍ରବନ୍ଧ ଆଗରୁ ପଢ଼ିଥିଲେ । ତେଣୁ ମୋତେ ଆଦର କରି ତାଙ୍କ ଅଫିସ୍‌ରେ ବସାଇ କହିଲେ, "ଆପଣଙ୍କୁ ମୁଁ ଗୋଟିଏ ଅନୁରୋଧ କରିବି, ରକ୍ଷା କରିବେ ତ ?" ମୁଁ ତାଙ୍କୁ ହସି ହସି କହିଲି, "ମୋର ମଧ୍ୟ ଆପଣଙ୍କ ଠାରେ ଗୋଟିଏ ଅନୁରୋଧ ଅଛି । ଆପଣ ଦୟା କରି ତାହା ପୂର୍ଣ୍ଣକରନ୍ତୁ ।" ସେ କହିଲେ, "ଆପଣ ଆଗେ ମୋ କାର୍ଯ୍ୟଟି କରନ୍ତୁ ।" ଏହା କହି ସେ ମୋତେ ଗୋଟିଏ ସ୍ୱତନ୍ତ୍ର ଅଭିଲେଖ ପ୍ରଦର୍ଶିତ କୋଠରୀକୁ ନେଲେ । ସେଠାରେ ବହୁତଗୁଡ଼ିଏ ବିଭିନ୍ନ ଯୁଗର ଶିଳାଲେଖ ଥାକ ଥାକ ହୋଇ ପ୍ରଦର୍ଶିତ ହୋଇଛି । ଗୋଟିଏ ଉଚ୍ଚ ଥାନରେ ବଡ଼ ଶିଳାଲେଖଟିଏ ଥିଲା । ସେଥିପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ସେ ମୋତେ କହିଲେ, "ଏ ଲିପିଟି ଆମେ ଚେଷ୍ଟାକରି ବୁଝିପାରୁ ନାହୁଁ । ଅଶୋକ ଲିପିଠାରୁ ଏହା ସ୍ୱତନ୍ତ୍ର ବୋଲି ଜଣାଯାଉଛି । ଭାରତରେ ବ୍ୟବହୃତ କୌଣସି ଅଞ୍ଚଳର ଲିପି ସଙ୍ଗେ ଏଥିର ମେଳ ନାହିଁ । ଆପଣ ପରୀକ୍ଷା କରନ୍ତୁ ଏଇଟା କି ଲିପି ହୋଇପାରେ ?" ଏହା କହି ସେ ତାଙ୍କର ଅଫିସକୁ ଚାଲିଗଲେ । ସେତେବେଳେ ସେ କୋଠରୀରେ ଜଣେ ଚପରାଶୀ ଥାଏ । ମୁଁ ତଳେ ଠିଆ ହୋଇ ପ୍ରାୟ ୧୦ ଫୁଟ ଉଚ୍ଚ ଥାକରେ ସଂରକ୍ଷିତ ସେହି ଲିପିଟି ପ୍ରତି ଚାହିଁ ରହିଲି । କିଛି ଜଣାପଡ଼ୁ ନାହିଁ । ଅଥଚ ଅକ୍ଷରଗୁଡ଼ିକ ଆକାରରେ ବଡ଼ ଓ ଅତ୍ୟନ୍ତ ସ୍ପଷ୍ଟ । ମୁଁ ସେଠାର ଚପରାଶୀକୁ କହିଲି ଗୋଟିଏ ଉଚ୍ଚ ଷ୍ଟୁଲ ଆଣିବାକୁ । ସେ ପାଖରେ ଥିବା ଗୋଟିଏ ଷ୍ଟୁଲ୍ ଉପରୁ ଫୁଲଦାନିଟି ଉଠାଇ ଦେଇ ତାହା ମୋ ପାଖକୁ ଧରି ଆସିଲା । ସେଥିରେ ଠିଆ ହେବାରୁ ମୋର ମୁଣ୍ଡଟି ଶିଳାଲେଖର ଟିକିଏ ଉପରକୁ ରହିବାରୁ ହଠାତ୍ ମୁଁ ଜାଣିପାରିଲି ଯେ ସେହି ଲିପି ସମ୍ପୃକ୍ତ ପ୍ରସ୍ତରକୁ ଓଲଟାଇ ସେଠାରେ ରଖାଯାଇଛି । ପ୍ରାଚୀନ ପଲ୍ଲବ ବଂଶୀୟ ରାଜାମାନଙ୍କର ବ୍ୟବହୃତ ଲିପିରେ ତାହା ଉତ୍କୀର୍ଣ୍ଣ ସୁନ୍ଦର ଗୋଟିଏ ଶିଳାଲେଖ । ଏପରି ଓଲଟାଇ ଲିପିକୁ ତଳ-ଆଡ଼ୁ ଦେଖିବାରୁ ତାହା ଦୁର୍ବୋଧ ଅକ୍ଷର ପରି ଜଣାଯାଉଛି । ଚପରାଶୀମାନେ ତାହା ସଫା କରି ଥାକ ଉପରେ ଥୋଇଲାବେଳେ ଓଲଟାଇ ରଖିବା ସମ୍ଭବ । ଏହା ଟି-ରାମଚନ୍ଦ୍ରନ୍‌ଙ୍କୁ ଜଟିଳ ସମସ୍ୟାରେ ପକାଇଛି । ଏ କଥା ମୁଁ ଆବିଷ୍କାର କରି କ୍ୟୁରେଟରଙ୍କ ଅଫିସକୁ ଯାଇ ଏ କଥା ତାଙ୍କୁ କହିଲି । ନିଜର ଭ୍ରମ ବୁଝିପାରି ସେ ସେଇ ଶିଳାଲେଖ ଯଥାବିଧିରେ ସଜାଇ ରଖିଲେ । ସେହି ଦିନୁ ତାଙ୍କର ଓ ମୋ

Digitized by PPRACHIN, SOA

ମଧ୍ୟରେ ବନ୍ଧୁତା ବଢ଼ିଲା । ଏହାପରେ ଯେତେଥର ଯେତେ ସ୍ଥାନରେ ତାଙ୍କର ମୋର ଦେଖା ହୋଇଛି ସେ ମୋତେ ସବୁ କଥାରେ ସାହାଯ୍ୟ କରିଛନ୍ତି ଏବଂ ମୋଠାରୁ ମଧ୍ୟ କିଛି କିଛି ସାହାଯ୍ୟ ପାଇଛନ୍ତି । ମୋର ଅନୁରୋଧକ୍ରମେ ଚଢ଼ିବଲସା ତାମ୍ର ଶାସନଟି ଆଣି ମୋତେ ଦେଲେ । ଅଧ୍ୟାପକ ସୁବାର୍ଓ ଯେଉଁପରି ସେହି ତାମ୍ର ଶାସନଟି ପାଠ କରିବା ଫଳରେ ଓଡ଼ିଆଙ୍କୁ ବଙ୍ଗଦେଶୀୟ ସନ୍ତାନ ରୂପେ ଚର୍ଚ୍ଚିତ କରି ଅଛନ୍ତି ପୁଣି ପ୍ରାଚୀନ ଯୁଗରେ କଳିଙ୍ଗ ବନ୍ଦରର ଅସ୍ତିତ୍ୱ ନଥିଲା ବୋଲି ସିଦ୍ଧାନ୍ତ କରିଅଛନ୍ତି ସେ ଉଭୟ ବିଷୟ ତାଙ୍କର ଭୁଲ ବୋଲି ମୁଁ ସ୍ପଷ୍ଟ ବୁଝିପାରିଲି । ପ୍ରଥମତଃ ମୂଳ ତାମ୍ର ଲିପିରେ 'ଗୋଜା ଦୀକ୍ଷିତ ବଙ୍ଗଜେଭ୍ୟଃ' ଯେଉଁଠାରେ ଲେଖାଥିଲା ତାହା ପ୍ରକୃତରେ 'ବଙ୍ଗଜେଭ୍ୟଃ' ନୁହେଁ; କିନ୍ତୁ 'ବଂଶଜେଭ୍ୟଃ' ପ୍ରାଚୀନ ଲିପିତତ୍ତ୍ୱ ଅନୁଶୀଳନ କଲେ ଜଣାପଡ଼ିବ ଯେ ବଂଶ ଲେଖିବାବେଳେ ଲିପିକାରମାନେ 'ବ'କୁ ଅନୁସ୍ୱାର ନ ଦେଇ 'ଙ' ତଳେ 'ଶ' ଅକ୍ଷରକୁ ଯୋଗ କରିଥାନ୍ତି । ଏଠାରେ ମଧ୍ୟ ତାହାହିଁ ହୋଇଥିଲା । 'ଶ' ଅକ୍ଷରକୁ ଅଧ୍ୟାପକ ସୁବାର୍ଓ 'ଗ' ବୋଲି ପାଠ କରିବାରୁ ଏପରି ଭ୍ରାନ୍ତ ସୃଷ୍ଟି ହେଲା । ସେହିପରି "ଦକ୍ଷିଣତଃ ଶିଳା-ସମୁଦ୍ରଃ' ରୂପେ ଯାହା ସେ ପଢ଼ିଥିଲେ, ସେଥିରେ ସମୁଦ୍ର ଶବ୍ଦଟିର ପାଠ ଠିକ୍ ନୁହେଁ, ତାହା 'ସହହ' ରୂପେ ପଢ଼ିବା ଉଚିତ ଥିଲା । ଏପରି ଅତି ସୂକ୍ଷ୍ମ ବିଭେଦ ଯୋଗୁଁ ଇତିହାସରେ ଘୋର ବିପର୍ଯ୍ୟୟ ସୃଷ୍ଟି ହେବାର ସମ୍ଭବ । ଯଥା ସମୟରେ ସଂଶୋଧିତ ନହେଲେ ତାହା ଆମ ଦେଶର ଇତିହାସକୁ କିମ୍ଭୂତ-କିମାକାର କରି ପକାଇବ, ଏକଥା ମୁଁ ମୋର ବନ୍ଧୁ ଅଧ୍ୟାପକ ସୁବାର୍ଓଙ୍କୁ ପତ୍ର ଦ୍ୱାରା ଜଣାଇ ଦେଲି । ସେ ମଧ୍ୟ ତାଙ୍କର ଭୁଲ୍ ହେତୁ ଦୁଃଖ ପ୍ରକାଶ କରି ଚିଠି ଦେଇଥିଲେ ସତ; କିନ୍ତୁ ଆଜିଯାଏ ଆନ୍ଧ୍ର ପତ୍ରିକାରେ ସେଥିର ସଂଶୋଧନ କରାଯାଇ ନାହିଁ । ଏଥିରୁ ମୁଁ ଅନୁମାନ କରୁଛି ଯେ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଓଡ଼ିଆମାନଙ୍କର ଅସ୍ତିତ୍ୱ ଏବଂ ତାଙ୍କର ମୌଳିକ ଅଧିକାର ଏ ଦେଶରେ ନଥିବା ପ୍ରମାଣିତ କରିବାକୁ ଯତ୍ନ କରାଯାଉଥିଲା ।

ପ୍ରଥମେ ମୁଁ କହିଛି ଯେ ପାରିବାରିକ ଅସୁବିଧା ଓ ଅଶାନ୍ତି ଯୋଗୁ ଅଧିକାଂଶ ସମୟ ମୁଁ ସାଧୁତିକ କାର୍ଯ୍ୟରେ ଏବଂ ଲେଖାପଢ଼ାରେ କଟାଉଥିଲି । ଘରେ ଯେତେ ପରିମାଣରେ ଅଧିକ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହୁଏ, ତେତେ ଅଧିକ ପରିମାଣରେ ବରଂ ମୁଁ ଲେଖା ପଢ଼ା ଦିଗରେ ମନ ଦିଏ । କାରଣ ଯେତେବେଳେ ମୁଁ କୌଣସି ଗୋଟିଏ ନୂଆକଥା କିମ୍ବା ନୂଆ ତାମ୍ରଶାସନରୁ ଐତିହାସିକ ବିଷୟ ଆବିଷ୍କାର କରେ ସେତେବେଳେ ଯେଉଁ ପରିମାଣରେ ଆନନ୍ଦ ଉପଲବ୍ଧ ହୁଏ, ତାହା ଅନୁଭବ ବିନା ଅନ୍ୟ କେହି ବୁଝିପାରିବେ ନାହିଁ । ତେଣୁ ଏପରି କାର୍ଯ୍ୟରେ ନିର୍ଦ୍ଦିଷ୍ଟ ଭାବରେ ମୁଁ ଯେତେବେଳେ ବସିଥାଏ, ଅନେକ ସମୟରେ ମୋର ପାଖରେ କ'ଣ ସବୁ ଘଟୁଛି ତାହା ଜାଣି ପାରେ ନାହିଁ । କ୍ରମେ ଏହା ମୋର ଗୋଟିଏ ଅଭ୍ୟାସରେ ପରିଣତ

Digitized by PPRACHIN, SOA

ହେଲ । ପୁଣି କଠୋର ପରିଶ୍ରମ-ସହ ଘଣ୍ଟା ଘଣ୍ଟା ଏକାଦିକ୍ରମେ ବସି ଲେଖାପଢ଼ା କରିବାକୁ ମୁଁ ଆଦୌ ବିରକ୍ତ ବୋଧ କରୁନଥିଲି । ଏହି ଅଭ୍ୟାସ ମୋତେ ଭବିଷ୍ୟତରେ ଗ୍ରନ୍ଥମାନ ଲେଖିବାକୁ ବହୁତ ସାହାଯ୍ୟ କରିଥିଲା କହିଲେ ଚଳେ । ଏପରି କଠୋର ପରିଶ୍ରମଯୋଗୁ ମୋ ନଜର ସ୍ନାୟବିକ ଦୁର୍ବଳତା ବୃଦ୍ଧିଲାଭ କଲା । କ୍ରମେ ତାହା ଗୋଟିଏ ନ୍ୟୁରସ୍ଥେନିଆ ପରି ରୋଗରେ ପରିଣତ ହେବାକୁ ଲାଗିଲା । ମୁଣ୍ଡ ବୁଲାଇ କେବେ କେବେ ତଳେ ପଡ଼ିଯାଏ କିମ୍ବା ଦୁର୍ବଳତା ହେତୁ ଆଖି ଅନ୍ଧାର ଦିଶେ । ଏଥିପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ମୁଁ ସ୍ୱଇଜାଗ୍ ଗଲି । ସେଠାରେ ମୋର ଖୁଡ଼ୁତାଶୁର ଡଃ ବଳଭଦ୍ର ମିଶ୍ର କାଲା ହେଲଥ ଅଫିସର ରୂପେ କାମ କରୁଥାନ୍ତି । ଏଣୁ ସେଠାର କିଙ୍ଗ୍‌ଜର୍ଜ ହସ୍ପିଟାଲରେ ବଡ଼ ବଡ଼ ଡାକ୍ତରଙ୍କ ସଙ୍ଗେ ତାଙ୍କର ଆଳାପ ଥିଲା । ମୁଁ ତାଙ୍କର ଘରେ ରହି ଡାକ୍ତର ରମଣଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଇଲି । କୌଣସି ରୋଗର ସନ୍ଧାନ ସେ ପାଇଲେ ନାହିଁ କେବଳ କେତୋଟି ଟନିକ୍ ଦେଇ ତାଙ୍କର ଚିକିତ୍ସା ସାଙ୍ଗ କଲେ । ୱାଲଟେୟାର ଗୋଟିଏ ସ୍ୱାସ୍ଥ୍ୟକର ସମୁଦ୍ର-କୂଳିଆ ସହର ହୋଇଥିବାରୁ କିଛିଦିନ ସେଠାରେ ମୁଁ ରହିଲି । ସେତେବେଳେ ସେ ଟାଉନଟି ଏବର ପରି ଏତେ ବିରାଟ ଆକାର ଧାରଣ କରି ନଥିଲା । କାରଣ ସେ ପର୍ଯ୍ୟନ୍ତ ହାରବରକାମ ସେଠାରେ ହୋଇ ନଥିଲା । କେବଳ ଭଲ ହସ୍ପିଟାଲଟିଏ ରହିଥିବାରୁ ଲୋକେ ଯିବାକୁ ଆକୃଷ୍ଟ ହେଉଥାନ୍ତି । ଅନ୍ଧ୍ର ୟୁନିଭରସିଟି ନୂଆରେ ତିଆରି ହୋଇଥାଏ ।

ସେହି ଟାଉନ ମଧ୍ୟରେ ଗୋଟିଏ ଅତି ପୁରୁଣା ଦୋତାଲା କୋଠାର ନାମ ଥାଏ 'Devil's Inn' ଅର୍ଥାତ୍ ଭୂତଙ୍କ ଭୋଜନାଗାର । ସେଠାରେ ରହିବାକୁ ଶସ୍ତା ଦେଖି ଓଡ଼ିଆ ଛାତ୍ରମାନେ ରହି ସ୍କୁଲ କଲେଜମାନଙ୍କରେ ପଢ଼ୁଥାନ୍ତି । ଦିନେ ସେଠାରେ ଲକ୍ଷ୍ମୀ ନାରାୟଣ ସାହୁଙ୍କ ସଙ୍ଗେ ମୋର ସାକ୍ଷାତ ହୁଏ । ସେତେବେଳେ ସେ Service of India Society ରେ କାମ କରୁଥାନ୍ତି । ପଢ଼ାପଢ଼ିରେ ତାଙ୍କର ଅପାର ଆନନ୍ଦ । ଆଉ ମଧ୍ୟ ଦୁଇଟି ପତ୍ରିକା ତାଙ୍କଦ୍ୱାରା କଷ୍ଟରୁ ସମ୍ପାଦିତ ହେଉଥିଲା । ଗୋଟିଏ ଇଂରାଜୀ ପତ୍ରିକା 'The Baitarani' ଏବଂ ଅନ୍ୟଟି ଓଡ଼ିଆ ସାହିତ୍ୟ ପତ୍ରିକା 'ସହକାର' । ସେ ଦୁଇଟି ପତ୍ରିକା ଆକାରରେ କ୍ଷୁଦ୍ର ଏବଂ ନିୟମିତ ରୂପେ ପ୍ରକାଶ ପାଇ ପାରୁନଥିଲା । ସେଥିର ପ୍ରଧାନ କାରଣ ହେଉଛି ଲକ୍ଷ୍ମୀ ନାରାୟଣ ସାହୁଙ୍କର ଅର୍ଥାଭାବ ଏବଂ ଗ୍ରାହକମାନଙ୍କର ସହାନୁଭୂତି ଅଭାବ । ସେ ଯାହା ହେଉ ବହୁ କଷ୍ଟରେ ସେ ଦୁଇଟିଯାକ ପତ୍ରିକା ଚଳାଇଥିଲେ । ମୋତେ ଅତି ଆଗ୍ରହର ସହିତ ସେ କହିଲେ, "ଯଦି କିଏ ଉପଯୁକ୍ତ ଲୋକ ଗୋଟିଏ ପତ୍ରିକାର ସମ୍ପାଦନା ଭାର ବହନ କରନ୍ତା ତାହେଲେ ମୁଁ 'ସହକାର' କିମ୍ବା 'ବୈତରଣୀ' ତାଙ୍କୁ ଦେଇଦେବାକୁ ପ୍ରସ୍ତୁତ ଅଛି ।" ବୋଧହୁଏ ମୋତେ ଲକ୍ଷ୍ୟ କରି ସେ ଏହା କହିଥିଲେ । କିନ୍ତୁ ମୋର

Digitized by PPRACHIN, SOA

ସେତେବେଳେ ପତ୍ରିକା ସଂପାଦନ କରିବା ଅବସ୍ଥା ଓ ସୁବିଧା ନଥିଲା । କିନ୍ତୁ ତାଙ୍କର ଅନୁରୋଧକ୍ରମେ 'ବୈତରଣୀ' ରେ ଗୋଟିଏ ଦୁଇଟି ଇଂରାଜୀ ପ୍ରବନ୍ଧ ମୁଁ ପ୍ରକାଶ କରିବାକୁ ଦେଇଥିଲି ।

ଏଠାରେ କହିବାକୁ ଭୁଲି ଯାଇଥିଲି, 'ଉତ୍କଳ-ସାହିତ୍ୟ-ସମାଜ' ସଙ୍ଗେ ମୋର ସଂପର୍କ ସ୍ଥାପିତ ହେଲା ସେତେବେଳେ ଶଶୀଭୂଷଣ ରାୟଙ୍କଠାରୁ ମୁଁ ଖଣ୍ଡିଏ ପତ୍ର ପାଇଲି । ସେ ଲେଖିଥିଲେ ଏବର୍ଷ ହିନ୍ଦୋଳ ପୁରସ୍କାର ପାଇଁ ପ୍ରବନ୍ଧ ପ୍ରତିଯୋଗିତାରେ ଆପଣ ଯୋଗ ଦିଅନ୍ତୁ । ପ୍ରବନ୍ଧର ବିଷୟ ହେଉଛି—'ଓଡ଼ିଶାରେ ବୌଦ୍ଧ ଧର୍ମର ମାହାତ୍ମ୍ୟ ।' ଏହି ବିଷୟ ଆଲୋଚନା କରିବାକୁ ଆପଣମାନେ ଅଗ୍ରଣୀ ହେବା ଆବଶ୍ୟକ । ତାଙ୍କଠାରୁ ସେହି ପତ୍ରଟି ପାଇ ମୁଁ ଏହି ପ୍ରତିଯୋଗିତାରେ ଯୋଗ ଦେବାକୁ ସ୍ୱୀକୃତ ହେଲି । ମୋ ପରି ମୟୂରଭଞ୍ଜର ପରମାନନ୍ଦ ଆଚାର୍ଯ୍ୟ,ପଣ୍ଡିତ ବିନାୟକ ମିଶ୍ର, ନାରାୟଣ ତ୍ରିପାଠୀ ପ୍ରଭୃତି କେତେକ ଐତିହାସିକ ଓ ଗବେଷକ ସେଥିରେ ଯୋଗ ଦେଇଥାନ୍ତି । ମୁଁ ଯଥାସମ୍ଭବ ବହିପତ୍ର ସଂଗ୍ରହ କରି ଏହି ପ୍ରବନ୍ଧଟି ଲେଖିବାକୁ ଆରମ୍ଭ କଲି । ପ୍ରାୟ ମାସେ କି ଦେଢ଼ମାସ ମଧ୍ୟରେ ଶତାଧିକ ପୃଷ୍ଠାବ୍ୟାପୀ ଗୋଟିଏ ଶ୍ରେଷ୍ଠ ପୁସ୍ତକାକାରରେ ପ୍ରବନ୍ଧଟି ଲେଖି ଶଶୀଭୂଷଣ ରାୟଙ୍କ ନିକଟକୁ ପଠାଇ ଦେଲି । ସେ ବର୍ଷ ବାର୍ଷିକ ଉତ୍ସବ ପୂର୍ବରୁ ସାହିତ୍ୟ ସମାଜ ପକ୍ଷରୁ ହିନ୍ଦୋଳ ପୁରସ୍କାରଟି ପାଇବାକୁ ମୋର ପ୍ରବନ୍ଧ ଉପଯୁକ୍ତ ବୋଲି ପତ୍ରିକାମାନଙ୍କରେ ପ୍ରକାଶିତ ହେଲା । ମୁଁ କିନ୍ତୁ ଏହା ଆଶା କରି ପାରି ନଥିଲି । କାରଣ ପାରଳାଖେମୁଣ୍ଡିରେ ରହି ଲାଇବ୍ରେରୀ ଅଭାବରେ ସଙ୍କଳିତ ପ୍ରବନ୍ଧ ପରମାନନ୍ଦ ବାବୁ ଓ ପଣ୍ଡିତ ବିନାୟକ ମିଶ୍ରଙ୍କର ଲେଖାର ସମକକ୍ଷ ହୋଇ ପାରିବ, ଏହା ମୋର ଆଦୌ ବିଶ୍ୱାସ ନଥିଲା । ସେ ଯାହାହେଉ ସେ ବର୍ଷ ଉତ୍କଳ-ସାହିତ୍ୟ-ସମାଜର ବାର୍ଷିକ ଉତ୍ସବରେ ମୋର ପୁରସ୍କାର ୫୦୦୮ଙ୍କା ପଇଲାବେଳେ ସେଠାରେ ଜଣେ ଯୁବକଙ୍କର ସଙ୍ଗେ ମୋର ପ୍ରଥମ ପରିଚୟ ଲାଭ ହୁଏ । ତାଙ୍କ ନାମ ବାଳକୃଷ୍ଣ କର । ସେ ମୋ ବସାକୁ ଆସି ତାଙ୍କର ଜୀବନ କାହାଣୀ ଅତି ଦୁଃଖ-ପୂର୍ଣ୍ଣ କଣ୍ଠରେ ବର୍ଣ୍ଣନା କରିଥିଲେ । ଯାଜପୁରର ଗୋଟିଏ ପ୍ରାଇଭେଟ ହାଇସ୍କୁଲରେ ସେ କିଛିଦିନ ହେଡ଼ମାଷ୍ଟର ଥିଲେ, ସେ ସ୍କୁଲର ସେକ୍ରେଟାରୀଙ୍କ ସଙ୍ଗେ ତାଙ୍କର କିଛି ମତଭେଦ ହେଲା, ଯାହା ଫଳରେ ସେ ଚାକିରିରୁ ଇସ୍ତଫା ଦେଇ କଟକ ଆସିଥିଲେ; ପୁଣି ସୁବିଧା ହେଲେ ସେ ତାଙ୍କ ଗ୍ରାମର ନିଜର କିଛି ସମ୍ପତ୍ତି ବନ୍ଧକ କରିଦେଇ କଟକରେ ଗୋଟିଏ ଶ୍ରେଷ୍ଠ ଛାପାଖାନା ସ୍ଥାପନ କରିବେ । ଏ ସବୁ କଥା ତାଙ୍କଠାରୁ ଶୁଣି ମୁଁ ପ୍ରସ୍ତାବ କଲି—"ଆପଣ ଗୋଟିଏ ସାହିତ୍ୟ ପତ୍ରିକା ପ୍ରକାଶ କଲେ ଭଲ ହୁଅନ୍ତା ।"

ସେ କହିଲେ, "ଯଦି ସୁବିଧା ମିଳିବ ପତ୍ରିକା ମଧ୍ୟ ପ୍ରକାଶ କରିବାକୁ ମୋର ପ୍ରବଳ ଆଗ୍ରହ ରହିଛି ।" ଏହା ପରେ ଉତ୍କଳ-ସାହିତ୍ୟ-ସମାଜରେ ତନେ ଲକ୍ଷ୍ମୀନାରାୟଣ ସାହୁଙ୍କ ସଙ୍ଗେ ମୋର ଭେଟ ହୁଏ । ମୁଁ ତାଙ୍କୁ ବାଳକୃଷ୍ଣ ବାବୁଙ୍କ

Digitized by PPRACHIN, SOA

ଆକାଙ୍‌କ୍ଷା ଜଣାଇଲି ଓ ପ୍ରସ୍ତାବ କଲି ଯେ 'ସହକାର' ପରିଚାଳନା କମିଟି ତାଙ୍କୁ ଭାର ଦିଆଯାଉ । ସେ ଅତି ଆନନ୍ଦରେ ମୋ ପ୍ରସ୍ତାବକୁ ସମର୍ଥନ କଲେ । ଏ ଘଟଣା ପରେ ମୁଁ ପାରଳାଖେମୁଣ୍ଡିରେ ବାଳକୃଷ୍ଣ ବାବୁଙ୍କଠାରୁ ଗୋଟିଏ ପତ୍ର ପାଇଲି । ସେଥିରେ ସେ ମୋତେ ଧନ୍ୟବାଦ ଦେଇ ଅନୁରୋଧ କରିଥିଲେ ଯେପରି ପ୍ରତି ସଂଖ୍ୟା ପାଇଁ ଗୋଟିଏ ଗୋଟିଏ ପ୍ରବନ୍ଧ ମୁଁ ତାଙ୍କୁ ଯୋଗାଇବା । ତାହାହିଁ ହେଲା । ମୁଁ ତ ଉତ୍କଳ-ସାହିତ୍ୟରେ ଆଗରୁ ଲେଖୁଥିଲି । ତାହା ସାଙ୍ଗକୁ 'ସହକାର'ରେ ମଧ୍ୟ ଲେଖିବାକୁ ଆରମ୍ଭ କଲି । 'ଉତ୍କଳୀୟ ଶିଳ୍ପ ତତ୍ତ୍ୱ' ଶୀର୍ଷକ ଦୀର୍ଘ ଗୋଟିଏ ପ୍ରବନ୍ଧ ଏବଂ 'କର୍ମକ୍ଷେତ୍ର' ନାମକ ଗୋଟିଏ ଓଡ଼ିଆ ଉପନ୍ୟାସ ଧାରାବାହିକ ଭାବେ 'ସହକାର'ରେ ପ୍ରକାଶିତ ହେଲା । ମୋର 'ଓଡ଼ିଶାରେ ବୌଦ୍ଧ ଧର୍ମର ମାହାତ୍ମ୍ୟ' ମଧ୍ୟ 'ଉତ୍କଳ ସାହିତ୍ୟ'ରେ ୧୯୩୧ ଜାନୁଯାରୀଠାରୁ ଧାରାବାହିକ ପ୍ରକାଶିତ ହେଲା ।

ଦ୍ୱିତୀୟ ବର୍ଷ ଉତ୍କଳ-ସାହିତ୍ୟ-ସମାଜର ହିନ୍ଦୋଳ ପୁରସ୍କାର ପାଇଁ 'ଓଡ଼ିଶାରେ ଜୈନ ଧର୍ମ' ଶୀର୍ଷକ ବିଷୟ ପ୍ରତିଯୋଗିତା ପାଇଁ ସ୍ଥିର କରାଗଲା । ଏଥିରେ ମଧ୍ୟ ମୁଁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କାରଟି ପାଇଗଲି । ଏପରି ଲଗ୍ ଲଗ୍ ଦୁଇ ବର୍ଷ ଦୁଇଟି ଐତିହାସିକ ପ୍ରବନ୍ଧ ପୁରସ୍କାର ପାଇଥିବାରୁ ତୃତୀୟ ବର୍ଷ ମୋତେ ସାହିତ୍ୟ ସମାଜର ସମ୍ପାଦକ ଶଶୀଭୂଷଣ ରାୟ ଗୋଟିଏ ପତ୍ର ଲେଖି ଜଣାଇ ଦେଲେ, "ଆପଣ ଏଥର ପ୍ରବନ୍ଧ ପ୍ରତିଯୋଗିତାରେ ଯୋଗ ଦିଅନ୍ତୁ ନାହିଁ । କାରଣ ଏଥର 'ସମାଜ'ର ବାର୍ଷିକ ଉତ୍ସବରେ ଇତିହାସ ବିଭାଗ ପକ୍ଷରୁ ଯେଉଁ ସଭା ଆହୁତ ହେବ, ସେଥିରେ ଆପଣ ସଭାପତିତ୍ୱ କରିବେ ।" ସେ ବର୍ଷ ତିନି ଦିନ ବ୍ୟାପୀ ଏହି ବାର୍ଷିକ ଉତ୍ସବ ପାଳିତ ହୋଇଥିଲା । ପ୍ରଥମ ଦିନ ସାହିତ୍ୟ ସଭାରେ ସଭାପତିତ୍ୱ କଲେ କବିବର ଚନ୍ଦ୍ରାମଣି ମହାନ୍ତି । ଦ୍ୱିତୀୟ ଦିନ ଇତିହାସ ସଭାରେ ମୁଁ ଏବଂ ତୃତୀୟ ଦିନ ବିଜ୍ଞାନ ସଭାରେ ଅଧ୍ୟାପକ ନାରାୟଣ ମିଶ୍ର (ରେଭେନ୍‌ସା କଲେଜର ପ୍ରଧାନ ବିଜ୍ଞାନ ଅଧ୍ୟାପକ) ଶଶୀ-ଭୂଷଣ ରାୟ ମୋତେ ଅନୁରୋଧ କରିଥିଲେ ଯେପରି ମୁଁ ତାଙ୍କର ଘରେ ଆତିଥ୍ୟ ଗ୍ରହଣ କରେ । ଯଥା ସମୟରେ ମୁଁ କଟକ ଯାଇ ତାଙ୍କ ଘରେ ରହିଲି । ବଡ଼ ଆଦର ଆପ୍ୟାୟିତ କରି ସେ ମୋର ସମସ୍ତ ସୁବିଧା ଯତ୍ନ କରିଥିଲେ । ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସେ ପ୍ରାୟ ଦୁଇମାଇଲ ବାଟ ବୁଲି ଆସନ୍ତି । ମୋତେ ମଧ୍ୟ ତାଙ୍କ ସାଥିରେ ଯିବାକୁ କହନ୍ତି । ଦିନେ ମିଶି କାଠଯୋଡ଼ି କୂଳେ କୂଳେ ବନ୍ଧ ଉପର ଦେଇ ରାଧାନାଥ ରାୟଙ୍କର ସମାଧି ପର୍ଯ୍ୟନ୍ତ ଯାଉ । ସେଠାରେ ସେ ତାଙ୍କ ପିତାଙ୍କ ସମାଧିରେ ପୁଷ୍ପାଞ୍ଜଳି ଦେଇ ଫେରନ୍ତି । ଗଲାବେଳେ ଗୋଟିଏ ବ୍ୟାଗରେ ସେ ପ୍ରାୟ ଅଧସେରେ ଖଣ୍ଡେ ସୁଜି ବା ଖୁଦ ଧରି ଯାଇଥାନ୍ତି । ଫେରିଲାବେଳକୁ ବାଟରେ ପ୍ରତି ପିମ୍ପୁଡ଼ି ଗାତରେ ଯେଉଁ ଧାଡ଼ି ଧାଡ଼ି ପିମ୍ପୁଡ଼ି ଧାଡ଼ି ଦେଖାଯାଏ, ସେଠାରେ ମୁଠାଏ ମୁଠାଏ ସୁଜି ବୁଣି ଦେଇ ଚାଲନ୍ତି । ଏହା ଦେଖି ମୁଁ ତାଙ୍କୁ ପଚାରିଲି, "ଏପରି କରିବାର ଉଦ୍ଦେଶ୍ୟ କଣ ?" ସେ ଗୋଟିଏ ଗଛ

Digitized by PPRACHIN, SOA

ତଳେ ଠିଆ ହୋଇ ପିମ୍ପୁଡ଼ି ଗାତକୁ ଦେଖାଇ କହିଲେ, "ଦେଖ, କେତେଗୁଡ଼ିଏ ଜୀବ ଏଠାରେ ମୋ ପାଇଁ ଅପେକ୍ଷା କରି ରହିଛନ୍ତି । ପ୍ରତିଦିନେ କେତେ ହଜାର ଜୀବଙ୍କ ମୁହଁରେ ଆହାର ଦେଇ ନିଜେ ଭୋଜନ କରିବାକୁ ଗୋଟିଏ ପୁଣ୍ୟ କାର୍ଯ୍ୟ ବୋଲି ମୁଁ ମନେ କରେ ।" ମୁଁ ତାଙ୍କୁ ପଚାରିଲି, "ଏହା ଆପଣ ନିଜେ ଆବିଷ୍କାର କରିଛନ୍ତି, କିମ୍ବା କେଉଁ ଧର୍ମ ଶାସ୍ତ୍ରରୁ ଉପଦେଶ ପାଇଛନ୍ତି ?" ସେ ଉତ୍ତର ଦେଲେ, "ଏହା ମୋ ନିଜର କଳ୍ପିତ ବିଷୟ ।" ମୁଁ ତାଙ୍କୁ କହିଲି, "ଆପଣ ଯାହା ଧର୍ମ କାର୍ଯ୍ୟ ବୋଲି ଭାବୁଛନ୍ତି, ତାହା ଯେ ଘୋର ପାପ ଏବଂ ଅନ୍ୟାୟ ଏହା ମୁଁ ଚିନ୍ତା କରୁଛି ।" ତାଙ୍କର ମୁଖ ଟିକିଏ ଶୁଷ୍କ ହୋଇଗଲା । ମୋତେ ପୁଣି ସେ ପଚାରିଲେ—"କିପରି ?" ମୁଁ କହିଲି, "ଦେଖନ୍ତୁ, ଜୀବଜଗତରେ ପିମ୍ପୁଡ଼ି ଗୋଟିଏ ପରିଶ୍ରମୀ ଏବଂ ଅଧ୍ୟବସାୟୀ ରୂପେ ଆମେ ଜାଣୁ ! ତା'ର ସେହି ଗୁଣ ହେତୁ ସେ ଖରାଦିନେ ଓ ଶୀତଦିନେ ସଞ୍ଚୟ କରି ଯାହା ରଖିଥାଏ, ବର୍ଷାଦିନେ ତାହାର ଗୁଜୁରାଣ ଚଳାଏ । କିନ୍ତୁ ଆପଣ ପ୍ରତ୍ୟହ ତାକୁ ସୁଲଭ ଉପାୟରେ ଆହାର ଯୋଗାଡ଼ କରିବା ବ୍ୟବସ୍ଥା କରିବାରୁ ସେ ତା' ନିଜର ଆହାର ଖୋଜି ଯିବାପାଇଁ ଯେଉଁ ପ୍ରବୃତ୍ତି ତାହା ହରାଇ ଦେଉଛି । ଯେଉଁଦିନ ଆପଣ ଆଉ ଏଠାକୁ ଆସିବେ ନାହିଁ କିମ୍ବା ଆପଣଙ୍କର ଏ ଧର୍ମକାର୍ଯ୍ୟ ସରିଯିବ ସେତେବେଳେ ଏହି ଲକ୍ଷ ଲକ୍ଷ ନିରୀହ ପ୍ରାଣୀ ହାହାକାର କରିବେ । ତାଙ୍କର ବୁଭୁକ୍ଷୁ ପ୍ରାଣ ଆପଣଙ୍କୁ ଅଭିଶାପ ଦେବ ।" ଏହା ଶୁଣି ସେ ବାସ୍ତବରେ ଶିହରି ଉଠିଲେ । ପଚାରିଲେ, "ଏଥିର ପ୍ରତିକାର କ'ଣ କରାଯିବ ?" ମୁଁ କହିଲି, "କ୍ରମେ ପରିମାଣ ଊଣା କରି କରି ଆପଣ ସେମାନଙ୍କର ନିଜ କାର୍ଯ୍ୟରେ ଲାଗିବା ପ୍ରବୃତ୍ତି ଫେରାଇ ଆଣନ୍ତୁ ।" ତାହାହିଁ ହେଲା । ସେ ମୋର ପ୍ରସ୍ତାବକୁ ସମର୍ଥନ କରିଥିଲେ ।

ଲକ୍ଷ୍ମୀନାରାୟଣ ସାହୁଙ୍କର ସଙ୍ଗେ ମୋର ପରିଚୟ ହେବା ଦିନୁ ଯେତେବେଳେ ସେ ମୋତେ ଦେଖନ୍ତି, ତାଙ୍କର ମୋ ପ୍ରତି ପ୍ରଥମ ଉପଦେଶ ହେଉଛି କୌଣସି ବିଶ୍ୱବିଦ୍ୟାଳୟରୁ ମୁଁ କିଛି ଗୋଟିଏ ଡିଗ୍ରୀ ପାଇଥାନ୍ତି । ଏ ବିଷୟ ନେଇ ମୁଁ ଅନେକ ସମୟରେ ଚିନ୍ତାକରେ । ମେଟ୍ରିକ୍ ପରୀକ୍ଷାପର୍ଯ୍ୟନ୍ତ ମୁଁ ଯାଇନାହିଁ । କେଉଁ ୟୁନିଭରସିଟିରେ ବା ମୁଁ ଡିଗ୍ରୀ ପରୀକ୍ଷା ଦେଇ ପାରିବି ? ଡକ୍ଟର ଶେଷଗିରି ରାଓ ଦିନେ ପାରଳାଖେମୁଣ୍ଡି ଆସିଥିଲେ । ତାଙ୍କ ସଙ୍ଗରେ କଥା ହେଲାବେଳେ ସେ କହିଲେ, "ରାଜଗୁରୁ ବାବୁ ! ଆପଣ ଉଭୟଭାଷାପ୍ରବୀଣ । ଓରିଏଣ୍ଟାଲ ପରୀକ୍ଷା ଯଦି ଆନ୍ଧ୍ର ୟୁନିଭରସିଟିରେ ଦେଇ ପାରନ୍ତେ, ତା' ହେଲେ ଭାରି ଭଲ ହୁଅନ୍ତା ।" ସେତେବେଳ ଯାଏ ମୁଁ ଏହି ଓରିଏଣ୍ଟାଲ ଡିଗ୍ରୀ ସମ୍ବନ୍ଧରେ କିଛି ଜାଣି ନ ଥିଲି । କିନ୍ତୁ ମୋର ସୁବିଧା ହେଲା ସେତେବେଳେ ମୋର ଗୁରୁ ସଂସ୍କୃତ କଲେଜର ପ୍ରିନ୍ସିପାଲ ମଧୁସୂଦନ ମହାପାତ୍ରଙ୍କ ଠାରୁ ଆନ୍ଧ୍ର ୟୁନିଭରସିଟିର ପ୍ରସ୍ପେକ୍ଟସ୍ ଦେଖି ସେ ସମ୍ବନ୍ଧରେ ଆବଶ୍ୟକୀୟ ତଥ୍ୟ

Digitized by PPRACHIN, SOA

ପାଇ ପାରିଲି । ଶ୍ରୀଯୁକ୍ତ ମହାପାତ୍ର ଆନ୍ଧ୍ର ୟୁନିଭରସିଟିର ଜଣେ ସିଣ୍ଡିକେଟ ସଭ୍ୟ ଥିଲେ । ତେଣୁ ତାଙ୍କ ଜରିଆରେ ଦରଖାସ୍ତ କରି ସିଟ୍ ପାଇଲି । ସେ ଦିନୁ ମୁଁ ବହିପତ୍ର ଆଣି ପଢ଼ିବାକୁ ଆରମ୍ଭ କଲି । ମୋର ବୟସ ସେତେବେଳେ ପ୍ରାୟ ୨୬ ବା ୨୭ ହୋଇ ଥିବାରୁ ସାଧାରଣ ପିଲାମାନଙ୍କ ସଙ୍ଗରେ ବସି ପରୀକ୍ଷା ଦେବାକୁ ଟିକିଏ ସଙ୍କୋଚ ଲାଗୁଥିଲା । ତଥାପି ଲକ୍ଷ୍ମୀନାରାୟଣ ସାହୁଙ୍କ ପରି ଜଣେ ପ୍ରୌଢ଼ ବୟସାଧିକ ଲୋକ ମଧ୍ୟ ଏମ୍ ଏ. ପରୀକ୍ଷାରେ ପ୍ରବୃତ୍ତ ହେଉଥିବା ସ୍ମରଣ କରି ମୁଁ ଏହି ପରୀକ୍ଷା ପାଇଁ ପ୍ରସ୍ତୁତ ହେଲି । ଦୀର୍ଘ ୫ ବର୍ଷରେ ଫାଇନାଲ ପରୀକ୍ଷା ଦେବାକୁ ପଡ଼ିବ । ଅର୍ଥାତ ଏଣ୍ଟ୍ରାନ୍ସ ପ୍ରିଲିମିନାରି ଓ ଫାଇନାଲ ଏପରି ତିନୋଟି ପରୀକ୍ଷାରେ ମୋତେ ଯୋଗ ଦେବାକୁ ହେବ । ସିଲାବସରେ ବହୁତଗୁଡ଼ିଏ ପୁସ୍ତକ । ସେ ସବୁ ଆଣି ମୁଁ ଗୋଟିଏ ସ୍ୱତନ୍ତ୍ର ଆଲମାରିରେ ରଖି ନୋଟସ୍ ପ୍ରସ୍ତୁତ କରିବାକୁ ଲଗିଲି । ସଂସ୍କୃତ ସାହିତ୍ୟ ପଢ଼ାଇବାକୁ ଶ୍ରୀଯୁକ୍ତ ମହାପାତ୍ର ସ୍ୱୀକୃତ ହେଲେ । ତାଙ୍କର ଶିକ୍ଷା ଦାନ ଏପରି ବିଶ୍ଳେଷଣ-ମୂଳକ ଯେ ଥରେ ଶୁଣିଗଲେ ଆଉ ଭୁଲିବା ସମ୍ଭବ ହୁଏ ନାହିଁ । ସେ ମୋତେ ଭାରବୀଙ୍କ 'କିରାତାର୍ଜୁନୀୟମ୍' ପଢ଼ାଇଲେ । ଏହା ଏକ କଠିନ, ଭାବାତ୍ମକ, ସଂସ୍କୃତ କାବ୍ୟ । ସଂସ୍କୃତ ଭାଷାରେ ଏପରି ମାଧୁର୍ଯ୍ୟ ରହିଛି, ତାହା ମୁଁ ସେ ପର୍ଯ୍ୟନ୍ତ କଳ୍ପନା କରି ପାରି ନ ଥିଲି । ସଂସ୍କୃତ ସାହିତ୍ୟ ବ୍ୟତୀତ ମ୍ୟାକ୍‌ଡ଼ୋନାଲଙ୍କର **'Comparative Grammar of Goudian Languages'** ପଢ଼ିଲାବେଳେ ମୋର ସ୍ପଷ୍ଟ ଧାରଣା ହେଲା ଯେ ଅଭିଲେଖ ପାଠ କରିବା ପାଇଁ ଯେଉଁ ମୌଳିକ ଜ୍ଞାନ ଆବଶ୍ୟକ, ତାହା ଏହି ଗ୍ରନ୍ଥରେ ରହିଛି । ତିନୋଟି ପରୀକ୍ଷା ଦେଇ ୫ ବର୍ଷରେ ମୁଁ ଆନ୍ଧ୍ର ୟୁନିଭରସିଟିର **U. B. P.** (ଉଭୟ ଭାଷା ପ୍ରବୀଣ ) ଡିଗ୍ରୀ ଡିପ୍ଲୋମା ଲାଭ କଲି । ଶେଷବର୍ଷ ବିଶାଖା-ପାଟଣାଠାରେ ଆନ୍ଧ୍ର ୟୁନିଭରସିଟିର କନ୍‌ଭୋକେସନରେ ଯୋଗ ଦେବାକୁ ସରୋଜିନୀ ନାଇଡ଼ୁଙ୍କର ଅଭିଭାଷଣ ଶୁଣିବାର ସୁଯୋଗ ଘଟିଥିଲା ।

୧୯୫୦ ମସିହାରେ ମୋର ଲେଖିବା ଓ ପଢ଼ିବା କାର୍ଯ୍ୟ ବହୁତ କିଛି ବଢ଼ି ଯାଇଥିଲା । କାରଣ ଉତ୍କଳ-ସାହିତ୍ୟ-ସମାଜର ହିନ୍ଦୋଳ ପୁରସ୍କାର ପାଇଁ ସେ ବର୍ଷ ଏପ୍ରିଲ ମାସରୁ ଆରମ୍ଭ କରି ଜୁଲାଇ ଶେଷ ପର୍ଯ୍ୟନ୍ତ ତାହା ଲେଖିଥିଲି । ପୁଣି ଅଗଷ୍ଟ ପନ୍ଦର ତାରିଖ ଦିନ ଶଶୀଭୂଷଣ ରାୟଙ୍କ ନିକଟକୁ ପଠାଇ ଦେଇଥିଲି । ସେ ବର୍ଷ ଡିସେମ୍ବର ୩୦ ତାରିଖରେ କଟକରେ ଯେଉଁ ବାର୍ଷିକ ସଭା ହୋଇଥିଲା, ସେଥିରେ ଯୋଗଦାନ କରି ପୁରସ୍କାର ଗ୍ରହଣ କଲାବେଳେ ଶଶୀଭୂଷଣ ରାୟଙ୍କ ଅନୁରୋଧ କ୍ରମେ ଧବଳେଶ୍ୱର ପଠାକୁ ଯାଇ ସେଠାର ମନ୍ଦିରଗୁଡ଼ିକର ଏବଂ ଐତିହାସିକ ଉପାଦାନ ପରୀକ୍ଷା କରିବାକୁ ପ୍ରବୃତ୍ତ ହେଲି । ଶ୍ରୀ ରାୟଙ୍କ ନିଜର ଗୋଟିଏ ଡଙ୍ଗା ଥାଏ ଓ ଜଣେ ମାଝିକୁ ସେ ନିଯୁକ୍ତ କରିଥାନ୍ତି । ଧବଳେଶ୍ୱରରେ ମଧ୍ୟ ତାଙ୍କର ଗୋଟିଏ ବସାଘର ଥାଏ । ମୁଁ ତାଙ୍କ ମାଝିକୁ ସଙ୍ଗରେ ଧରି ସେହି ଡଙ୍ଗାରେ ଧବଳେଶ୍ୱର ଗଲାବେଳେ

Digitized by PPRACHIN, SOA

ବାଟରେ ମହାନଦୀ ଭିତର ଗୋଟିଏ ପଠାରେ ଡଙ୍ଗାଟି ରଖି ସେହି ବାଲି ସ୍ତୂପ ଭିତର ଦେଖିବାକୁ ମନକଲି, କିଛି ଦୂର ଯାଇ ଗୋଟିଏ ନିର୍ଜନ ଜାଗାରେ ଝାଡ଼ା ବସିଛି ସେତେବେଳକୁ ଗୋଟିଏ ବଡ଼ ଚିଙ୍ଗିଆ କୁମ୍ଭୀର ମୋ ପଛ ଆଡ଼ୁ ଧୀରେ ଧୀରେ ଆସି ମୋତେ ଆକ୍ରମଣ କରିବାକୁ ଚେଷ୍ଟା କଲା । ମାତ୍ର ସେତେବେଳେ ଟିକିଏ ଦୂରରେ ଡଙ୍ଗା ପାଖରେ ଥାଏ । ଅତି ସନ୍ତର୍ପଣ ଭାବରେ କୁମ୍ଭୀରଟି ମୋ ପିଠି ଆଡ଼କୁ ଆସୁଛି । ଏପରି ସମୟରେ କେତୋଟି ବେଙ୍ଗ ଭୟରେ ଦଉଡ଼ି ପଳାଉଥିବା ଦେଖି ମୁଁ ପଛ ଆଡ଼କୁ ଚାହିଁଲି, ଦେଖିଲି ଯେ ପ୍ରାୟ ୨।୩ ମିଟର ଦୂରରେ କୁମ୍ଭୀରଟି ମୋତେ ଧରିବ ବୋଲି ଆସୁଛି । ମୁଁ ପ୍ରାଣ ପଣେ ସେଠାରୁ ଦଉଡ଼ି ଡଙ୍ଗା ପାଖକୁ ଆସିଲି । ସଙ୍ଗେ ସଙ୍ଗେ ଡଙ୍ଗାଟି ମହାନଦୀରେ ଭାସିଲା । ଜୀବନରେ ଏପରି ବହୁ ବିପଦରେ ପଡ଼ିଛି । ତାହା କେତୋଟି ଘଟଣାରୁ ସ୍ପଷ୍ଟ ହୁଏ । ଅଳ୍ପକେ ପ୍ରାଣରକ୍ଷା ହୋଇପାରିଛି । ଏପରି ଆଉ ଗୋଟିଏ ଘଟଣା ମୋର ଆଜି ମନେପଡ଼ୁଛି । ଥରେ ମୋର ପିଲାମାନଙ୍କ ସଙ୍ଗରେ ଧରି ପାରଳାଖେମୁଣ୍ଡି ରେଲଗାଡ଼ିରେ ବସି ନୌପଡ଼ା ବାଟେ ବଣାଂଶାପାଟଣା ଯାଧା କରୁଥାଏ । ପେଦାପାନା ଷ୍ଟେସନରେ ଗାଡ଼ି ପହଞ୍ଚିବା ଆଗରୁ ଗୋଟିଏ ପାହାଡ଼ର ପାଦ ଦେଶରୁ ତଳକୁ ତାହା ଗତି କରୁଥିଲା । ସେତିକିବେଳେ ଆମେ ବସିଥିବା ଡବାଟି ଲାଇନରୁ ଖସିଯିବାରୁ ଅତି ଭୀଷଣ ଶବ୍ଦ ଶୁଭିଲା । ଆମେ ସମସ୍ତେ ତଟସ୍ଥ ହୋଇ ଦେଖିଲୁ ଯେ ଗାଡ଼ି ଡିରେଲ୍ ହୋଇ ଯାଇଛି ଓ ଭୀଷଣ ଗତିରେ ଚାଲିଛି । ଡବାଟି ଓଲଟି ଯିବା ଉପରେ । ସେତିକିବେଳେ ମୁଁ ପିଲାମାନଙ୍କୁ କହିଲି, "ଚଞ୍ଚଳ ବେଞ୍ଚ ତଳକୁ ବସି ସମସ୍ତେ ବେଞ୍ଚର ଗୋଟିଏ ଗୋଟିଏ ଗୋଡ଼କୁ ଜାବୁଡ଼ି ଧର ।" ତା'ପରେ ନିଜର ନାଲି ଗାମୁଛାଟି ବାହାର କରି ଗାଡ଼ି ବନ୍ଦ କରିବା ଉଦ୍ଦେଶ୍ୟରେ ପଦାକୁ ଦେଖାଇଲି । କାରଣ ପାରଳାଖେମୁଣ୍ଡି ଗାଡ଼ି ଆକାରରେ ଅତି ଛୋଟ । Small Gage ଥିବାରୁ ସେଥିରେ ଗାଡ଼ି ଅଟକାଇବା ପାଇଁ ଚେନ୍ (ବିପଦ ଶିକୁଳି) ନ ଥିଲା । ଗାର୍ଡ଼ ବୋଧେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଗାଡ଼ିରୁ ଡେଇଁ ପଡ଼ିବାକୁ ଉଦ୍ୟମ କରୁଥିଲେ । ଡ୍ରାଇଭର ବ୍ରେକ୍ ଦେଲେ ପୁରା ଡାଉନ ହେତୁ ଗାଡ଼ି ଅଟକୁ ନାହିଁ । ଗୋଟିଏ ଗ୍ରେଟିଆ ପୋଲ ମଧ୍ୟ ଡେଇଁ ପଡ଼ି ଗାଡ଼ି ଯେତେବେଳେ ସମତଳ ଅଞ୍ଚଳକୁ ଆସିଲା ଧୀରେ ଧୀରେ ତାହା ବନ୍ଦ ହେଲା । ସେତେବେଳକୁ ଗାର୍ଡ଼ ଗାଡ଼ିରୁ ଡେଇଁ ପଡ଼ିଥିଲେ । ଆମେ ବସିଥିବା ଡବାଟିର ଚକଗୁଡ଼ିକ ଉପରକୁ ଉଠି ଦେଖାଯାଉଛି, ଏପରି ଅବସ୍ଥାରେ ଗାଡ଼ି ଅଟକିଲା । ଆମେ ସବୁ ବଞ୍ଚିଗଲୁ ।

ଆଉଥରେ ଗୋଟିଏ ବସରେ ଯାଉଥିଲାବେଳେ ଡ୍ରାଇଭର ପାଖରେ ଫ୍ରଣ୍ଟସିଟ୍‌ରେ ମୁଁ ବସିଥାଏ । ଗାଡ଼ି ଇଛାପୁର ଷ୍ଟେସନ ପାର ହୋଇ ଜୋରରେ ଚାଲିଛି । ହଠାତ୍ ଷ୍ଟିଅରିଙ୍ଗ୍ ସଂଯୋଗ ଛିନ୍ନ ହେଲା । ଡ୍ରାଇଭରଙ୍କ ଅକ୍ତିଆରରେ ଗାଡ଼ି ରହିଲା ନାହିଁ । ଜୋରରେ ସେ ବ୍ରେକ ଦେଲେ । ସେତେବେଳକୁ ରାସ୍ତା ଉପରୁ ତଳକୁ ଖସି ଗାଡ଼ିଟି

Digitized by PPRACHIN, SOA

ଗୋଟିଏ ବଡ଼ ଖାଡର ଠିକ୍ ସମ୍ମୁଖରେ ଅଟକ ଗଲା । ଯଦି ଆଉ ଗୋଟିଏ ସେକେଣ୍ଡ ଗାଡ଼ିର ଗତି ବନ୍ଦ ହୋଇ ନ ଥାନ୍ତା, ତା'ହେଲେ ଆମେ ସମସ୍ତେ ସେହି ଗଭୀର ଖାତରେ ସମାଧିପ୍ରାପ୍ତ ହୁଅନ୍ତୁ । ଏମିତ ଜୀବନରେ କେତେ ଯେ ବିପଦ ଭିତର ଦେଇ ଅଳ୍ପକେ ବଞ୍ଚିବାକୁ ହୋଇଛୁ, ତାହା ଏଠାରେ ଗୋଟି ଗୋଟି କରି କହିବା ଅନାବଶ୍ୟକ । ତେବେ ପ୍ରତ୍ୟେକ ଘଟଣାରେ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦେଇ ବିଶ୍ୱାସ କରିଛି ଯେ, ତାଙ୍କର ଇଚ୍ଛା ହିଁ ମନୁଷ୍ୟ ଜୀବନର ଗତିପଥକୁ ନିୟନ୍ତ୍ରିତ କରେ ।

୧୯୩୦ ମସିହା କଥା ଉପରେ କହୁଥିଲି । ସେ ବର୍ଷ ମୁଁ ବହୁତ କିଛି ଲେଖାପଢ଼ା କାମରେ ଆତ୍ମନିବେଶ କରିଛି । 'ଓଡ଼ିଶାରେ ବୌଦ୍ଧଧର୍ମର ମହାତ୍ମ୍ୟ' ପୁସ୍ତକ ସଙ୍ଗେ 'ସହକାର' ପତ୍ରିକାରେ ଧାରାବାହିକ ରୂପେ ପ୍ରକାଶ କରିବା ପାଇଁ ଉତ୍କଳୀୟ 'ଲିପିତତ୍ତ୍ୱ' ଓ 'କର୍ମକ୍ଷେତ୍ର' ନାମକ ଉପନ୍ୟାସ ସେହିବର୍ଷ ଲେଖିଥିଲି । ଏହାପରେ ମହାରାଜଙ୍କର ସେବର୍ଷ ପ୍ରଥମ ଗୋଲଟେବୁଲ୍ ବୈଠକରେ ଯୋଗ ଦେବା ପାଇଁ ଲଣ୍ଡନ ଯିବା ଆଗରୁ ସେ ମୋତେ କହିଥିଲେ ଇଂରାଜୀରେ ଗଙ୍ଗବଂଶର ଇତିହାସ ଲେଖି ଏବଂ ଓଡ଼ିଶା ଦେଶମିଶ୍ରଣ ସମ୍ପର୍କୀୟ କେତେକ ତଥ୍ୟ ସଙ୍ଗେ ମାନ୍ଦ୍ରାଜରେ ଯେଉଁ ଓଡ଼ିଆ ଅଞ୍ଚଳମାନ ଆମ ଦାବୀର ଅନ୍ତର୍ଭୁକ୍ତ ହୋଇ ରହିଛି ସେଠାର ଓଡ଼ିଆ-ଭାଷୀ ଏବଂ ଓଡ଼ିଆ ଜାତିଗତ ଜନଗଣନା ହିସାବରେ କିପରି କ୍ରମେ କ୍ରମେ ଅନ୍ୟାୟରେ ସଂଖ୍ୟା କମିଯାଉଛି ତାହା ଗୋଟିଏ ଡାୟାଗ୍ରାମ୍ ସାହାଯ୍ୟରେ ଓ ମାନଚିତ୍ର ଦ୍ୱାରା ଦର୍ଶାଇ ଦେଇ ଲଣ୍ଡନ ପଠାଇବାକୁ ହେବ । ଲଣ୍ଡନରେ ସେ ତାଙ୍କର ଯେଉଁ ଠିକଣା ଦେଇଥିଲେ ତାହା ହେଉଛି ।

Raja of Parlakhemundi
C/o—Secretary & Commisoner for India,
India House,
London

ଏଇ ଠିକଣାରେ ମହାରାଜାଙ୍କ ନିର୍ଦ୍ଦେଶ ମତେ ତାଙ୍କ ବଂଶ ଇତିହାସ ସଙ୍ଗେ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ପଠାଯାଇଥିଲା । "A Brief History of the Gangas of Kalinga" ନାମକ ପୁସ୍ତକଟି ୧୨ । ୯ । ୩୦ରେ ଲେଖିବାକୁ ଆରମ୍ଭ କରି ତାହା ୨୨. ୧୧. ୩୦ରେ ମହାରାଜାଙ୍କଠାକୁ ଉପରୋକ୍ତ ଠିକଣାରେ ଲଣ୍ଡନ ପଠାଇଥିଲି । ତାହା ସଙ୍ଗେ ଦକ୍ଷିଣ ଓଡ଼ିଶାର ଗୋଟିଏ ମାନଚିତ୍ର ଏବଂ ୧୯୦୧, ୧୯୧୧ ଏବଂ ୧୯୨୧ ସାଲର ତିନୋଟି ଜନଗଣନାରେ ଓଡ଼ିଆଙ୍କ ସଂଖ୍ୟାର ଗୋଟିଏ ସମୀକ୍ଷା ଟିପ୍ପଣୀ ମଧ୍ୟ ପଠାଇ ଦେଇଥିଲି । ସେ ବର୍ଷ ଏପ୍ରିଲ ପ୍ରଥମ ସପ୍ତାହରେ

Digitized by PPRACHIN, SOA

ମହାତ୍ମାଗାନ୍ଧିଙ୍କର ଲବଣ ସତ୍ୟାଗ୍ରହ ଗୁଜୁରାଟଠାରେ ଆରମ୍ଭ ହୁଏ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ମଧ୍ୟ ତାହା ଆଇନ ଅମାନ୍ୟ ଆନ୍ଦୋଳନର ରୂପରେଖ ନେଇ ପ୍ରକଟିତ ହେବାରୁ ବହୁ ନେତାଙ୍କ ସଙ୍ଗେ ଗାନ୍ଧିଙ୍କୁ ମେ ମାସରେ ଆରେଷ୍ଟ କରାଗଲା । ଏହା ଫଳରେ ମେ ସାତ ତାରିଖ ଦିନ ଭାରତର ପ୍ରତ୍ୟେକ ଅଞ୍ଚଳରେ ହରତାଳ ପାଳିତ ହୋଇଥିଲା । କିନ୍ତୁ ଓଡ଼ିଆମାନଙ୍କର ଦେଶମିଶ୍ରଣ ସଂପର୍କୀୟ ପ୍ରଧାନ ଆନ୍ଦୋଳନକୁ ପ୍ରସାରିତ କରିବା ଏବଂ ବ୍ରିଟିଶ ସରକାରଙ୍କଠାରେ ଆମର ଦାବୀ ଉପସ୍ଥାପିତ କରିବାକୁ ଆମେ ଦୃଢ଼ପ୍ରତିଜ୍ଞ ହେଲୁ । କଟକର ନେତାମାନଙ୍କ ମଧ୍ୟରେ ବାବୁ ବ୍ରଜ ସୁନ୍ଦର ଦାସ ('ମୁକୁର' ପ୍ରେସର ପରିଚାଳକ), ଭୁବନାନନ୍ଦ ଦାସ, ମଧୁବାବୁ, ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି, ଭିକାରୀ ଚରଣ ପଟ୍ଟନାୟକ, ବିଶ୍ୱନାଥ କର, ଦିଆନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ର ପ୍ରଭୃତି ନେତାମାନେ ଆମର ସହଯୋଗ କରୁଥିଲେ । କିନ୍ତୁ କଂଗ୍ରେସ ପକ୍ଷରୁ ଅଳ୍ପ କେତେଜଣ ନେତା ଏହି ଆନ୍ଦୋଳନର ବିରୋଧ କରି ସଭା ସମିତିରେ ଯେଉଁ ଭାଷଣ ଦେଉଥାନ୍ତି, ସେଥିରୁ ଆମେ ବୁଝି ପାରୁଥିଲୁ ଯେ—ଆନ୍ଧ୍ର, ବଙ୍ଗଳା ଏବଂ ବିହାରର ବଡ଼ ନେତାମାନଙ୍କଠାରୁ ସେମାନେ ପ୍ରେରଣା ପାଇ ଭାରତ ସ୍ୱାଧୀନ ହେଲାପରେ ଓଡ଼ିଶା ଦେଶ ମିଶ୍ରଣ ବିଷୟ ଚିନ୍ତା କରିବାକୁ ସଂକଳ୍ପ କରିଅଛନ୍ତି । ତାଙ୍କ ମତରେ ଭାଷା ଆନ୍ଦୋଳନ ହେତୁ ସେହି ସେହି ରାଜ୍ୟ ମାନଙ୍କ ସଙ୍ଗେ ତତ୍କାଳୀନ ପରିସ୍ଥିତିରେ ବିଭେଦ ଓ ମନୋମାଳିନ୍ୟ ସୃଷ୍ଟି ହେବା ଉଚିତ ନୁହେଁ । କିନ୍ତୁ ବର୍ତ୍ତମାନ ଆମେ ସ୍ପଷ୍ଟ ବୁଝିପାରୁଛୁ ଯଦି ସେତେବେଳେ ଆମେ ତାଙ୍କର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିଥାନ୍ତୁ, ତା ହେଲେ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ରୂପେ ଆଜି ଭାରତର ମାନଚିତ୍ରରେ ଚିହ୍ନିତ ହୋଇ ନଥାନ୍ତା । କେତେକ ବଙ୍ଗାଳିଙ୍କର ମୁହଁରୁ ମୁଁ ଶୁଣୁଥିଲି ଓଡ଼ିଆ ଦେଶଦ୍ରୋହୀ 'The Odias are traitors' ତେଲେଙ୍ଗାମାନେ କହୁଥିଲେ—ଓଡ଼ିଓ୍ୱାଲ୍ଲୁ ଦେଶଦ୍ରୋହୁଲୁ' ଇତ୍ୟାଦି, ଇତ୍ୟାଦି । ସେମାନଙ୍କର ଏ ମନ୍ତବ୍ୟକୁ ଭ୍ରୂକ୍ଷେପ ନ କରି ଆମେ ଆମ ନିଜ କାମରେ ଲାଗିଥାଉ । ସେ ବର୍ଷ ଶେଷ ଆଡ଼କୁ ମହାରାଜାଙ୍କଠାରୁ ଲଣ୍ଡନରୁ ଗୋଟିଏ ଚିଠି ମୁଁ ପାଇଲି । ସେଥିରେ ଲେଖାଥିଲା 'ଆମର ସମସ୍ୟା ସରକାର ଭଲ ରୂପରେ ବୁଝି ପାରିଛନ୍ତି । ତେଣୁ ଓଡ଼ିଆ ପ୍ରଦେଶର ସୀମା ନିର୍ଦ୍ଧେଶ କରିବା ପାଇଁ ଗୋଟିଏ କମିଟି ଗଢ଼ାହେବ । ସେ ପ୍ରତି ଅଞ୍ଚଳ ବୁଲି ଓଡ଼ିଆମାନଙ୍କର ଦାବୀ ଶୁଣିବେ ଏବଂ ସେମାନଙ୍କର ସଂଖ୍ୟା ଅନୁଯାୟୀ ସୀମା ନିର୍ଦ୍ଧେଶ କରିବେ । ଏଣୁ ୧୯୩୧ ମସିହାର ଜନଗଣନା ପୂର୍ବରୁ ଦକ୍ଷିଣ ଓଡ଼ିଶାର ଅର୍ଥାତ ମାନ୍ଦ୍ରାଜ ଅଞ୍ଚଳର ଓଡ଼ିଆମାନେ ଯେପରି ଠିକ ଭାବରେ ଗଣନା କରାଯାଇ ପାରିବେ, ସେଥିର ବ୍ୟବସ୍ଥା ଆଜିଠାରୁ ତୁମେମାନେ କରିବାକୁ ଲାଗିପଡ଼ । ଏହି କାର୍ଯ୍ୟରେ ତୁମ ସଙ୍ଗେ ବଳଭଦ୍ର ଦାସ, ହରିଲାଲ ବର୍ଦ୍ଧନ, ନଗେନ୍ଦ୍ର ନାଥ ଦାସ, ଇତ୍ୟାଦି କର୍ମୀ-ମାନେ ପ୍ରତି ଅଞ୍ଚଳ ବୁଲି ଲୋକଙ୍କୁ ବୁଝାଇବାକୁ ପଡ଼ିବ । ଏଥି ସକାଶେ ଆମ୍ଭର ଅଫିସ୍ ପକ୍ଷରୁ ଗୋଟିଏ ଗାଡ଼ି ତୁମେ ନେଇ ପାରିବ । ଏହି ଚିଠି ଦେଓ୍ୱାନଙ୍କଠାରୁ ମୁଁ

Digitized by PPRACHIN, SOA

ଯେତେବେଳେ ପାଇଲି ସଙ୍ଗେ ସଙ୍ଗେ ଆମର 'ହିତୈଷିଣୀ ସମାଜ' ପକ୍ଷରୁ ଗୋଟିଏ ସଭା ଆହୂତ ହେଲା । ପ୍ରଚାର କାର୍ଯ୍ୟ ପାଇଁ ଆମେ ଲାଗିପଡ଼ିଲୁ । ନଭେମ୍ବର, ଡିସେମ୍ବର ମାସରେ ଆମେ ଗଞ୍ଜାମର ପ୍ରତ୍ୟେକ ଅଞ୍ଚଳ ଏବଂ ଆଧୁନିକ କୋରାପୁଟ ଓ ଶ୍ରୀକାକୁଲମ ଜିଲ୍ଲାର ଗ୍ରାମଗୁଡ଼ିକରେ ଲୋକ ନିଯୁକ୍ତ କରି ଓଡ଼ିଆ ସଂଖ୍ୟା ଭାଷା ଓ ଜାତି ଦୃଷ୍ଟିରୁ ଯେପରି ଜନଗଣନାରେ କ୍ଷୁଣ୍ଣ ହୋଇ ନ ଯିବ, ସେଥିର ବ୍ୟବସ୍ଥା କରିବାକୁ ଚାହିଁଲୁ । ଆମର ଅଫିସଟି ଶ୍ରୀକରଣ ରାଧା ଚରଣ ପଟ୍ଟନାୟକଙ୍କ ମଠ ନିକଟରେ ସ୍ଥାପିତ ହେଲା ।

୧୯୩୧ ମସିହା ଆରମ୍ଭରେ ଆମ ପକ୍ଷରୁ ଗୋଟିଏ ସମାନ୍ତରାଳ ଜନଗଣନା କାର୍ଯ୍ୟ ପାରଳାଖେମୁଣ୍ଡିରେ ଆରମ୍ଭ କରାଗଲା । ଏଥିରେ ପାରଳାଖେମୁଣ୍ଡି ମ୍ୟୁନିସପାଲିଟି ପକ୍ଷରୁ ମଧ୍ୟ ଯଥେଷ୍ଟ ସାହାଯ୍ୟ ସହାନୁଭୂତି ମିଳିଲା । ଆମର ଏ ସବୁ କାର୍ଯ୍ୟ ଦେଖି ଆନ୍ଧ୍ର ଭାଇମାନେ ବିଚଳିତ ହେଲେ । ବ୍ରହ୍ମପୁର ଆନ୍ଧ୍ର ନେତାମାନଙ୍କ ସାହାଯ୍ୟରେ ତତ୍କାଳୀନ ଜିଲ୍ଲା କଲେକ୍ଟର ସାହେବଙ୍କୁ ସେମାନେ ଏକଥା ଜଣାଇଲେ । ତାଙ୍କର ଅଭିଯୋଗ ଥିଲା ଯେ ଆମେ କେତୋଟି ଆନ୍ଧ୍ର ଜାତିକୁ ପ୍ରରୋଚିତ କରି ଓଡ଼ିଆ ବୋଲି ଜନଗଣନାବେଳେ କହିବାକୁ ଶିଖାଇ ଦେଉଛୁ । ଏହା ଫଳରେ ସରକାରୀ ସେନସସ୍ କାର୍ଯ୍ୟରେ ଆମେ ବାଧା ସୃଷ୍ଟି କରୁଛୁ । ଏହା ଗୋଟିଏ ଗୁରୁତର ଅଭିଯୋଗ ହୋଇଥିବାରୁ ମାନ୍ଦ୍ରାଜର ସେନ୍‌ସସ୍ ସୁପରିନ୍‌ଟେଣ୍ଡେଣ୍ଟ ମିଷ୍ଟର ଇଟ୍ସ୍ (M. W. M. Yeatts ସାହେବଙ୍କ ଠାରେ ଅଭିଯୋଗ ଉପସ୍ଥାପିତ କରାଗଲା । ସେ ମଧ୍ୟ ବିଚଳିତ ହୋଇ ମାନ୍ଦ୍ରାଜରୁ ଆସି ବେଲ ସାହେବଙ୍କ ( R. C. S. Bell ସଙ୍ଗେ ପାରଳାଖେମୁଣ୍ଡିରେ ପହଞ୍ଚିଲେ । ଡାକବଙ୍ଗଳାକୁ ଆମ ସମସ୍ତଙ୍କୁ ଡାକିନେଇ ପଚାରିଲେ, "ତୁମେ ସରକାରୀ ସେନ୍‌ସସ୍ କାର୍ଯ୍ୟରେ ବାଧା ଦେଉଛ । ଏଣୁ ତୁମକୁ ଆରେଷ୍ଟ କରିବାକୁ ପଡ଼ିବ ।" ମୁଁ କହିଲି, "ଆମେ ଆପଣଙ୍କର କାର୍ଯ୍ୟରେ ବାଧା ତ ଦେଉ ନାହୁଁ ବରଂ ଏହା କିପରି ନ୍ୟାୟ ସଙ୍ଗତ ଭାବେ ପରିଚାଳିତ ହେବ ସେଥିପାଇଁ ସୁବିଧା ସୃଷ୍ଟି କରୁଛୁ । ଗତ ସେନ୍‌ସସ୍ ରେକର୍ଡ଼ରେ ଓଡ଼ିଆଙ୍କ ପ୍ରତି ଆନ୍ଧ୍ର ଏନ୍ୟୁ-ମେରେଟରମାନଙ୍କ ଦ୍ୱାରା ଯେଉଁ ଅନ୍ୟାୟ କରାଯାଇଛି, ତାହା ସଂଶୋଧନ କରିବାକୁ ହିଁ ଆମେ ଚେଷ୍ଟା କରୁଛୁ ।" ଏହା ଶୁଣି ସାହେବ ପଚାରିଲେ, "ଏପରି ଅନ୍ୟାୟ କରାଯାଇଛି ବୋଲି ତୁମେ ପ୍ରମାଣିତ କରି ପାରିବ ?" ମୁଁ ଦୃଢ଼ କଣ୍ଠରେ କହିଲି, "ନିଶ୍ଚୟ । ଦେଖନ୍ତୁ ପାରଳାଖେମୁଣ୍ଡିର ଯେତେ ଓଡ଼ିଆ ଜାତି ତାଙ୍କର ମାତୃଭାଷା ଭୁଲି ଏବେ ତେଲୁଗୁ କହୁଅଛନ୍ତି । ସେମାନଙ୍କୁ ଜାତି ହିସାବରେ ମଧ୍ୟ ତେଲେଙ୍ଗା ବୋଲି ଲେଖା ଯାଉଛି । ଏଥିପାଇଁ ମାନ୍ଦ୍ରାଜର ୧୯୦୧ ସାଲ ସେନ୍‌ସସ୍‌ବେଳେ ଯେଉଁ ଓଡ଼ିଆ ସଂଖ୍ୟା ଥିଲା ତାହା ୧୯୧୧ ସାଲ ସେନ୍‌ସସ୍ ବେଳକୁ ବହୁ ପରିମାଣରେ କ୍ଷୁଣ୍ଣ ହୋଇ ଯାଇଛି । ଏଥିର ପ୍ରଧାନ କାରଣ ହେଉଛି, ୧୯୦୩ ମସିହାରେ ଉତ୍କଳସମ୍ମିଳନୀ ପକ୍ଷରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ ଦାବୀ ।" ମୋଠାରୁ ଏକଥା ଶୁଣି

Digitized by PPRACHIN, SOA

ସାହେବ କହିଲେ, "ଅଚ୍ଛା ! ଆମ ସଙ୍ଗେ ତୁମେ ଓ ଅଧ୍ୟାପକ ସୀତାପତି ଆସନ୍ତୁ । ଏପରି ଗୋଟିଏ ବିବାଦୀୟ ଜାତି ରହିଥିବା ସ୍ଥାନରେ ପରୀକ୍ଷା କରିବା ପ୍ରକୃତରେ ଅବସ୍ଥା କଣ ହୋଇଛି ।" ଏହାପରେ ଆମେ ସମସ୍ତେ ମିଶି ସାହେବଙ୍କ ସଙ୍ଗେ କଲେଜ ହଷ୍ଟେଲ ନିକଟରେ ଥିବା ଧୋବା ସାଇକୁ ଚଳୁ । ଆମକୁ ଦେଖି ବହୁତ ଲୋକ ସେଠାରେ ରୁଣ୍ଡ ହୋଇଗଲେ । ସାହେବ ଭଙ୍ଗା ଭଙ୍ଗା ଓଡ଼ିଆରେ ଜଣେ ବୁଢ଼ା ଧୋବାକୁ ଡାକି ପଚାରିଲେ, "ତୁମର ଜାତିର ନାମ କଣ ?" ସେ ଉତ୍ତର ଦେଲା—"ଚାକଲି ।" ଏହା ଶୁଣି ସାହେବ ମୋ ମୁହଁକୁ ଅନାଇଲେ । ବ୍ୟଙ୍ଗ କଣ୍ଠରେ କହିଲେ—"Gentle man ! Are you going to mislead me ?" ମୁଁ କହିଲି—"ସାହେବ ! ଆପଣ ଭୁଲ ବୁଝିଛନ୍ତି । ଅଉ ଗୋଟିଏ ପ୍ରଶ୍ନ ଏ ଧୋବାକୁ ମୁଁ ପଚାରିବି । ଆପଣ ତାର ଉତ୍ତରରୁ ସ୍ପଷ୍ଟ ବୁଝିପାରିବେ, ସେ ତେଲେଙ୍ଗା କି ଓଡ଼ିଆ ।" ଏହା କହି ମୁଁ ସେହି ବୁଢ଼ାକୁ ତେଲେଙ୍ଗୁ ଭାଷାରେ ପଚାରିଲି—"ତୁ କେଉଁ ଚାକଲି ଜାତିର ଲୋକ ?" ସେ କହିଲା "ଓଡ୍ରୁ ଚାକଲି ।" ଅର୍ଥାତ ଓଡ଼ିଆ ଧୋବା । ମୁଁ ଏଥର ଟିକିଏ ହସି ଦେଇ ସାହେବଙ୍କୁ କହିଲି,"ଶୁଣନ୍ତୁ । ଏ ନିଜେ କହୁଛି ଯେ ଓଡ଼ିଆ ଧୋବା । ତେଣୁ ଜାତି ହିସାବରେ ସେ ଓଡ଼ିଆ ବୋଲି ରେକର୍ଡରେ ଲେଖାଯିବା ଆବଶ୍ୟକ । କିନ୍ତୁ ସେ ନିଜର ମାତୃଭାଷା ଭୁଲିଯାଇ ଆନ୍ଧ୍ର ଅଞ୍ଚଳରେ ରହି ତେଲେଙ୍ଗା କହୁଥିବାରୁ ଆପଣମାନେ ବୋଧେ ମନେ କରିଥିବେ ଯେ ସେ ଜଣେ ଆନ୍ଧ୍ର ଜାତୀୟ । ଏପରି ଭୁଲ କରିବା ଏନ୍ୟୁ-ମେରେଟରମାନଙ୍କ ପକ୍ଷରେ ମଧ୍ୟ ସମ୍ଭବ । ତେଣୁ ଆମେ ଏଥିର ସଂଶୋଧନ ସକାଶେ ଆପଣଙ୍କ କାର୍ଯ୍ୟରେ ସାହାଯ୍ୟ କରିବାକୁ ଉଦ୍ୟମ କରୁଛୁ । କିନ୍ତୁ ସରକାରୀ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ଆଦୌ ଆମର ଇଚ୍ଛା ନୁହେଁ ।" ସାହେବଙ୍କ ସଙ୍ଗେ ଆମେ ସମସ୍ତେ ମିଶି ଯେତେବେଳେ ଡାକବଙ୍ଗଳାକୁ ଫେରି ଆସିଲୁ, ସେ ମୋତେ ପଚାରିଲେ—"କହି ପାରିବ ? ଚାକଲିମାନଙ୍କର ମଧ୍ୟରେ ପ୍ରକୃତ ତେଲେଙ୍ଗା ଚାକଲି କିଏ ଅଛନ୍ତି କି ନାହିଁ ?" ମୁଁ କହିଲି,"ଏମାନଙ୍କର ଜାତି ବିଷୟରେ ଟିକି ନିଖି ବିବରଣୀ ମୁଁ ସଂଗ୍ରହ କରି ଜାଣି ପାରିଛି ଯେ, ତାଙ୍କର ଜାତି ତିନି ଶ୍ରେଣୀରେ ବିଭକ୍ତ । ଯଥା ଓଡ୍ରୁ ଚାକଲି, କାପୁ ଚାକଲି ଓ ବାଣ୍ଡରି ଚାକଲି । ଏଥିରୁ ଦ୍ୱିତୀୟ ଶ୍ରେଣୀଟି ଜାତି ହିସାବରେ ଆନ୍ଧ୍ର ବୋଲି ଆମେ ଜାଣିଛୁ । ତାଙ୍କର କୌଳିକ ଆଚାର ଅନୁଶୀଳନ କଲେ ଜଣାଯିବ ଯେ ଆନ୍ଧ୍ର ଚାକଲିମାନେ ମାର୍ଗଶୀର ଗୁରୁବାର ପାଳନ୍ତି ନାହିଁ । ତାଙ୍କ ସ୍ତ୍ରୀ-ମାନେ ହାତରେ ବାହି ନ ପିନ୍ଧି କାଚ ପିନ୍ଧନ୍ତି । ସେମାନେ ଗଧ ପୋଷି ତା ଉପରେ ଲୁଗାପଟା ନେବା ଆଣିବା କରନ୍ତି । ବିବାହବେଳେ ସେମାନେ ବେକରେ 'ପୁସ୍ତି' ପିନ୍ଧନ୍ତି । କିନ୍ତୁ ଓଡ଼ିଆ ଜାତିମାନଙ୍କର ଏହା ଅନୁସୃତ ହୁଏ ନାହିଁ । ଏଣୁ ଆନ୍ଧ୍ର ଜାତି ଏବଂ ଓଡ଼ିଆ ଜାତିମାନଙ୍କୁ ତାଙ୍କର ଜାତି କଥା ପଚାରିଲାବେଳେ ଦ୍ୱିତୀୟ ପ୍ରଶ୍ନରୂପେ "କେଉଁ ଚାକଲି ଶ୍ରେଣୀର ତୁମେ ?" ବୋଲି ପ୍ରଶ୍ନ କରିବା ଉଚିତ । ଚାକଲିମାନଙ୍କ ପରି

Digitized by PPRACHIN, SOA

କୁମ୍ଭାର, କୁଆର, ଓଡ଼ିଆ ଜାତିଗୁଡ଼ିକ ଆନ୍ଧ୍ର ଅଞ୍ଚଳରେ ଯଥାକ୍ରମେ କୁମ୍ମାସ୍ୱି, ନେଇଲ୍, ଓଡ୍‌ଡ଼ା ଇତ୍ୟାଦି ରୂପେ ପରିଚିତ ହୁଅନ୍ତି । କେତେକ ସ୍ଥାନରେ ସେହି ଜାତିମାନେ ମାତୃଭାଷା ଭୁଲି ଯାଇ ତେଲେଙ୍ଗା ବ୍ୟବହାର କରୁଥିବାରୁ, ସେମାନଙ୍କୁ ଜାତି ହିସାବରେ ମଧ୍ୟ ତେଲେଙ୍ଗା ବୋଲି ଲେଖା ଯାଉଛି । ଏହା ଆମ ପ୍ରତି ଘୋର ଅନ୍ୟାୟ । ଏହି ଅନ୍ୟାୟର ପ୍ରତିକାର ସକାଶେ ଆମେ ଆମର ଜାତିଭାଇମାନଙ୍କୁ ବୁଝାଇ କହିବା କଣ ଆମର କର୍ତ୍ତବ୍ୟ ନୁହେଁ ?'' ମୋର କଥା ଶୁଣି ବେଲ୍ ସାହେବ ବହୁକ୍ଷଣ ଗମ୍ଭୀର ହୋଇ ବସି ରହିଲେ । ଏ ସବୁ ସତ୍ତ୍ୱେ Yeatts ସାହେବ ତାଙ୍କର Census Report ( Census of India Vol. XIV, Madras Part-I Report.P. 300 )ରେ ପାରଳାଖେମୁଣ୍ଡି ଓଡ଼ିଆମାନଙ୍କ ବିରୋଧରେ ଏ ସମ୍ପର୍କରେ ଯାହା ଲେଖିଛନ୍ତି, ତାହା ନିମ୍ନରେ ଉଦ୍ଧୃତ ହେଲା—"The Raja was unfortunately absent in England attending the Round Table Confernce and his moderating influence was missed. I found a considerable degree of excitement in this area; one of the manifostations of this was an Oriya idea of holding a separate census at the same time as the government one, this private effort to be conducted by Oriya champions only. It is difficult to conceive of a more foolish endeavour at that particular time Fortunataly, after long interviews with the leaders, I was able to convince them that no step could be more damaging to the cause they were so anxious to serve.

୧୯୩୧ ସାଲ ଫେବୃୟାରୀ ୮ ତାରିଖ ଦିନ ମହାରାଜା ସନ୍ଧ୍ୟା ଗାଡ଼ିରେ ଲଣ୍ଡନରୁ ଆସି ପାରଳାଖେମୁଣ୍ଡିରେ ପହଞ୍ଚିଲେ । ଏଥିପାଇଁ ନୌପଡ଼ାଠାରୁ ପ୍ରତି ଷ୍ଟେସନରେ ତୋରଣ ଓ ଫୁଲମାଳ ସଜା ହୋଇ ଲୋକାରଣ୍ୟ ସଙ୍ଗେ ମହାରାଜାଙ୍କୁ ଅଭ୍ୟର୍ଥନା କରାଯାଉଥାଏ । ସେଦିନ ସନ୍ଧ୍ୟା ପୂର୍ବରୁ ପାରଳାଖେମୁଣ୍ଡିର ପ୍ରତ୍ୟେକ ସାହିରେ ତୋରଣ ଏବଂ ଅନେକମାଳା ସଜାଯାଇ ଷ୍ଟେସନରେ ପ୍ରାୟ ୧୦ ହଜାର ଲୋକ ଜମି ରହିଥିଲେ । ସେହି ଲୋକ ଗହଳକୁ ସମ୍ଭାଳିବା ପୁଲିସ୍ ପକ୍ଷରେ ମଧ୍ୟ ସମ୍ଭବ ହେଉନାହିଁ । ଆମେ କେତେଜଣ ଆଗରୁ ବହୁ କଷ୍ଟରେ ପ୍ଲାଟ୍‌ଫର୍ମରେ ଅପେକ୍ଷା କରିଥାଉ । ମ୍ୟୁନିସିପାଲ ଚେୟାରମ୍ୟାନ ଦାମୋଦର ପାଢ଼ୀ ତାଙ୍କର ଅନିମ କର୍ମଚାରୀମାନଙ୍କ ସାହାଯ୍ୟରେ ପ୍ଲାଟଫର୍ମର ଗୁରିଆଡ଼େ ଲୋକ ଗହଳକୁ ଜଗି ରହିଥାନ୍ତି । ଯଥା ସମୟରେ ଷ୍ଟେସନରେ ଗାଡ଼ି ପହଞ୍ଚିଲା । ମହାରାଜାଙ୍କ ନିଜର ଗାଡ଼ି ହୋଇଥିବାରୁ ଷ୍ଟେସନ ମାଷ୍ଟର ତାଙ୍କର

Digitized by PPRACHIN, SOA

ଯଥାବିହିତ ପ୍ରଥମେ ଅଭ୍ୟର୍ଥନା କଲେ । ଚେୟାରମ୍ୟାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କ ପକ୍ଷରୁ ଫୁଲମାଳ ଓ କ୍ଷୀରମାଳମାନ ମହାରାଜାଙ୍କୁ ଦିଆଗଲା । ମଙ୍ଗଳ କିଶୋର ପାଣିଗ୍ରାହି (ପ୍ୟାଲେସ କଣ୍ଟ୍ରୋଲର) ଓ ଶ୍ୟାମ ସୁନ୍ଦର ଗନ୍ତାୟତ (ମହାରାଜାଙ୍କ ପ୍ରାଇଭେଟ୍ ସେକ୍ରେଟାରୀ) ମହାରାଜାଙ୍କ ସଙ୍ଗେ ଲଣ୍ଡନ ଯାଇଥିଲେ । ସେ ମଧ୍ୟ ସେହି ଗାଡ଼ିରେ ମହାରାଜାଙ୍କ କାମେରାରୁ ଓହ୍ଲାଇ ଆସିଲେ । ଶ୍ରୀଯୁକ୍ତ ଗନ୍ତାୟତ ଲଣ୍ଡନରୁ ମହାରାଜାଙ୍କ ଆଦେଶ କ୍ରମେ ମୋ ପାଇଁ ଗୋଟିଏ ସୁନ୍ଦର ପାର୍କର ଫାଉଣ୍ଟେନ୍ ପେନ୍ ଆଣିଥିଲେ । ତାହା ସେଠାରେ ମୋତେ ଦେଇ କହିଲେ, "ରାଜଗୁରୁ ବାବୁ ! ଆପଣଙ୍କର ପାରିଶ୍ରମିକ ନିଅନ୍ତୁ ।" ଆନନ୍ଦ କୋଳାହଳ ମଧ୍ୟରେ ଆମେ ଯେତେବେଳେ ପରସ୍ପର କୁଶଳ ପଚାରୁଥାଉ ଗୋଟିଏ ବଡ଼ ବିପଦ ଆମକୁ ବିବ୍ରତ କଲା । ଯେଉଁ ଲୋକାରଣ୍ୟ ସେଠାରେ ଦେଖିଲୁ ତାହା ଭିତର ଦେଇ ମହାରାଜା ପ୍ୟାଲେସକୁ ଯିବେ କିପରି ? ଦାମୋଦର ପାଢ଼ୀଙ୍କୁ ଆମେ ଆଗରୁ ଏଥିପାଇଁ ସତର୍କ ହେବାକୁ କହିଥିଲୁ । କିନ୍ତୁ ସେ ସେଥିର କିଛି ତତ୍ତ୍ୱ ନେଇ ନ ଥିବାରୁ ଏପରି ଅସୁବିଧା ହୋଇଥିଲା । ଆମେ ବହୁ କଷ୍ଟରେ ମହାରାଜାଙ୍କ ଗାଡ଼ି ସେହି ଜନତାକୁ ଆଡ଼େଇ ଧୀରେ ଧୀରେ ଯଥା ସ୍ଥାନକୁ ନେଇ ପାରିଥିଲୁ । ଏଥିଯୋଗୁ ମହାରାଜା ପ୍ରାୟ ଦେଢ଼ଘଣ୍ଟା ଷ୍ଟେସନ ଭିତରେ ଅଟକି ରହିଲେ । ପ୍ୟାଲେସକୁ ଆସିଲାବେଳେ ବାଟରେ ବହୁବିଧ ଉତ୍ସବ, ବାଦ୍ୟ, ନାଚ ଲୋକଙ୍କ ଅଭିବାଦନ ସ୍ୱରୂପ ଫୁଲ ତୋଡ଼ାମାନ ରାସ୍ତାକୁ ଆବିଲ କରି ଦେଇଥିଲା । କିନ୍ତୁ ମହାରାଜା ନିଜେ ସେଦିନ ପ୍ରଫୁଲ୍ଲ ଦେଖାଯାଉ ନ ଥିଲେ । ଏଥିର କାରଣ ଆମେ ପରେ ବୁଝିପାରିଲୁ ଯେ, ଦେଢ଼ଘଣ୍ଟା ସମୟରେ କେତେ ମୂଲ୍ୟବାନ କାମ ଅଟକି ଗଲା । ସେଥିପାଇଁ ସେ ବିରସ ଦେଖା ଯାଉଥିଲେ । ଦାମୋଦର ପାଢ଼ୀଙ୍କୁ ଡକାଇ ଟିକିଏ ବିରକ୍ତ ହୋଇ ସେ କହିଲେ, ତୁମର ଏପରି ଅବହେଳା ଯୋଗୁ ଆଜି ମୋର ମୋର କେତୋଟି ଜରୁରୀ ଟେଲିଗ୍ରାମ ଯାଇ ପାରିବ ନାହିଁ । ତୁମେ ନିତାନ୍ତ ଅଯୋଗ୍ୟ ଇତ୍ୟାଦି । ଚେୟାରମ୍ୟାନ ପାଢ଼ୀଙ୍କ ମନରେ ଘୋର କଷ୍ଟ ହେଲା । ସେ ଏତେଦୂର ବିଚଳିତ ହୋଇଗଲେ ଯେ, ପରଦିନ ଚେୟାରମ୍ୟାନ ପଦବୀରୁ ଇସ୍ତଫା ଦେଇଥିଲେ । ବାସ୍ତବରେ ମହାରାଜାଙ୍କ ଅଳ୍ପ କେତୋଟି ରୁଷ୍ଟ ବାକ୍ୟରେ ଯେଉଁ ତୀବ୍ରତା ରହିଥାଏ, ତାହା ତାଙ୍କର ସଙ୍ଗେ ଯେ ରହିଛି ସେଇ ହିଁ ବୁଝିପାରିବ ।

ତା' ଦୁଇଦିନ ପରେ ମହାରାଜାଙ୍କ ସଙ୍ଗେ ମୁଁ ଓ ଅନ୍ୟାନ କେତେକ ଭଦ୍ରବ୍ୟକ୍ତି ପ୍ରାୟ ଦୁଇ ଘଣ୍ଟାଯାଏ ଗୋଲଟେବୁଲ ବୈଠକର ବିବରଣୀ ତାଙ୍କଠାରୁ ଶୁଣିଥିଲୁ ଏବଂ ଏଠାରେ ଜନଗଣନା ସମ୍ପର୍କୀୟ ଆମର କାର୍ଯ୍ୟାବଳୀ ତାଙ୍କୁ ଜଣାଇଥିଲେ । ଏଠାରେ କହିରଖିବା ଉଚିତ ଯେ କଟକଠାରେ ବ୍ରଜସୁନ୍ଦର ଦାସଙ୍କ ନେତୃତ୍ୱରେ ତାଙ୍କର ମୁକୁର ପ୍ରେସ୍ ଠାରେ ଦେଶମିଶ୍ରଣ କାର୍ଯ୍ୟ ଚଳାଇବାକୁ ଗୋଟିଏ କମିଟି ଗଢ଼ାଯାଇଥିଲା । ସେଥିର ନିର୍ଦ୍ଦେଶକ୍ରମେ ଦକ୍ଷିଣର ବିଚ୍ଛିନ୍ନାଞ୍ଚଳରେ ଜନଗଣନା କାର୍ଯ୍ୟ ନିୟନ୍ତ୍ରିତ

Digitized by PPRACHIN, SOA

କରିବାକୁ ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ଭାର ଦିଆଯାଇଥିଲା । ସେ ଫେବ୍ରୁୟାରୀ ୧୪ ତାରିଖରେ ପାରଳାଖେମୁଣ୍ଡି ଆସି ପ୍ରଥମେ କଲେଜ ହଷ୍ଟେଲରେ ରହି ମୋଠାରୁ ସମସ୍ତ ବିଷୟ ବୁଝିନେଲେ । ଯେଉଁ ଓଡ଼ିଆ, ଜାତିଗୁଡ଼ିକ ଦକ୍ଷିଣାଞ୍ଚଳରେ ମାତୃଭାଷା ଭୁଲି ଯାଇଛନ୍ତି, ତାଙ୍କର ଜାତି ଓଡ଼ିଆ ବୋଲି ଏଥର ଜନଗଣନାରେ ଲେଖିବା ସମ୍ଭବ ହେବ । ତାହା ମୋତେ ପଚାରିବାରୁ ମୁଁ କହିଲି ମାନ୍ଦ୍ରାଜର ସରକାରୀ କର୍ମଚାରୀମାନେ ଯେଉଁମାନଙ୍କ ଉପରେ ଏହି ସେନ୍‌ସସ ଭାର ଦିଆଯାଇଛି ସେ ସମସ୍ତେ I. C. S. ଅଫିସର । ମାନ୍ଦ୍ରାଜ ସରକାରଙ୍କ ଇଚ୍ଛାନୁସାରେ ଚାଲନ୍ତି । ତେଣୁ ଆମେ ଯେତେ ବୁଝାଇଲେ ମଧ୍ୟ ତାଙ୍କର ହୃଦବୋଧ ହେବନାହିଁ । ସେଥିଯୋଗୁ ମୁଁ ମହାରାଜାଙ୍କ ଠାରେ ପ୍ରସ୍ତାବ କରିଛି ଏ ଅଞ୍ଚଳର ପ୍ରତ୍ୟେକ ବିବାଦୀୟ ଜାତିମାନଙ୍କ ପକ୍ଷରୁ ସଭା କରି ସେମାନେ ତାଙ୍କ ବେହେରା ବା ଜାତିର ଅଧିକାରୀ କରିଆରେ ପ୍ରସ୍ତାବ ଆକାରରେ ସରକାରଙ୍କୁ ଜଣାଇ ଦିଅନ୍ତୁ ଯେ, ତାଙ୍କର ଜାତି ଓଡ଼ିଆ ବୋଲି ସେନ୍‌ସସରେ ଲେଖାଯାଉ । ଲକ୍ଷ୍ମୀନାରାୟଣ ବାବୁ ମୋ ପ୍ରସ୍ତାବଟି ଗ୍ରହଣ କରିବାରୁ ପରେ ସେ ମଧ୍ୟ ଏ କଥା ମହାରାଜାଙ୍କୁ ଜଣାଇ ପ୍ରତି ପଲ୍ଲୀରେ ଏବଂ ପାରଳାଖେମୁଣ୍ଡି ସହରରେ ଜାତିଆଣ ସଭାମାନ କରାଇବା ସକାଶେ ଲୋକ ନିଯୁକ୍ତ କରିବାକୁ ପ୍ରସ୍ତାବ କଲେ । ତଦନୁସାରେ କର୍ମୀମାନେ ନିଯୁକ୍ତ ହେଲେ । ପାରଳାଖେମୁଣ୍ଡିର ପ୍ରତ୍ୟେକ ପଲ୍ଲୀଅଞ୍ଚଳରେ ସେତେବେଳେ ଗ୍ରୁପ୍ କରଣମାନେ ମହାରାଜାଙ୍କ ତଥା ସରକାରଙ୍କ ରେଭିନ୍ୟୁ କାର୍ଯ୍ୟରେ ନିଯୁକ୍ତ ହୋଇଥାନ୍ତି । ସେ ସମସ୍ତଙ୍କୁ ଡକାଇ ଶ୍ରୀକରଣ ମଠରେ ଗୋଟିଏ ଗୁପ୍ତ ବୈଠକ କରାଗଲା । ଆମେ ସେମାନଙ୍କୁ ଯାହା ଯାହା ପରାମର୍ଶ ଦେବା କଥା ବୁଝାଇ କହିଲୁ । ମହାରାଜାଙ୍କର ଏଥିରେ ଅନୁକୂଳ ମତ ଥିବାରୁ ସେମାନେ ଅର୍ଦ୍ଧ ସରକାରୀ କର୍ମଚାରୀ ହୋଇ ମଧ୍ୟ ଏହି ଜାତୀୟ କାର୍ଯ୍ୟଟି ସମ୍ପନ୍ନ କରିବାକୁ ସମ୍ମତ ହେଲେ । ଏହାପରେ ପ୍ରତିଦିନ ଆମେ ଅର୍ଥାତ ମୁଁ, ହରିଲାଲ ବର୍ଦ୍ଧନ, ବଳଭଦ୍ର ଦାସ ପ୍ରଭୃତି କର୍ମୀମାନେ ହିତୈଷିଣୀ ସମାଜ ପକ୍ଷରୁ ସମୁଦାୟ ଦକ୍ଷିଣାଞ୍ଚଳର ପ୍ରତ୍ୟେକ ସହର ଓ ପଲ୍ଲୀ ଅଞ୍ଚଳ ବୁଲି ସେଠାର ଓଡ଼ିଆମାନଙ୍କ ମଧ୍ୟରେ ଏହି ଜାତୀୟ କାର୍ଯ୍ୟର ଚେତନା ଜାଗ୍ରତ କଲୁ । ସବୁ ସ୍ଥାନରେ ଆମ କାର୍ଯ୍ୟ ପ୍ରତି ଲୋକଙ୍କ ପୂର୍ଣ୍ଣ ସହାନୁଭୂତି ଓ ସହଯୋଗ ମିଳିଲା । ସେତେବେଳେ ଦୈନିକ ଆଶା ଓ ‘New Orissa’ ସମେତ ସମାଜ ଇତ୍ୟାଦି ପତ୍ରିକାରେ ମୁଁ ଦକ୍ଷିଣ ଓଡ଼ିଶା ଜାତିମାନଙ୍କ ସମ୍ବନ୍ଧରେ ଧାରାବାହିକ ଭାବେ ଆଲୋଚନାମୂଳକ ପ୍ରବନ୍ଧମାନ ପ୍ରକାଶ କରିବାକୁ ଲାଗିଲି । ୧୯୨୧ ଓ ୨୨ ସାଲର ସେଇ ପତ୍ରିକାମାନଙ୍କରୁ ଏଥିର ନିଦର୍ଶନ ମିଳିବ । ଅମର ବିପକ୍ଷରେ ଅନ୍ଧ୍ରମାନଙ୍କର ମଧ୍ୟ ପ୍ରତିକୂଳ ଚେଷ୍ଟା ଚାଲିଥାଏ । ସେତେବେଳେ ମାନ୍ଦ୍ରାଜର କେତୋଟି ଇଂରାଜୀ ପତ୍ରିକାରେ ସେମାନେ ଓଡ଼ିଆ ବିରୋଧୀ ପ୍ରବନ୍ଧ ପ୍ରକାଶ କରୁଥାନ୍ତି । ପାରଳାଖେମୁଣ୍ଡିରେ କ. ସୀତାପତି ଓ କ. ସତ୍ୟନାରାୟଣ (ଜଣେ ଆନ୍ଧ୍ର ଉକିଲ) ଅମର ପ୍ରତିକୂଳ ଅବସ୍ଥା

Digitized by PPRACHIN, SOA

ସୃଷ୍ଟି କରୁଥାନ୍ତି । ଶ୍ରୀକାକୁଲମ୍ ଠାରେ ମଧ୍ୟ ବ. ଲକ୍ଷ୍ମଣ ରାଓ ପ୍ରଭୃତି ଆନ୍ଧ୍ର ନେତାଙ୍କ ଚେଷ୍ଟାରେ ତାଙ୍କ ପକ୍ଷରୁ ଗୋଟିଏ ସଂଘ ଗଢ଼ା ହୋଇଥାଏ । ସେହିପରି ବ୍ରହ୍ମପୁରରେ ବରାହଗିରି ଯୋଗେୟା ପ୍ରାନ୍ତୁଲୁଙ୍କ ନେତୃତ୍ୱରେ ଆନ୍ଧ୍ରମାନଙ୍କ ଗୋଟିଏ ଅନୁଷ୍ଠାନ ଗଢ଼ା ହୋଇଥିଲା । କିନ୍ତୁ ଗଞ୍ଜାମର ଦକ୍ଷିଣରେ ପାରଳାଖେମୁଣ୍ଡି ମହାରାଜା ଏବଂ ଉତ୍ତରରେ ଖଲ୍ଲିକୋଟର ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ହେତୁ ଓ ସର୍ବୋପରି 'ଆଶା'ର ସମ୍ପାଦକ ଶଶୀଭୂଷଣ ରଥଙ୍କ ନେତୃତ୍ୱ ଯୋଗୁ ଓଡ଼ିଆ-ମାନଙ୍କର ସ୍ୱାର୍ଥରେ ବେଶୀ କିଛି ବ୍ୟାଘାତ ସେମାନେ ସୃଷ୍ଟି କରି ପାରି ନ ଥିଲେ ।

ପାରଳାଖେମୁଣ୍ଡିରେ ଆମର ପ୍ରଚାର କାର୍ଯ୍ୟ ତୀବ୍ର ଗତିରେ ଚାଲିଲା । ଓଡ଼ିଆ ଏନ୍ୟୁମେରେଟରମାନଙ୍କୁ ତାଲିକା କରି ଦିଆଗଲା ଯେପରି ବିବାଦୀୟ ଜାତିଗୁଡ଼ିକ ଓଡ଼ିଆ ବୋଲି ସେମାନେ ଲେଖିବେ । ଆମ କାର୍ଯ୍ୟର ଅନୁସନ୍ଧାନ କରିବାକୁ ମାନ୍ଦ୍ରାଜର ସେନସସ୍ ସୁପରିନ୍‌ଟେଣ୍ଡେଣ୍ଟ ଜଣେ ଇଟ୍‌ସ ସାହେବ ଏଠାକୁ ଆସିଲେ । ଫେବୃୟାରୀ ୧୮ ତାରିଖଦିନ ଡାକବଙ୍ଗଳାକୁ ଯାଇ ମୁଁ ଓ ହରିହର ବର୍ଦ୍ଧନ ଖବର ପାଇଲୁ ଯେ ସେ ରାୟଗଡ଼ାଠାକୁ ଯାଇଛନ୍ତି । ତେଣୁ ଆମେ ଘରକୁ ଫେରି ଆସିଲୁ । ପରେ ଖବର ପାଇ ଅପରାହ୍ଣ ତିନିଟାବେଳେ ମହାରାଜାଙ୍କ ଗେଷ୍ଟହାଉସରେ ମି. ଇଟ୍‌ସଙ୍କ ସଙ୍ଗେ ଆମର ସାକ୍ଷାତ ହେଲା । ସୌରା ଜାତିମାନଙ୍କର ସମ୍ବନ୍ଧରେ ସେ କେତେକ ତଥ୍ୟ ଜାଣିବାକୁ ମୋତେ ପ୍ରଥମେ ପଚାରିଲେ ଏହି ଜାତିର ନାମ ଶବର ହେଲା କିପରି ? ମୁଁ ତାଙ୍କୁ କହିଲି, ଶବର ମାନଙ୍କୁ ଯଦି ଆପଣ ପଚାରିବେ ତୁମେ କିଏ ? ତା' ହେଲେ ସେ ଉତ୍ତର ଦେବେ ମୁଁ ଶବରନ୍ । ଏହି ଶବ୍ଦଟି ତିନୋଟି ପୃଥକ ପୃଥକ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି । ଯଥା—ଶ+ଓର +ଅନ୍ । 'ଶ' ଶବ୍ଦର ଅର୍ଥ ସଂସ୍କୃତ ଅନୁସାରେ "ସହିତ" । 'ଓର୍' ବା 'ଓଡ଼ା'ର ଅର୍ଥ ଓଡ୍ର ଜାତି ଏବଂ 'ଆନ୍' ଶବ୍ଦଟି ସେମାନଙ୍କ ଭାଷାରେ 'ଲୋକ' ଅର୍ଥକୁ ବୁଝାଏ । ଏଣୁ ସମୁଦାୟ ଅର୍ଥଟି ହେଉଛି ଯେଉଁ ଲୋକ ଓଡ୍ର ଜାତି ସହିତ ରହିଛି ସେ ଶବରନ୍ । ତାକୁଇ ଆମେ ସଂକ୍ଷେପରେ ଶବର ବୋଲି କହୁ । ମୋର ଏହି ବ୍ୟାଖ୍ୟାନଟି ଶୁଣି ସାହେବ ଟିକିଏ ଗମ୍ଭୀର ଭାବରେ ଚିନ୍ତା କଲେ ଓ ତାଙ୍କର ନୋଟ୍ ବୁକ୍‌ରେ ତାହା ଟିପି ନେଲେ । ପରେ ସେନ୍‌ସସ୍ ରିପୋର୍ଟ ଛପା ହେଲାରୁ ମୁଁ ସେଥିରେ ଦେଖିଲି ଯେ ସାହେବ ଲେଖିଛନ୍ତି—"There have been many theories as to the origin of the tribal name. An enginious but perhaps unconvincing one was put to me by a Parlakhimedi gentle man; according to him the word was 'Sa-Ora-An, or 'Sahita'='with',plus Ora=Odra =Oriya, plus'an'=people, and the association of the tribe

Digitized by PPRACHIN, SOA

with the Oriyas from the time immemorial was established. Apart from the fact that the long 'O' in this derivation goes completely counter to what seems to have always been the accepted pronunciation, other circumstances are against it; it is altogether its easy and the suspicious or uncharitable might detect pan-Oriya propaganda behind it." ✻

ଏହାପରେ ଦକ୍ଷିଣ ଓଡ଼ିଶାର ପ୍ରବାସୀ ଜାତିମାନଙ୍କ ସମ୍ବନ୍ଧରେ ଦୀର୍ଘ ଆଲୋଚନା ହୋଇଥିଲା ।

ମୋର ମନେପଡ଼ୁଛି—ସେହି ପ୍ରବାସୀ ଜାତିମାନଙ୍କ ମଧ୍ୟରେ ଶିଷ୍ଟ କରଣ ନାମକ ଗୋଟିଏ ଶିକ୍ଷିତ ସମ୍ପ୍ରଦାୟ ରହିଥାନ୍ତି । ସେମାନଙ୍କର ଅଧିକାଂଶ ଲୋକ ଶ୍ରୀକାକୁଲମ ନିକଟସ୍ଥ ବମାଲି ଓ ସେଥିର ପାଖପାର୍ଶ୍ୱିକ ଗ୍ରାମଗୁଡ଼ିକରେ ବାସ କରନ୍ତି । ପୂର୍ବେ ଏମାନେ ପ୍ରାଚୀନ ଗଙ୍ଗବଂଶୀୟ ରାଜାମାନଙ୍କର ଅଧୀନରେ ରହି ଶାସନ କାର୍ଯ୍ୟରେ ନିଯୁକ୍ତ ହେଉଥିଲେ । ପୂର୍ବେ ଦାକ୍ଷିଣାତ୍ୟ ପଣ୍ଡିତମାନେ ଉତ୍ତର ଭାରତକୁ ଯାତ୍ରା କଲାବେଳେ କିମ୍ବା ଉତ୍ତର ଭାରତର ପଣ୍ଡିତମାନେ ଦକ୍ଷିଣକୁ ଯାତ୍ରା କଲାବେଳେ ସେମାନଙ୍କର ଭାଷା ପରସ୍ପର ମଧ୍ୟରେ ଦୁର୍ବୋଧ ହେବାରୁ ସେହି ଉଦ୍ଦେଶ୍ୟ ଅଞ୍ଚଳ ମଧ୍ୟରେ ଥିବା କଳିଙ୍ଗର ରାଜନ୍ୟବର୍ଗ ସେହି ପଣ୍ଡିତମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଗୋଟିଏ ସ୍ୱତନ୍ତ୍ର ସଂସ୍ଥା ରଖାଇ ସେଥିରେ ଅଧ୍ୟକ୍ଷ ରୂପେ ଶିଷ୍ଟ କରଣମାନଙ୍କୁ ନିଯୁକ୍ତ କରିଥିଲେ । ଧର୍ମ ଅନୁଷ୍ଠାନମାନଙ୍କ ପରିଚାଳନା ଭାର ମଧ୍ୟ ସେମାନଙ୍କ ଉପରେ ନ୍ୟସ୍ତ ଥିବାରୁ ତାଙ୍କର ଉପାଧି ଥିଲା ଶିଷ୍ଟ । ଏଣୁ ସେମାନେ ଉତ୍ତର ଭାରତୀୟ ଭାଷା ସଙ୍ଗେ ଦକ୍ଷିଣର ତେଲେଙ୍ଗା ଭାଷାରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବା ଆବଶ୍ୟକ ହେଉଥିଲା । କ୍ରମେ ସେହି ପ୍ରାଚୀନ ବ୍ୟବସ୍ଥାର ଛିନ୍ନ ହୋଇ ଯେତେବେଳେ ମୋଗଲ, ମରହଟ୍ଟା ଓ ବ୍ରିଟିଶ ଶାସନରେ ଏ ଅଞ୍ଚଳ ରହିଲା ସେତେବେଳୁ ସେମାନେ ଦ୍ୱୈଭାଷିକ ଗୋଟିଏ ମିଶ୍ରଣ ଭାଷା ବ୍ୟବହାର କରିବାକୁ ଲାଗିଲେ । ଏଣୁ ଅଦ୍ୟାପି ତାଙ୍କ ପରିବାରରେ ଓଡ଼ିଆ ମିଶ୍ରିତ ତେଲେଙ୍ଗା ଭାଷା ପ୍ରଚଳିତ ହେଉଛି । ତଥାପି ଏହି ଶିଷ୍ଟ କରଣମାନେ ଜାତି ଦୃଷ୍ଟିରୁ ଓଡ଼ିଆ ବୋଲି ଦାବୀ କରନ୍ତି । ପୁଣି ବହୁ ଓଡ଼ିଆ କବି ମଧ୍ୟ ସେମାନଙ୍କର ମଧ୍ୟରେ ରହିଛନ୍ତି । ଏ ବିଷୟଟି ଆଲୋଚନା କରି ଗୋଟିଏ ସ୍ୱତନ୍ତ୍ର ପ୍ରବନ୍ଧରେ "ଶିଷ୍ଟ କରଣ

✻ Census Report of 1931 Madras Presidency Pt III, P. 378 ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

କବିଙ୍କର ଉତ୍କଳ ସାହିତ୍ୟକୁ ଦାନ” ଶୀର୍ଷକ ଲେଖାଟି ମୁଁ ଫେବୃୟାରୀ ୨୪ ତାରିଖରେ ଲେଖିଥିଲି । ତା ୨୮ । ୨ । ୪୫ ଖ୍ରୀ ଦିନ ବ୍ରହ୍ମପୁରର ଶିଷ୍ଟକରଣ କୁଳଭୂଷଣ ବେହେରା ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କୁ ତାଙ୍କର ଉଚ୍ଚ ସାମରିକ ପଦବୀରୁ ଅବସର ନେବା କାଳରେ ଯେଉଁ ସମ୍ବର୍ଦ୍ଧନା ଟେକ୍‌କଲି ଶିଷ୍ଟ କରଣ ମହାସଭା ପକ୍ଷରୁ ପାରଳାଖେମୁଣ୍ଡିରେ ଦିଆ ଯାଇଥିଲା, ସେଥିରେ ମୁଁ ଗୋଟିଏ ଇଂରାଜୀ ପ୍ରବନ୍ଧ ପାଠ କରି ଶିଷ୍ଟ କରଣ ଜାତିର ଉତ୍ପତ୍ତି ଏବଂ ମହନୀୟ ଐତିହ୍ୟ ବିଷୟରେ ସେହି ବିଷୟଗୁଡ଼ିକର ଅବତାରଣ କରି ଥିଲି । ସେହି ପ୍ରବନ୍ଧଟି ଅଦ୍ୟାପି ମୋଠାରେ ଗଚ୍ଛିତ ଅଛି ।

ସେ ବର୍ଷ ମାର୍ଚ୍ଚ ମାସରେ ମୋର ଗୋଟିଏ ଛୋଟ କବିତା ପୁସ୍ତକ ଲେଖା ହୋଇଥିଲା । ସେଥିର ନାମଟି ହେଉଛି ‘ଜନନୀ ଉତ୍କଳ’ । ଓଡ଼ିଶାର ଦେଶ ମିଶ୍ରଣ ସମ୍ପର୍କରେ ଯେଉଁ ନେତୃସ୍ଥାନୀୟ ଲୋକେ ଓ ରାଜା ମହାରାଜାମାନେ ଗୋଟିଏ ସଭାରେ ସମବେତ ହୋଇ ଓଡ଼ିଶାର ମିଶ୍ରଣ ବିଷୟ ଚର୍ଚ୍ଚା କରୁଥିଲେ, ସେମାନଙ୍କୁ ଉଦ୍ଦେଶ୍ୟ କରି ଉଦ୍‌ବୋଧନ ମୂଳକ ବିଷୟ ହିଁ ଏଥିର ପର୍ଯ୍ୟାଂଶ । ଏହା ସ୍ଥାନୀୟ ‘ଉତ୍କଳ ହିତୈଷିଣୀ ସମାଜ’ ପକ୍ଷରୁ କଟକର ଉତ୍କଳ-ସାହିତ୍ୟ ପ୍ରେସରେ ଛପା ହୋଇ ବହୁ ପରିମାଣରେ ବିତରଣ କରାଯାଇଥିଲା । ବିଶ୍ୱନାଥକରଙ୍କ ଦ୍ୱାରା ୧୯୩୧ ମସିହାରେ ‘ଉତ୍କଳ ସାହିତ୍ୟ ପ୍ରେସ୍’ରେ ଏହା ଛପା ହେଲା । ତା ୨୬ । ୨ । ୩୧ ଖ୍ରୀଃରେ ଜନ-ଗଣନା (Census) କାମ ସରିଗଲା ପରେ ଏହି ପୁସ୍ତକଟି ରଚନା କରିଥିଲି । କାରଣ ସେତେବେଳେ ‘ଉତ୍କଳ-ସମ୍ମିଳନୀ’ର ଗୋଟିଏ ଅଧିବେଶନ ହେବା ପ୍ରସ୍ତାବ ହୋଇଥାଏ । ସେଥିରେ ମୋର ଏ କବିତା ପୁସ୍ତକଟି ବିତରଣ କରି ଦେଶମାତୃକା ମନ୍ତ୍ରରେ ଉତ୍କଳବାସୀଙ୍କୁ ଉଦ୍‌ବୋଧିତ କରିବା ଲକ୍ଷରେ ଏହା ରଚିତ ହୋଇଥିଲା । ଏଥିର ମୁଖବନ୍ଧରେ ମୁଁ ଲେଖିଥିଲି, “Nothing makes a man strong like a call upon him for help.” “ଆଜି ଆମ ଦେଶ ଆମର ସାହାଯ୍ୟ ଲୋଡ଼ୁଛି । ଏହି ଯାଚଜ୍ଞା ଆମକୁ ଅବଶ୍ୟ ସବଳ କରିବ...”

ସେ ବର୍ଷ ଦାମୋଦର ପାତ୍ରୀଙ୍କର ଇସ୍ତଫା ପରେ ମହାରାଜାଙ୍କର ଇଚ୍ଛାନୁଯାୟୀ କାରମୂ୍ୟରି ଆପାରାଓଙ୍କୁ ଚେୟାରମ୍ୟାନ ରୂପେ ନିର୍ବାଚିତ କରାଯାଇଥିଲା । ଏଥିର ପ୍ରକୃତ ଉଦ୍ଦେଶ୍ୟ ମୁଁ ପରେ ବୁଝି ପାରିଲି, ମହାରାଜା କାହିଁକି ସେପରି ଜଣେ ତେଲଙ୍ଗା ବର୍ଗର ଲୋକଙ୍କୁ ବାଛି ଥିଲେ । ଯେତେବେଳେ ସୀମା ନିର୍ଦ୍ଦେଶକ କମିଟି ଗୋପାଳ-ପୁରରେ ତାଙ୍କର ସାକ୍ଷ୍ୟ ଲୋକଙ୍କଠାରୁ ଗ୍ରହଣ କରିବାକୁ ଗଲେ, ସେତିକବେଳେ ପାରଳାଖେମୁଣ୍ଡିର ଚେୟାରମ୍ୟାନ ଆପାରାଓ ମଧ୍ୟ ଆମ ସାଥିରେ ଯାଇ ଓଡ଼ିଶାରେ ପାରଳାଖେମୁଣ୍ଡିର ମିଶ୍ରଣ ସପକ୍ଷରେ ସାକ୍ଷ୍ୟ ଦେଇଥିଲେ । ତାଙ୍କରି ଯୋଗୁ ଏବଂ ମହାରାଜାଙ୍କର ପ୍ରତି ଅନୁରାଗ ଥିବାରୁ ଏ ତାଲୁକା କେତେକ ବଡ଼ ବଡ଼ ନାୟୁଡ଼ ଓ ତୋରା ଅନ୍ଧ୍ର ହୋଇ ସୁଦ୍ଧା ଦେଶମିଶ୍ରଣ ସପକ୍ଷରେ ସାକ୍ଷ୍ୟ ଦେଲେ । ଏଥିରୁ ସ୍ପଷ୍ଟ ସୂଚିତ

Digitized by PPRACHIN, SOA

ହେଲା ଯେ ମହାରାଜାଙ୍କର ରାଜନୀତିକ ବିଚକ୍ଷଣତା ଏବଂ ପ୍ରଭାବ ହେତୁ କେବଳ ପାରଳା-ଖେମୁଣ୍ଡି ମ୍ୟୁନିସିପାଲିଟି ନୁହେଁ ବରଂ ସମୁଦାୟ ତାଲୁକାର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସବୁ ଶ୍ରେଣୀର ଲୋକେ ତାଙ୍କର ପକ୍ଷରେ ରହି ଓଡ଼ିଆଙ୍କ କାର୍ଯ୍ୟରେ ସହାୟକ ଥିଲେ ।

କଟକର ଦିବାନ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ର ଜଣେ ରାଜଭକ୍ତ ଅବସରପ୍ରାପ୍ତ ପୋଲିସ୍ କର୍ମଚାରୀ । ଏକଦା ସେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ଗୋଟିଏ ସହଯୋଗ ସମିତିର ଅର୍ଥ ତୋଷରପାତ ଅଭିଯୋଗରେ ଅଭିଯୁକ୍ତ କରିଥିଲେ । ସେହି ଶ୍ରୀକୃଷ୍ଣ ମହାପାତ୍ର ହଠାତ୍ ଓଡ଼ିଶାର ରାଜନୀତି କ୍ଷେତ୍ରରେ ଦେଖା ଦେଇ କଲିକତା "Statesman" ଖବର କାଗଜରେ ଗୋଟିଏ ପ୍ରବନ୍ଧ ଲେଖି ପ୍ରଚାର କଲେ ଯେ,— ଗୋଲ ଟେବୁଲ ବୈଠକରେ ପାରଳାଖେମୁଣ୍ଡିର ମହାରାଜା ଓଡ଼ିଆମାନଙ୍କ ପ୍ରତିନିଧିତ୍ୱ କରି ନାହାନ୍ତି । ସେ ତାଙ୍କ ଗୋଲଟେବୁଲ୍ ବୈଠକରେ ଓଡ଼ିଆଙ୍କ ପକ୍ଷରୁ ଯାହା କହିଛନ୍ତି— ସେଥିରେ ଓଡ଼ିଆମାନେ ଏକମତ ନୁହନ୍ତି । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେଲେ ଯଦି ଶାସନ କାର୍ଯ୍ୟ ଚଳାଇବାକୁ ଅର୍ଥ ନଅଣ୍ଟ ହୁଏ, ତେବେ ଅଧିକା ଟିକସ ଦେବାକୁ ଓଡ଼ିଆମାନେ ପ୍ରସ୍ତୁତ ବୋଲି କହିବା ଠିକ୍ ନୁହେଁ ।

କଲିକତାର ବଙ୍ଗାଳୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯେ ୭ । ୨ । ୩୧ ର Statesmanରେ ଯେଉଁ ଲେଖାଟି ପ୍ରକାଶ କଲେ, ସେଥିର ପ୍ରତିବାଦ ଓଡ଼ିଶାର ସର୍ବତ୍ର ହୋଇ ଥିଲା । ପାରଳାଖେମୁଣ୍ଡିର ଉତ୍କଳ ହିତୈଷିଣୀ ସମାଜର ଗୋଟିଏ ସ୍ୱତନ୍ତ୍ର ବୈଠକ ୧୪ । ୨ । ୩୧ରେ ଅଧ୍ୟାପକ ଯୁଗଳ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବସି ମୋର ନିମ୍ନୋକ୍ତ ପ୍ରସ୍ତାବଟି ସର୍ବ ସମ୍ମତି କ୍ରମେ ଗୃହୀତ ହେଲା—

The Utkal Hitaisini Samaj repudiates the insinuation by Diwan Bahadur Srikrishna Mahapatra as published in "the Statesman" of the 7th February, 1931 that the Rajah of Parlakhemundi did not reprsent the Oriyas in the Round Table Confernce as false and mischievous "

ଏଥିର ନକଲ ଲଣ୍ଡନ୍ ଗୋଲଟେବୁଲ୍ ବୈଠକର ଅଧ୍ୟକ୍ଷ ତଥା ଭାରତର ଭାଇସ୍‌ରାୟ୍ ଓ ବିହାର ଓଡ଼ିଶାର ଗ୍ଭର୍ଣ୍ଣର ପ୍ରଭୃତିଙ୍କଠାକୁ ପଠାଇ ଦିଆଗଲା ।

ସେ ବର୍ଷ ୧୯୩୧ ସାଲ । ବିଭିନ୍ନ ଦିଗରେ ସକ୍ରିୟ ଯୋଗଦାନ କଥା ମୋର ଡାଏରୀରୁ ପ୍ରମାଣିତ ହୁଏ । ଏକ ଅଙ୍ଗ ରାଜନୈତିକ ସଂଘର୍ଷରେ, ଯଥା ଓଡ଼ିଶା ଦେଶୀୟରାଜ୍ୟ ଆନ୍ଦୋଳନ ପ୍ରତ୍ୟେକ ବିଷୟରେ ଯୋଗଦାନ ଏବଂ ଅନ୍ୟ ଦିଗରେ ସାଂସ୍କୃତିକ ଓ

Digitized by PPRACHIN, SOA

ସାହିତ୍ୟକ କାର୍ଯ୍ୟରେ ଆତ୍ମନିବେଶ । ସେ ବର୍ଷ ମୁଁ ଦୈନିକ 'ଆଶା' ସମେତ ବିଭିନ୍ନ ପତ୍ର ପତ୍ରିକାରେ ବହୁତଗୁଡ଼ିଏ ପ୍ରବନ୍ଧ ଲେଖିଥିଲି । ସେଥିର ଗୋଟିଏ ତାଲିକା ପାଦ ଟିପ୍ପଣୀରେ ଦିଆଗଲା ।

୧ । ମାନ୍ଦ୍ରାଜ ଓଡ଼ିଆ ଅଞ୍ଚଳରେ ସେନ୍‌ସସ୍ ବିଭ୍ରାଟ । (ଜାନୁୟାରୀ ମାସରେ ଦୈନିକ ଆଶାରେ ଧାରାବାହିକ ଭାବେ ପ୍ରକାଶିତ । )
୨ । ନବଜ ଦର୍ଶନ । (ଉତ୍କଳ ସାହିତ୍ୟରେ ପ୍ରକାଶିତ )
୩ । ଓଡ଼ିଶା ଦେଶମିଶ୍ରଣ ସମ୍ବନ୍ଧେ ପଦେ ।
୪ । ବମ୍ପାଲି କରଣଙ୍କର ଇଣ୍ଡିପେରୁ ରହସ୍ୟ ।
୫ । ମାନ୍ଦ୍ରାଜ ଓଡ଼ିଆ ଅଞ୍ଚଳର ଜାତ ବସ୍ତୁର ।
୬ । ଦେଶମିଶ୍ରଣରେ ମନ୍ଦ୍ରାସ ଭାଗ କାହିଁକି ? (ବ୍ରହ୍ମପୁର ନବୀନ ପତ୍ରିକାରେ)
୭ । ଉତ୍କଳୀୟ ଲିପି ତତ୍ତ୍ୱ । (୮ମ ପରିଚ୍ଛେଦ) (ସହକାର)
୮ । ଓଡ଼ିଶାର କ୍ରନ୍ଦନ । (ପ୍ରବନ୍ଧ ୧୨ । ୨ । ୩୧)
୯ । ଜଗନ୍ନାଥ ଦାସ । (ନାଟକ ୨୩ । ୨ । ୩୧)
୧୦ । ଜନନୀ ଉତ୍କଳ । (ଖଣ୍ଡକାବ୍ୟ ୧ । ୩ । ୩୧)
୧୧ । ଦେଶମିଶ୍ରଣ ସମ୍ବନ୍ଧେ ପଦେ ୯ । ୩ । ୩୧ (ଦୈନିକ ଆଶା) ।
୧୨ । ପ୍ରାକୃତିକ ଓଡ଼ିଆ ଜାତିର ନିର୍ଦ୍ଦେଶ (୨୨ । ୨ । ୩୧) ।
୧୩ । ଦେଶମିଶ୍ରଣର ଇତିହାସ (ଦୈନିକ ଆଶାର ବାର୍ଷିକ ସଂଖ୍ୟା) ୨୬ । ୩ । ୧ ।
୧୪ । ଦକ୍ଷିଣ ଓଡ଼ିଶାର ମାନଚିତ୍ର (ଦୈନିକ ଆଶା, ୩ । ୪ । ୩୧ ।)
୧୫ । ରକ୍ତ ଗୋଲାପ (ଗଳ୍ପ) ସହକାର' ୭ । ୪ । ୩୧ ।
୧୬ । History of Eastern Gangas of Kalinga (The Prachee 10-4-31. )
୧୭ । ଓଡ଼ିଶା ଦେଶ ମିଶ୍ରଣରେ ଦକ୍ଷିଣ ଓଡ଼ିଶାର ଭାଗ ୨୭ । ୪ । ୩ । ( ଉତ୍କଳ ସମ୍ମିଳନୀରେ ପଠିତ)
୧୮ । ଚନ୍ଦ୍ରଦ୍ୱାରର ପ୍ରତ୍ନତତ୍ତ୍ୱ (ଦୀର୍ଘ ପ୍ରବନ୍ଧ, ଉତ୍କଳ ସାହିତ୍ୟ) ।
୧୯ । The Heirogaphic Inscription of Orissa 25-5-31.
୨୦ । Heirographic letters of Naraj (Prachee 29-5-31).
୨୧ । The chronological Account of the Bhanjas of Gumsur Prachee (1932) Vol II, pts iii & iv PP. 2—17
୨୨ । ଓଡ଼ିଶାର ଦକ୍ଷିଣ ସୀମା—'ସହକାର' (1931), Vol.II,P.P.-499—508
୨୩ । ଜାପାନର ଜମୋନ୍ନତି ୩୦ । ୬ । ୩୧ ।
୨୪ । The Odias and their predorninancy (Prachee27-31

Digitized by PPRACHIN, SOA

୧୫ । The Census Error 19-7-31
୧୬ । ଉତ୍କଳର ଜାତି ବିଜ୍ଞାନ ୧୦. ୭. ୩ ,
୧୭ । ଓଡ଼ିଶାର ଆଦିମ ଜାତିବିଜ୍ଞାନ ୧. ୭. ୩୧
୧୮ । ଉତ୍କଳର ପ୍ରାଚୀନ ପରଜା ଜାତି ୧୪. ୭. ୩୧ (ଉତ୍କଳ ସାହିତ୍ୟ)
୧୯ । ଓଡ଼ିଶାର କର୍ତ୍ତବ୍ୟ କର୍ମ ୧୮. ୭. ୩୧ (ଦୈନିକ ଆଶା)
୨୦ । ରାଧାନାଥଙ୍କ କାବ୍ୟରେ ନାରୀର ସ୍ଥାନ (ଦୀର୍ଘପ୍ରବନ୍ଧ) ୧. ୮. ୩୧,
୨୧ । ଓଡ଼ିଶାର ଦକ୍ଷିଣ ସୀମା (ସତ୍ୟବାଦୀ) ୧୩. ୯. ୩୧
[ ଏଥିରେ, ଉଲ୍ଲେଖିତ ତାରିଖଗୁଡ଼ିକ ତାଲିକା ଅନୁସାରେ ଲେଖା ଆରମ୍ଭ ହେବାର ସମୟ ]
୨୦ । Madrasର The Hindu ପତ୍ରିକାର 24 June 1931 ଓ 15-7-1933ରେ ପ୍ରକାଶିତ ଦୀର୍ଘ ଦୁଇଟି ପ୍ରବନ୍ଧ or "The Orissa Question."

ସେତିକିବେଳେ ଉପରେ ଉଲ୍ଲେଖ କରାଯାଇଥିବା 'ଜନନୀ ଉତ୍କଳ' ନାମକ ଗୋଟିଏ ଖଣ୍ଡ କାବ୍ୟ ଲେଖି ତାହା ଉତ୍କଳ ସାହିତ୍ୟ ପ୍ରେସରେ ଛପାଇଥିଲି । ଉପରେ କୁହାଯାଇଛି ଯେ ପାରଳାଖେମୁଣ୍ଡିରେ ଆମେ ଗୋଟିଏ ସମାନ୍ତରାଳ ଜନଗଣନା ଆରମ୍ଭ କରିଥିଲୁ । ଏ ସମ୍ବନ୍ଧରେ ଗଞ୍ଜାମର ସେନ୍‌ସସ୍ ଅଫିସର Bell ସାହେବଙ୍କ ସଙ୍ଗେ ଗେଷ୍ଟହାଉସଠାରେ ଦୀର୍ଘ ୨ ଘଣ୍ଟା ଆଲୋଚନା ହୋଇଥିଲା । ଏହା ସେବର୍ଷ ଫେବୃୟାରୀ ୨୫ ତାରିଖ କଥା । ମୁଁ ଓ ହରିଲାଲ ବର୍ଦ୍ଧନ ଏନ୍ୟୁମରେଟରମାନଙ୍କର ତାଲିମ ବିଷୟରେ ଯେଉଁ ବ୍ୟବସ୍ଥା କରିବା ଆବଶ୍ୟକ ତାହା ବେଲ ସାହେବଙ୍କୁ କହି ସେପରି କରାଇଲୁ । ପାରଳାଖେମୁଣ୍ଡି ସହରର ଯେଉଁ ଜନଗଣନା ପ୍ରାଇଭେଟରେ ଆମେ ସମ୍ପନ୍ନ କରିଥିଲୁ ସେ ସମସ୍ତ କାଗଜ ଏକାଠି କରି ଗଣାଇବା ଭାର ମୋ ଉପରେ ପଡ଼ିଥିଲା । ସେବର୍ଷ ମାର୍ଚ୍ଚ ୧୦ତାରିଖଦିନ କାର୍ଯ୍ୟଟି ସମ୍ପନ୍ନ କରି ମୁଁ ଦେଖିଲି ଯେ ସହରର ମୋଟ ଜନସଂଖ୍ୟା ୨୦,୨୫୨, ସେଥିରୁ ଓଡ଼ିଆ ପ୍ରାୟ ୯୫୦୦ ଏବଂ ତେଲେଙ୍ଗା ପ୍ରାୟ ୮୦୦୦, ବଳକା ଅନ୍ୟାନ୍ୟ ଜାତି । ଏଣୁ ଆମର ଦାବୀ ଅନୁସାରେ ଓଡ଼ିଆ ଜନସଂଖ୍ୟା ଏଠାରେ ନିଶ୍ଚୟ ଅଧିକ । ଏ ଦୃଷ୍ଟିରୁ ବିଚାର କଲେ ମ୍ୟୁନିସିପାଲିଟି ନିର୍ବାଚନରେ ଅଧିକ ଓଡ଼ିଆ ସଭ୍ୟ ନିର୍ବାଚିତ ହେବା କଥା । କିନ୍ତୁ ଏଠାର ଓ୍ୱାର୍ଡ଼-ଗୁଡ଼ିକ ଠିକ୍ ଭାବରେ ସୀମିତ ହୋଇ ନଥିବାରୁ ସେମାନେ ଅଧିକ ସଂଖ୍ୟାରେ ନିର୍ବାଚିତ ନ ହୋଇ ମ୍ୟୁନିସିପାଲିଟିରେ ପ୍ରତ୍ୟେକଥର ସଂଖ୍ୟାନ୍ୟୂନ ହୁଅନ୍ତି । ଏ ବିଷୟଟି ଗଭୀର ଭାବେ ଅନୁଧ୍ୟାନ କରି ମୁଁ ଓ ବଳଭଦ୍ର ଦାସ ମହାରାଜାଙ୍କଠାରେ ବିଷୟଟି ଜଣାଇଲୁ । ସେ ଏଥର ଭବିଷ୍ୟତକାର ପାଇଁ କିପରି ଓ୍ୱାର୍ଡ଼ଗୁଡ଼ିକ ଗଠିତ ହେବ ସେ ବିଷୟ ଆଲୋଚନା କରିବା ସକାଶେ ଆମ ଦୁହିଁଙ୍କୁ ଭାର ଦେଲେ । ଆମେ ଯେଉଁ ପ୍ରାଇଭେଟ

Digitized by PPRACHIN, SOA

ଜନସଂଖ୍ୟା ଗଣତି କରିଥିଲୁ ତାକୁ ଅବଲମ୍ବନ କରି ପ୍ରାୟ ୦।୧୫ ଦିନ ଏ କାର୍ଯ୍ୟରେ ଲାଗି ୱାର୍ଡ଼ଗୁଡ଼ିକର ପୁନର୍ଗଠନ ପ୍ରସ୍ତାବ ସଙ୍ଗେ ଗୋଟିଏ ମାନଚିତ୍ର ପ୍ରସ୍ତୁତ କରିଥିଲୁ । ସେ ଅନୁସାରେ ପରବର୍ତ୍ତୀ କାଳରେ ପାରଳାଖେମୁଣ୍ଡିର ଯେଉଁ ୱାର୍ଡ଼ଗୁଡ଼ିକ ପୁନର୍ଗଠିତ ହେଲା ତାହାହିଁ ବର୍ତ୍ତମାନ ରହିଛି ।

ଏପ୍ରିଲ ପନ୍ଦରରେ କରାଚିଠାରେ ଅନୁଷ୍ଠିତ ନିଖିଳ ଭାରତ କଂଗ୍ରେସ ଅନୁଷ୍ଠାନ ଉଦ୍‌ଯାପିତ ହୋଇ ଭାରତର ରାଜନୈତିକ ଆନ୍ଦୋଳନରେ ତୀବ୍ରତା ବଢ଼ିବାକୁ ଲାଗିଲା । ତେଣୁ ଓଡ଼ିଶାର ଅଧିକାଂଶ ନେତା ଯେଉଁମାନେ କଂଗ୍ରେସରେ ଯୋଗ ଦେଇଥାନ୍ତି, ସେମାନେ ଆମର ଦେଶମିଶ୍ରଣ ଆନ୍ଦୋଳନର ଅଂଶ ଗ୍ରହଣ କରିବାକୁ ପଶ୍ଚାତ୍‌ପଦ ହେଲେ । ଏ ଆଡ଼େ ପ୍ରଥମ ଗୋଲଟେବୁଲରେ ଓଡ଼ିଆମାନଙ୍କ ସ୍ୱତନ୍ତ୍ର ପ୍ରଦେଶ ଗଠନ ପ୍ରସ୍ତାବ ମହାରାଜ ଆଗତ କରି ସରକାରଙ୍କ ପକ୍ଷରୁ ସମର୍ଥନ ପାଇଥିଲେ । କେବଳ ସେତିକି ନୁହେଁ ବ୍ରିଟିଶ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗୋଟିଏ ସୀମା ନିର୍ଦ୍ଦେଶକ କମିଟି ମଧ୍ୟ ଗଠିତ ହୋଇଥିଲା । ଏଣୁ ମହାରାଜା ଦେଖିଲେ ଯେ ଆମ ପକ୍ଷରୁ ଯଦି ଆନ୍ଦୋଳନ ଶିଥିଳ ହୁଏ ତା ହେଲେ ଦୀର୍ଘକାଳର ତପସ୍ୟା ନିଷ୍ଫଳ ହୋଇଯିବ । ଏଣୁ ସେ କାଳ ବିଳମ୍ବ ନ କରି ମାନ୍ଦ୍ରାଜ ଯାତ୍ରା କଲେ । ସେଠାରୁ ଲ୍ୟାଣ୍ଡ ହୋଲଡରସ୍ ଆସୋସିଏସନ ପକ୍ଷରୁ ପୂର୍ଣ୍ଣ ସମର୍ଥନ ଲାଭ କରି ମାନ୍ଦ୍ରାଜର ଲାଟସାହେବଙ୍କ ନିର୍ଦ୍ଦେଶ କ୍ରମେ ବଡ଼ଲାଟଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ଦିଲ୍ଲୀ ଯାତ୍ରା କଲେ । ଆମମାନଙ୍କୁ ନିର୍ଦ୍ଦେଶ ଦେଇଗଲେ ଯେ—କଟକରେ ଯଥାଶୀଘ୍ର ଗୋଟିଏ ସମ୍ମିଳନୀ ଆବାହନ କରିବା ଆବଶ୍ୟକ । ସେଥିପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ନିମନ୍ତେ କଟକର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଭାବରେ ମଧ୍ୟ ସେ ପତ୍ର ଲେଖିଥିଲେ । ଦକ୍ଷିଣ ଓଡ଼ିଶାରେ ଆମର ଯେଉଁ ଦାବୀ ଥିଲା ତାହା ସ୍ପଷ୍ଟ କରିଦେବାପାଇଁ ହିତୈଷିଣୀ ସମାଜ ପକ୍ଷରୁ ମୋତେ ଭାର ଦିଆଗଲା । ଏହି କାର୍ଯ୍ୟଟି ପୂର୍ଣ୍ଣ କରିବାକୁ ସାଇମନ୍ କମିଶନ୍‌ଙ୍କ ରିପୋର୍ଟରେ ଯେଉଁ ମାନଚିତ୍ରଟି ଛପା ହୋଇଥିଲା, ତାକୁ ଆଧାର କରି ଆମର ଆବଶ୍ୟକୀୟ ଅଂଶ ଚିହ୍ନିତ ଗୋଟିଏ ମାନଚିତ୍ର ଏବଂ ସେଥିସଙ୍ଗେ ପ୍ରବନ୍ଧ "ଓଡ଼ିଶାର ଦକ୍ଷିଣ ସୀମା" ନାମରେ ଏକ ଦୀର୍ଘ ପ୍ରବନ୍ଧ ମୁଁ ପୂର୍ଣ୍ଣ ଲେଖିଲି । ଏହା ମଧ୍ୟ ସହକାର ପକ୍ଷରୁ ପ୍ରକାଶିତ 'ନିଖିଳ ଉତ୍କଳ ଦେଶମିଶ୍ରଣ' ଶୀର୍ଷକ ସ୍ୱତନ୍ତ୍ର ସଂଖ୍ୟାରେ ସେପ୍‌ଟେମ୍ବର ମାସରେ ପ୍ରକାଶ ପାଇଲା । ମୋର ପ୍ରବନ୍ଧଟି * କଟକର ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନରେ ପାଠ କରାଗଲା । ୧୧ । ୮ । ୩୧ରେ ସମ୍ମିଳନୀ ପାଇଁ ଯେଉଁ କାର୍ଯ୍ୟ-ନିର୍ବାହିକା ସମିତି କଟକରେ ବସିଥିଲା ସେଥିରେ ସଭାପତିତ୍ୱ କରିବା ସକାଶେ ପାରଳା ମହାରାଜା କିମ୍ବା ଜୟପୁରର ବିକ୍ରମଦେବ ବର୍ମାଙ୍କୁ ଅନୁରୋଧ କରିବା ସ୍ଥିର

* "ଓଡ଼ିଶା ଦେଶମିଶ୍ରଣରେ ଦକ୍ଷିଣ ଓଡ଼ିଶାର ଭାଗ" ଶୀର୍ଷକ ପ୍ରବନ୍ଧ ।

Digitized by PPRACHIN, SOA

ହେଲା । ଯଥା ସମୟରେ ସମ୍ମିଳନୀରେ ଯେଉଁମାନେ ଯୋଗଦେଇଥିଲେ ଏବଂ ସେଥିରେ ଭାଷଣ ଦେଇଥିଲେ ତାଙ୍କ ମଧ୍ୟରେ ଗୋପବନ୍ଧୁ ପଟ୍ଟନାୟକ, ରାମକୃଷ୍ଣ ରଥ, ଧର୍ମକୋଟର ରାଜା ମଦନମୋହନ ସିଂହଦେଓ, ଭୁବନେଶ୍ୱର ରଥ, ମଧୁସୂଦନ ପାଣିଗ୍ରାହୀ, ମଧୁପୁରର ରାଜା, ସୁକନ୍ଦାର ରାଜା, ରାୟ ବାହାଦୂର ଅଦ୍ୱୈତ ଚନ୍ଦ୍ର ଦାସ ସମେତ ଜୟପୁର ଓ ସିଂହଭୂମର ପ୍ରତିନିଧିମାନେ ମିଶି ଆଲୋଚନାରେ ଯୋଗ ଦେଇଥିଲେ । ମୋର ମନେପଡ଼ୁଛି ଯେ, ସେଦିନ ବିଷୟ ନିର୍ବାଚନ ସଭାରେ ବ୍ରହ୍ମପୁରର ଓକିଲ ଗୋପବନ୍ଧୁ ପଟ୍ଟନାୟକ ଓ ଭୁବନେଶ୍ୱର ରଥଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ମାଡ଼ପିଟ ପର୍ଯ୍ୟନ୍ତ କଥା ଯାଇଥିଲା । ଧର୍ମକୋଟ ରାଜାଙ୍କର ଉପଦେଶକ୍ରମେ ସେମାନେ ସେଥିରୁ ନିବୃତ୍ତ ହୋଇଥିଲେ । ସମ୍ମିଳନୀ ମହା ଆଡ଼ମ୍ବର ସହକାରେ କଟକ ଟାଉନ ହଲଠାରେ ସମ୍ପନ୍ନ ହେଲା । ସେଥିରେ ଯେଉଁ ସବ୍‌କମିଟି ଗଠିତ ହୋଇଥିଲା ତାହାର ପ୍ରଧାନ କାର୍ଯ୍ୟ ବାବୁ ବ୍ରଜସୁନ୍ଦର ଦାସଙ୍କ 'ମୁକୁର' ପ୍ରେସ ଗୃହରେ ସ୍ଥାପିତ ହୋଇ ଆଗାମୀ ସୀମା ନିର୍ଦ୍ଧାରଣ କମିଟି ବା **O'Donell Committee** ସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ଯେଉଁ ବିଷୟବସ୍ତୁ ଆବଶ୍ୟକ ସେ ସମସ୍ତ ଛପା ହୋଇ ଛୋଟ ଛୋଟ ପାମ୍ପଲେଟ ଆକାରରେ ପ୍ରସ୍ତୁତ କରିବାକୁ ସ୍ଥିର ହେଲା । ଏଥିରେ ମୁଁ ମୟୂରଭଞ୍ଜର ପରମାନନ୍ଦ ଆଚାର୍ଯ୍ୟ, କଟକର ଆଡ଼ଭୋକେଟ୍ ବ୍ରଜବନ୍ଧୁ ଦାସ, ନିରଞ୍ଜନ ପଟ୍ଟନାୟକ ଏବଂ ବିମ୍ବାଧର ପଟ୍ଟନାୟକ ନିଯୁକ୍ତ ହେଲୁ । ମୟୂରଭଞ୍ଜ ତଥା ପାରଳାଖେମୁଣ୍ଡି ଲାଇବ୍ରେରୀ ସମେତ ରେଭେନ୍‌ସା କଲେଜ ଲାଇବ୍ରେରୀରୁ ଆବଶ୍ୟକୀୟ ଇଂରାଜୀ ପୁସ୍ତକମାନ ସଂଗ୍ରହ କରି ଐତିହାସିକ, ଭୌଗଳିକ ଏବଂ ଜାତୀୟ ଭାଷା ସମ୍ପର୍କୀୟ ରିପୋର୍ଟଗୁଡ଼ିକ ଯାହାକି ଏଥିପୂର୍ବରୁ ସାହେବ ତଥା ସରକାରୀ କର୍ମଚାରୀମାନେ ପ୍ରଣୟନ କରିଥିଲେ ସେଥିରୁ ଆବଶ୍ୟକୀୟ ଅଂଶମାନ ଉଦ୍ଧାର କରି ସ୍ୱତନ୍ତ୍ର ଭାବେ ସେଗୁଡ଼ିକ ଛୋଟ ଛୋଟ ପାମ୍ପଲେଟ ଆକାରରେ ଛପାଗଲା । କାରଣ ସୀମା ନିର୍ଦ୍ଧାରଣ କମିଟି ଓଡ଼ିଶାକୁ ଆସିଲାବେଳେ ଯେଉଁ ବିଷୟମାନ ଅନୁସନ୍ଧାନ କରିବେ, ପୁଣି ଯେଉଁ ବିଷୟରେ ଓଡ଼ିଆମାନେ ତାଙ୍କଠାରେ ସାକ୍ଷ୍ୟ ଦେବେ, ସେସବୁ ଶୃଙ୍ଖଳିତ ଭାବେ ଉପସ୍ଥାପିତ କରିବା ସକାଶେ ଏପରି ପାମ୍ପଲେଟ ସାହାଯ୍ୟକାରୀ ହେବ ବୋଲି ସମ୍ମିଳନୀ ପକ୍ଷରୁ ପ୍ରସ୍ତାବ ହୋଇଥିଲା । ଏ କାର୍ଯ୍ୟଟି ପ୍ରାୟ ଦେଢ଼ମାସ ବା ଦୁଇ ମାସ ଲାଗିଲା । ଏଣୁ ମୋତେ ୨।୩ଥର ପାରଳାରୁ କଟକ ଯିବାଆସିବାକୁ ପଡ଼ିଥିଲା । ଥରେ କଟକର **Days Hotel** ନାମକ ଗୋଟିଏ ପୁରୁଣା ହୋଟେଲର ଦ୍ୱିତଳ କୋଠରିରେ ମୁଁ ରହିଥାଏ । ମୋ ପଛରେ ମାନ୍ଦ୍ରାଜର କେତେଜଣ **C. I. D.** ପୋଲିସ ଛଦ୍ମବେଶରେ ସେଠାକୁ ଆସି ମୋର ଅନୁପସ୍ଥିତିରେ ହୋଟେଲ ମ୍ୟାନେଜରଙ୍କୁ ବିଭ୍ରାନ୍ତ କରି ମୋ ବାକ୍ସରେ ଥିବା ସବୁଗୁଡ଼ିକ କାଗଜପତ୍ର ନେଇ ଯାଇଥିଲେ । ଅବଶ୍ୟ ସେତେବେଳେ ମୋଠାରେ କୌଣସି ଗୁପ୍ତ ଚିଠି ବା କାଗଜ ନଥିଲା । ସେତିକବେଳୁ ମୁଁ ସତର୍କ ହୋଇଗଲି ।-

Digitized by PPRACHIN, SOA

ବ୍ରଜସୁନ୍ଦର ଦାସ ଏହା ଶୁଣିପାରି ମୋତେ କାଳିଗଳିର ଗୋଟିଏ କୋଠାଘରେ ରହିବାକୁ ଯୋଗାଡ଼ କଲେ । ସେଠାରେ ଉତ୍କଳ ସାହିତ୍ୟ ପ୍ରେସ୍ ଏବଂ ବିଶ୍ୱନାଥ କରଙ୍କ ନିଜ ରହିବା ଘର ଥିବାରୁ ତାଙ୍କ ସଙ୍ଗେ ମୋର ଘନ ଘନ ଆଳାପର ସୁବିଧା ହେଉଥିଲା ।

ବିଶ୍ୱନାଥ କରଙ୍କ ବୟସ ତୁଳନାରେ ମୁଁ ନିତାନ୍ତ ଶ୍ରେଷ୍ଠ ଯୁବକ ମାତ୍ର । ସେ ମୋତେ ବହୁ ସମୟରେ ଆଦର କରି ତାଙ୍କ ଘରେ ଖାଇବାକୁ ଦିଅନ୍ତି । ମୋ ଭାତ ଖାଇବା ପରିମାଣ ଦେଖି ସେ ବଡ଼ ଅସନ୍ତୁଷ୍ଟ ହେଉଥିଲେ । କାରଣ ମୁଁ ଖୁବ୍ କମ୍ ଖାଏ । ଏହା ମୁଁ ପିଲାଦିନରୁ ଅଭ୍ୟାସ କରିଥିଲି । କାରଣ ଥରେ ଡାକ୍ତର ବୈକୁଣ୍ଠମ୍ ମୋତେ ମନୁଷ୍ୟର ଯକୃତ ଓ ସେଥିର କାର୍ଯ୍ୟ ସମ୍ବନ୍ଧରେ ବୁଝାଇବାକୁ ଯାଇ କହିଥିଲେ ଯେ, "ବହୁତ ପରିମାଣରେ ଭାତ ପରି ଖାଦ୍ୟ ଖାଇ ଯକୃତ ବଢ଼ାଇବା ସ୍ୱାସ୍ଥ୍ୟ ପକ୍ଷରେ ନିତାନ୍ତ ହାନିକାରୀ । ଦକ୍ଷିଣ ଭାରତରେ ସାଧାରଣତଃ ଲୋକେ ଯେତିକି ପରିମାଣରେ ଭାତ ଖାଆନ୍ତି, ସେଥିର ଦୁଇଗୁଣ ବା ଅଧିକ ପରିମାଣ ଖାଦ୍ୟ ଖାଇ ସୁଦ୍ଧା ଓଡ଼ିଶାର ଲୋକେ ସ୍ୱାସ୍ଥ୍ୟବାନ ହୋଇ ପାରନ୍ତି ନାହିଁ ; ଅଯଥା ଯକୃତକୁ ବଢ଼ାଇ ମୂଲ୍ୟହୀନ ଖାଦ୍ୟଗୁଡ଼ାଏ ଖାଇବା ଉଚିତ ନୁହେଁ ।" ଏହା ଶିକ୍ଷା ପାଇବାଠାରୁ ମୁଁ ସେଥିର ପରିମାଣ କମାଇ ଦେଇଥିଲି । ଦିନେ ସନ୍ଧ୍ୟାବେଳେ ବିଶ୍ୱନାଥ କରଙ୍କ ବୈଠକଖାନାରେ ଆମେ ଉତ୍କଳସାହିତ୍ୟର ଉତ୍ତରୋତ୍ତର ଉନ୍ନତି ବିଷୟରେ କଥା ହେଉଥିଲୁ । ସେଠାକୁ ସେହି କାଳିଗଳିରେ ଥିବା ଶଶୀଭୂଷଣ ରାୟ ଆସିଲେ । କଥା ପ୍ରସଙ୍ଗରେ ସେ ମୋତେ କହିଲେ ଯେ, "ମହାନଦୀ କୂଳରେ ନରାଜଠାରେ ଗୋଟିଏ ବଡ଼ ପଥର ଦେଖିବାକୁ ମିଳେ । ସେଥିରେ ପ୍ରାଚୀନ କାଳର କେତୋଟି ଅକ୍ଷର ଲେଖା ହୋଇଅଛି । ଆପଣ ଥରେ ସେଠାକୁ ଯିବେ କି ?" ମୁଁ ଆଗ୍ରହର ସହିତ ତାଙ୍କୁ କହିଲି, "ଯଦି ପ୍ରାଚୀନ ଲିପି କିଛି ଥାଏ, ତା'ହେଲେ ଆପଣ ମୋ ପାଇଁ ସୁବିଧା କରିଦିଅନ୍ତୁ । ମୁଁ ନିଶ୍ଚୟ ଯିବି ।" ତା' ପରଦିନ ତାଙ୍କ ନିଜ ଡଙ୍ଗାରେ ସେ ଓ ଦିହେଁ ମିଶି ନରାଜ ଯାତ୍ରା କଲୁ । କୂଳରେ ଗୋଟିଏ ବଡ଼ ଗାଁ ଥାଏ । ସେଥିର ଅନତିଦୂରରେ ଠିକ୍ ନଦୀକୁ ଲାଗି ଗୋଟିଏ ଶ୍ରେଷ୍ଠ ପାହାଡ଼, ସେଥିର ଏକ ବିଶାଳ ଶିଳାଖଣ୍ଡରେ କେତୋଟି ଚିହ୍ନ ଖୋଦିତ ହୋଇଅଛି । ଆମେ ସେଠାକୁ ଯିବା ଦେଖି ସେ ଗ୍ରାମର କେତେଜଣ ଭଦ୍ରଲୋକ ଆଖପାଖରେ ପହଞ୍ଚିଲେ । ସେମାନଙ୍କଠାରୁ ମୁଁ ଶୁଣିଲି ଯେ ତାହା "ସାଢ଼େ ତିନି ଅକ୍ଷର" ବୋଲି ପୂର୍ବରୁ ପ୍ରଚଳିତ ଅଛି । ମୁଁ ଭଲରୂପେ ସେହି ଚିହ୍ନଗୁଡ଼ିକ ପରୀକ୍ଷା କରି ସ୍ପଷ୍ଟ ବୁଝିପାରିଲି ଯେ, ତାହା ଭାରତର ଅତି ପ୍ରାଚୀନ କାଳରେ, ଅର୍ଥାତ୍ ପ୍ରାଗ୍‌ଐତିହାସିକ ଯୁଗରେ ବ୍ୟବହୃତ ଚିହ୍ନଲିପିର ଗୋଟିଏ ଅଂଶ ମାତ୍ର । ଭାରତର ଉତ୍ତର ପଶ୍ଚିମ ପ୍ରାନ୍ତରେ ହରପ୍ପା ଓ ମହେଞ୍ଜୋଦାରୋ ନାମକ ଯେଉଁ ଦୁଇଟି ଐତିହାସିକ ସ୍ଥାନ ସିନ୍ଧୁ ନଦୀକୂଳରେ ଅବସ୍ଥିତ, ଯାହାକି ବର୍ତ୍ତମାନ ପାକିସ୍ଥାନର

Digitized by PPRACHIN, SOA

ଅନ୍ତର୍ଭୁକ୍ତ ଅଞ୍ଚଳ ହୋଇରହିଛି, ସେଠାରୁ କେନ୍ଦ୍ର ସରକାରଙ୍କର ପ୍ରତ୍ନତାତ୍ତ୍ୱିକ ଖୋଦନ ବେଳେ ଏପରି କେତେକ ଚିତ୍ରଲିପି ଆବିଷ୍କୃତ ହୋଇଥିଲା । ସେ ସମସ୍ତ ସାର୍ ଜନ୍ ମାର୍ଶାଲ ସାହେବଙ୍କ ଗ୍ରନ୍ଥରେ ୧ ପ୍ରଦତ୍ତ ଚିତ୍ରଗୁଡ଼ିକରୁ ମୁଁ ଦେଖିପାରିଥିଲି । ଏହାପରେ ସେପରି ଆଉ କେତେକ ଚିତ୍ର ମଧ୍ୟ ଓଡ଼ିଶାର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବିକ୍ରମଖୋଲରୁ ମିଳିଥିଲା ଯାହାକି Indian Antiquity' ନାମକ ପତ୍ରିକାରେ ବିହାରର ଐତିହାସିକ ପଣ୍ଡିତ ଜୟସ୍ୱାଲ ପ୍ରକାଶ କରିଥିଲେ ।

ମଧ୍ୟପ୍ରଦେଶରୁ ମଧ୍ୟ ସିଂହାଣପୁର ନାମକ ସ୍ଥାନରୁ ଏପରି ବହୁତଗୁଡ଼ିଏ ଚିତ୍ରଲିପି ଆବିଷ୍କୃତ ହୋଇ ବିହାର ଓଡ଼ିଶା ରିସର୍ଚ୍ଚ ଜର୍ଣ୍ଣାଲରେ ପ୍ରକାଶ ହୋଇଥିଲା । ଯେ ସମସ୍ତ ଲିପି ଅନୁଧ୍ୟାନ କରିବାରୁ ଜଣାଗଲା ଯେ, ନରାଜ ପାହାଡ଼ରେ ଉତ୍କୀର୍ଣ୍ଣ ହୋଇଥିବା ଏହି ଚିତ୍ରଗୁଡ଼ିକ ସେହି ଶ୍ରେଣୀସ୍ଥ ଚିତ୍ର ଲିପି ବା Hiero glyphic Inscription. ସେତେବେଳେ ସେଥିର ଛାପା ଉଠାଇବାକୁ ଆବଶ୍ୟକୀୟ ଉପାଦାନ ମୋ ଠାରେ ନ ଥିବାରୁ ପୁଣି ଫୋଟ କ୍ୟାମେରା ଅଭାବରୁ ମୁଁ ସେଥିର ଅବିକଳ ନକଲ ମାତ୍ର ଉଦ୍ଧାର କରି ସେଠାରୁ କଟକକୁ ଫେରି ଆସିଲି । ଏହା ପରେ "ମୋର ନରାଜ ଦର୍ଶନ" ନାମକ ଗୋଟିଏ ପ୍ରବନ୍ଧ ଲେଖି ତାହା ଉତ୍କଳ ସାହିତ୍ୟ ପତ୍ରିକାରେ ଛପାଇବାକୁ ବିଶ୍ୱନାଥ କରଙ୍କ ହାତରେ ଦେଇଥିଲି । ଏହାପରେ ଗୋଟିଏ ଇଂରାଜୀ ପ୍ରବନ୍ଧରେ ମଧ୍ୟ ତାହା ବର୍ଣ୍ଣନା କରିଥିଲି । ୨ ସ୍ୱଚ୍ଛନ୍ଦଚରଣ ପଟ୍ଟନାୟକ ସେଥିର ଗୋଟିଏ ଫୋଟ ପ୍ରସ୍ତୁତ କରି ପ୍ରାଚୀ ଜର୍ଣ୍ଣାଲରେ ଛାପିଥିଲେ ।

ସେ ବର୍ଷ ମୋର କଟକରେ ରହଣିବେଳେ ସେଠାରେ Art Theater ନାମରେ ଗୋଟିଏ ନାଟକ ଦଳ ଗଠିତ ହୋଇଥିଲା । ସେଥିର ଅଧିକାଂଶ ନାଟକ ଅଶ୍ୱିନୀ କୁମାର ଘୋଷଙ୍କ ରଚିତ । ଅଶ୍ୱିନୀ ବାବୁଙ୍କ ସଙ୍ଗେ ସେତେବେଳେ ମୋର ପ୍ରଥମ ସାକ୍ଷାତ ହୁଏ । ତାଙ୍କ ଦଳ ସହିତ ସେ ପାରଲାଖେମୁଣ୍ଡି ଯିବାକୁ ଅନୁରୋଧ କଲି । ସେ ମଧ୍ୟ ଆଗ୍ରହର ସହିତ ମୋ ପ୍ରସ୍ତାବଟି ଗ୍ରହଣ କଲେ ଏବଂ ପାରଲାଖେମୁଣ୍ଡିରେ ବହୁତଗୁଡ଼ିଏ ନାଟକ ଖେଳିଥିଲେ । ସେଥି ମଧ୍ୟରୁ ତାଙ୍କର 'କୋଣାର୍କ' ନାଟକଟି ଅତି ଆଧୁନିକ ଧରଣର ଲେଖା ବୋଲି ମୁଁ ମନେକଲି । ତାଙ୍କ ସଙ୍ଗେ ସାହିତ୍ୟ ସଙ୍ଗୀତ ଏବଂ ଇତିହାସ ସମ୍ବନ୍ଧେ ବହୁ ସମୟରେ ମୋର ତର୍କ ହୋଇଥାଏ । ଏଠାରେ କହିରଖିବା ଆବଶ୍ୟକ ଯେ, ଓଡ଼ିଶାରେ ସଙ୍ଗୀତର ଯେଉଁ ସ୍ୱାତନ୍ତ୍ର୍ୟ ରହିଛି, ସେଥିର

---

୧ । Sir John Marshel Excavation of Harappa and Mohenjodaro.

୨ । The Hieroglyphic Letters of Naraj, the Prachee (Enghish iournal of Prachee-Samiti Cuttack.)

Digitized by PPRACHIN, SOA

ମୌଳିକ ଆଧାର ରୂପେ ଛନ୍ଦ ବିଦ୍ୟମାନ । ବିଭିନ୍ନ ରାଗରେ ଯେଉଁ ଛନ୍ଦଗୁଡ଼ିକ ଦୀନକୃଷ୍ଣ ଦାସଙ୍କଠାରୁ ଆରମ୍ଭ କରି ବଣି ରାମାୟଣ ପର୍ଯ୍ୟନ୍ତ ଆମ୍ଭେ ଦେଖିବାକୁ ପାଉ ସେ ସମସ୍ତ ଉତ୍କଳର ପ୍ରାଚୀନ ସଙ୍ଗୀତ କଳାରୁ ଉଦ୍ଭୂତ ରାଗରାଗିଣୀ ମାତ୍ର । ଖ୍ରୀଷ୍ଟୀୟ ୧୮ଶ ଶତାବ୍ଦୀ ପରେ ଯେଉଁ ଗୀତଗୁଡ଼ିକ ରଚିତ ହେଲି ତାହା ସଙ୍ଗୀତ ନାରାୟଣ ନାମକ ସଂସ୍କୃତ ଗ୍ରନ୍ଥ ଅନୁକରଣରେ ରଚିତ ହୋଇଥିବାର ଜଣାଯାଏ । ଅଶ୍ୱିନୀ କୁମାରଙ୍କର ନାଟକରେ ଅଧିକାଂଶ କ୍ଷେତ୍ରରେ ଐତିହାସିକ ବିଷୟବସ୍ତୁ ମଧ୍ୟରେ ସତ୍ୟମୂଳକ ଇତିହାସର ବ୍ୟତିକ୍ରମ ଥିବାରୁ ସେଥିର କେତେକ ସଂଶୋଧନ ପାଇଁ ମୁଁ ପ୍ରସ୍ତାବ କରିଥିଲି । ସେ କହିଲେ—ହଣ୍ଟର, ଷ୍ଟାର୍ଲିଙ୍ଗ, ପ୍ୟାରିମୋହନ ଆଚାର୍ଯ୍ୟ ପ୍ରଭୃତିଙ୍କ ପ୍ରାଚୀନ ଐତିହାସିକ ଉପାଦାନରୁ ଯାହା ପାଇଥାନ୍ତି ଏବଂ ରାଜେନ୍ଦ୍ର ଲାଲ ମିତ୍ର, ମନମୋହନ ଗାଙ୍ଗୁଲି, 'ମାଦଳାପାଞ୍ଜି' ତଥା ଐତିହାସିକ କିମ୍ବଦନ୍ତୀଗୁଡ଼ିକ ଆଧାର କରି ସେ ତାଙ୍କର ନାଟକୀୟ ବିଷୟବସ୍ତୁ ଓ ଚରିତ୍ରଗୁଡ଼ିକର ଅବତାରଣା କରିଅଛନ୍ତି । ମୁଁ ତାଙ୍କୁ ବୁଝାଇବାକୁ ଗଲି ଯେ "ଇତିହାସର ଧାରା ଓ ଲିଖନ ପଦ୍ଧତି ପଚିଶ ବର୍ଷ ଆଗେ ଯେଉଁ ସ୍ତରରେ ଥିଲା ତାହା ବର୍ତ୍ତମାନ ନିଶ୍ଚିତ ବଦଳି ଯାଇଛି । ଏଣୁ ଆପଣଙ୍କ 'କଳାପାହାଡ଼', 'ସେନ୍ତୁଙ୍ଗ', 'କେଶରୀ ଗଙ୍ଗ', 'କୋଣାର୍କ','ଗୋବିନ୍ଦ ବିଦ୍ୟାଧର' ପ୍ରଭୃତି ଐତିହାସିକ ନାଟକଗୁଡ଼ିକର ନୂତନ ସଂସ୍କରଣବେଳେ ଯଥାସାଧ୍ୟ ସଂଶୋଧିତ ଆକାରରେ ଛପିବେ ବୋଲି ମୋର ଅନୁରୋଧ ।" ମୋ ପ୍ରସ୍ତାବରେ ସେ ସ୍ୱୀକୃତ ହେଲେ ଏବଂ କହିଲେ, "ଆପଣ ମୋର ଏହି ନାଟକୀୟ କଥାବସ୍ତୁରେ ଯେଉଁ ଯେଉଁ ଅଂଶ ବଦଳାଇବାକୁ ପ୍ରସ୍ତାବ କରନ୍ତି, ତାହା ମୋତେ ଦୟାକରି ଲେଖି ଦିଅନ୍ତୁ ।" ସେତେବେଳେ ମୁଁ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତାଙ୍କ ପାଇଁ କିଛି କରିପାରି ନ ଥିଲି । ସେ ଯାହାହେଉ ମୋ ଲିଖିତ 'କର୍ଣ୍ଣାଟ କୁମାରୀ' ନାଟକଟି ତାଙ୍କୁ ପଢ଼ି ଶୁଣାଇବାରୁ ସେହିପରି ଆଉ ଗୋଟିଏ ନାଟକ ଲେଖିବାକୁ ସେ ମନ ବଳାଇଲେ । ମୁଁ ମଧ୍ୟ ତାଙ୍କୁ ପ୍ରତିଶ୍ରୁତି ଦେଲି ଯେ ସେଥିର କଥାବସ୍ତୁ ଆଉ ଗୋଟିଏ ସ୍ୱତନ୍ତ୍ର କିମ୍ବଦନ୍ତୀରୁ ବାହାର କରି ଯୋଗାଇଦେବ । ଏଠାରେ କହି ରଖିବା ଆବଶ୍ୟକ ଯେ, କୃଷ୍ଣଦେବରାୟ ଓ ପ୍ରତାପରୁଦ୍ର ଦେବଙ୍କ ମଧ୍ୟରେ ଯେଉଁ ଯୁଦ୍ଧ ହୋଇଥିଲା, ସେ ସମ୍ବନ୍ଧେ ବିଭିନ୍ନ ପ୍ରକାର କିମ୍ବଦନ୍ତୀ ଆନ୍ଧ୍ର ସାହିତ୍ୟରୁ ଏବଂ ଲୋକମୁଖରୁ ଶୁଣିବାକୁ ମିଳେ *। 'Art Theater' ପକ୍ଷରୁ ଯେତେଗୁଡ଼ିଏ ନାଟକ ପାରଳାଖେମୁଣ୍ଡିରେ ଅଭିନୀତ ହୋଇଥିଲା ସେଥିମଧ୍ୟରୁ 'କୋଣାର୍କ' ଓ 'କର୍ଣ୍ଣାର୍ଜ୍ଜୁନ' ଶ୍ରେଷ୍ଠ ବୋଲି ମୁଁ

---

* ସେଥିରୁ ଗୋଟିଏ କିମ୍ବଦନ୍ତୀକୁ ଅବଲମ୍ବନ କରି ୧୯୪୭ ମସିହାରେ, "ମନୋରମା" ନାମକ ଗୋଟିଏ ଐତିହାସିକ କାବ୍ୟ ମୁଁ ଲେଖିଥିଲି । ଏ ବିଷୟ ଯଥାସ୍ଥାନରେ ଉଲ୍ଲେଖ କରିବି ।

Digitized by PPRACHIN, SOA

ମନେକରେ । ପାରଲାଖେମୁଣ୍ଡିରେ ସେତେବେଳେ ମଣ୍ଟଶ୍ରୀ ସତ୍ୟନାରାୟଣ ପଣ୍ଡା 'ବିଜୟ କୁମାର' ନାମକ ଗୋଟିଏ ନାଟକ ଲେଖିଥାନ୍ତି । ତାହା କଟକରେ ଉତ୍କଳ ସମ୍ମିଳନୀ ବେଳେ ଅଭିନୟ କରିବାକୁ ମୁଁ ଚେଷ୍ଟା କରି ସେଥିର ଯାବତୀୟ ବନ୍ଦୋବସ୍ତ କରିଥିଲି । ସେ ନାଟକଟି ମଧ୍ୟ ମହାରାଜାଙ୍କ ଲଣ୍ଡନ ବାହୁଡ଼ା ଉପଲକ୍ଷରେ ପଦ୍ମନାଭ ଥିଏଟର ପକ୍ଷରୁ ଅଭିନୀତ ହୋଇଥିଲା । ଶ୍ରୀମାନ୍ ପଟ୍ଟନାୟକ ଓ ଶ୍ରୀମାନ୍ ପରିଚ୍ଛା ପାରଲାଖେମୁଣ୍ଡିର ଦୁଇଜଣ ନାଟ୍ୟ ବିଶାରଦ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଦଳ ନେଇ ପଦ୍ମନାଭ ଥିଏଟରରେ ଯଥାକ୍ରମେ 'ପୃଥ୍ୱୀରାଜ' ଓ 'ଅଭିମନ୍ୟୁ ବଧ' ନାମକ ଦୁଇଟି ନାଟକ ଅଭିନୀତ କରାଇଥିଲେ । 'ଅଭିମନ୍ୟୁ ବଧ'ରେ ଅର୍ଜୁନ ଭୂମିକାରେ ବଳଭଦ୍ର ଦାସ ଯେଉଁ ସୁନ୍ଦର ଅଭିନୟ କରିଥିଲେ, ତାହା ଆଜି ପର୍ଯ୍ୟନ୍ତ ମୋ ମନରୁ ଦୂର ହୋଇନାହିଁ ।

ସେ ବର୍ଷ ଉତ୍କଳ ସାହିତ୍ୟ ସମାଜର ହିନ୍ଦୋଳ ପୁରସ୍କାର ପାଇଁ 'ଚୌଦ୍ୱାରର ପ୍ରତ୍ନତତ୍ତ୍ୱ' ଶୀର୍ଷକ ଗୋଟିଏ ପ୍ରବନ୍ଧ ମୁଁ ଲେଖିଥିଲି, ଯାହାକି ପରେ ଉତ୍କଳ ସାହିତ୍ୟରେ ପ୍ରକାଶିତ ହେଲା । ଆନ୍ଧ୍ରମାନଙ୍କର ଚେଷ୍ଟାରେ ଜୟପୁର ମହାରାଜା ବିକ୍ରମଦେବ ବର୍ମା କେତେକ ପୁସ୍ତକ ତେଲେଙ୍ଗୀରେ ଲେଖିଥିଲେ । ଓଡ଼ିଆ ସାହିତ୍ୟକୁ ମଧ୍ୟ ତାଙ୍କର ବହୁତଗୁଡ଼ିଏ ଲେଖା ସମୃଦ୍ଧ କରିଛି । ଏପରି ଉଭୟ ଭାଷାରେ ତାଙ୍କର ବ୍ୟୁତ୍ପତ୍ତି ଥିବାରୁ ସେ ନିଜେ ଓଡ଼ିଆ କ୍ଷତ୍ରିୟ ହୋଇ କେବଳ ଦୀର୍ଘକାଳ ବିଶାଖାପାଟଣାରେ ରହି ସେଠାର ଆନ୍ଧ୍ର ୟୁନିଭରସିଟି ପ୍ରତି ଯେଉଁ ମମତା ପ୍ରଦର୍ଶନ କରୁଥିଲେ, ସେଥିର ପ୍ରତିକାର ପାଇଁ ଶଶୀଭୂଷଣ ରଥ, ଅନନ୍ତରାମ ରଥ ପ୍ରଭୃତି ଗଞ୍ଜାମର ନେତୃବର୍ଗ ଗଭୀର ଭାବେ ଚିନ୍ତା କରୁଥାନ୍ତି । ଓଡ଼ିଆମାନଙ୍କ ପକ୍ଷରୁ ବିକ୍ରମ ଦେବଙ୍କୁ ଯଥୋଚିତ ଭାବେ ବ୍ରହ୍ମପୁରଠାରେ ସମ୍ବର୍ଦ୍ଧନା କରିବା ଉଦ୍ଦେଶ୍ୟରେ ଗୋଟିଏ ବିରାଟ ସଭାର ଆୟୋଜନ କରିବାକୁ ସେମାନେ ଲାଗିପଡ଼ିଲେ । ଏଥିପାଇଁ ପାଣ୍ଠି ଆବଶ୍ୟକ । ତେଣୁ ଶଶୀଭୂଷଣ ରଥ ନିଜେ ପାରଲାଖେମୁଣ୍ଡି ଆସି ପ୍ରଥମେ ମୋତେ ସଙ୍ଗରେ ନେଇ ଏଠା ଧନୀ ଓଡ଼ିଆଙ୍କଠାରୁ ଚାନ୍ଦା ସଂଗ୍ରହ କଲେ । ଅଳ୍ପକାଳ ମଧ୍ୟରେ ଆଶାନୁରୂପ ଚାନ୍ଦା ସଂଗୃହୀତ ହୋଇ ପାରିଥିଲା । ନିଜାଙ୍କ ଚେଷ୍ଟାରେ ଶ୍ରୀଯୁକ୍ତ ରଥ ମହାରାଜାଙ୍କ ସଙ୍ଗେ ସାକ୍ଷାତ କରି ତାଙ୍କଠାରୁ ମଧ୍ୟ କିଛି ଟଙ୍କା ସଂଗ୍ରହ କଲେ । ବିକ୍ରମଦେବ ପାରଳା ମହାରାଜାଙ୍କର ସମ୍ପର୍କୀୟ ମାମୁଁ ହୋଇଥିବାରୁ ଏବଂ ସେ ପାରଳା ମହାରାଜାଙ୍କୁ ଯଥେ[ଷ୍ଟ] ଆଦର ଓ ସମ୍ମାନିତ କରୁଥିବାରୁ ପ୍ରସ୍ତାବିତ ସମ୍ବର୍ଦ୍ଧନା ସଭାରେ ମହାରାଜ[ା] ପୌରହିତ୍ୟ କରିବା ପାଇଁ ଅନୁରୋଧ କରାଗଲା । ଜୁନ୍ ମାସ ଶେଷ ଆଡ଼କୁ ବ୍ରହ୍ମପୁରର ଉତ୍କଳାଶ୍ରମରେ ଗୋଟିଏ ବିରାଟ ସଭା ଅନୁଷ୍ଠିତ ହେଲା । ସେଥିରେ ଜୟପୁର ମହାରାଜା ବିକ୍ରମ ଦେବଙ୍କର ସମ୍ବର୍ଦ୍ଧନା ତ କରାଯାଇଥିଲା, ତା' ସଙ୍ଗେ ଦେଶମିଶ୍ରଣ କମିଟି ପକ୍ଷରୁ ମଧ୍ୟ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଶ୍ରୀମାନ୍ ଗନ୍ତାୟତ ଓ ବି. ଏନ୍. ମିଶ୍ର

Digitized by PPRACHIN, SOA

(ବାର ଆଟ.ଲ)ଙ୍କ ଉଦ୍ୟମରେ ୧୩-୭-୩୧ରେ ଗୋଟିଏ ଆଲୋଚନା ସଭା ହୋଇଥିଲା । ସେଥିରେ ପାରଳାଖେମୁଣ୍ଡିର ଜନଗଣନା ସମ୍ପର୍କୀୟ ବୃତ୍ତାନ୍ତ ତଥା କାର୍ଯ୍ୟାବଳୀ ସମ୍ବନ୍ଧରେ ମୁଁ ଗୋଟିଏ ଲିଖିତ ପ୍ରବନ୍ଧ ପାଠ କରିଥିଲି । ଦକ୍ଷିଣ ଓଡ଼ିଶାରୁ ଧୀରେ ଧୀରେ ୨୦ ବର୍ଷ ମଧ୍ୟରେ କିପରି ଓଡ଼ିଆମାନଙ୍କୁ ମାନ୍ଦ୍ରାଜ ଅଞ୍ଚଳରୁ ଉଚ୍ଛେଦ କରାଯାଇଛି, ସେଥିର ଠିକଣାଠି ବିବରଣୀ ମୋର ପ୍ରବନ୍ଧରେ ପ୍ରକାଶିତ ହେଲା ପରେ ଏହା ଦୈନିକ 'ଆଶା'ରେ ମଧ୍ୟ ପ୍ରକାଶ ପାଇଲା । ସେ ପର୍ଯ୍ୟନ୍ତ କଟକର ନେତୃବର୍ଗ ଦକ୍ଷିଣ ଓଡ଼ିଶାରେ ଅନ୍ଧ୍ରମାନଙ୍କର ଏପରି ମାରାତ୍ମକ ଅଭିଯାନ କଥା ଜାଣିପାରି ନ ଥିଲେ । ତେଣୁ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ନେତୃବର୍ଗ ସଭାରେ ପ୍ରସ୍ତାବ କଲେ ଯେପରି ଯଥାଶୀଘ୍ର ସ୍ମାରକ ପତ୍ର ଆକାରରେ ଇଂରାଜୀରେ ମୁଁ ଗୋଟିଏ ସ୍ୱତନ୍ତ୍ର ପ୍ରବନ୍ଧ ଲେଖି ତାହା କର୍ତ୍ତୃପକ୍ଷଙ୍କୁ କମିଟି ପକ୍ଷରୁ ପଠାଏ । ବ୍ରହ୍ମପୁରରୁ ଆସି ମୁଁ ଏହି କାର୍ଯ୍ୟରେ ଲାଗି ପଡ଼ିଲି । 'The Census Errors in Ganjam' ନାମକ ଗୋଟିଏ ବିରାଟ ମେମୋରାଣ୍ଡମ ପ୍ରସ୍ତୁତ କରିବାକୁ ସେ ବର୍ଷ ଜନଗଣନା ପରେ ପରେ ଛପାଇ ସରକାରଙ୍କୁ ପଠାଇ ଦିଆଗଲା । ଏଥିରେ ୧୮୮୧ ଏବଂ ୧୮୯୧ ସାଲର ଜନଗଣନା ହିସାବରୁ ଆରମ୍ଭ କରି ୧୯୨୧ ସାଲ ପର୍ଯ୍ୟନ୍ତ ପ୍ରତ୍ୟେକ ଥର କିପରି କେଉଁ ଅବସ୍ଥାରେ ଓଡ଼ିଆ-ମାନଙ୍କ ପ୍ରତି ଅନ୍ୟାୟ କରାଯାଇଛି, ତାହା ସ୍ପଷ୍ଟଭାବରେ ହିସାବ ଦେଇ ଲେଖାଗଲା । ଉଦାହରଣ ସ୍ୱରୂପ ୧୯୦୧ ସାଲରେ ଗଞ୍ଜାମର ମୋଟ ଜନସଂଖ୍ୟା ୧୬ ଲକ୍ଷ ୮୮ ହଜାର ୫୯୪ରୁ ଓଡ଼ିଆ ଭାଷୀ ସଂଖ୍ୟା ଥିଲା ୧୨ ଲକ୍ଷ ୭୪ ହଜାର ୯୭୫ ଏବଂ ତେଲୁଗୁଭାଷୀ ୩ ଲକ୍ଷ ୪୨ ହଜାର ୯୧୦ । ଏଥିରୁ ଜଣାଗଲା ଯେ ପ୍ରତି ହଜାରରେ ଓଡ଼ିଆମାନେ ୭୫୫ ଏବଂ ତେଲୁଗୁ ୨୦୩ ମାତ୍ର । ଏଠାରେ କହି ରଖିବା ଉଚିତ ଯେ ସେତେବେଳେ ଯେଉଁ ଗଞ୍ଜାମର ବହୁତ ନିର୍ଦ୍ଦିଷ୍ଟ ହୋଇଥିଲା ସେଥିରେ ଆଧୁନିକ ଓଡ଼ିଶାର ଗଞ୍ଜାମ, ଫୁଲବାଣୀ ସମେତ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲା ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା । କିନ୍ତୁ ୧୯୧୧ ମସିହାରେ ଓଡ଼ିଆମାନଙ୍କର ସଂଖ୍ୟା ଖର୍ବ ହୋଇ ପ୍ରତି ହଜାରକରେ ସେମାନେ ହେଲେ ୫୧୧ ଓ ତେଲଗୁମାନେ ହେଲେ ୩୮୯ । ପୁଣି ୧୯୨୧ ମସିହାରେ ଗଞ୍ଜାମରେ ଓଡ଼ିଆ ଭାଷୀଙ୍କ ସଂଖ୍ୟା ୯ ଲକ୍ଷ ୩୧ ହଜାର ୭୯୦ ହୋଇଗଲା । ଏଥିରୁ ସ୍ପଷ୍ଟ ଜଣାଗଲା ଯେ, ଗଞ୍ଜାମର ଜନସଂଖ୍ୟାରେ ୧୯୦୧ ଠାରୁ ୧୯୨୧ ମଧ୍ୟରେ ଜାଣିଶୁଣି କିପରି ଓଡ଼ିଆ ସଂଖ୍ୟାକୁ ଖର୍ବ କରିଦିଆଯାଇଛି, ଏହି ମେମୋରେଣ୍ଡମର ୧୫ ପୃଷ୍ଠାରେ ଯେଉଁ ତୁଳନାତ୍ମକ ସଂଖ୍ୟା ଦିଆଗଲା ତାହା ନିମ୍ନରେ ଉଦ୍ଧୃତ କଲେ କଥାଟି ସ୍ପଷ୍ଟ ହୋଇପାରିବ ।

Population of Ganjam by Language

| | 1901 | 1911 | 1921 |
|---|---|---|---|
| Total | 16,88 594 | 18,70,826 | 18, 35, 562 |
| Oriya | 12, 74, 975 | 9, 58, 661 | 9, 31, 790 |
| Telugu | 3, 42, 910 | 8,39, 449 | 8,4,755, |

Digitized by PPRACHIN, SOA

ଏପରି ଘୋର ଅନ୍ୟାୟର ପ୍ରତିକାର ପାଇଁ ମାନ୍ଦ୍ରାଜ ସରକାରଙ୍କୁ ସେଥି ସ୍ମାରକପତ୍ର ଦିଆଗଲା ୧୯୩୨ମସିହା ଜନଗଣନାରେ ତାହା ସଂଶୋଧିତ ହେବା ତେଣେ ଥାଉ ବରଂ ଅଧିକ ପରିମାଣରେ ବିକୃତ କରି ଗୋଟିଏ ମାନଚିତ୍ର ପ୍ରକାଶ କରାଗଲା ଯାହାକି ଓଡ଼ିଶା ସୀମା ନିର୍ଦ୍ଦେଶ କମିଟି ଆଗରେ ତାଙ୍କର ଗୋପାଳପୁର ବୈଠକରେ ମାନ୍ଦ୍ରାଜ ସରକାରଙ୍କ ପକ୍ଷରୁ ନିଯୁକ୍ତ ଇନ୍‌ସ ଯାହେବ ନିଜେ ଉପସ୍ଥାପିତ କରି ଓଡ଼ିଆମାନଙ୍କର ଦାବୀ ବିରୁଦ୍ଧରେ ମତ ପ୍ରକାଶ କରିଥିଲେ ।

**O'Donnel Committee** * ଗଞ୍ଜାମକୁ ଆସିବା ଆଗରୁ ସରକାରଙ୍କ ପକ୍ଷରୁ ଓଡ଼ିଆମାନଙ୍କ ପ୍ରତିନିଧି ରୂପେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ନାରାୟଣ ଦେବ ଓ ତେଲୁଗୁମାନଙ୍କ ପ୍ରତିନିଧି ରୂପେ ରାୟବାହାଦୁର ସି. ଭି. ଏ. ନରସିଂହ ରାଜୁ ସହକାରୀ ରୂପେ ନିଯୁକ୍ତ ହୋଇ କମିଟିଙ୍କ କାର୍ଯ୍ୟରେ ସାହାଯ୍ୟ କରିଥିଲେ ।

ମହାରାଜାଙ୍କ ଆଦେଶକ୍ରମେ ଗଞ୍ଜାମର ପ୍ରତ୍ୟେକ ଅନୁଷ୍ଠାନ ପକ୍ଷରୁ ଏବଂ ଜାତି-ମାନଙ୍କ ପକ୍ଷରୁ ପୃଥକ୍ ସ୍ମାରକପତ୍ର ପ୍ରସ୍ତୁତ କରାଗଲା । ପୁଣି ସେ ସମସ୍ତ ମିଶାଇ ଗୋଟିଏ ସ୍ୱତନ୍ତ୍ର ସ୍ମାରକପତ୍ର ମଧ୍ୟ ପ୍ରସ୍ତୁତ ହେଲା । ଗଞ୍ଜାମ ସଙ୍ଗେ ଜୟପୁରର ଜମିଦାରୀ ମଧ୍ୟ ଏଥିରେ ମିଶିଥିଲା । ତେଣୁ ଆମ୍ଭମାନଙ୍କ କାର୍ଯ୍ୟର ପରିସର ଜୟପୁରଠାରୁ ଆରମ୍ଭ କରି ଖଲ୍ଲିକୋଟ ପର୍ଯ୍ୟନ୍ତ ବଢ଼ି ଯାଇଥିଲା । ବ୍ରହ୍ମପୁରଠାରେ ମହାରାଜାଙ୍କର ନିଜର ଗୋଟିଏ ଦ୍ୱିତଳ ପ୍ରାସାଦ କମାପଲିଠାରେ ରହିଥାଏ । ସେଠାରେ ଆମ୍ଭମାନଙ୍କର ଗୋଟିଏ ଗ୍ରେଟ ଅଫିସ୍ ଗଢ଼ାଗଲା । ସେ ବର୍ଷ ନୂଆରେ ଅନନ୍ତରାମ ରଥ ମହାରାଜାଙ୍କର ଦେବାନ ରୂପେ ନିଯୁକ୍ତ ହୋଇଥିଲେ । ପୁଣି ଗୋରାଗ୍ରନ୍ଦ ପଟ୍ଟନାୟକ ଜଣେ ବରିଷ୍ଠ ଆଇନଜ୍ଞ ହୋଇଥିବାରୁ ବହୁ ସମୟରେ ମହାରାଜଙ୍କୁ ଏଥିରେ ସାହାଯ୍ୟ କରୁଥିଲେ ।

---

* ବଡ଼ଲାଟଙ୍କ Council ପ୍ରସ୍ତାବ ନମ୍ବର F 12/VI / 31 dated the 8th september, 1931. ଏହି ରିଜଲ୍ୟୁସନର ନିମ୍ନୋକ୍ତ ଅଂଶଟି ଉଦ୍ଧୃତ ହେଲା—"The Government of India with the approval of the secretary of state have decided to appoint a committee to examine and report on the administrative, financial and other consequences of setting up a separate administration for the Oriya speaking people and to make recommendation regarding its boundaries in the event of separation.

Digitized by PPRACHIN, SOA

ସେ ମଧ୍ୟ ପାରଲାଖେମୁଣ୍ଡି ଷ୍ଟେଟର ଓକିଲ ରୂପେ ତାଙ୍କର ଭାଇ ନିତ୍ୟାନନ୍ଦ ପଟ୍ଟନାୟକଙ୍କ ସହ କାର୍ଯ୍ୟ କରୁଥାନ୍ତି ଏହି ପରିପ୍ରେକ୍ଷୀରେ ମୁଁ ଶ୍ୟାମସୁନ୍ଦର ଗନ୍ତାୟତ, ହୀରାଲାଲ ବର୍ମନ ପ୍ରଭୃତି ପାରଲାଖେମୁଣ୍ଡିର କର୍ମୀମାନେ ଲୋକଙ୍କୁ ବୁଝାଇ ପ୍ରତି ଗାଡ଼ିର ନେତାଙ୍କୁ ତାଲିମ ଦେଇ କପର ସୀମା ନିର୍ଦ୍ଧେଶକ କମିଟିରେ ଆମର ଦାବୀ ବିଭିନ୍ନ ଦିଗରୁ ସୁଗ୍ରରୂପେ କାର୍ଯ୍ୟକାରୀ ହେବ ସେଥିର ବ୍ୟବସ୍ଥା କରିବାକୁ ଲଗିଲୁ । ଏହି କାର୍ଯ୍ୟରେ ଅକ୍ଲାନ୍ତଭାବେ ଦିନରାତି ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କ ସଙ୍ଗେ ମିଶିବାକୁ ପଡୁଥିଲା ଏବଂ ସ୍ଥାନେ ସ୍ଥାନେ ସଭା ସମିତିମାନ କରି ସେଥିରେ ଲୋକଙ୍କୁ ଓଡ଼ିଶା ଦେଶ-ମିଶ୍ରଣ ସପକ୍ଷରେ ବୁଝାଇବାକୁ ପଡୁଥିଲା । ଆମେ ମଧ୍ୟ କମିଟି ଆଗରେ ସାକ୍ଷ୍ୟ ଦେବାପାଇଁ ନିଜେ ପ୍ରସ୍ତୁତ ହୋଇଥିଲୁ ।

ମୋର ଆଜି ସ୍ମରଣ ହେଉଛି ଯେଉଁଦିନ ଗୋପାଳପୁରଠାରେ ଆମେ ଓଡ଼ିଆଙ୍କ ପକ୍ଷରୁ ସାକ୍ଷ୍ୟ ଦେବାକୁ ଗଲୁ ସେ ଦିନଟି ଓଡ଼ିଶା ଇତିହାସର ଗୋଟିଏ ସ୍ମରଣୀୟ ଦିବସ । ଓଡ଼ିଶାର ପ୍ରାୟ ସବୁ ବିଶିଷ୍ଟ ନେତା ସେଠାରେ ସମବେତ ହୋଇଥିଲେ । ଗଞ୍ଜାମର ଆନ୍ଧ୍ର ଅନୁଷ୍ଠାନ ପକ୍ଷରୁ ମଧ୍ୟ ଦେଶମିଶ୍ରଣ ବିଷୟରେ ବହୁ ସ୍ମାରକପତ୍ର ସଙ୍ଗେ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । କମିଟିରେ **Sir S. O. Donnel Chairman** ଏବଂ **H. M Meheta T. R. Phookan** ଥିଲେ ଅନ୍ୟ ଦୁଇଜଣ ସଭ୍ୟ । ବିହାର ପକ୍ଷରୁ ସଚ୍ଚିଦାନନ୍ଦ ସିଂହ ଏଥିରେ ସଭ୍ୟ ଥିଲେ ଯୁଦ୍ଧା ସେ ଗୋପାଳପୁର ଆସିନଥିଲେ * । ଏମାନେ ବହୁ ଲୋକଙ୍କଠାରୁ ସାକ୍ଷ୍ୟ ଗ୍ରହଣ କଲେ ପାରଲାଖେମୁଣ୍ଡିର ତେଲେଙ୍ଗାମାନଙ୍କ ନେତୃତ୍ୱ ନେଇ ଅଧ୍ୟାପକ ସୀତାପତି କହିଲେ ଯେ କଳିଙ୍ଗ ଦେଶ ଅତି ପ୍ରାଚୀନ କାଳରୁ ତେଲେଙ୍ଗାମାନଙ୍କର ଗୋଟିଏ ମାତୃଭୂମି ରୂପେ ପରିଚିତ ଏହା ଆମ୍ଭେ ଇତିହାସରୁ ପ୍ରମାଣ ପାଉ । ସେହି କଳିଙ୍ଗ ରାଜ୍ୟର ମଧ୍ୟ ଭାଗଟି ବର୍ତ୍ତମାନ ଗଞ୍ଜାମ ଓ ବିଶାଖାପାଟଣା ଜିଲ୍ଲା । ଏ ଦୃଷ୍ଟିରୁ ବିଚାର କଲେ ଏହା ସମ୍ପୂର୍ଣ୍ଣ ରୂପେ ଆନ୍ଧ୍ର ରାଜ୍ୟର ଅଂଶ ବିଶେଷ । ତାଙ୍କର ଏହି ଯୁକ୍ତିକୁ ଖଣ୍ଡନ କରିବାପାଇଁ ପାରଲାଖେମୁଣ୍ଡି ମହାରାଜା ମୋତେ ଇଙ୍ଗିତ କରିଥିଲେ । ଏହା ପରେ ମୋର ସାକ୍ଷ୍ୟ ନିଆଯିବାର ବ୍ୟବସ୍ଥା ଆଗରୁ ହୋଇଥିଲା । ଫୁକାନ ଜଣେ ଆଇନଜ୍ଞ ।

* ଭାରତ ସରକାରଙ୍କର ପ୍ରସ୍ତାବ (ନମ୍ବର 7.12/VI / 31) ତା ୮ ସେପ୍ଟେମ୍ବର ୧୯୩୧ "The Govt. of India decided to appoint committee to examine and report on the administrative, financial and other consequence of setting up a separate administration for the Oriya-speaking people and to make recommendations regarding to boundaries in the event of separation.

Digitized by PPRACHIN, SOA

ସେ ଦୁର୍ବଳ ଓଡ଼ିଆମାନଙ୍କ ପ୍ରତି ଅନୁକୂଳ ଥିବାର ଜଣା ଯାଉଥିଲା । ପ୍ରଥମେ ସେ ମୋତେ ପ୍ରଶ୍ନ କଲେ ଆପଣ କଳିଙ୍ଗ ରାଜ୍ୟଟି ଆନ୍ଧ୍ର ବୋଲି ସ୍ୱୀକାର କରୁଅଛନ୍ତି କି ? ଯଦି ସ୍ୱୀକାର ନ କରନ୍ତି, ତେବେ ତାହା ପ୍ରମାଣିତ କରି ପାରିବେ କି ? ମୁଁ ଆଗରୁ ଏପରି କେତେକ ପ୍ରଶ୍ନ ପାଇଁ ପ୍ରସ୍ତୁତ ହୋଇଥିଲି । ମୁଁ କହିଲି କଳିଙ୍ଗ ଦେଶ କୌଣସି ସମୟରେ ଆନ୍ଧ୍ର ବା ତେଲେଙ୍ଗାନାର ଅଂଶ ହୋଇ ନ ଥିଲା ବରଂ ତାହା ତେଲେଙ୍ଗା ରାଜ୍ୟଠାରୁ ସବୁବେଳେ ଅଲଗା ରାଷ୍ଟ୍ର ରୂପେ ପରିଗଣିତ ହେଉଥିଲା । ମୋର ଏହି ଉତ୍ତର ଶୁଣି ଚେୟାରମ୍ୟାନ ଓ'ଡ଼ୋନଲେ ପ୍ରଶ୍ନ କଲେ ଏହା ତୁମେ କୌଣସି ବିଶ୍ୱାସଯୋଗ୍ୟ ଡକୁମେଣ୍ଟ ସାହାଯ୍ୟରେ ପ୍ରମାଣିତ କରିପାରିବ କି ? ମୁଁ ଦୃଢ଼ କଣ୍ଠରେ କହିଲି ହଁ ! ତାହା ମୁଁ ନିଶ୍ଚୟ ପ୍ରମାଣିତ କରିପାରିବ । ଖ୍ରୀଷ୍ଟୀୟ ୧୦ଶ ଶତାବ୍ଦୀର ଗୋଟିଏ ଅଭିଲେଖ ଆନ୍ଧ୍ର ଅଞ୍ଚଳରୁ ଆବିଷ୍କୃତ ହୋଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗୀୟ ଗବେଷଣା ମୂଳକ ପତ୍ରିକାରେ ପ୍ରକାଶ ପାଇଛି । ସେହି ତାମ୍ରଶାସନଟି ମୁମୁଢଭୋଲ ନାମକ ଜଣେ ଆନ୍ଧ୍ର ରାଜାଙ୍କର ସମୟରେ ଖୋଦିତ ହୋଇଥିଲା । ସେଥିରେ ଗୋଟିଏ ସୁନ୍ଦର ସଂସ୍କୃତ ଶ୍ଳୋକ ସାହାଯ୍ୟରେ ତେଲେଙ୍ଗା ଦେଶର ଚୂରିଆଡ଼ରେ ଥିବା ରାଜ୍ୟମାନଙ୍କର ନାମକରଣ କରାଯାଇଛି । ସେଥିରୁ ତେଲେଙ୍ଗା ରାଜ୍ୟର ପୂର୍ବ ଭାଗରେ କଳିଙ୍ଗ ଅବସ୍ଥିତ ଥିବାର ଉଲ୍ଲେଖ ଅଛି । ସେ ଶ୍ଳୋକଟି ହେଉଛି—

"ପଶ୍ଚାତ୍ ପୁରସ୍ତାଦପି ଯସ୍ୟ ଦେଶୌ
ଖ୍ୟାତୌ ମହାରାଷ୍ଟ୍ର କଳିଙ୍ଗ ସଜ୍ଞୌ ।
ଅବାଗୁଦକ୍ ପାଣ୍ଡ୍ୟକ କାନ୍ୟକବ୍ଜୌ
ଦେଶଃ ସ ତତ୍ରାସ୍ତି ତୈଲଙ୍ଗନାମା ।"

ଅର୍ଥାତ୍ ଯେଉଁ ଦେଶର ପଶ୍ଚିମରେ ଓ ପୂର୍ବଭାଗରେ ଯଥାକ୍ରମେ ମହାରାଷ୍ଟ୍ର ଓ କଳିଙ୍ଗ ଅବସ୍ଥିତ ପୁଣି ଯେଉଁ ଦେଶର ଦକ୍ଷିଣରେ ଏବଂ ଉତ୍ତରରେ ଯଥାକ୍ରମେ ପାଣ୍ଡ୍ୟ ଓ କାନ୍ୟକୁବ୍ଜ ନାମକ ଦେଶ ଅବସ୍ଥିତ ସେହି ମଧ୍ୟବର୍ତ୍ତୀ ରାଷ୍ଟ୍ର ତୈଲଙ୍ଗନାମରେ ପରିଚିତ । ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ ତୈଲଙ୍ଗ ରାଜ୍ୟଟି କଳିଙ୍ଗଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର ଥିଲା । କିନ୍ତୁ କାଳକ୍ରମେ ବାହମନୀ ରାଜ୍ୟର ଅନ୍ତର୍ଭୁକ୍ତ ହେବାରୁ ହାଇଦ୍ରାବାଦଠାରୁ କେତେକ ଅଫିସରଙ୍କୁ ଏଠାରେ ନିଯୁକ୍ତ ଦିଆଗଲା । ସେମାନେ କ୍ରମେ ଏଠାରେ ଘରଦ୍ୱାର କରି ରହିଗଲେ ଏବଂ ଏଠା ଅଧିବାସୀମାନଙ୍କୁ ଧୀରେ ଧୀରେ ପ୍ରଭାବିତ କରିବାକୁ ଲାଗିଲେ । ବୈଦେଶିକ ଶାସନରେ ମଧ୍ୟ ଆଧୁନିକ ଯୁଗ ପର୍ଯ୍ୟନ୍ତ ଦକ୍ଷିଣାଞ୍ଚଳରୁ ଲୋକେ ଆସି ଗଞ୍ଜାମରେ ଶାସନ କାର୍ଯ୍ୟ ଚଳାଇବାକୁ ଲାଗିଲେ । ଏପରି ଐତିହାସିକ ବାଧ୍ୟବାଧ୍ୟକତା ହେତୁ, ପୁଣି ଓଡ଼ିଆମାନଙ୍କ ମଧ୍ୟରେ ଶିକ୍ଷିତ ଲୋକଙ୍କ ଅଭାବରୁ ଯେଉଁ ତେଲେଙ୍ଗାମାନେ ଏଠାରେ ତାଙ୍କର ସାମାଜିକ ଆର୍ଥନୀତିକ, ଓ ସାଂସ୍କୃତିକ ପ୍ରସାର କରି ଅଛନ୍ତି—ତାହା

Digitized by PPRACHIN, SOA

ବ୍ରିଟିଶ ଶାସନରେ ହିଁ ଅଧିକ ପରିମାଣରେ ସମ୍ଭବ ହୋଇ ପାରିଛି । ଶାସକମାନଙ୍କର ପ୍ରଭାବ ହେତୁ ଓଡ଼ିଆ ଜାତିର ଲୋକେ ସେମାନଙ୍କର ଭୂମି ଓ ଘରଦ୍ୱାର ସମତଳ ଅଞ୍ଚଳରୁ କ୍ରମେ ଉଠାଇ ନେଇ ପାର୍ବତ୍ୟ ଅଞ୍ଚଳରେ ବାସ କରିବାକୁ ନିରାପଦ ମନେ କଲେ । ଏହା ଫଳରେ ଆନ୍ଧ୍ର ଜାତୀୟ କାମ୍ପ, କୁମୁଟି ବ୍ୟବସାୟୀ ପ୍ରଭୃତି ଜମି ଏବଂ ବ୍ୟବସାୟ ବାଣିଜ୍ୟ ଅଧିକାର କରି ଗଞ୍ଜାମରେ ତାଙ୍କର ପ୍ରଭୁତ୍ୱ ସ୍ଥାୟୀ କରିବାକୁ ଲାଗିଲେ । ମାନ୍ଦ୍ରାଜରେ ଉଚ୍ଚଶିକ୍ଷାର ସୁବିଧା ଥିବାରୁ ସେଠାର କେତେକ ଶିକ୍ଷିତ ଲୋକେ ଏ ଅଞ୍ଚଳଟି ସୁଖକର ସ୍ଥାନ ମନେକରି ଉପକୂଳ ଅଞ୍ଚଳଗୁଡ଼ିକ ଅଧିକାର କଲେ । ଏହାହିଁ ଆମ ଗଞ୍ଜାମର ସାମାଜିକ ତଥା ଅର୍ଥନୈତିକ ଇତିହାସର ଗୋଟିଏ ବିଶିଷ୍ଟ ଅଧ୍ୟାୟ । ଏହା ଯଦି ସମ୍ଭବ ହୋଇ ନ ଥାନ୍ତା ତା' ହେଲେ ଉପେନ୍ଦ୍ରଭଞ୍ଜଙ୍କ ଠାରୁ ଆରମ୍ଭ କରି ଗୋପାଳ କୃଷ୍ଣଙ୍କ ପର୍ଯ୍ୟନ୍ତ ବହୁ ଓଡ଼ିଆ କବି ଓ ପଣ୍ଡିତ ଏ ଦେଶରେ ରହି ତାଙ୍କର ଗ୍ରନ୍ଥ କିପରି ରଚନା କରିଥାନ୍ତେ ? ଏହି ଓଡ଼ିଆ କବିମାନଙ୍କପରି ଆନ୍ଧ୍ର-ମାନଙ୍କ ପକ୍ଷରୁ ଦୃଷ୍ଟାନ୍ତ ଦେବାକୁ କୌଣସି ଆନ୍ଧ୍ରକବି ଗଞ୍ଜାମରେ ଜନ୍ମଲାଭ କରି ନଥିବା ଘଟଣାରୁ ସ୍ପଷ୍ଟ ଜଣାଯାଉଛି ଯେ—ଏ ରାଜ୍ୟଟି ମୂଳରୁ ଓଡ଼ିଆମାନଙ୍କର ଦ୍ୱାରା ଅଧ୍ୟୁଷିତ ହୋଇଥିଲା । ମୋର ଏହି ଯୁକ୍ତିସବୁ ଶୁଣିଲାପରେ ଚେୟାରମ୍ୟାନ ଓଡ଼ୋନାଲ ସୀମା ନିର୍ଦ୍ଧେଶ ପାଇଁ ତାଙ୍କର ବିସ୍ତୃତ୍ୟ ନୀତି ପରିବର୍ତ୍ତନ କରି ସେଥିରୁ ଐତିହାସିକ ଆଲୋଚନା ବାଦ ଦେଇଥିଲେ । ମୋର ସାକ୍ଷ୍ୟ ପରେ ଶଶୀଭୂଷଣ ରଥ ଗୋଟିଏ ଦୀର୍ଘ ବକ୍ତୃତା ଦେଇ କହିଲେ ଯେ—ଆନ୍ଧ୍ରମାନେ ଗଞ୍ଜାମ ଅଞ୍ଚଳରେ ତିନୋଟି ଶ୍ରେଣୀରେ ବିଭକ୍ତ ହୋଇ ଅଛନ୍ତି । ପ୍ରଥମ ଶ୍ରେଣୀକୁ ଆମେ "ଅଘରିଆ' ବୋଲି କହୁ; ଅର୍ଥାତ୍ ଯେଉଁମାନେ ଦକ୍ଷିଣ ଅଞ୍ଚଳରୁ ଘରଦ୍ୱାର ବର୍ଜି କରିଦେଇ ଗଞ୍ଜାମକୁ ଆସି ଭଡ଼ା ଘରେ ରହି ଓକିଲତି କିମ୍ବା କୌଣସି ଗୃହକରିକାର୍ଯ୍ୟ କରୁଅଛନ୍ତି । ସେମାନଙ୍କର ନିଜର ହୋଇ ଉଠି ଆସିଥିବା ଅଞ୍ଚଳରେ କିମ୍ବା ଏଠାରେ ଘର ନାହିଁ । ତେଣୁ ସେପରି ଲୋକଙ୍କୁ ଆମେ 'ଅଘରିଆ' ବୋଲି କହୁଁ । ଦ୍ୱିତୀୟ ଶ୍ରେଣୀଟି ହେଉଛି 'ଏକଘରିଆ' । ଅର୍ଥାତ ଯେଉଁମାନଙ୍କର ମୂଳ ଘରଟି ଆନ୍ଧ୍ର ଅଞ୍ଚଳରେ ଅଛି; କିନ୍ତୁ ବ୍ୟବସାୟ ଉଦ୍ଦେଶ୍ୟରେ ସେମାନେ ଏଠାରେ ଘରଟିଏ ଭଡ଼ା କରି ରହିଛନ୍ତି । ଦରକାରବେଳେ ସେମାନେ ଏଠାରୁ ଫେରିଯାଇ ତାଙ୍କ ନିଜ ଘରେ ରହିବେ । ତୃତୀୟ ଶ୍ରେଣୀଟି 'ଦୋ ଘରିଆ' ଅର୍ଥାତ୍ ଯେଉଁମାନଙ୍କର ମୂଳ ଗ୍ରାମରେ ଆନ୍ଧ୍ର ଅଞ୍ଚଳରେ ଘର ଅଛି ପୁଣି ଏ ଜିଲ୍ଲାକୁ ଆସି ଏଠାରେ ବ୍ୟବସାୟ କରି ଆଉ ଗୋଟିଏ ଘର ନିଜର ନିର୍ମାଣ କରି ରହିଛନ୍ତି । ଏମାନେ ସୁବିଧା ଦେଖି ଭବିଷ୍ୟତରେ ଗୋଟିଏ ଘର ବିକ୍ରିକରି ଅନ୍ୟଟିରେ ରହିବେ କିମ୍ବା ତାଙ୍କର ସନ୍ତାନ ସନ୍ତତିଙ୍କୁ ତାହା ଭାଗ ଭାଗ କରି ବାଣ୍ଟି ଦେବେ । ଏ ଉଦ୍ଦେଶ୍ୟରେ ସେମାନେ ଦୁଇଟି ଲେଖାଏଁ ଘର କରିଛନ୍ତି । ତେଣୁ ତାଙ୍କୁ ଅମେ 'ଦୋଘରିଆ' କହୁଁ । ଆନ୍ଧ୍ର ସମାଜ ସମ୍ପ୍ରଦାୟ ପରିଚ୍ଛିତ ଏହି ତିନିପ୍ରକାର ଶ୍ରେଣୀକୁ ନେଇ ଆଜି ତାଙ୍କର ସଂଖ୍ୟା ବୃଦ୍ଧି

Digitized by PPRACHIN, SOA

ଲାଭ କରିଛୁ । ଶଶୀଭୂଷଣ ରଥଙ୍କର ଏହି ବ୍ୟାଖ୍ୟାନଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଓ ବାସ୍ତବ ଯୁକ୍ତି ଉପରେ ନିର୍ଭର କରିଥିଲା । ଦ୍ୱିତୀୟଦିନ ପାରଲାଖେମୁଣ୍ଡିରୁ ଚେୟାରମ୍ୟାନ ଶ୍ରୀଯୁକ୍ତ କେ. ଅପାରାଓ, କଲେଜ ପ୍ରିନ୍‌ସିପାଲ ପି. ଜଗନ୍ନାଥ ସ୍ୱାମୀ ପ୍ରଭୃତି କେତେକ ଶିକ୍ଷିତ ଆନ୍ଧ୍ର ବ୍ୟକ୍ତିଙ୍କ ସମେତ କେତେକ ସୁପ୍ରସିଦ୍ଧ ଆନ୍ଧ୍ର ନାୟକ ଓ ଦୋରା ମହାରାଜାଙ୍କ ସପକ୍ଷରେ ସାକ୍ଷ୍ୟ ଦେଇ ପାରଳାଖେମୁଣ୍ଡିକୁ ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବା ଦାବୀ ଉପସ୍ଥାପିତ କରିଥିଲେ । ମୋର ମନେ ପଡ଼ୁଛି, ଜଣେ ତେଲୁଗୁ ପଣ୍ଡିତ ସାକ୍ଷ୍ୟଦେଲା ବେଳେ ପାରଳା ମହାରାଜାଙ୍କୁ ପ୍ରଶଂସା କରି ତାଙ୍କର ପ୍ରଜାବାତ୍ସଲ୍ୟ ବୁଝାଇ-ବାକୁ ଯାଇ 'ଉତ୍ତର ରାମଚରିତ'ରୁ ନିମ୍ନୋକ୍ତ ଶ୍ଳୋକଟି ଆବୃତ୍ତି କରିଥିଲେ, "ସ୍ନେହଂ ଦୟାଂ ଚ ସୌଖ୍ୟଂ ଚ ଯଦି ବା ଜାନକୀମପି ଆରାଧନାୟ ଲୋକସ୍ୟ ମୁଞ୍ଚତୋ ନାସ୍ତି ମେ ବ୍ୟଥା" ଯେ ଉକ୍ତି ଏହା ମୁଁ ଭୁଲି ପାରି ନାହିଁ । କିନ୍ତୁ ସେମାନଙ୍କର ସେହି ସାହାଯ୍ୟର ଗୁରୁତ୍ୱ ଲାଘବ କରିବା ଉଦ୍ଦେଶ୍ୟରେ କମିଟିର ଚେୟାରମ୍ୟାନ ତାଙ୍କ ରିପୋର୍ଟରେ ସ୍ୱତନ୍ତ୍ର ନୋଟ ଦେଇ ଲେଖିଲେ ଯେ ମହାରାଜଙ୍କର ବ୍ୟକ୍ତିତ୍ୱ ଓ ପ୍ରଭାବ ହେତୁ ତାଙ୍କ ଅଧୀନରେ ଯେଉଁ ଆନ୍ଧ୍ରମାନେ କାର୍ଯ୍ୟ କରୁ ଅଛନ୍ତି, ସେମାନେ ଏପରି ଦାବୀ କରନ୍ତି ।*ଚେୟାରମ୍ୟାନଙ୍କର ଏପରି ବିରୁଦ୍ଧ ମତ ହେତୁ ଅନ୍ୟ ଦୁଇଜଣ ଭାରତୀୟ ସଭ୍ୟ ତାଙ୍କର ସ୍ୱତନ୍ତ୍ର ମତ ସେହି ରିପୋର୍ଟରେ ଦେବାକୁ ବାଧ୍ୟ ହୋଇଥିଲେ । ସେମାନେ ପାରଳାଖେମୁଣ୍ଡିର ମିଶ୍ରଣ ପାଇଁ ଅନୁକୂଳ ମତ ପ୍ରକାଶ କଲେ । ଓଡ୍ଡେନାଲଙ୍କ ଜଣେ ଭାରତୀୟ I. C. S. ଅଫିସର ଇଟ୍‌ସ ସାହେବଙ୍କ ସାକ୍ଷ୍ୟ ଦାନ ପରେ ପାରଳାଖେମୁଣ୍ଡି ବିରୁଦ୍ଧରେ ମତ ପୋଷଣ କରିବାକୁ ହୋଇଥିଲା । ଏହା ଆମ୍ଭେ ବିଶ୍ୱାସ କରୁ । ଯେଉଁ ଇଟ୍‌ସ ସାହେବ ମାନ୍ଦ୍ରାଜର ଜଣେ ସରକାରୀ କର୍ମଚାରୀ ଥିଲେ ଏବଂ ଜନଗଣନାର ପ୍ରଧାନ ପରିଚାଳକ ହୋଇଥିଲେ ସେ ଯେ ଆନ୍ଧ୍ର ସରକାରଙ୍କର ମତ ନେଇ ତାଙ୍କର ସାକ୍ଷ୍ୟ କମିଟି ଆଗରେ ଦେଇଥିବେ, ଏଥିରେ ଆଉ କୌଣସି ସନ୍ଦେହ ନ ଥିଲା । ତେଣୁ ତାଙ୍କର ସାକ୍ଷ୍ୟ ପରେ ଓଡ୍ଡେନାଲଙ୍କର ମତ ପରିବର୍ତ୍ତିତ ହେବା ସ୍ୱାଭାବିକ ।

ଗୋପାଳପୁରରେ ଓଡ଼ିଆମାନଙ୍କ ପକ୍ଷରୁ ଯେପରି ଅଦମ୍ୟ ଉତ୍ସାହ ଏବଂ ଅନୁକୂଳ ବାତାବରଣ ସୃଷ୍ଟି କରାଯାଇ ପାରିଥିଲା, ତାହା ମେଦିନୀପୁରରେ ପ୍ରକାଶ ପାଇଲା ନାହିଁ । ସେଠାରେ ବହୁ ଓଡ଼ିଆ ଅତି ପ୍ରାଚୀନ କାଳରୁ ଆରମ୍ଭ କରି ଅଧିବାସ କରୁଥିଲେ ସୁଦ୍ଧା ସେମାନେ ଅଧିକାଂଶ କ୍ଷେତ୍ରରେ ତାଙ୍କର ମାତୃଭାଷା ଭୁଲି ଯାଇ

---

* ସୀମା ନିର୍ଦ୍ଧାରଣ କମିଟି ରିପୋର୍ଟର ୨୯ ପୃଷ୍ଠାରେ ଓଡ୍ଡେନଲ ବିରୋଧାତ୍ମକ ମତ ଦେଇ ଲେଖିଥିଲେ, "It would be strange if such evidence were not forthcoming from an area owned by a zamindar who has been aprotagonist of the Oriya movement."

Digitized by PPRACHIN, SOA

ବଙ୍ଗଳାରେ କଥା କହୁଥିଲେ । ସେତେବେଳେ କଲିକତାରେ କୁଲି ଓ ପୂଜାରୀ କାମରେ ଓଡ଼ିଶାରୁ ବହୁ ସଂଖ୍ୟାରେ ଲୋକେ ରହୁଥିବାରୁ ବଙ୍ଗାଳୀମାନଙ୍କ ମନରେ ସେମାନଙ୍କ ପ୍ରତି ଗୋଟିଏ କୁତ୍ସିତ ଧାରଣା ଥିଲା । କୌଣସି ବଙ୍ଗ ଅଭିଧାନରେ ଓଡ଼ିଆମାନଙ୍କୁ କୁଲି ଶ୍ରେଣୀସ୍ଥ ବୋଲି ମଧ୍ୟ ଲେଖା ଯାଇଥିଲା । ଏଣୁ ସେଠାରେ ବାସ କରୁଥିବା ଅଧିକାଂଶ ଓଡ଼ିଆ ସାମାଜିକ ପ୍ରତିଷ୍ଠା ଲାଭ କରିବା ପାଇଁ ସେମାନଙ୍କର ଜାତିଗତ ସଂଜ୍ଞା ମଧ୍ୟ ପରିବର୍ତ୍ତନ କରି ଦେଇଥିଲେ । ଉଦାହରଣ ସ୍ୱରୂପ ସେଠାର ମହାନ୍ତିମାନେ ନିଜକୁ ମାଇତି ବୋଲି କହୁଥିଲେ । ତଥାପି ପୂର୍ବରୁ ପ୍ରଚଳିତ କେତୋଟି ପ୍ରଥା ଲୋପ ହୋଇ ନଥାଏ । ବଙ୍ଗଳା ଲିପିରେ ଛପା ହୋଇ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ସେଠାରେ ପ୍ରଚଳିତ ହେଉଥିଲା । ସ୍କୁଲରେ କହିବାକୁ ଗଲେ ପ୍ରବଳ ବଙ୍ଗ ଜାତି ପରି ଗୋଟିଏ ବଳିଷ୍ଠ ଜାତିର କବଳିତ ହୋଇ ସେମାନେ ତାଙ୍କର ମାତୃଭାଷାକୁ ଭୁଲି ଯାଇଥିଲେ । ଏପରି ଅବସ୍ଥାରେ ଯେତେବେଳେ କଂଗ୍ରେସର ସର୍ବଭାରତୀୟ ଆନ୍ଦୋଳନ ସୃଷ୍ଟି ହୁଏ, ସେତେବେଳେ ସେଠାର 'ସାସମଲ' ନାମକ ଜଣେ ନେତା ଓଡ଼ିଆମାନଙ୍କର ଘୋର ବିରୋଧୀ ଥିଲେ । ସେ ନିଜେ ଓଡ଼ିଆ ହେଲେ ମଧ୍ୟ ମେଦିନୀପୁର ଓଡ଼ିଶାରେ ମିଶାଇବା ବିରୁଦ୍ଧରେ ଲୋକଙ୍କୁ ପ୍ରବର୍ତ୍ତାଉଥିଲେ । ଯେତେବେଳେ ମହାରାଜାଙ୍କ ସଙ୍ଗେ ଆମେ କେତେଜଣ କର୍ମୀ ସେଠାକୁ ସୀମାନିର୍ଦ୍ଧାରଣ କମିଟି ସଙ୍ଗେ ଗଲୁ, ଦେଖିଲୁ ଯେ ସେଠାର ଓଡ଼ିଆମାନେ ସମସ୍ତେ ଆମର ପ୍ରତିକୂଳ ହୋଇ ସଙ୍ଘବଦ୍ଧ ଭାବେ ତୀବ୍ର ଆନ୍ଦୋଳନ କରିବାରେ ଲାଗିଛନ୍ତି । ଆମେ ଶୁଣିଲୁ ଯେ, ସାସମଲ ଗୋଟିଏ ସଭାରେ କୁଆଡ଼େ ତାଙ୍କୁ ପ୍ରତିଜ୍ଞା କରି କହିଥିଲେ ଯଦି ଏ ଅଞ୍ଚଳ ଓଡ଼ିଶାକୁ ଯାଏ, ତା' ହେଲେ ମୁଁ ନିଜକୁ ନିଆଁ ଭିତରେ ପୂରାଇଦେବି । ବାସ୍ତବରେ ଆମେ ମହାରାଜାଙ୍କ ଯେଉଁ ବଙ୍ଗଳାରେ ଅବସ୍ଥାନ କରୁଥାଉ, ସେଠାକୁ ଦିନେ ଜଣେ ଯୁବକ ଗୋଟିଏ ସାଇକେଲରେ ଆସିବାର ଦେଖାଗଲା । ସେଠା ଲୋକଙ୍କ ରୁଢ଼ ଓ ଦୁର୍ଦ୍ଧର୍ଷ ବ୍ୟବହାର ଦେଖି ଆମେ କିଛି ଗୋଟିଏ ବିପଦର ଆଶଙ୍କା କରିଥାଉଁ । ତେଣୁ ମହାରାଜାଙ୍କୁ ସୁରକ୍ଷିତ ଭାବେ ରହିବାକୁ ବ୍ୟବସ୍ଥା କରୁଥାଉ । ଯେଉଁ ଯୁବକଟି ସାଇକେଲରେ ବଙ୍ଗଳା ଭିତରକୁ ଆସିଲା ତାକୁ ଅର୍ଦ୍ଧପଥରେ ମୁଁ ଭେଟିଲି । ପଚାରିଲି ତୁମେ କିଏ ? କ'ଣ ଦରକାର ? ସେ କିଛି ନ କହି ଗୋଟିଏ ଲଫାଫା ମୋ ହାତରେ ବଢ଼ାଇଦେଲା । ସାଇକେଲରେ ବସି ରୁକ୍ଷ କଣ୍ଠରେ କହିଲା— 'ତୋମାର ରାଜାକେ ଦାଓ' ଏହା କହି ସେ ଚଞ୍ଚଳ ସେଠାରୁ ଚାଲିଗଲା । ମୁଁ ସେ ପତ୍ରଟି ଆଣି ମହାରାଜାଙ୍କ ଟେବୁଲରେ ଥୋଇଦେଲି । ସେତେବେଳେ ମହାରାଜା ତାଙ୍କର କମିଟି ମିଟିଙ୍ଗରୁ ଫେରି ନ ଥାନ୍ତି । ପ୍ରାୟ ବାରଟାବେଳେ ସେ ଯେତେବେଳେ ବଙ୍ଗଳାକୁ ଫେରି ଆସିଲେ, ଟେବୁଲରୁ ଲଫାପାଟି ଖୋଲି ପ୍ରଥମେ ଉଚ୍ଚହାସ୍ୟ କଲେ । ଡାକିଲେ, ପାଣିଗ୍ରାହୀ ! ଯୁଗଳ କିଶୋର ପାଣିଗ୍ରାହୀ ତାଙ୍କର ସଙ୍ଗରେ ମଧ୍ୟ ଯାଇଥାନ୍ତି । ସେ ମହାରାଜାଙ୍କ ବୈଠକଖାନାକୁ ଯିବାକ୍ଷଣି ମହାରାଜା ହସି ହସି ତାଙ୍କ ହସ୍ତରେ

Digitized by PPRACHIN, SOA

ଗୋଟିଏ ଲାଲ ରଙ୍ଗର ପତ୍ର ଦେଇ କହିଲେ, ଏଇଟି ପଢ଼ି ସମସ୍ତଙ୍କୁ ଶୁଣାଇଦିଅ । ପାଣିଗ୍ରାହିବାବୁ ଆମେ ଥିବା କୋଠରୀକୁ ଆସି ସେ ପତ୍ରଟି ପଢ଼ିଲେ । ସେଥିରେ ଲେଖାଥିଲା ଇଂରାଜୀରେ ନିମ୍ନଲିଖିତ ପ୍ରକାରେ—

"Know ye O Raja
This is called Midnapur !
How do ye dare to harm us ?
Don't ye know that pady's fate ?
Who has got his grave here ?

ଏ ଚାରି ଧାଡ଼ି କ ଗୋଟିଏ ନାଲି କାଗଜରେ ମଣିଷ ରକ୍ତରେ ଲେଖା ଯାଇଥିଲା । ଆମେ କିଛିଏ ଭୀତ ହୋଇ ପଡ଼ିଲୁ । କାରଣ ସେଠାର ଲୋକଙ୍କ ଦୁଷ୍ଟାମି ଓ ମାରାତ୍ମକ ସ୍ୱଭାବ ବଙ୍ଗଭଙ୍ଗ ଆନ୍ଦୋଳନ ସମୟରୁ ଯଥେଷ୍ଟ ରୂପେ ପ୍ରମାଣିତ ହୋଇଅଛି । ସେ ଜିଲ୍ଲାର କଲେକ୍ଟର ପେଡ଼ି ସାହେବଙ୍କୁ ସେମାନେ ନିଷ୍ଠୁର ଭାବେ ରାଜନୈତିକ କାରଣରୁ ହତ୍ୟା କରିଥିଲେ; ସେ କଥା ଏ ପତ୍ରଟିରେ ସୂଚାଇ ଦେଇ ତାଙ୍କପରି ହତ୍ୟା କାର୍ଯ୍ୟ ଏ କ୍ଷେତ୍ରରେ ମଧ୍ୟ କରାଯିବ ବୋଲି ଭୟ ଦେଖାଇଛନ୍ତି । ଆମେ ପରାମର୍ଶ କରି ମହାରାଜାଙ୍କୁ ଜଣାଇବାକୁ ସ୍ଥିର କଲୁ ଯେ, ସେଦିନ ସନ୍ଧ୍ୟାଗାଡ଼ିରେ ଯେପରି ଆମର ବିଦା ଖର୍ଚ୍ଚ ଦେଇ ଖଡ଼ଗପୁର ଚାଲିଯାଉ । ଆମର ପ୍ରସ୍ତାବଟି ମହାରାଜାଙ୍କୁ ଜଣାଇବା ଆଗରୁ ଆମେ ବସିଥିବା କୋଠରୀକୁ ସେ ନିଜେ ଆସି ସହାସ୍ୟମୁଖରେ କହିଲେ ତୁମେମାନେ କଣ ଏହି ଶୃଗାଳମାନଙ୍କ ରଡ଼ିରେ ଭୟ ପାଉଛ ? ଆମେ ଯଦି ଏଠାକରେ ପଛଘୁଞ୍ଚା ଦେବା ତା ହେଲେ ଓଡ଼ିଆ ଜାତିର ସମ୍ମାନ ରହିବ କେଉଁଠି ? ଅନ୍ୟ ଆମର କାମ ଏଠାରେ ସରି ନଥିବାରୁ କାଲି ପର୍ଯ୍ୟନ୍ତ ନିଶ୍ଚୟ ରହିବାକୁ ପଡ଼ିବ । ଏଠାର ଓଡ଼ିଆମାନେ ବଙ୍ଗାଳି ପରି ଆଗ୍ରହ ଓ ଭାଷା ବ୍ୟବହାର କରି ତାଙ୍କର ଜାତୀୟତା ଭୁଲି ଯାଇଛନ୍ତି । ତେଣୁ ସେମାନଙ୍କୁ ପୂର୍ବ ଗୌରବ ସ୍ମରଣ କରାଇ ଜାତୀୟ କାର୍ଯ୍ୟରେ ଲଗାଇ ପାରିଲେ, ଆମର ବିଶେଷ ଉପକାର ହୁଅନ୍ତା । ଏବେ ଯାଯମଳଙ୍କ ପରି କଂଗ୍ରେସ କର୍ମୀମାନେ ଯେଉଁ ମହାଭାରତୀୟ ଭାବରେ ନିଜର ଜାତିକୁ ଭୁଲି ଯାଉଛନ୍ତି, ମୋ ମତରେ ନିଶ୍ଚୟ ଦିନ ଆସିବ ଯେତେବେଳେ ସେମାନେ ଏଥିପାଇଁ ଅନୁତାପ କରିବେ । ଏହା କହି ମହାରାଜା ତାଙ୍କ ଅଫିସକୁ ଚାଲିଗଲେ । ଆମେ ଅବଶ୍ୟ ମହାରାଜାଙ୍କ ପରି ଦୃଢ଼ପ୍ରତିଜ୍ଞ କିମ୍ବା ଧୈର୍ଯ୍ୟଶାଳୀ ନଥିଲୁ । ମନରେ ଆଶଙ୍କା, ଉଦ୍‌ବେଗ ଖେଳା କରୁଥାଏ । କେତେବେଳେ କଣ ଏମାନେ ବିପଦ ଘଟାଇବେ, ସେଥିପାଇଁ ସମସ୍ତେ ସତର୍କ ହୋଇ ରହିଥାଉ । ଏପରି ଅବସ୍ଥାରେ ଲେଖାପଢ଼ା କାମରେ ଆମର ଫୁରୁସତ୍ ନ ଥିଲା । ମେଦିନୀପୁରର ଅବସ୍ଥା ଓଡ଼ିଆମାନଙ୍କ ଅନୁକୂଳ ନୁହେଁ, ଏହା ଆମେ ସ୍ପଷ୍ଟ ରୂପେ ବୁଝି ପାରିଥିଲୁ । ପରଦିନ ମଧ୍ୟ ସୀମାନିର୍ଦ୍ଦେଶ କମିଟିର ବୈଠକରେ

Digitized by PPRACHIN, SOA

ମହାରାଜା ଯଥାସମୟରେ ଯୋଗଦେଲେ ଏବଂ ତାଙ୍କ ପକ୍ଷରେ ଯାହା ସମ୍ଭବ, ନିଜର କର୍ତ୍ତବ୍ୟ ସଂପାଦନ କରିଥିଲେ । ଅବଶ୍ୟ ଅଳ୍ପ କେତେଜଣ ଓଡ଼ିଆ ମେଦିନୀପୁର, କଣ୍ଟାଇ ପ୍ରଭୃତି ଅଞ୍ଚଳ ଓଡ଼ିଶାରେ ମିଶ୍ରଣ ସପକ୍ଷରେ ସାକ୍ଷ୍ୟ ଦେଇଥିଲେ କିନ୍ତୁ ଅଧିକାଂଶ ନେତା ଘୋର ଆପତ୍ତି କରିବାରୁ ସେଠାରେ ଓଡ଼ିଆ ସମସ୍ୟା ସମାଧାନ ହୋଇ ପାରିଲି ନାହିଁ । ମହାରାଜାଙ୍କ ମନରେ ଘୋର ଦୁଃଖ ଜାତ ହେଲା । ସେଦିନ ବସାକୁ ଫେରି ରାତିରେ ସେ ଭଲରୂପେ ଶୋଇ ପାରି ନଥିବା ଆମେ ଲକ୍ଷ୍ୟ କଲୁ । ପାଣିଗ୍ରାହୀଙ୍କୁ ଡାକି ସେ କହୁଥିଲେ ଦିନ ଥିଲା ଯେତେବେଳେ ଏ ଅଞ୍ଚଳରେ ଓଡ଼ିଶାର ରଣବାଦ୍ୟ ବାଜୁଥିଲା । ଆଜି ସେଠାରେ ଓଡ଼ିଆର ମୃତ ଶରୀର ପଡ଼ିଛି ।

ପରଦିନ ଆମେ ରେଲଗାଡ଼ିରେ ଖଡ଼ଗପୁର ଗଲୁ । ସେଠାରେ ରେଲବାଇ କଲୋନିରେ ବହୁ ସଂଖ୍ୟାରେ ଓଡ଼ିଆ କାମ କରୁଥିଲେ । ଗଞ୍ଜାମରୁ ମଧ୍ୟ ବହୁତ ଓଡ଼ିଆ ସେଠାରେ ରହୁଥାନ୍ତି । ଆଗରୁ ଆମେ ସେଠାକୁ ଯିବା ସମ୍ବାଦ ପତ୍ରିକାରୁ ଦେଖିପାରି ସେମାନେ ମହାରାଜାଙ୍କୁ ଅଭ୍ୟର୍ଥନା କରିବା ପାଇଁ ପ୍ଲାଟଫର୍ମରେ ଅପେକ୍ଷା କରିଥିଲେ । ହଜାର ହଜାର ସଂଖ୍ୟାରେ ଓଡ଼ିଆଙ୍କ ସମାବେଶ ମଧ୍ୟରେ ପୁଷ୍ପମାଳା ମହାରାଜାଙ୍କୁ ଅର୍ପିତ ହେଲା । ସେଦିନ ଅପରାହ୍ଣରେ ଗୋଟିଏ ବିରାଟ ସଭା ଅନୁଷ୍ଠିତ ହେଲା । ମହାରାଜାଙ୍କୁ ସେମାନେ ଅଭ୍ୟର୍ଥନା କରି ତାଙ୍କ ମୁଖରୁ ଭାଷଣ ଶୁଣିବାକୁ ଅପେକ୍ଷା କଲେ । ମୋର ଆଜି ସ୍ମରଣ ହେଉଛି ସେହି ଓଡ଼ିଆମାନଙ୍କୁ ଉପଦେଶ ଛଳରେ ମହାରାଜା ଯେଉଁ ଭାବଗର୍ଭକ ଭାଷଣ ଉଦ୍ଦେଳିତ କଣ୍ଠରେ ଶୁଣାଇଲେ, ତାହା ଯେ କୌଣସି ଓଡ଼ିଆ ରକ୍ତକୁ ଉତ୍ତପ୍ତ କରିପାରେ । ମହାରାଜା କହିଲେ ମୋର ପୂର୍ବପୁରୁଷ ଓଡ଼ିଶାର ଗଙ୍ଗ-ବଂଶୀୟ ବୀର ରାଜାମାନେ ଶହ ଶହ ବର୍ଷ ପୂର୍ବେ ଏ ଅଞ୍ଚଳରେ ଯେଉଁ ଦୁର୍ଗ ନିର୍ମାଣ କରି ବଙ୍ଗଳାର ମୁସଲମାନ ତଥା ହିନ୍ଦୁ ରାଜାମାନଙ୍କୁ ପରାଜିତ କରି ଓଡ଼ିଆ ଜାତିର ବୀରତ୍ୱ ଓ ପ୍ରତିଭା ସ୍ୱରୂପ ଜୟସ୍ତମ୍ଭ ପ୍ରୋଥିତ କରିଥିଲେ ତା ଆଜି ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି । ଯେଉଁ ଚୋଡ଼ଗଙ୍ଗ, ଅନଙ୍ଗଭୀମ, ନରସିଂହଦେବ, ପ୍ରଭୃତି ରାଜନ୍ୟବର୍ଗ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିଶାଳ ସାମ୍ରାଜ୍ୟ ସ୍ଥାପନ କରି ବଙ୍ଗଳାର ମୁସଲମାନ-ମାନଙ୍କୁ ପରାସ୍ତକରି ଓଡ଼ିଶାର ଗୋଟିଏ ବିରାଟ ସର୍ବସମ୍ମତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ ତାହା ଆଜି ତାଙ୍କର ବଂଶଧରମାନେ ବିସ୍ମୃତ ହୋଇ ପରାଶ୍ରିତଭାବେ ବଙ୍ଗାଳୀମାନଙ୍କର ଭାଷା ଓ ସଂସ୍କୃତିକୁ ଅବଲମ୍ବନ କରି ନିଜର ଜାତୀୟତା ଭୁଲି ବଙ୍ଗାଳୀ ବୋଲି ପରିଚୟ ଦେଉଛନ୍ତି ଏହା ଅପେକ୍ଷା ଓଡ଼ିଆଙ୍କ ପକ୍ଷରେ ଆଉ କ'ଣ ଅଧିକ ଶୋଚନୀୟ ପରିଣାମ ହୋଇପାରେ ? ତାଙ୍କର ସେହି ଉଦ୍ଦେଳିତ କଣ୍ଠର ଦୀପ୍ତିମୟ ବାଣୀ ଅଦ୍ୟାପି ଆମର ସ୍ମୃତିପଥରୁ ତିରୋହିତ ହୋଇନାହିଁ । ପରିଶେଷରେ ସେ ବୀରଦର୍ପରେ କହିଲେ ସେହି ଗଙ୍ଗରାଜାମାନଙ୍କର ତେଜସ୍ୱୀନ ରକ୍ତ ଅଦ୍ୟାପି ମୋ ଧମନୀରେ ପ୍ରବାହିତ । ତେଣୁ ମେଦିନୀପୁରଠାରେ ମୋ ପ୍ରତି ଯେଉଁ ମୁଷ୍ଟିମେୟ

Digitized by PPRACHIN, SOA

ଆମ୍ଭବସ୍ତୁ ତ ଓଡ଼ିଆ ଭସ୍ଥ ପ୍ରଦର୍ଶନ କରି ରକ୍ତପଙ୍କ ଲେଖିଥିଲେ ସେଥିପ୍ରତି ମୁଁ ଛଲେ ହେଲେ ଭ୍ରୂକ୍ଷେପ କରି ନାହିଁ । ଭସ୍ମଭୂତ ହେବା ଶବ୍ଦ ଆମ ବଂଶରେ କେହି କେବେ ଜାଣି ନଥିଲେ, ମୁଁ ମଧ୍ୟ ଜାଣେ ନାହିଁ । ଏସବୁ କଥା ମହାରାଜାଙ୍କ ମୁଖରୁ ଶୁଣିଲାବେଳେ ଅସଂଖ୍ୟ ଓଡ଼ିଆଙ୍କର ବୁକୁ ଫୁଲି ଉଠୁଥାଏ । ଘନ ଘନ କରତାଳି ଶବ୍ଦରେ ଦଗ୍‌ଦିଗ ପ୍ରକମ୍ପିତ ହେଉଥାଏ ଯତେ ଯେପରି ଅତୀତର ସେହିଯୁଗର ସେ ବୀର ରାଜାମାନଙ୍କ ସମ୍ମୁଖରେ ଓଡ଼ିଆ ସୈନିକମାନେ ଯୁଦ୍ଧ ପୂର୍ବରୁ ଉତ୍ତେଜନାତ୍ମକ ବାଣୀ ରାଜମୁଖରୁ ଶୁଣୁଛନ୍ତି ।

ମେଦିନୀପୁରରେ ଓଡ଼ିଆମାନଙ୍କ ବିପକ୍ଷରେ ଯେଉଁ ଅବସ୍ଥା ସୃଷ୍ଟି ହେଲା, ସେପରି ଗୋଟିଏ ଅବସ୍ଥା ସିଂହଭୂମିରେ ମଧ୍ୟ ଦେଖାଗଲା । ସୀମା ନିର୍ଦ୍ଦେଶକ କମିଟି ଆଗରେ ସେଠାର ଆଦିବାସୀ ହୋମାନେ ଶହ ଶହ ସଂଖ୍ୟାରେ ସମବେତ ହୋଇ କଳାପତାକା ଦେଖାଇ ଚିତ୍କାର କଲେ, ଆମେ ଓଡ଼ିଶାକୁ ଯିବାକୁ ଇଚ୍ଛୁକ ନୋହୁ । ଏପରି ଆୟୋଜନ ମୂଳରେ ବିହାରର ତତ୍କାଳୀନ ନେତାମାନଙ୍କର ହାତ ରହିଥିଲା ବୋଲି ଆମେ ନିଶ୍ଚିତ ଭାବରେ ଜାଣୁ । ଭାରତର କେଣେ ଶ୍ରେଷ୍ଠ ନେତା ବାବୁ ରାଜେନ୍ଦ୍ର ପ୍ରସାଦଙ୍କ ପରି ଲୋକ ମଧ୍ୟ ସେଥିରୁ ଗୁଡ଼ ଯାଇ ନ ଥିଲେ । ଆଦିବାସୀମାନଙ୍କୁ ସେତେବେଳେ ଯଥେଷ୍ଟ ପରିମାଣରେ ମଦ ଓ ଟଙ୍କା ପଇସାଦେଇ ସେମାନେ ଆୟତ୍ତ କରି ରଖିଥିଲେ ।

ଏଠାରେ କହିରଖିବା ଆବଶ୍ୟକ ଯେ, ସିଂହଭୂମିର ଦୁଇଜଣ ବିଶିଷ୍ଟ ଓଡ଼ିଆ ରାଜାଙ୍କ ମଧ୍ୟରେ କିଛି ମନାନ୍ତର ଥିଲା । ସେ ହେଉଛନ୍ତି—ଖରସୂଆଁ ଓ ସରେଇକଳା । ଖରସୂଆଁରେ ଆମ୍ଭମାନଙ୍କର ସପକ୍ଷରେ ଜଣେ ନେତାଙ୍କ ଅଧୀନରେ ଓଡ଼ିଆମାନେ ମିଶ୍ରଣ ସପକ୍ଷରେ ମତ ଦେଉଥିଲେ । ସେ ହେଉଛନ୍ତି ସ୍ୱର୍ଗୀୟ କୃଷ୍ଣଚନ୍ଦ୍ର ଅଗ୍ରୱାଲ । * ଖରସୂଆଁରେ ମହାରାଜାଙ୍କର ନିଜର ଶାଳକ ସେତେବେଳେ ରାଜତ୍ୱ କରୁଥାନ୍ତି । ତାହା ଗୋଟିଏ **Independent** ରାଜ୍ୟ ଥିବାରୁ ମିଶ୍ରଣ ସପକ୍ଷରେ ତାଙ୍କର ମତାମତ ତତ୍କାଳୀନ ଇଂରାଜୀ କମିଶନଙ୍କର ଇଙ୍ଗିତରେ ଚାଳିତ ହେଉଥିଲା । ପୁଣି କମିଶନରଙ୍କର

---

* ମୋର ମନେଅଛି ସ୍ୱର୍ଗୀୟ କୃଷ୍ଣଚନ୍ଦ୍ର ଅଗ୍ରୱାଲଙ୍କ ସଙ୍ଗେ ଦେଶମିଶ୍ରଣ ବିଷୟରେ କଥା ହେଲାବେଳେ ସେ କହିଥିଲେ, ଅଯୋଧ୍ୟା ବାସୀ ରାମଙ୍କୁ ହରାଇ ଯେପରି ଆକୁଳ ହୋଇଥିଲେ—ଆମେ ପାରଳା ମହାରାଜାଙ୍କୁ ହରାଇ ସେପରି ସନ୍ତପ୍ତ ହେବୁ । ତୁଳସୀଦାସଙ୍କ ନିମ୍ନୋକ୍ତ ପଦଟି ସେ ଆବୃତ୍ତି କରିଥିଲେ—
"ଜହାଁ ରାମ ତହଁ ସବୁଇ ସମାଜ । ବିନୁ ରଘୁବୀର ଅବଧ ନହିଁ କାଜୁ"
ଅର୍ଥାତ୍ ଯେଉଁଠାରେ ରାମ ରହନ୍ତି ସେଠି ସାରା ସମାଜ ଉଣ୍ଟିରହେ ତାଙ୍କ ଅଭାବରେ ଆମମାନଙ୍କର କି କାର୍ଯ୍ୟ କରିବାକୁ ଅଛି ।

Digitized by PPRACHIN, SOA

ମାତ ବହାର ଗଭର୍ଣ୍ଣରଙ୍କ ଇଙ୍ଗିତରେ ସ୍ଥିର କରାଯାଇଥିଲା । ଏ ଦୃଷ୍ଟିରୁ ବିଚାର କଲେ ବିହାର ସରକାରଙ୍କର ଇଚ୍ଛା ଅନିଚ୍ଛା ହିଁ ସେହି ତଥାକଥିତ ରାଜାମାନଙ୍କଠାରେ ପ୍ରକଟିତ ହେଉଥିଲା । ତା' ସାଙ୍ଗକୁ ଯେତେବେଳେ ଆଦିବାସୀ ନେତାମାନେ ସେଠାରେ ସୀମା ନିର୍ଦ୍ଦେଶକ କମିଟି ଆଗରେ ସଙ୍ଗବଦ୍ଧ ଭାବେ କଳାପତାକା ଦେଖାଇ ଓଡ଼ିଶାରେ ସେ ଅଞ୍ଚଳର ମିଶ୍ରଣ ବିରୁଦ୍ଧରେ ତାଙ୍କର ବିକ୍ଷୋଭ ପ୍ରକାଶ କଲେ, ସେତେବେଳେ **O' Donnel** କମିଟି ସିଂହଭୂମିର କୌଣସି ଅଂଶ ଓଡ଼ିଶାରେ ଯୋଗ କରିବାକୁ ସୁପାରିଶ କରି ପାରିଲେ ନାହିଁ ।

ଏହାପରେ ଜାନୁଆରୀ ପ୍ରଥମ ସପ୍ତାହରେ ମହାରାଜା କଟକ ଯାଇଥାନ୍ତି । ସେଠାରେ ସୀମା ନିର୍ଦ୍ଦେଶକ କମିଟି ସମ୍ମୁଖରେ ଶେଷ ପର୍ଯ୍ୟାୟରେ ଓଡ଼ିଆମାନଙ୍କ ପକ୍ଷରୁ ମହାରାଜା ଏବଂ ଆନ୍ଧ୍ରମାନଙ୍କ ପକ୍ଷରୁ ନରସିଂହ ରାଜ, ସାକ୍ଷ୍ୟ ଦେବାର କଥା ଥିଲା । ଏଣୁ ଜାନୁଆରୀ ୧୧ ତାରିଖ ୧୯୩୨ ସାଲରେ ଗୋଟିଏ ଟେଲିଗ୍ରାମ ପାଇ ଦେଓ୍ୱାନ ଅନନ୍ତରାମ ରଥ ମୋତେ ଶ୍ୟାମ ସୁନ୍ଦର ଗନ୍ତାୟତଙ୍କୁ ଓ ହରିଲାଲ ବର୍ଦ୍ଧନଙ୍କୁ ଡାକି କହିଲେ ଯେ, ଆଜି ରାତି ୧୦ଟାବେଳେ ଏଠାରୁ ତୁମେ **Rolls roys**ରେ ବସି କଟକ ଯିବାକୁ ଟେଲିଗ୍ରାମ ଦେଇଛନ୍ତି । ତେଣୁ ତୁମେ ପ୍ରସ୍ତୁତ ହୋଇଆସ ଓ ମହାରାଜାଙ୍କ ସାକ୍ଷ୍ୟ ପାଇଁ ଯାହାସବୁ କାଗଜପତ୍ର ଓ ବହିଗୁଡ଼ିକ ନେବା ଆବଶ୍ୟକ ତାହା ସାଙ୍ଗରେ ଧରି ଆସ । ସେଦିନ ରାତିରେ ଠିକ୍ ୧୦ଟା ବେଳେ ଆମେ ବାହାରିଲୁ । ଭୀଷଣ ଶୀତଦିନିଆ ରାତି । କିନ୍ତୁ **Rolls roys**ର ଝରକାଗୁଡ଼ିକ ବନ୍ଦ କରିଥିବାରୁ ଆମେ ଆଦୌ କଷ୍ଟ ଅନୁଭବ କରୁନଥିଲୁ । ଡ୍ରାଇଭର ଗୋବିନ୍ଦସ୍ୱାମୀ ଥିଲେ ମାନ୍ଦ୍ରାଜର ଜଣେ ଅତି ଉଚ୍ଚ ତାଲିମପ୍ରାପ୍ତ ଚାଳକ । ତେଣୁ ଆମେ ନିଶ୍ଚିନ୍ତରେ ସେହି ଗାଡ଼ି ଭିତରେ ଟିକିଏ ଶୋଇବାକୁ ଚେଷ୍ଟାକଲୁ । ଭୀଷଣ ଗତିରେ ଗାଡ଼ି ଚାଲିଥାଏ, ପ୍ରାୟ ୮୦ ମାଇଲ ସ୍ପିଡ଼ରେ । କାରଣ ଠିକ୍ ରାତି ପାହିଲା ବେଳକୁ ଆମେ ଯେପରି କଟକରେ ପହଞ୍ଚିବୁ । ହଠାତ୍ ଗୋଟିଏ ସ୍ଥାନରେ ପାହାଡ଼ଟିଏ ଦେଇ ଗାଡ଼ି ଚାଲିଥିଲା ବେଳେ କୁହୁଡ଼ିଯୋଗୁ ଆଗର କାଚ ପ୍ଲେଟଟି ଝାପ୍ସା ଧଳା ହୋଇଯିବାରୁ ଡ୍ରାଇଭରଙ୍କୁ ଆଦୌ ରାସ୍ତା ଦେଖାଗଲା ନାହିଁ । ଯେଉଁ ସମୟର କଥା କୁହାଯାଉଛି, ସେତେବେଳେ ଟ୍ରଙ୍କ ରୋଡ଼ର ଅବସ୍ଥା ଆଜିପରି ନ ଥିଲା । ତାହା ସଙ୍କୀର୍ଣ୍ଣ ଓ ମୋହରମ ଗୋଡ଼ିରେ ନିର୍ମିତ । ଏପରି ଅବସ୍ଥାରେ ହାଇସ୍ପିଡ଼ରେ ଗତି କରୁଥିଲାବେଳେ ହଠାତ୍ ତୁଷାରପାତ ଫଳରେ ଡ୍ରାଇଭର ରାସ୍ତା ଜାଣି ନ ପାରି ଗାଡ଼ିରେ ବ୍ରେକ ଦେଲେ । ସେତେବେଳେ ତାହା ରାସ୍ତାରେ ଘୋଷାରି ହୋଇ ପ୍ରାୟ ୧୦।୧୨ ହାତ ଆଗକୁ ଚାଲିଯାଇଥାଏ । ଆମେ ଆଗକୁ ଝୁଙ୍କି ହୋଇ ପଡ଼ିଲୁ । ତଳକୁ ଓହ୍ଲାଇ ଦେଖିଲୁ ଯେ, ଗୋଟିଏ ପାହାଡ଼ ଉପରେ ସଙ୍କୀର୍ଣ୍ଣ ରାସ୍ତାର ଠିକ୍ ନାସୀକୁ ଲଗି ଗାଡ଼ି ଅଟକି ରହିଛି । ଆଉ ହାତେ ଆଗକୁ ଗଲେ ପାହାଡ଼ ତଳକୁ କେତେଶହ ଫୁଟ ତଳେ ଓଲଟି ପଡ଼ନ୍ତା ।

Digitized by PPRACHIN, SOA

ଈଶ୍ୱରଙ୍କୁ ଧନ୍ୟବାଦ ଦେଇ ଆମେ ଯେତେବେଳେ ଗାଡ଼ିଭିତରେ ଆସି ବସିଲୁ ଅଧ୍ୟାପକ ବର୍ଦ୍ଧନ କହିଲେ ଆମର ଦେଶମିଶ୍ରଣ କାର୍ଯ୍ୟ ନିଶ୍ଚୟ ଫଳବତୀ ହେବ, ତା' ନ ହେଲେ ଆମେ ଏଇଠାରେ ସମସ୍ତେ ଆଜି ପ୍ରାଣ ହରାଇଥାନ୍ତେ। ସକାଳ ୮ଟାବେଳେ କାଠଯୋଡ଼ିର ଅସ୍ଥାୟୀ କାଠପୋଲ ଉପର ଦେଇ ଆମେ କଟକରେ ପହଞ୍ଚିଲୁ। ସେଦିନ ଅପରାହ୍ଣ ବେଳେ ବାରବାଟି କିଲ୍ଲାରେ ମହାରାଜାଙ୍କର ସାକ୍ଷ୍ୟ ଗ୍ରହଣ କରାଗଲା। ଆମ୍ଭେମାନେ ଗୋଟିଏ ବସ୍ତ୍ରାବାସ ପକାଇ ସେଠାରେ ଅପେକ୍ଷା କରିଥାଉ। ମହାରାଜାଙ୍କଠାରୁ ମଝିରେ ମଝିରେ ଗୋଟିଏ ଗୋଟିଏ ସ୍ଲିପ ବା ଚିଠି ଆସେ, କିଛି କାଗଜପତ୍ର ବା ପୁସ୍ତକ ପଠାଇବାକୁ। ଏଥିପାଇଁ ଯାହାସବୁ ଦରକାରୀ ତଥ୍ୟ ମୋ ଜିମାରେ ରହିଥିଲା, ମୁଁ ତାହା ସଜାଇ ଟେଣ୍ଟ ଭିତରେ ରଖିଥାଏ। ଆବଶ୍ୟକ ଅନୁଯାୟୀ ତାହା ଚପରାସୀ ହାତରେ ମହାରାଜାଙ୍କଠାକୁ ପଠାଇ ଦିଏ। ଆମ ତିନିଜଣଙ୍କ ବ୍ୟତୀତ ଧର୍ମକୋଟ ରାଜା ମଦନ ମୋହନ ସିଂହଦେଓ ଏବଂ ଚିକିଟିର ରାଜା ଗୌରଚନ୍ଦ୍ର ଦେବ ମଧ୍ୟ ସେଠାକୁ ଆସିଥିଲେ। ଧର୍ମକୋଟ ରାଜାଙ୍କର ଆଖି ଲୋତକପୂର୍ଣ୍ଣ ଦେଖି ମୁଁ ତାଙ୍କୁ ପଚାରିଲି, "ଆପଣଙ୍କ ଆଖିରେ କ'ଣ ଲାଗିଲା କି? ସେ ରୁମାଲରେ ମୁହଁ ପୋଛିଦେଇ କହିଲେ, "ନାହିଁ ବାବୁ! ମୋର ଆଜି ସ୍ମରଣ ହେଉଛି, ଏହି ଆମର ଗଜପତି ରାଜା କେତେ ଦୁଃଖକଷ୍ଟ ସହି ଓଡ଼ିଆ ଜାତିଙ୍କ ପାଇଁ ଏଠାରେ କାମ କରୁଛନ୍ତି। ଅଥଚ ଆମେ କେତେଜଣ ଜମିଦାର ପ୍ରାସାଦରେ ବସି ଅଭ୍ୟାସ କରୁଛି, ବିଳାସରେ କାଳକାଟୁଛୁ। ଏକଥା ମନରେ ପଡ଼ି ହେଉଛି।" ତାଙ୍କର ଏକଥା ଶୁଣି ମୁଁ ଭାବିଲି, କି ଦେଶପ୍ରାଣତା ତାଙ୍କ ହୃଦୟରେ ପୂରି ରହିଛି? ଆଜି ଦୀର୍ଘ ୨୫ ବର୍ଷପରେ ସେ କଥା ଭାବିଲାବେଳକୁ ହୃଦୟରେ କୋହ ଉଠୁଛି। ଯେଉଁ ଜାତିପାଇଁ ଆମର ନେତାମାନେ ଏତେ ଦୁଃଖ କଷ୍ଟ ଭିତରେ ଜଡ଼ିତ ହୋଇ କାର୍ଯ୍ୟ କରୁଥିଲେ, ଯେଉଁମାନଙ୍କର ଅଦମ୍ୟ ଚେଷ୍ଟାରେ ଆମେ ନିଜର ପ୍ରଦେଶ ପାଇଛୁ, ପୁଣି ଯାହାଲାଗି ଆମର ଭାଷା ଓ ସଂସ୍କୃତି ଆଜି ବଞ୍ଚିରହିଲା ସେମାନଙ୍କର ଉପଯୁକ୍ତ ଦାୟାଦ ହୋବାପାଇଁ ଆଜି ଆମେ କ'ଣ କରିଛୁ?

ଜାନୁଆରୀ ୧୩ ତାରିଖ ଦିନ ଏହି ସାକ୍ଷ୍ୟ ସରିଲା ପରେ ମହାରାଜାଙ୍କ ସଙ୍ଗେ ଆମେ ସମସ୍ତେ କଟକର କେଉଁଝରର କୋଠିକୁ ଫେରିଆସିଲୁ। ସେଠାରେ ଆମେ ମହାରାଜାଙ୍କ ସଙ୍ଗେ ରହିଥାଉ। ସେଦିନ ସନ୍ଧ୍ୟା ୫ଟା ବେଳେ ଆଉଥରେ ସାକ୍ଷ୍ୟ ନିଆଗଲା। ମହାରାଜା ଫେରିଆସି ଆନନ୍ଦର ସହିତ ଆମ୍ଭମାନଙ୍କୁ କହିଲେ ଯେ, ତାଙ୍କର ସାକ୍ଷ୍ୟ ନରସିଂହ ରାଜୁଙ୍କଠାରୁ ବହୁ ପରିମାଣରେ ପ୍ରଶଂସିତ ଓ ଗୃହୀତ ହୋଇପାରିଛି।

Digitized by PPRACHIN, SOA

ଏହା ଫୁକାନ ଓ ମେହେଟାଙ୍କର କଥାରୁ ସ୍ପଷ୍ଟ ଜଣା ପଡ଼ୁଛି । * ପାରଳା, ଟିକଲି, ମଞ୍ଜୁଷା ଓ ଜୟପୁର ମଧ୍ୟ ଓଡ଼ିଶାରେ ମିଶିବ ବୋଲି ମୁଁ ଆଶା କରୁଛି । ଆଗଦିନ ମହାରାଜା ଆମକୁ ଶୁଣାଇଥିଲେ ଯେ, କମିଟିର ଚେୟାରମ୍ୟାନ O. Donnel ପାରଳାଖେମୁଣ୍ଡିକୁ ଓଡ଼ିଶାରେ ମିଶାଇବା ବିରୁଦ୍ଧରେ ମତ ଦେଇଛନ୍ତି । ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର ଷ୍ଟେଟମେଣ୍ଟ ପ୍ରସ୍ତୁତ କରିବାକୁ ହେବ । ସେଦିନ ବାରଟା ପର୍ଯ୍ୟନ୍ତ ବସି ମୁଁ ତାହା ସମ୍ପୂର୍ଣ୍ଣ କରିଥିଲି, ପୁଣି ଗନ୍ତାୟତଙ୍କ ଦ୍ୱାରା ସେଥିର ଭାଷା ସଂଶୋଧନ କରାଇ ଟାଇପ୍ କରି ମହାରାଜାଙ୍କୁ ଦେଇ ଆସିଥିଲି ।

ସେ ବର୍ଷ ଫେବୃୟାରୀ ପହିଲରେ ମହାରାଜା ମାନ୍ଦ୍ରାଜ ଯାଇ ସେଠାରେ ଗଭର୍ଣ୍ଣରଙ୍କ ସଙ୍ଗେ ଦେଖା କରିଥିଲେ ଏବଂ ତାଙ୍କର ସହାନୁଭୂତି ପାଇବାକୁ ଚେଷ୍ଟା କରିଥିଲେ । ମାନ୍ଦ୍ରାଜରୁ କୌଣସି ପ୍ରକାର ସହାନୁଭୂତି ନ ପାଇବାରୁ ସେ ସଙ୍ଗେ ସଙ୍ଗେ ସେଠାରୁ ଦିଲ୍ଲୀ ଯାତ୍ରା କଲେ । ତାଙ୍କ ସଙ୍ଗେ ମୋ ନନା ମଧ୍ୟ ଯାଇଥାନ୍ତି । ସେ ମାସ ୧୫ ତାରିଖ ଦିନ ଦିଲ୍ଲୀରୁ ଫେରିଆସି ଉତ୍କଳ ସମ୍ମିଳନୀର ଗୋଟିଏ ସ୍ୱତନ୍ତ୍ର ଅଧିବେଶନ ବ୍ରହ୍ମପୁରଠାରେ ଡକାଇବାକୁ ପ୍ରସ୍ତାବ କରୁଥିଲେ । ୧୩ ତାରିଖ ମାର୍ଚ୍ଚ ଦିନ ଆମେ ମାନ୍ଦ୍ରାଜର 'ହିନ୍ଦୁ' ପତ୍ରିକାରେ Associated Press ର News Column ରେ ଲେଖାଥିବାର ଦେଖିଲୁ ଯେ—ସୀମାନିର୍ଦ୍ଦେଶ କମିଟି ଟିକଲି, ପାରଳା, ମଞ୍ଜୁଷା ପ୍ରଭୃତି ଓଡ଼ିଆ ଜମିଦାରୀ ଅଞ୍ଚଳ ସମେତ ଜୟପୁରକୁ ଛାଡ଼ି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ସୁପାରିଶ କରିଛନ୍ତି । ଏହି ସମ୍ବାଦଟି ଆମେ ଦେଖିବାକ୍ଷଣି ସେ ପତ୍ରିକାଟି ମହାରାଜାଙ୍କ ନିକଟକୁ ପଠାଇଦେଲୁ । ଆମେ ଏହି ସମ୍ବାଦ ପାଇ ହତାଶ ହୋଇ ପଡ଼ିଲୁ । ଆନ୍ଦୋଳନ ପୁଣି ତୀବ୍ରତର କରିବାକୁ ବିଭିନ୍ନ ଦିଗରୁ ଚେଷ୍ଟା କରାଗଲା ।

---

* ଯେତେବେଳେ ସୀମାନିର୍ଦ୍ଦେଶ କମିଟିର ରିପୋର୍ଟ ପ୍ରକାଶିତ ହେଲା, ସେଥିର ୬୨ ପୃଷ୍ଠାରେ ପାରଳାର ମିଶ୍ରଣ ସପକ୍ଷରେ ମେହେଟା ଓ ଫୁକାନ ତାଙ୍କର ସ୍ୱତନ୍ତ୍ର ନୋଟ୍ ଦେଇ ଲେଖିଲେ :— "In determining the boundaries of the new province in the basis stated above we are unanimous in our recommendations except on the question of the inclusion of the Parlakhimundi Zamindari ···· " ସେହି ରିପୋର୍ଟର ୬୮ ପୃଷ୍ଠାରେ ସେ ଦୁଇଜଣ କମିଟି ସଭ୍ୟ ତାଙ୍କର ଅଭିମତ ସ୍ପଷ୍ଟ କରି ଲେଖିଲେ" ··· We, for the reasons stated above, do recommend that the Parlakhemudi Zamindari should also be included within the boundary suggested by us. "

Digitized by PPRACHIN, SOA

ସେ ବର୍ଷ ଅଗଷ୍ଟ ମାସରେ ଲକ୍ଷ୍ମୀନାରାୟଣ ସାହୁଙ୍କ ଉଦ୍ୟମରେ ଗୋଟିଏ ସାହିତ୍ୟ ସମ୍ମିଳନୀ ଇଚ୍ଛାପୁରଠାରେ ସୁରଙ୍ଗୀ ରାଜପ୍ରାସାଦରେ ଅନୁଷ୍ଠିତ ହେଲା । ଏଥିରେ ଉତ୍କଳର ବିଭିନ୍ନ ଅଞ୍ଚଳରୁ ସାହିତ୍ୟିକମାନେ ଏବଂ ବହୁ ରାଜନୈତିକ ନେତା ମଧ୍ୟ ଯୋଗ ଦେଇଥିଲେ । ମୋର ମନେ ପଡ଼ୁଛି ଶ୍ରୀଯୁକ୍ତ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ସଙ୍ଗେ କଟକର କେତେଜଣ ବିଶିଷ୍ଟ ଲେଖକଙ୍କର ସଙ୍ଗେ ସେଠାରେ ମୋର ପ୍ରଥମ ପରିଚୟ ହୋଇଥିଲା । ଉକ୍ତ ସଭାରେ ମୁଁ ଗୋଟିଏ ଲିଖିତ ପ୍ରବନ୍ଧ ପାଠ କରିଥିଲି । ସେଥିର ବିଷୟ ହେଉଛି 'ଓଡ଼ିଶାରେ ଐତିହାସିକ ଗବେଷଣା ସମିତି ପ୍ରତିଷ୍ଠା' । ମୋ ପ୍ରସ୍ତାବ କ୍ରମେ ଓଡ଼ିଶା ଦେଶମିଶ୍ରଣ ସମ୍ପର୍କରେ 'ହିନ୍ଦୁ' ପତ୍ରିକାରେ ଯାହା ପ୍ରକାଶ ହୋଇଥିଲା ତାକୁ ଆଧାର କରି ଓଡ଼ିଶାରେ ଗୋଟିଏ ତୀବ୍ର ଆନ୍ଦୋଳନ ସୃଷ୍ଟି କରିବାକୁ ସମସ୍ତେ ସ୍ଥିର କଲେ । ଅଗଷ୍ଟ ୧୪ ତାରିଖ ଦିନ ଆମେ ପାରଳାଖେମୁଣ୍ଡିଠାରେ ଗୋଟିଏ ଆଲୋଚନା ସଭାର ଆୟୋଜନ କଲୁ । ସେଥିରେ ବ୍ରହ୍ମପୁରରୁ ଆଡ଼ଭୋକେଟ୍ ଦଗମ୍ବର ରଥ, 'ଆଶା' ପତ୍ରିକାର ସମ୍ପାଦକ ଶଶୀଭୂଷଣ ରଥ, ରଘୁନନ୍ଦନ ଗନ୍ତାୟତ ଓ ଦୀନବନ୍ଧୁ ଦାସ ପ୍ରଭୃତି ଉତ୍କଳମାନେ ଯୋଗ ଦେଇଥିଲେ । ଆମର ଆଲୋଚନା ପରେ ସମସ୍ତେ ମିଶି ମହାରାଜାଙ୍କ ସଙ୍ଗେ ଦେଖା କଲୁ । ସେଠାରେ ସ୍ଥିର ହେଲା ଯେ, ଅଗଷ୍ଟ ୨୧ ତାରିଖ ଦିନ ବ୍ରହ୍ମପୁରଠାରେ ଉତ୍କଳ ସମ୍ମିଳନୀର ଗୋଟିଏ ସ୍ୱତନ୍ତ୍ର ଅଧିବେଶନ ହେବ ଓ ସେଥିରେ ଜୟପୁରର ମହାରାଜା ବିକ୍ରମଦେବ ବର୍ମା ସଭାପତିତ୍ୱ କରିବେ । କିନ୍ତୁ ପରେ ଜୟପୁର ମହାରାଜା ଏହି ସମ୍ମିଳନୀରେ ଯୋଗ ଦେବାକୁ ଅସମର୍ଥ ହେବାରୁ କଟକର ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି ସେଥିରେ ପୌରୋହିତ୍ୟ କରିଥିଲେ ।

ଅଗଷ୍ଟ ୨୦ ତାରିଖ ପାରଳାରୁ ପ୍ରାୟ ୮୦ ଜଣଙ୍କୁ ସଙ୍ଗରେ ଧରି ରାତି ୧୧ଟାରେ ଆମ୍ଭେ ବ୍ରହ୍ମପୁରରେ ପହଞ୍ଚିଲୁ । ଆଡ଼ଭୋକେଟ ଦୀନବନ୍ଧୁ ଦାସଙ୍କ ଘରେ ମୁଁ ରହିଥାଏ । ସେଦିନ ବିଭିନ୍ନ ବିଷୟରେ ଆଲୋଚନା କରୁ କରୁ ରାତି ପାହି ଯାଇଥିଲା । ପ୍ରାୟ ପ୍ରଭାତ ୪ଟାରେ ମୋଟେ ଅଢ଼େଇ ଘଣ୍ଟା ମୁଁ ଶୋଇଥିଲି । ବ୍ରହ୍ମପୁର ଟାଉନ ହଲରେ ୨୧ ତାରିଖ ସକାଳେ ବିଷୟ ନିର୍ବାଚନ କମିଟିର ବୈଠକ ବସିଲା । ମୋତେ ଗୋଟିଏ ପ୍ରସ୍ତାବର ସମର୍ଥକ ରୂପେ କିଛି କହିବାକୁ ଦିଆଯିବାରୁ କେତେକ ବିଷୟରେ ନୋଟ୍ ପ୍ରସ୍ତୁତ କରିବା ପାଇଁ ୧୧ଟା ବେଳେ ମୁଁ ଦୀନବନ୍ଧୁ ଦାସଙ୍କ ବସାକୁ ଫେରିଆସିଥିଲି । ଅପରାହ୍ଣ ୨ଟାରେ ସମ୍ମିଳନୀର କାର୍ଯ୍ୟ ଆରମ୍ଭ ହେଲା । ଏହି ସମ୍ମିଳନୀର ପ୍ରସ୍ତାବ ଅନୁସାରେ ଗୋଟିଏ ଡେପୁଟେସନ ମହାରାଜାଙ୍କ ନେତୃତ୍ୱରେ ଭାଇସରାୟଙ୍କୁ ଦିଆଯିବାକୁ ଠିକ୍

Digitized by PPRACHIN, SOA

କରାଗଲା । * ପୁଣି ସେହି ଡେପୁଟେସନର ବିଷୟବସ୍ତୁ ସଂଗ୍ରହ କରିବା ଭାର ମୋ ଉପରେ ପଡ଼ିଲା, ପୁଣି ତାହା ଲେଖିବା ଭାର ଭୁବନାନନ୍ଦ ଦାସ ଗ୍ରହଣ କଲେ ।

ବ୍ରହ୍ମପୁରଠାରୁ ଭୁବନାନନ୍ଦ ଦାସଙ୍କଠାକୁ ଗୋଟିଏ ଟେଲିଗ୍ରାମ ପଠାଗଲା । ସେ ଆଡ଼ଭୋକେଟ୍ ଉଗମୁର ରଥଙ୍କ ସଙ୍ଗେ ମିଶି ଅଗଷ୍ଟ ୨୪ ତାରିଖରେ ପାରଲାଖେମୁଣ୍ଡିରେ ପହଞ୍ଚିଲେ । ମହାରାଜାଙ୍କର ଗେଷ୍ଟହାଉସରେ ତାଙ୍କୁ ବସା ଦିଆଗଲା । କାରଣ ଆମେ ପାରଲାଖେମୁଣ୍ଡିରେ ଦେଶମିଶ୍ରଣ ସମ୍ପର୍କରେ ଓଡ଼ିଆଙ୍କ ପକ୍ଷରୁ ଯାହା ଯାହା କରୁଥାଉ ସେକଥା ଜାଣିବାକୁ ଆମ ପଛରେ ଆନ୍ଧ୍ରମାନଙ୍କର ଗୁପ୍ତଚର ଲାଗିଥାନ୍ତି । ଏପରିକି ମାନ୍ଦ୍ରାଜ ସରକାରଙ୍କ C. I. D. ସଂସ୍ଥା ମଧ୍ୟ ଏ କାର୍ଯ୍ୟରେ ନିଯୁକ୍ତ ହୋଇଥାନ୍ତି । ମହାରାଜାଙ୍କର ସମସ୍ଥାନ କଚେରୀରେ ଯେଉଁ ତେଲୁଗୁ କର୍ମଚାରୀମାନେ କାମ କରୁଥିଲେ ସେମାନେ ମୁହଁରେ ସାହସ କରି କିଛି न କହିଲେ ସୁଦ୍ଧା ଭିତରେ ଆମ କାର୍ଯ୍ୟାବଳୀ ସବୁ ତାଙ୍କୁ ଜଣାଇ ଦେଉଥାନ୍ତି । ଏ ସବୁ ଦୃଷ୍ଟିରୁ ଆମକୁ ଅତି ସାବଧାନତାର ସହିତ କାର୍ଯ୍ୟ କରିବାକୁ ପଡ଼ୁଥିଲା । ଏଣୁ ମହାରାଜାଙ୍କର ଗେଷ୍ଟହାଉସ ଗୋଟିଏ ନିରୋଳା ଜାଗାରେ ଥିବାରୁ ସେଠାରେ ଆମେ ସ୍ମାରକପତ୍ରଟି ଲେଖିବାକୁ ସ୍ଥିର କଲୁ । ଭୁବନାନନ୍ଦ ଦାସଙ୍କ ରହିବା କୋଠରିଟି ବାହାରୁ ବନ୍ଦ କରିଦେଇ ମୁଁ, ଶ୍ରୀ ଦାସ ଏବଂ ଜଣେ ତାମିଲ୍ ଷ୍ଟେନୋ ଟାଇପିଷ୍ଟ କାମ ଆରମ୍ଭ କରି ଦେଲୁ । ମହାରାଜାଙ୍କ କଚେରୀରେ ଦୁଇଜଣ ଆନ୍ଧ୍ର ଟାଇପିଷ୍ଟ କାମ କରୁଥାନ୍ତି । କିନ୍ତୁ ଆମ କାର୍ଯ୍ୟ ପାଇଁ ମହାରାଜାଙ୍କୁ ଜଣାଇ ମାନ୍ଦ୍ରାଜରୁ ଜଣେ ତାମିଲିଆନକୁ ଅଣାଇ ଏ

---

* ଏହି ଡେପୁଟେସନ ସିମିଳାଠାରେ ୧୭ । ୯ । ୩୨ରେ ଭାଇସ୍‌ରାୟଙ୍କୁ ଦେଖା କଲେ । ଏଥିରେ Reform Commissioner Lewis ଥିଲେ । ପୂର୍ବାହ୍ଣ ୯ ୧୧ ୩୦ ମିନଟ୍‌ରେ ଏହି ଡେପୁଟେସନ ୧୪ ଜଣ ଓଡ଼ିଆ ନେତାଙ୍କୁ ନେଇ ସାକ୍ଷାତ୍ କଲା । ପାରଲାଖେମୁଣ୍ଡି ମହାରାଜା ଓ ଭୁବନାନନ୍ଦ ଦାସ ଭାଇସ୍‌ରାୟଙ୍କୁ ବୁଝାଇ ଓଡ଼ିଶା ପ୍ରଦେଶର ସମସ୍ୟା ଅବଗତ କରିଥିଲେ । ଯେଉଁ ୧୪ ଜଣ ମେମ୍ବର ଏଥିରେ ଥିଲେ । ସେମାନେ ହେଉଛନ୍ତି— (୧) ପାରଲାଖେମୁଣ୍ଡି ମହାରାଜା ଏମ୍.ଏଲ୍.ଏ,(୨) ଭୁବନାନନ୍ଦ ଦାସ, (୩) ବି. ଏନ୍ ମିଶ୍ର ଏମ୍ ଏଲ୍.ଏ, (୪) ପାରିକୁଦ ରାଜା,(୫) ମଧୁପୁର ରାଜା, (୬) ଚୌଧୁରୀ ରାଧାକାନ୍ତ ମିଶ୍ର (ଭିଙ୍ଗାର ପୁର),(୭) ଲକ୍ଷ୍ମୀ ନାରାୟଣ ସାହୁ,(୮) ଯୋଗେନ୍ଦ୍ର ନାରାୟଣ ଅଗ୍ରୱାଳ (ସିଂହଭୂମି), (୯) ଅଚ୍ୟୁତାନନ୍ଦ ପୁରୋହିତ (ସମ୍ବଲପୁର), (୧୦) ମଧୁସୂଦନ ପାଣିଗ୍ରାହି (ଗଞ୍ଜାମ),(୧୧) ଲିଙ୍ଗରାଜ ପାଣିଗ୍ରାହି (ଗଞ୍ଜାମ),(୧୨) ଶ୍ୟାମସୁନ୍ଦର ଗନ୍ତାୟତ ( ଗଞ୍ଜାମ ), ( ୧୩ ) ଗୋବିନ୍ଦ ସାମନ୍ତରାୟ ( ଜୟପୁର ) ଏବଂ (୧୪) କୋଙ୍କୁଟେ ଦଉ (ଅନୁଗୁଳ) ।

ଗି

Digitized by PPRACHIN, SOA

କାର୍ଯ୍ୟରେ ଲଗାଇଥିଲୁ । ଏଠାରେ କହିବା ଆବଶ୍ୟକ ଯେ ସେତେବେଳେ ମାନ୍ଦ୍ରାଜ ସହରରେ ତାମିଲ ଏବଂ ଆନ୍ଧ୍ରମାନଙ୍କ ମଧ୍ୟରେ ଘୋର ବିବାଦ ସୃଷ୍ଟି ହୋଇଥାଏ । ତାମିଲମାନେ ଓଡ଼ିଆଙ୍କ ବିରୁଦ୍ଧରେ କିଛି କରୁ ନ ଥିଲେ । ତେଣୁ ଏପରି ବ୍ୟବସ୍ଥା ଆମକୁ କରିବାକୁ ହେଲା । ଅଳ୍ପ କାଳ ମଧ୍ୟରେ ଦୀର୍ଘ ସ୍ମାରକପତ୍ରଟି ଇଂରାଜୀରେ ପ୍ରସ୍ତୁତ ହୋଇ ଛପା କାମ ସରିବା ଦରକାର । ଏଣୁ ମୁଁ ଯେଉଁ ଟିପପ୍ପଣୀଗୁଡ଼ିକ ଆଗରୁ ପ୍ରସ୍ତୁତ କରିଥିଲି, ତାକୁ ଆଧାର କରି ଯଥାବିହିତ ଭାବେ ଭୁବନାନନ୍ଦ ଦାସ ଇଂରାଜୀରେ ସ୍ମାରକପତ୍ରଟି ଲେଖି ଯାଉଥାନ୍ତି ଏବଂ ସଙ୍ଗେ ସଙ୍ଗେ ତାହା ଟାଇପ ହେଉଥାଏ । ବିଷୟବସ୍ତୁ ଯୋଗାଇବା, ମେମୋରେଣ୍ଡମ ଲେଖିବା ଓ ତାହା ଟାଇପ ହେବା ଉପରୋକ୍ତ-ଯାକ କାମ ଏକା ସାଙ୍ଗରେ ଚାଲିଥାଏ । ଏପରି ଚଞ୍ଚଳ ଗୋଟିଏ ବିରାଟ ସ୍ମାରକପତ୍ର ପ୍ରସ୍ତୁତ କରିବା ମୋ ଜୀବନରେ କେବେ ଅନୁଭୂତ ହୋଇନାହିଁ । ଦୁଇଦିନ ମଧ୍ୟରେ ଆମର ସେ କାମ ସରିଗଲା । ମହାରାଜାଙ୍କୁ ଆମେ ଦୁହେଁ ତାହା ଶୁଣାଇ ଦେଲୁ ଏବଂ ତାଙ୍କର ନିର୍ଦ୍ଦେଶମତେ ମେମୋରାଣ୍ଡମଟି ବ୍ରହ୍ମପୁର ନବୀନ ପ୍ରେସ୍‌ରେ ଛପାଇ ଆଣିବା ଭାର ମୋତେ ଦିଆଗଲା । ମୋର ବନ୍ଧୁ ମହାଶୟ ଯୁବରାଜ ଯେ କି ନବୀନ ଓ ଶିଶିର ପତ୍ରିକାର ସମ୍ପାଦକ ସେ ମହାରାଜାଙ୍କୁ ଯଥେଷ୍ଟ ଭକ୍ତି ଓ ଆଦର କରୁଥାନ୍ତି । ତାଙ୍କର ନିର୍ଦ୍ଦେଶକ୍ରମେ ଛାପାଖାନାର ଅନ୍ୟ ସମସ୍ତ କାମ ବନ୍ଦ କରି ଦେଇ କମ୍ପୋଜିଟରମାନଙ୍କୁ ଏ କାର୍ଯ୍ୟରେ ସେ ଲଗାଇଦେଲେ । ଅଳ୍ପସମୟ ମଧ୍ୟରେ ମେମୋରାଣ୍ଡମ୍ ପ୍ରସ୍ତୁତ ହେଲା ଏବଂ ମହାରାଜାଙ୍କ ନେତୃତ୍ୱରେ ସିମଲାଠାରେ ଭାରତର ଭାଇସରାୟ ଲର୍ଡ଼ ଉଇଲିଂଟନ୍‌ଙ୍କୁ ୧୭ । ୯ । ୩୨ ତାରିଖ ଦିନ ସେହି ମେମୋରାଣ୍ଡମ୍‌ଟି ପ୍ରଦତ୍ତ ହେଲା । ମହାରାଜାଙ୍କ ସଙ୍ଗେ କଟକରୁ ମଧୁ ବ୍ରଜସୁନ୍ଦର ଦାସ, ଭୁବନାନନ୍ଦ ଦାସ ପ୍ରଭୃତି କେତେକ ନେତା ସିମଲା ଯାଇଥାନ୍ତି । ମୋର ସ୍ମରଣ ଅଛି ସେ ଦିନ ସନ୍ଧ୍ୟାରେ ଗୋଟିଏ ଟେଲିଗ୍ରାମ ଦେଇ ମହାରାଜା ଆମକୁ ଜଣାଇଲେ ଯେ ତାଙ୍କର କାର୍ଯ୍ୟ ସନ୍ତୋଷଜନକ ରୂପେ ଗୃହୀତ ହୋଇଛି ଏବଂ ଆମର ଅଭିଳାଷ ପୂର୍ଣ୍ଣ ହେବା ଖୁବ୍ ସମ୍ଭବ । ସେପ୍ଟେମ୍ବର ୨୩ ତାରିଖଦିନ ମହାରାଜା ପାରଳାଖେମୁଣ୍ଡିକୁ ଫେରି ଆସିଲେ ଏବଂ ଠିକ ସେଇଦିନ କଟକଠାରେ ଅନୁଷ୍ଠିତ ସାହିତ୍ୟ ସମାଜର ବାର୍ଷିକ ସଭାରେ ଇତିହାସ ବିଭାଗର ଆଲୋଚନାରେ ସଭାପତିତ୍ୱ କରିବାକୁ ମୁଁ ପାରଳାଖେମୁଣ୍ଡିରୁ ବାହାରିଥିଲି । ଏ ବିଷୟଟି ମୁଁ ଆଗରୁ ଲେଖି ଥିବାରୁ ସେଥିର ପୁନରାବୃତ୍ତି କରିବା ଅନାବଶ୍ୟକ । ତେବେ ଗୋଟିଏ କଥା କହିବାକୁ ମୁଁ ଭୁଲି ଯାଇଛି; ତାହା ହେଉଛି କଟକରେ ଭିକାରି ଚରଣ ପଟ୍ଟନାୟକଙ୍କ କୁଟିର ଶିଳ୍ପ । ସେଦିନ ଶନିବାର ୨୪ତାରିଖ ସେପ୍ଟେମ୍ବର ୧୯୩୨, ଡା. ରାଧାଚରଣ ପଣ୍ଡାଙ୍କ ପାଖରେ ଦେଖା ହୋଇଥିଲା । ସେତେବେଳେ ତାଙ୍କର ପ୍ରସ୍ତାବକ୍ରମେ ଆମେ ଦୁହେଁ ଭିକାରି ଚରଣ ପଟ୍ଟନାୟକଙ୍କ ବସାକୁ ଯାଇ ଅଭଙ୍ଗା କଣ୍ଢେଇ କିପରି କନା ଓ କାଗଜରେ ପ୍ରସ୍ତୁତ ହୁଏ ଏବଂ ତାହା ସୁନ୍ଦରଭାବେ ଚିତ୍ରିତ ହୋଇ କଣ୍ଢେଇ ପ୍ରସ୍ତୁତ ହୁଏ, ସେ ସବୁ ନୂଆରେ ଆବିଷ୍କାର

Digitized by PPRACHIN, SOA

କରିଥିବାରୁ ସେ ଆମକୁ ସେ ସମ୍ବନ୍ଧେ ବହୁତ କଥା ବୁଝାଇବାକୁ ଗଲେ । ମୋ ପାଇଁ ଗୋଟିଏ ସୁନ୍ଦର ଇଙ୍ଗରାଜ ମନ୍ଦିରର ନକ୍ସା ସେହି ପ୍ରଣାଳୀରେ ତିଆରି କରି ଦେଇଥିଲେ, ଯାହାକି ବହୁବର୍ଷ ପର୍ଯ୍ୟନ୍ତ ମୁଁ ଘରେ ସଜାଇ ରଖିଥିଲି । ଭିକାରୀ ବାବୁଙ୍କ ସାହିତ୍ୟିକ ପ୍ରତିଭା ଓଡ଼ିଶାରେ ଅଜ୍ଞାତ ନୁହେଁ । ସେ ଜଣେ ଉଚ୍ଚକୋଟିର ଓକିଲ ହୋଇ ମଧ୍ୟ ଏ ସବୁ ଜାତୀୟ କାର୍ଯ୍ୟରେ ଆତ୍ମନିୟୋଗ କରିଥିବାରୁ ତାଙ୍କର ଆର୍ଥିକ ଉନ୍ନତି ହୋଇପାରି ନଥିଲା । ତଥାପି ସେ ଅକ୍ଳାନ୍ତ ପରିଶ୍ରମ କରି ଓଡ଼ିଶାରେ କୁଟିର ଶିଳ୍ପର ଯେଉଁ ଆଦର୍ଶ ଦେଖାଇଥିଲେ ତାହା ଆମ ଜାତୀୟ ଇତିହାସର ଗୋଟିଏ ପୃଷ୍ଠାକୁ ରଞ୍ଜିତ କରି ରଖିବ ବୋଲି ମୁଁ ମନେ କରେ ।

ସେ ବର୍ଷ ମାନ୍ଦ୍ରାଜ ସରକାରଙ୍କ ପକ୍ଷରୁ ପ୍ରତି ତାଲୁକାରେ ଗୋଟିଏ ଗୋଟିଏ ନିର୍ବାଚିତ ତାଲୁକବୋର୍ଡ଼ ଗଠନ କରିବା ପ୍ରସ୍ତାବ ହୋଇଥିଲା । କାରଣ ଭାରତ ସରକାରଙ୍କ ପକ୍ଷରୁ ଲୋକପ୍ରତିନିଧି ଶାସନ କାର୍ଯ୍ୟ କେତେକାଂଶରେ ଭାରତୀୟଙ୍କୁ ଦିଆଯିବାର ମସୁଧା ହୋଇଥିବାରୁ ଏହି ତାଲୁକବୋର୍ଡ଼କୁ ସ୍ୱତନ୍ତ୍ରଭାବେ ଗଠନ କରିବା ବନ୍ଦୋବସ୍ତରେ ପ୍ରତି ରାଜ୍ୟରେ ଏପରି ତାଲୁକବୋର୍ଡ଼ମାନ ଗଠିତ ହେଲା । ଏଥିର ସର୍କଲଗୁଡ଼ିକ ନିର୍ଣ୍ଣୟ କରିବାଭାର ସମସ୍ଥାନ ଅଫିସ ଓ ମ୍ୟୁନିସପାଲିଟିମାନଙ୍କୁ ଦିଆଯିବାରୁ ପାରଲାଖେମୁଣ୍ଡି ତାଲୁକବୋର୍ଡ଼ର ନିର୍ବାଚନ ସକାଶେ ସର୍କଲଗୁଡ଼ିକର ସୀମା ନିର୍ଦ୍ଧାରଣ କରିବାପାଇଁ ମହାରାଜା ମୋତେ ଓ ବଳଭଦ୍ର ଦାସଙ୍କୁ ଭାର ଦେଇଥିଲେ । ଏ କାର୍ଯ୍ୟଟି ସମ୍ପୂର୍ଣ୍ଣ କରିବାପାଇଁ ପାରଲାଖେମୁଣ୍ଡିର ପ୍ରତି ଅଞ୍ଚଳର ଲୋକ ସଂଖ୍ୟା ଏବଂ ଭୌଗୋଳିକ ପରିସ୍ଥିତି ସମ୍ବନ୍ଧରେ ଗଭୀର ଆଲୋଚନା ଦରକାର । ଏଣୁ ଆମେ ଦୁହେଁ ମିଶି ପାରଲାର ତାଲୁକ ମାନଚିତ୍ର ସାହାଯ୍ୟରେ ସରକାରୀ ଦପ୍ତରରୁ କେତେକ କାଗଜପତ୍ର ଆଣି ତାହା ପୂର୍ଣ୍ଣ କରିବାକୁ ଲାଗିଗଲୁ । ୧୯୩୧ ମସିହାର ଜନଗଣନା ହିସାବକୁ ଆଧାର କରି ଏହି ତାଲୁକାରେ ଯେଉଁ ସବୁ ଓଡ଼ିଆ ଓ ତେଲେଙ୍ଗା ଗ୍ରାମଗୁଡ଼ିକ ରହିଛି ତାକୁ ଅନୁଧ୍ୟାନ କରି ଓଡ଼ିଆଙ୍କ ପ୍ରତିନିଧିତ୍ୱ ଯେପରି ତାଲୁକ-ବୋର୍ଡ଼ରେ କ୍ଷୁଣ୍ଣ ନ ହୁଏ, ସେପରି ସର୍କଲଗୁଡ଼ିକ ପ୍ରସ୍ତୁତ କଲୁ । ଯଥା ସମୟରେ ଆମର ମାନଚିତ୍ରଟି ସଙ୍ଗେ ପ୍ରତି ସର୍କଲର ସୀମା ସମେତ ଗ୍ରାମଗୁଡ଼ିକର ନାମ ଏବଂ ସେଥିର ଲୋକ ସଂଖ୍ୟା ଗୋଟିଏ ପରିଫେକ୍ଟ ଆକାରରେ ଲେଖି ଦେଓ୍ୱାନଙ୍କ ଦ୍ୱାରା ଗଞ୍ଜାମ କଲେକ୍ଟରଙ୍କ ଅଫିସକୁ ପଠାଇଲୁ । ଆମେ ଯେଉଁ ପ୍ରସ୍ତାବ ଦେଇଥିଲୁ, ତାହା ଆନ୍ଧ୍ରମାନଙ୍କର ପ୍ରତିକୂଳ ହେବାର ଆଶଙ୍କା କରି ସେମାନଙ୍କ ପକ୍ଷରୁ ମଧ୍ୟ ଆପତ୍ତି ହେଲା । କିନ୍ତୁ ତାଙ୍କଠାରେ ସେତେବେଳେ ତାଲୁକାର ଗ୍ରାମଗୁଡ଼ିକ ଏବଂ ସେଥିର ଜନସଂଖ୍ୟା ସମ୍ପର୍କୀୟ ହିସାବପତ୍ର ନ ଥିବାରୁ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ଗୋଟିଏ ଗ୍ରହଣଯୋଗ୍ୟ ପ୍ରସ୍ତାବ କିମ୍ବା ସେହି ସର୍କଲଗୁଡ଼ିକର ସଂଶୋଧନ କରିବାକୁ ସମର୍ଥ ହୋଇ ନ ଥିଲେ । ଦିନେ ମହାରାଜା ଆମକୁ ଡାକ କହିଲେ ଯେଉଁ ପ୍ରସ୍ତାବଟି ଆମେ

Digitized by PPRACHIN, SOA

ଦେଇଥିଲୁ ତାହାହିଁ ସରକାର ଗ୍ରହଣ କରିଛନ୍ତି । ଏଥିରେ ଆମେ ଆନନ୍ଦିତ ହେଲୁ ସତ; କିନ୍ତୁ ପାରଳାଖେମୁଣ୍ଡି ତାଲୁକାର ପ୍ରାୟ ୨/୩ ଅଂଶରେ ଆନ୍ଧ୍ରମାନେ ରହିଥିବାରୁ ଏହି ତାଲୁକବୋର୍ଡ଼ ନିର୍ବାଚନରେ ଆମେ ଯେ ଜୟଯୁକ୍ତ ହେବୁ ଏହା କଦାପି ସମ୍ଭବନୁହେଁ ବୋଲି ମୁଁ ମହାରାଜାଙ୍କୁ ଜଣାଇଲି । ସେ ସ୍ମିତହାସ୍ୟ କରି ମୋତେ ଉତ୍ତର ଦେଲେ ଏଠାର ତେଲେଙ୍ଗାମାନେ ସମସ୍ତେ କ'ଣ ଆମର ବିପକ୍ଷାଚରଣ କରନ୍ତି ବୋଲି ତୁମେ ମନେକର ? ମୁଁ କହିଲି ମହାରାଜାଙ୍କର ବ୍ୟକ୍ତିଗତ ପ୍ରଭାବ ଓ ଧୈର୍ଯ୍ୟ ହେତୁ ଅଳ୍ପ କେତେକ ତେଲେଙ୍ଗାଙ୍କୁ ଛାଡ଼ି ଅଧିକାଂଶ ଆମ ସପକ୍ଷରେ ଥିବା କଥା ମୁଁ ଗସ୍ତବେଳେ ବୁଝିପାରିଛି । ତଥାପି ସେମାନଙ୍କର ଆନ୍ତରିକ ଭାବ କ'ଣ ଜାଣିବା ଆମପକ୍ଷରେ ସହଜ ନୁହେଁ । ମହାରାଜା ଏ କଥା ହସରେ ଉଡ଼ାଇଦେଇ କହିଲେ, ଯେଉଁ କେତେକ ବଡ଼ ବଡ଼ ନାୟକ ଓ ଦୋରା ଆମ ତାଲୁକାରେ ଅଛନ୍ତି, ସେମାନେ ସମସ୍ତେ ଆମର କଥାରୁ ବାହାରିଯିବେ ନାହିଁ । ଏଣୁ ତୁମେ ସେସବୁ ବିଷୟରେ ଭୟ କରିବା ଅନାବଶ୍ୟକ ।

ଉପରୋକ୍ତ ଆଲୋଚନା ପରେ ମହାରାଜା ଚିନ୍ତା କରି ଗୋଟିଏ ସୁନ୍ଦର ପ୍ରସ୍ତାବ ଆମକୁ ଦେଇଥିଲେ । ତାଙ୍କର ପ୍ରସ୍ତାବ ଅନୁସାରେ ପାରଳାଖେମୁଣ୍ଡିରେ ଓଡ଼ିଆ ତେଲେଙ୍ଗା ନିର୍ବିଶେଷରେ ସମସ୍ତେ ମିଶି ଗୋଟିଏ ସଂଘ ଗଠିତ ହେଲା । ସେଥିର ନାମ ରହିଲା 'People's Association' ଅର୍ଥାତ୍ 'ଲୋକଦଳ' । ଏଥିରେ ଆନ୍ଧ୍ରମାନଙ୍କ ପକ୍ଷରୁ ପାରଳାଖେମୁଣ୍ଡିର ଓକିଲ ଦାଣ୍ଡାସି ସୂର୍ଯ୍ୟନାରାୟଣ ଏବଂ ଓଡ଼ିଆମାନଙ୍କ ପକ୍ଷରୁ ମୁଁ ଉଭୟେ ସମ୍ପାଦକ ରୂପେ ନିଯୁକ୍ତ ହେଲୁ । ପୁଣି ସଭାପତି ହେଲେ ପି. ସୀତାରାମ ସ୍ୱାମୀ, ଯେ କି ବହୁ ବର୍ଷ ପର୍ଯ୍ୟନ୍ତ ଏଠାର ମ୍ୟୁନିସିପାଲ ଚେୟାରମ୍ୟାନ ହୋଇ ରହିଥିଲେ ।

ଦେଶମିଶ୍ରଣ କାର୍ଯ୍ୟରେ ଗଞ୍ଜାମର ଆଦିବାସୀ ଶବର ଓ କନ୍ଧମାନଙ୍କର ମତାମତ ସ୍ପଷ୍ଟ ହୋଇ ନ ଥିବାରୁ ସେମାନଙ୍କୁ ଆୟତ୍ତ କରିବା ଉଦ୍ଦେଶ୍ୟରେ ମାନ୍ଦ୍ରାଜ ସରକାର ଯତ୍ନ କରୁଥାନ୍ତି । ଦିନେ ଆମେ ଖବର ପାଇଲୁ ଯେ ଗଞ୍ଜାମ କଲେକ୍ଟର ଲୁହାଗୁଡ଼ିଠାରେ ୧୯ । ୧ । ୩୨ ତାରିଖ ଦିନ ଗୋଟିଏ ଭେଟ ବା ଦରବାର ଡକାଇଛନ୍ତି । ସେଥିରେ ବିଶୋଇ, ଦୋରା ଓ ଆଦିବାସୀ ଶବରମାନଙ୍କର ପ୍ରତିନିଧି ସମସ୍ତେ ଯୋଗଦେବେ । ଓଡ଼ିଶା ପ୍ରଦେଶ ସ୍ୱତନ୍ତ୍ର ଭାବରେ ଯଦି ଗଠିତ ହୁଏ, ତା'ହେଲେ ସେମାନଙ୍କର ସ୍ୱାର୍ଥ ସେଠାରେ ସୁରକ୍ଷିତ ହୋଇ ପାରିବ ନାହିଁ, ଏକଥା ତାଙ୍କୁ ବୁଝାଇବା ଓ ତାଙ୍କଠାରୁ ମତ ଗ୍ରହଣ କରି ସରକାରଙ୍କୁ ରିପୋର୍ଟ ଦେବା ସେହି ଦରବାରର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଏଥିରେ ଆମେ ସତର୍କ ହୋଇଗଲୁ । ପାରଳାଖେମୁଣ୍ଡି ମାଳ ଅଞ୍ଚଳ ସ୍ଥଳ ଅଞ୍ଚଳଠାରୁ ପୃଥକ କରାଯାଇଥିବାରୁ ପୁଣି ସେଥିର ଶାସନ କାର୍ଯ୍ୟ ଅଲଗା ହୋଇ ଜିଲ୍ଲା କଲେକ୍ଟରଙ୍କ କ୍ଷମତା ସେଠାରେ ଲାଟ ସାହେବଙ୍କ କ୍ଷମତା ସଙ୍ଗେ ସମାନ

Digitized by PPRACHIN, SOA

କରାଯାଇଥିବାରୁ ଏହି ଲୁହାଗୁଡ଼ି ଭେଟ ଯେ ଗୋଟିଏ ଅତି ମୁଖ୍ୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ଏଥିରେ ଆମର ସନ୍ଦେହ ରହିଲା ନାହିଁ । ବିଶୋୟୀମାନେ ଅଧିକାଂଶ ଓଡ଼ିଆ ଓ ସେମାନଙ୍କର ପ୍ରଭୁତ୍ୱ ମାଳ ଅଞ୍ଚଳରେ ଯଥେଷ୍ଟ ବେଶି । କିନ୍ତୁ ଦୋରାମାନେ ଅଧିକାଂଶ କ୍ଷେତ୍ରରେ ତେଲେଙ୍ଗା । ସେମାନେ ମଧ୍ୟ ସମାନ ଭାବରେ କ୍ଷମତାପନ୍ନ ଥିଲେ । ଏଣୁ ମହାରାଜାଙ୍କଠାରୁ ଇଙ୍ଗିତ ପାଇ ଆମେ ବିଶୋୟୀମାନଙ୍କ ମଧ୍ୟରେ ମୁଖ୍ୟ ରୁମା ବିଶୋୟୀଙ୍କୁ ଡକାଇ ତାଙ୍କ ସଙ୍ଗେ ପରାମର୍ଶ କଲୁ । ଶ୍ରୀ କରଣ ସାହିରେ ଯେଉଁଠି ହିତୈଷିଣୀ ସମାଜର ଅଫିସ ଥାଏ, ସେଠାରେ ବିଶୋୟୀଙ୍କର ଗୋଟିଏ ପକ୍କାଘର ଅଛି । ସେ ଆମର ପରାମର୍ଶ କ୍ରମେ ଅନ୍ୟାନ୍ୟ ବିଶୋୟୀମାନଙ୍କୁ ଏକଥା ଜଣାଇଲେ । ପ୍ରସ୍ତାବ କଲେ ଯେ ପ୍ରତି ସଉରା ଗାଁର ଜାନି ବା ମୁଖ୍ୟ ଲୋକଙ୍କୁ କହି ସେମାନେ ସମସ୍ତେ ଯେପରି ପାରଳାର ଓଡ଼ିଆ ଲୋକଙ୍କ ସାଥିରେ ମିଶି ମହାରାଜାଙ୍କର ଇଚ୍ଛା ଅନୁସାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ରହିବେ । ଏକଥା କଲେକ୍ଟର ସାହେବଙ୍କ ଆଗରେ ଭେଟବେଳେ ପ୍ରକାଶ କରିବାକୁ ହେବ । ମୋର ସ୍ମରଣ ହେଉଛି ମୁଁ ତାହାଙ୍କୁ ଗୋଟିଏ ସ୍ମାରକପତ୍ର ଓଡ଼ିଆରେ ଲେଖି ଦେଇଥିଲି । ସେଥିର ମୁଖ୍ୟ ବକ୍ତବ୍ୟଟି ହେଉଛି ମାନ୍ଦ୍ରାଜ ସରକାର ଅନୁନ୍ନତ ମାଳ ଅଞ୍ଚଳର ଅଭ୍ୟୁଦୟ କରିବାପାଇଁ ଯେଉଁ ମୋଟା ଗ୍ରାଣ୍ଟ କେନ୍ଦ୍ର ସରକାରଙ୍କଠାରୁ ପାଆନ୍ତି, ସେ ସବୁ ସୁଦୂର ଦକ୍ଷିଣରେ ମଲାବାର ନୀଲଗିରି ପ୍ରଭୃତି ଅଞ୍ଚଳରେ ବ୍ୟୟ କରିଦେଇ ଏହି ଉପାନ୍ତ ଅଞ୍ଚଳକୁ ଘୋର ଅନ୍ଧକାର ଭିତରେ ପକାଇ ଦେଇଛନ୍ତି । * ଏଠାରେ ଯେଉଁ ଅର୍ଦ୍ଧନଗ୍ନ ବୁଭୁକ୍ଷୁ ଆଦିବାସୀ ରହିଛନ୍ତି, ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସର୍ବୋପରି ଅର୍ଥନୈତିକ ଉନ୍ନତି ବ୍ୟାହତ ହୋଇ ରହିଛି । କୋରାପୁଟ ଜିଲ୍ଲାରେ ଅଦ୍ୟାପି ଏପରି ଆଦିବାସୀ ଅଛନ୍ତି ଯେଉଁମାନେ ପିନ୍ଧିବାକୁ ଲୁଗା ନ ପାଇ ସମ୍ପୂର୍ଣ୍ଣ ଲଗ୍ନ ଅବସ୍ଥାରେ କାଳଯାପନ କରୁଛନ୍ତି । ଏ ଅଞ୍ଚଳର ଲୋକେ ମାଲେରିଆରେ ଏପରି ଦୁର୍ବଳ ହୋଇଗଲେଣି ଯାହାଫଳରେ ତାଙ୍କର ସଂଖ୍ୟା ଦିନକୁଦିନ କ୍ଷୀଣରୁ କ୍ଷୀଣତର ହେବାର ଦେଖାଯାଏ । ଏମାନେ ଏ ଅଞ୍ଚଳରେ ଅତି କଠୋର ପରିଶ୍ରମ କରି ପ୍ରତ୍ୟହ ସାବାଲ ମାଇଲ ବାଟ କାଠ ବୋହି ଦେଇ ତାହା ବିକ୍ରି କରି ଜୀବନ ନିର୍ବାହ କରିଥାନ୍ତି । ତଥାପି ତାଙ୍କପ୍ରତି ସରକାରଙ୍କ

---

* The Madras Mail ପତ୍ରିକାର ତା ୨୭ । ୧ । ୩୨ରିଖ ସଂଖ୍ୟାରେ "Oriya Province question" ଶୀର୍ଷକ ପ୍ରବନ୍ଧରେ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଗୋଟିଏ ସାର୍ଦ୍ଧ ଲେଖା ପ୍ରକାଶ କରି କହିଥିଲେ, ମାନ୍ଦ୍ରାଜ ସରକାର ୧୯୨୭ ମସିହାଠାରୁ ଅନୁନ୍ନତ ମାଳ ଅଞ୍ଚଳରେ ଖର୍ଚ୍ଚ କରିବାକୁ ଟ ୨୮,୦୦,୦୦୦/—କେନ୍ଦ୍ର ସରକାରଙ୍କ ଠାରୁ ପାଇ ମଧ୍ୟ ସେଥିର ସଦ୍‌ବିନି-ଯୋଗ କରିନଥିଲେ ।

Digitized by PPRACHIN, SOA

ପକ୍ଷରୁ କୌଣସି ହିତକର ବ୍ୟବସ୍ଥା ନ ହେବାରୁ ପ୍ରତିବର୍ଷ ଶହ ଶହ ମଜୁର ପରିବାର ଛାଡ଼ି ସୁଦୂର ଆସାମର ଚାହା ବଗିଚାରେ କୁଲିକାମ କରିବାକୁ ପଳାଇଯାନ୍ତି । ଏ ସବୁ ଦୃଷ୍ଟିରୁ ମାନ୍ଦ୍ରାଜରେ ସେମାନେ ଅବସ୍ଥାନ କରିବାକୁ କୁଣ୍ଠାବୋଧ କରୁଛନ୍ତି । କେବଳ ସେତିକ ନୁହେଁ, ତାଙ୍କର ଆଦିମ ଦେବତା ଜଗନ୍ନାଥ ଯେଉଁଠାରେ ଅବସ୍ଥିତ, ସେଇ-ଠାରେ ହିଁ ସେମାନେ ରହିବାକୁ ଇଚ୍ଛୁକ ।

ଉପରୋକ୍ତ ପ୍ରକାରେ ଯେଉଁ ଶ୍ରେଷ୍ଠ ସ୍ମାରକପତ୍ରଟି ମୁଁ ଲେଖିଥିଲି, ତାହା ଯଥା ସମୟରେ ରମା ବିଶୋୟୀ ଅନ୍ୟାନ୍ୟ ବିଶୋୟୀମାନଙ୍କୁ ପଢ଼ି ଶୁଣାଇଦେଲେ । ସେମାନେ ସମସ୍ତେ ଏଥିରେ ଉତ୍ସାହିତ ହୋଇ ସ୍ମାରକପତ୍ରର ବିଷୟଗୁଡ଼ିକ ଭଲ ରୂପେ ହୃଦୟଙ୍ଗମ କରି ତଦନୁସାରେ ସାହେବଙ୍କଠାରେ ପ୍ରକାଶ କରିଥିବା ଶୁଣାଗଲା । ଏଣୁ ମାନ୍ଦ୍ରାଜ ସରକାରଙ୍କ ପକ୍ଷରୁ ଯେଉଁ ଉଦ୍ଦେଶ୍ୟ ନେଇ ଲୁହାଗୁଡ଼ି ଭେଟ ଆରବ୍ଧ ହୋଇଥିଲା ତାହା କାର୍ଯ୍ୟରେ ପରିଣତ ନ ହୋଇ ବରଂ ସେଥିର ବିପରୀତ ଫଳ ଫଳିଲା । ଏଣୁ ବିଶୋୟୀମାନଙ୍କର ପ୍ରଦତ୍ତ ସ୍ମାରକପତ୍ର ଏବଂ ତାଙ୍କର ମତାମତ ମାନ୍ଦ୍ରାଜ ସରକାର ପ୍ରକାଶ ନକରି ତାହା ତାଙ୍କର ଦପ୍ତରର ଗୁପ୍ତ କୋଠରିରେ ଲୁଚାଇଦେଲେ । ସେ ବର୍ଷ ୧୪ ତାରିଖରେ Peoples Associationର ନିୟମାବଳୀ ମୁଁ ଓ ଶ୍ୟାମସୁନ୍ଦର ଗନ୍ତାୟତ ଉଭୟ ପ୍ରଣୟନ କରିଥିଲୁ, ଯାହାକି ପରେ ସର୍ବସମ୍ମତିକ୍ରମେ ସଭାରେ ଗୃହୀତ ହେଲା । ଆମ ଏହି ଆସୋସିଏସନ ଗଢ଼ିବାର ମୂଳ ଲକ୍ଷ୍ୟ ହେଲା ଯେପରି ବର୍ଦ୍ଧିତାଞ୍ଚଳରେ ଓଡ଼ିଆମାନଙ୍କର କୌଣସି ପ୍ରକାର କଷ୍ଟ ନ ହୋଇ ଅନ୍ତତଃ ସ୍ୱାୟତ୍ତ ଶାସନ ପକ୍ଷରୁ ନ୍ୟାୟ ମିଳିବ । କିନ୍ତୁ ପାରଳାଖେମୁଣ୍ଡି ମୁନସିପାଲିଟି ପକ୍ଷରୁ ହଠାତ୍ ଗୋଟିଏ ପ୍ରସ୍ତାବ ଆସିଲା ଯେ—ଏହି ସହରର ଓଡ଼ିଆ-ସାହି ସ୍କୁଲଟି ଉଠାଇ ଦିଆଯିବ । ଏ ପ୍ରସ୍ତାବ ସ୍ଥାନୀୟ କଲେଜର ପ୍ରିନ୍ସିପାଲ ପି. ଜଗନ୍ନାଥ ସ୍ୱାମୀ ଆଗତ କରିଥିଲେ । ମୁଁ ଏଥିର ପ୍ରତିବାଦ କଲି ଏବଂ ତାହା ଗୋଟିଏ ବିବାଦୀୟ ପ୍ରଶ୍ନ ରୂପେ ତିନୋଟି ସ୍ୱତନ୍ତ୍ର ଅଧିବେଶନରେ ବିଚାର ହେଲା । ମାନ୍ଦ୍ରାଜର ତତ୍କାଳୀନ ଶିକ୍ଷା ବିଭାଗୀୟ ଜଣେ ଉଚ୍ଚ ଅଫିସର ମି. ମ୍ୟାସନ (Mr. Meston) ଯେଉଁ ରିପୋର୍ଟ * ଦେଇଥିଲେ ତାକୁ ଆଧାର କରି ମୁଁ ଗୋଟିଏ Note ପ୍ରସ୍ତୁତ କରିଥିଲି । ବହୁ ବାଦ ବିବାଦ ପରେ ସ୍କୁଲଟି ଉଠି ନ ଯାଇ ଗୋଟିଏ ନୂତନ ଗୃହରେ ତାହା ସ୍ଥାପିତ ହେଲା । ଏହା ଆଗରୁ ଅଗଷ୍ଟ ମାସରେ ମାନ୍ଦ୍ରାଜ କାଉନସିଲରେ ଓଡ଼ିଶା ଦେଶମିଶ୍ରଣ ବିରୁଦ୍ଧରେ ଗୋଟିଏ ପ୍ରସ୍ତାବ ଗୃହୀତ ହେବାର

---

* Meston Committee ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ ପ୍ରତି ପ୍ରଦେଶିକ ସରକାରଙ୍କ ଆୟବ୍ୟୟ ଏବଂ କେନ୍ଦ୍ର ସରକାରଙ୍କ ସାହାଯ୍ୟ ସମ୍ବନ୍ଧରେ ଗୋଟିଏ ଦୀର୍ଘ ରିପୋର୍ଟ ଦେଇଥିଲେ ।

Digitized by PPRACHIN, SOA

ସମ୍ବାଦ 'ହିନ୍ଦୁ' ପତ୍ରିକାରୁ ଦେଖିଲି । ସେଥିର ପ୍ରତିବାଦ ସ୍ୱରୂପ ମାନ୍ଦ୍ରାଜ ସରକାରଙ୍କ ଠାକୁ ଅଗଷ୍ଟ ପହିଲାଦିନ ପାରଲାଖେମୁଣ୍ଡିରୁ ଓ ନିକଟସ୍ଥ ଅଞ୍ଚଳମାନଙ୍କରୁ ପ୍ରାୟ ୫୦ଟି ଟେଲିଗ୍ରାମ ପଠାଯାଇଥିଲି । ଏ ସବୁ ଆୟୋଜନ କରିବା ପାଇଁ ଆମକୁ ଜୟପୁର-ଠାରୁ ବହ୍ମପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସଭା ସମିତି କରି ଓଡ଼ିଆମାନଙ୍କ ପକ୍ଷରୁ ଟେଲିଗ୍ରାମ ପଠାଇବାକୁ ପଡ଼ିଲି । ଆଗରୁ ଯେଉଁ ଦେଶମିଶ୍ରଣ କମିଟି ଗଢ଼ା ହୋଇଥାଏ, ସେଥିର ଗଚ୍ଛିତ ପାଣ୍ଠିରେ ଏ ସବୁ ଆୟୋଜିତ ହେଲି । ମୋର ସ୍ମରଣ ଅଛି, ସେଦିନ ଆମର କାମ ଶେଷ କରିବାକୁ ଯେତେବେଳେ ତରଲାଗଡ଼ରେ ରାତି ପ୍ରାୟ ୧୨ ଟାବେଳେ ଗାଡ଼ି ପହଞ୍ଚିଲି, ସେତେବେଳେ ତରଲା ରାଜପ୍ରାସାଦରେ କିଛି ଗୋଟାଏ ଅପେରାଖେଳ ହେଉଥାଏ । ତରଲାର ଯୁବକରାଜା ଗୋଟିଏ ଲୁଙ୍ଗି ପିନ୍ଧି ରାଜବାଟିର ଫାଟକ ପାଖରେ ଠିଆ ହୋଇଥାନ୍ତି । ଆମ ଗାଡ଼ିଟି ଦେଖିପାରି ସେ ତାଙ୍କ ଘର ଭିତରକୁ ଚଞ୍ଚଳ ପଶିଗଲେ ପୁଣି ଦରୁଆନକୁ କହିଗଲେ ସେ ଯେପରି ତାର ବେଶଭୂଷା ସହ ଆମକୁ ଅପେକ୍ଷା କରିବାକୁ ଡ୍ରଇଂ ରୁମରେ ବସାଇ ଦିଏ । ଆମେ ସେଠାରେ ପ୍ରାୟ ଅଧଘଣ୍ଟାଏ ଅପେକ୍ଷା କଲାପରେ ରାଜା ତାଙ୍କର ରାଜକୀୟ ବେଶରେ ମଣ୍ଡିତ ହୋଇ ଆମକୁ ଦେଖା କରିବାକୁ ଆସିଲେ । ମନେ ମନେ ଆମେ ବିରକ୍ତ ହେଉଥାଉ; କାରଣ ସେତେବେଳେ ଆମେ ବହୁତ କିଛି କାମ କରିବାକୁ ରହିଛି । ସେ ଯେତେବେଳେ ତାଙ୍କ ରାଜକୀୟ ପୋଷାକ ପିନ୍ଧି ଆମକୁ ଦେଖାଦେଲେ, ମନେମନେ ଆମେ କୌତୂହଳ ଅନୁଭବ ନ କରି ରହି ପାରିଲୁ ନାହିଁ । ତାଙ୍କର ସେହି ଲୁଙ୍ଗି ଖଣ୍ଡିକ ପିନ୍ଧି ଯଦି ଆମର ସେହି ଫାଟକ ପାଖରେ ଦେଖା ହୁଅନ୍ତା ତାହେଲେ ମୂଲ୍ୟବାନ ସମସ୍ତ ପ୍ରାୟ ଏକଘଣ୍ଟା ଅକାରଣରେ ବ୍ୟୟ କରିବାକୁ ପଡ଼ନ୍ତା ନାହିଁ । ରାତି ଦୁଇଟା ବା ତିନଟାରେ ଆମେ ଯେତେବେଳେ ଚକଟି ଗଡ଼ରେ ପହଞ୍ଚିଲୁ ଖବର ପାଇବା ସଙ୍ଗେ ସଙ୍ଗେ ସେଠାର ରାଜା ଗୌରଚନ୍ଦ୍ର ଦେବ ଶଯ୍ୟାରୁ ଉଠିଆସି ଆମକୁ ତାଙ୍କ ସିଂହଦ୍ୱାର ନିକଟରେ ଦେଖା ଦେଲେ । ଆଗରୁ ମୁଁ ତାଙ୍କର ସଙ୍ଗେ ଅନେକ ଥର ମିଶି ଦେଶମିଶ୍ରଣ କାମ କରିଥିଲି । ତାଙ୍କର ସରଳ ବ୍ୟବହାର ଓ ଅଗାଧ ଦେଶପ୍ରୀତି ଅଦ୍ୟାପି ମୁଁ ଭୁଲି ପାରିନାହିଁ । * ସେ ଆମ ଟେଲିଗ୍ରାମରେ ଦସ୍ତଖତ କରି କହିଲେ, "ଯଦି ଆପଣମାନଙ୍କର ଦରକାର ହୁଏ, ମୁଁ ବ୍ରହ୍ମପୁର ପର୍ଯ୍ୟନ୍ତ ସାଙ୍ଗରେ

---

* ଏ ଘଟଣାର ଅଳ୍ପ କାଳ ପରେ ଅର୍ଥାତ୍ ୨୭ । ୧୧ । ୧୯୩୪ ତାରିଖ ଦିନ ତାଙ୍କର ଅକାଳ ବିୟୋଗ ହୋଇଥିଲି । ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ 'ସମାଜ' ପତ୍ରିକାରେ (୨୭ । ୧୧ । ୭୩) ତାରିଖରେ, 'ପ୍ରଜାତନ୍ତ୍ର'ର ୨୪ । ୧୧ । ୭୫ ତାରିଖରେ ଏବଂ 'ଧରିତ୍ରୀ'ର ୧୪ । ୧୨ । ୭୫ ତାରିଖରେ ତିନୋଟି ପ୍ରବନ୍ଧ ମୁଁ ପ୍ରକାଶ କରି ତାଙ୍କର ଜୀବନୀ ସମ୍ବନ୍ଧେ କିଛି ସୂଚନା ଦେଇ ଅଛି ।

Digitized by PPRACHIN, SOA

ଯିବାକୁ ପ୍ରସ୍ତୁତ ଅଛୁ ।" କିନ୍ତୁ ସେପରି କଲେ ଅଯଥା ବିଳମ୍ବ ହେବ ଭାବି ଆମେ କହିଲୁ, "ଧନ୍ୟବାଦ । ଆପଣଙ୍କର ଏତେ କଷ୍ଟ କରି ଏବେ ଏହି ବର୍ଷାଋତୁରେ ବ୍ରହ୍ମପୁର ଯିବା ଆବଶ୍ୟକ ନାହିଁ ।" ପରଦିନ ଟେଲିଗ୍ରାମଗୁଡ଼ିକ ସକାଳ ୮ଟା ପୂର୍ବରୁ ବ୍ରହ୍ମପୁରଠାରୁ ମାନ୍ଦ୍ରାଜ ସରକାରଙ୍କଠାକୁ ପଠାଇ ଦିଆଗଲା । କିନ୍ତୁ ସେଠା ସରକାର ତ ଅଗରୁ ଆମ ବିପକ୍ଷରେ କାମ କରୁଥାନ୍ତି । ସେ' ବା ଆମର ଆପତ୍ତିଅଭିଯୋଗ ଶୁଣିବାକୁ ଯିବେ କାହିଁକି ? ଯଥା ସମୟରେ ମାନ୍ଦ୍ରାଜ କାଉନସିଲରେ ଗୋଟିଏ ପ୍ରସ୍ତାବ ଆଗତ ହୋଇ ଓଡ଼ିଶାକୁ ମାନ୍ଦ୍ରାଜର କୌଣସି ଅଞ୍ଚଳ ଛିନ୍ନ କରି ଦେବା ଘୋର ଆପତ୍ତି ଜନକ ବୋଲି କେନ୍ଦ୍ର ସରକାରଙ୍କୁ ଜଣାଇ ଦିଆଗଲା । କେବଳ ସେତିକି ନୁହେଁ, ଏହା ପରେ ପରେ ବବ୍ବିଲି ରାଜାଙ୍କ ନେତୃତ୍ୱରେ ଗୋଟିଏ ଡେପୁଟେସନ ମଧ୍ୟ ଅନ୍ଧ୍ରମାନେ ସିମଲାଠାରେ ବଡ଼ଲାଟ୍‌ଙ୍କଠାକୁ ପଠାଇଲେ । ସେଥିରେ ସେମାନେ ଦାବି କରିଥିଲେ ଯେ ମାନ୍ଦ୍ରାଜର ଆନ୍ଧ୍ର ଅଞ୍ଚଳକୁ ଓଡ଼ିଶାରେ ମିଶାଇବା ନିତାନ୍ତ ଅନ୍ୟାୟ ଓ ଆପତ୍ତିଜନକ । ବିଶେଷତଃ ପାରଳାଖେମୁଣ୍ଡି ଓ ଜୟପୁରର କୌଣସି ଅଂଶ ଓଡ଼ିଆ ଦାବି କରି ନ ପାରେ । ୨୬ । ୧୦ । ୩୨ରେ ପାରଳାଖେମୁଣ୍ଡିର ତେଲୁଗୁମାନଙ୍କଠାକୁ ସିମ୍‌ଲାରୁ ଗୋଟିଏ ତାରବାର୍ତ୍ତା ଆସିଲା । ସେଥିରେ ଲେଖାଥିଲା ଇଂରାଜୀରେ—"Paralakhemundi Safe" । ଏଥିର ତାତ୍ପର୍ଯ୍ୟ ହେଉଛି, ଯେଉଁ ପାରଳାଖେମୁଣ୍ଡି ମିଶ୍ରଣ ଦାବିକରି ଓଡ଼ିଆ-ମାନେ ପାରଳାଖେମୁଣ୍ଡି ମହାରାଜାଙ୍କ ନେତୃତ୍ୱରେ ବଡ଼ଲାଟ୍‌ଙ୍କଠାକୁ ଡେପୁଟେସନରେ ଯାଇଥିଲେ ଏବଂ ପାରଳା ଜମିଦାରି ଓ ଜୟପୁର ସମେତ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳଗୁଡ଼ିକ ଓଡ଼ିଶାରେ ମିଶ୍ରଣ ପାଇଁ ଦାବି କରିଥିଲେ, ତାହା କାର୍ଯ୍ୟରେ ପରିଣତ ହେଉ ନାହିଁ । ଆନ୍ଧ୍ରମାନଙ୍କର ଡେପୁଟେସନର ଗୋଟିଏ ନକଲ ମାନ୍ଦ୍ରାଜର 'ସ୍ୱରାଜ୍ୟ' ପତ୍ରିକାରେ ପ୍ରକାଶ ହୋଇଥିଲା । ସେଥିର ଠିକନଥି ବିବରଣୀ ନଷ୍ଟ କରି ସେମାନେ କେନ୍ଦ୍ର ସରକାରଙ୍କୁ କିପରି ବିଭ୍ରାନ୍ତ କରିବାକୁ ଅପଚେଷ୍ଟା ଚଳାଇଛନ୍ତି ସେ ବିଷୟରେ ଦୀର୍ଘ ସମୟ ଧରି ମହାରାଜାଙ୍କ ସଙ୍ଗେ ଆମର ଆଲୋଚନା ହୋଇଥିଲା । ମହାରାଜା ଏଥିରେ ତ ବିବ୍ରତ ହେଲେ ନାହିଁ; ବରଂ ବବ୍ବିଲି ରାଜାଙ୍କର ଏତାଦୃଶ ଅବାନ୍ତର କଥାରେ ହସି ହସି କହିଲେ, "ଆମେ ନିଶ୍ଚୟ ଏଥିରେ ଜୟଲାଭ କରିବା । ବବ୍ବିଲିଙ୍କୁ ମୁଁ ଦେଖିଲେ ପଚାରିବି, ସେ କିପରି ବଡ଼ଲାଟ୍‌ଙ୍କୁ କେତୋଟି ମିଥ୍ୟା ଅଭିଯୋଗ କରି ଗୋଟିଏ ଜାତି ପ୍ରତି ଅନ୍ୟାୟ କରିବାକୁ ପ୍ରବର୍ତ୍ତାଇଛନ୍ତି । ମୁଁ ଜାଣିବାରେ ବବ୍ବିଲିଙ୍କର ଆମପ୍ରତି ଆଦୌ ଅସୂୟା ନାହିଁ । ତେବେ ତାଙ୍କ ପାଖରେ ଥିବା ଅନ୍ଧ୍ର କର୍ମଚାରୀମାନେ ତାଙ୍କୁ କୁଶିକ୍ଷା ଦେଇ ନିଶ୍ଚୟ ଏପରି କାଣ୍ଡ କରିଛନ୍ତି ।" *

---

* ମାନ୍ଦ୍ରାଜରେ ଗଠିତ 'ଜଷ୍ଟିସ୍-ପାର୍ଟି' ( Jastice Party )ରେ ବବ୍‌ବିଲି ରାଜା ନେତୃତ୍ୱ କରିଥିଲେ । ସେଥିରେ ପାରଳାଖେମୁଣ୍ଡି ମହାରାଜା ମଧ୍ୟ ଯୋଗ ଦେଇଥିଲେ । ସେ ବର୍ଷ ( ୧୯୩୨ ) ଶେଷ ଆଡ଼କୁ ବବ୍‌ବିଲି ରାଜା ମାନ୍ଦ୍ରାଜ କାଉନ୍‌ସିଲ ପକ୍ଷରୁ ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ ହେଲେ ।

Digitized by PPRACHIN, SOA

ମହାରାଜା Land Holders' Associationର ଜଣେ ମୁଖ୍ୟ ସଦସ୍ୟ ଥିଲେ । ତାଙ୍କର ପ୍ରଭାବ ପ୍ରତିପତ୍ତି ଏପରି ବ୍ୟାପକ ହୋଇ ଥିଲା ଯେ ଅନ୍ୟାନ୍ୟ ରାଜା ଜମିଦାର-ମାନେ ତାଙ୍କୁ ଆନ୍ତରିକ ଶ୍ରଦ୍ଧା ଓ ଭକ୍ତି କରୁଥାନ୍ତି । ଏଣୁ ତାଙ୍କ ଇଚ୍ଛା ଅନୁସାରେ ସେହି ଆସୋସିଏସନ ପକ୍ଷରୁ ଗୋଟିଏ ପ୍ରସ୍ତାବ ମାନ୍ଦ୍ରାଜ ସରକାରଙ୍କୁ ପଠାଇ ଦିଆଗଲା । ତା ୨ । ୩ । ୧୯୩୪ରେ ମାନ୍ଦ୍ରାଜ ଲେଣ୍ଡ୍‌ହୋଲଡ଼ର ଏସୋସିଏସନର କାର୍ଯ୍ୟ-ନିର୍ବାହକ ସମିତି ପକ୍ଷରୁ ସ୍ୱତନ୍ତ୍ର ମିଟିଙ୍ଗ୍ ହୋଇ ପାରଳାଖେମୁଣ୍ଡିକୁ ଓଡ଼ିଶାରେ ମିଶାଇବା ସପକ୍ଷରେ ଗୋଟିଏ ପ୍ରସ୍ତାବ କରି ତାହା ମାନ୍ଦ୍ରାଜ ସରକାରଙ୍କୁ ପଠାଇ ଦିଆଗଲା । ସେହି ପ୍ରସ୍ତାବଟି କୁମାର ରାଜା ଭେଙ୍କଟଗିରି ଆଗତ କରିଥିଲେ ଏବଂ ବ, କିଷ୍ଟାରାଓ ତହା ସମର୍ଥନ କଲା ପରେ ସେହି ମହାସଭାର ତା ୩୧ । ୩ । ୩୪ ସାଧାରଣ ସଭାରେ ତାହା ଯଥାବିଧି ସମର୍ଥିତ ହୋଇଥିଲା । ସେତେବେଳେ ମାନ୍ଦ୍ରାଜର ଖବରକାଗଜମାନେ ଏହି ମିଶ୍ରଣ ସପକ୍ଷରେ ଅନୁକୂଳ ମତ ପ୍ରକାଶ କରିବାକୁ ଲାଗିଲେ ।

ଏହା ଫଳରେ ଭାରତର କେନ୍ଦ୍ର ପାର୍ଲିଆମେଣ୍ଟ (ଏସେମ୍ବ୍ଲି) ପକ୍ଷରୁ କେତେକ ସଭ୍ୟଙ୍କ ସ୍ୱାକ୍ଷରରେ ଗୋଟିଏ ସ୍ମାରକପତ୍ର (Memorial) ଭାଇସ୍‌ରୟଙ୍କୁ ଦେଇ ଓଡ଼ିଶା ସଙ୍ଗେ ପାରଳାଖେମୁଣ୍ଡିର ମିଶ୍ରଣ ଦାବୀ ଉପସ୍ଥାପନ କରାଗଲା । ସେହି ସ୍ମାରକପତ୍ରରେ ସ୍ୱାକ୍ଷର କରିଥିଲେ—

(୧) ଏ. ରାମସ୍ୱାମି ମୁଦାଲିୟର୍, (୨) ବ. ସୀତାରାମ ରାଜୁ, (୩) ବ. ଦାସ, (୪) ସୀତାକାନ୍ତ ମହାପାତ୍ର, (୫) ଟି.ଏନ୍. ରାମକୃଷ୍ଣ ରେଡ୍ଡି, (୬) ସୟଦ୍ ମହମଦ ପାଦସାହା ସାହେବ ବାହାଦୂର, (୭) ଭି.ସି ଭେଙ୍କଟ୍‌ଗିରି ଗୌଣ୍ଡେର୍, (୮) ପି. ଗୋବିନ୍ଦ ରେଡ୍ଡି, (୯) ମହମ୍ମଦ ମୁକାମ୍ ସାହେବ ବାହାଦୂର, (୧୦) ବ କିଷ୍ଟାମାଗ୍ନରସ୍ୱାର, (୧୧) କେ. ପି ଥାମ୍ପାନ୍ (K. P. Thampan), (୧୨) J. E. James, (୧୩) କୋଭିଲ ଭପ୍ପି ସାହେବ ବାହାଦୂର, (୧୪) ପି. ଏମ୍ ରାଜା, (୧୫) ମୌଲବୀ ସୟଦ୍ ମର୍ତୁଜ ସାହେବ ବାହାଦୂର, (୧୬) ସି. ନାରାୟଣ ସ୍ୱାମି ଚେଟ୍ଟି । ଏମାନେ ସମସ୍ତେ ସେତେବେଳେ ଭାରତର ମୁଖ୍ୟ ବ୍ୟକ୍ତି ରୂପେ ଗ୍ରହଣ କରାଯାଉଥିଲେ । ସେମାନେ ଭାଇସ୍‌ରୟଙ୍କୁ ଯାହା ପ୍ରସ୍ତାବ ଆକାରରେ ଲେଖି ଦେଇଥିଲେ ସେଥିର ଗୋଟିଏ ନକଲ ନିମ୍ନରେ ପ୍ରଦତ୍ତ ହେଲା—"We understand that the Parlakhimidi Estate contains a portion where the Oriya population predominats ouer the Telugus and forms a contiguous part of the Oriya predominant area of the district. We feel if such a demarcation is made, it would set at rest the vexed dispute over the demarcation of that area, and so far as

Digitized by PPRACHIN, SOA

we are able to foresee, there could be no administrative difficulties." ସେଉଁ ପ୍ରସ୍ତାବଟି ସାଇସ୍‌ଗ୍ରସ୍ଙ୍କୁ ଦିଆଗଲା, ତାହା ତତ୍କାଳୀନ ଅବସ୍ଥା ଦୃଷ୍ଟିରୁ ପୁଣି ଭାରତର ରାଜନୈତିକ ଘଟଣାବଳୀ ହେତୁ କେନ୍ଦ୍ର ସରକାର ସେଥିପ୍ରତି ଗଭୀର ଧ୍ୟାନ ଦେବାକୁ ବାଧ୍ୟ ହେଲେ । ଏହା ଫଳରେ ସାଇସ୍‌ରାସ୍ଙ୍କ ପ୍ରସ୍ତାବ କ୍ରମେ ବ୍ରିଟିଶ ପାର୍ଲିଆମେଣ୍ଟ ପକ୍ଷରୁ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶର ସୀମାର ପୁନର୍ବିଚାର କରିବାକୁ Joint Parliamentary Committee ନାମରେ ଗୋଟିଏ କମିଟି ଗଠିତ ହେଲା । ପରେ ମହାରାଜାଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ଦଳ ଗଠିତ ହେଲା । ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ ବୈଠକରେ ଯୋଗଦେଇ ମହାରାଜା ସେହି Sub-committee ଆଗରେ ଓଡ଼ିଆ ସଭ୍ୟଙ୍କ ସହ ଆମର ଦାବୀ ଉପସ୍ଥାପିତ କଲେ । ସେତେବେଳେ ସେହି କମିଟିର ସୁପାରିଶ ଅନୁସାରେ ଜୟପୁର ଜମିଦାରୀର ଗୋଟିଏ ଅଂଶ ସମେତ ପାରଳାଖେମୁଣ୍ଡି ଓ ଜଳନ୍ତରର ମାଳ ଅଞ୍ଚଳ ଏବଂ ପାରଳାଖେମୁଣ୍ଡି ସହରକୁ ମିଶାଇ ଗୋଟିଏ କ୍ଷୁଦ୍ର ଅଞ୍ଚଳ ଓଡ଼ିଶାରେ ମିଶାଇବାକୁ ପ୍ରସ୍ତାବ ଦିଆଗଲା । ଏ ସମ୍ବନ୍ଧେ "Indian Constitution Reform" ନାମରେ Joint committeeଙ୍କ ୧୯୩୪-୩୫ ମସିହାର Proceeding, Vol-I, Part II 538 ପୃଷ୍ଠାରେ ଯାହା ପ୍ରକାଶ କରାଯାଇଛି, ସେଥିର ଅଂଶଟିଏ ନିମ୍ନରେ ଉଦ୍ଧୃତ ହେଲା—

It is moved by Mr. Attlee Page 29 lines 5 to 9 to leave out from ("controversy") in line 5 to the end of the sentence and to insert "the question has been reexamired by the Sceretary of state for India with the assistance of several of our members and we recommend that the boundaries should be in accordance with the conclusions' thus reached, namely that there should be added to the province as defined in the white paper."

(a) That portion of the Joypore Estate which the Orissa Committee of 1932 recommended should be transfered to Orissa.

(b) Parlakhimindi and Jalantra Maliahs,

(c) A small portion of the Parlakhimindi Estate including Parlakimedi Town".

ସେ ବର୍ଷ ମୋହନ ଗୋସ୍ୱାମୀଙ୍କର ନାଟ୍ୟଦଳ ପାରଳାଖେମୁଣ୍ଡି ଆସିଥାନ୍ତି । ସ୍ଥାନୀୟ ପଦ୍ମନାଭ ଥିଏଟରର ପରିଚାଳନା ଭାର ମୋ ଉପରେ ଦିଆ ଯାଇଥିବାରୁ ପୁଣି

Digitized by PPRACHIN, SOA

ଦେଶମିଶ୍ରଣ କାମରେ ବହୁ ସମୟ ମୁଁ ବ୍ୟସ୍ତ ରହୁଥିବାରୁ ତାଙ୍କର ନାଟକଦଳକୁ ବିଶେଷ କିଛି ସାହାଯ୍ୟ କରି ପାରୁ ନ ଥିଲି । କିନ୍ତୁ ତାଙ୍କ ବ୍ୟକ୍ତିଗତ ନାଟକୀୟ ପ୍ରତିଭା ଏବଂ ସଙ୍ଗୀତ ଓ ସାହିତ୍ୟର ମାଧୁର୍ଯ୍ୟ ମୋତେ ଯଥେଷ୍ଟ ପ୍ରଭାବିତ କରିଥିଲା । ସେ କେବଳ ନାଟ୍ୟକାର ଓ ସଙ୍ଗୀତଜ୍ଞ ନ ଥିଲେ । ତାଙ୍କର କୃଷ୍ଣଭକ୍ତି ତଥା ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟରେ ଅଗାଧ ଅନୁପ୍ରାଣତା ରହିଥିଲା । ତେଣୁ ଯେ କୌଣସି ପ୍ରକାରେ ତାଙ୍କୁ ଓ ତାଙ୍କର ଦଳକୁ କିଛି ସାହାଯ୍ୟ କରିବା ଉଦ୍ଦେଶ୍ୟରେ ମୁଁ ତାଙ୍କୁ ଆମ ଘର-ଠାକୁ ଡାକି ନେଇଥିଲି । ସେତେବେଳେ ସେ 'ସୁଦାମା ଦାରିଦ୍ର୍ୟ ଭଞ୍ଜନ' ନାମକ ଗୋଟିଏ ଭକ୍ତିମୂଳକ ନାଟକ ଲେଖିଥାନ୍ତି, ମୁଁ ମଧ୍ୟ ଏପରି ଗୋଟିଏ ନାଟକ 'ରାଧା-ଭିକ୍ଷେକ' ନାମରେ ଆଗରୁ ଲେଖି ପ୍ରକାଶ କରିଥିଲି । ୧୯୨୭ ବା ୨୮ ମସିହାରେ ଯେତେବେଳେ ମୋର ବୟସ ୧୫ ବର୍ଷ ମାତ୍ର । ସେତେବେଳେ ଆପନ୍ନା ପରିଚ୍ଛାଙ୍କର ଏପରି ଗୋଟିଏ ନାଟକଦଳ ତାଙ୍କର ରସିକରାଜ ମଠରେ ଗଠିତ ହୋଇଥିଲା । ପରିଚ୍ଛା ନିଜେ ଜଣେ ଉଚ୍ଚକୋଟିର ଅଭିନେତା ଓ ସାହିତ୍ୟପ୍ରେମୀ ଥିଲେ । ମୁଁ ଆଗରୁ କହିଛି ଯେ ତାଙ୍କର ଗୋଟିଏ ସୁନ୍ଦର ପୁସ୍ତକାଳୟ ଥାଏ । ସେଥିରେ ବହୁ ବଙ୍ଗାଳୀ ଏବଂ ଓଡ଼ିଆ ପୁସ୍ତକମାନ ରଖା ହୋଇଥାଏ, ଯାହାକି ମୁଁ ବହୁ ସମୟରେ ଉପଯୋଗ କରୁଥିଲି । ଥରେ ପରିଚ୍ଛାଙ୍କର 'ନବାନୁରାଗ' ନାମକ କୃଷ୍ଣଲୀଳା ବିଷୟକ ନାଟକଟି ତାଙ୍କ ମଠରେ ଅଭିନୀତ ହେବା ଦେଖି ସେପରି ଗୋଟିଏ ନାଟକ ଲେଖିବାକୁ ସେ ମୋତେ ଅନୁରୋଧ କଲେ । ମୁଁ ସେତେବେଳେ ବୈଷ୍ଣବ ସାହିତ୍ୟ ସମ୍ବନ୍ଧରେ ପୁସ୍ତକମାନ ପାଠ କରୁଥାଏ । କାରଣ ମୋର ବୃଦ୍ଧୀ ଜେଜେମା ଯେ କି ଜଣେ ଅତି ପବିତ୍ର ଧର୍ମପରାୟଣା ମହିଳା ରୂପେ ସର୍ବତ୍ର ପରିଚିତା, ତାଙ୍କଠାରେ ସେହି ବୈଷ୍ଣବ ଗ୍ରନ୍ଥଗୁଡ଼ିକ ବଙ୍ଗଳା ଭାଷାରେ ପାଠ କରୁଥାଏ । ଦିନେ ଆଶ୍ଚର୍ଯ୍ୟ ଚୂଡ଼ାମଣି ନାମକ ଗୋଟିଏ କୃଷ୍ଣଲୀଳା ବିଷୟକ ପୁସ୍ତକ ପାଠ କରୁ କରୁ ମୋର ରାଧାଭିଷେକ ଲେଖିବା ପ୍ରବୃତ୍ତି ଜାତ ହେଲା । ଏକ ଅଡ଼େ ଆପନ୍ନା ପରିଚ୍ଛାଙ୍କ ଅନୁରୋଧ ଏବଂ ଅନ୍ୟଅଡ଼େ ମୋର ଜେଜେମାଙ୍କର ଆଗ୍ରହ ଦେଖି ମୁଁ ୧୯୨୭ ମସିହାରେ ଏହି ନାଟକଟି ଲେଖି ଅଭିନୟ ସକାଶେ ପରିଚ୍ଛାଙ୍କୁ ଦେଇଥିଲି । ସେ ତାଙ୍କର ଦଳ ସାହାଯ୍ୟରେ 'ରସିକରାଜ' ମଠରେ ତାହା ଅଭିନୀତ କରାଇଲେ । ନାଟକଟି ଦେଖି ମୋର ଉତ୍ସାହ ଓ ଶ୍ରଦ୍ଧା ବଳବତ୍ତର ହେବାରୁ ବ୍ରହ୍ମପୁରର ଆଶା ପ୍ରେସରେ ଶଶୀଭୂଷଣ ରଥଙ୍କ ଜରିଆରେ ଏହା ୧୯୨୮ ମସିହାରେ ଛପାଇଥିଲି ଏବଂ ସେଥିର ବ୍ୟୟଭାର ଜେଜେମା ବହନ କରିଥିଲେ । ଉତ୍ସର୍ଗ ପତ୍ରରେ ତାହା ମୋର ପିତାମହ ଓ ପିତାମହୀଙ୍କ ନାମରେ ଅର୍ପଣ କରିଥିଲି । ମୋହନ ଗୋସ୍ୱାମୀଙ୍କୁ ମୋର ସେହି ନାଟକଟି ପଢ଼ିବାକୁ ଦେଲି ସତ; କିନ୍ତୁ ସେଥିର ନାଟକୀୟ ଛିଟା ଓ ଭାଷା ନିତାନ୍ତ ଅପକ୍ୱ ଅବସ୍ଥାରେ ଥିବାରୁ ମୋତେ ଲଜ୍ଜିତ ହେବାକୁ ପଡ଼ିଲା । ସେହିଦିନ ମୁଁ ସ୍ମରଣ କଲି ଥରେ ବଙ୍ଗଳାର

Digitized by PPRACHIN, SOA

ଶ୍ରେଷ୍ଠ ଔପନ୍ୟାସିକ ବଙ୍କିମଚନ୍ଦ୍ର ଲେଖକମାନଙ୍କ ପ୍ରତି ଉପଦେଶ ଦେବାକୁ ଯାଇ କହିଥିଲେ—"ଅନେକେ କଞ୍ଚା ବୟସରେ କଞ୍ଚା ଲେଖା ଛାପା ଅକ୍ଷରରେ ଦେଖିବାକୁ ଲାଳାୟିତ ହୁଅନ୍ତି । କିନ୍ତୁ ଯେତେବେଳେ ତାହା ଛପା ହୋଇ ତାଙ୍କର ପରିପକ୍ୱ ଅବସ୍ଥାରେ ଦୃଷ୍ଟି ପଥକୁ ଆସେ ସେତେବେଳେ ସେମାନେ ନିଶ୍ଚୟ ଅନୁତପ୍ତ ହେବାକୁ ପଡ଼େ ।" ବଙ୍କିମଙ୍କର ସେହି ଉପଦେଶ ଅନୁସାରେ ମୁଁ ମଧ୍ୟ ଏହି ପ୍ରାଥମିକ ଲେଖା ସକାଶେ ଅନୁତାପ କରିବାକୁ ପଡ଼ିଥିଲା ।

୧୯୩୨ ସାଲ ନଭେମ୍ବର ୨ ତାରିଖ ଦିନ ଦୀର୍ଘଦିନ ବର୍ଷା ଫଳରେ ମହେନ୍ଦ୍ର ତନୟା ନଦୀରେ ପ୍ରବଳ ବଢ଼ି ହୋଇଥିଲା । ସେତେବେଳେ ମୋର ସ୍ତ୍ରୀ ଓ ପିଲାମାନେ ତାଙ୍କ ମା'ଘରେ ଶୃଙ୍ଗୁଡ଼ି ଶାସନରେ ରହିଥାନ୍ତି । ନଦୀ ପାଣି ସେହି ଗ୍ରାମ ଭିତରେ ପଶି କେତେଗୁଡ଼ିଏ ଘର ଭସାଇ ଦେବାର ସମ୍ବାଦ ଆମେ ପାଇଲୁ । ସେଦିନ ଅପରାହ୍ଣରେ ପାଣିର ସୁଅ ପାରଳାଖେମୁଣ୍ଡି ହସପିଟାଲ ନିକଟସ୍ଥ ପୁରୁଣା ପାଟଣା ରାସ୍ତା ବୁଡ଼ାଇ ଦେଇ ଚାଲିଥାଏ । ତେଣୁ ପିଲାମାନଙ୍କ ସକାଶେ ମୁଁ ବଡ଼ ଉଦ୍‌ବିଗ୍ନ ହୋଇଥାଏ । ଶୃଙ୍ଗୁଡ଼ି ଏ ପାଖରେ ଥିବା କେରାଣ୍ଡି ଗ୍ରାମର ଲୋକେ ଘରଦ୍ୱାର ଛାଡ଼ି ଗ୍ରାମ ଲିଙ୍ଗେଶ୍ୱର ମନ୍ଦିର ପାଖ ଢିପ ଜାଗାକୁ ଆସିଥାନ୍ତି । ସେହି ଗ୍ରାମଠାରୁ ନିମ୍ନରେ ଥିବା ଶୃଙ୍ଗୁଡ଼ିର ଅବସ୍ଥା ଯେ କ'ଣ ହୋଇଥିବ, ତାହା ଆମେ କଳ୍ପନା କରିପାରିଲୁ ନାହିଁ । ଏପରି ଆମର କିଛି ସୁବିଧା ନଥିଲା, ଯାହା ସାହାଯ୍ୟରେ ଆମେ ସେଠା ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ଯାଇପାରନ୍ତୁ । ଏହି ପାର୍ବତ୍ୟ ନଦୀର ପ୍ରଖର ସ୍ରୋତ ଅତି ଭୀଷଣ ଭାବରେ ଚାଲିଥାଏ । ୧୯୨୨ ମସିହାରେ କାର୍ତ୍ତିକ ମାସରେ ଯେଉଁପରି ଏ ନଦୀରେ ବନ୍ୟା ହୋଇଥିଲା, ତା'ଠାରୁ ଏହା ଅଧିକ ବୋଲି ଲୋକେ କହୁଥିଲେ । ରାତିରେ କିନ୍ତୁ ବର୍ଷାର ବେଗ କମିଗଲା ଏବଂ ନଦୀର ଜଳସ୍ରୋତ ମଧ୍ୟ ଧୀରେ ଧୀରେ କମିବାକୁ ଲାଗିଲା । ଏହି ପାର୍ବତ୍ୟ ନଦୀଗୁଡ଼ିକ ଚଞ୍ଚଳ ବଢ଼ିଯାଇ ଚଞ୍ଚଳ କମିଯାନ୍ତି । ଆରଦିନ ନଦୀର ବଢ଼ିପାଣି ଯଥେଷ୍ଟ କମିଯାଇ ସ୍ୱାଭାବିକ ଅବସ୍ଥାକୁ ଆସିବାରୁ ଜଣାଗଲା ଯେ ଶୃଙ୍ଗୁଡ଼ି ଶାସନରେ ମୋର ଶ୍ୱଶୁରଙ୍କ ଗୃହ ଓ ତାଙ୍କ ପାଖରେ ଥିବା ଦୁଇ ଗୋଟି ପକ୍‌କାଘର ମାତ୍ର ନିରାପଦ ହୋଇଥିଲା । ଆଉ ସବୁ ଘରଗୁଡ଼ିକ ନଦୀ ସ୍ରୋତରେ ଭାସି ଯାଇଥିଲା । ପାରିବାରିକ ଦୁର୍ବିପାକ ଏବଂ ଆପଦ ବିପଦ ମୋତେ ଅଳ୍ପସମୟ କେବେ ଅସ୍ଥିର କରିଥାଏ; ଫେରି ମୁଁ ମୋର ସ୍ୱାଭାବିକ କାର୍ଯ୍ୟରେ ବ୍ରତୀ ହେବାକୁ ପ୍ରେରଣା ପାଏ । ଠିକ୍ ସେତିକବେଳେ ମୁଁ ଗୋଟିଏ ଐତିହାସିକ ପ୍ରବନ୍ଧ ଲେଖିବାରେ ଲାଗିଥିଲି, ତାହା ହେଉଛି "ଦକ୍ଷିଣ ଓଡ଼ିଶାରେ ତୈଳପ ବଂଶ" । ଏଥିର ଗୋଟିଏ ଇଂରାଜୀ ପ୍ରବନ୍ଧ ମଧ୍ୟ ଆନ୍ଧ୍ର ରିସର୍ଚ୍ଚ ପତ୍ରିକାରେ ପ୍ରକାଶ କରିଥିଲି । *

* Andhra Historical Research Journal, Vol.

Digitized by PPRACHIN, SOA

ସେବର୍ଷ ନଭେମ୍ବର ୧୫ ତାରିଖରେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଗୋଲଟେବୁଲ ବୈଠକର ଦ୍ୱିତୀୟ ଅଧିବେଶନକୁ ଯିବା କଥା ଶୁଣି ମୋର ବନ୍ଧୁ ଶ୍ୟାମ ସୁନ୍ଦର ପାଢ଼ୀ ମୋଠାକୁ ଆସି କହିଲେ ଯେ, "ମହାରାଜାଙ୍କ ଆଦେଶ ହୋଇଛି, ଆମେ ଦିହେଁ ନୌପଡ଼ା ଯାଇ ତାଙ୍କୁ ଅଭ୍ୟର୍ଥନା ଜଣାଇବୁ।" କିନ୍ତୁ ସେତେବେଳେ ଆନ୍ଧ୍ର ଡେପୁଟେସନରେ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ବିପକ୍ଷରେ ଯେଉଁ ସବୁ ଆକ୍ଷେପମୂଳକ ଲେଖା ବାହାରିଥିଲା ତାହାର ଉତ୍ତର ଦେବାକୁ ଗୋଟିଏ ସମାଲୋଚନା ଓଡ଼ିଆରେ ଲେଖି ମହାରାଜାଙ୍କର ପ୍ରତିଷ୍ଠିତ ଗଜପତି ପ୍ରେସରେ ତାହା ଛାପିବା କାର୍ଯ୍ୟରେ ମୁଁ ଲାଗିଥାଏ। ମୋର ସ୍ମରଣ ହେଉଛି, ମହାରାଜାଙ୍କ ପ୍ରସ୍ତାବ କ୍ରମେ ଗୋଟିଏ ଓଡ଼ିଆ ଡେପୁଟେସନ ଇଂଲଣ୍ଡ ପଠାଇବାକୁ ପାରଳାଖେମୁଣ୍ଡିରୁ ଚାନ୍ଦା ସଂଗ୍ରହ କରିବାକୁ ହେବ। ଏହି କାର୍ଯ୍ୟରେ ମୁଁ ଓ ହରିହର ବର୍ଦ୍ଧନ ଅଗ୍ରଣୀ ହୋଇଥିଲୁ। ୧୯୩୨ ନଭେମ୍ବର ୧୭ ତାରିଖ ଦିନ ଦେଓ୍ୱାନ ଅନନ୍ତରାମ ରଥ ଆମକୁ ଡକାଇ କହିଲେ ଯେ ସେହି ଡେପୁଟେସନରେ ଭୁବନାନନ୍ଦ ଦାସ ଓ ଶ୍ୟାମସୁନ୍ଦର ଗନ୍ତାୟତ ଇଂଲଣ୍ଡ ଯିବାପାଇଁ ବ୍ୟବସ୍ଥା କରିବା ସକାଶେ ମହାରାଜାଙ୍କଠାରେ ସେ ପ୍ରସ୍ତାବ କରିବେ। ସେ ଯାହାହେଉ ଆମର ଚାନ୍ଦା ସଂଗ୍ରହ ଯଥେଷ୍ଟ ଭାବେ ତୃପ୍ତିକର ହେଉଥିଲା; କାରଣ 'ହ୍ୱାଇଟ ପେପର' ପ୍ରକାଶ ହେବା ପରେ ପରେ ଏଠାର ଓଡ଼ିଆମାନେ ଶଙ୍କା କରୁଥିଲେ ଯେ, ପାରଳାଖେମୁଣ୍ଡି ଯଦି ମାନ୍ଦ୍ରାଜର ଆନ୍ଧ୍ର ଅଞ୍ଚଳରେ ରହିଯାଏ, ତା'ହେଲେ ଅଳ୍ପକାଳ ମଧ୍ୟରେ ସେମାନଙ୍କର ଅସ୍ତିତ୍ୱ ଲୋପ ହୋଇଯିବ, କାରଣ ଆନ୍ଧ୍ରମାନଙ୍କର ପ୍ରଧାନ ଶତ୍ରୁରୂପେ ଏମାନେ ଯେଉଁ ସଂଗ୍ରାମ ଚଳାଇଛନ୍ତି, ତାହା ମାନ୍ଦ୍ରାଜ ସରକାର କଦାପି ବିସ୍ମୃତ ହେବେ ନାହିଁ, ନିଶ୍ଚୟ ପ୍ରତିଶୋଧ ନେବେ।

ଏପରି ବିଭିନ୍ନ ଦିଗରେ ବ୍ୟସ୍ତ ଥିଲାବେଳେ ଆଉ ଗୋଟିଏ ଗୁରୁତର କାର୍ଯ୍ୟ ପ୍ରତି ଆମର ସମସ୍ତ ଶକ୍ତି ପ୍ରୟୋଗ କରିବାକୁ ପଡ଼ିଲା। ତାହା ହେଉଛି ୨୧ ତାରିଖ ନଭେମ୍ବର ୧୯୩୨ ସାଲରେ ପାରଳାଖେମୁଣ୍ଡି ତାଲୁକବୋର୍ଡ଼ ନିର୍ବାଚନ ପାଇଁ ପ୍ରାର୍ଥୀ-ମାନଙ୍କର ନମିନେସନ୍ ଫର୍ମ ଦାଖଲ କରିବା ଦିନ। ସେଦିନ ପ୍ରଥମାଷ୍ଟମୀ। ଆମ ଘରେ ମୁଁ ପ୍ରଥମ ପୁତ୍ର ହୋଇଥିବାରୁ ବନ୍ଦାପନାର ଆୟୋଜନ ଚାଲିଥାଏ। ଠିକ୍ ୧୧ଟା ବେଳେ ଆମ ପକ୍ଷର ନିର୍ଦ୍ଦିଷ୍ଟ ପ୍ରାର୍ଥୀମାନଙ୍କ ନୋମିନେସନ୍ ଫର୍ମଗୁଡ଼ିକ ପୂର୍ତ୍ତି କରି ସେ ସବୁ ତାଲୁକ ଅଫିସରେ ଦାଖଲ କରିବାକୁ ପଡ଼ିଲା। ପ୍ରାୟ ଅପରାହ୍ଣ ୨ଟା ବେଳେ ମୋର ଫର୍ମଟି ଦେଇଥିଲି। ମୁଁ ପାରଳାଖେମୁଣ୍ଡି ସହର ଓ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ମିଶାଇ ଯେଉଁ ସର୍କଲ ଗଠିତ ହୋଇଥାଏ, ସେଥିର ପ୍ରାର୍ଥୀ ରୂପେ ଠିଆ ହୋଇଥିଲି। ମୋର ବିପକ୍ଷରେ ସାଙ୍କୁ ସୋମନ୍ନା ନାମକ ଜଣେ ତେଲେଙ୍ଗାଙ୍କୁ ଅଧ୍ୟାପକ ସୀତାପତି ଠିଆ କରାଇଥାନ୍ତି। କାରଣ ସେ (ସୀତାପତି) ଥିଲେ ଏଠା ଆନ୍ଧ୍ର-ମାନଙ୍କର ବଡ଼ ନେତା ଏବଂ ସମଗ୍ର ଆନ୍ଧ୍ର ଜାତିର ପ୍ରତିନିଧି। ତାଙ୍କର ଆନ୍ଧ୍ର ଲୋକ

Digitized by PPRACHIN, SOA

ସଂଖ୍ୟା ତତ୍କାଳୀନ ପାରଳାଖେମୁଣ୍ଡି ଜମିଦାରୀରେ ବେଶି ଥିବାରୁ ସେ ନିଶ୍ଚିତଭାବେ ତାଲୁକ ବୋର୍ଡ଼ର ଅଧିକାଂଶ ସଭ୍ୟଙ୍କୁ ନିଜ ଅନ୍ତଃପୁରରେ ରଖି ପାରିବେ, ଏହା ସେମାନଙ୍କର ଦୃଢ଼ ବିଶ୍ୱାସ ଥାଏ । ଆମେ ସଂଖ୍ୟାନ୍ୟୂନ ହିସାବରେ ଏକମାତ୍ର ଆଶ୍ରୟ କରିଥାଉ ମହାରାଜାଙ୍କର ପ୍ରଭାବ ଓ ପ୍ରତିପତ୍ତି । ପରଦିନ ଦେଓ୍ୱାନଙ୍କ ଅଫିସ୍‌ରେ ଓଡ଼ିଆ ପ୍ରାର୍ଥୀମାନେ ଏବଂ ଆମପକ୍ଷର ତେଲେଙ୍ଗା ପ୍ରାର୍ଥୀମାନେ ସମସ୍ତେ ମିଳିତ ହୋଇ ଭୋଟ ପ୍ରଚାର କାର୍ଯ୍ୟରେ କିପରି ଶୃଙ୍ଖଳା ରକ୍ଷା କରାଯାଇପାରିବ ସେଥିର ଗୋଟିଏ ପ୍ରସ୍ତାବ ତିଆରି କଲୁ । ଆମ ପକ୍ଷର ଯେଉଁମାନେ ପ୍ରଚାର କାର୍ଯ୍ୟରେ ଲିପ୍ତ ହେଲେ ସେମାନଙ୍କର ଗୋଟିଏ ସଭା ୨୩ ତାରିଖଦିନ ଆହୂତ ହେଲା । ଏହି ତାଲୁକ ବୋର୍ଡ଼ ନିର୍ବାଚନ ଗୋଟିଏ ଗୁରୁତର ଅବସ୍ଥା ସୃଷ୍ଟି କରିବ ବୋଲି ଆମେ ଆଗରୁ କଳ୍ପନା କରିଥିଲୁ କାରଣ ସୀମା ନିର୍ଦ୍ଦେଶକ କମିଟିର ଚେୟାରମାନ୍ ତାଙ୍କ ରିପୋର୍ଟରେ ଯେଉଁ କେତେକ ଅବାନ୍ତର କଥା ଉଲ୍ଲେଖ କରି ମାନ୍ଦ୍ରାଜ ଅଫିସରଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡିର କୌଣସି ଅଞ୍ଚଳ ଓଡ଼ିଶାରେ ମିଶିବା ଉଚିତ ନୁହେଁ ବୋଲି ଉଲ୍ଲେଖ କରିଥିଲେ ସେଥିର ଉତ୍ତର ଦେବାକୁ ହେଲେ ଏହି ତାଲୁକବୋର୍ଡ଼ ନିର୍ବାଚନକୁ ଆଧାର କରି କେନ୍ଦ୍ର ସରକାରଙ୍କୁ ଦର୍ଶାଇ ଦିଆଯାଇ ପାରିବ ଯେ, ଏ ତାଲୁକରେ ଓଡ଼ିଆଙ୍କର ମଧ୍ୟ ଯଥେଷ୍ଟ ପରିମାଣରେ ଦାବୀ ରହିଛି । ସେତେବେଳେ ମହାରାଜା ମନେ ମନେ ସ୍ଥିର କରିଥିଲେ ଯେ, କୌଣସି ଉପାୟରେ ହେଉ ପାରଳାଖେମୁଣ୍ଡି ସହର ସମେତ ସେଥିର ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକ ଓଡ଼ିଶାରେ ମିଶାଇବାକୁ ହେବ ନଚେତ ତାଙ୍କର ସମସ୍ତ ମାନ ସମ୍ମାନ ନଷ୍ଟ ହୋଇଯିବ । ଏଣୁ ଏହା କାର୍ଯ୍ୟରେ ପରିଣତ କରିବା ପକାଶେ ତାଙ୍କର ଜମିଦାରୀ ଦୁଇଭାଗରେ ବିଭକ୍ତ କରିବାକୁ ମଧ୍ୟ କୁଣ୍ଠିତ ହୋଇ ନ ଥିଲେ । ମାନ୍ଦ୍ରାଜ ସରକାରଙ୍କର ପକ୍ଷରୁ ଯେତେବେଳେ ଲାଟ ସାହେବ ଲର୍ଡ଼ ସସନ୍ ପାରଳାଖେମୁଣ୍ଡିକୁ ଆଗମନ କରନ୍ତି ମହାରାଜାଙ୍କୁ ତାଙ୍କର ପ୍ରଥମ ଉପଦେଶ ହେଉଛି, "ମାନ୍ଦ୍ରାଜରେ ତୁମର ପଦମର୍ଯ୍ୟାଦା କୌଣସି ପ୍ରକାରେ ଏ ପର୍ଯ୍ୟନ୍ତ କ୍ଷୁଣ୍ଣ ହୋଇ ନାହିଁ । ତୁମପ୍ରତି ମୋ ସରକାରଙ୍କ ସହାନୁଭୂତି ଓ ସାହଚର୍ଯ୍ୟ ସବୁବେଳେ ପ୍ରଦର୍ଶିତ ହୁଏ । ତୁମେ ମଧ୍ୟ ସରକାରଙ୍କର କାର୍ଯ୍ୟରେ ଓ ନୀତିରେ ଯଥେଷ୍ଟ ସହାୟକ ରୂପେ ଏହି ଉପାନ୍ତ ଅଞ୍ଚଳରେ ରହିଛ । ଏପରି ସ୍ଥଳେ ତୁମେ ଓଡ଼ିଶାକୁ ଯିବାପାଇଁ ଏତେ ଲାଳାୟିତ କାହିଁକି ? ମହାରାଜା ହସିଦେଇ ତାଙ୍କୁ ଉତ୍ତର ଦେଲେ "ଆପଣ ଆମର ଜାତୀୟତା ସମ୍ବନ୍ଧେ ବିଶେଷ ଜାଣି ନଥିବାରୁ ଏପରି କହୁଛନ୍ତି । ଆମ ଓଡ଼ିଆଙ୍କର ନୀତି ହେଉଛି ପ୍ରଥମେ ଜାତୀୟ ସ୍ୱାର୍ଥର ସୁରକ୍ଷା, ମାତୃଭାଷାର ଉନ୍ନତି ଓ ବିଚ୍ଛିନ୍ନ ଅଞ୍ଚଳର ଏକତ୍ରୀକରଣ । ଏହି ତିନୋଟି ନୀତି ପାଳନ କରିବାକୁ ମୁଁ ଜୀବନର ବ୍ରତ କରିଛି, ମୋର ଗୁରୁ ମରିସନ୍ ସାହେବଙ୍କ ଠାରୁ ଉପଦେଶ ପାଇଛି ଯେ ନିଜସ୍ୱାର୍ଥ ଅପେକ୍ଷା ଦେଶ ଓ ଜାତିର ସ୍ୱାର୍ଥ ପାଇଁ ଆତ୍ମବଳୀ ଦେବା ଗୋଟିଏ ପୁଣ୍ୟ କାର୍ଯ୍ୟ । ମୁଁ ସେହି ଉପଦେଶକୁ

Digitized by PPRACHIN, SOA

ଅନୁସରଣ କରି ଏହି ଜାତୀୟ କାର୍ଯ୍ୟରେ ଆତ୍ମନିବେଶ କରିଛୁ ।" ମହାରାଜାଙ୍କ ଠାରୁ ଏପରି ଉତ୍ତର ଶୁଣି ଲର୍ଡ୍ ପେଣ୍ଟଲ୍ୟାଣ୍ଡ ନିରୁତ୍ତର ହୋଇଥିଲେ । ଆମେ ସେଦିନ ମ୍ୟୁନିସିପାଲ କାଉନ୍ସିଲର ହିସାବରେ ତାଙ୍କ ସଙ୍ଗେ ବସନ୍ତନିବାସରେ ସାକ୍ଷାତ କରିଥିଲୁ । ମହାରାଜାଙ୍କର ସେହି କଥୋପକଥନ ବେଳେ ପାଖର ଗୋଟିଏ କୋଠରିରେ ମୁଁ ଓ ଶ୍ୟାମସୁନ୍ଦର ଗଜପତି ଅତି ଉଦ୍‌ବେଗର ସହିତ ଅପେକ୍ଷା କରିଥାଉ, କାରଣ ମାନ୍ଦ୍ରାଜ ଲାଟଙ୍କ ଆଗମନର ପ୍ରଧାନ ଉଦ୍ଦେଶ୍ୟ ହେଉଛି ପାରଳା ମହାରାଜାଙ୍କୁ ପ୍ରବର୍ତ୍ତାଇ ଓଡ଼ିଶାର ସୀମା ପରିବର୍ତ୍ତନ ବିଷୟରେ ଅଧିକ ଆନ୍ଦୋଳନ ସୃଷ୍ଟି ନ କରିବାକୁ ଉପଦେଶ ଦେବା । କିନ୍ତୁ ଯେତେବେଳେ ମହାରାଜାଙ୍କର ସେଇ ଉତ୍ତର ଆମେ ଶୁଣିବାକୁ ପାଇଲୁ ଆମର ଆଶା ଓ ଆକାଙ୍‌କ୍ଷା ଦ୍ୱିଗୁଣିତ ହେଲା । ଏ ଜାତୀୟ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିବା ନିମନ୍ତେ ଆମେ ଦୃଢ଼ପ୍ରତିଜ୍ଞ ହେଲୁ ।

ସେ ମାସ ୨୮ ତାରିଖଦିନ ମହାରାଜାଙ୍କଠାରୁ ଯାଇ ୧୯୫। ଠାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ମୁଁ ତାଲୁକବୋର୍ଡ଼ ସମ୍ବନ୍ଧରେ ପରାମର୍ଶ କରି କେତେକ ଅଞ୍ଚଳ ପ୍ରଚାର ଉଦ୍ଦେଶ୍ୟରେ ବୁଲିଥିଲି । ସେତେବେଳ ପର୍ଯ୍ୟନ୍ତ ଆମେ ଭୋଟର ତାଲିକା ପାଇ ନ ଥାଉ । ଏହି ପ୍ରଚାର କାର୍ଯ୍ୟରେ କେତେ ଦିନ ଅତିବାହିତ ହୋଇଥିଲା । ଡିସେମ୍ବର ୧୦ ଓ ୧୭ ତାରିଖ ଦୁଇଦିନ ତହସିଲଦାରଙ୍କ ଅଫିସରେ ଭୋଟ୍ ଗଣତି ହୋଇଥିଲା । ଡିସେମ୍ବର ୧୫ ତାରିଖଦିନ ଲଣ୍ଡନରୁ ଖଲ୍ଲିକୋଟ୍ ରାଜାଙ୍କଠାରୁ ଗୋଟିଏ କେବଲଗ୍ରାମ୍ ଆମେ ପାଇଲୁ । ସେଥିରେ ଲେଖାଥିଲା ଯେ ଡିସେମ୍ବର ୨୪ ତାରିଖ ୧୯୩୨ ରେ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଇଂଲଣ୍ଡରେ ଘୋଷଣା କରି ଅଛନ୍ତି । ଏଣୁ ପାରଳାଖେମୁଣ୍ଡିରେ 'People's Association' ପକ୍ଷରୁ ଗୋଟିଏ ବଡ଼ ଧରଣର ସଭା ଡାକିବାକୁ ମୁଁ ଓ ବି. ସୂର୍ଯ୍ୟନାରାୟଣ ( ମୋର ସହକାରୀ ସମ୍ପାଦକ ) ଗୋଟିଏ ବିଜ୍ଞାପନ ଲେଖି ସହରରେ ଏବଂ ତାଲୁକରେ ବଣ୍ଟନ କରିଥିଲୁ । ୨୭ ତାରିଖରେ ମିଟିଙ୍ଗ କରି ସେଥିରେ ବ୍ରିଟିଶ୍ ସରକାରଙ୍କୁ ଧନ୍ୟବାଦ ଦେଇ ଗୋଟିଏ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେଲା ଏବଂ ତାହା Secretary of Statesଙ୍କୁ କେବଲଯୋଗେ ପଠାଇ ଦିଆଗଲା । ଏଠାରେ କହିରଖିବା ଉଚିତ ଯେ ତାଲୁକ-ବୋର୍ଡ଼ରେ ଯେତେବେଳେ ଭୋଟ୍‌ଗଣନା ସରିଗଲା, ଦେଖାଗଲା ଯେ ମୁଁ ୧୩୦୦ ଭୋଟ୍ ପାଇ ଜୟଲାଭ କରିଛି ଏବଂ ମୋର ବିପକ୍ଷପ୍ରାର୍ଥୀ ସାକ୍ସ ସୋମନ୍ନା ମାତ୍ର ୨୨୭ ଭୋଟ୍ ପାଇ ହାରି ଯାଇଛନ୍ତି । ସେହି ନିର୍ବାଚନ ଫଳରେ ଉଭୟ ଦଳରେ ଆଠ ଆଠ ଜଣ ସମାନ ଭାଗରେ ମେମ୍ବର ହୋଇଥିବାରୁ ଏହାର ପ୍ରେସିଡେ଼ଣ୍ଟ ନିର୍ବାଚନ ଯେ ଗୋଟିଏ ସଙ୍ଗୀନ ବ୍ୟାପାର ହେବ, ଏହା ଆମେ ଭଲରୂପେ ବୁଝିପାରିଥିଲୁ ।

ସେ ବର୍ଷ ଏସବୁ ବ୍ୟାପାରରେ ଲିପ୍ତ ରହିଥିଲେ ମଧ୍ୟ ମୁଁ କେତୋଟି ଭଲ ଭଲ ପ୍ରବନ୍ଧ ଲେଖି ପତ୍ରିକାରେ ପ୍ରକାଶ କରିଥିଲି । ସେଥିମଧ୍ୟରୁ 'ଉତ୍କଳରେ ଶିଳ୍ପସମୃଦ୍ଧି'

Digitized by PPRACHIN, SOA

ଏବଂ 'କବି ଗୌରିଶଙ୍କରଙ୍କର ଜୀବନୀ' ସହକାରୀ ପତ୍ରିକାରେ ଯାହା ପ୍ରକାଶ ହୋଇଥିଲା ତାହା ଅନ୍ୟତମ ।

ମୋ ଡାଏରୀରେ ସେ ବର୍ଷ ଶେଷ ଦିବସ, ଅର୍ଥାତ୍ ୩୧ ଡିସେମ୍ବର ୧୯୩୨ ଦିନ ଲେଖା ଉଦ୍‌ଯାପିତ କରିବା ପୂର୍ବରୁ ସେହି ପୃଷ୍ଠାରେ ମୁଁ ଯାହା ଲେଖିଥିଲି ସେଥିର ଗୋଟିଏ ନକଲ ଏଠାରେ ଉଦ୍ଧାର କଲେ ବୋଧେ ମୋର ମନର ଅବସ୍ଥା କିଛି ସ୍ପଷ୍ଟ ହେବ —

"ଆଜି ଏହି ବର୍ଷର ଶେଷଦିନ । ସୁଖଦୁଃଖର ଅନେକ ଘାତ ପ୍ରତିଘାତ ମଧ୍ୟଦେଇ ଏହି ବର୍ଷଟି ଜୀବନରୁ ଚାଲିଯାଇଛି । ନୂତନ ତଥା ସମ୍ପୂର୍ଣ୍ଣ ଅଜ୍ଞାତ ବର୍ଷଟିଏ ଆଗରେ ଉଦ୍ଭାସିତ ହୋଇ ଉଠୁଛି । ଏହି ମୋର ବର୍ଷକର ପ୍ରିୟ ବନ୍ଧୁ ଝଣ୍ଡକୁ ବିଦାୟ ଦେଇ ନୂଆ ବନ୍ଧୁ ସଙ୍ଗେ ପରିଚିତ ହେବାକୁ ପଡ଼ିବ । ଈଶ୍ୱର ! ମୋତେ ଶୁଦ୍ଧ ପବିତ୍ର କରି ସତ୍‌ପଥରେ ଚାଳିତ କରାଅ, ଏହିମାତ୍ର ମୋର ପ୍ରାଣର କାମନା ।"

୧୯୩୩ ମସିହା ଆରମ୍ଭରେ ମୋତେ କେତୋଟି ଗୁରୁତର କାର୍ଯ୍ୟରେ ବ୍ୟସ୍ତ ହେବାକୁ ପଡ଼ିଲା । ପ୍ରଥମଟି ହେଉଛି ଓଡ଼ିଶା ଦେଶମିଶ୍ରଣ ସମ୍ପର୍କୀୟ ଆନ୍ଦୋଳନ, ଦ୍ୱିତୀୟଟି ପାରଳାଖେମୁଣ୍ଡି ତାଲୁକବୋର୍ଡ଼ରେ ଆମ ଦଳପକ୍ଷରୁ ନେତୃତ୍ୱ ଗ୍ରହଣ କରି ଯାହା କିଛି କର୍ତ୍ତବ୍ୟ ସମ୍ପାଦନ, ତୃତୀୟଟି ଆନ୍ଧ୍ର ୟୁନିଭରସିଟିରେ ଡିଭିସ୍ଥ ଖିଷା ପ୍ରବୀଣ ପ୍ରିଲିମିନେରି ପରୀକ୍ଷା ପାଇଁ ନିଜେ ପ୍ରସ୍ତୁତ ହେବା ଏବଂ ଚତୁର୍ଥରେ ଆମ ପରିବାରର ବିଷୟ ସମ୍ପତ୍ତି ବଣ୍ଟନ କାର୍ଯ୍ୟରେ ମୁଖ୍ୟଅଂଶ ଗ୍ରହଣ କରିବା । ଏଥିରୁ କୌଣସି ଗୋଟିକୁ ବାଦ୍‌ଦିଆଯିବା ସମ୍ଭବ ନଥିଲା । ସେ ବର୍ଷ ଜାନୁୟାରୀ ୭ ତାରିଖରେ କଲିକତା ଠାରେ ଭାଇସରାୟଙ୍କ ସଙ୍ଗେ ଓଡ଼ିଶା ଓ ସିନ୍ଧୁପ୍ରଦେଶ ନୂଆରେ ଗଠନ କରିବା ବିଷୟରେ Reform Secretary Lewis ସାହେବ ଓ P. B. Burmaଙ୍କ ମଧ୍ୟରେ ଆଲୋଚନା ଚାଲିଥିଲା । ସେତିକବେଳେ ଆନ୍ଧ୍ରମାନଙ୍କ ପକ୍ଷରୁ ଗୋଟିଏ ତାରବାର୍ତ୍ତା ଦେଇ ଭାଇସରାୟଙ୍କଠାକୁ ପ୍ରସ୍ତାବ ଗଲା ଯେ, ପାରଳାଖେମୁଣ୍ଡି ଓଡ଼ିଶାରେ ମିଶାଇବାକୁ ଯିବା ଘୋର ଆପତ୍ତିଜନକ । ଏଥିର ପ୍ରତିବାଦ ଆମ ପକ୍ଷରୁ ନିଶ୍ଚୟ କରିବାକୁ ହେବ । ଏଣୁ ମୁଁ ଗନ୍ତାୟତ ଓ ବର୍ଦ୍ଧନଙ୍କର ସଙ୍ଗେ ପରାମର୍ଶ କରି ଗୋଟିଏ ପ୍ରସ୍ତାବ ଲେଖିଥିଲି, ଯାହାକି ପରେ ସ୍ଥାନୀୟ Peoples Association ପକ୍ଷରୁ ପଠାଇ ଦିଆଗଲା । ଏ ଘଟଣାର ପ୍ରାୟ ୫ ଦିନ ପରେ ଅର୍ଥାତ୍ ୧୨. ୧. ୩୩ରେ ଖଲ୍ଲିକୋଟ ରାଜାଙ୍କ ପକ୍ଷରୁ ଲଣ୍ଡନରେ ଗୋଟିଏ ଭୋଜିର ଆୟୋଜନ କରାଯାଇଥିଲା । ସେଥିରେ ପ୍ରଧାନ ଅତିଥି ହୋଇଥିଲେ ଭାରତର Secretary of States Sir Samuel Hoare ( ସାର ସାମିଏଲ ହୋର ) । ସେଥିରେ ସେ ସ୍ପଷ୍ଟ ଭାବରେ ଘୋଷଣା କରିଥିଲେ ଯେ

Digitized by PPRACHIN, SOA

ଓଡ଼ିଆମାନଙ୍କ ପାଇଁ ସ୍ୱତନ୍ତ୍ରଭାବରେ ଗୋଟିଏ ନୂତନ ପ୍ରଦେଶ ନିଶ୍ଚୟ ଗଠିତ ହେବ ।* ଏହା ପରେ ଖଲ୍ଲିକୋଟର ରାଜା ଆମଠାରୁ ଗୋଟିଏ କେବଲ ଗ୍ରାମ୍ ଦେଇ ଏ କଥା ଜଣାଇ ଦେବାରୁ People's Association ପକ୍ଷରୁ ଗୋଟିଏ ସଭା ଆହ୍ୱାନ କରି ତାଙ୍କୁ ଅଭ୍ୟର୍ଥନା ସୂଚକ ପ୍ରତ୍ୟୁତ୍ତର ପଠାଇ ଦିଆଗଲା । ଓଡ଼ିଶା ପ୍ରଦେଶ ସିନା ଗଠିତ ହେଲା, ସେଥିରେ ପାରଳାଖେମୁଣ୍ଡି ଓ ଜୟପୁରପରି ଦୁଇଟି ମୁଖ୍ୟ ଅଂଶ ରହୁ ନ ଥିବା ଯୋଗୁଁ ଘୋର ଅସନ୍ତୋଷ ସମଗ୍ର ଓଡ଼ିଶାରେ ବ୍ୟାପ୍ତ ହେବାକୁ ଲାଗିଲା । ତେବେ ଜାନୁଆରୀ ଶେଷ ସପ୍ତାହରେ ଚିକିଟିର ରାଜା ଗୌରଚନ୍ଦ୍ର ଦେବଙ୍କଠାରୁ ମୁଁ ଖଣ୍ଡିଏ ଚିଠି ପାଇଲି । ସେ ଲେଖିଥିଲେ—"କନିକାର ଟିକାୟତ ଓ ମୁଁ ତନ୍ତ୍ରେଁ ବର୍ତ୍ତମାନ ଦେଶମିଶ୍ରଣ ସମ୍ବନ୍ଧରେ ଆଲୋଚନା କରି ସ୍ଥିର କରିଛୁ ଯେ କଟକଠାରେ ଗୋଟିଏ ସ୍ୱତନ୍ତ୍ର ଉତ୍କଳ ସମ୍ମିଳନୀ ଡାକିବାକୁ ହେବ ।" ଏ କଥାରେ ମୁଁ ଉତ୍ସାହିତ ହୋଇ ତାଙ୍କୁ ଉତ୍ତର ଦେଲି, "କଟକ ଏବଂ ଉତ୍ତର ଓଡ଼ିଶାର ନେତୃସ୍ଥାନୀୟ ଲୋକେ ବର୍ତ୍ତମାନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଉଥିବାର ଖବର ପାଇ ଆନ୍ଦୋଳନକୁ ଟିକିଏ ଧିମେଇ ଦେଇଛନ୍ତି । ପାରଳାଖେମୁଣ୍ଡି ଏବଂ ବିଶାଳ ଜୟପୁର ଜମିଦାରୀ ନ ମିଶିବାରୁ ବର୍ତ୍ତମାନ ପ୍ରସ୍ତାବିତ ଓଡ଼ିଶାର ପ୍ରାୟ ଏକ ତୃତୀୟାଂଶ ଅଞ୍ଚଳ ଆମେ ହରାଇବାକୁ ଯାଉଛୁ । ଏହା ଅତ୍ୟନ୍ତ ପରିତାପର ବିଷୟ । ଆଜି ଯେଉଁ ଜୟପୁର ଅଞ୍ଚଳଟି ଆଦିବାସୀମାନଙ୍କର କ୍ରୀଡ଼ାଭୂମି ହୋଇ ରହିଛି, ପୁଣି ବଣଜଙ୍ଗଲ ଓ ପର୍ବତ ମାଳାରେ ଦୁର୍ଗମ ଅଞ୍ଚଳ ବୋଲି ଉପେକ୍ଷିତ ହୋଇଅଛି, ତାହା ଯେ ଓଡ଼ିଶାର ଭବିଷ୍ୟତ ଅର୍ଥନୈତିକ ବିକାଶ ପାଇଁ କେତେ ସାହାଯ୍ୟ କରିବ ସେ କଥା ବିସ୍ମୃତ ହେଲେ ଆମେ ଉନ୍ନତି ପଥରେ ଘୋର ବ୍ୟାଘାତ ଘଟାଇବା ସିନା । ଦକ୍ଷିଣ ଓଡ଼ିଶାର ପାର୍ବତ୍ୟ ଅଞ୍ଚଳରେ ଯେଉଁ ବିରାଟ ଜଳପ୍ରପାତ, ବିଭିନ୍ନ ଖଣିଜ ସମ୍ପଦ ଓ କଞ୍ଚାମାଲ ପୂରି ରହିଛି, ସେଥିରୁ ଆମ ଓଡ଼ିଶାର ଶିଳ୍ପସମୃଦ୍ଧି ଭବିଷ୍ୟତରେ

---

* "Sir Samuel Hoare said that at the 3rd Round Table Conference the Rajah of Khallikota has reinforced the arguments of the Rajah of Paralakhimundi at the previous conference and had convinced the Government that the time had come to reunite the Orissa population and give them once again the chance to develop on their own distinctive lines by an administrative unity which had been their until the 16th century" (Vide The Dainik Asha, Dt. 28-1-33)

Digitized by PPRACHIN, SOA

ଆଶାତୀତ ଭାବେ ବୃଦ୍ଧି ଲାଭ କରିବ ବୋଲି ମୁଁ ନିଶ୍ଚୟ କହିପାରିବି । ଏପରି ସ୍ଥଳେ କେତୋଟି ଉପକୂଳବର୍ତ୍ତୀ ଅଞ୍ଚଳକୁ ନେଇ ଗୋଟିଏ ଖଣ୍ଡିତ ପ୍ରଦେଶ ଗଠିତ ହେଲେ ଏ ଜାତିର ଆଶା ଆକାଙ୍କ୍ଷା ଚରିତାର୍ଥ ପାଇଁ ବ୍ୟାହତ ହୋଇରହିବ ।" ମୁଁ ଏହି ପତ୍ରଖଣ୍ଡିକ ତାଙ୍କୁ ଲେଖିଲା ପରେ ସେ ତାରି ଉପରେ ନିର୍ଭର କରି ଗୋଟିଏ ସୁନ୍ଦର ପ୍ରବନ୍ଧ ସାହାଯ୍ୟରେ କଟକର ସେହି ପ୍ରସ୍ତାବିତ ଉତ୍କଳ ସମ୍ମିଳନୀରେ ସଭ୍ୟମାନଙ୍କୁ ପଢ଼ି ଶୁଣାଇ ଦେଇଥିଲେ ।

ଫେବୃୟାରୀ ୧୨ ତାରିଖରେ ସେହି ପ୍ରସ୍ତାବିତ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ କଟକଠାରେ ଅନୁଷ୍ଠିତ ହେଲା । ସେଥିରେ ମୋର ପାରିବାରିକ କାରଣରୁ ମୁଁ ଯୋଗ ଦେଇ ପାରି ନ ଥିଲି । କିନ୍ତୁ ମହାରାଜାଙ୍କ ସଙ୍ଗେ ହୀରାଲାଲ ବର୍ଦ୍ଧନ ଓ ଅଧ୍ୟାପକ ଯୁଗଳ କିଶୋର ପାଣିଗ୍ରାହୀ ସେଠାକୁ ଯାଇଥିଲେ । ମଧୁବାବୁଙ୍କର ପ୍ରସ୍ତାବକ୍ରମେ ସେହି ସମ୍ମିଳନୀରେ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କୁ ସାହାଯ୍ୟ କରିବା ପାଇଁ ଭୁବନାନନ୍ଦ ଦାସଙ୍କୁ ଇଂଲଣ୍ଡ ପଠାଇବା ସକାଶେ ମହାରାଜାଙ୍କୁ ଅନୁରୋଧ କରାଗଲା । ତାଙ୍କର ସମସ୍ତ ବ୍ୟୟଭାର ବହନ କରିବା ସକାଶେ ଆମେ ପାରଳାଖେମୁଣ୍ଡିରୁ ଯେଉଁ ଚାନ୍ଦା ସଂଗ୍ରହ କରିବାରେ ଲାଗିଥିଲୁ ସେ କଥା ଆଗରୁ କୁହାଯାଇଛି ।

ଜାନୁୟାରୀ ୧୧ ତାରିଖଦିନ ତାଲୁକବୋର୍ଡ଼ ପକ୍ଷରୁ ସଭାପତି ଏବଂ ଉପସଭାପତି ନିର୍ବାଚନ ହୋଇଥିଲା । ଏଥିରେ ଆମ ପକ୍ଷରୁ ଅଧ୍ୟାପକ ଯୁଗଳ କିଶୋର ପାଣିଗ୍ରାହୀ ଏବଂ ଆନ୍ଧ୍ରମାନଙ୍କ ପକ୍ଷରୁ ଅଧ୍ୟାପକ ଗିଡ଼ୁଗୁ ସୀତାପତି ପ୍ରାର୍ଥୀ ହୋଇଥିଲେ । ନିର୍ବାଚନ ଶେଷରେ ଦେଖାଗଲା ଯେ, ସୀତାପତି ୮ଟି ଭୋଟ ପାଇ ଜିତିଛନ୍ତି ଏବଂ ପାଣିଗ୍ରାହୀ ୭ଟି ଭୋଟ ପାଇ ହାରି ଯାଇଛନ୍ତି । ଏହା ଆମ୍ଭମାନଙ୍କ ମନରେ ଘୋର ଆଘାତ ଦେଲା, କାରଣ ସେଥିରେ ୨ ଜଣ ଆନ୍ଧ୍ର ସଭ୍ୟ ଆମକୁ ଆଗରୁ ଆଶା ଦେଇ ପରେ ବିଶ୍ୱାସ ଘାତକତା କରିଥିଲେ । ଆମେ ମହାରାଜାଙ୍କ ସଙ୍ଗେ ପରାମର୍ଶ କରି ଗୋଟିଏ ବିରୁଦ୍ଧଦଳ ଗଢ଼ିଲୁ ଯେଉଁ ଦଳରେ ମୁଁ ଓ ଅଧ୍ୟାପକ ପାଣିଗ୍ରାହୀ ନେତୃତ୍ୱ ଗ୍ରହଣ କଲୁ । ସେ ମହାରାଜାଙ୍କର ପାଲେସ କଣ୍ଟ୍ରୋଲର ରୂପେ ନିଯୁକ୍ତ ହୋଇଥିବାରୁ ତାଲୁକବୋର୍ଡ଼ ବିଷୟକ ଠିକ୍‌ନିଖି ବିବରଣୀ ସଂଗ୍ରହ କରିବା ଏବଂ ସେ ସମ୍ବନ୍ଧୀୟ ବିଷୟରେ ଆବଶ୍ୟକୀୟ Notes ଲେଖିବାକୁ ସୁବିଧା ଓ ସମୟ ପାଉନଥିଲେ । ତେଣୁ ଏ ବିଷୟରେ ମୋ ଉପରେ ସମସ୍ତ କାର୍ଯ୍ୟ ନିର୍ଭର କରୁଥିଲା ।

ଜାନୁୟାରୀ ୧୯ ତାରିଖ ଦିନ ମୋର ନନା ଓ କକେଇଙ୍କର ମଧ୍ୟରେ ଯେଉଁ ଭାଗବଣ୍ଟା ହୋଇ ଗ୍ରୁହୋଟି ଅଲଗା ଅଲଗା ଘର ହେଲା, ତାହା ମୋର

Digitized by PPRACHIN, SOA

ଗୋଟିଏ ସ୍ମରଣୀୟ ଦିବସ । ଉପରେ ଏ ସମ୍ବନ୍ଧେ ମୁଁ ସମସ୍ତ ବିଷୟ ବର୍ଣ୍ଣନା କରୁଛି ।

ଫେବ୍ରୁୟାରୀ ୪ ତାରିଖରେ ଇଚ୍ଛାପୁରଠାରେ ଗୋଟିଏ ବିରାଟ ଆକାରରେ ଉତ୍କଳୀୟ କବି ସମ୍ମିଳନୀର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେଥିରେ କଟକର 'ଟଙ୍କାର' ସମ୍ପାଦକ ମୋର ବନ୍ଧୁ ବାଳକୃଷ୍ଣ କର ଏବଂ ସରୋଜିନୀ ଚୌଧୁରୀ ପ୍ରଭୃତି କବି ଓ ସାହିତ୍ୟିକମାନଙ୍କ ସଙ୍ଗେ ଏକ ବସାରେ ଦୁଇଦିନ କଟାଇଥିଲି । ଦକ୍ଷିଣ ଓଡ଼ିଶାରେ ବହୁ ପ୍ରତିଭାବାନ୍ କବି, ସଙ୍ଗୀତଜ୍ଞ ଏବଂ ବୈଜ୍ଞାନିକମାନଙ୍କର ଜୀବନଚରିତ ସଙ୍କଳନ କରିବାକୁ ବାଳକୃଷ୍ଣବାବୁ ମୋତେ ଗୋଟିଏ ପ୍ରସ୍ତାବ ଦେଇଥିଲେ । ସେହି ସମ୍ମିଳନୀରେ ପାଠ କରିବା ପାଇଁ ଉତ୍କଳୀୟ ଲିପି ସଂସ୍କାର ନାମକ ଗୋଟିଏ ଦୀର୍ଘ ପ୍ରବନ୍ଧ ମୁଁ ଲେଖିଥାଏ । ତାହା ବାଳକୃଷ୍ଣ ବାବୁଙ୍କୁ ମୁଁ ଦେଖାଇ କହିଲି—"ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ଆପଣଙ୍କର ଛାପାଖାନା ବହୁତ କିଛି ଉନ୍ନତି ଲାଭ କରିବ । ସେ ଦିନଟି ଆପଣ ଏବେଠାରୁ ସ୍ମରଣ ରଖି ଛାପାଖାନାର ଉନ୍ନତି କରିବା ଆବଶ୍ୟକ । ଆପଣଙ୍କ ଠାରେ ଏବେସୁଦ୍ଧା ବ୍ଲକ ତିଆରି କରିବା ଯନ୍ତ୍ର ନାହିଁ । ଏଥିପାଇଁ ଆପଣମାନେ କଲିକତା ଦଉଡ଼ୁଛନ୍ତି । ଯେତେବେଳେ ଆମର ଦେଶ ଉନ୍ନତି ପଥରେ ଅଗ୍ରସର ହେବ ସେତେବେଳେ ଓଡ଼ିଆ ଲିପିର ସଂସ୍କାର ନିତାନ୍ତ ଆବଶ୍ୟକ ହୋଇପଡ଼ିବ । ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଏଣୁ ଓଡ଼ିଆରେ ଲାଇନୋ ଟାଇପ ଯେବେ ସମ୍ଭବ ହେବ ସେଦିନଟି ଅନୁଧ୍ୟାନ କରି ଏ ପ୍ରବନ୍ଧ ରଚନା କରିଛି । ଏତିକିବେଳୁ ଆମେ ପ୍ରେସ୍ ସାହାଯ୍ୟରେ ଲୋକଙ୍କ ମଧ୍ୟରେ ପ୍ରଚାର କରି ଧୀରେ ଧୀରେ ସଂସ୍କାର କରାଯାଇଥିବା ଅକ୍ଷର ପାଠର ଅଭ୍ୟାସ ବଢ଼ାଇବାକୁ ପଡ଼ିବ । ତାହାହେଲେ ଆପଣଙ୍କର ପ୍ରେସ ଉତ୍ତରୋତ୍ତର ଉନ୍ନତି ପଥରେ ଅଗ୍ରସର ହେବା ସୁନିଶ୍ଚିତ ।" * ମୋଠାରୁ ଏକଥା ଶୁଣି ବାଳକୃଷ୍ଣ ବାବୁ ଟିକିଏ ପରିହାସ କଣ୍ଠରେ କହିଲେ—"ଆପଣଙ୍କର ପାରଳା ମହାରାଜା ଯେପରି ଉନ୍ନତମନା ଆପଣ ମଧ୍ୟ ତାଙ୍କ ସଙ୍ଗରେ ରହି ବହୁତ କିଛି ଉଚ୍ଚକଳ୍ପନା କରୁଛନ୍ତି । କିନ୍ତୁ ବ୍ୟବସାୟ ଦିଗରୁ ବାସ୍ତବତା ପ୍ରତି ଧ୍ୟାନ ଦେଇ ମୁଁ ମୋର ପ୍ରେସ ଖଣ୍ଡିକ ଚଳାଉଛି । ଅବଶ୍ୟ ବ୍ଲକ ପ୍ରସ୍ତୁତ କରିବାକୁ ଟଙ୍କା ହେଲେ ମୁଁ ଆବଶ୍ୟକୀୟ ଯନ୍ତ୍ର କିଣିପାରିବି । କିନ୍ତୁ ଆପଣଙ୍କର ପ୍ରସ୍ତାବିତ ଲାଇନୋଟାଇପ ମୋର କଳ୍ପନାର ବହିର୍ଭୂତ । ଆପଣ ସିନା ମୁହଁରେ ଏ ସବୁ କହିଗଲେ, ତାହା କାର୍ଯ୍ୟରେ ପରିଣତ କରିବା ଯେ କି କଠିନ ବିଷୟ ସେ କଥା ଆପଣ ଜାଣିବେ କୁଆଡ଼ୁ ?" ସେତିକିବେଳେ ଚିକିଟିର ରାଜା ସାହେବ ଗୌରଚନ୍ଦ୍ର ଦେବ ସେଠାକୁ ଆସି ହସ ହସ ମୁହଁରେ ମୋତେ ପଚାରିଲେ—

* ଏଠାରେ କହି ରଖିବା ଉଚିତ ଯେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା ପରେ ମଧ୍ୟ ଗଭର୍ଣ୍ଣମେଣ୍ଟ ପ୍ରେସ୍‌ର ଜଣେ ଅଧ୍ୟକ୍ଷ ଓ ପରିଚାଳକଙ୍କ ବହୁ ଉଦ୍ୟମ ସତ୍ତ୍ୱେ ଅଦ୍ୟାପି ଓଡ଼ିଆ ଲିପିର ସଂସ୍କାର ସମ୍ଭବ ହୋଇପାରି ନାହିଁ ।

Digitized by PPRACHIN, SOA

"କଵ ସମ୍ମିଳନୀରେ ଦେଶମିଶ୍ରଣ ପ୍ରସ୍ତାବ କ'ଣ ପଢ଼ାଯିବ ନାହିଁ ?" ମୁଁ କହିଲି, "ଆପଣ ଇଚ୍ଛାକଲେ ନିଶ୍ଚୟ ସେ ବିଷୟ ନିର୍ବାଚନ ସଭାରେ ମୁଁ ପ୍ରସ୍ତାବ କରିବି । ଓଡ଼ିଆ ସାହିତ୍ୟର ବିକାଶ କରିବାକୁ ହେଲେ ଦେଶମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ ଯେ ନିତାନ୍ତ ଆବଶ୍ୟକ, ଏକଥା କିଏ ଅସ୍ୱୀକାର କରିବ ? ମୁଣ୍ଡବିଥା ହୁଏ କେବଳ ମୁଣ୍ଡ ଥିବା ଲୋକର, ମୁଣ୍ଡ ନ ଥିଲେ ଯେପରି ସେଥିର ବ୍ୟଥା ହୁଏନାହିଁ ; ସେପରି ଓଡ଼ିଶା ନଥିଲେ ଓଡ଼ିଆ ଭାଷା ବା ସେଥିର ଉନ୍ନତି ସମ୍ଭବ ହେବ କିପରି ? ତା'ପରେ ସେ କହିଲେ, "ଆପଣ ଗୋଟିଏ ପ୍ରସ୍ତାବ ଲେଖିଦିଅନ୍ତୁ । ମୁଁ ତାହା ସଭାରେ ଅବଗତ କରିବି ।" ତାହାହିଁ ହେଲା । ସରୋଜିନୀ ଚୌଧୁରୀ ତାଙ୍କର ସେହି ପ୍ରସ୍ତାବଟି ପରେ ସମର୍ଥନ କରିଥିଲେ ।

କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନରେ ମଧୁବାବୁଙ୍କର ପ୍ରସ୍ତାବକ୍ରମେ ବାବୁ ଭୁବନାନନ୍ଦ ଦାସ ଆମ ପାର୍ଟିରୁ ଗସ୍ତଖର୍ଚ୍ଚ ନେଇ ଇଂଲଣ୍ଡ ଯାତ୍ରା କରିଥିଲେ । ତାଙ୍କର ସେହି ଯାତ୍ରାର ପ୍ରଧାନ ଉଦ୍ଦେଶ୍ୟ ଥିଲା, ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଖଲ୍ଲିକୋଟ ରାଜା ଯେଉଁ ଭାଷଣ ଦେବେ, ତାହା ଯେପରି ସଫଳଭାବେ ସମସ୍ତ ବିଚ୍ଛିନ୍ନ ଅଞ୍ଚଳକୁ ମିଶ୍ରଣ କରିବାପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ ସେଥିର ବ୍ୟବସ୍ଥା କରିବାକୁ । ଫେବ୍ରୁୟାରୀ ୧୭ ତାରିଖରେ ପାରଳାଖେମୁଣ୍ଡିର ନବନିର୍ମିତ ଓଡ଼ିଆ ଗାର୍ଲସ ସ୍କୁଲଠାରେ ତାଙ୍କୁ ଗୋଟିଏ ବିରାଟ ଅଭ୍ୟର୍ଥନା ଦିଆଗଲା । ଏପରି ଗୋଟିଏ ଅଭ୍ୟର୍ଥନା ପାଇଁ ନିଜେ ମହାରାଜା ପ୍ରସ୍ତାବ ଦେଇଥିଲେ । ସେଥିରେ ବାବୁ ଭୁବାନାନନ୍ଦ ଦାସ ଉତ୍ତର ଦେବାକୁ ଯାଇ କହିଲେ, "ଆପଣମାନଙ୍କ କାର୍ଯ୍ୟରେ ମୋର ଯାହା କିଛି ଶକ୍ତି ମୁଁ ନିଶ୍ଚୟ ବ୍ୟୟ କରିବି ।"

ଏଥିର ଅଳ୍ପକାଳ ପରେ ଖଲ୍ଲିକୋଟର ରାଜା ଲଣ୍ଡନରୁ ପ୍ରତ୍ୟାଗମନ କରିଥିଲେ । ତାଙ୍କର ଭୋଜି ସଭାରେ ସାର ସାମୁଏଲ ହୋର ଯେଉଁ ଆଶାପ୍ରଦ ବାଣୀ ଶୁଣାଇଲେ ତାହା ମାନ୍ଦ୍ରାଜର ଆନ୍ଧ୍ରମାନଙ୍କୁ ବିବ୍ରତ କଲା । ଏଣୁ ସେମାନେ ସଙ୍ଘବଦ୍ଧ ଭାବେ ପାରଳାଖେମୁଣ୍ଡି ତାଲୁକବୋର୍ଡ଼ ମାଧ୍ୟମରେ ଆମର ବିପକ୍ଷରେ ପ୍ରସ୍ତାବ ଗ୍ରହଣ କରିବାକୁ ଉଦ୍ୟତ ହେଲେ । ଏ ଖବର ପାଇ ମୁଁ ଆମ ଦଳର ନେତାରୂପେ ମହାରାଜାଙ୍କୁ କହିଲି ଯେ ତାଲୁକବୋର୍ଡ଼ର ଆଗାମୀ ଅଧିବେଶନ ଯାହାକି ସାରେକୋଟଠାରେ ଅନୁଷ୍ଠିତ ହେବାକୁ ଯାଉଛି, ସେଥିରେ ବହୁ ଆନ୍ଧ୍ର ନେତା ଯୋଗଦେଇ ଗୋଟିଏ ବିପକ୍ଷ ପ୍ରସ୍ତାବ ସରକାରଙ୍କୁ ଦେବା ବ୍ୟବସ୍ଥା କରୁଛନ୍ତି । ମହାରାଜା ଏ କଥାକୁ ଏଡ଼ାଇ ଦେଇ କହିଲେ—ସେମାନେ ଯାହା କରିବେ କରନ୍ତୁ । ଆମେ ସେଥିରେ ମୁଣ୍ଡ ଖେଳାଇବା ଆବଶ୍ୟକ ନାହିଁ । ମହାରାଜାଙ୍କଠାରୁ ଏପରି ବେପରୁଆ ଉତ୍ତର ପାଇ ମୁଁ ମନେ ମନେ ଶଙ୍କିତ ହେଲି, କାରଣ ଆନ୍ଧ୍ର ଜାତି ଅତି ଚତୁର ଓ ଶକ୍ତିଶାଳୀ । ସେମାନେ ମାନ୍ଦ୍ରାଜ ସରକାରଙ୍କ ଠାରୁ ପୂର୍ଣ୍ଣରୂପେ ସାହାଯ୍ୟ ଓ

Digitized by PPRACHIN, SOA

ସହାନୁଭୂତି ପାଉଛନ୍ତି । ଏପରି ସ୍ଥଳେ ତାଙ୍କୁ ଆମେ ହେୟ ମନେକରିବା ଉଚିତ ନୁହେଁ । ଅଧ୍ୟାପକ ଯୁଗଳ କିଶୋର ପାଣିଗ୍ରାହୀଙ୍କୁ ମୁଁ ଏକଥା କହି ଆମ ପକ୍ଷରୁ ଯଥେଷ୍ଟ ଭାବେ ସତର୍କ ହେବାପାଇଁ ଅନୁରୋଧ କଲି; କିନ୍ତୁ ସେ ମଧ୍ୟ ମହାରାଜାଙ୍କ ପରି ଏଥିରେ ବେଶୀ ଗୁରୁତ୍ୱ ଦେବାକୁ ଅନିଚ୍ଛୁକ ହେଲେ । ଏ ଘଟଣାର ଅଳ୍ପ କେତେଦିନ ପରେ ଫେବୃୟାରି ୧୯ ତାରିଖ ଦିନ ବ୍ରହ୍ମପୁରରୁ ହଠାତ୍ ଶଶୀଭୂଷଣ ରଥ, ବିଶ୍ୱନାଥ ଦାସ, ଲିଙ୍ଗରାଜ ପାଣିଗ୍ରାହୀ, ଦୀନବନ୍ଧୁ ଦାସ ପ୍ରଭୃତି କେତେଜଣ ନେତୃସ୍ଥାନୀୟ ଲୋକ ପାରଳାଖେମୁଣ୍ଡି ଆସି ତାଲୁକବୋର୍ଡ଼ର ସାରେକୋଟା ଅଧିବେଶନ ସମ୍ବନ୍ଧେ କେତେକ ପ୍ରଶ୍ନ ଆମକୁ ପଚାରିଲେ । ମୁଁ ଏଥିରୁ ବୁଝିପାରିଲି ଯେ, ଏ ଘଟଣାର ପରିସର ଏକା ପାରଳାଖେମୁଣ୍ଡି ଭିତରେ ଆବଦ୍ଧ ନୁହେଁ । ସମ୍ଭବତଃ ମାନ୍ଦ୍ରାଜ ପର୍ଯ୍ୟନ୍ତ ତାହା ବିସ୍ତାର ଲାଭ କରିଛି । ସେଦିନ ଶଶୀଭୂଷଣ ରଥ (ଯେକି ମୋର ସମ୍ପର୍କୀୟ ଅଜା ଶ୍ୱଶୁର) ଆମ ଘରଠାକୁ ଆସି ମୋତେ କହିଲେ, "ପାରଳାଖେମୁଣ୍ଡିକୁ ଓଡ଼ିଶାରୁ ବିଚ୍ଛିନ୍ନ କରିବାକୁ ଯେଉଁ ପ୍ରସ୍ତାବ ଚାଲିଛି, ତାହା ଆନ୍ଧ୍ରମାନଙ୍କ ପକ୍ଷରେ ଏବେ ଗୋଟିଏ ଅନୁକୂଳ ଅବସ୍ଥା ସୃଷ୍ଟି କଲାଣି, ଆପଣମାନେ ଏଥିରେ କିଛି ପ୍ରତିବାଦ ନ କରି ନୀରବ ହେଲେ ଆମର ସବୁ ଚେଷ୍ଟା ପଣ୍ଡ ହୋଇଯିବ । ଏଣୁ ସାରେକୋଟା ମିଟିଙ୍ଗରେ ଗୋଟିଏ ପ୍ରତିବାଦ ପ୍ରସ୍ତାବ ଆଗତ କରିବାକୁ ହେବ । ସେହି କଥା ଆମେ ମହାରାଜାଙ୍କୁ ଜଣାଇଦେବାକୁ ଆଜି ଏଠାକୁ ଆସିଛୁ ।" ସେଦିନ ସନ୍ଧ୍ୟାରେ ବ୍ରହ୍ମପୁରରୁ ଆଗତ ସେଇ ନେତାମାନେ ମହାରାଜାଙ୍କ ସଙ୍ଗେ ଦେଖା କରି ଏ ବିଷୟ ପରାମର୍ଶ କରିବାରୁ ଲିଙ୍ଗରାଜ ପାଣିଗ୍ରାହୀଙ୍କୁ ଗୋଟିଏ ପ୍ରତିବାଦ ପ୍ରସ୍ତାବ ଲେଖିବା ପାଇଁ ମହାରାଜା ଅନୁରୋଧ କଲେ । ସେଦିନ ରାତି ୯ଟାବେଳେ ଗେଷ୍ଟହାଉସଠାରେ ଆମେ ସମସ୍ତେ ବିଚାର କରି ଗୋଟିଏ ଦୀର୍ଘ ପ୍ରସ୍ତାବ ଲେଖିଲୁ । ତାହା ଆଗତ କରିବା ଭାର ଅଧ୍ୟାପକ ଯୁଗଳ କିଶୋର ପାଣିଗ୍ରାହୀଙ୍କ ଉପରେ ନ୍ୟସ୍ତ ହେଲା ଏବଂ ସମର୍ଥନ କରିବା ପାଇଁ ମୋତେ କୁହାଗଲା । ଫେବୃୟାରି ୨୦ ତାରିଖରେ ସାରେକୋଟାରେ ତାଲୁକବୋର୍ଡ଼ ମିଟିଙ୍ଗ ଯଥା ସମୟରେ ଅନୁଷ୍ଠିତ ହେଲା ଏବଂ ଆନ୍ଧ୍ରମାନଙ୍କ ପକ୍ଷରୁ ସେଥିରେ କାନେସ୍ୱାପଲି, ସତ୍ୟନାରାୟଣ ନାମକ ଜଣେ ସଭ୍ୟ ପ୍ରସ୍ତାବ ଆଗତ କରି ବ୍ରିଟିଶ ସରକାରଙ୍କୁ ଦୃଢ଼ ଭାବରେ ସତର୍କ କରାଇ ଦେଲେ, ଯଦି ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରେ ପାରଳାଖେମୁଣ୍ଡି ତାଲୁକା ଅନ୍ତର୍ଭୁକ୍ତ ହୁଏ, ତା' ହେଲେ ଏଠାରେ ଗୋଟିଏ ବିପ୍ଳବ ସୃଷ୍ଟି ହେବ । ଏଥିର ଯେଉଁ ପ୍ରତିବାଦ ପ୍ରସ୍ତାବଟି ଆମ ପକ୍ଷରୁ ଦିଆଗଲା, ତାହା ଅଧିକ ଭୋଟରେ ଗୃହୀତ ହେଲାନାହିଁ । ଏଣୁ ଆନ୍ଧ୍ରମାନେ ଉତ୍ସାହିତ ହୋଇ ସେଦିନ ସନ୍ଧ୍ୟାରେ ଗୋଟିଏ ବିରାଟ ସଭାରେ ଓଡ଼ିଆମାନଙ୍କ ବିପକ୍ଷରେ କଟୂକ୍ତି ବର୍ଷଣ କରିଥିଲେ ।

ତାଲୁକବୋର୍ଡ଼ର ଏପରି ବିରୁଦ୍ଧାଚରଣ ହେତୁ ମହାରାଜା ବିବ୍ରତ ହୋଇ ପଡ଼ିଲେ । କେବଳ ସେତିକି ନୁହେଁ ତାଙ୍କର ମାନ ସମ୍ମାନ ଉପରେ ଘୋର ଆଘାତ

Digitized by PPRACHIN, SOA

ଦିଆଯାଇ ରାଜନୀତି କ୍ଷେତ୍ରରେ ତାଙ୍କୁ ଅପଦସ୍ତ କରିବା ଚେଷ୍ଟା ହେବାରୁ ସେ କାଳ ବିଳମ୍ବ ନ କରି ଦିଲ୍ଲୀ ଯାତ୍ରାକଲେ । ଲର୍ଡ ୱିଲିଂଟନ୍ ଯେଉଁ ପ୍ରଥମେ ମାନ୍ଦ୍ରାଜର ଗଭର୍ଣ୍ଣର ଥିଲାବେଳେ ମହାରାଜାଙ୍କୁ ଯଥେଷ୍ଟ ସମ୍ମାନ କରୁଥାନ୍ତି, ତାଙ୍କ ସଙ୍ଗେ ଦେଖା କରିବା ସେଇ ଯାତ୍ରାର ଉଦ୍ଦେଶ୍ୟ ଥିଲା । କିନ୍ତୁ ସେଥି ସଙ୍ଗେ ମହାରାଜାଙ୍କର ପରିଚିତ ଏବଂ ସୁହୃଦ କେତେକ ମୁଖ୍ୟ ପାର୍ଲିମେଣ୍ଟ ସଭ୍ୟଙ୍କ ପରାମର୍ଶ କ୍ରମେ ଗୋଟିଏ ସମ୍ମିଳିତ ଅନୁରୋଧପତ୍ର କେନ୍ଦ୍ର ସରକାରଙ୍କୁ ଦିଆଗଲା । ସେଥିରେ ଉଲ୍ଲେଖ ଥିଲା ଯେ, "ପାରଳାଖେମୁଣ୍ଡି ମହାରାଜା ଜଣେ ଉଚ୍ଚବଂଶୀୟ ଏବଂ ସମ୍ମାନସ୍ପଦ ଓଡ଼ିଆ ରାଜା ହୋଇଥିବାରୁ, ତାଙ୍କର ଜମିଦାରୀ ଓଡ଼ିଶାରୁ ବିଚ୍ଛିନ୍ନ କରି ରଖାଯିବା ଏକ ଅସ୍ୱାଭାବିକ ବ୍ୟାପାର । ଏଣୁ ପ୍ରସ୍ତାବିତ ଓଡ଼ିଶାର ଦକ୍ଷିଣ ସୀମା ସମ୍ବନ୍ଧେ ପୁନର୍ବିଚାର କରିବା ପାଇଁ ବ୍ରିଟିଶ ସରକାରଙ୍କୁ ପ୍ରେରଣା ଦିଅନ୍ତୁ * ବୋଲି ଭାଇସରାୟଙ୍କୁ ଅନୁରୋଧ କରାଗଲା । ଏଥର ଭାଇସରାୟ ତାଙ୍କର ସେଇଁ ରିପୋର୍ଟ ଲଣ୍ଡନ ପଠାଇଲେ ତା ଫଳରେ Secretary of States ସେଠାରେ Joint Select Committee ଗଠନ କରି ପାରଳାଖେମୁଣ୍ଡି ଓ ଜୟପୁରକୁ ଓଡ଼ିଶାରେ ମିଶିବାପାଇଁ ପୁନର୍ବିଚାର କରିବା ବ୍ୟବସ୍ଥା କରିଥିଲେ ।

ଏହି କମିଟିର ସଭ୍ୟମାନେ ହେଉଛନ୍ତି ବଙ୍ଗଳାର ଭୂତପୂର୍ବ ଲାଟ ଲର୍ଡ ଜେଟ୍‌ଲେଣ୍ଡ୍ (Marguis of Jatland, Ex-governor of Bengal) ଏବଂ N. M. Joshi (Labour Party leader) Lord Derby, Lord Lothian, Major Attlee, Mr. R. A. Butler, Sir Phiroj Sethna, N. N. Sircar ଏବଂ Mr.Jafrulla Khan.

ସୀମା ପୁନର୍ବିଚାର ପାଇଁ ଏହି କମିଟି ଗଠିତ ହେବାର ପରେ ପରେ ନିୟମାନୁଯାୟୀ ଦକ୍ଷିଣ ଓଡ଼ିଶାର ପ୍ରତି ଅନୁଷ୍ଠାନକୁ ଜଣାଇ ଦିଆଗଲା ଯେ ପାରଳା ଓ ଜୟପୁର

---

* ନୂଆ-ଦିଲ୍ଲୀଠାରେ କୋଲେଙ୍ଗୋଡ଼ ରାଜାଙ୍କ ସଭାପତିତ୍ୱରେ କେତେକ ଜମିଦାର ଏବଂ ବିଧାନସଭା ସଭ୍ୟ ମିଳିତ ହୋଇ ମେଟ୍ରେଟରୀ ଅଫ୍ ଷ୍ଟେଟ୍‌ଙ୍କ ଠାକୁ ଗୋଟିଏ ପ୍ରସ୍ତାବରେ ଲେଖିଥିଲେ -

"Future Orissa Province should includ Parlakimudi Estate. The Rajah of Parlakimudi being the recognise dleader of Oriya landholders in the country ..The meeting also requests the representation of landholders in the Joint Parliamentary Committee." (Vide the Madras mail, dated 28-2-1933)

Digitized by PPRACHIN, SOA

ଜମିଦାରୀର ମିଶ୍ରଣ ବିପକ୍ଷରେ ବା ସପକ୍ଷରେ ଯଦି କିଏ ଆନୁଷ୍ଠାନିକ ଭାବେ ସ୍ମାରକ-ପତ୍ର କିମ୍ବା ଡେପୁଟେସନ କମିଟି ଆଗରେ ଉପସ୍ଥାପିତ କରିବାକୁ ଚାହାନ୍ତି, ତା ହେଲେ ୧୯୩୦ ମସିହା ଏପ୍ରିଲ ୨୭ ତାରିଖ ପୂର୍ବରୁ ତାହା ତାଙ୍କୁ କେବଲ୍‌ଗ୍ରାମ କରି ଜଣାଇ ଦିଅନ୍ତୁ । ଏପରି ଗୋଟିଏ ନୋଟିସ ପାଇବା ସଙ୍ଗେ ସଙ୍ଗେ ବ୍ରହ୍ମପୁର ଚେୟାରମ୍ୟାନ W. V. B. Ranalingam Pantulu ବ୍ରହ୍ମପୁର ମ୍ୟୁନିସି-ପାଲିଟିର ଗୋଟିଏ ଜରୁରୀ ବୈଠକ ଡକାଇ ସେଥିରେ ଏ ବିଷୟଟି ଆଲୋଚନା କରିବାକୁ କହିଲେ । ଯେଉଁ ସମୟର କଥା କୁହାଯାଉଛି ସେତେବେଳେ ବ୍ରହ୍ମପୁର ମ୍ୟୁନିସିପାଲିଟିରେ ତେଲଗୁମାନଙ୍କର ପ୍ରଭାବ ପ୍ରତିପତ୍ତି ବିଶେଷ ଭାବରେ ଥିଲା । କୋର୍ଟ କଚେରୀରେ ମଧ୍ୟ ତେଲେଙ୍ଗାମାନେ ଏକଚାଟିଆ କରି କେତେକ ଓଡ଼ିଆ ସଭ୍ୟଙ୍କୁ ନିଯୁକ୍ତ ଥାଆନ୍ତି । ସେହି ମିଟିଂରେ ଗାନ୍ଧୀ ବଳରାମ ଦାସ ନାମକ ଜଣେ କଣା ବ୍ରାହ୍ମଣ ସଭ୍ୟ ଥିଲେ । ସେତେବେଳେ ସେ ବରହମପୁରର ଜଣେ ନାମଯାଦା ଓକିଲ । ସେ ଗୋଟିଏ ପ୍ରସ୍ତାବ ଆଗତ କରି ପୂର୍ବରୁ ପ୍ରକାଶିତ ଶ୍ୱେତପତ୍ର (White paper) ରେ ନିର୍ଦ୍ଦେଶ କରି ଯାଇଥିବା ସୀମା ଅନୁସାରେ ଓଡ଼ିଶା ପ୍ରଦେଶ ଗଠିତ ହେବା ଉଚିତ ବୋଲି ନିମ୍ନ ପ୍ରକାରେ ଯେଉଁ ନୋଟ୍ ଦେଇଥିଲେ ତାହାହିଁ ଅଧିକାଂଶ ଭୋଟରେ ଗୃହୀତ ହେଲା—

(1) This council resolves to let in evidence before the Joint Select Committee in support of its reslution dated 30th November 1931 and to request M. R. Ry. Rao Saheb W. V. B.Ramalingam Pantulu garu, its present chairman, to give evidence before the said committee.

(2) This council resolves that a sum of Rs 10/- be sanctioned towords the cost of cablegrams and telegrams for the above said purpose.

(3) The chairman is further requested to go to London for the above said purpose at his own expense.

ଏଠାରେ କହିରଖିବା ଉଚିତ ଯେ ଶ୍ୱେତପତ୍ର ସେ ବର୍ଷ ମାର୍ଚ୍ଚ ୧୮ ତାରିଖ ଦିନ ଦିଲ୍ଲୀରେ ପ୍ରକାଶିତ ହୋଇଥିଲା ଏବଂ ସେଇ ଦିନଟି ଓଡ଼ିଆମାନଙ୍କ ପକ୍ଷରେ

Digitized by PPRACHIN, SOA

ଗୋଟିଏ ଅତ୍ୟନ୍ତ ଦୁଃଖଦାୟକ ଦିବସ ।* କିନ୍ତୁ ଉତ୍ତର ଓଡ଼ିଶାର କେତେକ ନେତୃସ୍ଥାନୀୟ ଲୋକ ତତ୍‌ସଙ୍ଗେ ମିଳିତ ହୋଇ ପତ୍ରିକାମାନଙ୍କରେ ଲେଖିବାକୁ ଆରମ୍ଭ କଲେ— "ଯେ କୌଣସି ପ୍ରକାରେ ଗୋଟିଏ ପ୍ରଦେଶ ଗଠିତ ହୋଇଗଲା ପରେ ଆମେ ପୁଣି ଆନ୍ଦୋଳନ କରି ବିଚ୍ଛିନ୍ନାଞ୍ଚଳଗୁଡ଼ିକର ମିଶ୍ରଣ ପାଇଁ ଚେଷ୍ଟାକରିବା ।" ଶଶୀଭୂଷଣ ରଥ ମଧ୍ୟ ଏଥିର ଅନୁମୋଦନ କରି ତାଙ୍କର ପତ୍ରିକାରେ ଲେଖିଥିଲେ—

"କାନ୍ଦୁଥିବା, ଯାହା ପାଉଥିବା ବାନ୍ଧୁଥିବା ।"

ଏଥିରେ କିନ୍ତୁ ଆମର ମନ ମାନିଲା ନାହିଁ । ଏଣୁ ପାରଳାଖେମୁଣ୍ଡିରେ ଗୋଟିଏ ବିରାଟ ସଭା People's Associaton ପକ୍ଷରୁ ଡକାଇ ଓଡ଼ିଶାରେ ପାରଳାର ମିଶ୍ରଣ ସପକ୍ଷରେ ସାକ୍ଷୀ ଦେବାପାଇଁ ଏଠାରୁ ଶ୍ୟାମସୁନ୍ଦର ଗଜପତି ଓ ସାନ୍ନେସ୍ୱାମୀ ନାଇଡ଼ୁଙ୍କୁ ଲଣ୍ଡନ ପଠାଇବାକୁ ସ୍ଥିର କରିଗଲା । ଏଥିପାଇଁ ଗୋଟିଏ ମେମୋରାଣ୍ଡମ ଲେଖି ଗଜପତି ଓ ସାନ୍ନେସ୍ୱାମୀ ନାଇଡ଼ୁଙ୍କ ସଙ୍ଗେ ମୁଁ ପରାମର୍ଶ କରିଥିଲି ।

କମିଟିର ପ୍ରୋଗ୍ରାମ୍ ଅନୁସାରେ ପ୍ରଥମେ ଓଡ଼ିଆମାନଙ୍କଠାରୁ ତା ୩ । ୭ । ୩୩ ରେ ଏବଂ ଆନ୍ଧ୍ର ମାନଙ୍କଠାରୁ ତା ୧୦ । ୭ । ୩୩ରେ ସାକ୍ଷ ଗ୍ରହଣ କରିଯାଇଥିଲା । ସେଥିରେ ନିମ୍ନ ପ୍ରକାରେ ୪ଟି ମୂଳ ସମସ୍ୟାର ବିଚାର କରିଗଲା —

(A) Should the town of Berhampur be included in Orissa ?

(B) Should the whole or any part of Parlakimundi Estate be included in Orissa ?

(C) Should the Jaypore Estate be included in Orisa ?

(D) Should territory be included in Orissa to make it possible to establish a summer headquarters of government at mahendragiri ? Vide proceedings of the Joint Committee on Indian constitutional Reform (1933-34), Vol II, PP. 169-170)

---

* ସେଦିନ ପାରଳାଖିମୁଣ୍ଡି ଗାର୍ଲସ୍ ସ୍କୁଲରେ ଦାମୋଦର ପାତ୍ରଙ୍କ ସଭାପତିତ୍ୱରେ ଗୋଟିଏ ବଡ଼ ସଭା ହୋଇଥିଲେ । ସେଥିରେ ଯେଉଁ ପ୍ରତିବାଦ କରିଗଲା ସେହି ପ୍ରସ୍ତାବଟି ମୁଁ ଆଗତ କରି ଓଡ଼ିଆମାନଙ୍କ ପ୍ରତି କିପରି ଅନ୍ୟାୟ କରାଯାଇଛି ତାହା ବୁଝାଇ ଥିଲି । ତା ୧୯ । ୩ । ୩୩ ଦିନ ତେଲେଙ୍ଗାମାନେ ମାର୍କେଟରେ ଗୋଟିଏ ସଭା କରି ସରକାରଙ୍କୁ ଧନ୍ୟବାଦ ଦେଇଥିଲେ ।

Digitized by PPRACHIN, SOA

ପାରଳାଖେମୁଣ୍ଡି ତାଲୁକାର ଗୋଟିଏ ମାନଚିତ୍ର ପ୍ରସ୍ତୁତ କରି ସେଥିରେ ଓଡ଼ିଆ, ତେଲୁଗୁ ଏବଂ ସଉରା ଏହି ତିନୋଟି ମୁଖ୍ୟ ଜାତିର ଜନସଂଖ୍ୟା ଅନୁସାରେ ପାରଳା ଜମିଦାରୀର କେଉଁ କେଉଁ ଅଞ୍ଚଳ ଓଡ଼ିଶାକୁ ନିଆଗଲେ ଆମର ସଂଖ୍ୟା ଶତକଡ଼ା ୫୦ରୁ ଅଧିକ ହୋଇପାରିବ ତାହା ନିର୍ଣ୍ଣୟ କରି ଚିହ୍ନିତ କରିଥିଲି । ସେତେବେଳେ ଯୋଗାରାଓ ନାମକ ଜଣେ ସୁଦକ୍ଷ ଡ୍ରେସର ମହାରାଜାଙ୍କ ସମସ୍ଥାନରେ କାମ କରୁଥାନ୍ତି । ତାଙ୍କୁ ଏ କାର୍ଯ୍ୟରେ ଲଗାଇ ମୁଁ ନିଜେ ସେହି ମ୍ୟାପଟି ପ୍ରସ୍ତୁତ କରି ମେମୋରାଣ୍ଡମ ସହ ତାହା ତା ୧୮ । ୬ । ୩୩ରେ ପଠାଇ ଦେଲି । ସେହି ମ୍ୟାପର ମୂଳ ଲେଖାଟି ଅଦ୍ୟାପି ମୋ ପାଖରେ ରହିଛି । କାରଣ ପାରଳା ଜମିଦାରୀକୁ ଭାଗଭାଗ କରି ଯେତେବେଳେ ଗୋଟିଏ ଅଂଶ ଓଡ଼ିଶାରେ ମିଶାଇବାକୁ Joint Select Committee ଦ୍ୱାରା ପୁନର୍ବିଚାର ହୋଇ ଭାରତ ସରକାରଙ୍କୁ ତଥା ମାନ୍ଦ୍ରାଜ ସରକାରଙ୍କୁ ପଠାଇ ଦିଆଯିବ ସେତେ-ବେଳେ ସେହି ଗ୍ରାମଗୁଡ଼ିକ ଏହା ସାହାଯ୍ୟରେ ଚିହ୍ନଟ କରିବା ସୁବିଧା ହେବ । * ବାସ୍ତବରେ Select Committee ଆମର ସେହି ମାନଚିତ୍ର ଉପରେ ନିର୍ଭର କରି ଓଡ଼ିଶା ଓ ଅନ୍ଧ୍ରପ୍ରଦେଶ ମଧ୍ୟରେ ପାରଳା ଜମିଦାରୀର ସୀମା ନିର୍ଦ୍ଦେଶ କରିଥିଲେ । ଯେଉଁ ଉପାୟରେ ଆମେ ସଂଖ୍ୟାଧିକ ଓଡ଼ିଆ ଅଞ୍ଚଳ ନିର୍ଣ୍ଣୟ କରିଥିଲୁ, ତାହା କୌଣସି ପ୍ରାକୃତିକ ସୀମାର ପରିସର ମଧ୍ୟରେ ରହି ନ ଥିବାରୁ ଅଦ୍ୟାପି ଅଳ୍ପଦୂର ବ୍ୟବଧାନରେ ଏଠାରେ ରାସ୍ତାମାନଙ୍କ ଉପରେ ଓଡ଼ିଶା ଓ ଅନ୍ଧ୍ର ସୀମା ଘନ ଘନ ପରିବର୍ତ୍ତିତ ହେବାର ଦେଖାଯାଏ ।

---

* ବାସ୍ତବରେ ପାରଳାଖେମୁଣ୍ଡି ଜମିଦାରୀକୁ ଦୁଇ ଭାଗରେ ବିଭକ୍ତ କରି ଯେଉଁ ଅଂଶଟି ଓଡ଼ିଶାରେ ମିଶାଇ ଦିଆଯିବାକୁ କମିଟି ସୁପାରିଶ କରିଥିଲେ—ସେଥିର ବ୍ୟତିକ୍ରମ କରି ମାନ୍ଦ୍ରାଜର ରେଭେନ୍ୟୁ କମିସନର ସୀମା ବଦଳାଇବାକୁ ଉଦ୍ୟତ ହେବାରୁ ଓଡ଼ିଆଙ୍କ ପକ୍ଷରୁ ଘୋର ଆପତ୍ତି ହେଲା । ସେତେବେଳେ ସେଇ ମୂଳ ମାନଚିତ୍ର ଓ ସ୍ମାରକପତ୍ରଟି ଦରକାର ହୋଇଥିଲା । ଏ ସମ୍ପର୍କରେ Joint Committee ନିମ୍ନ ପ୍ରକାରେ ନିର୍ଦ୍ଧାରଣ କରିଥିଲେ :–

"A Line just to the south of Gunpur Paralakimedi Railway from the point where the Railway Centers the estate at its N W: Corner to the point where the Railway Crosses the Mahendratanaya river and from there somewhat regular line whose general trend is east by north N. E. Corner of the estate.

Digitized by PPRACHIN, SOA

ଏ ଘଟଣାର କିଛିକାଳ ପୂର୍ବେ ମୁଁ ଗୋଟିଏ ନୂତନ କାର୍ଯ୍ୟରେ ହସ୍ତକ୍ଷେପ କରିଥାଏ । ତାହା ହେଉଛି ସଂକ୍ଷିପ୍ତ ଓଡ଼ିଆ ଲିପି ଉଦ୍‌ଭାବନ । ଇଂରାଜୀରେ ଯେପରି **Short Hand** ପାଇଁ ବ୍ୟବସ୍ଥା ଅଛି, ପୁଣି ତାକୁ ଅନୁକରଣ କରି ହିନ୍ଦୀ ପ୍ରଭୃତି ଭାରତୀୟ ଭାଷାରେ ମଧ୍ୟ ଯେପରି ସଂକ୍ଷିପ୍ତ ଲିପିର ପ୍ରଚାର କରାଯାଇଛି, ଓଡ଼ିଶା ପ୍ରଦେଶ ଗଠିତ ହେଲାପରେ ସେପରି ଗୋଟିଏ ସଂକ୍ଷିପ୍ତ ଲିପିର ଆବଶ୍ୟକତା ନିଶ୍ଚୟ ଅନୁଭୂତ ହେବ ବୋଲି ମୁଁ ଭାବିଥିଲି । ଏଣୁ **Pittman**ଙ୍କ ପ୍ରଣାଳୀ ଅନୁଯାରେ ଓଡ଼ିଆଭାଷା ପାଇଁ ଗୋଟିଏ ପୁସ୍ତକ ପ୍ରଣୟନ କଲି । ନିଜେ ଏଥିରେ ଯଥେଷ୍ଟ ତାଲିମ ପାଇବା ଆବଶ୍ୟକ ଭାବି ଏହା ନିଜେ ନିଜେ ଅଭ୍ୟାସ କରିବାକୁ ପ୍ରବୃତ୍ତ ହେଲି । ଏ କଥା କେତେକ ଓଡ଼ିଆ ପତ୍ରିକାରେ ଯେତେବେଳେ ପ୍ରକାଶ ପାଇବାରୁ ବାଲେଶ୍ୱରର ଜଣେ ଗ୍ରାଜୁଏଟ ମୋ ଠାରୁ ତାହା ଶିକ୍ଷା କରିବାକୁ ଆସିଥିଲେ । ସେ କିଛିଦିନ ଏଠାରେ ରହି ମୁଁ ଆବିଷ୍କାର କରିଥିବା ପଦ୍ଧତି ଶିଖିକରି ଚାଲିଗଲେ । ଏ ଘଟଣାର ଅଳ୍ପକାଳ ପରେ ମୁଁ ଖବର ପାଇଲି ଯେ କଟକର କେହି ଜଣେ ପୋଲିସ ଅଫିସର ଓଡ଼ିଆ କ୍ଷୁଦ୍ରଲିପି ଆବିଷ୍କାର କରିଅଛନ୍ତି । ଏଥିରେ ମୋର ଏହି ଉଦ୍ୟମ ଶିଥିଳ ହୋଇଗଲା । କିନ୍ତୁ ମୁଁ ଲେଖିଥିବା ପାଣ୍ଡୁଲିପିଟି ଅଦ୍ୟାପି ମୋଠାରେ ଅର୍ଦ୍ଧ ସମାପ୍ତ ଭାବରେ ପଡ଼ିରହିଛି ।

ଶ୍ୱେତପତ୍ର ପ୍ରକାଶିତ ହେଲା ପରେ ଭାରତ ସରକାରଙ୍କ **Resolution No--F-47/33 R, dated the 24th June, 1933** ଅନୁଯାରେ ଓଡ଼ିଶା ପାଇଁ ଗୋଟିଏ ପ୍ରଶାସନିକ କମିଟି **J. A. Hubback** ସାହେବଙ୍କ ନେତୃତ୍ୱରେ ଗଠିତ ହେଲା । ଏଥିରେ **V. Ramaswami** ନାମକ ଜଣେ **I. C. S.** ଅଫିସର ସେକ୍ରେଟେରୀ ନିଯୁକ୍ତ ହୋଇଥିଲେ ଏବଂ ଓଡ଼ିଶାରୁ ~ଜଣ ସଭ୍ୟ ରହିଥିଲେ । ସେମାନଙ୍କ ମଧ୍ୟରେ ୮୫ ବର୍ଷ ବୟସର ବୃଦ୍ଧ ମଧୁବାବୁ ମଧ୍ୟ ଜଣେ ସଭ୍ୟରୂପେ ଗୃହୀତ ହୋଇଥିଲେ । ଓଡ଼ିଶାର ରାଜଧାନୀ କେଉଁଠାରେ କରାଯାଇ ପାରିବ, ସେଥିର ଗ୍ରୀଷ୍ମନିବାସ କରିବାକୁ କେଉଁ ସ୍ଥାନଟି ଉପଯୁକ୍ତ, ହାଇକୋର୍ଟ ଏବଂ ବିଶ୍ୱବିଦ୍ୟାଳୟ ସକାଶେ କ'ଣ ବ୍ୟବସ୍ଥା କରାଯାଇପାରେ, ସଂଭାରତୀୟ ସ୍ତରରେ କର୍ମଚାରୀମାନଙ୍କର ନିଯୁକ୍ତି ତଥା ଆଦାନ ପ୍ରଦାନ ସମ୍ବନ୍ଧେ କ'ଣ ସବୁ ବ୍ୟବସ୍ଥା ସୁବିଧାଜନକ, ପୁଣି ଅର୍ଥନୈତିକ ସମସ୍ୟା କିପରି କେଉଁଦିଗରୁ ବିଚାର କରିବା ଆବଶ୍ୟକ ଏ ସବୁ ଠିକଣାଖି ଭାବେ ବିଚାର କରିବାକୁ ଏବଂ ସରକାରଙ୍କୁ ରିପୋର୍ଟ ଦେବାକୁ ଏହି କମିଟି ଗଠିତ ହୋଇଥିଲା । ମଧୁବାବୁ ପ୍ରସ୍ତାବ କଲେ ଯେ, ପାର୍ଲାମେଣ୍ଟାରି ସିଲେକ୍ଟ କମିଟିର ଶେଷ ନିଷ୍ପତ୍ତି ମିଳିଲାପରେ ଏହି ରିପୋର୍ଟ ପୂର୍ଣ୍ଣକରିବା ଆବଶ୍ୟକ । ସେ ଯାହାହେଉ, ତତ୍କାଳୀନ ଅବସ୍ଥା ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶକ୍ରମେ ସେ ବର୍ଷ ଅକ୍ଟୋବର ମାସରେ ରିପୋର୍ଟଟି ସରକାରଙ୍କୁ ପଠାଗଲା ।

Digitized by PPRACHIN, SOA

ମୋର ମନେଅଛୁ, ସେହି ପ୍ରଶାସନିକ କମିଟିରେ ଚିକିଟିର ଜମିଦାର ଗୌରଚନ୍ଦ୍ର ଦେବ ଜଣେ ସଭ୍ୟ ଥିଲେ । ସେ ବ୍ରହ୍ମପୁରରେ ମୋତେ ଦେଖି ପଚାରିଲେ, "ଓଡ଼ିଶାର ରାଜଧାନୀ କେଉଁଠାରେ ହେବା ଉଚିତ ବୋଲି ଆପଣ ମନେ କରନ୍ତି ?" ତାଙ୍କର ଏ ପ୍ରଶ୍ନର ପ୍ରଧାନ କାରଣ ହେଉଛି, ସେତେବେଳେ 'ଆଶା' ଓ 'New Orissa'ରେ ବହୁତଗୁଡ଼ିଏ ପ୍ରବନ୍ଧ ଏବଂ ମତାମତ ପ୍ରକାଶ ହୋଇ ବ୍ରହ୍ମପୁର ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଅଧିକାଂଶ ଲେଖା ବାହାରୁଥିଲା । ଆଉ ମଧ୍ୟ କଟକର 'ସମାଜ' ପତ୍ରିକାରେ ସେଥିର ପ୍ରତିବାଦ ସହି କଟକ ରାଜଧାନୀ କରିବାକୁ କେତେଗୁଡ଼ିଏ ଲେଖା ପ୍ରକାଶ ପାଉଥିଲା । ଏମନ୍ତ ବିଭିନ୍ନ ଦ୍ୱନ୍ଦ୍ୱ ମଧ୍ୟରେ ପଡ଼ି କମିଟିର ସଭ୍ୟମାନେ ବିଶେଷତଃ ସଭ୍ୟ ଶ୍ରୀ ଗୌରଚନ୍ଦ୍ର ଦେବ ବଡ଼ ଅସ୍ୱସ୍ତି ବୋଧ କରୁଥାନ୍ତି । ମୁଁ ତାଙ୍କୁ କହିଲି ବ୍ରହ୍ମପୁର ଓ କଟକକୁ ଛାଡ଼ି ଯଦି ପୁରୀ ଓଡ଼ିଶାର ରାଜଧାନୀ ରୂପେ ସ୍ଥିର କରାଯାଏ, ତା'ହେଲେ ଏସବୁ ବିବାଦୀୟ ପ୍ରଶ୍ନର ଗୋଟିଏ ସମାଧାନ ହୋଇପାରନ୍ତା । ଏଥିରେ ମଧ୍ୟ ମାନ୍ଦ୍ରାଜ ଓ ବମ୍ବେ ପରି ଦୀର୍ଘ ଉପକୂଳ ସୁବିଧା ରାଜଧାନୀର ଲୋକେ ଉପଭୋଗ କରନ୍ତେ । ଏହା ଶ୍ରୀ ଦେଓଙ୍କର ମନକୁ ପାଇଲା । ସେ କହିଲେ—"ହଁ ମୁଁ ଏଥିପାଇଁ ନିଶ୍ଚୟ ପ୍ରସ୍ତାବ କରିବି । କେବଳ ସେତିକି ନୁହେଁ ଗ୍ରୀଷ୍ମନିବାସ ପାଇଁ ମହେନ୍ଦ୍ର ପର୍ବତ ପରି ଗୋଟିଏ ରମଣୀୟ ସ୍ୱାସ୍ଥ୍ୟକର ସ୍ଥାନ ଦୁର୍ଲଭ କହିଲେ ଚଳେ । ତା' ମଧ୍ୟ ମୋର ପ୍ରସ୍ତାବରେ ରହିବ ।" ଶ୍ରୀ ଦେଓଙ୍କର ଏ ଦୁଇଟିଯାକ ପ୍ରସ୍ତାବ ଅବଶ୍ୟ କମିଟିର ଆଲୋଚନା ମଧ୍ୟରେ ଯୋଗ କରାଯାଇଥିଲା ; କିନ୍ତୁ ଅଧିକାଂଶ ସଭ୍ୟ ସେଥିରେ ଅନୁକୂଳ ମତ ନ ଦେବାରୁ ରାଜଧାନୀ ପୁରୀଠାରେ ନ ହୋଇ କଟକରେ ହେବା ସ୍ଥିର କରାଗଲା ।

୧୯୪୩ ମସିହା ମାର୍ଚ୍ଚ ୨୬ ତାରିଖ ଦିନ All Ganjam Oriya Day ( ଗଞ୍ଜାମର ଓଡ଼ିଆ ଦିବସ ) ପାଳିତ ହୋଇଥିଲା । ସେଦିନ ପାରଳାର ପଦ୍ମନାଭ ରଙ୍ଗାଳୟରେ ଯେଉଁ ବିରାଟ ସଭା ଅନୁଷ୍ଠିତ ହେଲା , ସେଥିରେ ଉଦ୍‌ବୋଧନ ଦେଇ ମୁଁ ପ୍ରସ୍ତାବ କରିଥିଲି ଯେପରି କେହି ହେଲେ ଓଡ଼ିଆ ଆନ୍ଧ୍ରମାନଙ୍କର ପର୍ବପର୍ବାଣୀ ପାଳନ କରିବେ ନାହିଁ । ସେପରି ଗୋଟିଏ ପ୍ରତିଜ୍ଞା ସମସ୍ତେ ସେହି ସଭାରେ କରିଥିଲେ । ଏହା ଫଳରେ ସେ ମାସର ୨୭ତାରିଖ ଦିନ ତେଲେଙ୍ଗାମାନଙ୍କର ଯେଉଁ ନୂଆ ସମ୍ବତ୍ସର ପାଳିତ ହେବା କଥା ତାହା ରାଜନଗରରେ ମଧ୍ୟ ପାଳନ କରାଗଲା ନାହିଁ । ଏଥିରେ ଆନ୍ଧ୍ରମାନେ ଘୋର ବିରୁଦ୍ଧାଚରଣ କରିବାକୁ ସ୍ଥିର କଲେ । ସେ ମାସ ୩୦ ତାରିଖରେ ବାତଲି ଗ୍ରାମରେ ତାଲୁକବୋର୍ଡ଼ ପକ୍ଷରୁ ଯେଉଁ ସଭା ଆହୂତ ହୋଇଥିଲା ସେଥିରେ ଅନ୍ୟାନ୍ୟ ବହୁ ବିଷୟ ବିଚାର ପରେ ଆନ୍ଧ୍ରମାନଙ୍କ ପକ୍ଷରୁ ଦେଶମିଶ୍ରଣ ବିରୁଦ୍ଧରେ ଗୋଟିଏ ପ୍ରସ୍ତାବ ଆଗତ କରିବାକୁ ଏଜେଣ୍ଡାରେ ରଖାଯାଇଥିଲା । ସଭାର ନିୟମ ଅନୁସାରେ ସନ୍ଧ୍ୟା ୬ଟା ପରେ ଆଉ କୌଣସି ବିଷୟ ବିଚାରକୁ ନିଆ ନଯାଇ ବଳକା

Digitized by PPRACHIN, SOA

ଅଂଶ ଅନ୍ୟ ସଭାରେ ବିଚାର କରାଯାଇ ଥାଏ । ଏ ନିୟମଟି ମୁଁ ଅନୁଧ୍ୟାନ କଲି । ସେଦିନ ସଂଖ୍ୟାଧିକ ତେଲଗୁ ସଭ୍ୟ ସେଥିରେ ଯୋଗଦେଇଥିବାରୁ ତାଙ୍କର ସେହି ପ୍ରସ୍ତାବଟି ନିଶ୍ଚୟ ପାସ୍ ହୋଇଯିବ ବୋଲି ସେମାନେ ଆନନ୍ଦରେ ଉତ୍ଫୁଲ୍ଲ ହେଉଥାନ୍ତି । ଭୋଜଭାତ ପରେ ସେମାନେ ସମସ୍ତେ ସଭାକୁ ଆସୁଆସୁ ଅପରାହ୍ଣ ପ୍ରାୟ ୪ଟା ହୋଇ ଯାଇଥିଲା । ତେଣୁ ଏଜେଣ୍ଡାର ଦୀର୍ଘତା ହ୍ରାସ କରିବାକୁ ସଭାପତି ଅଧ୍ୟାପକ ସୀତାପତି ବ୍ୟସ୍ତ ହେଉଥାନ୍ତି । ପ୍ରତ୍ୟେକ ବିଷୟ ଆଲୋଚନାବେଳେ ମୁଁ ତାଙ୍କୁ କେତେ-ଗୁଡ଼ିଏ ଅଧିକା ପ୍ରଶ୍ନ ପଚାରୁଥାଏ । ନିୟମାନୁସାରେ ସଭ୍ୟମାନେ ପଚାରିବା ପ୍ରଶ୍ନ ମିନିଟ୍ ଖାତାରେ ସଭାପତି ଲେଖି ସେଥିର ଉତ୍ତର ମଧ୍ୟ ସେଥିରେ ଲେଖିବାକୁ ପଡ଼ୁଥିଲା । ଏଣୁ ଉପର୍ଯ୍ୟୁପରି ଏଜେଣ୍ଡାର ପ୍ରତି ବିଷୟରେ ମୋର ପ୍ରଶ୍ନଗୁଡ଼ିକ ଲେଖି ସେଥିର ଉତ୍ତର ଦେଇ ସେ ଦିନର ଦୀର୍ଘ ଏଜେଣ୍ଡା ଶେଷ ହୋଇ ପାରିଲା ନାହିଁ । ସନ୍ଧ୍ୟା ୭ଟା ପରେ ମୁଁ ତାଙ୍କୁ ଘଣ୍ଟା ଦେଖାଇ କହିଲି ଆଜି ସମୟ ଅତିବାହିତ ହୋଇଥିବା ଦୃଷ୍ଟିରୁ ସଭାକାର୍ଯ୍ୟ ବନ୍ଦ ରଖାଯାଉ, ଅନ୍ୟାନ୍ୟ ବିଷୟ ଆଗାମୀ ସଭାରେ ବିଚାର ହେବାକୁ ରହୁ । ମୋର ଏହି ପ୍ରସ୍ତାବରେ ଆନ୍ଧ୍ର ସଭ୍ୟମାନେ ବିଚଳିତ ହୋଇ କହିଲେ, "ଦେଶମିଶ୍ରଣ ପ୍ରସ୍ତାବଟି ଶେଷ ହେଲାପରେ ସଭା ଭଙ୍ଗ ହେବ ।" ମୁଁ ଆଗରୁ ପ୍ରସ୍ତୁତ ହୋଇ ଯାଇଥିଲି । ତାଲୁକ-ବୋର୍ଡ଼ର ନିୟମବହି ଖଣ୍ଡିକ ବାହାର କରି ସଭାପତିଙ୍କ ଆଗରେ ତାହା ଥୋଇଦେଲି । ସେ ନିତାନ୍ତ ଅପଦସ୍ତ ହୋଇ କହିଲେ "ସବୁ ସଭ୍ୟ ଯଦି ଇଚ୍ଛା କରିବେ ତା'ହେଲେ ସନ୍ଧ୍ୟା ୭ଘଣ୍ଟା ପରେ ମଧ୍ୟ ମିଟିଙ୍ଗ କାର୍ଯ୍ୟ ଚାଲି ପାରିବ । ମୁଁ କହିଲି, "ଆଜି ଆମ ଦଳର ସବୁ ସଭ୍ୟ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସଭାରେ ଆଉ ବସିବାକୁ ଇଚ୍ଛୁକ ନୋହୁ ।" ଏହା କହି ଆମେ ବାହାରକୁ ଚାଲି ଆସିଲୁ । ତେଲେଙ୍ଗାମାନଙ୍କର ସେହି ପ୍ରସ୍ତାବଟି ଆଉ କାର୍ଯ୍ୟକାରୀ ହେଲାନାହିଁ । କିନ୍ତୁ ସେମାନେ ସନ୍ଧ୍ୟାରେ ବଂଶଧାରା ନଦୀ କୂଳରେ ଗୋଟିଏ ବଡ଼ ସଭା କରି ଆମ ବିପକ୍ଷରେ କଟୂକ୍ତି ବର୍ଷଣ କରିଥିଲେ ।

ଏହାପରେ ସେ ମାସ ୩୧ ତାରିଖଦିନ ମହାରାଜାଙ୍କ ନେତୃତ୍ୱରେ ମାନ୍ଦ୍ରାଜଠାରେ ଓଡ଼ିଆଙ୍କ ପକ୍ଷରୁ ଗୋଟିଏ ଡେପୁଟେସନ ଗଭର୍ଣ୍ଣରଙ୍କୁ ଦିଆଗଲା । ସେଥିରେ ଦେଓ୍ୱାନଙ୍କ ସଙ୍ଗେ ଶ୍ୟାମସୁନ୍ଦର ଗନ୍ତାୟତ ମଧ୍ୟ ଯୋଗ ଦେଇଥିଲେ । ଠିକ ସେହିଦିନ ଆମେ ବାଉଲଠାରୁ ଗୁଣୁପୁର ଯାଇ ସେଠା ଲୋକଙ୍କ ପକ୍ଷରୁ ଗୋଟିଏ ପ୍ରତିବାଦ ପ୍ରସ୍ତାବ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କଠାକୁ ତାରଦ୍ୱାରା ପଠାଇ ଥିଲୁ । ତା ୪ । ୩ । ୩୩ରେ ପାରଲାଖେମୁଣ୍ଡି ମ୍ୟୁନିସିପାଲିଟି ଚେୟାରମ୍ୟାନ ମଧ୍ୟ ମାନ୍ଦ୍ରାଜ ଲାଟ ସାର୍ ଜର୍ଜ ଫ୍ରେଡ଼େରିକ ଷ୍ଟେନ୍‌ଲି (Sir Georga Frederic Stanley) ଙ୍କ ଠାକୁ ପାରଲାର ମିଶ୍ରଣ ସପକ୍ଷରେ ସ୍ମାରକପତ୍ର ଦେଲେ । *

* ଏହି ସ୍ମାରକପତ୍ରଟି ମୁଁ ଓ ଶ୍ୟାମସୁନ୍ଦର ଗନ୍ତାୟତ ଦୁହେଁ ଲେଖିଥିବା କଥା ମୋ ଡାୟେରିରୁ ସୂଚିତ ହୁଏ ।

Digitized by PPRACHIN, SOA

ଏପ୍ରିଲ ୮ ତାରିଖ ଦିନ ଆନ୍ଧ୍ରମାନଙ୍କ ପକ୍ଷରୁ ବ୍ରହ୍ମପୁରଠାରେ ଗୋଟିଏ ବଡ଼ ସଭା ହୋଇଥିଲା । ସେଠାର ଆନ୍ଧ୍ର ମହାସଭା ପକ୍ଷରୁ ଓକିଲ ଆୟୁଗାରି ସୁବାରାଓ ଓଡ଼ିଆମାନଙ୍କ ବିପକ୍ଷରେ ବିଶେଷତଃ ପାରଳା ମହାରାଜାଙ୍କ ବିରୁଦ୍ଧରେ ବହୁତ କିଛି ଅବାନ୍ତର ବିଷୟ ତାଙ୍କ ବକ୍ତୃତାରେ ପ୍ରକାଶ କରିଥିଲେ । ଏଣୁ ଏଥିର ପ୍ରତିବାଦ ସ୍ୱରୂପ ପାରଳାଖେମୁଣ୍ଡିରେ ଗୋଟିଏ ବଡ଼ ସଭା କରି ଆମେ ଯେଉଁ ପ୍ରସ୍ତାବ ଗ୍ରହଣ କଲୁ ସେଥିରେ ଆପତ୍ତି କରିବାକୁ ଯାଇ ଅଧ୍ୟାପକ ସୀତାପତି ନିତାନ୍ତ ଅପଦସ୍ତ ହୋଇଥିଲେ । ସ୍ଥାନୀୟ ଓଡ଼ିଆ ଛାତ୍ର ଓ ଯୁବକମାନେ ମିଳିତଭାବେ ଗୋଟିଏ ଯୁବକସଂଘ ଗଢ଼ିବାକୁ ମନସ୍ଥ କଲେ; କାରଣ ଯୁବଶକ୍ତିର ବିକାଶ ନ ହେଲେ ଏପରି କୌଣସି ଦ୍ୱନ୍ଦ୍ୱମୂଳକ ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । ଏଥିପାଇଁ ଦଳେ ଯୁବକ ପରାମର୍ଶ ନେବାକୁ ମୋଠାକୁ ଆସିଥିଲେ । ଏପ୍ରିଲ ୩ ଓ ୪ ତାରିଖରେ ସେମାନଙ୍କୁ ସଂଘବଦ୍ଧ ଭାବେ ଶାନ୍ତିପୂର୍ଣ୍ଣ ଉପାୟରେ ଜାତୀୟ କାର୍ଯ୍ୟରେ ଲାଗିବାକୁ ମୁଁ କହିଥିଲି । ପୁଣି ତାଙ୍କର ଅନୁରୋଧକ୍ରମେ ଗୋଟିଏ ନିୟମାବଳୀ ମଧ୍ୟ ଲେଖି ଦେଇଥିଲି ।

ବାସ୍ତବରେ ସେମାନଙ୍କର ସଂଗଠିତ ଶକ୍ତି ଆମ କାର୍ଯ୍ୟରେ ବହୁ ସହାୟକ ହୋଇଥିବା ଆମେ ସମସ୍ତେ ଅନୁଭବ କଲୁ, ଯଦିଓ ହରିହର ବର୍ଦ୍ଧନଙ୍କ ପରି ଶାନ୍ତିପ୍ରିୟ ଅଧ୍ୟାପକମାନେ ସେହି ଯୁବକମାନଙ୍କ ଉଚ୍ଛୃଙ୍ଖଳତା ଏବଂ ଉତ୍ତେଜନା ଦମନ କରିବାକୁ ପ୍ରଥମେ ପ୍ରସ୍ତାବ କରୁଥାନ୍ତି ।

୨୫ । ୪ । ୩୩ ତାରିଖରେ ବ୍ରହ୍ମପୁରଠାରେ ଜମିଦାର ଆସୋସିଏସନର ଗୋଟିଏ ବୈଠକ ଅନୁଷ୍ଠିତ ହେଲା । ସେଥିରେ ପାରଳାଖେମୁଣ୍ଡି ମହାରାଜା ଓ ଖଲ୍ଲିକୋଟ ରାଜା ଯୋଗ ଦେଇଥିଲେ । ଉଭୟଙ୍କ ମଧ୍ୟରେ ନୀତିଗତ ପାର୍ଥକ୍ୟ ରହିଥିବାରୁ କିଛି ମନାନ୍ତର ସୃଷ୍ଟି ହୋଇଥିଲା । ପାରଳାଖେମୁଣ୍ଡି ମହାରାଜାଙ୍କ ପ୍ରସ୍ତାବ ଥିଲା ଯେ ପାରଳା ଓ ଜୟପୁର ଜମିଦାରୀକୁ ନ ମିଶାଇ ଓଡ଼ିଶା ପ୍ରଦେଶ ଗଠନ କରିବା ଅନାବଶ୍ୟକ । କିନ୍ତୁ ଖଲ୍ଲିକୋଟ ରାଜା ଏଥିର ପ୍ରତିବାଦ କରି କହିଲେ ଯେ "ପ୍ରଦେଶ ଗଠନ ହେବା ପରେ ମିଶ୍ରଣ କଥା ବିଚାରକୁ ନିଆଯାଇପାରେ ।" ଓଡ଼ିଆ ଜମିଦାରମାନେ ସେତେବେଳେ ଏ ଦୁଇଜଣଙ୍କ ନେତୃତ୍ୱରେ ଦୁଇ ଭାଗରେ ବିଭକ୍ତ ହେବାରୁ ଆନ୍ଧ୍ରମାନଙ୍କ ମନରେ ଆନନ୍ଦ ଏବଂ ଉତ୍ସାହ ଜାତ ହେଲା । ଆନ୍ଧ୍ରମହାସଭା ପକ୍ଷରୁ ଖଲ୍ଲିକୋଟ ରାଜାଙ୍କୁ ତାଙ୍କର ରାଜନୀତିକ ବିଚକ୍ଷଣତା ପାଇଁ ପ୍ରଶଂସା କରାଗଲା । ଆମେ ହତୋତ୍ସାହ ହୋଇ ସ୍ଥିର କଲୁ ଯେ ଏହି ସମସ୍ୟା ଉପରେ ବିଚାର କରିବା ପାଇଁ କଟକଠାରେ ଗୋଟିଏ ସର୍ବଦଳୀୟ * ସଭାର ଆୟୋଜନ କରିବାକୁ ହେବ ।

---

* ସେତେବେଳେ କଂଗ୍ରେସ ଦଳ ଲିବରାଲ ଦଳ, ମୁସଲିମ୍ ଦଳ, ଖ୍ରୀଷ୍ଟିୟାନ୍ ଦଳ ପ୍ରଭୃତି କେତେଗୁଡ଼ିଏ ରାଜନୈତିକ ଦଳ ଗଠିତ ହୋଇଥିଲା ।

Digitized by PPRACHIN, SOA

ଆମର ଏ ପ୍ରସ୍ତାବ ମହାରାଜା ପୂର୍ଣ୍ଣ ପ୍ରାଣରେ ସମର୍ଥନ କରିବାରୁ ଏଥର ଆୟୋଜନ ପାଇଁ ମୁଁ ଏବଂ କଟକର ରାୟ ବାହାଦୂର ଦାମୋଦର ରଥ ନିଯୁକ୍ତ ହେଲୁ । ସେହି ସଭାରେ ମଧୁବାବୁଙ୍କର ପ୍ରସ୍ତାବକ୍ରମେ କଂଗ୍ରେସ ସଭାପତି ନୀଳକଣ୍ଠ ଦାସଙ୍କୁ ଯୋଗଦେବା ସକାଶେ ମୋତେ ପଠାଗଲା । ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଙ୍ଗେ ମୋର ଆଗରୁ ଦେଖାଶୁଣା ଥାଏ । କାରଣ ମୋର ଜଣେ ଭଉଣୀଙ୍କର ସେ ନିକଟତମ ସମ୍ପର୍କୀୟ ହୋଇଥିବାରୁ ଶ୍ରୀରାମଚନ୍ଦ୍ରପୁରରେ ବହୁ ସମୟରେ ତାଙ୍କ ସଙ୍ଗେ ମୋର ଆଳାପ ହୋଇଥାଏ । କଟକର କଂଗ୍ରେସ ଭବନଠାରେ ମୁଁ ଯେତେବେଳେ ତାଙ୍କୁ ସାକ୍ଷାତ କଲି, ସେ ମୋଠାରୁ ସମସ୍ତ ବିଷୟ ଅବଗତ ହୋଇ ପଚାରିଲେ "ଆପଣମାନେ ଦକ୍ଷିଣର କେତୋଟି ଶଉରାପଲ୍ଲୀ ଅଞ୍ଚଳ ମିଶାଇବାକୁ ଓଡ଼ିଶା ପ୍ରଦେଶ ଗଠନର ବିରୋଧ କରିବାକୁ ଯାଉଛନ୍ତି, ଏହା କ'ଣ ଠିକ୍ ହେବ ?" ମୁଁ ଏଥର ପ୍ରତିବାଦ କରି କହିଲି, "ଆପଣ କଣ ମନେକରନ୍ତି ଯେ ଆମେ ଶିକ୍ଷିତ ଓଡ଼ିଆ କେବଳ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଲାଭ କରି ଆମ ଭାଷାର ଓ ଜାତିର ଉନ୍ନତି କରିବୁ ଏବଂ ଆମ ସଙ୍ଗେ ହଜାର ହଜାର ବର୍ଷ ପୂର୍ବରୁ ଯେଉଁ ଆଦିବାସୀ ଶବରମାନେ ମିଳିମିଶି ରହିଛନ୍ତି ତାଙ୍କପାଇଁ ଆମର କିଛି କରିବାର ନାହିଁ ? ସେମାନେ ଅଶିକ୍ଷିତ ମୂକ ଜାତି ବୋଲି କଣ ଆମେ ତାଙ୍କୁ ପ୍ରତ୍ୟାଖ୍ୟାନ କରିବା ଠିକ୍ ହେବ ?" ମୋ କଥା ଶୁଣି ସେ ଦୃଢ଼ କଣ୍ଠରେ ଉତ୍ତର ଦେଲେ "ଯେଉଁ ଶଉରାମାନେ ଅଷ୍ଟ୍ରିକ ଶ୍ରେଣୀୟ ଦ୍ରାବିଡ଼ୀୟ ଭାଷା ବ୍ୟବହାର କରନ୍ତି ସେମାନଙ୍କୁ ଆମେ ଭାଷା ଦୃଷ୍ଟିରୁ ଗ୍ରହଣ କରିବା ସଙ୍ଗତ ନୁହେଁ । ଏଣୁ ତୁମର ପ୍ରସ୍ତାବ ମୁଁ କଦାପି ଗ୍ରହଣ କରି ପାରିବି ନାହିଁ ।" ମୁଁ ଏହା ଶୁଣି ଟିକିଏ ଉତ୍ତେଜିତ ହୋଇ ପଡ଼ିଲି । କହିଲି "ଆପଣ ସେମାନଙ୍କୁ ଅଷ୍ଟ୍ରିକ ଶ୍ରେଣୀୟ ବୋଲି କିପରି କହୁଛନ୍ତି ? ପ୍ରକୃତରେ ସେମାନେ ଯେଉଁ ଭାଷା ବ୍ୟବହାର କରନ୍ତି ତାହା ମୁଣ୍ଡାରି ଶ୍ରେଣୀୟ । ଏଣୁ ଓଡ଼ିଶା ଓ ମଧ୍ୟପ୍ରଦେଶରେ ଯେଉଁଠାରେ ଓଡ଼ିଆ ଭାଷା ବ୍ୟବହୃତ ହୁଏ, ସେହି ଅଞ୍ଚଳମାନଙ୍କରେ ଏ ଜାତିର ଲୋକେ ବାସ କରୁଥିବାର ଦେଖାଯାଏ । କେବଳ ଭାଷା ଦୃଷ୍ଟିରୁ ନୁହେଁ ଆମର ପ୍ରାଚୀନ ସଂସ୍କୃତି ଓ ଧର୍ମରେ ମଧ୍ୟ ଏମାନଙ୍କ ସଙ୍ଗେ ଘନିଷ୍ଠ ସମ୍ପର୍କ ରହିଛି । ଯେଉଁ ଜଗନ୍ନାଥଙ୍କୁ ଆମେ ଜାତୀୟ ଦେବତା ରୂପେ ଆରାଧନା କରୁ ତାଙ୍କର ମୌଳିକ ଉତ୍ପତ୍ତି ଏହି ଶବରମାନଙ୍କଠାରୁ, ଏକଥା ଆମେ ଭଲରୂପେ ଜାଣିଛୁ ।" ମୋର କଥା ଶୁଣି ସେ ଟିକିଏ ଚମକିତ ହେଲେ । ଶେଷରେ କହିଲେ "ଆଚ୍ଛା ! ଏମାନେ ମୁଣ୍ଡାରୀ ଶ୍ରେଣୀୟ ବୋଲି ତୁମେ ଯଦି ପ୍ରମାଣ ଦେଇପାରି ତାହେଲେ ମୁଁ ଏ ସଭାକୁ ନିଶ୍ଚୟ ଯିବି ।" ଏହାପରେ ମୁଁ ସେଠାରୁ ରେଭେନ୍ସା କଲେଜକୁ ଯାଇ ତତ୍କାଳୀନ ଇତିହାସ ଅଧ୍ୟାପକ ନିର୍ମଳଚନ୍ଦ୍ର ରାୟଙ୍କୁ ଅନୁରୋଧ କରି Thurstonଙ୍କର **Casts and Tribes of Southern India**" ନାମକ ଗ୍ରନ୍ଥର ଷଷ୍ଠ ଭାଗଟି ଆଣି ଶବରମାନଙ୍କ ଜାତି ଓ ଭାଷା ସମ୍ପର୍କୀୟ ଲେଖା ପଣ୍ଡିତ ଦାସଙ୍କୁ ଦେଖାଇଲି ।

Digitized by PPRACHIN, SOA

ତାଙ୍କର ମତର ପରିବର୍ତ୍ତନ ହେଲା । ସେ ସର୍ବଦଳୀୟ ସଭାରେ ଯୋଗ ଦେବାକୁ ସ୍ୱୀକୃତ ହେଲେ । ଏହା ପରେ ମଧୁବାବୁ ମୋଠାରୁ ଏହି ଶୁଭସମ୍ବାଦ ପାଇ ଆନନ୍ଦରେ କହିଲେ, "ଏଥର ମହାରାଜାଙ୍କୁ କହି ଗୋଟିଏ ଉପଯୁକ୍ତ ପ୍ରତିବାଦ ପ୍ରସ୍ତାବ ଗଞ୍ଜାମର ଜଣେ ଯୋଗ୍ୟ ଲୋକଙ୍କ ଦ୍ୱାରା ଆଗତ କରାଅ ।" ଏହି ସଭାରେ ଯୋଗ ଦେବାକୁ ବହୁ ନେତୃସ୍ଥାନୀୟ ଲୋକେ କଟକରେ ସମବେତ ହୋଇଥାନ୍ତି । କାରଣ ବ୍ରିଟିଶ ସରକାରଙ୍କ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶ ଗ୍ରହଣ କରିବା ନ କରିବା ବିଷୟଟି ଏଥିରେ ଆଲୋଚିତ ହେବ । ପାରଳାଖେମୁଣ୍ଡି ମହାରାଜା ମଧ୍ୟ କଟକରେ କେନ୍ଦୁଝର ରାଜାଙ୍କ କୋଠିରେ ବସା କରିଥାନ୍ତି । ମୁଁ ତାଙ୍କୁ ସେଦିନ ମଧୁବାବୁଙ୍କ ପ୍ରସ୍ତାବ କ୍ରମେ ସାକ୍ଷାତ କରି କହିଲି, "ଏ ପ୍ରସ୍ତାବଟି ଲିଙ୍ଗରାଜ ପାଣିଗ୍ରାହୀଙ୍କ ପରି ଗଞ୍ଜାମର ଜଣେ ବିଶିଷ୍ଟ ଓକିଲ ଓ ବକ୍ତା ଆଗତ କରିବା ଉଚିତ । କିନ୍ତୁ ମହାରାଜାଙ୍କଠାରୁ କୌଣସି ଆଶାପ୍ରଦ ବାଣୀ ତାଙ୍କୁ ନ ମିଳିଲେ ସେ ଏଥିରେ ସହଯୋଗ କରିବେ କି ନାହିଁ ତାହା ଆମେ ଜାଣି ପାରୁନାହୁଁ ।" ମହାରାଜା ତାଙ୍କର ଗାଡ଼ି ଖଣ୍ଡିକ ପଠାଇ ସଙ୍ଗେ ସଙ୍ଗେ ପାଣିଗ୍ରାହୀଙ୍କୁ ଡକାଇଲେ । କହିଲେ, "ଦେଖ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାକୁ ଯାଉଛି । ସେଥିରେ ଆପଣମାନଙ୍କ ପରି ପୁରୁଣା ଓକିଲ ଯଦି ଯୋଗ ନ ଦିଅନ୍ତି, ତା'ହେଲେ ଆମେ କାହାକୁ ନେଇ ଶାସନ କାର୍ଯ୍ୟ ଚଳାଇବା । ଆପଣ ଏତିକ ବେଳୁ ଏ ଜାତିର ଅଗ୍ରଣୀ ହେବା ଆବଶ୍ୟକ । ଆଜିର ସଭାରେ ଯେଉଁ ମୂଳ ପ୍ରସ୍ତାବଟି ଆଗତ ହେବ ତାହା ତୁମେ ଇଂରାଜୀରେ ପ୍ରସ୍ତୁତ କର, ପୁଣି ସଭାରେ ଆଗତ କର ।" ମହାରାଜଙ୍କଠାରୁ ଏହି ଆଶ୍ୱାସ ବାଣୀ ଶୁଣିବା ପରେ ଲିଙ୍ଗରାଜ ପାଣିଗ୍ରାହୀ ସେହି ପ୍ରସ୍ତାବଟି ଲେଖିଥିଲେ ଏବଂ ଗୋଟିଏ ସୁନ୍ଦର ବକ୍ତୃତା ସଙ୍ଗେ ତାହା ସଭାରେ ଆଗତ କରିଥିଲେ ।

**Joint Parliamentary Committee** ସମ୍ମୁଖରେ ଯେଉଁ ଡେପୁଟେସନ ଦେବାର କଥା ସେଥିରେ ମହାରାଜା ନିଜେ ଅଧ୍ୟକ୍ଷତା ଗ୍ରହଣ କଲେ । ଯେଉଁଦିନ ସେ ପାରଳାଖେମୁଣ୍ଡିରୁ ଏପ୍ରିଲ ୨୭ ତାରିଖ ଦିନ ବାହାରିଲେ, ତା'ର ଠିକ୍ ପୂର୍ବ ରାତ୍ରିରେ ସେ ଗୋଟିଏ ଅଦ୍ଭୁତ ସ୍ୱପ୍ନ ଦେଖିଥିବା ପ୍ରସଙ୍ଗ ଆମକୁ କହିଥିଲେ । ତାହା ହେଉଛି, ରାତ୍ରି ଶେଷ ଭାଗରେ ତାଙ୍କର ଇଷ୍ଟଦେବୀ ମାଣିକେଶ୍ୱରୀ ଗୋଟିଏ ସୁନ୍ଦର ବେଶରେ ତାଙ୍କ ଆଗକୁ ଆସି ଆଦେଶ ଦେଲେ, "ଏଥର ତୁ ବିଲାତ ଗଲେ ନିଶ୍ଚୟ ଜୟଯୁକ୍ତ ହୋଇ ଫେରିବୁ ।" ମହାରାଜାଙ୍କର ଦେବୀଙ୍କ ପ୍ରତି ଅଟଳ ବିଶ୍ୱାସ ଥାଏ । ସେ ଯେତେବେଳେ ତାଙ୍କର ସ୍ୱତନ୍ତ୍ର ସେଲୁନରେ ବସି ପାରଳାଖେମୁଣ୍ଡି ରେଲୱେ ଷ୍ଟେସନରୁ ଯାତ୍ରା କରୁଥାନ୍ତି, ସେତେବେଳେ ହଜାର ହଜାର ଲୋକ ସେଠାରେ ସମବେତ ହୋଇଥାନ୍ତି । ମହାରାଜା ସମସ୍ତଙ୍କୁ ସ୍ମିତ ସହାସ୍ୟ ମୁଖରେ କହିଥିଲେ, "ଯଦି ଏଥର ମୁଁ ଜୟଲାଭ ନ କରେ, ତା'ହେଲେ ପାରଳାଖେମୁଣ୍ଡିକୁ ଆଉ ଫେରି ଆସିବି ନାହିଁ ।" ତାଙ୍କ ମୁଖରୁ ଏପରି କଥା ଶୁଣି ଅନେକଙ୍କର ଚକ୍ଷୁରେ ଲୋତକ ଦେଖା ଦେଇଥିଲା । ଶୁଭ

Digitized by PPRACHIN, SOA

ଯାହା ସମସ୍ତରେ ଲେଉକାପାତ ଅମଙ୍ଗଳ ଭାବି କେହି କେହି ମଧ୍ୟ ବଦଗ୍ଧ ହୃଦୟରୁ ଉଦ୍‌ଗତ ଅଶ୍ରୁଧାର ପୋଛି ଦେଉଥିଲେ । ଶ୍ରୀକୃଷ୍ଣଙ୍କ ଦ୍ୱାରକା ଗମନବେଳେ ଗୋପୀମାନେ ଏପରି ଅଶ୍ରୁପ୍ରବାହ ନିରୋଧ କରିଥିବା ପ୍ରସଙ୍ଗ ଭାଗବତର ନିମ୍ନୋକ୍ତ ଶ୍ଲୋକରେ ବର୍ଣ୍ଣିତ ଅଛି —

> ନିରୁନ୍ଧନ୍ନୁଦ୍‌ଗଳତ ବାଷ୍ପ ମୌତ୍କଣ୍ଠ୍ୟାଦ୍ଦେବକୀ ସୁତେ
> ନିର୍ଯାତ୍ୟଗାରନ୍ନୋଽଭଦ୍ରମିତି ସ୍ୟାଦ୍‌ବାନ୍ଧବ ସ୍ତ୍ରିୟଃ ।
> ( ୧ମ ସ୍କନ୍ଧ—୧୦ମ ଅ. ୧୪ଶ ଶ୍ଲୋକ )

ଗାଡ଼ି ଷ୍ଟେସନ ଛାଡ଼ିବାର ଅଳକ୍ଷଣ ପୂର୍ବରୁ ବିନା ମେଘରେ ଅଳ୍ପ ଅଳ୍ପ ବୃଷ୍ଟି ହେବାରୁ ଏହା ଗୋଟିଏ ଶୁଭସଙ୍କେତ ବୋଲି ଆମେ ଭାବିଲୁ । ଯିବା ପୂର୍ବରୁ ସେ ମୋତେ ଡକାଇ କହିଲେ, "ଯେଉଁ ଯେଉଁ କାଗଜ ଓ ମାନଚିତ୍ର ତୁମେ ପ୍ରସ୍ତୁତ କରିଛ, ତାହା ସଂଯତ କରି ଭଲ ଭାବରେ ଆମ ଅଫିସ ଷ୍ଟେସର ଦ୍ୱାରା ଲଣ୍ଡନ Air mailରେ ପଠାଇ ଦେବ ।" ଏହାପରେ ସେ ଲଣ୍ଡନ ଯାତ୍ରା କରିବାର ଅଳ୍ପଦିନ ମଧ୍ୟରେ ଅର୍ଥାତ ମେ ୧୫ ଏବଂ ୧୮ ତାରିଖରେ ସାନ୍ନେସ୍ଥା ନାଇଡୁଙ୍କ ଠାରୁ ଗୋଟିଏ ଟେଲିଗ୍ରାମ ପାଇ ମୁଁ ତାଙ୍କର ଆବଶ୍ୟକୀୟ ଜ୍ଞାତବ୍ୟ ବିଷୟ ଏବଂ ପାରଳାଖେମୁଣ୍ଡିର ମାନଚିତ୍ର ଦୁଇଟି ପ୍ରସ୍ତୁତ କରି Air mailରେ ପଠାଇ ଦେଇଥିଲି । * ଆନ୍ଧ୍ରମାନଙ୍କ ପକ୍ଷରୁ ମଧ୍ୟ ବ୍ରହ୍ମପୁର

---

* ଏଥି ସଙ୍ଗେ ଶ୍ୟାମସୁନ୍ଦର ଗନ୍ତାୟତ ( ମହାରାଜାଙ୍କ ପ୍ରାଇଭେଟ୍ ସେକ୍ରେଟାରି)ଙ୍କ ପାଖକୁ ମଧ୍ୟ ଗୋଟିଏ ଦୀର୍ଘ ପତ୍ର ପଠାଇ ସେଥିରେ କେତୋଟି ଜ୍ଞାତବ୍ୟ ବିଷୟ ଓ ଯୁକ୍ତି Joint Parliamentary Committeeରେ ମହାରାଜାଙ୍କ ଦ୍ୱାରା ଉପସ୍ଥାପିତ କରିବାକୁ କହିଥିଲି । ସେହି ପତ୍ରର ମୂଳ ନକଲଟି ଅଦ୍ୟାପି ମୋ' ଫାଇଲରେ ଅଛି । ଠିକ୍ ସେହିକ୍ଷଣବେଳେ ପାରଳାଖେମୁଣ୍ଡିରେ "Amalgamation Committee" ଓ "Peoples' Association" ନାମରେ ଦୁଇଟି ଅନୁଷ୍ଠାନ ଗଢ଼ାଯାଇଥିଲା । ସେଥିର ସମ୍ପାଦକ ( Secretary ) ରୂପେ କାମ ଚଳାଉଥାଏ । ସେତେବେଳେ ଲଣ୍ଡନରେ 'ଜଏଣ୍ଟ ସିଲେକ୍ଟ କମିଟି' ଗଢ଼ା ଯାଇ ଓଡ଼ିଶାର ସଠିକ ସୀମା ସରହଦ ସମ୍ବନ୍ଧରେ ଓଡ଼ିଆ ଓ ତେଲୁଗୁମାନଙ୍କ ଠାରୁ ସାକ୍ଷ ଗ୍ରହଣ କରୁଥାନ୍ତି । ତାଙ୍କର ସେହି ସାକ୍ଷ ଗ୍ରହଣର ଅବ୍ୟବହିତ ପୂର୍ବରୁ ପାରଳାଖେମୁଣ୍ଡିରେ ଜୁଲାଇ ୧୪ ତାରିଖ ଦିନ ଗୋଟିଏ ବଡ଼ ସଭା କରି ସେଥିରେ ପାରଳାର ମିଶ୍ରଣ ସପକ୍ଷରେ ଦୃଢ଼ ଦାବୀ କରାଯାଇ ଥାଏ । ସେହି ପ୍ରସ୍ତାବଟି ତା ୧୫ । ୭ । ୩୩ ତାରିଖ ଦିନ କେବଲ୍‌ଗ୍ରାମ୍ ଦ୍ୱାରା ମୁଁ Secretary, Joint Select Committeeଙ୍କ ଠାକୁ "Peoples Association" ପକ୍ଷରୁ ପଠାଇଲି । ସେହି ପତ୍ରର ମୂଳ ନକଲଟି ମଧ୍ୟ ଅଦ୍ୟାପି ମୋ ଫାଇଲରେ ରହିଛି ।

Digitized by PPRACHIN, SOA

ଚେୟାରମ୍ୟାନଙ୍କ ନେତୃତ୍ୱରେ ଗୋଟିଏ ସ୍ୱପକ୍ଷ ଦଳ ଲଣ୍ଡନକୁ ଯାଇଥିଲେ । ସେ କଥା ଆଗରୁ କୁହାଯାଇଛି । ସେ ବର୍ଷ ଜୁଲାଇ ୬ ତାରିଖ ଦିନ ମହାରାଜାଙ୍କଠାରୁ ଲଣ୍ଡନରୁ ଗୋଟିଏ ତାରବାର୍ତ୍ତା ଆମେ ପାଇଲୁ । ସେଥିରେ ଲେଖା ଥିଲା, "ଓଡ଼ିଶାରେ ଆମର ମିଶ୍ରଣ ଆଶାଜନକ ।" (" Paralakhemundi inclusion hopeful ") ଏଥିରେ ଆମେ ଅତ୍ୟନ୍ତ ଉତ୍ସାହିତ ହେଲୁ । ମୋର ସ୍ମରଣ ହେଉଛି, ଠିକ୍ ସେଦିନ ସ୍ଥାନୀୟ ଆନ୍ଧ୍ର ନେତା ଜି. ସତ୍ୟନାରାୟଣଙ୍କ ଗୋଟିଏ ଓଡ଼ିଆବିରୋଧୀ ଲେଖାର ପ୍ରତିବାଦ କରି ମୁଁ "New Orissa" ପତ୍ରିକାରେ ପ୍ରକାଶ ପାଇଁ ଗୋଟିଏ ପ୍ରବନ୍ଧ ପଠାଇଥିଲି । ଯାହାକି ସେ ପତ୍ରିକାରେ ପରେ ପ୍ରକାଶିତ ହୋଇଥିଲା । ୧ ।

ଦେଶମିଶ୍ରଣ କାର୍ଯ୍ୟରେ ସେତେବେଳେ ବ୍ୟସ୍ତ ରହୁଥିଲେ ସୁଦ୍ଧା ସ୍ଥାନୀୟ ସାମାଜିକ ଆନ୍ଦୋଳନରେ ମଧ୍ୟ ମୋର ବିଶେଷ ଭାଗ ରହୁଥିଲା । ଏହି ସମୟରେ ଯୁବତୀ ବିବାହ, ଅସବର୍ଣ୍ଣ ବିବାହ ଏବଂ ବିଧବା ବିବାହ ପରି କେତେଗୁଡ଼ିଏ ବିବାଦୀୟ ପ୍ରଶ୍ନକୁ ନେଇ ରକ୍ଷଣଶୀଳ ଓ ସଂସ୍କାରକାମୀ ଦଳ ମଧ୍ୟରେ ଆନ୍ଦୋଳନ ସୃଷ୍ଟି ହୋଇଥାଏ । ମୋର ନନା ଏବଂ ମାମୁଁଅଜା ପଣ୍ଡିତ ଗୋପବନ୍ଧୁ ବିଦ୍ୟାଭୂଷଣ ପ୍ରଭୃତି କେତେକ ବୃଦ୍ଧ ରକ୍ଷଣଶୀଳ ଗୋଷ୍ଠୀ ଯେ କୌଣସି ସାମାଜିକ ସଂସ୍କାରର ଘୋର ବିରୋଧ କରୁଥିଲେ । କିନ୍ତୁ ମୁଁ ପଣ୍ଡିତ ଅନନ୍ତ ତ୍ରିପାଠୀ ଏବଂ ମୋର ଗୁରୁ ମଧୁସୂଦନ ମହାପାତ୍ର (ସଂସ୍କୃତ କଲେଜର ପ୍ରିନ୍ସିପାଲ) ସାମାଜିକ ସଂସ୍କାର ସପକ୍ଷରେ ମତ ପୋଷଣ କରିଥାଉ । ସେତେବେଳେ ମୋର ଜଣେ ଦୂର ସମ୍ପର୍କୀୟ ବନ୍ଧୁ ଗୁଙ୍ଗୁଡ଼ାଗ୍ରାମ ନିବାସୀ ଜୟକୃଷ୍ଣ ମିଶ୍ର ଜଣେ ଭିନ୍ନ-ଜାତୀୟ ବ୍ରାହ୍ମଣ ଗୋଷ୍ଠୀରେ ବିବାହ କଲେ । ଜୁନ ୨୧ ତାରିଖ ଦିନ ତାଙ୍କୁ ଆମ ଗୋଷ୍ଠୀରୁ ବହିଷ୍କାର କରିବା ପାଇଁ ଘୋର ଆନ୍ଦୋଳନ ହେଲା । ଏଥିରେ ମୋର ସ୍ମରଣ ହେଉଛି ଧର୍ମଶାସ୍ତ୍ରର ବହୁତଗୁଡ଼ିଏ ଗ୍ରନ୍ଥ ମୁଁ ଅଧ୍ୟୟନ କରିଥିଲି । ଐତିହାସିକ ଦୃଷ୍ଟିରୁ ଅସବର୍ଣ୍ଣ ତଥା ଅସ୍ପୃଶ୍ୟ ଜାତିମାନଙ୍କ ସମ୍ବନ୍ଧରେ କିପରି ଘୋର ଅବିଚାର କରାଯାଇଛି, ତାହା ଗୋଟିଏ ସ୍ୱତନ୍ତ୍ର ପ୍ରବନ୍ଧରେ ଲେଖିଥିଲି । ୨ । ସେହି ପ୍ରବନ୍ଧଟି ମୁଁ ଯେତେବେଳେ ପଣ୍ଡିତ ଗୋପବନ୍ଧୁ ବିଦ୍ୟାଭୂଷଣଙ୍କୁ ଦେଖାଇଲି ଏବଂ କହିଲି ଆପଣ ଏଥିର ଉତ୍ତର ପ୍ରସ୍ତୁତ କରନ୍ତୁ ଯେତେବେଳେ ସେ ମୋଠାରୁ ସେହି ପ୍ରବନ୍ଧଟି ନେଇ ତାହା ମୋତେ ଆଉ

---

୧ । Vide The New Orissa, May 30, 1933 ( 'Parlakimedi's claim for inclusion into Orissa')

୨ । ଏହା ଲେଖିଲା ବେଳକୁ Search Lighr ପତ୍ରିକାର ତା ୨୦ । ୧ । ୩୬ ରିଖ ସଂଖ୍ୟାରେ J N. Ghoshଙ୍କର ଲିଖିତ 'Sex and Marriage' ନାମକ ପ୍ରବନ୍ଧର ନିମ୍ନୋକ୍ତ ଅଂଶଟି ମୁଁ ନିଜ ଡାଇରିରେ ରଖିଥିଲି —
"Things have been bad enough in the past but in future we must have fewer dogma's and more facts, less theology and more life less superstition and more science, less fear and more liberty·· "

Digitized by PPRACHIN, SOA

ଫେରାଇଲେ ନାହିଁ । ବହୁକାଳ ପର୍ଯ୍ୟନ୍ତ ତାଙ୍କଠାରେ ସେ ଲେଖାଟି ପଡ଼ି ରହିଲା । ମୋର ଆଜି ସ୍ମରଣ ହେଉଛି । ଏ ଘଟଣାର ପ୍ରାୟ ୨୦ ବର୍ଷ ପରେ ଥରେ ତାଙ୍କ ଘରକୁ ମୁଁ ବୁଲି ଯାଇଥିଲାବେଳେ ମୋର ସେହି ଲେଖାଟି ପାଇଥିଲି ଓ ତାକୁ ସଂଶୋଧିତ ଆକାରରେ ଗୋପବନ୍ଧୁଙ୍କ ଦ୍ୱାତ୍ରିଂଶତମ ବାର୍ଷିକ ଶ୍ରାଦ୍ଧଦିବସ ଉପଲକ୍ଷରେ ସମାଜ ସଂଖ୍ୟାର (୧୯୬୦ ଜୁନ୍ ୧୪ ତାରିଖ) ପୃଷ୍ଠା ୩୪-୩୫ରେ ପ୍ରକାଶିତ ହୋଇଥିଲା ।

ସେ ବର୍ଷ ମୋର ଜଣେ ସମ୍ପର୍କୀୟ ଭାଇ ଲକ୍ଷ୍ମୀନାରାୟଣ ରାଜଗୁରୁ ଏବଂ ତାଙ୍କର ସଙ୍ଗେ ଜଣେ ପ୍ରସିଦ୍ଧ ନାଟ୍ୟବିଶାରଦ ହିମାଚଳ ପାତ୍ରୀଙ୍କ ଉଦ୍ୟମରେ ଓଡ଼ିଶାରେ ଗୋଟିଏ କ୍ଷୁଦ୍ର ଯାତ୍ରାଦଳ ପ୍ରସ୍ତୁତ ହୋଇଥିଲା । ସେହି ଦଳରେ ଉଚ୍ଚକୋଟିର ସଙ୍ଗୀତ ଏବଂ ନୃତ୍ୟ ପରିବେଷିତ ହେବାରୁ ମୁଁ ଭାବିଲି ଯେ—ଓଡ଼ିଶାର ପ୍ରାଚୀନ ସଙ୍ଗୀତ ଓ ସାହିତ୍ୟକୁ ପ୍ରାଣବନ୍ତ କରିବାକୁ ଏପରି ନାଟ୍ୟ ଦଳହିଁ ସମର୍ଥ ହେବେ । ତେଣୁ ସେମାନଙ୍କୁ ଯଥାସାଧ୍ୟ ସାହାଯ୍ୟ ଦେବା ଆବଶ୍ୟକ । ଏହି ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ମୁଁ କେତୋଟି ଗୀତ ଓ ଗୀତନାଟ୍ୟ ଲେଖିବାରେ ପ୍ରବୃତ୍ତ ହେଲି । ମୋର ସେହି ଗୀତଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ସାମାଜିକ, ରାଜନୈତିକ ଓ ଭକ୍ତିମୂଳକ ବିଷୟ ନେଇ ଲେଖା ଯାଇଥାଏ । ଆନ୍ଧ୍ରଦେଶରେ ମଧ୍ୟ ଏଥିର ପ୍ରସାର ନିମନ୍ତେ ଯତ୍ନ କରାଯାଉଥିଲା । ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ଏହି ନୃତ୍ୟଦଳର ଖ୍ୟାତି ବିସ୍ତାର ହେବାରୁ ପାରଳା-ଖେମୁଣ୍ଡି ମହାରାଜା ମଧ୍ୟ ତାଙ୍କୁ ସାହାଯ୍ୟ ଓ ସହାନୁଭୂତି ପ୍ରଦର୍ଶନ କରୁଥିଲେ ।

ଏ ସମସ୍ତ ବିଭିନ୍ନ ଦିଗରେ ବ୍ୟସ୍ତ ରହିଥିଲାବେଳେ ଆନ୍ଧ୍ର ୟୁନିଭରସିଟି ପକ୍ଷରୁ **Oriental Title Examination** ପାଇଁ ମୁଁ **Preliminary** ପରୀକ୍ଷା ଦେବା ସକାଶେ ପ୍ରସ୍ତୁତ ହେବାକୁ ପଡ଼ିଲା । କାରଣ ସେ ବର୍ଷ ମାର୍ଚ୍ଚ ମାସ ଶେଷ ସପ୍ତାହରେ ପରୀକ୍ଷାଦାନ ସ୍ଥିର ହୋଇଥିଲା । କିନ୍ତୁ ସେଥିରେ ଯେଉଁ ପୁସ୍ତକଗୁଡ଼ିକ ଉପରେ ମୁଁ ପରୀକ୍ଷା ଦେବାର କଥା ତାହା ଆଗରୁ ପଢ଼ିଥିବାରୁ ମୋ ପକ୍ଷରେ ଟିକିଏ ସହଜ ବୋଧ ହେଲା ଏବଂ ପରୀକ୍ଷାରେ ମୁଁ ମଧ୍ୟ ଭଲ ନମ୍ବର ପାଇଥିଲି ।

ସେ ବର୍ଷ ଜୁଲାଇ ମାସରେ ଲଣ୍ଡନରୁ ଖବର ପାଇ ପାରଳାଖେମୁଣ୍ଡି ତଥା ଗଞ୍ଜାମର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ପକ୍ଷରୁ ଦେଶ ମିଶ୍ରଣ ଦାବୀ **Select Committee**କୁ ପଠାଗଲା । * ମୋର ସ୍ମରଣ ହୋଉଛି ସେ ମାସ ୧୭ ତାରିଖରେ ମଞ୍ଜୁଷା ଠାରେ ଦେଶ ମିଶ୍ରଣ କର୍ମୀ ନରସିଂହ ପାଣିଗ୍ରାହୀ ଏବଂ ମଞ୍ଜୁଷା ରାଜାଙ୍କ ଦେୱାନ ରାମକୃଷ୍ଣ ଦେବଙ୍କ ସଙ୍ଗେ ମୋର ପରାମର୍ଶ ହୋଇଥିଲା । ସେଥିରେ ସ୍ଥିର ହେଲା ଯେ,

---

* ତା ୫ । ୭ । ୩୩ ଦିନ **Joint Select Committee**ର **Secretary**ଙ୍କ ଠାକୁ ଏକା ପାରଳାଖେମୁଣ୍ଡିରୁ ୬ଟି କେବଲ୍‌ଗ୍ରାମ୍ କରି ପାରଳାର ମିଶ୍ରଣ ଦାବୀ ହୋଇଥିଲା । ଯେଉଁ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ତାହା ପଠାହୋଇଥିଲା ସେ ହେଉଛି (୧) ମହନ୍ତ ସଂଘ (୨) ଖ୍ରୀଷ୍ଟିୟାନ ସଂଘ (୩) ରଯୃତ ସଂଘ (୪) ମୁସଲମାନ ସଂଘ (୫) **Peoples Association** ଏବଂ (୬) ହିତୈଷିଣୀ ସମାଜ ।

Digitized by PPRACHIN, SOA

ମଧ୍ୟସ୍ତାରୁ ମଧ୍ୟ କେତେକ କର୍ମୀଙ୍କୁ ତାଲିମ କରି ପାରଳାଖେମୁଣ୍ଡିଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଏ କାମ କରାଇବାକୁ ହେବ । କାରଣ ଉପକୂଳବର୍ତ୍ତୀ ଅଞ୍ଚଳରେ ଅର୍ଥାତ୍ ଉଦ୍ୟାନଠାରେ ଯେଉଁ ଓଡ଼ିଆ କଣ୍ଡିରି ଓ କେଉଟ ଜାତିସ୍ଥ ଲୋକେ ଅନ୍ୟାନ୍ୟ ଜାତିମାନଙ୍କ ସଙ୍ଗେ ମିଶି ରହିଛନ୍ତି, ତାଙ୍କ ମଧ୍ୟରେ ଜାତୀୟତାଭାବ ଉଦ୍ଦୀପ୍ତ କରି ସେହି ସେହି ସ୍ଥାନରେ ଓଡ଼ିଆ ସ୍କୁଲମାନ ସ୍ଥାପନ କରିବା ସର୍ବାଦୌ ଆବଶ୍ୟକ । ଏ ସହାନ୍ତରେ କଲନ୍ତରର କେତେକ ଜାତୀୟତା ପ୍ରେମୀ ଓଡ଼ିଆ ମଧ୍ୟ ଅଗ୍ରଣୀ ହୋଇଥିଲେ । ତେଣୁ ସେହି ଅଞ୍ଚଳମାନଙ୍କରେ **Peoples' Association**ର ଶାଖା ସମିତିମାନ ଗଠନ କରିବା ଆବଶ୍ୟକ ।

ମୁଁ ଏ ସବୁ କାର୍ଯ୍ୟରେ ତତ୍ପର ହେବାର କାରଣ ହେଉଛି ମୋ ସ୍ତ୍ରୀଙ୍କର ଅନୁରୋଧ କ୍ରମେ କୁଳିଇ ଶେଷ ଆଡ଼କୁ ଗୋଦାବରୀ ସ୍ନାନ ସକାଶେ ଯାତ୍ରା କରିବାକୁ ପଡ଼ିବ । ପ୍ରଥମେ ଏ ସବୁ ଗୁରୁତର କାର୍ଯ୍ୟାବଳୀ ଦୃଷ୍ଟିରୁ ମୁଁ ସେହି ତୀର୍ଥ ଯାତ୍ରା ପାଇଁ ଉତ୍ସୁକ ନଥିଲି । କିନ୍ତୁ ପାରିବାରିକ ଅବସ୍ଥା ଦୃଷ୍ଟିରୁ ପୁଣି ମୋର ମାନସିକ ଏବଂ ସ୍ନାୟବିକ ଦୁର୍ବଳତାହେତୁ କ୍ରମେ ମସ୍ତିଷ୍କ ଉପରେ ବିଶେଷ ଭାର ପଡ଼ୁଥିବା ଏବଂ ତା' ଫଳରେ ଅନେକ ସମୟରେ ମୋ ମନରେ ବିଭିନ୍ନ ପ୍ରକାର ଚିନ୍ତା ଖେଳା କରୁଥିବା ହେତୁ ଏଥିର ନିରାକରଣ ପାଇଁ ତୀର୍ଥଭ୍ରମଣ ଗୋଟିଏ ପ୍ରଧାନ ସ୍ୱାସ୍ଥ୍ୟକର କାର୍ଯ୍ୟ ବୋଲି ମୁଁ ମନେକଲି । ସୁତରାଂ ଏ ପ୍ରସ୍ତାବରେ ସହଯୋଗ କରି କୁଳିଇ ୪ ତାରିଖଦିନ ମୋର ସ୍ତ୍ରୀ ଓ ପୁଅ (ଗୋପେଶ୍ୱର) ସଙ୍ଗେ ଜଣେ ଖୁଡ଼ୀଶାଶୁ ଏବଂ ତାଙ୍କ ପୁଅଙ୍କ ସଙ୍ଗରେ ଧରି ପ୍ରଥମେ ବିଶାଖାପାଟଣା ଗଲି । ସେଠାରେ ମୋର ଖୁଡ଼ୁତାଶ୍ୱଶୁର ଡଃ ବଳଭଦ୍ର ମିଶ୍ର ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା କର୍ମଚାରୀ ରୂପେ ନିଯୁକ୍ତ ହୋଇଥାନ୍ତି । ତାଙ୍କର ବସାଟି ଠିକ୍ ସମୁଦ୍ରକୂଳରେ ଥାଏ । ଅତି ରମଣୀୟ ସ୍ଥାନ । ତେଣୁ ସେଠାରେ ଦୁଇଦିନ ରହିବାକୁ ପଡ଼ିଥିଲି । ଏହି ରହଣୀକାଳ ମଧ୍ୟରେ ଗୋଟିଏ କୌତୂହଳପ୍ରଦ ବିଷୟ ଘଟିଥିବା କଥା ଅଦ୍ୟାପି ମୋ ମନରୁ ଲିଭିନାହିଁ । ତାହା ହେଉଛି ଦିନେ ରାତିରେ ଆମେ ସମସ୍ତେ ଶୋଇଛୁ । ସେଠାରେ ମୋର ଜଣେ ଦୂର ସଂପର୍କୀୟ ଶାଳକ ମଧ୍ୟ ରହିଥାନ୍ତି । ରାତି ପ୍ରାୟ ଗୋଟାକବେଳେ ସେ ମୋର ଟ୍ରଙ୍କ୍ ସେଢ଼ି କଣ୍ଡିକ ଧରି ସମୁଦ୍ରକୂଳରେ ତାହା ଫିଟାଇବାକୁ ଚେଷ୍ଟା କଲେ । ତାଙ୍କ ପାଖରେ ଡ: ମିଶ୍ରଙ୍କର ଡ୍ରାଇଭର ମଧ୍ୟ ଶୋଇଥିଲା । ସେ ହଠାତ୍ ଉଠିପଡ଼ି ଦେଖିଲା ଯେ ଲୋକଟି ସେଠାରେ ନାହିଁ । ପୁଣି ଟ୍ରଙ୍କଟି ମଧ୍ୟ ଉଠାଇ ନିଆଯାଇଛି । ତେଣୁ ସେଥିର ଅନୁସନ୍ଧାନ କରିବା ପାଇଁ ସମୁଦ୍ରକୂଳକୁ ସେ ଯାଇ ତାହା ଉଦ୍ଧାର କଲା । ପରଦିନ ସକାଳୁ ମୋତେ କିଛି ନ କହି ଡ: ମିଶ୍ରଙ୍କୁ ଏକଥା ଜଣାଇବାରୁ ସେ ରାଗରେ ତାଙ୍କର ସମ୍ପର୍କୀୟ ପୁରୁଷକୁ ଖୋଜିଲେ । କିନ୍ତୁ ତାର ଦେଖା ମିଳିଲା ନାହିଁ । ବହୁତ ଦିନ ପରେ ସେ ନିଜଘରକୁ ଫେରି ଆସିଥିବାର ମୁଁ ଶୁଣିଲି । ଅନେକ ସମୟରେ ସେ ମୋ ସଙ୍ଗେ ପ୍ରିୟ ବ୍ୟବହାର କରୁଥାନ୍ତି । ତେଣୁ ତାଙ୍କପ୍ରତି ମୋର ଆଦୌ

Digitized by PPRACHIN, SOA

ସନ୍ଦେହ ନ ଥାଏ । ଯେତେବେଳେ ମୁଁ ଏକଥା ଶୁଣିବାକୁ ପାଇଲି ମୋର ମନେ ହେଲା, ମନୁଷ୍ୟର ମନ ପ୍ରକୃତରେ କିଛି ଅଜ୍ଞାତ ବିଷୟ ରହିଛି, ତାହା ମନୁଷ୍ୟର ଚରିତ୍ର । ଲୋକର ମଧୁର କଥା ଓ ସ୍ମିତ ପ୍ରଫୁଲ୍ଲ ମୁଖ ଦେଖି ତା' ହୃଦୟର ଭାବ ଜାଣିବା ଅତ୍ୟନ୍ତ କଷ୍ଟକର । ସେଦିନ ଏହି ଶିକ୍ଷାଟି ମୁଁ ପାଇଥିଲି ଏବଂ ଭର୍ତ୍ତୃହରିଙ୍କର ଗୋଟିଏ ଶ୍ଳୋକ ମନେ ପଡ଼ୁଥିଲା ।

"ଜଳ୍ପଂତି ସାର୍ଦ୍ଧମନ୍ୟେନ ପଶ୍ୟଂତ୍ୟନ୍ୟଂ ସ ବିଭ୍ରମାଃ ।
ହୃଦ୍‌ଗତଂ ଚିଂତୟତ୍ୟନ୍ୟଂ ପ୍ରିୟଃ କୋ ନାମ ଯୋଷିତାମ୍ ।"

ବିଶାଖାପାଟଣାରୁ ଆମେ ରାଜ ମହେନ୍ଦ୍ରୀ ଗଲୁ । ସେଠାରେ ଗୋଟିଏ ଭଡ଼ାଘରେ ରହିଲୁ । ମୋର ବନ୍ଧୁ ଅଧ୍ୟାପକ ସୁବାରାଓଙ୍କ ସଙ୍ଗେ ଆନ୍ଧ୍ର ଐତିହାସିକ ଗବେଷଣା ସମିତି ଅଫିସରେ ସାକ୍ଷାତ ହେବାକୁ ସେ ଆମର ଯାବତୀୟ ସୁବିଧା କରି ଦେଇଥିଲେ । ଇତିହାସ ପରିଶୋଧନ ମଣ୍ଡଳୀର ଅନ୍ୟ କେତେକ ସଭ୍ୟମାନଙ୍କ ସଙ୍ଗେ ସେଦିନ ମୋର ସାକ୍ଷାତ ହୋଇଥିଲା । ସେମାନଙ୍କ ମଧ୍ୟରେ **B. B. Krishna Rao, P. Narayan Rao, Somasekhar Sarma** ପ୍ରଧାନ କହିଲେ ଚଳେ । ଏମାନେ ସମସ୍ତେ ଗବେଷଣା କାର୍ଯ୍ୟରେ ଖ୍ୟାତି ଲାଭ କରିଅଛନ୍ତି ଏବଂ ସେମାନଙ୍କର ଲେଖାଗୁଡ଼ିକ ମଧ୍ୟ ବିଭିନ୍ନ ଗବେଷଣା ପତ୍ରିକାରେ ପ୍ରକାଶ ପାଇଛି । ମୋର ସ୍ମରଣ ହେଉଛି କିଷ୍ଟାରାଓ ମୋତେ କହିଲେ "ପାରଳାଖେମୁଣ୍ଡିର ଜଗନ୍ନାଥ ନାରାୟଣ ଦେବଙ୍କ ନାମରେ ଯେଉଁ ସଙ୍ଗୀତ ନାରାୟଣ ନାମକ ଗ୍ରନ୍ଥ ପ୍ରାୟ ୨୦ ବର୍ଷ ଆଗେ ସଂସ୍କୃତରେ ରଚିତ ହୋଇଥିଲା, ତାହା ବମ୍ବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୋଟିଏ ପାଠ୍ୟ ପୁସ୍ତକ ରୂପେ ଗୃହୀତ ହୋଇଅଛି । ଏଣୁ ସେଥିର ଏକ ନୂତନ ସଂସ୍କରଣ କରିବା ଭାର ମୁଁ ଗ୍ରହଣ କରିଛି । ଆପଣ ମୋତେ କିଛିଏ ସାହାଯ୍ୟ କରି ପାରିବେ କି ? ଜଗନ୍ନାଥ ନାରାୟଣ ଦେବଙ୍କ ଜୀବନୀ ଲେଖିବାକୁ ମୋର କିଛି ଆଧାର ନାହିଁ ।" ମୁଁ ତାଙ୍କୁ ପ୍ରତିଶ୍ରୁତି ଦେଇ କହିଲି ଯେ ବର୍ତ୍ତମାନ ଗଙ୍ଗବଂଶର ଗୋଟିଏ ଇତିହାସ ମୁଁ ସଂକଳନ କରିବାରେ ଲାଗିଛି । ତାହା ପୂର୍ତ୍ତି ହେଲେ ଜଗନ୍ନାଥ ନାରାୟଣ ଦେବଙ୍କ ସମ୍ବନ୍ଧେ ବିସ୍ତୃତ ବିବରଣୀ ଆପଣ ପାଇ ପାରିବେ । କିନ୍ତୁ ସେ ପୁସ୍ତକଟି ପ୍ରକାଶିତ ହେବା ପୂର୍ବରୁ ମୁଁ ନିଶ୍ଚୟ ଆପଣଙ୍କୁ ଗୋଟିଏ ଟିପ୍ପଣୀ ଲେଖି ବମ୍ବେ ପଠାଇଦେବି । ଏହାପରେ ସୋମଶେଖର ଶର୍ମା ମୋତେ ବୋଧହୁଏ,. ଅଛାରେ କହିଲେ, "ଆପଣ ବେଶୀ ସମୟ ବୃଥାରେ ରାଜନୀତି ଦିଗରେ କାହିଁକି ବ୍ୟୟ କରୁଛନ୍ତି । ଇତିହାସ ଗବେଷଣା ପାଇଁ ଯଦି ସମସ୍ତ ସମୟ ଓ ଶକ୍ତି ବିନିଯୋଗ କରନ୍ତେ, ତା'ହେଲେ କଣ ଭଲ ହୁଅନ୍ତା ନାହିଁ ?" ମୁଁ ତାଙ୍କୁ ଉତ୍ତର ଦେଲି-ନିଶ୍ଚୟ ଭଲ ହୁଅନ୍ତା କିନ୍ତୁ ଯାହା ଘରେ ଗୃହକର ନ ଥାଏ ସେ ଯେପରି ନିଜେ ଘର ପରିଷ୍କାର କରିବାଠାରୁ ଆରମ୍ଭ କରି ରୋଷେଇ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ନିଜେ ନିଜେ କରିବାକୁ ପଡ଼େ ସେପରି ଆମେ ଗରିବ ଓଡ଼ିଆ

Digitized by PPRACHIN, SOA

ଜାତରେ ଜନ୍ମଲଭ କରି ସବୁ କାର୍ଯ୍ୟରେ ଶକ୍ତି ଓ ସମୟ ବ୍ୟୟ କରିବାକୁ ବାଧ ହେଉଛୁ । ମୋ କଥାରେ ଅଧ୍ୟାପକ ସୁବାରାଓ ସମ୍ମତ ହୋଇ ତାଙ୍କୁ କହିଲେ ଯେ ଓଡ଼ିଶାରେ ଶିକ୍ଷିତ ଗବେଷକଙ୍କର ସଂଖ୍ୟା ନିତାନ୍ତ ମୁଷ୍ଟିମେୟ । ଏଣୁ ଅଦ୍ୟାପି ଆମେ କେତେ ଅନୁରୋଧ କରି ସୁଦ୍ଧା ଗବେଷଣା ପତ୍ରିକାରେ ପ୍ରକାଶ ପାଇଁ ଉପଯୁକ୍ତ ପ୍ରବନ୍ଧ ଓଡ଼ିଶାରୁ ପାଇପାରି ନାହୁଁ । ହଲଣ୍ଡର ଙ୍କ **Kern Institute** ପକ୍ଷରୁ ଯେଉଁ **'Bibliothica Indica'** * ନାମକ ଗ୍ରନ୍ଥମାଳା ପ୍ରକାଶ କରିବା ଉଦ୍ୟମ ହେଉଛି ସେଥିରେ ଭାରତରୁ ବିଭିନ୍ନ ଐତିହାସିକ ଗବେଷଣା ପତ୍ରିକାରେ ପ୍ରକାଶ ପାଇଥିବା ମୌଳିକ ପ୍ରବନ୍ଧମାନଙ୍କରୁ ବାଛି ବାଛି ଉପଯୁକ୍ତ ପ୍ରବନ୍ଧର ସଂକ୍ଷିପ୍ତ ବିବରଣୀ ପ୍ରକାଶ କରିବା ଆୟୋଜନ କରୁଛି । ମୁଁ ଏଥିପାଇଁ ସେହି ଅନୁଷ୍ଠାନ ପକ୍ଷରୁ ଯେଉଁ ପତ୍ର ପାଉଥିଲି ସେଥିରେ ଆମ ତିନିଜଣଙ୍କର ନାମ ସଙ୍ଗେ ଶ୍ରୀ ରାଜଗୁରୁଙ୍କ ନାମ ଦିଆ ଯାଇଥିବା ଦେଖିବାକୁ ମିଳେ । ତାଙ୍କର କେତୋଟି ମୌଳିକ ପ୍ରବନ୍ଧର ସଂକ୍ଷିପ୍ତ ବିବରଣୀ ସେହି ଗ୍ରନ୍ଥମାଳାରେ ଏବେ ପ୍ରକାଶ କରାଯାଉଛି । ଓଡ଼ିଶାର ଅନ୍ୟ କେହି ଗବେଷକଙ୍କର ନାମ ଆମେ ଦେଖିବାକୁ ପାଉନାହୁଁ । ଏହାପରେ ସୋମଶେଖର ଶର୍ମା ଟିକିଏ ହାସ୍ୟ କରି କହିଲେ ତୁମେ ଲୋକଙ୍କୁ ପ୍ରଶଂସା କରି ତାଙ୍କଠାରୁ କାମ ଆଦାୟ କରିବା କୌଶଳ ଭଲ ରୂପେ ଜାଣ ସୁବାରାଓ ! ତେଣୁ ତୁମେ ଆମ ଆନ୍ଧ୍ରଗବେଷଣା ପତ୍ରିକାର ଉପଯୁକ୍ତ ସଂପାଦକ । ଏହା ଶୁଣି ସମସ୍ତେ ଆମେ ହସିଲୁ । ତା'ପରେ ସେହି କ୍ଷୁଦ୍ର ଆଲୋଚନାସଭାଟି ଭଙ୍ଗ ହେଲା ।

ରାଜମହେନ୍ଦ୍ରୀରୁ ମୁଁ ଯେତେବେଳେ ପିଲାମାନଙ୍କ ସଙ୍ଗରେ ଧରି ଧବଳେଶ୍ୱର ନାମକ ଗୋଟିଏ ସୁରମ୍ୟ ପଠାରେ ପହଞ୍ଚିଲି ମୋର ମନେହେଲା ପ୍ରାଚୀନ ଗଜପତି ରାଜାମାନେ ତାଙ୍କ ଶାସନ କାଳରେ ଦୁଇଟି ସୁରମ୍ୟ ସ୍ଥାନ ନିର୍ବାଚନ କରି ସେଠାରେ ଦେବାଳୟ ସ୍ଥାପନ କରିଥିଲେ; ପୁଣି ଉଭୟ ସ୍ଥାନର ଭୌଗୋଳିକ ପରିସ୍ଥିତି ଏକାପରି ହୋଇଥିବାରୁ ତାହା ଧବଳେଶ୍ୱର ବୋଲି ନାମକରଣ କରିଥିଲେ । ଏହି ଯେଉଁ ଧବଳେଶ୍ୱର ଗୋଦାବରୀ ଭିତରେ ଗୋଟିଏ ପାହାଡ଼ିଆ ସ୍ଥାନରେ ରମଣୀୟ ପ୍ରାକୃତିକ ପରିସ୍ଥିତି ନେଇ ରହିଛି ଠିକ୍ ସେହିପରି ଅନ୍ୟ ଏକ ଧବଳେଶ୍ୱର କଟକ ନିକଟରେ ମହାନଦୀ ମଧ୍ୟରେ ଅବସ୍ଥିତ । ସେଠାର ଜଳବାୟୁ ଏବଂ ସ୍ୱାସ୍ଥ୍ୟକର ଭୌଗୋଳିକ ପରିସ୍ଥିତି ହେତୁ ତାହା ରାଜାଙ୍କର ଗ୍ରୀଷ୍ମକାଳୀନ ବିହାର ବୋଲି ମୋର ସ୍ପଷ୍ଟ ଧାରଣା ହେଲା ।

ଧବଳେଶ୍ୱରଠାରୁ ଦ୍ରାକ୍ଷାରାମର ଭୀମେଶ୍ୱର ମନ୍ଦିରରେ ଯେତେବେଳେ ଆମେ ପ୍ରବେଶ କଲୁ, ସେତେବେଳେ ଭୁବନେଶ୍ୱରସ୍ଥ ଭାସ୍କରେଶ୍ୱର ମନ୍ଦିର ସ୍ମୃତି ମୋର

* ଏହି ଗ୍ରନ୍ଥମାଳାର କେତୋଟି ଭାଗ ଓଡ଼ିଶା ଷ୍ଟେଟ୍ ମ୍ୟୁଜିୟମ୍ ଭୁବନେଶ୍ୱର, ଲାଇବ୍ରେରୀରେ ସଂରକ୍ଷିତ ହୋଇଛି ।

Digitized by PPRACHIN, SOA

ମନରେ ଉଦିତ ହେଲା । କାରଣ ଉଭୟଙ୍କ ସେଉଁ ବିରାଟ ଲିଙ୍ଗ ପ୍ରାୟ ୧୫।୧୭ ଫୁଟ ଉଚ୍ଚରେ ପ୍ରତିଷ୍ଠାପିତ ହୋଇ ଅଛନ୍ତି, ତାହା ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ପୂର୍ବେ ଗୋଟିଏ ଗୋଟିଏ ଅଶୋକ ସ୍ତମ୍ଭ ବୋଲି ମନେହୁଏ । ଏ ଘଟଣାର ବହୁ ଦିନ ପରେ ଯେତେବେଳେ ଭୀମେଶ୍ୱରଙ୍କ ମନ୍ଦିର ନିକଟରେ ଗୋଟିଏ ବିରାଟ ସିଂହମୂର୍ତ୍ତି ଭୂଗର୍ଭରେ ପୋତା ହୋଇଥିବା ଦେଖାଗଲା, ପୁଣି ତାହା ବର୍ତ୍ତମାନ ଓଡ଼ିଶା ସଂଗ୍ରହାଳୟର ପ୍ରଦର୍ଶନୀ ଗୃହରେ ସ୍ଥାପିତ ହେଲା ସେଥିରେ ଖୋଦିତ ହୋଇଥିବା କେତୋଟି ଗୁପ୍ତଯୁଗ ଲିପିର ଅଭିଲେଖ ପାଠକରି ମୁଁ ସ୍ପଷ୍ଟରୂପେ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ ଏକ ସମୟରେ ବୌଦ୍ଧମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମୂର୍ତ୍ତିମାନଙ୍କୁ ହିନ୍ଦୁ ସମ୍ପ୍ରଦାୟର ଲୋକେ ଆତ୍ମସାତ୍ କରିବା ଚେଷ୍ଟା କରି ଅଛନ୍ତି । ଏଣୁ ଓଡ଼ିଶାର ଭୀମେଶ୍ୱରଙ୍କ ଲିଙ୍ଗ ଏବଂ ଆନ୍ଧ୍ର ଅଞ୍ଚଳରେ ଦ୍ରାକ୍ଷାରାମ ସ୍ଥିତ ଭୀମେଶ୍ୱର ଲିଙ୍ଗ ଏକା ସ୍ତମ୍ଭରେ କୌଣସି ପ୍ରାଚୀନ ଅଶୋକସ୍ତମ୍ଭର ଅବଶିଷ୍ଟାଂଶ ମାତ୍ର । ସେହି ମନ୍ଦିର ଗାତ୍ରରେ ବହୁତଗୁଡ଼ିଏ ଶିଳାଲେଖ ଥିବାର ଦେଖାଯାଏ । ସେଥିରୁ କେତୋଟିରେ ଚୋଳଗଙ୍ଗ ଏବଂ ଅନଙ୍ଗଭୀମ ନାମକ ଗଙ୍ଗବଂଶୀୟ ରାଜାଙ୍କ ନାମ ସଙ୍ଗେ ତାଙ୍କ ରାଣୀମାନଙ୍କର ନାମ ମଧ୍ୟ ଉଲ୍ଲେଖ ହୋଇଅଛି । ସମୟର ସ୍ୱଳ୍ପତା ହେତୁ ତାହା ମୁଁ ପାଠ କରିପାରି ନଥିଲି । କିନ୍ତୁ ମନେ ମନେ ସ୍ଥିର କଲି ସମୟ ଓ ସୁବିଧା ହେଲେ ଏହି ସବୁ ପାଠକରି ଓଡ଼ିଶାର ପତ୍ରିକାରେ ନିଶ୍ଚୟ ପ୍ରକାଶ କରିବି । ତା' ନ ହେଲେ ଆମ ଦେଶର ଇତିହାସ ପୂର୍ଣ୍ଣତା ଲାଭ କରିବ ନାହିଁ । ଦ୍ରାକ୍ଷାରାମ ପରି ସର୍ପାରାମରେ ମଧ୍ୟ ବହୁତଗୁଡ଼ିଏ ଶିଳାଲିପି ଖୋଦିତ ଅଛି । ଆମେ ସେଠାରୁ ଘୋଡ଼ାଗାଡ଼ିରେ (ସେତେବେଳେ ବସ୍ ପନ୍ଥା ନଥାଏ) କାକିନାଡ଼ା ସହରକୁ ଗଲୁ । ସେଠାରେ ଗୋଟିଏ ଆନ୍ଧ୍ର ବ୍ରାହ୍ମଣଙ୍କ ଧର୍ମଛତ୍ରରେ ରହିବାକୁ ଚେଷ୍ଟା କରିବାରୁ ଆମେ ଓଡ଼ିଆ ବ୍ରାହ୍ମଣ ଆମିଷ ଭୋଜୀ ବୋଲି ସେ ବସାଦେବାକୁ ମନା କଲେ । ସେତେବେଳକୁ ସନ୍ଧ୍ୟା ହୋଇ ଥାଏ । କାକିନାଡ଼ାରେ ବସାଘର ପାଇବା ଗୋଟିଏ କଠିନ ବ୍ୟାପାର । ଏଣୁ ମୁଁ ଗୋଟିଏ କୌଶଳ ଚିନ୍ତା କରିବାକୁ ଲାଗିଲି । ଧର୍ମଛତ୍ରର ଅଧ୍ୟକ୍ଷ ଜଣେ ବୃଦ୍ଧ ନୈଷ୍ଠିକ ଆନ୍ଧ୍ର ବ୍ରାହ୍ମଣ । ସେ ଓ ତାଙ୍କର ସ୍ତ୍ରୀ ସେଠାରେ ରହୁଥାନ୍ତି । ତାଙ୍କର ଏକମାତ୍ର ପୁତ୍ର ପ୍ରାପ୍ତ ବୟସ ହେଲା କେଉଁଆଡ଼େ ଚାଲିଯାଇଛି । ତାର ସନ୍ଧାନ ସେମାନେ ପାଉ ନାହାନ୍ତି । ସେ ଚାଲିଯିବାର କାରଣ ହେଉଛି ବିବାହିତ ସ୍ତ୍ରୀ ସଙ୍ଗେ ତାର କଳହ । ଏ ସବୁ ବିବରଣୀ ସେଠାରେ ଥିବା ଜଣେ ପାନ ଦୋକାନୀଠାରୁ ମୁଁ ସଂଗ୍ରହ କରି ବୃଦ୍ଧା ବ୍ରାହ୍ମଣୀ ପାଖରେ ବସି କହିଲି, "ମା, ତୁମର ହାତଟି ମୋତେ ଦେଖାଇ ପାରିବ କି ?" ଏହା ଶୁଣି ସେ କିଞ୍ଚିତ୍ ଆଗ୍ରହୀ ହେବାର ଜଣାଗଲା । ସେ ପଚାରିଲେ "କାହିଁକି ?" ମୁଁ କହିଲି ମୁଁ ଜଣେ ଭଲ ଜ୍ୟୋତିଷକାର । ତୁମର ହାତ ଦେଖିଲେ ମୁଁ କହି ପାରିବି ତୁମର ଫଳାଫଳ ଜଣା ହୋଇପାରେ । ସେ ତାଙ୍କର ହାତଟି ଦେଖାଇଲେ । ପାନବାଲାଠାରୁ

Digitized by PPRACHIN, SOA

ଯାହା ଯାହା ଶୁଣିଥିଲି, ସେ ସବୁ ତାଙ୍କୁ କହିବାରୁ, ସେ ଅତି ଆଶ୍ଚର୍ଯ୍ୟ ହୋଇ ମୋତେ ପଚାରିଲେ, "ବାବୁ, ମୋର ପୁଅ କେବେ ଆସିବ ?" ମୁଁ କହିଲି, "ଯେଉଁଦିନ ତୁମେ ବୋହୂଙ୍କ ଦ୍ୱାରା ଅନ୍ଧ୍ର ପତ୍ରିକାରେ ପ୍ରକାଶ କରିଦେବ—'ମୋର ଦୋଷ ହୋଇଛି । କ୍ଷମା କର, ତୁମେ ଘରକୁ ଫେରିଆସ । —ଇତି ତୁମର ସ୍ନେହାଧୀନା ସହଧର୍ମିଣୀ ସେହି ସମୟର ଅଳ୍ପ କାଳ ପରେ ତୁମର ପୁତ୍ର ଫେରି ଆସିବ ।" ଏହା ଶୁଣି ବୃଦ୍ଧାଙ୍କର ମୁଖ ପ୍ରଫୁଲ୍ଲ ଦେଖାଗଲା । ସେ ତାଙ୍କ ସ୍ୱାମୀଙ୍କୁ ଡାକି ଏ ସବୁ କହିଲେ । ଅଧଘଣ୍ଟାଏ ମଧ୍ୟରେ ଆମେ ଗୋଟିଏ ସୁନ୍ଦର ଘର ପାଇଗଲୁ, ଯେଉଁଥିରେ ଖଟ ଇତ୍ୟାଦି ଫର୍ଣ୍ଣିଚର ମଧ୍ୟ ରହିଥାଏ ଏବଂ ସ୍ୱତନ୍ତ୍ର ପାଇଖାନାର ବ୍ୟବସ୍ଥା ଥାଏ । ମନେ ମନେ ମୁଁ ଭାବିଲି ଭାରତରେ ଏପରି ଅଜ୍ଞ ଲୋକଙ୍କୁ ଠକିବା ଓ ପ୍ରତାରଣା କରିବା କେଡ଼େ ସହଜ ବ୍ୟବସାୟ । ମୁଁ ନିଜେ ଧର୍ମକାର୍ଯ୍ୟରେ ଆସି ଜଣେ ନିରୀହ ବୃଦ୍ଧାଙ୍କୁ ପ୍ରତାରଣା କରିଛି, ଏହା ମୋତେ ମନରେ ଆଘାତ ଦେଲା ସତ; କିନ୍ତୁ ଯେଉଁ ଉପାସୃଷ୍ଟି ମୁଁ ତାଙ୍କୁ ବତାଇ ଦେଲି ସେଥିରେ ସେ ସୁଫଳ ପାଇ ପାରନ୍ତି, ଏହା ଚିନ୍ତାକରି ଆଶ୍ୱସ୍ତ ହେଲି ।

କାକିନାଡ଼ାରେ ପରଦିନ ମୋର ବାଲ୍ୟ ସଙ୍ଗାତ ଜି. ରାମଚନ୍ଦ୍ର ରାଓଙ୍କ ସଙ୍ଗେ ଦେଖାହେଲା । ସେତେବେଳେ ସେ ଗୋଟିଏ **Tutorial College** ପ୍ରତିଷ୍ଠା କରିଥାନ୍ତି । ତାଙ୍କର ସେହି କଲେଜକୁ ଯିବାକ୍ଷଣି ସେ ମୋତେ ଆଦରରେ କୁଣ୍ଢାଇ ପକାଇଲେ । ମୁଁ ମଧ୍ୟ ତାଙ୍କୁ ନିଜ ଜ୍ୟେଷ୍ଠଭ୍ରାତା ପରି ନମସ୍କାର କଲି । ତାଙ୍କର ଜଣେ ଛାତ୍ରୀ ମିସ୍ ଦୁର୍ଗାବାଈ ସେ କଲେଜରେ ପଢୁଥାନ୍ତି । ତାଙ୍କୁ ସଙ୍ଗାତେ ଡାକି ମୋ ସଙ୍ଗେ ଗୋଟିଏ ଗାଡ଼ିରେ ବସାକୁ ଆସିଲେ । ଏହି ଦୁର୍ଗାବାଈ ଅନ୍ଧ୍ର ଦେଶର ଜଣେ ସୁପ୍ରସିଦ୍ଧା ନେତ୍ରୀ ରୂପେ ପରେ ପରିଚିତା ହୋଇଅଛନ୍ତି । ଯେତେବେଳେ ସେ ଗୁଜୁରାଟର ଚିନ୍ତାମଣି ଦେଶମୁଖଙ୍କୁ ( ଭାରତର ଭୂତପୂର୍ବ ଅର୍ଥ ମନ୍ତ୍ରୀ ) ବିବାହ କଲେ ସେତେବେଳେ ତାଙ୍କର ପ୍ରତିଷ୍ଠା ଓ ସମ୍ମାନ ଭାରତରେ ଅତି ଉଚ୍ଚ ଆସନ ଲାଭ କଲା । ନିଖିଳ ଭାରତୀୟ ନାରୀସଂଘର ସଭାନେତ୍ରୀ ରୂପେ ବର୍ତ୍ତମାନ ସେ ପରିଚିତା । ଆମ ବସାକୁ ଆସି ଯେତେବେଳେ ସେ ଦେଖିଲେ ଯେ ମୋର ସ୍ତ୍ରୀ ଓ ଖୁଡ଼ୀଶାଶୁ ଓଢ଼ଣା ଦେଇ ଆମଠାରୁ ଲୁଚି ରହିଛନ୍ତି, ସେତେବେଳେ ଦୁର୍ଗାବାଈ ନିଜେ ରୋଷାଇ ଘର ଭିତରେ ପଶି ଆମ ପାଇଁ ଜଳଖିଆ ଓ କଫି ନିଜେ ପ୍ରସ୍ତୁତ କରି ଆଣିଦେଲେ । ତାଙ୍କର ସେ କର୍ମଦକ୍ଷତା ଏବଂ ବୁଦ୍ଧିମତ୍ତା ଦେଖି ମୋର ମନରେ ଈର୍ଷା ଜାତ ହେଲା । ଆମ ଦେଶରେ ଓଡ଼ିଆ ଘରର ଝିଅ ବୋହୂମାନେ କେବେ ଏପରି ଗୁଣ ଲାଭ କରିବେ ? ସେଦିନ ସନ୍ଧ୍ୟାରେ ଆମେ ସମସ୍ତେ ମିଶି ତାଙ୍କ କଲେଜରେ ଛାତ୍ରୀମାନେ ଅଭ୍ୟାସ କରୁଥିବା ଦୁର୍ଗାଦାସ ନାମକ ଗୋଟିଏ ନାଟକ ଦେଖିବାକୁ ଗଲୁ । ଅନ୍ଧ୍ର ଦେଶରେ ଓଢ଼ଣା ପ୍ରଥା ଅଦୌ ନାହିଁ କହିଲେ ଚଳେ । ତେଣୁ ସେହି ଛାତ୍ରୀମାନେ ମୋର ସ୍ତ୍ରୀ ଏବଂ ଖୁଡ଼ୀଶାଶୁଙ୍କ ମୁଖାବରଣ ଦେଖି ହାସ୍ୟ ନ କରି ରହିପାରିଲେ ନାହିଁ । ସଙ୍ଗାତଙ୍କ

Digitized by PPRACHIN, SOA

ସଙ୍ଗେ ସେହି ଦୁର୍ଗା ଦାସ ନାଟକର ଲିଖନଭଙ୍ଗୀ ବିଷୟରେ ଦୀର୍ଘକାଳ ମୁଁ ଚର୍ଚ୍ଚା କରିଥିଲି । କାରଣ ବଙ୍ଗଳାରେ ରଚିତ D. L. Royଙ୍କର 'ଦୁର୍ଗାଦାସ' ନାମକ ଗୋଟିଏ ପ୍ରସିଦ୍ଧ ଐତିହାସିକ ନାଟକକୁ ଅନୁବାଦ କରି ଅନ୍ଧ୍ର ଭାଷାରେ ଏହା ସେମାନେ ଖେଳିବାକୁ ଯାଉଥାନ୍ତି । ଓଡ଼ିଆ ଭାଷାରେ ମଧ୍ୟ ପାରଳାକେମୁଣ୍ଡିର ରଙ୍ଗାଳୟ ପକ୍ଷରୁ ଠିକ୍ ସେହି ନାଟକଟି ଅନୁବାଦ କରି ଆମେ ଅଭ୍ୟାସ କରୁଥାଉ । ଏଣୁ ଏ ସମ୍ବନ୍ଧେ ଆଲୋଚନା କରିବାକୁ ମୋର ଯଥେଷ୍ଟ ଅଭିଜ୍ଞତା ରହିଥିଲା । ପରଦିନ ସଙ୍ଗୀତଙ୍କର ନିମନ୍ତ୍ରଣକ୍ରମେ ଆମେ ସମସ୍ତେ ତାଙ୍କ ଘରକୁ ଯାଇ ତାଙ୍କର ବୃଦ୍ଧାମାତାଙ୍କ ପାଦରେ ପ୍ରଣାମ କଲୁ । ତାଙ୍କ ବାପା ମଧ୍ୟ ସେତେବେଳେ ଜୀବିତ ଥିଲେ । କିନ୍ତୁ ସେ ଗୋଟିଏ ଭିନ୍ନ ଘରେ ରହୁଥିଲେ । ତାଙ୍କୁ ମଧ୍ୟ ମୁଁ ଦେଖାକରିବାକୁ ସେ ନିଜର ପୁତ୍ରପରି ମୋତେ ଆଦର କଲେ ଏବଂ ମୋ ପିତାଙ୍କର ଓ ପରିବାରର କୁଶଳାଦି ପଚାରିଲେ । ତାଙ୍କ କଥାରୁ ମୁଁ ସ୍ପଷ୍ଟ ବୁଝିପାରିଲି ଯେ, ସାମାଜିକ ସଂସ୍କାର କାର୍ଯ୍ୟରେ ମୋ ସଙ୍ଗୀତ ଅଗ୍ରଣୀ ହୋଇଥିବା ସେ ଆଦୌ ଭଲ ପାଆନ୍ତି ନାହିଁ । ସେ ଶିକ୍ଷିତ ହେଲେ ସୁଦ୍ଧା ଜଣେ ନୈଷ୍ଠିକ ବ୍ରାହ୍ମଣ ଏବଂ ଶିବଭକ୍ତ । ସବୁବେଳେ ସେ 'ଓଁ ନମଃ ଶିବାୟଃ, ନମଃ ଶିବାୟଃ' ମନ୍ତ୍ର ଉଚ୍ଚାରଣ କରୁଥାନ୍ତି । ତାଙ୍କର ଲିଖିତ ବହୁତଗୁଡ଼ିଏ ଭଜନ ଅନ୍ଧ୍ର ଭାଷାରେ ପ୍ରକାଶିତ ହୋଇଛି । ସେ ମୋତେ ଅନୁରୋଧ କଲେ—ବାବୁ ! ତୁମକୁ ଦେଖି ମୋର ଆଶା ହେଉଛି, ରାମଚନ୍ଦ୍ର ରାଓକୁ ତୁମେ ପ୍ରଭାବିତ କର । ସେ ଯେପରି ଆମର ବୈଦିକ ପନ୍ଥାରୁ ବିଚ୍ୟୁତ ନ ହେବ । ମୁଁ ଟିକିଏ ହସିଦେଇ ତାଙ୍କୁ କହିଲି, ଯୁଗଧର୍ମ ପାଳନ କରିବା ସମସ୍ତଙ୍କ ପକ୍ଷରେ ଆବଶ୍ୟକ । ନିତାନ୍ତ ନୈଷ୍ଠିକ ବ୍ରାହ୍ମଣ ରୂପେ ଯଦି କର୍ମ କରିବାକୁ ହୁଏ, ତା'ହେଲେ ନିଜର ଭରଣପୋଷଣ ପାଇଁ ଯାହା କର୍ତ୍ତବ୍ୟ କର୍ମ ସେ ସବୁ ଛାଡ଼ି ଦେବାକୁ ପଡ଼ିବ । ତେଣୁ ଏ ଯୁଗରେ ବଞ୍ଚିବାକୁ ହେଲେ ଧର୍ମଶାସ୍ତ୍ରର କେତେକ ଅଂଶ ଆମକୁ ନିଶ୍ଚୟ ପରିହାର କରିବାକୁ ହେବ । ସେଦିନ ରାତିରେ ଆମେ ସଙ୍ଗୀତଙ୍କର ଘରେ ତାଙ୍କ ସଙ୍ଗେ ମିଶି ଭୋଜନ କରିବା ଦେଖି ତାଙ୍କର ମା' ଟିକିଏ ଅସ୍ୱସ୍ତି ବୋଧ କରିବାର ଜଣାଗଲା । କାରଣ ଆମେ ଓଡ଼ିଆ ବ୍ରାହ୍ମଣ, ଆମିଷ ଭୋଜୀ ଏବଂ ସେମାନେ ନିରାମିଷଭୋଜୀ । ଏ ଦୃଷ୍ଟିରୁ ସଙ୍ଗୀତ ଓ ମୁଁ ପାଖାପାଖି ପଙ୍କ୍ତି ପକାଇ ବସିବା ଗୋଟିଏ ଧର୍ମଗର୍ହିତ ବିଷୟ ବୋଲି ବୋଧହୁଏ ସେ କଳ୍ପନା କରୁଥିଲେ । କିନ୍ତୁ ସଙ୍ଗୀତଙ୍କର ମନ ବଡ଼ ଉତ୍‌ଫୁଲ୍ଲ ଦେଖାଯାଉଥିଲା । ତାଙ୍କର ସ୍ତ୍ରୀ ମଧ୍ୟ ଆମକୁ ପରିବେଷିବା ବେଳେ ଅତି ଆନନ୍ଦ ଏବଂ ଉତ୍ସାହ ଥିବାର ଦେଖାଗଲା । ସେତେବେଳେ ତାଙ୍କର ଗୋଟିଏ ପୁଅ ଜନ୍ମ ହୋଇଥାଏ । ଗାନ୍ଧିଙ୍କର ଲବଣ ସତ୍ୟାଗ୍ରହ ଆରମ୍ଭ ହେବାଦିନ ତାହାର ଜନ୍ମ ହୋଇଥିବାରୁ ତାକୁ ଲବଣ ବୋଲି ନାମ ଦେଇଥିଲେ । ବର୍ତ୍ତମାନ ସେ ବେଜ୍‌ୱାଡ଼ାରେ ରହି ଜଣେ ଅଧ୍ୟାପକ ରୂପେ କାମ କରୁଥିବା ମୁଁ ଶୁଣିଛି ।

Digitized by PPRACHIN, SOA

ଏଠାରେ କହିରଖିବା ଉଚିତ ଯେ ମୋର ସଙ୍ଗାତ ରାମଚନ୍ଦ୍ର ରାଓ ତାଙ୍କର ଅଧ୍ୟାପନା କାମରୁ ଇସ୍ତଫା ଦେଇ ଏ ଘଟଣାର ଅଳ୍ପକାଳ ପରେ ୱାର୍ଦ୍ଧାଠାରେ ମହାତ୍ମା ଗାନ୍ଧିଙ୍କର ସେବାଶ୍ରମକୁ ଚାଲି ଯାଇଥିଲେ । ସେତେବେଳେ ସେଠାରେ ଜଣେ ହରିଜନ ଯୁବକ ମହାତ୍ମାଙ୍କର ଅତି ପ୍ରିୟଜନ ହୋଇ ଭଲ ପାଠ ପଢୁଥାନ୍ତି । ତାଙ୍କର ସଙ୍ଗେ କିଛିବର୍ଷପରେ ରାମଚନ୍ଦ୍ର ରାଓଙ୍କର ଜ୍ୟେଷ୍ଠା କନ୍ୟାଙ୍କର ପାଣିଗ୍ରହଣ ହୋଇଥିଲା । ଏ ସମ୍ବନ୍ଧେ ମୋର ଆଜି ମନେ ପଡୁଛି ୧୯୩୭ ମସିହାରେ ତାଙ୍କର ବୃଦ୍ଧ ପିତାଙ୍କଠାରୁ ମୁଁ ଗୋଟିଏ ପତ୍ର ପାଇଥିଲି । ସେ ଜଣେ ନୈଷ୍ଠିକ ତେଲୁଗୁ ବ୍ରାହ୍ମଣ ଥିବା କଥା ଆଗରୁ କହିଛି। ପତ୍ରରେ ସେ ଲେଖିଥିଲେ—"ତୁମର ସଙ୍ଗାତ ରାମଚନ୍ଦ୍ର ରାଓ ଆମର ବ୍ରାହ୍ମଣ ପରିବାର ମଧ୍ୟରେ ଗୋଟିଏ ଘୋର ବିପ୍ଳବ ସୃଷ୍ଟି କରିବାକୁ ଯାଉଛନ୍ତି । ଗାନ୍ଧିଙ୍କର ସେବାଶ୍ରମରେ ତାଙ୍କର ପରାମର୍ଶ କ୍ରମେ ଗୋଟିଏ ହରିଜନ ସଙ୍ଗେ ତାଙ୍କର କନ୍ୟା ଅର୍ଥାତ୍ ମୋର ନାତୁଣୀର ବିବାହ କରିବାକୁ ସ୍ଥିର କରିଥିବା କଥା ମୁଁ ଶୁଣୁଛି । ଜୀବନରେ ଏତେଦୂର ନିମ୍ନଗାମୀ ହେବାକୁ ପଡ଼ିବ, ଏ କଥା ମୁଁ କେବେ କଳ୍ପନା କରି ନଥିଲି । ତୁମେ ମୋର ଅତି ଆତ୍ମୀୟ ଓ ପୁତ୍ରତୁଲ୍ୟ ଏବଂ ରାମଚନ୍ଦ୍ର ରାଓର ନିଜ ଭାଇପରି ରହିଛ । ତେଣୁ ଏ ପତ୍ରଟି ଲେଖିବାକୁ ମୁଁ ଲାଳାୟିତ ହେଲି । ମୋପ୍ରତି ଯଦି ତୁମର କିଛି ଭକ୍ତି ଥାଏ, ତା'ହେଲେ ରାମଚନ୍ଦ୍ର ରାଓକୁ ପ୍ରବର୍ତ୍ତାଇ ଏହି ମହା ଦୁଷ୍କର୍ମରୁ ନିବୃତ୍ତ କରାଅ ।" ଏ ପତ୍ର ପାଇଲାପରେ ମୁଁ ଅଳ୍ପ କେତେମାସ ପରେ ପାରଳାଖେମୁଣ୍ଡି ମହାରାଜାଙ୍କଠାରୁ ଖଣ୍ଡିଏ ପତ୍ର ଭବାନୀପାଟଣାଠାରେ ପାଇବାରୁ ଗଙ୍ଗବଂଶୀୟ ଇତିହାସ ଲେଖିବା କାମ ଯାହାକି ଅର୍ଦ୍ଧସମାପ୍ତ ହୋଇ ରହିଥିଲା, ତାହା ପୂର୍ଣ୍ଣ କରିବା ସକାଶେ ମୋତେ ମାନ୍ଦ୍ରାଜ ମ୍ୟୁଜିୟମରେ ରହି କାମ କରିବାକୁ ପଡ଼ିଲା । କଳାହାଣ୍ଡି ମହାରାଜାଙ୍କଠାରୁ ମୁଁ ସାମୟିକ ବିଦାୟ ନେଇ ମାନ୍ଦ୍ରାଜ ଯାତ୍ରା କଲି । ସେତେବେଳେ ମୋର ସଙ୍ଗାତ ବେଜୱାଡ଼ାଠାରେ ରହିଥାନ୍ତି । ତାଙ୍କୁ ମୁଁ ଖଣ୍ଡିଏ ପତ୍ରରେ ଜଣାଇ ଦେଲି ଯେ, ମୁଁ ନିର୍ଦ୍ଦିଷ୍ଟ ତାରିଖରେ (ତାରିଖଟି ଠିକ୍ ମୋର ମନେନାହିଁ) ମାନ୍ଦ୍ରାଜ୍ ମେଲରେ ଯାଉଛି । ତୁମର କନ୍ୟାର ବିବାହ ପ୍ରସଙ୍ଗରେ ତୁମ ପିତା ଗୋଟିଏ ଦୀର୍ଘପତ୍ର ପଠାଇଛନ୍ତି । ସେ ସମ୍ବନ୍ଧେ ତୁମ ସଙ୍ଗେ ମୋର କିଛି ଆଲୋଚନା କରିବାକୁ ଅଛି । ଏଣୁ ବେଜୱାଡ଼ା ଷ୍ଟେସନରେ ଦୟାକରି ସାକ୍ଷାତ କର । ଏହି ପତ୍ର ଖଣ୍ଡିକ ପାଇ ସେ ନିର୍ଦ୍ଦିଷ୍ଟ ସମୟରେ ମୋତେ ଦେଖା କଲେ ଏବଂ ମୋର ସଙ୍ଗେ ମାନ୍ଦ୍ରାଜକୁ ମଧ୍ୟ ଯାତ୍ରାକଲେ । କାରଣ ଯେଉଁ କନ୍ୟାଟିର ବିବାହ ପାଇଁ ସ୍ଥିର ହୋଇଥିଲା, ସେ ମାନ୍ଦ୍ରାଜର ଗୋଟିଏ କଲେଜରେ ସେତେବେଳେ ହଷ୍ଟେଲରେ ରହି ପଢୁଥାଏ । ସଙ୍ଗାତ ମୋତେ କହିଲେ, ମୁଁ ବାପାଙ୍କର ରକ୍ଷଣଶୀଳ ନୀତି ଅନୁସରଣକରି ପାରୁନାହିଁ । ଭାରତର ଚାରିଆଡ଼େ ଏବେ ଯେଉଁ ରାଜନୈତିକ ଓ ସାମାଜିକ ବିପ୍ଳବ ଦେଖାଦେଇଛି ସେଥିରେ ଆମକୁ ନିଷ୍ଚୟ କର୍ତ୍ତବ୍ୟ ବାଛି ନେବାକୁ ହେବ । ଗାନ୍ଧିଙ୍କର ସେବାଶ୍ରମରେ ରହିବାଦିନୁ ମୁଁ ତାଙ୍କର ପ୍ରେରଣାରେ ସ୍ଥିର କରିଛି ଯେ, ଭାରତର ସାମାଜିକ ଏକତା

Digitized by PPRACHIN, SOA

ଦୃଢ଼ କରିବାକୁ ହେଲେ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକା ମାଙ୍କର ପୁତ୍ରରୂପେ ରହିବାକୁ ପଡ଼ିବ । ତା' ନହେଲ ପର୍ଯ୍ୟନ୍ତ ଭାରତ ସ୍ୱାଧୀନ ବୋଲି କହିବା ଆମ ପକ୍ଷରେ ନିତାନ୍ତ ଅନୁଚିତ । ମୁଁ ତାଙ୍କର ଏ ସବୁ କଥା ଶୁଣି ଗମ୍ଭୀର ଭାବରେ କହିଲି—ଏସବୁ ବଡ଼ ବଡ଼ କଥା ଆମେ ସମସ୍ତେ ଜାଣୁ; କିନ୍ତୁ ଗୋଟିଏ ଉଚ୍ଚ ସୌଧ ଆରୋହଣ କରିବା ପାଇଁ ଏକା ଥରେ ସିଡ଼ି ତଳ ପାହାଚରୁ ସବା ଉପର ପାହାଚକୁ ଲମ୍ଫଦେବା ତା' ହେଲେ ପଦସ୍ଖଳନ ହୋଇଯିବ । "ଶନୈଃ ପର୍ବତ ଲଙ୍ଘନମ୍" ଅପ୍ତବାଣୀ ରହିଛି । ତା' ନ ହେଲେ ସୌଧ ଆରୋହଣ ତ ଦୂରର କଥା ନିଜେ ଖଣ୍ଡିଆ ଖାବରା ହେବାକୁ ପଡ଼ିବ । ଯେପରି ତୁମେ ଯେଉଁ ସାମାଜିକ ପରିବର୍ତ୍ତନ କରିବାକୁ ଯାଉଛ, ତାହା ଭାରତପରି ଗୋଟିଏ ବିରାଟ ଦେଶରେ ଏକାଦିନକେ ସମ୍ଭବ ହେବନାହିଁ । ତେଣୁ ମୁଁ ପ୍ରସ୍ତାବ କରୁଛି ଯେ, ବର୍ତ୍ତମାନ ଅବସ୍ଥାରେ ତୁମର ବୃଦ୍ଧ ପିତା ଓ ମାତାଙ୍କ ମନରେ ଆଘାତ ନ ଦେଇ କିଛିଦିନ ଅପେକ୍ଷା କରିବା ଉଚିତ । ସେ କହିଲେ ମୁଁ ଏହି ବିବାହ କଥା ମାତାଙ୍କ ସଙ୍ଗେ ପରାମର୍ଶ କରି ସ୍ଥିର କରିଛି । ମହାତ୍ମା ମଧ୍ୟ ଏଥିରେ ନିଜେ ପୌରୋହିତ୍ୟ କରିବାକୁ ସ୍ୱୀକୃତ ହୋଇଅଛନ୍ତି । ଏଣୁ ପଛକୁ ହଟିବାର ଉପାୟ ନାହିଁ । ତାଙ୍କର ଏପରି ଦୃଢ଼ ସିଦ୍ଧାନ୍ତ ଶୁଣିବା ପରେ ମୁଁ ସେ ବିଷୟରେ ଅଧିକ କିଛି ନ କହି ଏତିକି ମାତ୍ର କହିଲି—ଅଚ୍ଛା ! ମାନ୍ଦ୍ରାଜରେ ତୁମ କନ୍ୟାଙ୍କ ସଙ୍ଗେ ଏ ସମ୍ବନ୍ଧେ ମୁଁ ନିଜେ କିଛି କଥା ହେବାକୁ ଚାହେଁ । ମାନ୍ଦ୍ରାଜରେ ପହଞ୍ଚିବା ପରେ ତାଙ୍କ ସଙ୍ଗେ ମୁଁ କଲେଜ ହଷ୍ଟେଲକୁ ଯାଇ ତାଙ୍କର କନ୍ୟାକୁ ଦେଖିଲି । ସେ ମୋ ପରିଚୟ ପାଇ ଅଭିନନ୍ଦନ କଲା । ଆମେ ସମସ୍ତେ ତାର ପଢ଼ା କୋଠରିରେ ବସିଲୁ । ଅନ୍ୟାନ୍ୟ କେତେକ ପାରିବାରିକ ପ୍ରସଙ୍ଗରେ ମୁଁ ତାକୁ ପଚାରିଲି—ମା ! ତୋର ବାପା (ମୋ ସଙ୍ଗାତ ) ତୋ ସଙ୍ଗେ ଗୋଟିଏ ଉପଯୁକ୍ତ ହରିଜନର ବିବାହ କରିବାକୁ ଇଚ୍ଛା କରୁଛନ୍ତି; କିନ୍ତୁ ତୋର ଜେଜେବାପା ଏଥିରେ ଘୋର ଆପତ୍ତି କରନ୍ତି । ତୋ ଇଚ୍ଛା କଣ ମୋତେ କହିପାରିବୁ କି ? ସେ ଟିକିଏ ଲଜରେ ମୁଣ୍ଡ ପୋତି ଦେଇ ଇତସ୍ତତଃ କରି କହିଲା, ବାପାଙ୍କର ଇଚ୍ଛା ବିରୁଦ୍ଧରେ ମୁଁ କେବେ କିଛି କରିନାହିଁ । ଏବେ କିପରି ବା ତାଙ୍କର ଅଭିଳାଷ ଲଙ୍ଘନ କରିବି ? ସଙ୍ଗାତଙ୍କୁ ମୁଁ ପଚାରିଲି, ଏହାର ବୟସ କେତେ ? ସେ କହିଲେ ସତର । ମୁଁ ତାଙ୍କୁ ଉପଦେଶ ଛଳରେ କହିଲି ଏ ତ ନିର୍ତ୍ତାନ୍ତ ବାଳିକା, ତା ନିଜର ମତାମତର ମୂଲ୍ୟ କିଛି ନାହିଁ । ତେଣୁ ସେ ତୁମର ମତ ଉପରେ ନିର୍ଭର କରି ଚଳୁଛି । ଏପରି ସ୍ଥଳେ ତୁମେ ମହାତ୍ମାଗାନ୍ଧିଙ୍କୁ ପତ୍ର ଦିଅ, ସେ ଯଦି କହିବେ ଜଣେ ସତର ବର୍ଷିୟା କନ୍ୟାର ମତ ଯାହା ହେଉନା କାହିଁକି ତାହାର ପିତାଙ୍କ ଇଚ୍ଛା ଅନୁସାରେ ଜଣେ ଅସବର୍ଣ୍ଣ ଜାତି ସଙ୍ଗେ ବିବାହ ଦେବା ନ୍ୟାୟ ସଙ୍ଗତ କି ? ମହାତ୍ମା ଯଦି ଏଥିରେ ସ୍ୱୀକୃତ ହେବେ, ତାହେଲେ ବିବାହ ସ୍ଥିର କରିପାରି । ଶେଷରେ ମୋ ପ୍ରସ୍ତାବ ଅନୁସାରେ ସେଇଠାରେ ଗୋଟିଏ ପତ୍ର ସେ ମହାତ୍ମାଙ୍କ ଠିକଣାରେ ଲେଖିଲେ ଏବଂ ମୁଁ ତାହା ଡାକରେ ଦେଇଥିଲି । ଏ ଘଟଣାର ଅଳ୍ପଦିନ ପରେ ସେ ବେଜଓ୍ୱାଡ଼ାଠାରୁ

Digitized by PPRACHIN, SOA

ମୋତେ ଲେଖିଲେ । ମହାତ୍ମାଗାନ୍ଧି ତାଙ୍କୁ ଉପଦେଶ ଦେଇଛନ୍ତି । କନ୍ୟାର ବୟସ ୨୧ ପରେ ବିବାହ କରିବା ଉଚିତ୍ । ତେଣୁ ବର୍ତ୍ତମାନ ଏ କାର୍ଯ୍ୟଟି ସ୍ଥଗିତ ରହିଲା । ତାଙ୍କ ଠାରୁ ଏ ପତ୍ର ପାଇବା ସଙ୍ଗେ ସଙ୍ଗେ ମୁଁ ଏ କଥା ତାଙ୍କର ବୃଦ୍ଧ ପିତାଙ୍କୁ ପତ୍ରଦ୍ୱାରା ଜଣାଇଦେଲି । ସେ ମଧ୍ୟ ଅତି ଆନନ୍ଦ ସହକାରେ ମୋତେ ଆଶୀର୍ବାଦ କରି ଚିଠି ଲେଖିଥିଲେ । ୧୯୫୦ ମସିହାରେ ଯେତେବେଳେ ସେହି ଅସବର୍ଣ୍ଣ ବିବାହଟି ସମ୍ପନ୍ନ ହୋଇ ଆନ୍ଧ୍ର ମୂଲକରେ ଗୋଟିଏ ଚହଳ ପକାଇ ଦେଲା, ସେତେବେଳେ ସଙ୍ଗୀତଙ୍କର ବୃଦ୍ଧ ପିତା ମାତା ଜୀବିତ ନଥିଲେ । ଏଣୁ ମୁଁ ନିମନ୍ତ୍ରଣ ପତ୍ର ପାଇ ସଙ୍ଗୀତଙ୍କୁ ଉତ୍ତର ଦେଇଥିଲି ବହୁ କାର୍ଯ୍ୟରେ ବ୍ୟସ୍ତ ରହି ମୁଁ ବର୍ତ୍ତମାନ ଏହି ବିବାହ ଉତ୍ସବରେ ଯୋଗ ଦେଇ ପାରୁ ନାହିଁ । କିନ୍ତୁ ମୋ ମନରେ ଆଜି ଏତିକି ଆଶ୍ୱାସନା ଲାଭ କରୁଛି ଯେ ଏତିକିବେଳେ ତୁମର ପିତା ଓ ମାତା ଜୀବିତ ନାହାନ୍ତି ।

୧୯୬୩ ମସିହାର ଆରମ୍ଭରେ ମୁଁ ବଡ଼ଖେମୁଣ୍ଡିଠାରୁ ଜଣେ କଂଗ୍ରେସ କର୍ମୀଙ୍କ ପତ୍ର ପାଇଲି । ସେଥିରେ ସେ ଲେଖିଥିଲେ ଯେ ବଡ଼ଖେମୁଣ୍ଡି ଜମିଦାରୀର ରାଜଧାନୀ ପୁଡ଼ାମାରିଠାରୁ ଅଳ୍ପ ଦୂରରେ ଗୋଟିଏ ଗ୍ରାମ ଅଛି । ସେ ହେଉଛି ପାଳଝାଡ଼ି । କିଛି ଦିନ ପୂର୍ବେ ସେଠାର ଜଣେ କୃଷକ ଗୋଟିଏ ପାହାଡ଼ ତଳେ ମାଟି ଖୋଳିଲାବେଳେ ଗୋଟିଏ ବଡ଼ ମାଟି ହାଣ୍ଡିରେ ବହୁତଗୁଡ଼ିଏ ତାମ୍ରପତ୍ର ପାଇଛି । ସେଥିରେ ପୁରୁଣା ଅକ୍ଷରରେ କ'ଣ ସବୁ ଲେଖାଅଛି ଆମେ ଜାଣି ପାରୁନାହୁଁ । ଏଣୁ ଆପଣଙ୍କୁ ବିନୀତ ଅନୁରୋଧ କରୁଛୁ ଥରେ ଏଠାକୁ ଆସି ଏହି ତାମ୍ରଲିପିଗୁଡ଼ିକ ପାଠ କରନ୍ତୁ । ଏ ପତ୍ରଟି ପାଇବା ସଙ୍ଗେ ସଙ୍ଗେ ମୁଁ ବ୍ରହ୍ମପୁର ଗଲି । ସେଠାରେ ମୋର ଶାଳକ ଅଭିମନ୍ୟୁ ମିଶ୍ର ଓକିଲ କାମ କରୁଥାନ୍ତି । ତାଙ୍କ ଗୃହରେ ଦିନେ ରହି ପରଦିନ ପୁଡ଼ାମାରିର ସେହି କଂଗ୍ରେସ କର୍ମୀଙ୍କୁ ଭେଟି ଏହି ତାମ୍ରପତ୍ରଗୁଡ଼ିକ କପିକରି ସଂଗ୍ରହ କଲି ତାହା ପୂର୍ବରେ ବିବୃତ ହୋଇ ଥିବାରୁ ଏଠାରେ ପୁନରାବୃତ୍ତି କରିବା ଅନାବଶ୍ୟକ । କିନ୍ତୁ ସେହି ତାମ୍ରପତ୍ରଗୁଡ଼ିକ ପାଠ କଲାପରେ ୧୯୬୩ ମସିହା ଏପ୍ରିଲ ୨୯ ତାରିଖ ଦିନ ତତ୍କାଳୀନ ପାର୍ଲାମେଣ୍ଟ ମେମ୍ବର ବାରିଷ୍ଟର ବି. ଏନ୍. ମିଶ୍ରଙ୍କୁ ଗୋଟିଏ ପତ୍ର ଲେଖି ଜଣାଇଲି ଯେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗର ଗୋଟିଏ ଶାଖା ଓଡ଼ିଶାରେ ସ୍ଥାପନ କରିବା ପାଇଁ ସେ ଯେପରି କେନ୍ଦ୍ର ଆସେମ୍ବ୍ଲିରେ ପ୍ରସ୍ତାବ ଉପସ୍ଥାପନ କରନ୍ତି । ଏଥିରେ ସେ ଉତ୍ସାହିତ ହୋଇ ଯେପରି ପ୍ରସ୍ତାବ ଆଗତ କଲେ । ଏହାଫଳରେ **Director General, Archalogy**ଙ୍କ ଠାରୁ ମୁଁ ଗୋଟିଏ ପତ୍ର ପାଇଲି । ସେ ପ୍ରତିଶ୍ରୁତି ଦେଇ ଲେଖିଲେ ପାରଳାଖେମୁଣ୍ଡି ଗସ୍ତ କରି ସେଠାରେ ପ୍ରତ୍ନତତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିବାକୁ । ଏହି ପତ୍ରଟି ପାଇ ମୁଁ ଦେଓ୍ୱାନଙ୍କ ସଙ୍ଗେ ପରାମର୍ଶ କରି ତାଙ୍କ ରହିବା ପାଇଁ ମହାରାଜାଙ୍କ ଗେଷ୍ଟହାଉସଟି ରିଜର୍ଭ କରିଥିଲି; କିନ୍ତୁ ସେ ନିର୍ଦ୍ଦିଷ୍ଟ ଦିନ ଏଠାରେ ପହଞ୍ଚିଲେ ନାହିଁ । ପରେ ତାଙ୍କଠାରୁ ଉତ୍ତର ମିଳିଲା ଯେ ଗସ୍ତ ପରିବର୍ତ୍ତନ କରାଯାଇଛି,

Digitized by PPRACHIN, SOA

ଅନ୍ୟଏକ ସୁବିଧାଜନକ ସମୟରେ ସେ ଆସିବେ । ଏହାପରେ ଜୁନ୍ ମାସ ୨୮ ତାରିଖରେ "The Historical Research in Orissa" ନାମକ ଗୋଟିଏ ପ୍ରବନ୍ଧ ଲେଖି ତାହା "New Orissa" ପତ୍ରିକାରେ ପ୍ରକାଶ କରିଥିଲି । ଏଠାରେ କହି ରଖିବା ଆବଶ୍ୟକ ଯେ ସେ ' ମାସ ୨' ତାରିଖ ଦିନ ବ୍ରହ୍ମପୁର ଠାରୁ ଶଶୀଭୂଷଣ ରଥଙ୍କ ସମ୍ପାଦକତ୍ୱରେ ଏହି ଇଂରାଜୀ ଦୈନିକ ପତ୍ରିକାଟି ଜନ୍ମଲାଭ କରିଥିଲା । ମୋର ଲେଖା ପ୍ରକାଶ ହେଲା ପରେ ମୟୂରଭଞ୍ଜର କାଳନ୍ଦୀ ଚରଣ ପଟ୍ଟନାୟକଙ୍କ ଦ୍ୱାରା ସମ୍ପାଦିତ Mayurbhanja Gazetteerରେ "ଓଡ଼ିଶାର ଐତିହାସିକ ଭୂଗୋଳ" ଶୀର୍ଷକ ଗୋଟିଏ ପ୍ରବନ୍ଧ ଲେଖିବାକୁ ସେ ମୋତେ ଅନୁରୋଧ କଲେ । ତାହା ମଧ୍ୟ ମୁଁ ସଙ୍କଳନ କରିଥିଲି । ସେପ୍ଟେମ୍ବର ମାସରେ ଆମର ପରିବାର ମଧ୍ୟରେ ତୀବ୍ର ମନୋମାଳିନ୍ୟ ସୃଷ୍ଟି ହେବା ଦେଖି ମୋର ହତାଶା ଏତେଦୂର ବୃଦ୍ଧି ଲାଭ କଲା ଯେ ପାରଳାଖେମୁଣ୍ଡି ଛାଡ଼ି ଅନ୍ୟତ୍ର କୌଣସି ନଗରୀରେ ଜୀବନ ଯାପନ କରିବାକୁ ଏବଂ ସଂସାର ଚଳାଇବା ପାଇଁ କୌଣସି ଗୋଟିଏ ସ୍ୱତନ୍ତ୍ର ବ୍ୟବସାୟ କରିବାକୁ ମୁଁ ମନେ ମନେ କଳ୍ପନା କଲି । ବିମାତାଙ୍କର କଟୂକ୍ତି ଏବଂ ମୋର ପିଲା-ମାନଙ୍କ ପ୍ରତି ବ୍ୟବହାର ହେତୁ ମୋ ମନରେ ଆଦୌ ସୁଖ ଶାନ୍ତି ନ ଥାଏ । କ୍ରମେ ମୋର ବୃଦ୍ଧ ପିତା ମଧ୍ୟ ତାଙ୍କରି ଆୟତ୍ତାଧୀନ ହୋଇ ରହିଲେ । ସେ ନିଜେ ପୁଣି ସନ୍ତାନ-ହୀନା ହୋଇଥିବାରୁ ନନାଙ୍କୁ ଶିଖାଇ ଗୋଟିଏ ଅଲଗା ଘରେ ରହିବା ଏବଂ ଆମର ଯାହା କିଛି ଅସ୍ଥି ସମ୍ପତ୍ତି ଉପଭୋଗ କରିବା, ପୁଣି ସେଥିରେ ତୀର୍ଥଭ୍ରମଣ କରିବା କଳ୍ପନା କରୁଥିଲେ । ତାଙ୍କର ଏ ଭାବ ମୁଁ ସ୍ପଷ୍ଟ ଜାଣିପାରି ନିଜେ କିଛି ଉପାର୍ଜନ କରିବା ପାଇଁ ଚେଷ୍ଟିତ ହେଲି । କଲିକତାରେ ସେତେବେଳେ ମୋର ଜଣେ ବନ୍ଧୁ ଏ. କୃଷ୍ଣ ମୂର୍ତ୍ତି (A. Krushna Murty) ମୋ ପାଇଁ ଗୋଟିଏ ଟାଇପ ମେସିନ୍ ଖରିଦକରି ପଠାଇଲେ । ତାହା ନିଜେ ନିଜେ ଶିକ୍ଷା କରି ମୋର ବ୍ୟବସାୟ ପାଇଁ ପ୍ରସ୍ତୁତ ହେବାକୁ ଯୋଗାଡ଼ କଲି । ସେ ଯାହାହେଉ ଈଶ୍ୱରଙ୍କ କୃପାରୁ ମୁଁ ସେତେବେଳେ ଯେଉଁ ଟାଇପ କରିବା ଶିଖିଥିଲି, ତାହା ବହୁଦିନ ପରେ ଯେତେବେଳେ ଐତିହାସିକ ପ୍ରବନ୍ଧମାନ ଲେଖିବାକୁ ହେଲା ସେତେବେଳେ ସେ ଅଭ୍ୟାସ ମୋର ବହୁ ଉପକାରରେ ଲାଗିଲା । କାରଣ ଏପରି ପ୍ରବନ୍ଧଗୁଡ଼ିକ ସାଧାରଣ ଟାଇପିଷ୍ଟଙ୍କୁ ଦେଇ ଭୁଲ ଭାଲ କରିବା ଅପେକ୍ଷା ନିଜେ ତାହା ଟାଇପ କରିବା ଯେ ନିରାପଦ ଏଥିରେ ଆଦୌ ସନ୍ଦେହ ନଥିଲା ।

ସେ ବର୍ଷ ଅଗଷ୍ଟ ୧୨ ତାରିଖ ଦିନ ଇଂଲଣ୍ଡରୁ ମହାରାଜା ପାରଳାଖେମୁଣ୍ଡିକୁ ଆସିବାର ପ୍ରୋଗ୍ରାମ ଥିଲା । କିନ୍ତୁ ଭୀଷଣ ବର୍ଷା ଫଳରେ ବେକ୍ଓ୍ୱାଡ଼ାଠାରେ ରେଲ ଲାଇନ ଖରାପ ହେବାରୁ ପରଦିନ ପାସେଞ୍ଜର ଟ୍ରେନରେ ସେ ପାରଳାଖେମୁଣ୍ଡିରେ ପହଞ୍ଚିଲେ । ତାଙ୍କର ଅଭ୍ୟର୍ଥନା ପାଇଁ ଏଠାରେ ଗୋଟିଏ ବିରାଟ ଆୟୋଜନ ହୋଇଥିଲା । ପ୍ରତି ରାସ୍ତାରେ ତୋରଣ ଓ ଫୁଲମାଳ ସଙ୍ଗେ ପୂର୍ଣ୍ଣକୁମ୍ଭ ଗୃହମାନଙ୍କରେ

Digitized by PPRACHIN, SOA

ଶୋଭା ପାଉଥିଲା । ହଜାର ହଜାର ଲୋକ ଷ୍ଟେସନଠାରେ ମହାରାଜାଙ୍କୁ ଅଭ୍ୟର୍ଥନା କଲେ । ରାତିରେ ରାଜବାଟିର ଦରବାର ଗୃହରେ ଗୋଟିଏ ବଡ଼ ସଭା ହୋଇ ମହାରାଜାଙ୍କୁ ଅଭିନନ୍ଦନ ପତ୍ର ଦିଆଗଲା । ସେଥିର ଉତ୍ତର ଦେବାକୁ ଯାଇ ସେ କହିଲେ ଯେ ଇଷ୍ଟଦେବୀ ମାଣିକେଶ୍ୱରୀଙ୍କ କୃପାରୁ ଇଂଲଣ୍ଡରେ ତାଙ୍କର କାର୍ଯ୍ୟ ଉତ୍ତମରୂପେ ଫଳବତୀ ହୋଇଅଛି । ଏଥିରେ ଆମେ ସମସ୍ତେ ଅତ୍ୟନ୍ତ ଉତ୍ସାହିତ ହେଲୁ; ପୁଣି ପରଦିନ ସହରରେ ଗୋଟିଏ ଶୋଭାଯାତ୍ରା କରି ଆମର ଉତ୍ସାହ ଓ ଆନନ୍ଦ ଜ୍ଞାପନ କରିଥିଲୁ ।

କିନ୍ତୁ ଏ ଘଟଣାର ପ୍ରାୟ ୪ ମାସ ପରେ ଇଂଲଣ୍ଡରୁ ମହାରାଜା ତାଙ୍କର ଜଣେ ବନ୍ଧୁଙ୍କଠାରୁ ଗୋଟିଏ ପତ୍ର ପାଇଲେ । ସେଥିରେ ଲେଖାଥିଲା ଯେ Joint Parliamentary Committeeର ମସୁଧାନୁସାରେ ଜୟପୁର ଜମିଦାରୀ ଓଡ଼ିଶାରେ ସାମିଲ ହେବ ; କିନ୍ତୁ ପାରଳାଖେମୁଣ୍ଡି ହେବ ନାହିଁ । ଏହାପରେ ମହାରାଜା ବ୍ୟସ୍ତ ହୋଇ ପଡ଼ିଲେ । ଏତେସବୁ ଚେଷ୍ଟା ବିଫଳ ହେଉଛି ; କିନ୍ତୁ ଆମ ଉତ୍ସାହର ଶେଷ ନାହିଁ । ସେ ପ୍ରସ୍ତାବ କଲେ ମୁଁ ଓ ହରିଲାଲ ବର୍ଦ୍ଧନ ମିଶି ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତକରି ପ୍ରତ୍ୟେକ ସ୍ଥାନରୁ ବ୍ରିଟିଶ ସରକାରଙ୍କୁ ନିବେଦନ କରିବାକୁ ହେବ, ଯେପରି ପାରଳାଖେମୁଣ୍ଡି ବ୍ୟତୀତ ଓଡ଼ିଶା ପ୍ରଦେଶ ଗଠନ ନିରର୍ଥକ ବୋଲି ପ୍ରମାଣ କରାଯାଇପାରେ । ଏହାପରେ ଆମକୁ ୧୯୩୪ ସାଲ ଜାନୁୟାରୀ ମାସରେ ଗସ୍ତ କରିବାକୁ ପଡ଼ିଲା । ସେ ମାସ ୯ ତାରିଖ ଦିନ ମାନ୍ଦ୍ରାଜର ତତ୍କାଳୀନ ଲାଟ ସାହେବ ପାରଳାଖେମୁଣ୍ଡି ଆଗମନ କରନ୍ତି । ତାଙ୍କଠାରେ ମ୍ୟୁନିସପାଲିଟି ପକ୍ଷରୁ ଗୋଟିଏ ନାଗରିକ ସମ୍ବର୍ଦ୍ଧନା ଦେଇ ଅନୁରୋଧ କରାଗଲା, ଯେପରି ଏହି ମ୍ୟୁନିସପାଲିଟିକୁ ଓଡ଼ିଶା ସଙ୍ଗେ ଯୋଗ କରିବାକୁ ସେ ଅନୁକୂଳ ମତ ଦିଅନ୍ତି । ସେଦିନ ମୋର ମନେଅଛି ସମଗ୍ର ଓଡ଼ିଶାରେ ବିକ୍ଷୋଭ କରିବା ସକାଶେ ଆହ୍ୱାନ କରି 'ଦୈନିକ ଆଶା'ରେ ମୁଁ ଗୋଟିଏ ଦୀର୍ଘ ପତ୍ର ପ୍ରକାଶ କରିଥାଏ । ଏହାପରେ ସେ ମାସ ଶେଷରେ କଟକର କେତେକ ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଅନୁରୋଧକ୍ରମେ କଟକ ଯାଇ ସେଠାରେ ଉତ୍କଳ ସମ୍ମିଳନୀର ଗୋଟିଏ ସ୍ୱତନ୍ତ୍ର ବୈଠକ ଡାକିବାକୁ ସ୍ଥିର କରାଗଲା । ଗୌରୀଶଙ୍କର ପାର୍କ ନିକଟସ୍ଥ ଦେ'ଜ (Dey's) ହୋଟେଲରେ ମୋର ବସା କରିଥାଏ । ସମ୍ମିଳନୀ ପୂର୍ବରୁ ସେଠାର ନେତା ବ୍ରଜସୁନ୍ଦର ଦାସ, ଲକ୍ଷ୍ମୀଧର ମହାନ୍ତି, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ବାଲକୃଷ୍ଣ କର, ବୀର କିଶୋର ରାୟ, ବ୍ରଜବନ୍ଧୁ ଦାସ ପ୍ରଭୃତିଙ୍କ ସଙ୍ଗେ ପରାମର୍ଶ କରି ଗୋଟିଏ informal meeting ମୁକୁର ପ୍ରେସଠାରେ ଅନୁଷ୍ଠିତ ହେଲା । ସେହି ଆଲୋଚନା ସଭାରେ ଆମେ ସ୍ଥିର କଲୁ ଯେ, ସମ୍ମିଳନୀରେ ସଭାପତିତ୍ୱ କରିବାକୁ ସର୍ବଭାରତୀୟ ସ୍ତରରୁ ଜଣେ ନେତାଙ୍କୁ ନିମନ୍ତ୍ରଣ କରାଯିବ । ଏ ସଂପର୍କରେ ଏନ୍. ଏନ୍. ଜୋଷୀ ଏବଂ କଲିକୋଟ୍ (ମାନ୍ଦ୍ରାସ) ର ରାଜାଙ୍କ ନାମ ପ୍ରସ୍ତାବିତ ହୋଇଥିଲା ।

Digitized by PPRACHIN, SOA

ଏ ସବୁ ଆୟୋଜନ କଲାବେଳେ ଓଡ଼ିଶାର ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ରର ତିରୋଧାନ ଆମ୍ଭମାନଙ୍କୁ ଘୋର ବିଷାଦଗ୍ରସ୍ତ କଲା । ୧୯୩୪ ମସିହା ଫେବୃୟାରୀ ୪ ତାରିଖଟି ଓଡ଼ିଶା ପକ୍ଷରେ ଗୋଟିଏ ଦାରୁଣ ଦୁଃଖଦାୟକ ଦିବସ । ଅର୍ଥାତ ୩ ତାରିଖ ଶନିବାର ରାତ୍ରି ୧ ଘଣ୍ଟା ୨୦ ମିନିଟରେ ଆମର କୁଳବୃଦ୍ଧ ମଧୁବାବୁ ଇହଧାମ ତ୍ୟାଗ କଲେ । ଆମେ ଯେଉଁ ପରାମର୍ଶ ସଭାର ଦ୍ୱିତୀୟ ଅଧିବେଶନ କରିବାକୁ ଯାଉଥିଲୁ, ତାହା କଣ୍ଡୋଲେନସ୍ ସଭାରେ ପରିଣତ ହେଲା ।

ଫେବୃୟାରୀ ୫ ତାରିଖଠାରୁ ଆରମ୍ଭ କରି ସମ୍ମିଳନୀ ପାଇଁ ନିମନ୍ତ୍ରଣପତ୍ରଗୁଡ଼ିକ ପଠାଇବା ଏବଂ ଓଡ଼ିଶାର ବିଭିନ୍ନ ଦଳ ଓ ସମ୍ପ୍ରଦାୟର ନେତୃସ୍ଥାନୀୟ ଲୋକମାନଙ୍କୁ ନିମନ୍ତ୍ରଣ କରି ଆଣିବା କାମରେ ମୁଁ ବ୍ୟସ୍ତଥାଏ । ଏ ସଭାରେ ଏନ୍. ଏନ୍. ଜୋଶୀଙ୍କ ଠାରୁ ଏବଂ କଳିକୋଟ୍ ରାଜାଙ୍କ ଠାରୁ କୌଣସି ସହଯୋଗମୂଳକ ଉତ୍ତର ନ ପାଇବାରୁ ମୁଁ ଲାଲମୋହନ ପଟ୍ଟନାୟକଙ୍କ ଘରେ ଏ ସମ୍ବନ୍ଧେ ପରାମର୍ଶ କରିବାକୁ ଯାଇଥିଲି । କିନ୍ତୁ ସେ ଅନୁପସ୍ଥିତ ଥିବାରୁ ପରଦିନ ବ୍ରଜସୁନ୍ଦର ଦାସ ଏବଂ ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତିଙ୍କ ଘରେ ପରାମର୍ଶ କରିବାପାଇଁ ଯାଇ ତୁମା ରାଜାଙ୍କ ଠାରୁ ଶୁଣିବାକୁ ପାଇଲି ଯେ, ସାର ଏ. ପି. ପାତ୍ର ସେତେବେଳେ ବିଶାଖାପାଟଣାରେ ଅବସ୍ଥାନ କରୁଛନ୍ତି । ତାଙ୍କୁ ଏ ସଭାରେ ସଭାପତିତ୍ୱ କରିବାକୁ ନିମନ୍ତ୍ରଣ କରାଯାଇ ପାରେ । ସେତେବେଳେ ଡ. ବଳଭଦ୍ର ମିଶ୍ର (ମୋର ଖୁଡ଼ୁତାଶୁର) ମାନ୍ଦ୍ରାସ ସରକାରଙ୍କ ଅଧୀନରେ ବିଶାଖାପାଟଣା ଜିଲ୍ଲାର ହେଲଥ୍ ଅଫିସର ରୂପେ କାମ କରୁଥାଆନ୍ତି । ତାଙ୍କଠାରୁ ଗୋଟିଏ ଟେଲିଗ୍ରାମ ଦେଇ ଶ୍ରୀ ରାମଚନ୍ଦ୍ର ଭବନଠାରୁ ଯାଇ ସେଠାରେ ଅନୁଷ୍ଠିତ ମିଷ୍ଟର ଦାସଙ୍କ ମୃତ୍ୟୁର ଶୋକସଭାରେ ଯୋଗ ଦେଲି । ଏହାପରେ ଗୋଟିଏ President's address draft କରି ବ୍ରଜସୁନ୍ଦର ଦାସଙ୍କ ପରାମର୍ଶ କ୍ରମେ ଧରାକୋଟ ରାଜାଙ୍କୁ ଏହି ସମ୍ମିଳନୀର ସଭାପତି ହେବାପାଇଁ ସ୍ଥିର କରାଗଲା । ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚୌଧୁରୀ ଏହି ସମ୍ମିଳନୀର ସ୍ୱାଗତିକ କାର୍ଯ୍ୟଭାର ଗ୍ରହଣ କରିଥିଲେ । ସମ୍ମିଳନୀରେ ଉପସ୍ଥାପିତ ହେବାକୁ ଥିବା ପ୍ରସ୍ତାବର ସାର କିଶୋର ରାୟ (ପରେ ଓଡ଼ିଶାର ଚିଫ୍ ଜଷ୍ଟିସ)ଙ୍କ ପରାମର୍ଶ କ୍ରମେ ଗୋଟିଏ ନକଲ ଲେଖାଗଲା ।

ଯଥା ସମୟରେ ସମ୍ମିଳନୀ ଧରାକୋଟ ରାଜାଙ୍କ ନେତୃତ୍ୱରେ କଟକରେ ସମାହୃତ ହୋଇ ସର୍ବସମ୍ମତିକ୍ରମେ ପାରଳାଖେମୁଣ୍ଡି ଓ ଜୟପୁରକୁ ଓଡ଼ିଶା ପ୍ରଦେଶରେ ଯୋଗ କରିବା ସପକ୍ଷରେ ପ୍ରସ୍ତାବ ଗୃହୀତ ହେଲା ଏବଂ ସେହି ପ୍ରସ୍ତାବ ଗୋଟିଏ ସ୍ୱତନ୍ତ୍ର ଡେପୁଟେସନ ମାଧ୍ୟମରେ ବଡ଼ଲାଟଙ୍କଠାରେ ଉପସ୍ଥାପିତ କରିବା ସ୍ଥିର ହେଲା । ଏହି ଡେପୁଟେସନ୍‌ର ମୁଖପାତ୍ର ହେବାକୁ ପାରଳାଖେମୁଣ୍ଡି ମହାରାଜାଙ୍କୁ ଅନୁରୋଧ କରାଗଲା । ଡେପୁଟେସନ୍‌ର ମୁଖ୍ୟ ସଭ୍ୟମାନଙ୍କ ମଧ୍ୟରେ ଭୁବନାନନ୍ଦ ଦାସ ଏମ୍. ପି. ଏବଂ

Digitized by PPRACHIN, SOA

ବ୍ରଜ ସୁନ୍ଦର ଦାସ ମଧ୍ୟ ମହାରାଜାଙ୍କ ସଙ୍ଗେ ଦିଲ୍ଲୀଠାରେ ବଡ଼ଲାଟ ଲର୍ଡ଼ ଉଇଲିଂଟନଙ୍କ ସଙ୍ଗେ ସାକ୍ଷାତ କରିଥିଲେ । ଏହି ଡେପୁଟେସନ ପାଇଁ ଯେଉଁ ସ୍ମାରକପତ୍ର ବଡ଼ଲାଟଙ୍କୁ ଦେବାର କଥା ତାହା ଆଲୋଚନାସାପେକ୍ଷ ମନେ କରି ମହାରାଜା ଆମଠାକୁ ଗୋଟିଏ ଟେଲିଗ୍ରାମ୍ କରି ଜଣାଇଲେ ଯେ ଦକ୍ଷିଣ ଓଡ଼ିଶାର ଓଡ଼ିଆ ଭାଷୀ ଅଞ୍ଚଳଗୁଡ଼ିକ ଏକତ୍ର କରି ସେଥିର ଗୋଟିଏ ବିଶୁଦ୍ଧ ମାନଚିତ୍ର ପ୍ରସ୍ତୁତ କରିବା ଆବଶ୍ୟକ ଏବଂ ସେହି ମାନଚିତ୍ରର ୧୦ଟି ବ୍ଲୁପ୍ରିଣ୍ଟ ନକଲ ସହି ୧୯୩୧ ସାଲ ଜନଗଣନାରୁ ଉଦ୍ଧାର କରି ସେହି ସେହି ଅଞ୍ଚଳ ଓଡ଼ିଆ ତେଲେଙ୍ଗା ପ୍ରଭୃତି ଭାଷାଭାଷୀ ସଂଖ୍ୟାର ମୋଟ ହିସାବ ଦେବାକୁ ହେବ । ଏହି ଟେଲିଗ୍ରାମଟି ପାଇଲାପରେ ଦିଓ୍ୱାନ ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମୋତେ ଡକାଇ କହିଲେ, "ଆପଣଙ୍କୁ ଆମ ଅଫିସ୍‌ର ମୁଖ୍ୟ ଟ୍ରେସର ଦୋଗାରାଓ ପଟ୍ଟନାୟକ ଏବଂ ଟାଇପିଷ୍ଟକୁ କାମ କରିବା ପାଇଁ ଦେଉଛୁ; ଆପଣ ଯେ କୌଣସି ମତେ ୨।୩ ଦିନ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ଠିକ୍ କରି ଦିଅନ୍ତୁ । ତା ହେଲେ ଦିଲ୍ଲୀଠାରେ ମହାରାଜାଙ୍କ ନେତୃତ୍ୱରେ ଡେପୁଟେସନ୍ କାମ ପୂର୍ଣ୍ଣ ହୋଇ ପାରିବ । କିନ୍ତୁ ମନେ ରଖିବାକୁ ହେବ ଏହା ଯେପରି ନିର୍ଭୁଲ ହୁଏ ଏବଂ ଅନ୍ୟ କାହାର ଜ୍ଞାତସାରକୁ ନ ଯାଏ । ମୁଁ ଦେଖିଲି ଯେ ଏହା କାର୍ଯ୍ୟରେ ପରିଣତ କରିବା ଯେପରି କଷ୍ଟସାଧ୍ୟ ସେପରି ଗୁପ୍ତରଖିବା ମଧ୍ୟ ସମ୍ଭବ ନୁହେଁ । ତେଣୁ ଦେଓ୍ୱାନଙ୍କୁ ମୁଁ ଅନୁରୋଧ କଲି ଦୈନିକ ଅନ୍ୟୂନ ୨୦ ଘଣ୍ଟା ଯଦି କାମ କରିଯାଇପାରେ ଏବଂ ଆପଣଙ୍କ ଅଫିସର ଦୋମହଲା କୋଠରିରେ ଯଦି ୨ ଜଣ କର୍ମଚାରୀଙ୍କ ସହ ମୋତେ ୩ ଦିନ ପାଇଁ ଏକାଦିକ୍ରମେ ରହିବାର ବ୍ୟବସ୍ଥା କରାଯାଏ, ତା ହେଲେ ହୁଏତ ଏହି ଦୁଃସାଧ୍ୟ କାର୍ଯ୍ୟ ସମ୍ଭବ ହେବ । ମୋର କଥା ଶୁଣି ଦେଓ୍ୱାନ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଦୃଢ଼ କଣ୍ଠରେ ତାଙ୍କର ସମ୍ମତ ଜ୍ଞାପନ କଲେ । ସେହିପରି ବ୍ୟବସ୍ଥା ହେଲା । ମାର୍ଚ୍ଚ ୨୯ ତାରିଖ ୧୯୩୪ ଠାରୁ ସେ ମାସ ୩୧ ତାରିଖ ଅର୍ଥାତ୍ ଚୈତ୍ର ପୂର୍ଣ୍ଣିମୀ ପର୍ଯ୍ୟନ୍ତ ଏକାଦି କ୍ରମେ ୩୦ ଦିନ ଆମେ ଗୋଟିଏ କୋଠରି ଭିତରେ କାଗଜପତ୍ର ଏବଂ ରେକର୍ଡ଼ ଇତ୍ୟାଦି ନେଇ ଆବଦ୍ଧ ରହିଲୁ । ୩ଦିନ ମଧ୍ୟରେ ପ୍ରାୟ ୫୦ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ ଫଳରେ ଏହି କାମ ସମ୍ପନ୍ନ ହେଲା । ଆଜି ସେ କଥା ସ୍ମରଣ କଲେ ମଧ୍ୟ ହୃତ୍‌କମ୍ପ ହୁଏ । ମୋର ମନେ ଅଛି ମାନଚିତ୍ରଟି ପ୍ରସ୍ତୁତ ହେଲା ପରେ ସେଥିର ଏରିଆ (Area) ଗୁଡ଼ିକ ସଠିକ ଭାବେ ନିର୍ଣ୍ଣୟ କରିବା ସକାଶେ ଯେଉଁ ଯନ୍ତ୍ରଟି ବ୍ୟବହୃତ ହେଉଥିଲା ତାହା ଟ୍ରେସରଙ୍କ ଅସାବଧାନତା ହେତୁ କିଛି ଭୁଲ୍‌ଭାଲ ହେବାରୁ ଦ୍ୱିତୀୟବାର ଆଉ ଗୋଟିଏ ନୂଆ ମାନଚିତ୍ର ଟ୍ରେସ କରିବାକୁ ପଡ଼ିଲା । ସେ ଯାହାହେଉ ୩ ଦିନ ମଧ୍ୟରେ ଏହି କାମ ଶେଷ କରି କାଗଜଗୁଡ଼ିକ ଦିଲ୍ଲୀ ପଠାଇ ଦିଆଗଲା । ସେହି ପରିଶ୍ରମର ଫଳ ରୂପେ ଅପାର ଆନନ୍ଦ ମୁଁ ପାଇଥିଲି ଯେତେବେଳେ ମହାରାଜାଙ୍କଠାରୁ ଗୋଟିଏ ଟେଲିଗ୍ରାମରେ ଆମକୁ ଜଣାଇ ଦିଆଗଲା ଯେ ବଡ଼ଲାଟ୍ ଆମର ମାନଚିତ୍ର ଅନୁସାରେ

Digitized by PPRACHIN, SOA

ବିଚ୍ଛିନ୍ନ ଅଞ୍ଚଳଗୁଡ଼ିକ ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରେ ମିଶାଇବା ସପକ୍ଷରେ ତାଙ୍କର ସୁପାରିଶ୍ ଲଣ୍ଡନକୁ ପଠାଇବେ ବୋଲି ପ୍ରତିଶ୍ରୁତ ହୋଇଅଛନ୍ତି । ସେତିକିବେଳେ ମୁଁ ଗୋଟିଏ ବଡ଼ କାମରେ ହାତ ଦେଇଥାଏ । ସେଇଟି ହେଉଛି ଓଡ଼ିଆରେ ସର୍ଟହ୍ୟାଣ୍ଡ ବା କ୍ଷିପ୍ରଲିପିର ଆବିଷ୍କାର । ଇଂରାଜୀରେ Pitmanଙ୍କର ଯେଉଁ ପଦ୍ଧତିରେ କ୍ଷିପ୍ରଲିପି ବା ସର୍ଟହ୍ୟାଣ୍ଡ ଗଢ଼ାଯାଇଛି ତାଠାରୁ କିଛି ସ୍ୱତନ୍ତ୍ର କରି ଓଡ଼ିଆର କ୍ଷିପ୍ରଲିପି ମୁଁ ଆବିଷ୍କାର କଲି । କିନ୍ତୁ ଏହା କାର୍ଯ୍ୟକାରୀ କରିବାକୁ ହେଲେ ନିଜେ ସେଥିରେ ଭଲ ଭାବରେ ତାଲିମ ପାଇବାକୁ ହେବ । ତେଣୁ ଗୋଟିଏ ପୁସ୍ତକରେ ପ୍ରାଥମିକ ପର୍ଯ୍ୟାୟର ପଦ୍ଧତିଗୁଡ଼ିକ ଲେଖିସାରି ତାକୁ ନିଜେ ଅଭ୍ୟାସ କରିବା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସେହି ଲିପିଗୁଡ଼ିକର ସଂକ୍ଷିପ୍ତ କରିବା ଏବଂ ଶବ୍ଦଲିପି ପ୍ରସ୍ତୁତ କରି ସେଥିରେ ନିଜେ ଅଭ୍ୟସ୍ତ ହେବା ଏପରି ଭାବେ ନିଜେ ନିଜେ ଅଭ୍ୟାସ କରି ୫ ଗୋଟି ପରିଚ୍ଛେଦରେ ପୁସ୍ତକର ପ୍ରଥମ ଭାଗଟି ଶେଷ କରିଥିଲି । ଏଥିପାଇଁ ମୋତେ ଦୈନିକ ୬।୭ ଘଣ୍ଟା ନିରବଚ୍ଛିନ୍ନ ଭାବେ ବସି ଅଭ୍ୟାସ କରିବାକୁ ପଡୁଥିଲା । ମୁଁ ମନେ କଲି ଯେ ମୋ ସାଙ୍ଗରେ ଜଣେ ବା ଦୁଇଜଣ ସେହି ଏପରି ଅଭ୍ୟାସ କରନ୍ତେ ତା' ହେଲେ ଏହି ପଦ୍ଧତି ଓ ଲିପିର ଦୋଷଗୁଣ ବୁଝିବା ସହଜ ହୋଇ ପାରନ୍ତା । ଏଣୁ ମୁଁ କେତେକ ପତ୍ରିକାରେ ଏଥିର ଘୋଷଣା କରି ଓଡ଼ିଶାର ସାହିତ୍ୟିକମାନଙ୍କର ଦୃଷ୍ଟି ଏଥିପ୍ରତି ଆହ୍ୱାନ କଲି । ଏହା ଫଳରେ ବାଲେଶ୍ୱରରୁ ଜଣେ ଗ୍ରାଜୁଏଟ୍ ଦିନେ ପାରଳାଖେମୁଣ୍ଡି ଆସି ମୋଠାରୁ ଏହି ପଦ୍ଧତି ଶିଖିବାକୁ ଆଗ୍ରହ ପ୍ରକାଶ କଲେ । ମୁଁ ମଧ୍ୟ ଉତ୍ସାହ ସହିତ ତାଙ୍କୁ ଯାହା କିଛି ଶିକ୍ଷଣୀୟ ସୂତ୍ରଗୁଡ଼ିକ ବୁଝାଇ ଦେଲି । ସେ ପ୍ରାୟ ୨ ମାସ ଏଠାରେ ରହି ମୁଁ ଲେଖିଥିବା ୫ଟି ପରିଚ୍ଛେଦ ପର୍ଯ୍ୟନ୍ତ ଶିକ୍ଷା କରି ସାରି ହଠାତ୍ ଦିନେ ମୋତେ ନ ଜଣାଇ ବାଲେଶ୍ୱର ଚାଲିଗଲେ । ଏହାପରେ ରାଜନୈତିକ ବ୍ୟାପାରରେ ମୁଁ ନିଜକୁ ଲିପ୍ତ କରିବାରୁ ବହୁଦିନ ପର୍ଯ୍ୟନ୍ତ ମୋର ସେହି ଓଡ଼ିଆ କ୍ଷିପ୍ରଲିପି ବିଷୟଟି ଅପୂର୍ଣ୍ଣ ରହିଲା । ମୋର ସ୍ମରଣ ନାହିଁ । ଏ ଘଟଣା ପରେ ହଠାତ୍ ଦିନେ ପତ୍ରିକାରେ ପ୍ରକାଶ ହେଲା ଯେ—ଓଡ଼ିଶାର କେହି ଜଣେ ଉଚ୍ଚ ପଦସ୍ଥ ପୋଲିସ୍ କର୍ମଚାରୀ ଓଡ଼ିଆ କ୍ଷିପ୍ରଲିପି ଆବିଷ୍କାର କରି ପାରିଛନ୍ତି । ମୁଁ ମନେ ମନେ ଚିନ୍ତାକଲି ହୁଏତ ବାଲେଶ୍ୱରର ଯେଉଁ ଗ୍ରାଜୁଏଟ୍ ଜଣକ ମୋ ଠାରୁ ସେହି ପଦ୍ଧତି ଶିକ୍ଷା କରିଥିଲେ ଏବଂ ଅଚାନକ ଭାବେ ଚାଲି ଯାଇଥିଲେ, ସେ କୌଣସି ପୋଲିସ୍ କର୍ମଚାରୀଙ୍କ ପ୍ରେରିତ ଦୂତ । ମୋଠାରୁ କ୍ଷିପ୍ରଲିପିର ପଦ୍ଧତି ଶିକ୍ଷା କରି ତାର ଗୋଟିଏ ନୂତନ ସଂସ୍କରଣ ସେ ଏବେ ବାହାର କରିଛନ୍ତି । ଏହି ସମ୍ବାଦରେ ମୁଁ ଦୁଃଖିତ ହେବା ପରିବର୍ତ୍ତେ ବିଶେଷ ଆନନ୍ଦ ଲାଭ କଲି । କାରଣ ମୋ ନିଜର ସମୟ ଓ ସୁବିଧା ଅଭାବ ଦୃଷ୍ଟିରୁ ଯେଉଁ କାର୍ଯ୍ୟରେ ମୁଁ ହାତ ଦେଇଥିଲି ହୁଏତ ତାହା ପୂର୍ଣ୍ଣ ହୋଇ ପାରନ୍ତା ନାହିଁ କିମ୍ବା ପୂର୍ଣ୍ଣ କରିବାକୁ ବହୁ ସମୟ ଲାଗନ୍ତା । ଫଳରେ ଓଡ଼ିଆର ଭଣ୍ଡାର ଗୋଟିଏ ଅଭାବ ଦୀର୍ଘକାଳ ରହିଥାନ୍ତା ।

Digitized by PPRACHIN, SOA

ଏଠାରେ ଆଉ ଗୋଟିଏ ବିଷୟ ଉଲ୍ଲେଖ ନ କରି ରହି ପାରୁ ନାହିଁ । ପାରଳା-ଖେମୁଣ୍ଡିର ଜଣେ ପୁରୁଣା ଭକ୍ତ କବି ଗୌରହରି ପରିଚ୍ଛାଙ୍କର ଜୀବନୀ ସଙ୍କଳନ କରିବାକୁ ତାଙ୍କର ଜଣେ ବଂଶଧର ପ୍ରତାପ ଚନ୍ଦ୍ର ପରିଚ୍ଛାଙ୍କର ଅନୁରୋଧ କ୍ରମେ ସେଥିରେ ମୁଁ ବ୍ରତୀ ହେଲି । ମୋର ବନ୍ଧୁ 'ସହକାର'ର ସମ୍ପାଦକ ବାଳକୃଷ୍ଣ କରଙ୍କ ଅନୁରୋଧ କ୍ରମେ ସେହି ସଂକଳିତ କବି ଗୌରହରିଙ୍କ ଜୀବନୀ ତାଙ୍କ ପତ୍ରିକାରେ ପ୍ରକାଶ କଲି । ତାହା ସହକାରରେ ଯଥା ସମୟରେ ପ୍ରକାଶିତ ହେବା ପରେ ମୋର ବନ୍ଧୁ ଗଞ୍ଜାମର ପ୍ରସିଦ୍ଧ ଐତିହାସିକ କାଳିଆ ପାଣିଗ୍ରାହୀ ସେହି ପ୍ରବନ୍ଧର କେତେକ ସଂଶୋଧନ କରିବାକୁ ଗୋଟିଏ ପ୍ରବନ୍ଧରେ ଲେଖିଲେ । କିନ୍ତୁ ସେହି ସଂଶୋଧନଗୁଡ଼ିକର ଭ୍ରମଭ୍ରାନ୍ତି ଦର୍ଶାଇ ଗୌରହରିଙ୍କ ପଣନାତି ପ୍ରତାପ ଚନ୍ଦ୍ର ପରିଚ୍ଛା ଆଉ ଗୋଟିଏ ପ୍ରବନ୍ଧ ଲେଖି ପ୍ରକାଶ କରିଥିଲେ ।

ମୋ ଜୀବନର ପୁରୁଣା କଥାଗୁଡ଼ିକ ମନେ ପକାଇଲେ ଆଜି ମୋତେ ଗପ ପଢ଼ିଲା ପରି ଲାଗୁଛି । ମଣିଷର ଜୀବନ କେତେ ଯେ ଉତ୍ଥାନ ପତନ ଭିତରେ ଗଢ଼ି-ଉଠେ ତାହା ଭାବିଲାବେଳକୁ ମଣିଷର ଯାରିତ୍ର୍ୟ ଏବଂ ତାର ସ୍ୱାଭାବିକ ଗୁଣ ଭିତରେ ଯେଉଁ ବ୍ୟତିକ୍ରମ ସବୁ ପରିଲକ୍ଷିତ ହୁଏ ସେ ସବୁ ଯେପରି ଏକ ପ୍ରହେଳିକା ଭିତରେ ଅନନ୍ତକାଳ ମଧ୍ୟରେ ଲୀନ ହୋଇ ଯାଉଛି । ଏହା ହିଁ ମନୁଷ୍ୟ ଜୀବନର ବୈଚିତ୍ର୍ୟ । ଅତୀତ ଓ ବର୍ତ୍ତମାନ ମଧ୍ୟରେ ଯେଉଁ ସବୁ ପ୍ରଭେଦ ରହିଛି, ତାହା ମିଶ୍ରିତ ଭାବେ କମ୍ପା ଯୋଜନାବଦ୍ଧ ଭାବେ ସୃଷ୍ଟି ହୋଇଛି କି ନାହିଁ ଅଦ୍ୟାପି କେହି ସେଥିର ନିର୍ଣ୍ଣୟ କରି ପାରିନାହାନ୍ତି । ତେଣୁ ଭାରତର ମହାମନୀଷୀମାନେ କହନ୍ତି ଜୀବନ ଗୋଟିଏ ଧୂଳିର ଖେଳ । ଐଶ୍ୱରିକ ନିୟନ୍ତ୍ରଣରେ ତାହା ପରିଚାଳିତ । ସମ୍ଭବତଃ ଏହି ମତକୁ ଠିକ୍ ବୋଲି ଆମେ ଗ୍ରହଣ କରିପାରୁ । କାରଣ ଏକ ସମୟରେ ପିତାମାତାଙ୍କ ସ୍ନେହ, ଭ୍ରାତା-ଭଗିନୀଙ୍କ ଆଦର, ଇତ୍ୟାଦି, ଅନ୍ୟ ସମୟରେ ଘଟଣାର ଆବର୍ତ୍ତ ଭିତରେ ପଡ଼ି ତାହା ବଦଳିଯାଏ । ମୋ ଜୀବନରେ ମଧ୍ୟ ଏଥିର ଭୂରି ଭୂରି ପ୍ରମାଣ ରହିଛି । ସେଥିର ଗୋଟିଏ ଦୁଇଟି ଉଦାହରଣ ଏଠାରେ ଉଲ୍ଲେଖ କଲେ ଅସଙ୍ଗତ ହେବ ନାହିଁ ।

ଦିନେ ମୋର ବୃଦ୍ଧ ପିତା ବିମାତାଙ୍କର ପରାମର୍ଶ କ୍ରମେ ଆମ ଗୃହରେ ଗଚ୍ଛିତ ସମସ୍ତ ଧାନ ବିକି ଦେଇ ତୀର୍ଥଯାତ୍ରା ଉଦ୍ଦେଶ୍ୟରେ ପୁରୀ ଓ ବୃନ୍ଦାବନ ଚାଲିଗଲେ । ଏଠାରେ କହିବା ଅନାବଶ୍ୟକ ଯେ ଆମର ଜମିରୁ ଯାହାକିଛି ଧାନ ଆୟ ହୁଏ ସେଥିରୁ କିଛି ପ୍ରତିମାସରେ ବିକି କରି ଗୃହକୃତ୍ୟ ଚଳା ଯାଇଥାଏ । କିନ୍ତୁ ଅମାରରୁ ସବୁତକ ଧାନ ଶେଷ ହୋଇଥିବାରୁ ମୁଁ କପର୍ଦ୍ଦକ ଶୂନ୍ୟ ହୋଇ ରହିଲି । ମୋର ସ୍ତ୍ରୀ ଓ ପିଲାମାନେ ଯେପରି ଏଥିର ଆଭାସ ନ ପାଇବେ ସେଥିପାଇଁ ମୁହଁରେ କିଛି ପ୍ରକାଶ ନ କରି ମନେ ମନେ ଭାବିଲି କିଛି ଗୋଟିଏ ବ୍ୟବସ୍ଥା କରିବାକୁ ପଡ଼ିବ । ତା ନ ହେଲେ ଆଉ ୭/୮ ଦିନ ପରେ ଯେତେବେଳେ ଚାଉଳ ସରିଯିବ, ସେତେବେଳେ ଏ କଥା

Digitized by PPRACHIN, SOA

ସମସ୍ତେ ଜାଣି ପାରିବେ । ପୁଣି ଆମ ପରିବାରର ସମ୍ମାନ ନଷ୍ଟ ହେବ । ମୁଁ ଏପରି ଚିନ୍ତା କରୁଥିବାବେଳେ ହଠାତ୍ ଆରଦିନ ମହାରାଜାଙ୍କ ମା ରାଣୀମା ଖବର ପଠାଇଲେ ରାମସ୍ୱାମୀ ମଠରେ ୭ ଦିନ ରୁଦ୍ରଯାଗ ହେବ, ତୁମେ ଏହି ଯାଗର ଆଚାର୍ଯ୍ୟ ରୂପେ କାମ ଚଳାଇ ପାରିବ କି ? ମୋଠାରୁ ସ୍ୱୀକୃତି ପାଇଲା ପରେ ଯାଗର ଆୟୋଜନ ହେଲା ଏବଂ ସେଥିରୁ ମୁଁ କିଛି ଦକ୍ଷିଣା ପାଇ ଗୃହକୃତ୍ୟ ଚଳାଇବାକୁ ସମର୍ଥ ହେଲି ।

ଏ ଘଟଣାର ଅଳ୍ପଦିନ ପରେ ମହାରାଜାଙ୍କର ଦେବାର୍ଚ୍ଚନ ଚଳାଇବାକୁ ମୋତେ କୁହାଗଲା । ତୀର୍ଥରୁ ନନା ଫେରିବା ପର୍ଯ୍ୟନ୍ତ ତାହା ମୁଁ ସଂପାଦନ କଲି । ରାଜପୁରୋହିତ କାମ ଚଳାଇବାକୁ ଯେଉଁ ନିତ୍ୟ ନିୟମ ସଙ୍ଗେ କର୍ମକାଣ୍ଡ ଜାଣିବା ଦରକାର ହୁଏ ସେଥିରେ ମୋର ପିଉସା ନରସିଂହ ମିଶ୍ରେ ମୋତେ ସାହାଯ୍ୟ କରୁଥାନ୍ତି । ବୈଦିକ ଗ୍ରନ୍ଥ ଅଧ୍ୟୟନ କରି ପୂଜା ଓ ପଂଚପର୍ବାଣୀ ଚଳାଇବାକୁ ମୁଁ ତାଙ୍କଠାରୁ ଉପଦେଶ ପାଇ ସେଥିରେ ଅଭ୍ୟସ୍ତ ହୋଇ ପଡ଼ିଲି । କିନ୍ତୁ ମୋ ଜୀବନର ଆଦର୍ଶ ଭିନ୍ନ ପ୍ରକାର । ମୁଁ ସବୁବେଳେ ଇଚ୍ଛା କରୁଥିଲି ଯେପରି ଜୀବନର ସାଫଲ୍ୟ ପାଇଁ ଜନ୍ମଭୂମି ଓଡ଼ିଶା ଏବଂ ମାତୃଭାଷା ମାଧ୍ୟମରେ ସାହିତ୍ୟ ସେବା କରି ପାରିବି । ଏହି ଆଦର୍ଶ ଓ ଲକ୍ଷ୍ୟ ନେଇ ମୁଁ ଯେଉଁ ଯାତ୍ରାରମ୍ଭ କରୁଛି, ତାହା ସଫଳ କରିବାକୁ ହେଲେ ରାଜପୁରୋହିତ ହୋଇ କିମ୍ବା ଜମିଜମା ସମ୍ପର୍କୀୟ ଭାର ବହନ କରି ଜୀବନ ଅତିବାହିତ କରିବା ସମ୍ଭବ ନୁହେଁ ।

ଏଠାରେ ଗୋଟିଏ କୌତୂହଳ ବିଷୟ ଉଲ୍ଲେଖ ନ କରି ରହିପାରୁ ନାହିଁ । ମୋର ସାନ ଝିଅଟି ହାତରେ ସୁନାର ଦୁଇପଟ ଚୁଡ଼ି ଥାଏ । ଦିନେ ସେ ଦାଣ୍ଡପିଣ୍ଡାରେ ଏକୁଟିଆ ଖେଳୁଥିଲାବେଳେ କିଏ ତା' ହାତରୁ ଚୁଡ଼ି ଦି'ପଟ ଚୋରି କଲା । କିନ୍ତୁ କେତେ ଖୋଜାଖୋଜି କରି ସୁଦ୍ଧା ଆମେ ତାହା ପାଇଲୁ ନାହିଁ । ଝିଅଟିର କଥା ଫିଟି ନ ଥାଏ; ତେଣୁ ସେ ମଧ୍ୟ କିଛି କହି ପାରିଲା ନାହିଁ । ସେତିକିବେଳେ ଦୈବ ପ୍ରେରିତ ପରି ଜଣେ ମାନ୍ତ୍ରିକ ସନ୍ନ୍ୟାସୀଙ୍କୁ ମୁଁ ପାଇଲି । ବେଶ୍ ଗୋରା ତକ୍ ତକ୍ ଯୁବକ । କପାଳରେ ଦେବୀଙ୍କର ସିନ୍ଦୂର ଟିକା । ଦେହରେ ଜଟା ଓ ରୁଦ୍ରାକ୍ଷ ମାଳି । ରକ୍ତବସନ ପରିହିତ ଯୁବକ । କଥା କହିଲାବେଳେ ପାଟିରେ ବାଟୁଳି ବାଜୁନାହିଁ । ଭାରି ଚମତ୍କାର । ଐନ୍ଦ୍ରଜାଲିକ ମନ୍ତ୍ରଗୁଡ଼ିଏ ଆବୃତ୍ତି କରିବାରେ ସେ ଅଭ୍ୟସ୍ତ । ମୋତେ ସେ ଅନୁରୋଧ କଲେ ପାରଳାଖେମୁଣ୍ଡିର ଯେପରି କିଛି ତାଙ୍କର ଉପାର୍ଜନ ହୋଇ ପାରିବ ସେଥିର ବ୍ୟବସ୍ଥା କରିବାକୁ । ତାଙ୍କୁ ମୋ କାମରେ ନିଯୁକ୍ତ କରିବାକୁ ମନେ ମନେ ଚିନ୍ତା କଲି । ମୁଁ ସ୍ଥିର ଜାଣିଥାଏ ଯେ ତାଙ୍କର ଏପରି କିଛି ବିଦ୍ୟାବୁଦ୍ଧି ନାହିଁ ଯାହାଦ୍ୱାରା କି ସେ ସନ୍ନ୍ୟାସୀ ଉପାଧି ପାଇବା ଉପଯୁକ୍ତ ବ୍ୟକ୍ତି । ତଥାପି

Digitized by PPRACHIN, SOA

ତାଙ୍କର କଥାର ଚାକଚକ୍ୟ ଦେଖି ଲୋକଙ୍କୁ ଭ୍ରମରେ ପକାଇବା ବିଦ୍ୟାଟି ତାଙ୍କଠାରେ ରହିଛି । ମୁଁ ତାଙ୍କୁ ପରାମର୍ଶ ଦେଲି, "ଦେଖ ! ତମକୁ ଜଣେ ଅଦ୍ଭୁତ ଶକ୍ତିଶାଳୀ ମାନ୍ତ୍ରିକ ରୂପେ ପରିଚିତ କରାଇବାକୁ ମୁଁ ବିଚାର କରିଛି । କାଲି ପ୍ରଭାତରୁ ତୁମେ ଆମ ଗୃହକୁ ଆସିବ । ସେତେବେଳେ ବହୁଲୋକ ସେଠାରେ ରୁଣ୍ଡ ହୋଇଥିବେ । ମୁଁ ତୁମକୁ ପଚାରିବି—ମୋ ଝିଅର ହାତରୁ ସୁନା ଚୂଡ଼ି କିଏ ଚୋରି କରିଛି ? ତୁମେ କହି ପାରିବ କି ? ତୁମେ ଉତ୍ତର ଦେବ—ନିଶ୍ଚୟ କହିପାରିବି । ଖାଲି ସେତିକି ନୁହେଁ ଯିଏ ଚୋରି କରିଛି, ତାକୁ କଦର୍ଯ୍ୟ କରି ମାରିପାରିବି ମଧ୍ୟ । ଏହାପରେ ମୁଁ ପଚାରିବି ଆଚ୍ଛା ! ତୁମର ସର୍ବଜାଣ ଶକ୍ତି ଜାଣିବା ପାଇଁ ମୁଁ ପରୀକ୍ଷା କରେ । ଏହା କହି ମୁଁ ଘର ଭିତରକୁ ଯାଇ ଗୋଟିଏ କନାରେ କିଛି ଚାଉଳ, ଗୋଟିଏ ତୁଳସୀପତ୍ର ଓ ଗୋଟିଏ ପଇସା ବାନ୍ଧି ହାତରେ ଧରି ତୁମ ପାଖକୁ ଆସିବି । ପଚାରିବି ତୁମେ ଯଦି ସର୍ବଜାଣ କହି ପାରିବ, ମୋ ହାତରେ କ'ଣ ଧରିଛି ? ସେତେବେଳେ ତୁମେ ଗୋଟିଏ ଭୟଙ୍କର ହୁଙ୍କାର ଦେଇ ମା'ଙ୍କୁ ଡାକିବ ଓ କେତୋଟି ମନ୍ତ୍ର ଉଚ୍ଚାରଣ କରି ଆଖି ବୁଜି ଦେଇ କହିବ—ହଁ ମୁଁ ଦେଖିପାରୁଛି ତୁମ ହାତ ଭିତରେ ଗୋଟିଏ କନାବିଣ୍ଡା ରହିଛି । ସେଥିରେ ତୁମେ କିଛି ଅରୁଆ ଚାଉଳ, ଗୋଟିଏ ତୁଳସୀ ପତ୍ର ଓ ତମ୍ବା ପଇସାଟିଏ ରଖିଛ । ଏହା କହିବାକ୍ଷଣି ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କ ଆଗରେ ମୁଁ ହାତ ଖୋଲିଦେଇ ସେହି କନା ବିଣ୍ଡାଟି ଫିଟାଇ ଦେବି ସେଥିରୁ ତୁମେ କହିବା ଜିନିଷ-ଗୁଡ଼ିକ ବାହାର ହେବ । ସମସ୍ତେ ଏହା ଦେଖି ଚମକି ପଡ଼ିବେ । ଏହାପରେ ମୁଁ ପଚାରିବି ସୁନା ଚୂଡ଼ି କିଏ ଚୋରି କରିଛି କହ ? ତୁମେ ଆଉ ଥରେ ଘୋର ହୁଙ୍କାର ଦେଇ ତୁମ ଚାରିଆଡ଼େ ବେଢ଼ି ରହିଥିବା ଲୋକଙ୍କୁ ଚାହିଁ ମନ୍ତ୍ର ଉଚ୍ଚାରଣ କରି ବିକଟ ସ୍ୱରରେ କହିବ ହଁ । ମୁଁ ଜାଣି ପାରିଲି ଯିଏ ଚୋରି କରିଛି ସେ ଏହିଠାରେ ଠିଆ ହୋଇ ଦେଖୁଛି । କିନ୍ତୁ ଗରିବ ଲୋକଟାର ନାମ ମୁଁ ତୁମକୁ ଏବେ କହିବି ନାହିଁ । କିନ୍ତୁ ତାକୁ ମୁଁ କହୁଛି—ଶୁଣିଲୁନା ମୁଁ କଣ କହିବି । ମୁଁ କିଏ ଜାଣୁ ! ଇଚ୍ଛାକଲେ ତୋତେ ଏଇଠାରେ ମାରି ପକାଇଦେବି । କିନ୍ତୁ ତୁ ଗରିବ ଲୋକ । ଆଜି ଛାଡ଼ି ଦେଉଛି । ବାବାଙ୍କୁ ତୋ ନାଆଁଟି କହୁନାହିଁ । କାଲି ସକାଳ ଭିତରେ ଯଦି ସୁନାଚୁଡ଼ି ଫେରାଇ ନ ଦେଉ, ତା' ହେଲେ ତୋ ଦଶା କଣ ହେବ ମା କାଳି ଜାଣନ୍ତି । ଏତିକି କହି ତୁମେ ବସାକୁ ତୁମର ଚାଲିଯିବ । ଏଥିର ଫଳ କଣ ହେବ ତାହା ପରେ ଜଣା ପଡ଼ିବ । କାରଣ ମୁଁ ଠିକ୍ ଜାଣିଛି ଯେ ଚୋରି କରିବା ଲୋକ ସ୍ତ୍ରୀ ବା ପୁରୁଷ ନିଶ୍ଚୟ ସେଠାରେ ଉପସ୍ଥିତ ଥିବ । କାରଣ ଆମ ଗୃହକୁ ଯିଏ ପ୍ରାୟ ଆସନ୍ତି ତାଙ୍କ ଭିତରୁ ଜଣେ କେହି ଏ କାମ କରିଛି । ଏହି ଉପାୟରେ ଯଦି କାର୍ଯ୍ୟ ସିଦ୍ଧ ହୁଏ ତା' ହେଲେ ପାରଳାଖେମୁଣ୍ଡିରେ ତୁମର ନାମ ଚାରିଆଡ଼େ ପ୍ରସାରିତ ହେବ ଓ ଲୋକେ ତୁମକୁ ଡାକି ନେବେ । ତୁମେ ଯଥେଷ୍ଟ କିଛି ଉପାର୍ଜନ ମଧ୍ୟ କରି ପାରିବ । ଏହା କହି ମୁଁ ତାଙ୍କୁ ବିଦାୟ ଦେଲି । ତା ଆରଦିନ ସକାଳୁ ସତକୁ ସତ ଆମ ଦାଣ୍ଡ

Digitized by PPRACHIN, SOA

ପରେ ଦୁଇପଟ ବୃତ୍ତି ଜବ ପକାଇ ଦେଇ ଚାଲିଯାଇଥିଲି । ତାହା ଅମେ ପାଇଲୁ । ମହାରାଜାଙ୍କର ବ୍ୟବସ୍ଥା ବଢ଼ିଲା ସତ; କିନ୍ତୁ ମୋ ମନରେ ଗୋଟିଏ ଦୁଃଖ ରହିଗଲା ଯେ ଜଣେ ଭଣ୍ଡଙ୍କୁ ମୁଁ ଭଣ୍ଡାମି କରାଇବା କାର୍ଯ୍ୟରେ ଏପରି ଉପଦେଶ ଦେଇଥିଲି । ଏକଥା ସ୍ମରଣ କଲେ ଆଜି ମଧ୍ୟ ମୋ ମନରେ ଦୁଃଖ ହେଉଛି ।

୧୯୩୩ ସାଲ ଜୁନ ମାସରେ ପାରଳାଖେମୁଣ୍ଡିର କେତେକ ବିଶିଷ୍ଟ ଲୋକଙ୍କୁ ନେଇ ଗୋଟିଏ ସଂଘ ଗଢ଼ା ଯାଇଥିଲା । ତେଲୁଗୁ ଓଡ଼ିଆ ନିର୍ବିଶେଷରେ ଯେଉଁମାନେ ମହାରାଜାଙ୍କର ସଙ୍ଗେ ଓଡ଼ିଶାରେ ପାରଳାଖେମୁଣ୍ଡିର ମିଶ୍ରଣ ଚାହୁଁଥିଲେ ସେମାନେ ଏଥିରେ ଯୋଗ ଦେଇଥିଲେ । ଏହି ସଂଘର ନାମ ଥିଲା—'People's Association' ବା 'ଜନତା ସଂଘ' । ଏଥିରେ ସଭାପତି ରୂପେ ପାରଳାଖେମୁଣ୍ଡିର ତତ୍କାଳୀନ ନଗରପାଳ ପି. ସୀତାରାମ ସ୍ୱାମୀ ପାତ୍ରୁଲୁ ଏବଂ ଜଣେ ସ୍ଥାନୀୟ ତେଲୁଗୁ (ଓକିଲ) ଆଡ଼ଭୋକେଟ୍ ବି. ସୂର୍ଯ୍ୟନାରାୟଣ ଏବଂ ମୁଁ ଦୁହେଁ ସମ୍ପାଦକ ଥିଲୁ । ଆମ୍ଭମାନଙ୍କ ବିପକ୍ଷରେ ଆନ୍ଧ୍ର ପକ୍ଷରୁ ଅଧ୍ୟାପକ ସୀତାପତି ଏବଂ ଆଡ଼ଭୋକେଟ୍ ସତ୍ୟନାରାୟଣ ମୂର୍ତ୍ତି ପ୍ରବଳ ବିରୋଧ କରି ମାନ୍ଦ୍ରାଜର ହିନ୍ଦୁ ପତ୍ରିକାରେ ପ୍ରବନ୍ଧମାନ ପ୍ରକାଶ କରୁଥିଲେ । ସେଥିରେ ଓଡ଼ିଶା ଦେଶମିଶ୍ରଣ ବିରୋଧୀ ଲେଖାଗୁଡ଼ିକ ସଙ୍ଗେ ପାରଳାଖେମୁଣ୍ଡି ତାଲୁକ ବୋର୍ଡ଼ ସମ୍ପର୍କୀୟ ବିକୃତ ଲେଖାମାନ ପ୍ରକାଶ ହେବା ଦେଖି ସେଥିର ପ୍ରତିବାଦ ସ୍ୱରୂପ ଦୁଇଟି ଦୀର୍ଘ ପତ୍ର ପ୍ରବନ୍ଧାକାରରେ ମୁଁ ହିନ୍ଦୁ ପତ୍ରିକାରେ ପ୍ରକାଶ କରିଥିଲି । ମୋର ପ୍ରଥମ ଲେଖାଟି ୨୪ । ୬ । ୧୯୩୩ରେ ଏବଂ ଦ୍ୱିତୀୟ ଲେଖାଟି ୨୫ । ୭ । ୩୩ରେ ପ୍ରକାଶ ହୋଇଥିଲା । ଏଠାରେ ସେ ଦୁଇଟି ଲେଖାର ଇଂରାଜୀ ନକଲ ପ୍ରକାଶ କଲେ ତତ୍କାଳୀନ ସ୍ଥାନୀୟ ପରିସ୍ଥିତିର ଆଭାସ ସଙ୍ଗେ ମୋର କାର୍ଯ୍ୟାବଳୀର ସୂଚନା ମିଳି ପାରିବ—

Dt. 24. 6. 1933

Sir,

I request you to kindly publish in your columns the following reply to Mr. G V. Sitapati's letter published in 'The Hindu' of May 25, 1933.

Mr. Sitapati's statement that—"It is a wellknown fact that accurate enumeration would have increased the Telugu-percentage and reduced the Oriya percentage to less than 2o" is not correct. In Paralakimedi, simply because of their having answered the queries of the enumerators in Telugu, many Oriyas have been entered as Telugus in the previous censuses.

Digitized by PPRACHIN, SOA

As a result of the agitation by Oriya leaders in last census a special census officer was appointed only for the Ganjam District, to avoid this defect. The Superintendent, Census Operations Madras and the Ganjam District Census Officer took special care in regard to correct enumeration and issued instructions accordingly.

Some Telugu leaders tried to impress the mind of the census officers that the Sista-Karanams were Telugus because of their intiperus (house name). On our proper representation, the Census Superintendent was convinced of the mistken ideas created in their minds and corrected the mistakes accordingly. Similarly all the Oddi-Chakilis (Oriya washermen), Konda Doras etc.who are Oriyas by race were wrongly enumerated as Telugu in the previous census, but only in the last census they were correctly entered only to a certain extent and that too after repeated representations by Oriya leaders In spite of the care taken by the Census Officers, full justice has not been done to some purely Oriya castes and many Oriyas by race were still entered as Telugus, and consequently the number of Oriyas became far less than what it should have actually been. But from ethric point of view, in these areas no such mistake has been committed as far as Telugu castes are concerned. Hence rightly speaking the doubtful must go to Oriyas. Not only that more accurate enumeration would have increased the Oriya percentage and reduced the Telugu percentage.

As to Taluk Board elections it has already been pointed out several times through the press that they were never fought on amalgamation issue. Of course the few anti-amalgationists mentioned among many other promises in their menifesto (published only in the Telugu language) that they would work against amalgamation, But the important ryots of the taluk. (Who form the real peoples party ) issued a menifesto nominating the best selected candidates to the Taluk Board. These candidates (of which my humble self was one) never said that they would work for amalgamation and while canvassing votes

Digitized by PPRACHIN, SOA

they kept the Taluk Board management and the amalgamation quite separate. Those important ryots put up candidates Oriya and Telugu and consequently in our party some Oriyas and some Telugus succeded while others failed. If the last Taluk Board elections were fought in the amalgamation, 7, 321 people having voted for 17 pro-amalgamationists members and 6. 358 for anti-amalgamationists members. Even Mr. Sitapati, President of the Paralakimedi Taluk Board was returned by a narrow majority of 14 votes (including 10 challenged votes) from purely Telugu areas a fact which proved that there are many Telugus who favour amalgamation.

Satya Narayan Rajguru
Joint, Secretary. Peoples' Association, Paralakimedi

## THE ORISSA QUESTIONS
### ( LETTER NO-II )

"The Hindu"
Dt —

Sir-with reference to the letter of Mr. G. Satyanarayana Murti published in "The Hindu" of June 17, 1933 under the caption "Parlakimedi and Orissa question " I would draw his attention to my letter published in "The Hindu", of June 24, 1933 in which I have tried to explain briefly how even in the recent census of 1931, the Telugu percentage has been unduly increased. In Parlakimedi the Telugus are 53 percent and the Oriyas and Oriya Assimilating Savaras are 47 per cent, the Mahomedans and the Christians being very negligible. I have never said that "47 per cent are Oriyas" , as Mr. Satyanarayanmurti has written In my last letter I have shown on authority how the Savaras are Oriya-assimilating. These Savaras and non Telugus are allied to Oriya interests and they are all in favour of amalgamation, as has been clearly shown through oral evidence before the Orissa Boundary Committee.

Digitized by PPRACHIN, SOA

It is quite wrong to say that the Savaras "had come in contact with the Telugus long before the Oriya entered the Taluk." I have already shown in my last letter referred to by Mr. Satyanarayana Murty, that the Oriyas are genuine inhabitants of Parlakimedi where as the Telugus have admitted on all hands. To quote on instance, recently Mr. M. Tarani Rao of Berhampore has stated the same fact in his letter published in New Orissa of June 17,1933.Savaras also are the genuine inhabi tants along with the Oriyas Such being the case, the readers can well judge with who, the Telugus or the Oriyas, the Savaras have longer contact. Certainly with the Oriyas. Consequently, the influence on Savara is of longer duaration than that of Telugu.

As to the geographical division, Mr. Satyanarayana Murti has simply repeated what he had written in his previous article, and I have already shown in my reply to it how the areas of Telugu and non-Telugu predominance are almost half to half and that greater percentage of the Telugus in the whole Taluk is due to dense Telugu population in the southern half only. The Telugu villages (with little trace of Oriyas), so often referred to by Mr. Satyanarayanamurti are all confined to this southern half only. I have also shown in the same article how these Telugus only migrated from the South. For instance I can mention here that the villagers of Ranipeta Ras Sitapur etc., were situated very recently when Kapus and Rajus migrated from the South owing to a terrible famine there (especially in the district of E Godavari). The extract from para 57 of the Orissa Committee Report, quoted by Mr. Satyanarayanamurti, does not prove the contrary. It only states the existing facts. which are not denied by us. As to the magnanimity of the Rajah Saheb of Parlakimedi Mr, Satyanarayanamurti has referred me to a quotation from the report of the majority members of the Orissa Committee. It has no reference to the Rajah Saheb in particular. The majority members have stated this only as a general proposi-

Digitized by PPRACHIN, SOA

tion to prove that they recommended the transfer of Parlakimedi to Orissa not only on the wish of the Rajah Saheb, "however strong that wish might be" and "however good he may be" but also on the desire of "a large number of Telugus residing in Parlakimedi expressing clearly their wish to go with the Rajah to the new Province of Orissa" (Vide page 27 of Orissa Committee Report Vol-1)

After having mentioned in the press from time to time the so-called grievances of the Telugus of Parlakimedi Zamindary, which were all duly replied to in the press also Mr. Satyanarayana Murty now says that he does not "choose to ventilate in the open press" about their actual grievances for, he says, "it will be subjudice to enumerate them." One fails to understand how it can be "sub judice" when there is no case in the court and when it is still in the stage of "urging the necessity of a judicial inquiry" as Mr Satyanarayana Murti himself states.

As to the hardship of the Telugus in New Orissa, it is more imaginary than real. After all they will be under the same British Government as they are now and "the provincial Governors cannot be barriers against the contacts necessary for the growth and absorption of racial culture", as has been rightly observed by "an Andhra" in an article published in Roy's Weekly of June 12, 1933. In the New Orissa will be far better than that of the Oriyas in the present Madras presidency or would be Andhra Province. The Telugus must be duly represented in the future legislature of New Orissa as has already been admitted by the appointment of the "Orissa Administrative Committee," but they will never be in a "hopeless minority." as Mr. Satyanarayana Murti apprehends. His statement that "they (Telugus) will have to submit to the galling domination of "the politically backward Orissa" shows his feeling towards the Oriya race. He should remember that the Oriyas were backward due to their political vivisection, for which very reason they have been agitating

Digitized by PPRACHIN, SOA

for a separate province of their own with proper boundaries. But they will not be so eternally, God favouring, time will come when the Oriyas will have their due place among the politically advanced people.

A recurring subvention from the Central Government has been granted for the administration of the Orissa Province. But Mr. Satyanarayanamurti states that "in the absence" of such subvention, the condition of Orissa will be still worse. Evidently this is quite incorrect. As to Mr. Handersans evidence, I have already replied in my article published in The Hindu of May 31, 1933.

In his previous article, Mr. Satyanarayanamurti tried to prove that most of the streets are Telugu and now, after the incorrectness of his statement having been shown, he says that the streets and temples "of so-called Oriya Gods" will not disclose arguments in favour of transfer of Parlakimedi to Orissa. But originally Mr. L, Panigrahi mentioned all this to show the Oriya character of the Parlakimedi town, which now Mr. Satyanarayanamurti indirectly admits.

**Satyanarayan Rajaguru**
Joint Secretary
People's Association
Parlakimedi

୧୯୩୫ ମସିହା ଆରମ୍ଭରେ ମୋର ବନ୍ଧୁ ସହକାରର ସମ୍ପାଦକ ସ୍ୱର୍ଗତ ବାଲକୃଷ୍ଣ କର ଗୋଟିଏ ଚିଠିରେ ମୋତେ ସ୍ମରଣ କରାଇଦେଲେ ଯେ ସହକାର ଆରମ୍ଭରୁ ମୁଁ ତାଙ୍କୁ ଯେଉଁ ପ୍ରବନ୍ଧମାନ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲି ତାହା ଗତ କେତେ ମାସ ହେଲା ପାଳନ କରାଯାଇ ନାହିଁ । ଏଣୁ ନିୟମିତ ସମୟରେ ତାଙ୍କର ସାହିତ୍ୟ ପତ୍ରିକା ପ୍ରକାଶ କରିବାରେ ଅସୁବିଧା ହେଉଛି । ଏ ପତ୍ର ପାଇଲାପରେ ମୁଁ ସ୍ଥିର କଲି ଯେ, ୧୯୩୫ ମସିହାଠି ମୁଁ ଅନ୍ୟ ରାଜନୀତିକ ବ୍ୟାପାରରେ ଆବଦ୍ଧ ନ ରହି ସାହିତ୍ୟ ସେବାପାଇଁ ସମ୍ପୂର୍ଣ୍ଣ ଭାବେ ବ୍ୟସ୍ତ ରହିବି । ତେଣୁ କେତେକ ଐତିହାସିକ ଗବେଷଣାତ୍ମକ କାର୍ଯ୍ୟରେ ମୁଁ ଲାଗିଗଲି । ସେ ବର୍ଷ ଆରମ୍ଭରୁ ଓଡ଼ିଶାରେ ଭୋଇବଂଶର ଉତ୍ଥାନ ଓ ପତନ ସମ୍ପର୍କୀୟ ଐତିହାସିକ ଘଟଣାବଳୀ ମୋର ଦୃଷ୍ଟି ଆକର୍ଷଣ କରେ; କାରଣ ଏହି ସମୟରେ ହିଁ ଓଡ଼ିଶାରେ ଓଡ଼ିଆ ସାହିତ୍ୟର ବିକାଶ ଯଥେଷ୍ଟ ପରିମାଣରେ

Digitized by PPRACHIN, SOA

ବଢ଼ିଥିଲି । ସେହି କବିମାନେ ବହୁକ୍ଷେତ୍ରରେ ଓଡ଼ିଶାର ସେ ଖ୍ୱେଇବଂଶୀୟ ରାଜାମାନଙ୍କ ଅଙ୍କ ବ୍ୟବହାର କରିଥିବାରୁ ସେମାନଙ୍କ ସମୟ ନିର୍ଣ୍ଣୟ କରିବା ଖ୍ୱେଇ-ବଂଶୀୟ ରାଜାମାନଙ୍କର ରାଜତ୍ୱ କାଳ ଉପରେ ହିଁ ନିର୍ଭର କରେ । ଯଦିଚ ଓଡ଼ିଶା ଇତିହାସର ଶେଷ ଭାଗରେ ଅର୍ଥାତ୍ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀ ପରେ ଏହି ରାଜାମାନେ ଖୋର୍ଦ୍ଧାରେ ଅଧସ୍ତନ ରାଜାରୂପେ ରହିଥିଲେ ତଥାପି ଓଡ଼ିଶାର ଚିରାଚରିତ ପ୍ରଥାନୁସାରେ ଏ ଦେଶର ପଞ୍ଜିକା, ଜନ୍ମ ପତ୍ରିକା ଏବଂ ଗ୍ରନ୍ଥମାନଙ୍କରେ ତାଙ୍କର ଶାସନକାଳ ଅର୍ଥାତ ଅଙ୍କ ବା ଶ୍ରାହି ବ୍ୟବହାର କରାଯାଉଥିଲା । ଏହା ପୂର୍ବରୁ ହଣ୍ଟର, ରାଜେନ୍ଦ୍ରଲାଲ ମିତ୍ରଙ୍କ ଠାରୁ ଆରମ୍ଭ କରି ପରବର୍ତ୍ତୀ କାଳର ଯେଉଁ ଐତିହାସିକମାନେ ଓଡ଼ିଶାର ଇତିହାସ ଚର୍ଚ୍ଚା କରିଅଛନ୍ତି, ସେମାନଙ୍କର ଲେଖାରୁ ପରାଧୀନ ଖ୍ୱେଇବଂଶୀୟ ରାଜାମାନଙ୍କ ରାଜତ୍ୱକାଳ ସଠିକ ଭାବେ ନିର୍ଣ୍ଣୟ କରିବା ସମ୍ଭବ ହେଉନଥିଲା । ଏଣୁ ବହୁ ତାମ୍ରଶାସନ, ଶିଳାଲେଖ ଏବଂ ରେକର୍ଡ ପତ୍ର ଆଲୋଚନା କରି ଏହି ରାଜାମାନଙ୍କର ସଠିକ ସମୟ ନିରୂପଣ କରିବାରେ ମୁଁ ଗୋଟିଏ ପ୍ରବନ୍ଧ ଲେଖିଲି । ଏଥିପାଇଁ ପ୍ରାୟ ଚାରିମାସ ମୋତେ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଲା । ସେ ବର୍ଷ ଏପ୍ରିଲ ମାସରେ ପ୍ରବନ୍ଧଟି ପୂର୍ଣ୍ଣ କରି 'ସହକାର'ରେ ଧାରାବାହିକ ଭାବେ ପ୍ରକାଶ କରିବାକୁ ପଠାଇଲି । ଏହି ପ୍ରବନ୍ଧର କେତେକ ଅଂଶ ବହୁକାଳ ପରେ ମୋର ବନ୍ଧୁ ଓ ସହକର୍ମୀ ଶ୍ରୀ କେଦାର ନାଥ ମହାପାତ୍ରଙ୍କୁ ଦେଇଥିବାରୁ ସେ ତାଙ୍କର ଖୁରୁଧା ଇତିହାସରେ ତାହା ବ୍ୟବହାର କଲେ ।

ସେ ବର୍ଷ ଜାନୁୟାରୀ ଶେଷ ଆଡ଼କୁ ପାରଳା ମହାରାଜାଙ୍କ ପ୍ରଥମ କୁମାରୀ ସୁଧାଂଶୁମୁଖୀଙ୍କର ସ୍ୱାସ୍ଥ୍ୟ ଭଙ୍ଗ ହୋଇଥିବାରୁ ମହାରାଜା ତାଙ୍କର ଚିକିତ୍ସା ପାଇଁ କଲିକତା ପ୍ରସ୍ଥାନ କରିଥିଲେ । ହଠାତ୍ ଜାନୁୟାରୀ ୨୮ ତାରିଖରେ ମହାରାଜାଙ୍କଠାରୁ ଟେଲିଗ୍ରାମ ପାଇ ମୋର ପିତା ସେଠାକୁ ଗଲେ । ଆମେ ସମସ୍ତେ ବ୍ୟସ୍ତ ହୋଇ ପଡ଼ିଲୁ । କାରଣ ମହାରାଜାଙ୍କ ପରିବାରରେ ସୁଧାଂଶୁମୁଖୀ ଥିଲେ ଜଣେ ଆନନ୍ଦର ପ୍ରତିମା । ତାଙ୍କର ନାମ ସ୍ୱରୂପ ଦେହ ସୌନ୍ଦର୍ଯ୍ୟ ଏବଂ ସ୍ୱଭାବ ଚରିତ୍ର ଅତ୍ୟନ୍ତ ନିର୍ମଳ । ଠିକ୍ ସେତିକବେଳେ ମୁଁ ଖବର ପାଇଲି ନେପାଳରୁ ଜଣେ ଜ୍ୟୋତିର୍ବିଦ ପଣ୍ଡିତ ଏଠାକୁ ଆସିଛନ୍ତି । ମୋର କକେଇ ଗୋପୀନାଥ ରାଜଗୁରୁ ଯେକି ଜ୍ୟୋତିଷ ଶାସ୍ତ୍ରରେ ଜଣେ ଧୁରନ୍ଧର ପଣ୍ଡିତ, ସେ ତାଙ୍କ ସଙ୍ଗେ ଆଳାପ କରି ବୁଝିପାରିଥିଲେ ଯେ ଜ୍ୟୋତିଷ ଶାସ୍ତ୍ରର ବହୁ ଅଜ୍ଞାତ ବିଷୟ ସେହି ନେପାଳରୁ ଆଗତ ପଣ୍ଡିତ ଜାଣନ୍ତି । ଅତୀତ ଓ ଭବିଷ୍ୟତ କଥା ମଧ୍ୟ ସେ ଜାତକ ସାହାଯ୍ୟରେ ନିର୍ଭୁଲ ଭାବରେ କହିପାରନ୍ତି । ଏ କଥା ଶୁଣିଲାବେଳକୁ ମୋ ମନରେ କୌତୂହଳ ଜାତ ହେଲା । ସତେ କ'ଣ ଜ୍ୟୋତିଷ ଶାସ୍ତ୍ରରେ କିଛି ବୈଜ୍ଞାନିକ ତତ୍ତ୍ୱ ରହିଛି, ଯାହାକି ଅଦ୍ୟାପି ସଭ୍ୟ ଜଗତରେ ପ୍ରଚାର ଲାଭ କରିନାହିଁ ? ମୁଁ କକେଇଙ୍କ ସଙ୍ଗେ ମିଶି ନେପାଳ

Digitized by PPRACHIN, SOA

ପଣ୍ଡିତ ରହିଥିବା ମହାରାଜାଙ୍କ ଛଣଘରେ ତାଙ୍କ ସଙ୍ଗେ ସାକ୍ଷାତ କଲି । ସେତେବେଳେ ତାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ମୁଁ ପକେଟରେ ରଖିଥାଏ ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କର ଗୋଟିଏ ଜାତକ । ଏଠାରେ କହି ରଖିବା ଆବଶ୍ୟକ ଯେ, ଆମ ଗୃହ ଲାଇବ୍ରେରୀରୁ ଥରେ ଗୋଟିଏ ଛିନ୍ନ ତାଳପତ୍ର ପୋଥି ମୁଁ ପାଇଥିଲି । ତାହା ଆମ ବଂଶର ଜଣେ ପୂର୍ବପୁରୁଷ, ଚୈତନ୍ୟ ରାଜଗୁରୁ ନିଜ ହାତରେ ଲେଖିଥିଲେ । ସେଥିରେ ବହୁ ରାଜା, ରାଜ ପରିବାର ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କର ଜନ୍ମ ପତ୍ରିକା ଲେଖାଥିଲା । ଐତିହାସିକ ଗବେଷଣା ପାଇଁ ଏଥିର ଯଥେଷ୍ଟ ଉପଯୋଗିତା ଥିବାରୁ ସେଗୁଡ଼ିକ ମୁଁ ସଙ୍କଳନ କରିଥିଲି । ସେହି ଜାତକାବଳୀ ମଧ୍ୟରୁ ବାଦଶାହା ଆଉରଙ୍ଗଜେବଙ୍କ ଜାତକ ମଧ୍ୟ କପି କରିଥିଲି । ଭାରତ ଇତିହାସରେ ଆଉରଙ୍ଗ-ଜେବଙ୍କର ପ୍ରାଧାନ୍ୟ ଐତିହାସିକ ମାତ୍ରେ ସମସ୍ତେ ହିଁ ଜାଣନ୍ତି । ତେଣୁ ତାଙ୍କର ଜନ୍ମ ପତ୍ରିକାଟି ଗୋଟିଏ ଦୁର୍ଲ୍ଲଭ ଉପାଦାନ ବୋଲି ମୁଁ ମନେ କରିଥିଲି । ସେହି ଜନ୍ମ ପତ୍ରିକାରେ କିନ୍ତୁ କୌଣସି ଅବ୍ଦ ଲେଖା ନ ଥିବାରୁ ତାହାର ସଠିକ ସମୟ ଜାଣିବା ସମ୍ଭବ ହେଲନାହିଁ । ବର୍ତ୍ତମାନ ନେପାଳ ଗଣକଙ୍କର ସାମର୍ଥ୍ୟ ପରୀକ୍ଷା କରିବା ଉଦ୍ଦେଶ୍ୟରେ ସେହି ଜନ୍ମ ପତ୍ରିକାଟି ତାଙ୍କ ଆଗରେ ଉପସ୍ଥାପିତ କରି ପଚାରିଲି, "ଆପଣ ଗଣନା କରି କହନ୍ତୁ ଏ ଜନ୍ମ ପତ୍ରିକା ଯେଉଁ ବ୍ୟକ୍ତିଙ୍କର, ସେ କେବେ ଜନ୍ମଲାଭ କରିଥିଲେ ?" ପତ୍ରିକାଟି ଦେଖି ସେ ଟିକିଏ ଚମକି ପଡ଼ିଲା ପରି ଜଣାଗଲା । ଗୋଟିଏ ସ୍ଲେଟ୍‌ରେ ବହୁସମୟଯାଏ ଅଙ୍କ କଷି ପ୍ରାୟ ଅଧଘଣ୍ଟାକ ପରେ ମୋ ମୁହଁକୁ ଚାହିଁ କହିଲେ— "ତୁମେ ମୋତେ ପରୀକ୍ଷା କରିବା ପାଇଁ କ'ଣ ଏ ଜାତକଟି ଆଣିଛ ?" ମୁଁ ହସିବା ଦେଖି ସେ ପୁଣି କହିଲେ—"ଆଚ୍ଛା, ଶୁଣ ତେବେ; ଏ ବ୍ୟକ୍ତିଙ୍କ ସମ୍ବନ୍ଧରେ ମୁଁ କ'ଣ କହିବ । ପ୍ରାୟ ଅଢ଼େଇଶ ବର୍ଷ ପୂର୍ବେ ଭାରତର କୌଣସି ବିଶିଷ୍ଟ ସ୍ଥାନରେ ଏହାଙ୍କର ଜନ୍ମ ।" ଆଉ କିଛିକ୍ଷଣ ନୀରବ ରହି ସେ ପୁଣି କହିଲେ, "ଏ ଲୋକଟି ହିନ୍ଦୁ ନୁହନ୍ତି କିନ୍ତୁ ହିନ୍ଦୁମାନଙ୍କର ଘୋର ବିଦ୍ୱେଷୀ ।" ତାଙ୍କଠାରୁ ଏକଥା ଶୁଣି ମୁଁ ବିସ୍ମିତ ହୋଇ ପଡ଼ିଲି । କିନ୍ତୁ ମୁହଁରେ ଭାବ ପ୍ରକାଶ ନ କରି ପୁଣି ପଚାରିଲି, "କିଏ ହିନ୍ତୁ ଏ କିଏ ?" ସେ ଅବଶ୍ୟ ତାଙ୍କର ନାମ କହି ନ ଥିଲେ ; କିନ୍ତୁ ବହୁକ୍ଷଣପରେ ପ୍ରକାଶ କଲେ, "ଏ ପତ୍ରିକା ଯେଉଁ ମାନବର ସେ ଜଣେ ମହାରାଜାଧିରାଜ ଚକ୍ରବର୍ତ୍ତୀ, ଅତ୍ୟନ୍ତ ପ୍ରତାପଶାଳୀ, ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ତାଙ୍କର ଶାସନ ବିସ୍ତାରିତ । ସେ ଅତି ଦୁର୍ଦ୍ଧର୍ଷ, ନିର୍ମମ ଓ ନିଷ୍ଠୁର କିନ୍ତୁ ନିଜ ଧର୍ମରେ ସେ ଅତ୍ୟନ୍ତ ଆଗ୍ରହୀ । ଜୀବନରେ କରିଥିବା ବହୁ ପାପକାର୍ଯ୍ୟ ତାଙ୍କୁ ଏପରି ଆନ୍ଦୋଳିତ ଓ ଉଦ୍‌ବେଗିତ କରିଥିଲା ଯେ ସେଥିରୁ ଉଦ୍ଧାର ପାଇବାପାଇଁ ସେ ବହୁ କ୍ଲେଶ ସ୍ୱୀକାର କରିଥିଲେ । ସ୍ୱଧର୍ମୀଗୁରୁମାନଙ୍କୁ ବହୁ ଅର୍ଥ ବିତରଣ କରି ପାପକ୍ଷାଳନ ପାଇଁ ଯତ୍ନ କରୁଥିଲେ । ତଥାପି ବୃଦ୍ଧ ବୟସରେ ତାଙ୍କର ପାରିବାରିକ ଦୁର୍ଦ୍ଦଶା ଘୋର କଷ୍ଟଦାୟକ ହୋଇଥିଲା । ବନ୍ଧୁ, ଶତ୍ରୁଙ୍କ କଠୋର ପ୍ରତିହିଂସାର ସମ୍ମୁଖୀନ ହୋଇ ସେ ବୃଦ୍ଧ ବୟସରେ ନିଃସହାୟ ଭାବେ ନିଜର

Digitized by PPRACHIN, SOA

ଦେବତାଙ୍କୁ ସ୍ମରଣ କରି ପ୍ରାଣ ତ୍ୟାଗ କଲେ ।" ଏତିକି କହିସାରି ସେ ସହାସ୍ୟ ବଦନରେ ମୋତେ ପଚାରିଲେ, ଏ ଜନ୍ମ ପତ୍ରିକାଟି କାହାର ତୁମ୍ଭେ ନିଜ ମୁଖରେ ପ୍ରକାଶ କର । ସେତେବେଳେ ସେଠାରେ ବହୁ ପଣ୍ଡିତ ଓ ଆଗ୍ରହୀ ଲୋକମାନଙ୍କର ସମାଗମ ଘଟିଥାଏ । ମୁଁ ଉତ୍ତର ଦେଲି—"ଏହା ବାଦଶାହା ଆଉରଙ୍ଗଜେବଙ୍କର ଜାତକ ।" ଏ କଥା ଶୁଣିଲା ମାତ୍ରେ ସେଠାରେ ଉପସ୍ଥିତ ଥିବା ସମସ୍ତେ ଅତ୍ୟନ୍ତ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇ ପଡ଼ିଲେ । ପଣ୍ଡିତଙ୍କୁ ମୁଁ ନମସ୍କାର କରି ସେଦିନ ତାଙ୍କଠାରୁ ବିଦାୟ ନେଲି । ପରଦିନ ସନ୍ଧ୍ୟାବେଳେ ଫେରି ତାଙ୍କ ବସାକୁ ଯାଇ ଦେଖିଲି ସେ ପଣ୍ଡିତ ଦେବୀ ପୂଜାରେ ବସିଛନ୍ତି । ବହୁସମୟ ଅପେକ୍ଷା କଲାପରେ ତାଙ୍କ ସଙ୍ଗେ ମୋର କଥାବାର୍ତ୍ତା ଚାଲିଲା । ମୁଁ କହିଲି, "ପଣ୍ଡିତଜୀ, ଗୋଟିଏ ଗୁରୁତର ପ୍ରଶ୍ନ ପଚାରିବା ପାଇଁ ମୁଁ ଏଠାକୁ ଆସିଛି । ମୋର ବିଶ୍ୱାସ ଆପଣ ସତ୍ୟ ପ୍ରକାଶ କରିବେ ।" ସେ ପ୍ରଥମେ ଟିକିଏ ବିବ୍ରତ ହେଲାପରି ଜଣାଗଲା । ପରେ ମୃଦୁହାସ୍ୟ କରି ସେ ପଚାରିଲେ, "ଆପଣ ଅସମୟରେ କ'ଣ ପ୍ରଶ୍ନ ପଚାରିବାକୁ ଆସିଛନ୍ତି ?" ମୁଁ କହିଲି, "ଆମ ରାଜ ପରିବାରରେ ଗୋଟିଏ ସଙ୍କଟ ଦେଖା ଦେଇଛି । ରାଜକୁମାରଙ୍କର ଚିକିତ୍ସା ଚାଲିଛି କଲିକତାରେ । ଆପଣ କହିପାରିବେ କି କୁମାରଙ୍କର ବର୍ତ୍ତମାନ ଅବସ୍ଥା କିପରି ଅଛି ? ସେ ବହୁସମୟ ଚକ୍ଷୁ ମୁଦ୍ରିତ କରି ବସିରହିଲେ ଯେପରି କିଛି ଅଦୃଷ୍ଟ ସେ କଳ୍ପନା କରୁଛନ୍ତି । ବହୁକ୍ଷଣପରେ ସେହି ଅବସ୍ଥାରେ ସେ କହିଲେ, "ଆହା ! ଅକାଳରେ ଲତିକାଟି ଶୁଖିଯିବ ।" ଏହାପରେ ଆଉ କିଛି କହିବାକୁ ସେ ମନାକଲେ । ତା' ପରଦିନ ଆମେ ଖବର ପାଇଲୁ କୁମାରଙ୍କର ସ୍ୱର୍ଗାରୋହଣ । ରାଜପରିବାରରେ ଦୁଃଖ ସଞ୍ଚାରିତ ହେଲା । ପାରଳାଖେମୁଣ୍ଡିର ପ୍ରତ୍ୟେକ ଲୋକ କାନ୍ଦି ପକାଇଲେ । ମହାରାଜା କଲିକତାରୁ ଫେବୃୟାରୀ ୯ ତାରିଖଦିନ ଏଠାକୁ ଫେରିଆସିଲେ । ନିନାଙ୍କଠାରୁ ମୁଁ ଶୁଣିଲି ଯେ ମହାରାଜାଙ୍କର ମନରେ ଯେଉଁ ଦାରୁଣ ଆଘାତ ହେଲା ତାହା ଫଳରେ ତାଙ୍କର ମାନସିକ ବିକୃତି ଏତେଦୂର ବଢ଼ିଯାଇଥିଲା ଯେ, ଗାଡ଼ିରେ ଆସିଲାବେଳେ ସେ କେତେବେଳେ ଗାଡ଼ିରୁ ଡେଇଁ ଆତ୍ମହତ୍ୟା କରିବେ ବୋଲି ଆଶଙ୍କା ଜାତ ହେଉଥିଲା । ଏକଥା ଶୁଣି ପାରଳା ମହାରାଜାଙ୍କର ଖ୍ୟାତି, ଯଶ ଓ ଧୈର୍ଯ୍ୟରେ ଏହା ଏକ କଳଙ୍କ ବୋଲି ମୁଁ ଭାବିଲି । ଜଣେ ମହାକବିଙ୍କର ଗୋଟିଏ ଶ୍ଲୋକ ମୋର ମନେ ପଡ଼ୁଛି :—

"ଗଦାଧର ପଦାକୃତିଂ ବହସି ବାନ୍ଧବସ୍ତେ ରବି
ରମା ହୃଦି ସମାଶ୍ରିତା କମଳଭୂ ସ୍ତବୈବାନ୍ୱୟଃ ।
ତଥାପି ହି ବୃଥାଭବ ସରୋଜ ସର୍ବଂ ଯଶୋ—
ଽଲିନାଥ ମଲିନାସୁନା ସହବିନାନ ଯଦ୍ୟାନ୍ତି ତେ ।।"

Digitized by PPRACHIN, SOA

ଅର୍ଥାତ—ହେ ପଦ୍ମ, ତୁମେ ବିଷ୍ଣୁଙ୍କ ଚରଣ ସ୍ୱରୂପ, ସୂର୍ଯ୍ୟଙ୍କର ବନ୍ଧୁ, ଲକ୍ଷ୍ମୀଙ୍କ ଆଳୟ ଏବଂ ବ୍ରହ୍ମାଙ୍କର ଜନ୍ମଦାତା; ତଥାପି ଭ୍ରମର ପରି ଏକ ନିତାନ୍ତ ମଳିନ ଜୀବର ସଙ୍ଗେ ସହବାସ ହେତୁ ତୁମର ସମସ୍ତ ଯଶ କଳଙ୍କିତ ହୋଇଯାଇଛି ।

ମହାତ୍ମାଙ୍କର ଚରିତ ସମ୍ବନ୍ଧେ ଭର୍ତ୍ତୃହରି ଲେଖିଛନ୍ତି :—

"ବିପଦି ଧୈର୍ଯ୍ୟ ମଥାଭ୍ୟୁଦୟେ କ୍ଷମା
ସଦସି ବାକ୍‌ପଟୁତା ଯୁଧିବିକ୍ରମଃ ।
ଯଶସି ଚାଭିରତି ର୍ବ୍ୟସନଂ ଶ୍ରୁତୌ
ପ୍ରକୃତିସିଦ୍ଧମିଦଂ ହି ମହାତ୍ମନାମ୍ ।"

ମହାରାଜାଙ୍କ ଅନ୍ୟ ସମସ୍ତ ସୁଗୁଣ ଥିଲାବେଳେ ଏହି ବିପଦରେ ସେ ଧୈର୍ଯ୍ୟ ହରାଇଥିଲେ । ଜନାଙ୍କଠାରୁ ମୁଁ ଆହୁରି ମଧ୍ୟ ଶୁଣିପାରିଲି କଲିକତାର ଯେଉଁ ଦୋତାଲା ଘରେ ରାଜକୁମାରୀଙ୍କ ମୃତ୍ୟୁ ମଧ୍ୟରାତ୍ରିରେ ହୋଇଥିଲା ସେତେବେଳେ ରାଜା ଅନ୍ୟ କୋଠରୀରେ ଅର୍ଦ୍ଧ ମୂର୍ଚ୍ଛିତ ଭାବେ ସୋଫାରେ ପଡ଼ିଥାନ୍ତି । କେତେକ ଚୋର ପାଣି ପାଇପ ଖମ୍ବ ସାହାଯ୍ୟରେ ଉପରକୁ ଉଠି ମୃତ ଜେମାଙ୍କ ଦେହରେ ଥିବା ରତ୍ନ ଅଳଙ୍କାରଗୁଡ଼ିକ ଚୋରି କରିଥିଲେ । ସେଥିର ମୂଲ୍ୟ ଅନ୍ୟୂନ ୫୦ ହଜାର ।

ଉପରେ ମୁଁ ଲେଖିଛି ଏ ବର୍ଷଟି ସାହିତ୍ୟ ଏବଂ ଐତିହାସିକ ଗବେଷଣା କାର୍ଯ୍ୟରେ ଅତିବାହିତ କରିବି । କିନ୍ତୁ ଏଠାରେ ସେପରି କିଛି ବଡ଼ ଲାଇବ୍ରେରୀ ନ ଥିବାରୁ ମୋର ଅଧ୍ୟୟନ ପାଇଁ କେତେଗୁଡ଼ିଏ ମୂଲ୍ୟବାନ ଗ୍ରନ୍ଥ କିଣି ନିଜର ଗୋଟିଏ Home Library (ହୋମ ଲାଇବ୍ରେରୀ) କରିବାକୁ ଠିକ୍ କଲି । ଏଥି ପାଇଁ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼ିବ । ମୋର ଅନ୍ୟ କିଛି ସେପରି ସମ୍ବଳ ନାହିଁ ଯାହାକି ଏ କାର୍ଯ୍ୟରେ ମୁଁ ଲଗାଇ ପାରିବି । ତେଣୁ ବହୁ ଚିନ୍ତା ପରେ ମୁଁ ସ୍ଥିର କଲି ଯେ ୧୯୩୩ ମସିହାରେ ବଡ଼ଖେମୁଣ୍ଡିରୁ ଯେଉଁ ୯ ଗୋଟି ତାମ୍ର ଶାସନ ଗ୍ରନ୍ଥ ସଂଗ୍ରହ କରି ତାହା ନିଜେ ରିସର୍ଚ୍ଚ ଜର୍ଣ୍ଣାଲମାନଙ୍କରେ ପ୍ରକାଶ କରିବାକୁ ରଖିଛି ସେଗୁଡ଼ିକ ଯଦି କଲିକତା ମ୍ୟୁଜିୟମକୁ ବିକ୍ରି କରିଦିଏ ତା'ହେଲେ ହୁଏତ କିଛି ଅର୍ଥ ସଂଗୃହୀତ ହୋଇ ପାରିବ, ଯାହା ବଳରେ ମୁଁ ଗୋଟିଏ ଗବେଷଣାତ୍ମକ ଲାଇବ୍ରେରୀ ପାଇଁ କିଛି ପୁସ୍ତକ କ୍ରୟ କରି ପାରିବି । ଅଗଷ୍ଟ ମାସ ୨ ତାରିଖରେ ୧୯୩୫ ସାଲରେ ସେହି ତାମ୍ର ଶାସନର ଛପା-ଗୁଡ଼ିକ କଲିକତା ମ୍ୟୁଜିୟମକୁ ପଠାଇବାରୁ ସେଠାରୁ ମୋର ପୂର୍ବ ପରିଚିତ ବନ୍ଧୁ ଏବଂ କଲିକତା ମ୍ୟୁଜିୟମର ଅଧ୍ୟକ୍ଷ ଟି. ରାମଚନ୍ଦ୍ରନ ଆଗ୍ରହ ପ୍ରକାଶ କରି ସେଗୁଡ଼ିକ କ୍ରୟ କରିବାକୁ ଏବଂ ମୋ ପାଇଁ କେତୋଟି ମୂଲ୍ୟବାନ ଗ୍ରନ୍ଥ ଖରିଦ କରିବାକୁ ପ୍ରତିଶ୍ରୁତି ଦେଲେ । ଏପ୍ରିଲ ମାସରେ ମୋର ସେ ବାବଦକୁ ୪୩୨୦ର ଗୋଟିଏ ଚେକ୍ ମଧ୍ୟ ପାଇଲି ଏବଂ ସେଥି ସାହାଯ୍ୟରେ କେତୋଟି ଆବଶ୍ୟକୀୟ ଗ୍ରନ୍ଥ କ୍ରୟ କଲି । ମୋର

Digitized by PPRACHIN, SOA

ବନ୍ଧୁ ମୟୂରଭଞ୍ଜର ପ୍ରତ୍ନତତ୍ତ୍ୱ ବିଭାଗର ପ୍ରତ୍ନତାତ୍ତ୍ୱିକ ପରମାନନ୍ଦ ଆଚାର୍ଯ୍ୟ ମୋତେ 'The Indian Palaeography' ନାମକ ଗୋଟିଏ ମୂଲ୍ୟବାନ ଗ୍ରନ୍ଥ ଉପହାର ଦେଇଥିଲେ । ଏହି ଗ୍ରନ୍ଥ ସାହାଯ୍ୟରେ ହିଁ ଅଭିଲେଖ ପାଠରେ ମୁଁ ବିଶେଷ ଆଗେଇ ପାରିଥିଲି । ତେଣୁ ବଡ଼କୋମୁଣ୍ଡିରୁ ପ୍ରାପ୍ତ ଜୟବର୍ମ ଦେବଙ୍କର ଗୋଟିଏ ତାମ୍ର ଶାସନ ମୟୂରଭଞ୍ଜ ମ୍ୟୁଜିୟମ ସକାଶେ ପଠାଇଦେଲି । ଏହି ତାମ୍ର ଶାସନଟି ଓଡ଼ିଶା ଇତିହାସରେ ଗୋଟିଏ ମୂଲ୍ୟବାନ ତଥ୍ୟ ପ୍ରକାଶ କରୁଥିବାରୁ ତାହା ମୁଁ ନିଜେ ପ୍ରକାଶ କରିବା ପାଇଁ ରଖିଥାଏ; ପୁଣି ସେଥିର ପାଠୋଦ୍ଧାର ସଙ୍ଗେ ଅନ୍ୟାନ୍ୟ ଐତିହାସିକ ବିବରଣୀ ସଂଗ୍ରହ କରିବାରେ ଲାଗିଥାଏ । କିନ୍ତୁ ଗ୍ରନ୍ଥ ସଂଗ୍ରହ ପାଇଁ ଅର୍ଥାଭାବ ମୋତେ ସେ ସବୁ ଅଭିଲେଖଗୁଡ଼ିକ ପ୍ରକାଶ କରିବା ସୁଯୋଗରୁ ବଞ୍ଚିତ କଲା । ଏଠାରେ ପ୍ରକାଶ କରିବା ଆବଶ୍ୟକ ଯେ ପଣ୍ଡିତ ବିନାୟକ ମିଶ୍ର ସେତେବେଳେ କଲିକତା ୟୁନିଭରସିଟି ପକ୍ଷରୁ ଓଡ଼ିଆ ଅଧ୍ୟାପକ ରୂପେ ନିଯୁକ୍ତ ହୋଇ ମୟୂରଭଞ୍ଜ ମହାରାଜାଙ୍କ ଆନୁକୂଲ୍ୟରେ ଏବଂ ପରମାନନ୍ଦ ଆଚାର୍ଯ୍ୟଙ୍କ ଉତ୍ସାହରେ ଐତିହାସିକ ଗବେଷଣା କାର୍ଯ୍ୟରେ ଲାଗିଥାନ୍ତି । ଜୟବର୍ମ ଦେବଙ୍କର ଯେଉଁ ତାମ୍ରଶାସନଟି ଶ୍ରୀ ଆଚାର୍ଯ୍ୟଙ୍କଠାକୁ ପଠାଇଥିଲି ତାହା ପଣ୍ଡିତ ବିନାୟକ ମିଶ୍ରଙ୍କ ଦ୍ୱାରା Indian Historical Quarterly, (Vol. XII PP. 489-934 ) ନାମକ ଗବେଷଣା ପତ୍ରିକାରେ ପ୍ରକାଶ ପାଇଲା; କିନ୍ତୁ ସେଥିରେ ଯେଉଁ ଟିକା ଟିପ୍ପଣୀ ସେ ଦେଇଥିଲେ ତାହା ନିର୍ଭୁଲ ବୋଲି ମୁଁ ସ୍ୱୀକାର କରି ପାରିଲି ନାହିଁ । ତେଣୁ ମୋ ମନରେ ଘୋର ଦୁଃଖ ହେଲା । ତାହା ପରେ ପରମାନନ୍ଦ ବାବୁଙ୍କୁ ଜଣାଇଥିଲି । ସେ ମୋତେ ଥରେ ଉପଦେଶ ଦେଇଥିଲେ ଅର୍ଥାଭାବ ଗବେଷଣା କାର୍ଯ୍ୟର ଅନୁକୂଳ ନୁହେଁ । * ଯିଏ ପ୍ରକୃତ ଗବେଷକ ସେ ତାର ଗୃହର ଅନ୍ୟାନ୍ୟ ଚନ୍ତାରୁ ନିବୃତ ରହି ନିଷ୍ଠାପର ଭାବେ ଯୋଗୀମାନେ ସାଧନା କଲାପରି ସବୁ ବିଷୟ ଗୁଡ଼ି ଗବେଷଣା କାର୍ଯ୍ୟରେ ମନ ଦେବାକୁ ପଡ଼ିବ । ଓଡ଼ିଶାରେ ମୟୂରଭଞ୍ଜ ବ୍ୟତୀତ ଏପରି ସୁବିଧା ଅନ୍ୟତ୍ର ପାଇବା ଦୁର୍ଲଭ । ତେଣୁ ସେ ମୋତେ ପରାମର୍ଶ ଦେଇ-ଥିଲେ ମୁଁ ଯେପରି ସେଠାରେ ରହି ତାଙ୍କ ସଙ୍ଗେ ଗବେଷଣା କାର୍ଯ୍ୟରେ ନିଯୁକ୍ତ ହୁଏ । କିନ୍ତୁ ମୋର ଜୀବନର ଲକ୍ଷ୍ୟ ସେତେବେଳେ କେବଳ ଗବେଷଣା ପାଇଁ ଉଦ୍ଦିଷ୍ଟ ନ ଥିଲା । ରାଜନୀତିକ ବ୍ୟାପାରରେ ମଧ୍ୟ ମୁଁ ପୂର୍ଣ୍ଣପ୍ରାଣରେ ଯୋଗ ଦେଉଥାଏ । ସେ ମୋହ, ଉତ୍ତେଜନା ଏବଂ ଉଦ୍ୟମରେ ଜଳାଞ୍ଜଳି ଦେଇ ସୁଦୂର ମୟୂରଭଞ୍ଜରେ ଏକମାତ୍ର ଐତିହାସିକ ଗବେଷଣା କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିବା ତତ୍କାଳୀନ ଅବସ୍ଥାରେ ମୋ

* ତାଙ୍କ ସେହି ଉପଦେଶରୁ ମୋର ଆଜି ଗୋଟିଏ ନୀତି ବାକ୍ୟ ମନେ ପଡ଼ୁଛି—
"ଯସ୍ୟାସ୍ତି ବିତ୍ତଂ ସ ନରଃ କୁଳୀନଃ, ସ ପଣ୍ଡିତଃ ସଶ୍ରୁତବାନ୍ ଗୁଣଜ୍ଞଃ ।
ସ ଏବ ବକ୍ତା ସ ଚ ଦର୍ଶନୀୟଂ, ସର୍ବେଗୁଣାଃ କାଞ୍ଚନମାଶ୍ରୟନ୍ତି ।"

Digitized by PPRACHIN, SOA

ପକ୍ଷରେ ସମ୍ଭବ ହେଲା ନାହିଁ । କିନ୍ତୁ ପରମାନନ୍ଦ ବାବୁଙ୍କ ସେହି ଉପଦେଶଟି ମୋ ମନରେ ଏପରି ଗୋଟିଏ ଛାପ ଦେଇଥିଲା, ଯାହାକି ମୁଁ ବହୁକାଳ ପର୍ଯ୍ୟନ୍ତ ବିସ୍ମୃତ ହୋଇ ପାରିଲି ନାହିଁ । ଦୀର୍ଘକାଳ ଘଟଣାବଳୀର ଆବର୍ତ୍ତ ଭିତରେ ପଡ଼ି ମୁଁ ସ୍ପଷ୍ଟ ବୁଝି ପାରିଲି ଓଡ଼ିଶାରେ ବାସ୍ତବତଃ ଗବେଷକ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇ ପାରି ନାହିଁ । ତେଣୁ ମୁଁ ଗୋଟିଏ ସ୍ୱତନ୍ତ୍ର ପ୍ରବନ୍ଧ ଲେଖି "ଗବେଷଣା" ନାମରେ ତାହା ଓଡ଼ିଆ ସାହିତ୍ୟ ଏକାଡେ଼ମୀ ପକ୍ଷରୁ ପ୍ରକାଶିତ "କୋଣାର୍କ" ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲି । * ସେହି ପତ୍ରିକାଟି ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବିଭାଗ ଆନୁକୂଲ୍ୟରେ ପ୍ରକାଶ ପାଉଥିବାରୁ ମୁଁ ମନେ କରିଥିଲି ଯେ ସାଂସ୍କୃତିକ ବିଭାଗ ଏଥିରୁ କିଛି ସୂଚନା ନିଶ୍ଚୟ ପାଇ ପାରିବେ । କିନ୍ତୁ କାର୍ଯ୍ୟରେ ତାହା ଏ ପର୍ଯ୍ୟନ୍ତ ଆଦୌ ପ୍ରକାଶ ପାଇଲା ନାହିଁ । ସାଂସ୍କୃତିକ ବିଭାଗର ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କର୍ମଚାରୀମାନଙ୍କ ପର୍ଯ୍ୟନ୍ତ କେହିହେଲେ ଏ ବିଷୟଟି ନିଷ୍ଠାପର ଭାବେ ଚିନ୍ତା କରିଛନ୍ତି ବୋଲି ମୋର ହୃଦ୍‌ବୋଧ ହୋଇ ନାହିଁ । ଯେ କୌଣସି ଦେଶର ଅଭ୍ୟୁତ୍ଥାନ ମୂଳରେ ଗବେଷଣା ଏବଂ ଯୋଜନା ମୁଖ୍ୟ ଅଂଶ ଗ୍ରହଣ କରିଥାଏ । କିନ୍ତୁ ଓଡ଼ିଶା ପରି ଗୋଟିଏ ଦୁଃସ୍ଥ ପ୍ରଦେଶରେ ତାହା ସମ୍ଭବ ନ ହେବାରୁ ଅଦ୍ୟାବଧି ପୃଥିବୀର ଜ୍ଞାନ କ୍ଷେତ୍ରରେ କିମ୍ବା ଅନ୍ତତଃ ଭାରତୀୟ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର କେହି ହେଲେ ବୈଶିଷ୍ଟ୍ୟ ଲାଭ କରିଥିବା ଜଣାଯାଏ ନାହିଁ । ମୋର ମନେହୁଏ ଜଣେ ମାତ୍ର ଡଃ ପରିଜାଙ୍କୁ ଛାଡ଼ିଦେଲେ ସେପରି ସ୍ୱନାମଧନ୍ୟ ଗବେଷକ ଓଡ଼ିଶାରେ ଜନ୍ମ ଲାଭ କରି ନାହାନ୍ତି । ଡଃ ପରିଜାଙ୍କର ଗବେଷଣା ପାଇଁ ମଧ୍ୟ ଓଡ଼ିଶାରୁ ସେ ଉତ୍ସାହ ପାଇ ନ ଥିଲେ ।

ସେ ବର୍ଷ ଫେବୃୟାରୀ ୨୩ ତାରିଖ ଦିନ ଡଃ ରାଧାଚରଣ ପଣ୍ଡା ଆମ ଗୃହକୁ ଆସି ମୋତେ ପ୍ରସ୍ତାବ କଲେ, ମୋର "ଓଡ଼ିଶାରେ ବୌଦ୍ଧଧର୍ମର ପ୍ରାଧାନ୍ୟ" ପ୍ରବନ୍ଧଟି ପୁସ୍ତକାକାରରେ ଛପାଇବା ଆବଶ୍ୟକ । ଏଠାରେ କହି ରଖିବା ଉଚିତ ଯେ ସେ ପ୍ରବନ୍ଧଟି ଲେଖି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମୁଁ ଗୋଟିଏ ପୁରସ୍କାର ପାଇଥିଲି । ତା'ପରେ ଉତ୍କଳ ସାହିତ୍ୟ ପତ୍ରିକାର ସଂପାଦକ ବିଶ୍ୱନାଥ କରଙ୍କର ଅନୁରୋଧ କ୍ରମେ ଧାରାବାହିକ ରୂପେ ତାହା ତାଙ୍କର ସମ୍ପାଦିତ "ଉତ୍କଳ ସାହିତ୍ୟ"ରେ ପ୍ରକାଶିତ ହୋଇଥିଲା । ଡଃ ପଣ୍ଡାଙ୍କର ପ୍ରସ୍ତାବରେ ମୁଁ ବିସ୍ମୟ ପ୍ରକାଶ କରି କହିଲି ଏହି ପୁସ୍ତକଟି ପ୍ରକାଶ କରିବା ପାଇଁ ମୁଁ ସମ୍ବଳ ପାଇବି କେଉଁଠାରୁ ? ପୁଣି ଏଥିର ବିକ୍ରୟ ଓଡ଼ିଶାରେ ହେବା ସମ୍ଭବ କି ? ଏଥିରେ ସେ ଦୁଃଖ ପ୍ରକାଶ କରିଥିଲେ ଏବଂ ପାରଳାଖେମୁଣ୍ଡି ମହାରାଜାଙ୍କୁ କହି ତାଙ୍କଠାରୁ ସାହାଯ୍ୟ ମାଗିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ଅବଶ୍ୟ ମହାରାଜାଙ୍କ

---

* "କୋଣାର୍କ" ଦ୍ୱିତୀୟ ବର୍ଷ, ୩ୟ ଓ ୪ର୍ଥ ସଂଖ୍ୟା (୧୯୬୦), ପୃ ୩୫—୩୭ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଠାରେ ଏହି କଥା ପ୍ରକାଶ କରିଥିଲେ ସେ ହୁଏତ ପୁସ୍ତକଟି ଛପାଇ ଦେଇଥାନ୍ତେ । କିନ୍ତୁ ମୋର ବିବେକ ଏଥିପାଇଁ ଘୋର ପ୍ରତିବନ୍ଧକ ସୃଷ୍ଟି କଲା । ମୁଁ ମନେ କଲି କାହିଁକି ମୁଁ ଭିକ୍ଷା ମାଗିବାକୁ ଯିବି, ଯେଉଁଥିରେ ଓଡ଼ିଶାର ଶିକ୍ଷିତ ସଂପ୍ରଦାୟ ଆଗ୍ରହୀ ନୁହନ୍ତି ? ବାଣୀଙ୍କର ସେବା ନିମନ୍ତେ ଲକ୍ଷ୍ମୀଙ୍କର ଶରଣାପନ୍ନ ହେବା ଆଦୌ ଉଚିତ ନୁହେଁ ।

ସେ ବର୍ଷ ମାର୍ଚ୍ଚ ଶେଷ ଆଡ଼କୁ ଆନ୍ଧ୍ର ୟୁନିଭରସିଟି ପକ୍ଷରୁ ଓରିଏଣ୍ଟାଲ ପରୀକ୍ଷାର ଶେଷବର୍ଷ ମୁଁ ସମ୍ପୂର୍ଣ୍ଣ କରିଥିଲି । ଏଥିପାଇଁ ବିନ୍ଧୁତ କିଛି ବହି ପଢିବାକୁ ମୋର ସମୟ ଓ ସୁବିଧା ହେଉ ନ ଥାଏ । ତଥାପି ପରୀକ୍ଷା ଦେବାକୁ ସ୍ଥିର ହେବି । ମୋର ମନେପଡୁଛି ସଂସ୍କୃତ ପାଠ ପାଇଁ ଯେତେସବୁ ପାଠ୍ୟପୁସ୍ତକ ୟୁନିଭରସିଟି ପକ୍ଷରୁ ନିର୍ଦ୍ଦେଶ କରାଯାଇଥିଲା ସେ ସମସ୍ତ ପଢ଼ିବା ତ ଦୂରର କଥା ସେଥିର ଅନୁକ୍ରମଣିକା ମଧ୍ୟ ଶେଷ କରିବାକୁ ମୋର ସମୟ ନଥିଲା । ତଥାପି ସେହି ପୁସ୍ତକମାନଙ୍କ ମଧ୍ୟରୁ "ଆଶ୍ଚର୍ଯ୍ୟ ଚୂଡ଼ାମଣି" ନାମକ ଗୋଟିଏ ସଂସ୍କୃତ ନାଟକ, ଯାହାକି ମାନ୍ଦ୍ରାଜର କୌଣସି ପ୍ରକାଶକ କମ୍ପାନୀଠାରୁ ମଗାଇଥିଲି ତାହା ପରୀକ୍ଷାର ଠିକ୍ ପୂର୍ବଦିନ ବୁକ୍‌ପୋଷ୍ଟରେ ପାଇବାରୁ ସେଥିର ମୁଖବନ୍ଧ (ଇଂରାଜୀରେ ଲିଖିତ) ମାତ୍ର ପରୀକ୍ଷା ଦିନ ସକାଳୁ ପଢ଼ି ଶେଷ କରିଥିଲି । ଆଶ୍ଚର୍ଯ୍ୟର କଥା ପ୍ରଶ୍ନ ପତ୍ରରୁ ଦୁଇଟି ପ୍ରଶ୍ନ ସେହି ମୁଖବନ୍ଧ ସମ୍ପର୍କିତ କବିଙ୍କର ଐତିହାସିକ ବିଷୟରୁ ପଡ଼ିଥିଲା । ସଦ୍ୟ ପଢ଼ି ଯାଇଥିବା ବିଷୟ ଲେଖିବା ମୋ ପକ୍ଷରେ ସୁବିଧା ହେଲା । ମନେ ମନେ ମୁଁ ଚିନ୍ତା କଲି ହୁଏତ ପରୀକ୍ଷକ ନିଜେ ପୁସ୍ତକର ବିଷୟବସ୍ତୁ ନ ପଢ଼ି କେବଳ ମୁଖବନ୍ଧଟି ପାଠ କରିସାରି ପ୍ରଶ୍ନ ଦେଇଛନ୍ତି । ତେଣୁ ପରୀକ୍ଷକ ଓ ପରୀକ୍ଷାର୍ଥୀଙ୍କର ପରିଶ୍ରମକାତରତା ଏଥିରୁ ସ୍ପଷ୍ଟ ଉପଲବ୍ଧ ହୁଏ । ସମ୍ଭବତଃ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ପ୍ରଶ୍ନ ପ୍ରସ୍ତୁତକାରୀ ଅଧ୍ୟାପକମାନେ ଅଧିକାଂଶ କ୍ଷେତ୍ରରେ ଏପରି ସୁଲଭ ଓ ସହଜ ବ୍ୟବସ୍ଥା ଯେ ଗ୍ରହଣ କରୁ ନଥିବେ ତାହା କିଏ କହିବ ? ଅଥଚ ଏହି କାର୍ଯ୍ୟ ପାଇଁ ସେମାନେ ବିଶ୍ୱବିଦ୍ୟାଳୟମାନଙ୍କରୁ ପ୍ରଚୁର ପରିମାଣରେ ପାରିଶ୍ରମିକ ପାଇଥାନ୍ତି ।

ମୁଁ ଯେତେବେଳେ ଓରିଏଣ୍ଟାଲ ପରୀକ୍ଷା ପାଇଁ ଲାଗିଥାଏ, ସେତେବେଳେ ମହାରାଜାଙ୍କଠାରୁ ସମ୍ବାଦ ପାଇ ମୋର ପିତା ପୁରୀ ଯାତ୍ରା କରିଥାନ୍ତି । କାରଣ ସେଠାର ଗଜପତି ରାଜା ରାମଚନ୍ଦ୍ର ଦେବଙ୍କର ସଙ୍ଗେ କିଛି ପରାମର୍ଶ କରି ପାରିଲା ମହାରାଜାଙ୍କ ପୁରୀଯାତ୍ରା ଏବଂ ଶ୍ରୀ ଜଗନ୍ନାଥଙ୍କର ଦର୍ଶନବେଳେ ତାଙ୍କପ୍ରତି ବଂଶଗତ ସମ୍ମାନ ପ୍ରଦର୍ଶନ ପ୍ରଭୃତି ବିଷୟ ସେ ତାଙ୍କୁ ପଚାରି ଠିକ୍ କରିବେ । ମହାରାଜାଙ୍କର ରାଣୀମା କୁଆଡ଼େ ସହଣିକ କହିଥିଲେ ଯେ, ତାଙ୍କ ପୁତ୍ର ମହାରାଜାଙ୍କର ମାନସିକ ବିକୃତି ଭଲ ହୋଇଗଲେ, ସେ କୁଳଦେବତା ଶ୍ରୀ ଜଗନ୍ନାଥଙ୍କର ଦର୍ଶନ କରି ଫେରିବେ । ଏଠାରେ କହିରଖିବା ଆବଶ୍ୟକ ଯେ ମହାରାଜାଙ୍କ ସ୍ୱର୍ଗତ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ

Digitized by PPRACHIN, SOA

ଦେବ ତେଲଙ୍ଗ ଇଷ୍ଟେଟ ନିଲାମରେ ଖରିଦ କରିବା ଅବଧି ପୁରୀ ଗଜପତିଙ୍କର ସଙ୍ଗେ ତାଙ୍କର ମନୋମାଳିନ୍ୟ ହୋଇଥିଲା । ତେଣୁ ପାରଳାର ଗଜପତି ରାଜାଙ୍କୁ ପୁରୀର ଶ୍ରୀ ମନ୍ଦିରରେ ପୂର୍ବ ପ୍ରଚଳିତ ପ୍ରଥାନୁସାରେ ଜ୍ୟେଷ୍ଠ ଭ୍ରାତାରୂପେ ସେ ଯେଉଁ ମର୍ଯ୍ୟାଦା ଦେବାକଥା ତାହା ବନ୍ଦ ହୋଇ ଯାଇଥିଲା । ଫଳରେ ବହୁକାଳରୁ ପାରଳାର କେହି ରାଜ ପରିବାର ବ୍ୟକ୍ତି ପୁରୀ ଯାଉ ନଥିଲେ । ଏଣୁ ସେହି ପ୍ରତିବନ୍ଧକ ଦୂର କରିବାକୁ ମୋର ପିତା ରାଜା ରାମଚନ୍ଦ୍ର ଦେବଙ୍କ ସଙ୍ଗେ ଆଲାପ କରି ଏଥିର ସମାଧାନ ପାଇଁ ପୁରୀ ଯାତ୍ରା କରିଥିଲେ । ତେଣୁ ମହାରାଜାଙ୍କର ଦୈନନ୍ଦିନ ଦେବାର୍ଚ୍ଚନ ବିଧି ଚଳାଇବା ଭାର ମୋ ଉପରେ ପଡ଼ିଲା । କିନ୍ତୁ ପରୀକ୍ଷା ଦେବା କାମ ସଙ୍ଗେ ଏ ସବୁ କାର୍ଯ୍ୟ କରିବାକୁ ମୋର ବେଳ ନ ଥାଏ । ତେଣୁ ମହାରାଜାଙ୍କୁ କହି ମୁଁ କିଛିଦିନ ପାଇଁ ଆମର ପ୍ରତିନିଧି ଶ୍ୟାମସୁନ୍ଦର ପାଢ଼ୀଙ୍କୁ ସେହି କାର୍ଯ୍ୟ ଚଳାଇବାକୁ ନିଯୁକ୍ତ କଲି । ମହାରାଜା ମୋର ପରୀକ୍ଷା କଥା ଶୁଣି କହିଲେ, ତୁମର ଏ ବୟସରେ ପଢ଼ାପଢ଼ି କରିବା ପୁଣି ପରୀକ୍ଷା ହଲରେ ଯାଇ ବସିବା ଅବଶ୍ୟ କଷ୍ଟ ହେଉଥିବ । କାହିଁକି ତୁମେ ଏ ପରୀକ୍ଷା ଦେବାକୁ ମନକଲ ? ମୁଁ କହିଲି—"ମହାରାଜା ! ବହୁଦିନରୁ ମୋର ଗୋଟିଏ ଅଭିଳାଷ ଥାଏ କୌଣସି ଏକ ବିଶ୍ୱବିଦ୍ୟାଳୟର ଡିଗ୍ରୀ ମୁଁ ହାସଲ କରିବି । କିନ୍ତୁ କଲେଜ ମାଧ୍ୟମରେ ତାହା ସମ୍ଭବ ହେଲନାହିଁ । ଘଟଣାଚକ୍ରରେ ପଡ଼ି ମୁଁ ଜୀବନକୁ ବିକ୍ଷିପ୍ତଭାବେ ଉତ୍ସର୍ଗ କରିଦେଲି । ଏବେ ୫ ବର୍ଷ ପୂର୍ବେ ମୋର ଗୁରୁସ୍ଥାନୀୟ ସଂସ୍କୃତ କଲେଜ ପ୍ରିନ୍ସିପାଲ ମଧୁସୂଦନ ମହାପାତ୍ରଙ୍କଠାରୁ ଉତ୍ସାହ ପାଇ ଏ ପରୀକ୍ଷା ଦେବାକୁ ସାହସ କରିଛି । ଲକ୍ଷ୍ମୀ ନାରାୟଣ ସାହୁଙ୍କ ପରି ୪୦।୫୦ ବର୍ଷ ବୟସର ଜଣେ ବୃଦ୍ଧ ଯଦି ପରୀକ୍ଷା ହଲରେ ବସିବାକୁ ଲଜ୍ଜିତ ନୁହନ୍ତି, ତେବେ ତାଙ୍କର ଆଦର୍ଶରେ ମୁଁ ବା କାହିଁକି ଏଥିରେ ଶଙ୍କା କରିବି ? ମହାରାଜା ହସି ହସି କହିଲେ ହଉ ତୁମେ ନିଶ୍ଚୟ ପରୀକ୍ଷାରେ ଯଶସ୍ୱୀ ହୋଇ ତୁମର ରାଜଗୁରୁ ବଂଶର ସମ୍ମାନ ରକ୍ଷାକର ।

ପୁରୀରୁ ମୋର ପିତା ଫେରିଲା ପରେ ଏପ୍ରିଲ ୧୦ ତାରିଖଦିନ ମହାରାଜା ତାଙ୍କ ସଙ୍ଗେ ମଟରକାରରେ ପୁରୀ ଯାତ୍ରାକଲେ । ପ୍ରାୟ ୬୦ ବର୍ଷ ପରେ ପାରଳାଖେମୁଣ୍ଡିର ଜଣେ ରାଜା ପୁରୀ ଯାତ୍ରା କରିବା ଏଇ ପ୍ରଥମ । ତାଙ୍କୁ ସେଠାରେ ପୁରୀର ଗଜପତି ରାଜା ରାମଚନ୍ଦ୍ର ଦେବ ଯେଉଁ ସମ୍ମାନ ପ୍ରଦର୍ଶନ କରିଥିଲେ ହୁଏତ ନେପାଳ ରାଜାଙ୍କ ବ୍ୟତୀତ ଅନ୍ୟ କେହି ସେ ସମ୍ମାନ ପାଇ ନଥିବେ ।

କଠୋର ମାନସିକ ପରିଶ୍ରମ ଓ ବିଭିନ୍ନ ପରିସ୍ଥିତି ମଧ୍ୟରେ ପଡ଼ି ମୋର ସ୍ୱାସ୍ଥ୍ୟ ଏକାବେଳକେ ଭାଙ୍ଗି ପଡ଼ିଲା । ମାନସିକ ଦୁର୍ବଳତା କ୍ରମେ ମୋର ସ୍ନାୟବିକ ଦୁର୍ବଳତାରେ ପରିଣତ ହେଲା । ସେଇ ଦୁରାରୋଗ୍ୟ ସ୍ନାୟୁଦୁର୍ବଳତା ହେତୁ ମୁଁ ଭଲ ଭାବରେ ଶୋଇ ପାରୁ ନଥିଲି କିମ୍ବା କୌଣସି ମାନସିକ କାର୍ଯ୍ୟ କରିବା ମୋ ପକ୍ଷରେ

Digitized by PPRACHIN, SOA

ସମ୍ଭବ ହେଉ ନଥିଲା । ଏଣୁ ଏଥିର ଉପଯୁକ୍ତ ଚିକିତ୍ସା ପାଇଁ ସେ ବର୍ଷ ଏପ୍ରିଲ ୨୭ ତାରିଖରେ ମୁଁ ବିଶାଖାପାଟଣା ଯାତ୍ରା କଲି । ସେଠାରେ ମୋର ଖୁଡ଼ୁତାଙ୍କର ଡ. ବଳଭଦ୍ର ମିଶ୍ର ଜିଲ୍ଲା ହେଲ୍ଥ ଅଫିସର ରୂପେ ନିଯୁକ୍ତ ହୋଇଥାନ୍ତି । ତାଙ୍କର ବସା ଓ୍ୱାଲଟିୟରର ସମୁଦ୍ର କୂଳରେ କିଙ୍ଗ୍ ଜର୍ଜ ହସ୍ପିଟାଲର ନିକଟରେ ଥାଏ । ସେଠାରେ ରହି ସେହି ହସ୍ପିଟାଲର ପ୍ରଧାନ ଅଧ୍ୟକ୍ଷ ଓ ଚିକିତ୍ସକ ଡ. ରାମଶଙ୍କର ଅଧୀନରେ ମୋର ସ୍ୱାସ୍ଥ୍ୟ ପରୀକ୍ଷା କରାଇଲି । ଏଥିପାଇଁ ଦୁଇଦିନ ମୋତେ ହସ୍ପିଟାଲର ଗୋଟିଏ ବେଡ଼ରେ ରହିବାକୁ ପଡ଼ିଲା । ମୋର ଶାରୀରିକ ପରୀକ୍ଷା ଶେଷ କରିସାରି ଡ. ରାମଣ କହିଲେ ଯେ ତୁମର କେବଳ ମାନସିକ ପରିଶ୍ରମ ହେତୁ ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇଯାଇଛି । ତେଣୁ ନିୟମିତ ରୂପେ କ୍ରମେ ଇଷ୍ଟର୍ଣ୍ଣ ସିରପ୍ ସେବନ କରି କିଛିକାଳ ପୂର୍ଣ୍ଣ ବିଶ୍ରାମ ନିଅ । ମୁଁ ବିଶାଖାପାଟଣାରେ ରହିଥାଏ । ସେ ବର୍ଷ ଗ୍ରୀଷ୍ମ ପ୍ରବାହ ଅତ୍ୟନ୍ତ ପ୍ରଖର ଥିବାରୁ ସେଠାରେ ପ୍ରାୟ ୨ ସପ୍ତାହ ରହି ମେ ୭ ତାରିଖରେ ଘରକୁ ଫେରିଲି ।

ମୋର ପ୍ରିୟ ବନ୍ଧୁ, ବ୍ରହ୍ମପୁରସ୍ଥିତ ମହୁରୀର ସ୍ୱର୍ଗତ ଯୁବରାଜ କୃପାସିନ୍ଧୁ ନରେନ୍ଦ୍ର ଦେବ "ନବୀନ" ନାମକ ଗୋଟିଏ ସାହିତ୍ୟ ପତ୍ରିକା ପ୍ରକାଶ କରୁଥାନ୍ତି । ସେ ମୋତେ ବାରମ୍ବାର ଅନୁରୋଧ କରିଥିଲେ ଯେପରି ମୁଁ ପ୍ରବନ୍ଧମାନ ଲେଖି ତାଙ୍କ ପତ୍ରିକାକୁ ଯୋଗାଇ ଦିଏ । ୨୨ ତାରିଖ ଜୁନ ମାସରେ ତାଙ୍କଠାରୁ ଗୋଟିଏ ପତ୍ର ପାଇ ମୁଁ ଐତିହାସିକ ଅନୁଶୀଳନ ସକାଶେ ଆସିକା ଯାତ୍ରା କଲି । ସେଠାରେ ସ୍ୱର୍ଗତ ଚନ୍ଦ୍ରଶେଖର ବ୍ରହ୍ମାଙ୍କ * ସଙ୍ଗେ ମୋର ସାକ୍ଷାତ ହେଲା । ସେ ଜଣେ ନୈଷ୍ଠିକ ବ୍ରାହ୍ମଣ, ପଣ୍ଡିତ ଏବଂ ଆମ ପରିବାର ପ୍ରତି ତାଙ୍କର ବିଶେଷ ମମତା ଥାଏ । ସେ ମୋତେ ଆନନ୍ଦରେ ଗ୍ରହଣ କରି ପଚାରିଲେ, ଆମ ପରିବାରର କୁଶଳବାର୍ତ୍ତା, ପୁଣି ମୁଁ ସେଠାକୁ ଯିବାର କାରଣ । ମୁଁ କହିଲି ଓଡ଼ିଶାର ଇତିହାସ ଅଦ୍ୟାପି କୁହେଳିକା ମଧ୍ୟରେ ଅଚ୍ଛନ୍ନ ହୋଇ ରହିଛି । ତା ମଧ୍ୟ ଅଧିକ ଘନୀଭୂତ ହୋଇଯାଇଛି, ଏ ହେତୁ କେତେକ ଇଂରାଜୀ, ବଙ୍ଗାଳୀ ଏବଂ ଆନ୍ଧ୍ର ଐତିହାସିକ ଆମ ଦେଶର ଅତୀତକୁ ଉଦ୍ଘାଟନ କରିବାକୁ ଯାଇ କେତେକ ଅବାନ୍ତର ବିଷୟକୁ ସେଥିରେ ପୂରାଇ ଦେଇଛନ୍ତି । ଆମେ କ'ଣ ଏଥିର ନୀରବ ଦ୍ରଷ୍ଟା ହୋଇ ରହିବା ନା ଗୋଟିଏ ସଂଶୋଧିତ ସତ୍ୟମୂଳକ ଇତିହାସ ପ୍ରଣୟନ କରିବାକୁ ଚେଷ୍ଟା କରିବା ? ମୋ ଠାରୁ ଏକଥା ଶୁଣି ବ୍ରହ୍ମା ଆନନ୍ଦ ପ୍ରକାଶ କରି କହିଲେ —ବାବୁ, ମୁଁ ଆଶୀର୍ବାଦ କରୁଛି ତୁମେ ଦୀର୍ଘଜୀବୀ ହୁଅ । ମାତୃଭୂମିର ଏ ମହାନ କାର୍ଯ୍ୟରେ ଲାଗିପଡ଼ । ମୁଁ ଟିକିଏ ହସିଦେଇ ତାଙ୍କୁ କହିଲି ଆପଣଙ୍କର ଆଶୀର୍ବାଦ ମୁଁ ନତମସ୍ତକରେ ଗ୍ରହଣ କରୁଛି ; କିନ୍ତୁ ଏଥିପାଇଁ ଆପଣଙ୍କଠାରୁ ମଧ୍ୟ କିଛି ସାହାଯ୍ୟ

* ଅଧ୍ୟାପକ ଗୌରୀ କୁମାର ବ୍ରହ୍ମାଙ୍କ ପିତା ।

Digitized by PPRACHIN, SOA

ପାଇବାକୁ ଚାହୁଁଛୁ । ସେ ପଚାରିଲେ ମୁଁ କ'ଣ କରି ପାରିବ ? ମୁଁ କହିଲି—ଅଠଗଡ଼ ପୋଲସରାରେ ଦୁଇଟି ତାମ୍ର ଶାସନ ଥିବା କଥା ମୁଁ ଖବର ପାଇଛି । ଆପଣ ତାହା ମୋ ପାଇଁ ସଂଗ୍ରହ କରି ଦିଅନ୍ତୁ । ସେ ଅତ୍ୟନ୍ତ ଉତ୍ସାହ ଦେଖାଇ କହିଲେ—ସତେ ତ । ମୁଁ ଭୁଲି ଯାଇଥିଲି, ପୋଲସରାରେ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ବେଢ଼ା ଭିତରେ ଯେଉଁ ପୁରୁଣା କୂଅଟି ଅଛି ତେଣୁ ପଙ୍କୋଦ୍ଧାର କଲାବେଳେ ଦୁଇଟି ତାମ୍ରଶାସନ ଗୁଚ୍ଛ ମିଳିଥିଲା । ଏ କଥା ମୁଁ ଗୋପବନ୍ଧୁ ବିଦ୍ୟାଭୂଷଣଙ୍କୁ ଖବର ଦେଇଥିଲି । ସେ ତାହା ସେଠାରୁ ନେଇଛନ୍ତି କି ନାହିଁ ମୁଁ ଜାଣି ନାହିଁ, ତଥାପି ଚାଲ ଯିବା, ଯଦି ସେଠାରେ ଥାଏ ତା' ହେଲେ ସଂଗ୍ରହ କରିବା । ଏହା ପରେ ବ୍ରହ୍ମାଙ୍କ ସଙ୍ଗେ ମିଶି ସେଦିନ ଅର୍ଥାତ୍ ୨୩ । ୭ । ୩୫ ତାରିଖରେ ମୁଁ ପୋଲସରା ଯାଇ ସ୍ୱପ୍ନେଶ୍ୱର ମନ୍ଦିରରେ ପହଞ୍ଚିଲି । ପୂଜାରୀଙ୍କ ଠାରୁ ଶୁଣିଲି ଯେ—ଦୁଇଟି ତାମ୍ର ଶାସନ ଟେକାଲିର ମୂଜା ଜଗଦେବଙ୍କ ପାଇଁ ସେ ପଠେଇ ଦେଇଛନ୍ତି । ଏହାପରେ ସେଠାର ଏକ ପାଦ ଭୈରବଙ୍କୁ ଦର୍ଶନ କରି ମୁଁ ପାରଳାଖେମୁଣ୍ଡି ଫେରି ଆସିଲି । ବିଦ୍ୟାଭୂଷଣଙ୍କଠାରୁ ଖବର ପାଇ ସଂଶିତ ତାମ୍ର ଶାସନ ଦୁଇଟିର ଛପା ଟେକାଲିର ଗୋପୀନାଥ ଜଗଦେବଙ୍କ ଠାରୁ ସଂଗ୍ରହ କଲି । ସେ ଦୁଇଟି ପଢ଼ିବାରୁ ଜଣାଗଲା ଯେ, ଖ୍ରୀଷ୍ଟୀୟ ୧୧ଶ ଶତାବ୍ଦୀର ଭଞ୍ଜବଂଶୀୟ ରାଜା ଶତ୍ରୁଭଞ୍ଜଙ୍କ ପ୍ରଦତ୍ତ ଗୋଟିଏ ଦାନ ପତ୍ର ଏବଂ ଅପରଟି ଗଙ୍ଗବଂଶୀୟ ରାଜା ଙ୍କର୍ତ୍ତିରାଜ ଦେବଙ୍କର ପ୍ରଦତ୍ତ ଶାସନ । ଉଭୟ ଶାସନର ଗ୍ରହିତା ବାପନ୍ନ ଶର୍ମା ନାମକ ଜଣେ ଦାକ୍ଷିଣାତ୍ୟର ମାନ୍ତ୍ରିକ ବ୍ରାହ୍ମଣ । ସମ୍ଭବତଃ ତାଙ୍କର ସମୟରେ ଶାକ୍ତ ଧର୍ମର ପ୍ରସାର ଏ ଅଞ୍ଚଳରେ ଘଟିଥିଲା ଏବଂ ସ୍ୱପ୍ନେଶ୍ୱରଙ୍କ ମନ୍ଦିରରେ ଭୈରବଙ୍କର ପ୍ରତିଷ୍ଠା ହୋଇଥିଲା । ଅଠଗଡ଼ ପୋଲସରାର ଐତିହାସିକ ଭିତ୍ତି ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ମୌର୍ଯ୍ୟବଂଶୀୟ ମହାରାଜା ଅଶୋକଙ୍କର କାଳକୁ ସ୍ପର୍ଶ କରେ । କାରଣ ଏହା ନିକଟରେ ଜଉଗଡ଼ ପରି ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଏବଂ ଅଶୋକଙ୍କର ଶାସନାବଳୀ ପ୍ରଧାନ ନିଦର୍ଶନ ହୋଇ ରହିଛି ।

ସେ ବର୍ଷ ଜୁଲାଇ ୨୫ ତାରିଖ ଦିନ ପାରଳା ମହାରାଜାଙ୍କର ସମ୍ବର୍ଦ୍ଧନା ପାଇଁ ଧରାକୋଟ ରାଜା ସ୍ୱର୍ଗୀୟ ମଦନ ମୋହନ ସିଂହଦେବ ଗୋଟିଏ ବିରାଟ ଭୋଜିର ଆୟୋଜନ କରିଥିଲେ । ତେଣୁ ମହାରାଜାଙ୍କ ସଙ୍ଗେ ଆମେ ଦେଶମିଶ୍ରଣ କର୍ମୀ ସମସ୍ତେ ମିଶି ବ୍ରହ୍ମପୁର ଯାତ୍ରା କଲୁ । ଆମ ସଙ୍ଗେ ଦେବାନ୍ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମୋଟରରେ ଗଲାବେଳେ ମୋତେ ମୃଦୁକଣ୍ଠରେ କହିଲେ—ଧରାକୋଟ ରାଜାଙ୍କର ଏ ସମ୍ବର୍ଦ୍ଧନା ଆୟୋଜନ କାହିଁକି ଜାଣ ? ମୁଁ କହିଲି ଓଡ଼ିଶା ପ୍ରଦେଶର ଗଠନରେ ମହାରାଜା ଯେଉଁ ଅଂଶ ଗ୍ରହଣ କରିଥିଲେ ତାହା ଏବେ **Govt. of India Act, 1935**ରେ ସମ୍ପୂର୍ଣ୍ଣ ସୀମା ସରହଦ ମହତ୍ତ୍ୱ ପ୍ରକାଶ ପାଇଥିବାରୁ ବୋଧେ ଉତ୍ସାହୀ ରାଜା ମଦନ ମୋହନ ସିଂହଦେବ ଏହି ଆୟୋଜନ କରିଅଛନ୍ତି । ଶ୍ରୀଯୁକ୍ତ ପଟ୍ଟନାୟକ ମୋତେ

Digitized by PPRACHIN, SOA

କଥା ଶୁଣି ଟିକିଏ ହସି ଦେଇ କହିଲେ – ହଁ ବାହାରକୁ ତ ସେପରି ନିଷ୍ପ୍ରୟ ଜଣା ଯାଉଛି ; କିନ୍ତୁ ଏଥିର ମୂଳ ଉଦ୍ଦେଶ୍ୟ ହେଉଛି, ଏବେ କଂଗ୍ରେସ ବିରୁଦ୍ଧରେ ଗୋଟିଏ ନୂତନ ପାର୍ଟି ଗଠନ କରିବାକୁ ମାନ୍ଦ୍ରାଜର ମନ୍ତ୍ରୀ ମହୋଦୟ ବବ୍ବିଲି ରାଜାଙ୍କ ନେତୃତ୍ୱରେ ଯେଉଁ ବିଚାର ହେଉଛି ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ଏମ ଅଞ୍ଚଳର ରାଜା ମହାରାଜାମାନେ ବୋଧହୁଏ କଳ୍ପନା କରିଛନ୍ତି । ତେଣୁ ଏହି ସମ୍ବର୍ଦ୍ଧନା ମାଧ୍ୟମରେ ଆମ ରାଜାଙ୍କ ସଙ୍ଗେ ପରାମର୍ଶ କରିବା ଏବଂ ଏଥିର ମୂଳଦୁଆ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ବୋଧହୁଏ ଏହି ଭୋଜିର ଆୟୋଜନ । ତାଙ୍କ କଥା ଶୁଣି ମନେ ମନେ ତାଙ୍କ ଦୂର-ଦର୍ଶିତା ଏବଂ ବୁଦ୍ଧିମତ୍ତାର ପ୍ରଶଂସା ନ କରି ରହି ପାରିଲି ନାହିଁ । ବାସ୍ତବରେ ଏ ଘଟଣାର କିଛିଦିନ ପରେ ଯେଉଁଦିନ ମାନ୍ଦ୍ରାଜର ମୁଖ୍ୟମନ୍ତ୍ରୀ ବବ୍ବିଲି ରାଜା ପାରଳା-ଖେମୁଣ୍ଡି ଆସିଥିଲେ, ସେଦିନ ମୁଁ ସ୍ପଷ୍ଟ ବୁଝି ପାରିଲି ଯେ କଂଗ୍ରେସ ବିରୁଦ୍ଧରେ ଗୋଟିଏ ପାର୍ଟି ମାନ୍ଦ୍ରାଜରେ ଗଢ଼ା ଯାଇଛି । ସେଥିର ନାମ ରଖା ଯାଇଥିଲି "National Party" । ଏଥିରେ ଅବଶ୍ୟ ଭାରତର ଜାତୀୟ ନେତାମାନେ ଘୋର ବିରୋଧ କରୁଥିଲେ; କିନ୍ତୁ ଓଡ଼ିଶା ପରି ଗୋଟିଏ ଶିଶୁ ଗରିବ ପ୍ରଦେଶର ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ପକ୍ଷରୁ କୌଣସି ସାହାଯ୍ୟ ମିଳୁ ନଥିବା ହେତୁ ଆମ୍ଭେମାନେ କଂଗ୍ରେସ ସପକ୍ଷରେ ନୈତିକ ସମର୍ଥନ ଦେଉଥିଲେ ସୁଦ୍ଧା ସେଥିରେ ପୂର୍ଣ୍ଣ ପ୍ରାଣରେ ଯୋଗ ଦେଇ ପାରିଲୁ ନାହିଁ । ଏହା ଫଳରେ ବାଧ୍ୟହୋଇ ଆମେ କଂଗ୍ରେସ ପାର୍ଟିରୁ ଅଲଗା ହୋଇଗଲୁ ।

ଓଡ଼ିଶାରେ ମହାରାଜାଙ୍କ ଅଧ୍ୟକ୍ଷତାରେ 'Liberal Party' ଗଢ଼ା ହେଲା । ଏଥିର ବିରୋଧ କରି ବ୍ରହ୍ମପୁରର ନେତା ଶଶୀଭୂଷଣ ରଥ ଜୁଲାଇ ୨୮ ତାରିଖରେ ତାଙ୍କର ସମ୍ପାଦିତ 'New Orissa' ପତ୍ରିକାରେ ଗୋଟିଏ ଦୀର୍ଘ ଲେଖା ପ୍ରକାଶ କରି Liberal Partyର ନୀତିକୁ ସମାଲୋଚନା କଲେ । ସେତେବେଳେ ଓଡ଼ିଶା ପ୍ରଦେଶ କାର୍ଯ୍ୟକାରୀ କରିବା ବିଷୟରେ କେତେକ ମୋଟାମୋଟି ନୀତି ନିର୍ଦ୍ଧାରଣ କରିବାକୁ ସରକାରଙ୍କ ପକ୍ଷରୁ ଉଦକମଣ୍ଡଳ (Ootty) ଠାରେ ଗୋଟିଏ ବିଚାରସଭା ହୋଇ-ଥିଲା । ସେଥିରେ ଯେଉଁ ସବୁ ନିର୍ଦ୍ଧାରଣ ହେଲା ତା ଫଳରେ ପାରଳାଖେମୁଣ୍ଡିକୁ ଜୟପୁର ଜିଲ୍ଲାରେ ମିଶାଇଦେବା କଳ୍ପନା ଆମକୁ ଅସ୍ଥିର କରିଦେଲା । ଏ ସମ୍ବନ୍ଧେ ପରାମର୍ଶ କରିବାକୁ ଅଗଷ୍ଟ ୨୨ ତାରିଖ ଦିନ ମୁଁ ଏବଂ ମୋର ଶାଳକ ଜଷ୍ଟିସ ଅଭିମନ୍ୟୁ ମିଶ୍ର ମହାରାଜାଙ୍କ ସଙ୍ଗେ ପରାମର୍ଶ କରି ସେ ଦିନ People's Association ପକ୍ଷରୁ ଗୋଟିଏ ପ୍ରତିବାଦ ସଭାର ଆୟୋଜନ କଲୁ । ଏହା ପୂର୍ବରୁ ବିହାର-ଓଡ଼ିଶା ସରକାରଙ୍କ ପକ୍ଷରୁ ଗୋଟିଏ ଇସ୍ତାହାର ବାହାରିଥାଏ । ସେଥିରେ ମାନ୍ଦ୍ରାଜ ଅଞ୍ଚଳରୁ ଓଡ଼ିଶାକୁ ଆସିଥିବା ଅଂଶଗୁଡ଼ିକର ପ୍ରଶାସନିକ ବ୍ୟବସ୍ଥା ସମ୍ବନ୍ଧରେ (Administrative arrangment for Madras Areas) ବିବରଣୀମାନ ପ୍ରକାଶ ପାଇଲା । ସେଥିରେ ଦକ୍ଷିଣ ଓଡ଼ିଶାର ସ୍ୱାର୍ଥ ବିରୋଧୀ କେତେକ ବିବରଣୀ ଟିକି-

Digitized by PPRACHIN, SOA

କରି ଆଲୋଚନା କରି **People's Association** ପକ୍ଷରୁ ମୁଁ ଗୋଟିଏ ସ୍ମାରକ-ପତ୍ର ପ୍ରସ୍ତୁତ କଲି ଏବଂ ତାହା ଅଗଷ୍ଟ ୨୮ ତାରିଖରେ କେନ୍ଦ୍ର ସରକାରଙ୍କୁ ପଠାଇଲି । ପରେ ଅବଶ୍ୟ ଏହି ସ୍ମାରକପତ୍ରର ଦାବୀଗୁଡ଼ିକ ସୁରକ୍ଷିତ ହୋଇଥିଲା; କିନ୍ତୁ ପାରଳାକୁ ଜୟପୁର ସଙ୍ଗେ ମିଶାଇଦେବା ନୀତି ଉପରେ ପାରଳା ମହାରାଜା ଏବଂ ଖଲିକୋଟ ରାଜାଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହେଲା । ଏଣୁ ସେପ୍ଟେମ୍ବର ମାସରେ ଉଦକ ମଣ୍ଡଳରେ ଯେଉଁ **Administrative Committee**ର ଶେଷ ବୈଠକ ବସିଲା ସେଥିରେ ଆମ ପକ୍ଷରୁ ମହାରାଜା ନିଜେ ସାକ୍ଷ୍ୟ ଦେଇ ଏହି ବ୍ୟବସ୍ଥାର ଘୋର ପ୍ରତିବାଦ କଲେ ।

ଏହା ପରେ ମହାରାଜା ଓଡ଼ିଶାରେ '**National Party**' ଗଠନ କରି ସେଥିର ମୁଖପତ୍ର ରୂପେ 'ଉତ୍କଳ ହିତୈଷିଣୀ' ନାମରେ ଗୋଟିଏ ସାପ୍ତାହିକ ପତ୍ରିକା ଗଞ୍ଜାମରୁ ପ୍ରକାଶ କରିବାକୁ ମୋତେ କହିଲେ—ଶଶୀ ଭୂଷଣ ରଥଙ୍କ ସମ୍ପାଦିତ 'ଆଶା' ଏବଂ '**New Orissa**' ଦୁଇଟି ଦୈନିକ ପତ୍ରିକା କଂଗ୍ରେସ ସପକ୍ଷରେ ବ୍ରହ୍ମପୁରରୁ ପ୍ରକାଶ ପାଉଥିବାରୁ ତାହା କଂଗ୍ରେସ ବିରୋଧୀ କୌଣସି ପାର୍ଟିର ସହାୟକ ନଥିଲା । ତେଣୁ ନୂଆରେ ଗୋଟିଏ ସାପ୍ତାହିକ ପତ୍ରିକା ବ୍ରହ୍ମପୁରରୁ ପ୍ରକାଶ କରିବା ଦରକାର ପଡ଼ିଲା । ଏଥିରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଠାରୁ ଆରମ୍ଭ କରି ଗଞ୍ଜାମର ଉତ୍କଳ ସମ୍ପ୍ରଦାୟ ଏବଂ ବହୁ ବିଶିଷ୍ଟ ନେତା ଉତ୍ସାହ ପ୍ରକାଶ କଲେ । ମହାରାଜାଙ୍କ ପ୍ରସ୍ତାବ କ୍ରମେ ମୁଁ ଏଥିର ସମ୍ପାଦନା ଭାର ଗ୍ରହଣ କଲି ଏବଂ ସହକାରୀ ସମ୍ପାଦକ ରୂପେ ସେତେବେଳେ ବ୍ରହ୍ମପୁରରେ ଅବସ୍ଥାନ କରୁଥିବା ସ୍ୱର୍ଗୀୟ ଗୋଦାବରୀଶ ମହାପାତ୍ରଙ୍କୁ ଭାର ଦେଲି । ପଣ୍ଡିତ ଗୋଦାବରୀଶଙ୍କ ପରାମର୍ଶକ୍ରମେ ସେ ଧାରାବାହିକ ରୂପେ ସେଥିରେ ତାଙ୍କର ସ୍ୱାଭାବିକ ଚମତ୍କାରିତା ଓ ଭାଷା ବଳରେ ପତ୍ରିକାକୁ ଲୋକପ୍ରିୟ କରି ପାରିଥିଲେ । ଏହି ପତ୍ରିକାର ସମ୍ପାଦକୀୟ ଲେଖା ପାରଳାଖେମୁଣ୍ଡିରୁ ମୁଁ ପଠାଉଥାଏ । ଆଉ କେବେ କେବେ ବ୍ରହ୍ମପୁର ଯାଇ ସେଠାରେ କେତୋଟି ଲେଖା ଦେଇଆସେ । ଗୋଦାବରୀଶ ବାବୁ ଅନ୍ୟ ସବୁ ଲେଖି ପତ୍ରିକାର କଳେବର ପୂର୍ଣ୍ଣ କରନ୍ତି ।

ଏ ବର୍ଷଟି ମୁଁ ସାହିତ୍ୟ ଓ ସାଂସ୍କୃତିକ ବ୍ୟାପାରରେ ଅତିବାହିତ କରିବି ବୋଲି ମୂଳରୁ ଯେଉଁ କଳ୍ପନା କରିଥିଲି ତାହା ଘଟଣାବଳୀର ଆବର୍ତ୍ତରେ ପଡ଼ି ବ୍ୟାହତ ହୋଇ ଯାଉଛି । ଏଥିରେ ସମୟେ ସମୟେ ମୋର ମନରେ ଆଘାତ ଲାଗେ । ଏଥିର ନିରା-କରଣ ପାଇଁ ଆପଣା ପରଛାଙ୍କ ମଠରେ କୃଷ୍ଣଲୀଳା ନାଟ୍ୟ ସଂସଦର ଜଣେ ମୁଖ୍ୟ ସଭ୍ୟ ରୂପେ ମୁଁ ସେଠାରେ ଯୋଗଦିଏ । ଏହା ଫଳରେ ମୋ ମନର ଅବସାଦ ଓ ନିରାଶା କିଛିମାତ୍ର ପରିମାଣରେ ଲାଘବ ହୁଏ । ମୋର ସ୍ମରଣ ହେଉଛି ସେପ୍ଟେମ୍ବର ୭ ତାରିଖ ଦିନ ପରଛାଙ୍କର ମଠରେ ମୁଁ ଶୁଣିଲି ଓଡ଼ିଶାର ପ୍ରସିଦ୍ଧ ନାଟ୍ୟକାର

Digitized by PPRACHIN, SOA

ମୋହନ ଗୋସ୍ୱାମୀଙ୍କର ନାଟ୍ୟଦଳ ପକ୍ଷରୁ ଗୋଟିଏ ଓଡ଼ିଆ ସିନେମା ପ୍ରସ୍ତୁତ କରିବା ଆୟୋଜନ ହେଉଛି । ଆପନ୍ନା ପରିଚ୍ଛା ମୋତେ ଏ ସମ୍ବାଦ ଦେଇ କହିଲେ – ଆମର ନାଟ୍ୟଦଳ କ'ଣ ମୋହନ ଗୋସ୍ୱାମୀଙ୍କର ଦଳଠାରୁ ଅପାରଗ ? ଆମେ କାହିଁକି ଗୋଟିଏ ସିନେମାର ଆୟୋଜନ ନ କରିବା ? ମୁଁ ଏଥିରେ ଉତ୍ସାହିତ ହୋଇ ତାଙ୍କୁ କହିଲି, ଏହା କରିବା ପାଇଁ ଦୁଇଟି ପ୍ରତିବନ୍ଧକ ରହିଛି । ପ୍ରଥମଟି ହେଉଛି—ପାଣ୍ଠି । କୌଣସି ଷ୍ଟୁଡ଼ିଓରେ ଦୁଇ ବା ତିନିଘଣ୍ଟାର ଏକ ଫିଲ୍ମ ପ୍ରସ୍ତୁତ କରିବାକୁ ହେଲେ ସେଥିର ସମସ୍ତ ଆୟୋଜନ ଓ ଖର୍ଚ୍ଚ ବାବଦକୁ ଅନ୍ୟୂନ ଏକଲକ୍ଷ ଟଙ୍କା ବ୍ୟୟ କରିବାକୁ ପଡ଼ିବ । ଏହି ବିପୁଳ ପାଣ୍ଠି ସଂଗ୍ରହ କରିବା ରାଜା ମହାରାଜାଙ୍କ ସାହାଯ୍ୟ ବିନା ସମ୍ଭବ ନୁହେଁ । ଦ୍ୱିତୀୟ ପ୍ରତିବନ୍ଧକ ହେଉଛି ବୈଜ୍ଞାନିକ ପଦ୍ଧତିରେ ଏଥିପାଇଁ ସିନୋରିଓ (Cinorio) ଏପରି ଲେଖା ପ୍ରସ୍ତୁତ କରିବାକୁ ଉପଯୁକ୍ତ ତାଲିମପ୍ରାପ୍ତ ଲେଖକ ଓଡ଼ିଶାରେ ନାହାନ୍ତି । ନାଟକ ଲେଖିବା ଶୈଳୀଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ସ୍କ୍ରିପ୍ଟ ପ୍ରସ୍ତୁତ କରିବା ପାଇଁ ଅନ୍ୟ କୌଣସି ସ୍ଥାନର ଆଶ୍ରୟ ନେଇ ତାଲିମ-ପ୍ରାପ୍ତ ଲେଖକଙ୍କ ଦ୍ୱାରା ତାହା ପ୍ରସ୍ତୁତ କରିବାକୁ ପଡ଼ିବ । ଏହା ମଧ୍ୟ ବ୍ୟୟସାପେକ୍ଷ । କିନ୍ତୁ ମୋହନ ଗୋସ୍ୱାମୀଙ୍କ ପକ୍ଷରେ ହୁଏତ କଲିକତାରେ ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ କେତେକ ମାରୱାଡ଼ୀ ବ୍ୟବସାୟୀଙ୍କ ସାହାଯ୍ୟରେ ପାଣ୍ଠି ସଂଗ୍ରହ ହେବା ସହଜ ହୋଇ ପାରେ । ମୋର କଥାଶୁଣି ଆପନ୍ନା ପରିଚ୍ଛା ହତୋତ୍ସାହ ହୋଇ ପଡ଼ିଲେ । କିନ୍ତୁ ସେ କହିଲେ ପାରଳା ମହାରାଜାଙ୍କୁ ଅନୁରୋଧ କରି ଏହା ଯେପରି କାର୍ଯ୍ୟକାରୀ ହୋଇପାରିବ ସେଥିର ବ୍ୟବସ୍ଥା କଲେ ମନ୍ଦ କଣ ? ମୁଁ କହିଲି ମହାରାଜା ଅବଶ୍ୟ ଦାନଶୀଳ । କିନ୍ତୁ ସିନେମା ଶିଳ୍ପରେ ସେ ଆଦୌ କେବେ ଆଗ୍ରହ ପ୍ରକାଶ କରିବା ଦେଖାନାହିଁ । ମୋ କୃଷ୍ଣଲୀଳା ବିଷୟକ ଯାତ୍ରା ତାଙ୍କ ମଠରେ ଅତି ସୁନ୍ଦର ଭାବେ ସଙ୍ଗୀତ ଓ ସାହିତ୍ୟ ମାଧ୍ୟମରେ ପ୍ରଚାର କରୁଛନ୍ତି, ତାହା ଯଦି ଅନେକ ଚିତ୍ର ସାହାଯ୍ୟରେ ଦେଶବ୍ୟାପୀ ସର୍ବତ୍ର ପ୍ରକାଶ କରାଯାଇପାରନ୍ତା, ତେବେ କୃଷ୍ଣଲୀଳା-ମୂଳକ ପ୍ରଚାର କାର୍ଯ୍ୟ ସୁଚାରୁ ରୂପେ ଓଡ଼ିଶାରେ ସଂପାଦିତ ହୋଇ ପାରିବ । ମୁଁ ଏଥିପୂର୍ବରୁ ଛପାଇଥିବା 'ରାଧାଭିଷେକ' ନାମକ ନାଟକଟି ସେତେବେଳେ ଶିକ୍ଷା କରାଯାଉଥାଏ । ସେଉଁଦିନ ତାହା ରସିକରାଜ ମଠରେ ଖେଳିବାର ଆୟୋଜନ କରାଗଲା, ସେଦିନ ଅପ୍ରତ୍ୟାଶିତ ଭାବେ ମହାରାଜା ନିଜେ ତାହା ଦେଖିବାକୁ ରସିକ ରାଜ ମଠରେ ଉପସ୍ଥିତ ହେଲେ । ସାଧାରଣ ସ୍ଥାନରେ କୌଣସି ଉତ୍ସବରେ ଯୋଗଦାନ କରିବା ତାଙ୍କର ଏହା ହିଁ ପ୍ରଥମ । ସେ ନାଟକଟି ଦେଖି ଅତ୍ୟନ୍ତ ପ୍ରୀତ ହୋଇଥିବାର ଜଣାଗଲା । ତା ପରଦିନ ମହାରାଜାଙ୍କୁ ସାକ୍ଷାତକରି ପରିଚ୍ଛାଙ୍କର ସିନେମା ପ୍ରସ୍ତାବ କଥା ତାଙ୍କୁ ଜଣାଇଲୁ । ସେ ଏଥିରେ ହର୍ଷ ଓ ବିସ୍ମୟ ପ୍ରକାଶ କରି କହିଲେ ଯଦି ମୋହନ ଗୋସ୍ୱାମୀଙ୍କ ଦଳ ଏପରି କାର୍ଯ୍ୟରେ ଅଗ୍ରସର ହୋଇ ପାରନ୍ତି, ତାଙ୍କର ସିନେମା ପ୍ରସ୍ତୁତିରେ ଭୁଲ ଭ୍ରାନ୍ତି ଆମେ ଜାଣି ପାରିବା ; ତେଣୁ ତାଙ୍କର ସିନେମାଟି ପ୍ରକାଶ ପାଇଲି

Digitized by PPRACHIN, SOA

ପରେ ପରଛାଙ୍କ ନାଟ୍ୟଦଳ ପକ୍ଷରୁ ଆୟୋଜନ କରିବା ଉଚିତ । ମହାରାଜାଙ୍କ ପରାମର୍ଶ ମୋ ମନକୁ ପାଇଲା । ତେଣୁ କିଛି କାଳ ଅପେକ୍ଷା କରିବା ପାଇଁ ଏବଂ ପ୍ରସ୍ତୁତ କାର୍ଯ୍ୟ ଚଳାଇବା ପାଇଁ ପରଛାଙ୍କୁ ମୁଁ କହିଲି । ସେ ଆନନ୍ଦର ସହିତ ମୋର କଥା ଗ୍ରହଣ କଲେ । ଆଉ ମୋତେ ଅନୁରୋଧ କଲେ ଏ ବିଷୟରେ ପୁନାର ଗୋଟିଏ ଷ୍ଟୁଡ଼ିଓ କମ୍ପାନୀ ସଙ୍ଗେ ପରାମର୍ଶ କରିବାକୁ । ମୁଁ ତାଙ୍କର ଅନୁରୋଧ ରକ୍ଷା କରି ପୁନା ଓ ବମ୍ବେର ଦୁଇଟି କମ୍ପାନୀ ସଙ୍ଗେ ପତ୍ର ଆଦାନ ପ୍ରଦାନ କରିଥିଲି ।

ବିଭିନ୍ନ ପ୍ରକାର ରାଜନୈତିକ, ସାଂସ୍କୃତିକ ଏବଂ ସାହିତ୍ୟ ଓ ସାମାଜିକ ବ୍ୟାପାରରେ ନିଜକୁ ଲିପ୍ତ କରିଥିବାରୁ ପୁଣି ଏ ସମ୍ପର୍କରେ ଅନୁଷ୍ଠିତ ସଭାମାନଙ୍କରେ ଯୋଗଦେବାକୁ ଗସ୍ତ କରୁଥିବାରୁ ମୋର ସ୍ୱାସ୍ଥ୍ୟ ତ ଭାଙ୍ଗି ଯାଇଥାଏ ; ତା' ଉପରେ ଆର୍ଥିକ ଅନଟନ ମୋତେ ବିବ୍ରତ କରୁଥିଲା । ନିୟମିତ ପ୍ରକାରେ ନିର୍ଦ୍ଦିଷ୍ଟ ଆୟର ସନ୍ଧାନ ନଥିବା ହେତୁ ବହୁ ସମୟରେ ଏଥିପାଇଁ ବନ୍ଧୁମାନଙ୍କଠାରୁ ଧାର ଉଧାର କରି କାମ ଚଳାଇବାକୁ ବାଧ୍ୟ ହେଉଥିଲି । ଏଠାରେ କହି ରଖିବା ଆବଶ୍ୟକ ଯେ,ଆମ ପାରି-ବାରିକ ଆୟ ନାନାଙ୍କ ହାତରେ ରହୁଥିଲା । ମୋ ନିଜର ଏପରି ବ୍ୟୟଭାର ତାଙ୍କୁ ବହନ କରିବାକୁ ଦେବା ଉଚିତ ମନେ କଲିନାହିଁ । ତେଣୁ ନିଜେ କିଛି ଗୋଟିଏ ଧନ୍ଦା କରି ସେଥିରୁ ଆର୍ଥିକ ଉନ୍ନତି କରିବାକୁ, ପୁଣି ମୋର ଗସ୍ତଖର୍ଚ୍ଚ ଇତ୍ୟାଦି ଯେପରି ସୁବିଧାରେ ହୋଇ ପାରିବ, ସେଥିର ଉପାୟ ଚିନ୍ତା କରିବାକୁ ଲାଗିଲି । ସେବର୍ଷ ବୃଷ୍ଟି ଅଭାବରୁ ପାରଳାଖେମୁଣ୍ଡିରେ ଧାନ ଚାଉଳର ଅଭାବ ଦେଖା ଦେଇଥାଏ । କିନ୍ତୁ ପୁରୀ, କଟକ ପ୍ରଭୃତି ଓଡ଼ିଶାର ଉତ୍ତରାଞ୍ଚଳରେ ସେପରି ଅଭାବ ନ ଥିଲା । ମାନ୍ଦ୍ରାଜ ସଙ୍ଗେ ଯୋଡ଼ି ହୋଇଥିବାରୁ ଦକ୍ଷିଣାଞ୍ଚଳରେ ଯେତେବେଳେ ଦୁର୍ଭିକ୍ଷ ପଡ଼େ ସେତିକବେଳେ ଅନ୍ଧ୍ର ଅଞ୍ଚଳର ବ୍ୟବସାୟୀମାନେ ଏଠାରୁ ଉଚ୍ଚ ମୂଲ୍ୟ ଦେଇ ଧାନ ସଂଗ୍ରହ କରି ଦକ୍ଷିଣକୁ ପଠାଇ ଦିଅନ୍ତି । ସମୟେ ସମୟେ କେତେକ ବ୍ୟବସାୟୀ ପ୍ରଚୁର ପରିମାଣରେ ଶସ୍ୟ ଖରିଦ କରିନେଇ ଅସ୍ୱାଭାବିକ ଅନଟନ ସୃଷ୍ଟି କରିଥାନ୍ତି । ଦକ୍ଷିଣ ଓଡ଼ିଶାର ପାରଳାଖେମୁଣ୍ଡି ଓ ପାରିପାର୍ଶ୍ୱିକ ଅଞ୍ଚଳଗୁଡ଼ିକ ସେମାନଙ୍କର ଶିକାର ହୋଇଥାଏ । ଫଳରେ ଦକ୍ଷିଣ ଓଡ଼ିଶାର ଧାନ ଦର ଉତ୍ତର ଓଡ଼ିଶାର ଦର ଅପେକ୍ଷା ଯଥେଷ୍ଟ ପରିମାଣରେ ବଢ଼ି ଯାଇଥାଏ । ଗରିବ ଲୋକେ ସୁବିଧାରେ ଚାଉଳ ପାଇଲେ ନାହିଁ । ମଧ୍ୟବିତ୍ତ ଲୋକେ ମଧ୍ୟ ଟଙ୍କା ପଇସା ଦେଇ ଧାନ କିଣିବାକୁ ପାଉ ନ ଥାନ୍ତି । ଏଥିର ନିରାକରଣପାଇଁ କିଛି ଗୋଟିଏ କାମ ବ୍ୟବସାୟ ସୂତ୍ରରେ ଚଳାଇବାକୁ ମୁଁ ଚିନ୍ତା କଲି ।

ପୁରୀ ଜିଲ୍ଲାରେ ତେଲଙ୍ଗ ଗୋଟିଏ ଧାନ ବ୍ୟବସାୟ କେନ୍ଦ୍ରରୂପେ ସେତେବେଳେ ସୁଖ୍ୟାତି ଲାଭ କରିଥାଏ । ଭାଗ୍ୟବଶତଃ ସେହି ଇଷ୍ଟେଟ ପାରଳାଖେମୁଣ୍ଡି ମହାରାଜାଙ୍କର

Digitized by PPRACHIN, SOA

ଅଧୀନସ୍ଥ ହୋଇଥିବାରୁ ସେଠାରେ ତାଙ୍କର ଗୋଟିଏ ସ୍ୱତନ୍ତ୍ର କଚେରୀ ଥାଏ । ସେଠାର ହେଡ୍‌କ୍ଲର୍କ ମୋର ସମ୍ପର୍କିତ ଭଣୋଇ ସ୍ୱର୍ଗତ ବିନାୟକ ଦାଶ ମୋତେ ଜଣାଇଲେ ଯେ, ସେ ବର୍ଷ ତେଲଙ୍ଗରେ ପ୍ରଚୁର ଧାନ ଉତ୍ପାଦିତ ହୋଇଛି । ମୁଁ ସେଠାରୁ କିଛି ଧାନ ଖରିଦ କରି ପାରଳାଖେମୁଣ୍ଡି ନେବାକୁ ସ୍ଥିର କଲି । ଏହା କାର୍ଯ୍ୟକାରୀ କରିବା ପାଇଁ ପୁଣି ଏଥିର ଆନୁଷଙ୍ଗିକ ଶିଳ୍ପ Rice Mill ଚଳାଇବାକୁ ଗୋଟିଏ କାର୍ଯ୍ୟକ୍ରମ ସ୍ଥିରକରି ସେପ୍‌ଟେମ୍ବର ୧୫ ତାରିଖ ଦିନ ପାରଳାଖେମୁଣ୍ଡି ତାଲୁକା ଖରସଡ଼ା ଗ୍ରାମରେ ଚାଲୁ ହୋଇଥିବା ଗୋଟିଏ କ୍ଷୁଦ୍ର Rice Mill ଦେଖିବା ପାଇଁ ସେଠାକୁ ଗଲି । କିନ୍ତୁ ସେଇ ମିଲ୍‌ର ମାଲିକ ମୋତେ ଯେଉଁ ବିବରଣୀ ଦେଲେ ତାହା ଆଦୌ ଉତ୍ସାହଜନକ ନୁହେଁ । ତେଣୁ ମିଲ୍ ବସାଇବା କଳ୍ପନା ଛାଡ଼ିଦେଇ ତେଲଙ୍ଗରୁ ଧାନ ଆଣି ମହାରାଜାଙ୍କ ମିଲ୍‌ରେ ଚାଉଳ କରାଇ ଲୋକଙ୍କୁ ଏଠାରେ ସୁବିଧାରେ ବିକ୍ରି କରିବା ଅଭିଳାଷରେ ମୁଁ ତେଲଙ୍ଗ ଚାଲିଗଲି । ସେଠାରେ ଭଣୋଇଙ୍କ ସାହାଯ୍ୟରେ କିଛି କିଛି Advance ଦେଇ ୩୦୦ ବସ୍ତା ଧାନ ପାଇଁ ଆୟୋଜନ କଲି; କିନ୍ତୁ ହଠାତ୍ ମହାରାଜାଙ୍କଠାରୁ ଗୋଟିଏ ଟେଲିଗ୍ରାମ୍ ଅକ୍ଟୋବର ୩' ତାରିଖ ଦିନ ମୁଁ ପାଇଲି । ସେଥିରେ ଲେଖାଥିଲା ପାରଳାଖେମୁଣ୍ଡିକୁ ଜୟପୁର ସଙ୍ଗେ ମିଶାଇ ଜିଲ୍ଲାଗଠନ ବିରୁଦ୍ଧରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସଭା କରିବାକୁ । ଏଥିପାଇଁ କଟକ, ସମ୍ବଲପୁର ଓ ବାଲେଶ୍ୱର ଯିବାକୁ ସେ ମୋତେ ଲେଖିଥିଲେ । ତେଲଙ୍ଗ ମ୍ୟାନେଜର ଶ୍ରୀ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ମୋତେ କହିଲେ, ଆପଣ ଚଞ୍ଚଳ କଟକ ଓ ସମ୍ବଲପୁର ଚାଲିଯାନ୍ତୁ । କିନ୍ତୁ ମୋ ନିଜର ଧନ୍ଦା ଧାନ ବ୍ୟବସାୟ ଛାଡ଼ିଯିବାକୁ ମୁଁ ଟିକିଏ ଇତସ୍ତତଃ ହେବା ଦେଖି ସେ କହିଲେ, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣଙ୍କ ଧାନ କିଣିବା କାମଟି ମୁଁ ବୁଲାଇ ଦେବି । ଏହାପରେ ସେ ମୋତେ କଟକରୁ ତାଙ୍କ ସ୍ତ୍ରୀ ଆଶାଦେବୀଙ୍କଠାରୁ କିଛି ଟଙ୍କା ନେଇ ସମ୍ବଲପୁର ଯିବାକୁ କହିଲେ । ତା' ପରଦିନ କଟକରେ ଆଶା ଦେବୀ ( ବିଜୁ ପଟ୍ଟନାୟକଙ୍କ ମା )ଙ୍କ ସଙ୍ଗେ ମୋର ଦେଖା ହେଲା । ସେଠାରୁ ମୁଁ ଟଙ୍କା ଆଣି କଟକଠାରେ ତତ୍କାଳୀନ ନେତାମାନଙ୍କ ସଙ୍ଗେ ପରାମର୍ଶ କରି ଗୋଟିଏ ସଭାର ଆୟୋଜନ କରିବାକୁ ସ୍ଥିର କଲି । ରାୟ ବାହାଦୂର ଲକ୍ଷ୍ମୀଧର ମହାନ୍ତି ମୋ କାର୍ଯ୍ୟରେ ବିଶେଷ ସାହାଯ୍ୟ କରିଥିଲେ । ତାଙ୍କ ସଙ୍ଗେ ମିଶି ସେଠା Associationର ସଭ୍ୟମାନଙ୍କ ଦସ୍ତଖତ ସଂଗ୍ରହ କରି ଗୋଟିଏ ବିଜ୍ଞାପନ ଛପାଗଲା । କଟକ ଟାଉନ ହଲରେ ନଭେମ୍ବର ୪ ତାରିଖ ଦିନ ଗୋଟିଏ ବିରାଟ ସଭା ଅନୁଷ୍ଠିତ ହେଲା । ଓଡ଼ିଶାର ନେତାମାନଙ୍କ ମନରେ ପାରଳା ମହାରାଜାଙ୍କ ପ୍ରତି ଯେଉଁ ଶ୍ରଦ୍ଧା ଓ ଭକ୍ତି ରହିଥାଏ, ତାହା ସେହି ସଭାରେ ସ୍ପଷ୍ଟ ପ୍ରମାଣିତ ହେଲା । ପାରଳାଖେମୁଣ୍ଡି ପରି ଗୋଟିଏ ଉନ୍ନତ ଶିକ୍ଷିତ ଅଞ୍ଚଳକୁ ଜୟପୁର ପରି ଏକ ଆଂଶିକ ପରିତ୍ୟକ୍ତ (Partially excluded area)

Digitized by PPRACHIN, SOA

ଅଞ୍ଚଳ ସଙ୍ଗେ ଯୋଗ କରିବାକୁ ସମସ୍ତେ ଏକ ସ୍ୱରରେ ପ୍ରତିବାଦ ପ୍ରକାଶ କଲେ । ସର୍ବସମ୍ମତିକ୍ରମେ ସେଠାରେ ଯେଉଁ ପ୍ରସ୍ତାବଟି ଗୃହୀତ ହେଲା ତାହା ଯଥା ସମୟରେ କେନ୍ଦ୍ର ସରକାରଙ୍କୁ ପଠାଇ ଦେଇ ମୁଁ ନଭେମ୍ବର ୬ ତାରିଖ ଦିନ ସମ୍ବଲପୁର ଯାତ୍ରାକଲି । ବାଲେଶ୍ୱର ଯିବା ପାଇଁ ମୋର ବନ୍ଧୁ ସ୍ୱର୍ଗୀୟ ପ୍ୟାରି ମୋହନ ପାଣିଗ୍ରାହୀଙ୍କୁ ନିଯୁକ୍ତ କରାଗଲା । ସମ୍ବଲପୁରର 'ଫ୍ରେଜର ପ୍ରେସ'ଠାରେ ସେ ଅଞ୍ଚଳର ବହୁ ନେତା ଓ ଆଇନ ବ୍ୟବସାୟୀଙ୍କ ସଙ୍ଗେ ମୋର ସାକ୍ଷାତ ହେଲା । ଆମର ସମସ୍ୟା ସେମାନେ ଆଗରୁ ପତ୍ରପତ୍ରିକାରୁ ଜାଣି ପାରିଥିଲେ । ତେଣୁ ସଭାର ଆୟୋଜନ କରିବା କଷ୍ଟକର ହେଲନାହିଁ । ମହାନଦୀ ପଠାରେ ଗୋଟିଏ ବିରାଟ ସଭା ଅନୁଷ୍ଠିତ ହେଲା । ପ୍ରାୟ ଦୁଇ ହଜାର ଲୋକ ସେଥିରେ ଯୋଗ ଦେଇଥିଲେ । ଏପରି ଏକ ବିରାଟ ସଭାରେ ମୁଖ୍ୟ ବକ୍ତା ରୂପେ ଭାଷଣ ଦେବା ଏହାହିଁ ମୋର ପ୍ରଥମ ଅଭିଜ୍ଞତା । ସେତେବେଳେ ସଭାମାନଙ୍କରେ ମାଇକ ବ୍ୟବହାର ହେଉ ନ ଥିଲା । ତେଣୁ ଉଚ୍ଚ ସ୍ୱରରେ ଭାଷଣ ଦେବା ଦରକାର ହୁଏ । ଏକଆଡ଼େ ମୁକ୍ତ ଆକାଶ, ମହାନଦୀର ତରଙ୍ଗନାଦ ଏବଂ ଅନ୍ୟଦିଗରେ ଲୋକସମୂହର ଗୁଞ୍ଜନ । ମୋର ବକ୍ତୃତାର ଦୀର୍ଘତା ହେତୁ ଗଳଦେଶରେ ମୁଁ ବ୍ୟଥା ଅନୁଭବ କଲି ।

ସେ ମାସ ୯ତାରିଖରେ ଢେଙ୍କାନାଳ ଫେରିଆସି ମୁଁ ଶୁଣିଲି ଯେଉଁ ଧାନ ମୁଁ ଖରିଦ କରିଥିଲି ସେଥିର ମୂଲ୍ୟ ଯଥେଷ୍ଟ ପରିମାଣରେ ଏଇ ଅଳ୍ପଦିନ ମଧ୍ୟରେ ବଢ଼ିଯାଇଛି । ତେଣୁ ବିକ୍ରେତାମାନେ ତାଙ୍କର ପ୍ରତିଶ୍ରୁତି ରକ୍ଷା କରିବାକୁ ନାରାଜ ହୋଇ ମୁଁ ଦେଇଥିବା Advance ଫେରାଇ ଦେବାକୁ ଚାହାନ୍ତି । ଏଥିରେ ମୁଁ ହତୋତ୍ସାହ ହୋଇ ଏକଥା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ କହିବାରୁ ସେ ପ୍ରଧାନ ବିକ୍ରେତା ମଙ୍ଗରାଜଙ୍କୁ ଡକାଇ କହିଲେ—ତୁମେ ଯଦି ଆଜି ପ୍ରତିଶ୍ରୁତି ଭଙ୍ଗ କରିବ ତା' ହେଲେ ଢେଙ୍କାନାଳର ସମ୍ମାନ ତ ମହାରାଜାଙ୍କ ଆଗରେ ନଷ୍ଟ ହେବ; କିନ୍ତୁ ତୁମର ଭବିଷ୍ୟତ ପରିଣାମରେ କଣ ହେବ ତାହା ତୁମେ ଚିନ୍ତା କରି ପାରିଛ କି ? ତାଙ୍କଠାରୁ ଏତିକି ଶୁଣି ମଙ୍ଗରାଜେ କହିଲେ—ଆମେ ଯେତେବେଳେ ଧାନ ଦେବାକୁ କହିଥିଲୁ ସେହି ସମୟ ମଧ୍ୟରେ ତାହା ନ ନେବାରୁ ଯିନା ଏପରି ଅବସ୍ଥା ସୃଷ୍ଟି ହେଲା । ଲକ୍ଷ୍ମୀନାରାୟଣ ବାବୁ ତାଙ୍କୁ ବୁଝାଇଲେ—ଦେଖ ଆମର ପାଇଁ ତାଙ୍କୁ କଟକ, ସମ୍ବଲପୁର ପ୍ରଭୃତି ଦୂର ଅଞ୍ଚଳକୁ ଯାଇ ସଭା ସମିତି କରିବାକୁ ମହାରାଜା ନିଜେ କହିଲେ । ଦେଶର ସେବାକରି ଜଣେ ପ୍ରତାରିତ ହେବା ଓ ଆର୍ଥିକ କ୍ଷତି ବହନ କରିବା କଣ ଠିକ୍ ହେବ ? ମଙ୍ଗରାଜେ ତଳକୁ ମୁହଁ କରି ନୀରବ ହେବା ଦେଖି ଲକ୍ଷ୍ମୀନାରାୟଣ ବାବୁ କହିଲେ—ତେବେ ଆମର ଇଷ୍ଟେଟ କୋଠିରୁ ମୁଁ ସେହି ଧାନ ତାଙ୍କୁ ଦେଇ ଦେଉଛି । କିନ୍ତୁ ମନେରଖ ତୁମ୍ଭେମାନେ ଇଷ୍ଟେଟକୁ ଯେଉଁ ଭାଗ ଦେବା କଥା ତାହା ଯଦି ଦେଇ ନଥାଅ ତେବେ ତୁମ ବିରୁଦ୍ଧରେ ଅଦାଲତ କାମ ଆରମ୍ଭ ହେବ । ମଙ୍ଗରାଜ ଏଥିରେ ଚମକି ପଡ଼ି କହିଲେ—ଆଜ୍ଞା !

Digitized by PPRACHIN, SOA

ଆମେ ନିର୍ଦ୍ଧାରିତ ଦରରେ ଧାନ ମଗାଇ ଦେବୁ । ଆପଣ ମାଫ୍ କରନ୍ତୁ । ସେଦିନ ବିନା ଆପତ୍ତିରେ ଧାନ ସବୁ ମପା ହେଲା ଏବଂ ଲକ୍ଷ୍ମୀନାରାୟଣ ବାବୁଙ୍କ ସାହାଯ୍ୟରେ ନଭେମ୍ବର ୧୫ତାରିଖରେ ରେଲ ଷ୍ଟେସନରେ ବୁକ୍ କରିଦେଇ ମୁଁ ପାରଳାଖେମୁଣ୍ଡି ଚାଲିଗଲି । କିନ୍ତୁ ସେହିଦିନହିଁ ମହାରାଜାଙ୍କ ସଙ୍ଗେ କଟକ ଯିବାକୁ ପଡ଼ିଲା । କାରଣ ସେଠାରେ ଭୁବନାନନ୍ଦ ଦାସଙ୍କ ସଭାପତିତ୍ୱରେ ୧୬ତାରିଖ ଦିନ କଟକ ଟାଉନହଲରେ ଗୋଟିଏ ବଡ଼ ସଭାର ଆୟୋଜନ କରାଯାଇଥାଏ । ଡେଲାଙ୍ଗରେ ରହିଥିବାରୁ ଆଗରୁ ମୁଁ ଏ ଖବର ପାଇନଥିଲି । ନଚେତ ସେଠାରୁ କଟକ ଯାଇ ସଭାରେ ଯୋଗ ଦେଇପାରି-ଥାନ୍ତି । ବୋଧହୁଏ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମଧ୍ୟ ଏଥିର ଖବର କିଛି ପାଇନଥିଲେ; କାରଣ ଭୁବନାନନ୍ଦ ବାବୁ ଦିଲ୍ଲୀରୁ ଫେରିଆସି ଏହି ସଭାଟି ଶୀଘ୍ର ଡାକିବାକୁ କହିଲେ । ୧୭ ତାରିଖ ସକାଳେ ବ୍ରଜସୁନ୍ଦର ଦାସଙ୍କ ଅଧ୍ୟକ୍ଷତାରେ ବିଷୟ ନିର୍ବାଚନ ସଭା ଅନୁଷ୍ଠିତ ହେଲା । ସେଥିରେ ମୁଁ ଗୋଟିଏ ପ୍ରସ୍ତାବ ଆଣିଥିଲି, ଯାହା ଫଳରେ ବ୍ରହ୍ମପୁରରୁ ପ୍ରକାଶିତ 'ଉତ୍କଳ ହିତୈଷିଣୀ' ପତ୍ରିକାକୁ '**National Party**'ର ମୁଖପତ୍ର ରୂପେ ଆନୁଷ୍ଠାନିକ ଭାବେ ସଭାରେ ସ୍ୱୀକୃତ ହେଲା । ସେହି ସଭାରେହିଁ ଉକ୍ତ ପତ୍ରିକାର ପ୍ରଥମ ସଂଖ୍ୟାଟି ପ୍ରକାଶ କରାଗଲା । ୧୯ତାରିଖ ଦିନ ଖୋର୍ଦ୍ଧାରେ ରହି ସେଠାରୁ କିଛି ଚାଉଳ କିଣି ତାହା ପାରଳାଖେମୁଣ୍ଡି ପଠାଇ ଦେଲି । ପରେ ବ୍ରହ୍ମପୁର ଆସି ଆଡ଼ଭୋକେଟ ଦିଗମ୍ବର ରଥଙ୍କ ଗୃହରେ ରହି ହିତୈଷିଣୀ ପତ୍ରିକାର ସମ୍ପାଦକୀୟ ଅଂଶ ଲେଖି ଦେଇଥିଲି ।

ମଣିଷର ଅଭିଳାଷ ଯେତେ ଉଚ୍ଚସ୍ତରକୁ ଯାଏ ଦୈବର ପ୍ରତିଦ୍ୱନ୍ଦ୍ୱିତା ସେତିକି ବେଗରେ ପରିଲକ୍ଷିତ ହୁଏ । ଏହାହିଁ ମନୀଷୀମାନଙ୍କ କଳ୍ପନାର ଭାଗ୍ୟ । ଏଣୁ ସେମାନେ ପ୍ରଚାର କରିଛନ୍ତି "ଭାଗ୍ୟଂ ଫଳତି ସର୍ବତ୍ର, ନ ବିଦ୍ୟା ନ ଚ ପୌରୁଷମ୍"— ମୋ ଭାଗ୍ୟରେ ଗୋଟିଏ ଘୋର ଉଦ୍‌ବେଗ ଏବଂ ଦୁଃଖର କାରଣ ହୋଇଥିଲା ମୋର ପ୍ରଥମ ପୁତ୍ର ରାଧାଶ୍ୟାମର ସ୍ୱାସ୍ଥ୍ୟ । ମୁଁ ଆଗରେ ତ କହିଛି ୫ବର୍ଷ ବୟସରୁ ତାର ବାତଜ୍ୱର ହୋଇ କଲିଜାର ଗୋଟିଏ ଅଂଶ ନଷ୍ଟ ହୋଇ ଯାଇଥିଲା । ତେଣୁ ଡାକ୍ତରଙ୍କ ପରାମର୍ଶକ୍ରମେ କୌଣସି ପରିଶ୍ରମ ନ କରିବାକୁ ତାକୁ ଯେତେ କହିଲେ ମଧ୍ୟ ବାଳକ-ସୁଲଭ ଚପଳତା ହେତୁ ମଝିରେ ମଝିରେ ସେ ରୋଗଗ୍ରସ୍ତ ହୋଇ ମୋର ଆଶଙ୍କା ଓ ଉଦ୍‌ବେଗ ସୃଷ୍ଟି କରେ । ଯେତେବେଳେ ତାର ହୃଦ୍‌ସନ୍ଧିରେ ଅକଥନୀୟ ବ୍ୟଥା ଜାତ ହୁଏ, ସେତେବେଳେ ତା' ଜୀବନ ସଙ୍କଟାପନ୍ନ ହୋଇଥାଏ । ମୃତ୍ୟୁ ମୁଖରୁ ରକ୍ଷା କରିବାପାଇଁ "ଟିଞ୍ଚର ଡିଜିଟାଲିସ୍" ନାମକ ଗୋଟିଏ ପ୍ରକାର ବିଷାକ୍ତ ଔଷଧ ପ୍ରୟୋଗ କରିବାକୁ ପଡ଼ୁଥିଲା । ମୁଁ ଏହି ଔଷଧ ବରାବର ଘରେ ରଖିଥାଏ । କାରଣ ରାତିରେ ହଠାତ୍ ତା'ର ପାଲପିଟେସନ୍ ବା ଧମନୀସ୍ପନ୍ଦନ ଯେ କୌଣସି କାରଣରୁ ହେଉନା କାହିଁକି ଯଦି ଦେଖାଦିଏ, ତା' ହେଲେ ଡାକ୍ତରଙ୍କୁ ଡାକି

Digitized by PPRACHIN, SOA

ଆଣିବା ପର୍ଯ୍ୟନ୍ତ ଅପେକ୍ଷା ନ କରି ସେହି ଔଷଧରୁ କିଛି ମୁଁ ତାଙ୍କୁ ଦେଇଦିଏ । ଏହିପରି ସ୍ୱଭାବେ ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ତାଙ୍କୁ ବଞ୍ଚାଇ ରଖିପାରିଲି ।

୧୯୩୬ ସାଲ ଜାନୁୟାରୀ ଆରମ୍ଭରେ ପାରଳାଖେମୁଣ୍ଡି ମହାରାଜାଙ୍କୁ ଭାରତ ସରକାରଙ୍କ ପକ୍ଷରୁ 'ମହାରାଜ' ଉପାଧି ମିଳିଥିଲା । ଏଥିରେ ତାଙ୍କୁ ଅଭିନନ୍ଦନ ଦେବାପାଇଁ ପାରଳାଖେମୁଣ୍ଡିର ବିଭିନ୍ନ ଅନୁଷ୍ଠାନ ଏବଂ ମ୍ୟୁନିସିପାଲିଟି ପକ୍ଷରୁ ବିରାଟ ଆୟୋଜନ କରୁଥିଲେ । ଏଥିର ଅଳ୍ପଦିନ ପରେ ଅଧ୍ୟାପକ ଚନ୍ଦ୍ରାମଣି ଆଚାର୍ଯ୍ୟ ( ପରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ) ବ୍ରିଟିଶରୁଲ ( British Rule ) ନାମକ ଗୋଟିଏ ବହି ଇଂରାଜୀରେ ଲେଖିବାକୁ ଉଦ୍ୟମ କରିଥାନ୍ତି । ଏଥିପାଇଁ କେତେକ ଐତିହାସିକ ଉପାଦାନ ଯୋଗାଇଦେବା ସକାଶେ ମହାରାଜାଙ୍କ ମାଧ୍ୟମରେ ମୋତେ ସେ ଅନୁରୋଧ କଲେ । ଜାନୁୟାରୀ ୧୦ ତାରିଖ ଦିନ ଦେବାନଙ୍କଠାରୁ ଏ ଖବର ପାଇ ମୁଁ ତାଙ୍କୁ କହିଲି—ଆପଣ ଜାଣନ୍ତି, ଏବେ ପାରିଶ୍ରମିକରେ ମୁଁ ଯେଉଁ କାର୍ଯ୍ୟ-ଭାର ବହନ କରିଛି, ତାହା କେତେ ଦାୟିତ୍ୱପୂର୍ଣ୍ଣ । ମ୍ୟୁନିସିପାଲ କାଉନ୍‌ସିଲଠାରୁ ଆରମ୍ଭ କରି 'Peoples Association'ର ସଙ୍ଗେ 'ଉତ୍କଳ ହିତୈଷିଣୀ'ର ସମ୍ପାଦନା ପର୍ଯ୍ୟନ୍ତ କାର୍ଯ୍ୟଭାର ମୋତେ ବହୁ ସମୟ ଓ ଶକ୍ତି ଦେଇ କରିବାକୁ ପଡ଼ୁଛି । ଏ ବାହାରେ ପିଲା କୁଟୁମ୍ବ ନେଇ ମୁଁ ଯେତେବେଳେ ଗୃହ ସଂସାର କରିଛି, ସେମାନଙ୍କର ଦାୟିତ୍ୱ ଭାର ତ ମୋତେ ତୁଲାଇବାକୁ ପଡ଼ୁଛି । ଏଣୁ କିଛି ରୋଜଗାରର ପନ୍ଥା ଗ୍ରହଣ କରିବା ମୋ ପକ୍ଷରେ ଆବଶ୍ୟକ ହେଉଛି । ଏ ସବୁ ଦୃଷ୍ଟିରୁ ଅଧ୍ୟାପକଙ୍କ ପାଇଁ ଖଟିବାକୁ ମୋର ସମୟ କାହିଁ ? ଦେବାନ୍ ଟିକିଏ ମୃଦୁହାସ୍ୟ କରି କହିଲେ — ଯେଉଁ ଘୋଡ଼ା ଧାଇଁପାରେ ତାର ପିଠିରେ ବେଶୀ ଲଦନ ବୁହାହୁଏ । ମୁଁ ଜବାବ ଦେଇ କହିଲି ସେପରି ଘୋଡ଼ାକୁ ଯଦି ଉପଯୁକ୍ତ ଦାନା ନ ମିଳେ ତା' ହେଲେ ?

କିନ୍ତୁ ସେ ଯାହା ହେଉ ଚନ୍ଦ୍ରାମଣି ଆଚାର୍ଯ୍ୟଙ୍କର ପାଇଁ ବିଷୟ ସଂଗ୍ରହ କରିବାରୁ ମୁଁ ନିବୃତ୍ତ ହୋଇ ନଥିଲି । ମୋର ସ୍ମରଣ ହେଉଛି ପ୍ରାୟ ୪୦ କି ୫୦ ପୃଷ୍ଠା ଟାଇପ୍ କରି ତାଙ୍କଠାକୁ ଦେବାନଙ୍କ ଦ୍ୱାରା ପଠେଇ ଦିଆଗଲା । ଯେଉଁଦିନ ମୋର ଲେଖା ଶେଷ ହେଲା ଠିକ୍ ସେଇଦିନ ଜାନୁୟାରୀ ୨୧ ତାରିଖରେ ଭାରତ ସମ୍ରାଟ ୫ମ ଜର୍ଜ ଇହଧାମ ତ୍ୟାଗ କରିଥିବା ସମ୍ବାଦ ଆମେ ପାଇଲୁ । ତେଣୁ ସ୍କୁଲ, କେଚେରି ସବୁ ଛୁଟି ହୋଇଥିବାରୁ ତା ପରଦିନ ଡାକରେ ମୋର ଐତିହାସିକ ଟିପ୍ପଣୀ ପଠାଗଲା ।

ଉପରୋକ୍ତ ପ୍ରକାରେ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହି ଥିବାରୁ ଉତ୍କଳ ହିତୈଷିଣୀ ପତ୍ରିକାର ସମ୍ପାଦକୀୟ ସ୍ତମ୍ଭ ପୂର୍ଣ୍ଣ କରିବା ପାଇଁ ଗୋଦାବରୀଶ ବାବୁଙ୍କୁ ମୁଁ କ୍ଷମତା

Digitized by PPRACHIN, SOA

ଦେଇଥିଲି । ତାଙ୍କର ଲେଖାଗୁଡ଼ିକ ଯେପରି ତୀବ୍ର ସେହିପରି କଟୁ ଓ ସମାଲୋଚନା-ମୂଳକ । ଜାନୁୟାରୀ ଆରମ୍ଭରୁ ଗଞ୍ଜାମ କଲେକ୍ଟରଏଟ୍‌ରେ କେତେଗୁଡ଼ିଏ ନୂଆ କିରାଣୀଙ୍କୁ ନିଯୁକ୍ତ କରାଗଲା । ସେତେବେଳେ ଜିଲ୍ଲା କଲେକ୍ଟର ମି. ଡିକ୍‌ସନ ସେହି ନିଯୁକ୍ତିଗୁଡ଼ିକ ସଂପାଦନ କରିଥିଲେ । ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜର ଗୋଟିଏ ଅଂଶ ହୋଇ ଥିବାରୁ ଏପରି ନିଯୁକ୍ତିଗୁଡ଼ିକ ସାଧାରଣତଃ ସେ ପ୍ରଦେଶର I. C. S. ଅଫିସରମାନେ ଅଧିକାଂଶ କ୍ଷେତ୍ରରେ ଆନ୍ଧ୍ର ଓ ତାମିଲିଆନମାନଙ୍କ ପ୍ରତି ଦୟାପ୍ରକାଶ କରିଥାନ୍ତି । ଏ କ୍ଷେତ୍ରରେ ମଧ୍ୟ କେତେକ ପରିମାଣରେ ତାହା ହୋଇଥିଲା । କିନ୍ତୁ ଗଞ୍ଜାମ ଅଞ୍ଚଳ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇ ଗୋଟିଏ ମୁଖ୍ୟ ଜିଲ୍ଲା ରୂପେ ରହିବାର ସମ୍ଭାବନା ଦୃଷ୍ଟିରୁ ଏଠାର କଲେକ୍ଟରଏଟ୍‌ରେ ଆନ୍ଧ୍ର ପ୍ରଭାବ ଯେପରି ନ ରହେ, ସେଥିପ୍ରତି ଆମ ସମସ୍ତଙ୍କର ଆଗ୍ରହ ରହିଥାଏ । ମୋର ବନ୍ଧୁ ଗୋଦାବରୀଶ ମହାପାତ୍ର ଏହି ନିଯୁକ୍ତି ବିଷୟ ନେଇ ତୀବ୍ର ସମାଲୋଚନା କରି କଲେକ୍ଟରଙ୍କ ବିରୁଦ୍ଧରେ କେତେକ ଆକ୍ଷେପ ପତ୍ରିକାର ସଂପାଦକୀୟ ସ୍ତମ୍ଭରେ ପ୍ରକାଶ କଲେ । ଏହାପରେ ଆନ୍ଧ୍ରମାନେ ସାହେବଙ୍କୁ ଆମ ବିପକ୍ଷରେ ଉତ୍ତେଜିତ କରିବା ଉଦ୍ଦେଶ୍ୟରେ ସେ ଲେଖାଟିର ଗୋଟିଏ ଇଂରେଜୀ ତର୍ଜମା ତାଙ୍କୁ ଦେଲେ । ସେହି ତର୍ଜମାରେ ସ୍ଥାନେ ସ୍ଥାନେ ଭୁଲ ମଧ୍ୟ ରହିଥିଲା । ଡିକ୍‌ସନ ସାହେବ ଜଣେ ମିଲ୍‌ଟାରୀ ଫେରନ୍ତା I. C. S. ଅଫିସର, ବଡ଼ ଖିଲ ପ୍ରକୃତିର ଲୋକ । ସେହି ସମ୍ବାଦଟି ପଢ଼ିବାକ୍ଷଣି ସେ ପାରଳାଖେମୁଣ୍ଡି ଆସି ଡାକବଙ୍ଗଳାରୁ ମୋତେ ଖବର ପଠାଇଲେ ଦେଖା କରିବାକୁ । ନିର୍ଦ୍ଦିଷ୍ଟ ସମୟରେ ମୁଁ ସେଠାକୁ ଗଲି । ସାହେବ କଚେରୀ କରି ବସିଥାନ୍ତି । ମୋତେ ଦେଖି ସେ ଚୌକିରୁ ଉଠି ତାଙ୍କର ପ୍ରାଇଭେଟ କୋଠରିକୁ ଡାକିନେଲେ । ସର୍ବପ୍ରଥମେ ସେ ମୋତେ ପଚାରିଲେ—"ଆପଣ ହିତୈଷିଣୀର ସଂପାଦକ ?" ମୁଁ କହିଲି –"ହଁ, ମୁଁ ଉତ୍କଳ ହିତୈଷିଣୀର ସଂପାଦକ ।" ସେ ପଚାରିଲେ—"ଆନ୍ଧ୍ରମାନଙ୍କୁ ଦୟା ପ୍ରଦର୍ଶନ କରି ମୁଁ କୁଆଡ଼େ ନିଯୁକ୍ତି ଦେଉଛି । ଏକଥା ଆପଣ ପତ୍ରିକାରେ ଲେଖିଛନ୍ତି ତାହା ନିତାନ୍ତ ଭୁଲ ଓ ଲୋକଙ୍କୁ ଭ୍ରାନ୍ତଧାରଣା ଦେଉଛି । ଆପଣ ସରକାରୀ ଅଫିସରଙ୍କ ବିରୁଦ୍ଧରେ ଏପରି ଭୁଲ ପ୍ରଚାର କରିବା ଗୋଟିଏ କ୍ରାଇମ୍ । ଏଥିପାଇଁ ଆପଣଙ୍କୁ ମୁଁ କାହିଁକି (ପ୍ରସକ୍ୟୁସନ) ଅଭିଯୁକ୍ତ ନ କରିବି ?" ମୁଁ କହିଲି –"ଆପଣ ନିଜେ ଓଡ଼ିଆ ପଢ଼ିପାରନ୍ତି କି ?" ସେ ଉତ୍ତର ଦେଲେ—"ନା' ଆପଣଙ୍କ ଲେଖାର ଇଂରେଜୀ ତର୍ଜମାରୁ ମୁଁ ଏକଥା କହୁଛି ।" ମୁଁ କହିଲି, "ଆପଣ ଯେଉଁ ତର୍ଜମାଟି ପାଇଛନ୍ତି ସେଥିର ଲେଖକ ଆମ ଓଡ଼ିଆମାନଙ୍କର ବିଦ୍ୱେଷୀ ଆନ୍ଧ୍ର ପି.ଏ. । ତେଣୁ ମୂଳ ଲେଖାର ଭୁଲ ତର୍ଜମା ଜାଣି ଶୁଣି କରାଯାଇଛି ।" ମୋଠାରୁ ଏକଥା ଶୁଣି ସାହେବ ଟିକିଏ ବିବ୍ରତ ହେଲାପରି ଜଣାଗଲା । ସେ ତାଙ୍କର ପି.ଏ.ଙ୍କୁ ଡାକି ଫାଇଲଟି ମଗାଇଲେ । ତର୍ଜମାଟି ମୋ ହାତରେ ଦେଇ କହିଲେ, ଏଥିର ଭୁଲ ଦେଖାଇଦିଅ । ଭାଗ୍ୟବଶତଃ ସେଥିରୁ

Digitized by PPRACHIN, SOA

କେତୋଟି ସାଧାରଣ ଭୁଲ ମୋ ଆଖିରେ ପଡ଼ିଲା । ତାହା ଦେଖାଇବାରୁ ସାହେବ ମନେ ମନେ କଣ ଚିନ୍ତା କରି ପି. ଏ. ଙ୍କୁ ଗୁଡ଼ିଏ କହିଲେ – ଆଚ୍ଛା, ଆମର ଅଫିସ ପକ୍ଷରୁ ଏବେ ଯେଉଁ ନିଯୁକ୍ତିଗୁଡ଼ିକ ହୋଇଛି ସେଥିରେ କେତେ ଓଡ଼ିଆ ଓ କେତେ ତେଲୁଗୁ ନିଯୁକ୍ତି ପାଇଛନ୍ତି, ସେଥିର ଗୋଟିଏ ତାଲିକା ଏହାଙ୍କୁ ଟାଇପ୍ କରି ଦେଇ ଦିଅ । ମୋତେ ଅନୁରୋଧ କଲେ, ଆପଣ ଦୟାକରି ଏହି ତାଲିକାଟି ପରୀକ୍ଷାକରେ ଛାପି ଦିଅନ୍ତୁ । ତା' ହେଲେ ପ୍ରକୃତ କଥା ଲୋକେ ଜାଣି ପାରିବେ । ଏହାପରେ ମୁଁ ସ୍ପଷ୍ଟ ଜାଣି ପାରିଲି ଯେ ସାହେବଙ୍କର କ୍ରୋଧ, ବିରକ୍ତି ଆଉ ନାହିଁ, ବରଂ ସେ ମୋତେ ମନେ ମନେ ଶ୍ରଦ୍ଧା କରିବାକୁ ଆରମ୍ଭ କରିଛନ୍ତି, ଯେତେବେଳେ ଚାହା ଆଣି ଯୋଗାଇ ଦେବାକୁ ସେ ତାଙ୍କର ବଟଲର୍‌କୁ ଆଦେଶ ଦେଲେ । ଏ ଘଟଣା ଜାନୁୟାରୀ ୨୧ ତାରିଖ ଦିନ ପାରଲାଖେମୁଣ୍ଡି ଡାକବଙ୍ଗଳାରେ ଘଟିଲା । ସାହେବଙ୍କର ମିଜାଜ୍‌ରେ ହଠାତ୍ ଏପରି ପରିବର୍ତ୍ତନ ହୋଇଥିବାରୁ ମୁଁ ମନେକଲି ଆସନ୍ତା ଓଡ଼ିଶା ପ୍ରଦେଶର ଗଠନବେଳେ ପାରଲାଖେମୁଣ୍ଡି ମହାରାଜାଙ୍କ ନେତୃତ୍ୱରେ ଯେଉଁ ମନ୍ତ୍ରୀ ପରିଷଦ ଗଢ଼ାଯିବ ସେହି ଘଟଣାକୁ ମନରେ ରଖି ସାହେବ ଏବେ 'National Party'ର ମୁଖପତ୍ର ସମ୍ପାଦକଙ୍କୁ ଉତ୍ତେଜିତ କରିବା ଉଚିତ ନୁହେଁ ବୋଲି ହୁଏତ ଭାବିଥିବେ । ବ୍ରିଟିଶ ରାଜତ୍ୱବେଳେ ଖବରକାଗଜ ସଂପାଦକମାନଙ୍କର ଯେଉଁ ସ୍ୱାଧୀନତା ଥିଲା ତାହା ଭାରତ ସ୍ୱାଧୀନ ହେବାପରେ ଭିନ୍ନ ଭିନ୍ନ ଆକାରରେ ଦେଖା ଦେଲା । ସଂପାଦକମାନଙ୍କର ପ୍ରଭାବ ଓ ପ୍ରତିପତ୍ତି ସ୍ୱାଧୀନ ଭାରତରେ ଏତେ ଦୂର ବଢ଼ିଗଲା ଯେ କେତେକ ସ୍ଥାନରେ ସେମାନଙ୍କୁ ତାଙ୍କର ଦାୟିତ୍ୱ ତୁଲାଇବା କର୍ତ୍ତବ୍ୟରୁ ମଧ୍ୟ ବିଚ୍ୟୁତ କରିଥିଲା । ସ୍ଥାନେ ସ୍ଥାନେ ରାଜନୈତିକ ଦଳମାନଙ୍କର ପ୍ରଭାବରେ ବିଭ୍ରାନ୍ତ ହୋଇ ଯେଉଁ ସମ୍ପାଦକୀୟ ଲେଖାମାନ ଭାରତର ବିଭିନ୍ନ ପ୍ରାନ୍ତରୁ ବାହାରୁଛି ତାହା ଦେଖିଲେ କିଏ କହିବ ଯେ ଏ ଦେଶରେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ କାର୍ଯ୍ୟ ପରିଚାଳିତ ହେଉଛି ? ଓଡ଼ିଶା ସମେତ କେତେକ ଅନୁନ୍ନତ ପ୍ରଦେଶରେ ସଂପାଦକମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ବିଧାନସଭା ସଭ୍ୟଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ ଓ ରାଜକର୍ମଚାରୀମାନେ ତାଙ୍କର ପାଶ୍ଚାତ୍‌ଗାମୀ ହେବାର ଦେଖାଯାଏ । ଆଉ କେତେକ କ୍ଷେତ୍ରରେ ସଂପାଦକମାନେ ନିଜେ ରାଜନୀତିରେ ସକ୍ରିୟ ଭାବରେ ଯୋଗଦେଇ ଦେଶର ଲୋକଙ୍କୁ ବିଭ୍ରାନ୍ତ କରି ସ୍ୱୀୟ ପଦବୀ ଓ ମର୍ଯ୍ୟାଦାର ଉତ୍କର୍ଷତା ପ୍ରତି ଦୃଷ୍ଟି ଦେଇଥାନ୍ତି । ଏହା ଅଦ୍ୟାପି ଭାରତର ଗୋଟିଏ ସୁବିଦିତ ପ୍ରଥାରେ ପରିଣତ ହୋଇଛି । ଯାହାଫଳରେ କି ବୈଦେଶିକ ରାଜ୍ୟସମୂହ ଭାରତ ପ୍ରତି ଯେଉଁ ପରିମାଣରେ ସମ୍ମାନ ଦେବା କଥା ତାହା ଦେଉ ନାହାନ୍ତି । ସେ ଯାହା ହେଉ ଧୀରେ ଧୀରେ ଏଥିର ନିରାକରଣ ଏବେ କେତେକ ରାଜ୍ୟରେ ଦେଖାଦେଲଣି, ଯାହାକି ଭାରତର ଭବିଷ୍ୟତ ଐତିହାସିକମାନେ ସ୍ପଷ୍ଟ ଭାବରେ ଘୋଷଣା କରିବେ ।

Digitized by PPRACHIN, SOA

ସେ ବର୍ଷ ଜାନୁୟାରୀରୁ ଆରମ୍ଭ କରି ପାରଳାଖେମୁଣ୍ଡିରେ ଉତ୍କଟ ଜଳକଷ୍ଟ ଦେଖାଗଲା । ଏଥିର ନିରାକରଣ ପାଇଁ ପାରଳାଖେମୁଣ୍ଡି ପୌରସଭାରେ ଗୋଟିଏ ସ୍ୱତନ୍ତ୍ର ସଭା ଡକାଗଲା । ସେଥିରେ ଜିଲ୍ଲା କଲେକ୍ଟର ମଧ୍ୟ ଯୋଗଦେଲେ । ମୁଁ ଗୋଟିଏ ପ୍ରସ୍ତାବ କଲି—ଏ ସହରର ଅବସ୍ଥିତି ଗୋଟିଏ ପାହାଡ଼ ମୂଳରେ ହୋଇଥିବାରୁ Tube well ପଡ଼ି ଲୋକଙ୍କୁ ପାନୀୟ ଜଳ ଯୋଗାଇବା ସମ୍ଭବ ନୁହେଁ । ତେଣୁ ଅଦୂରବର୍ତ୍ତୀ ମହେନ୍ଦ୍ର ତନୟାରେ କୂଅ ଖୋଳାଇ ସେଠାରୁ ନଳ ସାହାଯ୍ୟରେ ପମ୍ପ କରି ଉଠାଇବା ଏକମାତ୍ର ଉପଯୁକ୍ତ ବ୍ୟବସ୍ଥା । ଏହି ପ୍ରସ୍ତାବରେ କଲେକ୍ଟର କହିଲେ—ମାନ୍ଦ୍ରାଜ ସରକାରଙ୍କଠାରୁ ଏଥିପାଇଁ ଆଗେ ଯେଉଁ ସର୍ଭେ ହୋଇଥିଲା ସେଥିର ଖର୍ଚ୍ଚ ବାବଦକୁ ପ୍ରାୟ ୨୫ହଜାରଟଙ୍କା ପାରଳା ମ୍ୟୁନିସିପାଲିଟିକୁ ଦିଆଯାଇଥିଲା । ଏବେ ନୂତନ ଓଡ଼ିଶା ପ୍ରଦେଶରେ ଏହି ମ୍ୟୁନିସିପାଲିଟି ଯାଉଥିବାରୁ ଭବିଷ୍ୟତରେ ଓଡ଼ିଶା ସରକାରହିଁ ଏ ଦାୟିତ୍ୱ ଗ୍ରହଣ କରିବେ । ସାହେବଙ୍କଠାରୁ ଏହା ଶୁଣି କେତେକ ସଭ୍ୟ ଉଦ୍‌ବେଗ ପ୍ରକାଶ କରି କହିଲେ—ତେବେ ବର୍ତ୍ତମାନ ଆଉ କି ଉପାୟରେ ଜଳକଷ୍ଟରୁ ସହର ଲୋକଙ୍କୁ ଉଦ୍ଧାର କରାଯାଇ ପାରିବ ? ସାହେବ କିଛି ସମୟ ବିଚାର କରି ଉତ୍ତର ଦେଲେ ବର୍ତ୍ତମାନ ଅସ୍ଥାୟୀ ବ୍ୟବସ୍ଥା ରୂପେ ମହେନ୍ଦ୍ର ତନୟାରୁ ଟ୍ରକରେ ପାଣି ବୁହାଇ ଲୋକଙ୍କୁ ଯୋଗାଯାଇପାରେ । ଟ୍ରକର ପ୍ରଚଳନ ପାଇଁ ଯାହା ଖର୍ଚ୍ଚ ହେବ ସେଥିରୁ ଅର୍ଦ୍ଧେକ ସରକାର ବହନ କରିବେ । ସେତିକିବେଳେ ଚେୟାରମ୍ୟାନ ଦୁଃଖ ପ୍ରକାଶ କରି କହିଲେ, ମ୍ୟୁନିସପାଲିଟିର ଫଣ୍ଡରେ ଏତେ ଅନଟନ ହୋଇ ରହିଛି ଯାହା ଦ୍ୱାରା କର୍ମଚାରୀମାନଙ୍କ ଦରମାକୁ ମଧ୍ୟ ତାହା ନିଅଣ୍ଟ ପଡ଼େ । ଏପରି ଅବସ୍ଥାରେ ଜଳ ଯୋଗାଣ ପାଇଁ ଅଧିକ ଖର୍ଚ୍ଚ କରିବା ଆମ ପକ୍ଷରେ ସମ୍ଭବ ନୁହେଁ । ପରିଶେଷରେ ସ୍ଥିର ହେଲା ସରକାରହିଁ ସମୁଦାୟ ଖର୍ଚ୍ଚ ବହନ କରିବେ । ମୋର ମନେପଡ଼ୁଛି କଲେକ୍ଟର ସାହେବ ଯିବା ପୂର୍ବରୁ କହିଲେ - ତୁମ ମହାରାଜା ଓଡ଼ିଶାର ପ୍ରଧାନମନ୍ତ୍ରୀ (ବର୍ତ୍ତମାନ ମୁଖ୍ୟମନ୍ତ୍ରୀ) ହେବା ସମ୍ଭବ । ତେଣୁ ପାରଳାଖେମୁଣ୍ଡିର ଏବଂ ଏହି ମ୍ୟୁନିସିପାଲିଟିର ନିଅଣ୍ଟିଆ ଅବସ୍ଥା ଆଉ ରହିବ ନାହିଁ । ମୁଁ ମନେ ମନେ ଭାବିଲି ଯଦି ତାହାହିଁ ହୁଏ ତେବେ ମହାରାଜାଙ୍କ ଦ୍ୱାରା ସର୍ବପ୍ରଥମେ ପାରଳାଖେମୁଣ୍ଡିର ହିତ କାର୍ଯ୍ୟକୁ ପ୍ରତ୍ୟାଖ୍ୟାନ କରାଯିବ । କାରଣ ଆମ ମହାରାଜାଙ୍କର ପ୍ରକୃତି ଯାହା ସେଥିରେ ତ୍ୟାଗର ମୂଳବୀଜ ରୋପିତ ହୋଇଥିଲା । ନିଜେ ଯାବତୀୟ ଦୁଃଖ କଷ୍ଟ ବରଣ କରି ଅନ୍ୟକୁ ସାହାଯ୍ୟ କରିବା ଯେଉଁ ଲୋକର ପ୍ରବୃତ୍ତି ସେ କପରି ବା ପାରଳାଖେମୁଣ୍ଡି ପାଇଁ ସରକାରୀ ତହବିଲରୁ ଟଙ୍କା ମଞ୍ଜୁର କରି ପାରିବେ, ବିଶେଷତଃ ଓଡ଼ିଶା ପରି ଗୋଟିଏ ନିଅଣ୍ଟିଆ ଗରିବ ପ୍ରଦେଶର ସରକାରୀ ଫଣ୍ଡରୁ ? ଏଣୁ ସାହେବଙ୍କର ଭବିଷ୍ୟତ ବାଣୀ ପ୍ରତି ମୋର ଆଦୌ ଆସ୍ଥା ହେଲା ନାହିଁ ।

ମହାରାଜାଙ୍କ ପ୍ରଥମ ପୁତ୍ର ସ୍ୱର୍ଗୀୟ ରାମଚନ୍ଦ୍ର ଦେବଙ୍କ ବିବାହଯୋଗ୍ୟ ବୟସ ହୋଇଥିବାରୁ ବହୁ ସ୍ଥାନରୁ କନ୍ୟାଦାୟ-ଗ୍ରସ୍ତ ରାଜା ମହାରାଜାମାନେ ପ୍ରସ୍ତାବ

Digitized by PPRACHIN, SOA

ପଠାଉଥିଲେ । ମୋର ମନେ ଅଛି, ଥରେ ତ୍ରିପୁରାର ମହାରାଜାଙ୍କଠାରୁ ଗୋଟିଏ ପ୍ରସ୍ତାବ ଆସିବାରୁ ମୋର ପିତା ଏଥିପାଇଁ ଅନୁକୂଳ ମତ ପ୍ରକାଶ କଲେ । କାରଣ କନ୍ୟାର ଜାତକ ସଙ୍ଗେ ବର ଜାତକ ପରୀକ୍ଷା କରିବାରୁ ରାଜଯୋଟକ ପଡ଼ିଥିଲା । ନନାଙ୍କର ପ୍ରସ୍ତାବଟି ମହାରାଜାଙ୍କୁ ଶୁଣାଇବାରୁ ସେ ଟିକିଏ ହସିଦେଇ କହିଲେ—ତ୍ରିପୁରାର ମହାରାଜା ଆମଠାରୁ ବହୁତ ଗୁଣରେ ବଡ଼ ହୋଇପାରନ୍ତି, କିନ୍ତୁ ବଂଶ ହିସାବରେ ଆମ ସଙ୍ଗେ ସେ ତୁଳନୀୟ ନୁହନ୍ତି । ଗଙ୍ଗବଂଶୀୟ ସମ୍ମାନ କୌଣସିମତେ ଯେପରି କ୍ଷତଗ୍ରସ୍ତ ନ ହୁଏ, ତାହା ବିଚାରକୁ ନେବା ଆମର ପ୍ରଧାନ କର୍ତ୍ତବ୍ୟ । ନନା ସେଥିରେ ଆଉ କିଛି ପ୍ରତିବାଦ କଲେ ନାହିଁ । ନିଜ ବଂଶର ସମ୍ମାନ ପାଇଁ ମହାରାଜା ପ୍ରାୟ କୋଟିଏ ଟଙ୍କାର ସମ୍ଭାର ଓ ଯୌତୁକ ଅତି ସହଜରେ ଛାଡ଼ିଦେବା କଥା ସମସ୍ତଙ୍କ ମୁଖରେ ଶୁଣାଗଲା । ବାସ୍ତବରେ ପାରଳାଖେମୁଣ୍ଡି ମହାରାଜାଙ୍କର ନିଜ ବଂଶର ଐତିହ୍ୟ ଓ ସମ୍ମାନ ପ୍ରତି ଯେଉଁ ଗଭୀର ଆଗ୍ରହ ରହିଥିଲା, ତା' ଫଳରେ ସେ ମୋତେ ବାରମ୍ବାର କହି ତାଙ୍କ ବଂଶର ଇତିହାସ ଲେଖିବାକୁ ପ୍ରୋତ୍ସାହିତ କରିଥିଲେ । କେବଳ ସେତିକି ନୁହେଁ କଲିକତାରେ ଏବଂ ମାନ୍ଦ୍ରାଜରେ ଲାଇବ୍ରେରୀମାନଙ୍କରେ କାମ କରି ବିଷୟ ସଂଗ୍ରହ କରିବାଠାରୁ ଆରମ୍ଭ କରି 'History of the Gangas' ନାମକ ଗୋଟିଏ ଗ୍ରନ୍ଥ ଦୁଇ ଭାଗରେ ଓଡ଼ିଶା ସରକାରଙ୍କ ଦ୍ୱାରା ଛପା ହେବା ପର୍ଯ୍ୟନ୍ତ ସେ ବରାବର ମୋତେ ସାହାଯ୍ୟ କରିଥିଲେ ।

ଜାନୁୟାରୀ ୨୫ତାରିଖ ଦିନ ରାମକୃଷ୍ଣ କବିଙ୍କ ଅନୁରୋଧକ୍ରମେ ମହାରାଜା ମୋତେ କହିଲେ ଆମର ପୂର୍ବପୁରୁଷ ଜଗନ୍ନାଥ ନାରାୟଣ ଦେବଙ୍କର ଜୀବନ ଚରିତ ଲେଖି ତାଙ୍କୁ ଯୋଗାଇ ଦିଅ । ବୋଧହୁଏ ରାମକୃଷ୍ଣ କବି ଜଗନ୍ନାଥ ନାରାୟଣ ଦେବଙ୍କ ରଚିତ କୌଣସି ଗ୍ରନ୍ଥ ପ୍ରକାଶ କରିବା ପାଇଁ ସେତେବେଳେ ଉଦ୍ୟମ ଚଳାଇଥାନ୍ତି । * ମୁଁ ଏହି ଜୀବନୀ ଲେଖିବା ପାଇଁ ବିଷୟଗୁଡ଼ିକ ସଂଗ୍ରହ କଲାବେଳକୁ ହଠାତ୍ ସେ ମାସ ୨୮ତାରିଖରେ ଶ୍ୟାମସୁନ୍ଦର ଗନ୍ତାୟତଙ୍କଠାରୁ ଖବର ପାଇଲି ଯେ ପାରଳାଖେମୁଣ୍ଡିର ଯେଉଁ ଅଂଶ ଓଡ଼ିଶାରେ ମିଶିବାକୁ ସୀମା ସରହଦ ଠିକ୍ କରାଯାଇଛି, ସେଥିର ଶେଷ

* ପାରଳା ରାଜବଂଶରେ ଜଗନ୍ନାଥ ନାରାୟଣ ଦେବ ଯେପରି ବୀର ସେପରି କୃଷ୍ଣ ଭକ୍ତି ବିଷୟକ କାବ୍ୟ ଓ କବିତା ରଚନାରେ ପାରଦର୍ଶୀ ଥିଲେ । ତାଙ୍କ ରଚିତ 'ଶ୍ରୀ ବୃନ୍ଦାବନ ବିହାର' ନାମକ କାବ୍ୟ ୧୯୧୭ ମସିହାରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଆନୁକୂଲ୍ୟରେ ଗଜପତି ପ୍ରେସରେ ପ୍ରକାଶିତ ହୋଇଥିଲା । କିନ୍ତୁ ଜଗନ୍ନାଥ ନାରାୟଣ ଦେବଙ୍କ ସମୟରେ ପାରଳାଖେମୁଣ୍ଡିରେ ରଚିତ ଅନ୍ୟାନ୍ୟ ବହୁ କାବ୍ୟ ଓ ସଙ୍ଗୀତ ଅପ୍ରକାଶିତ ରହିଥିବାରୁ ସେଥିର ଅନୁସନ୍ଧାନରେ ରାମକୃଷ୍ଣ କବି ନିଯୁକ୍ତ ହୋଇଥିଲେ ।

Digitized by PPRACHIN, SOA

ନିଷ୍ପତ୍ତି ରୂପେ ଗୋଟିଏ ଧଳାପତ୍ର (White Paper) କେନ୍ଦ୍ର ସରକାରଙ୍କ ପକ୍ଷରୁ ଏବେ ପ୍ରକାଶ କରାଯାଇଛି । ସେଥିରେ ହଂସା, ଷ୍ଟୁଆର୍ଟପେଟା, ଗୁଡ୍ଡ଼ି, ଦଶରଥପୁର, ଅଙ୍ଗାରସିଙ୍ଗି, କୋଦଣ୍ଡପୁର, କମ୍ପମଲା, ରାହିଣୀ ପ୍ରଭୃତି କେତୋଟି ଖାଣ୍ଟି ଓଡ଼ିଆଗ୍ରାମ-ଗୁଡ଼ିକ ଓଡ଼ିଶାରୁ ବିଚ୍ଛିନ୍ନ କରାଯାଇଛି । ଏହି ଅନ୍ୟାୟର ପ୍ରତିବାଦ କରିବା ଆବଶ୍ୟକ । ଏ ବାହାରେ ପାରଳାଖେମୁଣ୍ଡିକୁ ଗୋଟିଏ ସ୍ୱତନ୍ତ୍ର ସବଡିଭିଜନ କରି ଏ ସହରକୁ ସେଥିର ହେଡ୍‌କ୍ୱାର୍ଟର କରିବା ପାଇଁ ମଧ୍ୟ ଦାବୀ କରିବା ଆବଶ୍ୟକ । ଏ ସମ୍ବନ୍ଧେ ଯେଉଁ ସ୍ମାରକ-ପତ୍ର ଦିଆଯିବ, ସେଥିର ଆୟୋଜନ ଆମେ ଦୁହେଁ କରିବାରେ ଲାଗିଲୁ । ଫେବୃୟାରୀ ୯ ତାରିଖ ଦିନ ଜିଲ୍ଲା କଲେକ୍ଟରଙ୍କ ସଙ୍ଗେ ଅଧ୍ୟାପକ ଯୁଗଳ କିଶୋର ପାଣିଗ୍ରାହୀ, ହୀରା-ଲାଲ ବର୍ଦ୍ଧନ, ଶ୍ୟାମସୁନ୍ଦର ଗନ୍ତାୟତ ଓ ମୁଁ ହିତୈଷିଣୀ ସମାଜ ପକ୍ଷରୁ ଗୋଟିଏ ଡେପୁଟେସନରେ ଯାଇ ଆଗରୁ ଲେଖା ଯାଇଥିବା ସ୍ମାରକପତ୍ରଟି ଦେଲୁ ଏବଂ ସବ୍‌ଡିଭି-ଜନ ସମ୍ପର୍କୀୟ ଟିକିନିଖି ବିବରଣୀ ତାଙ୍କଠାରେ ଉପସ୍ଥାପିତ କଲୁ । ସେ କହିଲେ ପାରଳାଖେମୁଣ୍ଡିର ସୀମା ସରହଦ ପରିବର୍ତ୍ତନ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ; କାରଣ ଏହା ବ୍ରିଟିଶ ସରକାରଙ୍କ ମୂଳ ଦପ୍ତରରୁ ପ୍ରକାଶ କରାଯାଇଛି । କିନ୍ତୁ ସବ୍‌ଡିଭି-ଜନ କରିବା ବିଷୟରେ ସେ ତାଙ୍କର ସୁପାରିଶ ପଠାଇଦେବେ ବୋଲି ପ୍ରତିଶ୍ରୁତି ଦେଲେ । ଏହାପରେ ମହାରାଜାଙ୍କ ସଙ୍ଗେ ମଧ୍ୟ ଆମର ଆଲୋଚନା ହେଲା । ସେ କହିଲେ, ସ୍ମାରକପତ୍ରଟି ଟିକିଏ ଭଲ ଭାବରେ ଇଂରାଜୀରେ ଲେଖି କେନ୍ଦ୍ର ସରକାରଙ୍କୁ ଦିଆ-ଗଲେ ସେଥିର କାର୍ଯ୍ୟକାରିତା ଶୀଘ୍ର ହୋଇପାରିବ । ତେଣୁ ଦେବାନଙ୍କ ସଙ୍ଗେ ପରାମର୍ଶ କରି ଫେବୃୟାରୀ ୩ ତାରିଖ ଦିନ ମହାରାଜାଙ୍କଠାରେ ଲିଖିତ ସ୍ମାରକପତ୍ରଟି ଦାଖଲ କରାଗଲା, ପୁଣି ସେ ତାହା ମଞ୍ଜୁର କରିଥିବା କଥା ଦେବାନଙ୍କଠାରୁ ଶୁଣିଲି । ଏହି ଘଟଣା ସମ୍ପର୍କରେ ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ସଙ୍ଗେ ମଧ୍ୟ ପରାମର୍ଶ କରିବା ଆବଶ୍ୟକ ବୋଲି ମହାରାଜା ପ୍ରସ୍ତାବ କଲେ; କାରଣ ପାରଳାଖେମୁଣ୍ଡିକୁ ଯେତେବେଳେ ଜୟପୁର ଜିଲ୍ଲାରେ ମିଶାଇ ଦିଆଯାଇଥିଲା । ସେଥିରୁ ତାହା କାଢ଼ିନେବାକୁ ହେଲେ ଜୟପୁର ମହାରାଜାଙ୍କ ଅନୁମତି ମଧ୍ୟ ଆବଶ୍ୟକ ବୋଲି ଅନୁଭୂତ ହେଲା । ଏଣୁ ଫେବୃୟାରୀ ୧୬ ତାରିଖ ଦିନ ନନା ଓ ଯୁଗଳ କିଶୋର ପାଣିଗ୍ରାହୀ (ପ୍ୟାଲେସ କଣ୍ଟ୍ରୋଲର) ଦୁହେଁ ମିଶି ଏ ବିଷୟରେ ପରାମର୍ଶ କରିବାକୁ ଜୟପୁର ଗଲେ । ମାର୍ଚ୍ଚ ୪ ତାରିଖ ଦିନ ମୋର ଉଦ୍ୟମରେ ସ୍ଥାନୀୟ ପଦ୍ମନାଭ ରଙ୍ଗାଳୟ ଗୃହରେ ଗୋଟିଏ ବଡ଼ ସଭା ଆହୂତ ହେଲା । ସେଥିରେ ପାରଳାକୁ ଜୟପୁରରେ ମିଶାଯିବା ବିରୁଦ୍ଧରେ ଗୋଟିଏ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେଲା । ଠିକ୍ ସେତିକିବେଳେ ମହାରାଜା ସିଂହଭୂମି ଠାରେ ଗୋଟିଏ ଅଭ୍ୟର୍ଥନା ସଭାରେ ଯୋଗ ଦେବାପାଇଁ ପ୍ରସ୍ତାବ ହୋଇଥିଲା । କାରଣ ଖରସୁଆଁଠାରୁ ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ମହାରାଜାଙ୍କୁ ପତ୍ର ଲେଖିଥିଲେ —"ଆପଣ ଶୋଣୁଆ ସଭା ମଣ୍ଡିତ କରିବାକୁ ସିଂହଭୂମିର ସମସ୍ତ ଓଡ଼ିଆ ଅଧିବାସୀ ଅନୁରୋଧ

Digitized by PPRACHIN, SOA

କରୁଅଛନ୍ତି । ଶୁଭାଗମନ କେବେ ହୋଇ ପାରିବ ତାହା ଅନୁଗ୍ରହ କରି ଜଣାଇଲେ ଆମେ ସତ୍ୱର ଆୟୋଜନ କରିବୁ । ସିଂହଭୂମି ଗୁରୁମୁଙ୍କ ପ୍ରତି ଆଗ୍ରହରେ ଗୃହି ରହିଛୁ ଶ୍ରୀମୁଖରୁ ପଦେ ଅଶ୍ୱାସନା ଶୁଣିବାକୁ ।"

ପତ୍ରଟି ପାଇଲା ପରେ ମହାରାଜା ତାଙ୍କ ଦେୱାନ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କୁ ଡକାଇ ସେ ପତ୍ରଟି ଦେଇ କହିଲେ, "ତାଙ୍କୁ ଲେଖ ଆଉ ଦଶଦିନ ପରେ ଆମେ ଶୋଣୁଆ ଯାଇ ପାରିବୁ । ଆମର ସ୍ୱତନ୍ତ୍ର ସେଲୁନ (ମହାରାଜଙ୍କର ଗୋଟିଏ ସ୍ୱତନ୍ତ୍ର ସେଲୁନ ନୌପଡ଼ା ରେଲଷ୍ଟେସନରେ ରହୁଥାଏ । ସେ ସେଥିରେ ତାଙ୍କର ଯାତ୍ରା କରୁଥାନ୍ତି ।) ଯିବା କଥା ବି. ଏନ. ଆର. ଅଫିସକୁ ଜଣାଇ ଦିଅ ।"

ଶୋଣୁଆ ସଭାରେ ମହାରାଜା ଯେଉଁ ଅଭିଭାଷଣ ଦେବା କଥା ତାହା ଇଂରାଜୀରେ ଲେଖାଥିଲି । ତା'ର ଓଡ଼ିଆ ତର୍ଜମା କରିବା ଭାର ମୋ ଉପରେ ପଡ଼ିଲା । ମଝିରେ ମାତ୍ର ଅଉ ଗୋଟିଏ ଦିନ ବାକି । ବ୍ରହ୍ମପୁରଠାରେ ମଞ୍ଜୁଷା ଯୁବରାଜ ଶ୍ରୀ କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କ ପରିଚାଳିତ ରଏଲ ପ୍ରେସରେ ମହାରାଜାଙ୍କ ଅଭିଭାଷଣର ଓଡ଼ିଆ ତର୍ଜମାଟି ଛାପିବାକୁ ପଠାଇ ଦିଆଗଲା । କିନ୍ତୁ ଯଥା ସମୟରେ ପାଞ୍ଚ ଶହ କପି ଛପାଇବା ସମ୍ଭବ ନ ହେବାରୁ ମହାରାଜାଙ୍କ ଆଦେଶକ୍ରମେ ମୁଁ ବ୍ରହ୍ମପୁର ଯାଇ ରଏଲ ପ୍ରେସରେ ପ୍ରୁଫ ସଂଶୋଧନ କରିବାକୁ ଏବଂ ଅଧିକ କମ୍ପୋଜିଟର ଯୋଗାଡ଼କରି ୨୪ ଘଣ୍ଟିଆ ପ୍ରେସ କାମ ଚଲାଇବାରେ ଲାଗିଗଲି । ଠିକ୍ ଯାତ୍ରାଦିନ ବ୍ରହ୍ମପୁର ରେଲଷ୍ଟେସନରେ ସନ୍ଧ୍ୟା ୭ଟାରେ ଗାଡ଼ି ଲାଗିବାର ଅଳ୍ପ କେତେ ମିନଟ୍ ଆଗରୁ ଛପା କାମ ଶେଷ ହେଲା । ଆଉ ବିଳମ୍ବ ନ କରି ବହିଗୁଡ଼ିକ ନେଇ ପହଞ୍ଚିଲି ବେଳକୁ ମେଲ ଟ୍ରେନ୍ ଛୁଟିବା ଉପରେ । ଗାର୍ଡ଼ଙ୍କୁ ଅନୁରୋଧ କରି ଅଧିକା ୨ । ୩ ମିନଟ୍ ଗାଡ଼ି ଅଟକାଇ ବହିଗୁଡ଼ିକ ଗୋଟିଏ ତୃତୀୟ କ୍ଲାସ ବଗିରେ କୁଲିମାନଙ୍କ ସାହାଯ୍ୟରେ ଉଠାଇ ଦେଲି । ଗାଡ଼ି ଛାଡ଼ିବାକୁ ଆରମ୍ଭ କଲା । ମହାରାଜା ବସିଥିବା ସେଲୁନଟି ମୋ ପାଖକୁ ଆସିଲାକ୍ଷଣି ମହାରାଜା କହିଲେ – "ତୁମେ ଭିତରକୁ ବାହାରି ଆସ ।" ମୁଁ ଗାଡ଼ିରେ ଯିବାପାଇଁ ଆଗରୁ ପ୍ରସ୍ତୁତ ନଥିଲି । କିନ୍ତୁ ମହାରାଜାଙ୍କ କଥାଶୁଣି ଚାଲୁଥିବା ଗାଡ଼ିରେ ଚଢ଼ିଗଲି । ଖଣ୍ଡିଏ ଧୋତି ଓ ଖଣ୍ଡିଏ ପଞ୍ଜାବି ମାତ୍ର ମୋର ସମ୍ବଲ । ମହାରାଜାଙ୍କୁ କହିଲି, ଶୋଣୁଆ ଯିବାପାଇଁ ମୁଁ ପ୍ରସ୍ତୁତ ହୋଇ ଆସି ନ ଥିଲି । ମହାରାଜା କହିଲେ—ହଉ ବାଟରୁ ପ୍ରସ୍ତୁତ ହୋଇଯିବା ବସ । ମହାରାଜାଙ୍କ ସ୍ୱତନ୍ତ୍ର ସେଲୁନରେ ଶୋଣୁଆ ପର୍ଯ୍ୟନ୍ତ ଦୁଇ ଦିନର ବାଟ ମୋତେ ଯିବାକୁ ହେବ । ଏଥିରେ ମୋ ମନରେ ଯେତିକି ଆନନ୍ଦ ହେଲା ସେତିକି ନିରାନନ୍ଦ ମଧ୍ୟ ହେଲା । କାରଣ ପାନ ଖାଇବା ମୋର ଗୋଟିଏ ବଦ୍‌ଅଭ୍ୟାସ । କେତେଖଣ୍ଡି ପାନ ସଙ୍ଗରେ ନେବାକୁ ସମୟ ପାଇ ନ ଥିଲି । ସେ ଯାହାହେଉ ଗାଡ଼ିରେ ଓଡ଼ିଶା ଦେଶ, ଓଡ଼ିଆ ଜାତି ଓ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କ ଦୁର୍ଦ୍ଦଶା ଇତ୍ୟାଦି ବହୁତ ବିଷୟରେ ମହାରାଜାଙ୍କ ସଙ୍ଗେ ଆଲାପ

Digitized by PPRACHIN, SOA

କରିବା ସୁଯୋଗ ପାଇଥିବାରୁ ମୋର ପାନଖାଇବା କଥା ମନରୁ ପାଶୋର ହୋଇଗଲା । ଆରଦିନ ସକାଳୁ ଖଡ଼ଗପୁର ରେଲଷ୍ଟେସନଠାରେ ଓଡ଼ିଆମାନଙ୍କ ପକ୍ଷରୁ ମହାରାଜାଙ୍କୁ ଗୋଟିଏ ବିରାଟ ଅଭ୍ୟର୍ଥନା ଦିଆଗଲା । ସେଠାରୁ ସକାଳ ୧୦ଟା ପରେ ଗାଡ଼ି ଆମର ଯିବା କଥା । ତେଣୁ ମୁଁ ବଜାରରୁ ମୋର କିଛି ଅବଶ୍ୟକୀୟ ଲୁଗାପଟା ଓ ଶେଯ ସଂଗ୍ରହ କଲି । ଖିଆପିଆ ସାରି ମହାରାଜା ଓ ତାଙ୍କ ସଙ୍ଗରେ ଥିବା ସମସ୍ତେ ଗାଡ଼ିରେ ବସିଲୁ । ବାଟରେ ପ୍ରତି ଷ୍ଟେସନରେ ଓଡ଼ିଆମାନଙ୍କ ପକ୍ଷରୁ ଅଭ୍ୟର୍ଥନା ଓ ଫୁଲମାଳ ମହାରାଜାଙ୍କ ଉପରେ ବର୍ଷଣ ହେଉଥାଏ । ମାଳଗୁଡ଼ିକ ଲୋକଙ୍କ ହାତରୁ ନେଇ ମୁଁ ଗାଡ଼ିରେ ସାଇତି ରଖୁଥାଏ । କାରଣ ସେଲୁନରେ ଖୁବ ପଡ଼ିଥିବାରୁ ଜନତା ତା' ଭିତରେ ପଶି ନ ପାରି ବାହାରେ ପ୍ଲାଟଫରମରେ ଠିଆ ହୋଇ ମହାରାଜାଙ୍କ ଜୟଧ୍ୱନି କରି ଫୁଲମାଳଗୁଡ଼ିକ ମୋ ହାତକୁ ବଢ଼ାଇ ଦିଅନ୍ତି । ଗାଡ଼ି ( ଯାମ୍-ସେଦ୍‌ପୁର ) ଟାଟାରେ ପହଞ୍ଚିଲାବେଳେ ଦେଖାଗଲା ଯେ ସେଠାରେ ଅସଂଖ୍ୟ ଲୋକଙ୍କ ଭିଡ଼ । ଠେଲାଠେଲି ହୋଇ ସମସ୍ତେ ଆମ ବଗି ଆଡ଼କୁ ଧାଇଁଥାନ୍ତି ମହାରାଜାଙ୍କୁ ଦର୍ଶନ କରିବା ଲାଳସାରେ । ସେଠାରୁ ସଂଗୃହୀତ ଫୁଲ ଓ ଖଦୁରର ମାଳାରେ ବଗିଟା ପ୍ରାୟ ଭରିଗଲା କହିଲେ ଚଳେ । ମହାରାଜା ଗୋଟିଏ ଝରକା ଆଗରେ ଛିଡ଼ା ହୋଇ ଲୋକଙ୍କୁ ପ୍ରତିନମସ୍କାର ଜଣାଇ କିଛି କହିବାକୁ ଯାଉଛନ୍ତି "ମହାରାଜା ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଜୟ" ନାଦରେ ଆଉ କିଛି ଶୁଣାଗଲା ନାହିଁ । ସେଠାରେ ଗାଡ଼ି ୧୫।୨୦ ମିନିଟ୍ ଅଟକି ରହିଲା । ଲୋକେ ଗାଡ଼ି ଛାଡ଼ିବାକୁ ଦେଉ ନଥାନ୍ତି । ଶେଷରେ ଗାର୍ଡ଼ଙ୍କ ଅନୁରୋଧକ୍ରମେ ମହାରାଜା ଲୋକଙ୍କୁ କହିବାରୁ ଗାଡ଼ି ଗଲା । ସନ୍ଧ୍ୟା ୫ଟାରେ ଶୋଣୁଆ ଷ୍ଟେସନରେ ଆମେ ପହଞ୍ଚିଲୁ । ସେଠାରେ ଦଶ ହଜାରରୁ ଅଧିକ ଲୋକ ଆଗରୁ ଅପେକ୍ଷା କରିଥାଆନ୍ତି । ଖରସୁଆଁ ରଜା ( ମହାରାଜାଙ୍କ ଶାଳକ)ଙ୍କ ଠାରୁ ହାତୀ, ଛତ, ବାନା, ଚାମର ପ୍ରଭୃତି ରାଜକୀୟ ମର୍ଯ୍ୟାଦାର ସମ୍ଭାର ଆସିଥାଏ । ବାଦ୍ୟ, ଶଙ୍ଖ, ହୁଳହୁଳି ଓ ଜନତାର ଜୟଧ୍ୱନିରେ ଚାରିଆଡ଼ ମୁଖରିତ ହୋଇ ଉଚ୍ଛୁଳି ପଡ଼ୁଥାଏ । ମହାରାଜାଙ୍କୁ ଅଭ୍ୟର୍ଥନା କରିବାକୁ ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହ ଖରସୁଆଁ ରାଜକୁମାର ଓ ସିଂହଭୂମିର ବିଶିଷ୍ଟ ନେତାମାନେ ପ୍ଲାଟଫାରମ ଉପରେ ଅପେକ୍ଷା କରିଥାନ୍ତି । ସେତେବେଳକୁ ଟିକିଏ ଅନ୍ଧାର ମାଡ଼ି ଯାଇଥାଏ । ଦୀପ ଦିହୁଡ଼ି ମାଳ ମାଳ ହୋଇ ଜଳୁଥାଏ । ( ସେତେବେଳେ ବିଜୁଳିବତୀ ନ ଥିଲା ) ବିହାର ସରକାରଙ୍କ ପକ୍ଷରୁ ଗୋଟିଏ ପୋଲିସ ଫୌଜ ମଧ୍ୟ ଲୋକଙ୍କୁ ସଂଯତ କରିବାରେ ଲାଗିଥାନ୍ତି । ମହାରାଜା ତାଙ୍କ ସେଲୁନରୁ ଅବତରଣ କରି ପ୍ରଥମେ ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କୁ ପ୍ରଣାମ କଲେ । ତାଙ୍କଠାରୁ ଖଦୁରମାଳା ଗ୍ରହଣ କରି ଖରସୁଆଁ ରାଜକୁମାରଙ୍କ ସହ ହାତୀରେ ଚଢ଼ି ସଭାସ୍ଥଳକୁ ଗଲେ । ସଭାସ୍ଥଳର ମଣ୍ଡଣି ଓ ଲୋକଙ୍କର ଉତ୍ସାହ ଉଦ୍ଦୀପନା ସେଦିନ ଯେ ଦେଖିଛି ସେ ଜୀବନରେ କଦାପି ତାହା ପାଶୋରି ପାରିବ ନାହିଁ ।

Digitized by PPRACHIN, SOA

ସେହି ସଭାରେ ମହାରାଜା ଲୋକଙ୍କର ଅଭ୍ୟର୍ଥନା ଗ୍ରହଣ କରି ତାଙ୍କର ଅଭିଭାଷଣ ଗୁରୁଗମ୍ଭୀର କଣ୍ଠରେ ପାଠକଲେ । ବିରାଟ ଜନତା ଧୀରସ୍ଥିର ନିସ୍ତବ୍ଧ ରହି ଭାଷଣ ଶୁଣିଲେ । ରାତି ଦଶଟାରେ ସଭାକାର୍ଯ୍ୟ ଶେଷହେଲା । ମହାରାଜାଙ୍କ ଗହଣରେ ଆମେ ସମସ୍ତେ ନିର୍ଦ୍ଦିଷ୍ଟ ବଙ୍ଗଳାକୁ ଗଲୁ । ସେଠାରେ ରାତ୍ରି ଭୋଜନର ସମସ୍ତ ବ୍ୟବସ୍ଥା ହୋଇଥିଲା । ପରଦିନ ସକାଳ ଛଅଟାରେ ଗାଡ଼ି ଶୋଣୁଆ ଷ୍ଟେସନରେ ପହଞ୍ଚିବ. ସେଠାରେ ହଲଟିଂ କରିବାର ନୁହେଁ । ତେଣୁ ଆଗରୁ ବନ୍ଦୋବସ୍ତ ହୋଇଥିଲା ଯେ ମହାରାଜାଙ୍କ ସ୍ୱତନ୍ତ୍ର ସେଲୁନ ସେଠାରୁ ମେଲ୍‌ରେ ଲାଗିବ । ଶୋଣୁଆ ଛାଡ଼ିବା-ବେଳେ ହଜାର ହଜାର ନରନାରୀ ସମବେତ କଣ୍ଠରେ ମହାରାଜାଙ୍କ ଜୟଗାନ କରିଥିଲେ । ସେତେବେଳେ ମୁଁ ଲକ୍ଷ୍ୟ କରିଥିଲି ମହାରାଜାଙ୍କ ଦୁଇ ଚକ୍ଷୁରେ ଦୁଇ ବିନ୍ଦୁ ଅଶ୍ରୁ ଢଳଢଳ ହେଉଛି । ୧୯୧୪ ମସିହାରେ ସିଂହଭୂମିର ଏହି ଖରସୁଆଁରେ. ମହାରାଜାଙ୍କ ବିବାହ ଉତ୍ସବ ଠିକ୍ ଏପରି ଏକ ଜନସମାରୋହରେ ସମ୍ପନ୍ନ ହୋଇଥିଲା । ମୋର ବୟସ ସେତେବେଳେ ମାତ୍ର ୧୧ବର୍ଷ । କେକେବାପା ୰ ପଣ୍ଡିତ ଶ୍ରୀ ମଧୁସୂଦନ ରାଜଗୁରୁଙ୍କ ସାଥିରେ ମୁଁ ଖରସୁଆଁ ଯାଇଥିଲି । ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ରଙ୍କ ହାତ ଧରି ମୁଁ ସେହି ଜନଗହଳ ଭିତର ଦେଇ ରାଜପ୍ରାସାଦକୁ ଯାଇଥିବା ସ୍ମୃତି ଆଜି ମଧ୍ୟ ମନରୁ ଲିଭିନାହିଁ ।

ଶୋଣୁଆରୁ ଗାଡ଼ି ଛାଡ଼ିଲାବେଳେ ମହାରାଜାଙ୍କ ଚକ୍ଷୁରେ ଦୁଇବିନ୍ଦୁ ଅଶ୍ରୁ ଦେଖି ସେହି ବିବାହ ଉତ୍ସବର ସ୍ମୃତି ମୋର ମନେ ପଡ଼ିଗଲା । ଖରସୁଆଁ ରାଜକେମାଙ୍କ ଅକାଳ ବିୟୋଗ ବୋଧହୁଏ ଏହି ଅଶ୍ରୁପାତର କାରଣ ହୋଇପାରେ । ହୁଏତ ସେତେବେଳେ ବିବାହ ଉତ୍ସବ କଥା ସ୍ମରଣ କରିଥିବେ । ଏଠାରେ ଗୋଟିଏ କଥା ଲେଖିବାକୁ ଭୁଲି-ଯାଇଛି । ଶୋଣୁଆ ଯିବା ପଥରେ ଷଡ଼େଇକଲା ଦେଇ ଯେତେବେଳେ ଗାଡ଼ି ଗଲୁଥାଏ ମହାରାଜା ଦୁଃଖରେ ଗୋଟିଏ ଦୀର୍ଘ ନିଃଶ୍ୱାସ ତ୍ୟାଗ କଲେ । ମୁଁ ତାଙ୍କ ମୁହଁକୁ ସପ୍ରଶ୍ନ ଦୃଷ୍ଟିରେ ଚାହିଁବା ଦେଖି କହିଲେ—"ଏହି ଷଡ଼େଇକଲା ରାଜକୁମାରୀଙ୍କ ସଙ୍ଗେ ମୋର ବିବାହ ପାଇଁ ତୁମ ନନା (ପିତା) ପ୍ରସ୍ତାବ ଆଣିଥିଲେ । ଦ୍ୱିତୀୟ ବିବାହ କରିବାକୁ ମୁଁ ମନା କରି ଦେଲି । ତାପରେ ଦିନେ ଶୁଣିଲି ସୁଦୂର ପାଟଆଲାର ଶିଖ ଧର୍ମାବଲମ୍ବୀ ମହାରାଜାଙ୍କ ସଙ୍ଗେ ସେହି ରାଜକୁମାରୀଙ୍କର ବିବାହ ହୋଇଛି । ଆଉ ମଧ୍ୟ ଶୁଣିଲି ଯେ ପାଟଆଲା ମହାରାଜାଙ୍କ ଦୁଇଶହ ରାଣୀଙ୍କ ଭିତରୁ ସେ ହେଉଛନ୍ତି ଶେଷ ନମ୍ବର ରାଣୀ । ଅପାର ଦୁଃଖ ବୋଝ ନେଇ ରାଜକୁମାରୀ ଆଜି ପାଟଆଲାର ନିର୍ଜନ ପ୍ରାସାଦରେ ଏକ ପ୍ରକାର ବନ୍ଦିନୀ କହିଲେ ଚଳେ ।"

ମୁଁ କହିଲି, "ଭାଗ୍ୟଂ ଫଳତି ସର୍ବତ୍ର ନ'ବିଦ୍ୟା ନ ଚ ପୌରୁଷମ" ଏହାପରେ ମହାରାଜା କେବଳ ମୃଦୁକଣ୍ଠି ଟିକିଏ ହସିଦେଇ ନୀରବ ରହିଲେ ।

Digitized by PPRACHIN, SOA

ସିଂହଭୂମିରୁ ଫେରିଲା ପରେ ମୁଁ ବ୍ରହ୍ମପୁରଠାରେ ରହି ସିଂହଭୂମିର ମିଶ୍ରଣସମସ୍ୟା ସମ୍ବନ୍ଧେ ଏବଂ ଶୋଣୁଆରେ ଅନୁଷ୍ଠିତ ସଭାର ପୂର୍ଣ୍ଣ ବିବରଣୀ 'ଉତ୍କଳ ହିତୈଷିଣୀ' ପତ୍ରିକାରେ ପ୍ରକାଶ କରିବାକୁ ଗୋଟିଏ ଦୀର୍ଘ ପ୍ରବନ୍ଧ ଲେଖିଥିଲି । ସେଠାରୁ ଫେରି ମାର୍ଚ୍ଚ ୧୪ ତାରିଖରେ ପାରଳାଖେମୁଣ୍ଡି ମହାରାଜାଙ୍କ କଲେଜରେ ଗୋଟିଏ ସଭାର ଆୟୋଜନ କରାଗଲା । ପାରଳାଖେମୁଣ୍ଡିକୁ ଜୟପୁରରୁ ବିଚ୍ଛିନ୍ନ କରି ତାହା ଗୋଟିଏ ସ୍ୱତନ୍ତ୍ର ରେଭିନ୍ୟୁ ଡିଭିଜନ କରିବା ଏବଂ ସେଥିର ଆଦିବାସୀ ଶବରମାନଙ୍କ ସମସ୍ୟା ସ୍ୱତନ୍ତ୍ର ଭାବରେ ବିଚାର କରିବା ପାଇଁ ଗୋଟିଏ ସ୍ମାରକପତ୍ର ଲେଖିବାକୁ ସେହି ସଭାରେ ସ୍ଥିର କରାଗଲା । ଯଥା ସମୟରେ ସ୍ମାରକପତ୍ରଟି ରାଜାସାହେବଙ୍କ ପାଖକୁ ପଠାଗଲା । କିନ୍ତୁ ଓଡ଼ିଶା ପ୍ରଦେଶ କାର୍ଯ୍ୟକାରୀ ହେଲାପରେ ସେଥିର ଠିକଣାଖି ପ୍ରଶାସନିକ ବିବରଣୀ ପ୍ରକାଶ କରିବା ଉଚିତ ହେବ ବୋଲି ଉଚ୍ଚ ସରକାରୀ କର୍ମଚାରୀମାନଙ୍କଠାରୁ ଆମେ ଖବର ପାଇଲୁ ।

ଏପ୍ରିଲ ପହିଲା ତାରିଖରେ ଆନୁଷ୍ଠାନିକ ଭାବେ ଉତ୍କଳ ପ୍ରଦେଶ କାର୍ଯ୍ୟକାରୀ ହେବ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରଥମ ଗଭର୍ଣ୍ଣର ରୂପେ ସାର୍ ଜନ୍ ହାବାକ୍ ସାହେବ କାର୍ଯ୍ୟ-ଭାର ଗ୍ରହଣ କରିବେ, ଏଥିରେ ସମୁଦାୟ ଓଡ଼ିଆ ଜାତିର ହୃଦୟ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠୁଛି । ଯେଉଁ ଅଞ୍ଚଳ ଏତେ କାଳ ହେଲା ଶ୍ରୀ ଜଗନ୍ନାଥଙ୍କ ରାଜ୍ୟରୁ ବିଚ୍ଛିନ୍ନ ହୋଇ ରହିଥିଲା ସେଠାର ଅଧିବାସୀମାନଙ୍କର ଆନନ୍ଦ କହିଲେ ନସରେ । ପୁଣି ଯେଉଁ ଓଡ଼ିଆଅଞ୍ଚଳ ଗୁଡ଼ିକ ବିଚ୍ଛିନ୍ନ ହୋଇ ରହିଲା, ସେଠାର ଅଧିବାସୀମାନଙ୍କ ନେତ୍ରରୁ ଦୁଃଖାଶ୍ରୁ ସଙ୍ଗେ ଆନନ୍ଦାଶ୍ରୁ ମଧ୍ୟ ବିଗଳିତ ହେଲା । କାରଣ ଓଡ଼ିଆ ଜାତିକୁ ଗୋଟିଏ ସ୍ୱତନ୍ତ୍ର ଗୃହ ଲାଭ ହୋଇଛି । ତେଣୁ ଏପ୍ରିଲ ପହିଲା ତାରିଖରେ କଟକଠାରେ ବିଭିନ୍ନ ପ୍ରଦେଶରୁ ଓଡ଼ିଆମାନେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଉତ୍ସବରେ ଯୋଗ ଦେବାକୁ ସମବେତ ହେଲେ । ମାର୍ଚ୍ଚ ମାସ ଶେଷ ସପ୍ତାହରେ ପାରଳାଖେମୁଣ୍ଡିର ମହାରାଜା ଉଦକମଣ୍ଡଳ ଠାରୁ ଗୋଟିଏ ଟେଲିଗ୍ରାମ ଦେଇ ତାଙ୍କର ଦେୱାନ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଲେ ପହିଲା ତାରିଖ ଦିନ କଟକ ବାରବାଟୀ କିଲ୍ଲାରେ ଗୋଟିଏ ବଡ଼ ଧରଣର ଗାର୍ଡ଼ନ ପାର୍ଟିର ଆୟୋଜନ କରିବାକୁ ହେବ । ସେଥିର ସମସ୍ତ ବ୍ୟୟଭାର ମହାରାଜା ନିଜେ ବହନ କରିବେ । ଓଡ଼ିଶା ଏବଂ ବାହାରର ଯେତେ ଉଚ୍ଚ ରାଜ-କର୍ମଚାରୀ ଓ ନେତୃସ୍ଥାନୀୟ ବ୍ୟକ୍ତି ଅଛନ୍ତି ସମସ୍ତଙ୍କୁ ସେଥିରେ ଯୋଗଦେବାକୁ ନିମନ୍ତ୍ରଣପତ୍ର ପଠାଇବା ଆବଶ୍ୟକ । ଟେଲିଗ୍ରାମଟି ପାଇଲାକ୍ଷଣି ଲକ୍ଷ୍ମୀନାରାୟଣ ବାବୁ ମୋତେ ତାଙ୍କ ଯଥା ଶୀଘ୍ର ନିମନ୍ତ୍ରଣଯୋଗ୍ୟ ବ୍ୟକ୍ତିମାନଙ୍କର ଗୋଟିଏ ତାଲିକା ପ୍ରସ୍ତୁତ କରିବାକୁ କହିଲେ । ଓଡ଼ିଶାର ଯେଉଁ ଯେଉଁ ନେତାମାନେ ଦେଶମିଶ୍ରଣ କାର୍ଯ୍ୟରେ ଆତ୍ମନିଯୋଗ କରିଥାନ୍ତି, ସେମାନେ ସମସ୍ତେ ଆମର ପରିଚିତ ଥିବାରୁ ତାଙ୍କର ତାଲିକା ପ୍ରସ୍ତୁତ କରିବା ସହଜ ହେଲା । କିନ୍ତୁ ସରକାରୀ କର୍ମଚାରୀମାନଙ୍କର ତାଲିକା ପାଇଁ ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବିହାର, ଓଡ଼ିଶା ସମେତ ବଙ୍ଗଳାର ସିଭିଲ ଲିଷ୍ଟ ଖୋଜିବାକୁ ପଡ଼ିଲା ।

Digitized by PPRACHIN, SOA

ଅଳ୍ପ ସମୟ ମଧ୍ୟରେ ଗୋଟିଏ ନିମନ୍ତ୍ରଣ ପତ୍ର ଛପାଇ ତାହା ଡାକରେ ପଠାଇବାକୁ ଲକ୍ଷ୍ମୀନାରାୟଣ ବାବୁଙ୍କ ଅଫିସର ପ୍ରାୟ ଶତାଧିକ କର୍ମଚାରୀଙ୍କୁ ଭାର ଦିଆଗଲା । ଏ ବାହାରେ କଟକର ଗାର୍ଡେନ ପାର୍ଟି ପାଇଁ ଗୋଟିଏ ଆଡ଼ଭାନ୍ସ ପାର୍ଟି ( Advance Party )କୁ ମଧ୍ୟ ଆଗରୁ ପଠାଇ ଦିଆଗଲା । ସେହି ପାର୍ଟିକୁ ନିମନ୍ତ୍ରିତ କରିବା ଭାର ତତ୍କାଳୀନ ପାରଳାଖେମୁଣ୍ଡି ଏଷ୍ଟେଟ ତହସିଲଦାର ବଳଭଦ୍ର ଦାସ ଗ୍ରହଣ କଲେ । ମୋ ଉପରେ ଭାର ରହିଲା ମହାରାଜା ଓଡ଼ିଆରେ ଯେଉଁ ଅଭ୍ୟର୍ଥନା ଭାଷଣ ଦେବେ ତାହା ପ୍ରସ୍ତୁତ କରିବା ।

ମହାରାଜାଙ୍କ ଠାରୁ ଆମେ ଟେଲିଗ୍ରାମ ପାଇଲୁ ସେ ମାନ୍ଦ୍ରାଜ ମେଲରେ ୩୧ ତାରିଖରେ ସିଧା ମାନ୍ଦ୍ରାଜରୁ କଟକ ଯିବେ । ପଲସା ଷ୍ଟେସନରେ କଣ୍ଟ୍ରୋଲର ଯୁଗଳ କିଶୋର ପାଣିଗ୍ରାହୀ, ଶ୍ୟାମସୁନ୍ଦର ଗନ୍ତାୟତ, ହୀରାଲାଲ ବର୍ଦ୍ଧନ ଓ ମୁଁ ତାଙ୍କ ସଙ୍ଗରେ ମିଶି ଯିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ତେଣୁ ପଲସାରେ ମହାରାଜାଙ୍କ ସ୍ୱତନ୍ତ୍ର ସେଲୁନ୍‌ରେ ଯିବାକୁ ମୋତେ କୁହାଗଲା । ଗାଡ଼ିରେ ତାଙ୍କର ଅଭିଭାଷଣଟି ମୁଁ ପଢ଼ି ଶୁଣାଇଦେଲି । ରାତି ୧୧ଟାରେ ମାନ୍ଦ୍ରାଜ ମେଲ କଟକରେ ପହଞ୍ଚିଲା । ଆମେ ସମସ୍ତେ ଆଗରୁ ସ୍ଥିର କରାଯାଇଥିବା ଅନୁସାରେ କେଉଁଝରର ରାଜାଙ୍କ ତୁଳସୀପୁର କୋଠିରେ ରହିଲୁ । କେଉଁଝର ରାଜାଙ୍କ ସଙ୍ଗେ ପାରଳା ମହାରାଜାଙ୍କର ବନ୍ଧୁତା ଥିବାରୁ ସେ ଯେତେବେଳେ କଟକ ଯାନ୍ତି ତାଙ୍କର କୋଠିରେ ବସା ନେଇଥାନ୍ତି । ସେଠାରୁ କନିକା କୋଠି ଅଳ୍ପ ଦୂରରେ ଥାଏ ।

ଏପ୍ରିଲ ପହିଲାଦିନ ସକାଳ ୮ଟାରେ ରେଭେନ୍ସା କଲେଜ ହଲରେ ଗୋଟିଏ ବଡ଼ ଦରବାର ହୋଇଥିଲା । ସେଥିରେ ପାଟଣା ହାଇକୋର୍ଟର ଚିଫ୍ ଜଷ୍ଟିସ ସାର୍ କୋର୍ଟନି ଟାରାଲ (Sir Courtney Terrel)ଙ୍କ ଦ୍ୱାରା ହିବାଜ୍ ସାହେବ ପ୍ରମାଣ ପାଠ କରିଥିଲେ ।

ତା' ପରଦିନ ସନ୍ଧ୍ୟା ସାଢ଼େ ୪ଟାରେ ସାର ଜନହାବକଙ୍କର ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ମହାରାଜା ବାରବାଟୀ କିଲ୍ଲାରେ ଯେଉଁ ଗାର୍ଡେନ ପାର୍ଟି ଦେଇଥିଲେ ତାହା ଗୋଟିଏ ସ୍ମରଣୀୟ ଘଟଣା ବୋଲି ଅନେକଙ୍କ ମୁହଁରୁ ଶୁଣାଗଲା । କାରଣ ସେଥିରେ ହଜାର ହଜାର ଆମନ୍ତ୍ରିତ ସରକାରୀ ଓ ବେସରକାରୀ ବ୍ୟକ୍ତି ଯୋଗ ଦେଇଥିଲେ ମଧ୍ୟ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କର ଦକ୍ଷତା ଯୋଗୁ ତାହା ଏପରି ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା ଯେ ସମସ୍ତେ ଆନନ୍ଦ ଲାଭ କରିଥିଲେ । ବହୁ ରାଜା ମହାରାଜା, ଜମିଦାର, ବ୍ୟବସାୟୀ, ଓକିଲ, ରାଜନୈତିକ ନେତା, କବି ଓ କଳାକାର ସମେତ ବିଭିନ୍ନ ପ୍ରଦେଶର ଉଚ୍ଚ ସରକାରୀ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରକାର ମିଷ୍ଟାନ୍ନ କଲିକତାର କୌଣସି ବିଶିଷ୍ଟ କମ୍ପାନୀରୁ ମଗା ଯାଇଥିବା ଖାଦ୍ୟ ଜିନିଷ

Digitized by PPRACHIN, SOA

ଏଥିରେ ପରିବେଷ୍ଟିତ ହୋଇଥିଲି । ମହାରାଜାଙ୍କର ଭାଷଣଟି ନିଶବ୍ଦରେ ସମସ୍ତେ ଶୁଣି ପାରିଥିଲେ, ଯଦିଚ ସେଥିରେ ଦୂରଶ୍ରବଣ ଯନ୍ତ୍ର ବା ମାଇକ ବ୍ୟବହାର କରା-ଯାଇନାହିଁ ।

ଏପ୍ରିଲ ୩ ତାରିଖରେ ମହାରାଜାଙ୍କ ସଙ୍ଗେ ମୁଁ ଓ ଶ୍ୟାମ ସୁନ୍ଦର ଗଜ୍ଜାସ୍ୱତ ତାଙ୍କ ମଟର କାର୍‌ରେ ବ୍ରହ୍ମପୁର ଦେଇ ପାରଳାଖେମୁଣ୍ଡି ଫେରି ଆସିଲୁ ।

୧୯୩୬ ଏପ୍ରିଲଠାରୁ ୧୯୩୭ ଏପ୍ରିଲ ପର୍ଯ୍ୟନ୍ତ ଓଡ଼ିଶା ପ୍ରଦେଶର ପ୍ରଶାସନିକ କାର୍ଯ୍ୟ ଲାଟସାହେବଙ୍କର କର୍ତ୍ତୃତ୍ୱାଧୀନ ରହିଲା । ସେତେବେଳେ ଗଭର୍ଣ୍ଣରଙ୍କର ଅବସ୍ଥାନ ପାଇଁ ପୁରୀ ସମୁଦ୍ରକୂଳରେ ଗୋଟିଏ ବଙ୍ଗଳା ରହିଥାଏ । କିନ୍ତୁ ସେକ୍ରେଟେରିଏଟ ବାରବାଟୀ କିଲ୍ଲାରେ ଥାଏ । ତେଣୁ ଘନ ଘନ ଗଭର୍ଣ୍ଣରଙ୍କୁ କଟକ ଯିବାକୁ ପଡ଼ୁଥିଲା । ଓଡ଼ିଶାର ରାଜଧାନୀ ଗୋଟିଏ ସମସ୍ୟା ହୋଇଥିବାରୁ ସେ ସମ୍ବନ୍ଧେ ବିଭିନ୍ନ ପତ୍ରିକା ମାଧ୍ୟମରେ ଲେଖାମାନ ବାହାରୁଥାଏ । ମୋର ମନେପଡ଼ୁଛି କଟକର ନେତାମାନେ ଚାହୁଁଥିଲେ ଯେପରି ରାଜଧାନୀ ସକାଶେ କଟକ ସହରକୁ ସ୍ଥିର କରାଯାଏ । କିନ୍ତୁ ଗଞ୍ଜାମର କେତେକ ନେତା ସେଥିର ଘୋର ପ୍ରତିବାଦ କରି ଗୋପାଳପୁର ନିକଟବର୍ତ୍ତୀ ରଙ୍ଗେଇଲୁଣ୍ଡାଠାରେ ଅର୍ଥାତ୍ ଏବେ ଯେଉଁଠି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି ସେହି ସ୍ଥାନକୁ ରାଜଧାନୀ କରିବାକୁ ଦାବୀ କରୁଥାନ୍ତି । ଆମ ଦଳ ପକ୍ଷରୁ ପାରଳାଖେମୁଣ୍ଡି ମହାରାଜାଙ୍କ ସମେତ ଆମେ ଏହି ବାଦ ପ୍ରତିବାଦରେ ଯୋଗ ନ ଦେଇ ନିରପେକ୍ଷ ନୀତି ଅବଲମ୍ବନ କଲୁ । କାରଣ କଟକ ସହରର ଅସ୍ୱାସ୍ଥ୍ୟକର ପରିସ୍ଥିତି ଏବଂ ଦୁଇଟି ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ହୋଇ ବନ୍ୟା ଭୟ ରହିଥିବାରୁ ତାହା ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ ନୁହେଁ ବୋଲି ଆମେ ବୁଝିଥିଲୁ । ସେପରି ରଙ୍ଗେଇଲୁଣ୍ଡା ଗୋଟିଏ ଜଳଶୂନ୍ୟ ସ୍ଥାନ ହେବାରୁ ପୁଣି ଆନ୍ଧ୍ର ପ୍ରଭାବିତ ଅଞ୍ଚଳର ନିକଟବର୍ତ୍ତୀ ହେତୁ ତାହା ମଧ୍ୟ ଗ୍ରହଣୀୟ ନୁହେଁ ବୋଲି ଆମେ ସ୍ଥିର କରିଥିଲୁ । ମୋର ମନେଅଛି ଓଡ଼ିଶା ଆଡ଼ମିନିଷ୍ଟ୍ରେଟିଭ କମିଟି ପକ୍ଷରୁ ଏ ସମ୍ବନ୍ଧେ ଆଗରୁ ବିଚାର ହୋଇଥିଲା । ମୋର ଗୋଟିଏ ପ୍ରସ୍ତାବ କ୍ରମେ ଚିକିଟିର ସ୍ୱର୍ଗୀୟ ରାଜା ସାହେବ ଗୌରଚନ୍ଦ୍ର ଦେବ ସେଥିରେ ପ୍ରସ୍ତାବ କରିଥିଲେ ଯେ ଓଡ଼ିଶା ପାଇଁ ଯେଉଁ ଗ୍ରୀଷ୍ମନିବାସ ହେବା କଥା ତାହା ମହେନ୍ଦ୍ର ପର୍ବତରେ ସ୍ଥାପନ କରିବା ସୁବିଧାଜନକ । ଏଠାରେ କହିରଖିବା ଉଚିତ ଯେ ବ୍ରିଟିଶ ଶାସନ ବେଳେ ଗ୍ରୀଷ୍ମକାଳରେ ଲାଟ ସାହେବମାନଙ୍କର ରହିବା ପାଇଁ ଭାରତର ପ୍ରତି ପ୍ରଦେଶରେ ଗୋଟିଏ ଗୋଟିଏ ଗ୍ରୀଷ୍ମନିବାସ ଥାଏ । କିନ୍ତୁ ଭାରତ ସ୍ୱାଧୀନ ହେଲା ପରେ କଂଗ୍ରେସ ସରକାର ସେହି ବ୍ୟବସ୍ଥା ଉଠାଇ ଦେଇଥିଲେ । ଫଳରେ ମହେନ୍ଦ୍ର ପର୍ବତର ରମଣୀୟ ପ୍ରାକୃତିକ ଦୃଶ୍ୟ ମଧ୍ୟରେ ଗ୍ରୀଷ୍ମନିବାସ କରିବା ବିଷୟଟି ବିସ୍ମୃତି ଗର୍ଭରେ ଲୀନ ହେଲା ।

Digitized by PPRACHIN, SOA

୧୯୩୬ ମସିହାରେ ଓଡ଼ିଶା ଶାସନ ପରିଚାଳନା ପାଇଁ ଲାଟ ସାହେବଙ୍କୁ ମନ୍ତ୍ରଣା ଦେବା ସକାଶେ ଗୋଟିଏ Advisory Committee ଗଠିତ ହୋଇଥିଲା । ସେଥିରେ ପାରଳାଖେମୁଣ୍ଡି ମହାରାଜା ଜଣେ ପ୍ରଧାନ ସଭ୍ୟ ରୂପେ ରହିଥାନ୍ତି । ଯେତେବେଳେ ଓଡ଼ିଶାର ରାଜଧାନୀ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କିଛି ଟଙ୍କା ମଞ୍ଜୁର କରିବା ଦରକାର ପଡ଼ିଲା, ସେତେବେଳେ ଗଭର୍ଣ୍ଣରଙ୍କ ନିର୍ଦ୍ଦେଶ କ୍ରମେ ସେହି Advisory Committeeର ପ୍ରଥମ ବୈଠକ ପୁରୀର ସରକାରୀ କୋଠିରେ ସେ ବର୍ଷ ମେ ମାସ ୮ ତାରିଖଦିନ ଅନୁଷ୍ଠିତ ହେଲା । ତେଣୁ ତା’ ପୂର୍ବଦିନ ମୋର ପିତାଙ୍କ ସଙ୍ଗେ ମହାରାଜା ତାଙ୍କ ନିଜ କାର୍‌ରେ ଡେଲଙ୍ଗ ଗଲେ । ଆଗରୁ କୁହାଯାଇଛି ଯେ, ଡେଲଙ୍ଗ ଏଷ୍ଟେଟ ପାରଳା ମହାରାଜାଙ୍କ ଅଧୀନରେ ଥାଏ । ତେଣୁ ସେଠାରେ ତାଙ୍କର ମଧ୍ଯ ଗୋଟିଏ ଅଫିସ ରହିଥାଏ । ପ୍ରଥମଥର ପାଇଁ ମହାରାଜା ସେହି ଏଷ୍ଟେଟର କାର୍ଯ୍ୟ ବୁଝିବାକୁ ସେଠାକୁ ଗଲେ । ଆରଦିନ ପୁରୀଠାରେ Advisory Committeeରେ ଯୋଗଦେଇ ଯେତେବେଳେ ପାରଳାଖେମୁଣ୍ଡି ଫେରି ଆସିଲେ ତାଙ୍କଠାରୁ ଆମେ ଖବର ପାଇଲୁ ଓଡ଼ିଶାର ସର୍ବପ୍ରଥମ ବଜେଟ ସେଠାରେ ଆଲୋଚିତ ହୋଇ ମଞ୍ଜୁର କରାଯାଇଥିଲା । ରାଜଧାନୀ ନିର୍ମାଣ ପାଇଁ ଏବଂ ସେକ୍ରେଟେରିଏଟ ଗୃହ ନିର୍ମାଣ ସକାଶେ ଭାରତ ସରକାର ଯେତେକ ଅର୍ଥ ମଞ୍ଜୁର କରିବା କଥା ତାହା ହୋଇ ନ ଥିବାରୁ ପୁଣି ରାଜଧାନୀ ପାଇଁ ସ୍ଥାନ ନିରୂପଣ ହୋଇ ନ ଥିବାରୁ ଏଥିର ବିଚାର ବର୍ତ୍ତମାନ ପାଇଁ ସ୍ଥଗିତ ରହିଲା । ମୋର ମନେଅଛି ମହାରାଜାଙ୍କୁ ମୁଁ କହିଥିଲି ଯଦି ରାଜଧାନୀ କରିବାକୁ ହୁଏ ତା’ହେଲେ ହୁଏତ ପୁରୀ କିମ୍ବା ଭୁବନେଶ୍ୱର ହିଁ ଏଥିପାଇଁ ଉପଯୁକ୍ତ ସ୍ଥାନ । କାରଣ ବହୁପ୍ରାଚୀନ କାଳରୁ ଆରମ୍ଭ କରି ସେଠାରେ ଓଡ଼ିଶାର ରାଜଧାନୀ ପୁଣି ଧର୍ମକେନ୍ଦ୍ରମାନ ପ୍ରତିଷ୍ଠା ଲାଭ କରିଥିଲା । ମହାରାଜା ନିଜେ ସ୍କୁଲରେ ଅଧ୍ୟୟନ କଲାବେଳେ ଇତିହାସ ବିଷୟ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥାଏ । ତେଣୁ ସେ ମୋତେ ପଚାରିଲେ, ଆପଣ କହି ପାରିବେ କେଉଁ ସମୟରେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ଥିଲା ? ମୁଁ କହିଲି—ମୌର୍ଯ୍ୟ ଯୁଗରେ ଓଡ଼ିଶା ପରି ଏ ରାଜ୍ୟଟି ପରିଚିତ ହେଉ ନ ଥିଲା । ସେତେବେଳେ ଏଥିର ନାମ ଥିଲା କଳିଙ୍ଗ । ତାହା ଦୁଇଟି ଉପବିଭାଗରେ ବିଭକ୍ତ ହୋଇ ଦକ୍ଷିଣାଂଶ କଳିଙ୍ଗ ଏବଂ ଉତ୍ତରାଂଶ ତୋଷଳି ନାମରେ ପରିଚିତ ହେଉଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଅର୍ଥାତ ଆଜକୁ ୨୨ ଶହ ବର୍ଷ ପୂର୍ବେ ଏହି ରାଜ୍ୟରେ ଚେଦି ବଂଶୀୟ ରାଜାମାନେ ଅର୍ଥାତ ମହାରାଜ ଖାରବେଳଙ୍କ ପୂର୍ବବର୍ତ୍ତୀ ରାଜାମାନେ ଯେତେବେଳେ ଶାସନ ବିସ୍ତାର କରିଥିଲେ, ସେତିକବେଳେ ମଗଧର ନନ୍ଦବଂଶୀୟ ରାଜା ମହାପଦ୍ମନନ୍ଦ ଏହା ଆକ୍ରମଣ କରି କଳିଙ୍ଗ ଜିନାସନ ମଗଧକୁ ଅପସାରିତ କରିଥିଲେ । ମହାପଦ୍ମଙ୍କର ସମସାମୟିକ ରାଜା ଚନ୍ଦ୍ରଗୁପ୍ତ ମଗଧ ଆକ୍ରମଣ କରି ଭାରତର ବହୁରାଜ୍ୟରେ ତାଙ୍କର ଆଧିପତ୍ୟ ବିସ୍ତାର କଲେ; କିନ୍ତୁ ସେ କଳିଙ୍ଗ ଜୟ କରିପାରି ନଥିଲେ । ତାଙ୍କର ପରବର୍ତ୍ତୀ ମଗଧ ସମ୍ରାଟ

Digitized by PPRACHIN, SOA

ଅଶୋକ କଳିଙ୍ଗ ଜୟ କରି ଲକ୍ଷ ଲକ୍ଷ ସୈନ୍ୟଙ୍କୁ ଏଠାରେ ନିହତ କରି ଘୋର ଅନୁତପ୍ତ ହୃଦୟରେ ବୌଦ୍ଧଧର୍ମ ଗ୍ରହଣ କଲେ । ଏଠାର ବୌଦ୍ଧାଚାର୍ଯ୍ୟ ଉପଗୁପ୍ତଙ୍କୁ ସେ ତାଙ୍କର ଗୁରୁ ରୂପେ ଗ୍ରହଣ କରିଥିଲେ । ତାଙ୍କର ଉପଦେଶକ୍ରମେ ଭାରତର ବିଭିନ୍ନ ପ୍ରାନ୍ତରେ ଅହିଂସା ଧର୍ମ ପ୍ରସାର ଲାଭ କଲା । ଏ ଘଟଣାର ପ୍ରାୟ ୨୦୦ ବର୍ଷ ପରେ କଳିଙ୍ଗରେ ଚେଦି ବଂଶୀୟ ରାଜା ଖାରବେଳ ଯେଉଁ ବୀରତ୍ୱ ପ୍ରକାଶ କଲେ ତାହା ଫଳରେ ଭାରତରେ କଳିଙ୍ଗର ସମ୍ମାନ ଯଥେଷ୍ଟ ପରିମାଣରେ ବୃଦ୍ଧିଲାଭ କଲା । ଖାରବେଳ ମଗଧରେ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି ସେଠାରୁ ଅପହୃତ ଜୀନାସନଟି କଳିଙ୍ଗକୁ ଫେରାଇ ଆଣିଥିଲେ । ରାଜ୍ୟ ଜୟର ସ୍ମାରକ ରୂପେ ଏଠାରେ ସେ ଗୋଟିଏ ମହାବିଜୟ ପ୍ରାସାଦ ମଧ୍ୟ ନିର୍ମାଣ କଲେ । କଳିଙ୍ଗ ନଗରୀର ଭଗ୍ନ ଅଂଶଗୁଡ଼ିକ ସେ ନିର୍ମାଣ କରିଥିଲେ । ପ୍ରଚୁର ଅର୍ଥ ବ୍ୟୟ କରି ଯେଉଁ ଜଳପ୍ରଣାଳୀ ଖୋଲାଇଲେ ତାହା ସମ୍ଭବତଃ ଆଧୁନିକ ଦୟାନଦୀ ବୋଲି ପଣ୍ଡିତ ନୀଳକଣ୍ଠ ଦାସ ପ୍ରଭୃତି କେତେକ ପଣ୍ଡିତ ମତବ୍ୟକ୍ତ କରନ୍ତି । ତାଙ୍କର ଦୂରଦର୍ଶିତା ଧର୍ମ ପ୍ରାଣତା ଓ ବୀରତ୍ୱ ଯୋଗୁ କଳିଙ୍ଗର ବୈଭବ ଓ ପ୍ରାଧାନ୍ୟ ପୁନର୍ବାର ଆମ ରାଜ୍ୟରେ ପ୍ରତିଷ୍ଠା ଲାଭ କଲା । ଏହି ତଥ୍ୟଗୁଡ଼ିକ ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରି ପାହାଡ଼ର ହାତୀଗୁମ୍ଫା ଶିଳାଲେଖରୁ ପ୍ରମାଣିତ ହୁଏ । ଖଣ୍ଡଗିରି, ଧଉଳିଗିରି ଏବଂ ଉଦୟଗିରି ପ୍ରଭୃତି କେତୋଟି କ୍ଷୁଦ୍ର ପାହାଡ଼ରେ ତାଙ୍କର ବୌଦ୍ଧ ଓ ଜୈନ ସଂସ୍ଥାମାନ ସ୍ଥାପିତ ହୋଇଥିଲା । କଳିଙ୍ଗ ନଗରୀର ଅବସ୍ଥିତି ସମ୍ଭବତଃ ସେଠାରୁ ଆବିଷ୍କୃତ ଶିଶୁପାଳ ଗଡ଼, ବାଉଳଗଡ଼ ପ୍ରଭୃତି ପ୍ରାଚୀନ ଦୁର୍ଗଗୁଡ଼ିକର ଭଗ୍ନାବଶେଷରୁ ପ୍ରମାଣିତ ହେଉଛି । ଏ ସବୁ ଦୃଷ୍ଟିରୁ ଐତିହାସିକ, ପ୍ରତ୍ନତତ୍ତ୍ୱ ପ୍ରସିଦ୍ଧ ଭୁବନେଶ୍ୱର ଏ ଦେଶର ପ୍ରାଚୀନତମ ରାଜଧାନୀ ବୋଲି ନିର୍ଦ୍ଦେଶ କରି-ଯାଇପାରେ ।

ମହାରାଜା ବହୁ ସମୟ ଧରି ମୋଠାରୁ ଏହି ଐତିହାସିକ ବିବରଣୀଗୁଡ଼ିକ ଆଗ୍ରହର ସହିତ ଶୁଣିଲେ ଏବଂ ପଚାରିଲେ ତା' ହେଲେ ଆମ ଗଙ୍ଗବଂଶ ରାଜାମାନଙ୍କର ପ୍ରାଧାନ୍ୟ ଓଡ଼ିଶାରେ କେଉଁ ସମୟରୁ ଆରମ୍ଭ ହୋଇଥିବ ? ମୁଁ କହିଲି—ଗଙ୍ଗବଂଶର ଇତିହାସ ଅଦ୍ୟାବଧି ଭଲ ଭାବରେ ପ୍ରକାଶ ପାଇ ନାହିଁ । ତେବେ ଇତିହାସରୁ ଯାହା ପ୍ରମାଣିତ ହେଉଛି ତଦନୁସାରେ ଖ୍ରୀଷ୍ଟୀୟ ପଞ୍ଚମ ବା ଷଷ୍ଠ ଶତାବ୍ଦୀରେ ବଂଶଧାରା ନଦୀ କୂଳରେ ଅବସ୍ଥିତ ପାରଳାଖେମୁଣ୍ଡି ଏଷ୍ଟେଟର ମୁଖଲିଙ୍ଗ ନାମକ ଗ୍ରାମରେ ତାହା ସ୍ଥାପିତ ହୋଇଥିଲା । ପ୍ରାୟ ପାଞ୍ଚ ଶହ ବର୍ଷ ସେଠାରେ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କଲାପରେ ମହାରାଜ ଚୋଡ଼ଗଙ୍ଗ ଉତ୍କଳ ଦେଶ ଜୟ କରି ସେଠାରୁ ସୋମବଂଶୀୟ ରାଜାମାନଙ୍କୁ ଉଚ୍ଛେଦ କରିଥିଲେ । ଏହା ଫଳରେ କଳିଙ୍ଗ ସଙ୍ଗେ ଉତ୍କଳ ଓ ଦକ୍ଷିଣ କୋଶଳ ବା ମହାକୋଶଳ ସାମିଲ ହୋଇ ଆଧୁନିକ ଓଡ଼ିଶା ପ୍ରଦେଶ ପରି ଗୋଟିଏ ବିଶାଳ ସାମ୍ରାଜ୍ୟ ସ୍ଥାପିତ ହେଲା । ଚୋଡ଼ଗଙ୍ଗଙ୍କର ରାଜ୍ୟ ପୂର୍ବ ଦିଗରେ ଗଙ୍ଗା ନଦୀଠାରୁ

Digitized by PPRACHIN, SOA

ଆରମ୍ଭ ହୋଇ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସେ ଦକ୍ଷିଣରେ ଚାଲୁକ୍ୟ, ପଶ୍ଚିମରେ ଚେଦି ଏବଂ ପୂର୍ବ ଦିଗରେ ବଙ୍ଗଳାର ପାଳବଂଶୀୟ ରାଜାମାନଙ୍କୁ ପରାସ୍ତ କରି ଯେଉଁ ପ୍ରଚୁର ଧନରତ୍ନ ସଂଗ୍ରହ କରିଥିଲେ, ତାହା ଧର୍ମ କାର୍ଯ୍ୟରେ ବ୍ୟୟ କରିବା ଉଚିତ ମନେ କରି ପୁରୀରେ ଶ୍ରୀଜଗନ୍ନାଥଙ୍କର ବିଶାଳ ମନ୍ଦିର ନିର୍ମାଣ କରିବାକୁ ଲାଗିଲେ । ଏହି ମନ୍ଦିରର ଗଠନ କାର୍ଯ୍ୟରେ ଦକ୍ଷିଣ ଓ ପଶ୍ଚିମ ଦିଗରୁ ଶିଳ୍ପୀମାନଙ୍କୁ ନେଇ ନିଯୁକ୍ତ କରିଥିଲେ । ତେଣୁ ମଧ୍ୟ ଭାରତର ଖଜୁରାହ ମନ୍ଦିର ଏବଂ ମୁଖଲିଙ୍ଗର ସୋମେଶ୍ୱର ମନ୍ଦିର ସଙ୍ଗେ ଶ୍ରୀଜଗନ୍ନାଥ ମନ୍ଦିରର କାରୁକାର୍ଯ୍ୟରେ ସାମ୍ୟ ପରିଲକ୍ଷିତ ହୁଏ । ଚୋଡ଼ଗଙ୍ଗଙ୍କ ପରେ ପ୍ରାୟ ୩ ଶହ ବର୍ଷ ଧରି ଗଙ୍ଗବଂଶୀୟ ରାଜାମାନେ ଓଡ଼ିଶାକୁ ଗୋଟିଏ ଉନ୍ନତ ପରାକ୍ରମଶାଳୀ ରାଜ୍ୟରେ ପରିଣତ କରିଥିଲେ । ସେତେବେଳେ ଭାରତର ଚାରିଗୋଟି ଧର୍ମ କେନ୍ଦ୍ର ବା ଧାମ ମଧ୍ୟରେ ଜଗନ୍ନାଥ (ପୁରୀ) ଗୋଟିଏ ଧାମ ରୂପେ ଖ୍ୟାତି ଲାଭ କଲା । ଗଙ୍ଗବଂଶୀୟ ରାଜାମାନଙ୍କ ବୀରତ୍ୱ ଓ ସତର୍କତା ଯୋଗୁ ମୁସଲମାନ ରାଜାମାନେ ଭାରତର ଅଧିକାଂଶ ଅଞ୍ଚଳ ଜୟ କରିଥିଲେ ସୁଦ୍ଧା ଓଡ଼ିଶାରେ ଆଧିପତ୍ୟ ବିସ୍ତାର କରି ପାରିଲେ ନାହିଁ । ଏହି ଗଙ୍ଗବଂଶୀୟ ରାଜାମାନଙ୍କ ସାହାଯ୍ୟରେ ବହୁ ପଣ୍ଡିତ ଭାରତର ବିଭିନ୍ନ ଅଞ୍ଚଳରୁ ଉଠିଆସି ଏଠାରେ ଆର୍ଯ୍ୟ ସଂସ୍କୃତିର ଦୃଢ଼ ଭିତ୍ତି ସ୍ଥାପନ କଲେ । ସଂସ୍କୃତ ସାହିତ୍ୟରେ ଯେମାନଙ୍କର ଉତ୍କର୍ଷତା 'ଗୀତ ଗୋବିନ୍ଦ' ପରି ଗୀତିକାବ୍ୟ ଏବଂ 'ସାହିତ୍ୟ ଦର୍ପଣ' ପରି ଅଳଙ୍କାର ଗ୍ରନ୍ଥ ଓଡ଼ିଶାରେ ପ୍ରକଟିତ ହେଲା । ପ୍ରଶାସନିକ କ୍ଷେତ୍ରରେ ପୁଣି ରାଜନୈତିକ ବ୍ୟାପାରରେ ମହାରାଜ ଅନଙ୍ଗଭୀମଙ୍କର କୃତିତ୍ୱ ମାଦଳା ପାଞ୍ଜିରେ ଲିପିବଦ୍ଧ ହୋଇ ରହିଛି । ମହାରାଜ ନରସିଂହ ଦେବ କୋଣାର୍କମନ୍ଦିର ନିର୍ମାଣ କରି ଏ ରାଜ୍ୟର ଶିଳ୍ପକଳାର ଉତ୍କର୍ଷ ପୃଥିବୀ ବିଖ୍ୟାତ କରିଅଛନ୍ତି । ପ୍ରକୃତରେ କହିବାକୁ ଗଲେ ସାର୍ଦ୍ଧ ତିନିଶତ ବର୍ଷର ଗଙ୍ଗ ଇତିହାସ ଆମ ଦେଶର ଗୋଟିଏ ଅପୂର୍ବ ସଂପଦ ।

ମହାରାଜା ତାଙ୍କ ନିଜ ବଂଶର ପ୍ରାଚୀନ ଗୌରବ କାହାଣୀ ଅତି ଆଗ୍ରହର ସହିତ ଶୁଣିସାରି ମୋତେ କହିଲେ ଆପଣ ଗଙ୍ଗବଂଶର ଇତିହାସ ଲେଖିବାକୁ ଚେଷ୍ଟା କରନ୍ତୁ । ଏଥିପାଇଁ ଯାହା ଯାହା ସାହାଯ୍ୟ ଦରକାର ପଡ଼ିବ ସେ ସବୁ ଆମେ ଯୋଗାଇ ଦେବୁ । ମୁଁ ଉତ୍ସାହିତ ହୋଇ ପ୍ରତିଶ୍ରୁତି ଦେଇ ତାଙ୍କୁ କହିଲି, ଏ କାର୍ଯ୍ୟଟି ଶେଷ କରିବାକୁ ହେଲେ ମୋତେ କିଛି କାଳ ନିରୋଳାରେ ବସି କଲିକତାର ଇମ୍ପିରିଆଲ ଲାଇବ୍ରେରୀ (ଆଧୁନିକ ନ୍ୟାସନାଲ ଲାଇବ୍ରେରୀ) ଏବଂ ମାନ୍ଦ୍ରାଜର କ୍ୟାନମେରା ଲାଇବ୍ରେରୀରେ କାମ କରିବାକୁ ହେବ । ମହାରାଜା ଏଥିରେ ସନ୍ତୁଷ୍ଟ ହୋଇ କହିଲେ, ତୁମର ସମସ୍ତ ଗସ୍ତଖର୍ଚ୍ଚ ମୁଁ ବହନ କରିବାକୁ ପ୍ରସ୍ତୁତ ଅଛି । ତୁମେ ଚଞ୍ଚଳ କାମ ଆରମ୍ଭ କର ।

Digitized by PPRACHIN, SOA

ମହାରାଜାଙ୍କଠାରୁ ଉତ୍ସାହ ପାଇ ମୁଁ ଗଙ୍ଗବଂଶର ଇତିହାସ ଇଂରାଜୀରେ ଲେଖିବାକୁ ବହୁସ୍ତବସ୍ତୁ ସଂଗ୍ରହ କରିବାରେ ଲାଗିଲି । ଏଥିପୂର୍ବରୁ ଅଭିଲେଖ ପାଠ କରି ତାହା ଗବେଷଣା ପତ୍ରିକାମାନଙ୍କରେ କ୍ଷୁଦ୍ର ପ୍ରବନ୍ଧାକାରରେ ପ୍ରକାଶ କରିବା ହିଁ ମୋର ଲେଖାର ପରିସୀମା ମଧ୍ୟରେ ରହିଥିଲା । କିନ୍ତୁ ଇତିହାସ ରୂପକ ବିରାଟ ଗ୍ରନ୍ଥ ରଚନା କରିବା ଅଭିଜ୍ଞତା ମୋର ଆଦୌ ନଥିଲା କହିଲେ ଚଳେ । ତେଣୁ ପ୍ରଥମେ ମୁଁ ଏଥିରେ ଅଭ୍ୟସ୍ତ ହେବାକୁ ଶିକ୍ଷା କଲି । ଏଥିପାଇଁ ପ୍ରସିଦ୍ଧ ଐତିହାସିକମାନଙ୍କର କେତୋଟି ଇତିହାସ ପଢ଼ି ସେଥିର ଶୈଳୀ ଓ ଧାରା ବୁଝିବାକୁ ଚେଷ୍ଟା କଲି । ଐତିହାସିକ କ୍ଷେତ୍ରରେ ମୋର ଯାହାସବୁ ଅଭିଜ୍ଞତା ଲାଭ ହୋଇଛି ସେଥିର ଦ୍ୱିତୀୟ ପର୍ଯ୍ୟାୟ ଏଠାରୁ ଆରମ୍ଭ ହେଲା ବୋଲି କହିଲେ ଚଳେ ।

ସେ ବର୍ଷ ମେ ମାସରେ ମୋର ପାରିବାରିକ ବ୍ୟାପାର ଟିକିଏ ଜଟିଳ ହୋଇଥିଲା ; କାରଣ ଜ୍ୟେଷ୍ଠପୁତ୍ର ରାଧାଶ୍ୟାମର ଘନ ଘନ ଶାରୀରିକ ଅସୁସ୍ଥତା ହେତୁ ମୋର ବିମାତାଙ୍କର ପରାମର୍ଶ କ୍ରମେ ତାକୁ ବ୍ରତ ନ କରିବାରୁ ଏପରି ଦୁର୍ଘଟଣା ଘଟୁଛି ବୋଲି ଅନେକେ କହୁଥିଲେ । ତେଣୁ ନନାଙ୍କର ପ୍ରସ୍ତାବକ୍ରମେ ମେ ୫ ତାରିଖ ଦିନ ତାର ଉପନୟନ କାର୍ଯ୍ୟ ସମାପନ ହେଲା । ଏଥିରେ ଆମର ବଂଶର ନିୟମାନୁସାରେ ଯାହା କରିବା କଥା ସେ ସବୁ ମୋ ଉପରେ ପଡ଼ିଲା । ପ୍ରଚୁର ପରିମାଣ ଅର୍ଥ ବ୍ୟୟ କରି ବଂଶ ମର୍ଯ୍ୟାଦା ରକ୍ଷା କରିବା ସକାଶେ ଗ୍ରୀଷ୍ମକାଳରେ ଏ କାର୍ଯ୍ୟଟି ଆରମ୍ଭ ହେଲା; କାରଣ ନନାଙ୍କ ପରାମର୍ଶ ମତେ ସେହି ଦିନଟି ହିଁ ବ୍ରତ ଯୋଗପାଇଁ ଉତ୍କୃଷ୍ଟ । ସେତେବେଳେ ପାରଳାଖେମୁଣ୍ଡିରେ ବର୍ଷା ଅଭାବରୁ ବନ୍ଧ କୁଅ ସବୁ ଶୁଖି ଯାଇଥାଏ । ଲୋକେ ପାଣି ପାଇଁ ଦୁଇମାଇଲ ଦଉଡ଼ି ମହେନ୍ଦ୍ରତନୟା ନଦୀକୁ ଆଶ୍ରୟ କରିଥାନ୍ତି । ବ୍ରତ କରିବା ସକାଶେ ଶଗଡ଼ରେ ପାଣି ବୁହାଇବାକୁ ପଡ଼ିଲା । ଏଥିପାଇଁ ମୋର ପ୍ରାୟ ଦେଢ଼ଶହ କି ଦୁଇଶ ଟଙ୍କା ଖର୍ଚ୍ଚ ହୋଇଥିବା ସ୍ମରଣ ଅଛି ।

ବ୍ରତକାର୍ଯ୍ୟ ଶେଷ ହେଲାପରେ ମୁଁ ସ୍ଥିର କଲି ଆମ ଗୃହଠାରୁ ଅଳ୍ପ ଦୂରରେ ଥିବା ସଦାରାମ ପୋଖରୀର ପଙ୍କୋଦ୍ଧାର କାର୍ଯ୍ୟରେ କିଛି ସମୟ ଦେବା ଆବଶ୍ୟକ । ଏଥିପାଇଁ କେତେଜଣ ବନ୍ଧୁଙ୍କ ସଙ୍ଗେ ପରାମର୍ଶ କରି ଗୋଟିଏ ସାମାଜିକ ସେବା ସଂଘ ଗଢ଼ିଲି । ମୋର ଯୁବକ ବନ୍ଧୁମାନେ ଉତ୍ସାହର ସହିତ ମୋ ସଙ୍ଗେ ମିଶି ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରିବାକୁ ଗଲେ । କିନ୍ତୁ ପୋଖରୀର ପଙ୍କୋଦ୍ଧାର ଏବଂ ମାଟି ଖୋଳାଇବା ସଙ୍ଗେ ସେଥିର ତୁଠଗୁଡ଼ିକ ସଂସ୍କାର କରିବାକୁ ଯେଉଁ ପ୍ରଚୁର ଅର୍ଥ ଆବଶ୍ୟକ ତାହା ସଂଗୃହୀତ ଚାନ୍ଦାରୁ ନିଅଣ୍ଟ ହେବାରୁ ସେ ମାସ ଶେଷ ଆଡ଼କୁ ଗୋଟିଏ ମ୍ୟୁନିସିପାଲିଟି ସ୍ୱତନ୍ତ୍ର ମିଟିଙ୍ଗ ଡାକିବା ପାଇଁ ଚେୟାରମ୍ୟାନଙ୍କୁ ଅନୁରୋଧ କଲି । ମେ [illegible]୦ ତାରିଖ ଦିନ ମ୍ୟୁନିସିପାଲିଟି ପକ୍ଷରୁ ପ୍ରସ୍ତାବିତ ମିଟିଙ୍ଗ ବସିଲା ଓ ସେଥିରେ ମୋର ପ୍ରସ୍ତାବ ଅନୁସାରେ

Digitized by PPRACHIN, SOA

ଟଙ୍କା ମଞ୍ଜୁର କରାଗଲା । କେବଳ ସେତକ ନୁହେଁ, ମ୍ୟୁନିସିପାଲ ଇଞ୍ଜିନିୟର ମଧ୍ୟ ଏହି କାର୍ଯ୍ୟରେ ଲଗିପଡ଼ିଲେ । କାରଣ ପୋଖରୀଟି ପୂର୍ବପୂର୍ବ ମ୍ୟୁନିସିପାଲିଟିର କର୍ତ୍ତୃତ୍ୱାଧୀନ ଥିଲା । ପାରଳାଖେମୁଣ୍ଡିରେ ଜଳାଭାବ ହେତୁ ସେବର୍ଷ ସ୍ଥାନେ ସ୍ଥାନେ ସଂକ୍ରାମକ ରୋଗ ଦେଖାଦେଲା । ଏଥିର ନିରାକରଣ ପାଇଁ ଯେଉଁ ପରିମାଣରେ ପ୍ରତିଷେଧକ ଇଞ୍ଜେକସନ ଏବଂ ଔଷଧପତ୍ର ଆବଶ୍ୟକ, ତାହା ଗଚ୍ଛିତ ନ ଥିବାରୁ ଏହି ରୋଗର ପ୍ରସାର ମାରାତ୍ମକ ଅବସ୍ଥାରେ ପହଞ୍ଚିଲା । ମୋର ମନେପଡ଼ୁଛି ଆମ ପାଖର ଜଣେ ବିଧବା ଗଉଡ଼ୁଣୀର କନ୍ୟାକୁ ଝାଡ଼ାବାନ୍ତି ହେବା ଅବସ୍ଥାରେ କେହି ହେଲେ ସାହାଯ୍ୟ କରିବାକୁ ସେଠାକୁ ଗଲେ ନାହିଁ । ଝିଅଟି ଦାଣ୍ଡ ପିଣ୍ଡାରେ ଶୋଇ ଛଟପଟ ହେଉଥାଏ । ମୁଁ ଖବର ପାଇ ଆମ ଗୃହରେ ସମସ୍ତଙ୍କର ବାରଣ ସତ୍ତ୍ୱେ ସେଠାକୁ ଗଲି, ଦେଖିଲି ଯେ ଉପଯୁକ୍ତ ଚିକିତ୍ସା ଅଭାବରୁ ସେ ମୃତ୍ୟୁ ମୁଖରେ ପଡ଼ିବାକୁ ଯାଉଛି । ମୋର ଜଣେ ଯୁବକ ବନ୍ଧୁଙ୍କୁ ଅନୁରୋଧ କରି ଡାକ୍ତର ବୈକୁଣ୍ଠମ୍‌ଙ୍କୁ ସେଠାକୁ ଡକାଇ ଆଣିଲି । ମୋର ପୁରୁଣା ବନ୍ଧୁ ଡାକ୍ତର ବୈକୁଣ୍ଠମ୍ ଜଣେ ଉଦାରଚେତା ଓ ଦେଶପ୍ରାଣ କର୍ମୀ । ସେ ବିନା ଫିସ୍‌ରେ ଏହି ଚିକିତ୍ସା କରିବାକୁ ପ୍ରସ୍ତୁତ ହେଲେ । ତାଙ୍କର ଚେଷ୍ଟାରେ ଝିଅଟିକୁ ସାଲାଇନ୍ ଇଞ୍ଜେକ୍‌ସନ ଦେଇ ମୃତ୍ୟୁମୁଖରୁ ରକ୍ଷା କରାଗଲା । ଯଥାରୀତି ଔଷଧ ଦେବାରୁ ସେ ଭଲ ହେଲା ସତ; କିନ୍ତୁ ବୃଦ୍ଧା ଗଉଡ଼ୁଣୀ ଚିକିତ୍ସକଙ୍କର ପରାମର୍ଶ ନ ମାନି ତାକୁ ଭାତ ଖୁଆଇବାରୁ ଜ୍ୱର ପାଞ୍ଚଦିନ ପରେ ସେ ଝିଅଟି ଚାଲିଗଲା । ଏଥିରେ ତ ନିଶ୍ଚୟ ମୋ ମନରେ ଦୁଃଖ ହେଲା । କିନ୍ତୁ ସମାଜ ଭିତରେ ଶିକ୍ଷା ଓ ସଭ୍ୟତାର ଅଭାବ ଯୋଗୁଁ ଏପରି କେତେ ଯେ ଇହଲୀଳା ସାଙ୍ଗ କରନ୍ତି ତାହା ଭାବି ମୁଁ ସ୍ଥିର କଲି ସ୍ଥାନୀୟ ପ୍ରୌଢ଼ ଶିକ୍ଷାକୁ ପୁନରୁଜ୍ଜୀବିତ କରିବା ଆବଶ୍ୟକ । ତେଣୁ ମ୍ୟୁନିସିପାଲିଟି ପକ୍ଷରୁ ଗୋଟିଏ ପ୍ରସ୍ତାବ ବଳରେ ତେଲି ସାହିଠାରେ ଏକ ନୈଶ ବିଦ୍ୟାଳୟ ସ୍ଥାପନ କରି ସେଥିରେ ପ୍ରୌଢ଼ଶିକ୍ଷା ଦେବାର ବ୍ୟବସ୍ଥା କରିବାକୁ ପଡ଼ିଲା । ମୋର ବନ୍ଧୁ ସମ୍ପର୍କୀୟ ରାଜା କୃଷ୍ଣଚନ୍ଦ୍ର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ପୁଣି ତାଙ୍କର ପ୍ରସ୍ତାବକ୍ରମେ ଏଠାରେ ଗୋଟିଏ ହରିଜନ ସ୍କୁଲ ପରେ ସ୍ଥାପିତ ହେଲା । ଏ ବିଷୟ ପ୍ରସଙ୍ଗକ୍ରମେ ପରେ ଲେଖାଯିବ ।

ସେ ବର୍ଷ ଅକ୍ଟୋବର ମାସ ୫ତାରିଖରେ ପୁରୀଠାରେ ଗଭର୍ଣ୍ଣରଙ୍କ ଅଧ୍ୟକ୍ଷତାରେ ଓଡ଼ିଶା **Administrative Council**ର ଦ୍ୱିତୀୟ ମିଟିଙ୍ଗ ହେବାର ପ୍ରସ୍ତାବ ହେଲା । ଏଥିରେ ଓଡ଼ିଶାର ରାଜଧାନୀ ପାଇଁ ସ୍ଥାନ ନିର୍ବାଚନ କରିବା ଥିଲା ମୁଖ୍ୟ ଆଲୋଚ୍ୟ ବିଷୟ । ଏହା ଆଗରୁ କଟକ ଓ ବ୍ରହ୍ମପୁର ନେତାମାନଙ୍କ ମଧ୍ୟରେ ଦୁଇଟି ବିରୋଧୀଦଳ ସୃଷ୍ଟି ହୋଇଥିଲେ, ଏକଥା ପୂର୍ବରୁ କୁହାଯାଇଛି । ଏଥିର ଗୋଟିଏ କିଛି ନିଷ୍ପତ୍ତି ଶୀଘ୍ର କରିଦେବାକୁ ସାର୍ ଜନ୍ ହବାକ୍ ଉତ୍କଣ୍ଠା ପ୍ରକାଶ କରୁଥାନ୍ତି । ଏଠାରେ କହିରଖିବା ଉଚିତ ଯେ—ଗଭର୍ଣ୍ଣରଙ୍କ ପ୍ରାଇଭେଟ ସେକ୍ରେଟେରୀ ମିଷ୍ଟର ସ୍ୱାନ (Mr. Swan) ନାମକ ଜଣେ ଇଂରେଜୀ ଯୁବକ ନିଯୁକ୍ତ ହୋଇଥିଲେ । ସେ ଯେପରି ଚତୁର ଓ କର୍ମଠ,

Digitized by PPRACHIN, SOA

ସେପରି ବିଦ୍ୱାନ ଓ ଦୟାଳୁ । ମୋର ସଙ୍ଗେ ତାଙ୍କର ଘନିଷ୍ଠତା ହୋଇଥିଲା । ତାଙ୍କର ବିଚାରରେ ଓଡ଼ିଶା ପାଇଁ ନିରପେକ୍ଷ ଓ ସାଧୁ ବିଚାରଶୀଳ ବ୍ୟକ୍ତିଙ୍କ ମଧ୍ୟରୁ ମୁଁ ଜଣେ । ତେଣୁ ଓଡ଼ିଶା ସମ୍ପର୍କରେ ସାଧାରଣ ଲୋକଙ୍କର ଅଭିମତ ଓ ପରାମର୍ଶ ଯେତେବେଳେ ଗଭର୍ଣ୍ଣରଙ୍କର ଦରକାର ହୁଏ, ସେତେବେଳେ ମି· ହ୍ୱାନ ମୋର ମତ ନେଇଥାନ୍ତି । ଅବଶ୍ୟ ଚିଠିପତ୍ର ସାହାଯ୍ୟରେ ଆମ ଦୁହିଁଙ୍କର ମତ ବିନିମୟ ହେଉଥିଲା । କେବେ କେବେ ମଧ୍ୟ ସାକ୍ଷାତ ହୁଏ । ଆମେ ଓଡ଼ିଶା ପ୍ରସଙ୍ଗ ନେଇ ଦୀର୍ଘକାଳ ଆଲୋଚନା କରୁ ।

ଏଥର ଆଡ଼ଭାଇଜରି କାଉନସିଲ ମିଟିଙ୍ଗରେ ପାରଳାଖେମୁଣ୍ଡିର ମହାରାଜା ଯୋଗ ଦେଇପାରିଲେ ନାହିଁ । କାରଣ—ସେତେବେଳେ କୌଣସି ଏଷ୍ଟେଟ ସମ୍ବନ୍ଧୀୟ ବିଷୟରେ ସେ ମାନ୍ଦ୍ରାଜ ଗସ୍ତ କରିଥାନ୍ତି । ପାରଳାଖେମୁଣ୍ଡି ଲୋକଙ୍କର ବିଚାରରେ ରାଜଧାନୀ କେଉଁ ସ୍ଥାନରେ ହେବା ଉଚିତ ସେ କଥା ଜାଣିବାକୁ ହ୍ୱାନ ସାହେବ ଇଚ୍ଛୁକ ହୋଇ ମୋତେ ଗୋଟିଏ ପତ୍ରରେ ଜଣାଇ ଦେଲେ—ଜଣେ ନନ୍ ଅଫିସିଆଲ ଭିଜିଟର ହିସାବରେ ମୁଁ ଯେପରି ଆଡ଼ଭାଇଜରି କାଉନସିଲ ମିଟିଙ୍ଗରେ ଯୋଗଦିଏ । ଆଗ୍ରହର ସହିତ ମୁଁ ତାଙ୍କର ପ୍ରସ୍ତାବଟି ଗ୍ରହଣ କଲି । ବ୍ରହ୍ମପୁର ଦେଇ ଅକ୍ଟୋବର ୩ତାରିଖ ଦିନ ପୁରୀ ପ୍ରସ୍ଥାନ କଲି । ସେଦିନ ସନ୍ଧ୍ୟାରେ ପ୍ରବଳ ଝଡ଼ ତୋଫାନ ଆରମ୍ଭ ହେଲା । ତା ପରଦିନ ଏହି ତୋଫାନ ପୁରୀରେ ସାଙ୍ଘାତିକ ଅବସ୍ଥା ସୃଷ୍ଟି କଲା । ସେତେବେଳେ ତ ଇଲେକ୍ଟ୍ରି ବା କଳପାଣି ଯୋଗାଇବାର ବ୍ୟବସ୍ଥା କିଛି ନଥାଏ । ଯାତ୍ରୀମାନେ ଏବଂ ପୁରୀର ଲୋକେ ଘରୁ ବାହାରି ନପାରି ଭୋକ ଉପାସରେ ସେଦିନ କଟାଇଲେ । କିନ୍ତୁ ୫ତାରିଖଦିନ ଆକାଶ ମେଘମୁକ୍ତ ହୋଇଗଲା । ଯଥା ସମୟରେ ଗଭର୍ଣ୍ଣରଙ୍କର ବଙ୍ଗଳାରେ ଆଡ଼ଭାଇଜରି କାଉନସିଲ୍ ମିଟିଙ୍ଗ ବସିଲା । ସେଦିନ ୧୮ଜଣ ସଭ୍ୟ ସେଥିରେ ଯୋଗ ଦେଇଥାନ୍ତି । ସଭାରେ କଟକ ଓ ଶଙ୍ଖାମ ଦଳଙ୍କ ମଧ୍ୟରେ ରାଜଧାନୀ ସ୍ଥାପନ ସମ୍ପର୍କରେ ଭୀଷଣ ଯୁକ୍ତିତର୍କ ଚାଲିଥାଏ । ସେତିକବେଳେ ଜଣେ ପିଅନ ଖଣ୍ଡିଏ ଚିଠି ଧରି ମୁଁ ବସି-ଥିବା ଶେଷ ପରିଦର୍ଶକ ଗ୍ୟାଲେରୀକୁ ଆସିଲା ଓ ମୋତେ ତାହା ବଢ଼ାଇ ଦେଲା । ଚିଠି ଖଣ୍ଡିକ ପଢ଼ି ତା ସାଙ୍ଗରେ ମୁଁ ସେକ୍ରେଟେରୀଙ୍କ କୋଠରୀକୁ ଗଲି । ହ୍ୱାନ ସାହେବ ମୋତେ ବସିବାକୁ କହି ପଚାରିଲେ ରାଜଧାନୀ ପାଇଁ ଆପଣଙ୍କର ନିରପେକ୍ଷ ମତ କଣ ? ମୁଁ ସଙ୍ଗେ ସଙ୍ଗେ ଉତ୍ତର ଦେଲି ପୁରୀ କିମ୍ବା ଭୁବନେଶ୍ୱର । ସେ କିଛି ସମୟ ହସି ହସି ମୋତେ ଚାହିଁ କହିଲେ "Puri is as Jerujelum of Orissa and Bhubaneswar is a Venis" ଅର୍ଥାତ ପୁରୀ ହେଉଛି ଓଡ଼ିଶାର ଜେରୁଜେଲମ୍ ଏବଂ ଭୁବନେଶ୍ୱର ସେଠାର ଭେନିସ୍ ସହର । ମୁଁ କହିଲି ଆମ ମତରେ ପୁରୀର ଦୀର୍ଘ ଉପକୂଳ ଓ ବିସ୍ତୃତ ସରକାରୀ ଜମି ରହିଥିବାରୁ ସେଠାରେ ରାଜଧାନୀ କଲେ ସରକାରଙ୍କ ପକ୍ଷରୁ ଖର୍ଚ୍ଚ ଯଥେଷ୍ଟ କମିଯିବ । କିନ୍ତୁ ହ୍ୱାନ କହିଲେ ଏଥିରେ ଦୁଇଟି ପ୍ରତିବନ୍ଧକ ରହିଛି । ଗୋଟିଏ ହେଉଛି ଏହା ଭାରତର ଗୋଟିଏ ପ୍ରଧାନ ଧର୍ମକେନ୍ଦ୍ର । କୌଣସି

Digitized by PPRACHIN, SOA

ଧର୍ମକେନ୍ଦ୍ରକୁ ରାଜଧାନୀ କରିବା ନୀତିବିରୁଦ୍ଧ । ଦ୍ୱିତୀୟ ପ୍ରତିବନ୍ଧକଟି ହେଉଛି ପୁରୀରେ ଜଳକଷ୍ଟ । ଏଣୁ ଭୁବନେଶ୍ୱର ହିଁ ଓଡ଼ିଶାର ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଆମେ ସମସ୍ତେ ଭାବୁଛୁ । ମୁଁ ସାହେବଙ୍କୁ ହାସ୍ୟଚ୍ଛଳରେ କହିଲି ତା' ହେଲେ କଟକ ଓ ଗଞ୍ଜାମ ଦଳର ବିବାଦ କେତେକ ପରିମାଣରେ ତ ନିଶ୍ଚୟ ଲାଘବ ହେବ । ସେଥି ସଙ୍ଗେ କଟକ ପରି ଗୋଟିଏ ଅସ୍ୱାସ୍ଥ୍ୟକର, ବିପଦ୍‌ଜନକ ସହରକୁ ରାଜଧାନୀ ରୂପେ ନିରୂପଣ କରିବା ବିପଦରୁ ଉଦ୍ଧାର ମିଳିବ ।

ସେକ୍ରେଟେରୀଙ୍କ କୋଠରୀରୁ କାଉନସିଲ୍ ଗୃହକୁ ଫେରିଆସି ମୁଁ ଦେଖିଲି ସେତେବେଳେ ଗଭର୍ଣ୍ଣରଙ୍କ ନିର୍ଦ୍ଦେଶକ୍ରମେ କଟକ ଓ ବ୍ରହ୍ମପୁର ସମସ୍ୟା ନେଇ ସଭ୍ୟମାନଙ୍କ ମଧ୍ୟରେ ଭୋଟ ଗଣା ଯାଉଛି । ଏଥିରେ ୧୯ଟି ଭୋଟ ପାଇ କଟକର ସଭ୍ୟମାନେ କିଣି ଆନନ୍ଦ ଉତ୍ସାହରେ ନାଚୁଥିଲାବେଳେ ଗଞ୍ଜାମ ସଭ୍ୟମାନେ ମୁହଁ ଶୁଖାଇ ଦେଇ ବାରଣ୍ଡାକୁ ଯାଇ କଣ ସବୁ ପରାମର୍ଶ କରୁଛନ୍ତି । ଏ ଦୃଶ୍ୟ ଦେଖି ମୁଁ ହାସ୍ୟ ସମ୍ବରଣ ନ କରି ରହି ପାରିଲି ନାହିଁ । ମୋ ପାଖରେ ବସିଥିଲେ ଶୋଭନ ଖାଁ ନାମକ ଜଣେ ପୁରୀର ଆଡ଼ଭୋକେଟ୍ । ମୋ ହସିବା ଦେଖି ସେ ଟିକିଏ ବିସ୍ମିତ ହୋଇ ପଚାରିଲେ—ଆପଣ ଗଞ୍ଜାମ ଭାଇମାନଙ୍କ ସଙ୍ଗେ ପରାମର୍ଶ କରିବାକୁ ଯାଉନାହାନ୍ତି କାହିଁକି ? ମୁଁ କହିଲି 'ଦୈବ ମନ୍ୟଥ ଚିନ୍ତୟେତ୍' ବୋଲି ଗୋଟିଏ ବାକ୍ୟ ଅଛି । ଏଥିର ତାତ୍ପର୍ଯ୍ୟ ହେଲା ମଣିଷ ଯାହା ଆଶା କରେ ତାହା ସବୁ ସମୟରେ ଫଳେ ନାହିଁ । ଦୈବ ଚିନ୍ତା ହିଁ ମନୁଷ୍ୟକୁ ନିୟନ୍ତ୍ରିତ କରୁଛି । ଏଣୁ ମୋ ମତରେ କଟକ କିମ୍ବା ବ୍ରହ୍ମପୁର କେଉଁଠି ହେଲେ ଓଡ଼ିଶାର ରାଜଧାନୀ ହୋଇ ପାରିବ ନାହିଁ । ମୋ କଥା ଶୁଣି ଖାଁ ସାହେବ ବିସ୍ମିତ ହୋଇ ପଚାରିଲେ – ତା' ହେଲେ ଆଉ କେଉଁଠି ରାଜଧାନୀ ହୋଇପାରେ ? ମୁଁ କହିଲି କଟକର ସଭ୍ୟମାନେ ଅଧିକାଂଶ ଭୋଟ ପାଇଥିବାରୁ ସେହି ସହର ନିକଟବର୍ତ୍ତୀ କୌଣସି ସ୍ଥାନରେ ହେବା ସମ୍ଭବ ।

ତା' ଆରଦିନ 'ସମାଜ' ପ୍ରଭୃତି ପତ୍ରିକାରେ ଦୀର୍ଘ ଲେଖାମାନ ପ୍ରକାଶ ପାଇଲା । ମୋର ମନେ ପଡ଼ୁଛି 'କଟକ ଚନ୍ଦ୍ର ବାଇମୁଣ୍ଡିକ' ନାମକ ଗୋଟିଏ ଗଳ୍ପ ଓଡ଼ିଶାରେ ଅଧିକାଂଶ ଲୋକଙ୍କ କୌତୂହଳ ସୃଷ୍ଟି କରିଥିଲା । ଅପର ପକ୍ଷେ 'ଆଶା' ଓ 'ନବ ଓଡ଼ିଶା' ପତ୍ରିକାରେ କଟକ ବିରୁଦ୍ଧରେ ତୀବ୍ର ସମାଲୋଚନା କରି ଶଶୀ ଭୂଷଣ ରଥ ଖଲ୍ଲିକୋଟ ରାଜାଙ୍କର ମତ ପ୍ରକାଶ କରିବାକୁ ଯାଇ କହିଲେ— "ଦ ଅଣିକିଆ ପାଇକର ମଣା ଯେଉଁ ସହରରେ ପୂରି ରହିଛନ୍ତି ସେଠାରେ ରାଜଧାନୀ କରିବା ଯେ କିପରି ସୁଖକର ବ୍ୟବସ୍ଥା ଏହା ସମସ୍ତେ ବୁଝି ପାରୁଥିବେ ।" କିନ୍ତୁ ଉତ୍କଳ ହିତୈଷିଣୀ ପତ୍ରିକାରେ ସଂପାଦକୀୟ ସ୍ତମ୍ଭରେ ମୁଁ ଲେଖିଲି 'ଓଡ଼ିଶାର ଭୌଗୋଳିକ ପରିସ୍ଥିତି ଦୃଷ୍ଟିରୁ ପୁଣି ଐତିହାସିକ କାରଣରୁ କଟକ ଓ ବ୍ରହ୍ମପୁର ରାଜଧାନୀ ପାଇଁ ଅନୁକୂଳ ନୁହେଁ ।

Digitized by PPRACHIN, SOA

ସେ ବର୍ଷ ଡିସେମ୍ବର ମାସ ୧୨ ତାରିଖ ଦିନ (ପାରଳାଖେମୁଣ୍ଡି ମହାରାଜାଙ୍କର ଅଧ୍ୟକ୍ଷତାରେ ଆସନ୍ତା ଗଞ୍ଜାମ ଜିଲ୍ଲା ବୋର୍ଡ଼ ସଭ୍ୟ ନିର୍ବାଚନ ପାଇଁ ନ୍ୟାସନାଲ ପାର୍ଟି ପକ୍ଷରୁ ଗୋଟିଏ ସଭା ଅନୁଷ୍ଠିତ ହେଲା । ଏଥିରେ ଧରାକୋଟର ରାଜା ମଦନ ମୋହନ ସିଂହଦେଓ ପ୍ରଧାନ ଅଂଶ ଗ୍ରହଣ କରିଥିଲେ । ତେଣୁ ଧରାକୋଟ ବଙ୍ଗଳାରେ ସେହିଦିନ ସନ୍ଧ୍ୟାରେ ଆଉ ଗୋଟିଏ ସଭା ବସି ନିର୍ବାଚନ ପ୍ରସ୍ତୁତି ପାଇଁ କ'ଣ ସବୁ କରାଯିବ, ସେଥିର ଠିକଣାଖି ବିଚାର ହୋଇଥିଲା । ଏହା ପରଦିନ ମୁଁ ରସୁଲକୋଣ୍ଡା ଗଲି । କାରଣ ସେଠାରୁ ମୋର ବନ୍ଧୁ ହରିହର ତ୍ରିପାଠୀ ଗୋଟିଏ ପତ୍ର ଲେଖି ମୋତେ ଜଣାଇଥିଲେ ସେଠାର 'ସାଦର' ନାମକ ଗୋଟିଏ ଗ୍ରାମରେ ଜମି ଚାଷ କରୁଥିଲାବେଳେ ଜଣେ ଚାଷୀ ଗୋଟିଏ ତାମ୍ରଶାସନ ଗୁଚ୍ଛ ପାଇଥିଲା । ସେଥିରେ କଣ ସବୁ ଲେଖାଅଛି ତାହା କେହି ହେଲେ ପଢ଼ିପାରୁ ନାହାନ୍ତି । ତେଣୁ ତାମ୍ର ଶାସନଟି ସଂଗ୍ରହ କରିବା ପାଇଁ ଓ ସେଥିର ଲେଖା ପଢ଼ିବା ପାଇଁ ସେ ମୋତେ ନିମନ୍ତ୍ରଣ କରିଥିଲେ । ଶ୍ରୀଯୁକ୍ତ ତ୍ରିପାଠୀ ରସୁଲକୋଣ୍ଡା ହାଇସ୍କୁଲର ହେଡ୍ ମାଷ୍ଟର ରୂପେ ଗଞ୍ଜାମରେ ସୁପରିଚିତ । ସେ ହେଉଛନ୍ତି ଜଣେ ଉଦାରଚେତା ଜାତିପ୍ରେମୀ ଶିକ୍ଷିତ କୁଳୀନ ବ୍ରାହ୍ମଣ । ମୁଁ ରସୁଲକୋଣ୍ଡାରେ ତାଙ୍କ ଆତିଥ୍ୟ ଗ୍ରହଣ କଲି ଓ ଦୁହେଁ ମିଶି ସାଇକେଲରେ 'ସାଦର' ଗ୍ରାମକୁ ଗଲୁ । କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଏହି ଯେ ଆମେ ସେଠାରେ ପହଞ୍ଚିବା ଅଳ୍ପ କେତେଦିନ ପୂର୍ବରୁ ସେହି ଗରିବ ଚାଷୀ ତାମ୍ରଗୁଚ୍ଛଟି ବଣିଆକୁ ଦେଇ ସୁନା ପାଇବା ଆଶାରେ ପୋଡ଼ି ନଷ୍ଟ କରିଦେଇଛି । ଓଡ଼ିଶାରେ ମୂଲ୍ୟବାନ ଐତିହାସିକ ସଂପଦଗୁଡ଼ିକ ବହୁ କ୍ଷେତ୍ରରେ ଏପରି ଅଜ୍ଞତା ଯୋଗୁ ନଷ୍ଟ ହୋଇଥିବାର ସମ୍ବାଦ ଆମେ ପାଇଛୁ । ଉଦାହରଣ ସ୍ୱରୂପ ପଟିଆକଲାରୁ ଯେଉଁ ପ୍ରାଚୀନତମ ରାଜା ଶିବରାଜଙ୍କର ତାମ୍ର ଶାସନଟି ଉଦ୍ଧାର କରାଯାଇଥିଲା, ସେଥିର ଅଂଶ କାଟି ସୁନା ମିଳିବା ଆଶଙ୍କାରେ ତାହା ନଷ୍ଟ କରାଯାଇଥିବାରୁ ସେଥିର ସମ୍ବତ୍ ଜାଣିବା ସମ୍ଭବ ହେଲା ନାହିଁ । ଓଡ଼ିଶା ଇତିହାସରେ ଏହା ଗୋଟିଏ ଦୁର୍ଭାଗ୍ୟ-ଜନକ ଅବସ୍ଥା ସୃଷ୍ଟି କଲା । କାରଣ ସେଥିରେ ଲେଖା ହୋଇଥିବା ମାନ ବଂଶୀୟ ସମ୍ବତ୍ ଯାହାକି ଅନ୍ୟ କୌଣସି ଅଭିଲେଖରୁ ପ୍ରମାଣିତ ହୋଇନାହିଁ ତାହା ଚିରଦିନ ପାଇଁ ଅଜ୍ଞାତ ହୋଇ ରହିଲା । ସେପରି ଖୋରଧାରୁ ମିଳିଥିବା ଶୈଳୋଦ୍ଭବ ବଂଶୀୟ ରାଜା ମାଧବ ବର୍ମାଙ୍କର ଗୋଟିଏ ତାମ୍ର ଶାସନରୁ କିଛି ଅଂଶ କଟାଯାଇଥିବାରୁ ଗଙ୍ଗା ମୋହନ ରାୟର ତାହା ଏସିଆଟିକ ସୋସାଇଟି ରିସର୍ଚ୍ଚ ଜର୍ଣ୍ଣାଲରେ ୧୯୦୪ ମସିହାରେ ପ୍ରକାଶ କଲାବେଳେ ଏ ସମ୍ବନ୍ଧରେ ବିଶେଷ କିଛି ବିବରଣୀ ଦେଇ ନଥିଲେ । କିନ୍ତୁ ବାଙ୍କୀର ଡେପୁଟି କଲେକ୍ଟରଙ୍କ ଜରିଆରେ ୧୯୧୦ ମସିହାରେ ଏହି ତାମ୍ର ଶାସନଟି ଖୋର୍ଦ୍ଧା ସବ୍‌ଡ଼ିଭିଜନର ଉତ୍ତର ମୁଣ୍ଡ ମୋହନ ଗ୍ରାମରୁ ମିଳିଥିବାର ଜଣାଯାଏ । ଯେଉଁ ଚାଷୀ ଏହା ପାଇଥିଲା ସେ ଜଣେ ବଣିଆ ହାତରେ ତାହା ପରୀକ୍ଷା କରିବାକୁ ଏଥିର କେତେକ ଅଂଶ ନଷ୍ଟ କରିଦେଲା ।

Digitized by PPRACHIN, SOA

ସେ ବର୍ଷ ଡିସେମ୍ବର ୧୫ ତାରିଖ ଦିନ ଦେବାନ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ସାଥିରେ ମୋ ପିତା ରାୟଗଡ଼ା ଗଲେ । କାରଣ ସେ ମାସ ୧୭ ତାରିଖ ଦିନ ସେଠା ସବ୍‌କଲେକ୍ଟରଙ୍କ ଅଫିସରେ ଗଞ୍ଜାମ ଜିଲ୍ଲା ସଭ୍ୟ ନିର୍ବାଚନ ସମ୍ପର୍କୀୟ ନମିନେସନ ଦାଖଲ କରିବା ତାରିଖ ନିର୍ଦ୍ଦେଶ କରାଯାଇଥିଲା । ପାରଳାଖେମୁଣ୍ଡି ମହାରାଜାଙ୍କ ପକ୍ଷରୁ ତାହା ସେଠାରେ ଦାଖଲ କରିବା ପାଇଁ ସେମାନେ ଏଠାରୁ ଯାତ୍ରା କଲେ । କହି ରଖିବା ଉଚିତ ଯେ ପାରଳାଖେମୁଣ୍ଡି ତାଲୁକା ସେତେବେଳେ କୋରାପୁଟ ସଙ୍ଗେ ସାମିଲ ହୋଇଥିବାରୁ ରାୟଗଡ଼ା ସବ୍‌ଡିଭିଜନର କେନ୍ଦ୍ର ରାୟଗଡ଼ାଠାରେ ଯାବତୀୟ ଶାସନ ବ୍ୟବସ୍ଥା ପରିଚାଳିତ ହେଉଥାଏ ।

ଏଠାରେ କହିରଖିବା ଆବଶ୍ୟକ ଯେ ରାଜନୈତିକ ଓ ସାମାଜିକ କାରଣରୁ ଏ ଅଞ୍ଚଳର ନେତୃତ୍ୱ ନେଇ ପାରଳାଖେମୁଣ୍ଡି ମହାରାଜାଙ୍କ ସଙ୍ଗେ ଖଲ୍ଲିକୋଟ ରାଜା ସାହେବ ପ୍ରତିଦ୍ୱନ୍ଦିତା କରୁଥାନ୍ତି । ଏଣୁ ଗଞ୍ଜାମରେ ଦୁଇଟି ଦଳ ସୃଷ୍ଟି ହୋଇଥାଏ । ଖଲ୍ଲିକୋଟ ରାଜାଙ୍କୁ ବ୍ରହ୍ମପୁରର କେତେକ ନେତା ସମର୍ଥନ କରୁଥାନ୍ତି । ଗଞ୍ଜାମ ଜିଲ୍ଲାବୋର୍ଡ ନିର୍ବାଚନ ପାଇଁ ମହାରାଜା ପ୍ରତିଦ୍ୱନ୍ଦିତା କରୁଥିବାରୁ ପାରଳା ନିର୍ବାଚନ ମଣ୍ଡଳୀରେ ତାଙ୍କର ପ୍ରଧାନ ପ୍ରତିପକ୍ଷ ଅଧ୍ୟାପକ ସୀତାପତିଙ୍କୁ ପ୍ରବର୍ତ୍ତାଇବା ସକାଶେ ଶଶୀଭୂଷଣ ରଥ ଗୋଟିଏ ସ୍ୱତନ୍ତ୍ର ମଟର କାରରେ ଏଠାକୁ ଆସିଲେ । ଡିସେମ୍ବର ୧୬ ତାରିଖଦିନ ଡାକବଙ୍ଗଳାରେ ରହି ସେ ଓଡ଼ିଆ ଜାତି ବିପକ୍ଷ ଏବଂ ଦେଶ ମିଶ୍ରଣର ଘୋର ପ୍ରତିବନ୍ଧକ ଆନ୍ଧ୍ର ନେତାଙ୍କ ସଙ୍ଗେ ପରାମର୍ଶ କରି ସୀତାପତିଙ୍କୁ ମହାରାଜାଙ୍କ ବିରୁଦ୍ଧରେ ଠିଆ କରୁଥିବା ସମ୍ବାଦ ପାଇ ଏଠାର ଅଧିକାଂଶ ଓଡ଼ିଆ ଏବଂ କେତେକ ଅନୁଗତ ଆନ୍ଧ୍ର ଘୋର ବିରକ୍ତି ପ୍ରକାଶ କଲେ । ମୋର ମନେପଡ଼ୁଛି ମହାରାଜାଙ୍କର ଅଜ୍ଞାତରେ କେତେକ ଉତ୍ସାହୀଯୁବକ ରାତିରେ ଶଶୀଭୂଷଣ ରଥ ଓ ସୀତାପତି ମଟରରେ ଯାତ୍ରା କଲାବେଳେ ତାଙ୍କର ଗାଡ଼ିଟି ଚୂର୍ଣ୍ଣ କରି ଦେବାକୁ ପରାମର୍ଶ କରିଥିଲେ । ଏଥିପାଇଁ ଜଣେ ଜିପ୍ ଡ୍ରାଇଭର ମ୍ୟୁନିସପାଲିଟିର ଡ୍ରାଇଭର ହୋଇଥିବାରୁ ସହଜରେ ଗୋଟିଏ ପୁରୁଣା ଜିପ୍ ଗାଡ଼ି ସଂଗ୍ରହ କରି ରାସ୍ତା କଡ଼ରେ ଥିବା ଗେଷ୍ଟହାଉସ ପ୍ରାଚୀର ଆଢ଼ପଟେ ଲୁଚି ରହିଲା । ତା'ର ମତଲବ ଥିଲା ଡାକବଙ୍ଗଳାରୁ ଯେତେବେଳେ ସେମାନଙ୍କର ମୋଟରଟି ବାହାରି ରାସ୍ତା ଉପରେ ଯାଉଥିବ, ସେତିକିବେଳେ ଅତି ଜୋରରେ ବିପରୀତ ଦିଗରୁ ଜିପ୍‌ଟି ଧକ୍‌କା ଦେଇ ତାହା ଧ୍ୱଂସ କରିଦେବ । ଏ ଖବର ରାତି ପ୍ରାୟ ୮ଟା ବେଳେ ମୁଁ ଶୁଣି ପାରିଲି । ମୋର ଏଥିରେ ହୃତକମ୍ପ ଜାତ ହେଲା । ଯେତେ ଶତ୍ରୁତା ଥାଉନା କାହିଁକି ଶଶୀଭୂଷଣ ରଥଙ୍କ ପରି ଓଡ଼ିଶାର ଜଣେ କୃତି ସନ୍ତାନଙ୍କୁ ହତ୍ୟା କରାଯିବ ପୁଣି ଅଧ୍ୟାପକ ସୀତାପତିଙ୍କ ପରି ଜଣେ ଗବେଷକ ପଣ୍ଡିତ ନିହତ ହେବେ, ଏହା ମୁଁ କଦାପି କରିବାକୁ ଦେବିନାହିଁ । କିନ୍ତୁ କି ଉପାୟରେ ସେମାନଙ୍କୁ ଏ ବିପଦରୁ ଉଦ୍ଧାର କରାଯାଇ ପାରିବ ସେ କଥା ବିଚାର କରି ମୋର

Digitized by PPRACHIN, SOA

ସମ୍ପର୍କୀୟ ଭ୍ରାତା ଜଗନ୍ନାଥଙ୍କୁ ଡାକବଙ୍ଗଳାଠାରୁ ପଠାଇ ଶଶୀ ରଥଙ୍କୁ ସତର୍କ କରାଇବା । ଯଦିଚ ଏହି ମାରାତ୍ମକ ବିବରଣୀ ତାଙ୍କ ମୌଖିକରେ କୁହାଯାଇ ନ ଥିଲା, ତଥାପି ଜଗନ୍ନାଥ ସବୁ ଜଣେ ବାଳକର ଉପସ୍ଥିତି ତାଙ୍କୁ ନିଶ୍ଚୟ ସତର୍କ କରି ଦେଇଥିବ । ତେଣୁ ତାଙ୍କର ଗାଡ଼ିଟି ସେହି ମାରାତ୍ମକ ବିପଦରୁ ରକ୍ଷା ପାଇଲା । ଇଆଡ଼େ ମୁଁ ନିଜେ ସାଇକେଲରେ ମ୍ୟୁନିସିପାଲ ଡ୍ରାଇଭର ଭେଙ୍କଟ ରାଓଙ୍କୁ ଯେଉଁ ପୁରୁଣା ଜିପ୍ ରଖିଥିବା ସ୍ଥାନରେ କହିଲି —ତୁମେ ଯେଉଁ କାର୍ଯ୍ୟରେ ହସ୍ତକ୍ଷେପ କରୁଛ ତା'ର ଫଳ ହେବ ମହାରାଜାଙ୍କର ଦୁର୍ନାମ । ଏହି ସାମାନ୍ୟ ନିର୍ବାଚନ ପାଇଁ ଏତେ ବଡ଼ ମାରାତ୍ମକ ଅବସ୍ଥା ସୃଷ୍ଟି କରିବା ଆଦୌ ଉଚିତ ନୁହେଁ । ସେ ସେତେବେଳେ ଯଥେଷ୍ଟ ମାତାଲ ଅବସ୍ଥାରେ ଥାଏ । ମୋତେ ଉତ୍ତର ଦେଲା—ଆପଣ ଏଠାକୁ କାହିଁକି ଆସିଲେ ? ଆଜି ମା କାଳୀଙ୍କୁ ରକ୍ତ ପିଆଇବି । ମୁଁ ନିଜେ ମରେ କି ବଞ୍ଚେ । ମୁଁ ତା' ହାତରେ କେତୋଟି ଟଙ୍କା ଗୁଞ୍ଜିଦେଇ କହିଲି, ଆଚ୍ଛା ! ତୁ ଯଦି ଏକାମ କରିବା ପ୍ରତିଜ୍ଞା କରୁଛୁ ତା' ହେଲେ ତୋ ନିଜର ପ୍ରାଣ ସଙ୍କଟାପନ୍ନ ହେବ । ତୋ ପିଲାଛୁଆଙ୍କ ଉପାୟ କ'ଣ ହେବ ? ଏଣୁ ଏହି ଟଙ୍କା କେତୋଟି ପ୍ରଥମେ ତାଙ୍କୁ ଦେଇ ତୋ ସ୍ତ୍ରୀକୁ ବୋଧ କରିଦେଇ ଆସ । ମାତାଲ ଅବସ୍ଥାରେ ଭେଙ୍କଟ ରାଓ ଟଙ୍କା ଧରି ମୋତେ କହିଲା—ଆପଣ ଜିପ୍ ଗାଡ଼ିରେ ବସିଥାନ୍ତୁ, ମୁଁ ଏଇଲାଗେ ଫେରିଆସୁଛି । ସେ ଘରୁ ଆଉ ଫେରିଲା ନାହିଁ । ରାତିସାରା ମୋତେ ସେହି ଜିପ୍‌ରେ ଅପେକ୍ଷା କରିବାକୁ ପଡ଼ିଲା । ମୁଁ ଭାବିଲି ମାତାଲକୁ ଏପରି କଥାରେ ଭୁଲାଇଦେବା ଅତି ସହଜ କାମ । ତା' ପରଦିନ ପ୍ରଭାତରୁ ଭେଙ୍କଟ ରାଓ ଜିପ୍‌ଠାକୁ ଆସି ମୋତେ ଗୋଟିଏ ଦୀର୍ଘ ନମସ୍କାର କରି କହିଲା ଆପଣଙ୍କ ଯୋଗୁ ମୁଁ ଓ ମୋର ପରିବାର ବିପଦରୁ ଉଦ୍ଧାର ପାଇଲୁ । ସେତେବେଳେ ତାର ଜ୍ଞାନ ସଞ୍ଚାର ହୋଇଥାଏ ।

ଡିସେମ୍ବର ୧୯ ତାରିଖଦିନ ଜିଲ୍ଲା ବୋର୍ଡ଼ ନିର୍ବାଚନ ଶେଷ ହେଲା । ମହାରାଜାଙ୍କର ପକ୍ଷରୁ ଭିନ୍ନଲା ଗ୍ରାମ କେନ୍ଦ୍ରରେ ଗୋଟିଏ ବଡ଼ ସଭାର ଆୟୋଜନ କରି ମୁଁ ସେଠାରେ ନିର୍ବାଚନ କାର୍ଯ୍ୟରେ ରହିଥିଲି । ଏହି ନିର୍ବାଚନରେ ମହାରାଜା ବହୁ ସଂଖ୍ୟାରେ ଅଧିକ ଭୋଟପାଇ ଗଞ୍ଜାମ ଜିଲ୍ଲାବୋର୍ଡ଼କୁ ନିର୍ବାଚିତ ହେଲେ ଓ ପରେ ଜିଲ୍ଲାବୋର୍ଡ଼ର ଅଧ୍ୟକ୍ଷ ହୋଇ ଗଞ୍ଜାମର ବହୁ ଉନ୍ନତି ସାଧନ କରିଥିଲେ ।

ଏହି ନିର୍ବାଚନ ସରିବା ପରେ ପରେ ପୁରୀରୁ ଖବର ପାଇ ମୋର ପ୍ରଥମ କନ୍ୟା ଶକୁନ୍ତଳାର ବିବାହ ପ୍ରସଙ୍ଗରେ ସେଠାକୁ ଯାତ୍ରା କଲି । ବୈଦ୍ୟରତ୍ନ କବିରାଜ ପୂର୍ଣ୍ଣଚନ୍ଦ୍ର ରଥ ମୋର ଜଣେ ପୁରୁଣା ବନ୍ଧୁ । ତାଙ୍କର ମଧ୍ୟସ୍ଥତାରେ ହେବି ଗୋହିରୀ ସାହିର ଜଣେ ବିଶିଷ୍ଟ ଭଦ୍ରବ୍ୟକ୍ତି ଆନନ୍ଦ ମିଶ୍ରଙ୍କ ପୁତ୍ର ସଙ୍ଗେ ବିବାହ କରିବା ସ୍ଥିର ହେଲା ।

Digitized by PPRACHIN, SOA

୧୯୩୭ ମସିହା ମେ ମାସ ୩ ତାରିଖ ଦିନ ପୁରୀର ପଞ୍ଜାବ ମଠରେ ସମାରୋହ ସହକାରେ ଏ ବିବାହ ସମ୍ପନ୍ନ ହେଲା ।

୧୯୩୭ ମସିହା ଏପ୍ରିଲ ପହିଲା ତାରିଖ ଦିନ ଗଭର୍ଣ୍ଣରଙ୍କର ନିମନ୍ତ୍ରଣ କ୍ରମେ ପାରଳାଖେମୁଣ୍ଡି ମହାରାଜା ଓଡ଼ିଶା ପ୍ରଧାନମନ୍ତ୍ରୀ ପଦରେ ନିଯୁକ୍ତ ହେଲେ । ଏହା ମଧ୍ୟବର୍ତ୍ତୀକାଳୀନ ଶାସନ ବ୍ୟବସ୍ଥାର ଗୋଟିଏ ଅଙ୍ଗରୂପେ ଅଳ୍ପ କେତେ ମାସ ପାଇଁ କାର୍ଯ୍ୟକାରୀ ହେଲା । କାରଣ ସେ ବର୍ଷ ଆନୁଷ୍ଠାନିକ ଭାବରେ ରାଜ୍ୟସଭା ନିର୍ବାଚନ ହୋଇ ବିଧାନ ସଭା ଗଠନ କରାଗଲା । ତେଣୁ ଜୁଲାଇ ମାସରେ ମହାରାଜାଙ୍କୁ ଇସ୍ତଫା ଦେବାକୁ ପଡ଼ିଲା । ଏହି ନିର୍ବାଚନରେ କଂଗ୍ରେସ ସହଯୋଗ କରୁଥିବାରୁ ଓଡ଼ିଶାର ରାଜନୀତିରେ କଂଗ୍ରେସର ସପକ୍ଷରେ ଜନ ସମର୍ଥନ ମିଳିଲା । ଏଣୁ କଂଗ୍ରେସ ପକ୍ଷରୁ ଅଧିକାଂଶ ସଭ୍ୟ ନିର୍ବାଚନରେ ଜୟଲାଭ କରି ଗଞ୍ଜାମର ପ୍ରସିଦ୍ଧ ରାଜନୀତିଜ୍ଞ ନେତା ଶ୍ରୀଯୁକ୍ତ ବିଶ୍ୱନାଥ ଦାସଙ୍କୁ ପ୍ରଧାନମନ୍ତ୍ରୀ ରୂପେ ଗ୍ରହଣ କଲେ । ସେତେବେଳେ ଶ୍ରୀଯୁକ୍ତ ଦାସ ଓଡ଼ିଶାର ଆର୍ଥନୀତିକ ବ୍ୟାପାରରେ ସକ୍ରିୟ ଭାବେ ଭାଗ ନେଇଥିଲେ । କାରଣ ନବଗଠିତ ଓଡ଼ିଶା ପ୍ରଦେଶର ବଜେଟ୍ ଏବଂ ହିସାବ ପତ୍ର ସମେତ କେନ୍ଦ୍ର ସରକାରଙ୍କୁ ଏଥିପାଇଁ କେତେ ପରିମାଣ ଗ୍ରାଣ୍ଟ ଆକାରରେ ମିଳିପାରିବ ସେଥିର ଠିକ-ଣା ସ୍ଥିର କରିବା ନିମନ୍ତେ ନିମିୟର କମିଟି ( Nimmiyer Committee) ବସିଥାଏ । ସେ କମିଟିର ସୁପାରିଶ ଅନୁସାରେ ଓଡ଼ିଶାରେ ପ୍ରଶାସନିକ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା । ଏହି ରିପୋର୍ଟର କେତେକ ଦୋଷ ପ୍ରଦର୍ଶନ କରି ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଗୋଟିଏ ଦୀର୍ଘ ଲେଖା ସ୍ମାରକପତ୍ର ଆକାରରେ କେନ୍ଦ୍ର ସରକାରଙ୍କୁ ଦେଇଥିଲେ । ତେଣୁ ଓଡ଼ିଶାର ଆର୍ଥନୀତିକ ବ୍ୟବସ୍ଥା ଏବଂ ଶାସନଗତ ବ୍ୟବସ୍ଥା ସଙ୍ଗେ ସେ ସୁପରିଚିତ ହୋଇଥିବାରୁ ତାଙ୍କ ମନ୍ତ୍ରୀତ୍ୱରେ ବହୁତ କିଛି ପରିବର୍ତ୍ତନ ହେବାର ଆଶା କରାଯାଉଥିଲା । ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାରେ ଆଗରୁ ସେ ଜଣେ ସକ୍ରିୟ ସଭ୍ୟରୂପେ କାମ କରିଥିବାରୁ ତାଙ୍କର ଅଭିଜ୍ଞତା ମଧ୍ୟ ଏ ସମ୍ବନ୍ଧେ ବିଶେଷ ରହିଥିଲା । ଯେତେବେଳେ ଓଡ଼ିଶାର ଅସ୍ୱଚ୍ଛଳତା ଦୃଷ୍ଟିରୁ ପୁଣି ଭୌଗୋଳିକ କ୍ଷୁଦ୍ରତା ହେତୁ ତିନିଜଣ ମନ୍ତ୍ରୀଙ୍କ ଦ୍ୱାରା ଶାସନ ସମ୍ପର୍କୀୟ ବିଭାଗଗୁଡ଼ିକ ବଣ୍ଟନ କରାଗଲା । କଟକ ଜିଲ୍ଲାରୁ ନିତ୍ୟାନନ୍ଦ କାନୁନ୍‌ଗୋ ଏବଂ ସମ୍ବଲପୁରରୁ ବୋଧରାମ ଦୁବେ ବିଶ୍ୱନାଥ ଦାସଙ୍କ ମନ୍ତ୍ରୀ ମଣ୍ଡଳରେ ରହିଥିଲେ । ସେମାନେ ମଧ୍ୟ ଗୋଟିଏ ନୂତନ ନିୟମ ଅନୁସାରେ ମାସିକ ୫୦୦ ଟଙ୍କା ଦରମା ପାଉଥିଲେ । ଏହି ବ୍ୟବସ୍ଥା ସର୍ବଭାରତୀୟ କଂଗ୍ରେସ କମିଟି ପକ୍ଷରୁ ସମର୍ଥନ ପାଇ ବିଭିନ୍ନ ପ୍ରଦେଶରେ କାର୍ଯ୍ୟକାରୀ ହେଲା । ସେତେବେଳେ ଭାରତରେ ସମୁଦାୟ ୧୧ଟି ପ୍ରଦେଶ ରହିଥିଲା ।

ବିଶ୍ୱନାଥ ଦାସଙ୍କ ମନ୍ତ୍ରୀତ୍ୱବେଳେ ଓଡ଼ିଶାରେ କେତୋଟି ନୂତନ ବିଲ୍ ଆଗତ କରାଗଲା । ସେଗୁଡ଼ିକ ହେଉଛି 1--The Orissa Tenadency Bill, 2—The

Digitized by PPRACHIN, SOA

Madras State-Land Act, 3—The Temple endowment Bill 4—The Agriculturists debt-relief Bill, 5—The Co-operative Bank Bill, 6—The Jaggannath Temple Bill, 7—The Enam Abolition Bill ଇତ୍ୟାଦି । ସେସମ୍ପୃକ୍ତ ବିଲଟି ମଧ୍ୟବିତ୍ତ ଲୋକଙ୍କୁ ଉଚ୍ଛେଦ କରି ଯେମାନେ ବହୁକାଳରୁ ଭୋଗ କରୁଥିବା ଜମିଜମା ବିନା ମୂଲ୍ୟରେ ପ୍ରଜାମାନଙ୍କୁ ହସ୍ତାନ୍ତରିତ କରିବା ଗୋଟିଏ ଘୋର ଅନ୍ୟାୟ ଏବଂ ନିୟମ ବିରୁଦ୍ଧ ବ୍ୟବସ୍ଥା ବୋଲି ଆମେ ପ୍ରତିବାଦ କଲୁ । ଦକ୍ଷିଣ ଓଡ଼ିଶାରେ ଇନାମଦାର ବା ଜାଗିରଦାରମାନଙ୍କ ପକ୍ଷରୁ ଗୋଟିଏ ସଂଘ ଗଠିତ ହେଲା । ମୁଁ ସେହି ସଂଘର ସମ୍ପାଦକ ରୂପେ ରହିଲି ଏବଂ ପାରଲାଖେମୁଣ୍ଡିର କୃଷ୍ଣଚନ୍ଦ୍ର ଗଜପତି ସେଥିର ସଭାପତି ରୂପେ ନିର୍ବାଚିତ ହେଲେ । ଏହି ସଂଘ ପକ୍ଷରୁ ଗୋଟିଏ ଦୀର୍ଘ ସ୍ମାରକପତ୍ର ଓକିଲମାନଙ୍କ ସାହାଯ୍ୟରେ ଲେଖାଇ ତାହା ଓଡ଼ିଶାର ବିଧାନସଭା ସଭ୍ୟ ତଥା କେନ୍ଦ୍ର ସରକାରଙ୍କ ଉଚ୍ଚ କର୍ମଚାରୀମାନଙ୍କୁ ଏବଂ ରାଜ୍ୟପାଳଙ୍କ ଠାକୁ ପୁନର୍ବିଚାର ପାଇଁ ପଠାଇଲୁ । ସେତେ-ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରମାନଙ୍କୁ ଗୋଟିଏ ଇସ୍ତାହାର ମାଧ୍ୟମରେ ନିର୍ଦ୍ଦେଶ ଦିଆଗଲା ଯେ, କୌଣସି ବ୍ୟକ୍ତିଗତ-ସମ୍ପତ୍ତି ବିନା ମୂଲ୍ୟରେ ଉଚ୍ଛେଦ ବା ହସ୍ତାନ୍ତର କରିବା ନିୟମ ବିରୁଦ୍ଧ । ଏଣୁ ଜମିଦାରମାନଙ୍କ ସଙ୍ଗେ ଇନାମଦାର ଓ ଜାଗିରଦାରମାନଙ୍କୁ ଉଚ୍ଛେଦ କରିବାକୁ ହେଲେ ସେମାନଙ୍କ ବାର୍ଷିକ ଆୟର କେତେଗୁଣ ଉପଯୁକ୍ତ କମ୍ପେନସେସନ ବା ମୂଲ୍ୟ ଧାର୍ଯ୍ୟ କରି ତାହା ଦେବାକୁ ପଡ଼ିବ । ଏଠାରେ କହିରଖିବା ଆବଶ୍ୟକ ଯେ, ଜମିଜମା ସଂକ୍ରାନ୍ତୀୟ ଏହି ବ୍ୟବସ୍ଥା ଫଳରେ କଂଗ୍ରେସ ଭବିଷ୍ୟତ ନିର୍ବାଚନ କ୍ଷେତ୍ରରେ ଅଧିକାଂଶ ଭୋଟ ପାଇବା ଆଶା କରିଥାଏ । କାରଣ ସାବାଳକ ନିର୍ବାଚନ ପଦ୍ଧତି ଅନୁସାରେ ପ୍ରତ୍ୟେକଙ୍କର ଭୋଟ କ୍ଷମତା ରହିଥିବାରୁ ଜଣେ ଜମିଦାର ବା ଇନାମଦାରକୁ ଉଚ୍ଛେଦ କରି ତାଙ୍କର ଭୂସମ୍ପତ୍ତି ଯଦି ବହୁସଂଖ୍ୟକ ରଇତଙ୍କ ମଧ୍ୟରେ ବିତରଣ କରାଯାଏ, ତା' ହେଲେ ବିନା ମୂଲ୍ୟରେ ଜମି ପାଇଥିବା ସେଇ ରଇତମାନେ ନିଶ୍ଚିତ ଭାବେ କଂଗ୍ରେସ ପକ୍ଷରେ ଭୋଟଦେବେ । ଏଣୁ ଏହା ଏକ ପ୍ରକାର ଉତ୍କୋଚମୂଳକ ବ୍ୟବସ୍ଥା ବୋଲି ଆମେ ସ୍ଥିର କରିଥିଲୁ । କଂଗ୍ରେସର ସେହି ବିଗ୍ରହ ମଧ୍ୟ ପରବର୍ତ୍ତୀ କେତୋଟି ନିର୍ବାଚନବେଳେ ସୁପ୍ରମାଣିତ ହୋଇଚାଲି । ନ୍ୟାୟ, ନୀତି ଏବଂ ନିଷ୍ଠାକୁ ଜଳାଞ୍ଜଳି ଦେଇ ଏପରି ବ୍ୟବସ୍ଥା କଂଗ୍ରେସ ଗ୍ରହଣ କରିଥିବାରୁ ଭାରତର ବିଭିନ୍ନ ପ୍ରାନ୍ତରେ ଗୋଟିଏ ଅନ୍ତର୍ଦ୍ଵାହମୂଳକ ବିପ୍ଳବ ପରି ଅବସ୍ଥା ଦେଖାଦେଲା । ଯେଉଁ ବିଚାରଶୀଳ ଲୋକେ ମାନ୍ଦ୍ରାଜ ଅଞ୍ଚଳରେ ଆଇନ ଦୃଷ୍ଟିରୁ ଏଥିର ଘୋର ପ୍ରତିବାଦ କଲେ ସେମାନଙ୍କ ମଧ୍ୟରେ ସୁପ୍ରସିଦ୍ଧ ଆଇନଜ୍ଞ ଆଲାଡ଼ି କୃଷ୍ଣମୂର୍ତ୍ତି, ସାର୍ ଭେପା ରମନ୍ (ଜଷ୍ଟିସ), ରାଜମାନାର ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ । ଏମାନେ ହାଇକୋର୍ଟମାନଙ୍କରେ ଏଥିର ପ୍ରତିବାଦ କରି ଯେଉଁ

Digitized by PPRACHIN, SOA

ଯୁକ୍ତିତର୍କ ବାଢ଼ିଲେ ତାହା ଖଣ୍ଡନ କରିବା କଂଗ୍ରେସ ପକ୍ଷରେ ସମ୍ଭବ ହେଉନାହିଁ । ତେଣୁ ବ୍ୟବସ୍ଥାପକସଭାମାନଙ୍କରେ ଆଉ ଗୋଟିଏ ନୂତନ ବିଲ ମଞ୍ଜୁର କରାଗଲା । ତା' ହେଉଛି 'Rent Reduction Bill' ଅର୍ଥାତ୍ ପୂର୍ବରୁ ଜମିଦାର ଓ ଇନାମଦାର-ମାନଙ୍କୁ ତାଙ୍କର ପ୍ରଜାମାନେ ଯେଉଁ ହାରରେ କର ଦେଉଥିଲେ ସେଥିର ପରିମାଣ କମାଇଦେବା । ଏହା ଫଳରେ ଜମିର ମାଲିକମାନେ ତାଙ୍କର ଜମିର ମୂଲ୍ୟ ବାବଦକୁ ସରକାରଙ୍କଠାରୁ ନାମ ମାତ୍ର ମୂଲ୍ୟ କମ୍ପେନସେସନ ରୂପେ ପାଇବା ବ୍ୟବସ୍ଥା ହେଲା । ଏହା ଯେ କେବଳ ଆଇନ ଆଖିରେ ଧୂଳି ପକାଇବା ନ୍ୟାୟ ସେଥିରେ ଆଦୌ ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ, ଯେଉଁ ଜମିର ମୂଲ୍ୟ ଏକର ପିଛା ୫ ହଜାରରେ ନିସ୍ୱବନିସ୍ୱ ହୁଏ । ସେଥିପାଇଁ ମାତ୍ର ୧୫ ବା ୨୦ ଟଙ୍କା କମ୍ପେନସେସନ୍ ଆକାରରେ ଜମିଦାର-ମାନେ ପାଉଥିଲେ । ଘୋର ଅସନ୍ତୋଷ ଏବଂ ଅନ୍ୟାୟ ସବଂଶ ପ୍ରଦର୍ଶିତ ହୋଇଥିଲେ ମଧ୍ୟ ବ୍ୟବସ୍ଥାପକସଭାମାନଙ୍କରେ ସଂଖ୍ୟାଗରିଷ୍ଠତା ହେତୁ ସେହି ଅନ୍ୟାୟର କୌଣସି ପ୍ରତିକାର ହେଲା ନାହିଁ । ଫଳରେ ଯେଉଁ ଇନାମଦାରମାନଙ୍କର ବାର୍ଷିକ ଆୟ ୧୦ ବା ୧୫ ହଜାର ଟଙ୍କା ଥିଲା, ସେମାନେ ହଠାତ୍ ପଥର ଭିକାରି ହୋଇଗଲେ । ଆମ ପରିବାର ଭାଗ୍ୟରେ ମଧ୍ୟ ସେହି ଅବସ୍ଥା ହେଲା । କିନ୍ତୁ ଇନାମଦାର ସଙ୍ଘର ସମ୍ପାଦକ ରୂପେ ମୁଁ ଓଡ଼ିଶାରେ ଗୋଟିଏ ତୀବ୍ର ଆନ୍ଦୋଳନ ସୃଷ୍ଟି କଲି । ଏଣୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଗୋଟିଏ ସିଲେକ୍ଟ କମିଟି ଗଠିତ ହେଲା । ସେଥିରେ ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ନବକୃଷ୍ଣ ଚୌଧୁରୀ, ଖଲ୍ଲିକୋଟ ରାଜା ରାମଚନ୍ଦ୍ର, ମର୍ଦ୍ଦରାଜ ପ୍ରଭୃତି କେତେକ ବିଶିଷ୍ଟ ସଭ୍ୟ ରହିଥାନ୍ତି । ସେଥିର ପ୍ରଥମ ବୈଠକରେ ସାକ୍ଷ୍ୟ ଦେବାକୁ ଯାଇ ମୁଁ ଦୀର୍ଘ ୪ ଘଣ୍ଟା ଇନାମଦାରମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିବରଣୀ ସଭ୍ୟମାନଙ୍କୁ ଶୁଣାଇଲି । କିନ୍ତୁ କଂଗ୍ରେସ ପକ୍ଷରୁ ଯେଉଁ ମସୁଧା ଆଗରୁ ସ୍ଥିର କରିଯାଇଛନ୍ତି ତାହା ତ ଓଡ଼ିଶା ସରକାର ଭାଙ୍ଗି ପାରିବେ ନାହିଁ ବରଂ ଅଧିକ କଠୋର ଭାବେ ସେହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବେ, ଏ କଥା ମୁଁ ତତ୍କାଳୀନ ରେଭିନ୍ୟୁ ସେକ୍ରେଟେରୀଙ୍କ ମୁହଁରୁ ଶୁଣି ନିରାଶରେ ଫେରି ଆସିଲି ।

ଅତି ପ୍ରାଚୀନ କାଳରୁ ଦେବତା ଓ ବ୍ରାହ୍ମଣମାନଙ୍କୁ ସ୍ଥାନୀୟ ରାଜାମାନେ ଯେଉଁ ଭୂମିଗୁଡ଼ିକ ଦାନ କରିଥିଲେ ତାହା ଅପ୍ରତ୍ୟାଶିତ ଭାବେ ହସ୍ତାନ୍ତର ହେବାରୁ ସାମାଜିକ କ୍ଷେତ୍ରରେ ଘୋର ବିଭ୍ରାଟ ଦେଖାଗଲା । ବିଶେଷତଃ ଦେବ ମନ୍ଦିରମାନଙ୍କ ନୀତି ନିୟମ ସୁରକ୍ଷିତ ହେବା ସମ୍ଭବ ହେଲା ନାହିଁ । ରକ୍ଷଣଶୀଳ ଶାସନୀ ବ୍ରାହ୍ମଣମାନେ ଏବଂ ମଠ ମହନ୍ତମାନେ ଏଥିର ଘୋର ପ୍ରତିବାଦ କଲେ ସୁଦ୍ଧା ଆଇନ ଦୃଷ୍ଟିରୁ ତାହା ସମର୍ଥିତ ହେଲା ନାହିଁ । ଏ ସମ୍ବନ୍ଧେ ଇନାମଦାର ସଂଘର ସର୍ବାଦୌ ସମ୍ପାଦକ ରୂପେ ସ୍ଥାନୀୟ ଇନାମ୍‌ଦାରଗୁଡ଼ିକର ଐତିହାସିକ ବିବରଣୀ ସଂଗ୍ରହ କରିବାକୁ ମୁଁ ଚେଷ୍ଟା କଲି । ବ୍ରିଟିଶ ଅମଳରେ ଯେଉଁ ସନଦ୍‌ଗୁଡ଼ିକ ଜିଲ୍ଲା ଅଫିସ୍‌ମାନଙ୍କରେ ମୌଳିକ ଡକୁମେଣ୍ଟ

Digitized by PPRACHIN, SOA

ଆକାରରେ ସୁରକ୍ଷିତ ହୋଇଥିଲା ସେଗୁଡ଼ିକର ନକଲ ସଂଗ୍ରହ କରି ଗୋଟିଏ ଦୀର୍ଘ ପ୍ରବନ୍ଧ ଲେଖିବା କଥା ମୋର ସ୍ମରଣ ହେଉଛି । ଆର୍ଥିକ ଦିଗରୁ କ୍ଷତିଗ୍ରସ୍ତ ହୋଇଥିଲେ ସୁଦ୍ଧା ଐତିହାସିକ ତଥ୍ୟ ସଂଗ୍ରହ ପାଇଁ ମୋତେ ଯଥେଷ୍ଟ ସୁବିଧା ମିଳିଥିଲା । ଏଣୁ 'History of the Ganges' ଦ୍ୱିତୀୟ ଭାଗ ଲେଖିଲାବେଳେ ତାହା ମୋତେ ଯଥେଷ୍ଟ ପ୍ରାମାଣିକ ସୂତ୍ର ଦେଇଥିଲା । ଏ ପ୍ରସଙ୍ଗରେ ଗୋଟିଏ କୌତୂହଳ ବିଷୟ ଏଠାରେ ଉଲ୍ଲେଖ ନ କରି ରହିପାରୁ ନାହିଁ ।

•

ଦିନେ ପ୍ରଭାତ କାଳରେ ଆମର ସାହିର ଗରିବ ଚିତ୍ରକାରମାନେ ସମବେତ ଭାବେ ମୋ ଠାକୁ ଆସି କହିଲେ ଶ୍ରୀ ଜଗନ୍ନାଥ ମହାପ୍ରଭୁ କୁଆଡ଼େ ତାଙ୍କୁ ସ୍ୱପ୍ନରେ ଦେଖା ଦେଇ ଆଦେଶ କରିଛନ୍ତି—"ତୁମର ପୂର୍ବ ପୁରୁଷ ଲକ୍ଷ୍ମୀପୁର ନାମକ ଯେଉଁ ଗ୍ରାମଟି ଆମର ଚିତ୍ରକାର୍ଯ୍ୟ ସକାଶେ ଦାନ ସୂତ୍ରରେ ଉପଭୋଗ କରୁଥିଲେ ତାହା ତୁମର ପିତା-ମାନେ ହରାଇଥିବାରୁ ତୁମେ ଗରିବ • ହୋଇଯାଇଛ । ଏହି ଗ୍ରାମଟି ପୁନରୁଦ୍ଧାର କରିବାକୁ ଏବେ ତୁମ ସାହିର ଜଣେ ଭଦ୍ରବ୍ୟକ୍ତିଙ୍କ ସାହାଯ୍ୟରେ ଚେଷ୍ଟାକର ।" ଏପରି ସ୍ୱପ୍ନାଦେଶ ହେବାରୁ ସେମାନେ ମୋତେ ଅନୁରୋଧ କଲେ ତାଙ୍କ ପାଇଁ ମୁଁ କିଛି ବ୍ୟବସ୍ଥା ଯେପରି କରିଦିଏ । ମୁଁ କହିଲି ଏବେ ସେ ଗ୍ରାମଟି କିଏ ଉପଭୋଗ କରୁଛି ପୁଣି ତାହା କିପରି କାହାଦ୍ୱାରା ହସ୍ତାନ୍ତରିତ ହେଲା ସେଥିର ସମସ୍ତ ବିବରଣୀ ମୋତେ ଯଦି ଦେଇ ପାରିବ, ତା'ହେଲେ ବ୍ରହ୍ମପୁର ଓକିଲମାନଙ୍କ ସଙ୍ଗରେ ପରାମର୍ଶ କରି ଏଥିର କିଛି ବ୍ୟବସ୍ଥା କରିବାକୁ ଚେଷ୍ଟା କରିବି । ଏଥିରେ ସମ୍ମତ ହୋଇ ସେମାନେ ତାଙ୍କଠାରେ ଥିବା ରେକର୍ଡ଼ ପତ୍ର ସବୁ ମୋତେ ଆଣି ଦେଲେ । ସେଥିରୁ ମୁଁ ଜାଣି ପାରିଲି ଯେ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ପାରଳାଖେମୁଣ୍ଡିର ତତ୍କାଳୀନ ମହାରାଜା ଜଗନ୍ନାଥ ନାରାୟଣ ଦେବ ତାଙ୍କର ସମସାମୟିକ କବି ହରିକୃଷ୍ଣ ମହାପାତ୍ରଙ୍କୁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ ଶ୍ରୀ ଗୋପୀନାଥ ମହାପ୍ରଭୁଙ୍କର ବାର୍ଷିକ ଚିତ୍ରସେବା ତୁଲାଇ-ବାକୁ ଲକ୍ଷ୍ମୀପୁର ନାମକ ଗୋଟିଏ ଗ୍ରାମ ଆଚନ୍ଦ୍ରାର୍କ ସ୍ଥାୟୀ ଭାବେ ଦାନ କରିଥିଲେ । ଏଠାରେ କହିରଖିବା ଆବଶ୍ୟକ ଯେ ଚିତ୍ରକାର ହରିକୃଷ୍ଣଙ୍କ ବଂଶରେ ଏମାନେ ଛଅ ବା ୭ଟି ପରିବାରରେ ବିଭକ୍ତ ହୋଇ ଦେବ ସେବାରେ ନିଯୁକ୍ତ ହୋଇଥାନ୍ତି । ଅଳ୍ପ କେତେ ବର୍ଷ ପୂର୍ବେ ପୁଣ୍ଡି ଗ୍ରାମର ବରଦା କାମେଶ୍ୱର ରାଓ ନାଇଡୁ ନାମକ ଜଣେ ଧନୀ ଲବଣ ବ୍ୟବସାୟୀଙ୍କ ଠାରୁ ଏମାନଙ୍କର ବାପ ଦାଦମାନେ ଋଣ ଆଣି ଗ୍ରାମର ମଞ୍ଜୁ ବନ୍ଧକ ଦେଇଥିଲେ; କିନ୍ତୁ ଋଣ ପରିଶୋଧ କରି ନ ପାରିବାରୁ ଆଉ କିଛି ଟଙ୍କା ତାଙ୍କ ଠାରୁ କରଜ କରି ଶେଷରେ ଅନ୍ୟାୟ ଭାବେ ଗ୍ରାମଟି ତାଙ୍କୁ ହସ୍ତାନ୍ତରିତ କରିଦେଲେ । ଯେଉଁ ଦାନକର୍ତ୍ତା ଜଗନ୍ନାଥ ନାରାୟଣ ଦେବ ଜଣେ ପ୍ରସିଦ୍ଧ ଭକ୍ତ ଓ କବି ତାଙ୍କ ଦେବ ଭକ୍ତିର ପରିଚାୟକ ରୂପେ ଏକାଦଶୀ ମହାତ୍ମ୍ୟ ନାମକ ଗ୍ରନ୍ଥ ପ୍ରଣେତା ଚିତ୍ରକାର ହରିକୃଷ୍ଣ

Digitized by PPRACHIN, SOA

ମହାପାତ୍ରଙ୍କୁ ଗ୍ରାମଟି ଦାନ କରିଥିଲେ ସେଥିର ଶୋଚନୀୟ ଅବସ୍ଥା ଏପରି ହୋଇଥିବା ପ୍ରସଙ୍ଗ ସେମାନେ ଦେଇଥିବା ଦଲିଲ୍‌ପତ୍ରରୁ ପ୍ରମାଣିତ ହେଲା । ମାନ୍ଦ୍ରାଜରେ ପ୍ରବର୍ତ୍ତିତ 'Estateland Act' ନିୟମାନୁଯାୟୀ କୌଣସି ଦେବତାଙ୍କ ଉଦ୍ଦେଶ୍ୟରେ ଦିଆ ଯାଇଥିବା ଦାନ ବନ୍ଧକ ବା ବିକ୍ରି କରାଯାଇ ପାରିବ ନାହିଁ । ଏଣୁ ଏ କ୍ଷେତ୍ରରେ ଅଦାଲତର ଆଶ୍ରୟ ନେଲେ ନିଶ୍ଚୟ ଗ୍ରାମଟି ଏମାନେ ଫେରି ପାଇବେ । କିନ୍ତୁ ଅଦାଲତରେ ଜଣେ ଧନୀ ବ୍ୟକ୍ତିଙ୍କ ବିପକ୍ଷରେ ଲଢ଼ିବାକୁ ହେଲେ ପ୍ରଚୁର ଅର୍ଥ ଓ ଶ୍ରମ ବ୍ୟୟ କରିବା ଆବଶ୍ୟକ । ତାହା ମୋ ପକ୍ଷରେ ସମ୍ଭବ ନୁହେଁ । ଅବଶ୍ୟ ମୁଁ ସମୟ ଓ ଶକ୍ତି ଦେଇ ପାରେ; କିନ୍ତୁ ଓକିଲମାନଙ୍କୁ ତାଙ୍କର ପ୍ରାପ୍ୟ (Fees) ଦେଇ ମକଦ୍ଦମା ଚଳାଇବା କିପରି ବା ସମ୍ଭବ ହେବ ? ସେଦିନ ଏପରି ଗୋଟିଏ ଜଟିଳ ଚିନ୍ତାରେ ନିମଗ୍ନ ହୋଇଥିଲାବେଳେ ମୋର ଶାଳକ ଶ୍ରୀ ଅଭିମନ୍ୟୁ ମିଶ୍ର (ଭୂତପୂର୍ବ ଜଷ୍ଟିସ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭୂତପୂର୍ବ କୁଳପତି ) ଆମ ଘରକୁ ଆସିଥିଲେ । ସେତେବେଳେ ବ୍ରହ୍ମପୁରଠାରେ ସ୍ୱର୍ଗୀୟ ଲିଙ୍ଗରାଜ ପାଣିଗ୍ରାହୀଙ୍କର ଜଣେ ଜୁନିୟର ଓକିଲ ରୂପେ ସେ ଆଇନ ବ୍ୟବସାୟ କରୁଥାନ୍ତି । ତାଙ୍କୁ ଦେଖି ମୋର ମନେହେଲା, ସତେ କଣ ଶ୍ରୀ ଜଗନ୍ନାଥଙ୍କର ଦୟା ଏ ଗରିବ ନିଃସ୍ୱ ବ୍ୟବସାୟୀମାନଙ୍କ ପ୍ରତି ହୋଇଛି ? ଅଭିମନ୍ୟୁଙ୍କୁ ମୁଁ ଏ ସମ୍ବନ୍ଧରେ ଯାହା କହିବା କଥା ସବୁ କହି ଦଲିଲ ପତ୍ର ଦେଇ ଅନୁରୋଧ କଲି ଯେ ସେପରି ବ୍ରହ୍ମପୁରର ପ୍ରସିଦ୍ଧ ଆଇନଜ୍ଞ ଲିଙ୍ଗରାଜ ପାଣିଗ୍ରାହୀଙ୍କ ସହିତ ପରାମର୍ଶ କରି ଏ ମକଦ୍ଦମାଟି ଚଳାଇବାକୁ ଅନୁରୋଧ କରନ୍ତି । ମୁଁ ତାଙ୍କୁ ଆହୁରି ମଧ୍ୟ କହିଲି ଯେ ମକଦ୍ଦମା ଚଳାଇବାକୁ ଆବଶ୍ୟକୀୟ ଖର୍ଚ୍ଚ ଏମାନେ ଦେବାକୁ ଅସମର୍ଥ । ତେଣୁ ଏହା ଗୋଟିଏ ଧର୍ମକାର୍ଯ୍ୟ ଭାବି ସେ ଏଥିରେ ହସ୍ତକ୍ଷେପ କରିବା ଉଚିତ । ଦଲିଲ ପତ୍ର ଦେଖି ସେ ଉତ୍ସାହିତ ହେଲେ ଏବଂ ମୋର ପରାମର୍ଶ ଗ୍ରହଣ କଲେ । ଯଥା ସମୟରେ ଲିଙ୍ଗରାଜ ପାଣିଗ୍ରାହୀ ମଧ୍ୟ ମକଦ୍ଦମାରେ ଜୟଲାଭ କରିବା ଆଶା ପୋଷଣ କରି ତାହା ହାତକୁ ନେଲେ । ଲକ୍ଷ୍ମୀପୁରର ରଇତମାନେ ସମସ୍ତେ ମିଳିମିଶି ଗୋଟିଏ ପାଣ୍ଠି କରିଥାନ୍ତି, ଯାହାକି ସାଧାରଣ ଭାବେ ମକଦ୍ଦମା ଚଳାଇବା ଖର୍ଚ୍ଚ ତୁଲାଇବାକୁ ସୁବିଧା ହୋଇଥିଲା । ପ୍ରାୟ ୨/୩ ବର୍ଷ ବ୍ରହ୍ମପୁର ଜିଲ୍ଲା କୋର୍ଟରେ ବିଚାର ହୋଇ ଦୁର୍ଭାଗ୍ୟକ୍ରମେ କାଳ ଦୋଷ ହେତୁ ମକଦ୍ଦମାଟି ଖାରଜ ହୋଇଗଲା; କିନ୍ତୁ ଏହି ମକଦ୍ଦମାର ପୁନର୍ବିଚାର ସକାଶେ ଓଡ଼ିଶା ହାଇକୋର୍ଟ ପର୍ଯ୍ୟନ୍ତ ଲିଙ୍ଗରାଜ ପାଣିଗ୍ରାହୀ କାର୍ଯ୍ୟ କରିଥିଲେ; କାରଣ ସେ ସ୍ପଷ୍ଟ ଜାଣିଥିଲେ ଯେ କାମେଶ୍ୱର ରାଓ ନାଇଡୁଙ୍କ ପରି ଜଣେ ଧନୀ ବ୍ୟବସାୟୀଙ୍କ ବିଭିନ୍ନ ପ୍ରକାର ଉଦ୍ୟମ ହେତୁ ଜିଲ୍ଲା କୋର୍ଟରେ ଜଣେ ଆନ୍ଧ୍ର ଓକିଲଙ୍କ ଐନ୍ଦ୍ରଜାଲିକ ଯୁକ୍ତି ବଳରେ ଏପରି ଗୋଟିଏ ନ୍ୟାୟଭିତ୍ତିକ ମକଦ୍ଦମା ଖାରଜ ହୋଇଗଲା, ତାହା

---

* କବି ଚିତ୍ରକାର ହରିକୃଷ୍ଣଙ୍କର ଜୀବନୀ ସମ୍ବନ୍ଧେ ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁଙ୍କ ପ୍ରଣୀତ 'ପ୍ରବନ୍ଧାବଳୀ' (୧୯୧୭ ମସିହା ସଂସ୍କରଣ), ୧୦୭ ପୃଷ୍ଠା ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ହାଇକୋର୍ଟରେ ଯେ ସେପରି ଶୋଚନୀୟ ଭାବେ ବିନଷ୍ଟ ହେବ ଏ କଥା କେହି କଳ୍ପନା କରି ନ ଥିଲେ । ବୋଧହୁଏ ଶ୍ରୀ ଜଗନ୍ନାଥଙ୍କ ଇଚ୍ଛା ଅନୁସାରେ ଗରିବ ଚିତ୍ରକାରମାନେ ତାଙ୍କ ସେବାରୁ ବଞ୍ଚିତ ହୋଇ ଘର ଉହ ମଧ୍ୟ ହରାଇବାକୁ ବାଧ୍ୟ ହୋଇଥିଲେ । ମୋର ମନେ ଅଛି ଏଠାର ଚିତ୍ରକାରମାନଙ୍କ କଳା କୁଶଳତା ଭାରତର ବିଭିନ୍ନ ସ୍ଥାନ ର ଏପରିକି ବିଦେଶୀ ରାଷ୍ଟ୍ରମାନଙ୍କରେ ମଧ୍ୟ ଆଦର ଲାଭ କରିଥିଲା । ଥରେ ହରିକୃଷ୍ଣ ମହାପାତ୍ର ନାମକ ଜଣେ ଚିତ୍ରକାର ଗୋଟିଏ କ୍ଷୁଦ୍ର ଚନ୍ଦନ କାଠରେ ଯାମ୍‌ସେଦ ଟାଟା କମ୍ପାନିର ପ୍ରତିଷ୍ଠାତାଙ୍କ ଗୋଟିଏ ରୂପ ଗଢ଼ିଦେଇଥିବାରୁ ତାହା କଲିକତାର ଗୋଟିଏ ପ୍ରଦର୍ଶନୀରେ ଯଥେଷ୍ଟ ସମ୍ମାନ ଲାଭ କରିଥିଲା । ଦଶାବତାର ସାରି ବା ଗଞ୍ଜପା ଏଠାରେ ଏହି ଚିତ୍ର-କାରମାନେ ପ୍ରସ୍ତୁତ କରି ସୁଦୂର ମାନ୍ଦ୍ରାଜ ପ୍ରଦେଶକୁ ରପ୍ତାନି କରୁଥିଲେ । ସେମାନଙ୍କର ଅଙ୍କିତ ଚିତ୍ରପଟଗୁଡ଼ିକ ଅଦ୍ୟାପି କେତେକ ସ୍ଥାନରେ ଦେଖାଯାଏ ଏବଂ ଚିତ୍ର ଶିଳ୍ପି ମାନଙ୍କ ଦ୍ୱାରା ପ୍ରଶଂସିତ ହୁଏ । ବହୁ ଦେବଦେବୀଙ୍କର ମୂର୍ତ୍ତି ପଥରରେ ଗଢ଼ି ଏମାନେ ମନ୍ଦିର ନିର୍ମାଣ କାର୍ଯ୍ୟରେ କୃତିତ୍ୱ ଅର୍ଜନ କରିଅଛନ୍ତି । ସେପରି ଗୋଟିଏ ପ୍ରସିଦ୍ଧ ଓଡ଼ିଆ ଶିଳ୍ପିଙ୍କର ବଂଶ ଏଠାରୁ ଯେପରି ଉଚ୍ଛେଦ ନ ହେବ ସେଥିପାଇଁ ଉପରୋକ୍ତ ମକଦ୍ଦମାର ଆୟୋଜନ କରାଯାଇଥିଲା; କିନ୍ତୁ ମନୁଷ୍ୟର ସବୁ ସଦିଚ୍ଛା କାର୍ଯ୍ୟରେ ପରିଣତ ହେବା ଦେଖାଯାଏ ନାହିଁ । ଏହି କ୍ଷେତ୍ରରେ ମଧ୍ୟ ତାହାହିଁ ହେଲା ।

ଓଡ଼ିଶାରେ ୧୯୩– ମସିହା ଆରମ୍ଭରୁ Temple Endowment Act ବିଧାନସଭାରେ ବିଚାର ହେବାକୁ ଥାଏ । ହିନ୍ଦୁ ଧର୍ମ ମନ୍ଦିରମାନଙ୍କର ଉପରେ ସରକାରଙ୍କର ହସ୍ତକ୍ଷେପ ନିତାନ୍ତ ଅନ୍ୟାୟ କାର୍ଯ୍ୟ ବୋଲି ହିନ୍ଦୁ ରକ୍ଷଣଶୀଳ ସମ୍ପ୍ରଦାୟ ଘୋର ଆପତ୍ତି ଉଠାଇଥାନ୍ତି । ବାସ୍ତବରେ ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ ପ୍ରଭୃତି ଧର୍ମାନୁଷ୍ଠାନଗୁଡ଼ିକୁ ବାଦଦେଇ ଏକା ହିନ୍ଦୁମାନଙ୍କ ଉପରେ ଗୋଟିଏ ନିୟନ୍ତ୍ରଣ-ମୂଳକ ଆଇନ ଜାରି କରିବା ନ୍ୟାୟ ସଙ୍ଗତ ନୁହେଁ ବୋଲି ଓଡ଼ିଶାର ଅନେକ ବୁଦ୍ଧିଜୀବୀ ବିଚାର କରୁଥିଲେ । କଂଗ୍ରେସ ସରକାରଙ୍କର ଏହା ଏକ ପକ୍ଷପାତିତାମୂଳକ ଉଦ୍ୟମ ବୋଲି ମଧ୍ୟ ବିପକ୍ଷ ରାଜନୈତିକ ଦଳମାନଙ୍କ ଦ୍ୱାରା ସମାଲୋଚନା ହେଉଥାଏ । ସେତିକିବେଳେ ପଣ୍ଡିତ ଗୋଦାବରୀଶ ମିଶ୍ର ଏହି ବିଲ୍‌ର କେତେକ ସଂଶୋଧନ ବିଧାନ-ସଭାରେ ଆଗତ କଲେ । ଏଥିରେ ସୁଯୋଗ ନେଇ ଦକ୍ଷିଣ ଓଡ଼ିଶା ଧର୍ମ ମନ୍ଦିରମାନଙ୍କ ପକ୍ଷରୁ ଗୋଟିଏ ଦୀର୍ଘ ସ୍ମାରକପତ୍ର ସରକାରଙ୍କଠାରେ ଉପସ୍ଥାପିତ କରିବାକୁ ଆମେ ଚେଷ୍ଟା କଲୁ । ପାରଳାଖେମୁଣ୍ଡିରେ ମଠାଧିକାରୀ ଓ ମହନ୍ତମାନଙ୍କ ପକ୍ଷରୁ ଗୋଟିଏ ଆଲୋଚନା ସଭା ଆହୂତ ହେଲା ଏବଂ ସେଥିରେ ମୁଁ ଏବଂ ମୋର ଗୁରୁ ସଂସ୍କୃତ କଲେଜ ପ୍ରିନ୍‌ସିପାଲ ମଧୁସୂଦନ ମହାପାତ୍ର ଯୋଗ ଦେଲୁ । ସ୍ଥାନୀୟ ପଣ୍ଡିତମାନଙ୍କ ମଧ୍ୟରୁ ପଣ୍ଡିତ ଅନନ୍ତ ତ୍ରିପାଠୀଶର୍ମାଙ୍କ ଉଦ୍ୟମରେ ଦକ୍ଷିଣ ଓଡ଼ିଶା ପଣ୍ଡିତ ସଭା ଆୟୋଜନ କରାଗଲା । ସେଥିରେ ମଧ୍ୟ ହିନ୍ଦୁ ଧର୍ମର ସଂରକ୍ଷଣ ସକାଶେ ତୀବ୍ର ପ୍ରତିବାଦ କରି

Digitized by PPRACHIN, SOA

ପ୍ରସ୍ତାବମାନ ଗୃହୀତ ହେଲା । ଏପରି ବିଭିନ୍ନ ସଂପ୍ରଦାୟ ଓ ଦଳ ପକ୍ଷରୁ ପ୍ରତିବାଦ ହେବା ଫଳରେ ସ୍ଥାନୀୟ ଅବସ୍ଥା ସମ୍ବନ୍ଧେ ବିଶେଷ ଭାବରେ ତଥ୍ୟ ସଂଗ୍ରହ କରିବାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ଜାନୁୟାରୀ ୭ ତାରିଖ ଦିନ ପାରଳାଖେମୁଣ୍ଡି ସହରରେ ଆସିଥିଲେ । ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କ ଅହ୍ୱାନ କ୍ରମେ ଗୋଟିଏ ସଭା ନଗରପାଳିକାମାନଙ୍କ ଦେଇ ଅନୁଷ୍ଠିତ ହେଲା । ମୁଖ୍ୟମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଦେବାକୁ ଚେୟାରମ୍ୟାନ୍ ପ୍ରସ୍ତାବ କଲେ । କିନ୍ତୁ ତାଙ୍କର ଏହା ଗୋଟିଏ ବେସରକାରୀ ଗସ୍ତ ହୋଇଥିବାରୁ ଏହି ସମ୍ବର୍ଦ୍ଧନାର ଆବଶ୍ୟକତା ନାହିଁ ବୋଲି ମୁଁ ପ୍ରସ୍ତାବ ଆଗତ କଲି । ଏହା ଗୃହୀତ ହେବାରୁ ମୁଖ୍ୟମନ୍ତ୍ରୀ ତାଙ୍କର କାର୍ଯ୍ୟକ୍ରମ ଏଠାରେ ପରିବର୍ତ୍ତନ କରି ଗୁଣୁପୁର ବାଟେ ପାରଳାଖେମୁଣ୍ଡି ଆସି ଏଠାରେ ଅଳ୍ପ କେତେକ ଘଣ୍ଟା ମାତ୍ର ବିଶ୍ରାମ ନେଇ ବ୍ରହ୍ମପୁର ଚାଲିଗଲେ ।

ସେ ବର୍ଷ (୧୯୬୮ ସାଲ) ପାରଳାଖେମୁଣ୍ଡି ମାଳ ଅଞ୍ଚଳରେ ଆଦିବାସୀ ଶବରମାନଙ୍କ ଉନ୍ନତି ପାଇଁ ଗୋଟିଏ ଯୋଜନା ଆମେ କେତେଜଣ ମିଶି ପ୍ରସ୍ତୁତ କରିଥିଲୁ । ଏଥିରେ ବିଧାନସଭାର ତତ୍କାଳୀନ ସଭ୍ୟ ହରିପାଣି ଜେନା ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗୀୟ ଇନ୍‌ସପେକ୍ଟର ମୋର ବନ୍ଧୁ ଜଗନ୍ନାଥ ପାଣି ମୋତେ ସାହାଯ୍ୟ କରୁଥିଲେ । ମହୀଶୂର ମହାରାଜାଙ୍କ ଉଦ୍ୟମରେ କର୍ଣ୍ଣାଟକ ରାଜ୍ୟରେ ଉଦକ ମଣ୍ଡଳ (OOTTY) ରେ ଯେପରି କଫି, ଚନ୍ଦନ, ନାଲଗିରି ପ୍ରଭୃତି ବଗିଚାର ପ୍ରସ୍ତୁତ ହୋଇ ପ୍ରଚୁର ଅର୍ଥ ଆମଦାନୀ ହୁଏ ସେହିପରି ଓଡ଼ିଶାର ସୁବିସ୍ତୃତ ମାଳ ଅଞ୍ଚଳମାନଙ୍କରେ ଯଦି ଅର୍ଥକାରୀ ବଗିଚା କରାଯାଇ ପାରନ୍ତା, ତା' ହେଲେ ଓଡ଼ିଶାର ଆର୍ଥିକ ଅନଟନ ରହନ୍ତା ନାହିଁ । ଏହି ଗାରେ ଗୋଟିଏ ଆଦର୍ଶ ଫଳ ବଗିଚା ପାରଳାଖେମୁଣ୍ଡି ମାଳ ଅଞ୍ଚଳରେ କରିବାକୁ ଆମେ ଗୋଟିଏ ଯୋଜନା ପ୍ରସ୍ତୁତ କଲୁ । ତଦନୁସାରେ ସର୍ବପ୍ରଥମେ କମଳା ବଗିଚା ପାଇଁ ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଗଲା । କାରଣ କେଉଁ ପ୍ରାଚୀନ କାଳରୁ ସ୍ୱାଭାବିକ ଭାବରେ ଏହି ଅଞ୍ଚଳର କରାଙ୍ଗ, ସେରଙ୍ଗ, ଲୋବା, ରାମଗିରି ଏବଂ ଗୁଣୁପୁର ଅଞ୍ଚଳରେ ଯେଉଁ କମଳାଗଛଗୁଡ଼ିକ ପରିପୁଷ୍ଟଭାବେ ବିନା ପରିଶ୍ରମରେ ବୃଦ୍ଧିଲାଭ କରେ ସେଥିର ଫଳ ମଧ୍ୟ ସେହିପରି ଆକାରରେ ବୃହତ୍ ଏବଂ ସୁସ୍ୱାଦୁ । ତେଣୁ ତଳ ଅଞ୍ଚଳର ବ୍ୟବସାୟୀ କୁମୁଟିମାନେ ଅଳ୍ପ କେତେ ଟଙ୍କା ମାତ୍ର ସ୍ଥାନୀୟ ଶବର ଆଦିବାସୀମାନଙ୍କୁ ଆଡ଼ଭାନ୍‌ସ ଦେଇ ସମୁଦାୟ ବଗିଚା ଓ ସେଥିର ଫଳ କ୍ରୟ କରନ୍ତି । ଅଶିକ୍ଷିତ ଆଦିବାସୀମାନଙ୍କୁ ସେଥିର ଜଗୁଆଳ ରୂପେ ନିଯୁକ୍ତ କରି ତାଙ୍କ ସରଳତା ସତ୍ୟବାଦିତାର ସୁବିଧା ନେଇଥାନ୍ତି । ଉଦାହରଣ ସ୍ୱରୂପ ୧୦୦ଟି କମଳା ଗଛ ପାଇଁ ଅଧିକ ହେଲେ ୧୫ ବା ୨୦ଟି ଟଙ୍କା ମାତ୍ର ସେଥିରୁ ଆଦିବାସୀ ମାଲିକଙ୍କୁ ମିଳିଥାଏ । ଅଥଚ କୁମୁଟି ବ୍ୟବସାୟୀ ସେଥିରୁ କମଳା ଆଦାୟ କରି କଲିକତା ମାର୍କେଟରେ ତାହା ୪/୫ ହଜାର ଟଙ୍କାରେ ବିକ୍ରୟ କରନ୍ତି । ଏହି ଘୋର ଦୁର୍ନୀତିର ପ୍ରତିକାର ପାଇଁ ଆମେ ସରକାରଙ୍କର

Digitized by PPRACHIN, SOA

ଦୃଷ୍ଟି ଆକର୍ଷଣ କଲି । କେବଳ ସେତିକ ନୁହେଁ ଏହି ମାଳ ଅଞ୍ଚଳରେ ବୈଜ୍ଞାନିକ ଉପାୟରେ ଫଳ ବଗିଚାର ପ୍ରସାର କରିବାକୁ ମୁଁ ଗୋଟିଏ ମାନଚିତ୍ର ପ୍ରସ୍ତୁତ କରି ତାହା ବିଭାଗୀୟ ମନ୍ତ୍ରୀଙ୍କୁ ଦେଲି । କିଛିଦିନ ପରେ ଓଡ଼ିଶାର କୃଷି ବିଭାଗୀୟ ଡାଇରେକ୍ଟର ଜଗନ୍ନାଥ ଦେ ପାରଳାଖେମୁଣ୍ଡି ଗସ୍ତରେ ଆସି କମଳା ବଗିଚା ଏଠା ମାଳ ଅଞ୍ଚଳରେ କରିବାକୁ କହିଲେ । ତାଙ୍କର ଅନୁରୋଧ କ୍ରମେ ବାଗନଗୁଡ଼ା ନାମକ ଗୋଟିଏ ବିସ୍ତାରିତ ଅଞ୍ଚଳ ଏଥିପାଇଁ ସ୍ଥିର କରାଗଲା । ଆଉ ମଧ୍ୟ କମଳା ଚାରା ସଂଗ୍ରହ କରିବା ଭାର ମୋ ଉପରେ ସେ ନ୍ୟସ୍ତ କଲେ । ମୁଁ ମଧ୍ୟ କେତେଜଣ ଆଦିବାସୀଙ୍କୁ ଲଗାଇ ମାଳ ଅଞ୍ଚଳରୁ ଉତ୍କୃଷ୍ଟ ଜାତୀୟ କମଳା ଚାରା ସଂଗ୍ରହ କରି ତାହା ଡାଇରେକ୍ଟରଙ୍କ ନିର୍ଦ୍ଦେଶ ମତେ ଖୋର୍ଦ୍ଧା ଏବଂ ଅନୁଗୁଳ ସରକାରୀ ଫାର୍ମକୁ ପଠାଇ ଦେଲି । କିନ୍ତୁ ଆଶ୍ଚର୍ଯ୍ୟର କଥା ସେଠାରେ ଯେଉଁ ଗଛଗୁଡ଼ିକ ଲଗାଗଲା ପ୍ରାୟ ୭।୮ ବର୍ଷ ପରେ ସେଥିର ଫଳ ଗ୍ରେଡ଼ ଓ ଖଟା ହେବାରୁ ସ୍ପଷ୍ଟ ଜଣାଗଲା ଯେ ମୃତ୍ତିକା ଗୁଣ ଭେଦରେ ଏପରି ଆକାର ଓ ଗୁଣଭେଦ ମଧ୍ୟ କମଳା ଗଛରେ ଦେଖାଦିଏ । ଏଠାରେ କହିରଖିବା ଆବଶ୍ୟକ ଯେ ପାରଳାଖେମୁଣ୍ଡି ମାଳ ଅଞ୍ଚଳର କମଳା ସଙ୍ଗେ ମଧ୍ୟ ପ୍ରଦେଶର ନାଗପୁର କମଳା ହିଁ ତୁଳନୀୟ । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଏ ଜାତୀୟ କମଳା ଦେଖିବାକୁ ପ୍ରାୟ ଦୁର୍ଲଭ କହିଲେ ଚଳେ; ତେଣୁ କମଳା ବଗିଚା ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବା ଯୁକ୍ତିଯୁକ୍ତ ବୋଲି ମୁଁ ଗୋଟିଏ ସ୍ୱତନ୍ତ୍ର ସ୍ମାରକପତ୍ର ସରକାରଙ୍କୁ ପଠାଇଲି; କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଏହି ଯେ ପାରଳାଖେମୁଣ୍ଡି ପରି ଗୋଟିଏ ଉପାନ୍ତ ଅଞ୍ଚଳରେ ବିଶେଷତଃ ଅନୁନ୍ନତ ଆଦିବାସୀ ଅଞ୍ଚଳରେ ଏଥିପାଇଁ ପ୍ରଚୁର ଅର୍ଥ ବ୍ୟୟ କରିବା ସରକାରଙ୍କ ମନକୁ ବୋଧହୁଏ ପାଇଲା ନାହିଁ । ତେଣୁ ଆମର ପରିଶ୍ରମ ଓ ଚେଷ୍ଟା ବିଫଳ ହେଲା । ଜମିଦାରୀ ଉଚ୍ଛେଦ ପରେ ପାରଳାଖେମୁଣ୍ଡି ମହାରାଜାଙ୍କ ଉଦ୍ୟମରେ ତାଙ୍କ ଏଷ୍ଟେଟ ଇଲାକାର କେତେକ ପାର୍ବତ୍ୟ ଅଞ୍ଚଳକୁ ନେଇ ବହୁତଗୁଡ଼ିଏ ଚନ୍ଦନ ଗଛ ଲଗାଯାଇଥାଏ । ସେଥିର ସୁରକ୍ଷା ଯଦି ସରକାରଙ୍କ ପକ୍ଷରୁ ହୋଇପାରନ୍ତା ତା' ହେଲେ ଓଡ଼ିଶା ରାଜକୋଷକୁ ଯଥେଷ୍ଟ ଧନ ଆସନ୍ତା । କିନ୍ତୁ ଦୁଃଖର ବିଷୟ ଆଜିପର୍ଯ୍ୟନ୍ତ ଏ ଦିଗରେ କେହି ଧ୍ୟାନ ଦେଇଥିବା ପରି ଜଣାଯାଏ ନାହିଁ ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇ ଓଡ଼ିଆମାନଙ୍କର ଏକତ୍ର ସମାବେଶ ହୋଇଥିବାରୁ ଏ ଦେଶର ଗୋଟିଏ ଧାରାବାହିକ ଇତିହାସ ପରିଶୁଦ୍ଧ ଭାବରେ ପ୍ରକାଶ ପାଇବା ଆବଶ୍ୟକତା ବିଚାରଶୀଳ ଲୋକେ ଅନୁଭବ କରୁଥିଲେ । ମୟୂରଭଞ୍ଜ ମହାରାଜାଙ୍କର ଉଦ୍ୟମରେ ତାଙ୍କର ଷ୍ଟେଟ ପକ୍ଷରୁ ରମାପ୍ରସାଦ ଚନ୍ଦଙ୍କ ପରି ଜଣେ ପ୍ରସିଦ୍ଧ ଐତିହାସିକଙ୍କର ପରାମର୍ଶ କ୍ରମେ ଗୋଟିଏ ପ୍ରତ୍ନତାତ୍ତ୍ୱିକ ଅନୁଷ୍ଠାନ କାର୍ଯ୍ୟ କରିଥିଲା, ପୁଣି ସେହି ଅନୁଷ୍ଠାନ ପକ୍ଷରୁ ବାରିପଦାର ଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କୁ ଇତିହାସ ଗବେଷଣା

Digitized by PPRACHIN, SOA

ନିମନ୍ତେ ତାଲିମ ଦେବାପାଇଁ ରମାପ୍ରସାଦ ଚନ୍ଦଙ୍କୁ ନିଯୁକ୍ତ କରାଗଲା । ଶ୍ରୀଯୁକ୍ତ ଆଗ୍ରୱାଲ ମଧ୍ୟ ମୟୂରଭଞ୍ଜ ଷ୍ଟେଟ ପକ୍ଷରୁ ଲଣ୍ଡନ ଯାଇ ସେଠାରେ ଶିକ୍ଷା ସମାପ୍ତ କରି ବାରିପଦାରେ ଗୋଟିଏ ଐତିହାସିକ ମ୍ୟୁଜିୟମ ଖୋଲି ପାରିଥିଲେ । ଏସବୁ ସତ୍ତ୍ୱେ ହଣ୍ଟରଙ୍କର ଇତିହାସ ଏବଂ ରାଜେନ୍ଦ୍ର ଲାଲ ମିତ୍ରଙ୍କର ପୁସ୍ତକ ବ୍ୟତୀତ ଅନ୍ୟ କୌଣସି ଇତିହାସ ଲେଖା ହୋଇ ନ ଥିବାରୁ ଚନ୍ଦଙ୍କର ପରାମର୍ଶକ୍ରମେ ମୟୂରଭଞ୍ଜ ମହାରାଜା କଲିକତାର ଅଧ୍ୟାପକ ରାଖାଲ ଦାସ ବାନାର୍ଜିଙ୍କୁ ନିଯୁକ୍ତ କରି ତାଙ୍କ ଦ୍ୱାରା 'The History of Orissa' ନାମକ ଦୁଇଟି ପୁସ୍ତକ ଇଂରାଜୀରେ ଲେଖାଇଲେ । ଅଧ୍ୟାପକ ବାନାର୍ଜିଙ୍କର ଆର୍ଥିକ ଦୁଃସ୍ଥିତି ହେତୁ ସେ ଏହି କାର୍ଯ୍ୟଟି ସମ୍ପନ୍ନ କରିବାକୁ ଇଚ୍ଛା ପ୍ରକାଶ କଲେ । ପ୍ରାୟ ୨ବର୍ଷ ମଧ୍ୟରେ ଐତିହାସିକ ତଥ୍ୟ ସଂଗ୍ରହ କରି ସେ ତାଙ୍କର ଲେଖାଗୁଡ଼ିକ ପ୍ରକାଶ ପାଇଁ ଦେଇଥିଲେ । ଦ୍ୱିତୀୟ ଭାଗଟି-ଲେଖା ଶେଷ କରିବା ପୂର୍ବରୁ ବନାରସ ହିନ୍ଦୁ ବିଦ୍ୟାଳୟର ପ୍ରଧାନ ଇତିହାସ ଅଧ୍ୟାପକ ରୂପେ ତାଙ୍କୁ ନିଯୁକ୍ତି ମିଳିଲା । ତେଣୁ ସେ ତାଙ୍କ ଲେଖାର ଅତ୍ୟାଧୁନିକ ଗବେଷଣାମୂଳକ ତଥ୍ୟ ପାଇବା ପାଇଁ ଅଧିକାଂଶ କ୍ଷେତ୍ରରେ ପରମାନନ୍ଦ ଆଗ୍ରୱାଲ ଏବଂ ମୋ ଉପରେ ନିର୍ଭର କରୁଥିଲେ । ମୋର ମନେ ପଡ଼ୁଛି ଶୈଳୋଦ୍ଭବ ବଂଶୀୟ ରାଜାମାନଙ୍କର ସମୟ ନିର୍ଦ୍ଧାରଣ ନିମିତ୍ତ ମୋ ସଙ୍ଗେ ତାଙ୍କର କେତୋଟି ପତ୍ର ଆଦାନ ପ୍ରଦାନ ହୋଇଥିଲା । ସେହି ବଂଶୀୟ ରାଜା ଧର୍ମରାଜଙ୍କ ପୁରୀରୁ ପ୍ରାପ୍ତ ଗୋଟିଏ ତାମ୍ର ଶାସନ ବିହାର ଓଡ଼ିଶା ଗବେଷଣା ପତ୍ରିକାରେ ମୁଁ ପ୍ରକାଶ କରିଥିଲି । ସେଥିରେ ଯେଉଁ ସମ୍ବତ ଦିଆଯାଇଥିଲା ସେ ସମ୍ବନ୍ଧେ ମୋର ମତ ନେଇ ବିଭିନ୍ନ ଗବେଷଣାପତ୍ରରେ ସ୍ୱପକ୍ଷ ବିପକ୍ଷ ମତ ପ୍ରକାଶ ପାଇବାରୁ ତାହା ଗୋଟିଏ ଜଟିଳ ସମସ୍ୟାରେ ପରିଣତ ହେଲା । ରମେଶ ଚନ୍ଦ୍ର ମଜୁମଦାର ପ୍ରଭୃତି ପ୍ରସିଦ୍ଧ ଐତିହାସିକମାନେ ଏଥିର ଟିକିନିଖି ବିଚାର କରିଥିଲେ । ଡ. ଏନ ପି ଚକ୍ରବର୍ତ୍ତୀ ମୋର ମତକୁ ସମର୍ଥନ କରି ତାଙ୍କର କେତେକ ପ୍ରବନ୍ଧ ପ୍ରକାଶ କଲେ । କିନ୍ତୁ ମାନ୍ଦ୍ରାଜର ଜଣେ ଗବେଷକ ଜି. ଭେଙ୍କୋବା ରାଓ ୧୯୨୯ ମସିହାରେ ମାନ୍ଦ୍ରାଜର 'Annual Report of Epigraphy' ଗ୍ରନ୍ଥରେ ଯେଉଁ ମତ ପ୍ରକାଶ କରିଥିଲେ ତାହା ଅଧିକାଂଶ ପଣ୍ଡିତ ପ୍ରତ୍ୟାଖ୍ୟାନ କଲେ । ଏଣୁ ଏହି ଜଟିଳ ପ୍ରଶ୍ନର ସମାଧାନ ପାଇଁ ରାଖାଲ ଦାସ ବାନାର୍ଜି ଯେଉଁ ପତ୍ର ମୋତେ ଦେଇଥିଲେ ସେଥିରୁ ମୁଁ ସ୍ପଷ୍ଟ ବୁଝିପାରିଲି ଯେ ତାଙ୍କର ଗବେଷଣା ଶକ୍ତି ଅତି ପ୍ରଖର । ଯେତେବେଳେ ମୁଁ Epigraphy ଗବେଷଣାରେ ବ୍ରତୀ ହୋଇଥିଲେ ସୁଦ୍ଧା ଅନ୍ୟାନ୍ୟ ବହୁ ବିଷୟରେ ବ୍ରତୀ ହୋଇଥିବାରୁ ଏକାଗ୍ରତା ଏବଂ ଅଧ୍ୟବସାୟ ବହୁ ପରିମାଣରେ ଶିଥିଳ ହୋଇଗଲା । ଏହି ଦୁର୍ବଳତା ମୁଁ ପରେ ବୁଝିପାରି ମୋର 'Inscriptions of Orissa' ନାମକ ଗ୍ରନ୍ଥର ପ୍ରଥମ ଭାଗରେ ଧର୍ମରାଜଙ୍କ ପୁରୀ ତାମ୍ର ଶାସନଟି ପୁନଃ-ମୁଦ୍ରଣ କରିବାକୁ ଯାଇ ନିଜର ଭୁଲ ସ୍ୱୀକାର କରିବାକୁ ବାଧ୍ୟ ହେଲି । ଏ ଦୃଷ୍ଟିରୁ ରାଖାଲ ବାବୁଙ୍କ ଗୋଟିଏ ଉପଦେଶ ମୋର ଆଜି ସ୍ମରଣ ହେଉଛି । ସେ ତାଙ୍କର ପତ୍ରରେ

Digitized by PPRACHIN, SOA

ଲେଖିଥିଲେ ଐତିହାସିକ ଗବେଷଣା ଗୋଟିଏ ସହଜ କାର୍ଯ୍ୟ ନୁହେଁ । ଯେଉଁ ମୌଳିକ ରେକର୍ଡ଼ ଉପରେ ଗବେଷଣା କରିବାକୁ ହୁଏ ତାହା ଅତି ସାବଧାନତାର ସହ ବିଚାର ସିଦ୍ଧ କରି ପରେ ମତ ପ୍ରକାଶ କରିବା ଉଚିତ । ସେପରି ନ କଲେ ଐତିହାସିକ ସତ୍ୟରେ ବ୍ୟାଘାତ ଘଟିବ । ପୁଣି ଭବିଷ୍ୟତରେ ଯେଉଁ ଐତିହାସିକମାନେ ଜାତୀୟ ଇତିହାସ ପ୍ରଣୟନ କରିବେ ସେମାନଙ୍କୁ ମଧ୍ୟ ବିଭ୍ରାନ୍ତ କରିଦେବ । ତାଙ୍କର ଓଡ଼ିଶା ଇତିହାସରେ ମୋର ମତକୁ ଖଣ୍ଡନ କରି ସେ ଯାହା ଲେଖିଅଛନ୍ତି ତାହା ମୋତେ ନତମସ୍ତକର ସହିତ ଗ୍ରହଣ କରିବାକୁ ପଡ଼ିଲା । ବାସ୍ତବରେ ସାଧାରଣ ଗୋଟିଏ ପ୍ରବନ୍ଧ ଲେଖିବା ପରି ସହଜ ପନ୍ଥାରେ ଚାଳିତ ହୋଇ ଇତିହାସ ଗବେଷଣା ଓ ସେ ସମ୍ବନ୍ଧେ ମତ ପ୍ରକାଶ କରିବା ଯେ କିପରି ଦାୟିତ୍ୱପୂର୍ଣ୍ଣ ତାହା ମୁଁ ପରେ ସ୍ପଷ୍ଟ ବୁଝି ପାରିଥିଲି ।

ସେ ବର୍ଷ ବିଚ୍ଛିନ୍ନ ଓଡ଼ିଆମାନଙ୍କ ପକ୍ଷରୁ ମଞ୍ଜୁଷାରେ ଗୋଟିଏ ସମ୍ମିଳନୀ କରିବାକୁ ମୋର କେତେକ ବନ୍ଧୁ ପରାମର୍ଶ ଦେଲେ । ସେମାନଙ୍କ ମଧ୍ୟରେ ଦକ୍ଷିଣ ଓଡ଼ିଶାର ଜଣେ ସୁପ୍ରସିଦ୍ଧ ସମାଜସେବୀ ଜୟମଙ୍ଗଳ ରଥ ଏବଂ ଅନ୍ୟ ଜଣେ ସାମ୍ବାଦିକ ଶରତ ଚନ୍ଦ୍ର ମହାପାତ୍ର ଏଥିରେ ଅଗ୍ରଣୀ ହୋଇଥାନ୍ତି । ତାଙ୍କ ପ୍ରସ୍ତାବ କ୍ରମେ ଯଥା ସମୟରେ ଗୋଟିଏ ଅଭ୍ୟର୍ଥନା ସମିତି ଗଠିତ ହେଲା ଏବଂ ସଭାପତିଙ୍କର ଅଭିଭାଷଣ ଲେଖିବା ଭାର ମୋତେ ଦିଆଗଲା । କାର୍ଯ୍ୟ ନିର୍ବାହକ ସମିତିର ପ୍ରଥମ ବୈଠକରେ ଯୋଗ ଦେବାପାଇଁ ଜାନୁୟାରୀ ୧୬ତାରିଖ ଦିନ ଜୟମଙ୍ଗଳ ରଥଙ୍କଠାରୁ ଗୋଟିଏ ଚିଠିପାଇଲି । କିନ୍ତୁ ସେତେବେଳେ ସ୍ଥାନୀୟ ଇନାମଦାର ଆସୋସିଏସନ ପକ୍ଷରୁ ଗୋଟିଏ ସ୍ମାରକପତ୍ର ଛପା ହେଉଥିବାରୁ ଏବଂ ଆସୋସିଏସନର ସମ୍ପାଦକ ରୂପେ ମୁଁ ସେହି କାର୍ଯ୍ୟଭାର ଗ୍ରହଣ କରିଥିବାରୁ ମଞ୍ଜୁଷା ଯାଇ ପାରିଲି ନାହିଁ । କିନ୍ତୁ ସମ୍ମିଳନୀରେ ଯେଉଁ ମୁଖ୍ୟ ପ୍ରସ୍ତାବଟି ଉପସ୍ଥାପିତ କରାଯିବ ସେଥିର ଗୋଟିଏ ନକଲ ପ୍ରସ୍ତୁତ କରି ତାହା କାର୍ଯ୍ୟ ନିର୍ବାହକ ସମିତି ବୈଠକରେ ବିଚାର ପାଇଁ ଜୟମଙ୍ଗଳ ବାବୁଙ୍କଠାରୁ ପଠାଇ ଦେଲି । ଏହି ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆମାନଙ୍କ ପକ୍ଷରୁ ଯେଉଁ ସମ୍ମିଳନୀ ମଞ୍ଜୁଷାରେ ଅନୁଷ୍ଠିତ ହେଲା ସେଥିର ପ୍ରଭାବ କେନ୍ଦ୍ର ସରକାରଙ୍କ ଉପରେ ପଡ଼ୁ ବା ନପଡ଼ୁ ମାନ୍ଦ୍ରାଜ ସରକାରଙ୍କୁ ବିଚଳିତ କରିଥିଲା ପରି ଜଣାଗଲା । କାରଣ ଏହି ସମ୍ମିଳନୀ ପରେ ଓଡ଼ିଆମାନଙ୍କ ପ୍ରତି ସରକାରଙ୍କ ପକ୍ଷରୁ କେତେକ କ୍ଷେତ୍ରରେ ନିର୍ଯ୍ୟାତନ ହେବାର ଦେଖାଗଲା । ଧୀରେଧୀରେ ବିଷ ପ୍ରୟୋଗ କଲାପରି ଓଡ଼ିଆ ପ୍ରାଥମିକ ସ୍କୁଲଗୁଡ଼ିକୁ ମଞ୍ଜୁଷା, ତରଲା, କଳିଙ୍ଗ, ଟିକାଲି ପ୍ରଭୃତି ଓଡ଼ିଆ ଅଞ୍ଚଳରୁ ଉଠାଇ ଦିଆଗଲା । ହାଇସ୍କୁଲମାନଙ୍କରେ ଓଡ଼ିଆ ପାଠ୍ୟକ୍ରମକୁ ଶିଥିଳ କରାଗଲା । ସରକାରୀ ଅଫିସମାନଙ୍କରେ ଓଡ଼ିଆଙ୍କୁ ନିଯୁକ୍ତି ମିଳିଲା ନାହିଁ । ଆମ୍ଭେମାନେ ଏଥିର ଘୋର ପ୍ରତିବାଦ କଲୁ । ଓଡ଼ିଶା ସରକାରଙ୍କୁ ଏଥିର ପ୍ରତିକାର ପାଇଁ ଅନୁରୋଧ କଲୁ; କିନ୍ତୁ ସେଥିର ସୁଫଳ ଦେଖାଗଲା ନାହିଁ ।

Digitized by PPRACHIN, SOA

ଭାରତରେ କଂଗ୍ରେସ ସରକାରଙ୍କ ଆଧିପତ୍ୟ ପ୍ରତିରାଜ୍ୟରେ ବଳବତ୍ତର ହୋଇଥିବାରୁ ଦୁର୍ବଳ ଓଡ଼ିଶାର କଂଗ୍ରେସ ନେତାମାନେ ପଡ଼ୋଶୀ ଆନ୍ଧ୍ର ଓ ବଙ୍ଗଦେଶର ତଥା ବିହାରର ପ୍ରଭାବଶାଳୀ ନେତାମାନଙ୍କୁ ଅସନ୍ତୁଷ୍ଟ କରିବା କିମ୍ବା ସେମାନଙ୍କ ବିପକ୍ଷରେ କିଛି କରିବାକୁ ସାହସୀ ହୋଇ ପାରିଲେ ନାହିଁ । ତେଣୁ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହୋଇସୁଦ୍ଧା ପଡ଼ୋଶୀ ରାଜ୍ୟମାନଙ୍କର ଦୟାର ପାତ୍ର ହୋଇ ରହିଲା । ଓଡ଼ିଶାର ଅର୍ଥନୀତିକ ଯାବତୀୟ କାର୍ଯ୍ୟରେ ସେମାନଙ୍କର ପୂର୍ଣ୍ଣ କର୍ତ୍ତୃତ୍ୱ ରହିଥିବାର ଆମ୍ଭେ ଅନୁଭବ କଲୁ । କେବଳ ସେତିକି ନୁହେଁ, ଓଡ଼ିଶାର ସେକ୍ରେଟେରିଏଟ୍ ଠାରୁ ଆରମ୍ଭ କରି କିଲ୍ଲା ଓ ତାଲୁକ ଅଫିସମାନଙ୍କରେ ମଧ୍ୟ ଅଣଓଡ଼ିଆଙ୍କର କର୍ତ୍ତୃତ୍ୱ ଛିନ୍ନ ହେଲା ନାହିଁ । ମୋର ମନେଅଛି ଥରେ ପାରଳାଖେମୁଣ୍ଡି ମହାରାଜାଙ୍କ ସଙ୍ଗେ ଏ ସମ୍ବନ୍ଧରେ ଆଲୋଚନା କଲାବେଳେ ସେ ଗଭୀର ଦୁଃଖ ପ୍ରକାଶ କରି କହିଥିଲେ ରାଜ୍ୟର ନେତୃତ୍ୱ ଯଦି ସ୍ୱାର୍ଥ ଓ ପରମୁଖାପେକ୍ଷିଙ୍କର ହାତକୁ ଯାଏ ତା'ହେଲେ ରାଜ୍ୟର କୌଣସି ମଙ୍ଗଳ ସାଧିତ ହୋଇ ପାରିବ ନାହିଁ । ବ୍ରିଟିଶ ରାଜତ୍ୱ ସମୟରେ ଯେଉଁ I. C. S. ଅଫିସରମାନେ ରାଜ୍ୟର ଶାସନ ଭାର ବହନ କରିଥିଲେ, ସେମାନେ ଭାରତୀୟ ନ ହେବାରୁ ପ୍ରିୟାପ୍ରୀତି ତୋଷଣରୁ ଦୂରରେ ରହି ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ଅବଶ୍ୟ ମହାଭାରତୀୟ କ୍ଷେତ୍ରରେ ସେମାନଙ୍କର ଶୋଷଣ ନୀତି କେତେକ ପରିମାଣରେ ଦେଖାଦେଇ ଥିଲା ; କିନ୍ତୁ ରାଜ୍ୟମାନଙ୍କରେ ତଥା ଜାତି ଜାତି ମଧ୍ୟରେ ପକ୍ଷପାତିତା କରିବା ଦୁର୍ବଳତା ସେମାନଙ୍କୁ ସ୍ପର୍ଶ କରି ନଥିଲା । ଏଣୁ ଓଡ଼ିଶା ପ୍ରଦେଶ ଗଠନବେଳେ କଂଗ୍ରେସର ନେତୃବର୍ଗ ବାଧା ସୃଷ୍ଟି କରୁଥିଲେ ସୁଦ୍ଧା ବ୍ରିଟିଶ ସରକାରଙ୍କ ଠାରୁ ନ୍ୟାୟ ହାସଲ କରିବାକୁ ଆମେ ସମର୍ଥ ହେଲୁ । ମହାରାଜାଙ୍କର ଏହି ମନ୍ତବ୍ୟଟି କେତେଦୂର ସତ୍ୟ ଓ ବାସ୍ତବ ତାହା ଆମେ ନିଶ୍ଚିତ ଭାବେ ହୃଦୟଙ୍ଗମ କଲୁ । *

---

* କଳିଯୁଗରେ କ'ଣସବୁ ଘଟିବାକୁ ଯାଉଛି ତାହା ସଂକ୍ଷେପରେ ନିମ୍ନୋକ୍ତ ଶ୍ଳୋକଟିରେ ବର୍ଣ୍ଣିତ ଅଛି —

ସନ୍ନ୍ୟାସିନୋପି ଧନିନୋ ଗୃହିଣୋ ଦରିଦ୍ରାଃ
ଅଧ୍ୟାପକୋଷ୍ଟ ଯବନାଃ ଦ୍ୱିଜବାଳକାନାମ୍ ।
ଶୂଦ୍ରାଃ ସୁରାର୍ଚ୍ଚିତରତା କୃଷକ ଦ୍ୱିଜେନ୍ଦ୍ରାଃ
ଶୂଦ୍ରାଶ୍ଚମନ୍ତ୍ର ଗୁରବଃ କଳୟେ ନମସ୍ତେ ॥

ଅର୍ଥାତ ଯେଉଁ ଯୁଗରେ ତ୍ୟାଗୀ(ସନ୍ନ୍ୟାସୀ)ମାନେ ଧନୀ ହେବେ ଏବଂ ଗୃହସ୍ଥମାନେ ଭିକାରି ହୋଇଯିବେ, ଅଧ୍ୟାପକମାନେ ଯବନ ପରି କ୍ରୂର ହୀନ କର୍ମରେ ରତହେବେ ଓ ଛାତ୍ରମାନଙ୍କ ପ୍ରତି ନିଷ୍ଠୁର ହେବେ, ଶୂଦ୍ରମାନେ ଦେବ ପୂଜକ ଓ ବ୍ରାହ୍ମଣମାନେ କୃଷିକାର୍ଯ୍ୟରେ ପ୍ରବୃତ୍ତ ହେବେ, ଶୂଦ୍ରମାନେ ମଧ୍ୟ ଗୁରୁ ସ୍ଥାନ ଅଧିକାର କରିବେ, ସେହି କଳିଯୁଗକୁ ନମସ୍କାର । ଭାଗବତ ଲେଖା ସମୟରେ ଯେଉଁ ଜାତିଭେଦ ଥିଲା, ଏବେ ତାହା ଶ୍ରେଣୀ ଭେଦରେ ମାତ୍ର ପରିଣତ ହୋଇଛି ।

Digitized by PPRACHIN, SOA

ଓଡ଼ିଆ ଜାତିର ଦୁର୍ବଳତା ମୋଚନ କରିବାକୁ ହେଲେ ଯଥେଷ୍ଟ ପରିମାଣରେ ଶିକ୍ଷା ଓ ସଂସ୍କୃତିର ପ୍ରସାର ସଙ୍ଗେ ଭାଷା ଓ ସାହିତ୍ୟର ବିକାଶ ଯେ ନିତାନ୍ତ ଆବଶ୍ୟକ ଏହା ଆମେ ଅନୁଭବ କଲୁ । ସ୍ଥାନୀୟ ହିତୈଷିଣୀ ସମାଜ ପକ୍ଷରୁ ଗୋଟିଏ ସାହିତ୍ୟ ଶାଖା ପ୍ରତିଷ୍ଠା କରାଗଲା । ଏଥିରେ ବିଭିନ୍ନ ବିଷୟରେ ସାହିତ୍ୟ ମାଧ୍ୟମରେ ବିଚାର କରିବା ପାଇଁ ବିଶିଷ୍ଟ ସାହିତ୍ୟିକମାନଙ୍କୁ ଏବଂ ବୈଜ୍ଞାନିକମାନଙ୍କୁ ନିମନ୍ତ୍ରଣ କରାଗଲା । ଜାନୁୟାରୀ ୨୬ ତାରିଖଦିନ ଡାକ୍ତର ରାଧାଚରଣ ପଣ୍ଡା ଓଡ଼ିଶାର ପ୍ରାଚୀନ ଓ ଆଧୁନିକ ଅବସ୍ଥା ସମ୍ବନ୍ଧେ ଗୋଟିଏ ସୁନ୍ଦର ବକ୍ତୃତା ସ୍ଥାନୀୟ ପଦ୍ମନାଭ ରଙ୍ଗାଳୟରେ ଦେଇଥିଲେ । ଫେବୃୟାରୀ ୧୯ ତାରିଖ ଦିନ ସମ୍ବଲପୁରର ଡାକ୍ତର ଅାଇଜାକ୍ ସାମନ୍ତରାୟ କୁଷ୍ଠ ରୋଗ ନିବାରଣ ସମ୍ପର୍କରେ ଭାଷଣ ଦେଇଥିଲେ । ମୋର କେତେକ ବନ୍ଧୁଙ୍କର ଅନୁରୋଧକ୍ରମେ ବାରିପଦାଠାରେ ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନରେ ପାଠ କରିବାକୁ 'ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର କେଉଁଠାରେ' ଶୀର୍ଷକ ପ୍ରବନ୍ଧ ମୁଁ ଲେଖିଥିଲି । କଟକରେ ସେତେବେଳେ ଅନ୍ନପୂର୍ଣ୍ଣା ନାଟ୍ୟମନ୍ଦିର ଓଡ଼ିଶାରେ ଲୋକପ୍ରିୟତା ଅର୍ଜନ କରିଥାଏ । ତେଣୁ ସେହି ନାଟ୍ୟସଂଘକୁ ନିମନ୍ତ୍ରଣ କରି ପାରଳାଖେମୁଣ୍ଡିରେ ଓଡ଼ିଆ ସାହିତ୍ୟର ପ୍ରସାର ଉଦ୍ଦେଶ୍ୟରେ କେତୋଟି ନାଟକ ସ୍ଥାନୀୟ ପଦ୍ମନାଭ ରଙ୍ଗାଳୟରେ ବିନା ଶୁଳ୍କରେ ଅଭିନୀତ କରିବାକୁ ଆମେ ଦେଇଥିଲୁ । ମୋର ମନେଅଛି ସେହି ନାଟ୍ୟ ସଂସଦ ପକ୍ଷରୁ ଜାନୁୟାରୀ ୩୦ ତାରିଖଦିନ 'ଭକ୍ତର ଭଗବାନ' ଶୀର୍ଷକ ନାଟକ ପ୍ରଶଂସିତ ଭାବେ ଅଭିନୀତ ହୋଇଥିଲା । କିନ୍ତୁ କଟକରେ ତଥା ଉତ୍ତର ଓଡ଼ିଶାରେ ନୃତ୍ୟ ଓ ସଙ୍ଗୀତର ଯଥେଷ୍ଟ ବିକାଶ ହୋଇ ନ ଥିବାରୁ ତାହା ପ୍ରସାର କରିବାକୁ ଆମେ ସ୍ଥିର କଲୁ । ଏଥିପାଇଁ ଏକମାତ୍ର ଉପାୟ ହେଉଛି ଗୋଟିପୁଅ ନାଚ ମାଧ୍ୟମରେ ଓଡ଼ିଶାବାସୀ ସଙ୍ଗୀତ ଓ ନୃତ୍ୟର ପ୍ରଚାର । ମୋର ଜଣେ ଦୂର ସମ୍ପର୍କୀୟ ଭ୍ରାତା ଲକ୍ଷ୍ମୀନାରାୟଣ ରାଜଗୁରୁଙ୍କ ଉଦ୍ୟମରେ ସେତେବେଳେ ଗୋଟିଏ ଗୋଟିପୁଅ ନାଟ୍ୟଦଳ ଗଠିତ ହୋଇଥାଏ । ଏଥିରେ ମୋର ବନ୍ଧୁ ଓଡ଼ିଶାର ଜଣେ ପ୍ରସିଦ୍ଧ ନାଟ୍ୟ ବିଶାରଦ ସିମାଚଳ ପାତ୍ରୀ ଛୋଟ ଛୋଟ ପିଲା-ମାନଙ୍କୁ ଶିକ୍ଷାଦେଇ ଦକ୍ଷିଣ ଓଡ଼ିଶାର ନୃତ୍ୟ କୌଶଳ ଏବଂ ସଙ୍ଗୀତ ବିଭିନ୍ନ ସ୍ଥାନରେ ପ୍ରଚାର କରୁଥିଲେ । ଏହା ମଧ୍ୟ ତାଙ୍କର ଗୋଟିଏ ବ୍ୟବସାୟରେ ପରିଣତ ହେଲା । ଆଗ୍ରହର ସହିତ ବିଭିନ୍ନ ସ୍ଥାନରୁ ଲୋକେ ଏହି ନାଟ୍ୟ ଦଳକୁ ନିମନ୍ତ୍ରଣ କରିନେଲେ । ସୁତରାଂ ବର୍ତ୍ତମାନ ଯାହାକୁ ଓଡ଼ିଶୀ ନୃତ୍ୟ ବୋଲି ଆମେ କହୁ ତାହା ଏପରି କେତୋଟି ନାଟ୍ୟଦଳ ଦ୍ୱାରା ଓଡ଼ିଶାର ସର୍ବତ୍ର ପ୍ରଶଂସା ଲାଭ କଲା । ମୋର ସ୍ମରଣ ହେଉଛି ସିମାଚଳ ପାତ୍ରୀଙ୍କ ପ୍ରସ୍ତାବକ୍ରମେ ମୁଁ କେତୋଟି ସଙ୍ଗୀତ ବା ଗୀତ ରଚନା କରି ସେହି ନାଟ୍ୟଦଳକୁ ଉତ୍ସାହିତ କରିଥିଲି ।

Digitized by PPRACHIN, SOA

ସେବର୍ଷ ମାର୍ଚ୍ଚ ୨୨ ତାରିଖରେ ଗଞ୍ଜାମ ଜିଲ୍ଲାବୋର୍ଡର ସଭାପତି ଉମାଚରଣ ପଟ୍ଟନାୟକଙ୍କ ଉପରେ ଗୋଟିଏ ଅବିଶ୍ୱାସ ପ୍ରସ୍ତାବ ଗୃହୀତ ହେବାରୁ ଦିବାକର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୋଟିଏ ନୂତନ ଦଳ ଗଠିତ ହେଲା । ଦିବାକର ପଟ୍ଟନାୟକଙ୍କ ସଙ୍ଗରେ ମୋର ଆଗରୁ ବନ୍ଧୁତା ରହିଥାଏ । କିନ୍ତୁ ରାଜନୈତିକ ଦୃଷ୍ଟି-କୋଣରୁ ଆମେ ଅଲଗା ହୋଇଥିଲୁ । ସେ ମୋତେ କଂଗ୍ରେସରେ ଯୋଗଦେବାକୁ ବାରମ୍ବାର ଅନୁରୋଧ କରନ୍ତି ; କିନ୍ତୁ କଂଗ୍ରେସକର୍ମୀମାନଙ୍କର କେତେକ ନୀତିହୀନତା ଏବଂ ଉଚ୍ଛୃଙ୍ଖଳତା ହେତୁ ମୁଁ ସେଥିରେ ଯୋଗ ନ ଦେଇ ସ୍ୱତନ୍ତ୍ର ଭାବେ ନିରପେକ୍ଷ ନୀତି ଗ୍ରହଣ କରିଥାଏ । କିନ୍ତୁ ସ୍ଥାନୀୟ ରାଜନୀତିରୁ ସମ୍ପୂର୍ଣ୍ଣ ରୂପେ ନିଜକୁ ଅଲଗା କରି ରଖି ନଥାଏ । ଯେତେବେଳେ ଯେଉଁଦଳର ଦୁର୍ବଳତା କିମ୍ବା ଅନ୍ୟାୟ ଦେଖିବାକୁ ପାଏ, ତାହା ସ୍ପଷ୍ଟ ଭାବରେ ସମାଲୋଚନା କରିବା ଥିଲା ମୋର ମୌଳିକ ନୀତି । ସେଥିପାଇଁ ବହୁକ୍ଷେତ୍ରରେ ମୋତେ ନିର୍ଯ୍ୟାତନା ଭୋଗିବାକୁ ମଧ୍ୟ ପଡ଼ୁଥିଲା । ଏ ସମ୍ବନ୍ଧେ ବିଗ୍ରହ କଲାବେଳେ ମୋର ମନେପଡ଼ୁଛି ଥରେ ହରେକୃଷ୍ଣ ମହତାବଙ୍କ କୌଶଳ ଯୋଗୁ ଓଡ଼ିଶାରୁ ଖଡ଼ିଆକଲା ଓ ଜରମୁଆଁ କିପରି ବିଚ୍ଛିନ୍ନ ହୋଇ ରହିଲା ସେ କଥା ଗୋଟିଏ ପତ୍ରିକାରେ ସ୍ପଷ୍ଟ ଭାବରେ ପ୍ରକାଶ କରିବାରୁ ମୋ ପ୍ରତି ତାଙ୍କର ବିଦ୍ୱେଷ ଜାତ ହୋଇଥିଲା । ମୁଁ ସେହି ପ୍ରବନ୍ଧରେ ଉଲ୍ଲେଖ କରିଥିଲି ଖଡ଼ିଆକଲା ଓ ଜରମୁଆଁ ମିଶ୍ରଣ ନୀତି ଉପରେ ଯଦି ମହତାବ ତାଙ୍କର ବିଧାନସଭାର ସଭ୍ୟପଦରୁ ଇସ୍ତଫା ଦେଇ ନିର୍ବାଚନର ସମ୍ମୁଖୀନ ହେବେ ତା' ହେଲେ ତାଙ୍କର ଲୋକପ୍ରିୟତା ସ୍ପଷ୍ଟ ଜଣାଯିବ । ଏପରି ସମାଲୋଚନା ହେତୁ ମହତାବଙ୍କ ପରି ଜଣେ କୂଟନୀତିଜ୍ଞ ରାଜନୈତିକ ଶତ୍ରୁ ହେବା ଯେ କି ମାରାତ୍ମକ ତାହା ସେତେବେଳେ ମୁଁ ବୁଝି ପାରି ନ ଥିଲି । କିନ୍ତୁ ବହୁକାଳ ପରେ ସେଥିର ପ୍ରତିକ୍ରିୟା ମୋ ଜୀବନରେ ଗୋଟିଏ ଗୋଟିଏ ଅଭିଶାପ ରୂପେ ଦେଖା ଦେଇଥିଲା । ସେ କଥା ମୁଁ ପରେ ପ୍ରକାଶ କରିବି ।

ଆଗରୁ କହିଛି ଆଦିବାସୀ ଶବରମାନେ ଯେଉଁ ମାଳ ଅଞ୍ଚଳରେ ରହନ୍ତି ତାହା ଗୋଟିଏ ସ୍ୱତନ୍ତ୍ର ଅଞ୍ଚଳ ରୂପେ ବ୍ରିଟିଶ ସରକାରଙ୍କ ଅମଳରେ ରହିଥିଲା । ଏହାକୁ **Excluded Area** ନାମରେ ଅଭିହିତ କରି ସେଥିର ଶାସନ ଭାର ସମ୍ପୂର୍ଣ୍ଣ ରୂପେ ଗଞ୍ଜାମ ଜିଲ୍ଲା କଲେକ୍ଟରଙ୍କ ଅକ୍ତିଆରରେ ରହିଥିଲା । ସେହି ମାଳ ଅଞ୍ଚଳର ଆଦିମ ଅଧିବାସୀମାନଙ୍କୁ ଶିକ୍ଷା ଏବଂ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରାଇବା ଉଦ୍ଦେଶ୍ୟରେ ସେରଙ୍ଗ ନାମକ ଗୋଟିଏ କେନ୍ଦ୍ରରେ ଖ୍ରୀଷ୍ଟିୟାନ ମିସନାରୀମାନଙ୍କ ପକ୍ଷରୁ ଗୋଟିଏ ଅନୁଷ୍ଠାନ ରହିଥିଲା । ମୁଁ ଯେଉଁ ସମୟର କଥା କହୁଛି ସେତେବେଳେ ମିସ୍ ମାନ୍ରୋ ନାମ୍ନୀ ଜଣେ ସୁଶିକ୍ଷିତା ମହିଳାଙ୍କ ଅଧୀନରେ ସେ ଅନୁଷ୍ଠାନଟି ପରିଚାଳିତ ହେଉଥାଏ । ବହୁ ଚେଷ୍ଟା ଏବଂ ପ୍ରଲୋଭନ ସତ୍ତ୍ୱେ ଆଦିବାସୀ ଶବରମାନେ ତାଙ୍କର ନିଜ ଧର୍ମ

Digitized by PPRACHIN, SOA

ପରିତ୍ୟାଗ କରି ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବାକୁ ଇଚ୍ଛା କଲେ ନାହିଁ । କିନ୍ତୁ ସେଠାରେ ବାସ କରୁଥିବା ପାଣମାନେ ବହୁ ସଂଖ୍ୟାରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କଲେ । ମିସ୍‌ମାନ୍‌ଙ୍କ ଲକ୍ଷ୍ୟଥିଲା ଯେପରି ପାଣମାନଙ୍କୁ ଲଗାଇ ଶବରମାନଙ୍କୁ ଧର୍ମାନ୍ତର ଗ୍ରହଣ କରିବା ପାଇଁ ଉତ୍ସାହିତ କରିବେ । କାରଣ ପାଣମାନେ ସେ ଅଞ୍ଚଳରେ ପ୍ରଧାନ ବ୍ୟବସାୟୀ ରୂପେ ଶବରମାନଙ୍କର ବିଶ୍ୱାସୀ ହୋଇ ରହିଥାନ୍ତି । କିନ୍ତୁ ଚତୁର ପାଣ ସେମାନଙ୍କୁ ଅର୍ଥନୀତିକ କ୍ଷେତ୍ରରେ ସର୍ବସ୍ୱାନ୍ତ କରିବା କଥା ସେମାନେ ଜାଣିପାରି ନଥିଲେ । ଯେତେବେଳେ ଖ୍ରୀଷ୍ଟିୟାନ ମିସନାରୀମାନଙ୍କ ପକ୍ଷରୁ ଏପରି ଗୋଟିଏ ଉଦ୍ୟମ କରାଗଲା ସେତେବେଳେ ପାଣମାନଙ୍କ ବିପକ୍ଷରେ ଶବର ଜାତି ଉତ୍ତେଜିତ ହୋଇଥିଲେ । ଏଠାରେ କହି ରଖିବା ଆବଶ୍ୟକ ଯେ ଶବର ଜାତିର ଗୋଟିଏ ବିଶେଷତ୍ୱ ହେଉଛି ସେମାନେ ଯେତେଦିନ ପର୍ଯ୍ୟନ୍ତ କାହାକୁ ବିଶ୍ୱାସ କରିଥିବେ ସେତେଦିନ ତାର ଗୋଲାମ ପରି କାମ କରିଯିବେ । କିନ୍ତୁ ଥରେ ସେହି ବିଶ୍ୱାସ ହରାଇଲେ ସେମାନେ ଆଦୌ ତାହା ବରଦାସ୍ତ କରିବେନି । ଯଦି କୌଣସି କାରଣରୁ ସେମାନେ ଉତ୍ତେଜିତ ହୋଇ ପଡ଼ନ୍ତି, ତାଙ୍କର ପ୍ରତିପକ୍ଷ ଯେତେ ଶକ୍ତିଶାଳୀ ହୁଅନ୍ତୁ ନା କାହିଁକି ସେମାନେ ତୀବ୍ର ପ୍ରତିହିଂସା ସ୍ୱରୂପ ତାକୁ ଧ୍ୱଂସ କରିବାକୁ ସମ୍ପୂର୍ଣ୍ଣ ଭାବରେ ଚେଷ୍ଟା କରିବେ । ତାଙ୍କର ସେହି ଜାତୀୟ ଚରିତ୍ର ହେତୁ ପାଣମାନଙ୍କ ବିପକ୍ଷରେ ମାଲ ଅଞ୍ଚଳରେ ଘୋର ସଂଘର୍ଷ ସୃଷ୍ଟି ହେଲା । ଏଥିରେ ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଲେ । ଯଥା ସମୟରେ ସରକାର ଏଥିରେ ହସ୍ତକ୍ଷେପ କରି ସେଠାର ଏମ. ଏଲ୍.ଏ. ହରିପାଣି ଜେନାଙ୍କ ସମେତ କେତେକ ପାଣ ଜାତୀୟ ନେତାଙ୍କୁ ଅନ୍ତର୍ନ୍ତୁକ୍ତ କରିଥିଲେ । ଏପରି ଗୋଟିଏ ପରିସ୍ଥିତିବେଳେ ଆମେ ଓଡ଼ିଶା ସରକାରଙ୍କ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ଅନୁରୋଧ କଲୁ ଯେପରି ଏ ସମସ୍ୟାର ଆଶୁ ସମାଧାନ କରି ମାଲ ଅଞ୍ଚଳର ଉନ୍ନତିକର କାର୍ଯ୍ୟ ଆରମ୍ଭ କରିବେ । ଜିଲ୍ଲା କଲେକ୍ଟର ମଧ୍ୟ ସେହିପରି ଗୋଟିଏ ରିପୋର୍ଟ ସରକାରଙ୍କୁ ଦେଲେ । ତେଣୁ ମୁଖ୍ୟମନ୍ତ୍ରୀ ନିଜେ ଏ ଅଞ୍ଚଳକୁ ସରକାରୀ ଗସ୍ତରେ ଆସିବା ସ୍ଥିର ହେଲା । ଏ ସମ୍ବାଦ ପାଇ ମିସ୍ ମାନ୍‌ଙ୍କ ଇଙ୍ଗିତରେ ରାୟଗଡ଼ାଠାରୁ ପ୍ରାୟ ତିନି କ୍ରୋଶ ମାଇଲ ଦୂରରେ ଖଜୁରୀପଦା ନାମକ ଗୋଟିଏ ଗ୍ରାମରେ ଖ୍ରୀଷ୍ଟିୟାନମାନଙ୍କ ପକ୍ଷରୁ ଗୋଟିଏ ମହାସଭାର ଆୟୋଜନ କରାଗଲା, ପୁଣି ସେଥିରେ ଯୋଗ ଦେବାପାଇଁ ଆମ୍ଭମାନଙ୍କୁ ନିମନ୍ତ୍ରଣ କରାଗଲା । କେବଳ ସେତିକି ନୁହେଁ ସେହି ସମ୍ମିଳନୀରେ ଏହି ଅନୁନ୍ନତ ଅଞ୍ଚଳର ଅଭ୍ୟୁଦୟମୂଳକ ସମସ୍ୟାଗୁଡ଼ିକ ସଙ୍ଗେ ଶବର-ମାନଙ୍କର ଆର୍ଥନୀତିକ ଏବଂ ସାମାଜିକ କୃଷି କାର୍ଯ୍ୟରେ ପରିଣତ କରିବାକୁ ଗୋଟିଏ ଯୋଜନା ପ୍ରସ୍ତୁତ କରି ସେହି ସଭାରେ ତାହା ପାଠ କରିବାକୁ ମୋତେ ଭାର ଦିଆଗଲା । ତେଣୁ ସ୍ଥାନୀୟ ହିତୈଷିଣୀ ସମାଜର ଅନ୍ୟାନ୍ୟ ସଭ୍ୟମାନଙ୍କର ସହ ପରାମର୍ଶ କରି ପୁଣି ମାଲ ଅଞ୍ଚଳରେ ଯେଉଁମାନଙ୍କର ଅଭିଜ୍ଞତା ରହିଛି ଯେପରି ସହୃଦୟ ବନ୍ଧୁମାନଙ୍କ ଠାରୁ ବିଷୟ ସଂଗ୍ରହ କରି ଗୋଟିଏ ଦୀର୍ଘ, ପ୍ରବନ୍ଧ ପ୍ରସ୍ତୁତ କଲି ।

Digitized by PPRACHIN, SOA

୧୯୭୮ ଏପ୍ରିଲ ୧୩ତାରିଖ ଦିନ ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀରେ ଯୋଗ ଦେବାକୁ ପାରଳାଖେମୁଣ୍ଡି ବାହାରିଲେ । ମୁଁ ଏବଂ ଏଠାର ଜଣେ ବରିଷ୍ଠ କର୍ମୀ ଶ୍ୟାମ ସୁନ୍ଦର ପାତ୍ରୀ ଓ ସ୍ଥାନୀୟ ଏମ୍. ଏଲ୍. ଏ. ଦଣ୍ଡପାଣି ଜେନା ତାଙ୍କ ସଙ୍ଗେ ରାୟଗଡ଼ା ଦେଇ ବରପଦାଠାରେ ପହଞ୍ଚିଲୁ । ରାୟଗଡ଼ାଠାରୁ ଏହା ପ୍ରାୟ ୮ ମାଇଲ ଦୂର ଜଙ୍ଗଲିଆ ବାଟରେ ଯିବାକୁ ପଡ଼ିଲା । ବିଶ୍ୱନାଥ ଦାସ ମୋତେ ଡାକି କହିଲେ, ଚାଲ ଆମେ ଏଇ ବାଟରେ ଯାଉ ଯାଉ ସ୍ଥାନୀୟ ସମସ୍ୟାଗୁଡ଼ିକ ମୋତେ ଭଲ ରୂପେ ବୁଝାଇଦେବ । ଆମର ସହଯାତ୍ରୀମାନେ ସମସ୍ତେ କିଛି ଦୂର ଛାଡ଼ି ପଛରେ ଆସୁଥାନ୍ତି । ମୁଁ ଏ ସମ୍ବନ୍ଧରେ ଯାହା କିଛି ତଥ୍ୟ ସଂଗ୍ରହ କରିଥିଲି ସେ ସମସ୍ତ ଗୋଟି ଗୋଟି କରି ତାଙ୍କୁ ବୁଝାଇଦେଲି । ଆଗ୍ରହର ସହିତ ସେ ସମସ୍ତ ଶୁଣି ମଝେ ମଝେ ସେଥିରୁ କିଛି ଅଂଶ ତାଙ୍କ ଡାଇରୀରେ ଟିପି ଦେଉଥିଲେ । ପରିଶେଷରେ ଆମେ ସ୍ଥିର କଲୁ ରାୟଗଡ଼ାଠାରୁ ମଟର ଯିବା ରାସ୍ତା ଅବିଳମ୍ବେ ପ୍ରସ୍ତୁତ କରିବାକୁ ହେବ । ତା ନ ହେବା ପର୍ଯ୍ୟନ୍ତ ଏ ଅଞ୍ଚଳର କୌଣସି ଉନ୍ନତିକର କାର୍ଯ୍ୟ ସମ୍ଭବ ନୁହେଁ । ଯଥା ସମୟରେ ସଭା ହେଲା । ହଜାର ହଜାର ଲୋକ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସେଥିରେ ଯୋଗ ଦେଇଥାନ୍ତି । ପାଣମାନଙ୍କର ଆର୍ଥିକ ଉନ୍ନତି ସଙ୍ଗେ ଆଦିବାସୀ ଶବରମାନଙ୍କର ଆର୍ଥିକ ଅବନତି ସ୍ପଷ୍ଟ ଭାବରେ ସେଠାରେ ପରୀକ୍ଷିତ ହୋଇଗଲା । ଉଭୟ ଜାତି ଭିନ୍ନ ଭିନ୍ନ ଦୁଇଟି ଗୋଷ୍ଠୀ ହୋଇ ବସିଥାନ୍ତି । ମୋର ପ୍ରବନ୍ଧଟି ପଢ଼ିସାରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମୁଁ କହିଲି ଏଠାରେ ଉପସ୍ଥିତ ପାଣ ଓ ଶବରମାନଙ୍କ ମଧ୍ୟରୁ କିଏ ଶୋଷକ ଆଉ କିଏ ଶୋଷିତ ତାହା ତାଙ୍କର ବେଶଭୂଷାରୁ ସ୍ପଷ୍ଟ ଜାଣି ପାରିବେ । ବିଶ୍ୱନାଥ ଦାସ ତାଙ୍କର ସ୍ୱାଭାବିକ ମଧୁର ସ୍ୱରରେ ମୋତେ ଗୁଇଁ କହିଲେ, ବର୍ତ୍ତମାନ ପରି ଗୋଟିଏ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରେ ଏହା କହିବା ନିରାପଦ ନୁହେଁ । ଆମେ ସେଠାରୁ ରାତି ପ୍ରାୟ ସାଢ଼େ ନଅଟାବେଳେ ପାରଳାଖେମୁଣ୍ଡି ଫେରି ଆସିଲୁ ।

ଏଥିର ଅଳ୍ପଦିନ ପରେ ମଞ୍ଜୁଷାରେ ଉତ୍କଳ ସମ୍ମିଳନୀର ବିଚ୍ଛିନ୍ନ ଅଞ୍ଚଳ ଶାଖା ପକ୍ଷରୁ ଗୋଟିଏ ବିରାଟ ଅଧିବେଶନରେ ଆୟୋଜନ କରାଗଲା । ଏଥିରେ ପ୍ରଧାନ ଉଦ୍‌ଯୋକ୍ତା ଥିଲେ 'ଆଶା' ଓ 'ନବ ଓଡ଼ିଶା'ର ସମ୍ପାଦକ ଶଶୀ ଭୂଷଣ ରଥ । ଅଭ୍ୟର୍ଥନା ସଭାର ସଭାପତି ରୂପେ ସେ ମୋତେ ସେଥିର ସମ୍ପାଦକ ରହିବାକୁ ଅନୁରୋଧ କଲେ । ମୁଁ ମଧ୍ୟ ଆଗ୍ରହର ସହିତ ତାଙ୍କ ପ୍ରସ୍ତାବରେ ସ୍ୱୀକୃତ ହୋଇ କାର୍ଯ୍ୟଭାର ଗ୍ରହଣ କଲି । ତାଙ୍କର ଅଭିଭାଷଣଟି ଦୟାନିଧି ମିଶ୍ର ଓ ମୁଁ ସଂଶୋଧନ କଲୁ । ପରଦିନ ସମ୍ମିଳନୀରେ ଓଡ଼ିଆ ମାନଙ୍କର ଉତ୍ସାହ ବିଶେଷ ଭାବରେ ପ୍ରକଟିତ ହେଲା । ମଞ୍ଜୁଷାର ଦେବାନ୍ ରାମକୃଷ୍ଣ ଦେବଙ୍କର ଉଦ୍ୟମରେ ଏହା ସୁରୁଖୁରୁ ରୂପେ ପରିଚାଳିତ ହେଲା । ଦୂର ଅଞ୍ଚଳରୁ ଆସିଥିବା ଓଡ଼ିଆମାନଙ୍କ ରହିବାର ଓ ଖାଇବାର ଯାବତୀୟ ସୁବିଧା ସେ କରି ଦେଇ-

Digitized by PPRACHIN, SOA

ଥିଲେ । ଏପ୍ରିଲ ୨୮ ତାରିଖ ଦିନ ସମ୍ମିଳନୀରେ ପ୍ରସ୍ତାବଗୁଡ଼ିକ ଗୃହୀତ ହେଲା । ମୋର ମନେପଡୁଛି ମୋର ବନ୍ଧୁ ଲକ୍ଷ୍ମୀନାରାୟଣ ସାହୁ Servant of India Society ରେ ସେତେବେଳେ ଜଣେ ନିଷ୍ଠାପର କର୍ମୀ ରୂପେ ଓଡ଼ିଶାରେ କାମ କରୁଥାନ୍ତି । ସେ ଠାକ୍କର ବାପାଙ୍କ ପରି ଜଣେ ସର୍ବଭାରତୀୟ ନେତାଙ୍କୁ ସଙ୍ଗରେ ଧରି ସେହି ସମ୍ମିଳନୀରେ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କର ଅନୁରୋଧକ୍ରମେ ଠାକ୍କର ବାପା ସେତେବେଳେ ଅନୁନ୍ନତ ଆଦିବାସୀମାନଙ୍କର ସମସ୍ୟା ସମ୍ବନ୍ଧରେ ଗୋଟିଏ ଦୀର୍ଘ ରିପୋର୍ଟ ଲେଖିବାରେ ଲାଗିଥାନ୍ତି । ଗଞ୍ଜାମର ଆଦିବାସୀ ଅଞ୍ଚଳ ବିଶେଷତଃ ଶବରମାନଙ୍କ ସମସ୍ୟାଗୁଡ଼ିକ ଅନୁଧ୍ୟାନ କରିବାକୁ ଲକ୍ଷ୍ମୀନାରାୟଣ ବାବୁଙ୍କ ପରାମର୍ଶକ୍ରମେ ଠାକ୍କର ବାପାଙ୍କ ସଙ୍ଗେ ସେହି ସମ୍ମିଳନୀ ମଣ୍ଡପରେ ମୋର ଆଲୋଚନା ଆରମ୍ଭ ହେଲା । ସମ୍ମିଳନୀ ଶେଷରେ ମଧ୍ୟ ରାତି ୧୦ଟା ପର୍ଯ୍ୟନ୍ତ ଦୀର୍ଘ ୫ ଘଣ୍ଟା ତାଙ୍କୁ ଶବରମାନଙ୍କର ଜାତୀୟ ପ୍ରଥା, ଆଚାର ବ୍ୟବହାର, ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ଏବଂ ଅର୍ଥନୈତିକ ଶୋଷଣ ସମ୍ବନ୍ଧରେ ଗୋଟିଏ ଦୀର୍ଘ ବିବୃତି ଦେଇଥିଲି ଯାହାକି ଠାକ୍କର ବାପାଙ୍କ ପ୍ରଣୀତ ଓ ପ୍ରକାଶିତ ପୁସ୍ତକରେ ରିପୋର୍ଟ ଆକାରରେ ପରେ ଅନ୍ତର୍ଭୁକ୍ତ ହେଲା । ଗଞ୍ଜାମ ଓ କୋରାପୁଟ ମାଳ ମଧ୍ୟରେ ଯେଉଁ ସବୁ ଆଦିବାସୀ ସମସ୍ୟା ରହିଛି, ସେ ସମସ୍ତ ଅନୁଧ୍ୟାନ କରି ପ୍ରତିକାର ପନ୍ଥା ଆବିଷ୍କାର କରିବାକୁ ତତ୍କାଳୀନ ଭାରତ ସରକାରଙ୍କୁ ସେ ପ୍ରସ୍ତାବିତ କଲେ ।

ଠିକ୍ ସେତିକିବେଳେ କଟକରେ ଶ୍ରୀରାମଚନ୍ଦ୍ର ଭବନରେ ଓଡ଼ିଶାର କେତେକ ସାହିତ୍ୟିକଙ୍କ ପକ୍ଷରୁ ଗୋଟିଏ ଲେଖକ ସମ୍ମିଳନୀର ଆୟୋଜନ କରାଯାଇଥାଏ । ସେଥିରେ "ଯୁବଶକ୍ତି" ଶୀର୍ଷକ ଗୋଟିଏ ପ୍ରବନ୍ଧ ପାଠ କରିବାକୁ ମୋତେ ଅନୁରୋଧ କରାଯାଇ ଥାଏ । ଏହି ସମ୍ମିଳନୀରେ ଯୋଗଦେବାକୁ ଏପ୍ରିଲ ମାସ ୨୭ ତାରିଖ ଦିନ ମୁଁ କଟକ ଯାଇଥିଲି । ମୋର ବନ୍ଧୁ ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ଅନୁରୋଧକ୍ରମେ 'ଲୋକମତ' ନାମକ ପତ୍ରିକାର ସମ୍ପାଦକ ବିଶ୍ୱନାଥ ମହାପାତ୍ରଙ୍କ ସଙ୍ଗେ ରେଭେନ୍ସା କଲେଜିଏଟ ସ୍କୁଲର ଗୋଟିଏ କୋଠରିରେ ରହି ଓଡ଼ିଶୀ ସଙ୍ଗୀତ ଅଭିବୃଦ୍ଧି ନିମନ୍ତେ ଗୋଟିଏ ଯୋଜନା ଆମେ ଦୁହେଁ ପ୍ରସ୍ତୁତ କଲୁ । କାରଣ ସେ ବର୍ଷ ଅଲ୍ଲାହାବାଦଠାରେ ନିଖିଳ ଭାରତ ସଙ୍ଗୀତ ମହାସମ୍ମିଳନୀର ଆୟୋଜନ କରାଯାଉଥିଲା । ସେଠାକୁ ଓଡ଼ିଶା ପକ୍ଷରୁ ପ୍ରତିନିଧି ପଠାଇବା ଆବଶ୍ୟକ ମନେକରି ଆଗରୁ ପ୍ରସ୍ତୁତ ହେବା ସକାଶେ ଏପରି ଗୋଟିଏ ଯୋଜନା ଆମେ ପ୍ରସ୍ତୁତ କଲୁ । ୨୮ ତାରିଖ ଦିନ ସମ୍ମିଳନୀରେ ମୋର ପ୍ରବନ୍ଧଟି ପାଠ କରାଗଲା । ସେଦିନ ସନ୍ଧ୍ୟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବସାରେ ଗୋଟିଏ ଜଳଯୋଗର ବ୍ୟବସ୍ଥା କରାଯାଇଥାଏ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସମାଗତ କବି, ଲେଖକ ଓ ପଣ୍ଡିତମାନଙ୍କର ସମେତ ବିହାର ଓଡ଼ିଶା ତତ୍କାଳୀନ ଚିଫ୍ ଜଷ୍ଟିସ୍ ସାର୍ ଖ୍ୱାଜାନୁର ମହମଦ୍ ମଧ୍ୟ ନିମନ୍ତ୍ରିତ ହୋଇଥାନ୍ତି । ସେଠାରେ କବି ଓ ଲେଖକମାନଙ୍କ ମଧ୍ୟରେ

ପରସ୍ପର ପରିଚିତ ହେବାପାଇଁ ସୁବିଧା ମିଳିଲା । ସୁଦୂର ସିଂହଭୂମିରୁ ଏବଂ ବିଶାଖାପାଟଣାରୁ ମଧ୍ୟ କେତେକ ପଣ୍ଡିତ ସେଥିରେ ଯୋଗଦେଇଥିଲେ । ମଞ୍ଜୁଷା ସମ୍ମିଳନୀ ପରେ ପରେ ଏହା ଅନୁଷ୍ଠିତ ହେବାରୁ ଅଧିକାଂଶ ଲେଖକ ଓ ନେତାଙ୍କର ମନରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କର ଦୁର୍ଦ୍ଦଶା କଥା ଖେଳୁଥାଏ । ମୋର ବନ୍ଧୁ ସହକାରର ସମ୍ପାଦକ ବାଳକୃଷ୍ଣ ବାବୁଙ୍କୁ ମୁଁ କହିଲି—ବିଚ୍ଛିନ୍ନାଞ୍ଚଳରେ ଯେଉଁ ଆନ୍ଦୋଳନ ଆମେ ସୃଷ୍ଟି କରିଥାଉଁ । ତାହା ଫଳରେ ମାନ୍ଦ୍ରାଜ ଅଞ୍ଚଳରେ ଘୋର ପ୍ରତିକ୍ରିୟା ସୃଷ୍ଟି ହେଉଛି । ତେଣୁ ସେଠା ଓଡ଼ିଆମାନଙ୍କର ମଙ୍ଗଳ ପରିବର୍ତ୍ତେ ଅମଙ୍ଗଳ ହିଁ ଆମେ ସୃଷ୍ଟି କରୁଛୁ । ଓଡ଼ିଶାରେ ସରକାରଙ୍କ ପକ୍ଷରୁ ଏବଂ ସାଧାରଣ ଜନତା ପକ୍ଷରୁ ଯଦି ସତର୍କତା ଅବଲମ୍ବନ କରାନଯାଏ ତା' ହେଲେ ଅଚିର ଭବିଷ୍ୟତରେ ସେହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନେ ଧ୍ୱଂସ ହୋଇ-ଯିବେ । କେବଳ ସେତିକି ନୁହେଁ, ବହୁ ଶିକ୍ଷିତ ଓ ମଧ୍ୟବିତ୍ତ ପରିବାର ସେଠାରୁ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ପଳାଇବେ । କ୍ରମେ ଆମର ଓଡ଼ିଆ ଲୋକସଂଖ୍ୟା ବିଚ୍ଛିନ୍ନାଞ୍ଚଳରେ ଦୁର୍ବଳ ହୋଇଯିବ । ବାଳକୃଷ୍ଣ ବାବୁ ମୋ କଥାରେ ସମ୍ମତି ପ୍ରକାଶ କରି ଏହା ଗୋଟିଏ ଓଡ଼ିଶାର ମୁଖ୍ୟ ବିଚାର୍ଯ୍ୟ ପ୍ରସଙ୍ଗ ବୋଲି କହିଲେ । କିନ୍ତୁ ଓଡ଼ିଶାରେ କଂଗ୍ରେସ କର୍ମୀଙ୍କ ନେତୃତ୍ୱ ହେତୁ ଏପରି ସମସ୍ୟା ଦେଖାଦେଇଛି । ସେଥିର ନିରାକରଣ ସମ୍ଭବ ନୁହେଁ ବୋଲି ମଧ୍ୟ ସେ ମତ ପ୍ରକାଶ କଲେ । ଅଧିକନ୍ତୁ ମଧ୍ୟ ସେ କହିଲେ, ସରକାରଙ୍କ ପକ୍ଷରୁ ସାହାଯ୍ୟ ସହାନୁଭୂତି ଅପେକ୍ଷା କରିବା ପରିବର୍ତ୍ତେ ବିଚ୍ଛିନ୍ନାଞ୍ଚଳ ପାର୍ଶ୍ୱବର୍ତ୍ତୀ ଛାତ୍ର ଓ ଯୁବ-କର୍ମୀମାନଙ୍କ ସାହାଯ୍ୟରେ ବିଚ୍ଛିନ୍ନାଞ୍ଚଳରେ ପ୍ରଚାର କାର୍ଯ୍ୟ ଚଳାଇବା ଶ୍ରେୟସ୍କର । ତାଙ୍କର ଏହି ପ୍ରସ୍ତାବଟି ମୋର ମନକୁ ପାଇଲା । ତେଣୁ କଟକରୁ ଫେରିଆସି ପାରଳା-ଖେମୁଣ୍ଡିରେ ଛାତ୍ରମାନଙ୍କ ପକ୍ଷରୁ ଗୋଟିଏ ସଭାର ଆୟୋଜନ ହେଲା । ମୋର ପ୍ରସ୍ତାବ ଅନୁସାରେ କେତେଜଣ ଉତ୍ସାହୀ ଛାତ୍ର ସ୍ୱତଃପ୍ରବୃତ୍ତ ହୋଇ ପାର୍ଶ୍ୱବର୍ତ୍ତୀ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନଙ୍କର ମଧ୍ୟରେ ଜାତୀୟତା ଉଦ୍ରେକ କରିବାକୁ ବାହାରିଲେ । ଛୁଟିଦିନ-ମାନଙ୍କରେ ସେମାନେ ଓଡ଼ିଆ ଗ୍ରାମମାନଙ୍କରେ କେତୋଟି ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ସେଠା ଲୋକଙ୍କୁ ପ୍ରବର୍ତ୍ତାଇଲେ । ତାହା ମଧ୍ୟ ସୁଫଳ ହେଲା । କିନ୍ତୁ ମାନ୍ଦ୍ରାଜ ସରକାରଙ୍କର ପ୍ରବଳ ପ୍ରତିକ୍ରିୟା ପ୍ରଚ୍ଛନ୍ନ ଭାବେ ସେହି ଅଞ୍ଚଳମାନଙ୍କରେ ବ୍ୟାଘାତ ସୃଷ୍ଟି କରୁଛି ଏହା ଆମେ ଆଦୌ କଳ୍ପନା କରି ନଥିଲୁ । କ୍ରମେ ଛାତ୍ରମାନଙ୍କର ଉତ୍ସାହ ହ୍ରାସ ପାଇଲା । ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନେ ଧୀରେ ଧୀରେ ନିର୍ଯ୍ୟାତନା ଭୋଗ କଲେ । ବହୁ ଅଞ୍ଚଳରୁ ପ୍ରାଥମିକ ସ୍କୁଲମାନ ଉଠିଗଲା । କେତେକ ହାଇସ୍କୁଲରେ ଓଡ଼ିଆ ଭାଷା ପରିବର୍ତ୍ତେ ପିଲମାନେ ତେଲଗୁ ଶିକ୍ଷା କରିବାକୁ ବାଧ୍ୟ ହେଲେ । ପତ୍ରିକାମାନଙ୍କରେ ଏ ସବୁ ଦୁର୍ଦ୍ଦଶା ବାରମ୍ବାର ଆମେ ପ୍ରକାଶ କଲୁ । କିନ୍ତୁ ଫଳ କିଛି ହେଲା ନାହିଁ । ପରିଶେଷରେ ଘୋର ହତାଶାର ଆବର୍ତ୍ତ ମଧ୍ୟରେ ପଡ଼ି ବିଚ୍ଛିନ୍ନାଞ୍ଚଳରେ ସଭା-ସମିତି କରିବା ଏବଂ ପ୍ରଚାରକାର୍ଯ୍ୟ ଚଳାଇବା ଉଦ୍ୟମରୁ ଆମେ ନିବୃତ୍ତ ହେଲୁ ।

Digitized by PPRACHIN, SOA

୧୯୩୯ ମସିହା ଜାନୁଆରୀ ମାସ ୧୭ତାରିଖ ଦିନ ପାରଳା ମହାରାଜାଙ୍କ ପ୍ରଥମ ପୁତ୍ର ଯୁବରାଜ ରାମଚନ୍ଦ୍ର ଦେବଙ୍କ ବିବାହ ମହା ଆଡ଼ମ୍ବର ସହକାରେ ମଧ୍ୟପ୍ରଦେଶର ସୁରୁଗୁଜା ରାଜକନ୍ୟାଙ୍କ ସଙ୍ଗେ ସମ୍ପନ୍ନ ହୋଇଥିଲା । ସେଠାରେ ବରଯାତ୍ରୀଙ୍କ ପାଇଁ ଯେଉଁ ସବୁ ବ୍ୟବସ୍ଥା ହେବାକଥା ତାହା ଆଗରୁ ପ୍ରସ୍ତୁତ କରିବା ସକାଶେ ମହାରାଜା ମୋ ସଙ୍ଗେ କେତେଜଣ ଲୋକଙ୍କୁ ପଠାଇଲେ । ଭୀଷଣ ଶୀତ ମେ ବର୍ଷ ଅନୁଭୂତ ହେଉ-ଥିବାବେଳେ ସୁରୁଗୁଜା ପରି ଗୋଟିଏ ଷ୍ଟେଟକୁ ଯିବା ଆଗରୁ ମୁଁ ଯଥେଷ୍ଟ ପରିମାଣରେ ଶୀତବସ୍ତ୍ର ସାଙ୍ଗରେ ନେଇଥାଏ । ରାୟପୁର ପର୍ଯ୍ୟନ୍ତ ଗାଡ଼ିରେ ଯାତ୍ରାକରି ସେଠାରୁ ପ୍ରାୟ ୧୦୦ ମାଇଲ ମଟରରେ ଯିବାକୁ ପଡ଼ିଲା । ଏହି ଦୀର୍ଘ ରାସ୍ତା ଦୁଇକଡ଼ରେ ବିବାହ ଉତ୍ସବ ଉପଲକ୍ଷେ ଚଟା ଓ ତୋରଣମାନ ଦିଆଯାଇଥାଏ । ଏ ସବୁ ସେଠାର ପ୍ରଜାମାନେ ବିନା ମଜୁରିରେ କରିଥାନ୍ତି । ବେଠିରେ ରାସ୍ତାଗୁଡ଼ିକ ମଧ୍ୟ ତିଆରି ହୋଇଥାଏ । ମଧ୍ୟ-ପ୍ରଦେଶର ସେ ଜଣେ ବିଶିଷ୍ଟ ଇଣ୍ଡିପେଣ୍ଡେଣ୍ଟ ଚିଫ୍ ହୋଇଥିବାରୁ ସରକାରଙ୍କ ପକ୍ଷରୁ ମଧ୍ୟ ସେଥିପାଇଁ କେତେକ ସୁବିଧା ସେ ପାଉଥିଲେ । ସୁରୁଗୁଜାରେ ବିବାହ ଶେଷ ପର୍ଯ୍ୟନ୍ତ ମୋତେ ରହିବାକୁ ପଡ଼ିଲା । ରାଜକୀୟ ଢଙ୍ଗରେ ବିରାଟ ଆୟୋଜନ ହୋଇଥିଲା ସତ; କିନ୍ତୁ ମୁଁ ସେଠାରେ ଐତିହାସିକ ଏବଂ ସାହିତ୍ୟିକ ତଥା ଭାଷାଗତ ବିଷୟାବଳୀ ସଂଗ୍ରହ କରିବାରେ ଲାଗିଥାଏ । କାରଣ ଐତିହାସିକ ଗବେଷଣା ପାଇଁ ଏହା ଗୋଟିଏ କେନ୍ଦ୍ର ବୋଲି ମୋର ଧାରଣା ଥିଲା । ଗୁପ୍ତ ବଂଶୀୟ ମହାରାଜ ସମୁଦ୍ର ଗୁପ୍ତ ଯେତେବେଳେ ଆଲହାବାଦ୍‌ରୁ କିମ୍ବା ଉଜ୍ଜୟିନୀରୁ କଳିଙ୍ଗ ସମେତ ଦକ୍ଷିଣ ଭାରତକୁ ଅଭିଯାନ କରିଥିଲେ ସେତେବେଳେ ତାଙ୍କର ସୈନ୍ୟବାହିନୀର ଗତିପଥ ଏହି ଅଞ୍ଚଳ ଦେଇ ଦକ୍ଷିଣ କୋଶଳ ଓ କଳିଙ୍ଗକୁ ବିସ୍ତାର ଲାଭ କରିଥିଲା । ଏଠାରେ ହାତୀପୋଲ ନାମକ ଗୋଟିଏ ଦୀର୍ଘ ସୁଡ଼ଙ୍ଗ ପଥ ରହିଛି । ସେଥି ମଧ୍ୟରେ ପ୍ରାଚୀନ ବ୍ରାହ୍ମୀ ଅକ୍ଷରରେ କେତେଗୁଡ଼ିଏ ଲିପି ମଧ୍ୟ ଆବିଷ୍କୃତ ହୋଇଛି । ଗୋଟିଏ କିମ୍ବଦନ୍ତୀ ଅନୁସାରେ ଏହି ସୁଡ଼ଙ୍ଗପଥ ଦେଇ ବିରାଟକାୟ ହସ୍ତୀ ମଧ୍ୟ ଯାଇପାରିବେ । ତେଣୁ ଏହାର ନାମ ହାତୀ ପୋଲ ରଖାଯାଇଛି । କିଏ କେବେ ଏ ସୁଡ଼ଙ୍ଗକୁ ପରିଷ୍କାର କରି ଉତ୍ତର ଭାରତ ସଙ୍ଗେ ଦକ୍ଷିଣ ଭାରତରେ ଗୋଟିଏ ଦୀର୍ଘ ରାଜପଥ ନିର୍ମାଣ କରିଥିଲେ ତାହା ଅଦ୍ୟାପି କୁହେଳିକା ଅଚ୍ଛନ୍ନ । ତଥାପି ଅଶୋକଙ୍କ ସମୟର ଲିପି ବ୍ୟବହୃତ ହୋଇଥିବା ଉଲ୍ଲେଖଗୁଡ଼ିକ ଏଠାରେ ରହିଥିବାରୁ ସମ୍ଭବତଃ ମୌର୍ଯ୍ୟ ବଂଶୀୟ ମହାରାଜ ଚନ୍ଦ୍ରଗୁପ୍ତ କିମ୍ବା ଅଶୋକଙ୍କ ସମୟରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୩ୟ ବା ୪ର୍ଥ ଶତାବ୍ଦୀରେ ଏହା ନିର୍ମିତ ହେବା ସମ୍ଭବ । ଏ ଦୃଷ୍ଟିରୁ ବିଚାର କଲେ ସୁରୁଗୁଜା ଗୋଟିଏ ପ୍ରାଚୀନ ଦୁର୍ଗ ରୂପେ ମଧ୍ୟ ଭାରତରେ ସ୍ଥାପିତ ହୋଇଥିଲା । ସେଠାରେ ଯେଉଁ ଲରିଆ ଭାଷା ଅଦ୍ୟାପି ଲୋକେ ବ୍ୟବହାର କରନ୍ତି ତାହା ଯେ ପ୍ରାଚୀନ ଓଡ଼ିଆ ଭାଷାର ଆଦିମ ଅବସ୍ଥାକୁ ସୂଚିତ କରେ ଏଥିରେ ମୋର ଦୃଢ଼ ବିଶ୍ୱାସ ରହିଛି । କାରଣ ଅଦ୍ୟାବଧି ଲରିଆ ଭାଷୀମାନେ ଯେଉଁ ଶବ୍ଦଗୁଡ଼ିକ ବ୍ୟବହାର କରନ୍ତି ଏବଂ ଯେପରି ତାହା ଉଚ୍ଚାରିତ ହୁଏ, ସେଥି ସଙ୍ଗେ ପଶ୍ଚିମ ଓଡ଼ିଶାର ଉପାନ୍ତ ଅଞ୍ଚଳର

Digitized by PPRACHIN, SOA

ଲୋକଙ୍କ ଭାଷା ଏବଂ ଉଚ୍ଚାରଣର ସାମ୍ୟ ପରିଲକ୍ଷିତ ହୁଏ । ଆଧୁନିକ ଗବେଷଣାରୁ ସ୍ପଷ୍ଟ ଜଣାଯାଇଛି ଯେ ବିନ୍ଧ୍ୟ ପର୍ବତମାଳାର ପାଦ ଦେଶରେ ମେଖଳ ନାମକ ଗୋଟିଏ ରାଜ୍ୟ ପାଣ୍ଡୁ ବଂଶୀୟ ରାଜାମାନଙ୍କ ଅଧୀନରେ ଶାସିତ ହେଉଥିଲା । ଖ୍ରୀଷ୍ଟପର ପ୍ରାୟ ଷଷ୍ଠ ବା ସପ୍ତମ ଶତାବ୍ଦୀରେ ସେହି ବଂଶରେ ଉଦବର ଦେବ ନାମକ ଜଣେ ରାଜା ଶରଭପୁର ରାଜାମାନଙ୍କୁ ପରାସ୍ତ କରି ତାଙ୍କର ରାଜ୍ୟଟି ହସ୍ତଗତ କରିଥିଲେ । ସଂପିତ ଶରଭପୁର ରାଜ୍ୟଟି ଓଡ଼ିଶାର ଖଡ଼ିଆଳ ସମେତ ମଧ୍ୟପ୍ରଦେଶର ରାୟପୁର, ଜଶପୁର, ଶିରପୁର ପ୍ରଭୃତି କେତେକ ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । ମହାରାଜ ଉଦବର ଦେବ ତାହା ଆକ୍ରମଣ କରି ଶିରପୁରଠାରେ ତାଙ୍କର ରାଜଧାନୀ ସ୍ଥାପନ କଲେ । ଏ ବଂଶଟି କାଳକ୍ରମେ ଓଡ଼ିଶାରେ ସୋମବଂଶ ନାମ ଧାରଣ କଲା ଏବଂ ବିନ୍ଧ୍ୟ ପାଦଦେଶରୁ ଆରମ୍ଭ କରି ସୁଦୂର ଉତ୍କଳ ପର୍ଯ୍ୟନ୍ତ ତାହା ବିସ୍ତୃତ ହୋଇଥିଲା । ମହାରାଜ ଯଯାତି ମହାଶିବ ଗୁପ୍ତ ସେହି ବଂଶରେ ଜନ୍ମ ଲାଭ କରି ଦକ୍ଷିଣ କୋଶଳ ସଙ୍ଗେ ଉତ୍କଳକୁ ମିଶାଇ ଗୋଟିଏ ବିରାଟ ରାଜ୍ୟ ଗଠନ କଲେ । ଏହି ଐତିହାସିକ ପୃଷ୍ଠଭୂମିରେ ଲରିଆ ଭାଷା ସଙ୍ଗେ ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ଭାଷାକୁ ଯଦି ଖ୍ରୀଷ୍ଟପୂର୍ବ ଯୁଗର ଉଡ୍ର ବିଭାଷା ବୋଲି ବର୍ଣ୍ଣିତ କରାଯାଏ, ତା' ହେଲେ ସୁରୁଗୁଜା ନିକଟବର୍ତ୍ତୀ ହାତୀ ପୋଲ ସୁଡ଼ଙ୍ଗ ଏବଂ ତତସ୍ଥ ଦୁର୍ଗଗୁଡ଼ିକ ସେହି ଉଡ୍ର ଜାତିର କୃତିତ୍ୱ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସୁରୁଗୁଜାର ଗୌଡ଼ମାନଙ୍କୁ ବରୁଆ କୁହାଯାଏ । ଏହି ସଂଜ୍ଞାର ପରିବର୍ତ୍ତନ ହୋଇ ଓଡ଼ିଶାରେ ଚୌଡ଼ମାନଙ୍କୁ ବେହେରା ସଂଜ୍ଞା ଦିଆଯାଇଛି ।

୧୯୩୮ ମସିହା ମେ ୨୪ତାରିଖ ଦିନ ପୁରୀର କେତେକ ମୂଲ୍ୟବାନ ଐତିହାସିକ ଅଭିଲେଖ ଆବିଷ୍କାର କରିଥିଲି । ସେଥିମଧ୍ୟରୁ ଗୋଟିଏ ହେଉଛି ଏମାର୍ ମଠରେ ସଂରକ୍ଷିତଗଙ୍ଗ ବଂଶୀୟ ମହାରାଜ ଚତୁର୍ଥ ଭାନୁଙ୍କର ତାମ୍ରଶାସନ । ୧୯୨୭ ମସିହାରେ ପ୍ରଥମେ ମୁଁ ଏହି ତାମ୍ର ଶାସନଟି ସେଠାରେ ଦେଖି ସେଥିର ଛାପା ନେଇଥିଲି । କିନ୍ତୁ ସେତେବେଳେ ତାହା ପାଠ କରିବା ମୋ ପକ୍ଷରେ ସମ୍ଭବ ହୋଇ ନଥିଲା; ତେଣୁ ମୂଳ ତାମ୍ର ଶାସନକୁ ନିର୍ଭୁଲ ଭାବେ ପାଠ କରିବାକୁ ମୁଁ ଯତ୍ନ କଲି । ଏହା ଓଡ଼ିଶା ଇତିହାସ ରୂପେ ଅତି ମୂଲ୍ୟବାନ ରେକର୍ଡ଼ ବୋଲି ଜଣାଗଲା । ଯେତେବେଳେ ୧୯୫୬ ମସିହାରେ ଏଥିର ଗୋଟିଏ ଦୀର୍ଘ ପ୍ରବନ୍ଧ ଓଡ଼ିଶା ହିଷ୍ଟରିକାଲ ରିସର୍ଚ୍ଚ ଜର୍ଣ୍ଣାଲରେ— **The Kenduli Copperplate Grant of Narasingh Deva IV of Saka 1305** ଶୀର୍ଷକ ନାମରେ ପ୍ରକାଶ ପାଇଲା । ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରରେ ସେତେବେଳେ ଭିଡ଼ ଲାଗୁଥାଏ । ତେଣୁ ମନ୍ଦିରର ଉତ୍ତର ଦିଗରେ ଗୋଟିଏ ବାଉଁଶର ସିଡ଼ି ବନ୍ଧା ହୋଇ ନୀଳଚକ୍ର ପର୍ଯ୍ୟନ୍ତ ଉଠିଥାଏ । ମୋର ମନେହେଲା ନୀଳଚକ୍ରରେ ଥିବା ଗୋଟିଏ ଓଡ଼ିଆ ଅଭିଲେଖ ଯଦି ମୁଁ ଏ ସୁଯୋଗରେ ପରୀକ୍ଷା କରିବି ତା'ହେଲେ ହୁଏତ କିଛି ନୂତନ ଐତିହାସିକ ତଥ୍ୟ ମିଳିପାରିବ; ତେଣୁ ପୁରୀର ରାଜା ସ୍ୱର୍ଗୀୟ

Digitized by PPRACHIN, SOA

ରାମଚନ୍ଦ୍ର ଦେବଙ୍କୁ ଅନୁରୋଧ କରି ସେହି ଗୃ ାରେ ନୀଳଚକ୍ର ଉପରକୁ ଉଠିଲି । ଅବଶ୍ୟ ମୋତେ ଦୁଇଜଣ ବଳିଷ୍ଠ ଯୁବକ ଉଠିବାକୁ ସାହାଯ୍ୟ କରିଥିଲେ । ନୀଳଚକ୍ରଟି ତଳକୁ ଏତେ କ୍ଷୁଦ୍ର ଦେଖାଯାଉଥିଲେ ସୁଦ୍ଧା ଏବଂ ସେଥିର ବେଢ଼ା ସଙ୍କୀର୍ଣ୍ଣ ବୋଲି ଜଣାଯାଉଥିଲେ ସୁଦ୍ଧା ତାହା ସେପରି ନୁହେଁ । ନୀଳଚକ୍ରର ଉଚ୍ଚତା ଅନ୍ୟୂନ ୭।୮ ଫୁଟ ଏବଂ ସେଥିର ଚତୁର୍ଦ୍ଦିଗର ଗୋଲେଇର ବା ଦଧିନଉତର ଚଉଡ଼ା ଅନ୍ୟୂନ ୩।୪ ଫୁଟ ବୋଲି ଜଣାଗଲା । ତେଣୁ ତାର ଚତୁର୍ଦ୍ଦିଗରେ ସ୍ୱଚ୍ଛନ୍ଦରେ ଜଣେ ବୁଲାବୁଲି କରି ପାରିବା ସମ୍ଭବ । ନୀଳଚକ୍ରରେ ଯେଉଁ ଅଭିଲେଖଟି ଓଡ଼ିଆ ଅକ୍ଷରରେ ଲେଖାଯାଇଛି ତାହା ଖୋର୍ଦ୍ଧାରାଜା ରାମଚନ୍ଦ୍ର ଦେବଙ୍କ ସମୟର ବୋଲି ଜଣାଗଲା । କିମ୍ବଦନ୍ତୀ ଅଛି ଯେ ଏକ ସମୟରେ ତୋଫାନ ହେବାରୁ ନୀଳଚକ୍ରଟି ଉଡ଼ିଯାଇ ଯେଉଁଠାରେ ପଡ଼ିଥିଲା ତାହା ଚକ୍ରତୀର୍ଥ ନାମରେ ପରିଚିତ ହୁଏ । ମାଦଳା ପାଞ୍ଜିରେ ମଧ୍ୟ ଏ ବିଷୟ ଉଲ୍ଲେଖ ଅଛି । ତାହା ପରେ ରାମଚନ୍ଦ୍ର ଦେବଙ୍କ ସମୟରେ ଆଉ ଗୋଟିଏ ନୂଆ ନୀଳଚକ୍ର ଦେଉଳରେ ଲଗିଲା । ଏହି ଅଭିଲେଖରୁ ମଧ୍ୟ ସେ କଥା ସ୍ପଷ୍ଟଭାବରେ ପ୍ରମାଣିତ ହୁଏ ।

ପୁରୀର ରାଜା ମୋଠାରୁ ଏହିସବୁ ଖବର ପାଇ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରି ତାଙ୍କ ଉଆସରେ ଥିବା ଗୋଟିଏ ପ୍ରସ୍ତର ଲେଖ ମୋତେ ଦେଖାଇଲେ । ସେହି ଭଗ୍ନ ପ୍ରସ୍ତର ଖଣ୍ଡିକ କୌଣସି ପ୍ରାଚୀନ ମନ୍ଦିରର ଅଂଶ ବିଶେଷ ବୋଲି ଜଣାଯାଉଥିଲା । ରାଜା ସାହେବଙ୍କଠାରୁ ଶୁଣିଲି ବିମଳାଙ୍କ ମନ୍ଦିର ସମ୍ମୁଖରେ ଯେଉଁ କୂଅଟି ଅଛି, ତାହା ପଙ୍କୋଦ୍ଧାର କଲାବେଳେ ସେଥିରୁ ଏ ଅଭିଲେଖଟି ଆବିଷ୍କାର କରାଯାଇଥିଲା । ମୋର ସ୍ମରଣ ହେଉଛି ଦକ୍ଷିଣ ଭାରତୀୟ ଲିପିରେ ମହାରାଜ ରାଜ ରାଜଦେବଙ୍କ ସମୟରେ ସେହି ଅଭିଲେଖଟି ଶ୍ରୀ ଜଗନ୍ନାଥ ମନ୍ଦିରକୁ ଦୀପ ଦାନ ପାଇଁ ଖୋଦିତ କରାଯାଇଥିଲା । ଗଙ୍ଗ ବଂଶର ଇତିହାସରୁ ଜଣାଯାଇଛି ରାଜ ରାଜଦେବ ନାମକ ଜଣେ ପୁତ୍ର ଚୋଡ଼ଗଙ୍ଗ ଦେବଙ୍କର ଥିଲେ ଏବଂ ତାଙ୍କର ନାତି ୩ୟ ରାଜ ରାଜଦେବ ୧୧୨୦ ଶକାବ୍ଦରେ ଦାସଗୋବା ଗ୍ରାମକୁ ପ୍ରାପ୍ତ ଗୋଟିଏ ତାମ୍ର ଶାସନ ଦାନ କରିଥିଲେ । ଏ ରାଜା-ମାନଙ୍କର ଅପାର ଦାନଗୁଡ଼ିକ ଅଦ୍ୟାପି ତାମ୍ରଲେଖ ଏବଂ ଶିଳାଲେଖମାନଙ୍କରୁ ପ୍ରକଟିତ ହୁଏ । ଏଥିରୁ ମୂଲ୍ୟବାନ ଓଡ଼ିଶାର ଐତିହାସିକ ତଥ୍ୟ ଆମେ ପାଇପାରୁଛୁ ।

ଏଠାରେ କହିରଖିବା ଆବଶ୍ୟକ ଯେ ନିଶାଳୀ ମଠ ମହନ୍ତଙ୍କ ଗୋଟିଏ ମୌଜା କଟକ ଜିଲ୍ଲାର କେନ୍ଦୁଲି ନାମକ ଗ୍ରାମ ସମୀପବର୍ତ୍ତୀ କୌଣସି ଜମିରୁ ଖୋଳ କଲାବେଳେ ସଂଶିତ ତାମ୍ରଗୁଚ୍ଛ ମିଳିଥିଲା । କେନ୍ଦୁଲି ଗୋଟିଏ ବ୍ରାହ୍ମଣ ଶାସନ ରୂପେ ଗଙ୍ଗବଂଶୀୟ ରାଜାମାନଙ୍କ ଶାସନ କାଳରୁ ପ୍ରତିଷ୍ଠା ଲାଭ କରିଥିବାରୁ ଏବଂ ସେଠାରେ କେତେକ ପ୍ରାଚୀନ ମନ୍ଦିର ଅଦ୍ୟାବଧି ଭଗ୍ନ ଅବସ୍ଥାରେ ରହିଥିବାରୁ ଓଡ଼ିଶାର ପଣ୍ଡିତ-ମାନେ ତାହା ମହାକବି ଜୟଦେବଙ୍କର ଜନ୍ମଭୂମି କେନ୍ଦୁବିଲ୍ୱ ଗ୍ରାମ ବୋଲି ସ୍ଥିର

Digitized by PPRACHIN, SOA

କରିଅଛନ୍ତି । ବର୍ତ୍ତମାନ ସେଠାରେ ଜୟଦେବଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗୋଟିଏ ଅନୁଷ୍ଠାନ ଗଢ଼ି ଉଠିଛି । ବହୁଦିନରୁ ବଙ୍ଗ ଦେଶର କେତେକ ପଣ୍ଡିତ ଜୟଦେବଙ୍କୁ ସେ ଅଞ୍ଚଳର ଜଣେ କବି ବୋଲି କହୁଥିଲେ । କିନ୍ତୁ କେନ୍ଦୁବିଲ୍ୱ ଯେ କେନ୍ଦୁଲି ଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟ ଏବଂ ଜୟଦେବ ଯେ ଗଙ୍ଗବଂଶୀୟ ମହାରାଜ ରାଘବ ଦେବଙ୍କ ସମୟରେ ଶ୍ରୀ କୂର୍ମ କ୍ଷେତ୍ରରେ ଜଣେ ମୁଖ୍ୟ ସାଧୁ ରୂପେ ଅବସ୍ଥାନ କରିଥିଲେ, ଏ ପ୍ରସଙ୍ଗ ୧୯୬୩ ମସିହାରେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରୁ ଆବିଷ୍କୃତ ଗୋଟିଏ ଶିଳାଲେଖ ପାଠ କରି ତାହା ଗବେଷଣା ପତ୍ରିକାରେ ମୁଁ ପ୍ରକାଶ କଲାପରେ ସେହି ପ୍ରାଚୀନ ମତଟି ପରିବର୍ତ୍ତିତ ହୋଇ ଓଡ଼ିଶାହିଁ ଜୟଦେବଙ୍କ ଜନ୍ମଭୂମି ରୂପେ ଦୃଢ଼ ମତ ପ୍ରକଟିତ ହେଲା ।

ଓଡ଼ିଶାରୁ ଯେଉଁ ପ୍ରାଚୀନ ଅଭିଲେଖଗୁଡ଼ିକ ପ୍ରଦେଶ ଗଠନ ପରେ ଆବିଷ୍କୃତ ହେଲା, ସେଥିର ଯଥାଯଥ ଗବେଷଣା କରିବାପାଇଁ ଗୋଟିଏ ମ୍ୟୁଜିୟମ ଏବଂ ଲାଇବ୍ରେରୀର ଅଭାବ ମୁଁ ଅନୁଭବ କଲି । ଏଥି ସରକାରଙ୍କ ଦୃଷ୍ଟି ଏଥିପ୍ରତି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଇତିହାସପ୍ରେମୀ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ସହିତ ଆଲୋଚନା କଲି । ଶ୍ରୀଯୁକ୍ତ କାନୁନ୍‌ଗୋ ସେତେବେଳେ ଓଡ଼ିଶାର ଜଣେ ମନ୍ତ୍ରୀରୂପେ ନିର୍ବାଚିତ ହୋଇଥାନ୍ତି । ସୁତରାଂ ତାଙ୍କର କ୍ଷମତା ବଳରେ ସେ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗୀୟ ଉଚ୍ଚ କର୍ମକର୍ତ୍ତାମାନଙ୍କୁ ପ୍ରଭାବିତ କରିବାକୁ ମୁଁ ତାଙ୍କୁ ଅନୁରୋଧ କଲି । ସେ ମଧ୍ୟ ଆଗ୍ରହର ସହିତ ମୋ ପ୍ରସ୍ତାବରେ ସମ୍ମତି ଜ୍ଞାପନ କଲେ । ଏଠାରେ କହି ରଖିବା ଆବଶ୍ୟକ ଯେ, କଲିକତାର କେତେଜଣ ବଙ୍ଗାଳୀଙ୍କ ଚେଷ୍ଟାରେ ପୁରୀଠାରେ ସ୍ୱର୍ଗୀୟ ଜାନକୀନାଥ ବୋଷ ( ସୁଭାଷ ବୋଷଙ୍କ ପିତା ) ଗୋଟିଏ କ୍ଷୁଦ୍ର ସଂଗ୍ରହାଳୟ ପ୍ରସ୍ତୁତ କରିଥାନ୍ତି । ତାଙ୍କ ଚେଷ୍ଟାରେ କେତେଗୁଡ଼ିଏ ମୂଲ୍ୟବାନ ପ୍ରସ୍ତର ମୂର୍ତ୍ତି ବିଭିନ୍ନ ସ୍ଥାନରୁ ସଂଗୃହୀତ ହୋଇ ଏଠାରେ ରଖା ଯାଇଥିଲା । ତେଣୁ ତାଙ୍କ ସଙ୍ଗେ ପତ୍ରାଳାପ କରି ମୁଁ ବୁଝି ପାରିଲି ଯଦି ଉପଯୁକ୍ତ ମୂଲ୍ୟ ଦେଇ ଓଡ଼ିଶା ସରକାର ତାହା କ୍ରୟ କରିବେ ତା’ ହେଲେ ସମସ୍ତ ସଂଗୃହୀତ ପ୍ରତ୍ନତାତ୍ତ୍ୱିକ ବସ୍ତୁ ସେ ଦେବାକୁ ପ୍ରସ୍ତୁତ । ମୋର ଅନ୍ୟ ଏକ ପତ୍ରର ଜବାବ ଦେଇ ସେ ଏଥିର ମୂଲ୍ୟ ଦଶ ହଜାର ଟଙ୍କା ବୋଲି ଜଣାଇଦେଲେ । ତାଙ୍କଠାରୁ ଏହି ପ୍ରତିଶ୍ରୁତି ପାଇ ସେ କଥା ଶ୍ରୀଯୁକ୍ତ କାନୁନ୍‌ଗୋଙ୍କୁ ମୁଁ ଜଣାଇ ଦେଲି । କିନ୍ତୁ ଦୁଃଖର ବିଷୟ ଓଡ଼ିଶାର ତତ୍କାଳୀନ ଆର୍ଥିକ ଅନଟନ ହେତୁ ପୁଣି ଓଡ଼ିଶାରେ ଗୋଟିଏ ସଂଗ୍ରହାଳୟର ଅଭାବ ଯୋଗୁ ସରକାରଙ୍କ ପକ୍ଷରୁ ଏହା କାର୍ଯ୍ୟକାରୀ ହେଲା ନାହିଁ । ଫଳରେ ବହୁ ମୂଲ୍ୟବାନ ପ୍ରତ୍ନତାତ୍ତ୍ୱିକ ବସ୍ତୁ ଓଡ଼ିଶାରୁ ଅନ୍ୟାନ୍ୟ ଅଞ୍ଚଳକୁ ଚାଲିଗଲା । ଯଥେଷ୍ଟ ମୂଲ୍ୟ ଦେଇ କଲିକତା ମ୍ୟୁଜିୟମ ଏବଂ ବଙ୍ଗୀୟ ସାହିତ୍ୟ ପରିଷଦ ଓଡ଼ିଶାର ପ୍ରାଚୀନ ମୂର୍ତ୍ତିଗୁଡ଼ିକ କ୍ରୟ କରିବାକୁ ଲାଗିଲେ । କ୍ରମେ ଏହା ଗୋଟିଏ ଧାରାବାହିକ ବ୍ୟବସାୟରେ ପରିଣତ ହେଲା । ଭାରତର ବିଭିନ୍ନ ସଂଗ୍ରହାଳୟମାନଙ୍କୁ କେବଳ ନୁହେଁ ବୈଦେଶିକ ସଂଗ୍ରହାଳୟମାନଙ୍କରେ ମଧ୍ୟ ଓଡ଼ିଶାର ପ୍ରତ୍ନସମ୍ପଦ ସେଥିର

Digitized by PPRACHIN, SOA

ଶ୍ରୀବୃଦ୍ଧି କଲା । ଏଣୁ ଓଡ଼ିଶାରେ ମୋ ପରି କେତେଜଣ ଐତିହାସିକ ଅନୁସନ୍ଧିତ୍ସୁ ଜଗ୍ଣାରେ ପଡ଼ି କେବଳ ପତ୍ରିକାମାନଙ୍କରେ ଏଥିର ପ୍ରତିକାର ପାଇଁ ଲେଖିଲି । ଶ୍ରୀଯୁକ୍ତ କାନୁନ୍‌ଗୋ ଏଥିପ୍ରତି କେନ୍ଦ୍ର ସରକାରଙ୍କର ପ୍ରତ୍ନତତ୍ତ୍ୱ ବିଭାଗୀୟ ଉଚ୍ଚ କର୍ମକର୍ତ୍ତା ( Director General of Archaeology )ଙ୍କୁ ଲେଖି ଓଡ଼ିଶା ଗସ୍ତରେ ଆସିବା ପାଇଁ ଅନୁରୋଧ କଲେ । ସେତେବେଳେ ଶ୍ରୀଯୁକ୍ତ ଦୀକ୍ଷିତ, ଡାଇରେକ୍ଟର ଜେନେରାଲ ଅଫ୍ ଆର୍କିଓଲଜି ରୂପେ କାମ କରୁଥିଲେ । ୧୯୩୮ ଡିସେମ୍ବର ୨ ତାରିଖ ଦିନ ଶ୍ରୀ କାନୁନ୍‌ଗୋ କଟକଠାରୁ ଗୋଟିଏ ସରକାରୀ ପତ୍ରରେ ମୋତେ ଜଣାଇଦେଲେ—

My dear Satynarayan Babu

The Director General of Archaeological survey for India is expected to be here on the 5th of January. As you are one of the very few ( possibly the only one ) scholar interested in Archaeology. I shall be obliged if you could write and let me know the sites of archaeological interest which if excavated or explored would give results of importance. This will enable me to press the Government of India to undertake such works.

With regards
yours sincerely
N. Kanungo

ଏହି ଉତ୍ତର ପାଇଲା ପରେ ମୁଁ ତାଙ୍କୁ ଲେଖିଲି ଯେ—ଓଡ଼ିଶାରେ ବର୍ତ୍ତମାନ ଯଦି Excavation କାମ କରାଯାଏ, ତା’ ହେଲେ ସେଥିରୁ ଯାହା କିଛି ଆବିଷ୍କାର କରାଯିବ ସେ ସମସ୍ତ ମୂଲ୍ୟବାନ ବସ୍ତୁ ଓଡ଼ିଶାରେ ସଂଗ୍ରହାଳୟ ଅଭାବରୁ କଲିକତାକୁ ପଠାଇ ଦିଆଯିବ । ଏଣୁ Excavation କାର୍ଯ୍ୟରେ ପ୍ରଥମେ ଆଗ୍ରହ ପ୍ରକାଶ କରିବା ଉଚିତ ନୁହେଁ । ଆପଣ ଯଦି ଓଡ଼ିଶା ସରକାରଙ୍କୁ ପ୍ରବର୍ତ୍ତାଇ ଅନ୍ୟୂନ ଏକ ଲକ୍ଷ ଟଙ୍କା ଏଥିପାଇଁ ବଜେଟରେ ରଖିପାରିବେ ତା’ ହେଲେ ଗୋଟିଏ କ୍ଷୁଦ୍ର ସଂଗ୍ରହାଳୟ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିବ । ଏଥି ନିମନ୍ତେ ଗୋଟିଏ ଯୋଜନା ପ୍ରସ୍ତୁତ କରି ତାଙ୍କଠାକୁ ପଠାଇଲି । ସେହି ମୂଳ ଯୋଜନାର ଗୋଟିଏ ନକଲ ଅଦ୍ୟାପି ମୋ ଫାଇଲରେ ରହିଛି । ଅବଶ୍ୟ ସେତେବେଳେ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ତଥାପି ସଂଗ୍ରହାଳୟ ସଂପୃକ୍ତ ପ୍ରାଚୀନ ବିବରଣୀ ସଂଗ୍ରହ କରିବାକୁ ଯେଉଁମାନେ ଆଗ୍ରହ ପ୍ରକାଶ କରନ୍ତି ସେମାନଙ୍କ ସକାଶେ ସେହି ମୂଳ ଲେଖା ଅବିକଳ ଏଠାରେ

Digitized by PPRACHIN, SOA

ପ୍ରକାଶ କଲି—ଏଠାରେ କହିବା ଆବଶ୍ୟକ ଯେ, ୧୯୨୭ ଠାରୁ ୩୦ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ସରକାରଙ୍କର ବଜେଟ୍‌ରେ ଯେଉଁ ମ୍ୟୁଜିୟମ ସମ୍ପର୍କୀୟ ଖର୍ଚ୍ଚ ହିସାବ କରି ଓଡ଼ିଶା ପାଇଁ ମଧ୍ୟ ବତ୍ସର କରାଯାଇଥିଲା, ସେଥିର ଗୋଟିଏ ନକଲ ଓଡ଼ିଶା କମିଟିଙ୍କ ରିପୋର୍ଟରୁ ଉଦ୍ଧାର କରି ସେଥିରେ ଦର୍ଶାଇଥିଲି ।

To

Hon'ble Mr. Nityanand Kanungo, Minister, Orissa, Cuttack.

From

S. N. Rajaguru, Municipal Councillor, Parlakimedi.

Dear Sir,

I am extremely glad to learn that the Govt. of Orissa have alloted a sum of Rs.50,000/-in the Budget for the year 1939-40, to establish a museum in Orissa for which I could not but express my sincere thanks to you and to those who are responsible for originating this idea. I earnestly believe that all of our wantings and difficulties on the line of Historical research will be removed if the said institution will function with adequate supply of matterials. To promote the scientific studies of the annals of our country, which at present is based irrelevent datas it is necessary to make arrangements for collection of original records, or atleast the fecsimilies and true copies of them, which should necessarily be placed in such orderly manner that it would create facilities even for a layman to understand what Orissa was in her past centuries.

At first the following sections may be oppend in the Museum :- (1) Archaeology (2) Epigraphy (3) Ethnology (4) M. S. Library 5) Industry and (6) Agriculture. And in course of time the other sections may be added in it to make it a fulfledged institution.

In order to uphold the special charecteristic of Orissa and to make use of the advantages, cheeply available in this province, I think, this museum should have to concentrate its activities towards the antiquitarian collections. We need not go very far

Digitized by PPRACHIN, SOA

to fetch necessary Archaeological and epigraphic materials for preservation, and as for the Ethnological research, Orissa is the only fitest place where there is the largest area called the Backward tracts, inhabited by different primitive tribes of great ethic importance. Thus our province is the eldo-rado of antiquities and the credel of the ancient civilization and culture. Hundreds and thousands of M. S. Records, written in palm-leaves, are scattered in the rural Orissa, and when they will be properly investigated, I hope a great civilization of the Oriyas will come to light to the entire surprise of our sisterna-tions.

To put the above objcet into practise, I suggest that a scholar may be engaged to through all the places of historical importance in Orissa and to make a list of articles need preser-vation in the said Museum. And another scholar may be send to Madras, Calcutta, Patna, and Nagpur to have personal aqu-aintance with the exiting systems, adopted to run the Museums there, and to study the historical matterials preserved in the. These two scholars should nacessarily finish their work before the ensuing rainny season by which time the construction work would be finished and the building would be ready for the com-mencement of Museum work.

You know that I have been engaged in this line of work since 15 years or so, and have discovered many important inscriptions of the early and medeaval ages. I shall be thankful to you if you kindly make use of my service in the proposed Museum, and there by giving me chance to fulfill my life's ambition.

With best of my regards.

Yours Sincerely

Sd/-Satyanarayan Rajguru.

From :

S. N. Rajaguru, Parlakhemundi

Dated the 28th, Feb. 1939.

Digitized by PPRACHIN, SOA

Quoted from the report of the Orissa Committee Vol 1-PP. 135.

Scientific Departments : –

The expenditure under this head for the whole province has been.

| Items | 1927-28 | 1928-29 | 1929-30 |
|---|---|---|---|
| (A) Archaeological Dpt. | 0. 12 | 0. 09 | 0.03 |
| (B) Donations to Scientific Societies. | 0. 08 | 0. 07 | 0. 07 |
| (C) Museum. | 0. 29 | 0. 23 | 0. 28 |
| (D) Ethnological grants. | - - | 0. 06 | 0. 07 |
| Total:— | 0.49 | 0. 45 | 0. 45 |

(A) is concerned with the expenditure on special repairs to the Rohtasgarh Fort (out side the Orissa Division) which is shared equally by the provincial and the Central Governments. Orissa is not concerned in this item.

(b) refers to expenditure incurred sholly in Ranchi.

(c) represents expendi ure on the Museum at Patna. The expenditure in these years may have been partly spent in connection with its activities in the Orissa Division, for example, in catalogueing palm-leaf manuscripts in Orissa for which some expenditure incurred in 1927-28 and probably in 1928-29, but it is not geographically referable to that Division. Whatever has been spent has resulted in enriching the Patna-Museum.

(D) is a grant for Ethnological researches among Uraons and Mundas hill tribes of Chota Nagpur Division.

Practically therefore no part of the above expenditure can be assigned to Orissa, and it is certainly not essential that any should be incurred by the new Government.

Digitized by PPRACHIN, SOA

ସେ ବର୍ଷ ଜୁଲାଇ ୮ ତାରିଖରେ ଶ୍ରୀଯୁକ୍ତ କାନୁନ୍‌ଗୋଙ୍କୁ ମୁଁ ଗୋଟିଏ ଚିଠିରେ ଜଣାଇଦେଲି ଯେ ଓଡ଼ିଶାରେ ଯେତେ ପରିମାଣରେ ମୂଲ୍ୟବାନ୍ ଐତିହାସିକ ବସ୍ତୁ ରହିଛି ତାହା ସଂଗ୍ରହ କରି ମ୍ୟୁଜିୟମ ଗଠିତ ହେଲେ ଭାରତର ଯେ କୌଣସି ସଂଗ୍ରହାଳୟଠାରୁ ତାହା ଉନ୍ନତ ବୋଲି ଗୃହୀତ ହେବ । ଏଥିର ଉତ୍ତର ଟିକିଏ ଡେରିରେ ଜୁଲାଇ ୨୭ ତାରିଖ ଦିନ ମୁଁ ତାଙ୍କଠାରୁ ପାଇଲି । ଆଗରୁ ମୁଁ ତାଙ୍କୁ ଜଣାଇଥାଏ ଯେ ପୁରୀରେ B. N. Ray ନାମକ ଜଣେ ବଙ୍ଗାଳୀ ଯେଉଁ ପ୍ରତ୍ନତାତ୍ତ୍ୱିକ ବସ୍ତୁ-ଗୁଡ଼ିକ ସଂଗ୍ରହ କରିଛନ୍ତି, ତାହା ଯଦି ତାଙ୍କଠାରୁ କ୍ରୟ କରାଯାଏ, ତେବେ ଓଡ଼ିଶାର ପ୍ରସ୍ତାବିତ ମ୍ୟୁଜିୟମ ସମୃଦ୍ଧ ହେବ । ସେ ତାଙ୍କର ଉତ୍ତରଟି ନିମ୍ନ ପ୍ରକାରେ ଲେଖିଥିଲେ—

Cuttack

The 27th July 1939

My dear Mr. Rajguru,

Please excuse me for the inordinate delay in replying to your letter of the 8th July. I had been out to Simla and came back in the 25th. I have heard of the talk about the purchase of B. N. Roy's collection by the Calcutta University. My impression is that this is a commercial stunt with the intention of securing a handsome offer for the collection. I saw the collection of Roy several years back. As far as I remember the exhibits, at least some of them, have high antistic value, but I wonder if they have anything else beyond that. On the whole I do not consider the collection to be of very great importance form the historical or archaeological point of view. Any way, I am going to look into the collection on the 2nd of August. I am glad that you are taking interest in the proposal for a museum in orissa. Hon'ble Mr. Dub handles the work and I am passing on your letter to him. I believe, the problem of the museum will be crystalised very soon and by next year we will have the buildings ready.

with regards. Yours sincerely, N. kanungo.

Digitized by PPRACHIN, SOA

ଏହା ପରେ ସେ ବର୍ଷ ସରକାରଙ୍କ ବଜେଟରେ ମ୍ୟୁଜିୟମ ପ୍ରତିଷ୍ଠା କରିବାକୁ ପ୍ରାୟ ୫୦ ହଜାର ଟଙ୍କା ଗଚ୍ଛିତ ହୋଇଥିବାରୁ ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ପରାମର୍ଶ କ୍ରମେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀ ବୋର୍ଡିଗ୍ରାମ ଦୁବେଙ୍କୁ ପତ୍ର ଦେଇ ସଂଗ୍ରହାଳୟର କାର୍ଯ୍ୟକାରିତା ସମ୍ବନ୍ଧରେ କେତେକ ଜ୍ଞାତବ୍ୟ ବିଷୟ ଜଣାଇଦେଲି । କିନ୍ତୁ ଯଥାସମୟରେ ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । କାରଣ ସେତେବେଳେ ଓଡ଼ିଶାର ଚତୁର୍ଦ୍ଦିଗରେ ବିଶେଷତଃ ଗଡ଼ଜାତ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ତୀବ୍ର ଆନ୍ଦୋଳନ ହୋଇ ଧ୍ୱଂସାତ୍ମକ କାର୍ଯ୍ୟରେ ତାହା ପରିଣତ ହେଲା । ସେ ବର୍ଷ ଜାନୁୟାରୀ ୫ ତାରିଖରେ ରଣପୁରର ପ୍ରଜାମାନେ କେତେକ ନେତାଙ୍କ ପରାମର୍ଶ କ୍ରମେ ଓଡ଼ିଶାର **Political Agent** ବ୍ୟାଜଲ ଗେଟ୍‌ଙ୍କୁ ହତ୍ୟା କଲେ । ଏଥିର ପ୍ରତିକ୍ରିୟା ଭାରତର କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ଇଂଲଣ୍ଡ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ବ୍ୟାପିଗଲା । କଠୋର ଶାସନ ବଳରେ ଗଡ଼ଜାତର ବହୁ ପ୍ରଜା ଓ କର୍ମୀଙ୍କୁ କଠୋର ଦଣ୍ଡ ଦିଆଗଲା । ଏଥିରେ କଂଗ୍ରେସ ପକ୍ଷରୁ ମଧ୍ୟ ତୀବ୍ର ଆନ୍ଦୋଳନ ସୃଷ୍ଟି ହେଲା ଏବଂ ପଡ଼ୋଶୀ ରାଜ୍ୟମାନଙ୍କରେ ଧ୍ୱଂସାତ୍ମକ କାର୍ଯ୍ୟ ଦେଖାଦେବାରୁ କଂଗ୍ରେସ ମନ୍ତ୍ରୀମାନଙ୍କ ମନରେ ଶାନ୍ତି ରହିଲା ନାହିଁ । ଗଡ଼ଜାତର ରାଜା-ମାନେ ମଧ୍ୟ ବ୍ରିଟିଶ ସରକାରଙ୍କର ନିର୍ଦ୍ଦେଶକ୍ରମେ ପ୍ରଜାମାନଙ୍କୁ ସଂଜତ କରି ଶାସନ କାର୍ଯ୍ୟରେ ଦୃଢ଼ନୀତି ଗ୍ରହଣ କଲେ । ଏ ସମସ୍ତ ବିପର୍ଯ୍ୟୟ ଭିତରେ ପଡ଼ି ଓଡ଼ିଶାର କେତେକ ଉନ୍ନତିକର କାର୍ଯ୍ୟ ବ୍ୟାହତ ହେଲା । ସେଥି ମଧ୍ୟରୁ ଓଡ଼ିଶା ମ୍ୟୁଜିୟମ ଗଠନ ଅନ୍ୟତମ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଓଡ଼ିଶାର ସାହିତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟର ଉନ୍ନତି ପାଇଁ ଯେଉଁମାନେ ସେତେବେଳେ ଲାଗିଥାନ୍ତି, ତାଙ୍କ ମଧ୍ୟରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଅନ୍ୟତମ । ଓଡ଼ିଶା ସାହିତ୍ୟର ଏବଂ ଭାଷାର କ୍ରମବିକାଶ ସମ୍ବନ୍ଧରେ ଗୋଟିଏ ପୁସ୍ତକ ଲେଖିବାକୁ ସେ ଚେଷ୍ଟା କରୁଥିଲେ । ସେ ବର୍ଷ ଜୁଲାଇ ମାସରେ ତାଙ୍କଠାରୁ ଗୋଟିଏ ପତ୍ର ପାଇ ମୁଁ ଜାଣିପାରିଲି ଯେ 'ଗଦ୍ୟ ପଦ୍ୟାଦର୍ଶ' ନାମକ ପୁସ୍ତକ ଲେଖିବାରେ ସେ ଲାଗିଛନ୍ତି; ପୁଣି ତାହା ପୂର୍ଣ୍ଣ କରିବାକୁ କେତେକ ଐତିହାସିକ ତଥ୍ୟ ଯୋଗାଇଦେବା ସକାଶେ ତାଙ୍କ ପକ୍ଷରେ ଅନୁରୋଧ କରିଛନ୍ତି । ସେ ମାସ ଦ୍ୱିତୀୟ ସପ୍ତାହରେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ମୁଁ ଶଯ୍ୟାଶାୟୀ ହୋଇଥାଏ । ମୋର ବନ୍ଧୁ ଡକ୍ଟର ରାଧା ରାଉଙ୍କ ଚିକିତ୍ସାକ୍ରମେ ମୁଁ ପ୍ରାୟ ୫ ଦିନ ପରେ ଶଯ୍ୟାରୁ ଉଠି ପାରିଲି । କିନ୍ତୁ ଦୁର୍ବଳତା ହେତୁ କଠିନ ପରିଶ୍ରମ କରିବା ମୋ ପକ୍ଷରେ ସମ୍ଭବ ହେଲାନାହିଁ । ତଥାପି ଗଦ୍ୟ ପଦ୍ୟାଦର୍ଶ ପୁସ୍ତକଟି ଯଥା ଶୀଘ୍ର ଛପିବା ଉଦ୍ଦେଶ୍ୟରେ ଆର୍ତ୍ତବାବୁଙ୍କଠାରୁ ଘନ ଘନ ତାଗିଦ୍ ପାଇବାରୁ ମୁଁ ଅଲଙ୍କାରତୋଟି ଅଭିଲେଖର ନମୂନା ତାଙ୍କଠାକୁ ପଠାଇ ପାରିଥିଲି ।

Digitized by PPRACHIN, SOA

ଜୁଲାଇ ୨୪ ତାରିଖ ଦିନ ପାରଳାଖେମୁଣ୍ଡି ତଥା ଓଡ଼ିଶାର ଜଣେ ଶ୍ରେଷ୍ଠ ନାଟ୍ୟକାର ଓ ଲେଖକ ମୋର ଗୁରୁସ୍ଥାନୀୟ ଆପନ୍ନା ପାଣିଗ୍ରାହୀଙ୍କର ତିରୋଧାନ ଆମ୍ଭମାନଙ୍କର ମନରେ ଘୋର ଆଘାତ ଦେଲା । ଅକାଳରେ ରକ୍ତଗ୍ରାପଜନିତ ରୋଗରେ ତାଙ୍କର ମୃତ୍ୟୁ ହେବାରୁ ପାରଳାଖେମୁଣ୍ଡିର ସାଂସ୍କୃତିକ ବିକାଶ ପଥରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଲା କହିଲେ ଚଳେ । ତାଙ୍କ ତିରୋଧାନରେ ଦୁଃଖିତ ହୋଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କଠାରୁ ଯେଉଁ ପତ୍ରଟି ଆମେ ପାଇଲୁ, ସେଥିରେ ଲେଖାଥିଲା —ଓଡ଼ିଶାର ସାଂସ୍କୃତିକ ଆକାଶରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଚ୍ୟୁତ ହୋଇ ଯାଇଛୁ । ତେବେ ତାଙ୍କର ଅମର ଆତ୍ମା ଆମକୁ ଗୋଟିଏ ଆଦର୍ଶ ପଥରେ ପରିଚାଳିତ କରୁ ଏହା ହିଁ ଭଗବାନଙ୍କ ନିକଟରେ ମୋର ଆନ୍ତରିକ ନିବେଦନ । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କର ଦେଶପ୍ରାଣତା, ଭାଷା ଜ୍ଞାନ, ପଣ୍ଡିତ ସହୃଦୟତା, ଉତ୍ସାହ ଏବଂ କର୍ମ ତତ୍ପରତା ଅତି ଅଦ୍ଭୁତ ପ୍ରକାରର ବୋଲି ମୁଁ ଭାବିଥାଏ । ତାଙ୍କର ମୃତ୍ୟୁପରେ ସେପରି ଜଣେ ଜନପ୍ରିୟ ନେତା ଆଜିପର୍ଯ୍ୟନ୍ତ ମୁଁ ଦେଖି ପାରିନାହିଁ ।

ଓଡ଼ିଶାରେ ଐତିହାସିକ ଗବେଷଣା କିମ୍ବା ଅନ୍ୟ କୌଣସି ଭିନ୍ନତଧରଣର ଗବେଷଣା ପାଇଁ ସେତେବେଳେ ଲୋକଙ୍କର ଆଗ୍ରହ ନଥିବାରୁ ପ୍ରଦେଶ ଗଠନ ହେଲା ପରେ ସୁଦ୍ଧା ବହୁ ଅନୁକୂଳ ଅବସ୍ଥା ସତ୍ତ୍ୱେ ଗୋଟିଏ ପ୍ରାଦେଶିକ ସଂଗ୍ରହାଳୟ କିମ୍ବା ଉଚ୍ଚ-ଧରଣର ପୁସ୍ତକାଳୟ ସ୍ଥାପନ କରିବାକୁ କେହି ହେଲେ ଆଗ୍ରହୀ ହେଲେ ନାହିଁ । ମୋ’ପରି କେତେଜଣ ଅନୁସନ୍ଧିତ୍ସୁଙ୍କର ଚେଷ୍ଟା ଏ ଦିଗରେ କାର୍ଯ୍ୟକାରୀ ନ ହେବାରୁ ମୁଁ ଭାବିଲି ଜଣେ ସଂସ୍କୃତ କବି ପ୍ରକୃତରେ ଲେଖିଛନ୍ତି—

“ଉତ୍ପଦ୍ୟନ୍ତେ ପ୍ରବଳୀୟନ୍ତେ ଦରିଦ୍ରାଣାଂ ମନୋରଥାଃ” ।

ଅର୍ଥାତ୍ ଭିକାରୀଙ୍କ ମନୋରଥ ପରି ବହୁତଗୁଡ଼ିଏ ଅଭିଳାଷ ମନରେ ଜାତହୁଏ ଏବଂ ତାହା ସେହି ମନରେ ବିଲୀନ ହୋଇଯାଏ । ମାନ୍ଦ୍ରାଜରୁ ମୋର ଜଣେ ବନ୍ଧୁ **‘The forgotten Empoer of Bijaya Nagaram’** ନାମକ ଏକ ପୁସ୍ତକ ମୋତେ ଦେଇଥାନ୍ତି । ତାହା ପଢ଼ିଲାବେଳେ ଓଡ଼ିଶା ସମ୍ପର୍କରେ କେତେକ ଐତିହାସିକ ବିବରଣୀ ମୋର ଦୃଷ୍ଟିଗୋଚର ହେଲା । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ବାହୁବଳେନ୍ଦ୍ରଙ୍କର ବୀରତ୍ୱ ବିବରଣୀ ସେଥିରେ ଲେଖାଥିବାରୁ ମୁଁ ଆଗ୍ରହର ସହିତ ସେଥିସମ୍ବନ୍ଧେ ଅଧିକ ଗବେଷଣା କରିବାକୁ ଲାଗିଲି । ଅଗଷ୍ଟ ପ୍ରଥମ ସପ୍ତାହରେ “ମୁକୁନ୍ଦ-ଦେବ ଓ ତାଙ୍କ ବଂଶ ପରିଚୟ” ଶୀର୍ଷକ ଏକ ପ୍ରବନ୍ଧ ଲେଖିବାକୁ ଆରମ୍ଭ କଲି । ଏଥିପାଇଁ ବହୁତଗୁଡ଼ିଏ ତଥ୍ୟ ଦରକାର ପଡ଼ୁଥିବାରୁ ମାନ୍ଦ୍ରାଜ କ୍ୟାନବେରା ଲାଇବ୍ରେରୀରେ ମୋର ବନ୍ଧୁ ଟି. ରାମଚନ୍ଦ୍ରନଙ୍କୁ ଅନୁରୋଧ କରି କେତେକ ଅଭିଲେଖର ପ୍ରକାଶିତ ଗ୍ରନ୍ଥ ସେଠାରୁ ମଗାଇଲି । ସେ ମୋତେ ଆବଶ୍ୟକୀୟ ତଥ୍ୟଗୁଡ଼ିକ ତ

Digitized by PPRACHIN, SOA

ଯୋଗାଇଲେ ତା ବ୍ୟତୀତ ମୁକୁନ୍ଦଦେବଙ୍କର ଗୋଟିଏ ଅପ୍ରକାଶିତ ତାମ୍ର ଶାସନର ଫଟୋ କପି ପଠାଇ ଦେଇ କହିଲେ – ଏହା ଆପଣ ଗବେଷଣା ପତ୍ରିକାରେ ଏଡ଼ିଟ୍ କରନ୍ତୁ । କାରଣ ଓଡ଼ିଶା ସମ୍ବନ୍ଧରେ ଏଠା ପଣ୍ଡିତମାନେ ବିଶେଷ ବିବରଣୀ ପାଉ ନଥିବାରୁ ବହୁଦିନ ହେଲା ଏହି ତାମ୍ର ଶାସନଟି ଅପ୍ରକାଶିତ ହୋଇ ରହିଛି । ଏଥିରେ ମୁଁ ଉତ୍ସାହିତ ହୋଇ ମୋର ଗବେଷଣା କାର୍ଯ୍ୟ ଆରମ୍ଭ କଲି । ଯେଉଁ ବିଷୟରେ ମୁଁ ଗବେଷଣା କରିବାକୁ ଯାଏ, ସେଥି ସମ୍ବନ୍ଧରେ କୌଣସି ସିଦ୍ଧାନ୍ତ ପ୍ରଥମେ ମନରେ ପୋଷଣ ନ କରି ସେ ସମ୍ପର୍କୀୟ ତଥ୍ୟଗୁଡ଼ିକ ଟିପ୍ପଣୀ ଆକାରରେ ଲେଖି ରଖେ । ସମସ୍ତ ତଥ୍ୟ ଟିପ୍ପଣୀ ଆକାରରେ ସଂଗୃହୀତ ହେଲାପରେ ସେଥିରୁ ଯାହା ଯାହା ସତ୍ୟମୂଳକ ବିବରଣୀ ମିଳୁଛି ତାକୁ ଆଧାର କରି ମୋର ସିଦ୍ଧାନ୍ତ ଶେଷରେ ପ୍ରକାଶ କରେ । ଏହି ମତରେ ପରିଚାଳିତ ଏବଂ ଅଭ୍ୟସ୍ତ ହୋଇଥିବାରୁ ମାଡ୍ରାଜ ମ୍ୟୁଜିୟମରୁ ପ୍ରାପ୍ତ ମୁକୁନ୍ଦଦେବଙ୍କର ଦାନ ଶାସନ ସମ୍ବନ୍ଧରେ ଟିପ୍ପଣୀଗୁଡ଼ିକ ଲେଖିବାକୁ ମୋତେ ପ୍ରାୟ ଦୁଇ ମାସ ଲାଗିଥିଲା । ମୋ ଗୃହରେ ଯାବତୀୟ ଜଞ୍ଜାଳ ସତ୍ତ୍ୱେ ଯେତେ-ବେଳେ ବହିପତ୍ର ନେଇ ମୁଁ ଗବେଷଣା କାର୍ଯ୍ୟରେ ଲିପ୍ତ ଥାଏ ସେତେବେଳେ ଅନ୍ୟ କୌଣସି ଚିନ୍ତା ମୋ ମନରେ ପ୍ରବେଶ କରିପାରେ ନାହିଁ । ଏଣୁ ମୋର ସ୍ତ୍ରୀ ଅନେକ ସମୟରେ ବିରକ୍ତି ପ୍ରକାଶ କରିଥାନ୍ତି । ପିଲାମାନଙ୍କ ଜଞ୍ଜାଳ ସମ୍ଭାଳିବାକୁ ଯେତେବେଳେ ସେ ଅପାରଗ ହୁଅନ୍ତି, ସେତିକବେଳେ ମୋର ଗବେଷଣାକାର୍ଯ୍ୟରେ ବ୍ୟାଘାତ ଦେବା ତାଙ୍କର ବୋଧହୁଏ ଗୋଟିଏ କୌତୂହଳରେ ପରିଣତ ହୋଇଥିଲା । ଅବଶ୍ୟ ନାରୀ ଶିକ୍ଷାର ଅଭାବ ଆମ ସମାଜକୁ ଯେତେବେଳେ ପଙ୍ଗୁ କରି ଦେଇଥାଏ । ଏଣୁ ଗବେଷଣାମୂଳକ କାର୍ଯ୍ୟର ଗୁରୁତ୍ୱ ନାରୀମାନଙ୍କ ପକ୍ଷରେ ଉପଲବ୍ଧି କରିବା ସମ୍ଭବ ହେଉ ନ ଥିଲା । କେବଳ ସେତିକ ନୁହେଁ ଶିଶୁମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ଏବଂ ଗୃହର ଅର୍ଥନୀତିକ ବ୍ୟବସ୍ଥା ସୁଚାରୁ ରୂପେ କରିବାକୁ ମଧ୍ୟ ସେମାନେ ଅପାରଗ ହୁଅନ୍ତି ।

ଗବେଷଣା କାର୍ଯ୍ୟ ଗୃହଜଞ୍ଜାଳ ଭିତରେ ପଡ଼ି ସେଠାରେ ଚଳାଇବା ଆଦୌ ସମ୍ଭବ ନୁହେଁ ଏହା ମୁଁ ସ୍ପଷ୍ଟ ଅନୁଭବ କଲି, ଯେତେବେଳେ ମୁକୁନ୍ଦଦେବଙ୍କ ସମ୍ବନ୍ଧରେ ବିଶେଷ ବିବରଣୀ ସଂଗ୍ରହ କରିବା ଅବସ୍ଥାରେ ମୋର ଦୁଇଟି ଶିଶୁପୁତ୍ର ଏକା ସଙ୍ଗେ ଟାଇଫଏଡ଼ ଜ୍ୱରରେ ଆକ୍ରାନ୍ତ ହେଲେ । ସେ ବର୍ଷ ଅଗଷ୍ଟ ମାସରେ ନିରବଚ୍ଛିନ୍ନ ଭାବେ ପାରଳାଖେମୁଣ୍ଡିରେ ବର୍ଷା ହେଉଥାଏ । ମୁଁ ରହିଥିବା ଗୃହର ଭିତ୍ତି ମରାମତି ହୋଇ ନ ଥିବାରୁ ପାଣି ଗଳି ଶୋଇବାକୁ ସ୍ଥାନର ଅଭାବ ହେଉଥିଲା । ଏପରି ଦୁର୍ଯୋଗବେଳେ ମୋର ବିମାତା ଏବଂ ସ୍ତ୍ରୀଙ୍କର ମଧ୍ୟରେ ପୂର୍ବରୁ ଥିବା ମନୋମାଳିନ୍ୟ ଉତ୍କଟ ଆକାର ଧାରଣା କଲା । ମୁଁ ମନେକଲି ବିପଦ ଯେତେବେଳେ ଆସେ ସେତେବେଳେ ସେ ତା'ର ସଙ୍ଗୀମାନଙ୍କୁ ସାଥୀରେ ନେଇ ଆସେ । କିନ୍ତୁ ବିଜ୍ଞଲୋକ ସେଥିରେ ବିଚଳିତ ନ ହୋଇ ଧୈର୍ଯ୍ୟସହକାରେ ସମସ୍ତ ଅତିବାହିତ କରନ୍ତି । ମୁଁ

Digitized by PPRACHIN, SOA

ନିଃସହାୟ ହୋଇ ପୁଣି ଏହି ବିପଦକୁ ଏଡ଼ାଇବା ପାଇଁ ଚେଷ୍ଟାକଲି । ମୋର ସ୍ମରଣ ହେଉଛି ମୋର ପ୍ରିୟ ବନ୍ଧୁ ଡକ୍ଟର ରଙ୍ଗାଚାରି ମୋତେ ଯଥେଷ୍ଟ ସାହାଯ୍ୟ କଲେ । ସେ ପ୍ରତ୍ୟହ ଆମ ଘରକୁ ଆସି ପିଲମାନଙ୍କ ଚିକିତ୍ସା କରି ଯାଉଥାନ୍ତି । ଦିନେ ମୁଁ ତାଙ୍କୁ ପଚାରିଲି ଆପଣଙ୍କର ଫିସ୍ କେତେ ? ସେଥିର ଗୋଟିଏ ବିଲ୍ ଦିଅନ୍ତୁ । ସେ ହସିଦେଇ କହିଲେ ପିଲମାନେ ସମ୍ପୂର୍ଣ୍ଣ ରୋଗମୁକ୍ତ ହେଲପରେ ଏକା ସଙ୍ଗରେ ବିଲ୍ ପଠାଇବି । ମୋର ମନେପଡ଼ୁଛି ଅକ୍ଟୋବର ମାସ ପୂର୍ବପୂର୍ବ ସେମାନେ ଶଯ୍ୟାଶାୟୀ ଥିଲେ । ତା'ପରେ ରୋଗମୁକ୍ତ ହେଲ ଉତ୍ତାରୁ ଡକ୍ଟର ରଙ୍ଗାଚାରିଙ୍କ ଠାରୁ ମୁଁ ଗୋଟିଏ ବିଲ୍ ପାଇଲି । ସେଥିରେ ଟଙ୍କା ଲେଖିବା ପରିବର୍ତ୍ତେ ସେ ଲେଖିଥିଲେ—
"Your love on me."

ସେ ବର୍ଷ ସେପ୍ଟେମ୍ବର ପହିଲ ତାରିଖରେ ଖବର କାଗଜରେ ପ୍ରକାଶ ପାଇଲା ପୋଲଣ୍ଡ ବିରୁଦ୍ଧରେ ଜର୍ମାନ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଛି । ଏଥିର ଗୋଟିଏ ସମାଧାନ ରୂପକ ସନ୍ଧି କରିବାକୁ ବ୍ରିଟିଶ ପ୍ରଧାନମନ୍ତ୍ରୀ ଲର୍ଡ଼ ଚ୍ୟାମ୍ବରଲାନ୍ ( Lord Chamber Lain ) ଚେଷ୍ଟା ଚଳାଇଥାନ୍ତି । କିନ୍ତୁ ତାଙ୍କର ଚେଷ୍ଟା ଫଳବତୀ ହେଲ ନାହିଁ । ପୋଲଣ୍ଡ ରାଜଧାନୀ ଓ୍ୱାରସା ଉପରେ ଜର୍ମାନ ପକ୍ଷରୁ ଭୀଷଣ ବୋମା ବୃଷ୍ଟି ହେଲ । ଦ୍ୱିତୀୟ ବିଶ୍ୱମହାଯୁଦ୍ଧର ଏହା ହିଁ ଅଭ୍ୟାରମ୍ଭ । ୟୁରୋପର ସବୁଦେଶ ଏଥିରେ ସମ୍ପୃକ୍ତ ହୋଇଗଲେ ତେଣୁ ଭାରତରେ ସେଥିର ପ୍ରତିକ୍ରିୟା ଦେଖାଗଲା । ହଠାତ୍ ଅନେକ ପ୍ରକାର ଆବଶ୍ୟକୀୟ ଜିନିଷ ବଜାରରେ ମିଳିଲା ନାହିଁ । ଏପରିକି ଅତ୍ୟାବଶ୍ୟକୀୟ ଖାଦ୍ୟ ଜିନିଷର ଦର ମଧ୍ୟ ଯଥେଷ୍ଟ ପରିମାଣରେ ବଢ଼ିଗଲା । ବିଶେଷ କରି ଲୁଗାପଟା, ରୂଳା ଓ ସୂତା ଜିନିଷଗୁଡ଼ିକର ଦର ଅତ୍ୟଧିକ ହୋଇଗଲା । ଏଠାରେ କହିରଖିବା ଆବଶ୍ୟକ ଯେ ଭାରତରେ ବ୍ୟବହୃତ ଲୁଗାପଟାର ଶତକଡ଼ା ସତୁରୀଭାଗ ବ୍ରିଟେନର ମାଞ୍ଚେଷ୍ଟରରୁ ଆମଦାନୀ କରାଯାଉଥାଏ । ଏଣୁ ଅର୍ଥନୈତିକ କ୍ଷେତ୍ରରେ ଭାରତକୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧିଙ୍କ ପରି କେତେକ ଚିନ୍ତାଶୀଳ ନେତା ସୂତା କାଟିବା ଏବଂ ଖଦଡ଼ ବ୍ୟବହାର କରିବା ନୀତି ଗ୍ରହଣ କରିଥାନ୍ତି । କିନ୍ତୁ ବ୍ରିଟିଶ ସରକାରଙ୍କ କୌଶଳ ହେତୁ ତାହା କାର୍ଯ୍ୟକାରୀ ହୋଇ ନଥାଏ । ଖଦଡ଼ର ମୂଲ୍ୟାୟନ କଳପ୍ରସ୍ତୁତ ଲୁଗା ପ୍ରତିଯୋଗିତାରେ ବହୁତ ପଛରେ ପଡ଼ୁଥିବାରୁ ଲୋକେ ତାହା ବ୍ୟବହାର କରିବାକୁ ଆଗ୍ରହୀ ହୁଅନ୍ତି ନାହିଁ । ଏଥିପାଇଁ ମହାତ୍ମା ଗାନ୍ଧି ଲୋକଙ୍କ ମନରୁ ଭ୍ରାନ୍ତ ଧାରଣା ଦୂର କରିବା ସକାଶେ କଂଗ୍ରେସ କର୍ମୀମାନଙ୍କୁ ପ୍ରବର୍ତ୍ତାଇ ଖଦଡ଼ ବ୍ୟବହାର କରିବା ଓ ସୂତା କାଟିବା କାର୍ଯ୍ୟକୁ ଗୋଟିଏ ଧର୍ମିଷ୍ଠ ନୀତି ଓ କର୍ତ୍ତବ୍ୟ ବୋଲି ପ୍ରଚାର କରିଥିଲେ । ଏହି ଯୁଦ୍ଧ ସମୟରେ ଭାରତରେ ସୁନା ଭରି ମୂଲ୍ୟ ହଠାତ୍ ୨୫ଟଙ୍କାରୁ ୪୦ଟଙ୍କାକୁ ବଢ଼ିଗଲା । ଗୋଟିଏ ସାରଲନର ମୂଲ୍ୟ ହେଲ ୨୭ ଟଙ୍କା । ଏଥିରେ ସେତେବେଳେ ଲୋକେ ତଟସ୍ଥ ହୋଇଗଲେ । ଆଜି ପ୍ରାୟ ୩୮ ବର୍ଷ ପରେ ଯେତେବେଳେ ସୁନା ଭରିର ମୂଲ୍ୟ ୬୫୦ ଟଙ୍କା ପର୍ଯ୍ୟନ୍ତ ହେଲଣି,

Digitized by PPRACHIN, SOA

ତଥାପି ଲୋକେ ଏଥିରେ ବିଶ୍ୱତ କିମ୍ବା ବିବ୍ରତ ହେଉ ନାହାନ୍ତି । ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ କି ପରିମାଣରେ ଆମ ଦେଶରେ ମୁଦ୍ରାସ୍ଫୀତି ଘଟିଛି ।

ଅକ୍ଟୋବର ୨୬ ତାରିଖ ଦିନ କଳାହାଣ୍ଡିର ବିଦ୍ୟୋତ୍ସାହୀ ମହାରାଜା ବ୍ରଜମୋହନ ଦେବଙ୍କର ଅକାଳ ବିୟୋଗରେ ଆମେ ମ୍ରିୟମାଣ ହୋଇ ପଡ଼ିଲୁ । କାରଣ ତାଙ୍କ ଚେଷ୍ଟାରେ ପଶ୍ଚିମ ଓଡ଼ିଶାର ଗୋଟିଏ ଅନୁନ୍ନତ ଅଞ୍ଚଳର ଶିକ୍ଷାର ଅଭ୍ୟୁଦୟ ପାଇଁ ସେ ଯେଉଁ ଚେଷ୍ଟା କରୁଥାନ୍ତି ତାହା ହଠାତ୍ ନିର୍ବାପିତ ହୋଇଗଲା । କିନ୍ତୁ ତାଙ୍କର ସୁଯୋଗ୍ୟ ପୁତ୍ର ଶ୍ରୀ ପ୍ରତାପ କେଶରୀ ଦେଓ ସେତେବେଳେ ରେଭେନ୍ସା କଲେଜରୁ ତାଙ୍କର ଶିକ୍ଷା ଶେଷ କରି ପୈତୃକ ସିଂହାସନ ଲାଭ କରିଥାନ୍ତି । ବ୍ରଜ ମୋହନ ଦେବଙ୍କର ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ମୁଁ ଲେଖିଥିବା "ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରସାର" ନାମକ ଦୀର୍ଘ ପ୍ରବନ୍ଧଟି ପୁସ୍ତକାକାରରେ ପ୍ରକାଶ କରିବାକୁ ଚେଷ୍ଟା କଲି; କିନ୍ତୁ ଯଥେଷ୍ଟ ପାଣ୍ଠି ଅଭାବରୁ ମୋର ସେହି ପୁସ୍ତକଟି ପ୍ରକାଶ ହୋଇ ପାରିଲା ନାହିଁ । ଅଦ୍ୟାପି ତାହା ପ୍ରବନ୍ଧାକାର 'ଉତ୍କଳ ସାହିତ୍ୟ' ପତ୍ରିକାର କଲେବର ଭିତରେ ଲୁଚି ରହିଛି । ଅକ୍ଟୋବର ମାସରେ ଦ୍ୱିତୀୟ ମହାଯୁଦ୍ଧ ଘନୀଭୂତ ହେବାକୁ ଲାଗିଲା । ଯେତେବେଳେ ଜର୍ମାନ ସଙ୍ଗେ ରୁଷିଆ ମିଳିତ ହୋଇ ବ୍ରିଟିଶ ଓ ଫ୍ରାନ୍ସ ବିରୁଦ୍ଧରେ ଯୁଦ୍ଧ କରିବାକୁ ଉଦ୍ୟତ ହେଲେ, ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ଯୁଦ୍ଧ ବହ୍ନି ପ୍ରସାର ଲାଭକରିବାକୁ ଭାରତରେ ବ୍ରିଟିଶ ଶାସନର ମୂଳଦୁଆ ଦୋହଲିଗଲା । କଂଗ୍ରେସ୍ ପକ୍ଷରୁ ଅସହଯୋଗ ନୀତି ଭାରତରେ ପ୍ରସ୍ତୁତ ହେବା ଫଳରେ ଜର୍ମାନ ଓ ଜାପାନ ପରି ବ୍ରିଟିଶମାନଙ୍କ ବିପକ୍ଷ ରାଜ୍ୟଗୁଡ଼ିକ ସେଥିର ପୂର୍ଣ୍ଣ ସୁବିଧା ନେବାକୁ ଚେଷ୍ଟା ଚଳାଇଲେ । ଏହା ଫଳରେ ବ୍ରିଟିଶ ଶାସକମାନେ ଭାରତକୁ ସ୍ୱାୟତ୍ତ ଶାସନଦେବା ନୀତି ଘୋଷଣା କରିଥାନ୍ତି । କିନ୍ତୁ ସେମାନଙ୍କର ପ୍ରଶାସନିକ ଚେଷ୍ଟା ଏବଂ କାର୍ଯ୍ୟକ୍ରମ କଂଗ୍ରେସ ବିରୁଦ୍ଧରେ ଥିବା କଥା ସ୍ପଷ୍ଟ ଜଣାଗଲା ଯେତେବେଳେ ଅକ୍ଟୋବର ୧୯ ତାରିଖରେ ଭାଇସ୍‌ରୟ ଦପ୍ତରରୁ ଗୋଟିଏ ଇସ୍ତାହାରରେ କଂଗ୍ରେସର ଯାବତୀୟ ଦାବୀକୁ ପ୍ରତ୍ୟାଖ୍ୟାନ କରିଦିଆଗଲା ।

ଆଗରୁ ମୁଁ କହିଛି ଯେ ଆଦିବାସୀ ଶବରମାନଙ୍କର ଆର୍ଥନୀତିକ ଉନ୍ନତି ସକାଶେ ପୁଣି ଗଞ୍ଜାମର ମାଳଅଞ୍ଚଳରେ ଅର୍ଥକାରୀ ଫଳବୃକ୍ଷ ରୋପଣ ପାଇଁ ଗୋଟିଏ ଯୋଜନା ମୁଁ ପ୍ରସ୍ତୁତ କରିଥିଲି । ତାହା ମେ ୩୧ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କୁ ପଠାଇ ଦେଇ ଗୋଟିଏ ପ୍ରସ୍ତାବ ତାଙ୍କୁ ଦେଲି । ପାଟକମଳା ବୃକ୍ଷ ରୋପଣ ପାଇଁ ପାରଳାଖେମୁଣ୍ଡି ନିକଟସ୍ଥ ଅଜୟଗଡ଼ ଓ ରାମନଗର ମଧ୍ୟରେ ଥିବା ୨୦୦ ଏକର ସରକାରୀ ଜମିରେ ପ୍ରଥମେ ଏହି ଯୋଜନାଟି କାର୍ଯ୍ୟକାରୀ କରାଗଲେ ତାହା ନିଶ୍ଚୟ ଫଳପ୍ରଦ ହେବ । ଏହାପରେ ଓଡ଼ିଶାର Director of Development ମୋର ଯୋଜନାର କେତେକ ଅଂଶ ସ୍ପଷ୍ଟୀକରଣପାଇଁ ପତ୍ର ଦେଇଥିଲେ । ମୁଁ ତାଙ୍କୁ ଜଣାଇ ଦେଲି

Digitized by PPRACHIN, SOA

ଏପରି ପତ୍ର କାରବାର ଅପେକ୍ଷା କେହି ଜଣେ ଉଚ୍ଚ କର୍ମଚାରୀ ମୋଠାକୁ ଆସିଲେ ତାଙ୍କ ସହିତ ମୁଁ ଏହି ଯୋଜନା ସମ୍ବନ୍ଧରେ ଟିକିନିଖି ବିବରଣୀ ଆଲୋଚନା କରି ପାରିବି । ଏ ସମ୍ବନ୍ଧରେ ଆଉରି ମଧ୍ୟ ମୁଁ ସୂଚାଇ ଦେଇଥିଲି ଗଣ୍ଡାହାତୀଠାରେ ଗୋଟିଏ ଜଳ-ପ୍ରପାତ ରହିଛି । ଏଥିର ଉଚ୍ଚତା ୬୦ ଫୁଟ । ଜଳଧାରଟି କ୍ଷୁଦ୍ର ହେଲେ ସୁଦ୍ଧା ସେଥିର ଉପର ଭାଗରେ ଯଦି ଗୋଟିଏ ବନ୍ଧ ତିଆରି ହୁଏ, ତା' ହେଲେ ଦୁଇଟି ପାହାଡ଼ ମଧ୍ୟବର୍ତ୍ତୀ ଉପତ୍ୟକାରେ ଯଥେଷ୍ଟ ବନ୍ୟସମ୍ପଦ ଗଚ୍ଛିତ ହୋଇପାରିବ । ଏହି ଜଳଭଣ୍ଡାର ନିମ୍ନବର୍ତ୍ତୀ ଜମିକୁ ଉର୍ବର କରିବା ସଙ୍ଗେ ଗୋଟିଏ ଗ୍ରେଟକାନ୍ ଜଳବିଦ୍ୟୁତ କାରଖାନାଟି (Hydro-Electric Project) ସୃଷ୍ଟି ହୋଇ ପାରିବ । ଜଳପ୍ରପାତ ଯେଉଁଠାରେ ପଡ଼ୁଛି ସେଠାରେ ଗୋଟିଏ ସୁବିସ୍ତୃତ ମସୃଣ ପଥରର ଚଟାଣ ରହିଥିବାରୁ ଏହି ଜଳବିଦ୍ୟୁତ ମେସିନ୍ ବସାଇବାକୁ ବେଶୀ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ । ପ୍ରାକୃତିକ ଆନୁକୂଲ୍ୟ ହେତୁ ଏହା ଓଡ଼ିଶାର ଗୋଟିଏ ଆଦର୍ଶ କାରଖାନାରେ ପରିଣତ ହେବ । ଏଠାରେ କହିରଖିବା ଉଚିତ ଯେ ମୋ ଗୁଡ଼ମା ପରିକଳ୍ପନା ସେତେବେଳେ କାହାରି ମନକୁ ସ୍ପର୍ଶ କରି ନ ଥିଲି । କେବଳ ଇଞ୍ଜିନିୟରିଂ ବୈଜ୍ଞାନିକ ଗ୍ରନ୍ଥ ଭିତରେ ହିଁ Hydro Electric ସଂପର୍କୀୟ ଜ୍ଞାନ ଭାରତୀୟ ଇଞ୍ଜିନିୟରମାନଙ୍କର ରହିଥାଏ । ମୋର ସ୍ମରଣ ହେଉଛି ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ତାଙ୍କ ଅଫିସରେ ଦେଖା କରି ଏଥି ସମ୍ବନ୍ଧେ ଗୋଟିଏ ମାନଚିତ୍ର ସହ କେତେକ ଜ୍ଞାତବ୍ୟ ବିଷୟ ଆଲୋଚନା କରିଥିଲି । ମନ୍ତ୍ରୀ ମହୋଦୟ ମୋ ପ୍ରସ୍ତାବରେ ସମ୍ମତି ଜ୍ଞାପନ କରି ଏ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ଗଞ୍ଜାମର ତତ୍କାଳୀନ ସବ୍‌କଲେକ୍ଟର ବି. ଶିବରାମନ୍ (ବର୍ତ୍ତମାନ ଭାରତର ଯୋଜନା କମିଶନର) ଙ୍କୁ ପାରଳାଖେମୁଣ୍ଡି ଯିବାକୁ ଆଦେଶ ଦେଲେ । ଅକ୍ଟୋବର ୩ତାରିଖ ଦିନ ଶିବରାମନ୍ ପାରଳାଖେମୁଣ୍ଡି ଡାକବଙ୍ଗଳାରେ ରହି ମୋ ସଙ୍ଗେ ଏ ବିଷୟଟି ଆଲୋଚନା କଲେ । ସେ ମଧ୍ୟ ଗଣ୍ଡାହାତୀ ଜଳପ୍ରପାତର ବିନିଯୋଗ ସକାଶେ ଏକମତ ହୋଇ ତାଙ୍କର ଗୋଟିଏ ରିପୋର୍ଟ ସରକାରଙ୍କୁ ପଠାଇଲେ । କିନ୍ତୁ ଏ ସବୁ ସତ୍ତ୍ୱେ ଏହା କାର୍ଯ୍ୟକାରୀ ହେଲନାହିଁ । ମୁଁ ଅନୁସନ୍ଧାନ କରି ବୁଝିଲି ଯେ କେନ୍ଦ୍ର ସରକାରଙ୍କଠାରୁ ଏଥିପାଇଁ ଆବଶ୍ୟକୀୟ ପାଣ୍ଠି ମିଳିବା ତ କଷ୍ଟକର ତା' ବାହାରେ ବିଦେଶରୁ ଯନ୍ତ୍ରପାତି ଆଣିବା ମଧ୍ୟ ସମ୍ଭବ ନୁହେଁ । କାରଣ ସେତେବେଳେ ୟୁରୋପରେ ଯୁଦ୍ଧର ଘନଘଟା ବ୍ୟାପି ଯାଇଥିଲା । ଭର୍ତ୍ତୃହରିଙ୍କର ଗୋଟିଏ ଶ୍ଳୋକ ମୋର ମନେପଡ଼ୁଛି –

"ନୈବାକୃତିଃ ଫଳତି ନୈବ କୁଳଂ ନ ଶୀଳଂ
ବିଦ୍ୟାପି ନୈବ ନ ଚ ଯତ୍ନକୃତାପି ସେବା
ଭାଗ୍ୟାନି ପୂର୍ବତପସା ଖଳୁ ସଞ୍ଚିତାନି
କାଲେ ଫଳନ୍ତି ପୁରୁଷସ୍ୟ ଯଥୈବ ବୃକ୍ଷାଃ ।"

Digitized by PPRACHIN, SOA

ଅର୍ଥାତ୍ ମନୁଷ୍ୟର ପୂର୍ବ ତପସ୍ୟା ଫଳରେ ହିଁ ଭାଗ୍ୟର ଉଦୟ ହୋଇଥାଏ । ମନୁଷ୍ୟର ରୂପ, କୁଳୀନତା, ବିଦ୍ୱତା କିମ୍ବା ଯତ୍ନ ଏଥିପାଇଁ ଦାୟୀ ନୁହେଁ । ପ୍ରକୃତରେ କହିବାକୁ ଗଲେ ଓଡ଼ିଶାର ଦକ୍ଷିଣ ସୀମାରେ ଯେଉଁ ଅନୁନ୍ନତ ଅଞ୍ଚଳଗୁଡ଼ିକ କେଉଁ ଆଦିମ ଯୁଗରୁ ଅବହେଳିତ ଅବସ୍ଥାରେ ରହିଛି ତାହା ଭଗ୍ବାନଙ୍କର କୃପାରେ ମନୁଷ୍ୟର ଭାଗ୍ୟ ପରି ଆଜି ପୁଣି ଦୈବାଧୀନ ହୋଇ ରହିଛି । ଏ ସମ୍ବନ୍ଧରେ ଗୋଟିଏ କଥା ମୋର ବାରମ୍ବାର ମନରେ ଉଦିତ ହୁଏ । ଓଡ଼ିଶାର ନେତାମାନେ ଏପରିକି ଶାସନ ଭାର ଯେଉଁମାନଙ୍କ ଉପରେ ନ୍ୟସ୍ତ ରହିଛି ସେମାନେ ଯେତେ ଶିକ୍ଷିତ ହୁଅନ୍ତୁନା କାହିଁକି ଆତ୍ମପରଜୀତରେ ହିଁ ଆଜିପର୍ଯ୍ୟନ୍ତ ବୃଡ଼ି ରହିଛନ୍ତି । ଏହା ଫଳରେ ମନ୍ତ୍ରୀମାନଙ୍କର ନିର୍ବାଚନ ମଣ୍ଡଳୀରେ ଯେତେସବୁ ଅଭ୍ୟୁଦୟମୂଳକ ଯୋଜନା କାର୍ଯ୍ୟକାରୀ ହୁଏ ଏବଂ ସରକାରଙ୍କ ଭଣ୍ଡାରରୁ ଅଜସ୍ର ଧନ ବ୍ୟୟିତ ହୁଏ, ପାରଳାଖେମୁଣ୍ଡି ମହାରାଜଙ୍କର ଯଦି ସେହି ମନୋଭାବ ରହିଥାନ୍ତା ତା'ହେଲେ ଓଡ଼ିଶା ରାଜ୍ୟ ଗଠିତ ହେବା ସଙ୍ଗେ ସଙ୍ଗେ ପାରଳାଖେମୁଣ୍ଡି ଗୋଟିଏ ସ୍ୱତନ୍ତ୍ର ଜିଲ୍ଲାରେ ପରିଣତ ହୋଇ ଉନ୍ନତି ପଥରେ ଯଥେଷ୍ଟ ଆଗେଇ ପାରିଥାନ୍ତା । ଦକ୍ଷିଣ ଓଡ଼ିଶାର ଗୋଟିଏ ମୌଳିକ ସମସ୍ୟା ରହିଛି, ଯାହା ସମାଧାନ ନ ହେବା ଫଳରେ ଏଠାରୁ କ୍ରମେ ଓଡ଼ିଆମାନଙ୍କର ସଂଖ୍ୟା ଓ ଜାତି କ୍ଷୀଣରୁ କ୍ଷୀଣତର ହୋଇ ଯାଉଛି । ସାଂସ୍କୃତିକ କ୍ଷେତ୍ରରେ ଏବଂ ଆର୍ଥିକ ବଳରେ ଯେଉଁ ଅଞ୍ଚଳଟି ପ୍ରଦେଶ ଗଠନ ହେବା ଆଗରୁ ଯଥେଷ୍ଟ ଉନ୍ନତ ଥିଲା, ତାହା ଓଡ଼ିଶାର ନେତୃସ୍ଥାନୀୟ ଶାସକଙ୍କର ଅବହେଳା ଯୋଗୁ ଯଥେଷ୍ଟ ଦୁର୍ବଳ ହୋଇ ଯାଇଛି । ଏଥିର ସୁବିଧା ପାଇ ଆନ୍ଧ୍ର ପ୍ରଦେଶର ନେତାମାନେ ଧୀର ମନ୍ଥର ଭାବେ ଯେଉଁ ଆକ୍ରମଣ ନୀତି ପ୍ରୟୋଗ କରିଛନ୍ତି ତାହା ଯେକୌଣସି ଦେଶପ୍ରେମୀ ଓଡ଼ିଆଙ୍କୁ ଘୋର ଆଘାତ ଦେବ । ଏଠାରେ କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ଐତିହାସିକ ଯୁଗରେ ଓଡ଼ିଶାର ଗଙ୍ଗବଂଶୀୟ ରାଜାମାନେ ସର୍ବ ପ୍ରଥମେ ତାଙ୍କର ରାଜ୍ୟର ସୀମାନ୍ତ ଅଞ୍ଚଳଗୁଡ଼ିକ ସୁଦୃଢ଼ କରୁଥିଲେ । ସେଠାରେ ତାଙ୍କର ସୁଯୋଗ୍ୟ ମନ୍ତ୍ରୀମାନଙ୍କୁ ସ୍ଥାପନ କରି ତାହା ବୈଦେଶିକ ଆକ୍ରମଣରୁ ରକ୍ଷା କରୁଥିଲେ । ଓଡ଼ିଶାର ରାଜନୀତିରେ ଏବେ ଏଥିର ବିପରୀତ କାର୍ଯ୍ୟ ଦେଖା-ଦେବାରୁ ଆମର ଜାତୀୟ ସଂହତି ଯଥେଷ୍ଟ ପରିମାଣରେ ବ୍ୟାହତ ହୋଇ ଯାଇଛି । ଭବିଷ୍ୟତରେ ଯେତେବେଳେ ଆମର ଆତ୍ମକୈନ୍ଦ୍ରିକ ଭାବ ଗୁଳିଯାଇ ଦେଶପ୍ରାଣତା ସୃଷ୍ଟି ହେବ ସେତେବେଳକୁ ସୀମାନ୍ତ ଅଞ୍ଚଳଗୁଡ଼ିକର ଅବସ୍ଥା ଆଉ ସୁଧୁରିବା ହୁଏତ ସମ୍ଭବ ହୋଇ ପାରିବ ନାହିଁ । ତେଣୁ ଅତି ଦୁଃଖର ସହ ଏହି ଅପ୍ରିୟ ବିଷୟଟି ଏଠାରେ ଉପସ୍ଥାପନ କରିବାକୁ ମୁଁ ବାଧ୍ୟ ହେଲି ।

ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବାକୁ ଲଗିଲା । ସେଠାରେ ଯେଉଁ ଓଡ଼ିଆମାନେ ବାସ କରନ୍ତି ତାଙ୍କର ଶିକ୍ଷା ସଭ୍ୟତା କ୍ରମେ ଅବନତ

Digitized by PPRACHIN, SOA

ହେବା ଦେଖି ମୁଁ ମନେ କଲି ମନ୍ତ୍ରୀସ୍ତରରେ ଅନୁଷ୍ଠିତ ବିଚ୍ଛିନ୍ନାଞ୍ଚଳ ସମ୍ପର୍କୀୟ ସମ୍ମିଳନୀ ପରେ ଆନ୍ଧ୍ରମାନଙ୍କ ପକ୍ଷରୁ ଓଡ଼ିଆ ମାରଣ ନୀତି ଅନୁସୃତ ହୋଇଥିଲା । ଏଥିର ଅଂଶ ପ୍ରତିକାର ପାଇଁ ନଭେମ୍ବର ୧୩ ତାରିଖରେ କଟକ ଯାଇ ଯଦୁମଣି ମଙ୍ଗରାଜଙ୍କ ଅଫିସରେ ଏ ବିଷୟଟି ଆଲୋଚନା କଲି । ସେଦିନ ଯଦୁମଣିବାବୁ ମୋତେ ନିର୍ଭର ପ୍ରତିଶ୍ରୁତି ଦେଇ କହିଲେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଶ୍ଚିତ ଭାବେ ଏଥିର ପ୍ରତିକାର କରାଯିବ । ଏହା ପରେ ବୋଧହୁଏ ଓଡ଼ିଶା ସରକାରଙ୍କ ପକ୍ଷରୁ ଗୋଟିଏ ସୁବିଧା ଦିଆଗଲା, ବିଚ୍ଛିନ୍ନ ଅଞ୍ଚଳର ଯେ କୌଣସି ଓଡ଼ିଆ ପ୍ରାର୍ଥୀଙ୍କୁ ସରକାରୀ କାର୍ଯ୍ୟରେ ନିଯୁକ୍ତି ମିଳି ପାରିବ । କିନ୍ତୁ ଏହି ବ୍ୟବସ୍ଥା ହେତୁ କେତେକ ବୁଦ୍ଧିଜୀବୀ ଓ ଶିକ୍ଷିତ ଓଡ଼ିଆ ଚିରଦିନ ସକାଶେ ତାଙ୍କର ଜନ୍ମଭୂମି ପରିତ୍ୟାଗ କରି ଓଡ଼ିଶା ଭିତରେ ଘରଦ୍ୱାର କରି ରହିଲେ । ଫଳରେ ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆମାନଙ୍କ ସଂଖ୍ୟା ଧୀରେ ଧୀରେ କମିବାକୁ ଲାଗିଲା । କିନ୍ତୁ ଅଶିକ୍ଷିତ ଗରିବ ଓଡ଼ିଆମାନଙ୍କର ଅବସ୍ଥା ସେହି ଅଞ୍ଚଳରେ ଅଧିକ ଶୋଚନୀୟ ହୋଇ-ପଡ଼ିଲା । କେତେକ ଓଡ଼ିଆ ମଧ୍ୟ ତାଙ୍କ ପିଲାମାନଙ୍କୁ ତେଲୁଗୁ ଭାଷାରେ ଶିକ୍ଷା ଦେବାକୁ ବାଧ୍ୟ ହେଲେ; କାରଣ ସେପରି ନ ହେଲେ ତାଙ୍କୁ ସେଠାରେ କୌଣସି ଚାକିରି ମିଳିବା ସମ୍ଭବ ନୁହେଁ ।

ଆନ୍ଧ୍ର ଅଞ୍ଚଳରେ ବହୁତଗୁଡ଼ିଏ ମୂଲ୍ୟବାନ ତାଳପତ୍ର ପୋଥି ନଷ୍ଟ ହେଉଥିବା ଦେଖି ଏ ବିଷୟରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ଡଃ ପ୍ରାଣକୃଷ୍ଣ ପରିଜାଙ୍କୁ ମୁଁ ଗୋଟିଏ ପତ୍ରରେ ଜଣାଇ ଦେଲି, ସେ ଯେପରି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୋଟିଏ ତାଳପତ୍ର ପୋଥି ଲାଇବ୍ରେରୀ ସୃଷ୍ଟି କରି ଗଞ୍ଜାମ ଓ ବିଚ୍ଛିନ୍ନାଞ୍ଚଳରେ ମିଳୁଥିବା ପୋଥିଗୁଡ଼ିକ ସଂରକ୍ଷଣ କରିବା ବ୍ୟବସ୍ଥା କରନ୍ତି । ମୋ ପ୍ରସ୍ତାବରେ ଡଃ ପରିଜା ସମ୍ମତି ଜ୍ଞାପନ କଲେ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣେ ପଣ୍ଡିତଙ୍କୁ ସର୍ଭେକାର୍ଯ୍ୟରେ ନିଯୁକ୍ତ କଲେ । ମୋର ସ୍ମରଣ ହେଉଛି ପରିଜା ସାହେବଙ୍କୁ କବି ଚିନ୍ତାମଣି ନାମକ ଗୋଟିଏ ସଂସ୍କୃତ ଅଲଙ୍କାର ପୋଥି ଆନ୍ଧ୍ର ଅଞ୍ଚଳର ନାରେନ୍ଦ୍ରା ପେଟାରୁ ସଂଗ୍ରହ କରି ମୁଁ ପଠାଇ ଦେଇଥିଲି । ଏହି ପୁସ୍ତକଟିର ପ୍ରଣେତା ହେଉଛନ୍ତି ପାରଳାଖେମୁଣ୍ଡିରେ ପ୍ରାୟ ୨୦୦ ବର୍ଷ ପୂର୍ବେ ବାସ କରୁଥିବା କବିରାଜ ବାସୁଦେବ ପାତ୍ର । ସେ ଗୋଟିଏ କରଣ ଗୃହରେ ଜନ୍ମ ହୋଇ ସଂସ୍କୃତ ଭାଷାରେ ଯଥେଷ୍ଟ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ସେହିପରି ଆଉ ଗୋଟିଏ ମୂଲ୍ୟବାନ ଗ୍ରନ୍ଥ 'ସଙ୍ଗୀତ ସରଣୀ' ସଂଗ୍ରହ କରି ତାହା ରେଭେନ୍ସା କଲେଜର ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ନିକଟକୁ ମୁଁ ପଠାଇଥିଲି । କଟକରେ ଅବସ୍ଥାନବେଳେ ଏହି କାର୍ଯ୍ୟ ସମ୍ପନ୍ନ କରି ଖଡ଼ିଆଳର ତତ୍କାଳୀନ ଦେବାନଙ୍କ ସଙ୍ଗେ ସେହି ଉପାନ୍ତ ଅଞ୍ଚଳର ସମସ୍ୟା ଏବଂ ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ପଦ୍ମପୁର ଇତ୍ୟାଦି ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆମାନଙ୍କ ଅବସ୍ଥା ସମ୍ବନ୍ଧରେ ଆଲୋଚନା କଲି । ତାଙ୍କର କଥାରୁ ମୁଁ ବୁଝି ପାରିଲି ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ସେଠାର

Digitized by PPRACHIN, SOA

ଓଡ଼ିଆମାନେ ଯଥେଷ୍ଟ ସହାନୁଭୂତି ଲାଭ କରିଛନ୍ତି । କିନ୍ତୁ ଦକ୍ଷିଣ ଓଡ଼ିଶାର ସମସ୍ୟା ଅତି ଜଟିଳ । ଏଣୁ ଏଥିର କିଛି ଗୋଟିଏ ସମାଧାନ କରିବାକୁ ଓଡ଼ିଶାର ପ୍ରତ୍ୟେକ ସୀମାନ୍ତ ଅଞ୍ଚଳରୁ ଆନ୍ଦୋଳନ ହେବା ଆବଶ୍ୟକ ବୋଲି ଆମ୍ଭେ ସ୍ଥିର କଲୁ ।

୧୯୩୯ ଡିସେମ୍ବର ୧୯ ତାରିଖ ଦିନ କଂଗ୍ରେସ ସରକାରଙ୍କ ନିଯୁକ୍ତ **Partially Excluded Area Enquire Committee**ର ଗୋଟିଏ ବୈଠକ ପାରଳାଖେମୁଣ୍ଡି ଗେଷ୍ଟ ହାଉସରେ ଅନୁଷ୍ଠିତ ହେଲା । ଏହି କମିଟିକୁ ଠକ୍କର ବାପା କମିଟି ମଧ୍ଯ କୁହାଯାଏ । କାରଣ ସେ ଏଥିର ଚେୟାରମ୍ୟାନ ଥିଲେ । ସେଦିନ ପ୍ରଭାତରୁ ଲକ୍ଷ୍ମୀ ନାରାୟଣ ସାହୁ ଆମ ଘରକୁ ଆସି ମାଲଅଞ୍ଚଳର ଆଦିବାସୀମାନଙ୍କ ସମସ୍ୟାଗୁଡ଼ିକ କମିଟି ଆଗରେ ସାକ୍ଷ୍ୟ ଦେବା ପାଇଁ ମୋତେ କହିଲେ । ସେ ଭଲ ରୂପେ ଜାଣିଥିଲେ ଯେ କୋରାପୁଟ ଓ ଗଞ୍ଜାମ ମାଲର ଆଦିବାସୀ ଅଞ୍ଚଳଗୁଡ଼ିକ ମାନ୍ଦ୍ରାଜ ପ୍ରଦେଶରେ ରହିଥିବାରୁ ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେଥିର ଅଭ୍ୟୁଦୟ ପାଇଁ ଯେତେ ଟଙ୍କା ଗ୍ରାଣ୍ଟ ସ୍ୱରୂପ ପ୍ରାଦେଶିକ ସରକାର ପାଉଥିଲେ, ତାହା ଅନ୍ୟାନ୍ୟ ଅଞ୍ଚଳରେ ବ୍ୟୟିତ ହେଉଥିଲା । କୋରାପୁଟର ଆଦିବାସୀ କନ୍ଧ, ପରଜା, ଗଦବା ଏବଂ ଗଞ୍ଜାମର ଶବର ଓ କନ୍ଧମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ଉନ୍ନତି ପାଇଁ ସେଥିରୁ ଅଳ୍ପ ଅଂଶ ବ୍ୟୟ ହେଉଥିବାରୁ ତାହା ଏକ ପ୍ରକାର ଅଙ୍କାଶି ମୂଳକରେ ହିଁ ପରିଣତ ହୋଇଥିଲା । କିନ୍ତୁ ସେ ଅଞ୍ଚଳର କଞ୍ଚାମାଲକୁ ନେଇ ଯଦି ଶିଳ୍ପ ଏବଂ କୃଷି କ୍ଷେତ୍ରରେ ବିକାଶ କରାଯାନ୍ତା, ତା'ହେଲେ ସମଗ୍ର ମାନ୍ଦ୍ରାଜ ଅଞ୍ଚଳର ଯେ କୌଣସି ଜିଲ୍ଲାଠାରୁ ତାହା ଅଧିକ ଉନ୍ନତ ଅବସ୍ଥାରେ ଆଜି ରହି ପାରନ୍ତା । ଲକ୍ଷ୍ମୀ ନାରାୟଣ ବାବୁଙ୍କ ପରାମର୍ଶ କ୍ରମେ ମୁଁ ଆଗରୁ ଯେଉଁ ଯୋଜନାଗୁଡ଼ିକ ପ୍ରସ୍ତୁତ କରିଥିଲି, ସେ ସମସ୍ତ ମାନଚିତ୍ର ସଙ୍ଗେ ଉପରୋକ୍ତ କମିଟି ବୈଠକରେ ଯୋଗଦେଇ ସେଥିର ସଭ୍ୟମାନଙ୍କୁ ବୁଝାଇଲି । ଠକ୍କର ବାପାଙ୍କ ପରି ଜଣେ ଦେଶପ୍ରେମୀ ମହାନ୍ ବ୍ୟକ୍ତି ଏ ଅଞ୍ଚଳର ଆଦିବାସୀମାନଙ୍କ ଦୁର୍ଦ୍ଦଶା ବିଷୟ ହୃଦୟଙ୍ଗମ କରି କାତରତା ପ୍ରକାଶ କଲେ । ଏହି ଅଶିକ୍ଷିତ ଆଦିବାସୀମାନଙ୍କୁ ତଳ-ଅଞ୍ଚଳର ବ୍ୟବସାୟୀମାନେ କିପରି ପ୍ରତାରଣା କରନ୍ତି, ସେଥିର ନମୁନା ସ୍ୱରୂପ ଯେଉଁ କେତୋଟି କଥା ମୁଁ ତାଙ୍କୁ କହିଥିଲି, ତାହା ସଂକ୍ଷେପରେ ନିମ୍ନରେ ଦିଆଗଲା ।

ବ୍ୟବସାୟୀମାନେ ପ୍ରଥମେ ଆଦିବାସୀମାନଙ୍କ ଭାଷା ଜାଣିଥିବା ପାଣ ଜାତୀୟ ଲୋକଙ୍କୁ ମଧ୍ୟସ୍ଥରୂପେ ନିଯୁକ୍ତ କରି ତାଙ୍କ ଜରିଆରେ ସେମାନଙ୍କୁ ଋଣ ଦିଅନ୍ତି । ସେଥିର ସୁଧ ରୂପେ ଆଦିବାସୀମାନେ କରିଥିବା ଶସ୍ୟରୁ ପ୍ରତି ବର୍ଷ ଆଦାୟ କରାଯାଏ । ପ୍ରତି ଟଙ୍କାରେ ଏକମାଣ ଅର୍ଥାତ ପ୍ରାୟ ୩ କଲେ ପରିମିତ ଯେ କୌଣସି ଶସ୍ୟ ଅର୍ଥାତ ସୋରିଷ, ଡାଲି, କନା ପ୍ରଭୃତି ଆଦାୟ କରନ୍ତି । ମୂଳ ଟଙ୍କାଟି କେଉଁ ଆଦିମ କାଳରୁ ରହିଥାଏ । ତାହା ଯେପରି ପୁରୁଷାନୁକ୍ରମେ କେବେହେଲେ ପରିଶୋଧ ହୁଏ ନାହିଁ ।

Digitized by PPRACHIN, SOA

ଶବରମାନେ ସତ୍ୟପ୍ରିୟ ଜାତି ହୋଇଥିବାରୁ ଏବଂ ହିସାବପତ୍ର ବିଷୟରେ ସେମାନଙ୍କର ଆଦୌ ଜ୍ଞାନ ନ ଥିବାରୁ ଖାତକମାନଙ୍କର କଥାରେ ବିଶ୍ୱାସ କରି ସେମାନେ ତାଙ୍କ ପରିଶ୍ରମ ଲବ୍ଧ ଯାବତୀୟ ଶସ୍ୟ ସମ୍ଭାର ବ୍ୟବସାୟୀମାନଙ୍କୁ ଦେଇ ନିଜେ ଆମ୍ବଟାକୁଆ, ତେନ୍ତୁଳି ମଞ୍ଜି, ବଣର କେତେକ କନ୍ଦମୂଳ, ସଲପ ଗଛରୁ ପ୍ରସ୍ତୁତ ଛେଲିକୁ ଚୂନା କରି ସେଥିରେ ଜାଉ ରାନ୍ଧି ଖାଇ ଗୁଜରାଣ ମେଣ୍ଟାଇଥାନ୍ତି । ଯଦି କେଉଁବର୍ଷ ମରୁଡ଼ି ହୁଏ, ତା'ହେଲେ ସାହୁକାର ଟଙ୍କା ଶୁଝିବା ପାଇଁ ସୁଦୂର ଆସାମର ଚା ବଗିଚାରେ କୁଲି କାମ କରି ଯାହା ରୋଜଗାର ହୁଏ, ସେସବୁ ସୁଧ ରୂପେ ଦେଇପକାନ୍ତି । ଏ ଅଞ୍ଚଳର ସ୍ୱାସ୍ଥ୍ୟ ସମ୍ପର୍କରେ କୌଣସି ବ୍ୟବସ୍ଥା ନ ଥିବାରୁ ରୋଗ ହେଲେ ସେମାନେ କେବଳ ଦେବତାଙ୍କୁ ମାନସିକ କରି ପ୍ରକୃତିର ଦୟା ଉପରେ ଏଥିର ଭଲମନ୍ଦ ନିର୍ଭର କରନ୍ତି । ବନ୍ୟ ପଶୁମାନଙ୍କର ଦାଉରୁ ରକ୍ଷା ପାଇବା ପାଇଁ ଗ୍ରାମାଞ୍ଚଳରେ ଘରଆଡ଼େ ବାଡ଼ ପକାଇ କୌଣସିମତେ ପିଲାମାନଙ୍କୁ ବଞ୍ଚାଇ ରଖିଥାନ୍ତି । ତଥାପି ବ୍ୟାଘ୍ର, ବଣଭୁଆଁ, ଗଧିଆ ପ୍ରଭୃତି ଶ୍ୱାପଦ ଜନ୍ତୁଙ୍କର ଉପଦ୍ରବରୁ ରକ୍ଷା ମିଳେନାହିଁ । 'ଇଆ' ନାମକ ଗୋଟିଏ ଭୟଙ୍କର ରୋଗ ଏହି ଅଞ୍ଚଳରେ ସଂକ୍ରମିତ ହେଉଥିବାରୁ ଆଦିବାସୀମାନଙ୍କର ସୁରକ୍ଷା ନିମନ୍ତେ ଅଦ୍ୟାପି ଡାକ୍ତରୀ ବ୍ୟବସ୍ଥା କରାଯାଇ ପାରିନାହିଁ । ଏ ରୋଗ ବାହାରେ ବ୍ଲାକ ଓ୍ୱାଟର ଫିଭର (କଳାଜ୍ୱର) ଅତି ମାରାତ୍ମକ ଭାବରେ ଆଦିବାସୀ ଅଞ୍ଚଳରେ ବ୍ୟାପି ଯାଇଛି । ସମ୍ଭବତଃ ଉପଯୁକ୍ତ ଖାଦ୍ୟାଭାବରୁ କୁଷ୍ଠ ଓ ଚର୍ମରୋଗ ମଧ୍ୟ ବହୁ ପରିମାଣରେ ଏଠାରେ ଦେଖାଦିଏ ।

ଏ ସମସ୍ତ ବିଷୟ ଠକ୍କର ବାପା ନିଜେ ତାଙ୍କ ଖାତାରେ ନୋଟ କରି ମୋତେ ଗୋଟିଏ ପ୍ରଶ୍ନକଲେ—ଏ ସବୁ ଆପଦର ନିରାକରଣ ପାଇଁ କ'ଣ କରାଯାଇ ପାରେ ? ମୁଁ ସଂକ୍ଷେପରେ ତାଙ୍କୁ ଉତ୍ତର ଦେଲି ସରକାରଙ୍କ ପକ୍ଷରୁ ଏଠାର ଆର୍ଥିକ ନିୟନ୍ତ୍ରଣ ହିଁ ପ୍ରକୃଷ୍ଟ ଉପାୟ । ଠକ୍କର ବାପାଙ୍କ ରିପୋର୍ଟରେ ଆଦିବାସୀମାନଙ୍କ ସମ୍ବନ୍ଧରେ ବହୁତଗୁଡ଼ିଏ ସୁପାରିଶ କରାଯାଇଛି । ଏହି ରିପୋର୍ଟଟି ଛପା ହେଲାପରେ ମୋର ବନ୍ଧୁ ଲକ୍ଷ୍ମୀ ନାରାୟଣ ସାହୁ ଖଣ୍ଡିଏ ପୁସ୍ତକ ମୋତେ ପଠାଇ ଦେଲେ । ମୋର ଆଶା ହେଲା ହୁଏତ କ୍ଷମତାଶୀଳ ମନ୍ତ୍ରୀମାନଙ୍କର ଦୃଷ୍ଟି ଏହି ଯୁଗବ୍ୟାପୀ ଅନ୍ୟାୟର ପ୍ରତିକାର କରିବାକୁ ଉନ୍ମୁଖ ହେବ । କିନ୍ତୁ ଅଦ୍ୟାବଧି ତାହା କାର୍ଯ୍ୟରେ ପରିଣତ ହେଲା ନାହିଁ । ନୋବେଲ୍ ପୁରସ୍କାର ପ୍ରାପ୍ତ ରୁଷ ପଣ୍ଡିତ ସୋଲ୍‌ଜେନ୍ ଷ୍ଟିନ୍ ପ୍ରକୃତରେ କହିଥିଲେ—

"The world is being in undated by the brazen conviction that 'Power' can do anything, 'justice' nothing"—ଅର୍ଥାତ କ୍ଷମତାର ପ୍ରଭାବ, ନ୍ୟାୟର ପ୍ରଭାବ ଅପେକ୍ଷା ଯଥେଷ୍ଟ ପରିମାଣରେ ବଳବତ୍ତର । ଏଥିରେ ହିଁ ମାନବ ସମାଜ ନିମଗ୍ନ ହୋଇ ରହିଛି । ନ୍ୟାୟଅନ୍ୟାୟର ବିଘ୍ନର

Digitized by PPRACHIN, SOA

କ୍ଷମତା ମଦମତ୍ତ ବୃଦ୍ଧିକୁ ଆଚ୍ଛନ୍ନ କରିଦିଏ । ଏଣୁ ଚିର ଅବହେଳିତ ଆଦିବାସୀ ଅଞ୍ଚଳର ଅବସ୍ଥା ସେଉଁ ତିମିରେ ସେଇ ତିମିରେ । ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଔପନ୍ୟାସିକ ଗୋପୀନାଥ ମହାନ୍ତି ତାଙ୍କର 'ପରଜା' ଶୀର୍ଷକ ଉପନ୍ୟାସରେ ଯେଉଁ ଆଦିବାସୀ ଚିତ୍ର ଦେଇଛନ୍ତି ସେଥିରୁ ଅଦ୍ୟାବଧି ଆମର ନେତୃସ୍ଥାନୀୟ ତଥାକଥିତ ଦେଶପ୍ରାଣ ମନୀଷୀଙ୍କର ଶିକ୍ଷା ଉପଲବ୍ଧି ହୋଇନାହିଁ ।

ସେତିକିବେଳେ 'The Savaras' ନାମକ ଗୋଟିଏ ଇଂରାଜୀ ପ୍ରବନ୍ଧ ଗବେଷଣା ପତ୍ରିକାରେ ପ୍ରକାଶ କରିବାପାଇଁ ମୁଁ ଲେଖୁଥାଏ । ଏ ସମ୍ବନ୍ଧେ କେତେକ ପ୍ରତ୍ୟକ୍ଷ ଅନୁସନ୍ଧାନ ସକାଶେ ଜଗନ୍ନାଥ ପାଣିଙ୍କ ସଙ୍ଗରେ ନେଇ ପାରଳାଖେମୁଣ୍ଡି ମାଳ ଅଞ୍ଚଳରେ ଗସ୍ତ କଲି । ରାୟଗଡ଼ା ବପ୍ଟାଇଜଙ୍କ ଠାରୁ ଖବର ପାଇଲି ସେହି ଗ୍ରାମର ଅନତିଦୂରରେ ଗୋଟିଏ ପାହାଡ଼ତଳୁ ଲୋକେ ଅଭ୍ର ସଂଗ୍ରହ କରୁଛନ୍ତି । ଏଥିର ଅନୁସନ୍ଧାନ କରିବା ସକାଶେ ମୁଁ ଲୋକ ନିଯୁକ୍ତ କଲି । ନମୁନା ସ୍ୱରୂପ କେତୋଟି ଅଭ୍ରଥିବା ପ୍ରସ୍ତର ଖଣ୍ଡ ସଂଗ୍ରହ କଲି । ପରୀକ୍ଷା କରିବାରୁ ଜଣାଗଲା ଯେ, ସେଥିରେ କଳା ଓ ଧଳା ରଙ୍ଗର ଦୁଇ ପ୍ରକାର ଅଭ୍ର ପ୍ରଚୁର ପରିମାଣରେ ଗଚ୍ଛିତ ଅଛି । ସେହି ଅଭ୍ର ଖଣିର ଅନୁସନ୍ଧାନ ବୈଜ୍ଞାନିକ ଭୂତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା କରାଇବା ଆବଶ୍ୟକ ବୋଲି ନଭେମ୍ବର ୨୪ ତାରିଖ ଦିନ ଓଡ଼ିଶାର ତତ୍କାଳୀନ ଜଗନ୍ନାଥଙ୍କୁ ଗୋଟିଏ ପତ୍ରରେ ଜଣାଇ ଦେଲି ଏବଂ ସେଥି ସଙ୍ଗେ ସଙ୍ଗେ ମୁଁ ପାଇଥିବା ଅଭ୍ରଖଣ୍ଡର ନମୁନା ମଧ୍ୟ ପରୀକ୍ଷା କରିବାକୁ ପଠାଇଲି । ସେତେବେଳେ କଲିକତାରେ କେତୋଟି କମ୍ପାନୀ ଭାରତରୁ ବିଦେଶକୁ ଅଭ୍ର ରପ୍ତାନି କରୁଥାନ୍ତି । ବିଦ୍ୟୁତ ସମ୍ପ୍ରସାରଣ ପାଇଁ ଏଥିର ଉପଯୋଗିତା ବିଦେଶରେ ବିଶେଷ ଭାବରେ ଉପଲବ୍ଧି ହେଉଥିବାରୁ ଧଳା ଉପରର ଅଭ୍ରକୁ ଅଧିକ ଗୁଣ ଦେଇ ସେମାନେ କ୍ରୟ କରନ୍ତି । ଏଣୁ ରାୟଗଡ଼ାର ଅଭ୍ର ଖଣି ଯଦି ଆବିଷ୍କାର କରାଯାଇପାରେ ଏବଂ ତାହା ଯଦି ଗୋଟିଏ ଲାଭଜନକ ବ୍ୟବସାୟରେ ପରିଣତ ହୁଏ, ତା' ହେଲେ ଏଠାର ଆଦିବାସୀମାନେ କିଛି ସଂସ୍ଥାନ ପାଇ ପାରିବେ ବୋଲି ମୁଁ ଆଶାକଲି । କିନ୍ତୁ ମୋର ସମସ୍ତ ଚେଷ୍ଟା ଆକାଶ କୁସୁମରେ ପରିଣତ ହେଲା । ଆଦିବାସୀମାନଙ୍କର ମଙ୍ଗଳ ପାଇଁ ଯିଏ ଯାହା କରନ୍ତୁ ନା କାହିଁକି, ସେମାନଙ୍କର ନାମ ନେଇ ନିଜ ନିଜର ସ୍ୱାର୍ଥ ସିଦ୍ଧି କରିବା ବ୍ୟତୀତ ଅନ୍ୟ କିଛି ଆଖିକୁ ଦିଶିଲା ଭଳି କାମ ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ ।

ସେ ବର୍ଷ କଲିକତାରେ All India History Congress' ପ୍ରଭୃତି ଅଧିବେଶନ ହେଉଥିଲା । ସେଥିର ସମ୍ପାଦକଙ୍କଠାରୁ ପତ୍ର ପାଇ ମୁଁ ଗୋଟିଏ ପ୍ରବନ୍ଧ ଲେଖିବାରେ ମନ ନିବେଶ କରିଥାଏ । ପ୍ରବନ୍ଧର ନାମଥିଲା—"The Hiroglaphic inscription of Orissa," ସମ୍ବଲପୁରର ବ୍ରଜରାଜନଗର ସନ୍ନିକଟ ବିକ୍ରମଖୋଲ ନାମକ ସ୍ଥାନରୁ ଗୋଟିଏ ବିଶାଳ ପ୍ରସ୍ତର ଖଣ୍ଡରେ ଚିତ୍ରଲିପି ସମ୍ବଳିତ

Digitized by PPRACHIN, SOA

କେତେକ ଅଦ୍ଭୁତ ସଙ୍କେତ ଦେଖିପାରି ପ୍ରସିଦ୍ଧ ଇତିହାସବିତ୍ ଜୟସ୍ୱାଲ ଗୋଟିଏ ଦୀର୍ଘ ପ୍ରବନ୍ଧ 'Indian Antiquary' ନାମକ ପତ୍ରିକାରେ ପ୍ରକାଶ କରିଥିଲେ । ସମ୍ବଲପୁର ଜିଲ୍ଲାର ଉଷାକୂଦି ନାମକ ସ୍ଥାନରୁ ମଧ୍ୟ ଚିତ୍ରଲିପି ଆବିଷ୍କାର ହୋଇଥିଲା । କଟକ ଜିଲ୍ଲାର ନରାଜରୁ ଏପରି କେତୋଟି ଅକ୍ଷର ଗୋଟିଏ ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଥିବାର ମୁଁ ଦେଖିଥିଲି, ଏକଥା ଆଗରୁ ଲେଖିଛୁ । ଏ ସମସ୍ତ ଚିତ୍ରଲିପି ସଙ୍ଗେ ସାର୍ ଜନ୍ ମାର୍ଶାଲ୍‌ଙ୍କ ଦ୍ୱାରା ଆବିଷ୍କୃତ ସିନ୍ଧୁନଦୀ କୂଳରେ ଅବସ୍ଥିତ ହରପ୍ପା ଓ ମହେଞ୍ଜୋଦାରୋ ନାମକ ସ୍ଥାନରୁ ଭୂଗର୍ଭରୁ ଯେଉଁ ଦ୍ରାବିଡ଼ୀୟ ସଭ୍ୟତାର ସନ୍ଧାନ ମିଳିଥିଲା ସେଥିରେ ମଧ୍ୟ ଏପରି କେତୋଟି ଚିତ୍ରଲିପି ସମ୍ବଳିତ ବସ୍ତୁ ଆବିଷ୍କୃତ ହୋଇଛି । ଏହି ଲିପିଗୁଡ଼ିକ ସଙ୍ଗେ ଇଜିପ୍ଟରୁ ପ୍ରାପ୍ତ ଚିତ୍ରଲିପିର ସମ୍ବନ୍ଧ ଥିବା କଥା ପୃଥିବୀର ବିଭିନ୍ନ ଅଞ୍ଚଳର ଗବେଷକ ପଣ୍ଡିତମାନଙ୍କୁ ଗୋଟିଏ ସମସ୍ୟାରୂପେ ଦେଖା ଦେଇଥିଲା । ତେଣୁ ଭାରତର ପ୍ରାକ୍ ଐତିହାସିକ ଯୁଗର ଇତିହାସ ପ୍ରଣୟନ କରିବାକୁ ଏ ସବୁ ଲିପିର ଉପଯୋଗିତା ଏବଂ ପ୍ରାଧାନ୍ୟ ଭାରତୀୟ ପଣ୍ଡିତମାନେ ଅନୁଭବ କରୁଥିଲେ । ତଥାପି ବହୁ ଚେଷ୍ଟା ସତ୍ତ୍ୱେ ଇଜିପ୍ଟ ଦେଶର ଚିତ୍ରଲିପି ପରି ଭାରତୀୟ ଚିତ୍ରଲିପି ପାଠ କରିବା କିମ୍ବା ସେଥିର ପ୍ରକୃତ ରହସ୍ୟ ବୁଝିବା ସମ୍ଭବ ହେଲାନାହିଁ । ଏ ଦୃଷ୍ଟିରୁ ଭାରତର ସେହି ଆଦିମ ଯୁଗରେ ଓଡ଼ିଶାର ବୈଶିଷ୍ଟ୍ୟ ପ୍ରମାଣିତ କରିବାକୁ ମୋତେ ଏହି ପ୍ରବନ୍ଧଟି ଲେଖିବାରେ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଲା । କିନ୍ତୁ ମୋର ପାରିବାରିକ ଅଶାନ୍ତି ଏବଂ ଜ୍ୟେଷ୍ଠ ପୁତ୍ରର ହୃଦ୍‌ରୋଗ ହେତୁ ବାରମ୍ବାର ସେ ଶଯ୍ୟାଶାୟୀ ହେବାର କାରଣରୁ ମୋର ସେହି ପ୍ରବନ୍ଧଟି ପୂର୍ଣ୍ଣ କରି ପାରିଲି ନାହିଁ । ତେଣୁ ଭାରତୀୟ ଇତିହାସ କଂଗ୍ରେସର କଲିକତା ଅଧିବେଶନରେ ତାହା ପାଠ କରିବା ମଧ୍ୟ ସମ୍ଭବ ହେଲାନାହିଁ । କିନ୍ତୁ ଏଥିର ପ୍ରାୟ ୮।୯ ବର୍ଷ ପରେ କଳିଙ୍ଗ ଐତିହାସିକ ଗବେଷଣା ସମିତିରୁ ଆୟୋଜିତ ବଲାଙ୍ଗିର ଠାରେ ଗୋଟିଏ ବଡ଼ ସଭା ହୋଇ ସେଥିରେ ପୃଥିବୀର ପ୍ରସିଦ୍ଧ ଐତିହାସିକ ପଣ୍ଡିତ ରେଭରେଣ୍ଡ ହେରାସ ସୋ ଙ୍କର ଅଧ୍ୟକ୍ଷତାରେ ଅଧିବେଶନରେ ମୋର ପ୍ରବନ୍ଧଟି ପୂର୍ଣ୍ଣ କରି ପାଠ କରିଥିଲି । ଏ ବିଷୟ ପରେ ଯଥାସ୍ଥାନରେ ଉଲ୍ଲେଖ କରାଯିବ ।

ଡିସେମ୍ବର ଶେଷ ସପ୍ତାହରେ ରମ୍ଭାଠାରେ ଗୋଟିଏ ସଙ୍ଗୀତ ସମ୍ମିଳନୀ ଆୟୋଜନ କରାଗଲା । ସେଥିରେ ପାଠ କରିବା ପାଇଁ ଗୋଟିଏ ପ୍ରବନ୍ଧ ଲେଖିବାକୁ ମୋତେ ଅନୁରୋଧ କରି ସେଠାର କେତେକ କର୍ମୀ ପତ୍ରଲେଖିଲେ । ଚିଲିକାର କେତେକ ମନୋହର ଅଞ୍ଚଳ ଦେଖିବାକୁ ମୋର ବହୁଦିନରୁ ଅଭିଳାଷ ଥାଏ । ରାଧାନାଥଙ୍କର ଚିଲିକା କାବ୍ୟ ପଢ଼ିଲାବେଳେ ସେଠାର ଦୃଶ୍ୟଗୁଡ଼ିକ କେବଳ ମୁଁ ମନରେ କଳ୍ପନା କରିଥାଏ ସିନା ପ୍ରତ୍ୟକ୍ଷ ଭାବରେ ଦେଖିବାର ସୁବିଧା ହୋଇ ନଥିଲା; ତେଣୁ ରମ୍ଭାର ସେହି ସଙ୍ଗୀତ ସମ୍ମିଳନୀରେ ଯୋଗଦେବାକୁ ସେଠା କର୍ମୀମାନଙ୍କୁ ପ୍ରତିଶ୍ରୁତି

Digitized by PPRACHIN, SOA

ଦେଇ 'ସଙ୍ଗୀତ କଳା' ନାମକ ଗୋଟିଏ ଦୀର୍ଘ ପ୍ରବନ୍ଧ ଲେଖିବାକୁ ଆରମ୍ଭ କଲି । ଡିସେମ୍ବର ୨୧ ତାରିଖ ଦିନ ରମ୍ଭାରେ ମୋର ପ୍ରବନ୍ଧଟି ପଠିତ ହେଲା ଏବଂ ସେଦିନ ସେହି ପ୍ରବନ୍ଧ ପାଇଁ ମୁଁ ଗୋଟିଏ ସ୍ୱର୍ଣ୍ଣପଦକ ଏବଂ ଆଉ ଗୋଟିଏ ରୌପ୍ୟପଦକ ପାଇଥିଲି । ବାଦ୍ୟଯନ୍ତ୍ର ପ୍ରତିଯୋଗିତାରେ ମୋତେ ସେମାନେ ବିଗ୍ରହକ ରୂପେ ନେଇଥିଲେ । ଏଥିରେ ବ୍ରହ୍ମପୁରଠାରୁ ମୋର ବନ୍ଧୁ କୃପାସିନ୍ଧୁ ନରେନ୍ଦ୍ର ଦେବ (ମହୁରୀ ଯୁବରାଜ) ଙ୍କର ନାଟ୍ୟଦଳ ପକ୍ଷରୁ କଳାକାରମାନେ ବିଶେଷ ଉତ୍ସାହର ସହିତ ଯୋଗ ଦେଇଥିଲେ । ସେଦିନ ସନ୍ଧ୍ୟାରେ ସମ୍ପାଦକ ଗୌର ଚନ୍ଦ୍ର ରାଉତଙ୍କ ସଙ୍ଗେ ଗୋଟିଏ ଡଙ୍ଗାରେ ବସି ଚିଲିକାର ପ୍ରାୟ ୮/୧୦ ମାଇଲ ଅଞ୍ଚଳ ବୁଲି ଆସିଲୁ । ଏପରି କେତୋଟି ଦୃଶ୍ୟ ସେଠାରେ ରହିଛି, ଯାହାକି ପୃଥିବୀର ଖୁବ୍ ଅଳ୍ପ ସ୍ଥାନରେ ହିଁ ଦେଖିବାକୁ ମିଳେ । ବାସ୍ତବରେ ତାହା କବି ହୃଦୟକୁ ଉତ୍‌ଫୁଲ୍ଲ କରିବା ବିଚିତ୍ର ନୁହେଁ । ସେଠାରେ ଖଲ୍ଲିକୋଟ ରାଜାଙ୍କ ଉଦ୍ୟମରେ ଗୋଟିଏ ସଙ୍ଗୀତ ଅନୁଷ୍ଠାନ ରହିଥିଲା । ତେଣୁ ଯଦି ସେଠାର ରାଜପ୍ରାସାଦକୁ ଗୋଟିଏ ସଙ୍ଗୀତ ମହାବିଦ୍ୟାଳୟରେ ପରିଣତ କରାଯାଇ ପାରନ୍ତା, ତା' ହେଲେ ଓଡ଼ିଶାର ସଙ୍ଗୀତ ଓ କଳା ଯଥେଷ୍ଟ ପରିମାଣରେ ବୃଦ୍ଧି ଲାଭ କରିପାରିବ ବୋଲି ଆମ୍ଭେମାନେ ବିଚାର କଲୁ କିନ୍ତୁ ଏହା କାର୍ଯ୍ୟରେ ପରିଣତ କରିବାକୁ ହେଲେ ଖଲ୍ଲିକୋଟ ରାଜା ସାହେବଙ୍କର ସାହାଯ୍ୟ ସଙ୍ଗେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆର୍ଥିକ ସାହାଯ୍ୟ ନିତାନ୍ତ ଆବଶ୍ୟକ । ମୋର ସ୍ମରଣ ହେଉଛି ମହୁରୀ ଯୁବରାଜଙ୍କ ସଙ୍ଗେ ଏହି ପ୍ରସ୍ତାବଟି ଓଡ଼ିଶାର ନେତୃସ୍ଥାନୀୟ ଲୋକଙ୍କ ମନରେ ଧାରଣା ଦେବାକୁ ତାଙ୍କର ସମ୍ପାଦିତ 'ନବୀନ' ପତ୍ରିକାରେ କେତୋଟି ପ୍ରବନ୍ଧ ପ୍ରକାଶ କରାଗଲା । ସେଥି ସଙ୍ଗେ ମୁଁ ଲେଖିଥିବା 'ସଙ୍ଗୀତ କଳା' ଶୀର୍ଷକ ପ୍ରବନ୍ଧଟି ମଧ୍ୟ ପ୍ରକାଶ ପାଇଲା ।

୧୯୩୯ ଠାରୁ ଦ୍ୱିତୀୟ ପୃଥିବୀ ମହାସମର ଆରମ୍ଭ ହୋଇଥିବା କଥା ଆଗରୁ ମୁଁ ଉଲ୍ଲେଖ କରିଛି । ଏ ସମ୍ବନ୍ଧେ କିଛି କହିବା ଦରକାର ପଡ଼ୁଛି; କାରଣ ଭାରତରେ ଯୁଦ୍ଧକାଳୀନ ପ୍ରତିରୋଧର ବ୍ୟବସ୍ଥା ହେଲାବେଳେ ପାରଳାଖେମୁଣ୍ଡି ମହାରାଜାଙ୍କର ନେତୃତ୍ୱରେ ମୁଁ ପାରଳାଖେମୁଣ୍ଡିରେ ସକ୍ରିୟ କର୍ମୀ ରୂପେ ଯୋଗ ଦେଇଥିଲି ।

ଏହି ଯୁଦ୍ଧ ଆରମ୍ଭରୁ ଜର୍ମାନ ପକ୍ଷରୁ ହିଟ୍‌ଲର ପୋଲାଣ୍ଡ ବିରୁଦ୍ଧରେ ପ୍ରଥମେ ଅସ୍ତ୍ର ଉତ୍ତୋଳନ କଲା । କାରଣ ଭାର୍ସାଲିସ୍ ଚୁକ୍ତି ଅନୁସାରେ ଜର୍ମାନୀ ଅଧିକୃତ କେତୋଟି ଅଞ୍ଚଳ ଜର୍ମାନରୁ ଶୂନ୍ୟ କରି ଦିଆଗଲା । ସେଥିରେ ଡାନ୍‌ଜିକ୍ ନାମକ ଅଞ୍ଚଳଟି ପୋଲାଣ୍ଡ ଅଧିକାର କରିଥିଲା । ସେହି ଅଞ୍ଚଳରେ ଅଧିକ ସଂଖ୍ୟକ ଜର୍ମାନ ବାସ କରୁଥିବାରୁ ତାହା ପ୍ରଥମେ ଅଧିକାର କରିବାପାଇଁ ହିଟ୍‌ଲରଙ୍କୁ ସୁବିଧା ମିଳିଲା । ୧୯୩୯ ଅଗଷ୍ଟ ୩୦ ତାରିଖରେ ଜର୍ମାନ ତାହା ଅଧିକାର କରିବାରୁ ଏଥିର ପ୍ରତିବାଦ

Digitized by PPRACHIN, SOA

କରି ଇଂଲଣ୍ଡ ଓ ଫ୍ରାନ୍ସ ଯୁଦ୍ଧରେ ଯୋଗଦେଲେ । କିନ୍ତୁ ବୈଜ୍ଞାନିକ କ୍ଷେତ୍ରରେ ଜର୍ମାନର ଉତ୍କର୍ଷତା ଏବଂ ଅତ୍ୟାଧୁନିକ ଅସ୍ତ୍ରମାନଙ୍କ ଆବିଷ୍କାର ଯୋଗୁ ଅଳ୍ପ କେତେକ ମାସ ମଧ୍ୟରେ ସେ ପୋଲଣ୍ଡ ସମେତ ନରୱେ, ଡେନମାର୍କ, ହଲଣ୍ଡ, ବେଲଜିୟମ, ଫ୍ରାନ୍ସ, ଗ୍ରୀସ୍, ଯୁଗସ୍ଲୋଭିଆ ପ୍ରଭୃତି କେତୋଟି ୟୁରୋପୀୟ ରାଜ୍ୟ ଦଖଲ କଲା । ଏହାପରେ ୧୯୪୧ ମସିହାରେ ଇଂଲଣ୍ଡ ଆକ୍ରମଣ କରିବାକୁ ଉଦ୍ୟତ ହେଲା । କାରଣ ସେତେବେଳକୁ ଇଟାଲି ମଧ୍ୟ ତା ସଙ୍ଗେ ଯୋଗ ଦେଇଥାଏ । ୧୯୪୧ ଶେଷ ଆଡ଼କୁ ଜାପାନ ଓ ଜର୍ମାନ ମିଶି ଭାରତରେ ଏବଂ ଏସିଆର ଚୀନ ଇଣ୍ଡୋନେସିୟା ପ୍ରଭୃତି ରାଜ୍ୟରେ ବୋମାବୃଷ୍ଟି କରିବାକୁ ଆରମ୍ଭ କଲେ । ଭାରତ ମହାସାଗର ସେତେବେଳେ ଏ ପ୍ରକାର ଯାତାୟାତ ପାଇଁ ନିର୍ଭିକ ଅଞ୍ଚଳରେ ପରିଣତ ହେଲା । ବ୍ରିଟିଶ ସାମ୍ରାଜ୍ୟ ସେତେବେଳେ ଯୁଦ୍ଧରେ ଥରହର ହେଉଥାଏ, ସେଥିର ସୁବିଧାନେଇ ଭାରତକୁ ସ୍ୱାଧୀନ କରିବା ସକାଶେ କେତେକ ସନ୍ତ୍ରାସବାଦୀ ନେତା ଏଠାରେ ଉଦ୍ୟମ ଚଳାଇଥାନ୍ତି । ସେମାନଙ୍କ ମଧ୍ୟରେ ସୁଭାଷ ଚନ୍ଦ୍ର ବୋଷ୍ ଅନ୍ୟତମ । କିନ୍ତୁ ଗାନ୍ଧି ଏଥିରେ ଆଦୌ ସହଯୋଗ କରୁ ନଥିଲେ । ବ୍ରିଟିଶ ସରକାର ଗୋଟିଏ ଘୋଷଣାରେ ଭାରତୀୟ-ମାନଙ୍କୁ ନିର୍ଭର ଭାବେ ପ୍ରତିଶୃତି ଦେଲେ ଯୁଦ୍ଧ ଶେଷରେ ସେମାନେ ତାଙ୍କ ରାଜ୍ୟ ଶାସନ କରିବା ଅଧିକାର, ଅର୍ଥାତ ଡୋମିନିୟନ୍ସ ଷ୍ଟାଟସ୍ (Dominions Status) ପାଇ ପାରିବେ । ଏଥିରେ ବିଶ୍ୱାସ କରି କଂଗ୍ରେସ ନେତାମାନେ ଯଥେଷ୍ଟ ଉଦାରତା ପ୍ରକାଶ କରିଥିଲେ ଏବଂ ଯୁଦ୍ଧକାଳୀନ ଅବସ୍ଥାକୁ ପ୍ରତିରୋଧ କରିବା ପାଇଁ ସରକାରଙ୍କ ସଙ୍ଗେ ସହଯୋଗ କଲେ । ମହାତ୍ମା ଗାନ୍ଧିଙ୍କ ସଙ୍ଗେ ଜବାହାର ଲାଲ ନେହେରୁ, ରାଜେନ୍ଦ୍ର ପ୍ରସାଦ, ଆବୁଲ୍ କାଲମ ଆଜାଦ୍ ପ୍ରଭୃତି ନେତାମାନେ ସହଯୋଗ କଲେ । କିନ୍ତୁ ବ୍ରିଟିଶରାଜଙ୍କ ପ୍ରତିଶ୍ରୁତିରେ ବିଶ୍ୱାସ ନ କରି ସୁଭାଷ ଚନ୍ଦ୍ର ବୋଷ ଜାପାନ ପଳାୟନ କଲେ । ତେଣୁ ମହାତ୍ମା ଗାନ୍ଧି ଜାପାନ ଲୋକଙ୍କୁ ସାବଧାନ କରି ଯେଉଁ ଯାହା ସେ ୧୯୪୨ ମସିହା ଫେବୃୟାରୀ ୧୮ ତାରିଖରେ ଲେଖିଛନ୍ତି, ତାହା ମୁଁ ବାରମ୍ବାର ପାଠ କରିଛୁ । ଭଗବାନ ଶ୍ରୀକୃଷ୍ଣଙ୍କ ଉପଦେଶ ଅର୍ଜୁନଙ୍କ ପ୍ରତି ଯେପରି ମର୍ମସ୍ପର୍ଶୀ ଭାଷାରେ ଲେଖା ଯାଇଛି । ଏହା ମଧ୍ୟ ସେପରି ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ଉପଦେଶ ବୋଲି ମୁଁ ମନେକଲି । ପାଠକମାନଙ୍କୁ ଏଥିର ଗୋଟିଏ ଅବିକଳ ନକଲ ନିମ୍ନରେ ଉଦ୍ଧାର କଲି ।

THEN Mahatma Gandhi gave a strong warning to Japan on July 18 against his intentions on India under the heading, 'To Every Japanese.' It runs as follows :-

I must confess at the outset that though I have no ill will against you, I intensely dislike your attack upon China From

Digitized by PPRACHIN, SOA

your lofty height you have descended to imperial ambition. You will fail to realise that ambition and may become the authors of the dismemberment of Asia, thus unwillingly preventing world federation and brotherhood without which there can be no hope for humanity.

Even since I was a lad of eighteen studying in London over fifty years ago, I learn through the writings of the late Sir Edwin Arnold to purge the many excellent qualities of your nation. I was thriled in South Africa. I learnt of your brilliant victory over Russian arms. After my return to India from South Africa in 1915. I came in close touch with Japanese monks who lived as members of our Ashram from time to time. One of them became a regular member of the Ashram in Sewagram and his application to duty, his dignified bearing, his unfailing devotion to daily worship, affiability, unruffledness, under varying circumstances and inner peace had endeared him to all of us. And now that owing to your declaration of war against Great Britain he has been taken away from us and we miss him as dear co-worker. He has left behind him as a memory his daily prayer and his little drum, to the accompaniment of which we open our morning and evening prayers.

In the background of these pleasant recollections, I grieve deeply as I contemplated what appears to me to be your unprovoked, your merciles devastation of that great and ancient land.

It was a worthy ambition of yours to take equal rank with the great powers of the world. Your aggression against China and your alliance with the Axis powers was surely an unwarranted excess of that ambition.

I should have thought that you would be proud of the fact that great and ancient people, whose old classical literature you have adopted as your own, are your neighbours. Your understanding of one anothers history, tradition, literature should bind you as friends rather than make you the enemies you are to-day.

Digitized by PPRACHIN, SOA

If I were a free man, and if you allowed me to come to your country, frail though I am, I would not mind risking my health, may be my life, to come to your country to plead with you to desist from the wrong that you are doing to China and the world and therefore to yourself.

But I enjoy no such freedom. And we are unique position of having to resist an imperialism that we detest no less than yours and Nazism. Our resistance to it should not mean harm to the British people. We s eek to correct them. Ours is an unarmed revolt against British rule. An important party in the country is engaged in a deadly but friendly quarrel with the foreign rulars.

But in this they need no aid from foreign powers. You have been gravely misinformed, as I know you are, that we have chosen this particular moment to embarrass the Allies when you attack against India is imminent. If we wanted to turn Britian's difficulty into our opportunity we should have it as soon as the war broke out nearly three years ago.

Our movement demanding the withdrawal of the British power from India should in no way be misunderstood. In fact if we are to believe your reported anxiety for the independence of India, a recognition of that independence by Britian should leave you no excuse for any attack on India. Moreover the reported profession sorts ill with your ruthless aggression against China

I would as you to make no mistake about the fact that you will be sadly disillusioned if you belive that you will receive a willing welcome from India. The end and aim of the movement for British withdrawal is to prepare India, by making her free for resisting all militarist and imperialist ambition, whether it is called British Imperialism, German Nazism or your pattern. we do not, we shall have been ignoble spectators of the militarisation of the world in spite of our belief that in non-

Digitized by PPRACHIN, SOA

violence we have the only solvent of the militarist spirit and ambition. Personally I fear that without declaring the Independence of India the Allied powers will not be able to beat Axis ambition which has raised violence to the diginity of a religion. The Allies cannot beat you and your partners unless they beat you in your ruthless and skilled Warfare. If they copy it their declaration that they will save the world for democracy and individual freedom must come to naught. I feel they can only gain strength to avoid copying your ruthlessness by declaring and recognising now the freedom of India and turning sullen India's forced co-operation into freed India's voluntary co-operation.

To Britain and the allies we have appealed in the name of the justice, in proof of their professions and in their own self-interest. To you I appeal in the name of humanity. It is a marvel to me that you do not see that warfare is nobody's monopoly. If not the Allies some other power will certainly improve upon your method and beat you with your own weapon. Even if you win you will have no legacy to your people of which they would feel proud. They cannot take pride in a recital of deeds however skilfully achieved.

Even if you win it will not prove that you were in the right, it will only prove that your power of destruction was greater. This applies obviously to the Allies too, unless they perform now the just and righteous act of freeing India as an earnest and promise of similarly freeing all other subject people in Asia and Africa.

Our appeal to Britain is coupled with the offer of Free Indias willingness to let the Allies retain their troops in India. The offer is made in order to prove that we do not in any way mean to harm the Allied cause and in order to prevent you from being misled into feeling that you have but to step into the country that Britain has vacated. Needless to repeat that If you cherish any such idea and will carry it out, we will not fail in resisting you with all the might that our country can

Digitized by PPRACHIN, SOA

muster. I address this appeal to you in the hope that our movement may even influence you and your partners in the right direction and deflect you from the course which is bound to end in your moral ruin and the reduction of human beings to robots.

The hope of your response to my appeal is much fainter than that of responese from Britain. I know that the Britons are not devoid of a sense of justice and they know me. I do not know you enogh to be able to judge. All I have read teles me that you listen to no appeal but to the sword. How I wish that you are cruelly misrepresented and that I shall touch the right chord in your heart. Any way I have an unending faith in the responsiveness of human nature. On the strength of that faith I have conceived the impending movement in India and it is that faith which has prompted this appeal to you.

I am

SEWAGRAM — Your-Friend and Well-Wisher,

18-2-42 — M. K. GANDHI

ଇଂରେଜ କବି Wordsworthଙ୍କ ଭାଷାରେ "It is as irnmortal as the heart of man." କିନ୍ତୁ ମହାତ୍ମା ଗାନ୍ଧିଙ୍କର ସେଇ ଉଦାରତା ବ୍ରିଟିଶ ସରକାର ଉପଲବ୍ଧି କରି ପାରିଲେ ନାହିଁ । ବରଂ ନିଷ୍ଠୁର ଭାବେ ଭାରତୀୟମାନଙ୍କ ଉପରେ ବିଶେଷତଃ କଂଗ୍ରେସ କର୍ମୀମାନଙ୍କ ବିପକ୍ଷରେ ଅଭିଯାନ ଚଳାଇଲେ । ଏଥିର ପ୍ରତିବାଦ ସ୍ୱରୂପ ୧୯୪୨ ସେପ୍ଟେମ୍ବର ୬ ତାରିଖ ଦିନ କଂଗ୍ରେସ ପକ୍ଷରୁ ଗୋଟିଏ ଐତିହାସିକ ଘୋଷଣା କରାଗଲା । ଭାରତ ଛାଡ଼ ଧ୍ୱନି ଆକୁମାରି ହିମାଚଳ ଦେଶକୁ ପ୍ରକମ୍ପିତ କରିପକାଇଲା । ବାସ୍ତବରେ କହିବାକୁ ଗଲେ ବହୁକାଳରୁ ଉତ୍ପୀଡ଼ିତ ଭାରତୀୟମାନେ ଯେଉଁ ଘୋର ନିର୍ଯ୍ୟାତନା ସହ୍ୟ କରି ବୈଦେଶିକ ଶାସନର ଉତ୍ପୀଡ଼ନ ଏବଂ ଅତ୍ୟାଚାରର ଶୀକାର ହୋଇଥିଲେ, ପୁଣି ସୁଦୃଢ଼ ଶାସନ ଶୃଙ୍ଖଳର ଦୃଢ଼ ନାଗଫାଶରେ ଆବଦ୍ଧ ହୋଇଥିଲେ, ସେଥିରୁ ମୁକ୍ତ ହୋଇ ଉନ୍ମୁକ୍ତ କ୍ଷେତ୍ରରେ ସେମାନଙ୍କ ହୃଦୟର ଭାବ ଅବରୁଦ୍ଧ ଆକାଂକ୍ଷା ଏଥିରେ ଯେପରି ଆତ୍ମପ୍ରକାଶ କଲା; କିନ୍ତୁ ଯୁଦ୍ଧର ଭୀଷଣ ଘନଘଟା ସତ୍ତ୍ୱେ ବ୍ରିଟିଶ ସରକାର ପକ୍ଷରୁ ଅତ୍ୟାଚାର ପ୍ରଶମିତ ହେଲାନାହିଁ ବରଂ ତାହା ଦ୍ୱିଗୁଣିତ ହେଲା । ରକ୍ତପାତ ହିଂସାକାଣ୍ଡ ପ୍ରଭୃତି ଦମନ କରିବାକୁ ମହାତ୍ମା ଗାନ୍ଧି ଯେତେ ଚେଷ୍ଟା କଲେ ସୁଦ୍ଧା ଲୋକଙ୍କ ଅଶାନ୍ତ ହୃଦୟ ସ୍ଥିର ହେଲା ନାହିଁ ।

Digitized by PPRACHIN, SOA

ଅଗଷ୍ଟ ୯ ତାରିଖ ଦିନ ପ୍ରଭାତରେ ଭାରତର ସର୍ବଶ୍ରେଷ୍ଠ ନେତା ମହାତ୍ମା ଗାନ୍ଧିଙ୍କୁ ବନ୍ଦୀ କରି ବମ୍ବେର ଆଗା ଖାଁ ପ୍ରାସାଦରେ ଆବଦ୍ଧ କରାଗଲା । ଏଥିରେ ଭାରତର ଉତ୍ତ୍ୟକ୍ତ ଜନତା ଅଧିକ ଉତ୍କ୍ଷିପ୍ତ ହୋଇପଡ଼ିଲେ । ସର୍ବତ୍ର ପୁଲିସ ଥାନାଗୁଡ଼ିକ ଘେରାଉ କରିବା ଉଦ୍ଦେଶ୍ୟରେ ହଜାର ହଜାର ଲୋକ ଅଗ୍ରସର ହେଲେ । ଓଡ଼ିଶା ପରି ଏକ ଶାନ୍ତିପ୍ରିୟ ପୀଠରେ ମଧ୍ୟ ହିଂସାକାଣ୍ଡମାନ ଦେଖାଦେଲା । ଏଥିର ଉତ୍ତେଜନା ଏତେଦୂର ପ୍ରସାରିତ ହୋଇଥିଲା ଯେ କୋରାପୁଟ ପରି ଗୋଟିଏ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଧ୍ୟ ବହ୍ନିଶିଖା ଉଜ୍ଜ୍ୱଳ ହୋଇ ଉଠିଲା । ମୋର ସ୍ମରଣ ହେଉଛି ବଣ-ଜଙ୍ଗଲପୂର୍ଣ୍ଣ ଦୁର୍ଗମ ପାହାଡ଼ିଆ ଅଞ୍ଚଳ କୋରାପୁଟର ପାପଡ଼ାହାଣ୍ଡି ଓ ମାଲକାନଗିରି ପରି ଉପାନ୍ତ ଅଞ୍ଚଳରେ ଉତ୍ତ୍ୟକ୍ତ ଜନତା ବିଦ୍ରୋହ କଲେ । ଏହା ଫଳରେ ସେଠାର ପୁଲିସ ପକ୍ଷରୁ ନିର୍ମମଭାବେ ନିରସ୍ତ୍ର ଜନତା ପ୍ରତି ବନ୍ଧୁକରୁ ଗୁଳି ଚଳାଇ ବହୁ ନିରୀହ ଲୋକଙ୍କୁ ହତ୍ୟା କରାଗଲା । ସେମାନଙ୍କ ମଧ୍ୟରେ ସେଠାର ଶ୍ରେଷ୍ଠ ସହୃଦ୍ ନେତା ଲକ୍ଷ୍ମଣ ନାୟକ ପ୍ରାଣଦାନ କଲେ । ଆଜି ସୁଦ୍ଧା ଆମ ଦେଶରେ ତାଙ୍କର ବଳିଷ୍ଠ ନେତୃତ୍ୱ କେହି ବିସ୍ମୃତ ହୋଇ ପାରିନାହାନ୍ତି ।

ଓଡ଼ିଶା ବିଧାନସଭା ବର୍ଜନ କରି କଂଗ୍ରେସର ବହୁ ସଭ୍ୟ ଚାଲି ଆସିଲେ । ବିଶ୍ୱନାଥ ଦାସଙ୍କର ନେତୃତ୍ୱରେ ଯେଉଁ ମନ୍ତ୍ରୀମଣ୍ଡଳ ଗଢ଼ା ଯାଇଥିଲା, ତାହା ଭାଙ୍ଗି ପଡ଼ିଲା । କିନ୍ତୁ ଓଡ଼ିଶାର କେତେକ ଋଙ୍ଗ ନେତା କଂଗ୍ରେସକୁ ସମର୍ଥନ କରୁଥିଲେ ସୁଦ୍ଧା ନୂତନଭାବେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିବା ଅନୁନ୍ନତ ଲୋକଙ୍କର ସ୍ୱାର୍ଥ ରକ୍ଷା ସକାଶେ ସେଇ ମହାଭାରତୀୟ ଆନ୍ଦୋଳନରୁ ଦୂରରେ ରହିବା ଏବଂ ଜନ୍ମଭୂମି ଉତ୍କଳ ମାତାର ସେବା କରିବା ସର୍ବାଦୌ ବାଞ୍ଛନୀୟ ବୋଲି ମନେକଲେ । ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରଧାନ କହିଲେ ଚଳେ । ଥରେ ଗୋଟିଏ ସଭାରେ ଭାଷଣ ଦେଲାବେଳେ ପଣ୍ଡିତ ନୀଳକଣ୍ଠ ଦାସ କହିଥିଲେ, ମହାଭାରତ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ହେଲେ ଆତ୍ମବଳ ସଞ୍ଚୟ କରିବା ଏବଂ ଉପଯୁକ୍ତ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେବା ଆବଶ୍ୟକ । ଦୁର୍ବଳ କଙ୍କାଳାବଶିଷ୍ଟ ଓଡ଼ିଆଙ୍କୁ ନେଇ ପ୍ରବଳ ପରାକ୍ରମଶାଳୀ ଶତ୍ରୁର ଆଗରେ ଠିଆ କରିବା ଆତ୍ମହତ୍ୟା ବ୍ୟତୀତ ଅନ୍ୟ କିଛି ନୁହେଁ । ଯୁଦ୍ଧରେ ବୀରତ୍ୱ ଦେଖାଇ ମୃତ୍ୟୁବରଣ କରିବା ଯେପରି ବୀରଜାତି ପକ୍ଷରେ ଅଭିନନ୍ଦନୀୟ ସେପରି ମୁମୂର୍ଷୁ ଅବସ୍ଥାରେ ଯୁଦ୍ଧ ଭୂମିରେ ଅବତରଣ କରି ନିହତ ହେବା ନିନ୍ଦନୀୟ । ଏଣୁ ସର୍ବପ୍ରଥମେ ଶକ୍ତି ସଞ୍ଚୟ କରିବା ବର୍ତ୍ତମାନ ଓଡ଼ିଆ ଜାତି ପକ୍ଷରେ ଶ୍ରେୟସ୍କର । ପଣ୍ଡିତ ନୀଳକଣ୍ଠଙ୍କ ଏହି ଉପଦେଶ ଆମ୍ଭମାନଙ୍କର ମନରେ ଗୋଟିଏ ନୂତନ ଆଶା ସଞ୍ଚାର କଲା । ସେଦିନ ମୁଁ ତାଙ୍କ ଗୃହକୁ ଯାଇ ତାଙ୍କର ଏହି ମତ ସକାଶେ ଧନ୍ୟବାଦ ଦେଇ ଆସିଲି । ଏହାପରେ ପାରଳାଖେମୁଣ୍ଡି ମହାରାଜାଙ୍କର ନେତୃତ୍ୱରେ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇ ସେଥିରେ ପଣ୍ଡିତ

Digitized by PPRACHIN, SOA

ଗୋଦାବରୀଶ ମିଶ୍ରଙ୍କୁ ଶିକ୍ଷାମନ୍ତ୍ରୀ ରୂପେ ଗ୍ରହଣ କରାଗଲା । ତାଙ୍କ ବ୍ୟତୀତ ମାନଧାତା ଗୋରଚନ୍ଦ୍ର ପଟ୍ଟନାୟକ ଏବଂ ପୁରୀର ଏ.ଡ୍‌ଭୋକେଟ ଯୋବନ ଝାଁ । ସେହି ମନ୍ତ୍ରିମଣ୍ଡଳରେ ଯୋଗଦେଲେ । ଓଡ଼ିଶାର ବହୁ ଉନ୍ନତିକର କାର୍ଯ୍ୟ ସେତେବେଳେ ଏହି ମନ୍ତ୍ରୀମଣ୍ଡଳ ଦ୍ୱାରା କାର୍ଯ୍ୟରେ ପରିଣତ ହୋଇଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶାରେ ସ୍ୱତନ୍ତ୍ର ମେଡ଼ିକାଲ କଲେଜ, ଓଡ଼ିଶା ହାଇକୋର୍ଟ ପ୍ରଭୃତି କେତେକ ବଡ଼ ବଡ଼ କାର୍ଯ୍ୟ ହୋଇଥିବାର ଆମେ ଅନୁଭବ କଲୁ ।

ଭାରତୀୟ ରାଜନୀତିରେ ଯୁଦ୍ଧକାଳୀନ ବିଭିଷୀକା ଏ ଦେଶକୁ ଘୋର ଅନ୍ଧକାର ଭିତରକୁ ଟାଣି ନେଲା । ସୁବାଷ ବୋଷଙ୍କ ପରି ନେତାଙ୍କ ଜାପାନ ସଙ୍ଗେ ସହଯୋଗ ହେତୁ ଭାରତର ଉପକୂଳ ଅଞ୍ଚଳରେ କେତୋଟି ବୋମା ପଡ଼ିବାରୁ ଲୋକେ ଭୀତତ୍ରସ୍ତ ହୋଇଗଲେ । ପ୍ରତି ସହରରେ ଲୋକଙ୍କୁ ଯୁଦ୍ଧକାଳୀନ ଆପଦ ବିପଦରୁ ରକ୍ଷା କରିବା ସକାଶେ ହୋମଗାର୍ଡ଼, ସ୍କ୍ୱାର୍ଡ଼ମାନ ଗଠିତ ହେଲା । ଦିନେ ଆମେ ଖବର ପାଇଲୁ ଯେ ବର୍ମାରୁ ଆସିଥିବା କେତୋଟି ଚାଉଳ ଜାହାଜ ଗଙ୍ଗାନଦୀରେ ବୁଡ଼ାଇ ଦିଆ-ଯାଇଛି । ସେ ବର୍ଷ ଧାନ ଫସଲର ଉତ୍ପାଦନ କମି ଯାଇଥିବାରୁ ପୁଣି ଯୁଦ୍ଧ ସକାଶେ ସରକାରଙ୍କ ପକ୍ଷରୁ ଯଥେଷ୍ଟ ଚାଉଳ ବାହାରକୁ ରପ୍ତାନି କରାଯାଇଥିବାରୁ ଭୀଷଣ ଦୁର୍ଭିକ୍ଷ ଦେଖାଦେଲା । ଲୋକେ ଟଙ୍କା ପଇସା ଦେଇ ମଧ୍ୟ ଚାଉଳ ଏବଂ କିରୋସିନ ସଙ୍ଗେ ଲୁଗାପଟା ବଜାରରେ ପାଇଲେ ନାହିଁ । ମୋର ସ୍ମରଣ ହେଉଛି ପାରଳା-ଖେମୁଣ୍ଡିରେ ଯେଉଁ ହୋମଗାର୍ଡ଼ ଦଳ ଗଠିତ ହୋଇଥିଲା, ସେଥିରେ ମହାରାଜା ନିଜେ ପ୍ରଧାନ ଅଧ୍ୟକ୍ଷ ରୂପେ ରହିଥିଲେ ଏବଂ ତାଙ୍କର ଇଙ୍ଗିତରେ ଆମେ ସମସ୍ତେ ସେଥିରେ ଯୋଗଦେଲୁ । ମୁଁ ପାରଳାଖେମୁଣ୍ଡି ଟାଉନର ଗୋଟିଏ ଅଞ୍ଚଳର ନେତାରୂପେ ରହି ଲୋକଙ୍କୁ ଯୁଦ୍ଧକାଳୀନ ଆପଦରୁ ରକ୍ଷା କରିବାକୁ ଦିନରାତି କାମ କଲି । ଗୋଟିଏ କେନ୍ଦ୍ର ଡିପୋରୁ ଲୋକଙ୍କୁ ଚାଉଳ, କିରୋସିନ ପ୍ରଭୃତି ଅତ୍ୟାବଶ୍ୟକୀୟ ଜିନିଷପତ୍ର ବିତରଣ କରିବାରେ ଆମ ଦଳ କାର୍ଯ୍ୟ କରୁଥାନ୍ତି । ସେହି ଦାରୁଣ ବିପତ୍ତି ସମୟରେ ଥରେ ମୁଁ ରେଲ୍ ଗାଡ଼ିରେ କଲିକତା ଯାତ୍ରା କରୁଥାଏ । ବ୍ରହ୍ମପୁର ଷ୍ଟେସନରେ କଙ୍କାଳସାର ବୁଭୁକ୍ଷୁ ଲୋକଙ୍କର ମଧ୍ୟରେ ଗୋଟିଏ ଦୃଶ୍ୟ ଦେଖି ମୋର ହୃଦୟ ବିଚଳିତ ହୋଇଗଲା । ସେ ଦୃଶ୍ୟଟି ହେଉଛି ଚର୍ମ ଲୋଳିତ ମାତାର ବକ୍ଷଦେଶରେ ସ୍ତନ୍ୟ ପାନ କରୁଥିବା ଅବସ୍ଥାରେ କଙ୍କାଳ ସାର ଶିଶୁପୁତ୍ରର ମୃତ ଶରୀର, ରେଲୱେ ପ୍ଲାଟଫର୍ମରେ ପଡ଼ିରହିଛି । ଏପରି କେତେ ଯେ ଭାରତୀୟଙ୍କର ଦୁର୍ଦ୍ଦଶା ହୋଇଥିବ, ବିଶେଷତଃ ପଲ୍ଲୀ ଅଞ୍ଚଳରେ ଯେଉଁଠି କେହି ହେଲେ ସାହାଯ୍ୟ କରିବାକୁ ଯାଆନ୍ତି ନାହିଁ । ଏ ଦୃଶ୍ୟ ଦେଖିସାରି ମୁଁ ଫେରିଲା ପରେ ମହାରାଜାଙ୍କଠାରେ ଓଡ଼ିଆ ଲୋକଙ୍କର ଦୁର୍ଦ୍ଦଶା କଥା ବର୍ଣ୍ଣନା କଲି । ସବୁକଥା ମୋ ଠାରୁ ଶୁଣିସାରି ସେ ଗୋଟିଏ ଦୀର୍ଘନିଃଶ୍ୱାସ ପକାଇ କହିଲେ—ଏପରି ଅବସ୍ଥାରେ ଆମର କଂଗ୍ରେସ ନେତାମାନେ

Digitized by PPRACHIN, SOA

ସଭା ସମିତି କରି ବକ୍ତୃତାରେ ବ୍ରିଟିଶ ସରକାରଙ୍କୁ ଭର୍ତ୍ସନା କରି ଜେଲଯିବା ପରିବର୍ତ୍ତେ ଯଦି ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରିବାକୁ ପଲ୍ଲୀ ଅଞ୍ଚଳରେ କାମ କରନ୍ତେ, ତା'ହେଲେ କେତେକ ପରିମାଣରେ ଆମ ଦେଶର ଦୁର୍ଦ୍ଦଶା ଲାଘବ ହୁଅନ୍ତା । ମୁଁ ମନେକରେ ଯେଉଁମାନେ ଆଜି ଆମକୁ ସରକାରଙ୍କ ସଙ୍ଗେ ସହଯୋଗ କରିବା ହେତୁ ଦେଶଦ୍ରୋହୀ ବୋଲି କହୁଛନ୍ତି, ସେମାନେ ହିଁ ଭଗବାନଙ୍କ ନିକଟରେ ଦ୍ରୋହୀ ।

୧୯୪୦ ମସିହା ଜାନୁୟାରୀ ୧୫ ତାରିଖ ଦିନ ମହାରାଜା କଲିକତାରୁ ଫେରି ଆସିଲେ । ତାଙ୍କ ସଙ୍ଗେ ପଣ୍ଡିତ ନୀଳକଣ୍ଠ ଦାଶ ମଧ୍ୟ ସସ୍ତ୍ରୀକ ପାରଳାକୁ ଆସି ଏଠା କଲେଜ ପଡ଼ିଆରେ ଗୋଟିଏ ସଭାରେ ଭାଷଣ ଦେଇଥିଲେ । ସେ କହିଲେ—ଭାରତର ଏହି ଘୋର ଦୁର୍ଦ୍ଦିନରେ ଯଦି ଆମେ ସରକାରଙ୍କ ସଙ୍ଗେ ଅସହଯୋଗ କରି ଏ ଦେଶରେ ବିଦ୍ରୋହ ସୃଷ୍ଟି କରୁ, ତା' ହେଲେ ହୁଏତ ବ୍ରିଟିଶଙ୍କର ପ୍ରଭୁତ୍ୱ ଯାଇ ଏଠାରେ ଜାପାନ ବା ଅନ୍ୟ କୌଣସି ବୈଦେଶିକ ରାଜତ୍ୱ କବଳରେ ପଡ଼ିବା । ଏହା କଣ ଭାରତୀୟ-ମାନଙ୍କ ପକ୍ଷରେ ସ୍ପୃହଣୀୟ ହେବ ? ଠିକ୍ ଏତକବେଳେ କେତେକ କଂଗ୍ରେସ କର୍ମୀ ତାଙ୍କୁ ପ୍ରଶ୍ନକଲେ ମହାତ୍ମା ଗାନ୍ଧିଙ୍କ ପରି ଶାନ୍ତିପ୍ରିୟ ନେତାଙ୍କୁ ବନ୍ଦୀଶାଳାରେ ପକାଇବା କଣ ଅନ୍ୟାୟ ନୁହେଁ ? ଏଥିର ପ୍ରତିକାର ପାଇଁ ବ୍ରିଟିଶମାନଙ୍କର ବିରୁଦ୍ଧରେ ବିପ୍ଳବ କରିବା କଣ ଆମର କର୍ତ୍ତବ୍ୟ ନୁହେଁ ? ଏଥିର ଉତ୍ତରରେ ପଣ୍ଡିତ ମହାଶୟ ରାମାୟଣର ଗୋଟିଏ ଗାଥା କହିଥିଲେ । ରାବଣ ପରି ଜଣେ ଶକ୍ତିଶାଳୀ ଅସୁର ରାଜାଙ୍କୁ ଜୟ କରିବା ସକାଶେ କେତେକ ମର୍କଟ ଓ ଭାଲୁକଙ୍କର ମଧ୍ୟ ଆଶ୍ରୟ ନେଇ ରାମଚନ୍ଦ୍ର ସାଗର ସିନ୍ଧୁପାର ହୋଇଥିଲେ । ସେପରି ଏଠାରେ ଆମେ ଯେଉଁ **National War Fund** ନାମକ ବେସାମରିକ ଦଳ ଗଠନ କରିଥାଉ ତା'ର ସାହାଯ୍ୟରେ ଏହି ଯୁଦ୍ଧର ଅବସାନ ପରେ ବ୍ରିଟିଶମାନଙ୍କ ହାତରୁ ଆମର ଦେଶ ସ୍ୱାଧୀନ କରିବା ସମ୍ଭବ ହେବ । ଠିକ୍ ସେଇଦିନ କଲିକତାରୁ ଖବର ପହଞ୍ଚିଲା ଯେ, ଜାପାନ ପକ୍ଷରୁ ଦ୍ୱିତୀୟ ଥର ସେଠାରେ ବୋମା ବୃଷ୍ଟି ହୋଇଛି, ବହୁ ଲୋକ ଆହତ ହୋଇଛନ୍ତି ; ତେଣୁ ଭାରତର ଉପକୂଳ ଜିଲ୍ଲାମାନଙ୍କରେ ଯୁଦ୍ଧକାଳୀନ ସତର୍କତା ଅବଲମ୍ବନ କରାଗଲା । ବୋମା ପାତ ହେଲେ ସେଥିରୁ କିପରି ଆତ୍ମରକ୍ଷା କରିବାକୁ ପଡ଼ିବ ଏବଂ ଅଗ୍ନିଦାହରୁ ଲୋକଙ୍କୁ ରକ୍ଷା କରିବା ପାଇଁ କି ଉପାୟ ଅବଲମ୍ବନ କରିବା ଆବଶ୍ୟକ ଏ ସମସ୍ତ ଶିକ୍ଷା ଦେବାକୁ ଲୋକ ନିଯୁକ୍ତ ହେଲେ । ପାରଳାଖେମୁଣ୍ଡିରେ ଆମେ ଯେଉଁ ଗୃହରକ୍ଷୀ ଦଳ ଗଠନ କରିଥିଲୁ ସେମାନେ ଆପଦ୍‌କାଳୀନ ବ୍ୟବସ୍ଥା ସକାଶେ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସାଇରନ୍ ପ୍ରଭୃତି ଜିନିଷ ଯୋଗାଇଦେଲେ । ପାରଳାଖେମୁଣ୍ଡି ମହାରାଜା **National War Fund**ର ପ୍ରଧାନ ଅଧ୍ୟକ୍ଷ ରୂପେ ଓଡ଼ିଶାରେ ରହିଥିବାରୁ ଜିଲ୍ଲା କଲେକ୍ଟରମାନଙ୍କ ତତ୍ପରତା ଉପକୂଳ ଜିଲ୍ଲାମାନଙ୍କରେ ଯଥେଷ୍ଟ ବଢ଼ି ଯାଇଥିଲା । ଗଞ୍ଜାମର ତତ୍କାଳୀନ କଲେକ୍ଟର ଶ୍ରୀ ଅରୁଣାଚଲମ୍ ବାରମ୍ବାର ପାରଳାଖେମୁଣ୍ଡି

Digitized by PPRACHIN, SOA

ଏବଂ ବ୍ରହ୍ମପୁରକୁ ଗସ୍ତରେ ଯାଇ National War Frontର କାର୍ଯ୍ୟାବଳୀ ପରିଦର୍ଶନ କରୁଥାନ୍ତି । ଜାନୁୟାରୀ ୨୯ ତାରିଖ ଦିନ ସେ ପାରଳାଖେମୁଣ୍ଡି ଆସି ଆମ ଦଳର ପ୍ରତ୍ୟେକଙ୍କୁ ବ୍ୟାଚମାନ ବିତରଣ କଲେ । ସେହି ଦଳର ନେତା ରୂପେ ମୁଁ ନିର୍ବାଚିତ ହୋଇଥିବାରୁ War Front ବା ଯୁଦ୍ଧ ସାମ୍ମୁଖ୍ୟ କାର୍ଯ୍ୟ ସମେତ ଦୁର୍ଭିକ୍ଷକାଳୀନ ବ୍ୟବସ୍ଥା ଗ୍ରହଣ କରିବାକୁ କେତେକ ସଭାରେ ସ୍ଥିର କଲୁ । ମହାରାଜାଙ୍କ ଅନୁମତିକ୍ରମେ ତାଙ୍କର ଗୋଟିଏ ଗୃହ ସ୍ଥାନୀୟ କଂଟକିଆ ସାହିରେ ଆମକୁ ଦିଆଗଲା । ସେଠାରେ ଯୁଦ୍ଧ ସଂକ୍ରାନ୍ତ ଯାବତୀୟ କାଗଜପତ୍ର ଏବଂ ଆବଶ୍ୟକୀୟ ବସ୍ତୁଗୁଡ଼ିକ ଗଚ୍ଛିତ ହୋଇ ରହିଲା ।

ଏହି ଯୁଦ୍ଧ ସଂକ୍ରାନ୍ତ କାର୍ଯ୍ୟରେ ଲିପ୍ତ ରହିଥିଲେ ମଧ୍ୟ ଗରିବ ଲୋକମାନଙ୍କୁ ତାଙ୍କର ରେସନ କାର୍ଡ଼ ମୁତାବକ ଅତ୍ୟାବଶ୍ୟକୀୟ ଖାଦ୍ୟ ଜିନିଷ ଓ କିରାସିନ୍ ତେଲ ଯେତେବେଳେ ଡିପୋରୁ ଦିଆଯାଉଥାଏ ସେତେବେଳେ ମୁଁ ଲକ୍ଷ୍ୟ କଲି ଯେ ନିତାନ୍ତ ଗରିବ ଯେଉଁମାନେ ତାଙ୍କର ପାରିବାରିକ ଆବଶ୍ୟକତା ସତ୍ତ୍ୱେ ଧନ ଅଭାବରୁ ଖୁଦ, କିରାସିନ କିଣି ନ ପାରି ରେସନ କାର୍ଡ଼ଗୁଡ଼ିକ କେତେକ କଳାବେପାରୀଙ୍କୁ ବିକ୍ରି କରି ତାଙ୍କଠାରୁ ଅଳ୍ପ କିଛି ପଇସା ପାଇଥାନ୍ତି । ଏଥିରେ ମୋର ମନେ ହେଲା ସରକାରଙ୍କ ପକ୍ଷରୁ ଯେତେ ଯାହା ବ୍ୟବସ୍ଥା କରାଗଲେ ମଧ୍ୟ ଦୀନ ହୀନ ମୂଲିଆମାନଙ୍କ ପାଇଁ ଏବଂ ସେମାନଙ୍କର ଦୁଃଖ ଦୁର୍ଦ୍ଦଶା ଦୂରକରିବାକୁ କେହି ସମର୍ଥ ହୋଇନାହାନ୍ତି । ମୋର ମନେ ପଡ଼ୁଛି ସେତେବେଳ ମୁଁ ଗୋଟିଏ ଗୀତ ଏ ସମ୍ବନ୍ଧରେ ଲେଖିଥିଲି । ତାହା ଆଜି ମଧ୍ୟ ମୋର ଡାଇରୀରେ ରହିଛି । ଗୀତଟି ନିମ୍ନରେ ଉଦ୍ଧୃତ ହେଲା—

(ଯେତେ) ଯେତେ ସରକାର
ତେତେ ଦରକାର
କେତେ ତଲବାର
କାହାପାଇଁ ?
ଦୁନିଆ ଯେ ମୂକ ବଧୀର ଭାଇ ।
କେଉଁ ବିଳାସ ସିଂହାସନେ ବସିଲେ
ଯେବେ ଦେଖ ଏ ଦୀନ ମୂଲିଆ
କେତେ ନିରନ୍ନ ହାହାକାର ନିନାଦ;
ନାଚେ ମୃତ୍ୟୁର ଗ୍ରାସ୍ବା
ମାନବତାର ଜାଗ୍ରତଧାମେ ବିବେକ-ଘଣ୍ଟି କାହିଁ
ଆଜି ତ ବାଜେ ନାହିଁ ।
ଥିଲେ ସେ କାଳେ ରାମ ରଘୁପତି
ଏହି ସେ ଭାରତ ବର୍ଷେ

Digitized by PPRACHIN, SOA

ପରବଶତାର ଶାସକ ଯନ୍ତ୍ରେ
　　　　　　　ମାନବ ଜାତି ହର୍ଷେ
କାଲ-ତରଙ୍ଗେ ଲୁଚିଲା ଆଜ
　　　　　　　ଉନ୍ନତ-ଯୁଗ ସେ କାହିଁ
　　　　　　　କେହି ତ ଜାଣେ ନାହିଁ ।
ଯେତେ ବୁଦ୍ଧ-ମହମ୍ମଦ-ଯିଶୁଙ୍କ ଭାଷା
　　　　　　　ବାଜେ ମାନବ କାନେ
ତେତେ ନିର୍ମମ ଘୋର ପିଶାଚ ଲୀଳା
　　　　　　　ଅବତୀର୍ଣ୍ଣ ଏ ଧରାଧାମେ
ନାହିଁରେ ନାହିଁ ସମାଜ ପାଇଁ
　　　　　　　ମୁକ୍ତିର ମାର୍ଗ କାହିଁ
　　　　　　　ଭବସଂସାରେ ଭାଇ । ୩ ।

ବ୍ରିଟିଶ ସରକାରଙ୍କ ନିର୍ମମ ଅତ୍ୟାଚାର ଫଳରେ ବଙ୍ଗ ଦେଶରେ ବିଦ୍ରୋହ-ବହ୍ନି ଦେଖାଗଲା । ଅବଶ୍ୟ ସୁବାଷ ବୋଷଙ୍କର ଜାତୀୟ ମନ୍ତ୍ର ପ୍ରେରଣା ପାଇ କେତେକ ବଙ୍ଗୀୟ ନେତା ସେହି ବିଦ୍ରୋହକୁ ସନ୍ତାସବାଦ ଭିତରେ ପୂରାଇଲେ । ଏହାଫଳରେ ଚତୁର ସରକାରଙ୍କ ପକ୍ଷରୁ ଗୋଟିଏ ମାରାତ୍ମକ କଳ୍ପନା ସେଠାରେ କାର୍ଯ୍ୟକାରୀ ହେଲା । ମହମ୍ମଦ ଅଲି, ସୌକତ ଅଲି ନାମକ ମୁସଲମାନ ଭ୍ରାତାଙ୍କର ନିବାରଣ ସତ୍ତ୍ୱେ କଲିକତାରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଧର୍ମଯୁଦ୍ଧ ଆରମ୍ଭ ହେଲା । ବହୁ ଲୋକଙ୍କୁ ବିନ୍ ରାସ୍ତାରେ ହତ୍ୟାକରାଗଲା ଅଥଚ ସରକାରଙ୍କ ପକ୍ଷରୁ ତାହା ନିରୋଧ ହେଲା ନାହିଁ । ଏଥିପାଇଁ ଦୀର୍ଘ ୨୧ ଦିନ ବ୍ୟାପି ଉପବାସ କରିବାକୁ ମହାତ୍ମା ଗାନ୍ଧି ସଙ୍କଳ୍ପ କଲେ । ଏଥିରେ ଭାରତର ପ୍ରତି ଅଞ୍ଚଳରେ ଲୋକେ କାତର ହୋଇ ପଡ଼ିଲେ । ସେହି ଅବସ୍ଥାକୁ ଉପଲକ୍ଷ୍ୟ କରି ମୁଁ ଗୋଟିଏ ଗୀତ ରଚନା କରିଥିଲି । ତାହା ନିମ୍ନରେ ଉଦ୍ଧୃତ ହେଲା—

(ଆଜ) ବଙ୍ଗଦେଶେ ଜାଳଦେଲ ନିଆଁ ରେ
　　　　　　　　　　ମିଆଁ ଭାଇ ।
(ଆହା) ଭାରତର ଭାଗ୍ୟ ଦେଲ ଭସାଇ ରେ
　　　　　　　　　　ମିଆଁ ଭାଇ ॥
(ଏଡ଼େ) ଦୁର୍ବୁଦ୍ଧି ହେଲା ତୁମର କିଆଁ ରେ
　　　　　　　　　　ମିଆଁ ଭାଇ ।
(କେଡ଼େ) ସଭ୍ୟତାକୁ କରିଦେଇ ବିନାଶ
(ନିଜ) ବେକରେ ଛୁରି ମାରିବା ମୁଆଁସ
(ଏହା) ଦେଖି କାହା ସମ୍ଭାଳିବ ହୃଅରେ
　　　　　　　　　　ମିଆଁ ଭାଇ ॥

Digitized by PPRACHIN, SOA

ଜିଲ୍ଲା କଲେକ୍ଟର ଅରୁଣାଚଲମ୍ ଏଠାକୁ ଆସିଲାବେଳେ କେତୋଟି ସଙ୍ଗୀତ ତାଙ୍କୁ ଶୁଣାଇ ଦିଆଯାଇଥିଲା । ସେଗୁଡ଼ିକ ମୁଁ ରଚନା କରିଥିବା ଜାଣି ସେ ପ୍ରସ୍ତାବ କଲେ ଜାପାନ ପକ୍ଷରୁ ଯେଉଁ ଆଖିବୁଜା ବୋମା ବୃଷ୍ଟି ହେଉଛି, ସେଥିରେ କେତେ ନିରୀହ ଲୋକ ପ୍ରାଣ ଦେଉଛନ୍ତି । ବର୍ମାରେ କେତେ ଶିଳ୍ପ ନଷ୍ଟ ହୋଇଗଲାଣି । ଏହା ଦେଖିଲେ ହୃଦୟରେ ଘୋର ଦୁଃଖ ଓ ନିରାଶା ଖେଳିଯାଉଛି । ଏ ଉପଲକ୍ଷ୍ୟରେ ମୁଁ ଯେଉଁ ଗୀତଟିଏ ରଚନା କରିଥିଲି ତାହା ଆମ ଦଳର ପିଲାମାନେ ତାଙ୍କୁ ଗାଇ ଶୁଣାଇଦେଲେ । ମୋ ଟିପା ଖାତାରେ ଥିବା ଛିନ୍ନ ପୃଷ୍ଠାରୁ ସେହି ସଙ୍ଗୀତରୁ ଗୋଟିଏ ନିମ୍ନରେ ଉଦ୍ଧାର କଲେ ଅସଙ୍ଗତ ହେବନାହିଁ—

ଆଜିରେ ଏସିଆ ପ୍ରାନ୍ତେ
ଗୃହେ ଗୃହେ ଅଶାନ୍ତ ମେଳା
ଜାପାନ ଦାନବ ଲୀଳା । (ଘୋଷା)
ଦେଖିବ କାହିଁ ଭିଖାରି ସାଜି
ପଡ଼ିଛି ପ୍ରାନ୍ତରେ କେତି
ବରମା ଶିଶୁ ଖୋଜୁଛି କାହିଁ
ଗୋଟାଇ ବାସୀ ରୋଟି ।
ରୋଗୀ କାହିଁ ରହିଛି ଶୋଇ
ଅତ୍ୟନ୍ତ ଅବହେଳା
ଗୃହେ ଗୃହେ ଅଶାନ୍ତ ମେଳା
ଜାପାନ ଦାନବ ଲୀଳା ।
ସ୍ୱର୍ଗ ପଡ଼ିଛି ସେ ରେଙ୍ଗୁନ୍ ଦେଶେ
ଶିଳ୍ପ ସଦନ କେତେ ସାଜି
ବର୍ମା ଭଗିନୀ କାନ୍ଦଇ ଶୋକେ
ଧୂଳି ଧୂସରିତ ଦେହୀ ।
ଦାରୁଣ ଶୋକେ ଦେବ କେ ସାନ୍ତ୍ୱନା
ଶାନ୍ତ ଲଭିବ ସେ ବାଳା ?
ରେଙ୍ଗୁନର ଶିରି ନେଲା ପୁଣି ହରି
ରବର ଟିଣ ସମ୍ପତ୍ତି
ତେଲ ଖଣିମାନ ନାଶ କଲା ପୁଣ
ବର୍ମାରେ ରଚି ବିପତ୍ତି ହେ
ଆସୁରିକ ବଳରେ
ସିଂହ ପୁରଟି ହରିଲା ଖରେ ହେ ।

Digitized by PPRACHIN, SOA

ଅଧର୍ମର ଗର୍ବି ପ୍ରଥମରୁ ମାତ
ଉଠି କ୍ଷଣେ ହୁଏ ଲୟ
ପରଣାମେ ସିନା ପୃଥିବୀରେ ଜଣା
ଯାଏ ଧରମର ଜୟ ହେ
ଏବେ ତା ବଳହାନି
ହୁଏ ଦେଖ ପ୍ରାଚୀ ଅବନୀ ହେ ।
ଅଷ୍ଟ୍ରେଲିଆ ଜଳେ ପ୍ରଶାନ୍ତ କଲ୍ଲୋଳେ
ହେଲଣି ସେ ପ୍ରତିହତ
ବିଶାଳ ଚୀନକୁ ଗ୍ରାସିବୁ ନେବାକୁ
ପର ରାଜ୍ୟର ସମୃଦ୍ଧି ହେ
ଧର୍ମ ସହିବ କେହୁ
(ତାକୁ ନ ଅଣ୍ଟିଲା ଯେବେ ମହୀ ହେ ।
ଚୀନ ଦେଶ ଲୋଭ ଉତ୍ତରୁ ବିଉବ
ନେବାକୁ ଆସିଆ ଖଣ୍ଡେ
ଶ୍ୟାମ ଜାଭା ଲକ୍ଷ୍ୟ, ଦ୍ୱୀପ-ବର୍ମା ବକ୍ଷ
ଭେଦିଲା ଅତି ପ୍ରଚଣ୍ଡେ ହେ
ରାବଣର ପରି ସେ
ଦେଖାଇଲା ପ୍ରତାପ ରଭସେ ହେ ।
ଅଧର୍ମର ମାଣ ପୂରିଲାଣି ଜାଣ
ମାଞ୍ଚୁରିଆ କଲା ଗ୍ରାସ
ନିରୀହ ଚୀନର ପ୍ରତି ପରିବାର
ବନ୍ଦୀ ଗୃହର ସଦୃଶ ହେ
ଅହିଫେନ ମୋଦକ
ଦେଇ ଆସୁରୀ କଲାଟି ଲୋକ ହେ । ଇତ୍ୟାଦି—

ଉପରୋକ୍ତ ଉଦ୍ଧୃତାଂଶରୁ ସ୍ପଷ୍ଟ ଜଣାଯିବ ସେତେବେଳେ ଏସିଆ ମହାଦେଶରେ ବିଶେଷତଃ ଭାରତର ଚତୁଃପାର୍ଶ୍ୱରେ କିପରି ଗୋଟିଏ ଭୟଙ୍କର ଅବସ୍ଥା ସୃଷ୍ଟି ହୋଇଥିଲା । ଏକ ଅ.ଡ଼େ ଅତ୍ୟାବଶ୍ୟକୀୟ ଜିନିଷର ଅଭାବ; ଅନ୍ୟଆଡ଼େ ସରକାରଙ୍କ ପକ୍ଷରୁ ମାରମୂଖ କାର୍ଯ୍ୟକଳାପ ସଙ୍ଗେ ଶତ୍ରୁପକ୍ଷରୁ ବୋମା ବୃଷ୍ଟିର ବିଭୀଷିକା ଭାରତକୁ ଏକ ପ୍ରକାର ବିକଳାଙ୍ଗ କରି ଦେଇଥିଲା । ନଗରମାନଙ୍କରୁ ବହୁ ଭଦ୍ରପରିବାର ପ୍ରାଣ ଭୟରେ ପିଲାପିଲିଙ୍କୁ ନେଇ ଦୂର ପଲ୍ଲୀଗ୍ରାମମାନଙ୍କରେ ଆଶ୍ରୟ ନେଲେ । ମୋର ମନେପଡ଼ୁଛି ବ୍ରହ୍ମପୁରର ନିମକଣ୍ଡି ଗ୍ରାମରେ ଅବସ୍ଥିତ ଜେଲଖାନାର ପଛପଟେ

Digitized by PPRACHIN, SOA

ଗୋଟିଏ ବୋମା ପଡ଼ି ସେଠାର ଲୋକଙ୍କୁ ବିବ୍ରତ କରି ଦେଇଥିଲା । ସେଇ ବୋମାର ମାରାତ୍ମକ ବିସ୍ଫୋରଣ ଦେଖିବାକୁ ମୁଁ ମଧ୍ୟ ସେଠାକୁ ଯାଇଥିଲି । ଦେଖିଲି ପ୍ରାୟ ଶହେ ଫୁଟ ବ୍ୟାସର ଗୋଟିଏ କୂପ ସଦୃଶ ଗଭୀର ଖାତ ସୃଷ୍ଟି ହୋଇଛି । ସେଥିରୁ ଯେଉଁ ବିଷାକ୍ତ ଧାତୁ ଖଣ୍ଡମାନ ଚତୁର୍ଦ୍ଦିଗରେ ବିଚ୍ଛିନ୍ନ ହୋଇ ପଡ଼ିଥିଲା, ତାର ଆଘାତରେ ପୁଣି ବୋମାପାତର ଭୀଷଣ ଶବ୍ଦରେ ସେଠାର କେତୋଟି ଗୃହ ଭୂମିସାତ ହୋଇଥିଲା । କେତେକ ଲୋକ ମଧ୍ୟ ସେହି ଶବ୍ଦରେ ଶ୍ରୁତିଶକ୍ତି ହରାଇଥିଲେ । ବାସ୍ତବରେ କହିବାକୁ ଗଲେ, ଲୋକଙ୍କର ସେହି ଦୁର୍ଦ୍ଦଶାକୁ ଘୁଞ୍ଚାଇବା ଗୋଟିଏ ପବିତ୍ର କାର୍ଯ୍ୟ ରୂପେ ଆମ୍ଭେ ମନେ କଲୁ । ରାଜନୀତିରୁ ଦୂରରେ ରହି ସୁଦ୍ଧା ଆମ୍ଭମାନଙ୍କର ମନରେ ବ୍ରିଟିଶ୍ ସରକାରଙ୍କ ପ୍ରତି ତୀବ୍ର ଘୃଣା ଏବଂ ଅସୂୟା ଜାଗି ଉଠିଲା ।

ସେହି ଯୁଦ୍ଧକାଳୀନ ରାଜନୀତିକ ସଙ୍ଘର୍ଷ ମଧ୍ୟରେ ଜମିଦାରମାନଙ୍କଠାରୁ ବିଦେଶ ସରକାରଙ୍କଠାରେ ଆନୁଗତ୍ୟ ଆମ୍ଭମାନଙ୍କର ପ୍ରାଣରେ ଆଘାତ ଦେଲା । ଯେଉଁ ଜମିଦାରମାନଙ୍କର ହେତୁ ଏକ ସମୟରେ ଏ ରାଜ୍ୟର ସାହିତ୍ୟ ସଂସ୍କୃତି କଳା ଯଥେଷ୍ଟ ଉନ୍ନତ ହୋଇ ପାରିଛି, ଯେଉଁମାନଙ୍କର ଦେଶପ୍ରୀତି ଯୋଗୁ ବୈଦେଶିକ ଶାସକମାନେ ଏଠାରେ ପଶିବାକୁ ଭୟ କରୁଥିଲେ, ଯେଉଁମାନଙ୍କ ଦ୍ୱାରା ହିନ୍ଦୁ ଧର୍ମ ଉତ୍କର୍ଷ ଲାଭ କରି ବହୁ ଦେବ ମନ୍ଦିର ଏବଂ ଧର୍ମାନୁଷ୍ଠାନଗୁଡ଼ିକ ପ୍ରତିଷ୍ଠା ଲାଭ କରିଛି ସେମାନଙ୍କର ଦାୟାଦ ରୂପେ କେତେକ ଜମିଦାର ଆଜି ବ୍ରିଟିଶ ଶାସକଙ୍କର ପଦଲେହନ କରିବା ଦେଖିଲେ କେଉଁ ଜାତୀୟବାଦୀ ଲୋକର ପ୍ରାଣରେ ବେଦନା ସୃଷ୍ଟି ହେବନାହିଁ ? ଏହି ଭାବନା ମୋତେ ଗଭୀର ଚିନ୍ତାରେ ନିମଗ୍ନ କଲା । କିନ୍ତୁ ଏଥିର ନିରାକରଣ ଉପାୟ ନ ଥିବାରୁ କେବଳ ସାହିତ୍ୟ ମାଧ୍ୟମରେ ଗୋଟିଏ ନୂତନ ଚେତନା ସୃଷ୍ଟି କରିବାକୁ ସ୍ଥିର କରି 'ଗଜପତି' ନାମକ ଗୋଟିଏ ଐତିହାସିକ ନାଟକ ଲେଖିବାକୁ ଆରମ୍ଭ କଲି ।

୧୯୪୦ ମସିହା ଫେବୃୟାରୀ ଓ ମାର୍ଚ୍ଚ ମାସରେ ଏହି ନାଟକଟି ଲେଖିବା ଆରମ୍ଭ ହୋଇଥିଲା । ପାରଳାଖେମୁଣ୍ଡି ମହାରାଜାଙ୍କ ଜଣେ ବଂଶଧର ବ୍ରିଟିଶମାନଙ୍କ ପ୍ରାଥମିକ ଆକ୍ରମଣକୁ ପ୍ରତିରୋଧ କରି ଇଂରେଜ ସରକାରରେ ବୀରତ୍ୱ ପ୍ରଦର୍ଶନ କରିଥିଲେ । ତାହାହିଁ ଏ ନାଟକର ବିଷୟ ବସ୍ତୁ । ଏଥିରେ ନାୟକ ରୂପେ ଜଗନ୍ନାଥ ନାରାୟଣ ଦେବଙ୍କ ପୁତ୍ର ଗଜପତି ନାରାୟଣ ଦେବଙ୍କୁ ଏଥିରେ ମୁଖ୍ୟ ସ୍ଥାନ ଦିଆଯାଇଛି । ପାରଳାଖେମୁଣ୍ଡି ମାଳ ଅଞ୍ଚଳରେ ଇଂରେଜମାନଙ୍କର ବିରୁଦ୍ଧରେ ବିଦ୍ରୋହ କରି ସେଠାର ଆଦିବାସୀମାନଙ୍କୁ ଏବଂ ବିଶୋଇମାନଙ୍କୁ ଉତ୍ତେଜିତ କରିଥିଲେ ।

Digitized by PPRACHIN, SOA

✻ ୧୭୮୦ ମସିହାରେ ଅକ୍ଟୋବର ୩ ତାରିଖ ଦିନ ବିଶାଖାପାଟଣା ବନ୍ଦରରେ ସେହି ବିଦ୍ରୋହର ତୀବ୍ର ବିସ୍ଫୋରଣ ପ୍ରକାଶ ପାଇଲା । ସେତେବେଳେ ପାରଳାଖେମୁଣ୍ଡିର ରାଜା ଗଜପତିଙ୍କୁ ସେଠାରେ ବନ୍ଦୀ କରାଯାଇ ଥାଏ । ଏହା ପୂର୍ବରୁ କର୍ଣ୍ଣେଲ ପିଚ୍ (Colonel Peach) ଙ୍କର ଅଧ୍ୟକ୍ଷତାରେ ବଙ୍ଗଳାର ସୈନ୍ୟ ପାରଳାଖେମୁଣ୍ଡି ରାଜାଙ୍କ ବିରୁଦ୍ଧରେ ଅଭିଯାନ ଚଳାଇ ତାଙ୍କୁ ବିଶାଖାପାଟଣାରେ ରଖାଇଥିଲେ । ଏଥିରେ ମାଳ ଅଞ୍ଚଳର ବୋଦ୍ଧ ଓ ବଣୋଇମାନେ ଉତ୍କ୍ଷିପ୍ତ ହେଲେ । ଗଜପତିଙ୍କର ପାଟ ମହାଦେଈ ଜଣେ ବୀର ରମଣୀ । ସେମାନଙ୍କୁ ଆଦିବାସୀମାନଙ୍କ ସମେତ ଉଦ୍‌ବୋଧନ ଦେଇ ଗଜପତିଙ୍କୁ ବନ୍ଦୀ ଗୃହରୁ ମୁକୁଳାଇବା ପାଇଁ ପଠାଇଲେ । ଗମ୍ଭୀର ରାତ୍ରିରେ ବିଶାଖା-ପାଟଣାରେ ସେମାନଙ୍କର ଆକ୍ରମଣ ଆତ୍ମପ୍ରକାଶ କଲା । ସେ ବର୍ଷ ଅକ୍ଟୋବର ୩ତାରିଖ ଦିନ ମହୀଶୂରର ନବାବ ହାଇଦର ଅଲ୍ଲୀଙ୍କ ବିପକ୍ଷରେ ତୃତୀୟ କର୍ଣ୍ଣାଟକ ସମରରେ ଯୋଗ ଦେବାକୁ ସାର୍ ଆୟାରକୋର୍ଟଙ୍କ ନେତୃତ୍ୱରେ ଗୋଟିଏ ଜାହାଜରେ ବଙ୍ଗଳାର ସିପାହୀମାନେ ଏବଂ ବନ୍ଧୁକଧାରୀ ଗୋରା ଅଫିସରମାନେ ଦାକ୍ଷିଣାତ୍ୟକୁ ଯାତ୍ରା କରୁଥିଲେ । କିନ୍ତୁ ବିଶ୍ରାମ ନେବା ଉଦ୍ଦେଶ୍ୟରେ ଗଭର୍ଣ୍ଣରଙ୍କ ଅନୁରୋଧକ୍ରମେ ବିଶାଖାପାଟଣାଠାରେ ସେମାନେ ଗୋଟିଏ ଦିନ ପାଇଁ ଛାଉଣୀ ପକାଇଲେ । ସେଦିନ ରାତି ଗଭର୍ଣ୍ଣରଙ୍କ ଗୃହରେ ଗୋରା ଅଫିସରମାନେ ଭୋଜିରେ ଯୋଗଦେଇଥିଲାବେଳେ ସିପାହୀମାନଙ୍କର ବିଦ୍ରୋହ ସଙ୍ଗେ ପାରଳାଖେମୁଣ୍ଡି ପାଇକମାନଙ୍କର ଆକ୍ରମଣ ଏକା ସାଙ୍ଗରେ ଗୋରା ସୈନ୍ୟଙ୍କୁ ବ୍ୟତିବ୍ୟସ୍ତ କରି ପକାଇଲା । ସେମାନଙ୍କ ଅସ୍ତ୍ରଶସ୍ତ୍ରଗୁଡ଼ିକ ହସ୍ତଗତ କରି ବସ୍ତିବାସରେ ଅଗ୍ନି ସଂଯୋଗ ହେଲା । ସାହେବମାନେ ପ୍ରାଣ ରକ୍ଷା କରିବାକୁ ପ୍ରଧାବିତ ହେଲେ । ବହୁ ସଂଖ୍ୟକ ଅଫିସର ପ୍ରାଣ ହରାଇଲେ । ଗଭର୍ଣ୍ଣରଙ୍କୁ ବନ୍ଦୀକରି ବିଦ୍ରୋହୀମାନେ ହାଇଦ୍ରାବାଦ ନେବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଗଜପତିଙ୍କର ଇଙ୍ଗିତରେ ତାଙ୍କୁ ଅର୍ଦ୍ଧ ପଥରୁ ଛାଡ଼ି ଦିଆଗଲା । ଆଦିବାସୀମାନେ କ୍ୟାପ୍‌ଟେନ ୟୁଙ୍ଗଷ୍ଟନ ନାମକ ଜଣେ ଗୋରା ସେନାଧ୍ୟକ୍ଷଙ୍କୁ ବନ୍ଦୀ କରି ପାରଳାଖେମୁଣ୍ଡି ସେରଙ୍ଗମାଳକୁ ନେଇଗଲେ । ସେଠାରେ ତାଙ୍କୁ ବନ୍ଦୀ କରି ଇଂରେଜ ଗଭର୍ଣ୍ଣରଙ୍କୁ ଗୋଟିଏ ପତ୍ରରେ ଜଣାଇ ଦେଲେ, ଯଦି ସେମାନଙ୍କର ରାଜାଙ୍କୁ ବନ୍ଦୀରୁ ମୁକ୍ତ କରାନଯାଏ, ତା'ହେଲେ ତାଙ୍କର ସେନାପତି ମଧ୍ୟ ବନ୍ଦୀରୁ ମୁକ୍ତ ହେବେ ନାହିଁ । ଏଥିର ଫଳ ସ୍ୱରୂପ ଅନିଚ୍ଛାସତ୍ତ୍ୱେ ଗଜପତିଙ୍କୁ ମୁକ୍ତ ଦିଆଗଲା । ତାଙ୍କର ପ୍ରେରଣାରେ ପାରଳାଖେମୁଣ୍ଡିର ନୀଳକଣ୍ଠେଶ୍ୱର ମନ୍ଦିର ଭାଙ୍ଗିଯାଇଥିବାରୁ ତାହା ପୁନର୍ବାର ନିର୍ମିତ ହେଲା । ସେହି ମନ୍ଦିରରେ ଅଦ୍ୟାପି ଗଜପତିଙ୍କର ଗୋଟିଏ ଅଭିଲେଖ ଓଡ଼ିଆ ଭାଷାରେ ଖୋଦିତ ହୋଇ ରହିଛି । ତାଙ୍କର ବୈମାତ୍ରିକ ଭ୍ରାତା ଜଗନ୍ନାଥ

✻ ମୁଁ ଲେଖିଥିବା History of the Gangas vol.—II

Pages-162-165

Digitized by PPRACHIN, SOA

ଦେବଙ୍କୁ କୌଶଳରେ ହସ୍ତଗତ କରି ଇଂରେଜମାନେ ସେଠାରେ ଯେଉଁ ଗୃହ ବିବାଦ ଲଗାଇଥିଲେ, ସେଥିର ବିଷମୟ ପରିଣାମ ଇଂରେଜମାନଙ୍କୁ ହିଁ ଭୋଗ କରିବାକୁ ପଡ଼ିଲା । ଗଜପତିଙ୍କର ବୀରତ୍ୱ, ସାହସ, ଉଦାରତା ଏବଂ ଧର୍ମପ୍ରାଣତା ସେହି ନାଟକରେ ଉଲ୍ଲେଖ କରିବା ସଙ୍ଗେ ମାତୃଭୂମି ପ୍ରତି ରାଜା ଓ ଜମିଦାରମାନଙ୍କର ଯେଉଁ ଗଭୀର ମମତା ଏବଂ ପ୍ରଜାମାନଙ୍କ ପ୍ରତି ତାଙ୍କର ସ୍ନେହ ନାଟକ ମାଧ୍ୟମରେ ପ୍ରକାଶ କରି ତାହା 'ବସନ୍ତ ନିବାସ' ନାମକ ରାଜପ୍ରାସାଦରେ ଅଭିନୀତ କରାଇଥିଲି ।

ମୋର ଆଜି ସ୍ମରଣ ହେଉଛି ସେହି ନାଟକ ଦେଖିଲା ପରେ ପାରଳାଖେମୁଣ୍ଡି ମହାରାଜା ଅତ୍ୟନ୍ତ ଭାବପ୍ରବଣ ହୋଇ ·ତା ପରଦିନ ମୋତେ ଡକାଇ ପଚାରିଲେ ବିଶାଖାପାଟଣାରେ ଯେଉଁ ବିଦ୍ରୋହ ସୃଷ୍ଟି ହେଲା ବୋଲି ଆପଣ ଲେଖିଛନ୍ତି, ତାହା କପୋଳକଳ୍ପିତ ନା ଐତିହାସିକ ସତ୍ୟ ଉପରେ ପ୍ରତିଷ୍ଠିତ ? ମୁଁ କହିଲି ଅବଶ୍ୟ ନାଟକର କେତେକ ଅଂଶରେ କଳ୍ପନାତ୍ମକ ବିଷୟ ସନ୍ନିବେଶିତ ହୋଇଥାଏ, କିନ୍ତୁ ମୂଳ କଥାବସ୍ତୁ ଐତିହାସିକ ସତ୍ୟରୁ ଆହୃତ ଏଥିରେ ଆଦୌ ସନ୍ଦେହ ନାହିଁ । **Hickey** ସାହେବଙ୍କର ରଚିତ **The Bengal Gazetteer 21st October 1780** ଏବଂ **Cotton** ସାହେବଙ୍କର ରଚିତ **'List of Inscriptions on Tombs or monuments in Madras'** ପୁସ୍ତକର ଅବଲମ୍ବନରେ ଏହି ବିଷୟ ବସ୍ତୁ ମୁଁ ସଂଗ୍ରହ କରିଥିଲି । ମହାରାଜା ଅତ୍ୟନ୍ତ ପ୍ରଫୁଲ୍ଲ ହୋଇ କହିଲେ ଆମ ବଂଶରେ ଏପରି ବୀର ପୁରୁଷ ଜନ୍ମଲାଭ କରିଥିଲେ, ଯାହାଙ୍କର ବୀରତ୍ୱ ଏବଂ ଉଦାରତା ଆତ୍ମୋତ୍ସର୍ଗ ଇତ୍ୟାଦି ଗୁଣଗୁଡ଼ିକ ରାଜପୁତାନାର ରାଣା ପ୍ରତାପସିଂହଙ୍କ ପରି ମନେ ହେଉଛି । ରାଣା ପ୍ରତାପ ଯେପରି ଆକବରଙ୍କ ଅତ୍ୟାଚାରରେ ପଡ଼ି ନିଜ ଭ୍ରାତା ଶକ୍ତି ସିଂହଙ୍କର ବିରୋଧ ହେତୁ ଚିତୋର ଗଡ଼ ରାଜପୁତାନାର ମରୁଭୂମିରେ ଭ୍ରମଣ କରିଥିଲେ, ସେଠାର ଭିଲ୍‌ମାନେ ଯେପରି ତାଙ୍କର ଦୁଃଖ ସମୟରେ ସାହାଯ୍ୟ କରିଥିଲେ, ସେପରି ଗଜପତିଙ୍କର ଚରିତ୍ର ମୋତେ ଏହି ନାଟକଟି ଦେଖିବାଠାରୁ ମନକୁ ସ୍ପର୍ଶ କରୁଛି । ମହାରାଜା ନିଜେ ମାନ୍ଦ୍ରାଜର ନ୍ୟୁଇଙ୍ଗଟନ କଲେଜରେ ପଢୁଥିବାବେଳେ ଛାତ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ କେତେକ ଓଡ଼ିଆ ନାଟକ ଅଭିନୟରେ ଅଂଶ ଗ୍ରହଣ କରିଥିବାରୁ ଏବଂ ଇତିହାସ ପାଠରେ ତାଙ୍କର ଗଭୀର ଶ୍ରଦ୍ଧା ଥିବାରୁ ସେ ଏହି ନାଟକ ଅଭିନୟ ଦେଖି ଅଭିଭୂତ ହେବାର ଜଣାଗଲା । ମୋର ସ୍ମରଣ ହେଉଛି ଏହି ନାଟକର କ୍ୟାପ୍‌ଟେନ ମୁଙ୍ଗଷ୍ଟନ ଭୂମିକାରେ ମୋର ଜଣେ କଲେଜ ସୁଅ ଭାଇ ବିଶ୍ୱମ୍ଭର (ବର୍ତ୍ତମାନ ଚକ୍ଷୁ ବିଶାରଦ ଡ. ବି. ରାଜଗୁରୁ) ଯେପରି ଅଭିନୟ କରିଥିଲେ ତାହା ସମସ୍ତଙ୍କୁ ବିମୁଗ୍ଧ କରିଥିଲା ।

ବାସ୍ତବରେ କହିବାକୁ ଗଲେ ନାଟକ ମାଧ୍ୟମରେ ମନୁଷ୍ୟର ଚରିତ୍ର ଗଠନକରିବା ଗୋଟିଏ ସହଜ ଉପାୟ ବୋଲି ଆମ୍ଭେ ଜାଣୁ । ଦୃଶ୍ୟ କାବ୍ୟରେ ଦର୍ଶକମାନଙ୍କ ମନରେ

Digitized by PPRACHIN, SOA

ଯେଉଁ ଗଭୀର ଗ୍ରନ୍ଥପାତ ହୁଏ, ସେପରି ସାହିତ୍ୟର ଅନ୍ୟ କାର୍ଯ୍ୟମାନଙ୍କରେ ହେବା ସମ୍ଭବ ନୁହେଁ । ଏଣୁ ଆଲଙ୍କାରିକମାନଙ୍କ ମତରେ ନାଟକହିଁ ଶ୍ରେଷ୍ଠ ସାହିତ୍ୟିକ ପରିଣତି ରୂପେ ବର୍ଣ୍ଣିତ ହୋଇଅଛି । ମହାକବି କାଳିଦାସଙ୍କର 'ଶକୁନ୍ତଳା' ପରି ତାଙ୍କ ରଚିତ ରଘୁବଂଶ, ସାହିତ୍ୟିକମାନଙ୍କୁ ମୁଗ୍ଧ କରିପାରେ ନାହିଁ । ସେ ଯାହାହେଉ ଏଠାରେ ଅତି ଦୁଃଖର ସହିତ ମୋତେ ପ୍ରକାଶ କରିବାକୁ ପଡୁଛି ଯେ ମୋ ଲେଖିଥିବା ନାଟକଗୁଡ଼ିକ ମଧ୍ୟରୁ ଗୋଟିଏ ହେଲେ ପାଣ୍ଡୁଲିପି ମୋ'ଠାରେ ନାହିଁ କିମ୍ବା ବହୁ ଅନୁସନ୍ଧାନ କରି ମଧ୍ୟ ମୁଁ ତାହା କେଉଁଠାରୁ ପାଇ ପାରିଲି ନାହିଁ ।

୧୯୪୨ ଅବଧି ମୋର ଦୈନିକ ଡାଇରୀ ଲେଖା କେତେବର୍ଷ ପର୍ଯ୍ୟନ୍ତ ବନ୍ଦ ରହିଲା । ତେଣୁ ପରବର୍ତ୍ତୀ ବର୍ଷମାନଙ୍କର ଧାରାବାହିକ ବିବରଣୀ ଉଲ୍ଲେଖ କରିବା ସମ୍ଭବ ହେବ ନାହିଁ । କାରଣ ମୋର ମନରେ ଯାହା ଅଙ୍କିତ ରହିଛି ତାକୁହିଁ ଆଧାର କରିବାକୁ ପଡ଼ିବ ।

ମାନ୍ଦ୍ରାଜର ଶିକ୍ଷା ସମ୍ପର୍କୀୟ ନିୟମ ଅନୁସାରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ମଫସଲ ଅଞ୍ଚଳରେ ଦୁଇଟି ଭାଗରେ ବିଭକ୍ତ ହୋଇଥିଲା । ପ୍ରଥମ ଭାଗଟି ଜିଲ୍ଲାବୋର୍ଡ଼, ତାଲୁକ ବୋର୍ଡ଼, ମ୍ୟୁନିସିପାଲିଟି ପ୍ରଭୃତି ଲୋକଶାସନ ଅନ୍ତର୍ଭୁକ୍ତ ଏବଂ ଦ୍ୱିତୀୟ ଭାଗଟି କୌଣସି ବ୍ୟକ୍ତିବିଶେଷ କିମ୍ବା ଗ୍ରାମର କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ପୂର୍ବୋକ୍ତ ଶ୍ରେଣୀର ସ୍କୁଲଗୁଡ଼ିକରେ ଯେଉଁ ଶିକ୍ଷକମାନେ ନିଯୁକ୍ତ ଥିଲେ ସେମାନେ ଜିଲ୍ଲାବୋର୍ଡ଼ ପ୍ରଭୃତି ସ୍ୱାୟତ୍ତ ଶାସନମୂଳକ ଅନୁଷ୍ଠାନରୁ ଧାରାବାହିକ ରୂପେ ମାସିକ ଦରମା ପାଉଥିଲେ । କିନ୍ତୁ ବେସରକାରୀ ଅନୁଷ୍ଠାନ ବା ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମଫସଲରେ ଯେଉଁ ପ୍ରାଥମିକ ସ୍କୁଲଗୁଡ଼ିକ ଥାଏ, ତାହା ସ୍କୁଲ ସବଇନ୍‌ସପେକ୍ଟରଙ୍କ ସୁପାରିଶ ଏବଂ ପରୀକ୍ଷା ପରେ ପ୍ରତ୍ୟେକ ଜିଲ୍ଲା ପାଇଁ ନିର୍ବାଚିତ ଶିକ୍ଷା କାଉନସିଲଙ୍କଠାରୁ ବାର୍ଷିକ ଏକକାଳୀନ ଦିଆଯାଏ । ଏପରି ସ୍କୁଲଗୁଡ଼ିକ ଏଡେଡ଼୍ (Aided) ସ୍କୁଲ କିମ୍ବା ସହାୟକମୂଳକ ବିଦ୍ୟାଳୟ ରୂପେ ପରିଚିତ । ଗଞ୍ଜାମ ଜିଲ୍ଲାରେ ଏପରି ପ୍ରାୟ ୩୦୦ ସ୍କୁଲ ରହିଥିଲା । ସେଥିର ପରିଚାଳନା ସକାଶେ ଏବଂ ସାହାଯ୍ୟ ଦେବାପାଇଁ ଯେଉଁ ବୋର୍ଡ଼ ଗଢ଼ା ଯାଇଥିଲା ସେଥିରେ ଜଣେ ସଭ୍ୟ ରୂପେ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ପକ୍ଷରୁ ନିର୍ବାଚିତ ହୋଇ ପ୍ରାୟ ୫ବର୍ଷ ମୁଁ ରହିଥିଲି । ତତ୍କାଳୀନ ଗଞ୍ଜାମ ଜିଲ୍ଲାର ବୋର୍ଡ଼ ପ୍ରେସିଡେଣ୍ଟ ମୋର ବନ୍ଧୁ ଦିବାକର ପଟ୍ଟନାୟକ ସେହି ବୋର୍ଡ଼ର ପ୍ରେସିଡେଣ୍ଟ ଏବଂ ମୁଁ ଭାଇସ୍ ପ୍ରେସିଡେଣ୍ଟ ରୂପେ ନିର୍ବାଚିତ ହୋଇଥିଲୁ । ଦିବାକର ବାବୁ ତାଙ୍କର ସମସ୍ତ ଅଧିକାର ମୋତେ ଡେଲିଗେଟ୍ କରି ଦେଇଥିବାରୁ ବ୍ରହ୍ମପୁରଠାରେ ଅବସ୍ଥିତ ସେହି ବୋର୍ଡ଼ ଅଫିସ ଭାର ମୋ ଉପରେ ପଡ଼ୁଥାଏ । ପ୍ରାଥମିକ ଶିକ୍ଷା ସମ୍ପର୍କୀୟ ଜ୍ଞାତବ୍ୟ ବିଷୟଗୁଡ଼ିକ ଜାଣିବା ପାଇଁ ସେହି ଅଫିସରେ ଯେଉଁ ମୂଲ୍ୟବାନ ଲାଇବ୍ରେରୀଟି ଥିଲା, ତାହା ମୁଁ ସମସ୍ତ ସମୟେ ବ୍ୟବହାର କରୁଥିଲି । ପାଶ୍ଚାତ୍ୟ ଦେଶମାନଙ୍କରେ ଶିକ୍ଷାମୂଳକ ରୀତି-

Digitized by PPRACHIN, SOA

ନୀତି ଆମ ଦେଶର ଶିକ୍ଷା ନୀତିରୁ ଯଥେଷ୍ଟ ଉନ୍ନତ ଓ ବାସ୍ତବ ଦିଗରୁ କାର୍ଯ୍ୟକାରୀ ଏହା ମୁଁ ଅନୁଭବ କଲି, ଯେତେବେଳେ ଆମେରିକା ଓ ଜାପାନ ପରି ଦେଶର ଶିକ୍ଷା ସମ୍ପର୍କୀୟ ପୁସ୍ତକଗୁଡ଼ିକ ପାଠ କଲି । ସେମାନଙ୍କର ପ୍ରବର୍ତ୍ତିତ ନୀତିରୁ କେତେକ ଅଂଶ ଆମ ଦେଶରେ ଯଦି ପ୍ରଚଳିତ ହୁଏ, ତା ହେଲେ ଶିକ୍ଷାର ମାନ କେତେକାଂଶରେ ଉନ୍ନତ ହୋଇ ପାରିବ, ଏହି ଆଶାରେ ଗଞ୍ଜାମ ସକାଶେ ସ୍ୱତନ୍ତ୍ର ଭାବେ ଗୋଟିଏ ସ୍କିମ ତିଆରି କରି ତାହା ତତ୍କାଳୀନ ଶିକ୍ଷା ବିଭାଗୀୟ ଡିରେକ୍ଟର ଡି. ପି ସାହେବଙ୍କୁ ଦେଲି । ସେଥିରେ ଉଲ୍ଲେଖ ଥିଲା ଯେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବିଭିନ୍ନ ଶ୍ରେଣୀରେ ବିଭକ୍ତକରି ସମୂହଭାବେ ଓଡ଼ିଶା ପ୍ରଦେଶର ସ୍କୁଲଗୁଡ଼ିକ ସରକାରଙ୍କ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ମୁଁ ଏହି ପ୍ରସ୍ତାବ କରିବା ମୂଳରେ ଯେଉଁ କାରଣଗୁଡ଼ିକ ଥିଲା, ତାହା ନିମ୍ନୋକ୍ତ କେତୋଟି ଉଦାହରଣରୁ ସ୍ପଷ୍ଟରୂପେ ପ୍ରମାଣିତ ହେବ ।

ଶ୍ରୀକାକୁଲମ ଜିଲ୍ଲା (ବର୍ତ୍ତମାନ ଆନ୍ଧ୍ର ପ୍ରଦେଶ) ସେତେବେଳେ ଗଞ୍ଜାମ ଜିଲ୍ଲାର ଗୋଟିଏ ଅଂଶ ହୋଇ ରହିଥିଲା । ସେଠାରେ ତାଲୁକ ବୋର୍ଡ଼ ପକ୍ଷରୁ ଜଣେ ଆନ୍ଧ୍ରର ପ୍ରଭାବଶାଳୀ ବ୍ୟକ୍ତି ପ୍ରେସିଡେଣ୍ଟ ରୂପେ ନିର୍ବାଚିତ ହୋଇଥିଲେ । ତାଙ୍କ ଅଫିସ ପକ୍ଷରୁ ଗରିବ ପ୍ରାଥମିକ ଶିକ୍ଷକମାନଙ୍କର ବଦଳି ଆଦେଶ ବର୍ଷକ ମଧ୍ୟରେ ୨।୩ ଥର ହୁଏ । ପ୍ରତ୍ୟେକ ଥର ଏପରି ଆଦେଶ ହେବା ଆଗରୁ ତାଲୁକ ବୋର୍ଡ଼ ପ୍ରେସିଡେଣ୍ଟଙ୍କ ଗୃହରେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଶହ ଶହ ଶିକ୍ଷକ ଟଙ୍କା ଧରି ଲାଇନ କରି ଜଗିରହନ୍ତି । ପ୍ରତ୍ୟେକ ପ୍ରସ୍ତାବିତ ବଦଳି ପାଇଁ ୨୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଉତ୍କୋଚ ଦେବାକୁ ପଡ଼ୁଥିଲା । ଏହା ଜିଲ୍ଲା କଲେକ୍ଟରଙ୍କଠାରୁ ଆରମ୍ଭ କରି ଶିକ୍ଷାବିଭାଗୀୟ ଉଚ୍ଚ କର୍ମକର୍ତ୍ତାଙ୍କ ପର୍ଯ୍ୟନ୍ତ ସମସ୍ତେ ଜାଣିଥିଲେ ସୁଦ୍ଧା କେହି କିଛି ପ୍ରତିକାର କରିବାକୁ ସାହସୀ ହେଉ-ନଥିଲେ । ପ୍ରକାଶ୍ୟରେ ଉତ୍କୋଚ ନେବା ଗୋଟିଏ କ୍ରିମିନାଲ ବା ଫଉଜଦାରୀ ଶ୍ରେଣୀସ୍ଥ ଅପରାଧ ହୋଇଥିଲେ ସୁଦ୍ଧା, କାହିଁକି ଯେ ଏଥିର ପ୍ରତିକାର ବ୍ୟବସ୍ଥା ପୋଲିସ ପକ୍ଷରୁ କରାଯାଉ ନାହିଁ, ପୁଣି ବ୍ରିଟିଶ ସରକାରଙ୍କ କେନ୍ଦ୍ର ଦପ୍ତରରୁ କୌଣସି ଆଦେଶ ପଠାଯାଉ ନାହିଁ, ଏହା ଅନୁସନ୍ଧାନ କରିବାକୁ ଯାଇ ମୁଁ କେତେକ ଉଚ୍ଚ କର୍ମଚାରୀଙ୍କ ସଙ୍ଗେ ଆଳାପ କଲି । ପରିଶେଷରେ ବ୍ରହ୍ମପୁରର ଶିକ୍ଷା ବିଭାଗୀୟ ଅବସରପ୍ରାପ୍ତ ଶିବରାମ ରଥଙ୍କ ଠାରୁ ଏଥିର ପ୍ରକୃତ ତତ୍ତ୍ୱ ମୁଁ ବୁଝିପାରିଲି । ତାହା ହେଉଛି କଂଗ୍ରେସ ଆନ୍ଦୋଳନ ହେତୁ ବ୍ରିଟିଶ ସରକାର ବାଧ୍ୟ ହୋଇ ସ୍ୱାୟତ୍ତ ଶାସନ ଘୋଷଣା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଭାରତୀୟମାନଙ୍କ ହାତରେ ଶାସନଭାର ଯଦି ଦିଆଯାଏ, ତା' ହେଲେ ସେଥିର ପରିଣତି କିପରି ଦୁଃଖଦାୟକ ହେବ, ସେ କଥା ଲୋକଙ୍କୁ ଚେତାଇ ଦେବା ଉଦ୍ଦେଶ୍ୟରେ ସ୍ୱାୟତ୍ତଶାସନର ଏଇ ଅନୁଷ୍ଠାନଗୁଡ଼ିକର ଅସାଧୁ ବ୍ୟବହାର ପ୍ରତି କଡ଼ା ବ୍ୟବସ୍ଥା କରିବା ତେଣେ ଥାଉ, ସେପରି କରିବା ସକାଶେ ଭିତର ଉତ୍ସାହ ଦେଉଥିଲେ । ବାସ୍ତବିକ ବ୍ରିଟିଶ ସରକାରଙ୍କ ଶାସନ ଭିତରେ ଯେଉଁ

Digitized by PPRACHIN, SOA

ମାରାତ୍ମକ କୌଶଳ ଅବଲମ୍ବନ କରାଯାଇଥିଲା, ସେଥିର ଏହା ଗୋଟିଏ କ୍ଷୁଦ୍ର ଉଦାହରଣ ମାତ୍ର ।

ସହାୟ ମୂଳକ ସ୍କୁଲଗୁଡ଼ିକର ଭାଗ୍ୟ ଆହୁରି ଅଧିକ ଶୋଚନୀୟ ଥିଲା ; କାରଣ ମଫସଲ ଅଞ୍ଚଳରେ ପ୍ରାଥମିକ ସ୍କୁଲଗୁଡ଼ିକ ଯେଉଁ ଶିକ୍ଷକମାନଙ୍କ ଦ୍ୱାରା ଗଠିତ ହୋଇ କୁଡ଼ିଆ ଘର ପରି ସଙ୍କୀର୍ଣ୍ଣ ଅସ୍ୱାସ୍ଥ୍ୟକର ସ୍ଥାନରେ ରହୁଥାଏ, ସେଠାରେ ବାଳକ-ବାଳିକାମାନେ ଶିକ୍ଷାଲାଭ କରିବା ତେଣେ ଥାଉ, ଗୁରୁଙ୍କୁ ପାଦପୂଜା ଦେଇ ଗପ କରି ସମୟ କଟାଇବା ଥିଲା ଦୈନିକ କାର୍ଯ୍ୟକଳାପ । ପରୀକ୍ଷା ବେଳକୁ ଅର୍ଥାତ୍ ଇନ୍‌ସପେକ୍ଟରଙ୍କର ପରିଦର୍ଶନବେଳେ ଦିନକ ପାଇଁ କିଛି ଆଡ଼ମ୍ବର ଦେଖାଇ ପିଲାମାନଙ୍କୁ ସ୍କୁଲ ଗୃହରେ ସମବେତ କରିପାରିଲେ ଶିକ୍ଷକ ତାଙ୍କର ପୂରାପୂରି ବାର୍ଷିକ ଗ୍ରାଣ୍ଟ ପାଉଥିଲେ । ଇନ୍‌ସପେକ୍ଟରଙ୍କୁ ଯଦି କୌଣସି ପ୍ରକାରେ ରୁଷ୍ଟ କରାଯାଏ କିମ୍ବା ତାଙ୍କର ପାଉଡରୁ କିଛି କମାଇ ଦିଆଯାଏ, ତା'ହେଲେ ଶିକ୍ଷକ ବିଚରା ଗ୍ରାଣ୍ଟ ପାଇବାରୁ ବଞ୍ଚିତ ହୁଅନ୍ତି । ଥରେ ପାରଳାଖେମୁଣ୍ଡିର ଗୋଟିଏ ପଲ୍ଲୀରେ ଜଣେ ଅତି ଗରିବ ଭିକ୍ଷାସି ବ୍ରାହ୍ମଣ ଏପରି ସ୍କୁଲରେ ଶିକ୍ଷକତା କରୁଥିଲେ । ସେ ପ୍ରତିଦିନ ୫।୬ ମାଇଲ ବାଟ ବୁଲି ଭିକ୍ଷା ଏବଂ ପୌରୋହିତ୍ୟ କରି କୁଟୁମ୍ବ ପୋଷୁଥାନ୍ତି । ଏପରି ଜଣେ ଗରିବ ଶିକ୍ଷକଙ୍କୁ ଥରେ ଇନ୍‌ସପେକ୍ଟର ମହୋଦୟଙ୍କ ଆଦେଶ ହେଲା ମଫସଲ ଅଞ୍ଚଳରୁ ତାଙ୍କ ପାଇଁ ଏକବସ୍ତା ସରୁ ଅରୁଆ ଚାଉଳ ଅଳ୍ପ ମୂଲ୍ୟରେ କିଣି ତାଙ୍କ ପାରଳାଖେମୁଣ୍ଡି ବସାରେ ପହଞ୍ଚାଇ ଦେବାକୁ । ବିଚରା ଶିକ୍ଷକ ମୁଣ୍ଡରେ ହାତଦେଇ ବସିଲେ; କାରଣ ତାଙ୍କ ସ୍କୁଲ ପରୀକ୍ଷା ଆଉ ଅଳ୍ପଦିନ ଥାଏ । ଇନ୍‌ସପେକ୍ଟରଙ୍କ ଦୟାରୁ ସେ ବର୍ଷେ ଅନ୍ତତଃ ଦୁଇ ତିନିଶ ଟଙ୍କା ଏକକାଳୀନ ଗ୍ରାଣ୍ଟ ପାଇବା ଆଶା କରିଥାନ୍ତି । ସେହି ଟଙ୍କାରେ ତାଙ୍କର କେତେ କରଜ ଶୁଝିବା ଓ ଝିଅଟିର ବିବାହ କରିବା ସୁବିଧା ଥିଲା । କିନ୍ତୁ ହାୟ ! ଅକାଳରେ ବଜ୍ରପାତ ପରି ତାଙ୍କୁ ଯେଉଁ ଆଦେଶ ଦିଆଗଲା, ସେଥିରେ ସେ ଭାଙ୍ଗି ପଡ଼ିଲେ । ପଲ୍ଲୀକୁ ଫେରିଯାଇ ତାଙ୍କ ସ୍ତ୍ରୀଙ୍କୁ ଏହି ଦାରୁଣ ସମ୍ବାଦ ଦେବାରୁ ପରିବାର ଭିତରେ ଘୋର ଦୁଃଖର ଛାୟା ଖେଳିଗଲା । ସମସ୍ତେ ସେଦିନ ଉପାସରେ ରହି କାନ୍ଦୁଥାନ୍ତି । ପଲ୍ଲୀର ଜଣେ ଧନୀ କୃଷକ ତାଙ୍କ ଗୃହକୁ ଯାଇ ସହାନୁଭୂତି ଦେଖାଇ କହିଲେ, ମାଷ୍ଟ୍ରେ ! ଭୟ କରନା । ମୁଁ ତମକୁ ଅଧବସ୍ତାଏ ଚାଉଳ କରଜ ଦେବି । ଆଉ ଅଧବସ୍ତାଏ ଗାଁର କେତେ ଲୋକଙ୍କଠୁ ତୁମେ ମାଗିଆଣ । ବସ୍ତାଟି ପୂର୍ଣ୍ଣ କରି ଇନ୍‌ସପେକ୍ଟରଙ୍କୁ ଦେଇ ସନ୍ତୋଷ କର । ଶିକ୍ଷକଙ୍କର ମୁହଁରେ ହସ ଖେଳିଲା ; କିନ୍ତୁ ତା' ପରଦିନ ଯେତେବେଳେ ବସ୍ତାଏ ଚାଉଳ ସଂଗ୍ରହ କରିବାକୁ ସେ ଗ୍ରାମ ଭିତରେ ବୁଲିଲେ, ଅତି କଷ୍ଟରେ ବସ୍ତା! ଯୁ ଯୁ ତିନି ଭାଗ ପୂର୍ଣ୍ଣ ହେଲା ଆଉ ଭାଗଟିଏ ଖାଲି ରହିଲା । ତାହା କଷ୍ଟେ ମଷ୍ଟେ ମୁଣ୍ଡରେ ବୋହି ଆଣି ଯେତେବେଳେ ଇନ୍‌ସ୍‌ପେକ୍ଟରଙ୍କ ଘରେ ସେ ପହଞ୍ଚିଲେ,

Digitized by PPRACHIN, SOA

ଇନ୍‌ସପେକ୍ଟର ମହୋଦୟ ରୁଷ୍ଟ ହୋଇ ତାହା ଫେରାଇନେବାକୁ ଆଦେଶ ଦେଲେ ; କାରଣ ବସ୍ତାଟି ଅପୂର୍ଣ୍ଣ ରହିଛି ଏବଂ ସେଥିରେ ଥିବା ଘଟଣାଟି ଯେପରି ସତ୍ୟ ହେବା କଥା ତାହା ହୋଇନାହିଁ । ସେ ବର୍ଷ ପରୀକ୍ଷା କରି ଇନସ୍‌ପେକ୍ଟର ବାବୁ ରିପୋର୍ଟ ପଠାଇଲେ—ସେହି ସ୍କୁଲ ଶିକ୍ଷକ ନିୟମିତ ଭାବେ କାମ ନ କରିବା ଫଳରେ ସ୍କୁଲର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଛି; ତେଣୁ ତାହା ଗ୍ରାଣ୍ଟ ପାଇବା ଯୋଗ୍ୟ ନୁହେଁ ।' ଏ ଘଟଣାର ଅଳ୍ପଦିନ ପରେ ଜିଲ୍ଲା ଶିକ୍ଷା କାଉନସିଲ୍‌ର ସଭା ହେବା ପୂର୍ବରୁ ସେହି ସ୍କୁଲ ଶିକ୍ଷକଙ୍କ ମୁହଁରୁ ସମସ୍ତ ବିଷୟ ଅବଗତ ହୋଇ ମୁଁ ନିଜେ ସେହି ଗ୍ରାମକୁ ଯାଇ ଲୋକଙ୍କ ଠାରୁ ଏଥିର ସତ୍ୟାସତ୍ୟ ବୁଝିଲି । ମନରେ ଘୋର ଦୁଃଖ ଓ କ୍ରୋଧ ଜାତ ହେଲା । କାଉନ୍‌ସିଲ୍ ମିଟିଂକୁ ଯିବା ପୂର୍ବରୁ ସେହି ଗ୍ରାମର କେତେକ ଭଦ୍ରବ୍ୟକ୍ତିଙ୍କ ଠାରୁ ଲିଖିତ ଆକାରରେ ଷ୍ଟେଟ୍‌ମେଣ୍ଟ ନେଇ ମୁଁ ବ୍ରହ୍ମପୁର ଗଲି । ଏଜୁକେସନ କାଉନସିଲ୍‌ରେ ସରକାରଙ୍କ ପକ୍ଷରୁ ଜିଲ୍ଲା କଲେକ୍ଟର ଓ ଜିଲ୍ଲା ଶିକ୍ଷା ବିଭାଗୀୟ ଅଫିସର ଏକ୍‌ସଅଫିସିଓ ମେମ୍ବର ରୂପେ ରହିଥାନ୍ତି । ସେଦିନ ସଭାରେ ଉଭୟେ ଉପସ୍ଥିତ ଥିଲେ । ମୁଁ ଏ ଘଟଣାଟି ଆମୂଳଚୂଳ ସେମାନଙ୍କୁ କହିବାରୁ ଜିଲ୍ଲା ବିଭାଗୀୟ ଅଫିସର ମୋର ବନ୍ଧୁ ହରି ମିଶ୍ରେ ଏଥିର ପ୍ରତିବାଦ କରିବାକୁ ଉଦ୍ୟତ ହେଲେ । କାରଣ ତାଙ୍କ ବିଭାଗର ଜଣେ କର୍ମଚାରୀଙ୍କ ବିରୁଦ୍ଧରେ ଏହି ଅଭିଯୋଗ ଆସିଥିଲା । ମୁଁ ପୁରୁଣା ରେକର୍ଡ଼ ବାହାର କରି ସେହି ସ୍କୁଲର ବାର୍ଷିକ ରିପୋର୍ଟଗୁଡ଼ିକ ଅଭିଯୁକ୍ତ ଇନ୍‌ସପେକ୍ଟରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପୂର୍ଣ୍ଣ ଗ୍ରାଣ୍ଟ ମିଳିବା ସପକ୍ଷରେ ଲେଖା ଯାଇଛି, ଏପରି ସ୍ଥଳେ ସେହି ଶିକ୍ଷକଙ୍କର ଅପାରଗତା ଏ ବର୍ଷ ହଠାତ୍ କିପରି ସମ୍ଭବ ହେଲା, ତାହା ଗୋଟିଏ ବିସ୍ମୟ ବିଷୟ ବୋଲି କହିଥିଲି । କଲେକ୍ଟର ଏହି ରେକର୍ଡ଼ପତ୍ର ଦେଖି ଶ୍ରୀଯୁକ୍ତ ମିଶ୍ରଙ୍କୁ କହିଲେ ଯଥାଶୀଘ୍ର ଏପରି ଜଣେ ଇନ୍‌ସପେକ୍ଟରଙ୍କୁ ଏ ଜିଲ୍ଲାରୁ ଅନ୍ୟତ୍ର ପଠାଇ ଦେବା ଉଚିତ ପୁଣି ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟ ସଂପାଦନ କରିବା ଆବଶ୍ୟକ ।

ଏହି ସବୁ କାରଣରୁ ମୋର ମନର ଦୃଢ଼ତା ଉତ୍ତରୋତ୍ତର ବୃଦ୍ଧିଲାଭ କଲା, ତେଣୁ ଦକ୍ଷିଣ ଓଡ଼ିଶାର ସମସ୍ତ ପ୍ରାଥମିକ ସ୍କୁଲଗୁଡ଼ିକ ସରକାରଙ୍କ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ ବୋଲି ଗୋଟିଏ ଯୋଜନା ଲେଖି ଡି. ପି. ଆଇ.ଙ୍କ ଠାକୁ ପଠାଇ ଦେଲି । କଟକଠାରେ ଡି. ପି. ସାହେବଙ୍କ ସଙ୍ଗେ ପରାମର୍ଶ କରି ତାଙ୍କୁ କହିଲି ଯେଉଁ ଦେଶରେ ଅତି ଗରିବ ଶ୍ରେଣୀୟ ଲୋକ କୋମଳମତି ବାଳକବାଳିକାମାନଙ୍କର ଶିକ୍ଷାର ଭାର ଗ୍ରହଣ କରିଥାନ୍ତି, ସେହି ଦେଶର ଭବିଷ୍ୟତ କଦାପି ଉଜ୍ଜ୍ୱଳ ହୋଇ ପାରିବ ନାହିଁ । ଉଦାରଚେତା ଡି. ପି. ଆଇ. ମୋର ପରାମର୍ଶ ଅନୁସାରେ ଗଞ୍ଜାମ ଶିକ୍ଷା କାଉନସିଲ ବ୍ୟବସ୍ଥା ଉଠାଇ ଦେବାକୁ ଏବଂ ପ୍ରାଥମିକ ଶିକ୍ଷାର କାର୍ଯ୍ୟକ୍ରମ ଗୋଟିଏ ନିର୍ଦ୍ଦିଷ୍ଟ ନୀତିରେ ପରିଚାଳିତ କରିବାକୁ ସରକାରଙ୍କ ଠାରେ ପ୍ରସ୍ତାବ କଲେ ଏବଂ କିଛି କାଳ ପରେ ତାହା କାର୍ଯ୍ୟରେ ପରିଣତ ହେଲା ।

Digitized by PPRACHIN, SOA

୧୯୪୭ ସାଲରେ ଅର୍ଥାତ୍‌ ଭାରତ ସ୍ୱାଧୀନତା ଲାଭ କରିବା ଠିକ୍ ବର୍ଷକ ଆଗରୁ କଲିକତା ବେତାର କେନ୍ଦ୍ରରୁ ନିମନ୍ତ୍ରଣ ପାଇ ଓଡ଼ିଆରେ ଗୋଟିଏ ପ୍ରବନ୍ଧ ପାଠ କରିବାକୁ ମୁଁ ସେଠାକୁ ଯାଇଥିଲି । ସେତେବେଳେ ଓଡ଼ିଶା ପାଇଁ କଟକରେ ରେଡ଼ିଓ ଷ୍ଟେସନ (୧୯୪୮ ରେ ସ୍ଥାପିତ) ବସି ନଥିଲା । ତେଣୁ ଓଡ଼ିଆ ସମ୍ବାଦ ଅଧଘଣ୍ଟାକ ପାଇଁ କଲିକତାରୁହିଁ ଘୋଷିତ ହେଉଥିଲା । ଓଡ଼ିଆ ପ୍ରୋଗ୍ରାମ୍ ସଞ୍ଚାଳକ ଶ୍ରୀ ଯତନ ଦାସ ସେଠି ନିଯୁକ୍ତ ହୋଇଥାନ୍ତି । ସେ ବର୍ଷ ମାର୍ଚ୍ଚ ପହିଲା ତାରିଖ ଦିନ ବେତାର ଭାଷଣ ଦେବାକୁ ମୋର ଗୋଟିଏ ପ୍ରୋଗ୍ରାମ୍ ଥିଲା । ନିୟମାନୁସାରେ ଭାଷଣଟି ଲେଖି ଆଗରୁ ତାହା ଷ୍ଟେସନ୍ ଡିରେକ୍ଟରଙ୍କଠାକୁ ଯାଞ୍ଚ ପାଇଁ ପଠାଇବାକୁ ହୁଏ । ମୁଁ ମଧ୍ୟ ସେପରି କରିଥିଲି । ସେତେବେଳେ ଭାରତର ସ୍ୱାଧୀନତା ଆନ୍ଦୋଳନ ଅତ୍ୟନ୍ତ ତୀବ୍ର ହୋଇଥିବାରୁ, ମୁଁ ଏବଂ ମୋ ପରି ଅନ୍ୟ ବନ୍ଧୁମାନେ ଯେ କୌଣସି ସଭାରେ ଭାଷଣ ଦେଲାବେଳେ ଶେଷରେ 'ଜୟହିନ୍ଦ୍' କହି ଆସୁଁ । ସେହି ଅଭ୍ୟାସ ହେତୁ ରେଡ଼ିଓରେ ଭାଷଣ ଶେଷରେ ଅଜ୍ଞାତ-ସାରେ ମୋ ତୁଣ୍ଡରୁ ହଠାତ୍ 'ଜୟହିନ୍ଦ୍' ଶବ୍ଦଟି ନିର୍ଗତ ହେଲା । ଏଥିରେ ରେଡ଼ିଓ ଷ୍ଟେସନ୍‌ରେ ହୈ ଚୈ ପଡ଼ିଗଲା । ଯତନ୍ ବାବୁ ଓ ଅନ୍ୟ ଓଡ଼ିଆ କର୍ମଚାରୀମାନେ ବିପଦରେ ପଡ଼ିଲେ । ଷ୍ଟେସନ୍ ଡାଇରେକ୍ଟର ଅଫିସକୁ ଯାଇ ଦୁଃଖ ପ୍ରକାଶ କଲି ଏବଂ ଦୋଷଟି ମୋ ନିଜର ବୋଲି କହି ଆସିଲି । ଏଥିରେ ବଙ୍ଗାଳୀ ଷ୍ଟେସନ୍‌ଡାଇରେକ୍ଟର ଛ' ମାସ ପାଇଁ ମୋର ରେଡ଼ିଓରେ ଭାଷଣ ଦେବା ବ୍ୟବସ୍ଥା ସ୍ଥଗିତ ରଖିବାକୁ ଯତନ୍ ବାବୁଙ୍କୁ ନିର୍ଦ୍ଦେଶ ଦେଇଥିଲେ । (୧) ମୁଁ କଲିକତାରୁ ଫେରି ଆସିଲି ପରେ ମୋର କେତେକ ପୁରୁଣା ବନ୍ଧୁ—ଯେଉଁମାନେ ସେ ଦିନ ଭାଷଣଟି ଶୁଣିଥିଲେ—ସେମାନେ ମୋତେ ଉଚ୍ଛ୍ୱସିତ ଅଭିନନ୍ଦନ କରି କହିଲେ,"ତମେ ଠିକ୍ କରିଛ । ବ୍ରିଟିଶ୍ ଗୋଲାମ-ଗିରିକୁ ଶିକ୍ଷା ଦେଇ ପାରିଛ" । କିନ୍ତୁ ମୁଁ ନିଜେ'ଦୁଃଖିତ' ବୋଲି ମାନିନେଇଥିବାରୁ ସେ ଅଭିନନ୍ଦନ ପାଇଁ ଯୋଗ୍ୟ ବୋଲି ଆନନ୍ଦିତ ହେଲି ନାହିଁ । ୧୯୪୮ ମସିହାରେ ସର୍ବଭାରତୀୟ ବେତାର ଅନୁଷ୍ଠାନ ପକ୍ଷରୁ ବେତାର-ନାଟକ ଲେଖିବା ପ୍ରତିଯୋଗିତାରେ ମୁଁ ଯୋଗ ଦେଇ 'କଲ୍ୟାଣୀ' ନାମକ ଗୋଟିଏ ଐତିହାସିକ ବେତାର ନାଟକ ଲେଖି ତା ୧୭ । ୧୧ । ୪୮ରେ କଟକର Radio Station Directorଙ୍କଠାକୁ ପଠାଇଲି । ସେଥିର ବିଷୟବସ୍ତୁ ଥିଲା, ଶୈଳୋଦ୍ଭବ ରାଜବଂଶରେ ଧର୍ମରାଜ ଓ ମାଧବ ବର୍ମା ନାମକ ଦୁଇ ରାଜଭ୍ରାତାଙ୍କ ମଧ୍ୟରେ ଗଞ୍ଜାମର କୋଦଲା ନିକଟସ୍ଥ ଫାଶିକ ରଣ-କ୍ଷେତ୍ରରେ ଯେଉଁ ଯୁଦ୍ଧ ହୋଇ ଥିଲା, ସେଥିରେ ଦକ୍ଷିଣ-କୋଶଳର ପାଣ୍ଡୁବଂଶୀୟ ରାଜା ତିବର-ଦେବ ଯୋଗ ଦେଇ ପରାଜୟ ଲାଭ କରି ଥିଲେ ଓ ଧର୍ମରାଜଙ୍କର ଜୟ ହୋଇଥିଲା ।

---

୧ । ଶଂସିତ ଘଟଣାଟି ଶ୍ରୀ ଯତନ୍ ଦାସ ତାଙ୍କ ଲିଖିତ "ଓଡ଼ିଆ ବେତାରର ଜନ୍ମ ଓ ତାର ଗୃହ ପ୍ରବେଶ" ଶୀର୍ଷକ ଗୋଟିଏ ପ୍ରବନ୍ଧରେ ପ୍ରକାଶ କରିଅଛନ୍ତି ( ଉତ୍କଳ ପ୍ରସଙ୍ଗ ୩୪ ଭାଗ ଅଷ୍ଟମ ଓ ନବମ ସଂଖ୍ୟା, ପୃଷ୍ଠା ୨୩ ) ।

Digitized by PPRACHIN, SOA

ସେହି ଘଟଣାକୁ ଆଧାର କରି ଗୋଟିଏ କଥାବସ୍ତୁ ମୋର ନାଟକଟି ସେ ବର୍ଷ ସର୍ବ-ଶ୍ରେଷ୍ଠ ସ୍ତରରେ ପୁରସ୍କାର ଲାଭ କଲା । କିନ୍ତୁ ମୋର କର୍ମପନ୍ଥା ଏବଂ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ମହାନ୍ ଐତିହାସିକ ଗୌରବ ଭାରତରେ ଉପସ୍ଥାପିତ କରିବା । ତେଣୁ ଏହା ପରେ ଆଉ ମୁଁ ବେତାରନାଟକ ଲେଖି ନ ଥିଲି ।

୧୯୪୭ରେ ଭବାନୀପାଟଣାର 'ବ୍ରଜମୋହନ ସାହିତ୍ୟ ସମିତି' ପକ୍ଷରୁ କଳାହାଣ୍ଡିର ତତ୍କାଳୀନ ମହାରାଜାଙ୍କ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟର ଯଥେଷ୍ଟ ଅଭିବୃଦ୍ଧି ଘଟିଥିଲା । ସେ ବର୍ଷ ଓଡ଼ିଆରେ ଶ୍ରେଷ୍ଠ କାବ୍ୟ ବା ନାଟକ ପାଇଁ ପୁରସ୍କାର ଘୋଷିତ ହେଲା । ସେହି ପ୍ରତିଯୋଗିତାରେ ଯୋଗ ଦେବାକୁ ମୋର କେତେକ ବନ୍ଧୁ ମୋତେ ଅନୁରୋଧ କଲେ । କିନ୍ତୁ ନାଟକ ବା କାବ୍ୟ ଲେଖିବାକୁ ମୋର ଆଦୌ ସ୍ପୃହା ନ ଥିଲା । ତଥାପି ଗୋଟିଏ ଘଟଣା ମୋତେ ଏଥିରେ ଉଦ୍‌ବୁଦ୍ଧ କଲା । ଅନ୍ଧ୍ର ଐତିହାସିକମାନେ ବିଜୟନଗରର ୧୬ଶ ଶତାବ୍ଦୀର ରାଜା କୃଷ୍ଣଦେବ ରାୟଙ୍କ ଓଡ଼ିଶା ଅଭିଯାନ ସମ୍ପର୍କରେ ବହୁ କିମ୍ବଦନ୍ତୀମୂଳକ ଆଖ୍ୟାନକୁ ଅବଲମ୍ବନ କରି ଓଡ଼ିଶାର ମହାରାଜା ପ୍ରତାପରୁଦ୍ର ଗଜପତିଙ୍କର ଭୀରୁତା ଏବଂ ତାଙ୍କ କନ୍ୟା ତୁକ୍କା (୧) ବା ଜଗନ୍ମୋହିନୀଙ୍କୁ କୃଷ୍ଣଦେବଙ୍କ ହସ୍ତରେ ସମର୍ପଣ କରିବା ସାବ୍ୟସ୍ତ କରନ୍ତି । ଏଥିର ଉତ୍ତର ସ୍ୱରୂପ ଗୋଟିଏ କାବ୍ୟ ରଚନା କରିବାକୁ ମୁଁ ସ୍ଥିର କଲି । (୨) ଇତିହାସ ସଙ୍ଗେ କିମ୍ବଦନ୍ତୀମୂଳକ ଆଖ୍ୟାନକୁ ମିଶାଇ ଦେଇ ପ୍ରବନ୍ଧ ଲେଖିବା ସଙ୍ଗତ ନୁହେଁ । ତେଣୁ "ମନୋରମା" ନାମକ ଗୋଟିଏ କାବ୍ୟ ରଚନା କଲି । ତାହାହିଁ ବ୍ରଜମୋହନ ସାହିତ୍ୟ ସମାଜକୁ ପଠାଇ ଥିଲି । ମୋର ସେହି କାବ୍ୟଟି ପୁରସ୍କାର ପାଇ ନ ଥିଲେ ମଧ୍ୟ ବନ୍ଧୁ-ମାନଙ୍କର ଅନୁରୋଧ କ୍ରମେ ଏବଂ ବିଷୟର ଉପାଦେୟତା ହେତୁ ୧୯୬୦ ମସିହାରେ ତାହା ଭୁବନେଶ୍ୱର 'ଶାରଦା ପ୍ରେସ୍'ରୁ ପ୍ରକାଶ କରି ଦେଲି—କାବ୍ୟଟି ଲେଖା ହେବାର ପ୍ରାୟ ୧୪ ବର୍ଷ ପରେ । କିନ୍ତୁ ଏହା ପରେ ଆଉ ମୁଁ କାବ୍ୟ କିଛୁ ଲେଖି ନାହିଁ ।

—*—

୧ । 'ତୁକ୍କା' ଓଡ଼ିଆରେ ଗୋଟିଏ ନାମବାଚକ ଶବ୍ଦ ନୁହେଁ । ମୋ ମତରେ ତାହା 'ଦୁର୍ଗା' ଶବ୍ଦର ତାମିଲ ପର୍ଯ୍ୟାୟ । କାରଣ ତାମିଲ୍‌ରେ ଦ—ତ ଏବଂ ଗ—କ ଉଚ୍ଚାରିତ ହୁଏ ।

୨ । ଏ କାବ୍ୟର 'ମୁଖବନ୍ଧ'ରେ ମୁଁ ଲେଖିଛି—

"... ଗୋଦାବରୀ ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ପ୍ରତାପରୁଦ୍ର ତାଙ୍କ କନ୍ୟାଙ୍କୁ କୃଷ୍ଣଦେବ ରାୟଙ୍କ ହସ୍ତରେ ଅର୍ପଣ କରିଥିବା କଥିତ ହୁଏ । ଏ ସମ୍ବନ୍ଧେ ଦାକ୍ଷିଣାତ୍ୟରେ ପ୍ରଚଳିତ ବହୁ କିମ୍ବଦନ୍ତୀ ପ୍ରଚଳିତ ଅଛି । କିନ୍ତୁ ସେଥିର ଐତିହାସିକ ମୂଲ୍ୟ ନିର୍ଣ୍ଣୟ କରିବା ସୁକଠିନ । ଏଣୁ ତାହା କଳ୍ପନାତ୍ମକ କାବ୍ୟାକାରରେ ମାତ୍ର ବର୍ଣ୍ଣନା କରିବା ସମୀଚୀନ ଭାବି ୧୯୪୭ ମସିହାରେ ଏହା ମୁଁ ରଚନା କଲି ।"

Digitized by PPRACHIN, SOA

# ବଂଶଲତା

୧—ଗୋପିନାଥ

୨ - ଗଦାଧର

- ୩—ମଧୁ ତ୍ରିପାଠୀ
- ନୀଳକଣ୍ଠ (ତାଙ୍କ ବଂଶଧର ପାରଳାଖେମୁଣ୍ଡିରୁ ଉଠିଯାଇ କୋରାପୁଟର ନବରଙ୍ଗପୁରଠାରେ ବାସକଲେ)
- ମୁରାରି — ଭଗବାନ
- ଲୋକନାଥ ତ୍ରିପାଠୀ (ଜଣେ ପ୍ରସିଦ୍ଧ କବି ଓ 'କବିକଣ୍ଠହାର'ର ରଚୟିତା)

୪—ପଦ୍ମନାଭ ରାଜଗୁରୁ

୫—କୃଷ୍ଣଚନ୍ଦ୍ର ରାଜଗୁରୁ (ଜନ୍ମ ୧୭୩୮)

- † ୬ - ଚୈତନ୍ୟ ରାଜଗୁରୁ (ଜନ୍ମ ୧୭୫୮)
- ନିତ୍ୟାନନ୍ଦ ଦାନାଧ୍ୟକ୍ଷ (ଜନ୍ମ ୧୭୬୩)
- ଗୋପିନାଥ ଖାଡ଼ଙ୍ଗା (ଜନ୍ମ ୧୭୬୭)
- ଶ୍ୟାମସୁନ୍ଦର ସଦସ୍ୟ (ଜନ୍ମ ୧୭୭୦)

୬ - ଚୈତନ୍ୟ ରାଜଗୁରୁଙ୍କ ପୁତ୍ର:

- ୭ - ହରିହର ରାଜଗୁରୁ (ଜନ୍ମ ୧୭୮୭)
- ବିଶ୍ୱମ୍ଭର ଦାନାଧ୍ୟକ୍ଷ (ଜନ୍ମ ୧୭୯୧)
- ୮—ବନମାଳି ସଦସ୍ୟ (ଜନ୍ମ ୧୭୯୬)

- ହରିହର ରାଜଗୁରୁ (ଜନ୍ମ ୧୭୮୭)
  - ପଦ୍ମନାଭ
  - ଜଗନ୍ନାଥ
  - ରଘୁନାଥ ରାଜଗୁରୁ (ଜନ୍ମ ୧୮୨୩)
    - ନରସିଂହ ରାଜଗୁରୁ (ଜନ୍ମ ୧୮୫୭)
      - ଚନ୍ଦ୍ରଶେଖର
        - ଲକ୍ଷ୍ମୀନାରାୟଣ
      - ଦୀନବନ୍ଧୁ
        - କୃଷ୍ଣ
        - ଚୈତନ୍ୟ
        - ( ଫୁଟ୍‌ନୋଟ ପଛ ପାଖେ ଅଛି )
    - ଶ୍ୟାମସୁନ୍ଦର ରାଜଗୁରୁ (ଜନ୍ମ ୧୮୬୩) (ପ୍ରବନ୍ଧାବଳି ପ୍ରଣେତା)
      - ନୀଳମଣି (ପୋଷ୍ୟପୁତ୍ର)
  - ୯ * ରାମଚନ୍ଦ୍ର ରାଜଗୁରୁ (ଜନ୍ମ ୧୮୩୨)
    - ୧୦—ମଧୁସୂଦନ ରାଜଗୁରୁ (ଜନ୍ମ ୧୮୫୦) (ଓଡ଼ିଶାର ବିଖ୍ୟାତ ସଂସ୍କୃତଜ୍ଞ ଏବଂ ନୈଷ୍ଠିକ ବୈଷ୍ଣବ)
      - ୧୧—ହରିକୃଷ୍ଣ ରାଜଗୁରୁ (ଜନ୍ମ ୧୮୭୭)
        - ୧୨—ସତ୍ୟନାରାୟଣ ରାଜଗୁରୁ (ଜନ୍ମ ୧୯୦୩) (ଏହି ପୁସ୍ତକର ଲେଖକ)
      - ଗୋପିନାଥ
        - ** ଜଗନ୍ନାଥ
      - ରାଧାଗୋବିନ୍ଦ
        - ** ରାମଚନ୍ଦ୍ର
      - ରାଧାକୃଷ୍ଣ
        - ** ରଘୁନାଥ

† —ସେ ଜତକାର୍ଣ୍ଣବ ପ୍ରଭୃତି କେତେକ ଜ୍ୟୋତିଷ ପୁସ୍ତକର ଲେଖକ । ତାଙ୍କ ତାଲପତ୍ର ପୋଥି ନବକ୍ଷ କେତେକ ନୋଟରୁ କେତେକ ଐତିହାସିକ ତଥ୍ୟ ମିଳେ, ଯାହାକି ଆମେ ଆମ ପୁସ୍ତକରେ ସନ୍ନିହିତ କରିଛୁ । ଅନ୍ୟ ଏକ ମତରେ ସେ କୃଷ୍ଣଚନ୍ଦ୍ର ରାଜଗୁରୁ (୫ ନମ୍ବର) ଙ୍କ ଭ୍ରାତା ।

* —ପଦ୍ମନାଭ ଓ ଜଗନ୍ନାଥ ପ୍ରଭୃତି ହରିକୃଷ୍ଣ ରାଜଗୁରୁଙ୍କ ପୁତ୍ରମାନଙ୍କର ରାମଚନ୍ଦ୍ରଙ୍କର ଜନ୍ମ ପୂର୍ବରୁ ଅକାଳ ବିୟୋଗ ହୋଇଯିବାରୁ ହରିହର ତାଙ୍କ ଭ୍ରାତୃପୁତ୍ର ରଘୁନାଥଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ । ରଘୁନାଥ ରାଜଗୁରୁ ସଂଜ୍ଞା ଧାରଣ କଲେ । ସେ ପୋଷ୍ୟପୁତ୍ର ରୂପେ ଗୃହୀତ ହେବାପରେ ରାମଚନ୍ଦ୍ର ଜନ୍ମ ଗ୍ରହଣ କଲେ ଏବଂ ତାର ଅଳ୍ପ କେତେ ବର୍ଷ ପରେ ହରିହରଙ୍କର ମୃତ୍ୟୁ ହେଲା । ରାମଚନ୍ଦ୍ର ଓ ରଘୁନାଥ ଉଭୟ ଭ୍ରାତା ରାଜଗୁରୁ ପଦବୀ ପାଇଁ କଳହ କଲେ ଶେଷରେ ରାମଚନ୍ଦ୍ର ରାଜଗୁରୁ ଉପାଧି ପାଇଲେ ଏବଂ ସମ୍ପତ୍ତି ଉଭୟ ମଧ୍ୟରେ ସମାନ ଭାବରେ ବଣ୍ଟାଗଲା ।

** ଅନ୍ୟ ଭାଇମାନଙ୍କ ନାମ ସ୍ଥାନାଭାବରୁ ଦିଆଯାଇ ପାରିନାହିଁ ।

Digitized by PPRACHIN, SOA

ISBN 81-86/89-01-7

Digitized by PPRACHIN, SOA